
॥ଶ୍ରୀମଦ୍‌ଭଗବଦ୍‌ଗୀତା॥

# ॥ଯଥାର୍ଥ ଗୀତା॥

୫୨୦୦

ବର୍ଷର
ଦୀର୍ଘ ବ୍ୟବଧାନ ପରେ
ଶ୍ରୀମଦ୍ ଭଗବଦ୍‌ଗୀତାର
ଶାଶ୍ୱତ ବ୍ୟାଖ୍ୟା




॥ଶ୍ରୀମଦ୍‌ଭଗବଦ୍‌ଗୀତା॥ ॥ଯଥାର୍ଥ ଗୀତା॥ ଶ୍ରୀ ସ୍ୱାମୀ ଅଡଗଡାନନ୍ଦ

ORIYA

# ଲେଖକଙ୍କ ପ୍ରତି......

''ଯଥାର୍ଥ ଗୀତା'' ର ଲେଖକ ଜଣେ ସନ୍ଥ ଅଟନ୍ତି । ଯିଏକି ଶିକ୍ଷାଗତ ଉପାଧି ସମ୍ବନ୍ଧରେ କିଛି ନ ଜାଣି ମଧ୍ୟ ସଦ୍‌ଗୁରୁଙ୍କ କୃପାର ଫଳ ସ୍ୱରୂପ ଈଶ୍ୱରୀୟ ଆଦେଶ ଦ୍ୱାରା ସଂଚାଳିତ ଅଟନ୍ତି । ଲେଖିବାକୁ ଅପଣ ସାଧନ ଭଜନରେ ବ୍ୟବଧାନ ବୋଲି ମାନି ଆସୁଥିଲେ । କିନ୍ତୁ ଗୀତାର ଏହି ଭାଷ୍ୟରେ ନିର୍ଦ୍ଦେଶନ ହିଁ ନମିତ୍ତ ହେଲା । ଭଗବାନ ଆପଣଙ୍କୁ ଅନୁଭବ ଦ୍ୱାରା ଅବଗତ କରାଇଲେ ଯେ, ଆପଣଙ୍କ ସମସ୍ତ ବୃତ୍ତି ଶାନ୍ତି ହୋଇଗଲା । କେବଳ ଏକ ମାତ୍ର ସୂକ୍ଷ୍ମ ବୃତ୍ତି ଶେଷ ରହିଛି 'ଗୀତା' ଲେଖନ୍ତୁ ! ପ୍ରଥମେ ଏହି ବୃତ୍ତିକୁ ସ୍ୱାମୀଜୀ ଭଜନ ଦ୍ୱାରା କାଟିବା ପାଇଁ ପ୍ରଯତ୍ନ କଲେ । କିନ୍ତୁ ଭଗବାନଙ୍କ ଆଦେଶ ମୂର୍ତ୍ତ ସ୍ୱରୂପ ହେଉଛି - 'ଯଥାର୍ଥ ଗୀତା' । ଏହି ଭାଷ୍ୟରେ ଯେଉଁଠି ତ୍ରୁଟି ହୁଏ, ଭଗବାନ ସ୍ୱୟଂ ସୁଧାରି ଦେଉଥିଲେ । ସ୍ୱାମୀଜୀଙ୍କ ସ୍ୱାନ୍ତଃ ସୁଖାୟ ଏହି କୃତି ସର୍ବାନ୍ତଃ ସୁଖାୟ ହୋଇଗଲା ।

ଶୁଭକାମନା ସହିତ -

- ପ୍ରକାଶକଙ୍କ ତରଫରୁ -

।। ଓଁ ନମଃ ସଦ୍‌ଗୁରୁ ଦେବାୟ ।।

## ଶ୍ରୀମଦ୍‌ଭଗବଦ୍‌ଗୀତା

# ଯଥାର୍ଥ ଗୀତା

## ମାନବ ଧର୍ମ ଶାସ୍ତ୍ର

ବ୍ୟାଖ୍ୟାକାର :

**Shri Paramhans Swami Adgadanand Ji Ashram Trust**
5, New Apollo Estate, Mogra Lane
Opp. Nagardas Road, Andheri (East)
Mumbai - 400069 Tel.: (022) 28255300
E-mail : contact@yatharthgeeta.com
Website : www.yatharthgeeta.com

ଓଁ



ଶ୍ରୀକୃଷ୍ଣ ଯେଉଁ ସମୟରେ ଗୀତା ଉପଦେଶ ଦେଇଥିଲେ, ସେହି ସମୟରେ ତାଙ୍କ ମନୋଗତ ଭାବ କ'ଣ ଥିଲା ? ସମସ୍ତ ମନୋଗତ ଭାବ କହିହୁଏ ନାହିଁ । କିଛି ତ କହିହୁଏ, ଆଉ କିଛି ଭାବ-ଭଙ୍ଗିମା ଦ୍ୱାରା ବ୍ୟକ୍ତ ହୋଇଥାଏ ଏବଂ ଅବଶିଷ୍ଟ ପର୍ଯ୍ୟାପ୍ତ କ୍ରିୟାତ୍ମକ ଅଟେ- ଯାହାକୁ କୌଣିସି ପଥିକ କ୍ରିୟାତ୍ମକ ପଥରେ ହିଁ ଜଣିପାରିବ । ଯେଉଁ ସ୍ତରରେ ଶ୍ରୀକୃଷ୍ଣ ଥିଲେ କ୍ରମଶଃ ଚାଲି ସେହି ଅବସ୍ଥାକୁ ପ୍ରାପ୍ତ ହୋଇଥିବା ମହାପୁରୁଷ ହିଁ ଜାଣିପାରିଥାଆନ୍ତି ଯେ, ଗୀତା କ'ଣ କହୁଛି ? ସେ ଗୀତାର ପଙ୍କ୍ତି ଗୁଡିକର ପୁନରାବୃତ୍ତି ହିଁ କରିନଥାନ୍ତି ବଂର ତାହାର ଭାବକୁ ମଧ୍ୟ ଦର୍ଶାଇ ଦେଇଥାନ୍ତି କାରଣ ଯେଉଁ ଦୃଶ୍ୟ ଶ୍ରୀକୃଷ୍ଣ ଙ୍କ ସମ୍ମୁଖରେ ଥିଲା, ତାହାହିଁ ସେହି ବର୍ତ୍ତମାନ ମହାପୁରୁଷଙ୍କ ସମ୍ମୁଖରେ ମଧ୍ୟ ରହିଛି । ତେଣୁ କରି ସେ ଦେଖନ୍ତି ଏବଂ ଦେଖାଇ ପାରନ୍ତି । ଆପଣଙ୍କ ଭିତରେ ଜାଗ୍ରତ କରାଇପାରନ୍ତି ତଥା ସେହି ପଥରେ ମଧ୍ୟ ଚଲାଇପାରନ୍ତି ।

ପୂଜ୍ୟ ଶ୍ରୀ ପରମହଂସଜୀ ମହାରାଜ ମଧ୍ୟ ସେହି ସ୍ତରର ମହାପୁରୁଷ ଥିଲେ । ତାହାଙ୍କ ବାଣୀ ତଥା ଅନ୍ତଃ ପ୍ରେରଣା ଦ୍ୱାରା ଗୀତାର ଯେଉଁ ଅର୍ଥ ମିଳିଛି, ତାହାର ସଂକଳନ ହେଉଛି 'ଯଥାର୍ଥ ଗୀତା' ।

ସ୍ୱାମୀ ଅଡଗଡାନନ୍ଦ

## – ଆମ ପ୍ରକାଶନ –

| ପ୍ରସ୍ତୁତ | ଭାଷା |
|---|---|
| ଯଥାର୍ତ ଗୀତା | |
| • ଭାରତୀୟ ଭାଷା | ହିନ୍ଦି, ମରାଠୀ, ପଞ୍ଜାବୀ, ଗୁଜରାତି, ଉର୍ଦ୍ଦୁ ,ସଂସ୍କୃତ, ଓଡ଼ି ତାମିଲ୍, ତେଲୁଗୁ, ମାଲୟାଲମ୍, କନ୍ନଡ, ଅସମିଆ। |
| • ଆନ୍ତର୍ରାଷ୍ଟ୍ରୀୟ ଭାଷା | ଇଂରାଜୀ, ଜର୍ମନ, ଫ୍ରେଞ୍ଚ, ନେପାଳୀ, ସ୍ପେନିସ୍, ନର୍‌ୱେ ଚାଇନୀଜ୍, ଡଚ୍, ଇଟାଲିଅନ୍, ରସିଅନ୍ । |
| ଶଙ୍କା ସମାଧାନ | ହିନ୍ଦି, ମରାଠୀ, ଗୁଜରାତି, ଇଂରାଜୀ । |
| ଜୀବନାଦର୍ଶ ଏବଂ ଆତ୍ମାନୁଭୂତି | ହିନ୍ଦି, ମରାଠୀ, ଗୁଜରାତି, ଇଂରାଜୀ । |
| ଅଙ୍ଗ କ୍ୟୁ ଫଡ଼କତେ ହେଁ ? | |
| କ୍ୟା କହତେ ହେଁ ? | ହିନ୍ଦି, ମରାଠୀ, ଗୁଜରାତି, ଜର୍ମନ । |
| ଅନଛୁୟେ ପ୍ରଶ୍ନ | ହିନ୍ଦି, ଗୁଜରାତି, ମରାଠୀ । |
| ଏକଲବ୍ୟ କା ଅଙ୍ଗୁଠା | ହିନ୍ଦି, ମରାଠୀ, ଗୁଜରାତି । |
| ଭଜନ କିସ୍‌କା କରେଁ | ହିନ୍ଦି, ମରାଠୀ, ଗୁଜରାତି, ଜର୍ମନ, ଇଂରାଜୀ । |
| ଯୋଗ ଶାସ୍ତ୍ରୀୟ ପ୍ରାଣାୟାମ | ହିନ୍ଦି, ମରାଠୀ, ଗୁଜରାତି । |
| ଷୋଡଷୋପଚାର ପୂଜନ ପଦ୍ଧତି | ହିନ୍ଦି, ମରାଠୀ, ଗୁଜରାତି । |
| ଯୋଗ ଦର୍ଶନ | ହିନ୍ଦି । |
| ଗ୍ଲୋରୀଜ୍ ଅଫ ଯୋଗ | ଇଂରାଜୀ । |
| ***ଅଡିଓ କ୍ୟାସେଟ୍*** | |
| ଯଥାର୍ଥ ଗୀତା | ହିନ୍ଦି, ମରାଠୀ, ଗୁଜରାତି, ଇଂରାଜୀ । |
| ଅମୃତବାଣୀ (ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦଜୀ ମୁଖାରବିନ୍ଦରୁ ନିଃସୃତ ଅମୃତବାଣୀର ସଙ୍କଳନ ଭାଗ 1 ରୁ 51 ପର୍ଯ୍ୟନ୍ତ।) | ହିନ୍ଦି। |
| ଗୁରୁବନ୍ଦନା (ଆରତୀ) | |
| **(MP3)-*ସିଡି*** | |
| ଯଥାର୍ଥ ଗୀତା | ହିନ୍ଦି, ମରାଠୀ, ଜୁଜରାତି, ଇଂରାଜୀ । |
| ଅମୃତବାଣୀ | ହିନ୍ଦି । |
| ***ଅଡିଓ ସିଡି*** | |
| ଯଥାର୍ଥ ଗୀତା | ଜର୍ମନ । |

ସର୍ବାଧିକାର © ଲେଖକ

ସର୍ବାଧିକାର ସଂରକ୍ଷିତ। ଏହି ପୁସ୍ତକର କୌଣସି ଅଂଶ ପ୍ରକାଶକଙ୍କ ବିନା ଲିଖିତ ଅନୁମତିରେ ପ୍ରକାଶିତ କରାଯିବ ନାହିଁ, ଏକ ରିଟ୍ରୀଭାଲ୍ ସୀଷ୍ଟମ୍‌ରେ ଗଚ୍ଛିତ କରାଯିବ ନାହିଁ, କି ଇଲେକ୍‌ଟ୍ରନିକ୍, ମେକାନିକଲ୍, ଫୋଟୋକପିଙ୍ଗ, ରେକର୍ଡିଙ୍ଗ ବା ଅନ୍ୟ କିଛି ଦ୍ୱାରା କୌଣସି ପ୍ରକାରେ ବା ମାଧ୍ୟମରେ ଅନ୍ତରଣ କରାଯିବ ନାହିଁ, କେବଳ ରିଭିଉ ବା କ୍ରିଟିକଲ୍ ଆର୍ଟିକଲ୍‌ରେ ସାମାନ୍ୟ ଅଂଶ ଉଦ୍ଧୃତ କରାଯାଇ ପାରେ ।

ଅନନ୍ତ ଶ୍ରୀ ବିଭୂଷିତ,

ଯୋଗୀରାଜ, ଯୁଗ ପିତାମହ

**ପରମପୂଜ୍ୟ ଶ୍ରୀ ସ୍ୱାମୀ ପରମାନନ୍ଦଜୀ**

ଶ୍ରୀ ପରମହଂସ ଆଶ୍ରମ ଅନୁସୁଇୟା

(ଚିତ୍ରକୂଟ)

ପରମ ପାବନ ଶ୍ରୀ ଚରଣ କମଳରେ

ସାଦର ସମର୍ପିତ

-ଅନ୍ତଃ ପ୍ରେରଣା-

# ଗୁରୁ-ବନ୍ଦନା

**।। ଓଁ ଶ୍ରୀ ସଦ୍‌ଗୁରୁଦେବ ଭଗବାନ୍  କୀ ଜୟ ।।**

ଜୟ ସଦ୍‌ଗୁରୁଦେବଂ, ପରମାନନ୍ଦଂ, ଅମର ଶରୀରଂ ଅବିକାରୀ ।
ନିର୍ଗୁଣ  ନିର୍ମୂଳ,  ଧରି ସ୍ଥୂଳଂ,   କାଟନ ଶୂଳଂ   ଭବଭାରୀ ।।

ସୂରତ ନିଜ ସୋଽହଂ,  କଲିମଲ ଖୋହଂ, ଜନମନ ମୋହନ ଛବିଭାରୀ ।
ଅମରାପୁର  ବାସୀ,  ସବ ସୁଖ ରାଶି, ସଦା  ଏକରସ  ନିର୍ବିକାରୀ ।।


ଅନୁଭବ ଗମ୍ଭୀରା, ମତି କେ ଧୀରା, ଅଲଖ ଫକୀରା  ଅବତାରୀ ।
ଯୋଗୀ  ଅଦ୍ୱୈଷ୍ଟା,  ତ୍ରିକାଲ ଦ୍ରଷ୍ଟା,  କେବଲ  ପଦ ଆନନ୍ଦକାରୀ ।।

ଚିତ୍ରକୂଟହିଁ  ଆୟୋ, ଅଦ୍ୱୈତ ଲଖାୟୋ,  ଅନସୂଇୟା ଆସନ ମାରୀ ।
ଶ୍ରୀ ପରମହଂସ  ସ୍ୱାମୀ,  ଅନ୍ତର୍ଯାମୀ,  ହୈଁ  ବଡ଼ନାମୀ  ସଂସାରୀ ।।

ହଂସନ  ହିତକାରୀ,  ଜଗ ପଗୁଧାରୀ, ଗର୍ବ  ପ୍ରହାରୀ, ଉପକାରୀ ।
ସତ୍-ପଂଥ ଚଲାୟୋ, ଭରମ ମିଟାୟୋ, ରୂପ ଲଖାୟୋ କରତାରୀ ।।

ୟହ ଶିଷ୍ୟ ହୈ ତେରୋ, କରତ ନିହୋରୋ, ମୋପର ହେରୋ ପ୍ରଣଧାରୀ
ଜୟ ସଦ୍‌ଗୁରୁ.......ଭାରୀ ।।

।। ॐ ।।




**ଶ୍ରୀ ସ୍ୱାମୀ ପରମାନନ୍ଦଜୀ ମହାରାଜ (ପରମହଂସଜୀ)**

ଜନ୍ମ : ବିକ୍ରମ ସଂବତ ୧୯୬୯ (୧୯୧୨ ଖ୍ରୀଷ୍ଟାବ୍ଦ)

ମହାସମାଧି : ବିକ୍ରମ ସଂବତ ୨୦୨୬ (ଦିନାଙ୍କ ୨୩-୫-୧୯୬୯)

ପରମହଂସ ଆଶ୍ରମ, ଅନୁସୁୟା (ଚିତ୍ରକୁଟ)



ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦଜୀ ମହାରାଜ

श्री हरि की वाणी
वीतराग परमहंसों का आधार
आदिशास्त्र गीता- संत मत

१०-२-२००७- तृतीय विश्वहिन्दू सम्मेलन दिनांक १०-११-१२-१३ फरवरी २००७ के अवसर पर अर्धकुम्भ २००७ प्रयाग भारत में प्रवासी एवं अप्रवासी भारतीयों के विश्व सम्मेलन के उद्घाटन के अवसर पर विश्व हिन्दु परिषद ने ग्यारहवी धर्मसंसद में पारीत गीता हमारा धर्मशास्त्र है प्रस्ताव के परिप्रेक्ष्य में गीता को सदैव से विद्यमान भारत का गुरुग्रन्थ कहते हुए यथार्थ गीता को इसका शाश्वत भाष्य उद्घोषित किया तथा इसके अन्तर्राष्ट्रीय मानव धर्मशास्त्र की उपयोगिता रखने वाला शास्त्र कहा।

अशोक सिंहल
(अशोक सिंहल)
अन्तर्राष्ट्रीय अध्यक्ष–विश्व हिन्दू परिषद

॥ श्री काशीविश्वनाथो विजयते ॥
सर्वतन्त्रस्वतन्त्र-शास्त्रार्थविद्यावतार-विश्वविश्रुत-महामहोपाध्यायादिविरुदविभूषक
पण्डितसम्राट-प्रातःस्मरणीय श्री शिवकुमारशास्त्रिमिश्रप्रतिष्ठापिता
वाराणसेयसर्वविधविद्वत्समाज-प्रतिनिधिभूता-

## श्री काशीविद्वत्परिषद्

टे.नं. : २४५२११३
मो. : ९४१५२८५८५६

पत्राचार कार्यालय :
डी.१७/५८, दशाश्वमेध,
वाराणसी, उत्तर प्रदेश,
भारत

दिनांक 1.3.04

१-३-२००५- भारत की सर्वोच्च श्री काशी विद्वतपरिषद ने दिनांक १-३-२००४ को "श्रीमद् भगवद् गीता" को आदि मनुस्मृति तथा वेदों को इसी का विस्तार मानते हुए विश्वमानव का धर्मशास्त्र और यथार्थ गीता को परिभाषा के रूप में स्वीकार किया और यह उद्घोषित किया कि धर्म और धर्मशास्त्र अपरिवर्तनशील होने से आदिकाल से धर्मशास्त्र "श्रीमद् भगवद् गीता" ही रही है।

गणेशदत्त शास्त्री
मंत्री
श्री काशीविद्वत्परिषद
भारत

आचार्य केदारनाथ त्रिपाठी दर्शनरत्नम वाचस्पति
अध्यक्ष
श्री काशीविद्वत्परिषद
भारत

# विश्व धर्म संसद
# WORLD RELIGIOUS PARLIAMENT

३-१-२००१- विश्वधर्म संसद में विश्व मानव धर्मशास्त्र "श्रीमद् भगवद् गीता" के भाष्य यथार्थ गीता पर परम पूज्य परमहंस स्वामी श्री अड़गड़ानन्द जी महाराज जी को प्रयाग के परमपावन पर्व महाकुम्भ के अवसर पर विश्वगुरु की उपाधि से विभूषित किया।

२-४-१९९८- मानवमात्र का धर्मशास्त्र "श्रीमद् भगवद् गीता" की विशुद्ध व्याख्या यथार्थ गीता के लिए धर्मसंसद द्वारा हरिद्वार में महाकुम्भ के अवसर पर अन्तर्राष्ट्रीय अधिवेशन में परमपूज्य स्वामी श्री अड़गड़ानन्द जी महाराज को भारत गौरव के सम्मान से विभूषित किया गया।

१-४-१९९८- बीसवी शताब्दी के अन्तिम महाकुम्भ के अवसर पर हरिद्वार के समस्त शंकराचार्यो महामण्डलेश्वरो ब्राह्मण महासभा और ४४ देशों के धर्मशील विद्वानों की उपस्थिति में विश्व धर्म संसद द्वारा अन्तर्राष्ट्रीय अधिवेशन में पूज्य स्वामी जी को "श्रीमद् भगवद् गीता" धर्मशास्त्र (भाष्य यथार्थ गीता) के द्वारा विश्व के विकास में अद्वितीय योगदान हेतु "विश्वगौरव" सम्मान प्रदान किया गया।

26-1-2001

Chairman
Presentation Committee
or
Presiding Authority

महाकुम्भ मेला
प्रयाग
WRP

Acharya Prabhakar Mishra
Chairman (Indian Region)
World Religious Parliament

## माननीय उच्च न्यायालय इलाहाबाद का ऐतिहासिक निर्णय

**माननीय उच्चन्यायालय इलाहाबाद ने रिट याचिका संख्या ५६४४७ सन २००३ श्यामलरंजन मुखर्जी वनाम निर्मलरंजन मुखर्जी एवं अन्य के प्रकरण में अपने निर्णय दिनांक ३० अगस्त २००७ को "श्रीमद् भगवद् गीता" को समस्त विश्व का धर्मशास्त्र मानते हुए राष्ट्रीय धर्मशास्त्र की मान्यता देने की संस्तुति की है । अपने निर्णय के प्रस्तर ११५ से १२३ में माननीय न्यायालय ने विभिन्न गीता भाष्यों पर विचार करते हुए यथार्थ गीता को इसके सम्यक एवं युगानुकुल भाष्य के रुप में मान्य करते हुए धर्म, कर्म, यज्ञ, योग आदि को परिभाषा के आधार पर इसे जाति पाति मजहब सम्प्रदाय देश व काल से परे मानवमात्र का धर्मशास्त्र माना जिसके माध्यम से लौकिक व पारलौकिक दोनों समृद्धि का मार्ग प्रशस्त किया जा सकता है।**

**नोट – उपरोक्त निर्णय माननीय उच्च न्यायालय ईलाहाबाद की बेवसाईट पर उपलब्ध है।**

## Extract from Historical Judgment of Hon'ble High Court, Allahabad

Hon'ble Mr. Justice S.N. Srivastava, (in his judgment dated 30.8.2007 passed in writ petition No. 56447 of 2003 Shyamal Ranjan Mukherjee Vs. Nirmal Ranjan Mukherjee & others) has been pleased to hold that:

"Shrimadbhagwad Gita is a Dharmshastra not only for Hindu but for all human beings. Message of Gita is relevant for all Religions of the world and is not limited for any particular Religion".

"Yatharth Geeta" by Swami Adgadanandji Maharaj, a great saint of India,is Dharm and Dharmshastra for all, irrespective of their caste, creed, race, religion, Dharm & community and is for all times and space.

N.B.:- The aforesaid decision is available on the Website:

http://www.allahabadhighcourt.in

# ଗୀତା ମାନବମାତ୍ରର ଧର୍ମଶାସ୍ତ୍ର

**-ମହର୍ଷି ବେଦବ୍ୟାସ**

ଶ୍ରୀକୃଷ୍ଣ କାଳୀନ ମହର୍ଷି ଦେବବ୍ୟାସଙ୍କ ପୂର୍ବରୁ କୌଣସି ଶାସ୍ତ୍ର ପୁସ୍ତକ ରୂପରେ ଉପଲବ୍ଧ ନଥିଲା । ଶ୍ରୁତ ଜ୍ଞାନର ଏହି ପରମ୍ପରାକୁ ଉଲଂଘନ କରି ସେ ଚାରି ବେଦ, ବ୍ରହ୍ମସୂତ୍ର, ମହାଭାରତ, ଭାଗବତ ଏବଂ ଗୀତା ଭଳି ଗ୍ରନ୍ଥରେ ପୂର୍ବ ସଂଞ୍ଚିତ ଭୌତିକ ଏବଂ ଆଧ୍ୟାତ୍ମିକ ଜ୍ଞାନରାଶିର ସଙ୍କଳିନ କରି ଶେଷରେ ସେ ସ୍ୱୟଂ ନିର୍ଣ୍ଣୟ ଦେଲେ ଯେ, **ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନ** ଅର୍ଥାତ୍ ସମ୍ପୂର୍ଣ୍ଣ ବେଦଙ୍କ ପ୍ରାଣ, ଉପନିଷଦ ମାନଙ୍କ ସାର ହେଉଛି ଗୀତା- ଯାହାକୁ ଗୋପାଳ ଶ୍ରୀକୃଷ୍ଣ ଦୁହିଁଲେ ଏବଂ ଅଶାନ୍ତ ଜୀବଙ୍କୁ ପରମାତ୍ମାଙ୍କ ଦର୍ଶନ ଓ ସାଧନାର ସ୍ଥିତି ଶାଶ୍ୱତ ଶାନ୍ତି ପର୍ଯ୍ୟନ୍ତ ପହୁଞ୍ଚାଇଲେ । ଏହି ମହାପୁରୁଷ ନିଜର ଗ୍ରନ୍ଥମାନଙ୍କ ମଧ୍ୟରୁ ଗୀତାକୁ ଶାସ୍ତ୍ରର ସଞ୍ଜ୍ଞା ଦେଇ, ସ୍ତୁତି କରି କହିଲେ- **ଗୀତା ସୁଗୀତା କର୍ତ୍ତବ୍ୟା** । ଅର୍ଥାତ୍ ଗୀତାକୁ ସମ୍ୟକ୍ ରୂପେ ମନନକରି ହୃଦୟରେ ଧାରଣ କରିବା ଯୋଗ୍ୟ । ଯାହା ପଦ୍ମନାଭ ଭଗବାନଙ୍କ ଶ୍ରୀମୁଖରୁ ନିଃସୃତ ବାଣୀ ଅଟେ । ତେବେ ଅନ୍ୟ ଶାସ୍ତ୍ରର ସଂଗ୍ରହ କରିବା କ'ଣ ଆବଶ୍ୟକ ?

ଗୀତାର ସାରାଂଶ ହି ଶ୍ଳୋକରୁ ପ୍ରକଟ ହୁଏ -

**ଏକଂ ଶାସ୍ତ୍ରଂ ଦେବକୀପୁତ୍ର ଗୀତମ୍ ,**
**ଏକୋ ଦେବୋ ଦେବକୀପୁତ୍ର ଏବ ।**
**ଏକୋ ମନ୍ତ୍ରସ୍ତସ୍ୟ ନାମାନିୟାନି,**
**କର୍ମାପ୍ୟେକୋ ତସ୍ୟ ଦେବସ୍ୟ ସେବା ॥**

ଅର୍ଥାତ୍ ଗୀତା ହିଁ ଏକ ଶାସ୍ତ୍ର, ଯାହାକୁ ଦେବକୀପୁତ୍ର ଭଗବାନ ଶ୍ରୀକୃଷ୍ଣ ନିଜ ଶ୍ରୀମୁଖରେ ଗାୟନ କଲେ । ଏକ ହିଁ ପ୍ରାପ୍ତ ଯୋଗ୍ୟ ଦେବ, 'ଶ୍ରୀକୃଷ୍ଣ' । ଏହି ଗାୟନରେ ପ୍ରତିପାଦିତ ସତ୍ୟ ହେଉଛି 'ଆତ୍ମା' । ଆତ୍ମା ଭିନ୍ନ ଆଉ କିଛି ଶାଶ୍ୱତ ନାହିଁ । ସେହି ଗାୟନରେ ମହାଯୋଗେଶ୍ୱର ଶ୍ରୀକୃଷ୍ଣ କ'ଣ ଜପ କରିବା ପାଇଁ କହିଲେ - 'ଓମ୍(ଓଁ)' ହେ ଅର୍ଜୁନ ! 'ଓମ୍' ଅକ୍ଷୟ ପରମାତ୍ମାଙ୍କ ନାମ ଅଟେ, ତାହାଙ୍କ ଜପ ଏବଂ ମୋର ଧ୍ୟାନ କର ! ଗୀତାରେ ବର୍ଣ୍ଣିତ ପରମଦେବ ପରମାତ୍ମାଙ୍କ ସେବାହିଁ ଏକମାତ୍ର ଧର୍ମ ! ତାହାଙ୍କୁ ଶ୍ରଦ୍ଧା ଓ ବିଶ୍ୱାସ ସହିତ ନିଜ ହୃଦୟରେ ଧାରଣ କର । ଅସ୍ତୁ । ପ୍ରାରମ୍ଭରୁ ହିଁ ଗୀତା ଆପଣଙ୍କର ଶାସ୍ତ୍ର ରହିଛି । ଭଗବାନ ଶ୍ରୀକୃଷ୍ଣଙ୍କ

ହଜାର ବର୍ଷ ପଶ୍ଚାତ୍ ଯେଉଁ ମହା ପୁରୁଷମାନେ ଏକ ଈଶ୍ୱରଙ୍କୁ ସତ୍ୟ ବୋଲି କହିଲେ, ସେମାନେ ଗୀତାର ହିଁ ସନ୍ଦେଶ ବାହାକ ଥିଲେ । ଈଶ୍ୱରଙ୍କ ଠାରୁ ହିଁ ଲୌକିକ ଏବଂ ପାରଲୌକିକ ସୁଖର କାମନା, ଈଶ୍ୱରଙ୍କୁ ଡ଼ରିବା, ଅନ୍ୟ କାହାକୁ ଈଶ୍ୱର ନମାନିବା, ଏପର୍ଯ୍ୟନ୍ତ ସମସ୍ତ ମହାପୁରୁଷ କହିଛନ୍ତି । କିନ୍ତୁ ଈଶ୍ୱରୀୟ ସାଧନା, ଈଶ୍ୱର ପ୍ରାପ୍ତି ପର୍ଯ୍ୟନ୍ତ ସାଧନା କରି ଚାଲିବା, ଏହା କେବଳ ଗୀତାରେ ହିଁ ସ୍ପଷ୍ଟ ରୂପେ କ୍ରମବଦ୍ଧ ସୁରକ୍ଷିତ ରହିଛି । ଗୀତାରୁ ସୁଖ ଶାନ୍ତି ତ ସ୍ୱତଃ ମିଳିଥାଏ କିନ୍ତୁ ଏହା ଅକ୍ଷୟ ଅନାମୟ ପଦ ମଧ୍ୟ ଦେଇଥାଏ । ଦେଖନ୍ତୁ, ଗୀତାର ଗୌରବ ପ୍ରାପ୍ତ ଟୀକା–'ଯଥାର୍ଥ ଗୀତା' ।

ଯଦ୍ୟପି ବିଶ୍ୱରେ ସର୍ବତ୍ର ଗୀତାର ସମାଦର ରହିଛି, ତଥାପି ଏହା କୌଣସି ଧର୍ମ ଅଥବା ସମ୍ପ୍ରଦାୟର ସାହିତ୍ୟ ହୋଇ ନ ପାରେ । କାରଣ ସମ୍ପ୍ରଦାୟ କିଛି ନା କିଛି ରୂଢ଼ିବାଦରେ ଆବଦ୍ଧ ରହିଛି । ଭାରତରେ ପ୍ରକଟ ହୋଇଥିବା ଗୀତା ବିଶ୍ୱବାସୀଙ୍କ ଧରୋହର ଅଟେ । ତେଣୁ ଗୀତାକୁ ରାଷ୍ଟ୍ରିୟ ଶାସ୍ତ୍ରର ସଂଜ୍ଞା ଦେଇ ଉଚ୍ଚ–ନୀଚ, ଭେଦ-ଭାବ ତଥା କଳହ ପରମ୍ପରାରେ ପିଡ଼ିତ ବିଶ୍ୱର ସମ୍ପୂର୍ଣ୍ଣ ଜନତାଙ୍କୁ ଶାନ୍ତି ଦେବା ନିମନ୍ତେ ପ୍ରୟତ୍ନ କରାଯାଉ ।

# ଧର୍ମ-ସିଦ୍ଧାନ୍ତ - ଏକ

୧) ସମସ୍ତେ ପ୍ରଭୁଙ୍କ ସନ୍ତାନ-

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।
ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥୧୫/୭

ସମସ୍ତ ମାନବ ଈଶ୍ୱରଙ୍କ ସନ୍ତାନ ।

୨) ମାନବ ତନୁର ସାର୍ଥକତା-

ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱମାମ୍ ॥୯/୩୩

ସୁଖ ରହିତ କ୍ଷଣଭଙ୍ଗୁର କିନ୍ତୁ ଦୁର୍ଲଭ ମାନବ ତନୁ ପ୍ରାପ୍ତ କରି ମୋର ଭଜନ କର । ଅର୍ଥାତ୍ ଶରୀରଧାରି ମନୁଷ୍ୟମାନଙ୍କୁ ହିଁ ଭଜନର ଅଧିକାର ଥାଏ ।

୩) ମନୁଷ୍ୟମାନଙ୍କ ଜାତି କେବଳ ଦୁଇଟି -

ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ ।
ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥମେଶୃଣୁ ॥୧୬/୬

ମନୁଷ୍ୟ କେବଳ ଦୁଇ ପ୍ରକାରର- ଦେବତା ଓ ଅସୁର । ଯାହାର ହୃଦୟରେ ଦୈବୀ ସମ୍ପଦ କାର୍ଯ୍ୟରତ ଥାଏ, ସେ ଦେବତା ତଥା ଯାହାର ହୃଦୟରେ ଆସୁରୀ ସମ୍ପଦ କାର୍ଯ୍ୟରତ ଥାଏ, ସେ ଅସୁର । ତୃତୀୟ ଅନ୍ୟ କୌଣସି ଜାତି ସୃଷ୍ଟିରେ ନାହିଁ ।

୪) ପ୍ରତ୍ୟେକ କାମନା ଈଶ୍ୱରଙ୍କ ନିକଟରେ ସୁଲଭ-

ତ୍ରୈବିଦ୍ୟା ମାଂ ସୋମପାଃ ପୂତ ପାପା
ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।
ତେ ପୂର୍ଣ୍ୟମାସାଦ୍ୟ ସୁରେନ୍ଦ୍ର ଲୋକମ୍
ମଶ୍ନନ୍ତି ଦିବ୍ୟାନ୍ଦିବି ଦେବ ଭୋଗାନ୍ ॥୯/୧୦

ମୋତେ ଭଜନ କରି ଲୋକେ ସ୍ୱର୍ଗ ପର୍ଯ୍ୟନ୍ତ କାମନା କରନ୍ତି । ମୁଁ ସେମାନଙ୍କୁ ଦେଇଥାଏ ଅର୍ଥାତ୍ ସବୁକିଛି ପରମାତ୍ମାଙ୍କ ଠାରୁ ପ୍ରାପ୍ତି କରିବା ସୁଲଭ ।

୫) ଭଗବାନଙ୍କ ଶରଣରେ ପାପର ବିନାଶ -

ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନ ପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥୪/୩୬

ସମ୍ପୂର୍ଣ୍ଣ ପାପୀମାନଙ୍କ ଠାରୁ ଅଧିକ ପାପ କରିଥିବା ବ୍ୟକ୍ତି ମଧ୍ୟ ଜ୍ଞାନରୂପୀ ନୌକା ଦ୍ୱାରା ନିଃସନ୍ଦେହ ପାର ହୋଇଯିବ ।

୬) ଜ୍ଞାନ–

**ଅଧ୍ୟାତ୍ମଜ୍ଞାନ ନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥ ଦର୍ଶନମ୍ ।**

**ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ।।୧୩/୧୧**

ଆତ୍ମାର ଅଧିପତ୍ୟରେ ଆଚରଣ, ତତ୍ତ୍ୱର ଅର୍ଥଭୂତ ପରମାତ୍ମାଙ୍କ(ମୋର) ପ୍ରତ୍ୟକ୍ଷ ଦର୍ଶନ ହିଁ ଜ୍ଞାନ । ଏତଦ୍ ବ୍ୟତୀତ ଅନ୍ୟ ସବୁ ଅଜ୍ଞାନ । ଅତଃ ଈଶ୍ୱରଙ୍କ ପ୍ରତ୍ୟକ୍ଷ ଜାନକାରୀ ହିଁ ଜ୍ଞାନ ।

୭) ସମସ୍ତଙ୍କ ଭଜନରେ ଅଧିକାର ରହିଛି–

**ଅପି ଚେଦ୍‌ସୁଦୁରାଚାରୋ ଭଜତେମାମନନ୍ୟଭାକ୍ ।**

**ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ । ୯/୩୦**

**କ୍ଷିପ୍ରଂ ଭବତି ଧର୍ମାତ୍ମା ଶ୍ୱଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।**

**କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି । ୯/୩୧**

ଅତ୍ୟନ୍ତ ଦୁରାଚାରୀ ମଧ୍ୟ ମୋର ଭଜନ କରି ଶିଘ୍ର ହିଁ ଧର୍ମାତ୍ମା ହୋଇଯାଏ ଏବଂ ସଦା ନିତ୍ୟ ଶାଶ୍ୱତ ଶାନ୍ତିକୁ ପ୍ରାପ୍ତକରିନିଏ । ଅତଃ ତାଙ୍କୁ ଧର୍ମାତ୍ମା କୁହାଯାଏ, ଯେ ଏକ ପରମାତ୍ମାଙ୍କ ପ୍ରତି ସମର୍ପିତ । ତଥା ଭଜନ କରିବା ଅଧିକାର ଦୁରାଚାରୀଙ୍କ ମଧ୍ୟ ରହିଛି ।

୮) ଭଗବଦ୍ ପଥରେ ବୀଜର ନାଶ ନାହିଁ –

**ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।**

**ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍।।୨/୪୦**

ଏହି ଆତ୍ମ ଦର୍ଶନ କ୍ରିୟାର ଅଳ୍ପ ଆଚରଣ ମଧ୍ୟ ଜନ୍ମ ମରଣ ରୂପୀ ମହାନ୍ ଭୟରୁ ଉଦ୍ଧାର କରିଥାଏ ।

୯) ଈଶ୍ୱରଙ୍କ ନିବାସ –

**ଈଶ୍ୱରଃ ସର୍ବଭୂତାନଂହୃଦ୍ଦେଶେଽର୍ଜୁନ ତିଷ୍ଠତି ।**

**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା ।।୧୮/୬୧**

ଈଶ୍ୱର ସମସ୍ତ ଭୂତ-ପ୍ରାଣୀଙ୍କ ହୃଦୟରେ ରହନ୍ତି ।

**ତମେବ ଶରଣଂଗଚ୍ଛ ସର୍ବଭାବେନ ଭାରତ ।**

**ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।।୧୮ ୬୨**

ସମ୍ପୂର୍ଣ୍ଣ ଭାବ ସହିତ ସେହି ଏକ ପରମାତ୍ମାଙ୍କ ଶରଣରେ ଯାଅ । ଯାହାର କୃପା ଦ୍ୱାରା ତୁମକୁ ପରମ ଶାନ୍ତି ଶାଶ୍ୱତ ପରମଧାମ ପ୍ରାପ୍ତ ହେବ ।

୧୦) **ଯଜ୍ଞ –**

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।**

**ଆତ୍ମସଂୟମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ।।୪/୨୭**

ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କ ବ୍ୟାପାର  ତଥା ମନର ପ୍ରୟତ୍ନକୁ ଜ୍ଞାନ ଦ୍ୱାରା ପ୍ରକାଶିତ ଆତ୍ମାରେ ଅର୍ଥାତ୍ ସଂଯମ ରୂପୀ ଯୋଗାଗ୍ନିରେ ହବନ କରନ୍ତି ।

**ଅପାନେ  ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।**

**ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟମ୍ପରାୟଣାଃ ।।୪/୨୯**

ଅନେକ ଯୋଗୀ ଶ୍ୱାସକୁ ପ୍ରଶ୍ୱାସରେ ହବନ କରନ୍ତି, ଅନ୍ୟ କେତେକ ଯୋଗୀ ପ୍ରଶ୍ୱାସକୁ ଶ୍ୱାସରେ । ଏଥିରୁ ଉନ୍ନତି ଅବସ୍ଥାକୁ ପହଞ୍ଚି କେତେ ଯୋଗୀ ଶ୍ୱାସ ପ୍ରଶ୍ୱାସର ଗତିକୁ ରୁଦ୍ଧକରି ପ୍ରାଣାୟାମ ପରାୟଣ ହୋଇଯାନ୍ତି । ଏଠାରେ ଶ୍ୱାସ ପ୍ରଶ୍ୱାସର ଗତିକୁ ଅବରୁଦ୍ଧ କରିବାର ଅର୍ଥ ଶ୍ୱାସ ପ୍ରଶ୍ୱାସ ବାୟୁର ବେଗକୁ ବନ୍ଦ କରିବା ନୁହଁ  ବରଂ ଶ୍ୱାସ ପ୍ରଶ୍ୱାସରେ ଉଠୁଥିବା  ସଂକଳ୍ପ ଓ ବିକଳ୍ପକୁ ବନ୍ଦ କରିବା । ଏହିପରି ଯୋଗ ସାଧନାର ବିଧି  ବଶେଷର ନାମ ଯଜ୍ଞ । ସେହି ଯଜ୍ଞକୁ କାର୍ଯ୍ୟରୂପ ଦେବା ହିଁ କର୍ମ ।

୧୧) **ଯଜ୍ଞ କରିବାର ଅଧିକାର–**

**ଯଜ୍ଞଶିଷ୍ଟାମୃତଭୁଜୋ ୟାନ୍ତି ବ୍ରହ୍ମ ସନାତନମ୍ ।**

**ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ।।୪/୩୧**

ଯଜ୍ଞ ନକରିବା ବ୍ୟକ୍ତିଙ୍କୁ ପୁନଃ ମନୁଷ୍ୟ ଶରୀର ମିଳେନାହିଁ । ଅର୍ଥାତ୍ ସେମାନଙ୍କୁ ଯଜ୍ଞ କରିବା ଅଧିକାର ରହିଛି, ଯାହାକୁ  ମନୁଷ୍ୟ ଶରୀର ପ୍ରାପ୍ତ ହୋଇଛି ।

୧୨) **ଈଶ୍ୱରଙ୍କୁ ଦର୍ଶନ  କରାଯାଇପାରିବ –**

**ଭକ୍ତ୍ୟା ତ୍ୱନନ୍ୟାୟା ଶକ୍ୟ ଅହମେବଂ ବିଧୋଽର୍ଜୁନ ।**

**ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ।।୧୧/୫୪**

ଅନନ୍ୟ ଭକ୍ତି ଦ୍ୱାରା ମୁଁ ପ୍ରତ୍ୟକ୍ଷ ଦେଖିବା, ଜାଣିବା ତଥା ପ୍ରବେଶ କରିବା ନିମନ୍ତେ   ମଧ ସୁଲଭ ।

**ଆଶ୍ଚର୍ଯ୍ୟ ବତ୍ପଶ୍ୟତି  କଶ୍ଚିଦେନ,**

**ମାଶ୍ଚର୍ଯ୍ୟବଦ୍  ବଦତି ତଥୈବ  ଚାନ୍ୟଃ ।**

**ଆଶ୍ଚର୍ଯ୍ୟବଚ୍ ଚୈନମନ୍ୟଃ ଶ୍ରୁଣୋତି,**

**ଶ୍ରୁତ୍ୱାପ୍ୟେନଂ  ବେଦ ନ ଚୈବ  କଶ୍ଚିତ୍ ।। ୨/୨୯**

ଏହି ଅବିନାଶୀ ଆତ୍ମାକୁ ବିରଳ ପୁରୁଷ ହିଁ ଆଶ୍ଚର୍ଯ୍ୟ ଭାବରେ ଦେଖେ, ଅର୍ଥାତ୍ ଏହା ପ୍ରତ୍ୟକ୍ଷ ଦର୍ଶନ ଅଟେ ।

୧୩) **ଆତ୍ମା ହିଁ ସତ୍ୟ ଓ ସନାତନ–**

**ଅଚ୍ଛେଦ୍ୟୋଽୟ ମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।**
**ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ ॥ ୨/୨୪**

ଏହି ଆତ୍ମା ସର୍ବବ୍ୟାପକ, ଅଚଳ ସ୍ଥିର ଓ ସନାତନ ଅଟେ । ଆତ୍ମା ହିଁ ସତ୍ୟ ।

୧୪) **ବିଧାତା ଏବଂ ତାଙ୍କଠାରୁ ଉତ୍ପନ୍ନ ସୃଷ୍ଟି ନାଶବାନ–**

**ଆବ୍ରହ୍ମଭୁବନା ଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ ।**
**ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ॥୮/୧୬**

ବ୍ରହ୍ମା ଏବଂ ତାଙ୍କଠାରୁ ଉତ୍ପନ୍ନ ସୃଷ୍ଟି, ଦେବତା ଓ ଦାନବ, ଏ ସମସ୍ତ ଦୁଃଖର ଗନ୍ତାଘର, କ୍ଷଣଭଙ୍ଗୁର ଓ ନଶ୍ୱର ଅଟନ୍ତି ।

୧୫) **ଦେବ ପୂଜା–**

**କାମୈସ୍ତୈସ୍ତୈର୍ହୃତ ଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥୭/୨୦**

କାମନା ଦ୍ୱାରା ଯାହାର ବୁଦ୍ଧି ଆକ୍ରାନ୍ତ ରହିଛି, ଏପରି ମୂଢବୁଦ୍ଧି ବ୍ୟକ୍ତି ହିଁ ପରମାତ୍ମା ଅତିରିକ୍ତ ଅନ୍ୟ ଦେବୀ ଦେବତାଙ୍କ ପୂଜା କରନ୍ତି ।

**ୟେଽପ୍ୟନ୍ୟଦେବତା ଭକ୍ତା ୟଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଽପି ମାମେବ କୌନ୍ତେୟ ୟଜନ୍ତ୍ୟବିଧିପୂର୍ବକମ୍ ॥୯/୨୩**

ଦେବୀଦେବତାଙ୍କୁ ପୂଜିବା ବ୍ୟକ୍ତି ମୋର ହିଁ ପୂଜା କରନ୍ତି କିନ୍ତୁ ଏହି ପୂଜନ ଅବିଧି ପୂର୍ବକ ଅଟେ । ତେଣୁ ନଷ୍ଟ ହୋଇଯାଏ ।

୧୬) **ଶାସ୍ତ୍ର ବିଧିର ତ୍ୟାଗ–**

**କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମ ମଚେତସଃ ।**
**ମାଂ ଚୈବାନ୍ତଃ ଶରୀରସ୍ଥଂ ତାନ୍ୱିଦ୍ଧ୍ୟାସୁରନିଶ୍ଚୟାନ୍ ॥୧୭/୪–୬**

ହେ ଅର୍ଜୁନ ! ଶାସ୍ତ୍ରବିଧିକୁ ତ୍ୟାଗକରି ଭଜନ କରୁଥିବା ସାତ୍ତ୍ୱିକ ଶ୍ରଦ୍ଧାକୁ ଦେବୀ ଦେବତାଙ୍କୁ, ରାଜସ ପୁରୁଷ ଯକ୍ଷ–ରାକ୍ଷସଙ୍କୁ ଓ ତାମସ ପୁରୁଷ ଭୂତ ପ୍ରେତଙ୍କୁ ପୂଜନ୍ତି କିନ୍ତୁ ସେମାନେ ଶରୀର ରୂପରେ ସ୍ଥିତ ଭୂତ ସମୁଦାୟ ଏବଂ ଅନ୍ତର୍ଯ୍ୟାମୀରୂପରେ ସ୍ଥିତ ପରମାତ୍ମା ଅର୍ଥାତ୍ ମୋତେ କୃଶ କରନ୍ତି । ସେମାନଙ୍କୁ ତୁମେ ଅସୁର ବୋଲି ଜାଣ । ଅର୍ଥାତ୍ ଦେବତାମାନଙ୍କୁ ପୂଜିବା ବ୍ୟକ୍ତି ମଧ୍ୟ ଆସୁରୀ ବୃତ୍ତିରେ ଅନ୍ତର୍ଗତ ।

୧୭) **ଅଧମ–ତାନହଂ ଦ୍ୱିଷତଃ କ୍ରୂରାନ୍ ସଂସାରେଷୁ ନାଧମାନ୍ ।**

**କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ୟୋନିଷୁ ॥୧୬/୭–୧୯**

ଯେ ଯଜ୍ଞର ନିୟତବିଧିକୁ ତ୍ୟାଗକରି କଳ୍ପିତ ବିଧିର ଆଶ୍ରୟ ନେଇ ପୂଜନ କରନ୍ତି, ସେମାନେ ହିଁ କ୍ରୁରକର୍ମୀ, ପାପାଚାରୀ ତଥା ମନୁଷ୍ୟଙ୍କ ମଧ୍ୟରେ ଅଧମ ଅଟନ୍ତି । ଅନ୍ୟ କେହି ଅଧମ ନୁହଁନ୍ତି ।

୧୮) **ନିୟତ ବିଧି କ'ଣ ?**

**ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ ।**

**ୟଃ ପ୍ରୟାତି ତ୍ୟଜଦେହଂ ସୟାତି ପରମାଂ ଗତିମ୍ ।।୮/୧୩**

'ଓଁ' ଯାହା ଅକ୍ଷୟ ବ୍ରହ୍ମର ପରିଚାୟକ । ତାହାର ଜପ ତଥା ପରମାତ୍ମା ଅର୍ଥାତ୍ ମୋର ସ୍ମରଣ, ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ସଂରକ୍ଷଣରେ ଧ୍ୟାନ ।

୧୯) **ଶାସ୍ତ୍ର–      ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।**

**ଏତଦ୍‌ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାଦ୍ କୃତକତ୍ୟଶ୍ଚ ଭାରତ । ୧୫/୨୦**

ଏହିପରି ଅତି ଗୋପନୀୟ ଶାସ୍ତ୍ର ମୋ ଦ୍ୱାରା କୁହାଗଲା । ସ୍ପଷ୍ଟ ହେଲା ଯେ, ଗୀତା ହିଁ ଶାସ୍ତ୍ର ଅଟେ ।

**ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।**

**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ।।୧୬/୨୪**

କର୍ତ୍ତବ୍ୟ ଅକର୍ତ୍ତବ୍ୟର ନିର୍ଦ୍ଧାରଣରେ ଶାସ୍ତ୍ର ହିଁ ଏକମାତ୍ର ପ୍ରମାଣ । ଅତଃ ଗୀତା ନିର୍ଦ୍ଧାରିତ ବିଧି ଅନୁସାରେ ଆଚରଣ କର ।

୨୦) **ଧର୍ମ–ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ୧୮/୬୬**

ଧାର୍ମିକ ଭ୍ରାନ୍ତି କୁ ତ୍ୟାଗକରି ଏକମାତ୍ର ମୋର ଶରଣ ହୁଅ । ଅର୍ଥାତ୍ ଏକ ଭଗବାନ୍ (ସଦ୍‌ଗୁରୁ)ଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ ହିଁ ଧର୍ମର ମୂଳ । ସେହି ପ୍ରଭୁଙ୍କୁ ପ୍ରାପ୍ତ କରିବା ନିୟତ ବିଧିର ଆଚରଣ ହିଁ ଧର୍ମାଚରଣ (ଗୀତା୨/୪୦) ଏବଂ ଯେ, ତାହା ପାଳନ କରେ । ସେ ଅତ୍ୟନ୍ତ  ପାପୀ ହେଲେ ମଧ୍ୟ ଶିଘ୍ର ଧର୍ମାତ୍ମା ହୋଇଯାଏ ।

**୨୧)କେଉଁଠାରୁ  ଧର୍ମପ୍ରାପ୍ତି କରିବା–**

**ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।**

**ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖ ସୈକାନ୍ତିକସ୍ୟ ଚ ।।୧୪/୨୭**

ସେହି ଅବିନାଶୀ ବ୍ରହ୍ମ, ଅମୃତ, ଶାଶ୍ୱତଧର୍ମ ଏବଂ ଅଖଣ୍ଡ ଏକରସ ଆନନ୍ଦର ମୁଁ ହିଁ ଆଶ୍ରୟ । ଅର୍ଥାତ୍ ପରମାତ୍ମା ସ୍ଥିତ ସଦ୍‌ଗୁରୁ ହିଁ ଏହି ସବୁର ଆଶ୍ରୟ ।

ନୋଟ– ବିଶ୍ୱର ସକଳ ଧର୍ମର ସତ୍ୟ ଓ ସିଦ୍ଧାନ୍ତ ଶ୍ରୀମଦ୍ ଭଗବତ୍ ଗୀତାର ପ୍ରସାରଣ ମାତ୍ର ।

## ପ୍ରାଚୀନକାଳରୁ ଅଦ୍ୟତନ ମହର୍ଷିମାନଙ୍କ ଦ୍ୱାରା ଦିଆଯାଇଥିବା ତୈଥିକ କ୍ରମାନୁସାରେ ସନ୍ଦେଶ ।

(ଶ୍ରୀ ପରମହଂସ ଆଶ୍ରମ ଜଗତାନନ୍ଦ, ଗ୍ରାମ/ପୋଷ୍ଟ- ବରୈନୀ, କଛୱାଁ, ଜିଲ୍ଲା- ମିର୍ଜାପୁର (ଉତ୍ତର ପ୍ରଦେଶ)ରେ ନିଜର ନିବାସ ସମୟରେ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦଜୀ ଆଶ୍ରମର ପ୍ରବେଶ ମୁଖ୍ୟ ଦ୍ୱାର ନିକଟରେ ଏହି ତାଲିକାକୁ ଗଙ୍ଗା ଦଶହରା (୧୯୯୩ ମସିହା) ର ପାବନ ପର୍ବରେ ବୋର୍ଡ଼ ଉପରେ ଅଙ୍କିତ କରାଇଲେ ।)

## ॥ ବିଶ୍ୱଗୁରୁ ଭାରତ ॥

୧. **ବୈଦିକ ଋଷି**- (ଅନାଦି କାଳ-ନାରାୟଣ ସୂକ୍ତ) -
କଣ କଣରେ ବ୍ୟାପ୍ତ ବ୍ରହ୍ମ ହିଁ ସତ୍ୟ । ତାହାର ଉପଲବ୍ଧ କରିବା ଅତିରିକ୍ତ ମୁକ୍ତି ପାଇବାର ଅନ୍ୟ କୌଣସି ଉପାୟ ନାହିଁ ।

୨. **ଭଗବାନ ଶ୍ରୀରାମ**-(ତ୍ରେତୟା- ଲକ୍ଷେ ବର୍ଷ ପୂର୍ବେ-ରାମାୟଣ)-
ଏକ ପରମାତ୍ମାଙ୍କ ଭଜନ ବିନା ଯେ କଲ୍ୟାଣ ଚାହେଁ, ସେ ମୂଢ ଅଟେ ।

୩. **ଯୋଗେଶ୍ୱର ଶ୍ରୀକୃଷ୍ଣ**- (୫୦୦୦ବର୍ଷ ପୂର୍ବେ-ଗୀତା)-
ପରମାତ୍ମା ହିଁ ସତ୍ୟ । ଚିନ୍ତନର ପୂର୍ତ୍ତିରେ ସେହି ସନାତନ ବ୍ରହ୍ମଙ୍କ ପ୍ରାପ୍ତି ସମ୍ଭବ । ଦେବୀ-ଦେବତାଙ୍କ ପୂଜା ମୂଢ ବୁଦ୍ଧିମାନଙ୍କ ଦେନ ଅଟେ ।

୪. **ମହାତ୍ମା ମୂସା**-(୩୦୦୦ବର୍ଷ ପୂର୍ବେ- ୟହୁଦୀ ଧର୍ମ)-
ତୁମେ ଈଶ୍ୱରଙ୍କ ଠାରୁ ଶ୍ରଦ୍ଧା ହଟାଇଲ, ମୂର୍ତ୍ତି ନିର୍ମାଣ କଲ, ଏଥିପାଇଁ ଈଶ୍ୱର ନାରାଜ । ଅତଃ ପ୍ରାର୍ଥନାରେ ପ୍ରବୃତ୍ତ ହୁଅ ।

୫. **ମହାତ୍ମା ଜରଥୁସ୍ତ୍ର**-(୨୭୦୦ବର୍ଷ ପୂର୍ବେ-ପାରସୀ ଧର୍ମ )-
ଅହୁରମଜ୍‌ଦା (ଈଶ୍ୱର)ଙ୍କ ଉପାସନା ଦ୍ୱାରା ହୃଦୟରେ ସ୍ଥିତ ବିକାରମାନଙ୍କୁ ନଷ୍ଟକର । ଯାହା ଦୁଃଖର କାରଣ ।

୬. **ଭଗବାନ ମହାବୀର**-(୨୬୦୦ ଶହ ବର୍ଷ ପୂର୍ବେ- ଜୈନ ଗ୍ରନ୍ଥ ।)-
ଆତ୍ମା ହିଁ ସତ୍ୟ । କୋଠର ତପସ୍ୟ ଦ୍ୱାରା ଏହି ଜନ୍ମରେ ସାକ୍ଷାତ୍କାର କରିପାରିବେ ।

୭. **ଗୌତମ ବୁଦ୍ଧ**– (୨୫୦୦ବର୍ଷ ପୂର୍ବେ– ମହାପରିନିର୍ବାନ୍ ସୁତ୍ତ ।)–
ମୁଁ ସେହି ଅବିନାଶୀ ପଦକୁ ପ୍ରାପ୍ତ କଲି । ଯାହାକୁ ପୂର୍ବ ମହର୍ଷିମାନେ ପ୍ରାପ୍ତ କରିଥିଲେ । ଏହା ହିଁ ମୋକ୍ଷ ଅଟେ ।

୮. **ଯୀଶୁଖ୍ରୀଷ୍ଟ** – (୨୦୦୦ବର୍ଷ ପୂର୍ବେ –ଈଶାଇ ଧର୍ମ)–
ଈଶ୍ୱର ପ୍ରାର୍ଥନା ଦ୍ୱାରା ପ୍ରାପ୍ତ ହୁଅନ୍ତି । ମୋର ଅର୍ଥାତ୍ ସଦ୍‌ଗୁରୁଙ୍କ ନିକଟକୁ ଆସ । ଏଥିପାଇଁ କି ତୁମେ ଈଶ୍ୱରଙ୍କ ପୁତ୍ର କହି ପାରିବ ।

୯. **ହଜ୍ରରତ ମହମ୍ମଦ ସାହବ**– (୧୪୦୦ବର୍ଷ ପୂର୍ବେ–ଇସ୍‌ଲାମ୍ ଧର୍ମ ।) –
ଲା ଇଲାହ ଇଲ୍ଲଲ୍ଲାହ ମୁହମ୍ମଦୁର୍ର ରସୁଲଲ୍ଲାହ– ଜରେଁ ଜରେଁ ମେଁ ବ୍ୟାପ୍ତ ଖୁଦା ଅର୍ଥାତ୍ ଈଶ୍ୱରଙ୍କ ଅତିରିକ୍ତ ଅନ୍ୟ କେହି ପୂଜନୀୟ ନୁହଁନ୍ତି । ମୁହମ୍ମଦ ଆଲ୍ଲାହଙ୍କ ସନ୍ଦେଶ ବାହାକ ।

୧୦. **ଆଦି ଶଙ୍କରାଚାର୍ଯ୍ୟ** – (୧୨୦୦ବର୍ଷ ପୂର୍ବେ )–
ବ୍ରହ୍ମସତ୍ୟ, ଜଗତ ମିଥ୍ୟା । ଏଥିରେ ସତ୍ୟ କେବଳ ହରି ଏବଂ ତାଙ୍କ ନାମ ।

୧୧. **ସନ୍ଥ କବୀର** – (୬୦୦ବର୍ଷ ପୂର୍ବେ)– ରାମନାମ ଅତି ଦୁର୍ଲଭ, ଔରନ୍ ତେ ନହିଁ କାମ । ଆଦି ମଧ୍ୟ ଔର ଅନ୍ତ ହୁଁ, ରାମହିଁ ତେ ସଂଗ୍ରାମ । ରାମଙ୍କ ସହ ସଂଗ୍ରାମ (ରାମ ନାମ ଜପ) କର । ତାହାହିଁ କଲ୍ୟାଣକାରୀ ।

୧୨. **ଗୁରୁ ନାନକ**– (୫୦୦ବର୍ଷ ପୂର୍ବେ)– ଏକ ଓଁକାର ସଦ୍‌ଗୁରୁ ପ୍ରସାଦି । ଏକ ଓଁକାର ହିଁ ସତ୍ୟ । କିନ୍ତୁ ତାହା ସଦ୍‌ଗୁରୁଙ୍କ କୃପା ପ୍ରସାଦ ମାତ୍ର ।

୧୩. **ସ୍ୱାମୀ ଦୟାନନ୍ଦ ସରସ୍ୱତୀ**–(୨୦୦ବର୍ଷ ପୂର୍ବେ)– ଅଜର, ଅମର, ଅବିନାଶୀ ଏକ ପରମାତ୍ମାଙ୍କ ଉପାସନା କର । ସେହି ଈଶ୍ୱରଙ୍କ ମୁଖ୍ୟ ନାମ ଓଁ ଅଟେ ।

୧୪. **ଶ୍ରୀ ସ୍ୱାମୀ ପରମାନନ୍ଦଜୀ**– (୧୯୧୨–୧୯୬୯)– ଭଗବାନ ଯେତେବେଳେ କୃପା କରନ୍ତି ତେବେ ଶତ୍ରୁ ମିତ୍ର ହୋଇଯାଏ, ବିପତ୍ତି ସମ୍ପତ୍ତି ହୋଇଯାଏ । ଭଗାବାନ ସର୍ବତ୍ର ଦେଖୁଛନ୍ତି ।

# ଅନୁକ୍ରମଣିକା


| ବିଷୟ | ପୃଷ୍ଠା ସଂଖ୍ୟା |
|---|---|
| ପ୍ରାକ୍କଥନ | i - xiv |
| ପ୍ରଥମ ଅଧ୍ୟାୟ(ସଂଶୟ–ବିଷାଦ ଯୋଗ) | 1 |
| ଦ୍ୱିତୀୟ ଅଧ୍ୟାୟ(କର୍ମଜିଜ୍ଞାସା) | 26 |
| ତୃତୀୟ ଅଧ୍ୟାୟ(ଶତ୍ରୁ ବିନାସ–ପ୍ରେରଣା) | 69 |
| ଚତୁର୍ଥ ଅଧ୍ୟାୟ(ଯଜ୍ଞକର୍ମ ସ୍ୱଷ୍ଟିକରଣ) | 98 |
| ପଞ୍ଚମ ଅଧ୍ୟାୟ(ଯଜ୍ଞଭୋକ୍ତା ମହାପୁରୁଷଷ୍ଟ ମହେଶ୍ୱର) | 133 |
| ଷଷ୍ଠ ଅଧ୍ୟାୟ(ଅଭ୍ୟାସ ଯୋଗ) | 148 |
| ସପ୍ତମ ଅଧ୍ୟାୟ(ସମଗ୍ର ବୋଧ) | 169 |
| ଅଷ୍ଟମ ଅଧ୍ୟାୟ(ଅକ୍ଷର ବ୍ରହ୍ମଯୋଗ) | 183 |
| ନମବ ଅଧ୍ୟାୟ(ରାଜବିଦ୍ୟା ଜାଗୃତି) | 202 |
| ଦଶମ ଅଧ୍ୟାୟ(ବିଭୁତି ବର୍ଣ୍ଣନ) | 223 |
| ଏକାଦଶ ଅଧ୍ୟାୟ(ବିଶ୍ୱରୂପ ଦର୍ଶନ ଯୋଗ) | 241 |
| ଦ୍ୱାଦଶ ଅଧ୍ୟାୟ(ଭକ୍ତିଯୋଗ) | 266 |
| ତ୍ରୟୋଦଶ ଅଧ୍ୟାୟ(କ୍ଷେତ୍ର–କ୍ଷେତ୍ରଜ୍ଞ ବିଭାଗ ଯୋଗ) | 276 |
| ଚତୁର୍ଦ୍ଦଶ ଅଧ୍ୟାୟ(ଗୁଣତ୍ରୟ ବିଭାଗ ଯୋଗ) | 289 |
| ପଞ୍ଚଦଶ ଅଧ୍ୟାୟ(ପୁରୁଷୋତ୍ତମ ଯୋଗ) | 300 |
| ଷୋଡ଼ଶ ଅଧ୍ୟାୟ(ଦେବାସୁର ସମ୍ପଦ୍ ବିଭାଗ ଯୋଗ) | 313 |
| ସପ୍ତଦଶ ଅଧ୍ୟାୟ(ଓଁ ତତ୍‌ସତ୍ ତଥା ଶ୍ରଦ୍ଧାତ୍ରୟ ବିଭାଗ ଯୋଗ) | 324 |
| ଅଷ୍ଟାଦଶ ଅଧ୍ୟାୟ(ସନ୍ୟାସ ଯୋଗ) | 337 |
| ଉପଶମ | 371 |

# ପ୍ରାକ୍କଥନ

ବସ୍ତୁତଃ ଗୀତା ଉପରେ ଟୀକା ଲେଖିବା ବର୍ତ୍ତମାନ କୌଣସି ଆବଶ୍ୟକ ପ୍ରତୀତ ହେଉନାହିଁ । କାରଣ ଏହା ଉପରେ ଶହଶହ ଟୀକା ଲେଖା ହୋଇସାରିଛି । ତନ୍ମଧ୍ୟରୁ କେବଳ ସଂସ୍କୃତ ଭାଷାରେ ପ୍ରାୟ ପଚାଷ ଟୀକା ରହିଛି । ଗୀତାକୁ ଆଧାର କରି ପଚାଷ ମତମତାନ୍ତର ରହିଛି । ବସ୍ତୁତଃ ସମସ୍ତଙ୍କ ଆଧାରଶିଳା ଏକ ମାତ୍ର ଗୀତା । ଯୋଗେଶ୍ୱର ଶ୍ରୀକୃଷ୍ଣ କୌଣସି ଗୋଟିଏ ଉଦ୍ଦେଶ୍ୟ ନେଇ କହିଥିବେ । ପୁଣି ଏହି ମତ୍ତ ଭେଦ କାହିଁକି ? ବସ୍ତୁତଃ ବକ୍ତା ଗୋଟିଏ କଥାକୁ ହିଁ କହିଥାଏ । କିନ୍ତୁ ଶ୍ରୋତା ଯଦି ଦଶ ଜଣ ବସିଛନ୍ତି ତ ଦଶ ପ୍ରକାରର ଆଶୟ ଗ୍ରହଣ କରିଥାନ୍ତି । ବ୍ୟକ୍ତିର ବୁଦ୍ଧିରେ ତାମସିକ, ରାଜସିକ ଅଥବା ସାତ୍ତ୍ୱିକ ଗୁଣର ଯେତିକି ପ୍ରଭାବ ରହିଥାଏ । ବ୍ୟକ୍ତି ସେହି ସ୍ତରରେ ବାର୍ତ୍ତାକୁ ଧରିପାରନ୍ତି । ତାହା ଠାରୁ ଆଗକୁ ତାଙ୍କର ବୁଦ୍ଧି ପହଞ୍ଚିପାରି ନଥାଏ । ଅତଃ ମତଭେଦ ସ୍ୱାଭାବିକ ହୋଇଥାଏ ।

ବିଭିନ୍ନ ମତବାଦରେ ଏବଂ କେବେ କେବେ ଏକ ହିଁ ସିଦ୍ଧାନ୍ତକୁ ଅଲଗା ଅଲଗା କାଳ ଓ ଭାଷାରେ ବ୍ୟକ୍ତ କଲେ ସାଧାରଣ ମନୁଷ୍ୟ ସଂଶୟରେ ପଡ଼ିଯାଆନ୍ତି । ବହୁତ ଟୀକାମାନଙ୍କ ମଧ୍ୟରେ ସେହି ସତ୍ୟ ଧାରା ନିହିତ ରହିଥାଏ । କିନ୍ତୁ ଶୁଦ୍ଧ ଅର୍ଥ କରାଯାଇଥିବା ଗୋଟିଏ ପୁସ୍ତକ ହଜାର ଟୀକା ମଧ୍ୟରେ ରଖି ଦିଆଗଲେ ମଧ୍ୟ ସେଥିରୁ ଏହା ଜାଣିବା କଠିନ ହୋଇଯାଏ ଯେ, ଯଥାର୍ଥ କେଉଁଟି, ବର୍ତ୍ତମାନ କାଳରେ ଗୀତାର ବହୁତ ଗୁଡ଼ିଏ ଟୀକା ହୋଇଗଲାଣି । ସମସ୍ତେ ନିଜ ନିଜର ସତ୍ୟତାର ଉଦଘୋଷ କରିଥାନ୍ତି । କିନ୍ତୁ ଗୀତାରକ ଶୁଦ୍ଧ ଅର୍ଥରୁ ସେମାନେ ବହୁତ ଦୂରରେ ରହିଥାନ୍ତି । ନିଃସନ୍ଦେହ କିଛି ମହାପୁରୁଷ ସତ୍ୟକୁ ସ୍ପର୍ଶ ମଧ୍ୟ କରିଥିଲେ କିନ୍ତୁ କତିପୟ କାରଣ ଯୋଗୁଁ ସେମାନେ ତାହାକୁ ସମାଜର ସମ୍ମୁଖରେ ପ୍ରସ୍ତୁତ କରିପାରିନଥିଲେ ।

ଶ୍ରୀକୃଷ୍ଣଙ୍କ ଆଶୟକକୁ ହୃଦୟଙ୍ଗମ ନକରିବା ମୂଳ କାରଣ ଏହା ଥିଲା ଯେ, ସେ ଜଣେ ଯୋଗୀ ଥିଲେ । ଶ୍ରୀକୃଷ୍ଣ ଯେଉଁ ସ୍ତରର କଥା କହୁଛନ୍ତି କ୍ରମଶଃ ଗତିକରି ସେହି ସ୍ତରରେ ପହଞ୍ଚିଥିବା କୌଣସି ମହାପୁରୁଷ ହିଁ ଅକ୍ଷରଶଃ କହି ପାରିବେ ଯେ, ଶ୍ରୀକୃଷ୍ଣ ଯେଉଁ ସମୟରେ ଗୀତ ଉପଦେଶ ଦେଇଥିଲେ ସେହି ସମୟରେ ତାଙ୍କର ମନୋଗତ ଭାବ କ'ଣ ଥିଲା ? ମନୋଗତ ସମସ୍ତ ଭାବକୁ ବାଣୀ ମାଧମରେ ବ୍ୟକ୍ତ କରି ହେବ ନାହିଁ । କିଛି ତ ବ୍ୟକ୍ତ କରିବା ସମ୍ଭବ, କିଛି ଭାବ ଭଙ୍ଗିମାରେ ବ୍ୟକ୍ତ ହୋଇଥାଏ ଏବଂ ଶେଷ ପର୍ଯ୍ୟାପ୍ତ କ୍ରିୟାତ୍ମକ ଅଟେ । ଯାହାକି କୌଣସି ପଥିକ

କ୍ରିୟାତ୍ମକ ରୂପରେ ହିଁ ଜାଣିପାରିବେ । ଶ୍ରୀକୃଷ୍ଣ ଯେଉଁ ସ୍ତରର ଥିଲେ, କ୍ରମଶଃ ଚାଲି କରି ସେହି ଅବସ୍ଥାକୁ ପ୍ରାପ୍ତ ମହାପୁରୁଷ ହିଁ ଜାଣିପାରନ୍ତି ଯେ, ଗୀତା କ'ଣ କହୁଛି ? ସେ ଗୀତାର ପଂକ୍ତି ଗୁଡ଼ିକୁ ହିଁ ଆବୃତି କରି ନଥାନ୍ତି ବରଂ ତାହାର ଭାବକୁ ମଧ୍ୟ ଦର୍ଶାଇ ଦେଇଥାନ୍ତି । କାରଣ ଯେଉଁ ଦୃଶ୍ୟ ଶ୍ରୀକୃଷ୍ଣଙ୍କ ସାମନାରେ ଥିଲା ସେହି ଦୃଶ୍ୟ ବର୍ତ୍ତମାନ ସେହି ମହାପୁରୁଷଙ୍କ ସମକ୍ଷରେ ମଧ୍ୟ ରହିଛି । ସେଥି ଯୋଗୁଁ ସେ ଦେଖନ୍ତି, ଦର୍ଶନ କରାନ୍ତି, ତୁମ୍ଭମାନଙ୍କ ହୃଦୟରେ ଜାଗୃତ ମଧ୍ୟ କରିପାରନ୍ତି ଏବଂ ସେହି ପଥରେ ତୁମକୁ ଚଲାଇ ମଧ୍ୟ ପାରନ୍ତି ।

ପୂଜ୍ୟ ଶ୍ରୀପରମହଂସଜୀ ମହାରାଜ ମଧ୍ୟ ସେହି ସ୍ତରର ମହାପୁରୁଷ ଥିଲେ । ତାଙ୍କର ବାଣୀ ତଥା ଅନ୍ତଃ ପ୍ରେରଣାରୁ ମୋତେ ଗୀତାର ଯେଉଁ ଅର୍ଥ ପ୍ରାପ୍ତ ହେଲା, ତାହାର ସଂକଳନ ହିଁ **'ଯଥାର୍ଥ'** ଗୀତା ଅଟେ । ଏଥିରେ ମୋର କିଛି ନାହିଁ । ଏହା କ୍ରିୟାତ୍ମକ ଅଟେ । ସାଧନା କରୁଥିବା ପ୍ରତ୍ୟେକ ପୁରୁଷଙ୍କୁ ଏହି ପରିଧିରେ ହିଁ ଯିବାକୁ ପଡ଼ିବ ।

ଯେଉଁ ପର୍ଯ୍ୟନ୍ତ ସାଧନ ପଥରୁ ଅଲଗା ରହିଛି, ସେ ପର୍ଯ୍ୟନ୍ତ ସ୍ପଷ୍ଟ ହେଉଛି ଯେ, ସେ ସାଧନାରେ ପ୍ରବୃତ୍ତ ହୋଇ ନାହିଁ । ସେ କିଛି ନା କିଛି ଲକିର୍ (ଛଳନା)ଅବଶ୍ୟ ପିଟୁଥାଏ । ଅତଃ କୌଣସି ମହାପୁରୁଷଙ୍କ ଶରଣ ନିଅ, ଶ୍ରୀକୃଷ୍ଣ ଅନ୍ୟ କୌଣସି ସତ୍ୟକୁ କହି ନ ଥିଲେ । **'ଋଷିଭିର୍ବହୁଧାଗୀତଂ'** ଅର୍ଥାତ୍ ଋଷିମାନେ ଯାହାକୁ ଅନେକ ଥର ଗାୟନ କରିଛନ୍ତି, ତାହା ହିଁ କହିବାକୁ ଯାଉଛି । ସେମାନେ ଏହା କହି ନଥିଲେ ଯେ, ସେହି ଜ୍ଞାନକୁ କେବଳ ମୁଁ ହିଁ ଜାଣିଛି କିମ୍ବା ମୁଁ ହିଁ କହିବି ବରଂ କହିଥିଲେ –କୌଣସି ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ନିକଟକୁ ଯାଅ । ନିଷ୍କପଟ ଭାବରେ ତାହାଙ୍କ ସେବା କରି ସେହି ଜ୍ଞାନକୁ ପ୍ରାପ୍ତ କର । ଶ୍ରୀକୃଷ୍ଣ ମହାପୁରୁଷଙ୍କ ଦ୍ୱାରା ଶୋଧିତ ସତ୍ୟକୁ ହିଁ ଉଦ୍‌ଘାଟିତ କରିଥିଲେ ।

ଗୀତାସୁବୋଧ ସଂସ୍କୃତ ଭାଷାରେ ଲିପିବଦ୍ଧ ରହିଛି । ଯଦି ଅନ୍ୱୟାର୍ଥ ହିଁ ନିଆଯିବ । ତେବେ ଗୀତାର ଅଧିକାଂଶ ଅର୍ଥ ଆପଣ ସ୍ୱୟଂ ହୃଦୟଙ୍ଗମ କରିପାବେ । କିନ୍ତୁ ଆପଣ ଯେପରି ସେପରି ଅର୍ଥ ନେଉ ନାହାଁନ୍ତି । ଉଦାହରଣ ପାଇଁ ଶ୍ରୀକୃଷ୍ଣ ସ୍ପଷ୍ଟ କହିଥିଲେ ଯେ, **ଯଜ୍ଞର ପ୍ରକ୍ରିୟା ହିଁ କର୍ମ** । ତଥାପି ଆପଣ କହୁଛନ୍ତି ଯେ, କୃଷି କାର୍ଯ୍ୟ ହିଁ କର୍ମ ଅଟେ । ଯଜ୍ଞ ବିଷୟରେ ସ୍ପଷ୍ଟ କରି ସେ କହୁଛନ୍ତି ଯେ, ଯଜ୍ଞରେ ଅନେକ ଯୋଗୀ ପ୍ରାଣକୁ ଅପାନରେ ହବନ କରନ୍ତି । କେତେକ ଯୋଗୀ ଅପାନକୁ ପ୍ରାଣରେ ହବନ କରନ୍ତି । ଅନ୍ୟ କେତେକ ଯୋଗୀ ପ୍ରାଣ ଓ ଅପାନ ଉଭୟଙ୍କୁ ନିରୋଧ କରି ପ୍ରାଣାୟାମ–ପରାୟଣ ହୋଇଯାନ୍ତି । ଅନ୍ୟ କେତେକ ଯୋଗୀ ଇନ୍ଦ୍ରିୟର ସମ୍ପୂର୍ଣ୍ଣ ପ୍ରବୃତ୍ତିକୁ

ସଂଯମ ରୂପୀ ଅଗ୍ନିରେ ହବନ କରନ୍ତି । ଏହି ପ୍ରକାର ଶ୍ୱାସ-ପ୍ରଶ୍ୱାସର ଚିନ୍ତନ ହିଁ ଯଜ୍ଞ ଅଟେ । ମନ ସହିତ ଇନ୍ଦ୍ରିୟର ସଂଯମ ହିଁ ଯଜ୍ଞ ଅଟେ । ଶାସ୍ତ୍ରକାର ସ୍ୱୟଂ ଯଜ୍ଞ କହିଛନ୍ତି, ତଥାପି ଆପଣ କହୁଛନ୍ତି ଯେ, ବିଷ୍ଣୁଙ୍କ ନିମିତ୍ତ ସ୍ୱାହ୍ୱା କରିବା, ଅଗ୍ନିରେ ଯବ, ରାଶି, ଘୃତ, ହବନ କରିବା ଯଜ୍ଞ ଅଟେ । ସେହି ଯୋଗେଶ୍ୱର ଏପରି ଗୋଟିଏ ଶବ୍ଦ ମଧ୍ୟ କହି ନାହାଁନ୍ତି ।

କାରଣ କ'ଣ ଯେ, ଆପଣ ବୁଝିପାରନ୍ତି ନାହିଁ ? ଜିରାରୁ ଶିରା କାଢି ଅଭ୍ୟାସ କଲେ ମଧ୍ୟ ବାକ୍ୟ ବିନ୍ୟାସ ହିଁ ଆପଣଙ୍କ ହାତରେ କାହିଁକି ରହୁଛି ? ଆପଣ ନିଜକୁ ଯଥାର୍ଥ ଜ୍ଞାନରୁ ଶୂନ୍ୟ ହିଁ କାହିଁକି ପାଉଛନ୍ତି ? ବସ୍ତୁତଃ ମନୁଷ୍ୟ ଜନ୍ମ ନେଇ କ୍ରମଶଃ ବଡ଼ ହୁଏ, ତେବେ ପୈତୃକ ସମ୍ପତ୍ତି (ଗୃହ, ଦୋକାନ, କ୍ଷେତି, ପଦ ପ୍ରତିଷ୍ଠା, ଗାଇ, ମଇଁଷି, ଯନ୍ତ୍ର ଉପକରଣ ଇତ୍ୟାଦି) ତାଙ୍କୁ ଏହି ଲୋକରେ ପ୍ରାପ୍ତ ହୁଏ । ଠିକ୍ ଏହିପରି ତାଙ୍କୁ କିଛି ରୂଢି, ପରମ୍ପରା, ପୂଜାପଦ୍ଧତି ମଧ୍ୟ ଏହିଭୂଖଣ୍ଡରେ ମିଳିଯାଏ । ବହୁତ ପୂର୍ବରୁ ଭାରତରେ ତେତିଶ କୋଟି ଦେବ ଦେବତାଙ୍କ ସଂଖ୍ୟା ଗଣନା କରାଯାଇଥିଲା । ବିଶ୍ୱରେ ତାଙ୍କର ଅଗଣିତ ରୂପ ରହିଛି । ଶିଶୁ ଯେମିତି ଯେମିତି ବଡ଼ ହେଉଛି ନିଜର ପିତା-ମାତା, ଭାଇ-ଭଉଣୀ, ସାହି ପଡ଼ୋଶୀରେ ତାଙ୍କର ପୂଜାକୁ ଦେଖେ ପରିବାରରେ ପ୍ରଚଳିତ ପୂଜା ପଦ୍ଧତିର ଅଲିଭା ଛାପ ତାହାର ମସ୍ତିଷ୍କରେ ବାନ୍ଧି ହୋଇ ରହିଯାଏ । ଦେବୀଙ୍କର ପୂଜା ମିଳିଗଲେ ଜୀବନ ସାରା ଦେବୀ ଦେବୀ ରଟୁଥାଏ । ପରିବାରରେ ଭୂତପୂଜା ମିଳିଗଲେ ଭୂତ ଭୂତ କହି ରଟୁଥାଏ । କିଏ ଶିବ ତ କିଏ କୃଷ୍ଣ ତ କିଏ କିଛି ନା କିଛି ଜାବୁଡ଼ି ଧରିଥାନ୍ତି । ତାହାଙ୍କୁ ସେ ଛାଡ଼ିପାରେ ନାହିଁ ।

ଏପରି ଭ୍ରାନ୍ତ ପୁରୁଷଙ୍କୁ ଗୀତା ପରି କଲ୍ୟାଣକାରୀ ଶାସ୍ତ୍ର ମିଳିଗଲେ ମଧ୍ୟ ସେ ତାହାକୁ ବୁଝି ପାରେ ନାହିଁ । ପୈତୃକ ସମ୍ପତ୍ତିକୁ କଦାଚିତ୍ ସେ ଛାଡ଼ି ଦେଇ ପାରିବ କିନ୍ତୁ ଏପରି ରୂଢ଼ିଗ୍ରସ୍ତ ଧର୍ମକୁ ଛାଡ଼ି ପାରେ ନାହିଁ । ପୈତୃକ ସମ୍ପତିକୁ ଛାଡ଼ି ଦେଇ ଆପଣ ହଜାର ମାଇଲ୍ ଦୂର ଯାଇ ପାରନ୍ତି କିନ୍ତୁ ହୃଦୟ, ମସ୍ତିଷ୍କରେ ଅଙ୍କିତ ଏହି ରୂଢ଼ିଗତ ବିଚାର ସେଠାରେ ମଧ୍ୟ ଆପଣଙ୍କର ପିଣ୍ଡ ଛାଡ଼ିବ ନାହିଁ । ଆପଣ ହୃଦୟ ଓ ମସ୍ତିଷ୍କକୁ ବାହାର କରି ଅଲଗା ରଖି ପାରିବେ ନାହିଁ । କାରଣ ଆପଣ ଯଥାର୍ଥ ଶାସ୍ତ୍ରକୁ ମଧ୍ୟ ସେହି ରୂଢ଼ିବାଦ, ରୀତି-ରିବାଜ୍, ମାନ୍ୟତା ଓ ପୂଜା ପଦ୍ଧତିର ଅନୁରୂପ ରେଖାଙ୍କିତ କରି ଦେଖିବାକୁ ଚାହାଁନ୍ତି । ଯଦି ତାହାର ଅନୁରୂପ କଥା ନିଜକୁ ଭଲଲାଗେ, କହିବାର ଶୈଳୀକୁ ଯଦି ସେଥିରୁ ନେଇପାରନ୍ତି, ତେବେ ଆପଣ ତାହାକୁ ଉପଯୁକ୍ତ ମାନନ୍ତି ଯଦି ନିଜକୁ ଉପଯୁକ୍ତ ନଲାଗେ, ତେବେ ଆପଣ ତାହାକୁ ଭୁଲ୍

ବୋଲି କରି ଦିଅନ୍ତି । ତେଣୁକରି ଆପଣ ଗୀତାର ରହସ୍ୟକୁ ଦେଖିପାରନ୍ତି ନାହିଁ । ଗୀତାର ରହସ୍ୟ, ରହସ୍ୟ ରୂପରେ ହିଁ ରହିଯାଏ । ଏହାର ବାସ୍ତବିକ ଜ୍ଞାତା ସଦ୍‌ଗୁରୁ ଅଥବା ସନ୍ଥ ଅଟନ୍ତି । ସେ ହିଁ କହିପାରିବେ ଯେ, ଗୀତା କ'ଣ କହୁଛି । ସମସ୍ତେ ଜାଣି ପାରନ୍ତି ନାହିଁ । ସମସ୍ତଙ୍କ ନିମନ୍ତେ ସୁଲଭ ଉପାୟ ଏହି କି ଯେ, ଏହାକୁ କୌଣସି ମହାପୁରୁଷଙ୍କ ସାନ୍ନିଧ୍ୟରେ ରହି ବୁଝିବା ଆବଶ୍ୟକ । ଯାହା ପାଇଁ ଶ୍ରୀକୃଷ୍ଣ ଗୁରୁତ୍ୱ ଦେଇଛନ୍ତି ।

ଗୀତା କୌଣସି ବିଶିଷ୍ଟ ବ୍ୟକ୍ତି, ଜାତି, ବର୍ଗ, ପନ୍ଥ, ଦେଶ, କାଳ ଏବଂ କୌଣସି ରୂଢ଼ିଗ୍ରସ୍ତ ସମ୍ପ୍ରଦାୟର ଗ୍ରନ୍ଥ ନୁହେଁ ବରଂ ଏହା ସାର୍ବଲୌକିକ, ସାର୍ବକାଳୀନ ଧର୍ମଗ୍ରନ୍ଥ ଅଟେ । ଏହା ପ୍ରତ୍ୟେକ ଦେଶ, ଜାତି, ସ୍ତର, ସ୍ତ୍ରୀ ଓ ପୁରଷ ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ । କେବଳ ଅନ୍ୟଠାରୁ ଶୁଣି କିମ୍ବା କାହା ଦ୍ୱାରା ପ୍ରଭାବିତ ହୋଇ ମନୁଷ୍ୟକୁ ଏପରି ନିର୍ଣ୍ଣୟ ନେବା ଅନୁଚିତ, ଯାହାର ପ୍ରଭାବ ସିଧା ସଳଖ ନିଜର ଅସ୍ତିତ୍ୱ ଉପରେ ପଡ଼ିଥାଏ । ପୂର୍ବାହଗ୍ରହର ଭାବନାରୁ ମୁକ୍ତ ହୋଇ ସତ୍ୟାନ୍ୱେଷୀ ମାନଙ୍କ ନିମନ୍ତେ ଏହି ଆର୍ଷଗ୍ରନ୍ଥ ଆଲୋକସ୍ତମ୍ଭ ଅଟେ । ହିନ୍ଦୁମାନଙ୍କର ଆଗ୍ରହ ରହିଛି ଯେ, ବେଦ ହିଁ ପ୍ରମାଣ ଅଟେ । ବେଦର ଅର୍ଥ ହେଉଛି ଜ୍ଞାନ, ପରମାତ୍ମାଙ୍କ ଜାନକାରୀ । ପରମାତ୍ମା ନା ସଂସ୍କୃତ ଭାଷାରେ ନା ସଂହିତା ମଧ୍ୟରେ ରହିଛନ୍ତି । ପୁସ୍ତକ ତ ତାହାଙ୍କ ସଙ୍କେତ ମାତ୍ର ବସ୍ତୁତଃ ସେ ହୃଦୟରେ ହିଁ ଜାଗ୍ରତ ହୋଇଥାନ୍ତି ।

ବିଶ୍ୱାମିତ୍ର ଚିନ୍ତନ କରୁଥିଲେ । ତାଙ୍କର ଭକ୍ତି ଦେଖି ବ୍ରହ୍ମାଜୀ ଆସି କହିଲେ – 'ହେ ବିଶ୍ୱାମିତ୍ର ! ଆଜିଠାରୁ ତୁମେ ଋଷି ହେଲ ।' କିନ୍ତୁ ବିଶ୍ୱାମିତ୍ର ଏତିକିରେ ସନ୍ତୋଷ ନହୋଇ ପୁନଃ ଚିନ୍ତନରେ ଲାଗିଗଲେ । କିଛି କାଳପରେ ଦେବତାମାନଙ୍କ ସହିତ ବ୍ରହ୍ମାଜୀ ପୁନଃ ଆସି କହିଲେ– ହେ ବିଶ୍ୱାମିତ୍ର ! ଆଜିଠାରୁ ତୁମେ ରାଜର୍ଷି ହେଲ । କିନ୍ତୁ ଏତିକିରେ ମଧ୍ୟ ବିଶ୍ୱାମିତ୍ରଙ୍କର ସମାଧାନ ହେଲା ନାହିଁ । ସେ ଅନବରତ ଚିନ୍ତନରେ ଲାଗି ରହିଲେ । ପୁଣି କିଛି ସମୟ ଅନନ୍ତରେ ବ୍ରହ୍ମାଜୀ ଦୈବୀ ସମ୍ପଦ ସହିତ ପୁନଃ ଆସି କହିଲେ– ହେ ବିଶ୍ୱାମିତ୍ର ଆଜିଠାରୁ ତୁମେ ମହର୍ଷି ହେଲ । ବିଶ୍ୱାମିତ୍ର କହିଲେ – 'ନାହିଁ, ମୋତେ ଜିତେନ୍ଦ୍ରିୟ ବ୍ରହ୍ମର୍ଷି କୁହନ୍ତୁ ।' ବ୍ରହ୍ମାଜୀ କହିଲେ ବର୍ତ୍ତମାନ ତୁମେ ଜିତେନ୍ଦ୍ରୀୟ ହୋଇନାହଁ । ବିଶ୍ୱାମିତ୍ର ପୁନଃ ତପସ୍ୟାରେ ଲାଗିଗଲେ । ତାଙ୍କର ମସ୍ତିଷ୍କରୁ ତପସ୍ୟାର ଧୂଆଁ ବାହାରିବାରେ ଲାଗିଲା । ତେବେ ଦେବତାମାନେ ବ୍ରହ୍ମାଙ୍କୁ ନିବେଦନ କରିବାରୁ ବ୍ରହ୍ମା ସେହି ପ୍ରକାରେ ବିଶ୍ୱାମିତ୍ରଙ୍କୁ କହିଲେ ଯେ, ହେ ବିଶ୍ୱାମିତ୍ର ! ତୁମେ ଆଜିଠାରୁ ବ୍ରହ୍ମର୍ଷି ହୋଇଗଲ । ବିଶ୍ୱାମିତ୍ର କହିଲେ– ଯଦି ମୁଁ ବ୍ରହ୍ମର୍ଷି, ତେବେ ବେଦ ମୋତେ ବରଣ କରୁ । ବେଦ ବିଶ୍ୱାମିତ୍ରଙ୍କ ହୃଦୟରେ ପ୍ରକଟ ହେଲେ । ତାଙ୍କୁ ଯେଉଁ ତତ୍ତ୍ୱ ବିଦିତ

ନଥିଲା, ତାହା ବିଦିତ ହୋଇଗଲା । ଏହା ହିଁ ବେଦ ଅଟେ । ନା, କି କୌଣସି ପୋଥି । ଯେଉଁଠାରେ ବିଶ୍ୱାମିତ୍ର ରହୁଥିଲେ, ସେଠାରେ ବେଦ ରହୁଥିଲେ । ଅର୍ଥାତ୍ ବେଦ ବିଶ୍ୱାମିତ୍ରଙ୍କ ହୃଦୟରେ ରହୁଥିଲେ ।

ଏହିପରି ଶ୍ରୀକୃଷ୍ଣ ମଧ୍ୟ କହନ୍ତି, ''ସଂସାର ଅବିନାଶୀ ଅଶ୍ୱତଥ୍ ବୃକ୍ଷ ଅଟେ । ଊର୍ଦ୍ଧ୍ୱକୁ ପରମାତ୍ମା ଯାହାର ମୂଳ ଏବଂ ନିମ୍ନରେ ପ୍ରକୃତି ପର୍ଯ୍ୟନ୍ତ ଯାହାର ଶାଖାସବୁ ବିସ୍ତୃତ ହୋଇ ରହିଛି । ଯିଏ ଏହି ପ୍ରକୃତିକୁ ଅନ୍ତକରି ପରମାତ୍ମାଙ୍କୁ ବିଦିତ କରିଦିଏ, ସେ ବେଦବିତ୍ ଅଟନ୍ତି । ହେ ଅର୍ଜୁନ ! ମୁଁ ମଧ୍ୟ ବେଦବିତ୍ ।'' ଅତଃ ପ୍ରକୃତିର ପ୍ରସାର ଏବଂ ଅନ୍ତ ସହିତ ପରମାତ୍ମାଙ୍କ ଅନୁଭୂତିର ନାମ ହିଁ ବେଦ । ଏହି ଅନୁଭୂତି ଈଶ୍ୱର ପ୍ରଦତ୍ତ ଅଟେ । ତେଣୁ ବେଦକୁ ଅପୌରୁଷେୟ କୁହାଯାଏ । ମହାପୁରୁଷ ଅପୌରୁଷୟ ଅଟନ୍ତି । ତାଙ୍କ ମାଧ୍ୟମରେ ପରମାତ୍ମା ହିଁ କହନ୍ତି । ସେ ପରମାତ୍ମାଙ୍କ ସନ୍ଦେଶ-ପ୍ରସାରକ(ଟ୍ରାନ୍ସମିଟର) ହୋଇଥାନ୍ତି । କେବଳ ଶବ୍ଦ ଜ୍ଞାନର ଆଧାରରେ ତାଙ୍କ ବାଣୀର ନିହିତ ଯଥାର୍ଥକୁ ଜାଣିହୁଏ ନାହିଁ । ତାଙ୍କୁ ସେ ହିଁ ଜାଣିପାରିଥାଏ, ଯେ କ୍ରିୟାତ୍ମକ ପଥରେ ଚାଲି ସେହି ଅପୌରୁଷେୟ(Non-Person) ସ୍ଥିତିକୁ ପ୍ରାପ୍ତ କରିଥାଏ । ଯାହାଙ୍କ ପୁରୁଷ(ଅହଂ) ପରମାତ୍ମାରେ ବିଲିନ ହୋଇଯାଇଛି ।

ବସ୍ତୁତଃ ବେଦ ଅପୌରୁଷେୟ ଅଟେ । କିନ୍ତୁ ତାହା କହିବା ବ୍ୟକ୍ତି ଶହେ-ଦେଢଶହ ମହାପୁରୁଷ ହିଁ ଥିଲେ । ତାହାଙ୍କ ବାଣୀର ସଂକଳନ କୁ ହିଁ ବେଦ କୁହାଯାଉଛି । କିନ୍ତୁ ଯେତେବେଳେ ଶାସ୍ତ୍ର ଲିପିବଦ୍ଧ ହୋଇଯାଏ, ତେବେ ସାମାଜିକ ବ୍ୟବସ୍ଥାର ନିୟମ ମଧ୍ୟ ତାହାସହିତ ଲିପିବଦ୍ଧ କରି ଦିଆଯାଉଛି । ମହାପୁରୁଷଙ୍କ ନାମରେ ଜନତା ତାଙ୍କୁ ହିଁ ପାଳନ କରିବାରେ ଲାଗି ରହନ୍ତି । ଯଦ୍ୟପି ଧର୍ମ ଉପରେ ତାଙ୍କର ଦୂରରୁ ମଧ୍ୟ ସମ୍ବନ୍ଧ ନଥାଏ । ଆଧୁନିକ ଯୁଗରେ ମନ୍ତ୍ରୀମାନଙ୍କ ପଛରେ ବୁଲି ସାଧାରଣ ନେତାମାନେ ମଧ୍ୟ ଅଧିକାରୀ ମାନଙ୍କ ଠାରୁ ନିଜର ସ୍ୱାର୍ଥ, କର୍ମକୁ ହାସଲ କରିନିଅନ୍ତି । ଯଦ୍ୟପି ମନ୍ତ୍ରୀ ଏପରି ସାଧାରଣ ନେତାମାନଙ୍କୁ ଆଦୌ ଜାଣି ନଥାନ୍ତି । ଏହିପରି ସାମାଜିକ ବ୍ୟବସ୍ଥାପକ ମହାପୁରୁଷଙ୍କ ନାମରେ ବଞ୍ଚି ରହିବାର ଜୀବିକା ମଧ୍ୟ ଗ୍ରନ୍ଥରେ ଲିପିବଦ୍ଧ କରିଦିଅନ୍ତି । ତାଙ୍କର ସାମାଜିକ ଉପଯୋଗ ତତ୍ ସାମୟିକ ହିଁ ହୋଇଥାଏ । ବେଦ ସମ୍ବନ୍ଧରେ ମଧ୍ୟ ଏହିପରି ରହିଛି । ତାହାର ଚୀରନ୍ତନ ସତ୍ୟ ଉପନିଷଦରେ ସଂଗୃହୀତ ହୋଇଛି । ସେହି ଉପନିଷଦର ସାରାଂଶ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ବାଣୀ 'ଗୀତା' ଅଟେ । ସାରାଂଶତଃ ଗୀତା ଅପୌରୁଷେୟ ବେଦ-ରସାର୍ଣ୍ଣବରୁ ସମୁଦ୍ଭୂତ ଉପନିଷଦ-ସୁଧାର ସାରସ୍ୱର୍ବସ୍ୱ ଅଟେ ।

ଏହିପରି ପ୍ରତ୍ୟେକ ମହାପୁରୁଷ ଯିଏ ପରମ ତତ୍ତ୍ୱକୁ ପ୍ରାପ୍ତ କରିଥାନ୍ତି,

ସେ ସ୍ୱୟଂ ହିଁ ଧର୍ମଗ୍ରନ୍ଥ ଅଟନ୍ତି । ତାଙ୍କ ବାଣୀର ସଂକଳନ ବିଶ୍ୱରେ କେଉଁଠାରେ ହେଉ ନା କାହିଁକି ଶାସ୍ତ୍ର କୁହାଯାଉଛି । କିନ୍ତୁ କତିପୟ ଧର୍ମାବଲମ୍ବୀ ମାନଙ୍କର କଥନ ଏହିପରି– 'ଯେତିକି କୋରାନ୍‌ରେ ଲିପିବଦ୍ଧ ରହିଛି, ସେତିକି ହିଁ ସଠିକ୍ । ବର୍ତ୍ତମାନ କୋରାନ୍ ମସ୍ତିଷ୍କରୁ ହଟିବ ନାହିଁ ।' ସେହିପରି ଅନ୍ୟମାନେ କହନ୍ତି, 'ଯିଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ ନକଲେ ସ୍ୱର୍ଗ ମିଳିବ ନାହିଁ, ସେ ହିଁ ଈଶ୍ୱରଙ୍କ ଏକମାତ୍ର ପୁତ୍ର ଥିଲେ ।' ବର୍ତ୍ତମାନ ଏହିପରି ମହାପୁରୁଷ ଜନ୍ମିବେ ନାହିଁ – ଏହା ସେମାନଙ୍କର ରୂଢିବାଦ ଅଟେ । ଯଦି ସେହି ତତ୍ତ୍ୱର ସାକ୍ଷାତ କରିନିଆଯାଏ, ତେବେ ସେହି କଥା ହିଁ ପୁଣି ଚାଲିବ ।

ଗୀତା ସାର୍ବଭୌମ ଅଟେ । ଧର୍ମ ନାମରେ ପ୍ରଚଳିତ ବିଶ୍ୱର ସମସ୍ତ ଧର୍ମଗ୍ରନ୍ଥମାନଙ୍କରେ ଗୀତାର ସ୍ଥାନ ଅଦ୍ୱିତୀୟ ଅଟେ । ଏହା ସ୍ୱୟଂ ଧର୍ମଶାସ୍ତ୍ର ହିଁ ନାହିଁ ବରଂ ଅନ୍ୟ ଗ୍ରନ୍ଥରେ ନିହିତ ସତ୍ୟର ମାନଦଣ୍ଡ ମଧ୍ୟ । ଗୀତା ସେହିପରି ଏକ ମାପଦଣ୍ଡ, ଯେଉଁଥିରେ ପ୍ରତ୍ୟେକ ଧର୍ମଗ୍ରନ୍ଥର ଅନସ୍ୟୁତ ସତ୍ୟ ଅନାବୃତ୍ତ ହୋଇ ଉଠୁଛି । ପରସ୍ପର ବିରୋଧି କଥନର ସମାଧାନ ପ୍ରସ୍ଫୁଟିତ ହୋଇଥାଏ । ସଂସାରର ପ୍ରତ୍ୟେକ ଧର୍ମ ଗ୍ରନ୍ଥରେ ବଞ୍ଚି ରହିବାର ବିଦ୍ୟା ତଥା କର୍ମକାଣ୍ଡର ବାହୁଲ୍ୟ ରହିଛି । ଜୀବନକୁ ଆକର୍ଷକ କରିବା ନିମନ୍ତେ ସେମାନଙ୍କୁ କରିବା, ନକରିବାରେ ରୋଚକ ଏବଂ ଭୟାନକ ବର୍ଣ୍ଣନରେ ଧର୍ମଗ୍ରନ୍ତ ଭରି ରହିଛି । କର୍ମକାଣ୍ଡର ଏହି ପରମ୍ପରାକୁ ଜନତା ଧର୍ମ ବୋଲି ମାନିବାରେ ଲାଗି ରହିଛନ୍ତି । ଜୀବନ ନିର୍ବାହର କଳା ନିମନ୍ତେ ନିର୍ମିତ ପୂଜା ପଦ୍ଧତିରେ ଦେଶ କାଳ ଓ ପରିସ୍ଥିତି ଅନୁସାରେ ପରିବର୍ତ୍ତନ ସ୍ୱଭାବିକ ଅଟେ । ସମାଜରେ ଧର୍ମ ନାମରେ କଳହର ଏହା ହିଁ ଏକମାତ୍ର କାରଣ । ଗୀତା ଏହି କ୍ଷଣିକ ବ୍ୟବସ୍ଥାଠାରୁ ଉପରକୁ ଉଠି ଆତ୍ମିକ ପୂର୍ଣ୍ଣତାର ପ୍ରତିଷ୍ଠିତ କରିବା ନିମନ୍ତେ କ୍ରିୟାତ୍ମକ ଅନଶୀଳନ ଅଟେ । ଯାହାର ଗୋଟିଏ ମଧ୍ୟ ଶ୍ଲୋକ ଭୌତିକ ଜୀବନ ଯାପନ ନିମନ୍ତେ ଉଦ୍ଦିଷ୍ଟ ନୁହଁ । ଏହାର ପ୍ରତ୍ୟେକ ଶ୍ଲୋକ ଆପଣଙ୍କୁ ଆନ୍ତରିକ ଯୁଦ୍ଧ – ଆରାଧନାର ଆଶା ରଖିଥାଏ । ତଥାକଥିତ ଧର୍ମଗ୍ରନ୍ଥ ପରି ଏହା ଆପଣଙ୍କୁ ସ୍ୱର୍ଗ କିମ୍ବା ନରକର ଦ୍ୱନ୍ଦ୍ୱରେ ପକାଇ ଛାଡ଼ି ଦିଏ ନାହିଁ । ବରଂ ସେହି ଅମରତ୍ୱର ଉପଲବ୍ଧି କରାଇଥାଏ, ଯାହାର ପଶ୍ଚାତ୍ ଜନ୍ମ– ମୃତ୍ୟୁର ବନ୍ଧନ ରହେ ନାହିଁ ।

ପ୍ରତ୍ୟେକ ମହାପୁରୁଷଙ୍କ ନିଜର ଶୈଳୀ ଏବଂ କିଛି ନା କିଛି ବିଶିଷ୍ଟ ଶବ୍ଦ ରହିଛି । ଯୋଗେଶ୍ୱର ଶ୍ରୀକୃଷ୍ଣ ମଧ୍ୟ ଗୀତାରେ 'କର୍ମ', 'ଯଜ୍ଞ', 'ବର୍ଣ୍ଣ', 'ବର୍ଣ୍ଣସଙ୍କର', 'ଯୁଦ୍ଧ', 'କ୍ଷେତ୍ର', 'ଜ୍ଞାନ' ଇତ୍ୟାଦି ଶବ୍ଦମାନଙ୍କ ଉପରେ ବାରମ୍ବାର ଜୋର୍ ଦେଇଛନ୍ତି । ଏହି ଶବ୍ଦ ଗୁଡ଼ିକର ନିଜର ଆଶୟ ତଥା ପୁନରାବୃତ୍ତିରେ ମଧ୍ୟ ଏହାର ନିଜର ସୌନ୍ଦର୍ଯ୍ୟ ରହିଛି । ଓଡ଼ିଆ ରୂପାନ୍ତରଣରେ ଏହି ଶବ୍ଦ ଗୁଡ଼ିକୁ ସେହି ଆଧାରରେ ନିଆଯାଇଛି ।

ତଥା ଆବଶ୍ୟକ ସ୍ଥଳରେ ବ୍ୟାଖ୍ୟା ମଧ୍ୟ କରାଯାଇଛି । ଗୀତାର ଆକର୍ଷଣ ନିମ୍ନଲିଖିତ ପ୍ରଶ୍ନ ଅଟେ, ଯାହାର ଆଧାରଭୂତ ଆଧୁନିକ ସମାଜ ଭୁଲି ଯାଇଛନ୍ତି । ସେଗୁଡ଼ିକ ଏହି ପ୍ରକାରର ଅଟେ, ଯାହାକୁ ଯଥାର୍ଥ ଗୀତାରେ ଆପଣ ପାଇବେ ।

୧)**ଶ୍ରୀକୃଷ୍ଣ** – ଜଣେ ଯୋଗେଶ୍ୱର ଥିଲେ ।

୨)**ସତ୍ୟ** – ଆତ୍ମା ହିଁ ସତ୍ୟ ଅଟେ ।

୩)**ସନାତନ** – ଆତ୍ମା ଏବଂ ପରମାତ୍ମା ସନାତନ ।

୪)**ସନାତନ ଧର୍ମ** – ପରମାତ୍ମାଙ୍କ ସହିତ ଯୋଗ କରାଉଥିବା କ୍ରିୟା ।

୫)**ଯୁଦ୍ଧ** – ଦୈବୀ ଏବଂ ଆସୁରୀ ସମ୍ପଦ ମଧ୍ୟରେ ସଂଘର୍ଷ ହିଁ ଯୁଦ୍ଧ, ଏହା ଅନ୍ତଃକରଣର ଦୁଇଟି ପ୍ରବୃତ୍ତି ।ଏହି ଉଭୟଙ୍କ ବିନାଶ ହିଁ ପରିଣାମ ଅଟେ ।

୬)**ଯୁଦ୍ଧସ୍ଥଳ** – ଏହି ମାନବ ଶରୀର ତଥା ମନ ସହିତ ଇନ୍ଦ୍ରିୟସମୂହ ଯୁଦ୍ଧସ୍ଥଳ ଅଟେ ।

୭)**ଜ୍ଞାନ** – ପରମାତ୍ମାଙ୍କ ପ୍ରତ୍ୟକ୍ଷ ଅନୁଭୂତି ହିଁ ଜ୍ଞାନ ।

୮)**ଯୋଗ** – ସଂସାରର ସଂଯୋଗ ବିୟୋଗରୁ ରହିତ, ଅବ୍ୟକ୍ତ ବ୍ରହ୍ମ ସହିତ ମିଳନର ନାମ ଯୋଗ ।

୯)**ଜ୍ଞାନ ଯୋଗ** – ଆରାଧନା ହିଁ କର୍ମ । ନିଜ ଉପରେ ନିର୍ଭର ରହି କର୍ମରେ ପ୍ରବୃତ୍ତ ହେବା ହିଁ ଜ୍ଞାନ ଯୋଗ ।

୧୦)**ନିଷ୍କାମ କର୍ମଯୋଗ** – ଇଷ୍ଟଙ୍କ ଉପରେ ନିର୍ଭର ରହି ସମର୍ପଣ ସହିତ କର୍ମରେ ପ୍ରବୃତ୍ତ ହେବା ହିଁ ନିଷ୍କାମ କର୍ମ ଯୋଗ ।

୧୧)**ଶ୍ରୀକୃଷ୍ଣ କେଉଁ ସତ୍ୟକୁ କହିଲେ ?** – ଶ୍ରୀକୃଷ୍ଣ ସେହି ସତ୍ୟକୁ କହିଲେ, ଯାହାକୁ ତତ୍ତ୍ୱଦର୍ଶୀମାନେ ପୂର୍ବରୁ ଦେଖିଥିଲେ ଏବଂ ଭବିଷ୍ୟତରେ ମଧ୍ୟ ଦେଖିବେ ।

୧୨) **ଯଜ୍ଞ** – ସାଧନାର ବିଧି ବିଶେଷର ନାମ ହିଁ ଯଜ୍ଞ ।

୧୩)**କର୍ମ** – ଯଜ୍ଞକୁ କାର୍ଯ୍ୟରୂପ ଦେବା ହିଁ କର୍ମ ।

୧୪)**ବର୍ଣ୍ଣ** – ଆରାଧନାର ଏକ ହିଁ ବିଧି, ଯାହାର ନାମ କର୍ମ । ଯାହାକୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ତାହହିଁ ଚାରୋଟି ବର୍ଣ୍ଣ ଅଟେ । ଏହା ଜଣେ ସାଧକର ହିଁ ଉଚ୍ଚନୀଚ ସ୍ତର ମାତ୍ର, ନା କୌଣସି ଜାତି ଅର୍ଥାତ୍ ବର୍ଣ୍ଣ କୌଣସି ଜାତି ନୁହଁ ।

୧୫) **ବର୍ଣ୍ଣ ସଙ୍କର** – ପରମାତ୍ମା ପଥରୁ ବିଚ୍ୟୁତ ହେବା, ସାଧନ ପଥରେ ଭ୍ରମ ଉତ୍ପନ୍ନ ହେବା ହିଁ ବର୍ଣ୍ଣ ସଙ୍କର ।

୧୬)**ମନୁଷ୍ୟଙ୍କ ଶ୍ରେଣୀ** – ଅନ୍ତଃକରଣ ସ୍ୱଭାବାନୁସାରେ ମନୁଷ୍ୟ ଦୁଇ ପ୍ରକାରର ରହିଥାଏ । ପ୍ରଥମଟି ଦେବତା ପରି ଏବଂ ଦ୍ୱିତୀୟଟି ଅସୁର ପରି । ଏହାହିଁ ମନୁଷ୍ୟମାନଙ୍କ

ମଧ୍ୟରେ ଦୁଇଟି ଜାତି । ଯାହା ସ୍ୱଭାବରୁ ହିଁ ନିର୍ଦ୍ଧାରିତ ଏବଂ ସେହି ସ୍ୱଭାବ ହ୍ରାସ ବୃଦ୍ଧି ହୋଇଥାଏ ।

୧୭)**ଦେବତା** – ହୃଦୟ ଦେଶରେ ପରମଦେବଙ୍କ ଦେବତ୍ୱ ଅର୍ଜନ କରୁଥିବା ଗୁଣର ସମୂହ ହିଁ ଦେବତା । ବାହ୍ୟ ଦେବୀ ଦେବତାଙ୍କ ପୂଜା ମୂଢ ବୁଦ୍ଧିମାନଙ୍କ  ଦେନ୍ ମାତ୍ର ।

୧୮)**ଅବତାର** – ବ୍ୟକ୍ତିଙ୍କ ହୃଦୟରେ ହୁଏ, ବାହାରେ ନାହିଁ ।

୧୯)ବିରାଟ ରୂପ ଦର୍ଶନ – ଯୋଗୀଙ୍କ ହୃଦୟରେ ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ଅନୁଭୂତି ହିଁ ବିରାଟ ଦର୍ଶନ । ଭଗବାନ ସାଧକ ମଧ୍ୟରେ ଦୃଷ୍ଟି ହୋଇ ଠିଆ ହେଲେହିଁ ସାଧକଙ୍କୁ ବିରାଟ ରୂପର ଦର୍ଶନ ହେବ ।

୨୦)**ପୂଜନୀୟ ଦେବ ଇଷ୍ଟ** – ଏକମାତ୍ର ପରାତ୍ପର ବ୍ରହ୍ମ ହିଁ ପୂଜନୀୟ ଦେବ । ତାଙ୍କୁ ଅନ୍ୱେଷଣ କରିବାର ସ୍ଥାନ ଏକମାତ୍ର ହୃଦୟ । ତାଙ୍କୁ ପ୍ରାପ୍ତ କରିବା ସ୍ରୋତ, ସେହି ଅବ୍ୟକ୍ତ ସ୍ୱରୂପରେ ସ୍ଥିତ ପ୍ରାପ୍ତି ହୋଇଥିବା ମହାପୁରୁଷଙ୍କ ଦ୍ୱାରା ହୋଇଥାଏ ।

ବର୍ତ୍ତମାନ ଏଥି ମଧ୍ୟରୁ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ସ୍ୱରୂପକୁ ଜାଣିବା ନିମନ୍ତେ ତୃତୀୟଅଧ୍ୟାୟ ପର୍ଯ୍ୟନ୍ତ ଆପଣଙ୍କୁ ପଢିବାକୁ ଏବଂ ୧୩ଅଧ୍ୟାୟ ପର୍ଯ୍ୟନ୍ତ ଆପଣଙ୍କୁ ସ୍ପଷ୍ଟ ହେବ ଯେ, ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ । ୨ୟ ଅଧ୍ୟାୟରୁ ହିଁ ସତ୍ୟ ଉଦ୍‌ଘାଟିତ ହୋଇଯିବ । ସନାତନ ଏବଂ ସତ୍ୟ ପରସ୍ପର ପର୍ଯ୍ୟାୟବାଚୀ ଶବ୍ଦ ଅଟେ । ଏହା ୨ୟ ଅଧ୍ୟାରୁ ହିଁ ସ୍ପଷ୍ଟ ହୋଇଯିବ କିନ୍ତୁ ସାଧାରଣତଃ ଏହା ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଚାଲିବ । ୪ର୍ଥ ଅଧ୍ୟାୟ ପର୍ଯ୍ୟନ୍ତ ଯୁଦ୍ଧର ବିବରଣୀ ସ୍ପଷ୍ଟ ହୋଇଯିବ । ୧୧ଅଧ୍ୟାୟପର୍ଯ୍ୟନ୍ତ ସଂଶୟନିର୍ମୁଳ ହୋଇଯିବ । ଏପରି ଏହାକୁ ୧୧ଅଧ୍ୟାୟ ପର୍ଯ୍ୟନ୍ତ ଦେଖିବାକୁ ପଡ଼ିବ । ଯୁଦ୍ଧସ୍ଥଳ ନିମନ୍ତେ ୧୩ଅଧ୍ୟାୟକୁ ବାରମ୍ବାର ପଢନ୍ତୁ ।

ଜ୍ଞାନ, ୪ର୍ଥ ଅଧ୍ୟାୟରୁ ହିଁ ସ୍ପଷ୍ଟ ହେବ କିନ୍ତୁ ୧୩ଅଧ୍ୟାୟରେ ହିଁ ସ୍ପଷ୍ଟ ରୂପରେ ବିଦିତ ହେବ ଯେ, ପ୍ରତ୍ୟକ୍ଷ ଦର୍ଶନର ନାମ ହିଁ ଜ୍ଞାନ ଅଟେ । ଯୋଗ, ୬ଷ୍ଠ ଅଧ୍ୟାୟ ଭିତରେ ଆପଣ ବୁଝି ପାରିବେ । କିନ୍ତୁ ଏପରି ଏହା ପୂର୍ତ୍ତି ପର୍ଯ୍ୟନ୍ତ ଯୋଗର ବିଭିନ୍ନ ଅଂଶର ପରିଭାଷା । ଜ୍ଞାନଯୋଗ ବିଷୟରେ ତୃତୀୟ ଅଧ୍ୟାୟରୁ ଷଷ୍ଠ ଅଧ୍ୟାୟମଧ୍ୟରେ ସ୍ପଷ୍ଟ ହୋଇଯିବ । ଆଗକୁ ବଢି ଦେଖିବା କୌଣି ବିଶେଷ ଆବଶ୍ୟକ ନାହିଁ । ନିଷ୍କାମ କର୍ମଯୋଗ ବିଷୟରେ ୨ୟ ଅଧ୍ୟାୟରୁ ଆରମ୍ଭ କରି ପୂର୍ତ୍ତି ପର୍ଯ୍ୟନ୍ତ ରହିଛି । ଯଜ୍ଞ ବିଷୟରେ ତୃତୀୟ ଅଧ୍ୟାୟରୁ ୪ର୍ଥ ଅଧ୍ୟାୟପର୍ଯ୍ୟନ୍ତ ପଢିବା ଦ୍ୱାରା ସ୍ପଷ୍ଟ ହୋଇଯିବ ।

କର୍ମର ନାମ ଅଧ୍ୟାୟ ୨/୩୯ ଶ୍ଲୋକରେ ପ୍ରଥମଥର ଦିଆଯାଇଛି । ଏହି ଶ୍ଲୋକଠାରୁ ଚତୁର୍ଥ ଅଧ୍ୟାୟ ପର୍ଯ୍ୟନ୍ତ ପଢିନେଲେ ସ୍ପଷ୍ଟ ହୋଇଯିବ ଯେ, କର୍ମର ଅର୍ଥ ଆରାଧନା ଅର୍ଥାତ୍ ଭଜନ କାହିଁକି ? ଅଧ୍ୟାୟ ୧୬/୧୭ ଏହା ବିଚାର ସ୍ଥିର କରି ଦିଏ

ଯେ, ଏହାହିଁ ସତ୍ୟ । ବର୍ଣ୍ଣ ସଙ୍କର ତୃତୀୟ ଅଧ୍ୟାୟରେ ଏବଂ ଅବତାର ଚତୁର୍ଥ ଅଧ୍ୟାୟରେ ସ୍ପଷ୍ଟ ହୋଇଯିବ । ବର୍ଣ୍ଣ ବ୍ୟବସ୍ଥା ନିମନ୍ତେ ଅଷ୍ଟାଦଶ ଅଧ୍ୟାୟ ଦେଖିବାକୁ ପଡ଼ିବ । ଏପରି ତ ଏହା ସଙ୍କେତ ଅଧ୍ୟାୟ ୩,୪ରେ ମଧ୍ୟ ରହିଛି । ମନୁଷ୍ୟଙ୍କ ଦେବାସୁର ଜାତିମାନଙ୍କ ନିମନ୍ତେ ୧୬ଅଧ୍ୟାୟ ଦ୍ରଷ୍ଟବ୍ୟ । ବିରାଟ ଦର୍ଶନ ୧୦ ଅଧ୍ୟାୟରୁ ୧୧ଅଧ୍ୟାୟ ମଧ୍ୟରେ ସ୍ପଷ୍ଟ ହୋଇଯିବି । ଅଧ୍ୟାୟ୭,୯,୧୫ରେ ମଧ୍ୟ ଏହା ଉପରେ ପ୍ରକାଶିତ କରାଯାଇଛି । ଅର୍ଥାତ୍ ଦର୍ଶାଇଛନ୍ତି । ଅଧ୍ୟାୟ ୭,୯,୧୭ରେ ବାହ୍ୟ ଦେବତାମାନଙ୍କର ଅସ୍ତିତ୍ୱ ହୀନତା ସ୍ପଷ୍ଟ ହୋଇଯାଇଛି । ପରମାତ୍ମାଙ୍କ ପୂଜନର ସ୍ଥାନ ହୃଦୟଦେଶ ହିଁ ଅଟେ । ଯେଉଁଥିରେ ଧ୍ୟାନ, ଶ୍ୱାସ ପ୍ରଶ୍ୱାସର ଚିନ୍ତନ ଇତ୍ୟାଦି କ୍ରିୟାଗୁଡ଼ିକୁ ଏକାନ୍ତରେ ବସି କରାଯାଇଥାଏ(ମନ୍ଦିର ମୂର୍ତ୍ତି ସମ୍ମୁଖରେ ନାହିଁ ) । ଏହା ଅଧ୍ୟାୟ ୩,୪,୬,୧୮ରେ ସ୍ପଷ୍ଟ ରହିଛି । ବହୁତ ଚିନ୍ତା ଅଥବା ବିଚାର କରିବାର କ'ଣ ପ୍ରୟୋଜନ । ଯଦି ଅଧ୍ୟାୟ ଛଅ ପର୍ଯ୍ୟନ୍ତ ହିଁ ଅଧ୍ୟୟନ କରାଯିବ ତେବେ ଯଥାର୍ଥ ଗୀତାର ମୂଳ ଆଶୟ ଆପଣ ବୁଝି ପାରିବେ ।

ଗୀତା ଜୀବିକା ସଂଗ୍ରାମର ସାଧନ ନୁହଁ । ଅପିତୁ ଜୀବନ ସଂଗ୍ରାମରେ ଶାଶ୍ୱତ ବିଜୟର କ୍ରିୟାତ୍ମକ ପ୍ରଶିକ୍ଷଣ ଅଟେ । ତେଣୁ ଗୀତା ଯୁଦ୍ଧ ଗ୍ରନ୍ଥ ଅଟେ । ଯିଏ କି ବାସ୍ତବିକ ବିଜୟ ପ୍ରଦାନ କରିଥାଏ । କିନ୍ତୁ ଗୀତୋକ୍ତ ଯୁଦ୍ଧ ଖଣ୍ଡା, ଧନୁଷ, ବାଣ, ଗଦା ଏବଂ ଫରସା ଦ୍ୱାରା ଲଢେଇ ହେଉଥିବା ସାଂସାରିକ ଯୁଦ୍ଧ ନୁହେଁ ଏବଂ ନା ଏଥିରେ ଶାଶ୍ୱତ ବିଜୟ ନିହିତ ରହିଛି । ଏହା ସତ୍ ଅସତ୍ ପ୍ରବୃତ୍ତିର ସଂଘର୍ଷ ଅଟେ । ଯାହାର ରୂପାନ୍ତର ବର୍ଣ୍ଣନର ପରମ୍ପରା ରହିଛି । ବେଦରେ ଇନ୍ଦ୍ର ଏବଂ ବୃତ୍ର, ବିଦ୍ୟା ଓ ଅବିଦ୍ୟା, ପୁରାଣରେ ଦୈବାସୁର ସଂଗ୍ରାମ, ମହାକାବ୍ୟରେ ରାମ ଓ ରାବଣ, କୌରବ ଏବଂ ପାଣ୍ଡବଙ୍କ ସଂଘର୍ଷକୁ ହିଁ ଗୀତାରେ ଧର୍ମ କ୍ଷେତ୍ରଓ କୁରୁକ୍ଷେତ୍ର , ଦୈବୀ ସମ୍ପଦ୍ ଏବଂ ଆସୁରୀ ସମ୍ପଦ, ଜାତୀୟ ଓ ବିଜାତୀୟ, ସଦ୍‌ଗୁଣ ଓ ଦୁର୍ଗୁଣର ସଂଘର୍ଷ କୁହାଯାଇଛି ।

ଏହି ସଂଘର୍ଷ ଯେଉଁଠାରେ ହେଉଛି ସେହି ସ୍ଥାନ କେଉଁଠି ? ଗୀତାର ଧର୍ମ କ୍ଷେତ୍ର ଏବଂ କୁରୁ କ୍ଷେତ୍ର ଭାରତର କୌଣସି ଭୂଖଣ୍ଡ ନୁହେଁ । ବରଂ ସ୍ୱୟଂ ଗତାକାରଙ୍କ ଶବ୍ଦରେ **ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧିୟତେ** (ଗୀତା–୧୩/୧ ଶ୍ଲୋକ) ଅର୍ଥାତ୍ ହେ କୌନ୍ତେୟ ! ଏହି ଶରୀର ହିଁ ଏକ କ୍ଷେତ୍ର । ଯେଉଁଥିରେ ବୁଣିଥିବା ଭଲ ଓ ମନ୍ଦରୂପୀ ବୀଜ ହିଁ ସଂସ୍କାର ରୂପରେ ସର୍ବଦା ଅଙ୍କୁରିତ ହେଉଥାଏ । ଦଶ ଇନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ ଓ ଅହଂକାର, ପାଞ୍ଚ ବିକାର ଏବଂ ତିନି ଗୁଣର ବିକାର ଏହି କ୍ଷେତ୍ରର ବିସ୍ତାରିତ ମାତ୍ର । ପ୍ରକୃତିରୁ ଉତ୍ପନ୍ନ ଏହି ତିନିଗୁଣ ଦ୍ୱାରା

ପରବଶ ହୋଇ ମନୁଷ୍ୟକୁ କର୍ମ କରିବାକୁ ପଡ଼ିଥାଏ । ସେ କ୍ଷଣମାତ୍ର କର୍ମ ନକରି ରହିପାରିବ ନାହିଁ । **'ପୁନରପି ଜନନଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନଂ'** ଅର୍ଥାତ୍ ଜନ୍ମ ଜନ୍ମାନ୍ତର ଏପରି କର୍ମକରି ହିଁ ବିତିଗଲାଣି । ଏହା ହିଁ କୁରୁକ୍ଷେତ୍ର । ସଦ୍‌ଗୁରୁଙ୍କ ମାଧ୍ୟମରେ ସାଧାନାର ସଠିକ୍ ମାର୍ଗରେ ଚାଲି ସାଧକ ଯେତେବେଳେ ପରମ ଧର୍ମ ପରମାତ୍ମାଙ୍କ ଆଡ଼କୁ ଅଗ୍ରସର ହୁଏ, ତେବେ ଏହି କ୍ଷେତ୍ର ଧର୍ମ କ୍ଷେତ୍ରରେ ପରିଣତ ହୋଇଯାଏ । ଏହି ଶରୀର ହିଁ କ୍ଷେତ୍ର ଅଟେ ।

ଏହି ଶରୀରର ଅନ୍ତରାଳରେ ଅନ୍ତଃକରଣର ଦୁଇଟି ପ୍ରବୃତ୍ତି ପୁରାତନ ଯଥା– ଦୈବୀ ସମ୍ପଦ ଓ ଆସୁରୀ ସମ୍ପଦ । ଦୈବୀ ସମ୍ପଦରେ– ପୁଣ୍ୟରୂପୀ ପଣ୍ଡୁ ଏବଂ କର୍ତ୍ତବ୍ୟ ରୂପୀ କୁନ୍ତି । ପୁଣ୍ୟ ଜଗ୍ରତ ପୂର୍ବରୁ ମନୁଷ୍ୟ ଯାହା କିଛି କର୍ତ୍ତବ୍ୟ ମନେକରି କରେ, ତାହା ନିଜର ବୁଦ୍ଧି ଅନୁସାରେ କର୍ତ୍ତ୍ୟବ ହିଁ କରିଥାଏ କିନ୍ତୁ ସେଥିରେ ତାର କର୍ତ୍ତବ୍ୟ ହୁଏ ନାହିଁ କାରଣ ବିନାପୁଣ୍ୟରେ କର୍ତ୍ତବ୍ୟକୁ ଜାଣି ପାରିନଥାଏ । କୁନ୍ତିଙ୍କ ପଣ୍ଡୁ ସହିତ ସମ୍ବନ୍ଧ ହେବାପୂର୍ବରୁ ଯାହା କିଛି କର୍ତ୍ତ୍ୟବ ମନେ କରି ଅର୍ଜିତ କରିଥିଲେ, ତାହାହେଉଛି କର୍ଣ୍ଣ । ଯିଏ ଆଜୀବନ କୁନ୍ତି ପୁତ୍ର ପାଣ୍ଡବମାନଙ୍କ ସହିତ ଲଢେଇ କରିଥିଲା । ପାଣ୍ଡବମାନଙ୍କ ଦୁର୍ଦ୍ଧର୍ଷ ଶତ୍ରୁ ଯଦି କେହିଥିଲା, ସେ ହେଉଛି କର୍ଣ୍ଣ । ବିଜାତୀୟ କର୍ମ ହିଁ କର୍ଣ୍ଣ, ଯିଏ ବନ୍ଧନକାରୀ ଅଟେ । ଯାହାଦ୍ୱାରା ପରମ୍ପରାଗତ ରୂଢିବାଦର ଚିତ୍ରଣ ହୁଏ । ସେହିପରି ପରମ୍ପରାଗତ ପୂଜା ପଦ୍ଧତିସବୁ ଆମ୍ଭର ପିଣ୍ଡ ଛାଡୁନାହିଁ । କର୍ତ୍ତବ୍ୟ ରୂପୀ କୁନ୍ତି ପୂଣ୍ୟରୂପୀ ପଣ୍ଡୁଙ୍କ ସହିତ ଯେତେବେଳେ ସଂଯୋଗ ହୁଏ ଅର୍ଥାତ୍ ପୁଣ୍ୟ ଜାଗୃତ ହେବା ପରେ ଧର୍ମରୂପୀ ଯୁଧିଷ୍ଠିର, ଭାବରୂପୀ ଭୀମ, ଅନୁରାଗ ରୂପୀ ଅର୍ଜୁନ, ନିୟମ ରୂପୀ ନକୁଳ, ସତ୍‌ସଙ୍ଗ ରୂପୀ ସହଦେବ, ସାତ୍ତ୍ୱିକତା ରୂପୀ ସାତ୍ୟକି, କାୟାରେ ସାମର୍ଥ୍ୟରୂପୀ କାଶୀରାଜ, କର୍ତ୍ତ୍ୟବ ଦ୍ୱାରା ଭବ (ଜନ୍ମ–ମରଣ) ଉପରେ ବିଜୟ କୁନ୍ତି ଭୋଜ ଇତ୍ୟାଦି ଇଷ୍ଟୋନ୍ମୁଖି ମାନସିକ ପ୍ରବୃତିର ଉତ୍କର୍ଷ ହୋଇଥାଏ । ଯାହାର ଗଣନା ସାତ ଅକ୍ଷୌହିଣୀ ଅଟେ । ଅକ୍ଷ ଦୃଷ୍ଟିକୁ କୁହାଯାଏ । ସତ୍ୟମୟୀ ଦୃଷ୍ଟିକୋଣରେ ଯାହାର ଉତ୍ପତ୍ତି, ତାହା ହେଉଛି ଦୈବୀ ସମ୍ପଦ । ପରଂ ଧର୍ମ ପରମାତ୍ମା ପର୍ଯ୍ୟନ୍ତ ଦୂରର ନିଶ୍ଚିତ କରିବା ନିମନ୍ତେ ଏହା ହେଉଛି ସାତଟି ସିଡ଼ି । ଏହାକୁ ହିଁ ଯୋଗର ସାତ ଭୂମିକା ମଧ୍ୟ କୁହାଯାଏ ନା କି କୌଣସି ଗଣନା ବିଶେଷ । ବସ୍ତୁତଃ ଏହି ପ୍ରବୃତ୍ତ ଅନନ୍ତ ଅଟେ ।

ଅନ୍ୟ ପକ୍ଷରେ ରହିଛି କୁରୁକ୍ଷେତ୍ର । ଯେଉଁଥିରେ ଦଶ ଇନ୍ଦ୍ରିୟ ଏବଂ ଏକ ମନ, ଯାହାକି ଏଗାର ଅକ୍ଷୌହିଣୀ ସେନା ଅଟେ । ମନ ସହିତ ଇନ୍ଦ୍ରିୟମୟୀ ଦୃଷ୍ଟିକୋଣରୁ ଯାହାର ଗଠନ । ତାହା ହେଉଛି ଆସୁରୀ ସମ୍ପଦ । ଯେଉଁଥିରେ ଭାଗ ନେଇଛନ୍ତି ଅଜ୍ଞାନ ରୂପୀ ଧୃତରାଷ୍ଟ୍ର, ଯେ ସତ୍ୟକୁ ଜାଣି ମଧ୍ୟ ଅନ୍ଧ ହୋଇ ରହିଛି । ତାହାଙ୍କ

ସହଚାରିଣୀ ଥିଲା ଗାନ୍ଧାରୀ – ଇନ୍ଦ୍ରିୟମାନଙ୍କ ଆଧାର ରୂପୀ ପ୍ରବୃତ୍ତି । ଏମାନଙ୍କ ସହିତ ମୋହ ରୂପୀ ଦୁର୍ଯ୍ୟୋଧନ, ଦୁର୍ବୁଦ୍ଧି ରୂପୀ ଦୁଃଶାସନ, ବିଜାତୀୟ କର୍ମରୂପୀ କର୍ଣ୍ଣ, ଭ୍ରମ ରୂପୀ ଭୀଷ୍ମ, ଦ୍ୱୈତ ଆଚରଣ ରୂପୀ ଦ୍ରୋଣାଚାର୍ଯ୍ୟ, ଆସକ୍ତି ରୂପୀ ଅଶ୍ୱତ୍ଥାମା, ବିକଳ୍ପ ରୂପୀ ବିକର୍ଣ୍ଣ, ଅଧୁରା ସାଧନାରେ କୃପାର ଆଚରଣ ରୂପୀ କୃପାଚାର୍ଯ୍ୟ ଏବଂ ଏମାନଙ୍କ ମଧ୍ୟରେ ଜୀବ ରୂପୀ ବିଦୁର । ଯେ କି ସର୍ବଦା ଅଜ୍ଞାନରେ ରହି ମଧ୍ୟ ଦୃଷ୍ଟି ସଦୈବ ପାଣ୍ଡବମାନଙ୍କ ଉପରେ ରହିଥାଏ । ଅର୍ଥାତ୍ ପୁଣ୍ୟରୁ ପ୍ରବାହିତ ପ୍ରବୃତ୍ତି ଉପରେ ରହିଥାଏ । କାରଣ ଆତ୍ମା ପରମାତ୍ମାଙ୍କର ବିଶୁଦ୍ଧ ଅଂଶ ଅଟେ । ଏହିପରି ଆସୁରୀ ସମ୍ପଦ ମଧ୍ୟ ଅନନ୍ତ ଅଟେ । କ୍ଷେତ୍ର ଗୋଟିଏ ହିଁ ଅଟେ, ଏହି ଶରୀର । ଏଥିରେ ଲଢୁଥିବା ପ୍ରବୃତ୍ତି ଦୁଇଟି ମାତ୍ର । ପ୍ରଥମଟି ପ୍ରକୃତିରେ ବିଶ୍ୱାସ ଦେଇ ନୀଚ ଅଧମ ଯୋନିର କାରଣ ହୋଇଥାଏ ଏବଂ ଅନ୍ୟଟି ପରମପୁରୁଷ ପରମାତ୍ମାରେ ବିଶ୍ୱାସ ଏବଂ ପ୍ରବେଶ ଦେଇଥାଏ । ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ସଂରକ୍ଷଣରେ କ୍ରମଶଃ ସାଧନା କରି ଚାଲିଲେ ଦୈବୀ ସମ୍ପଦର ଉତ୍କର୍ଷ ଏବଂ ଆସୁରୀ ସମ୍ପଦର ସର୍ବଥା ସମନ ହୋଇଯାଏ । ଯେତେବେଳେ କୌଣସି ବିକାର ହିଁ ରହିବ ନାହିଁ, ମନର ସର୍ବଥା ନିରୋଧ ଏବଂ ନିରୋଧ ମନର ମଧ୍ୟ ବିଲୟ ହୋଇଯାଏ ତେବେ ଦୈବୀ ସମ୍ପଦର ଆବଶ୍ୟକତା ରହେ ନାହିଁ । ଅର୍ଜୁନ ଦେଖିଲେ ଯେ, କୌରବ ପକ୍ଷର ପଶ୍ଚାତ୍ ପାଣ୍ଡବ ପକ୍ଷର ଯୋଦ୍ଧା ମଧ୍ୟ ଯୋଗେଶ୍ୱରଙ୍କ ମୁଖରେ ସମାହିତ ହୋଇଯାଉଛନ୍ତି । ପୂର୍ତ୍ତିକାଳରେ ଦୈବୀ ସମ୍ପଦର ମଧ୍ୟ ବିଲୟ ହୋଇଯାଏ । ଅନ୍ତିମ ଶାଶ୍ୱତ ପରିଣାମ ସ୍ୱଷ୍ଟ ହୁଏ । ଏହାପରେ ମହାପୁରୁଷ ଯଦି କିଛି କରନ୍ତି, ତେବେ କେବଳ ଅନୁଯାୟୀମାନଙ୍କ ମାର୍ଗ ଦର୍ଶନ ନିମନ୍ତେ ହିଁ କରିଥାନ୍ତି ।

ଲୋକ ସଂଗ୍ରହର ଏହି ଭାବନା ଦ୍ୱାରା ମହାପୁରଷ ସୂକ୍ଷ୍ମ ମନୋଭାବର ବର୍ଣ୍ଣନ ସ୍ଥୁଳ ରୂପରେ ବିବେଚନା କଲେ । ଗୀତା ଛନ୍ଦବଦ୍ଧ ଏବଂ ବ୍ୟାକରଣ ସମ୍ମତ ଅଟେ । କିନ୍ତୁ ଏହାର ପାତ୍ର ପ୍ରତୀକାତ୍ମକ ଅଟନ୍ତି । ଅମୂର୍ତ୍ତ ଯୋଗ୍ୟତାର ମୂର୍ତ୍ତ ରୂପ ମାତ୍ର ଅଟନ୍ତି । ଗୀତାର ପ୍ରାରମ୍ଭରୁ ତିରିଶ–ଚାଳିଶ ପାତ୍ରଙ୍କ ନାମ ନିଆଯାଇଛି । ଯେଉଁଥିରେ ଅଧା ସଜାତୀୟ ଏବଂ ଅଧା ବିଜାତୀୟ । କିଛି ପାଣ୍ଡବ ପକ୍ଷର ଏବଂ କିଛି କୌରବ ପକ୍ଷର । ବିଶ୍ୱରୂପ ଦର୍ଶନ ସମୟରେ ଏମାନଙ୍କ ମଧ୍ୟରୁ ଚାରି–ଛଅ ବ୍ୟକ୍ତିଙ୍କ ନାମ ପୁନଃ ପ୍ରକାଶ କରାଯାଇଛି । ଅନ୍ୟଥା ସମ୍ପୂର୍ଣ୍ଣ ଗୀତା ମଧ୍ୟରେ ଏହି ନାମଗୁଡ଼ିକର ଚର୍ଚ୍ଚା ହୋଇନାହିଁ । ଏକମାତ୍ର ଅର୍ଜୁନ ହିଁ ଏପରି ପାତ୍ର ଥିଲେ, ଯିଏକି ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ସମକ୍ଷରେ ରହିଥିଲେ । ଅର୍ଜୁନ କେବଳ ଯୋଗ୍ୟତାର ପ୍ରତୀକ ମାତ୍ର, ନା କି କୌଣସି ବ୍ୟକ୍ତି ବିଶେଷ । ଗୀତାର

ପ୍ରାରମ୍ଭରେ ଅର୍ଜୁନ ସନାତନ କୁଳଧର୍ମ ନିମନ୍ତେ ଆକୁଳ ଥିଲେ କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣ ଏହାକୁ ଅଜ୍ଞାନ ବୋଲି କହିଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ, ଆତ୍ମା ହିଁ ସନାତନ, ଶରୀର ନାଶବାନ୍, ତେଣୁ ତୁମେ ଯୁଦ୍ଧରେ ପ୍ରବୃତ୍ତ ହୁଅ । ଏହି ଆଦେଶରୁ ଏପରି ସ୍ପଷ୍ଟ ହେଉନାହିଁ ଯେ, ଅର୍ଜୁନ କେବଳ କୌରବ ମାନଙ୍କୁ ହିଁ ବଦ୍ଧ କରିବ ଅଥବା ପାଣ୍ଡବମାନଙ୍କୁ ମଧ୍ୟ ବଦ୍ଧ କରିବ । କାରଣ ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ଧାରୀ ହିଁ ତ ଥିଲେ । ଦୁଇ ପକ୍ଷ ମଧ୍ୟରେ ନିଜର ସମ୍ବନ୍ଧି ଲୋକ ହିଁ ତ ଥିଲେ । ସଂସ୍କାର ଜନିତ ଶରୀର ଖଣ୍ଡା, ହତିଆର୍ ଦ୍ୱାରା ଛେଦନ କରିବା ଦ୍ୱାରା କ'ଣ ସମାପ୍ତ ହୋଇଯିବ ? ଯେତେବେଳେ ଶରୀର ନାଶବାନ୍, ଯାହାର ଅସ୍ତିତ୍ୱ ହିଁ ନାହିଁ ତେବେ ଅର୍ଜୁନ କିଏ ଥିଲେ ? ତେବେ ଶ୍ରୀକୃଷ୍ଣ କାହାର ରକ୍ଷା ନିମନ୍ତେ ଠିଆ ହୋଇଥିଲେ ? କ'ଣ କୌଣସି ଶରୀର ଧାରୀଙ୍କ ରକ୍ଷା ନିମନ୍ତେ ଠିଆ ହୋଇଥିଲେ ? ଶ୍ରୀକୃଷ୍ଣ କହିଲେ, ''ଯିଏ ଶରୀର ନିମନ୍ତେ ପରିଶ୍ରମ କରନ୍ତି, ସେହି ପାପୟୁ-ମୂଢ଼ବୁଦ୍ଧି ପୁରୁଷ ବ୍ୟର୍ଥ ହିଁ ଜୀବନ ଧାରଣ କରିଥାଏ ।'' ଯଦି ଶ୍ରୀକୃଷ୍ଣ କୌଣସି ଶରୀର ଧାରୀଙ୍କ ରକ୍ଷା ନିମନ୍ତେ ଠିଆ ହୋଇଛନ୍ତି, ତେବେ ତାଙ୍କୁ ମଧ୍ୟ ମୂଢ଼ ବୁଦ୍ଧି ହିଁ କୁହାଯିବ । ସେ ବ୍ୟର୍ଥ ହିଁ ଜୀବନ ଧାରଣ କରନ୍ତି । ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ।

ଅନୁରାଗୀ ନିମନ୍ତେ ମହାପୁରୁଷ ସଦୈବ ଉପସ୍ଥିତ ରହିଥାନ୍ତି । ଅର୍ଜୁନ ଶିଷ୍ୟ ଥିଲେ ଏବଂ ଶ୍ରୀକୃଷ୍ଣ ଏକ ସଦ୍‌ଗୁରୁ ଥିଲେ । ବିନୟ ଭାବରେ ସେ କହିଥିଲେ ଯେ, ଧର୍ମ ମାର୍ଗରେ ମୋହିତ ଚିତ୍ତରେ ମୁଁ ଆପଣଙ୍କୁ ପଚାରୁଛି, ଯାହା ଶ୍ରେୟ, ପରମ କଲ୍ୟାଣ କାରକ, ସେହି ଉପଦେଶ ମୋ ନିମନ୍ତେ କୁହନ୍ତୁ । ଅର୍ଜୁନ ଶ୍ରେୟ ଚାହୁଁଥିଲେ , ପ୍ରେୟ ଅର୍ଥାତ୍ ଭୌତିକ ପଦାର୍ଥ ଚାହୁଁ ନଥିଲେ । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ - ଭଗବାନ୍ ! କେବଳ କୁହନ୍ତୁ, ଏତିକି ନୁହେଁ, ସାଧନ ମାର୍ଗରେ ପ୍ରବୃତ୍ତ କରାନ୍ତୁ ଏବଂ ମୋତେ ସମ୍ଭାଳନ୍ତୁ । ମୁଁ ଆପଣଙ୍କର ଶିଷ୍ୟ ଅଟେ । ଆପଣଙ୍କ ଶରଣରେ ରହିଛି । ଏହିପରି ଗୀତାର ସ୍ଥାନ ସ୍ଥାନରେ ସ୍ପଷ୍ଟ ରହିଛି ଯେ, ଅର୍ଜୁନ ଆର୍ତ୍ତ ଅଧିକାରୀ ଅଟନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣ ଏକ ସଦ୍‌ଗୁରୁ ଅଟନ୍ତି । ସେହି ସଦ୍‌ଗୁରୁ ଅନୁରାଗୀଙ୍କ ସହିତ ସଦା ସର୍ବଦା ରହି ତାଙ୍କ ମାର୍ଗ ଦର୍ଶନ କରିଥାନ୍ତି ।

ଯେତେବେଳେ ଭାବୁକତା ବଶତଃ କୌଣସି ବ୍ୟକ୍ତି ପୂଜ୍ୟ ମହାରଜଜୀଙ୍କ ନିକଟରେ ରହିବା ନିମନ୍ତେ ଆଗ୍ରହ କରୁଥିଲେ, ତେବେ ସେ କହୁଥିଲେ, ''ଯାଅ, ଶରୀରରେ କେଉଁଠାରେ ବି ରୁହ କିନ୍ତୁ ମନ ମାଧ୍ୟମରେ ମୋ ନିକଟକୁ ନିତ୍ୟ ଆସୁଥାଅ । ପ୍ରାତଃ-ସାୟଂ ରାମ, ଶିବ, ଓଁ କୌଣସି ଗୋଟିଏ ଦୁଇ ଅଢେଇ ଅକ୍ଷରର ନାମକୁ ଜପ କର ଏବଂ ମୋର ସ୍ୱରୂପକୁ ହୃଦୟରେ ଧ୍ୟାନ କରୁଥାଅ, ଯଦି ଗୋଟିଏ ମିନିଟ୍ ମଧ୍ୟ

ସ୍ୱରୂପକୁ ଧ୍ୟାନରେ ଧରିପାରିବ, ତେବେ ଯାହାର ନାମ ଭଜନ, ତାହା ମୁଁ ତୁମ୍ଭଙ୍କୁ ପ୍ରଦାନ କରିବି । ଯଦି ଏଥିରୁ ଅଧିକ ସମୟ ଧ୍ୟାନ ଧରିପାରିବ, ତେବେ ତୁମ୍ଭ ହୃଦୟରେ ରଥୀ ହୋଇ ସଦୈବ ତୁମ୍ଭର ସହିତ ରହିବି ।'' ଯେତେବେଳେ ସୁରତ ଅର୍ଥାତ୍ ମନର ଦୃଷ୍ଟିକୁ ଧାରଣ କରିବା କ୍ଷମତା ଆସିଯାଏ । ତେବେ ମହାପୁରୁଷ ଏତେ ସନ୍ନିକଟରେ ରହନ୍ତି ଯେପରି ନିଜର ହାତ, ଗୋଡ଼, ନାକ, କାନ ଇତ୍ୟାଦି ରହିଥାଏ । ଆପଣ ହଜାର କିଲୋମିଟର ଦୂରରେ ରହନ୍ତୁ ନା କାହିଁକି, ସେ ସଦୈବ ଆପଣଙ୍କର ସନ୍ନିକଟରେ ହିଁ ରହିଥାନ୍ତି । ମନରେ ବିଚାର ଉଠିବା ପୂର୍ବରୁ ହିଁ ସେ ମାର୍ଗ ଦର୍ଶନ କରିବାରେ ଲାଗିଯାଆନ୍ତି, ଅନୁରାଗୀଙ୍କ ହୃଦୟରେ ମହାପୁରୁଷ ନିରନ୍ତର ଆତ୍ମା ଠାରୁ ଅଭିନ୍ନ ରୂପରେ ଜାଗ୍ରତ ରହିଥାନ୍ତି । ଅର୍ଜୁନ ଅନୁରାଗର ପ୍ରତୀକ ମାତ୍ର ।

ଗୀତାର ଏଗାର ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ବିଭୂତି ଅର୍ଥାତ୍ ଐଶ୍ୱର୍ଯ୍ୟକୁ ଦର୍ଶନ କରିବା ପରେ ଅର୍ଜୁନ ନିଜର କ୍ଷୁଦ୍ର ତ୍ରୁଟିମାନଙ୍କ ନିମନ୍ତେ କ୍ଷମା ଯାଚନା କରିଥିଲେ । ଶ୍ରୀକୃଷ୍ଣ ତାଙ୍କୁ କ୍ଷମା କରିବା ପରେ ଯାଚନାର ଅନୁରୂପ ସୌମ୍ୟ ରୂପକୁ ଆସି କହିଲେ, ''ହେ ଅର୍ଜୁନ ! ମୋର ଏହି ସ୍ୱରୂପକୁ ନା ପୂର୍ବରୁ କେହି ଦେଖିଛନ୍ତି ଏବଂ ନା ଭବିଷ୍ୟତରେ କେହି ଦେଖି ପାରିବେ ।'' ତେବେ ଆମ୍ଭମାନଙ୍କ ନିମନ୍ତେ ତ ଗତା ବ୍ୟର୍ଥ ହୋଇଗଲା । କାରଣ ସେହି ଦର୍ଶନର ଯୋଗ୍ୟତା ଅର୍ଜୁନ ନିକଟରେ ହିଁ ସୀମିତ ଥିଲା । ଯଦ୍ୟପି ସେହି ସମୟରେ ସେହି ବିଶ୍ୱରୂପ ଦର୍ଶନକୁ ସଞ୍ଜୟ ମଧ୍ୟ ଦର୍ଶନ କରିଥିଲେ । ଆଗରୁ ଶ୍ରୀକୃଷ୍ଣ କହିଥିଲେ, ''ଅନେକ ଯୋଗୀ ଜ୍ଞାନରୂପୀ ତପ ଦ୍ୱାରା ପବିତ୍ର ହୋଇ ମୋର ସାକ୍ଷାତ୍ ସ୍ୱରୂପକୁ ପ୍ରାପ୍ତ ହୋଇ ଯାଇଛନ୍ତି ।'' ଅନ୍ତତଃ ସେହି ମହାପୁରୁଷ କ'ଣ କହିବାକୁ ଚାହୁଁଛନ୍ତି । ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ, ଯାହା ଆପଣଙ୍କ ହୃଦୟର ଭାବନା ବିଶେଷ ଅଟେ । ଅନୁରାଗ ବିହୀନ ପୁରୁଷ ନା କେବେ ପୂର୍ବରୁ ଦେଖି ପାରିଛନ୍ତି ଏବଂ ନା ଭବିଷ୍ୟତରେ ମଧ୍ୟ ଦେଖି ପାରିବେ ।

**ମିଲ୍ ହିଁ ନ ରଘୁପତି ବିନୁ ଅନୁରାଗା ।**
**କିଏ ଜୋଗ ତପ ଜ୍ଞାନ ବିରାଗା ॥**

ଅତଃ ଅର୍ଜୁନ ଜଣେ ପ୍ରତୀକ ମାତ୍ର । ଯଦି ପ୍ରତୀକ ରୂପରେ ଗ୍ରହଣ ନକରନ୍ତି, ତେବେ ଗୀତାକୁ ଛାଡ଼ି ଦିଅନ୍ତୁ । ଗୀତା ଆପଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ତେବେ ତ ବିଶ୍ୱରୂପ ଦର୍ଶନର ଯୋଗ୍ୟତା ଅର୍ଜୁନ ପର୍ଯ୍ୟନ୍ତ ହିଁ ସୀମିତ ଥିଲା ।

ଅଧ୍ୟାୟର ଶେଷରେ ଯୋଗେଶ୍ୱର ନିର୍ଣ୍ଣୟ ଦେଉଛନ୍ତି, ''ହେ ଅର୍ଜୁନ ! ଅନନ୍ୟ ଭକ୍ତି ଓ ଶ୍ରଦ୍ଧା ଦ୍ୱାରା ମୁଁ ଏହିପରି ପ୍ରତ୍ୟକ୍ଷ ଦର୍ଶନ ନିମନ୍ତେ (ଯେପରି ତୁମେ

ଦେଖିଲ) ତତ୍ତ୍ୱ ସହିତ ସ୍ପଷ୍ଟ ଜାଣିବା ନିମନ୍ତେ ଏବଂ ପ୍ରବେଶ କରିବା ନିମନ୍ତେ ମଧ୍ୟ ସୁଲଭ ଅଟେ । ଅନନ୍ୟ ଭକ୍ତି ଅନୁରାଗର ହିଁ ଅନ୍ୟରୂପ ଏବଂ ଏହା ହିଁ ଅର୍ଜୁନଙ୍କ ସ୍ୱରୂପ । ଅର୍ଜୁନ ପଥିକର ପ୍ରତୀକ । ଏହିପରି ଗୀତାର ପାତ୍ର ପ୍ରତିକାତ୍ମକ ଅଟନ୍ତି । ଯଥା ସ୍ଥାନରେ ତାହାର ସଙ୍କେତ ରହିଛି ।

ଇତିହାସରେ କୌଣସି ଶ୍ରୀକୃଷ୍ଣ ନାମକ ବ୍ୟକ୍ତି ଥାଇ ପାରନ୍ତି ଏବଂ କୌଣସି ବିଶ୍ୱଯୁଦ୍ଧରେ କେବେ ଅର୍ଜୁନ ଭାଗ ନେଇପାରନ୍ତି । କିନ୍ତୁ ଗୀତାରେ ଭୌତିକ ଯୁଦ୍ଧର ଚିତ୍ରଣ କଦାପି ନାହିଁ । ସେହି ଐତିହାସିକ ଯୁଦ୍ଧର ସମ୍ମୁଖରେ ଭୟଭୀତ ଥିଲେ ଅର୍ଜୁନ, ନା କି ତାଙ୍କର ସୈନିକ ଅର୍ଥାତ୍ ସୈନିକ ଭୟଭୀତ ନଥିଲେ । ସୈନିକମାନେ ତ ଲଢିବା ନିମନ୍ତେ ଆଗଭର ଥିଲେ ।

ଗୀତାର ଉପଦେଶ ଦେଇ ଶ୍ରୀକୃଷ୍ଣ କ'ଣ ଅର୍ଜୁନଙ୍କୁ ସୈନ୍ୟ ବାହୀନିର ଯୋଗ୍ୟତା ପ୍ରଦାନ କଲେ ? ବସ୍ତୁତଃ ସାଧନା ଲିଖିତ ଆକାରରେ ଆସିନଥାଏ । ସବୁ କିଛି ପଢି ସାରିବା ପରେ ମଧ୍ୟ ସାଧନାର କ୍ରିୟାତ୍ମକ ପଥ ଅର୍ଥାତ୍ ସାଧନା କରିବାରେ ଶେଷ ରହିଥାଏ । ଏହି ପ୍ରେରଣା ଯଥାର୍ଥ ଗୀତା ।

*ସଦ୍‌ଗୁରୁ କୃପାଶ୍ରୟୀ, ଜଗତବନ୍ଧୁ*
***ସ୍ୱାମୀ ଅଡଗଡାନନ୍ଦ***
ॐ

ଶ୍ରୀଗୁରୁ ପୂର୍ଣ୍ଣିମା
୨୪ ଜୁଲାଇ, ୧୯୮୩

ଓଁ

### ଶ୍ରୀ ପରମାତ୍ମନେ ନମଃ

# ଯଥାର୍ଥ ଗୀତା

## (ଶ୍ରୀମଦ୍ ଭଗବଦ୍‌ଗୀତା)

## ଅଥ ପ୍ରଥମୋଽଧ୍ୟାୟଃ

**ଧୃତରାଷ୍ଟ୍ର ଉବାଚ**

**ଧର୍ମ କ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।**
**ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଂଜୟ ॥**

ଧୃତରାଷ୍ଟ୍ର ପଚାରିଲେ- ହେ ସଂଜୟ ! ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଏକତ୍ର ଯୁଦ୍ଧକରିବା ଇଚ୍ଛାନେଇ ଉପସ୍ଥିତ ଥିବା ମୋର ଏବଂ ପାଣ୍ଡୁଙ୍କ ପୁତ୍ରମାନେ କ'ଣ କଲେ ?

ଅଜ୍ଞାନରୂପୀ ଧୃତରାଷ୍ଟ୍ର ଏବଂ ସଂଯମରୂପୀ ସଂଜୟ । ଅଜ୍ଞାନ ମନର ଅନ୍ତରାଳରେ ରହିଥାଏ । ଅଜ୍ଞାନ ଦ୍ୱାରା ଆବୃତ ମନ ଧୃତରାଷ୍ଟ୍ର ଜନ୍ମାନ୍ଧ । କିନ୍ତୁ ସଂଯମରୂପୀ ସଂଜୟଙ୍କ ମାଧ୍ୟମରେ ସେ ଦେଖୁଥାଏ ଏବଂ ଶୁଣୁଥାଏ । ସେ ଜାଣିଥାଏ ଯେ, ପରମାତ୍ମା ହିଁ ସତ୍ୟ କିନ୍ତୁ ଯେଉଁ ପର୍ଯ୍ୟନ୍ତ ଏହାଠାରୁ ଉତ୍ପନ୍ନ ମୋହରୂପୀ ଦୁର୍ଯ୍ୟୋଧନ ଜୀବିତ ଅଛି, ଏହାଙ୍କ ଦୃଷ୍ଟି ସଦୈବ କୌରବମାନଙ୍କ ଉପରେ ହିଁ ରହିଥାଏ, ଅର୍ଥାତ୍ ବିକାରମାନଙ୍କ ଉପରେ ହିଁ ରହିଥାଏ ।

ଶରୀର ଏକ କ୍ଷେତ୍ର ଅଟେ । ଯେତେବେଳେ ହୃଦୟଦେଶରେ ଦୈବୀ-ସଂପଦର ବୃଦ୍ଧିଘଟେ, ସେତେବେଳେ ଏହି ଶରୀର ଧର୍ମକ୍ଷେତ୍ର ହୋଇଯାଏ । ଯଦି ଏଥିରେ ଆସୁରୀ ସମ୍ପତ୍ତି ବଢିଯାଏ ତେବେ ଏହା କୁରୁକ୍ଷେତ୍ର ହୋଇଯାଏ । 'କୁରୁ' ଶବ୍ଦର ଅର୍ଥ ହେଉଛି କର- ଏହି ଶବ୍ଦ ଆଦେଶାତ୍ମକ । ଶ୍ରୀକୃଷ୍ଣ କହୁଛନ୍ତି- ପ୍ରକୃତିରୁ ଉତ୍ପନ୍ନ ତିନିଗୁଣ ଦ୍ୱାରା ପରବଶ ହୋଇ ମନୁଷ୍ୟ କର୍ମ କରିଥାଏ । ସେ କ୍ଷଣମାତ୍ର କର୍ମ ନକରି ରହିପାରେ ନାହିଁ । ଗୁଣ ତାହା ଦ୍ୱାରା ଅବଶ୍ୟ କର୍ମମାନ କରାଇନିଏ । ଶୋଇଗଲେ ମଧ୍ୟ କର୍ମ ବନ୍ଦ ହୁଏ ନାହିଁ, ନିଦ୍ରା ମଧ୍ୟ ସୁସ୍ଥ ଶରୀର ପାଇଁ ଆବଶ୍ୟକ ଭୋଜନ ହୋଇଥାଏ । ତିନିଗୁଣ ମନୁଷ୍ୟକୁ ଦେବତା ଠାରୁ କୀଟ ପତଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ଯୋନି ରେ ଭ୍ରମଣ କରାଏ । ଯେତେବେଳ ଯାଏଁ ପ୍ରକୃତି ଏବଂ ପ୍ରକୃତିରୁ

ଉତ୍ପନ୍ନ ଗୁଣ ସମୂହ ଜୀବିତ ଅଛନ୍ତି, ସେତେବେଳ ଯାଏଁ 'କୁରୁ' ଲାଗିରହିଥିବ । ଅତଏବ ଜନ୍ମ-ମୃତ୍ୟୁରୂପୀ କ୍ଷେତ୍ର, ବିକାର ସମୂହ କ୍ଷେତ୍ର ହିଁ କୁରୁକ୍ଷେତ୍ର ଏବଂ ପରଂଧର୍ମ ପରମାତ୍ମାରେ ପ୍ରବେଶ କରାଉଥିବା ପୁଣ୍ୟମୟୀ ପ୍ରବୃତ୍ତି ଅର୍ଥାତ୍ ପାଣ୍ଡବମାନଙ୍କ କ୍ଷେତ୍ର ହିଁ ଧର୍ମକ୍ଷେତ୍ର । ପୁରାତତ୍ତ୍ୱବିତ୍‌ମାନେ ପଞ୍ଜାବରେ, କାଶୀ-ପ୍ରୟାଗ ମଧ୍ୟରେ ତଥା ଅନେକାନେକ ସ୍ଥଳରେ କୁରକ୍ଷେତ୍ରର ଅନୁସନ୍ଧାନ କରିବାପାଇଁ ପ୍ରୟାସ କରିଚାଲିଛନ୍ତି । କିନ୍ତୁ ଗୀତାକାର ଶ୍ରୀକୃଷ୍ଣ ସ୍ୱୟଂ କହିଛନ୍ତି ଯେ ଯେଉଁ କ୍ଷେତ୍ରରେ ଏହି ଯୁଦ୍ଧ ହୋଇଥିଲା ତାହା କେଉଁଠି ? **ଇଦଂ ଶରୀରଂ କୌନ୍ତେୟ ରେକ୍ଷତ୍ରମିତ୍ୟଭିଧିୟତେ ।** (ଗୀତା-୧୩/୧) ଅର୍ଥାତ୍, ହେ ଅର୍ଜୁନ ! ଏହି ଶରୀର ହିଁ କ୍ଷେତ୍ର ଅଟେ ଏବଂ ଯେଉଁ ବ୍ୟକ୍ତି ଏହାକୁ ଜାଣିଥାଏ, ଏହାର ପାର ପାଇଯାଏ, ସେ ହିଁ କ୍ଷେତ୍ରଜ୍ଞ । ଆଗକୁ ସେ କ୍ଷେତ୍ରର ବିସ୍ତାର ପୂର୍ବକ ବର୍ଣ୍ଣନା କରିଛନ୍ତି । ଯେଉଁଥିରେ ଦଶ ଇନ୍ଦ୍ରିୟ, ମନ, ବୁଦ୍ଧି, ଅହଂକାର, ପାଞ୍ଚବିକାର ଏବଂ ତିନିଗୁଣର ବର୍ଣ୍ଣନ ରହିଛି । ଶରୀର ହିଁ କ୍ଷେତ୍ର ଅଟେ । ଏହା ଏକ ଆଖଡା । ଏଥିରେ ଲଢୁଥିବା ପ୍ରବୃତ୍ତି ଦୁଇଟି- ଦୈବୀ ସଂପଦ ଏବଂ ଆସୁରୀ ସଂପଦ । ପାଣ୍ଡୁଙ୍କ ସନ୍ତାନ ଏବଂ ଧୃତରାଷ୍ଟ୍ରଙ୍କ ସନ୍ତାନ । ସଜାତୀୟ ଓ ବିଜାତୀୟ ପ୍ରବୃତ୍ତି ।

ଅନୁଭବୀ ମହାପୁରୁଷଙ୍କ ଶରଣରେ ଯିବା ଦ୍ୱାରା ଏହି ଦୁଇ ପ୍ରବୃତ୍ତିଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥାଏ । ଏହା କ୍ଷେତ୍ର ଓ କ୍ଷେତ୍ରଜ୍ଞର ସଂଘର୍ଷ ଏବଂ ଏହାହିଁ ବାସ୍ତବିକ ଯୁଦ୍ଧ । ବିଶ୍ୱଯୁଦ୍ଧ ମାନଙ୍କରେ ଇତିହାସ ଭରି ରହିଛି । କିନ୍ତୁ ସେଥିରେ ବିଜୟଲାଭ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଶାଶ୍ୱତ ବିଜୟ ମିଳିନଥାଏ । ଏହାତ ପରସ୍ପରଙ୍କ ମଧ୍ୟରେ ପ୍ରତିଶୋଧ ମାତ୍ର । ପ୍ରକୃତିକୁ ସର୍ବଥା ଶମନ କରି ପ୍ରକୃତିର ଉର୍ଦ୍ଧ୍ୱରେ ସେହି ସତ୍ତାଙ୍କ ଦିଗ୍‌ଦର୍ଶନ କରିବା ଏବଂ ସେଥିରେ ପ୍ରବେଶ ପାଇବା ହିଁ ବାସ୍ତବିକ ବିଜୟ । ଏହା ଏପରି ଏକ ବିଜୟ ଯାହାର ପଶ୍ଚାତରେ ପରାଜୟ ନଥାଏ । ଏହାହିଁ ମୁକ୍ତି । ଯାହା ପଛରେ ଜନ୍ମ-ମୃତ୍ୟୁ ବନ୍ଧନ ନଥାଏ । ଏହିପରି ଅଜ୍ଞାନ ଦ୍ୱାରା ଆଚ୍ଛାଦିତ ପ୍ରତ୍ୟେକ ମନ ସଂଯମ ଦ୍ୱାରା ଜାଣିପାରିଥାଏ ଯେ, କ୍ଷେତ୍ର କ୍ଷେତ୍ରଜ୍ଞ ଯୁଦ୍ଧରେ କ'ଣ ହେଲା ? ବର୍ତ୍ତମାନ ସଂଯମରେ ଯାହାର ଯେତିକି ଉତ୍ଥାନ ହୁଏ, ତାହାର ସେତିକି ଦୃଷ୍ଟି ଗୋଚର ହୋଇଥାଏ ।

**ସଂଜୟ ଉବାଚ**

**ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୁଢଂ ଦୁର୍ଯୋଧନଂସ୍ତଦା ।**
**ଆଚାର୍ଯମୁପ ସଂଗମ୍ୟ ରାଜା ବଚନମବ୍ରମୀତ୍ ।।୨।।**

ସେହି ସମୟରେ ରାଜା ଦୁର୍ଯ୍ୟୋଧନ ବ୍ୟୁହ ରଚନାଯୁକ୍ତ ପାଣ୍ଡବ ମାନଙ୍କ ସୈନ୍ୟ ବାହିନୀକୁ ଦେଖି ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ ଏହି ବଚନ କହିଲେ-

ଦ୍ୱୈତ ଆଚରଣ ହିଁ 'ଦ୍ରୋଣାଚାର୍ଯ୍ୟ' । ଯେତେବେଳେ ବୋଧ ଆସିଯାଏ ଯେ, ଆମେ ପରମାତ୍ମାଙ୍କ ଠାରୁ ଅଲଗା ହୋଇଗଲେ (ଏହା ହିଁ ଦ୍ୱୈତଭାବ ର ବୋଧ ଅଟେ)। ଏହାପରେ ପରମାତ୍ମା ପ୍ରାପ୍ତି ନିମନ୍ତେ ମନରେ ବ୍ୟାକୁଳତା ଉତ୍ପନ୍ନ ହୋଇଥାଏ ।। ତାପରେ ଆମେ ଗୁରୁଙ୍କ ଅନ୍ୱେଷଣରେ ବାହାରିଥାଉଁ ।

ଦୈବୀ ସଂପଦ ଓ ଆସୁରୀ ସଂପଦ ମଧ୍ୟରେ ଦ୍ୱୈତ ଆଚରଣ ରୂପୀ ଦ୍ରୋଣାଚାର୍ଯ୍ୟ ହିଁ ପ୍ରାଥମିକ ଗୁରୁ ଅଟନ୍ତି । ଯଦ୍ୟପି ପରବର୍ତ୍ତୀ ସମୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ସଦ୍‌ଗୁରୁ ହେବେ । ଯିଏକି ଯୋଗର ସ୍ଥିତି ସ୍ୱରୂପ ଅଟନ୍ତି ।

ରାଜା ଦୁର୍ଯ୍ୟୋଧନ ଆଚାର୍ଯ୍ୟଙ୍କ ସମୀପକୁ ଯାଉଛନ୍ତି । ମୋହରୂପୀ ଦୁର୍ଯ୍ୟୋଧନ ! ମୋହ ସମ୍ପୂର୍ଣ୍ଣ ବ୍ୟାଧି ମାନଙ୍କର ମୂଳ ତଥ ରାଜା ମଧ୍ୟ । **ମୋହ ସକଲ ବ୍ୟାଧିହ୍ନକର ମୂଲା ।** (ରା. ମାନସ-୭/୧୨୦/୧୯) । ଦୁର୍ଯ୍ୟୋଧନ - ଦୁର୍ ଅର୍ଥାତ୍ ଦୁଷିତ୍, ୟୋ ଧନ୍ ଅର୍ଥାତ୍ ଯେଉଁ ଧନ । ଆତ୍ମିକ ସମ୍ପତ୍ତି ହିଁ ସ୍ଥିର ସଂପତ୍ତି ଅଟେ । ସେଥିରେ ଯେଉଁ ଦୋଷ ଉତ୍ପନ୍ନ ହୁଏ, ତାହା ହେଉଛି 'ମୋହ' । ଏହାହିଁ ପ୍ରକୃତି ଆଡକୁ ଆକର୍ଷିତ କରେ ଏବଂ ବାସ୍ତବିକ ଜାନକାରୀ (ଜ୍ଞାନ) ପ୍ରାପ୍ତି ନିମନ୍ତେ ପ୍ରେରଣା ଯୋଗାଏ । ଯେତେବେଳଯାଏଁ ମୋହ ରହିଛି, ସେତେବେଳ ଯାଏଁ ପ୍ରଶ୍ନ କରିବା ମଧ୍ୟ ସ୍ୱାଭାବିକ ଅନ୍ୟଥା ସମସ୍ତେ ପୂର୍ଣ୍ଣ ହିଁ ଅଟନ୍ତି ।

ଅତଃ ବ୍ୟୁହ ରଚନା ଯୁକ୍ତ ପାଣ୍ଡବମାନଙ୍କ ସେନାକୁ ଦେଖି ଅର୍ଥାତ୍ ପୂଣ୍ୟରୁ ପ୍ରବାହିତ ସଜାତୀୟ ବୃତ୍ତିମାନଙ୍କ ସଂଗଠିତ ହୋଇଥିବା ଦେଖି ମୋହ ରୂପୀ ଦୁର୍ଯ୍ୟୋଧନ ପ୍ରଥମଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସମିପକୁ ଯାଇ ଏପରି କହିଲେ:-

**ପଶ୍ୟୈତା ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂମ୍ ।**
**ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ।।୩।।**

ହେ ଆଚାର୍ଯ୍ୟ ! ନିଜର ବୁଦ୍ଧିମାନ ଶିଷ୍ୟ ଦ୍ରୁପଦ ପୁତ୍ର ଧ୍ରୁଷ୍ଟଦ୍ୟୁମ୍ନଙ୍କ ଦ୍ୱାରା ବ୍ୟୁହାକାର ରଚନା କରିଥିବା ପାଣ୍ଡୁ ପୁତ୍ରମାନଙ୍କ ଏହି ବିରାଟ ସୈନ୍ୟବାହିନୀ କୁ ଦେଖନ୍ତୁ । ଶାଶ୍ୱତ ଅଚଳ ପଦରେ ଆସ୍ଥା ରଖିଥିବା ଦୃଢ ମନ ହିଁ ଧ୍ରୁଷ୍ଟଦ୍ୟୁମ୍ନ ଅଟେ । ଏହାହିଁ ପୂଣ୍ୟମୟୀ ପ୍ରବୃତ୍ତି ମାନଙ୍କର ଅଧିନାୟକ ଅଟେ । **'ସାଧନ କଠିନ ନ ମନ କର ଟେକା'** ଅର୍ଥାତ୍ ସାଧନ କଠିନ ନୁହେଁ କିନ୍ତୁ ମନର ଦୃଢତା ହିଁ କଠିନ ହେବା ଆବଶ୍ୟକ । ବର୍ତ୍ତମାନ ସୈନ୍ୟ ବାହିନୀର ବିସ୍ତାରକୁ ଦେଖନ୍ତୁ ।

**ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।**
**ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ।।୪।।**

ଏହି ସୈନ୍ୟ ବାହିନୀରେ **ମହେଷ୍ୱାସା-** ମହାନ୍ ଈଶରେ ପ୍ରତିଷ୍ଠିତ କରାଇବା

ହିଁ ମହେଷ୍ୱାସା । ଭାବରୂପୀ 'ଭୀମ', ଅନୁରାଗରୂପୀ 'ଅର୍ଜୁନ' ଙ୍କ ତୁଳନାରେ ବହୁ ଶୂର-ବୀର ଯେପରି ସାତ୍ତ୍ୱିକତାରୂପୀ 'ସାତ୍ୟକୀ', **ବିରାଟଃ–** ସର୍ବତ୍ର ଈଶ୍ୱରୀୟ ପ୍ରବାହର ଧାରଣାହିଁ ବିରାଟ ରାଜା, ମହାରଥୀ ରାଜା ଦ୍ରୁପଦ ହିଁ ଅଚଳ ସ୍ଥିତି ତଥା–

**ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ୟବାନ୍ ।**
**ପୁରୁଜତ୍ କୁନ୍ତିଭୋଜଶ୍ଚ ଶୌବ୍ୟଶ୍ଚ  ନରପୁଙ୍ଗବଃ ॥୫॥**

**ଧୃଷ୍ଟକେତୁ–** ଦୃଢକର୍ତ୍ତ୍ୟବ୍ୟ, **ଚେକିତାନଃ**– ବିକ୍ଷିପ୍ତ ଚିତ୍ତ ଯେଉଁଆଡ଼େ ଯାଏ, ସେଠାରୁ ଚିତ୍ତକୁ ଟାଣିଆଣି ଇଷ୍ଟ ଙ୍କ ଉପରେ ସ୍ଥିର କରିବା, **କାଶିରାଜଃ**– କାୟା ରୂପୀ କାଶୀରେ ଯେଉଁ ସାମ୍ରାଜ୍ୟ ଅବସ୍ଥିତ, **ପୁରୁଜିତ୍**– ସ୍ଥୁଳ-ସୁକ୍ଷ୍ମ-କାରଣ ଶରୀର ଉପରେ ବିଜୟ କରାଉଥିବା, **କୁନ୍ତିଭୋଜଃ**– କର୍ତ୍ତବ୍ୟ ପଥରେ ଭବ ଉପରେ ବିଜୟ, ନରମାନଙ୍କ ମଧ୍ୟରେ ଶ୍ରେଷ୍ଠ **ଶୈବ୍ୟ** ଅର୍ଥାତ୍ ସତ୍ୟ ବ୍ୟବହାର–

**ୟୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ୟବାନ ।**
**ସୌଭଦ୍ରୋ ଦ୍ରୌଦେୟାଶ୍ଚ ସର୍ବ ଏବ ମହାରଥାଃ ॥୬॥**

ଏବଂ ପାରକ୍ରମୀ **ୟୁଧାମନ୍ୟୁ**– ଯୁଦ୍ଧ ଅନୁରୂପ ମନର ଧାରଣା,ଉତ୍ତମୌଜା – ଶୁଭ-ମଙ୍ଗଳ ପ୍ରଦ ଆନନ୍ଦ, ସୁଭଦ୍ରା ପୁତ୍ର **ଅଭିମନ୍ୟୁ**– ଯେତେବେଳେ ଶୁଭ ଆଧାର ଆସିଯାଏ, ସେତେବେଳେ ମନ ଭୟ ରହିତ ହୋଇଯାଏ । ଏପରି ଶୁଭ ଆଧାରରୁ ଉତ୍ପନ୍ନ ମନ ହିଁ ଅଭିମନ୍ୟୁ । ଧ୍ୟାନରୂପୀ ଦ୍ରୌପଦୀଙ୍କ ପାଞ୍ଚପୁତ୍ର– **ବାତ୍ସଲ୍ୟ, ଲାବଣ୍ୟ, ସୁହୃଦୟତା, ସୌମ୍ୟତା ଓ ସ୍ଥିରତା** । ଏମାନେ ସମସ୍ତେ ଜଣେ ଜଣେ ମହାରଥୀ । ସାଧନ ପଥରେ ସମ୍ପୂର୍ଣ୍ଣ  ଯୋଗ୍ୟତା ସହିତ ଚାଲିବାର କ୍ଷମତା ସ୍ୱରୂପ ଅଟନ୍ତି । ଏହିପରି ଦୁର୍ଯ୍ୟୋଧନ ପାଣ୍ଡବ ପକ୍ଷର ପନ୍ଦର କୋଡ଼ିଏ ନାମକୁ ସ୍ପଷ୍ଟ କରି କହିଲେ । ଯାହାସବୁ ଦୈବୀ ସଂମ୍ପଦର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟନ୍ତି । ବିଜାତୀୟ ପ୍ରବୃତ୍ତିର ରାଜା ହୋଇ ମଧ୍ୟ ମୋହ ହିଁ ସଜାତୀୟ ପ୍ରବୃତ୍ତି ଗୁଡିକୁ ଜାଣିବା ନିମନ୍ତେ ବାଧ୍ୟ କରିଥାଏ ।

ଦୁର୍ଯ୍ୟୋଧନ ନିଜ ପକ୍ଷର ସେନାମାନଙ୍କ ବିବରଣକୁ ସଂକ୍ଷେପରେ କହୁଛନ୍ତି । ଯଦିଓ  କୌଣସି ବାହ୍ୟ ଯୁଦ୍ଧ ହୋଇଥାନ୍ତା ତେବେ ନିଜର ସୈନ୍ୟ  ବାହିନୀକୁ ବଢାଇ ଚଢାଇ କହିଥାଆନ୍ତା । ବିକାର ମାନଙ୍କ ସଂଖ୍ୟାକୁ କମ୍ ଗଣନା କରିଛନ୍ତି କାରଣ ସେମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବାକୁ ହେବ । ସେ ସବୁ ନାଶବାନ ଅଟନ୍ତି । କେବଳ ପାଞ୍ଚ, ସାତ ବିକାରକୁ ହିଁ କହିଛନ୍ତି, ଯାହାର ଅନ୍ତରାଳରେ ସମ୍ପୂର୍ଣ୍ଣ ବହିର୍ମୁଖୀ ପ୍ରବୃତ୍ତି ବିଦ୍ୟମାନ । ଯେପରି–

**ଅସ୍ମାକଂ ତୁ ବିଶିଷ୍ଟା ୟେ ତାନ୍ନିବୋଧ ଦ୍ୱିଜୋତ୍ତମ ।**
**ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍‌ବ୍ରବୀମି ତେ ॥୭॥**

ହେ ଦ୍ୱିଜୋତ୍ତମ ! ଆମ ପକ୍ଷରେ ଯେଉଁମାନେ ପ୍ରଧାନ ଅଛନ୍ତି, ସେମାନଙ୍କୁ ମଧ୍ୟ ଆପଣ ବୁଝିନିଅନ୍ତୁ । ଆପଣଙ୍କ ଜାଣିବା ନିମନ୍ତେ ମୋର ସୈନ୍ୟବାହିନୀ ର ଯିଏ ଅଧିନାୟକ ଅଟନ୍ତି, ସେମାନଙ୍କ ନାମକୁ ମୁଁ କହୁଛି ।

ବାହ୍ୟ ଯୁଦ୍ଧରେ ସେନାପତିଙ୍କ ନିମନ୍ତେ ଦ୍ୱିଜୋତ୍ତମ ସମ୍ବୋଧନ ଅସାମୟିକ ଅଟେ । ବସ୍ତୁତଃ ଗୀତାରେ ଅନ୍ତଃକରଣର ଦୁଇଟି ପ୍ରବୃତ୍ତିର ସଂଘର୍ଷ ମାତ୍ର । ଯେଉଁଥିରେ ଦ୍ୱୈତ ଆଚରଣ ହିଁ 'ଦ୍ରୋଣ' । ଯେଉଁ ପର୍ଯ୍ୟନ୍ତ ଆମ୍ଭେ ଲେଶମାତ୍ରକେ ଆରାଧ୍ୟଙ୍କ ଠାରୁ ଅଲଗା ଅଛନ୍ତି, ସେ ପର୍ଯ୍ୟନ୍ତ ପ୍ରକୃତି ବିଦ୍ୟମାନ ରହିଥାଏ । ଦ୍ୱୈତାଚରଣ ମଧ୍ୟ ବିଦ୍ୟମାନ ରହିଥାଏ । ଏହି 'ଦ୍ୱି' ଉପରେ ବିଜୟ ପାଇବା ନିମନ୍ତେ ପ୍ରେରଣା ପ୍ରଥମଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ହିଁ ପ୍ରାପ୍ତ ହୋଇଥାଏ । ଅଧୁରା ଶିକ୍ଷା ହିଁ ପୂର୍ଣ୍ଣ ଜାନକାରି ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ । ଯୁଦ୍ଧକ୍ଷେତ୍ର ପୂଜାସ୍ଥଳୀ ନୁହଁ, ସେଠାରେ ସୌର୍ଯ୍ୟସୂଚକ ସମ୍ବୋଧନ ହେବା କଥା, କିନ୍ତୁ ଦ୍ୱିଜୋତ୍ତମ ସମ୍ବୋଧନ ଯୁକ୍ତିଯୁକ୍ତ ନଥିଲା । ବର୍ତ୍ତମାନ ବିଜାତୀୟ ପ୍ରବୃତ୍ତିର ନାୟକ କେଉଁମାନେ ଥିଲେ ତାହା ବର୍ଣ୍ଣନା କରୁଛନ୍ତି ।

**ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।**
**ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବଚ ॥୮॥**

ଆମ୍ଭ ସୈନ୍ୟବାହିନୀରେ ଅଛନ୍ତି ସର୍ବପ୍ରଥମେ ଆପଣ ଅର୍ଥାତ୍ ଦ୍ୱୈତର ଆଚରଣରୂପୀ ଦ୍ରୋଣାଚାର୍ଯ୍ୟ । ଭ୍ରମରୂପୀ ପିତାମହ ଭୀଷ୍ମ । ଭ୍ରମ ଏହି ବିକାରମାନଙ୍କର ଉଦ୍‌ଗମ ସ୍ଥଳ ଅଟେ । ଶେଷ ପର୍ଯ୍ୟନ୍ତ ଜୀବିତ ରହିଥାଏ । ତେଣୁ ପିତାମହ ଅଟେ ।
ସମସ୍ତ ସୈନ୍ୟ ପ୍ରାଣତ୍ୟାଗ କଲେ ପରନ୍ତୁ ସେ ଜୀବିତ ରହିଥିଲେ । ଶରଶର୍ଯ୍ୟା ଉପରେ ଅଚେତ ରହି ମଧ୍ୟ ଜୀବିତ ଥିଲେ । ଏହା ହିଁ ଭ୍ରମରୂପୀ ଭୀଷ୍ମ, ଏହି ଭ୍ରମ ଶେଷ ପର୍ଯ୍ୟନ୍ତ ରହିଥାଏ । ଏହିପରି ବିଜାତୀୟ କର୍ମରୂପୀ କର୍ଣ୍ଣ ତଥା ସଂଗ୍ରାମ ବିଜୟୀ କୃପାଚାର୍ଯ୍ୟ । ସାଧନାବସ୍ଥାରେ ସାଧକ ଦ୍ୱାରା କୃପାର ଆଚରଣ ହିଁ କୃପାଚାର୍ଯ୍ୟ । ଭଗବାନ୍ କୃପାଧାମ ଅଟନ୍ତି ଏବଂ ଭଗବତ୍ ପ୍ରାପ୍ତିର ପଶ୍ଚାତ୍ ସନ୍ଥ ଓ ମହାପୁରୁଷଙ୍କର ମଧ୍ୟ ସେହି ସ୍ୱରୂପ ହୋଇଥାଏ । କିନ୍ତୁ ସାଧନାକାଳରେ ଯେଉଁ ପର୍ଯ୍ୟନ୍ତ ଆମ୍ଭେ ଅଲଗା ଏବଂ ପରମାତ୍ମା ଅଲଗା ରହିଛନ୍ତି, ବିଜାତୀୟ ପ୍ରବୃତ୍ତି ଜୀବିତ ଅଛନ୍ତି, ମୋହମୟୀ ବିସ୍ତାର ଘେରାଉ ରହିଛି, ଏପରି ପରିସ୍ଥିତିରେ ସାଧକ ଯଦିଓ କାହା ପ୍ରତି କୃପାର ଆଚରଣ କରେ, ତେବେ ସେ ନଷ୍ଟ ଅର୍ଥାତ୍ ପତିତ ହୋଇଯାଇଥାଏ । ସୀତା ଦୟା କରିବାରୁ ତାଙ୍କୁ କିଛିକାଳ ଲଙ୍କାରେ ରହି ପ୍ରାୟଶ୍ଚିତ କରିବାକୁ ପଡ଼ିଲା । ବିଶ୍ୱାମିତ୍ର ଦୟାର୍ଦ୍ର ହେବାରୁ ପତିତ ହେବାକୁ ପଡ଼ିଲା । ଯୋଗସୂତ୍ରକାର ମହର୍ଷି ପତଞ୍ଜଳୀ ମଧ୍ୟ

ଏହା ହିଁ କହୁଛନ୍ତି – **ତେ ସମାଧାବୁପସର୍ଗା ବ୍ୟୁତ୍‌ଥାନେ ସିଦ୍ଧୟଃ** (୩/୩୭) ବ୍ୟୁତ୍‌ଥାନ କାଳରେ ସମସ୍ତ ରିଦ୍ଧି–ସିଦ୍ଧି ପ୍ରକଟ ହୋଇଥାଏ । ତାହା ବାସ୍ତବରେ ସିଦ୍ଧି ହିଁ ଅଟେ କିନ୍ତୁ କୈବଲ୍ୟ ପ୍ରାପ୍ତି ନିମନ୍ତେ ସେତିକି ହିଁ ଅଧିକ ବିଘ୍ନ ଆଣିଥାଏ । ଯେପରି କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି ଆଣିଥାଏ । ଗୋସ୍ୱାମୀ ତୁଳସୀ ଦାସଙ୍କ ମଧ୍ୟ ଏପରି ହିଁ ନିର୍ଣ୍ଣୟ –

**ଛୋରତ ଗ୍ରନ୍ଥି ଜାନି ଖଗରାୟ । ବିଘ୍ନ ଅନେକ କରଇ ତଜ ମାୟା**
**ରିଦ୍ଧି ସିଦ୍ଧି ପ୍ରେରଇ ବହୁ ଭାଇ । ବୁଦ୍ଧି ହିଁ ଲୋଭ ଦିଖାବହିଁ ଆଇ ॥**
**(ରା.ମାନସ –୭/୧୧୭/୬–୭)**

ଅର୍ଥାତ୍ ମାୟା ଅନେକ ବିଘ୍ନ କରିଥାଏ । ଋଦ୍ଧି–ସିଦ୍ଧି ମଧ୍ୟ ପ୍ରଦାନ କରିଥାଏ । ଏପରିକି ସିଦ୍ଧ କରିଦିଏ । ଏପରି ଅବସ୍ଥାକୁ ପହଞ୍ଚିବା ସାଧକ କୌଣସି ରୋଗୀର କଡ଼ରେ ଚାଲିଗଲେ, ମରଣାସନ୍ନ ରୋଗୀ ମଧ୍ୟ ଜୀବିତ ହୋଇଯିବ । ସେ ଭଲେ ଠିକ୍ ହୋଇଯାଉ କିନ୍ତୁ ସାଧକ ତାହାକୁ ନିଜର କୃତିତ୍ୱ ଯଦିଓ ମାନିନେବ ତେବେ ସେ ନଷ୍ଟ ଅର୍ଥାତ୍ ପତିତ ହୋଇଯିବ । କାରଣ ଗୋଟିଏ ରୋଗୀର ଜୀବିତ ଅବସ୍ଥା ଶୁଣି ହଜାର ରୋଗୀ ଘେରିଯିବେ, ଭଜନ ଚିନ୍ତନର କ୍ରମ ଅବରୁଦ୍ଧ ହୋଇଯିବ ଏବଂ ତାହା ବଢିବଢି ପ୍ରକୃତି ପ୍ରବଳ ହୋଇଯିବ । ଯଦିଓ ଲକ୍ଷ୍ୟ ବହୁଦୂର ଅଛି କିନ୍ତୁ ସାଧକ କୃପାକରେ, ତେବେ ସେହି ସାଧକଙ୍କୁ ସମିତିଞ୍ଜୟ ଜିତିନେବ । କୃପାର ଏକା ଆଚରଣ ହିଁ ସମିତିଞ୍ଜୟ । ଯିଏକି ସମ୍ପୂର୍ଣ୍ଣ ସୈନ୍ୟଙ୍କୁ ଜିତିନେବ । ତେଣୁ ସଧକଙ୍କୁ ପରମାତ୍ମା ପ୍ରାପ୍ତ ପର୍ଯ୍ୟନ୍ତ ଏହି ଅଧୁରା କୃପା ପ୍ରତି ସତର୍କ ରହିବା ଆବଶ୍ୟକ । ଅର୍ଥାତ୍ ସାଧନାର ଅଧୁରା ଅବସ୍ଥାରେ କାହା ପ୍ରତି କୃପା କରିବା ଅନୁଚିତ । ଅନ୍ୟଥା **ଦୟାବିନୁ ସନ୍ତକ ସାଇ, ଦୟାକରି ତୋ ଆଫ୍ତ ଆଇ** । ଅର୍ଥାତ୍ ଅଧୁରା ଅବସ୍ଥାରେ କୃପାଚାର୍ଯ୍ୟ ହିଁ ବିଜାତୀୟ ପ୍ରବୃତ୍ତିର ଦୁର୍ଦ୍ଧର୍ଷ ଯୋଦ୍ଧା ଥିଲେ । ଏହିପରି ଆଶକ୍ତିରୂପୀ ଅଶ୍ୱତ୍‌ଥାମା, ବିକଳ୍ପରୂପୀ ବିକର୍ଣ୍ଣ ଭ୍ରମମୟୀ ଶ୍ୱାସ ହିଁ ଭୁରୀଶ୍ରବା । ଏହିସବୁ ବର୍ହିମୁଖୀ ପ୍ରବାହର ନାୟକ ଅଟନ୍ତି ।

**ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।**
**ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ॥୯॥**

ଏବଂ ଆହୁରି ଅନେକ ଶୂରବୀର ମୋ ନିମନ୍ତେ ଅନେକ ଅସ୍ତ୍ରଶସ୍ତ୍ର ଯୁକ୍ତ ହୋଇ ପ୍ରାଣ ଉତ୍ସର୍ଗକରି ଯୁଦ୍ଧସ୍ଥଳରେ ଉପସ୍ଥିତ ଅଛନ୍ତି । ସମସ୍ତେ ମୋ ନିମନ୍ତେ ପ୍ରାଣ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ସେମାନଙ୍କର କୌଣସି ନିଶ୍ଚିତ ଗଣନା ନାହିଁ । ବର୍ତ୍ତମାନ କେଉଁ ସେନା କିପରି ଭାବରେ ସୁରକ୍ଷିତ ଅଛନ୍ତି, ତାହା କହୁଛନ୍ତି –

**ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତମ୍ ।**
**ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତମ୍ ।।୧୦।।**

ଭୀଷ୍ମ ଦ୍ୱାରା ସୁରକ୍ଷିତ ଆମ୍ଭର ସୈନ୍ୟ ବାହିନୀ ସବୁ ପ୍ରକାରେ ଅଜେୟ ଅଟନ୍ତି ଏବଂ ଭୀମ ଦ୍ୱାରା ସୁରକ୍ଷିତ ସେମାନଙ୍କ ସୈନ୍ୟବାହିନୀ ଜିତିବା ନିମନ୍ତେ ସୁଗମ ଅଟେ । ପର୍ଯ୍ୟାପ୍ତ ଏବଂ ଅପଯ୍ୟାପ୍ତ ଭଳି ଶ୍ଳିଷ୍ଟ ପ୍ରୟୋଗ ଦୁର୍ଯ୍ୟୋଧନଙ୍କ ଆଶଙ୍କାକୁ ବ୍ୟକ୍ତକରୁଛି । ଅତଃ ଭୀଷ୍ମ କେଉଁ ପ୍ରକାରର ସତ୍ତା ଅର୍ଥାତ୍ ଅସ୍ତିତ୍ୱ ଯାହାଙ୍କୁ ଉପରେ କୌରବମାନେ ନିର୍ଭର କରୁଥାନ୍ତି ଏବଂ ଭୀମ କେଉଁ ସତ୍ତା ଅର୍ଥାତ୍ ଅସ୍ତିତ୍ୱ, ଯାହାଙ୍କ ଉପରେ ସମ୍ପୂର୍ଣ୍ଣ ଦୈବୀସମ୍ପଦ ଅର୍ଥାତ୍ ସମ୍ପୂର୍ଣ୍ଣ ପାଣ୍ଡବ ନିର୍ଭର କରିଛନ୍ତି । ଦୁର୍ଯ୍ୟୋଧନ ନିଜର ବ୍ୟବସ୍ଥା ଦେଉଛନ୍ତି ଯେ–

**ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।**
**ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ।।୧୧।।**

ଚତୁର୍ଦ୍ଦିଗରୁ ନିଜ ନିଜର ସ୍ଥାନରେ ରହି ଆପଣମାନେ ସମସ୍ତେ ଭୀଷ୍ମଙ୍କୁ ହିଁ ସବୁପ୍ରକାରେ ରକ୍ଷା କରନ୍ତୁ ! ଯଦି ଭୀଷ୍ମ ଜୀବିତ ରହନ୍ତି, ତେବେ ଆମ୍ଭେ ଅଜେୟ । ତେଣୁ ଆପଣମାନେ ପାଣ୍ଡବଙ୍କ ସହିତ ଯୁଦ୍ଧ ନକରି କେବଳ ଭୀଷ୍ମ ଙ୍କୁ ହିଁ

ଏହିପରି ନିଜର କ୍ଷମତାର ନିର୍ଣ୍ଣୟ ନେଲାପରେ ଶଙ୍ଖଧ୍ୱନୀ ହେଲା । ଶଙ୍ଖ ଧ୍ୱନୀ ପାତ୍ରମାନଙ୍କ ପରାକ୍ରମର ଘୋଷଣା ହୋଇଥାଏ । କାରଣ ବିଜୟଲାଭ ପରେ କେଉଁ ମାତ୍ର ଆପଣଙ୍କୁ କଣ ଦେବ ? କୌରବମାନଙ୍କ ମଧ୍ୟରେ ବୃଦ୍ଧି ପ୍ରତାପବାନ ପିତାମହ ଭୀଷ୍ମ ସୁରକ୍ଷିତ ରଖନ୍ତୁ । କିପର ଯୋଦ୍ଧା ଥିଲେ ଭୀଷ୍ମ ? ଯିଏ ସ୍ୱୟଂ ନିଜର ରକ୍ଷା କରିବା ନିମନ୍ତେ ଅସମର୍ଥ । କୌରବମାନଙ୍କୁ ତାଙ୍କ ସୁରକ୍ଷା ବ୍ୟବସ୍ଥା କରିବାକୁ ପଡୁଛି । ସେ କୌଣସି ବାହ୍ୟ ଯୋଦ୍ଧା ନୁହଁ । ଭ୍ରମ ହିଁ ଭୀଷ୍ମ ଅଟେ । ଯେଉଁ ପର୍ଯ୍ୟନ୍ତ ଭ୍ରମ ଜୀବିତ ରହିଛି ସେହି ପର୍ଯ୍ୟନ୍ତ ବିଜାତୀୟ ପ୍ରବୃତ୍ତି ଅର୍ଥାତ୍ କୌରବ ଅଜେୟ ଅଟନ୍ତି । ଅଜେୟର ଅର୍ଥ ଏହା ନୁହଁ ଯେ, ଯାହାକୁ ଜିଣି ପାରିବା ନାହିଁ । ବରଂ ଅଜେୟର ଅର୍ଥ ଅର୍ତ ଦୁର୍ଜୟ ଅଟେ । ଯାହାକୁ କଠିନତା ଦ୍ୱାରା ଜିଣି ପାରିବା ।

**ମହା ଅଜୟ ସଂସାର ରିପୁ, ଜୀତି ସକଇ ସୋ ବୀର ।**

(ରା. ମାନସ –୬/୮୦)

ଯଦି ଭ୍ରମ ସମାପ୍ତ ହୋଇଗଲା ତେବେ ଅବିଦ୍ୟା ଅସ୍ତିତ୍ୱ ହୀନ ହୋଇଯିବ । ମୋହାଦି ଆଂଶିକ ରୂପରେ ଜୀବିତ ଥିଲେ ମଧ୍ୟ ତାହା ଶିଘ୍ର ସମାପ୍ତ ହୋଇଯିବେ। ଭୀଷ୍ମଙ୍କ ଇଚ୍ଛାମୃତ୍ୟୁ ଥିଲା । ଇଚ୍ଛାହିଁ ଭ୍ରମ, ଇଚ୍ଛାର ଅନ୍ତ ଏବଂ ଭ୍ରମର ବିନାଶ ଗୋଟିଏ ଅର୍ଥକୁ ବୁଝାଏ । ଏହାକୁ ସନ୍ଥ କବୀର ସରଳତା ପୂର୍ବକ କହିଛନ୍ତି,

**''ଇଛା କାୟା ଇଛା ମାୟା, ଇଛା ଜଗ ଉପଜାୟା ।**
**କହ କବୀର ଯେ ଇଛା ବିବର୍ଜିତ, ତାକା ପାରନ ପାୟା ।।''**

ଯେଉଁଠାରେ ଭ୍ରମ ନଥାଏ, ସେଠାରେ ଅପାର ଏବଂ ଅବ୍ୟକ୍ତ ରହିଥାଏ । ଏହି ଶରୀର ଜନ୍ମର ମୂଳ କାରଣ ଇଚ୍ଛା ହିଁ ଅଟେ । ଇଚ୍ଛା ହିଁ ମାୟା ଏବଂ ଜଗତ

ଉତ୍ପତ୍ତିର କାରଣ ହୋଇଥାଏ । ଉପନିଷଦରେ ଏହାର ବର୍ଣ୍ଣନା ରହିଛି **'ସୋଽକାମୟତ ତଦୈକ୍ଷତ ବହୁସ୍ୟାମ ପ୍ରଜାୟେୟ ଇତି '**(ଛାନ୍ଦୋଗ୍ୟ-୬/୨/୩) କବୀର କହୁଛନ୍ତି -ଯିଏ ସର୍ବଥା ସମ୍ପୂର୍ଣ୍ଣ ଇଚ୍ଛା ରହିତ ହୋଇଥାନ୍ତି, 'ତାକା ପାର ନ ପାୟା' । ସେ ଅନନ୍ତ, ଅସୀମ ତତ୍ତ୍ୱରେ ପ୍ରବେଶ ପାଇଥାଏ । **ୟୋଽକାମୋ ନିଷ୍କାମ ଆପ୍ତକାମ ଆତ୍ମକାମୋ ନ ତସ୍ୟ ପ୍ରାଣା ଉତ୍କ୍ରାମନ୍ତି ବ୍ରହ୍ମୈବ ସନ୍ ବ୍ରହ୍ମାପ୍ୟେତି** (ବୃହଦାରଣ୍ୟକ-୪/୪/୬) । ଅର୍ଥତ୍ ଯିଏ ସମ୍ପୂର୍ଣ୍ଣ କାମନା ରହିତ, ଆତ୍ମାରେ ସ୍ଥିତ, ଆତ୍ମସ୍ୱରୂପ ଅଟନ୍ତି । ତାହାଙ୍କର କେବେହେଲେ ପତନ ହୁଏ ନାହିଁ । ସେ ବ୍ରହ୍ମଙ୍କ ସହିତ ଏକାକାର ହୋଇଯାଆନ୍ତି । ପ୍ରାରମ୍ଭରେ ଇଚ୍ଛା ଅନନ୍ତ ହୋଇଥାଏ ଏବଂ ଅନ୍ତତୋଗତ୍ୱା ପରମାତ୍ମା ପ୍ରାପ୍ତିର ଇଚ୍ଛା ହିଁ ଶେଷ ରହିଥାଏ । ଯେବେ ଏହି ଇଚ୍ଛା ପୂରଣ ହୋଇଯାଏ, ତେବେ ସମସ୍ତ ଇଚ୍ଛା ମଧ୍ୟ ସମାପ୍ତ ଯାଏ । ଯଦି ତାହାଠାରୁ ଅଧିକ କିଛି ବଡ଼ବସ୍ତୁ ଥାଆନ୍ତା, ତେବେ ଆପଣ ତାହାର ଇଚ୍ଛା ଅବଶ୍ୟ କରିଥାନ୍ତେ । ଯେତେବେଳେ ତା ଠାରୁ ଅଧିକ ବସ୍ତୁ ହିଁ କିଛି ନାହିଁ, ତେବେ ଇଚ୍ଛା କାହା ନିମନ୍ତେ ହେବ ? ଯେତେବେଳେ ପ୍ରାପ୍ୟ ହେବା ଯୋଗ୍ୟ କୌଣସି ବସ୍ତୁ ଅପ୍ରାପ୍ୟ ନରହିବ, ତେବେ ଇଚ୍ଛା ମଧ୍ୟ ସମୂଳେ ନଷ୍ଟ ହୋଇଯିବ ଏବଂ ଇଚ୍ଛାର ଉପଶମ ହେବା କ୍ଷଣି ଭ୍ରମ ସର୍ବଥା ଅନ୍ତ ହୋଇଯାଏ । ଏହା ହିଁ ଭୀଷ୍ମଙ୍କ ଇଚ୍ଛା ମୃତ୍ୟୁ ଅଟେ । ଏହିପରି ଭୀଷ୍ମଦ୍ୱାରା ରକ୍ଷିତ ଆମ୍ଭମାନଙ୍କ ସେନା ସବୁପ୍ରକାରେ ଅଜେୟ ଅଟେ । ଯେଉଁ ପର୍ଯ୍ୟନ୍ତ ଭ୍ରମ ରହିଛି, ସେ ପର୍ଯ୍ୟନ୍ତ ଅବିଦ୍ୟାର ଅସ୍ତିତ୍ୱ ରହିଥାଏ । ଭ୍ରମ ଶାନ୍ତ ହେବାକ୍ଷଣି ଅବିଦ୍ୟା ମଧ୍ୟ ସମାପ୍ତ ହୋଇଯାଏ ।

ଭୀମଙ୍କ ଦ୍ୱାରା ସୁରକ୍ଷିତ ଏହିମାନଙ୍କ ସୈନ୍ୟବାହିନୀକୁ ଜିତିବା ନିମନ୍ତେ ସୁଗମ । ଭାବରୂପୀ ଭୀମ **'ଭାବେ ବିଦ୍ୟତେ ଦେବାଃ'**- ଭାବରେ ସେହି କ୍ଷମତା ବିଦ୍ୟମାନ ଯାହା ଅବିଦିତ ପରମାତ୍ମାଙ୍କୁ ମଧ୍ୟ ବିଦିତ କରାଇ ଦିଏ । **ଭାବ ବସ୍ୟ ଭଗବାନ୍ ସୁଖ ନିଧାନ କରୁଣା ଅୟନ ।** ( ରା-ମାନସ-୭/୯ଖ) ଶ୍ରୀକୃଷ୍ଣ ଏହାକୁ ଶ୍ରଦ୍ଧା କହି ସମ୍ବୋଧନ କଲେ । ଭାବରେ ସେହି କ୍ଷମତା ରହିଛି, ଯାହା ଭଗବାନ୍‌ଙ୍କୁ ମଧ୍ୟ ବଶ କରିଦେଇଥାଏ । ଭାବରୁ ହିଁ ସମ୍ପୂର୍ଣ୍ଣ ପୂର୍ଣ୍ୟମୟୀ ପ୍ରବୃତ୍ତିର ବିକାଶ ହୋଇଥାଏ । ଏହା ପୁଣ୍ୟର ସଂରକ୍ଷକ ଅଟେ । ଭାବ ଏପରି ବଳବାନ ଯେ ପରମଦେବ ପରମାତ୍ମାଙ୍କୁ ମଧ୍ୟ ସମ୍ଭବ କରିଦଏ ଏବଂ ଏପରି କୋମଳ ଯେ ଆଜି ଭାବ ଅଛି ତ ଆସନ୍ତାକାଲି ତାହା ଅଭାବରେ ବଦଳିବା ନିମନ୍ତେ ଡ଼େରି ହୋଇନଥାଏ । ଆଜି ଆପଣ କହନ୍ତି ଯେ, ଏହି ମହାରାଜ ବହୁତ ଭଲ । ପୁନଃ ଆସନ୍ତାକାଲି କହିପାରନ୍ତି ଯେ, ସେହି ମହାରାଜ ଭଲ ନୁହଁନ୍ତି କାରଣ ସେ ଖିରି ଖାଉଛନ୍ତି, ପାନ ଖାଆନ୍ତି, ଟିଭି ଦେଖନ୍ତି, ଚାହା ପିଅନ୍ତି ଇତ୍ୟାଦି ।

**ଘାସ ପାତ ଜେ ଖାତ ହେଁ, ତିହ୍ନହି ସତାବୈ କାମ ।**
**ଦୂଧ ମଲାଇ ଖାତ ଜେ, ତିନକୀ ଜାନେ ରାମ ॥**

ଇଷ୍ଟଙ୍କ ପ୍ରତି ଲେଶମାତ୍ର ତ୍ରୁଟି ଦେଖାଗଲେ ଭାବ ଅଭାବରେ ପରିଣତ ହୋଇ ଅସ୍ଥିର ହୋଇଯାଏ । ପୁର୍ଣ୍ୟମୟୀ ପ୍ରବୃତ୍ତି ମଧ୍ୟ ବିଚଳିତ ହୋଇ ଉଠେ । ଇଷ୍ଟଙ୍କ ଠାରୁ ସମ୍ବନ୍ଧ ତୁଟିଯାଏ । ତେଣୁ ଭୀମଙ୍କ ଦ୍ୱାରା ସୁରକ୍ଷିତ ଏମାନଙ୍କ ସୈନ୍ୟ ବାହିନୀକୁ ଜିଣିବା ସୁଗମ । ମହର୍ଷି ପତଞ୍ଜଳିଙ୍କ ମଧ୍ୟ ଏହିପରି ନିର୍ଣ୍ଣୟ ଯେ, **'ସତୁ ଦୀର୍ଘକାଲ ନୈରନ୍ତର୍ୟସକ୍ୱାରାଽଽସେବିତୋ ଦୃଢଭୂମିଃ ।** (ଯୋଗସୂତ୍ର-୧।୧୪) ଦୀର୍ଘକାଳ ପର୍ଯ୍ୟନ୍ତ ନିରନ୍ତର ଶ୍ରଦ୍ଧା ଓ ଭକ୍ତିପୂର୍ବକ କରୁଥିବା ସାଧନ ହିଁ ଦୃଢ ହୋଇଥାଏ ।

**ତସ୍ୟ ସଞ୍ଜୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।**
**ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥୧୨॥**

ଏହିପରି ନିଜର କ୍ଷମତାର ନିର୍ଣ୍ଣୟ ନେଲାପରେ ଶଙ୍ଖଧ୍ୱନୀ ହେଲା । ଶଙ୍ଖ ଧ୍ୱନୀ ପାତ୍ରମାନଙ୍କ ପରାକ୍ରମର ଘୋଷଣା ହୋଇଥାଏ । କାରଣ ବିଜୟଲାଭ ପରେ କେଉଁ ପାତ୍ର ଆପଣଙ୍କୁ କଣ ଦେବ ? କୌରବମାନଙ୍କ ମଧ୍ୟରେ ବୃଦ୍ଧ ପ୍ରତାପବାନ ପିତାମହ ଭୀଷ୍ମ ଦୁର୍ଯ୍ୟଧନଙ୍କ ହୃଦୟରେ ହର୍ଷ ଉତ୍ପନ୍ନ କରିବା ହେତୁ ଉଚ୍ଚ ସ୍ୱରରେ ସିଂହନାଦ ଭଳି ଭୟପ୍ରଦ ଶଂଙ୍ଖଧ୍ୱନି କଲେ । ସିଂହ ପ୍ରକୃତିର ଭୟାବହ ସଙ୍କେତ ହୋଇଥାଏ । ଘୋର ଜଙ୍ଗଲର ନିରବ ଏକାନ୍ତରେ ସିଂହର ରଡ଼ି ଅର୍ଥାତ୍ ଗର୍ଜନ କାନରେ ପଡ଼ିଲେ । ରୋମ ଟାଙ୍କୁରୀ ଉଠେ । ହୃଦୟରେ କମ୍ପନ ସୃଷ୍ଟି ହୋଇଥା । ଯଦ୍ୟପି ସିଂହ ଆପଣଙ୍କ ଠାରୁ ବହୁତ କିଲୋ ମିଟର ଦୂରରେ ଅଛି । ଭୟ ପ୍ରକୃତିରେ ହୋଇଥାଏ, ପରମାତ୍ମାଙ୍କ ଠାରେ ନୁହେଁ । ତାହା ଏକ ଅଭୟ ସତ୍ତା । ଭ୍ରମରୂପୀ ଭୀଷ୍ମ ଯଦିଓ ବିଜୟଲାଭ କରେ ତେବେ, ପ୍ରକୃତିର ଯେଉଁ ଭୟାରଣ୍ୟରେ ଆପଣ ଅଛନ୍ତି, ତାହାଠାରୁ ମଧ୍ୟ ଅଧିକ ଭୟର ଆବରଣରେ ଆପଣଙ୍କୁ ବାନ୍ଧିଦେବ । ଭୟର ଏକ ପରଦା ଅଧିକ ବଢିଯିବ । ଭୟର ଆବରଣ ଅଧିକ ଘନିଭୂତ ହୋଇଯିବ । ଉକ୍ତ ଭ୍ରମ ଏହାଠାରୁ ଅତିରିକ୍ତ ଅନ୍ୟ କିଛି ଦେଇପାରିବ ନାହିଁ । ଅତଃ ପ୍ରକୃତି ଠାରୁ ନିବୃତ୍ତିହିଁ ଗନ୍ତବ୍ୟ ସ୍ଥଳର ମାର୍ଗ । ସଂସାରରେ ପ୍ରକୃତି ତ ଭର ପୁର ଅଛି । ଏହା ଘୋର ଅନ୍ଧକାରର ଏକ ଛାୟା ଅଟେ । ଏହାପରେ କୌରବମାନଙ୍କର କୌଣସି ଘୋଷଣା ହିଁ ନାହିଁ । କୌରବ ମାନଙ୍କ ପକ୍ଷରୁ କେତେକ ବାଜା ଏକ ସାଥିରେ ବାଜିଲା କିନ୍ତୁ ସମ୍ପୂର୍ଣ୍ଣ ମିଶି ଭୟ ହିଁ ପ୍ରଦାନ କରୁଥିଲା । ଏହାଠାରୁ ଅଧିକ କିଛି ସେମାନଙ୍କ ପାଖରେ ନାହିଁ । ପ୍ରତ୍ୟେକ ବିକାର କିଛି ନା କିଛି ଭୟ ହିଁ ଦେଇଥାଏ । ତେଣୁ

ସେମାନେ ମଧ୍ୟ ଘୋଷଣା କଲେ ।

**ତତଃ ଶଙ୍ଖାଶ୍ଚ ଭେର୍ୟ୍ୟଶ୍ଚ ପଣବାନକଗୋମୁଖାଃ ।**
**ସହସୈବାଭ୍ୟହନ୍ତ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ ।।୧୩।।**

ଏହାପରେ ଅନେକ ଶଙ୍ଖ, ନାଗରା, ଢୋଲ, ଭେରୀ, ତୁରୀ ଇତ୍ୟାଦି ବାଜା ଏକ ସାଥିରେ ହିଁ ବାଜିଲା । ସେମାନଙ୍କ ଶବ୍ଦ ମଧ୍ୟ ବହୁତ ଭୟଙ୍କର ଥିଲା । ଭୟ ସଂଞ୍ଚାର କରିବା ବ୍ୟତିତ କୌରବମାନଙ୍କର କୌଣସି ଘୋଷଣା ନଥିଲା । ବର୍ହିମୁଖି ବିଜାତୀୟ ପ୍ରବୃତ୍ତି ସଫଳ ହେବା ପରେ ମୋହମୟୀ ବନ୍ଧନକୁ ବହୁଳଭାବରେ ଘନିଭୂତ କରିଦେଇଥାଏ । ବର୍ତ୍ତମାନ ପୂର୍ଣ୍ୟମୟୀ ପ୍ରବୃତ୍ତିମାନଙ୍କ ଠାରୁ ଘୋଷଣା ହେଲା । ଯେଉଁଥିରେ ସର୍ବପ୍ରଥମ ଘୋଷଣା ଯୋଗେଶ୍ୱର ଶ୍ରୀକୃଷ୍ଣ କରିଥିଲେ ।

**ତତଃ ଶ୍ୱେତୈର୍ହୟୈର୍ୟୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।**
**ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ।।୧୪।।**

ଏତତ୍ ପଶ୍ଚାତ୍ ଶ୍ୱେତ ଘୋଡ଼ାଯୁକ୍ତ ଅର୍ଥାତ୍ ଯାହାଙ୍କଠାରେ ଲେଶମାତ୍ର କାଳିମା ଦୋଷ ନାହିଁ– ଶ୍ୱେତ ଅର୍ଥାତ୍ ସାତ୍ତ୍ୱିକ ଯାହା ନିର୍ମଳତାର ପ୍ରତୀକ । **ମହତି ସ୍ୟନ୍ଦନେ–** ମହାନ ରଥ ଉପରେ ବସିଥିବା ଯୋଗେଶ୍ୱର ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଅଲୌକିକ ଶଙ୍ଖ ବଜାଇଲେ । ଅଲୌକିକର ଅର୍ଥ ଏହି ଲୋକରୁ ପରେ– ମୃତ୍ୟୁ ଲୋକ, ଦେବଲୋକ, ବ୍ରହ୍ମଲୋକ ଏବଂ ଯେଉଁ ପର୍ଯ୍ୟନ୍ତ ଜନ୍ମ–ମରଣ ଭୟ ରହିଛି, ସେହି ସମସ୍ତ ଲୋକରୁ ପରେ ପାରଲୌକିକ, ପାରମାର୍ଥିକ, ସ୍ଥିତି ପ୍ରଦାନ କରିବା ନିମନ୍ତେ ଘୋଷଣା ଯୋଗେଶ୍ୱର ଶ୍ରୀକୃଷ୍ଣ କରିଥିଲେ । ଏଠାରେ ସୁନା, ରୂପା, କାଷ୍ଠ ନର୍ମିତ ରଥ ନଥିଲା । ରଥ ଅଲୌକିକ, ଶଙ୍ଖ ଅଲୌକିକ ଏବଂ ଘୋଷଣା ମଧ୍ୟ ଅଲୌକିକ ଥିଲା । ଏହି ସବୁ ଲୋକଠାରୁ ପରେ ଏକମାତ୍ର ବ୍ରହ୍ମ ହିଁ ରହିଛନ୍ତି । ସିଧା ତାହାଙ୍କ ସହ ସମ୍ପର୍କ ସ୍ଥାପନ କରାଇବାର ଏକମାତ୍ର ଘୋଷଣା ଥିଲା । ସେ କିପରି ସ୍ଥିତି ପ୍ରଦାନ କରିବେ –

**ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।**
**ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ।।୧୫।।**

ହୃଷିକେଶଃ–ଅର୍ଥାତ୍ ଯିଏ ହୃଦୟର ସର୍ବସ୍ୱ ଜ୍ଞାତା ଅଟନ୍ତି । ସେହି ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ନାମକ ଶଙ୍ଖ ବଜାଇଲେ । ପଞ୍ଚ ଜ୍ଞାନେନ୍ଦ୍ରିୟକୁ ପଞ୍ଚ ତନ୍ମାତ୍ରା (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ)ର ରସଦ୍ୱାରା ସାଉଁଟି କରି ନିଜର ଲୋକ ଅର୍ଥାତ୍ ଭକ୍ତଙ୍କ ଶ୍ରେଣୀରେ ଢାଳିବା ନିମନ୍ତେ ଘୋଷଣା କରିଥିଲେ । ବିକରାଳ ରୂପରେ ବିକ୍ଷେପିତ ଇନ୍ଦ୍ରିୟମାନଙ୍କୁ ସାଉଁଟି କରି ତାହାଙ୍କୁ ନିଜର ସେବକ ଅର୍ଥାତ୍

ଭକ୍ତଙ୍କ ଶ୍ରେଣୀରେ ଉପସ୍ଥିତ କରାଇବା ହୃଦୟରେ ପ୍ରେରଣା କରାଉଥିବା ସଦ୍‌ଗୁରୁଙ୍କ ହିଁ ଅବଦାନ ଅଟେ । ଶ୍ରୀକୃଷ୍ଣ ଜଣେ ଯୋଗେଶ୍ୱର ତଥା ସଦ୍‌ଗୁରୁ ଥିଲେ । **ଶିଷ୍ୟସ୍ତେଽହଂ–** ଭଗବନ୍ ! ମୁଁ ଆପଣଙ୍କ ଶିଷ୍ୟ । ବାହ୍ୟ ବିଷୟବସ୍ତୁକୁ ତ୍ୟାଗକରି ଧ୍ୟାନରେ ଇଷ୍ଟଙ୍କ ଅତିରିକ୍ତ ଅନ୍ୟ କୌଣସି ବସ୍ତୁକୁ ନଦେଖିବା, ନଶୁଣିବା ଅନ୍ୟ କୌଣସି ବସ୍ତୁକୁ ସ୍ପର୍ଶ ନକରିବା ଇତ୍ୟାଦି ସଦ୍‌ଗୁରୁଙ୍କ ଅନୁଭବ ସଞ୍ଚାର ଉପରେ ହିଁ ନିର୍ଭର କରିଥାଏ ।

**ଦେବଦତ୍ତଂ ଧନଞ୍ଜୟଃ**– ଅର୍ଥାତ୍ ଦୈବୀ ସମ୍ପତ୍ତିକୁ ଅଧିନସ୍ଥ କରିଥିବା ଅନୁରାଗ ହିଁ ଅର୍ଜୁନ । ଇଷ୍ଟଙ୍କ ଅନୁରୂପ ଲଗନ, ଯେଉଁଥିରେ ବିରହ, ବୈରାଗ୍ୟ, ଅଶ୍ରୁପାତ ହେଉଥିବ, **'ଗଦ୍‌ଗଦ୍ ଗିରା ନୟନ ବହ ନୀରା'** ରୋମାଞ୍ଚ ହେଉଥିବ, ଇଷ୍ଟଙ୍କ ଅତିରିକ୍ତ ଅନ୍ୟ କୌଣସି ବିଷୟବସ୍ତୁ ଦ୍ୱାରା ଲେଶମାତ୍ର ବାଧା ସୃଷ୍ଟି ।ଇ ହେଉନଥିବ । ଏହାକୁ ହିଁ ଅନୁରାଗ କହନ୍ତି । ଯଦି ଏହା ସଫଳ ହୋଇଯାଏ, ତେବେ ପରମଦେବ ପରମାତ୍ମାରେ ପ୍ରବେଶ କରାଇଦେଉଥିବା ଦୈବୀ ସମ୍ପଦ ଉପରେ ଆଧିପତ୍ୟ ପ୍ରାପ୍ତ କରିନିଏ । ଏହାର ଅନ୍ୟ ନାମ ଧନଞ୍ଜୟ ଅଟେ । ଏକ ପ୍ରକାର ଧନ ତ ବାହ୍ୟ ସମ୍ପତ୍ତି, ଯେଉଁଥିରେ ଶରୀର ନିର୍ବାହର ବ୍ୟବସ୍ଥା ହେଉଥାଏ । ଆତ୍ମା ସହିତ ଏହାର କୌଣସି ସମ୍ବନ୍ଧ ନଥାଏ । ଏହା ପରେ ସ୍ଥିର ଆତ୍ମିକ ସମ୍ପତ୍ତି ହିଁ ନିଜ ସମ୍ପତ୍ତି ଅଟେ । ବୃହଦାରଣ୍ୟକୋପନିଷଦ୍‌ରେ ଯାଜ୍ଞବଲକ୍ୟ ମୈତ୍ରେୟୀଙ୍କୁ ବୁଝାଇଥିଲେ ଯେ, ଧନ ସମ୍ପନ୍ନ ପୃଥିବୀର ସ୍ୱାମୀତ୍ୱରୁ ମଧ୍ୟ ଅମୃତ ତତ୍ତ୍ୱର ପ୍ରାପ୍ତି ହୋଇପାରିବ ନାହିଁ । ଏହାର ଉପାୟ କେବଳ ଆତ୍ମିକ ସମ୍ପତ୍ତି ହିଁ ଅଟେ ।

ଭୟାବହ କର୍ମଯୁକ୍ତ ଭୀମସେନ ପୌଣ୍ଡ୍ର ଅର୍ଥାତ୍ ପ୍ରୀତି ନାମକ ମହାଶଙ୍ଖ ବଜାଇଲେ । ଭାବର ଉଦ୍‌ଗମ ଏବଂ ନିବାସ ସ୍ଥଳୀ ହୃଦୟ ଅଟେ । ତେଣୁକରି ଏହାଙ୍କ ନାମ ବୃକୋଦର ଅଟେ । ଆପଣଙ୍କ ଭାବ ଏବଂ ଲଗନ ପିଲାମାନଙ୍କ ଉପରେ ରହିଥାଏ । କିନ୍ତୁ ବସ୍ତୁତଃ ସେହି ଲଗନ ଆପଣଙ୍କର ହୃଦୟରେ ରହିଛି, ଯାହା ସେହି ପିଲାମାନଙ୍କ ଉପରେ ପ୍ରତିଫଳିତ ହୋଇଥାଏ । ଏହିଭାବ ଅଥାହ ଏବଂ ମହାନ୍ ବଳଶାଳୀ ମଧ୍ୟ ଅଟେ । ସେ ପ୍ରୀତି ନାମକ ମହାଶଙ୍ଖ ବଜାଇଲେ । ଭାବରେ ହିଁ ସେହି ପ୍ରୀତି ନିହିତ ରହିଛି । ତେଣୁ ଭୀମସେନ ପୌଣ୍ଡ୍ର ଅର୍ଥାତ୍ ପ୍ରୀତିନାମକ ମହାଶଙ୍ଖ ବଜାଇଲେ । ଭାବ ମହାନ୍ ବଳବାନ୍ କିନ୍ତୁ ପ୍ରୀତି ସଞ୍ଚାର ମାଧ୍ୟମରେ ହିଁ ହୋଇଥାଏ ।

**'ହରି ବ୍ୟାପକ ସର୍ବତ୍ର ସମାନ । ପ୍ରେମ ତେଁ ପ୍ରଗଟ ହୋହିଁ ମେ ଜାନା ।।'**

(ରାମଚରିତ ମାନସ,୧/୧୮୪/୫)

**ଅନନ୍ତ ବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।**
**ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ॥୧୬॥**

କୁନ୍ତୀପୁତ୍ର ରାଜା ଯୁଦ୍ଧିଷ୍ଠିର ଅନନ୍ତବିଜୟ ନାମକ ଶଙ୍ଖ ବଜାଇଲେ । କର୍ତ୍ତବ୍ୟ ରୂପୀ କୁନ୍ତି ଏବଂ ଧର୍ମରୂପୀ ଯୁଦ୍ଧିଷ୍ଠିର । ଧର୍ମ ଉପରେ ସ୍ଥିରତ୍ୱ ରହିଲେ **ଅନନ୍ତ ବିଜୟ** ଅର୍ଥାତ୍ ଅନନ୍ତ ପରମାତ୍ମାରେ ସ୍ଥିତି ମିଳିଥାଏ । **ଯୁଦ୍ଧେ ସ୍ଥିରଃ ସଃ ଯୁଦ୍ଧିଷ୍ଠିରଃ ।** ପ୍ରକୃତି ପୁରୁଷ ଅର୍ଥାତ୍ କ୍ଷର ପୁରୁଷ କ୍ଷେତ୍ର କ୍ଷେତ୍ରଜ୍ଞଙ୍କ ସଂଘର୍ଷରେ ସ୍ଥିର ରହିଥାଏ । ମହାନ ଦୁଃଖରେ ମଧ୍ୟ ବିଚଳିତ ହୋଇନଥାଏ, ତେବେ 'ଅନନ୍ତ' ଯାହାର ଅନ୍ତ ନାହିଁ, ସେହି ପରମତତ୍ତ୍ୱ ପରମାତ୍ମାରେ ଦିନେ ନିଶ୍ଚିତ ରୂପେ ବିଜୟ ଲାଭ କରାଇଥାଏ । **ନିୟମରୂପୀ ନକୁଳ** – ସୁଘୋଷ ନାମକ ଶଙ୍ଖ ବଜାଇଲେ । ଯେପରି ଭାବରେ ନିୟମର ଉନ୍ନତି ହେଉଥିବ, ଅଶୁଭର ସମାପ୍ତି ଘଟୁଥିବ, ସେପରି ଭାବରେ ଧିରେ ଧିରେ ଶୁଭ ସଙ୍କେତ ଘୋଷିତ ହେଉଥିବ । **ସତ୍‌ସଙ୍ଗରୂପୀ ସହଦେବ**– ମଣ ପୁଷ୍ପକ ଶଙ୍ଖ ବଜାଇଲେ । ମହର୍ଷିମାନେ ପ୍ରତ୍ୟେକ ଶ୍ୱାସ ପ୍ରଶ୍ୱାସକୁ ବହୁମୂଲ୍ୟ ମଣିର ସଞ୍ଜ୍ଞା ଦେଇଛନ୍ତି । **'ହୀରା ଜୈସୀ ଶ୍ୱାସ ବାତୋଁ ମେଁ ବୀତୀ ଜାୟ** ।' ଏକପ୍ରକାର ସତ୍‌ସଙ୍ଗ ତାହା ଅଟେ, ଯାହାକୁ ଆପଣ ସତ୍‌ପୁରୁଷଙ୍କ ବାଣୀ ମାଧ୍ୟମରେ ଶୁଣନ୍ତି କିନ୍ତୁ ଯଥାର୍ଥ ସତ୍‌ସଙ୍ଗ ତ ଆନ୍ତରିକ ଅଟେ । ଶ୍ରୀକୃଷ୍ଣଙ୍କ ମତାନୁସାରେ ଆତ୍ମା ହିଁ ସତ୍ୟ ଓ ସନାତନ । ଯେତେବେଳେ ଚିତ୍ତକୁ ଚାରିଆଡୁ ସାଉଁଟି କରି ଆତ୍ମାର ସଙ୍ଗତ କରିବାରେ ଲାଗାଯାଏ, ସେତେବେଳେ ବାସ୍ତବିକ ସତ୍‌ସଙ୍ଗ ହୋଇଥାଏ । ଏହି ସତ୍‌ସଙ୍ଗ ଚିନ୍ତନ, ଧ୍ୟାନ ଏବଂ ସମାଧିର ଅଭ୍ୟାସଦ୍ୱାରା ସମ୍ପନ୍ନ ହୋଇଥାଏ । ଯେପରି ଯେପରି ସତ୍ୟର ସାନ୍ନିଧ୍ୟରେ ସୁରତ ଅର୍ଥାତ୍ ମନର ଦୃଷ୍ଟିକୋଣ ଦୃଢ ହୋଇ ଯାଉଥିବ, ସେପରି ସେପରି ପ୍ରତ୍ୟେକ ଶ୍ୱାସ ଉପରେ ନିୟନ୍ତ୍ରଣ ମିଳିଯାଉଥିବ । ମନ ସହିତ ଇନ୍ଦ୍ରିୟମାନଙ୍କର ମଧ୍ୟ ନିରୋଧ ହୋଇଯାଉଥିବ । ଯେଉଁଦିନ ସର୍ବଥା ନିରୋଧ ହୋଇଯିବ, ଇପ୍‌ସିତ ବସ୍ତୁ ପ୍ରାପ୍ତ ହୋଇଯିବ । ବାଦ୍ୟ–ଯନ୍ତ୍ରପରି ଚିତ୍ତ ଆତ୍ମାର ସ୍ୱରରେ ସ୍ୱର ମିଳାଇ ସଙ୍ଗ କରିବା ହିଁ ସତ୍‌ସଙ୍ଗ ।

ବାହ୍ୟମଣି କଠୋର ଅଟେ । କିନ୍ତୁ ଶ୍ୱାସ ମଣି ପୁଷ୍ପଠାରୁ ମଧ୍ୟ କୋମଳ ଅଟେ । ପୁଷ୍ପ ତ ବିକଶିତ ହୋଇ କିମ୍ବା ଝଡ଼ିଗଲେ ମଉଳିଯାଏ କିନ୍ତୁ ଆପଣ ପରବର୍ତ୍ତୀ ଶ୍ୱାସ ପର୍ଯ୍ୟନ୍ତ ଜୀବିତ ରହିବେ ବୋଲି ନିଶ୍ଚିତ ମତ ଦେଇପାରିବେ ନାହିଁ । କିନ୍ତୁ ସତ୍‌ସଙ୍ଗ ସଫଳ ହେବା ପରେ ପ୍ରତ୍ୟେକ ଶ୍ୱାସ ଉପରେ ନିୟନ୍ତ୍ରଣ କରାଇ ପରମଲକ୍ଷ୍ୟ ପ୍ରାପ୍ତି କରାଇଦିଏ । ଏହାପରେ ପାଣ୍ଡବମାନଙ୍କ କୌଣସି ଘୋଷଣା ନାହିଁ । କିନ୍ତୁ ପ୍ରତ୍ୟେକ ସାଧନ କିଛିନାକିଛି ନିର୍ମଳତାର ପଥରେ ସାଧନ ବ୍ୟବସ୍ଥା କରାଇଥାଏ ।

ଆଗକୁ କହୁଛନ୍ତି–

**କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।**
**ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥୧୭॥**

କାୟାରୂପୀ କାଶୀ । ଯେତେବେଳେ ପୁରୁଷ ଚାରିଆଡୁ ମନସହିତ ଇନ୍ଦ୍ରିୟମାନଙ୍କୁ ସାଉଁଟି କରି କାୟାରେ ହିଁ କେନ୍ଦ୍ରିତ କରିଥାଏ, ସେତେବେଳେ **ପରମେଷ୍ୱାସଃ** ପରମ ଈଶରେ ବାସ କରିବାରେ ଅଧିକାରୀ ହୋଇଥାଏ । ପରମ ଈଶରେ ବାସ କରାଉଥିବା ସକ୍ଷମ କାୟାହିଁ କାଶୀ ଅଟେ । କାୟାରେ ହିଁ ପରମଈଶଙ୍କ ନିବାସ ସ୍ଥାନ । ପରମେଷ୍ୱାସ ର ଅର୍ଥ ଶ୍ରେଷ୍ଠ ଧନୁଧାରୀ ନୁହଁ ବରଂ ପରମ–ଈଶ–ବାସ ଅଟେ ।

ଶିଖା–ସୂତ୍ର ତ୍ୟାଗ ହିଁ ଶ୍ରୀଖଣ୍ଡି । ଆଜିକାଲି ଲୋକେ ମସ୍ତକର କେଶକାଟି ନେଇ, ସୂତ୍ର ନାମରେ କାନ୍ଧର ପଇତାକୁ କାଢି ଦିଅନ୍ତି, ଅଗ୍ନି ଜଳାଇବା ଛାଡ଼ି ଦିଅନ୍ତି, ହୋଇଗଲା ସେମାନଙ୍କ ସନ୍ୟାସ । କିନ୍ତୁ ଏପରି ନୁହଁ । ବସ୍ତୁତଃ ଶିଖା ଲକ୍ଷ୍ୟର ପ୍ରତୀକ । ଯାହାକୁ ଆପଣ ପ୍ରାପ୍ତ କରିବାକୁ ହେବ ଏବଂ ସୂତ୍ର ସଂସ୍କାରର ପ୍ରତୀକ ମାତ୍ର । ଯେଉଁ ପର୍ଯ୍ୟନ୍ତ ପରମାତ୍ମାଙ୍କୁ ପାଇବା ଶେଷ ରହିଛି, ସେ ପର୍ଯ୍ୟନ୍ତ ସଂସ୍କାରର ସୂତ୍ରପାତ ଲାଗିରହିଛି, ସେପର୍ଯ୍ୟନ୍ତ ତ୍ୟାଗ କିପରି ? ସନ୍ୟାସୀ କିପରି ? ବର୍ତ୍ତମାନ ତ ଆପଣ ସାଧନ ପଥରେ ଅଗ୍ରସର ହୋଇଥିବା ପଥିକ ମାତ୍ର । ଯେତେବେଳେ ପ୍ରାପ୍ତ୍ୟ ବସ୍ତୁ ପ୍ରାପ୍ତ ହୋଇଯିବ, ପଛରେ ଲାଗି ରହିଥିବା ସଂସ୍କାରର ରସି କଟିଯିବ । ଏପରି ଅବସ୍ଥାରେ ଭ୍ରମ ସର୍ବଥା ଶାନ୍ତ ହୋଇଯାଏ । ତେଣୁ ଶ୍ରୀଖଣ୍ଡି ଭ୍ରମରୂପୀ ଭୀଷ୍ମଙ୍କୁ ବିନାଶ କରିଥାଏ । ଶ୍ରୀଖଣ୍ଡି ଚିନ୍ତନ ପଥର ବିଶିଷ୍ଟ ଯୋଗ୍ୟତା ମାତ୍ର ଏବଂ ମହାରଥି ମଧ୍ୟ ।

**ଧୃଷ୍ଟଦ୍ୟୁମ୍ନ**– ଦୃଢ ଏବଂ ଅଚଳ ମନ ତଥା **ବିରାଟଃ**– ସର୍ବତ୍ର ବିରାଟ ଈଶ୍ୱରଙ୍କ ବ୍ୟାପକତା ଦର୍ଶନ କରିବା କ୍ଷମତା ଇତ୍ୟାଦି ଦୈବୀ ସମ୍ପଦର ପ୍ରମୁଖ ଗୁଣ ଅଟେ । ସାତ୍ତ୍ୱିକତା ହିଁ **ସାତ୍ୟକି** । ସତ୍ୟ ଚିନ୍ତନର ପ୍ରବୃତ୍ତି ଅର୍ଥାତ୍ ସ୍ୱାତ୍ତ୍ୱିକତାର ଯଦି ଧାରା ପ୍ରବାହ ରହିଛି ତେବେ କୌଣସି ପ୍ରକାର ପତନ ଅସମ୍ଭବ । ଏହି ସଂଘର୍ଷରେ ପରାଜିତ ହେବାକୁ ଦେବ ନାହିଁ ।

**ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।**
**ସୌଭଦ୍ରଶ୍ଚମହାବାହୁଃ ଶଙ୍ଖାନ୍ଦଧ୍ମୁଃ ପୃଥକ୍ପୃଥକ୍ ॥ ୧୮॥**

ଅଚଳ ପଦ ଦାୟକ ଦ୍ରୁପଦ ଏବଂ ଧ୍ୟାନରୂପୀ ଦୌପଦୀଙ୍କ ପାଞ୍ଚପୁତ୍ର , **ସହୃଦୟତା , ବାତ୍ସଲ୍ୟ, ଲାବଣ୍ୟ, ସୌମ୍ୟତା ଓ ସ୍ଥିରତା** ଇତ୍ୟାଦି ସାଧନ

ପଥରେ ମହାନ୍ ସହାୟକ ମହାରଥି ଏବଂ ବିଶାଳ ବାହୁଯୁକ୍ତ ଅଭିମନ୍ୟୁ–ଏହି ସମସ୍ତେ ନିଜ ନିଜର ପୃଥକ୍ ପୃଥକ୍ ଶଙ୍ଖ ବଜାଇଲେ । ବାହୁ କାର୍ଯ୍ୟକ୍ଷେତ୍ରର ପ୍ରତୀକ ମାତ୍ର । ଯେତେବେଳେ ମନ ଭୟ ରହିତ ହୁଏ ସେତେବେଳେ ତାହାର ଗତି ବହୁତ ଦୂର ପର୍ଯ୍ୟନ୍ତ ହୋଇଥାଏ ।

ହେ ରାଜନ୍ ! ଏହିପରି ସମସ୍ତେ ନିଜ ନିଜର ଭିନ୍ନ ଭିନ୍ନ ଶଙ୍ଖ ବଜାଇଲେ । ଏମାନେ ସାଧନ ପଥରେ କିଛି ନା କିଛି ଦୂର ଅବଶ୍ୟ ନିର୍ଦ୍ଧିଷ୍ଟ କରାଇଥାନ୍ତି । ଏହିମାନଙ୍କୁ ପାଳନ କରିବା ଆବଶ୍ୟକ ଅଟେ । ତେଣୁ ଏମାନଙ୍କ ନାମ ଗଣନା କରାଗଲା । ଏହା ବ୍ୟତିତ ଏପରି କିଛି ଦୂରତା ମଧ୍ୟ ରହିଛି ଯାହା ମନବୁଦ୍ଧିଠାରୁ ବାହାରେ । ଭଗବାନ ସ୍ୱୟଂ ହିଁ ଅନ୍ତଃକରଣରେ ବିରାଜମାନ ହୋଇ ତାହା ନିର୍ଦ୍ଧାରଣ କରାଇଥାନ୍ତି । ଅନ୍ୟପକ୍ଷରେ ସାଧକର ଦୃଷ୍ଟି ହୋଇ ଆତ୍ମାରେ ସ୍ଥିତ ରହନ୍ତି ଏବଂ ସମ୍ମୁଖରେ ସ୍ୱୟଂ ଉପସ୍ଥିତ ହୋଇ ନିଜର ପରିଚୟ କରାଇ ଦିଅନ୍ତି ।

**ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।**
**ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋ ବ୍ୟନୁନାଦୟନ୍ ॥୧୯॥**

ସେହିପରି ଘୋର ଶବ୍ଦର ଗର୍ଜନରେ ଆକାଶ ଓ ପୃଥିବୀକୁ ମଧ୍ୟ ଶବ୍ଦାୟମାନ କରି ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କ ହୃଦୟ ବିଦୀର୍ଣ୍ଣ କରିଦେଇଥିଲେ । ସୈନ୍ୟମାନେ ତ ପାଣ୍ଡବ ପକ୍ଷରେ ମଧ୍ୟ ଥିଲେ । କିନ୍ତୁ ହୃଦୟ ବିଦୀର୍ଣ୍ଣ ହେଲା ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କର ! ବସ୍ତୁତଃ ପାଞ୍ଚଜନ୍ୟ ଦୈବୀଶକ୍ତି ଉପରେ ଆଧିପତ୍ୟ, ଅନନ୍ତ ପଦରେ ବିଜୟ, ଅଶୁଭର ଶମନ ଏବଂ ଶୁଭର ଘୋଷଣା ଧାରାବାହୀ ହେବାରେ ଲାଗିଲେ ହିଁ କୁରୁକ୍ଷେତ୍ର ଆସୁରୀ ସମ୍ପଦ ଅର୍ଥାତ୍ ବହିର୍ମୁଖୀ ପ୍ରବୃତ୍ତିମାନଙ୍କ ହୃଦୟ ବିଦିର୍ଣ୍ଣ ହୋଇଯିବ । ସେମାନଙ୍କ ବଳ, ଧିରେ ଧିରେ କ୍ଷିଣ ହୋଇଯିବ । ଚାରିଆଡୁ ସଫଳତା ମିଳିଗଲେ ମୋହମୟୀ ପ୍ରବୃତ୍ତିଗୁଡ଼ିକ ସର୍ବଥା ଶାନ୍ତ ହୋଇଯାଏ ।

**ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ ।**
**ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ॥୨୦॥**
**ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ।**
**ଅର୍ଜୁନ ଉବାଚ**
**ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ॥୨୧॥**

ସଂଯମରୂପୀ ସଞ୍ଜୟ ଅଜ୍ଞାନ ଦ୍ୱାରା ଆବୃତ୍ତ ମନକୁ ବୁଝାଇ କହିଲେ ହେ ରାଜନ ! ଏହାର ଉପରାନ୍ତ **'କପିଧ୍ୱଜଃ'** ବୈରାଗ୍ୟ ରୂପୀ ହନୁମାନ ଅର୍ଥାତ୍ ବୈରାଗ୍ୟ ହିଁ ଯାହାର ଧ୍ୱଜା । ଧ୍ୱଜା ଅର୍ଥାତ୍ ପତକାକୁ ରାଷ୍ଟ୍ରର ପ୍ରତୀକ ମାନନ୍ତି । କିଛି ଲୋକ

କହନ୍ତି– ଧ୍ୱଜା ଚଞ୍ଚଳ ଥିଲା ତେଣୁକରି ତାହାର ନାମ କପିଧ୍ୱଜ କୁହାଯାଇଛି । କିନ୍ତୁ ତାହା ନୁହଁ । ଏଠାରେ କପି କୌଣସି ସାଧାରଣ ବାନର ନଥିଲେ, ସେ ସ୍ୱୟଂ ହନୁମାନ । ଯିଏକି ମାନ ଓ ଅପମାନକୁ ସର୍ବଥା ଦମନ କରିଥିଲେ । **'ସମ ମାନ ନିରାଦର ଆଦର ହୀଁ'** । ପ୍ରକୃତିରେ ଦେଖିଥିବା, ଶୁଣିଥିବା ବସ୍ତୁମାନଙ୍କ ଠାରେ, ବିଷୟମାନଙ୍କ ଠାରେ ରାଗ ଅର୍ଥାତ୍ ଆସକ୍ତିର ତ୍ୟାଗ ହିଁ ବୈରାଗ୍ୟ । ଅତଃ ବୈରାଗ୍ୟ ହିଁ ଯାହାର ଧ୍ୱଜା, ସେହି ଅର୍ଜୁନ ବ୍ୟବସ୍ଥିତ ରୂପରେ ଧୃତରାଷ୍ଟ୍ର ପୁତ୍ରମାନଙ୍କୁ ଠିଆ ହୋଇଥିବା ଦେଖି ଶସ୍ତ୍ର ଚଳାଇବା ସମୟରେ ନିଜର ଧନୁଷ ବାଣକୁ ଉଠାଇ, **'ହୃଷିକେଶମ୍'**– ଯିଏ କି ହୃଦୟର ସର୍ବସ୍ୱ ଜ୍ଞାତା ଅଟନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ ଏପରି କହିଲେ – ହେ ଅଚ୍ୟୁତ ! ଅର୍ଥାତ୍ ଯିଏ କି କୌଣସି କାଳରେ ମଧ୍ୟ ଚ୍ୟୁତ ନହୁଅନ୍ତି, ତାହାଙ୍କୁ କହିଲେ– ମୋର ରଥକୁ ଦୁଇ ସୈନ୍ୟ ବାହିନୀର ମଧ୍ୟଭାଗରେ ନେଇ ରଖନ୍ତୁ । ଏହା ସାରଥୀଙ୍କୁ ଦିଆଯାଇଥିବା ଆଦେଶ ନୁହଁ ବରଂ ଇଷ୍ଟ ଅର୍ଥାତ୍ ସଦ୍‌ଗୁରୁଙ୍କ ପ୍ରତି କରାଯାଇଥିବା ବିନୟ ପ୍ରାର୍ଥନା ଅଟେ । ଏଠାରେ ପ୍ରଶ୍ନ ଉଠେ ଯେ, କାହିଁକି ଦୁଇ ସେନାଙ୍କ ମଧ୍ୟରେ ରଥକୁ ରଖାଯିବ ?

**ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।**
**କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ ॥୨୨॥**

ଯେଉଁ ପର୍ଯ୍ୟନ୍ତ ମୁଁ ଏହି ଯୁଦ୍ଧର କାମନାନେଇ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ଭଲ ରୂପେ ନଦେଖିଛି, ଏହି ଯୁଦ୍ଧ ଉଦ୍ୟୋଗରେ ମୁଁ କେଉଁ କେଉଁ ବ୍ୟକ୍ତିମାନଙ୍କ ସହିତ ଯୁଦ୍ଧ କରିବାକୁ ଯୋଗ୍ୟ ଏହି ଯୁଦ୍ଧ ବ୍ୟାପାରରେ ମୋତେ କେଉଁ କେଉଁ ବ୍ୟକ୍ତିଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିବ ?

**ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।**
**ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ ॥୨୩॥**

ଦୁର୍ବୁଦ୍ଧି ଦୁର୍ଯ୍ୟଧନର ଯୁଦ୍ଧରେ କଲ୍ୟାଣ ଚାହୁଁଥିବା, ଯେଉଁ ଯେଉଁ ରାଜମାନେ ଏହି ସେନା ମଧ୍ୟରେ ଆସିଛନ୍ତି । ସେହି ଯୁଦ୍ଧାଭିଳାଷିଙ୍କୁ ମୁଁ ଦେଖିବି, ଅତଏବ ରଥକୁ ଦୁଇ ସେନା ମଧ୍ୟରେ ଉପସ୍ଥିତ କରାନ୍ତୁ । ଅର୍ଥାତ୍ ମୋହରୂପୀ ଦୁର୍ଯ୍ୟୋଧନର, ମୋହମୟୀ ପ୍ରବୃତ୍ତିମାନଙ୍କ କଲ୍ୟାଣ ଚାହୁଁଥିବା ଯେଉଁ ଯେଉଁ ରାଜା ଏହି ଯୁଦ୍ଧକୁ ଆସିଛନ୍ତି । ସେହି ରାଜାମାନଙ୍କୁ ମୁଁ ଦେଖିବି ।

**ସଂଜୟ ଉବାଚ**

**ଏବମୁକ୍ତୋ ହୃଷୀକେଶୋ ଗୁଡ଼ାକେଶେନ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ॥୨୪॥**

**ଭୀଷ୍ମଦ୍ରୋଣ ପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍**
**ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି ।।୨୫।।**

ସଞ୍ଜୟ କହିଲେ- ନିଦ୍ରାଜୟୀ ଅର୍ଜୁନ ଏହିପରି କହିବାରୁ ହୃଦୟର ଜ୍ଞାତା ଶ୍ରୀକୃଷ୍ଣ ଦୁଇ ସେନାମାନଙ୍କ ମଧ୍ୟରେ ଭୀଷ୍ମ, ଦ୍ରୋଣ ଓ **ମହୀକ୍ଷିତାମ୍**- ଶରୀରରୂପୀ ପୃଥିବୀ ଉପରେ ଅଧିକାର ଜମାଇଥିବା ସମ୍ପୂର୍ଣ୍ଣ ରାଜାମାନଙ୍କ ମଧ୍ୟରେ ଉତ୍ତମ ରଥକୁ ଠିଆକରାଇ କହିଲେ ଯେ ହେ ପାର୍ଥ ! ଏଠାରେ ଏକତ୍ରିତ ହୋଇଥିବା କୌରବମାନଙ୍କୁ ଦେଖ । ଏଠାରେ ଉତ୍ତମରଥର ଅର୍ଥ ସୁନା ବା ରୂପାର ରଥ ନୁହଁ । ସଂସାରରେ ଉତ୍ତମର ପରିଭାଷା ନଶ୍ୱର ପ୍ରତି ଅନୁକୁଳତା ଓ ପ୍ରତିକୁଳତାରେ କରାଯାଏ । ଏହି ପରିଭାଷା ଅପୂର୍ଣ୍ଣ ଅଟେ । ଆତ୍ମର ଆତ୍ମା, ଆତ୍ମ ସ୍ୱରୂପର ସଦୈବ ସହାୟତା କରେ । ତାହା ହିଁ ଉତ୍ତମ ଯାହା ପଛରେ ଅନୁତ୍ତମ ଅଥବା ମଳିନତା ନଥାଏ ।

**ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୃନଥ ପିତାମହାନ୍ ।**
**ଆଚାର୍ଯ୍ୟାନ୍ମାତୁଳାନ୍‌ଭ୍ରାତୃନ୍‌ପୁତ୍ରାନ୍‌ପୌତ୍ରାନ୍‌ସଖୀଂସ୍ତଥା ।।୨୬।।**
**ଶ୍ୱଶୁରାନ୍ ସହୃଦଶ୍ଚୈବ ସେନୟୋରୁଭୟୋରପି ।**

ଏହା ଉପରାନ୍ତେ ଅବିଚଳିତ ଲକ୍ଷ୍ୟଯୁକ୍ତ ପାର୍ଥିବ ଶରୀରକୁ ରଥ କରିଥିବା ପାର୍ଥ, ସେହି ଦୁଇ ସେନାଙ୍କ ମଧ୍ୟରେ ସ୍ଥିତ ପିତାଙ୍କ ଭାଇ, ଦାଦା, କକା, ପିତାମହ, ଆଚାର୍ଯ୍ୟ, ମାମୁଁ, ଭାଇମାନଙ୍କୁ, ପୁତ୍ରମାନଙ୍କୁ, ପୌତ୍ର ଅର୍ଥାତ୍ ନାତି, ମିତ୍ର, ଶ୍ୱଶୁର ଏବଂ ସହୃଦମାନଙ୍କୁ ଦେଖିଲେ । ଦୁଇ ସେନାମାନଙ୍କ ମଧ୍ୟରେ ଅର୍ଜୁନଙ୍କୁ କେବଳ ନିଜର ପରିବାର, ମାମୁଁଙ୍କ ପରିବାର, ଶ୍ୱଶୁରଙ୍କ ପରିବାର, ସୁହୃଦ ଏବଂ ଗୁରୁଜନ ହିଁ ଦେଖାଗଲେ । ମହାଭାରତ ସମୟର ଗଣନାନୁସାରେ ଅଠର ଅକ୍ଷୌହିଣୀ ଅର୍ଥାତ୍ ଚାଳିଶ ଲକ୍ଷର ସମକକ୍ଷ ହେଉଛି କିନ୍ତୁ ପ୍ରଚଳିତ ଗଣନା ଅନୁସାରେ ଅଠର ଅକ୍ଷୌହିଣୀ ପ୍ରାୟତଃ ସାଢେ ଛଅ ଅରବ ହୋଇଥାଏ । ଯାହାକି ଆଜିର ବିଶ୍ୱର ଜନସଂଖ୍ୟାର ସମକକ୍ଷ ଅଟେ । ଏତିକି ମାତ୍ର ନିମନ୍ତେ କେବେ କେବେ ବିଶ୍ୱ ସ୍ତରରେ ଆବାସ ଓ ଖାଦ୍ୟର ସମସ୍ୟା ହୋଇଯାଇଥାଏ । ଏତେବଡ଼ ଜନସମୂହ ଅର୍ଜୁନଙ୍କ ତିନି ଚାରି ସମ୍ବନ୍ଧିମାନଙ୍କ ପରିବାର ମାତ୍ର ଥିଲା । କ'ଣ ଏତେବଡ଼ ପରିବାର କାହାର କେବେ ହୋଇଛି ? କଦାପି ନୁହଁ । ଏହା ତ ହୃଦୟଦେଶର ଚିତ୍ରଣ ମାତ୍ର ।

**ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନବସ୍ଥିତାନ୍ ।।।୨୭।।**
**କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ ।**

ଏହପରି ଯୁଦ୍ଧରେ ଠିଆ ହୋଇଥିବା ସମ୍ପୂର୍ଣ୍ଣ ବନ୍ଧୁ ପରିବାରଙ୍କୁଦେଖି ଅତ୍ୟନ୍ତ

କରୁଣାମୟ ଭାବରେ କୁନ୍ତିପୁତ୍ର ଅର୍ଜୁନ ଅଶୋକାକୂଳ ହୋଇକହିଲେ ।

**ଅର୍ଜୁନ ଉବାଚ**

**ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ଯୁଯୁତ୍ସୁଂ ସମୁପସ୍ଥିତମ୍ ॥୨୮॥**
**ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ।**
**ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ॥୨୯॥**

ହେ କୃଷ୍ଣ ! ଯୁଦ୍ଧ ଇଛା ନେଇଥିବା ସ୍ୱଜନ ସମୁଦାୟଙ୍କୁ ଦେଖି ମୋର ଅଙ୍ଗ ଶିଥିଳ ହୋଇଯାଉଛି, ମୁଖ ଶୁଖିଯାଉଛି ଏବଂ ଶରୀରରେ କମ୍ପନ ତଥା ରୋମାଞ୍ଚ ହେଉଛି । କେବଳ ଏତିକି ହିଁ ନୁହଁ–

**ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ ତ୍ୱକ୍ ଚୈବ ପରିଦହ୍ୟତେ ।**
**ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ॥୩୦॥**

ହାତରୁ ଗାଣ୍ଡିବ ଖସି ପଡ଼ିଯାଉଛି । ତ୍ୱଚା ମଧ୍ୟ ଜଳିଯାଉଛି । ଅର୍ଜୁନଙ୍କୁ ଜ୍ୱରପରି ହୋଇଗଲା ଏବଂ ସନ୍ତପ୍ତ ହୋଇ ଉଠିଲେ । ଏହା କିପରି ଯୁଦ୍ଧ ? ଯେଉଁଥିରେ ସ୍ୱଜନ ହିଁ ଉପସ୍ଥିତ ରହିଛନ୍ତି । ଅର୍ଜୁନଙ୍କୁ ଭ୍ରମ ହୋଇଗଲା । ଭ୍ରମ ଅବସ୍ଥାରେ ରହି ସେ କହୁଛନ୍ତି– ମୁଁ ଠିଆ ହୋଇ ରହିବାକୁ ମଧ୍ୟ ଅସମର୍ଥ ମନେକରୁଛି । ବର୍ତ୍ତମାନ ଆଗକୁ ଦେଖିବା ନିମନ୍ତେ ମୋର ସାମର୍ଥ୍ୟ ନାହିଁ ।

**ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।**
**ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ॥୩୧॥**

ହେ କେଶବ ! ଏହି ଯୁଦ୍ଧର ଲକ୍ଷଣକୁ ମଧ୍ୟ ମୁଁ ବିପରିତ ଦେଖୁଛି । ଯୁଦ୍ଧରେ ନିଜର କୁଳକୁ ମାରି ପରମକଲ୍ୟାଣ ମଧ୍ୟ ଦେଖୁନାହିଁ । କୁଳ ନଷ୍ଟକଲେ କଲ୍ୟାଣ ବା କିପରି ହେବ ?

**ନ କାଙ୍କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।**
**କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ॥୩୨॥**

ସମ୍ପୂର୍ଣ୍ଣ ପରିବାର ଯୁଦ୍ଧର ମୁହାଣରେ ଅବସ୍ଥିତ । ଏମାନଙ୍କୁ ଯୁଦ୍ଧରେ ମାରି ବିଜୟ, ବିଜୟରୁ ପ୍ରାପ୍ତ ହେଉଥିବା ରାଜ୍ୟ ଏବଂ ରାଜ୍ୟରୁ ମିଳୁଥିବା ସୁଖ ଅର୍ଜୁନଙ୍କୁ ଆବଶ୍ୟକ ନାହିଁ । ସେ କହୁଛନ୍ତି– ହେ କୃଷ୍ଣ ! ମୁଁ ବିଜୟ ଚାହୁଁନାହିଁ, ରାଜ୍ୟ ଏବଂ ସୁଖ ମଧ୍ୟ ଚାହୁଁନାହିଁ । ହେ ଗୋବିନ୍ଦ ! ଆମ୍ଭଙ୍କୁ ରାଜ୍ୟ, ଭୋଗ ଅଥବା ଜୀବନ ମଧ୍ୟ କ'ଣ ପ୍ରୟୋଜନ ? ପୁଣି କହୁଛନ୍ତି –

**ଯେଷାମର୍ଥେ କାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।**
**ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥୩୩॥**

ଯେଉଁମାନଙ୍କ ନିମନ୍ତେ ରାଜ୍ୟ, ଭୋଗ ଏବଂ ସୁଖାଦି ଆମ୍ଭର ବାଞ୍ଛିତ ଥିଲା । ସେହି ସମସ୍ତ ପରିବାର ଜୀବନର ଆଶାକୁ ତ୍ୟାଗକରି ରଣାଙ୍ଗନାରେ ଯୁଦ୍ଧ କରିବା ଆଶା ନେଇ ଠିଆ ହୋଇଛନ୍ତି । ଆମ୍ଭଙ୍କୁ ରାଜ୍ୟ ଦରକାର ଥିଲା ଏହ ପରିବାର ସମୂହକୁ ନେଇ, ଭୋଗ, ସୁଖ ଏବଂ ଧନର ପିପାସା ଥିଲା କେବଳ ସ୍ୱଜନ ଓ ପରିବାରଙ୍କ ସହିତ ଭୋଗ କରିବା ନିମନ୍ତେ । କିନ୍ତୁ ଯେତେବେଳେ ସମସ୍ତେ ପ୍ରାଣର ଆଶାକୁ ତ୍ୟାଗକରି ଠିଆ ହୋଇଛନ୍ତି, ତେବେ ମୋତେ ସେହି ସୁଖ, ଭୋଗ ଏବଂ ରାଜ୍ୟ ଦରକାର ନୁହଁ । ଏହା ସବୁ ଏମାନଙ୍କ ନିମନ୍ତେ ହିଁ ଦରକାର ଥିଲା । ଏମାନଙ୍କଠାରୁ ବିଛେଦ ହୋଇ ଆମ୍ଭଙ୍କୁ ଏହାର ଆବଶ୍ୟକତା ନାହିଁ । ଯେଉଁ ପର୍ଯ୍ୟନ୍ତ ସ୍ୱଜନ ପରିବାର ରହନ୍ତି, ସେହି ପର୍ଯ୍ୟନ୍ତ ଏହି ବାସନା ମଧ ରହିଥାଏ । କୁଡ଼ିଆରେ ରହିବା ଲୋକ ମଧ ନିଜର ପରିବାର, ମିତ୍ର ଏବଂ ସ୍ୱଜନଙ୍କୁ ମାରି ବିଶ୍ୱର ସାମ୍ରାଜ୍ୟ ସ୍ୱୀକାର କରିବ ନାହିଁ । ଅର୍ଜୁନ ମଧ ଏହା କହୁଛନ୍ତି ଯେ, ଆମ୍ଭଙ୍କୁ ଭୋଗ ପ୍ରିୟ ଥିଲା, ବିଜୟ ପ୍ରିୟଥିଲା । କିନ୍ତୁ ଯେଉଁ ମାନଙ୍କ ନିମନ୍ତେ ଥିଲା, ସେମାନେ ହିଁ ରହିବେ ନାହିଁ, ତେବେ ସେହି ଭୋଗରୁ କ'ଣ ବା ପ୍ରୟୋଜନ ? ଏହି ଯୁଦ୍ଧରେ କାହାକୁ ମାରିବା ?

**ଆଚାର୍ଯ୍ୟଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।**
**ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସମ୍ବନ୍ଧିନସ୍ତଥା ।।୩୪।।**

ଏହି ଯୁଦ୍ଧରେ ଆଚାର୍ଯ୍ୟ, ତାଓ ଅର୍ଥାତ୍ ଦଦା, କକା ପୁତ୍ର ଏବଂ ଏହିପରି ଅଜା, ମାମୁଁ, ଶ୍ୱଶୁର, ନାତି, ଶଳା ତଥା ସମସ୍ତ ସମ୍ବନ୍ଧି ହିଁ ଥିଲେ ।

**ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।**
**ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ।।୩୫।।**

ହେ ମଧୁସୂଦନ ! ମୋତେ ମାରିବା ପରେ ଅର୍ଥାତ୍ ତିନି ଲୋକର ରଜ୍ୟ ନିମନ୍ତେ ମଧ ମୁଁ ଏହି ସମସ୍ତଙ୍କୁ ମାରିବାକୁ ଚାହୁଁନାହିଁ । ପୁଣି ପୃଥିବୀର ସାମ୍ରାଜ୍ୟ ନିମନ୍ତେ କଣ କହିବା ?

ଅଠର ଅକ୍ଷୌହିଣୀ ସେନା ମଧରେ ଅର୍ଜୁନଙ୍କୁ ନିଜର ପରିବାର ହିଁ ଦେଖାଗଲେ । ଏତିକି ଅଧିକ ସ୍ୱଜନ ବାସ୍ତବରେ କ'ଣ ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ । ଭଜନର ପ୍ରାରମ୍ଭରେ ପ୍ରତ୍ୟେକ ଅନୁରାଗୀଙ୍କ ସମକ୍ଷରେ ଏହି ସମସ୍ୟା ରହିଥାଏ । ସମସ୍ତେ ଚାହୁଁଛନ୍ତି ଯେ ଆମ୍ଭେ ଭଜନ କରିବୁ, ସେହି ପରମ ସତ୍ୟକୁ ପାଇବୁ କିନ୍ତୁ କୌଣସି ଅନୁଭବୀ ସଦ୍‌ଗୁରୁଙ୍କ ସଂରକ୍ଷଣରେ କୌଣସି ଅନୁରାଗୀ ଯେତେବେଳେ କ୍ଷେତ୍ର, କ୍ଷେତ୍ରଜ୍ଞଙ୍କ ସଂଘର୍ଷକୁ ଜାଣିପାରେ ଯେ, ଆମ୍ଭମାନଙ୍କୁ

କେଉଁମାନଙ୍କ ସହିତ ଲଢେଇ କରିବାକୁ ହେବ । ତେବେ ସେ ହତାଶ ହୋଇଯାଏ । ସେ ଚାହୁଁଥାଏ ଯେ, ଆମ୍ଭର ପିତାଙ୍କ ପରିବାର ଶ୍ୱଶୁରଙ୍କ ପରିବାର, ମାମୁଁଙ୍କ ପରିବାର, ସୁହୃଦ, ମିତ୍ର ଓ ସ୍ୱଜନ ସାଥିରେ ରହନ୍ତୁ ଏବଂ ସମସ୍ତେ ସୁଖରେ ରହନ୍ତୁ । ତଥା ଏହି ସମସ୍ତଙ୍କ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଆମ୍ଭେ ପରମାତ୍ମାଙ୍କ ସ୍ୱରୂପ ପ୍ରାପ୍ତି ମଧ୍ୟ କରିନେବୁ । କିନ୍ତୁ ସେ ଯେତେବେଳେ ଜାଣିପାରେ ଯେ, ଆରାଧନା ପଥରେ ଅଗ୍ରସର ହେବା ନିମନ୍ତେ ପରିବାରକୁ ତ୍ୟାଗ କରିବାକୁ ପଡ଼ିବ । ଏହି ସମ୍ବନ୍ଧିତ ଲୋକଙ୍କଠାରୁ ମୋହକୁ ସମାପ୍ତ କରିବାକୁ ହେବ । ତେବେ ସେ ବ୍ୟାକୁଳ ହୋଇଯାଏ ।

ପୂଜ୍ୟ ଗୁରୁ ମହାରାଜଜୀ କହୁଥିଲେ ଯେ, ମରିବା ଏବଂ ସାଧୁ ହେବା ବରାବର ଅଟେ । ସାଧୁଙ୍କ ନିମନ୍ତେ ସୃଷ୍ଟିରେ କୌଣସି ବ୍ୟକ୍ତି ଜୀବିତ ଥାଇପାରେ କିନ୍ତୁ ଘର, ପରିବାର ନାମରେ କେହି ନଥାନ୍ତି । ଯଦିଓ କେହି ଅଛନ୍ତି, ତେବେ ବନ୍ଧନ ରହିଛି । ମୋହ ସମାପ୍ତ ହେଲା କିପରି ? ଯେଉଁ ପର୍ଯ୍ୟନ୍ତ ବନ୍ଧନ ରହିଛି, ତାହାର ପୂର୍ଣ୍ଣତ୍ୟାଗ ତଥା ସେହି ବନ୍ଧନର ଅସ୍ତିତ୍ୱ ପୂର୍ଣ୍ଣ ସମାପ୍ତ ହେଲେ ହିଁ ତାହାର ବିଜୟ ହୁଏ । ଏହି ସମ୍ବନ୍ଧ ମାନଙ୍କର ପ୍ରସାର ହିଁ ଜଗତ । ଅନ୍ୟଥା ଆମ୍ଭମାନଙ୍କର ଜଗତରେ କ'ଣ ଅଛି ? **'ତୁଳସୀଦାସ କହ ଚିଦ୍ ବିଲାସ ଜଗ, ବୁଝତ ବୁଝତ ବୁଝୈ ।'** ମନର ପ୍ରସାର ହିଁ ଜଗତ ଅଟେ । ଯୋଗେଶ୍ୱର ମଧ୍ୟ ମନର ପ୍ରସାରକୁ ହିଁ, ଜଗତ ନାମରେ କହି ସମ୍ବୋଧନ କରିଛନ୍ତି । ଯିଏ ଏହାର ପ୍ରଭାବକୁ ଆୟତ୍ତ କରି ପାରିଲା, ସେ ଚରାଚର ଜଗତକୁ ଜିଣି ପାରିଲା ।

**'ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।** (ଗୀତା ୫/୧୯)

କେବଳ ଅର୍ଜୁନ ହିଁ ଅଧିର ଥିଲେ ଏପରି ନୁହଁ । ଅନୁରାଗ ସମସ୍ତଙ୍କ ହୃଦୟରେ ରହିଛି । ପ୍ରତ୍ୟେକ ଅନୁରାଗୀ ଅଧିର ହୋଇଥାନ୍ତି । ତାହାଙ୍କୁ ନିଜର ସମ୍ବନ୍ଧି ମନେ ପଡୁଥାନ୍ତି । ପ୍ରାରମ୍ଭରେ ସେ ବିଚାର କରୁଥଲା- ଭଜନରୁ କିଛି ଲାଭ ହେବ, ତେବେ ଏହି ପରିବାର ସମୂହ ଖୁସିରେ ରହିବେ । ଏମାନଙ୍କ ସହିତ ରହି ସେହି ସାମ୍ରାଜ୍ୟକୁ ଭୋଗ କରିବି । ଯେତେବେଳେ ଆତ୍ମୀୟମାନେ ସାଥିରେ ହିଁ ରହିବେ ନାହିଁ, ତେବେ ଏହି ସୁଖ ନେଇ କ'ଣ କରିବି ? ଅର୍ଜୁନଙ୍କ ଦୃଷ୍ଟି ରାଜ୍ୟ ସୁଖ ପର୍ଯ୍ୟନ୍ତ ହିଁ ସୀମିତ ଥିଲା । ସେ ତ୍ରିଲୋକର ସାମ୍ରାଜ୍ୟକୁ ହିଁ ସୁଖର ପରାକାଷ୍ଠା ବୋଲି ଭାବୁଥିଲେ । ଏହାର ପଶ୍ଚାତ୍ କୌଣସି ସତ୍ୟ ନାହିଁ ବୋଲି ସେ ବିଚାର କରୁଥିଲେ ।ଏହି ସତ୍ୟର ଜାନକାରୀ ବର୍ତ୍ତମାନ ଅର୍ଜୁନଙ୍କୁ ନାହିଁ ।

**ନିହତ୍ୟ ଧାର୍ତ୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦ୍ଦନ ।**

**ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ॥୩୬॥**

ହେ ଜନାର୍ଦ୍ଦନ ! ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ମାରିଦେବା ଦ୍ୱାରା କ'ଣ ଆମ୍ଭମାନଙ୍କୁ ପ୍ରସନ୍ନତା ମିଳିବ ? ଯେଉଁଠାରେ ଧୃତରାଷ୍ଟ୍ର ଅର୍ଥାତ୍ ଧୃଷ୍ଟତାର ରାଷ୍ଟ୍ର । ତାହାଠାରୁ ଉତ୍ପନ୍ନ ମୋହରୂପୀ ଦୁର୍ଯ୍ୟୋଧନ ଇତ୍ୟାଦିଙ୍କୁ ମାରିଦେଇ ମଧ୍ୟ ଆମ୍ଭମାନଙ୍କୁ କ'ଣ ପ୍ରସନ୍ନତା ମିଳବ ? ଏହି ଆତତାୟୀ ମାନଙ୍କୁ ମାରି ଆମ୍ଭଙ୍କୁ ପାପ ହିଁ ତ ଲାଗିବ । ଯିଏ ସାମାନ୍ୟ ଜୀବନ ଯାପନର ଉପଯୋଗୀ ସଂଗ୍ରହ ନିମନ୍ତେ ଅନୀତିର ଆଶ୍ରୟ ନେଇଥାଏ, ତାକୁ ଆତତାୟୀ କୁହାଯାଏ । (ଅର୍ଥାତ୍ ଘରେ ନିଆଁ ଲଗାଇବା, ବିଷ ଦେବା, ହାତରେ ଶସ୍ତ୍ର ନେଇ ମାରିବା, ଧନ ହରଣ କରିବା, ଜମି ତଥା ସ୍ତ୍ରୀ ହରଣ କରିବା ଏହିପରି ଛଅ ବ୍ୟକ୍ତିଙ୍କୁ ହିଁ ଆତତାୟୀ କୁହାଯାଏ ।) କିନ୍ତୁ ବସ୍ତୁତଃ ଏହାଠାରୁ ମଧ୍ୟ ବଡ଼ ଆତତାୟୀ ସେ ଅଟେ, ଯେ କି ଆତ୍ମୋପଲବ୍ଧି ପଥରେ ଅବରୋଧ ଉତ୍ପନ୍ନ କରିଥାଏ । ଆତ୍ମ ଦର୍ଶନରେ ବାଧକ କାମ, କ୍ରୋଧ, ମୋହ, ଲୋଭ ଇତ୍ୟାଦିର ସମୂହ ହିଁ ଆତତାୟୀ ।

**ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱ ବାନ୍ଧବାନ୍ ।**
**ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ॥୩୭॥**

ତେଣୁ ହେ ମାଧବ ! ନିଜର ବାନ୍ଧବ ଧୃତରାଷ୍ଟ୍ରଙ୍କ ପୁତ୍ରଙ୍କୁ ମାରିବା ନିମନ୍ତେ ଆମ୍ଭେ ଯୋଗ୍ୟ ନୁହଁ । ସ୍ୱବାନ୍ଧବ କିପରି ହେଲେ ସେମାନେ ? ସେମାନେ ତ ପୂର୍ବରୁ ପାଣ୍ଡବମାନଙ୍କ ଶତ୍ରୁ ଥିଲେ । ବସ୍ତୁତଃ ଶରୀରର ସମ୍ବନ୍ଧ ଅଜ୍ଞାନରୁ ହିଁ ଉତ୍ପନ୍ନ ହୋଇଥାଏ । ମାମୁଁ, ଶ୍ୱଶୁର ସ୍ୱଜନ ଏହିସବୁ ଅଜ୍ଞାନ ହିଁ ତ ଅଟେ । ଯେବେ ଶରୀର ହିଁ ନଶ୍ୱର, ତେବେ ଏମାନଙ୍କର ସମ୍ବନ୍ଧ କେଉଁଠି ରହିଲା ? ଯେଉଁ ପର୍ଯ୍ୟନ୍ତ ମୋହ ରହିଛି, ସେ ପର୍ଯ୍ୟନ୍ତ ସୁହୃଦ, ପରିବାର, ଦୁନିଆ ରହିଛି । ମୋହ ନାହିଁ ତ କିଛି ମଧ୍ୟ ନାହିଁ । ତେଣୁ ସେମାନେ ଶତ୍ରୁ ହେଲେ ମଧ୍ୟ ଅର୍ଜୁନଙ୍କୁ ଆତ୍ମିୟଜନ ଦିଶୁଥିଲେ । ସେ କହୁଥିଲେ– ନିଜର କୁଟୁମ୍ବ ପରିବାରକୁ ମାରି ଆମ୍ଭେ କିପରି ସୁଖୀ ହେବା ? ଯଦି ଅଜ୍ଞାନ ଓ ମୋହ ନ ରହିବ, ତେବେ କୁଟୁମ୍ବର ଅସ୍ତିତ୍ୱ ହିଁ ରହିବ ନାହିଁ । ଏହି ଅଜ୍ଞାନ, ଜ୍ଞାନ ନିମନ୍ତେ ପ୍ରେରକ ମଧ୍ୟ ହୋଇଥାଏ । ଭର୍ତୃହରୀ, ତୁଳସୀ, ଇତ୍ୟାଦି ଅନେକ ମହାନୁଭବୀଙ୍କୁ ବୈରାଗ୍ୟର ପ୍ରେରଣା ନିଜର ପତ୍ନୀଠାରୁ ହିଁ ମିଳିଥିଲା । ଅନ୍ୟ କେହି କେହି ସାବତ ମା'ଙ୍କ ବ୍ୟବହାରରୁ କ୍ଷିଣ ହୋଇ ବୈରାଗ୍ୟ ପଥରେ ଅଗ୍ରସର ହେବା ଦୃଷ୍ଟି ଗୋଚର ହୋଇଥିଲା ।

**ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।**
**କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ॥୩୮॥**

ଯଦ୍ୟପି ଲୋଭ ଦ୍ୱାରା ଭ୍ରଷ୍ଟ ଚିତ୍ତ ହୋଇ ଏହି ମାନେ କୁଳନାଶର ଦୋଷ ଏବଂ ମିତ୍ର ଦ୍ରୋହର ପାପକୁ ଦେଖୁ ନାହାଁନ୍ତି । ଏହା ଏମାନଙ୍କର ଦୁର୍ବଳତା ଅଟେ ।

**କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।**
**କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ଜନାର୍ଦ୍ଦନ ॥୩୯॥**

ହେ ଜନାର୍ଦ୍ଦନ ! କୁଳନାଶ ଦ୍ୱାରା ହେବାକୁ ଯାଉଥିବା ଦୋଷକୁ ଜାଣି ପାରୁଥିବା ଏହି ପାପରୁ ହଟିଯିବା ପାଇଁ କାହିଁକି ଆମ୍ଭେ ପ୍ରୟତ୍ନ ନକରିବା ? ମୁଁ ହିଁ ପାପ କରୁଛି । ଏହି କଥା ନୁହଁ । ତୁମେ ମଧ୍ୟ ଭୁଲ୍ କରିବାକୁ ଯାଉଛ । ଶ୍ରୀକୃଷ୍ଣଙ୍କୁ ମଧ୍ୟ ଆରୋପ ଲଗାଇଲେ । ବର୍ତ୍ତମାନ ସେ ନିଜକୁ ବୁଝାମଣାରେ ଶ୍ରୀକୃଷ୍ଣଙ୍କଠାରୁ କମ୍ ମନେ କରୁ ନାହାଁନ୍ତି । ପ୍ରତ୍ୟେକ ନୂଆଁ ସାଧକ ସଦ୍‌ଗୁରୁଙ୍କ ଶରଣରେ ଯିବାପରେ ଏହିପରି ତର୍କ କରିଥାଏ ଏବଂ ନିଜକୁ ବୁଝାମଣାରେ ସଦ୍‌ଗୁରୁଙ୍କ ଠାରୁ କିଛି କମ୍ ମାନି ନଥାଏ । ଏହା ହିଁ ଅର୍ଜୁନ ମଧ୍ୟ କହୁଛନ୍ତି– ଏହି ଲୋକମାନେ ଭଲେ ନବୁଝନ୍ତୁ । କିନ୍ତୁ ମୁଁ ଏବଂ ଆପଣ ତ ବୁଦ୍ଧିମାନ ଅଟନ୍ତି । କୁଳନାଶ ଜନିତ ଦୋଷକୁ ଆମ୍ଭେ ବିଚାର କରିବା ଆବଶ୍ୟକ । ତେବେ କୁଳନାଶର ଦୋଷ କ'ଣ ?

**କୁଳକ୍ଷୟେପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।**
**ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ॥୪୦॥**

କୁଳନାଶ ହେବା ଦ୍ୱାରା ସନାତନ କୁଳଧର୍ମ ନଷ୍ଟ ହୋଇଯାଏ । ଅର୍ଜୁନ କୁଳଧର୍ମ, କୁଳାଚାରକୁ ହିଁ ସନାତନ ବୋଲି ବିଚାର କରୁଥିଲେ । ଧର୍ମର ନାଶ ହେବା ଦ୍ୱାରା ସମ୍ପୂର୍ଣ୍ଣ କୁଳକୁ ପାପ ଅଧିକ ଦବାଇ ଦେଇଥାଏ ।

**ଅଧର୍ମାଭିଭବାତ୍‌କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରୀୟଃ ।**
**ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ॥୪୧॥**

ହେ କୃଷ୍ଣ ! ପାପର ବୃଦ୍ଧିହେଲେ କୁଳର ସ୍ତ୍ରୀ ଦୂଷିତ ହୋଇଯିବେ । ହେ ବାଷ୍ଣେୟ ! ସ୍ତ୍ରୀମାନେ ଦୂଷିତ ହୋଇଗଲେ ବର୍ଣ୍ଣ ସଙ୍କର ଉତ୍ପନ୍ନ ହୋଇଥାନ୍ତି । ଅର୍ଜୁନଙ୍କ ମାନ୍ୟତା ଥିଲା ଯେ, କୁଳ ସ୍ତ୍ରୀମାନେ ଦୁଷିତ ହେଲେ ବର୍ଣ୍ଣସଙ୍କର ଉତ୍ପନ୍ନ ହୁଅନ୍ତି କିନ୍ତୁ ଶ୍ରୀକୃଷ୍ଣ ଏହାର ଖଣ୍ଡନ କରି ଆଗକୁ କହିବେ, ମୁଁ ଅର୍ଥାତ୍ ସ୍ୱରୂପରେ ସ୍ଥିତ ମହାପୁରୁଷ ଯଦି ଆରାଧନା କ୍ରମରେ ଭ୍ରମ ଉତ୍ପନ୍ନ କରି ଦିଅନ୍ତି, ତେବେ ବର୍ଣ୍ଣସଙ୍କର ଉତ୍ପନ୍ନ ହୋଇଥାନ୍ତି । ବର୍ଣ୍ଣସଙ୍କର ଦୋଷ ଉପରେ ଅର୍ଜୁନ ପ୍ରକାଶ କରିଛନ୍ତି ।

**ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।**
**ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ॥୪୨॥**

ବର୍ଣ୍ଣସଙ୍କର କୁଳଘାତିମାନଙ୍କୁ ଏବଂ କୁଳକୁ ନରକକୁ ନେବାପାଇଁ ଜନ୍ମ

ହୋଇଥାନ୍ତି । ଲୁପ୍ତ ହୋଇଯାଇଥିବା ପିଣ୍ଡ କ୍ରିୟାଯୁକ୍ତ ପିତୃ ଲୋକ ମଧ୍ୟ ପତିତ ହୋଇଯାଆନ୍ତି । ସେମାନଙ୍କ ବର୍ତ୍ତମାନ ନଷ୍ଟ ହୋଇଯାଇଥାଏ ଏବଂ ଅତୀତର ପିତୃଲୋକ ତଥା ଭବିଷ୍ୟତ ଲୋକ ମଧ୍ୟ ପତିତ ହୋଇଯାଆନ୍ତି । କେବଳ ଏତିକି ନୁହଁ–

**ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।**
**ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ।।୪୩।।**

ଏହି ବର୍ଣ୍ଣସଙ୍କର କାରକ ଦୋଷରେ କୁଳ ଏବଂ କୁଳଘାତିମାନଙ୍କ ସନାତନ କୁଳଧର୍ମ ଓ ଜାତି ଧର୍ମ ନଷ୍ଟ ହୋଇଯାଏ । ଅର୍ଜୁନଙ୍କ ମାନ୍ୟତା ଥିଲା ଯେ, କୁଳଧର୍ମ ହିଁ ସନାତନ ଓ ଶାଶ୍ୱତ ଅଟେ । କିନ୍ତୁ ଶ୍ରୀକୃଷ୍ଣ ଏହାର ଖଣ୍ଡନ କରି ଆଗକୁ କହିଛନ୍ତି ଯେ, ଆତ୍ମା ହିଁ ସନାତନ ଶାଶ୍ୱତ ଧର୍ମ ଅଟେ । ବାସ୍ତବିକ ସନାତନ ଧର୍ମକୁ ଜାଣିବା ପୂର୍ବରୁ ମନୁଷ୍ୟ ଧର୍ମନାମରେ କିଛି ନା କିଛି ରୁଢ଼ିବାଦକୁ ହିଁ ଜାଣିଥାଏ । ଠିକ୍ ଏହିପରି ଅର୍ଜୁନ ମଧ୍ୟ ଜାଣିଥାନ୍ତି । ଯାହାକି ଶ୍ରୀକୃଷ୍ଣଙ୍କ ଶବ୍ଦର ଏକ ରୁଢ଼ି ମାତ୍ର ।

**ଉତ୍‌ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।**
**ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ।।୪୪।।**

ହେ ଜନାର୍ଦ୍ଦନ ! ନଷ୍ଟ ହୋଇଯାଇଥିବା କୁଳଧର୍ମ ଯୁକ୍ତ ମନୁଷ୍ୟର ଅନନ୍ତକାଳ ପର୍ଯ୍ୟନ୍ତ ନରକର ବାସ ହୋଇଥାଏ, ଏପରି ମୁଁ ଶୁଣିଛି । କେବଳ କୁଳଧର୍ମ ହିଁ ନଷ୍ଟ ହେଉନାହିଁ ବରଂ ଶାଶ୍ୱତ ସନାତନ ଧର୍ମ ମଧ୍ୟ ନଷ୍ଟ ହୋଇଯାଏ । ଯେତେବେଳେ ଧର୍ମ ହିଁ ନଷ୍ଟ ହୋଇଗଲା, ତେବେ ଏପରି ପୁରୁଷର ଅନନ୍ତକାଳ ପର୍ଯ୍ୟନ୍ତ ନରକରେ ନିବାସ ହୋଇଥାଏ । ଏପରି ମୁଁ ଶୁଣିଛି କିନ୍ତୁ ଦେଖିନାହିଁ, କେବଳ ଶୁଣିଛି ମାତ୍ର ।

**ଅହୋ ବତ ମହତ୍ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।**
**ଯଦ୍‌ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନ ମୁଦ୍ୟତାଃ ।।୪୫ ।।**

ଦୁଃଖର ବିଷୟ ଏହି କେ ଯେ, ଆମ୍ଭେମାନେ ବୁଦ୍ଧିମାନ ହୋଇ ମଧ୍ୟ ମହାନ୍ ପାପ କରିବାକୁ ଉଦ୍ୟତ ହେଉଛନ୍ତି । ରାଜ୍ୟ ଓ ସୁଖ ପ୍ରାପ୍ତିର ଲୋଭରେ ପଡ଼ି ନିଜର କୁଳକୁ ନଷ୍ଟକରିବା ନିମନ୍ତେ ଉଦ୍ୟତ ହେଉଛନ୍ତି । ବର୍ତ୍ତମାନ ଅର୍ଜୁନ ନିଜକୁ କମ୍‌ଜ୍ଞାନୀ ମାନୁ ନାହାଁନ୍ତି । ପ୍ରାରମ୍ଭରେ ପ୍ରତ୍ୟେକ ସାଧକ ଏହିପରି କହୁଥାଏ । ମହାତ୍ମା ବୁଦ୍ଧଙ୍କ କଥନ ଏପରି ଯେ, ମନୁଷ୍ୟ ଯେବେ ଅଧାଜ୍ଞାନ ଜାଣିଥାଏ, ତେବେ ନିଜକୁ ମହାନ୍ ଜ୍ଞାନୀ ମାନିଥାଏ ଏବଂ ଯେତେବେଳେ ଅଧାରୁ ଅଧିକ ଜ୍ଞାନ ହାସଲ କରିନିଏ ତେବେ ନିଜକୁ ମହାମୁର୍ଖ ମନେ କରେ । ଠିକ୍ ଏହିପରି ଅର୍ଜୁନ ମଧ୍ୟ ନିଜକୁ ଜ୍ଞାନୀ ହିଁ ମାନୁଥିଲେ । ସେ ଶ୍ରୀକୃଷ୍ଣଙ୍କୁ ହିଁ ବୁଝାଉଥାନ୍ତି ଯେ ସେହି ପାପରୁ ପରମ କଲ୍ୟାଣ ହେବ ତାହା ମଧ୍ୟ ନୁହେଁ । କେବଳ ରାଜ୍ୟ ଓ ସୁଖ

ଲୋଭରେ ପଡ଼ି ଆମ୍ଭେମାନେ କୁଳନାଶ କରିବାକୁ ଉଦ୍ୟତ ହେଉଛନ୍ତି । ମହାନ୍ ଭୂଲ କରିବାକୁ ଯାଉଛନ୍ତି । ଆମ୍ଭେ ହିଁ କରୁଛୁ ତାହା ନୁହଁ ଆପଣ ମଧ୍ଧ ଭୁଲ୍ କରୁଛନ୍ତି । ଗୋଟିଏ ଧକ୍କା ଶ୍ରୀକଷ୍ଣଙ୍କୁ ମଧ୍ୟ ଦେଲେ । ଶେଷରେ ଅର୍ଜୁନ ନିଜର ନିର୍ଣ୍ଣୟ ଦେଉଛନ୍ତି–

**ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।**
**ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ॥୪୬॥**

ଯଦି ଶସ୍ତ୍ର ରହିତ ଅବସ୍ଥାରେ ମୋତେ, ଶସ୍ତ୍ରଧାରୀ ଧୃତରାଷ୍ଟ୍ରଙ୍କ ପୁତ୍ର ରଣକ୍ଷେତ୍ରରେ ବଦ୍ଧକଲେ ମଧ୍ୟ ତାହା ମୋ ନିମନ୍ତେ କଲ୍ୟାଣ କାରକ ହିଁ ହେବ । ଇତିହାସ କହିବ ଯେ, ଅର୍ଜୁନ ସମଝଦାର ଥିଲା । ଯିଏକି ନିଜର ବଳି ଦେଇ ମଧ୍ୟ ଯୁଦ୍ଧକୁ ରୋକି ଦେଲେ । ଲୋକେ ପ୍ରାଣର ଆହୁତି ଦେଇଦିଅନ୍ତି କାରଣ ଭୋଳେଭାଳେ, ନିର୍ଦ୍ଦୋଷବ୍ୟକ୍ତି ସୁଖି ରହିବେ ଏବଂ କୁଳ ବଞ୍ଚି ରହିବ । ମନୁଷ୍ୟ ବିଦେଶ ଚାଲିଗଲେ କିମ୍ବା ବୈଭବ ପୂର୍ଣ୍ଣ ପ୍ରସାଦରେ ରହିଲେ ମଧ୍ୟ ଦୁଇଦିନ ପରେ ନିଜର ଛାଡ଼ି ଦେଇଥିବା କୁଡ଼ିଆ ହିଁ ମନେ ପକାଇଥାଏ । ମୋହ ଏପରି ପ୍ରବଳ ଅଟେ । ତେଣୁ ଅର୍ଜୁନ କହନ୍ତି– ଶସ୍ତ୍ରଧାରୀ ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ମୋତେ ରଣରେ ମାରିଦେଲେ ମଧ୍ୟ ତାହା ମୋ ପକ୍ଷରେ ଅତି କଲ୍ୟାଣକାରୀ ହେବ । କାରଣ ପୁତ୍ରମାନେ ତ ସୁଖି ରହିବେ ।

**ସଞ୍ଜୟ ଉବାଚ**

**ଏବମୁକ୍ତ୍ୱାର୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।**
**ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ॥୪୭॥**

ସଞ୍ଜୟ କହିଲେ ଯେ, ରଣଭୂମିରେ ଶୋକଯୁକ୍ତ ଉଦ୍‌ବିଗ୍ନମନା ଅର୍ଜୁନ ଏହି ପ୍ରକାରେ କହି ବାଣ ସହିତ ଧନୁଷକୁ ତ୍ୟାଗ କରି ରଥର ପଛ ଭାଗରେ ବସିଗଲେ । ଅର୍ଥାତ୍ କ୍ଷେତ୍ର କ୍ଷେତ୍ରଜ୍ଞ ମଧ୍ୟରେ ଭାଗନେବାରୁ ଓହରିଗଲେ ।

**ନିଷ୍କର୍ଷ**

'ଗୀତା' କ୍ଷେତ୍ର–କ୍ଷେତ୍ରଜ୍ଞ ମଧ୍ୟରେ ଯୁଦ୍ଧର ନିରୂପଣ ଅଟେ । ଏହା ଈଶ୍ୱରୀୟ ବିଭୂତି ସମ୍ପନ୍ନ ଭଗବତ୍ ସ୍ୱରୂପକୁ ଦେଖାଇଥିବା ଗାୟନ ଅଟେ । ଏହି ଗାୟନ ଯେଉଁ କ୍ଷେତ୍ରରେ ହେଉଛି, ସେହି କ୍ଷେତ୍ର ଶରୀର ଅଟେ । ଯେଉଁଥିରେ ଦୁଇଟି ପ୍ରବୃତ୍ତି ରହିଛି ଯଥା, ଧର୍ମକ୍ଷେତ୍ର ଓ କୁରୁକ୍ଷେତ୍ର । ଏହି ସେନାମାନଙ୍କ ସ୍ୱରୂପ ଏବଂ ଆଧାର ହିଁ ବର୍ଣ୍ଣନା କଲେ । ଶଙ୍ଖଧ୍ୱନୀ ଦ୍ୱାରା ଏମାନଙ୍କ ପରାକ୍ରମର ଜାନକାରୀ ମିଳିଲା । ତଦନନ୍ତର ଯେଉଁ ସେନାମାନଙ୍କ ସହ ଯୁଦ୍ଧ କରାଯିବ, ସେମାନଙ୍କ ନିରୀକ୍ଷଣ ହେଲା । ଯାହାର ଗଣନା ଅଠର ଅକ୍ଷୌହିଣୀ ଅର୍ଥାତ୍ ପ୍ରାୟଃ ସାଢେ ଛଅ ଅରବ କୁହାଯାଇଛି । କିନ୍ତୁ ପ୍ରକୃତରେ ସେମାନେ ଅନନ୍ତ ଅଟନ୍ତି । ପ୍ରବୃତ୍ତିର ଦୃଷ୍ଟିକୋଣ ଦୁଇ ପ୍ରକାର

ଗୋଟିଏ ଇଷ୍ଟୋନ୍ମୁଖୀ ପ୍ରବୃତ୍ତି–ଦୈବୀସଂମ୍ପଦ ଏବଂ ଅନ୍ୟଟି ବର୍ହିମୁଖୀ ପ୍ରବୃତ୍ତି ଆସୁରୀ ସଂମ୍ପଦ । ଏହି ଦୁଇପ୍ରବୃତ୍ତି ପ୍ରକୃତି ହିଁ ଅଟେ । ପ୍ରଥମଟି ଇଷ୍ଟଙ୍କ ଅଭିମୁଖ କରାଏ, ପରମଧର୍ମ ପରମାତ୍ମାଙ୍କ ଆଡ଼କୁ ନେଇଥାଏ ଏବଂ ଅନ୍ୟଟି ପ୍ରକୃତି ଉପରେ ଦୃଢ ବିଶ୍ୱାସ ଦେଇଥାଏ, ଅର୍ଥାତ୍ ଅଧୋଗତି ଅଭିମୁଖେ ନେଇଯାଏ । ପ୍ରଥମେ ଦୈବୀ ସମ୍ପଦକୁ ସାଧନ କରି ଆସୁରୀ ସମ୍ପଦର ଅନ୍ତ କରାଯାଇଥାଏ । ପୁଣି ଶାଶ୍ୱତ ସନାତନ ପରବ୍ରହ୍ମଙ୍କ ଦିଗ୍‌ଦର୍ଶନ ଏବଂ ସେଥିରେ ସ୍ଥିତି ସହିତ ଦୈବୀସଂମ୍ପଦର ଆବଶ୍ୟକତା ଶେଷ ହୋଇଯାଏ । ତତ୍‌ପଶ୍ଚାତ୍ ଯୁଦ୍ଧର ପରିଣାମ ନିର୍ଣ୍ଣୟ ହୋଇଯାଇଥାଏ ।

ଅର୍ଜୁନଙ୍କୁ ସୈନ୍ୟ ନିରୀକ୍ଷଣରେ ନିଜର ପରିବାର ହିଁ ଦିଶୁଥାଏ । ଯାହାକୁ ମାରିବାକୁ ପଡ଼ିବ । ଯାହାର ଯେତିକି ଦୂର ପର୍ଯ୍ୟନ୍ତ ସମ୍ବନ୍ଧ ରହିଛି, ତାର ସେତିକି ହିଁ ଜଗତ । ଅନୁରାଗର ପ୍ରଥମ ଚରଣରେ ପାରିବାରିକ ମୋହ ବାଧକ ହୋଇଥାଏ । ସାଧକ ଯେତେବେଳେ ଦେଖେ ଯେ, ମଧୁର ସମ୍ବନ୍ଧଠାରୁ ଏତେ ବିଚ୍ଛେଦ ହୋଇଯିବ, ଯେପରି ସେମାନେ ଜଗତରେ ହିଁ ନଥିଲେ । ତେବେ ସେ ବ୍ୟାକୁଳ ହୋଇଉଠେ । ସ୍ୱଜନ ଆଶକ୍ତିକୁ ମାରିବା ନିମନ୍ତେ ତାକୁ ଅକଲ୍ୟାଣ ଦେଖାଯାଇଥାଏ । ସେ ପ୍ରଚଳିତ ରୂଢି ବାଦରେ ନିଜର ସୁରକ୍ଷା ନିମନ୍ତେ ଲାଗିଥାଏ, ଯେପରି ଅର୍ଜୁନ କରିଥିଲେ । ସେ କହିଲେ କୁଳଧର୍ମ ହିଁ ସନାତନ । ଏହି ଯୁଦ୍ଧରେ ସନାତନ ଧର୍ମ ନଷ୍ଟ ହୋଇଯିବ । କୁଳର ସ୍ତ୍ରୀମାନେ ଦୁଷିତ ହୋଇଯିବେ । ବର୍ଣ୍ଣସଙ୍କର ଉତ୍ପନ୍ନ ହେବେ । ଯିଏକି କୁଳ ଓ କୁଳଘାତି ମାନଙ୍କୁ ଅନନ୍ତକାଳ ପର୍ଯ୍ୟନ୍ତ ନରକରେ ବାସ ଦେଇଥାଏ । ଅର୍ଜୁନ ନିଜର ବୁଦ୍ଧି ଦ୍ୱାରା ସନାତନ ଧର୍ମର ରକ୍ଷା ନିମନ୍ତେ ବ୍ୟାକୁଳ ଥିଲେ । ସେ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କରିକହିଲେ ଯେ, ଆମ୍ଭେ ବୁଝିସୁଝିବା ଲୋକ ହୋଇ ମଧ୍ୟ ଏପରି ମହାନ୍ ପାପ କାହିଁକି କରିବା ? ଅର୍ଥାତ୍ ଶ୍ରୀକୃଷ୍ଣ ମଧ୍ୟ ପାପ କରିବାରେ ପ୍ରବୃତ୍ତ ହେଉଛନ୍ତି । ଅନ୍ତଃତୋଗତ୍ୱା ପାପରୁ ବଞ୍ଚିଯିବା ନିମନ୍ତେ ମୁଁ ଯୁଦ୍ଧ କରିବି ନାହିଁ । ଏପରି କହୁଥିବା ହତାଶ ଅର୍ଜୁନ ରଥର ପଛ ଭାଗରେ ବସିଗଲେ । କ୍ଷେତ୍ର କ୍ଷେତ୍ରଜ୍ଞ ସଂଘର୍ଷରୁ ପଛ ଘୁଞ୍ଚା ଦେଲେ ।

ଟିକାକାର ମାନେ ଏହି ଅଧ୍ୟାୟକୁ ଅର୍ଜୁନ ବିଷାଦ ଯୋଗ କହିଛନ୍ତି । ଅର୍ଜୁନ ଅନୁରାଗର ପ୍ରତୀକ ଅଟନ୍ତି । ସନାତନ ଧର୍ମ ନିମନ୍ତେ ବ୍ୟାକୁଳ ହେଉଥିବା ଅନୁରାଗୀ ବିଷାଦ ଯୋଗର କାରଣ ହୋଇଥାଏ । ଏହିପରି ବିଷାଦ ମନୁଙ୍କୁ ମଧ୍ୟ ହୋଇଥିଲା । **'ହୃଦୟ ବହୁତ ଦୁଃଖ ଲାଗ, ଜନମ ଗୟଉ ହରି ଭଗତି ବିନୁ** (ରା–ମାନସ –୧/୧୪୨) । ସଂଶୟରେ ପଡ଼ିହିଁ ମନୁଷ୍ୟ ବିଷାଦ କରିଥାଏ । ଅର୍ଜୁନଙ୍କୁ ସନ୍ଦେହ ଥିଲା ଯେ, ବର୍ଣ୍ଣସଙ୍କର ଉତ୍ପନ୍ନ ହେବେ, ଯିଏ ନରକଗାମୀ

କରାଇବେ । ସନାତନ ଧର୍ମ ନଷ୍ଟ ହୋଇଯିବା ମଧ୍ୟ ତାଙ୍କର ବିଷାଦ ଥିଲା । ଅତଃ ସଂଶୟ ବିଷାଦ ଯୋଗ ସାମାନ୍ୟ ନାମକରଣ ଏହି ଅଧ୍ୟାୟ ନିମନ୍ତେ ଉପଯୁକ୍ତ ଅଟେ । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍ ଭଗବଦ୍ ଗୀତାସୂପନିଷସ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ସଂଶୟ ବିଷାଦ ଯୋଗୋ' ନାମ ପ୍ରଥମୋଽଧ୍ୟାୟଃ ॥୧॥**

ଏହିପରି ଶ୍ରୀମଦ ଭଗବଦ୍ ଗୀତାରୂପୀ ଉପନିଷଦ୍ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ସଂଶୟ ବିଷାଦ ଯୋଗ' ନାମକ ପ୍ରଥମ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦ କୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ 'ଯଥାର୍ଥ ଗୀତା' ଭାଷ୍ୟେ 'ସଂଶୟ ବିଷାଦ ଯୋଗୋ'ନାମ ପ୍ରଥମୋଽଧ୍ୟାୟଃ ।**

**॥ ହରି ଓଁ ତତ୍ ସତ୍ ॥**

ଓଁ

## ଶ୍ରୀ ପାରମାତ୍ମନେ ନମଃ

# ଅଥ ଦ୍ୱିତୀୟୋଽଧ୍ୟାୟଃ

ପ୍ରଥମ ଅଧ୍ୟାୟ ଗୀତାର ପ୍ରବେଶିକା ଅଟେ । ଯେଉଁଥିରେ ପ୍ରାରମ୍ଭିକ ପଥିକଙ୍କୁ ପ୍ରତୀତ ହେଉଥିବା ବିକ୍ଷିପ୍ତ ଚିତ୍ରଣର ବର୍ଣ୍ଣନା ରହିଛି । ଲଢିବା ବ୍ୟକ୍ତି ସମ୍ପୂର୍ଣ୍ଣ କୌରବ ଏବଂ ପାଣ୍ଡବ ଥିଲେ । କିନ୍ତୁ ସଂଶୟର ପାତ୍ର ଅର୍ଜୁନ ହିଁ ଥିଲେ । ଅନୁରାଗ ହିଁ ଅର୍ଜୁନ ଇଷ୍ଟ ଅନୁରୂପ ରାଗ ହିଁ ପଥିକଙ୍କୁ କ୍ଷେତ୍ର କ୍ଷେତ୍ରଜ୍ଞ ସଂଘର୍ଷ ନିମନ୍ତେ ପ୍ରେରଣା ଦେଇଥାଏ । ଅନୁରାଗ ପ୍ରାରମ୍ଭିକସ୍ତର ଅଟେ । ପୂଜ୍ୟ ଗୁରୁମହାରାଜଜୀ କହୁଥିଲେ, 'ସଦ୍‌ଗୃହସ୍ଥାଶ୍ରମରେ ରହି ଗ୍ଲାନି ହେଉଥିବ, ଅଶ୍ରୁପାତ ହେଉଥିବ, କଣ୍ଠ ଅବରୁଦ୍ଧ ହେଉଥିବ, ତେବେ ବୁଝିବାକୁ ହେବ ଯେ, ଏହି ଠାରୁ ହିଁ ସାଧାନର ପ୍ରାରମ୍ଭ ହୋଇଗଲା ।' ଅନୁରାଗୀଙ୍କ ନିକଟରେ ଏହି ସବୁ ଗୁଣ ସ୍ୱତଃ ଆସିଯାଇଥାଏ । ସେଥିରେ ଧର୍ମ, ଭାବ, ନିୟମ ଓ ସତ୍‌ସଙ୍ଗ ସମସ୍ତେ ବିଦ୍ୟମାନ ।

ଅନୁରାଗର ପ୍ରଥମ ଚରଣରେ ପାରିବାରିକ ମୋହ ବାଧକ ହୋଇଥାଏ । ପ୍ରଥମେ ମନୁଷ୍ୟ ଚାହିଁଥାଏ ଯେ, ସେ ସେହି ପରମ ସତ୍ୟକୁ ପ୍ରାପ୍ତ କରିନେବ କିନ୍ତୁ ଆଗକୁ ଯିବାପରେ ସେ ଦେଖୁଥାଏ ଯେ, ଏହି ମଧୁର ସମ୍ବନ୍ଧର ଉଚ୍ଛେଦ କରିବାକୁ ପଡ଼ିବ । ତେବେ ସେ ହତାଶ ହୋଇପଡ଼େ । ସେ ପ୍ରଥମରୁ ଯାହା କିଛି ଧର୍ମକର୍ମ ମାନି କରୁଥିଲା, ସେତିକିରେ ହିଁ ସନ୍ତୋଷ ହୋଇଯାଏ । ନିଜ ମୋହର ପୁଷ୍ଟି ନିମନ୍ତେ ସେ ପ୍ରଚଳିତ ରୁଢିମାନଙ୍କ ପ୍ରମାଣ ମଧ୍ୟ ପ୍ରସ୍ତୁତ କରିଥାଏ । ଯେପରି ଅର୍ଜୁନ ପ୍ରସ୍ତୁତ କରିଥିଲେ ଯେ, କୁଳଧର୍ମ ହିଁ ସନାତନ ଅଟେ । ଯୁଦ୍ଧରେ ସନାତନ ଧର୍ମ ନଷ୍ଟ ହୋଇଯିବ । କୁଳକ୍ଷୟ ହୋଇଯିବ । ଅନାଚାର ବ୍ୟାପୀବ । ଏହା ଅର୍ଜୁନଙ୍କ ଉତ୍ତର ନଥିଲା ବରଂ ସଦ୍‌ଗୁରୁଙ୍କ ସାନ୍ନିଧ୍ୟ ପୂର୍ବରୁ ମାନି ନେଇଥିବା କୁରୀତି ମାତ୍ର ଥିଲା ।

ଏହି କୁରୀତି ମାନଙ୍କରେ ପଡ଼ି ମନୁଷ୍ୟ ପୃଥକ୍ ପୃଥକ୍ ଧର୍ମ ଅନେକ ସମ୍ପ୍ରଦାୟ ଛୋଟ-ବଡ଼ ଗୋଷ୍ଠୀ ଏବଂ ଅସଂଖ୍ୟ ଜାତି ରଚନା କରିଥାଏ । କିଏ ନାକ ଚିପି ବସୁଛି, କିଏ କାନ ଡ଼େରି ରହୁଛି, କାହାର ସ୍ପର୍ଶରେ ଧର୍ମ ନଷ୍ଟ ହୋଇଯାଉଛି ତ କେଉଁଠି ଅନ୍ନ ପାଣି ସ୍ପର୍ଶରେ ଧର୍ମ ନଷ୍ଟ ହୋଇଯାଉଛି । ତେବେ କ'ଣ ଛୁଇଁବା ଲୋକ ଅଥବା ଅଛୁଆଁ ଜାତିର ଦୋଷ ? ଏପରି କଦାପି ନୁହଁ । ଦୋଷତ ଆମ୍ଭର ଭ୍ରମଦାତା ଧର୍ମାଚାର୍ଯ୍ୟ ମାନଙ୍କର ଅଟେ । ଧର୍ମ ନାମରେ ଆମ୍ଭେମାନେ କୁରୀତିର ଶିକାର ମାତ୍ର । ତେଣୁ କରି ଦୋଷ ଆମ୍ଭମାନଙ୍କର ହିଁ ଅଟେ । ମହାତ୍ମା ବୁଦ୍ଧଙ୍କ ସମୟରେ କେଶକମ୍ବଳ

ଏକ ସମ୍ପ୍ରଦାୟ ଥିଲା । ଯେଉଁଥିରେ କେଶକୁ ବଢାଇ କମ୍ବଳ କରି ପ୍ରୟୋଗ କରିବାକୁ ପୂର୍ଣ୍ଣତାର ମାନଦଣ୍ଡ ମାନୁଥିଲେ । କିଏ ଗୋ'ବ୍ରତିକ ଅର୍ଥାତ୍ ଗାଈ ଭଳି ରହିବା ଆଚରଣ କରୁଥିଲେ । କିଏ କୁକୁର ବ୍ରତିକ ଅର୍ଥାତ୍ କୁକୁର ଭଳି ଖାଇବା ପିଇବା ଏବଂ ରହିବା ଆଚରଣ କରୁଥିଲେ । ବ୍ରହ୍ମ ବିଦ୍ୟା ସହିତ ଏମାନଙ୍କ କୌଣସି ସମ୍ବନ୍ଧ ନାହିଁ । ସମ୍ପ୍ରଦାୟ ଏବଂ କୁରୀତି ପ୍ରଥମେ ଥିଲା ଏବଂ ଆଜି ମଧ୍ୟ ରହିଛି । ଠିକ୍ ଏହିପରି କୃଷ୍ଣକାଳରେ ମଧ୍ୟ ସମ୍ପ୍ରଦାୟ ଥିଲା, କୁରୀତି ଗୁଡାଏ ଥିଲା । ସେମାନଙ୍କ ମଧ୍ୟରୁ କିଛି କୁରୀତିର ଶିକାର ଅର୍ଜୁନ ମଧ୍ୟ ଥିଲେ । ସେ ଚାରି ପ୍ରକାରର ତର୍କ ପ୍ରସ୍ତୁତ କରିଥିଲେ ।

୧) ଏପରି ଯୁଦ୍ଧରେ ସନାତନ ଧର୍ମ ନଷ୍ଟ ହୋଇଯିବ ।

୨) ବର୍ଣ୍ଣସଙ୍କର ଉତ୍ପନ୍ନ ହେବେ ।

୩) ପିଣ୍ଡୋଦକ (ପିଣ୍ଡ–ଉଦକ) କ୍ରିୟାଲୋପ ହୋଇଯିବ ।

୪) ଆମ୍ଭେମାନେ କୁଳକ୍ଷୟଦ୍ୱାରା ମହାନ୍ ପାପ କରିବାକୁ ଉଦ୍ୟତ ହୋଇଛନ୍ତି ।

ଏହି ବିଷୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ –

**ସଂଜୟ ଉବାଚ**

**ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଳେକ୍ଷଣମ୍ ।**
**ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ॥୧॥**

କରୁଣାବିଷ୍ଟ, ଆଶ୍ରୁପୂର୍ଣ୍ଣ, ବ୍ୟାକୁଳ ନେତ୍ରଯୁକ୍ତ ଅର୍ଜୁନଙ୍କ ପ୍ରତି ମଧୁସୂଦନ– ଅର୍ଥାତ୍ ମଦ ବିନାଶ କାରୀ ଭଗବାନ୍ ଏହି ବଚନ କହିଲେ–

**ଶ୍ରୀ ଭଗବାନ୍ ଉବାଚ**

**କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍ ।**
**ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ ॥୨॥**

ହେ ଅର୍ଜୁନ ! ଏହି ବିଷମସ୍ଥଳରେ ତୋତେ ଏପରି ଅଜ୍ଞାନ କେଉଁଠୁ ଆସିଲା ? ବିଷମ ସ୍ଥଳ ଅର୍ଥାତ୍ ଯାହାର ସମତା ସୃଷ୍ଟିରେ କୌଣସି ସ୍ଥଳ ହିଁ ନାହିଁ । ପାର ଲୌକିକ ଅଟେ ଲକ୍ଷ ଯାହାର ଏପରି ନିର୍ବିବାଦ ସ୍ଥଳରେ ତୋତେ ଏ ଅଜ୍ଞାନ କେଁଉଠାରୁ ପ୍ରାପ୍ତ ହେଲା । ଅଜ୍ଞାନ କାହିଁକି ? ଅର୍ଜୁନ ତ ସନାତନ ଧର୍ମର ରକ୍ଷା ନିମନ୍ତେ କଟିବଦ୍ଧ ଥିଲେ । କ'ଣ ସନାତନ ଧର୍ମ ରକ୍ଷା ନିମନ୍ତେ ପ୍ରାଣ ପଣରେ ତତ୍ପର ରହିବା ଅଜ୍ଞାନ ? ଶ୍ରୀକୃଷ୍ଣ କହୁଛନ୍ତି– ହଁ, ଏହା ଅଜ୍ଞାନ ଅଟେ । ନା ଏହାର ଆଚରଣ ସମ୍ଭାବିତ ପୁରୁଷଙ୍କ ଦ୍ୱାରା କରାଯାଇଛି । ନା ଏହା ସ୍ୱର୍ଗପଦ ଦେବାରେ ସମର୍ଥ ଏବଂ ନା ଏହା କୀର୍ତ୍ତିକାରକ ଅଟେ । ସତ୍‌ମାର୍ଗରେ ଯିଏ ଦୃଢତା ପୂର୍ବକ

ଆରୂଢ ଅଛନ୍ତି, ତାଙ୍କୁ ଆର୍ଯ୍ୟ କୁହାଯାଏ । ପରିବାର ନିମନ୍ତେ ମରିବା, ମାରିବା ଯଦିଓ ଅଜ୍ଞାନ ନ ହୋଇଥାନ୍ତା, ତେବେ ମହାପୁରୁଷ ସେହି ପଥରେ ଅବଶ୍ୟ ଚାଲିଥାନ୍ତେ । ଯଦି କୁଳଧର୍ମ ହିଁ ସତ୍ୟ ହୁଅନ୍ତା, ତେବେ ତାହା ସ୍ୱର୍ଗ ଏବଂ କଲ୍ୟାଣର ନିଃଶ୍ରେଣୀ ଅବଶ୍ୟ ହୋଇଥାନ୍ତା । ଏହା କୀର୍ତ୍ତି ଦାୟକ ମଧ୍ୟ ନୁହଁ । ମୀରା ଭଜନ କରିବାରୁ- **ଲୋଗ କହେଁ ମୀରା । ଭଇ ବାବରୀ, ସାସ୍ କହେ କୁଳନାଶିରେ ।**

ଯେଉଁ ପରିବାର କୁଳ ଏବଂ ମର୍ଯ୍ୟଦା ନିମନ୍ତେ ମୀରାଙ୍କ ଶାଶୁ ବ୍ୟାକୁଳ ହେଉଥିଲା, ଆଜି ସେହି କୁଳବନ୍ତି ଶାଶୁକୁ କେହି ଜାଣିନାହାଁନ୍ତି । ପରନ୍ତୁ ମୀରାକୁ ବିଶ୍ୱ ଜାଣିଛନ୍ତି । ଠିକ୍ ଏହିପରି ପରିବାର ନିମନ୍ତେ ଯିଏ ବ୍ୟାକୁଳ ଅଟନ୍ତି, ସେମାନଙ୍କ କୀର୍ତ୍ତି ମଧ୍ୟ କେତେ ଦିନ ବା ରହିବ ଯେଉଁଥିରେ କୀର୍ତ୍ତି ନାହିଁ, କଲ୍ୟାଣ ନାହିଁ । ଶ୍ରେଷ୍ଠ ପୁରୁଷମାନେ ଭୁଲ୍‌ରେ ମଧ୍ୟ ଯାହାର ଆଚରଣ କରି ନାହାଁନ୍ତି । ଅତଃ ସିଦ୍ଧ ପ୍ରମାଣିତ ଯେ, ତାହା ଅଜ୍ଞାନ ମାତ୍ର । ଅତଃ-

**କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।**
**କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥୩॥**

ହେ ଅର୍ଜୁନ ! ତୁମେ ନୁପୁଂସକତାକୁ ପ୍ରାପ୍ତ ହୁଅ ନାହିଁ । କ'ଣ ଅର୍ଜୁନ ନପୁଂସକ ଥିଲେ ? କ'ଣ ଆପଣ ପୁରୁଷ ଅଟନ୍ତି ? ନପୁଂସକ ସେ ଅଟେ, ଯିଏ କି ପୌରୁଷ ହୀନ ହୋଇଥାଏ । ସମସ୍ତେ ନିଜ ନିଜର ବୁଦ୍ଧି ଅନୁସାରେ ପୁରୁଷାର୍ଥ ହିଁ ତ କରୁଛନ୍ତି । କୃଷକ ରାତ୍ରଦିନ ରକ୍ତକୁ ପାଣିକରି ଜମିରେ ପୁରୁଷାର୍ଥ ହିଁ ତ କରୁଥାଏ । କିଏ ବ୍ୟାପାରରେ ପୁରୁଷାର୍ଥ ମାନୁଥାଏ ତ କିଏ ପଦର ଦୁରୂପଯୋଗ କରି ପୁରୁଷାର୍ଥ ମାନିଥାଏ । ଜୀବନସାରା ପୁରୁଷାର୍ଥ କରି ମଧ୍ୟ ଖାଲି ହାତରେ ହିଁ ଶେଷକୁ ଯିବାକୁ ପଡ଼ିଥାଏ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହା ପୁରୁଷାର୍ଥ ନୁହେଁ । ଏହା ଅଜ୍ଞନତା ମାତ୍ର । ଶୁଦ୍ଧ ପୁରୁଷାର୍ଥ ହେଉଛି- **ଆତ୍ମ ଦର୍ଶନ** । ଗାର୍ଗୀ ଯାଜ୍ଞବଲ୍‌କ୍ୟଙ୍କୁ କହିଲେ-

**ନପୁଂସକ ପୁମାନ୍ ଜ୍ଞେୟୋ ୟୋନ ବେତ୍ତି ହୃଦିସ୍ଥିତମ୍ ।**
**ପୁରୁଷଂ ସ୍ୱପ୍ରକାଶଂ ତସ୍ମାଦ୍ ଆନନ୍ଦାତ୍ମାନମବ୍ୟୟମ୍ ॥**

ସେ ପୁରୁଷ ହୋଇ ମଧ୍ୟ ନପୁଂସକ ଅଟେ, ଯିଏ କି ହୃଦୟସ୍ଥ ଆତ୍ମାକୁ ଉପଲବ୍ଧ କରି ନାହିଁ । ସେହି ଆତ୍ମା ହିଁ ପୁରୁଷ ସ୍ୱରୂପ, ସ୍ୱୟଂ ପ୍ରକାଶ, ଉତ୍ତମ, ଆନନ୍ଦ ସ୍ୱରୂପ ଏବଂ ଅବ୍ୟକ୍ତ ଅଟେ । ତାହାକୁ ପ୍ରାପ୍ତ କରିବା ପ୍ରୟାସ ହିଁ **ପୌରୁଷ** । ହେ ଅର୍ଜୁନ ! ତୁ ନଂପୁଂସକତାକୁ ପ୍ରାପ୍ତ ନ ହୁଅ । ଏହା ତୋର ନିମନ୍ତେ ଯୋଗ୍ୟ ନୁହଁ । ହେ ପରନ୍ତପ ! ହୃଦୟର କ୍ଷୁଦ୍ର ଦୁର୍ବଳତାକୁ ତ୍ୟାଗକରି ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଅ ।

ଆସକ୍ତି ତ୍ୟାଗ କର, ଏହା ହୃଦୟର ଦୁର୍ବଳତା ମାତ୍ର । ଏଠାରେ ଅର୍ଜୁନ ତୃତୀୟ ପ୍ରଶ୍ନ ପ୍ରସ୍ତୁତ କଲେ ।

**ଅର୍ଜୁନ ଉବାଚ**

**କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଂ ଚ ମଧୁସୂଦନ ।**
**ଇଷୁଭିଃ ପ୍ରତିଯୋତ୍ସ୍ୟାମି ପୂଜାର୍ହାବରିସୂଦନ ॥୪॥**

ହେ ମଧୁ ସୂଦନ ! ଅର୍ଥାତ୍ ଅହଂକାରକୁ ଶମନ କରୁଥିବା ମଧୁସୂଦନ ! ମୁଁ ରଣଭୂମିରେ ପିତାମହ ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ସହିତ ବାଣ ଦ୍ୱାରା କିପରି ଯୁଦ୍ଧ କରିବି ? କାରଣ ହେ ଅରିସୂଦନ ! ସେମାନେ ଦୁଇଜଣ ମୋର ପୂଜନୀୟ ।

ଦ୍ୱୈତ ହିଁ ଦ୍ରୋଣ । ପ୍ରଭୁ ଅଲଗା ଏବଂ ଆମ୍ଭେ ଅଲଗା । ଦ୍ୱୈତର ଏହି ଭବାନା ହିଁ ପ୍ରାପ୍ତି ନିମନ୍ତେ ପ୍ରେରଣାର ପ୍ରାରମ୍ଭିକ ସ୍ରୋତ ଅଟେ । ଏହା ହିଁ ଦ୍ରୋଣାଚାର୍ଯ୍ୟଙ୍କ ଗୁରୁତ୍ୱ ଅଟେ । ଭ୍ରମ ହିଁ ଭୀଷ୍ମ । ଯେଉଁ ପର୍ଯ୍ୟନ୍ତ ଭ୍ରମ ରହିଛି, ସେ ପର୍ଯ୍ୟନ୍ତ ନିଜ ପୁତ୍ର ପରିବାର, ସମ୍ବନ୍ଧ ସମସ୍ତେ ନିଜର ଲାଗନ୍ତି । ଆପଣାର ମନେ ହେବାରେ ଭ୍ରମ ହିଁ ମାଧ୍ୟମ ଅଟେ । ଆତ୍ମା, ଏମାନଙ୍କୁ ପିତା, ଦାଦା, କୁଳଗୁରୁ ଇତ୍ୟାଦି ପୂଜ୍ୟ ମନେ କରି ଏମାନଙ୍କ ସହିତ ରହିଥାଏ । ସାଧାନର ପୂର୍ତ୍ତି କାଳରେ **'ଗୁରୁ ନ ଚେଲା ପୁରୁଷ ଅକେଲା ।**

**ନବନ୍ଧୁର୍ନମିତ୍ରଂ ଗୁରୁର୍ନୈବ ଶିଷ୍ୟଃ ।**
**ଚିଦାନନ୍ଦ ରୂପଃ ଶିବୋଽହଂ ଶିବୋଽହଂ ॥**

ଯେତେବେଳେ ଚିତ୍ତ ସେହି ପରମ ଆନନ୍ଦରେ ବିଲୀନ ହୋଇଯାଏ । ସେତେବେଳେ ନା ଗୁରୁ ଜ୍ଞାନଦାତା ରହିଥାଏ ଏବଂ ନା ଶିଷ୍ୟ ଗ୍ରହଣ କର୍ତ୍ତା ହିଁ ରହିଥାଏ । ଏହାହିଁ ପରମ ସ୍ଥିତି ଅଟେ । ଗୁରୁଙ୍କ ଗୁରୁତ୍ୱ ପ୍ରାପ୍ତ ହୋଇଯିବା ପରେ ଗୁରୁ ଓ ଶିଷ୍ୟଙ୍କ ସ୍ଥିତି ଏକ ହୋଇଯାଏ । ଶ୍ରୀକୃଷ୍ଣ କହୁଛନ୍ତି ଯେ, ଅର୍ଜୁନ ! ତୁ ମୋ ହୃଦୟରେ ନିବାସ କରିବୁ । ଯେପରି ଶ୍ରୀକୃଷ୍ଣ ସେପରି ହିଁ ଅର୍ଜୁନ ଏବଂ ଠିକ୍ ସେହିପରି ହିଁ ପ୍ରାପ୍ତି ହୋଇଥିବା ମହାପୁରୁଷ ହୋଇଥାଏ । ଏପରି ଅବସ୍ଥାରେ ଗୁରୁଙ୍କର ମଧ୍ୟ ବିଲୟ ହୋଇ, ହୃଦୟରେ ଗୁରୁତ୍ୱ ପ୍ରବାହିତ ହୋଇଯାଏ । ଅର୍ଜୁନ ଗୁରୁପଦ ଛଳନାରେ ଏହି ସଂଘର୍ଷରେ ପ୍ରବୃତ୍ତି ହେବା ନିମନ୍ତେ ପଛଘୁଞ୍ଚା ଚାହୁଁଥାଏ । ପୁଣି କହୁଛନ୍ତି–

**ଗୁରୂନହତ୍ୱା ହି ମହାନୁଭାବାନ୍**
**ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।**
**ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ**
**ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ॥୫॥**

ଏହି ମହାନୁଭାବ ଗୁରୁଜନଙ୍କୁ ନ ମାରି ମୁଁ ଏହି ଲୋକରେ ଭିକ୍ଷାନ୍ନକୁ ହିଁ ଶ୍ରେୟସ୍କର ମନେ କରୁଛି । ଏଠାରେ ଭିକ୍ଷାର ଅର୍ଥ ଉଦର ପୋଷଣ ନିମନ୍ତେ ଭିକ ମାଗିବା ନୁହଁ ବରଂ ସତ୍‌ପୁରୁଷମାନଙ୍କୁ ଛୋଟ ବଡ଼ ସେବା କରି, ସେମାନଙ୍କଠାରୁ କଲ୍ୟାଣ ଯାଚନା ହିଁ ଭିକ୍ଷା ଅଟେ । **ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍** (ତ୍ରୈତ୍ତିରୀୟ-୩/୨/୧) ଅର୍ଥାତ୍ ଏକମାତ୍ର ବ୍ରହ୍ମ ହିଁ ଅନ୍ନ, ଏପରି ଜାଣିବା ଉଚିତ୍ । ଯାହାକୁ ପ୍ରାପ୍ତ କରି ଆତ୍ମା ସଦୈବ ତୃପ୍ତି ହୋଇଯାଇଥାଏ । ପୁଣି କେବେ ଅତୃପ୍ତ ରହେ ନାହିଁ । ଆମ୍ଭେ ମହାପୁରୁଷଙ୍କ ସେବା ଏବଂ ଯାଚନା ଦ୍ୱାରା ଶନୈଃ ଶନୈଃ ବ୍ରହ୍ମ ପୀୟୂଷ ପ୍ରାପ୍ତ କରିବା ଉଚିତ୍ । କିନ୍ତୁ ପରିବାର ସହିତ ବିଚ୍ଛେଦ ନ ହେଉ । ଏହା ହିଁ ଅର୍ଜୁନଙ୍କ ଭିକ୍ଷାନ୍ନ କାମନା ଥିଲା । ସଂସାରରେ ଅଧିକାଂଶ ଲୋକ ଏପରି ହିଁ କରିଥାନ୍ତି । ସେମାନେ ଚାହାଁନ୍ତି ଯେ, ପାରିବାରିକ ସ୍ନେହ ସମ୍ବନ୍ଧ ରହୁ ଏବଂ ମୁକ୍ତି ମଧ ଶନୈଃ ଶନୈଃ ମିଳିଯାଉ । କିନ୍ତୁ ସାଧନ ପଥରେ ଚାଲୁଥିବା ପଥିକ ନିମନ୍ତେ ଅର୍ଥାତ୍ ଯାହାର ସଂସ୍କାର ଏହି ମୋହ-ମମତାରୁ ଉର୍ଦ୍ଧ୍ୱରେ, ଯାହାଠାରେ ସଂଘର୍ଷର କ୍ଷମତା ରହିଛି , ଯାହାର ସ୍ୱଭାବରେ କ୍ଷତ୍ରୀୟତ୍ୱ ପ୍ରବାହିତ ହୋଇଥାଏ, ଏପରି ସାଧକ ନିମନ୍ତେ ଏହି ଭିକ୍ଷାନ୍ନର ବିଧାନ ନାହିଁ । ସ୍ୱୟଂ ନ କରି ଯାଚନା କରିବା ଭିକ୍ଷାନ୍ନ ଅଟେ । ଗୌତମ ବୁଦ୍ଧ ମଧ ମଝିମନିକାୟ ସ୍ଥିତ ଧମ୍ମଦାୟାଦ ସୁତ୍ତ(୧।୧।୩) ରେ ଏହି ଭିକ୍ଷାନ୍ନକୁ ଆମିଷ- ଦାୟାଦ କହି ହେୟ ମନୋଭାବ କରିଥିଲେ । ଯେତେବେଳେ କି ଶରୀର ପୋଷଣ ନିମନ୍ତେ ସମସ୍ତେ ଭିକ୍ଷୁ ହିଁ ଥିଲେ ।

ଏହି ଗୁରୁଜନଙ୍କୁ ମାରି କ'ଣ ବା ମିଳିବ । ଏହି ଲୋକରେ ରକ୍ତ ରଞ୍ଜିତ ଅର୍ଥ ଏବଂ କାମର ଭୋଗ ହିଁ ତ ଭୋଗିବାକୁ ମିଳିବ । କଦାଚିତ୍ ଅର୍ଜୁନ ଭାବୁଥିଲେ ଯେ, ଭଜନ ଦ୍ୱାରା ଭୌତିକ ସୁଖ ଅଭିବୃଦ୍ଧି ହେବ । ଏତେ ସଂଘର୍ଷର ସାମନା କରିବା ପରେ ମଧ ଏହି ଶରୀର ପୋଷକ ଅର୍ଥ ଏବଂ କାମ ଭୋଗ ହିଁ ମିଳିବ । ସେ ପୁଣି ତର୍କ ଦେଉଛନ୍ତି -

**ନ ଚୈତଦ୍‌ବିଦ୍ମଃ କତରନ୍ନୋ ଗରୀୟୋ**
**ଯଦ୍‌ବା ଜୟେମ ଯଦି ବା ନୋ ଜୟେୟୁଃ ।**
**ଯାନେବ ହତ୍ୱା ନ ଜିଜୀ ବିଷାମ-**
**ସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ ।।୬।।**

ଏହା ବି ନିଶ୍ଚିତ ହୋଇନାହିଁ ଯେ, ଭୋଗ ନିଶ୍ଚତ ମିଳିବ । ଏହା ମଧ ଆମ୍ଭେ ଜାଣିପାରୁ ନାହୁଁ ଯେ, ଆମ୍ଭେ କ'ଣ କରିବା ଶ୍ରେୟସ୍କର । କାରଣ ଯାହା କିଛି ମୁଁ କହିଲି ତାହା ଅଜ୍ଞାନ ପ୍ରମାଣିତ ହୋଇଗଲା । ଏହିପରି ଜ୍ଞାନ ମଧ ହେଉନାହିଁ ଯେ

ଯୁଦ୍ଧରେ ଆମ୍ଭେ ଜିତିବା ଅଥବା ସେମାନେ ଜିତିବେ । ଯାହାଙ୍କୁ ମାରି ଆମ୍ଭେ ଜୀବିତ ରହିବା ଚାହୁଁ ନାହାଁନ୍ତି, ସେହି ଧୃତରାଷ୍ଟ୍ରଙ୍କ ପୁତ୍ର ଆମ୍ଭମାନଙ୍କ ସାମନାରେ ଉପସ୍ଥିତ ଅଛନ୍ତି । ଯେତେବେଳେ ଅଜ୍ଞାନରୂପୀ ଧୃତରାଷ୍ଟ୍ରଙ୍କ ଠାରୁ ଉତ୍ପନ୍ନ ମୋହରୂପୀ ଦୁର୍ଯ୍ୟୋଧନ ଆଦି ସ୍ୱଜନ ସମୁଦାୟ ନଷ୍ଟ ହୋଇଯିବେ, ତେବେ ଆମ୍ଭେମାନେ ଜୀବିତ ରହି କ'ଣ ବା କରିବା ? ଅର୍ଜୁନ ପୁନଃ ବିଚାର କରନ୍ତି, ଯାହା କିଛି ମୁଁ ପୂର୍ବେ କହିଥିଲି, କଦାଚିତ୍ ତାହା ମଧ୍ୟ ଅଜ୍ଞାନ ହୋଇଥାଇପାରେ । ଅତଃ ପ୍ରାର୍ଥନା କରୁଛନ୍ତି –

**କାର୍ପଣ୍ୟଦୋଷୋପହତସ୍ୱଭାବଃ**
**ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ ଚେତାଃ ।**
**ଯତ୍ ଶ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ**
**ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ॥୭॥**

କାୟରତା ଦୋଷ ଦ୍ୱାରା ନଷ୍ଟ ସ୍ୱଭାବ, ଧର୍ମ ବିଷୟରେ ସର୍ବଥା ମୋହିତ ହେଇଥିବା ଚିତ୍ତ, ମୁଁ ଆପଣଙ୍କୁ ପଚାରୁଛି– ଯାହା କିଛି ନିଶ୍ଚିତ ପରମକଲ୍ୟାଣକାରୀ ହେବ, ସେହି ସାଧନ ମୋ ନିମନ୍ତେ କୁହନ୍ତୁ । ମୁଁ ଆପଣଙ୍କର ଶିଷ୍ୟ ଅଟେ । ଆପଣଙ୍କ ଶରଣରେ ରହିଛି । ମୋତେ ସଜାଡ଼ନ୍ତୁ ଏବଂ ସମ୍ଭାଳନ୍ତୁ । କେବଳ ଶିକ୍ଷା ନ ଦିଅନ୍ତୁ ବରଂ ଯେଉଁ ଠାରେ ଅସ୍ଥିର ଅବସ୍ଥା ଆସିବ, ସେଠାରେ ମୋତେ ସମ୍ଭାଳନ୍ତୁ । **'ଲାଦ୍ ଦେ ଲଦାୟ ଦେ ଔର୍ ଲଦାନେବାଲା ସାଥ ଚାଲେ– କଦାଚିତ୍ ଗଟ୍ଠର ଗିର୍‌ପଡ଼ା , ତବ କୌନ ଲଦବାୟେଗା'** ଅର୍ଥାତ୍ ସାଧକଙ୍କୁ ଆପଣ ହିଁ ସମ୍ଭାଳନ୍ତୁ, ତାହାଙ୍କୁ ସାଧନା ରୂପରେ ଉପଦେଶ ଦିଅନ୍ତୁ ଏବଂ ସାଧ୍ୟ ରୂପରେ ଆପଣଙ୍କ ଦର୍ଶନ ପର୍ଯ୍ୟନ୍ତ ସାଥିରେ ଚାଲନ୍ତୁ । ଏହିପରି ଅନନ୍ୟ ଭାବ ହିଁ ସାଧକଙ୍କ ସମର୍ପଣ ମାତ୍ର । ଏହିପରି ସମର୍ପଣ ଅର୍ଜୁନ ମଧ୍ୟ କରିଛନ୍ତି ।

ଏଠାରେ ଅର୍ଜୁନ ପୂର୍ଣ୍ଣ ସମର୍ପଣ କରିଦେଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କୁ ନିଜ ସ୍ତରର ହିଁ ଭାବୁଥିଲେ । ଅନେକ ବିଦ୍ୟାରେ ନିଜକୁ କିଛି ଆଗୁଆ ହିଁ ମାନୁଥିଲେ । ଏଠାରେ ସେ ନିଜର ଲଗାମ୍ ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିଦେଲେ । ସଦ୍‌ଗୁରୁ ପୂର୍ତ୍ତି ପର୍ଯ୍ୟନ୍ତ ହୃଦୟରେ ରହି ସାଧକ ସହିତ ଚାଲିଥାନ୍ତି । ଯଦି ସେ ସାଥିରେ ନ ରହିବେ, ତେବେ ସାଧକ ପାର ହେବ ନାହିଁ । ଯୁବା କନ୍ୟାଙ୍କ ପରିବାର ଲୋକେ ଯେଉଁପରି ବିବାହ ପର୍ଯ୍ୟନ୍ତ କନ୍ୟାକୁ ସଂଯମ ଶିକ୍ଷା ଦେଇ ସମ୍ଭାଳି ନେଇଥାନ୍ତି । ଠିକ୍ ସେହିପରି ସଦ୍‌ଗୁରୁ ନିଜ ଶିଷ୍ୟଙ୍କ ଅନ୍ତରାତ୍ମାରେ ରଥୀ ହୋଇ, ତାକୁ ପ୍ରକୃତିରୂପୀ ଘାଟିରୁ ବାହାର କରି ପାରକରି ଦେଇଥାନ୍ତି । ଅର୍ଜୁନ ନିବେଦନ କରୁଥାଏ ଯେ, ଭଗବାନ୍ ! ଆଉ ଗୋଟିଏ ପ୍ରଶ୍ନ–

**ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍**
**ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।**
**ଅବାପ୍ୟ ଭୂମାବସପତ୍ନମୃଦ୍ଧଂ**
**ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ ॥୮॥**

ଭୂମି ଉପରେ ନିଷ୍କଣ୍ଟକ ଧନ ଧାନ୍ୟ ସମ୍ପନ୍ନ ରାଜ୍ୟ ଏବଂ ଦେବତା ମାନଙ୍କ ସ୍ୱାମିତ୍ୱ ଇନ୍ଦ୍ରପଦ ପାଇ ମଧ ମୁଁ ସେହି ଉପାୟକୁ ଦେଖି ପାରୁନାହିଁ, ଯାହାକି ମୋର ଇନ୍ଦ୍ରିୟମାନଙ୍କୁ ଶୁଖାଇ ଦେଉଥିବା ଶୋକକୁ ଦୂର କରିପାରିବ । ଯେତେବେଳେ ଶୋକ ଲାଗି ରହିଛି, ତେବେ ମୁଁ ଏହି ସବୁ ନେଇ କ'ଣ କରିବି ? ଯଦିଓ ଏତିକି ହିଁ ମିଳିବା ବାକି ରହିଛି ତେବେ କ୍ଷମା କରନ୍ତୁ । ଅର୍ଜୁନ ଭାବୁଛନ୍ତି ଯେ, ଏହା ଠାରୁ ଆଗକୁ କ'ଣ ବା କହିବେ ?

**ସଞ୍ଜୟ ଉବାଚ**

**ଏବମୁକ୍ତ୍ୱା ହୃଷିକେଶଂ ଗୁଡ଼ାକେଶଃ ପରଂତପ ।**
**ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ॥୯॥**

ସଞ୍ଜୟ କହିଲେ ହେ ରାଜନ ! ମୋହ ନିଶାଜନ୍ୟ ଅର୍ଜୁନ ହୃଦୟର ସର୍ବଜ୍ଞ ଶ୍ରୀକୃଷ୍ଣଙ୍କୁ ଏହା କହିଲେ– ହେ ଗୋବିନ୍ଦ ! ମୁଁ ଯୁଦ୍ଧ କରିବି ନାହିଁ । ଏହା କହି ଚୁପ୍ ହୋଇଗଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଜୁନଙ୍କ ଦୃଷ୍ଟି ପୌରାଣିକ ଅଟେ । ଯେଉଁଥିରେ କର୍ମକାଣ୍ଡ ସହିତ ଭୋଗମାନଙ୍କ ଉପଲବ୍ଧିର ବିଧାନ ରହିଛି । ଯେଉଁଥିରେ ସ୍ୱର୍ଗ ହିଁ ସବୁକିଛି ମାନୁଛନ୍ତି । ଯହା ଉପରେ ଶ୍ରୀକୃଷ୍ଣ କହିବେ ଯେ ଏହି ବିଚାରଧରା ମଧ ଭୂଲ ଅଟେ ।

**ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ॥୧୦॥**

ତତ୍‌ପଶ୍ଚାତ୍ ହେ ରାଜନ୍ ! ଅନ୍ତର୍ଯ୍ୟାମୀ ଯୋଗେଶ୍ୱର ଶ୍ରୀକୃଷ୍ଣ ଦୁଇ ସୈନ୍ୟ ବାହିନୀଙ୍କ ମଧ ଭାଗରେ ସେହି ଶୋକଯୁକ୍ତ ଅର୍ଜୁନଙ୍କୁ ହସି ହସି ଏପରି ବଚନ କହିଲେ–

**ଶ୍ରୀଭଗବାନୁବାଚ**

**ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।**
**ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ॥୧୧॥**

ହେ ଅର୍ଜୁନ ! ତୁ ଶୋକ ନ କରିବା ବ୍ୟକ୍ତିଙ୍କ ନିମନ୍ତେ ଶୋକ କରୁଛୁ ଏବଂ ପଣ୍ଡିତ ମାନଙ୍କ ପରି ବଚନ କହୁଛୁ । କିନ୍ତୁ ବୁଦ୍ଧି ସମ୍ପନ୍ନ ପଣ୍ଡିତମାନେ ଯାହାର ପ୍ରାଣ

ଚାଲିଗଲା, ସେମାନଙ୍କ ନିମନ୍ତେ ତଥା ଯାହାଙ୍କ ପ୍ରାଣ ଯାଇନାହିଁ, ତାହାଙ୍କ ନିମନ୍ତେ ମଧ୍ୟ ଶୋକ କରନ୍ତି ନାହିଁ । କାରଣ ସେମାନେ ମଧ୍ୟ ମରିଯିବେ । ତୁ ପଣ୍ଡିତମାନଙ୍କ ପରି ବଚନକୁ କହୁଛୁ, ବସ୍ତୁତଃ ଜ୍ଞାତା ନୁହଁ । କାରଣ–

**ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।**
**ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ।।୧୨।।**

ଏହା ନୁହଁ ଯେ, ମୁଁ ଅର୍ଥାତ୍ ସଦ୍‌ଗୁରୁ କେଉଁ କାଳରେ ନଥିଲି ଅଥବା ତୁମେ ଅନୁରାଗୀ ଅଧିକାରୀ ମଧ୍ୟ ନଥିଲ ଏବଂ **ଜନାଧିପାଃ**– ରାଜାମାନେ ଅର୍ଥାତ୍ ରାଜସିବୃତ୍ତି ସମ୍ପନ୍ନ 'ଅହଂ' ନଥିଲା ଏବଂ ଏହା ନୁହଁ ଯେ ଭବିଷ୍ୟତରେ ଆମ୍ଭେମାନେ ରହିବା ନାହିଁ । ସଦ୍‌ଗୁରୁ ସର୍ବଦୈବ ରହିଥାନ୍ତି ଏବଂ ଅନୁରାଗୀ ମଧ୍ୟ ସର୍ବଦୈବ ରହିଥାନ୍ତି । ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଯୋଗର ଅନାଦିତା ଉପରେ ପ୍ରକାଶ ଦେଇ ଭବିଷ୍ୟତରେ ମଧ୍ୟ ତାହାର ବିଦ୍ୟମାନତା ଉପରେ ଜୋର୍ ଦେଇ ମୃତ୍ୟୁ ମୁଖରେ ପଡ଼ିଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଶୋକ ନ କରିବା ଉଦ୍ଦେଶ୍ୟ ରଖି ସେ କହିଲେ –

**ଦେହିନୋଽସ୍ମିନ୍ୟଥା ଦେହେ କୌମାରଂ ଯୌବନଂ ଜରା ।**
**ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ।।୧୩।।**

ଯେପରି ଜୀବାତ୍ମାର ଏହି ଶରୀରରେ କୁମାର, ଯୁବା ଏବଂ ବୃଦ୍ଧାବସ୍ଥା ଆସିଥାଏ । ସେପରି ଅନ୍ୟ ଅନ୍ୟ ଶରୀର ପ୍ରାପ୍ତି ହେଲେ ସୁଦ୍ଧା ଧୀର ପୁରୁଷ ମୋହିତ ହୁଅନ୍ତି ନାହିଁ । ଦିନେ ଆପଣ ବାଳକ ଥିଲେ, ଧୀରେ ଧୀରେ ଯୁବକ ହେଲେ । ହେଲେ ଆପଣଙ୍କ ମୃତ୍ୟୁ ତ ହୋଇନାହିଁ ? ପୁନଃ ବୃଦ୍ଧ ହେଲେ । ପୁରୁଷ ମାତ୍ର ଜଣେ, ସେହିପରି ନବ ଶରୀର ପ୍ରାପ୍ତି ନିମନ୍ତେ ତିଳେମାତ୍ର ବାଧାପ୍ରାପ୍ତ ହୁଏ ନାହିଁ । ଏହି କଳେବର ପରିବର୍ତ୍ତନ ସେ ପର୍ଯ୍ୟନ୍ତ ଚାଲେ, ଯେଉଁ ପର୍ଯ୍ୟନ୍ତ ପରିବର୍ତ୍ତନରୁ ପରେ ସଦ୍‌ବସ୍ତୁର ପ୍ରାପ୍ତି ହୁଏ ନାହିଁ ।

**ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।**
**ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ।।୧୪।।**

ହେ କୁନ୍ତପୁତ୍ର ! ସ2 ଠୁଖ–ଦୁଃଖ, ଥଣ୍ଡା–ଗରମ ଦେଉଥିବା ଇନ୍ଦ୍ରିୟ ଏବଂ ବିଷୟମାନଙ୍କ ସଂଯୋଗ ହିଁ ଅନିତ୍ୟ ଓ କ୍ଷଣ ଭଙ୍ଗୁର । ତେଣୁ ହେ ଭରତ ବଂଶୀ ଅର୍ଜୁନ ! ତୁମେ ଏହାକୁ ପରିତ୍ୟାଗ କର । ଅର୍ଜୁନ, ଇନ୍ଦ୍ରିୟ ଓ ବିଷୟମାନଙ୍କ ସଂଯୋଗଜନ୍ୟ ସୁଖ ସ୍ମରଣ ପୂର୍ବକ ବିକଳ ଥିଲେ । କୁଳଧର୍ମ ଓ କୁଳଗୁରୁ ମାନଙ୍କ ପୂଜ୍ୟଭାବ ଇତ୍ୟାଦି ଇନ୍ଦ୍ରିୟମାନଙ୍କ ଲାଳସାର ଅନ୍ତର୍ଗତ ହୋଇଥାଏ । ଏହା କ୍ଷଣିକ ମିଥ୍ୟା ଏବଂ ନାଶବାନ୍ ଅଟେ । ବିଷୟମାନଙ୍କ ସଂଯୋଗ ନା ସର୍ବଦୈବ ପ୍ରାପ୍ତ ହେବ

ନା ସଦୈବ ଇନ୍ଦ୍ରିୟ ମାନଙ୍କଠାରେ କ୍ଷମତା ହିଁ ରହିବ ? ତେଣୁ ହେ ଅର୍ଜୁନ ! ତୁମେ ଏହାକୁ ତ୍ୟାଗ କରି ସହନ କର । କାରଣ, କ'ଣ ତାହା ହିମାଳୟରେ ଲଢେଇ ଥିଲା ଯେ, ଅର୍ଜୁନ ଥଣ୍ଡା ସହନ କରିଥାନ୍ତେ ? ଅଥବା କ'ଣ ମରୁସ୍ଥଳରେ ଲଢେଇଥିଲା ଯେ, ଅର୍ଜୁନ ଗରମ ସହନ କରିଥାନ୍ତେ । କୁରୁକ୍ଷେତ୍ରକୁ ଲୋକେ ଯେପରି ବାହାରେ ଚିହ୍ନଟ କରି କହୁଥାନ୍ତି । ତାହା ସମଶିତୋଷ୍ଣ ସ୍ଥଳୀ ଅଟେ । ପୁରାପୁରି ଅଠର ଦିନ ହିଁ ତ ଲଢେଇ ହୋଇଥିଲା । ଏତିକି ଦିନ ମଧ୍ୟରେ କେତେ ଥଣ୍ଡା ଓ ଗରମ ବିତିଗଲା । ବସ୍ତୁତଃ ଥଣ୍ଡା, ଗରମ,ସୁଖ-ଦୁଃଖ,ମାନ ଅପମାନକୁ ସହନ କରିବା ଏକ ଯୋଗୀ ଉପରେ ନିର୍ଭର କରେ । ଏହା ହୃଦୟଦେଶର ଲଢେଇର ଚିତ୍ରଣ । ମାତ୍ର । କୌଣସି ବାହାର ଯୁଦ୍ଧ ନିମନ୍ତେ ଗୀତା କହୁନାହିଁ । ଏହା କ୍ଷେତ୍ର କ୍ଷେତ୍ରଜ୍ଞଙ୍କ ମଧ୍ୟରେ ହେଉଥିବା ସଂଘର୍ଷ, ଯେଉଁଥିରେ ଆସୁରୀ ସମ୍ପଦର ସର୍ବଥା ଶମନ କରି ପରମାତ୍ମାରେ ସ୍ଥିତି ପ୍ରଦାନ କରି ଦୈବୀ ସମ୍ପଦ ମଧ୍ୟ ଶାନ୍ତ ହୋଇଯାଏ । ଯେତେବେଳେ ବିକାର ହିଁ ରହିବ ନାହିଁ, ତେବେ ସଜାତୀୟ ପ୍ରବୃତ୍ତି କାହା ଉପରେ ବିଜୟ ପ୍ରାପ୍ତ କରିବ । ତେଣୁ ପୂର୍ଣ୍ଣତ୍ୱ ସହିତ ସେ ମଧ୍ୟ ଶାନ୍ତ ହୋଇଯାଇଥାଏ । ତାହାପୂର୍ବରୁ କଦାପି ନୁହଁ । ଗୀତା ଅନ୍ତର୍ଦେଶର ଚିତ୍ରଣ ମାତ୍ର । ଏପରି ତ୍ୟାଗରୁ କ'ଣ ବା ମିଳିବ ? ଏଥିରୁ ଲାଭ ବା କ'ଣ ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି-

**ୟଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।**
**ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ।।୧୫।।**

ହେ ପୁରୁଷ ଶ୍ରେଷ୍ଠ ! ସୁଖ ଦୁଃଖକୁ ସମଭାବନା କରୁଥିବା ଧୀର ପୁରୁଷଙ୍କୁ ଇନ୍ଦ୍ରିୟ ଓ ବିଷୟମାନଙ୍କ ସଂଯୋଗ ବ୍ୟଥିତ କରିପାରେ ନାହିଁ । ସେ ମୃତ୍ୟୁ ଠାରୁ ଊର୍ଦ୍ଧ୍ୱରେ ଅମୃତ ତତ୍ତ୍ୱର ପ୍ରାପ୍ତି ନିମନ୍ତେ ଯୋଗ୍ୟ ହୋଇଥାନ୍ତି । ଏଠାରେ ଶ୍ରୀକୃଷ୍ଣ ଗୋଟିଏ ଉପଲବ୍ଧି **ଅମୃତ** ଶବ୍ଦର ଚର୍ଚ୍ଚା କରିଛନ୍ତି । ଅର୍ଜୁନ ଭାବୁଥିଲେ ଯେ, ଯୁଦ୍ଧର ପରିଣାମରେ ସ୍ୱର୍ଗ ମିଳିବ ଅର୍ଥାତ ପୃଥିବୀ । କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି, ନା ତୁମକୁ ସ୍ୱର୍ଗ ମିଳିବ, ନା ପୃଥିବୀ ? ବରଂ ଅମୃତ ମିଳିବ । ସେ ଅମୃତ କ'ଣ ?

**ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।**
**ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ।।୧୬।।**

ହେ ଅର୍ଜୁନ ! ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ, ଯାହା ମିଥ୍ୟା ତାକୁ ରୋକି ହେବ ନାହିଁ । ତିନିକାଳରେ ସତ୍ୟର ଅଭାବ ନାହିଁ । ତାକୁ ନଷ୍ଟ ମଧ୍ୟ କରିହେବ ନାହିଁ । ଅର୍ଜୁନ ପାଚାରିଲେ- କ'ଣ ଆପଣ ଭଗବାନ୍ ହୋଇଥିବା ଯୋଗୁଁ ଏପରି କହୁଛନ୍ତି ? ଶ୍ରୀକୃଷ୍ଣ କହିଲେ- ମୁଁ ତ କହୁଅଛି, ଏହି ଦୁଇଟିର ଅନ୍ତର ମୋ ସହିତ

ଦତ୍ତ୍ୱଦର୍ଶୀ ମାନେ ମଧ୍ୟ ଦେଖିଛନ୍ତି । ଶ୍ରୀକୃଷ୍ଣ ସେହି ସତ୍ୟକୁ ପୁନରାବୃତ୍ତି କଲେ, ଯାହା ତତ୍ତ୍ୱଦର୍ଶୀମାନେ କେବେ ଦେଖିଥିଲେ । ଶ୍ରୀକୃଷ୍ଣ ମଧ୍ୟ ଜଣେ ତତ୍ତ୍ୱଦର୍ଶୀ ମହାପୁରୁଷ ଥିଲେ । ପରମତତ୍ତ୍ୱ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଦର୍ଶନ କରି ପରମାତ୍ମାରେ ସ୍ଥିତି ପାଇଥିବା ବ୍ୟକ୍ତି ତତ୍ତ୍ୱଦର୍ଶୀ ନାମରେ ପରିଚିତ ହୁଅନ୍ତି । ସତ୍ ଓ ଅସତ୍ କ'ଣ ? ସେହି ବିଷୟରେ କହୁଛନ୍ତି ।

**ଅବିନାଶି ତୁ ତଦ୍‌ବିଦ୍ଧି ୟେନ ସର୍ବମିଦଂ ତତମ୍ ।**
**ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତ୍ତୁମର୍ହତି ॥୧୭॥**

ତାହା ନାଶରହିତ ଅଟେ, ଯେଉଁଥିରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ । ଏହି **'ଅବ୍ୟୟସ୍ୟ'**– ଅବିନାଶୀକୁ ବିନାଶ କରିବାରେ କେହି ସମର୍ଥ ନୁହେଁ । ତେବେ ଏହି ଅବିନାଶୀ ଅମୃତର ନାମ କ'ଣ ? ତାହା କ'ଣ ?

**ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।**
**ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍‌ୟୁଧ୍ୟସ୍ୱ ଭାରତ ॥୧୮॥**

ଅବିନାଶୀ, ଅପ୍ରମେୟ, ନିତ୍ୟ–ସ୍ୱରୂପ ଆତ୍ମାଙ୍କ ଏହି ସମସ୍ତ ଶରୀର ନାଶବାନ୍ କୁହାଯାଇଛି । ତେଣୁ କରି ହେ ଭରତ ବଂଶୀ ଅର୍ଜୁନ ! ତୁମେ ଯୁଦ୍ଧ କର । ଆତ୍ମା ହିଁ ଅମୃତ । ଆତ୍ମା ହିଁ ଅବିନାଶୀ । ଯାହାର ତିନିକାଳରେ ନାଶ ହେଉନାହିଁ । ଆତ୍ମା ହିଁ ସତ୍ୟ । ଶରୀର ନାଶବାନ୍ । ଏହା ହିଁ ଅସତ୍ୟ ଅଟେ । ଯାହାର ତିନିକାଳରେ ଅସ୍ତିତ୍ୱ ହିଁ ନାହିଁ ।

ଶରୀର ନାଶବାନ୍ ଅଟେ । ତେଣୁ ତୁମେ ଯୁଦ୍ଧ କର । ଏହି ଆଦେଶ ଦ୍ୱାରା ଏପରି ସ୍ପଷ୍ଟ ହେଉନାହିଁ ଯେ, ଅର୍ଜୁନ କେବଳ କୌରବ ମାନଙ୍କୁ ହିଁ ମାରିବ । ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ହିଁ ତ ଥିଲେ । କ'ଣ ପାଣ୍ଡବ ମାନଙ୍କ ଶରୀର ଅବିନାଶୀ ଥିଲା ? ଯଦି ଶରୀର ନାଶବାନ୍ ତେବେ ସ୍ୱୟଂ ଶ୍ରୀକୃଷ୍ଣ କାହାର ରକ୍ଷା ନିମନ୍ତେ ଉପସ୍ଥିତ ଥିଲେ । କ'ଣ ଅର୍ଜୁନ କୌଣସି ଶରୀର ଧାରୀ ଥିଲେ ? ଶରୀର ତ ଅସତ୍ ଅଟେ, ଯାହାର ଅସ୍ତିତ୍ୱ ହିଁ ନାହିଁ । ଯାହାକୁ ଅଟକାଇ ହେବ ନାହିଁ । କ'ଣ ଶ୍ରୀକୃଷ୍ଣ ସେହି ଶରୀର ରକ୍ଷା ନିମନ୍ତେ ଉପସ୍ଥିତ ରହିଛନ୍ତି । ଯଦି ସେପରି ଅଟେ, ତେବେ ସେ ମଧ୍ୟ ଅବିବେକୀ ଏବଂ ମୂଢ଼ ଅଟନ୍ତି । କାରଣ ଆଗକୁ ଶ୍ରୀକୃଷ୍ଣ ସ୍ୱୟଂ କହିଛନ୍ତି– ଯିଏ କେବଳ ଶରୀର ନିମନ୍ତେ ହିଁ ଜୀବିତ ରହିଛନ୍ତି, ପରିଶ୍ରମ କରନ୍ତି, ସେ ଅବିବେକୀ ଏବଂ ମୂଢ଼ବୁଦ୍ଧି ଯୁକ୍ତ ଅଟେ । ସେ ପାପାୟୁ ପୁରୁଷ ବ୍ୟର୍ଥ ହିଁ ଜୀବନଧାରଣ କରିଥାଏ । ଅନ୍ତତଃ ଅର୍ଜୁନ କିଏ ଥିଲେ ?

ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ । ଅନୁରାଗୀ ନିମନ୍ତେ ଇଷ୍ଟ ସଦୈବ ରଥି ହୋଇ ସାଧକଙ୍କ ହୃଦୟରେ ରହିଥାନ୍ତି । ସଖାଙ୍କ ଭଳି ତାହାଙ୍କ ମାର୍ଗ ଦର୍ଶନ କରିଥାନ୍ତି । ଆପଣ ଶରୀର ନୁହଁନ୍ତି । ଶରୀର ତ ଆବରଣ ମାତ୍ର । ରହିବା ନିମନ୍ତେ ଗୋଟିଏ ବାସସ୍ଥଳୀ ଅଟେ । ସେଥିରେ ରହିଥିବା ଅନୁରାଗପୂରିତ ଆତ୍ମା ଅଟେ । ଭୌତିକ ଯୁଦ୍ଧ ଯଥା ମାରିବା, କାଟିବା ଦ୍ୱାରା ଶରୀରର ଅନ୍ତ ହୋଇଯାଇନଥାଏ । ଏହି ଶରୀର ଯଦି ଚାଲିଯିବ, ତେବେ ଆତ୍ମା ଅନ୍ୟଏକ ନୂତନ ଶରୀର ଧାରଣ କରିନେବ । ଏହି ସ୍ଥଳରେ ଶ୍ରୀକୃଷ୍ଣ କହିଥିଲେ– ଯେଉଁପରି ବାଲ୍ୟାବସ୍ଥାରୁ ଯୁବା ଏବଂ ବୃଦ୍ଧ ଅବସ୍ଥା ଆସିଥାଏ । ସେହିପରି ଦେହାନ୍ତର ପ୍ରାପ୍ତ ହୋଇଥାଏ । ଶରୀର କାଟି ଦେଲେ ଜୀବାତ୍ମା ନୂତନ ଶରୀର ବଦଳାଇ ଦେବ ।

ଶରୀର ସଂସ୍କାରମାନଙ୍କରେ ହିଁ ଆଶ୍ରିତ । ସଂସ୍କାର ମନ ଉପରେ ଆଧାରିତ ଅଟେ । **'ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ ।'** ମନର ସର୍ବଥା ନିରୋଧ ହେବା, ଅଚଳ ସ୍ଥିର ହେବା ଏବଂ ଅନ୍ତିମ ସଂସ୍କାରର ବିଲୟ ହେବା, ଏହି ସବୁ ଗୋଟିଏ ହିଁ କ୍ରିୟା ଅଟେ । ସଂସ୍କାରମାନଙ୍କ ମୂଳବୀଜ ନଷ୍ଟ ହୋଇଯିବା ହିଁ ଶରୀରର ଅନ୍ତ ଅଟେ । ଏହି ସଂସ୍କାରରୂପୀ ବୀଜକୁ ନଷ୍ଟ କରିବା ନିମନ୍ତେ ଆପଣଙ୍କୁ ଆରାଧନା କରିବାକୁ ପଡ଼ିବ । ଯାହାକୁ ଶ୍ରୀକୃଷ୍ଣ କର୍ମ , ଅର୍ଥାତ୍ ନିଷ୍କାମ କର୍ମଯୋଗ ସଂଜ୍ଞା ଦେଇଛନ୍ତି । ଶ୍ରୀକୃଷ୍ଣ ପ୍ରତ୍ୟେକ ସ୍ଥଳରେ ଯୁଦ୍ଧର ପ୍ରେରଣା ଦେଇଛନ୍ତି, କିନ୍ତୁ ଏପରି କୌଣସି ଗୋଟିଏ ମଧ୍ୟ ଶ୍ଳୋକ ନାହିଁ, ଯାହା ଭୌତିକ ଯୁଦ୍ଧ ଅଥବା ମାରିବା, କାଟିବା ସମର୍ଥନ କରୁଥିବ । ଏହି ଯୁଦ୍ଧ ସଜାତୀୟ –ବିଜାତୀୟ ପ୍ରବୃତ୍ତିମାନଙ୍କର ଅଟେ । ଏହା ଅନ୍ତର୍ଦ୍ଦେଶରେ ହୋଇଥାଏ ।

**ଯଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।**
**ଉଭୌ ତୌ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥୧୯॥**

ଯେ ନିଜକୁ ଆତ୍ମ ନିହନ୍ତା ବୋଲି ମନେକରେ ତଥା ଯେ ଏହି ଆତ୍ମାକୁ ମରିଥିବା ମନେକରେ, ସେ ଉଭୟ ବ୍ୟକ୍ତି ଆତ୍ମାକୁ ଜାଣନ୍ତି ନାହିଁ । କାରଣ ଏହି ଆତ୍ମା ନା କାହାକୁ ମାରିଥାଏ । ନା ସେ ନିଜେ ମରିଥାଏ । ପୁନଃ ଏହା ଉପରେ କହୁଛନ୍ତି ।

**ନା ଜାୟତେ ମ୍ରିୟତେ ବା କଦାଚିନ୍–**
**ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।**
**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ**
**ନ ହନ୍ୟତେ ହନ୍ୟମାନେ ଶରୀରେ ॥୨୦॥**

ଏହି ଆତ୍ମା କେଉଁକାଳରେ ନା ଜନ୍ମ ହୋଇଥାଏ, ନା କେଉଁ କାଳରେ ଏହାର ମୃତ୍ୟୁ ହୋଇଥାଏ । କାରଣ ଏହା ବସ୍ତ୍ର ହିଁ ବଦଳାଇ ଥାଏ । ନା ଏହି ଆତ୍ମା ଅନ୍ୟ କୌଣସି ବସ୍ତୁ ହୋଇ ପାରେ । କାରଣ ଏହା ଅଜନ୍ମା, ନିତ୍ୟ, ଶାଶ୍ୱତ ଏବଂ ପୁରାତନ । ଆତ୍ମା ହିଁ ଶାଶ୍ୱତ ଏବଂ ଆତ୍ମା ହିଁ ସନାତନ ଅଟେ । ଆପଣ କ'ଣ ଅଟନ୍ତି ? ଆପଣ ସନାତନ ଧର୍ମର ଅନୁଯାୟୀ ଅଟନ୍ତି । ତେବେ ସନାତନ କ'ଣ ? ସନାତନ ଏକ ମାତ୍ର ଆତ୍ମା । ତେବେ ଆପଣ ଆତ୍ମାର ଅନୁଯାୟୀ ! ଆତ୍ମା, ପରମାତ୍ମା ଓ ବ୍ରହ୍ମ ପରସ୍ପର ପର୍ଯ୍ୟାୟବାଚୀ ଶବ୍ଦ ଅଟେ । ଆପଣ କିଏ ? ଆପଣ ଜଣେ ଶାଶ୍ୱତ ଧର୍ମର ଉପାସକ ! ତେବେ ଶାଶ୍ୱତ କ'ଣ ? ଶାଶ୍ୱତ ହେଉଛି ଏକମାତ୍ର ଆତ୍ମା । ଅର୍ଥାତ୍ ଆମ୍ଭେ ଓ ଆପଣ ଗୋଟିଏ ମାତ୍ର ଆତ୍ମାର ଉପାସକ । ଯଦି ଆପଣ ଆତ୍ମିକ ପଥକୁ ଜାଣିନାହାଁନ୍ତି ତେବେ ଆପଣଙ୍କ ନିକଟରେ ଶାଶ୍ୱତ , ସନାତନ ନାମରେ କୌଣସି ବସ୍ତୁ ହିଁ ନାହିଁ । ତାହାଙ୍କ ନିମନ୍ତେ ଯଦି ଆପଣ ଉତ୍ସାହିତ ଅଟନ୍ତି, ତେବେ ଆପଣ ପ୍ରତ୍ୟାଶୀ ଅବଶ୍ୟ ଅଟନ୍ତି । କିନ୍ତୁ ସନାତନ ଧର୍ମୀ ନୁହଁନ୍ତି । ସନାତନ ଧର୍ମ ନାମରେ କୌଣସି କୁରୀତିର ଶିକାର ମାତ୍ର ।

ଦେଶ-ବିଦେଶରେ , ମାନବ ମାତ୍ରକେ ଆତ୍ମା ଗୋଟିଏ ହିଁ ଅଟେ । ତେଣୁ ବିଶ୍ୱସ୍ତରରେ କେଉଁଠାରେ ମଧ୍ୟ କେହି ଆତ୍ମିକ ସ୍ଥିତିକୁ ଲାଭ କରିଥିବା ବ୍ୟକ୍ତି ହେଉନା କାହିଁକି ଯଦି ସେ ସେହି ପଥରେ ଚାଲିବା ନିମନ୍ତେ ପ୍ରୟତ୍ନଶୀଳ, ତେବେ ସେ ସନାତନ ଧର୍ମୀ ଅଟେ । ଭଲେ ସେ ନିଜକୁ ଈସାଇ, ମୁସଲମାନ, ୟହୁଦୀ ଅଥବା କୌଣସି ଧର୍ମ ମାନୁଥାଉ ।

**ବେଦାବିନାଶିନଂ ନିତ୍ୟଂ ୟ ଏନମଜମବ୍ୟୟମ୍ ।**
**କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ॥୨୧॥**

ପାର୍ଥିବ ଶରୀରକୁ ରଥ କରିଥିବା ବ୍ରହ୍ମରୂପୀ ଲକ୍ଷକୁ ନିଶ୍ଚିତ ରୂପେ ବିଦ୍ଧ କରିପାରୁଥିବା ହେ ପୃଥାପୁତ୍ର ଅର୍ଜୁନ ! ଯେଉଁ ପୁରୁଷ ଏହି ଆତ୍ମାକୁ ନାଶ ରହିତ ନିତ୍ୟ- ଅଜନ୍ମା ଏବଂ ଅବ୍ୟକ୍ତ ଜାଣି ପାରିଥାଏ, ସେହି ପୁରୁଷ କିପରି କାହାକୁ ମାରି ପାରିବ ଏବଂ ମରାଇ ପାରିବ ? ଅବିନାଶୀର ବିନାଶ ଅସମ୍ଭବ । ଅଜନ୍ମା କେବେ ମଧ୍ୟ ଜନ୍ମ ନିଏ ନାହିଁ । ଅତଃ ଶରୀର ନିମନ୍ତେ ଶୋକ କରିବା ଅନୁଚିତ। ଏହାକୁ ଦୃଷ୍ଟାନ୍ତ ମାଧ୍ୟମରେ ସ୍ପଷ୍ଟ କରୁଛନ୍ତି ।

**ବାସାଂସି ଜୀର୍ଣ୍ଣାନି ୟଥା ବିହାୟ**
**ନବାନି ଗୃହ୍ଣାତି ନରୋଽପରାଣି ।**

**ତଥା ଶରୀରାଣି ବିହାୟ ଜୀର୍ଣ୍ଣା–**
**ନ୍ୟନ୍ୟାନି ସଂୟାତି ନବାନି ଦେହୀ ।।୨୨।।**

**'ବାସାଂସି ଜୀର୍ଣ୍ଣାନି'**–ଅର୍ଥାତ୍ ଯେପରି ମନୁଷ୍ୟ ଜୀର୍ଣ୍ଣ–ଶୀର୍ଣ୍ଣ ପୁରୁଣା ବସ୍ତ୍ରକୁ ତ୍ୟାଗ କରି ନୂଆଁ ବସ୍ତ୍ର ପରିଧାନ କରିଥାଏ, ଠିକ୍ ସେହିପରି ଏହି ଜୀବାତ୍ମା ପୁରୁଣା ଶରୀର ତ୍ୟାଗକରି ନୂତନ ଶରୀର ଧାରଣ କରିଥାଏ । ଜୀର୍ଣ୍ଣ ହେବାପରେ ହିଁ ନୂତନ ଶରୀର ଧାରଣ କରିବାକୁ ପଡ଼ିଥାଏ । ତେବେ ଶିଶୁମାନେ କାହିଁକି ମରିଯାଇଥାନ୍ତି ? ଏହି ବସ୍ତ୍ର ତ ଆହୁରି ବିକଶିତ ହେବା ଉଚିତ୍ । ବସ୍ତୁତଃ ଏହି ଶରୀର ସଂସ୍କାର ଉପରେ ଆଧାରିତ ଅଟେ । ଯେବେ ସଂସ୍କାର ଜୀର୍ଣ୍ଣ ହୋଇଯାଏ, ତେବେ ଶରୀର ତ୍ୟାଗକରି ଚାଲିଯାଇଥାଏ । ଯଦି ସଂସ୍କାର ଦୁଇ ଦିନର ଅଟେ, ତେବେ ପରବର୍ତ୍ତି ଦିନରେ ହିଁ ଶରୀର ଜୀର୍ଣ୍ଣ ହୋଇଯାଏ । ଏହା ପରେ ମନୁଷ୍ୟ ଗୋଟିଏ ଶ୍ୱାସ ମଧ୍ୟ ଅଧିକ ବଞ୍ଚିପାରେ ନାହିଁ । ସଂସ୍କାର ହିଁ ଶରୀର ଅଟେ । ଆତ୍ମା ସଂସ୍କାରମାନଙ୍କ ଅନୁରୂପ ନୂତନ ଶରୀର ଧାରଣ କରିଥାଏ । ଅଥ ଖଲୁ କ୍ରତୁମୟଃ ପୁରୁଷଃ । ଯଥା ଇହୈବ ତଥୈବ ପ୍ରେତ୍ୟ ଭବତି । କୃତଂ ଲୋକଃ ପୁରୁଷୋଽଭିଜାୟତେ ।।(ଛାନ୍ଦୋଗ୍ୟ–୩/୧୪) ଅର୍ଥାତ୍ ଏହି ପୁରୁଷ ନିଶ୍ଚୟ ହିଁ ସଙ୍କଳ୍ପମୟ ଅଟେ । ଏହି ଲୋକରେ ପୁରୁଷ ଯେପରି ନିଶ୍ଚୟଯୁକ୍ତ ହୁଏ, ସେପରି ହିଁ ମୃତ୍ୟୁବରଣ ପରେ ହୋଇଥାଏ । ନିଜର ସଙ୍କଳ୍ପ ଦ୍ୱାରା ଗଢିଥିବା ଶରୀରମାନଙ୍କରେ ପୁରୁଷ ଉତ୍ପନ୍ନ ହୋଇଥାଏ । ଅର୍ଥାତ୍ ମନୁଷ୍ୟ ଯେପରି ସଂକଳ୍ପ ଏହି ଜନ୍ମରେ କରିଥାଏ, ପରବର୍ତ୍ତୀ ଜନ୍ମରେ ସେପରି ହିଁ ଶରୀରହିଁ ଗ୍ରହଣ କରିଥାଏ । ଏହିପରି ମୃତ୍ୟୁ, ଶରୀରର ପରିବର୍ତ୍ତନ ମାତ୍ର । ଆତ୍ମାର ମୃତ୍ୟୁ ନଥାଏ । ପୁନଃ ଏହାର ଅଜରତା ଓ ଅମରତା ଉପରେ କହୁଛନ୍ତି ।

**ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**
**ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।୨୩।।**

ହେ ଅର୍ଜୁନ ! ଏହି ଆତ୍ମାକୁ ଶସ୍ତ୍ରାଦି କାଟିପାରେ ନାହିଁ । ଅଗ୍ନି ଏହାକୁ ଜଳାଇପାରେ ନାହିଁ । ଜଳ ଏହାକୁ ଓଦା କରିପାରେ ନାହିଁ ଏବଂ ବାୟୁ ଏହାକୁ ଶୁଖାଇ ପାରିନଥାଏ ।

**ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଳେଦ୍ୟୋଽଶୋଷ୍ୟ ଏବ ଚ ।**
**ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନଂ ।।୨୪।।**

ଏହି ଆତ୍ମା ଅଚ୍ଛେଦ୍ୟ, ଏହାକୁ ଛେଦନ କରିହେବ ନାହିଁ । ଏହା ଅଦାହ୍ୟ , ଏହାକୁ ଜଳାଇ ହେବ ନାହିଁ । ଏହା ଅକ୍ଳେଦ୍ୟ, ଏହାକୁ ଓଦା କରିହେବ ନାହିଁ ।

ଏହା ଅଶୋଷ୍ୟ, ଏହାକୁ ଶୁଖାଇ ହେବ ନାହିଁ । ଆକାଶ ମଧ୍ୟ ଏହାକୁ ନିଜବକ୍ଷରେ ସମାହିତ କରିପାରିବ ନାହିଁ । ଏହି ଆତ୍ମା ନିଃସନ୍ଦେହ ଅଶୋଷ୍ୟ, ସର୍ବବ୍ୟାପକ , ଅଚଳ ସ୍ଥିର ଏବଂ ସନାତନ ଅଟେ ।

ଅର୍ଜୁନ କହିଥିଲେ ଯେ, କୁଳଧର୍ମ ସନାତନ ଅଟେ । ଏପରି ଯୁଦ୍ଧ କରିବା ଦ୍ୱାରା ସନାତନ ଧର୍ମ ନଷ୍ଟ ହୋଇଯିବ । କିନ୍ତୁ ଶ୍ରୀକୃଷ୍ଣ ଏହାକୁ ଅଜ୍ଞାନ ବୋଲି କହିଥିଲେ । ତଥା ଆତ୍ମାକୁ ହିଁ ସନାତନ ବୋଲି କହିଥିଲେ । ଆପଣ କିଏ ? ଆପଣ ସନାତନ ଧର୍ମର ଅନୁଯାୟୀ । ସନାତନ କ'ଣ ? ଆତ୍ମା ହିଁ ସନାତନ । ଯଦି ଆପଣ ଆତ୍ମା ପର୍ଯ୍ୟନ୍ତ ସାଧନ ବିଧି ବିଶେଷ କ୍ରିୟାର ଅବଗତ ନୁହଁନ୍ତି, ତେବେ ଆପଣ ସନାତନ ଧର୍ମ ବିଷୟରେ ଜାଣନ୍ତି ନାହିଁ । ଏହାର କୁପରିଣାମ ସାମ୍ପ୍ରଦାୟିକତାରେ ପଡ଼ିଥିବା ଧର୍ମଭୀରୁ ଲୋକମାନଙ୍କୁ ଭୋଗିବାକୁ ପଡ଼ିଥାଏ । ମଧ୍ୟକାଳୀନ ଭାରତରେ ବାହାରୁ ଆସିଥିବା ମୁସଲମାନ ମାତ୍ର ୧୨ହଜାର ଥିଲେ । ଆଜି ୨୮ କୋଟି ଅଛନ୍ତି । ୧୨ ହଜାରରୁ ବଢ଼ି ଏକ ଲକ୍ଷ ହୋଇପାରେ । ଅଧିକରୁ ଅଧିକ ଏକ କୋଟି ହୋଇ ପାରେ । ଆଉ ତା'ଠାରୁ ଅଧିକ କେତେ ହୋଇ ପାରିବ ? ବର୍ତ୍ତମାନ ଏହାତ ୨୮କୋଟିରୁ ମଧ୍ୟ ଆଗକୁ ବଢ଼ି ଚାଲିଛି । ଏତେ କମ୍ ସମୟରେ, ଏତେ ଶିଘ୍ର ବୃଦ୍ଧି କିପରି ହୋଇପାରିବ ? ଏମାନେ ସବୁ ହିନ୍ଦୁ ହିଁ ତ ଥିଲେ । ଆପଣଙ୍କ ନିଜ ଭାଇ ହିଁ ତ ଥିଲେ । ଯାହା ଛୁଇଁବା, ଖାଇବା ଦ୍ୱାରା ସବୁ ମୁସଲ୍‌ମାନ୍ ହୋଇଗଲେ ଅର୍ଥାତ୍ ନଷ୍ଟ ହୋଇଗଲେ । ସେମାନେ ନଷ୍ଟ ହୋଇ ନାହାଁନ୍ତି ବରଂ ସେମାନଙ୍କର ଅପରିବର୍ତ୍ତନଶୀଳ ଧର୍ମ ନଷ୍ଟ ହୋଇଗଲା ।

ଭୌତିକ ଜଗତରେ ଉତ୍ପନ୍ନ କୌଣସି ବସ୍ତୁ ଯଦି ଏହି ସନାତନକୁ ସ୍ପର୍ଶ କରି ପାରିନାହିଁ ତେବେ ଛୁଇଁବା, ଖାଇବା ଦ୍ୱାରା ସନାତନ ଧର୍ମ କିପରି ନଷ୍ଟ ହୋଇଗଲା ? ଏହା ବାସ୍ତବରେ ଧର୍ମ ନଥିଲା । ଏହା ଏକ କୁରୀତି-ପରିସ୍ଥିତି ମାତ୍ର ଥିଲା । ଯାହା ଦ୍ୱାରା ଭାରତରେ ସାମ୍ପ୍ରଦାୟିକ ମନମାଳିନ୍ୟ ବୃଦ୍ଧି ହେଲା । ଦେଶର ବିଭାଜନ ହେଲା । ରାଷ୍ଟ୍ର ଏକତାର ସମସ୍ୟା ଆଜି ମଧ୍ୟ ରହିଛି ।

ଏହି କୁରୀତି ମାନଙ୍କର କଥା କାହାଣୀ ଇତିହାସରେ ଭରି ରହିଛି । ଉତ୍ତର ପ୍ରଦେଶସ୍ଥିତ ହମିରପୁର ଜିଲ୍ଲାର କୌଣସି ଏକ ଗ୍ରାମରେ ୫୦/୬୦ କୁଳୀନ କ୍ଷତ୍ରୀୟ ପରିବାର ଥିଲେ । ଆଜି ସମ୍ପୂର୍ଣ୍ଣ ଗ୍ରାମବାସୀ ମୁସଲ୍‌ମାନ୍ ଅଟନ୍ତି । ନା ସେମାନଙ୍କ ଉପରେ ହତିୟାର୍ ଦ୍ୱାରା ଲଢେଇ ହୋଇଥିଲା, ନା ତୋପ ଦ୍ୱାରା ଲଢେଇ ହୋଇଥିଲା ? ତେବେ କ'ଣ ହେଲା ? ଅର୍ଦ୍ଧ ରାତ୍ରୀରେ ଦୁଇ ତିନି ମୁସଲ୍‌ମାନ୍ ସେହି ଗ୍ରାମର ଗୋଟିଏ କୂଅ ନିକଟରେ ଲୁଚି ରହିଲେ । ସର୍ବ ପ୍ରଥମେ କର୍ମକାଣ୍ଡୀ

ବ୍ରାହ୍ମଣ ଏଠାକୁ ସ୍ନାନ କରିବାକୁ ଆସନ୍ତି । ଯେତେବେଳେ ସେମାନେ ଆସିଲେ ମୁସଲ୍‌ମାନ ମାନେ ତାଙ୍କୁ ଧରିନେଲେ । ସେମାନଙ୍କର ମୁହଁକୁ ବନ୍ଦ କରିଦେଲେ । ସେମାନଙ୍କ ସାମ୍ନାରେ ହିଁ କୁଅରୁ ପାଣି ବାହାର କରି ମୁହଁ ଲଗାଇ ପାଣି ପିଇଲେ ଏବଂ ବଳକା ଅଇଁଠା ପାଣିକୁ କୂଅରେ ପାକାଇ ଦେଲେ । ଗୋଟିଏ ଅଇଁଠା ରୁଟିଖଣ୍ଡ ମଧ୍ୟ ସେଥିରେ ପକାଇଲେ । ପଣ୍ଡିତମାନେ ତାହା ଦେଖି ହିଁ ରହିଗଲେ । ସେମାନେ ବିବଶ ଥିଲେ । ତତ୍ ପଶ୍ଚାତ୍ ପଣ୍ଡିତମାନଙ୍କୁ ସାଥିରେ ନେଇ ସେମାନେ ଚାଲିଗଲେ । ନିଜର ଗୃହରେ ତାଙ୍କୁ ବନ୍ଦ କରିଦେଲେ ।

ପରବର୍ତ୍ତୀ ଦିନ ମୁସଲ୍‌ମାନମାନେ ହାତଯୋଡ଼ି ପଣ୍ଡିତମାନଙ୍କୁ ଭୋଜନ ନିମନ୍ତେ ନିବେଦନ କଲେ । ତେବେ ପଣ୍ଡିତ ମାନେ ବିଗିଡ଼ି ଯାଇ କହିଲେ, ଆରେ ତୁମେ ଯବନ ଅଟ, ଆମ୍ଭେ ବ୍ରାହ୍ମଣ ପରିବାରର । ଭଲା ତୁମ୍ଭମାନଙ୍କ ହାତରୁ କିପରି ଖାଇପାରିବୁ ? ସେହି ମୁସଲ୍‌ମାନ୍‌ମାନେ କହିଲେ, ମହାରାଜ ! ଆମ୍ଭଙ୍କୁ ଆପଣଙ୍କ ପରି ବିଚାରବାନ୍ ଲୋକ ବହୁତ ଆବଶ୍ୟକ । କ୍ଷମା କରନ୍ତୁ । ତତ୍‌ପଶ୍ଚାତ୍ ପଣ୍ଡିତମାନଙ୍କୁ ଛାଡ଼ି ଦିଆଗଲା । ପଣ୍ଡିତମାନେ ନିଜର ଗ୍ରାମକୁ ଆସି ଦେଖିଲେ ଯେ, ଲୋକେ କୁଅର ପ୍ରୟୋଗ ନିରନ୍ତର ପୂର୍ବବତ୍ କରୁଥିଲେ । ପଣ୍ଡିତ ମାନେ ଅନଶନ କରିବାରେ ଲାଗିଲେ । ଲୋକେ ଏହି ଅନଶନର କାରଣ ପଚାରିବାରୁ ପଣ୍ଡିତମାନେ କହିଲେ ,'ଯବନ ଏହି କୁଅଁର ପ୍ରାଚୀର ଉପରେ ଚଢି ମୋର ସାମନାରେ ଏହି କୂଅକୁ ଅଇଁଠାକଲେ । ଏଥିରେ ଏକ ଅଇଁଠା ରୁଟି ଖଣ୍ଡ ମଧ୍ୟ ପକାଇଲେ । ଗ୍ରାମର ଲୋକେ ସ୍ତବ୍ଧ ହୋଇ ପଚାରିଲେ, ବର୍ତ୍ତମାନ କ'ଣ ହେବ ? ପଣ୍ଡିତମାନେ କହିଲେ, କ'ଣ ହେବ ? ଧର୍ମ ତ ନଷ୍ଟ ହୋଇଗଲା ।

ସେହି ସମୟରେ ଲୋକମାନେ ଶିକ୍ଷିତ ନଥିଲେ । ସ୍ତ୍ରୀ ଏବଂ ଶୁଦ୍ରମାନଙ୍କ ଠାରୁ ପାଠ ପଢିବା ଅଧିକାର କେବେ ଠାରୁ ବନ୍ଦ କରାଇ ଦିଆଯାଇଛି । ତାହାର ପ୍ରମାଣ ନାହିଁ । ବୈଶ୍ୟମାନେ ଧନ ଉପାର୍ଜନକୁ ହିଁ ନିଜର ଧର୍ମ ମାନି ବସୁଥିଲେ । କ୍ଷତ୍ରୀୟମାନେ ଚାରଣ ମାନଙ୍କ ଅର୍ଥାତ୍ ରାଜାମାନଙ୍କ ସମ୍ମୁଖରେ ତାଙ୍କର ପ୍ରଶଂସା ଗାୟନ କରୁଥିବା ବ୍ୟକ୍ତିମାନଙ୍କ ପ୍ରଶସ୍ତି ଗାୟନରେ ନିମଜ୍ଜିତ ଥିଲେ । ରାଜାମାନେ ଅନ୍ନଦାତା ବୋଲି ନିଜକୁ ଗର୍ବ କରୁଥିଲେ । ନିଜ ଖଣ୍ଡାଧାର ଚମକିଲେ ବିଜୁଳି ମୁହଁ ଲୁଚାଇ ଦେବ ବୋଲି ଭାବୁଥିଲେ । ଦିଲ୍ଲୀ ଦରବାରକୁ ଥରାଇ ଦେବା ଶକ୍ତି ଆମ୍ଭର ଅଛି ବୋଲି ଅହଂକାର କରୁଥିଲେ । ଏଭଳି ଶସ୍ତାରେ ସମ୍ମାନ ମିଳୁଥିବା ବେଳେ ପଢାପଢିର ଜଞ୍ଜାଳରେ କିଏ ପଶୁଛି ବୋଲି ସେମାନେ ଭାବୁଥିଲେ । ଧର୍ମ ସେମାନଙ୍କର କ'ଣ ଦରକାର ? ଧର୍ମ କେବଳ ବ୍ରାହ୍ମଣଙ୍କ ବସ୍ତୁ ହୋଇ ରହିଥିଲା । ସେମାନେ ହିଁ

ଧର୍ମ ସୂତ୍ରର ରଚୟୀତା ଏବଂ ସେମାନେ ହିଁ ତାର ବ୍ୟାଖ୍ୟାକାର ଥିଲେ । ସେମାନେ ହିଁ, ଏକମାତ୍ର ସତ୍ୟ ଓ ମିଥ୍ୟାର ନିର୍ଣ୍ଣାୟକ ଥିଲେ, ଯେତେବେଳେ କି ପ୍ରାଚୀନ କାଳରେ ସ୍ତ୍ରୀ, ଶୁଦ୍ର, ବୈଶ୍ୟ, କ୍ଷେତ୍ରୀୟ, ବ୍ରାହ୍ମଣ ଏପରି ସମସ୍ତଙ୍କୁ ବେଦ ପଢିବାର ଅଧିକାର ଥିଲା । ପ୍ରତ୍ୟେକ ବର୍ଗର ଋଷିମାନେ ବୈଦିକ ମନ୍ତ୍ର ରଚନା କରିଥିଲେ । ଶାସ୍ତ୍ରାର୍ଥ ନିର୍ଣ୍ଣୟରେ ସେମାନେ ଭାଗ ନେଉଥିଲେ । ପ୍ରାଚୀନ ରାଜାମାନେ ଧର୍ମ ନାମରେ ଆଡ଼ମ୍ବର ପ୍ରସାର କରୁଥିବା ଲୋକମାନଙ୍କୁ ଦଣ୍ଡ ଦେଉଥିଲେ । ଧର୍ମ ପରାୟଣଙ୍କୁ ସମାଦର ଦେଉଥଲେ ।

ମଧ୍ୟ କାଳୀନ ଭାରତରେ ସନାତନ ଧର୍ମର ଯଥାର୍ଥ ଜ୍ଞାନହୀନ ଉକ୍ତ ଗ୍ରାମ ବାସୀ ମେଣ୍ଢାଙ୍କ ପରି ଏକ କୋଣରେ ଏକତ୍ର ହୋଇ ରହିଲେ । କାରଣ ଧର୍ମ ନଷ୍ଟ ହୋଇଗଲା । କିଛି ଲୋକ ଏହି ଅପ୍ରିୟ ଶବ୍ଦକୁ ଶ୍ରବଣ କରି ଆତ୍ମହତ୍ୟା କରି ଦେଲେ । କିନ୍ତୁ ସମସ୍ତେ କିପରି ପ୍ରାଣର ଅନ୍ତ କରିପାରନ୍ତେ । ଅତୁଟ ଶ୍ରଦ୍ଧାର ପଶ୍ଚାତ୍ ମଧ୍ୟ ବିବଶ ହୋଇ ଅନ୍ୟ ଉପାୟ ଖୋଜିବାକୁ ପଡ଼ିଥିଲା । ଆଜି ମଧ୍ୟ ସେମାନେ ବାଉଁଶ ପୋତି, ମୂସଳ ରଖି ହିନ୍ଦୁମାନଙ୍କ ପରି ବିବାହ କରୁଛନ୍ତି । ପରେ ଏକ ମୁସଲ୍‌ମାନ୍ ପୁରୋହିତ ଆସି ବିବାହ କରାଇ ଚାଲିଯାଏ । ସେମାନେ ସମସ୍ତେ ଶୁଦ୍ଧ ହିନ୍ଦୁ ହିଁ ଥିଲେ । ଆଜି ସମସ୍ତେ ମୁସଲ୍‌ମାନ୍ ହୋଇଗଲେ ।

ତେବେ କ'ଣ ହୋଇଥିଲା ? ସେମାନେ ପାଣି ହିଁ ତ ପିଇଥିଲେ । ଅଜ୍ଞାତରେ ମୁସଲ୍‌ମାନଙ୍କ ଦ୍ୱାରା ଛୁଇଁ ଦେଇଥିବା ପଦାର୍ଥ ଖାଇ ଦେଇଥିଲେ । ତେଣୁ କରି ଧର୍ମ ନଷ୍ଟ ହୋଇଗଲା । ଧର୍ମ ଏକ ଛୁଆଁ-ଛୁଇଁ, ହୋଇଗଲା । ଏପରି ଲାଜବନ୍ତି ଏକ ଲତା ଯାହାକୁ ଛୁଇଁଦେଲେ ତାର ପତ୍ର ସଙ୍କୁଚିତ ହୋଇଯାଏ ଏବଂ ସେଥିରୁ ହାତ କାଢି ନେଲେ ପୁନଃ ବିକଶିତ ହୋଇଯାଏ । ଏହି ଲତା ହାତ ହଟାଇବା ପରେ ବିକଶିତ ହୋଇଯାଏ । କିନ୍ତୁ ଧର୍ମ ତ ଏପରି ମଉଳି ଗଲା ଯେ, ପୁନଃ କେବେ ବିକଶିତ ହେଲା ନାହିଁ । ବର୍ତ୍ତମାନ ଧର୍ମର ମୃତ୍ୟୁ ହୋଇଗଲା । ସବୁଦିନ ପାଇଁ ସେମାନଙ୍କ ରାମ, କୃଷ୍ଣ ଏବଂ ପରମାତ୍ମା ମରିଗଲେ । ଯିଏକି ଶାଶ୍ୱତ ଥିଲେ, ସେ ମରିଗଲେ । ବାସ୍ତବରେ ତାହା ଶାଶ୍ୱତ ନାମରେ କୌଣସି କୁରୀତି ହିଁ ଥିଲା । ଯାହାକୁ ଲୋକେ ଧର୍ମ ମାନୁଥିଲେ ।

ଧର୍ମର ଶରଣରେ ଆମ୍ଭେ କାହିଁକି ଯାଉଛନ୍ତି ? କାରଣ ଆମ୍ଭେ ମରଣଶୀଳ ଅର୍ଥାତ୍ ମରିବା-ଜିଇଁବା ବ୍ୟକ୍ତି । ଧର୍ମ କୌଣସି ନିଶ୍ଚିତ ବସ୍ତୁ ଅଟେ । ଯାହାର ଶରଣରେ ଯାଇ ଆମ୍ଭେ ଅମର ହୋଇଯିବା । ଆମକୁ ତ ମରିଲେ ହିଁ ମରିବା କିନ୍ତୁ ଧର୍ମ କେବଳ ଛୁଇଁଲେ, ଖାଇଲେ ନଷ୍ଟ ହୋଇଯାଏ । ତେବେ ଧର୍ମ ଆମକୁ କ'ଣ ରକ୍ଷା କରିବ ?

ଧର୍ମ ତ ଆପଣଙ୍କୁ ରକ୍ଷା କରୁଛି । ସେ ଆପଣଙ୍କ ଠାରୁ ଶକ୍ତିଶାଳୀ ଅଟେ । ଆପଣ ଖଣ୍ଡାଦ୍ୱାରା ମରିବେ, ଧର୍ମ ଛୁଇଁଦେଲେ ନଷ୍ଟ ହୋଇଯିବ । ତାହା ଧର୍ମ କିପରି ହେଲା ? କୁରୀତ ନଷ୍ଟ ହୋଇଥାଏ, କିନ୍ତୁ ସନାତନ ଧର୍ମ ନୁହେଁ ।

ସନାତନ ଏପରି ଏକ ଅକାଟ୍ୟ ସତ୍ୟ ବସ୍ତୁ, ଯାହାକୁ ଶସ୍ତ୍ର କାଟିପାରେ ନାହିଁ , ଅଗ୍ନି ଜଳାଇ ପାରେ ନାହିଁ, ଜଳ ଓଦା କରିପାରେ ନାହିଁ ଏବଂ ବାୟୁ ଶୁଖାଇ ପାରେ ନାହିଁ । ଖାଇବା, ପିଇବା ତ ଦୂରରେ, ପ୍ରକୃତିରୁ ଉତ୍ପନ୍ନ କୌଣସି ବସ୍ତୁ ତାହାକୁ ସ୍ପର୍ଶ ମଧ୍ୟ କରିପାରେ ନାହିଁ । ତେବେ ସେହି ସାନାତନ ନଷ୍ଟ କିପରି ହୋଇଗଲା ?

ଏପରି ହିଁ କତିପୟ କୁରୀତିମାନ ଅର୍ଜୁନଙ୍କ ସମୟରେ ମଧ୍ୟ ଥିଲା । ସେମାନଙ୍କର ଶିକାର ଅର୍ଜୁନ ମଧ୍ୟ ଥିଲେ । ସେ ବିଳାପ କରି ବ୍ୟାକୁଳ ସ୍ୱରରେ କହିଲେ ଯେ, କୁଳ ଧର୍ମ ହିଁ ସନାତନ ଅଟେ । ଯୁଦ୍ଧ ଦ୍ୱାରା ସନାତନ ଧର୍ମ ନଷ୍ଟ ହୋଇଯିବ । କୁଳଧର୍ମ ନଷ୍ଟ ହୋଇଗଲେ, ଆମ୍ଭେମାନେ ଅନନ୍ତକାଳ ପର୍ଯ୍ୟନ୍ତ ନରକ ଭୋଗ କରିବା, କିନ୍ତୁ ଶ୍ରୀକୃଷ୍ଣ କହିଲେ 'ତୁମ ଏପରି ଅଜ୍ଞାନ କେଉଁଠୁ ଉତ୍ପନ୍ନ ହୋଇଗଲା ? ସିଦ୍ଧ ହେଲା ଯେ ତାହା କୌଣସି କୁରୀତି ଥିଲା, ତେବେ ଶ୍ରୀକୃଷ୍ଣ ତାହାର ନିବାରଣ କରିବାକୁ ଯାଇ କହିଲେ ଯେ ଆତ୍ମା ହିଁ ସନାତନ । ଯଦି ଆପଣ ଆତ୍ମିକ ପଥକୁ ଜାଣନ୍ତି ନାହିଁ ତେବେ ସନାତନ ଧର୍ମରେ ଆପଣଙ୍କର ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରବେଶ ହୋଇନାହିଁ । ଯେତେ ବେଳେ ଏହି ସନାତନ, ଶାଶ୍ୱତ ଆତ୍ମା ସମସ୍ତଙ୍କ ଭିତରେ ପରିବ୍ୟାପ୍ତ, ତେବେ କାହାକୁ ଖୋଜାଯିବ ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି –

**ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ୟ୍ୟୋଽୟମୁଚ୍ୟତେ ।**
**ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ॥୨୫॥**

ଏହି ଆତ୍ମା ଅବ୍ୟକ୍ତ ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ବିଷୟ ନୁହେଁ । ଇନ୍ଦ୍ରିୟମାନଙ୍କ ଦ୍ୱାରା ଏହାକୁ ବୁଝିହେବ ନାହିଁ । ଯେଉଁ ପର୍ଯ୍ୟନ୍ତ ଇନ୍ଦ୍ରିୟ ଏବଂ ବିଷୟମାନଙ୍କ ସଂଯୋଗ ରହିଛି । ସେ ପର୍ଯ୍ୟନ୍ତ ଆତ୍ମା ତ ଅଛି କିନ୍ତୁ ତାକୁ ବୁଝି ହେବ ନାହିଁ । ସେ ଅଚିନ୍ତ୍ୟ ଅଟେ । ଯେଉଁ ପର୍ଯ୍ୟନ୍ତ ଚିତ୍ତ ଏବଂ ଚିତ୍ତର ଲହରୀ ରହିଛି, ସେ ପର୍ଯ୍ୟନ୍ତ ତାହା ଶାଶ୍ୱତ ଅଟେ କିନ୍ତୁ ଆତ୍ମର ଦର୍ଶନ, ଉପଭୋଗ ଓ ପ୍ରବେଶ ନିମନ୍ତେ ନୁହେଁ । ଅର୍ଥାତ୍ ଚିତ୍ତର ନିରୋଧ କର ।

ପୂର୍ବରୁ ଶ୍ରୀକୃଷ୍ଣ କହି ଆସିଛନ୍ତି ଯେ ଅସତ୍ ବସ୍ତୁର ଅସ୍ତିତ୍ୱ ହିଁ ନାହିଁ ଏବଂ ସତ୍ ବସ୍ତୁର ତିନିକାଳରେ ଅଭାବ ମଧ୍ୟ ନାହିଁ । ସେହି ସଦ୍‌ବସ୍ତୁ ହେଉଛି 'ଆତ୍ମା' ।

ଆତ୍ମା ହିଁ ଅପରିବର୍ତ୍ତନଶୀଳ, ଶାଶ୍ୱତ, ସନାତନ ଏବଂ ଅବ୍ୟକ୍ତ ଅଟେ । ତତ୍ତ୍ୱଦର୍ଶୀମାନେ ଆତ୍ମାକୁ ବିଶେଷ ଗୁଣଧର୍ମଯୁକ୍ତ ଦେଖିଥିଲେ । ନା ଦଶଭାଷାର ଜ୍ଞାତା ଦେଖିଥିଲେ, ନା କୌଣସି ସମୃଦ୍ଧିଶାଳୀ ହିଁ ଦେଖିଥିଲେ ବରଂ ତତ୍ତ୍ୱଦର୍ଶୀମାନେ ହିଁ ଦେଖିଥିଲେ । ଶ୍ରୀକୃଷ୍ଣ ଆଗକୁ କହୁଛନ୍ତି ଯେ ତତ୍ତ୍ୱ ହେଉଛି ପରମାତ୍ମା । ମନ ନିରୋଧ ଅବସ୍ଥାରେ ସାଧକ ତାହାର ଦର୍ଶନ ଏବଂ ସେଥିରେ ପ୍ରବେଶ ପାଇଥାଏ । ପ୍ରାପ୍ତି ଅବସ୍ଥାରେ ଭଗବାନ ମିଳିଥାଆନ୍ତି ଏବଂ ଠିକ୍ ପରମୂହୁର୍ତ୍ତରେ ସେ ନିଜ ଆତ୍ମାକୁ ଈଶ୍ୱରୀୟ ଗୁଣଧର୍ମରେ ବିଭୂଷିତ ଦେଖିଥାଏ । ସେ ଦେଖୁଥାଏ, ଆତ୍ମା ହିଁ ସତ୍ୟ, ସନାତନ ଓ ପରିପୂର୍ଣ୍ଣ ଅଟେ । ଏହି ଆତ୍ମା ଅଚିନ୍ତ୍ୟ ଅଟେ । ଏହା ବିକାର ରହିତ । ଅର୍ଥାତ୍ ଅପରିବର୍ତ୍ତନଶୀଳ । ଅତଃ ହେ ଅର୍ଜୁନ ! ଆତ୍ମାକୁ ଏପରି ଜାଣି ତୁ ଶୋକ କରିବା ଯୋଗ୍ୟ ନୁହଁ । ବର୍ତ୍ତମାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ବିଚାରରେ ବିରୋଧାଭାଷ ଦେଖାଉଛନ୍ତି । ଯାହାକି ସାମାନ୍ୟ ତର୍କ ଅଟେ ।

**ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।**
**ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି ॥୨୬॥**

ଯଦିଓ ତୁମେ ସଦୈବ ଏହାକୁ ଜନ୍ମ ନେଉଥିବା ଏବଂ ସଦୈବ ମରୁଥିବା ମନେକରୁଛ, ତେବେ ମଧ୍ୟ ତୁମେ ଶୋକ କରିବା ଉଚିତ୍ ନୁହଁ । କାରଣ–

**ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।**
**ତସ୍ମାଦପରିହାର୍ୟ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ୨୭॥**

ଏହିପରି ମାନିଗଲେ ମଧ୍ୟ ଜନ୍ମ ନେଇଥିବା ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ ଏବଂ ମରିଥିବା ବ୍ୟକ୍ତିର ମଧ୍ୟ ଜନ୍ମ ସୁନିଶ୍ଚିତ ଅଟେ । ତେଣୁ କରି ତୁମେ ଶୋକ କରିବା ଉଚିତ ନୁହଁ । ଯାହାର କୌଣସି ଚିକିତ୍ସା ହିଁ ନାହିଁ । ତାହା ନିମନ୍ତେ ଶୋକ କରିବା ଅର୍ଥ ଅନ୍ୟ ଗୋଟିଏ ଦୁଃଖକୁ ଆମନ୍ତ୍ରିତ କରିବା ଅଟେ ।

**ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।**
**ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ॥୨୮॥**

ହେ ଅର୍ଜୁନ ! ସମ୍ପୂର୍ଣ୍ଣ ପ୍ରାଣି ଜନ୍ମ ପୂର୍ବରୁ ଏବଂ ମୃତ୍ୟୁ ପରେ ବିନା ଶରୀର ହିଁ ଥିଲେ । ଜନ୍ମର ପୂର୍ବ ଏବଂ ପଶ୍ଚାତ୍ ମଧ୍ୟ ଦେଖାଯାଆନ୍ତି ନାହିଁ । କେବଳ ଜନ୍ମ ମୃତ୍ୟୁର ମଧ୍ୟ ସ୍ଥଳରେ ହିଁ ଶରୀର ଧାରଣ କରୁଥିବା ଦେଖାଯାଆନ୍ତି । ଅତଃ ଏହି ପରିବର୍ତ୍ତନ ନିମନ୍ତେ ବ୍ୟର୍ଥ ଚିନ୍ତା କାହିଁକି କରୁଛ ? ଏହି ଆତ୍ମାକୁ କିଏ ଦେଖିଛନ୍ତି ? ତାହା କହୁଛନ୍ତି–

**ଆଶ୍ଚର୍ଯ୍ୟବତ୍‌ପଶ୍ୟତି କଶ୍ଚିଦେନ–**
**ମାଶ୍ଚର୍ଯ୍ୟବଦ୍‌ବଦତି ତଥୈବ ଚାନ୍ୟଃ ।**
**ଆଶ୍ଚର୍ଯ୍ୟବଚ୍ଛୈନମନ୍ୟଃ ଶୃଣୋତି**
**ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥୨୯॥**

ପୂର୍ବରୁ ଶ୍ରୀକୃଷ୍ଣ କହିଥିଲେ– ଆତ୍ମାକୁ ତତ୍ତ୍ୱଦର୍ଶୀମାନେ ଦେଖିଥିଲେ । ବର୍ତ୍ତମାନ ତତ୍ତ୍ୱ ଦର୍ଶନର ଦୁର୍ଲଭତା ଉପରେ କହୁଛନ୍ତି ଯେ, କୌଣସି ବିରଳ ମହାପୁରୁଷ ହିଁ ଏହି ଆତ୍ମାକୁ ଆଶ୍ଚର୍ଯ୍ୟ ରୂପରେ ଦେଖନ୍ତି । ଶୁଣି ନ ଥାନ୍ତି, ପ୍ରତ୍ୟେକ୍ଷ ରୂପରେ ଦେଖୁଥାନ୍ତି ଏବଂ ସେପରି ହିଁ ଅନ୍ୟ କୌଣସି ମହାପୁରୁଷ ଆଶ୍ଚର୍ଯ୍ୟ ଭାବରେ ସେହି ତତ୍ତ୍ୱକୁ କହିଥାନ୍ତି । ଯେଉଁମାନେ ଦେଖିଛନ୍ତି, ସେମାନେ ହିଁ ଯଥାର୍ଥ ରୂପରେ କହିପାରିବେ । ଅନ୍ୟ କୌଣସି ବିରଳ ସାଧକ ତାହାକୁ ଆଶ୍ଚର୍ଯ୍ୟ ଭାବରେ ଶୁଣିଥାନ୍ତି । ସମସ୍ତେ ମଧ୍ୟ ଶୁଣି ନଥାନ୍ତି କାରଣ ଏହା ଅଧିକାରୀ ନିମନ୍ତେ ହିଁ ଅଟେ । ହେ ଅର୍ଜୁନ ! କିଏ କିଏ ଶୁଣି ମଧ୍ୟ ଆତ୍ମାକୁ ଜାଣିପାରନ୍ତି ନାହିଁ । କାରଣ ସାଧନ ପାର ଲାଗୁ ନାହିଁ ଅର୍ଥାତ୍ ସାଧନ ଠିକ୍ ରୂପରେ ହେଉନାହିଁ । ଆପଣ ଏକଲକ୍ଷ ବାର ଜ୍ଞାନର କଥା ଶୁଣନ୍ତୁ କିମ୍ବା ବୁଝନ୍ତୁ । ଜିରାରୁ ଶିରା ବାହାର କରି ବୁଝନ୍ତୁ । ଲାଳାୟିତ ମଧ୍ୟ ରହନ୍ତୁ କିନ୍ତୁ ମୋହ ଅତି ପ୍ରବଳ ଅଟେ । କିଛି ସମୟ ପରେ ହିଁ ଆପଣ ସାଂସାରିକ ବ୍ୟବସ୍ଥାରେ ଲିପ୍ତ ପାଇବେ । ଶେଷରେ ଶ୍ରୀକୃଷ୍ଣ କହୁଛନ୍ତି –

**ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।**
**ତସ୍ମାତ୍ ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ॥୩୦॥**

ହେ ଅର୍ଜୁନ ! ଏହି ଆତ୍ମା ସମସ୍ତଙ୍କ ଶରୀରରେ ସଦୈବ ଅବଧ୍ୟ ଏବଂ ଅକାଟ୍ୟ ରୂପେ ରହିଥାଏ । ତେଣୁ ସମ୍ପୂର୍ଣ୍ଣ ଭୂତ ପ୍ରାଣି ମାନଙ୍କ ନିମନ୍ତେ ତୁମେ ଶୋକ କରିବା ଯୋଗ୍ୟ ନୁହଁ । ଆତ୍ମା ହିଁ ସନାତନ । ଏହି ସତ୍ୟକୁ ପ୍ରତିପାଦନ କରି ଏହାର ପ୍ରଭୂତା ସହିତ ବର୍ଣ୍ଣନା କରି ଏହି ପ୍ରଶ୍ନ ଏଠାରେ ହିଁ ପୂର୍ଣ୍ଣ ହୋଇଯାଉଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ଏହାର ପ୍ରାପ୍ତି କିପରି ହେବ ? ସମ୍ପୂର୍ଣ୍ଣ ଗୀତାରେ ଏହା ନିମନ୍ତେ ଦୁଇଟି ହିଁ ମାର୍ଗ ରହିଛି । ପ୍ରଥମଟି ଜ୍ଞାନଯୋଗ ଏବଂ ଦ୍ୱିତୀୟଟି ନିଷ୍କାମ କର୍ମଯୋଗ । ଦୁଇଟି ମାର୍ଗ ମଧ୍ୟରେ କରାଯାଉଥିବା କର୍ମ ଗୋଟିଏ ହିଁ ଅଟେ । ସେହି କର୍ମର ଅନିବାର୍ଯ୍ୟତା ଉପରେ ଜୋର୍ ଦେଇ ଯୋଗେଶ୍ୱର ଶ୍ରୀକୃଷ୍ଣ ଜ୍ଞାନଯୋଗବିଷୟ ଉପରେ କହୁଛନ୍ତି ।

**ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସୀ ।**
**ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥୩୧॥**

ହେ ଅର୍ଜୁନ ! ସ୍ୱଧର୍ମକୁ ଦେଖି ମଧ୍ୟ ତୁମେ ଭୟ କରିବା ଯୋଗ୍ୟ ନୁହଁ । କାରଣ ଧର୍ମଯୁକ୍ତ ଯୁଦ୍ଧଠାରୁ ବଳି ଅନ୍ୟ କୌଣସି ପରମ କଲ୍ୟାଣକାରୀ ମାର୍ଗ କ୍ଷେତ୍ରୀୟ ମାନଙ୍କ ପକ୍ଷରେ ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ତ ଆତ୍ମା ଶାଶ୍ୱତ ଅଟେ । ଆତ୍ମା ସନାତନ ଅଟେ । ତାହାକୁ ହିଁ ଏକମାତ୍ର ଧର୍ମ କୁହାଯାଇଛି । ତେବେ ଏହା ସ୍ୱଧର୍ମ କିପରି ? ଧର୍ମ ଏକମାତ୍ର ଆତ୍ମା ହିଁ ଅଟେ । ସେ ତ ଅଚଳ ଏବଂ ସ୍ଥିର ଅଟେ । ତେବେ ଧର୍ମାଚରଣ କ'ଣ ? ବସ୍ତୁତଃ ଏହି ଆତ୍ମ ପଥରେ ପ୍ରବୃତ୍ତ ହେବା କ୍ଷମତା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଲଗା ଅଲଗା ହୋଇଥାଏ । ସ୍ୱଭାବରୁ ଉତ୍ପନ୍ନ ଏହି କ୍ଷମତାକୁ ସ୍ୱଧର୍ମ କୁହାଯାଇଛି । ଏହି ସନାତନ ଆତ୍ମିକ ପଥରେ ଚାଲୁଥିବା ସାଧକଙ୍କୁ ମହାପୁରୁଷ ସ୍ୱଭାବ ଦ୍ୱାରା ସେମାନଙ୍କ କ୍ଷମତାନୁସାରେ ଚାରିଶ୍ରେଣୀରେ ବାଣ୍ଟିଛନ୍ତି । ତାହା ହେଉଛି ଶୁଦ୍ର, ବୈଶ୍ୟ, କ୍ଷତ୍ରୀୟ ଏବଂ ବ୍ରାହ୍ମଣ । ସାଧାନାର ପ୍ରାରମ୍ଭିକ ଅବସ୍ଥାରେ ପ୍ରତ୍ୟେକ ସାଧକ ଶୁଦ୍ର ଅର୍ଥାତ୍ ଅଳ୍ପଜ୍ଞ ହୋଇଥାଏ । ଘଣ୍ଟା ଘଣ୍ଟା ଧରି ଭଜନରେ ବସିବା ପରେ ମଧ୍ୟ ସେ ଦଶ ମିନିଟ୍ ନିଜପକ୍ଷରେ ପାଇ ନଥାଏ । ସେ ପ୍ରକୃତ୍ତିର ମାୟା ଜାଲକୁ କାଟି ପାରି ନଥାଏ । ଏହି ଅବସ୍ଥାରେ ମହାପୁରୁଷଙ୍କ ସେବା ଦ୍ୱାରା ତାହାର ସ୍ୱଭାବରେ ସଦ୍‌ଗୁଣ ଆସିଥାଏ । ସେ ଶୁଦ୍ର ଶ୍ରେଣୀରୁ ବୈଶ୍ୟ ଶ୍ରେଣୀର ସାଧକ ହୋଇଯାଏ । ଆତ୍ମିକ ସମ୍ପତ୍ତି ହିଁ ସ୍ଥିର ସମ୍ପତ୍ତି ଅଟେ । ଏହାର ଧିରେ ଧିରେ ସଂଗ୍ରହ ଏବଂ ଗୋପାଳନ ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ସୁରକ୍ଷା କରିବାରେ ସକ୍ଷମ ହୋଇ ଯାଇଥାଏ । କାମ, କ୍ରୋଧାଦି ଦ୍ୱାରା ଇନ୍ଦ୍ରିୟମାନଙ୍କ ହିଂସା ହୋଇଥାଏ । ତଥା ବିବେକ ବୈରାଗ୍ୟ ଆଦି ଦ୍ୱାରା ଏହାର ସୁରକ୍ଷା ହୋଇଥାଏ । କିନ୍ତୁ ପ୍ରକୃତିକୁ ନିର୍ବିଜ କରିବା କ୍ଷମତା ସେଥିରେ ନଥାଏ । କ୍ରମଶଃ ଉନ୍ନତି କରି କରି ସାଧକ ଅନ୍ତଃକରଣରେ ତିନିଗୁଣକୁ କାଟିବା କ୍ଷମତା ଅର୍ଥାତ୍ ବୈଶ୍ୟ ଶ୍ରେଣୀରୁ କ୍ଷତ୍ରୀୟତ୍ୱ ଆସିଯାଇଥାଏ । ଏହି ସ୍ତରରେ ପ୍ରକୃତି ଏବଂ ତାହାର ବିକାର ଗୁଡ଼ିକୁ ବିନାଶ କରିବା କ୍ଷମତା ଆସିଯାଇଥାଏ । ତେଣୁ କରି ଯୁଦ୍ଧ ଏହି ଠାରୁ ହିଁ ପ୍ରାରମ୍ଭ ହୋଇଥାଏ । କ୍ରମଶଃ ସାଧନା କରି ସାଧକ କ୍ଷତ୍ରୀୟରୁ ବ୍ରାହ୍ମଣତ୍ୱ ଶ୍ରେଣୀରେ ବଦଳିଯାଏ । ଏହି ସମୟରେ ମନର ଶମନ, ଇନ୍ଦ୍ରିୟମାନଙ୍କ ଦମନ, ଧାରାବାହୀ ଚିନ୍ତନ, ସରଳତା, ଅନୁଭବ, ଜ୍ଞାନ ଇତ୍ୟାଦି ଲକ୍ଷଣ ସାଧକଙ୍କ ଭିତରେ ସ୍ୱଭାବିକ ଭାବରେ ପ୍ରବାହିତ ହୁଏ । ଏମାନଙ୍କ ଅନୁଷ୍ଠାନ କରିବା ଦ୍ୱାରା କ୍ରମଶଃ ସେ ବ୍ରହ୍ମରେ ପ୍ରବେଶ ପାଇ ଯାଇଥାଏ । ଯେଉଁଠାରେ ସେ ବ୍ରାହ୍ମଣ ହୋଇ ମଧ୍ୟ ରହିଯାଇନଥାଏ ।

ବିଦେହ ରାଜା ଜନକଙ୍କ ସଭାରେ ମହର୍ଷି ଯାଜ୍ଞବଲକ୍ୟ ଚାକ୍ରାୟଣ ଉଷସ୍ତି, କହୋଲ, ଆରୁଣୀ, ଉଦ୍ଦାଳକ ଏବଂ ଗାର୍ଗୀଙ୍କ ପ୍ରଶ୍ନର ସମାଧାନ କରି କହିଲେ ଯେ, ଆତ୍ମ ସାକ୍ଷାତ୍କାର ପୂର୍ଣ୍ଣତୟା ସମ୍ପାଦନ କରିବା ବ୍ୟକ୍ତି ହିଁ ବ୍ରାହ୍ମଣ ହୋଇ ଥାଏ । ଏହି ଆତ୍ମା ହିଁ ଲୋକ, ପରଲୋକ ଏବଂ ସମସ୍ତ ପ୍ରାଣୀ ମାନଙ୍କୁ ଅନ୍ତରରୁ ପରିଚାଳିତ କରିଥାଏ । ସୂର୍ଯ୍ୟ, ଚନ୍ଦ୍ରମା, ପୃଥିବୀ, ଜଳ,ବାୟୁ, ଅଗ୍ନି, ତାରାଗଣ, ଅନ୍ତରୀକ୍ଷ, ଆକାଶ ଏବଂ ପ୍ରତ୍ୟେକ କ୍ଷଣ ଏହି ଆତ୍ମାର ହିଁ ପ୍ରଶାସନରେ ରହିଛନ୍ତି । ତୁମର ଏହି ଆତ୍ମା ଅନ୍ତର୍ଯ୍ୟାମୀ ଅମୃତ ଅଟେ । ଆତ୍ମା ଅକ୍ଷର ଅଟେ । ଏହା ଭିନ୍ନ ସମସ୍ତେ ନାଶବାନ୍ ଅଟନ୍ତି । ଯେକୌଣସି ବ୍ୟକ୍ତି ଏହି ଲୋକରେ ଏହି ଅକ୍ଷରକୁ ନଜାଣି ହବନ କରେ, ତପ କରେ, ହଜାର ବର୍ଷ ପର୍ଯ୍ୟନ୍ତ ଯଜ୍ଞକରେ, ତାହାର ସମସ୍ତ କର୍ମ ନାଶବାନ୍ ଅଟେ । ଯେକୌଣସି ବ୍ୟକ୍ତି ଏହି ଅକ୍ଷରକୁ ନଜାଣି ଏହି ଲୋକରୁ ମୃତ୍ୟୁବରଣ କରି ଚାଲିଯାଏ । ସେ ଦୟନୀୟ ଅଟେ । କୃପଣ ମଧ୍ୟ ଅଟେ ଏବଂ ଯେ ଏହି ଅକ୍ଷରକୁ ଜାଣି ଏହି ଲୋକରୁ ମୃତ୍ୟୁବରଣ କରି ଚାଲିଯାଏ, ସେ ବ୍ରାହ୍ମଣ ଅଟେ । (ବୃହଦାରଣ୍ୟକୋପନିଷଦ ୩/୪-୫-୭-୮)

ଅର୍ଜୁନ କ୍ଷେତ୍ରୀୟ ଶ୍ରେଣୀର ସାଧକ ଅଟନ୍ତି । ଶ୍ରୀକୃଷ୍ଣ କହନ୍ତି ଯେ, କ୍ଷେତ୍ର ଶ୍ରେଣୀର ସାଧକ ନିମନ୍ତେ ଯୁଦ୍ଧ ଅତିରିକ୍ତ ଅନ୍ୟ କୌଣସି କଲ୍ୟାଣକାରୀ ମାର୍ଗ ହିଁ ନାହିଁ । ପ୍ରଶ୍ନ ଉଠୁଛି ଯେ କ୍ଷତ୍ରୀୟ କ'ଣ ? ପ୍ରାୟଃ ଲୋକେ ଏହାର ତାତ୍ପର୍ଯ୍ୟ ସମାଜରେ ଜନ୍ମନା ଉତ୍ପନ୍ନ ବ୍ରାହ୍ମଣ କ୍ଷେତ୍ରୀୟ ବୈଶ୍ୟ ଓ ଶୁଦ୍ର ଜାତି ମାନଙ୍କୁ ନେଇଥାନ୍ତି । ଏମାନଙ୍କୁ ହିଁ ଚାରିବର୍ଣ୍ଣ ମାନି ନେଇଥାନ୍ତି । କିନ୍ତୁ ଏପରି ନୁହେଁ । ଶାସ୍ତ୍ରକାର ସ୍ୱୟଂ କହିଛନ୍ତି ଯେ, କ୍ଷତ୍ରୀୟ କ'ଣ ? ବର୍ଣ୍ଣ କ'ଣ ? ଏଠାରେ ସେ କେବଳ କ୍ଷେତ୍ରୀମାନଙ୍କ ନାମ ନେଇଛନ୍ତି ଏବଂ ପରବର୍ତ୍ତୀ ଅଠର ଅଧ୍ୟାୟ ପର୍ଯ୍ୟନ୍ତ ଏହି ପ୍ରଶ୍ନର ସମାଧାନ ପ୍ରସ୍ତୁତ କରିଛନ୍ତି ଯେ ବସ୍ତୁତଃ ବର୍ଣ୍ଣ କ'ଣ ଏଠାରେ ଏବଂ କିପରି ଏଥିରେ ପରିବର୍ତ୍ତନ ହେଉଛି ?

ଶ୍ରୀକୃଷ୍ଣ କହିଲେ- **ଚାତୁର୍ବର୍ଣ୍ୟଂ ମୟାସୃଷ୍ଟଂ** ଅର୍ଥାତ୍ ଚାରିବର୍ଣ୍ଣର ସୃଷ୍ଟି ମୁଁ ହିଁ କରିଛି । ତେବେ କ'ଣ ମନୁଷ୍ୟଙ୍କୁ ବାଣ୍ଟିଥିଲେ ? ଶ୍ରୀକୃଷ୍ଣ କହୁଛନ୍ତି, ନାହିଁ **!** **ଗୁଣ କର୍ମ ବିଭାଗଶଃ** ଅର୍ଥାତ୍ ଗୁଣ ଅନୁସାରେ କର୍ମକୁ ଚାରିଭାଗରେ ବାଣ୍ଟିଲେ । ଏହା ଦେଖିବାକୁ ହେବ ଯେ, ସେହି କର୍ମ କ'ଣ ? ଯାହାକୁ ବଣ୍ଟନ କରାଗଲା । ଗୁଣ ପରିବର୍ତ୍ତନଶୀଳ ଅଟେ । ସାଧନାର ଉଚିତ୍ ପ୍ରକ୍ରିୟା ଦ୍ୱାରା ତାମସିକରୁ ରାଜସିକ ଏବଂ ରାଜସିକରୁ ସାତ୍ତ୍ୱିକ ଗୁଣରେ ପ୍ରବେଶ ମିଳିଥାଏ । ଅନ୍ତତୋଗତ୍ୱା ବ୍ରାହ୍ମଣ ସ୍ୱଭାବ ହୋଇଯାଇଥାଏ । ସେହି ସମୟରେ ବ୍ରହ୍ମରେ ପ୍ରବେଶ କରାଉଥିବା

ସମସ୍ତ ଯୋଗ୍ୟତାସବୁ ଏହି ସାଧକ ପାଖରେ ରହିଥାଏ । ବର୍ଣ୍ଣ ସମ୍ବନ୍ଧି ପ୍ରଶ୍ନ ଏଠାରୁ ପ୍ରାରମ୍ଭ ହୋଇ ଅଠର ଅଧ୍ୟାୟରେ ଯାଇ ପୂର୍ଣ୍ଣ ହେଉଛି ।

ଶ୍ରୀକୃଷ୍ଣଙ୍କ ମାନ୍ୟତା ଯେ, **'ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।''** ଅର୍ଥାତ୍ ସ୍ୱଭାବରୁ ଉତ୍ପନ୍ନ ଏହି ଧର୍ମରେ ପ୍ରବୃତ୍ତ ହେବାର କ୍ଷମତା ଯେଉଁ ସ୍ତରର ହେଉ ନା କାହିଁକି, ଭଲେ ତାହା ଗୁଣ ରହିତ ଶୁଦ୍ର ଶ୍ରେଣୀର ହେଉନା କାହିଁକି ତେବେ ମଧ ପରମ କଲ୍ୟାଣ କରିଥାଏ । କାରଣ ଆପଣ କ୍ରମଶଃ ସେଠାରୁ ହିଁ ଉତ୍‌ଥାନ କରୁଛନ୍ତି । କିନ୍ତୁ ଉଚ୍ଚସ୍ତରୀୟ ସାଧକଙ୍କ ନକଲ କରି ସାଧକ ନଷ୍ଟ ହୋଇଯାଆନ୍ତି । ଅର୍ଜୁନ କ୍ଷେତ୍ରୀୟ ଶ୍ରେଣୀର ସାଧକ ଅଟନ୍ତି । ତେଣୁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ହେ ଅର୍ଜୁନ ! ନିଜର ସ୍ୱଭାବରୁ ଉତ୍ପନ୍ନ ଏହି ଯୁଦ୍ଧରେ ପ୍ରବୃତ୍ତ ହୋଇଥିବା କ୍ଷମତାକୁ ଦେଖି ମଧ ତୁମେ ଭୟ କରିବା ଯୋଗ୍ୟ ନୁହଁ । ଏହାଠାରୁ ଅଧିକ କଲ୍ୟାଣକାରୀ କାର୍ଯ୍ୟ କ୍ଷତ୍ରୀୟ ନିମନ୍ତେ ନାହିଁ । ଏହା ଉପରେ ଜୋର୍ ଦେଇ ପୁନଃ ଯୋଗେଶ୍ୱର କହୁଛନ୍ତି–

**ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।**
**ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ।।୩୨।।**

ପାର୍ଥିବ ଶରୀରକୁ ରଥ କରିବା ଲକ୍ଷକୁ ନିଶ୍ଚିତ ରୂପେ ବିଦ୍ଧ କରିପାରୁଥିବା ହେ ଅର୍ଜୁନ ! ସ୍ୱତଃ ପ୍ରାପ୍ତ ସ୍ୱର୍ଗର ଖୋଲା ହୋଇଥିବା ଦ୍ୱାରରୂପୀ ଏହି ଯୁଦ୍ଧକୁ ଭାଗ୍ୟବାନ୍ କ୍ଷତ୍ରୀୟ ହିଁ ପ୍ରାପ୍ତ କରିଥାନ୍ତି । କ୍ଷତ୍ରୀୟ ଶ୍ରେଣୀର ସାଧକ ମଧ୍ୟରେ ତିନିଗୁଣକୁ କାଟିବାର କ୍ଷମତା ରହିଥାଏ । ତାହା ନିମନ୍ତେ ସ୍ୱର୍ଗ ଦ୍ୱାର ଖୋଲା ରହିଥାଏ । କାରଣ ତା'ଭିତରେ ଅର୍ଜିତ ଦୈବୀ ସମ୍ପଦ ପୂର୍ଣ୍ଣ ରୂପେ ରହିଥାଏ । ସ୍ୱରରେ (ଶ୍ୱାସ ଓ ପ୍ରଶ୍ୱାସରେ) ବିଚରଣ କରିବା କ୍ଷମତା ତାହାଙ୍କ ଠାରେ ରହିଥାଏ । ଏହା ଖୋଲା ସ୍ୱର୍ଗଦ୍ୱାର ଅଟେ । କ୍ଷେତ୍ର–କ୍ଷେତ୍ରଜ୍ଞଙ୍କ ଏହି ଯୁଦ୍ଧକୁ ଭାଗ୍ୟବାନ୍ କ୍ଷତ୍ରୀୟ ହିଁ ପାଇଥାନ୍ତି । କାରଣ ତାହାଠାରେ ହିଁ ଏହି ସଂଘର୍ଷର କ୍ଷମତା ରହିଥାଏ । ଦୁନିଆରେ ଲଢେଇ, ଝଗଡ଼ା ତ ହେଉଥାଏ । ବିଶ୍ୱ ସାଉଁଟିକରି ଯୁଦ୍ଧ କରନ୍ତି । ପ୍ରତ୍ୟେକ ଜାତି ଲଢୁଥାଏ । କିନ୍ତୁ ଶାଶ୍ୱତ ବିଜୟ ଜିତିବା ବ୍ୟକ୍ତିଙ୍କୁ ମିଳିନଥାଏ । ଏହା ତ ପ୍ରତିଶୋଧ ମାତ୍ର । ଯିଏ ଯାହାକୁ ଯେତିକି ପରିମାଣରେ ଶାସନ କରିଥାଏ, କାଳାନ୍ତରରେ ତାକୁ ମଧ ସେତିକି ହିଁ ଶାସନରେ ରହିବାକୁ ପଡ଼ିଥାଏ । ଏହା କିପରି ବିଜୟ, ଯେଉଁଥିରେ ଇନ୍ଦ୍ରିୟମାନଙ୍କୁ ଶୁଖାଉଥାବା ଶୋକ ନିରନ୍ତର ଲାଗି ରହିଥାଏ । ପରିଶେଷରେ ଶରୀର ମଧ ନଷ୍ଟ ହୋଇଯାଏ । ବାସ୍ତବିକ ସଂଘର୍ଷ ତ କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ହିଁ ହୋଇଥାଏ । ଯେଉଁଥିରେ ଗୋଟିଏ ଥର ବିଜୟ ହୋଇଗଲେ

ପ୍ରକୃତି ସଦାସର୍ବଦା ନିରୋଧ ହୋଇ ରହିଥାଏ ଏବଂ ପରମ ପୁରୁଷ ପରମାତ୍ମାଙ୍କ ପ୍ରାପ୍ତି ହୋଇଯାଏ । ଏହା ଏପରି ବିଜୟ, ଯାହାର ପଛରେ ପରାଜୟ ନଥାଏ ।

**ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।**
**ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ।।୩୩।।**

ଯଦି ତୁମେ ଏହି ଧର୍ମଯୁକ୍ତ ସଂଗ୍ରାମ ଅର୍ଥାତ୍ ଶାଶ୍ୱତ, ସନାତନ, ପରମଧର୍ମ, ପରମାତ୍ମାରେ ପ୍ରବେଶ କରାଉଥିବା ଧର୍ମଯୁଦ୍ଧ କରିବ ନାହିଁ, ତେବେ ସ୍ୱଧର୍ମ ଅର୍ଥାତ୍ ସ୍ୱଭାବରୁ ଉତ୍ପନ୍ନ ସଂଘର୍ଷ କରାଉଥିବା କ୍ଷମତା, କ୍ରିୟାରେ ପ୍ରବୃତ୍ତ କରାଉଥିବା କ୍ଷମତାକୁ ହରାଇ ପାପକୁ ଅର୍ଥାତ୍ ଆବାଗମନ(ଜନ୍ମ-ମୃତ୍ୟୁ) ଏବଂ ଅପକୀର୍ତ୍ତୀକୁ ପ୍ରାପ୍ତ ହେବ । ଅପକୀର୍ତ୍ତି ଉପରେ କହୁଛନ୍ତି-

**ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।**
**ସମ୍ଭାବିତସ୍ୟ ଚାକୀର୍ତ୍ତିର୍ମରଣାଦତିରିଚ୍ୟତେ ।।୩୪।।**

ସମସ୍ତେ ବହୁ କାଳ ପର୍ଯ୍ୟନ୍ତ ତୁମର ଅପକୀର୍ତ୍ତିର କଥନ କରିବେ । ଆଜି ମଧ୍ୟ ପଦଚ୍ୟୁତ ହୋଇଥିବା ମହାତ୍ମାଙ୍କ ମଧ୍ୟରେ ବିଶ୍ୱାମିତ୍ର, ପରାଶର, ନିମି, ଶୃଙ୍ଗି ଇତ୍ୟାଦିଙ୍କ ଗଣନା ହେଉଅଛି । ଅଧିକାଂଶ ସାଧକ ନିଜର ଧର୍ମ ଉପରେ ବିଚାର କରୁଛନ୍ତି । ଭାବୁଛନ୍ତ, ଲୋକେ ଆମ୍ଭଙ୍କୁ କ'ଣ କହିବେ ? ଏପରି ଭାବ ମଧ୍ୟ ସାଧନାରେ ସାହାୟକ ହୋଇଥାଏ । ଏଥିରୁ ସାଧନାରେ ଲାଗି ରହିବା ପାଇଁ ପ୍ରେରଣା ମିଳିଥାଏ । କିଛି ଦୂର ପର୍ଯ୍ୟନ୍ତ ଏହି ଭାବ ମଧ୍ୟ ସାଥିରେ ଚାଲିଥାଏ । ମାନନୀୟ ପୁରଷଙ୍କ ନିମନ୍ତେ ଅପକୀର୍ତ୍ତି ମରଣଠାରୁ ମଧ୍ୟ ଅଧିକ ହୋଇଥାଏ ।

**ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।**
**ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ୟାସ୍ୟସି ଲାଘବମ୍ ।।୩୫।।**

ଯେଉଁ ମହାପୁରୁଷଙ୍କ ଦୃଷ୍ଟିରେ ତୁମେ ମାନନୀୟ ହୋଇଅଛ । ବର୍ତ୍ତମାନ ତୁଚ୍ଛତାକୁ ପ୍ରାପ୍ତ ହେବ । ସେହି ମହାରଥୀମାନେ ବୁଝିବେ ଯେ ତୁମେ ଭୟଭୀତ ହୋଇ ଯୁଦ୍ଧରୁ ପଳାୟନ କଲ । ଏଠାରେ ମହାରଥୀ କିଏ ? ଏହି ପଥରେ ମହାନ୍ ପରିଶ୍ରମ ଦ୍ୱାରା ଆଗକୁ ବଢିଥିବା ସାଧକ ହିଁ ମହାରଥୀ ଅଟନ୍ତି । ଏହିପରି ଏତିକି ହିଁ ପରିଶ୍ରମରେ ଅବିଦ୍ୟା ଆଡ଼କୁ ଟାଣି ନେଉଥିବା କାମ, କ୍ରୋଧ, ଲୋଭ,ମୋହ ଇତ୍ୟାଦି ମଧ୍ୟ ମହାରଥୀ ଅଟନ୍ତି । ଯେଉଁମାନେ ତୁମକୁ ବହୁତ ସମ୍ମାନ ଦେଉଥିଲେ ଯେ ସାଧକ ପ୍ରଶଂସନୀୟ ଅଟେ । ତୁମେ ତାହାଙ୍କ ଦୃଷ୍ଟିରୁ ତଳକୁ ଖସି ପଡ଼ିବ । କେବଳ ଏତିକି ହିଁ ନୁହଁ-

**ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।**
**ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥୩୬॥**

ବିରୋଧିମାନେ ତୁମର ପରାକ୍ରମର ନିନ୍ଦା କରି ବହୁତ ପ୍ରକାର ନ କହିବା ଯୋଗ୍ୟ ବଚନକୁ କହିବେ । ଗୋଟିଏ ଦୋଷ ଆସୁଛି ତ ଚାରିଆଡୁ ନିନ୍ଦା ଓ ଅପନମାନର ଝଡ ଲାଗିଯାଏ । ନ କହିବା ଯୋଗ୍ୟ କଟୁ ବଚନ ମଧ୍ୟ କହିବେ । ଏହାଠାରୁ ଅଧିକ ଦୁଃଖ ଆଉ କ'ଣ ହେବ ? ଅତଃ–

**ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।**
**ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ॥୩୭॥**

ଏହି ଯୁଦ୍ଧରେ ଯଦି ମୃତ୍ୟୁ ହୋଇଯିବ, ତେବେ ସ୍ୱର୍ଗପ୍ରାପ୍ତ କରିବ ଅର୍ଥାତ୍ ସ୍ୱର (ଶ୍ୱାସ ଓ ପ୍ରଶ୍ୱାସ) ରେ ବିଚରଣ କରିବା କ୍ଷମତା ରହିବ । ଶ୍ୱାସରେ ବାହ୍ୟ ପ୍ରକୃତିର ବିଚରଣ ଧାରା ଗୁଡ଼ିକ ନିରୁଦ୍ଧ ହୋଇଯିବ । ପରମଦେବ ପରମାତ୍ମାରେ ପ୍ରବେଶ କରାଉଥିବା ଦୈବୀ ସମ୍ପଦ ହୃଦୟରେ ପୂର୍ଣ୍ଣତଃ ପ୍ରବାହିତ ରହିବ । ଅର୍ଥାତ୍ ଏହି ସଂଘର୍ଷରେ ଜିଣିଲେ ମହାମହିମ ସ୍ଥିତିକୁ ପ୍ରାପ୍ତ କରିବ । ତେଣୁ ହେ ଅର୍ଜୁନ ! ଯୁଦ୍ଧ ନିମନ୍ତେ ନିଶ୍ଚୟ ହୋଇ ଠିଆ ହୁଅ ।

ପ୍ରାୟଃ ଲୋକେ ଏହି ଶ୍ଲୋକର ଅର୍ଥକୁ ବୁଝିଥାନ୍ତି ଯେ, ଏହି ଯୁଦ୍ଧରେ ମୃତ୍ୟୁ ହୋଇଗଲେ ସ୍ୱର୍ଗକୁ ଯିବ ଏବଂ ଜିଣିଲେ ପୃଥ୍ୱୀର ଭୋଗ ଭୋଗିବ । କିନ୍ତୁ ଆପଣଙ୍କ ସ୍ମରଣଥିବ, ଅର୍ଜୁନ ପ୍ରଥମେ କହିଥିଲେ, 'ଭଗବାନ୍ ! ପୃଥିବୀ ହିଁ ନାହିଁ ଅପିତୁ ତ୍ରୈଲୋକ୍ୟ ସାମ୍ରାଜ୍ୟ ଏବଂ ଦେବତାମାନଙ୍କ ସ୍ୱାମୀତ୍ୱ ଅର୍ଥାତ୍ ଇନ୍ଦ୍ରପଦ ପ୍ରାପ୍ତ ହେଲେ ମଧ୍ୟ ମୁଁ ସେହି ଉପାୟକୁ ଦେଖୁନାହିଁ, ଯାହା ଇନ୍ଦ୍ରିୟମାନଙ୍କୁ ଶୁଖାଉଥିବା ମୋର ଶୋକକୁ ଦୂର କରିପାରିବ । ଯଦି ଏତିକି ହିଁ ମିଳିବାର ଅଛି ତେବେ ହେ ଗୋବିନ୍ଦ ! ମୁଁ ଯୁଦ୍ଧ କଦାପି କରିବି ନାହିଁ ।' ଯଦି ଏତେ ପରେ ମଧ୍ୟ ଶ୍ରୀକୃଷ୍ଣ କହୁଛନ୍ତି, 'ହେ ଅର୍ଜୁନ ! ତୁମେ ଲଢ । ଜିଣିଲେ ପୃଥିବୀ ପାଇଯିବ ଯଦି ହାରିଯିବ ତେବେ ସ୍ୱର୍ଗର ନାଗରିକ ହୋଇଯିବ । ଅତଃ ଶ୍ରୀକୃଷ୍ଣ ଦେଉଛନ୍ତି ବା କ'ଣ ? ଅର୍ଜୁନ ଏହାଠାରୁ ଆଗକୁ ସତ୍ୟ, ଶ୍ରେୟ ଅର୍ଥାତ୍ ପରମ କଲ୍ୟାଣକାରୀ ଶିଷ୍ୟ ଥିଲେ । ଯାହାକୁ ସଦ୍‌ଗୁରୁ ଦେବ ଶ୍ରୀକୃଷ୍ଣ କହିଲେ ଯେ କ୍ଷେତ୍ର କ୍ଷେତ୍ରଜ୍ଞର ଏହି ସଂଘର୍ଷରେ ଯଦି ଶରୀରର ସମସ୍ତ ସମୟ ପୂର୍ଣ୍ଣ ହୋଇଯାଉଛି ଏବଂ ଲକ୍ଷ ଶେଷ ରହଯାଏ, ତେବେ ସ୍ୱର୍ଗ ପ୍ରାପ୍ତ କରିବ । ଅର୍ଥାତ୍ ସ୍ୱର (ଶ୍ୱାସ ଓ ପ୍ରଶ୍ୱାସ) ରେ ହିଁ ବିଚରଣ କରିବାର କ୍ଷମତା ପ୍ରାପ୍ତ କରିନେବ । ଦୈବୀ ସମ୍ପଦ ହୃଦୟରେ ଢଳିଯିବ । ଏହି ଶରୀର ରହିବା

ସଙ୍ଗେ ସଙ୍ଗେ ସଂଘର୍ଷ ରେ ଯଦି ସଫଳତା ମିଳିଯିବ ତେବେ ମହୀମ ଅର୍ଥାତ୍ ସବୁଠାରୁ ମହାନ୍ ବ୍ରହ୍ମଙ୍କ ମହିମା ଉପଭୋଗ କରିବ । ମହାମହିମ ସ୍ଥିତି ପ୍ରାପ୍ତ କରି ନେବ । ଯଦି ଜିଣିବ ତେବେ ସର୍ବସ୍ୱ ଅର୍ଥାତ୍ ମହା ମହିମତ୍ୱ, ହାରିବ ତେବେ ଦେବତ୍ୱ ପାଇବ । ଦୁଇ ହାତରେ ଲଡ଼୍‌ଡୁ ହିଁ ରହିବ । ଲାଭରେ ମଧ୍ୟ ଲାଭ ଏବଂ ହାନିରେ ମଧ୍ୟ ଲାଭ । ପୁନଃ ଯୋଗେଶ୍ୱର କହୁଛନ୍ତି–

**ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।**
**ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ॥୩୮॥**

ଏହିପରି ସୁଖ–ଦୁଃଖ, ହାନି–ଲାଭ, ଜୟ–ପରାଜୟକୁ ସମାନ ମନେକରି ତୁମେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଅ । ଯୁଦ୍ଧ କରିବା ଦ୍ୱାରା ପାପକୁ ପ୍ରାପ୍ତ ହେବ ନାହିଁ । ଅର୍ଥାତ୍ ସୁଖରେ ସର୍ବସ୍ୱ ଏବଂ ଦୁଃଖରେ ଦେବତ୍ୱ । ଲାଭରେ ମହୀମ୍ ସ୍ଥିତି ଅର୍ଥାତ୍ ସର୍ବସ୍ୱ ଏବଂ ହାନିରେ ଦେବତ୍ୱ । ଜୟରେ ମହାମହୀମ ସ୍ଥିତି ଏବଂ ପରାଜୟରେ ଦୈବୀ ସମ୍ପଦ ଉପରେ ଅଧିକାର । ଏହିପରି ନିଜର ହାନିଲାଭକୁ ଭଲଭାବରେ ବୁଝି ତୁମେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଅ । ଲଢିବାରେ ହିଁ ଦୁଇଟି ବସ୍ତୁ ରହିଛି । ଲଢିଲେ ପାପ ହେବ ନାହିଁ । ଅର୍ଥାତ୍ ଆବାଗମନକୁ ପ୍ରାପ୍ତ ହେବ ନାହିଁ । ଅତଃ ତୁମେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଅ ।

**ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।**
**ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ॥୩୯॥**

ହେ ପାର୍ଥ ! ଏହି ଯୁଦ୍ଧ ତୁମ ନିମନ୍ତେ ଜ୍ଞାନ ଯୋଗ ବିଷୟରେ କୁହାଯାଉଛି । କେଉଁ ବୁଦ୍ଧି ? ଏହି କି ଯୁଦ୍ଧ କର ! ଜ୍ଞାନ ଯୋଗରେ ନିଜର ବଳକୁ ଦେଖି , ଲାଭ–ହାନିର ସମ୍ୟକ୍ ରୂପରେ ବିଚାରକରି ଯୁଦ୍ଧ କର । ଅର୍ଥାତ୍ ଜିଣିଲେ ମହାମିହିମ ସ୍ଥିତି ଏବଂ ହାରିଲେ ଦେବତ୍ୱ । ଜୟରେ ସର୍ବସ୍ୱ ଏବଂ ପରାଜୟରେ ଦେବତ୍ୱ । ଦୁଇପକ୍ଷରୁ ଲାଭ ହିଁ ଲାଭ । ଯଦି ଯୁଦ୍ଧ କରିବ ନାହିଁ, ତେବେ ସମସ୍ତେ ତୁମକୁ ବ୍ୟଙ୍ଗ ବଚନ କହିବେ, ଭୟରେ ଉପରାମ ହେବା ମାନିବେ । ଅପକୀର୍ତ୍ତି ହେବ । ଏହିପରି ନିଜର ଅସ୍ତିତ୍ୱକୁ ସାମନାରେ ରଖି ସ୍ୱୟଂ ବିଚାର କରି ଯୁଦ୍ଧରେ ପ୍ରବୃତ୍ତ ହେବାହିଁ ଜ୍ଞାନ ଯୋଗ ଅଟେ । ପ୍ରାୟଃ ଲୋକମାନଙ୍କର ଭ୍ରାନ୍ତି ଥାଏ ଯେ ଜ୍ଞାନ ମାର୍ଗରେ କର୍ମ ଅର୍ଥାତ୍ ଯୁଦ୍ଧ କରିବାକୁ ପଡ଼ିନଥାଏ, ସେମାନେ କହନ୍ତି ଯେ, ଜ୍ଞାନମାର୍ଗରେ କର୍ମ ନାହିଁ । ମୁଁ ତ ଶୁଦ୍ଧ ଅଟେ । ବୁଦ୍ଧ ଅଟେ । ଚୈତନ୍ୟ ଅଟେ, ଅହଂ ବ୍ରହ୍ମାସ୍ମି, ଗୁଣ ହିଁ ଗୁଣ ଦ୍ୱାରା କାର୍ଯ୍ୟ କରିଥାଏ । ଏପରି ମାନି ହାତ ଉପରେ ହାତ ରଖି ବସିଯାଆନ୍ତି । କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ଏହା ଜ୍ଞାନ ଯୋଗ

ନୁହଁ । ଜ୍ଞାନ ଯୋଗରେ ମଧ୍ୟ ସେହି କର୍ମ କରିବାକୁ ପଡ଼େ । ଯାହା ନିଷ୍କାମ କର୍ମ ଯୋଗରେ କରିବାକୁ ପଡ଼ିଥାଏ । ଦୁଇଟିରେ କେବଳ ବୁଦ୍ଧିର ଦୃଷ୍ଟିକୋଣ ଅନ୍ତର ମାତ୍ର । ଜ୍ଞାନ ମାର୍ଗୀ ନିଜର ସ୍ଥିତିକୁ ବିଚାରକରି ନିଜ ଉପରେ ନିର୍ଭର ରହି କର୍ମ କରିଥାଏ । ଯେତେବେଳେ କି ନିଷ୍କାମ କର୍ମ ଯୋଗୀ ଇଷ୍ଟଙ୍କ ଆଶ୍ରିତ ହୋଇ କର୍ମ କରିଥାଏ । କର୍ମ କରିବାର ଦୁଇଟି ମାର୍ଗ ରହିଛି ଏବଂ ସେହି କର୍ମ ମଧ୍ୟ ଗୋଟିଏ ହିଁ ଅଟେ ଯାହାକୁ ଦୁଇଟି ମାର୍ଗରେ କରାଯାଉଛି । କେବଳ କର୍ମ କରିବା ଦୃଷ୍ଟିକୋଣ ମାତ୍ର ଦୁଇଟି ।

ହେ ଅର୍ଜୁନ ! ଏହି ବୁଦ୍ଧିକୁ ବର୍ତ୍ତମାନ ତୁମେ ନିଷ୍କାମ କର୍ମ ଯୋଗ ବିଷୟରେ ଶୁଣ । ଯେଉଁଥିରେ ଯୁକ୍ତ ହୋଇ ତୁମେ କର୍ମ ବନ୍ଧନକୁ ସମ୍ୟକ ରୂପରେ ବିନାଶ କରିବ । ଏଠାରେ ଶ୍ରୀକୃଷ୍ଣ 'କର୍ମ'ର ନାମ ପ୍ରଥମ ଥର ନେଉଛନ୍ତି । ପରନ୍ତୁ ଏହା କହି ନାହାଁନ୍ତି ଯେ କର୍ମ କ'ଣ ? ବର୍ତ୍ତମାନ କର୍ମକୁ ନକହି କର୍ମର ବିଶେଷତା ଉପରେ କହୁଛନ୍ତି –

**ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟାବୟୋ ନ ବିଦ୍ୟତେ ।**
**ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।।୪୦।।**

ଏହି ନିଷ୍କାମ କର୍ମ ଯୋଗରେ ପ୍ରାରମ୍ଭର ଅର୍ଥାତ୍ ବୀଜର ନାଶ ହୁଏ ନାହିଁ । ଏଥିରେ ସୀମିତ ଫଳରୂପୀ ଦୋଷ ମଧ୍ୟ ନାହିଁ । ତେଣୁ କରି ନିଷ୍କାମ କର୍ମର, ଏହି କର୍ମ ଦ୍ୱାରା ସମ୍ପାଦିତ ଧର୍ମାଚରଣର ଅଳ୍ପ ସାଧନ ମଧ୍ୟ ଜନ୍ମ ମୃତ୍ୟୁରୂପୀ ମହାନ୍ ଭୟରୁ ଉଦ୍ଧାର କରି ଦେଇଥାଏ । ଆପଣ ଏହି କର୍ମକୁ ବୁଝନ୍ତୁ ଏବଂ ସେହି ପଥରେ ଦୁଇ ପାଦ ମାତ୍ର ଚାଲି ଯାଆନ୍ତୁ । ଯାହାକି ସଦ୍‌ଗୃହସ୍ଥାଶ୍ରମରେ ରହି ମଧ୍ୟ କରିହେବ । ସାଧକ ତ ସାଧନ ପଥରେ ନିଶ୍ଚିତ ରୂପରେ ଚାଲନ୍ତି । ଆପଣ ବୀଜ ମାତ୍ର ବପନ କରିଦିଅନ୍ତୁ । ତେବେ ହେ ଅର୍ଜୁନ ! ବୀଜର ନାଶ ହୁଏ ନାହିଁ । ପ୍ରକୃତିଠାରେ ଏପରି କୌଣସି କ୍ଷମତା ନାହିଁ । ଏପରି କୌଣସି ଅସ୍ତ୍ର ନାହିଁ । ଯାହାକି ସେହି ସତ୍ୟକୁ ନଷ୍ଟ କରିପାରିବ । ପ୍ରକୃତି କେବଳ ଆବରଣ ହିଁ ଦେଇପାରିବ । କିଛି ଡେ଼ରିକରି ଦେଇପାରେ । କିନ୍ତୁ ସାଧନର ଆରମ୍ଭକୁ ନଷ୍ଟ କରି ପାରିବ ନାହିଁ ।

ଆଗକୁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ସମସ୍ତ ପାପୀମାନଙ୍କ ଠାରୁ ମଧ୍ୟ ବଡ଼ ପାପୀ ହେଲେ ମଧ୍ୟ ଜ୍ଞାନ ରୂପୀ ନୌକା ଦ୍ୱାରା ନିଃସନ୍ଦେହ ପାର ହୋଇପାରିବ । ଠିକ୍ ସେହି କଥାକୁ ଏଠାରେ କହୁଛନ୍ତି– ହେ ଅର୍ଜୁନ ! ମାତ୍ର ନିଷ୍କାମ କର୍ମ ଯୋଗର ବୀଜାରୋପଣ କରିଦେଲେ, ସେହି ବୀଜର ନାଶ କେବେ ହେଲେ ହୁଏ ନାହିଁ । ବିପରୀତ ଫଳରୂପୀ ଦୋଷମଧ୍ୟ ଏଥିରେ ହୁଏ ନାହିଁ । କାରଣ ଆପଣଙ୍କୁ

ସ୍ୱର୍ଗ, ଋଦ୍ଧି, ସିଦ୍ଧି ପର୍ଯ୍ୟନ୍ତ ପହଞ୍ଚାଇ ଛାଡ଼ିଦେବ । ଆପଣ ଏହି ସାଧନ ଭଲେ ଛାଡ଼ି ଦିଅନ୍ତୁ କିନ୍ତୁ ଏହି ସାଧନ ଆପଣଙ୍କୁ ଉଦ୍ଧାର କରି ହିଁ ବିଶ୍ରାମ ନେବ । ଏହି ନିଷ୍କାମ କର୍ମ ଯୋଗର ଅଳ୍ପ ସାଧନ ମଧ୍ୟ ଜନ୍ମମୃତ୍ୟୁ ରୂପୀ ମହାନ୍ ଭୟରୁ ଉଦ୍ଧାର କରିଦେବ । **'ଅନେକ ଜନ୍ମ ସଂସିଦ୍ଧସ୍ତତୋୟାତି ପରାଂ ଗତିଂ** ।' କର୍ମର ଏହି ବୀଜାରୋପଣ ଅନେକ ଜନ୍ମ ପଶ୍ଚାତ୍ ସେଠାରେ ହିଁ ଉପସ୍ଥିତ କରାଇବ, ଯେଉଁଠାରେ ପରମଧାମ ଓ ପରମଗତି ରହିଛି । ଏହି କ୍ରମରେ ଆଗକୁ କହୁଛନ୍ତି–

**ବ୍ୟବସାୟାତ୍ମିକା ବୁଦ୍ଧି ରେକେହ କୁରୁନନ୍ଦନ ।**
**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ॥୪୧॥**

ହେ ଅର୍ଜୁନ ! ଏହି ନିଷ୍କାମ କର୍ମ ଯୋଗରେ କ୍ରିୟାତ୍ମକ ବୁଦ୍ଧି ଗୋଟିଏ ହିଁ ଅଟେ । କ୍ରିୟା ଗୋଟିଏ ଏବଂ ପରିଣାମ ମଧ୍ୟ ଗୋଟିଏ । ଆତ୍ମିକ ସମ୍ପତ୍ତି ହିଁ ସ୍ଥିର ସମ୍ପତ୍ତି । ଏହି ସମ୍ପତ୍ତିକୁ ପ୍ରକୃତିର ଦ୍ୱନ୍ଦରୁ ଧିରେ ଧିରେ ଅର୍ଜିତ କରିବା ହିଁ ବ୍ୟବସାୟ ଅଟେ । ଏହି ବ୍ୟବସାୟ ଅଥବା ନିଶ୍ଚୟାତ୍ମକ କ୍ରିୟା ମଧ୍ୟ ଗୋଟିଏ । ତେବେ ତ ଯେଉଁମାନେ ବହୁତ କ୍ରିୟାମାନ କରୁଛନ୍ତି, ସେମାନେ ଭଜନ କରୁନାହାଁନ୍ତି । ଶ୍ରୀକୃଷ୍ଣ କହୁଛନ୍ତି– 'ହଁ, ସେମାନେ ଭଜନ କରୁନାହାଁନ୍ତି ।' ସେହି ପୁରୁଷମାନଙ୍କ ବୁଦ୍ଧି ଅନେକ ଶାଖା ବିଶିଷ୍ଟ ହୋଇଥାଏ । ତେଣୁ ଅନନ୍ତ କ୍ରିୟାମାନ ବିସ୍ତାର କରିଥାନ୍ତି ।

**ୟାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।**
**ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ॥୪୨॥**
**କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।**
**କ୍ରିୟାବିଶେଷ ବହୁଳାଂ ଭୋଗୈଶ୍ୱର୍ୟଗତିଂ ପ୍ରତି ॥୪୩॥**

ହେ ପାର୍ଥ ! ସେମାନେ କାମାତ୍ମନଃ ଅର୍ଥାତ୍ କାମନାଯୁକ୍ତ ବେଦବାଦରତାଃ ଅର୍ଥାତ୍ ବେଦବାକ୍ୟରେ ଅନୁରକ୍ତ, **ସ୍ୱର୍ଗପରାଃ** ଅର୍ଥାତ୍ ସ୍ୱର୍ଗକୁ ହିଁ ପରମ ଲକ୍ଷ ମାନନ୍ତି ଯେ, ଏଠାରୁ ଆଗକୁ ଆଉକିଛି ନାହିଁ । ଏହିପରି କହୁଥିବା ଅବିବେକୀ ଲୋକ ଜନ୍ମମୃତ୍ୟୁରୂପୀ ଫଳ ପ୍ରଦାନ କରାଉଥିବା ଭୋଗ ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ବହୁ କ୍ରିୟମାନ ବିସ୍ତାର କରିନେଇଥାନ୍ତି ଏବଂ ଲୋକ ଦେଖାଣିଆ, ଶୋଭାଯୁକ୍ତ ବାଣୀ ବ୍ୟକ୍ତ ମଧ୍ୟ କରିଥାନ୍ତି ଅର୍ଥାତ୍ ଅବିବେକୀମାନଙ୍କ ବୁଦ୍ଧି ଅନେକ ଭେଦଯୁକ୍ତ ହୋଇଥାଏ । ସେମାନେ ଫଳ ବିଶିଷ୍ଟ ବାକ୍ୟରେ ହିଁ ଅନୁରକ୍ତ ରହିଥାନ୍ତି । ବେଦର ବାକ୍ୟକୁ ହିଁ ପ୍ରମାଣ ମାନନ୍ତି । ସ୍ୱର୍ଗକୁ ହିଁ ଶ୍ରେଷ୍ଠ ମାନନ୍ତି । ସେମାନଙ୍କ ବୁଦ୍ଧି ଅନେକ ଭେଦଯୁକ୍ତ ହୋଇଥାଏ । ତେଣୁକରି ସେମାନେ ଅନନ୍ତ କ୍ରିୟାମାନ ରଚନା କରନ୍ତି । ସେମାନେ ଲୋକମାନଙ୍କ ଦୃଷ୍ଟିକୁ ଆକର୍ଷଣ କରିବା ନିମନ୍ତେ କିଛି ନା କିଛି ପ୍ରଦର୍ଶନ ଦେଖାଉଥାନ୍ତି ।

ସେମାନେ ତ ପରମତତ୍ତ୍ୱ ପରମାତ୍ମାଙ୍କର ନାମ ହିଁ ନେଇଥାନ୍ତି କିନ୍ତୁ ପରମାତ୍ମାଙ୍କ ନାମରେ ଅନନ୍ତ କ୍ରିୟାମାନ କରିନେଇଥାନ୍ତି । ତେବେ କ'ଣ ଅନନ୍ତ କ୍ରିୟା, କର୍ମ ନୁହଁ ? ଶ୍ରୀକୃଷ୍ଣ କହୁଛନ୍ତି, ''ନାହିଁ ! ଅନନ୍ତ କ୍ରିୟାମାନ କର୍ମ ନୁହଁ''। ତେବେ ସେହି ନିଶ୍ଚିତ କର୍ମ କ'ଣ ? ଶ୍ରୀକୃଷ୍ଣ ବର୍ତ୍ତମାନ ତାହାକୁ କହୁନାହାଁନ୍ତି । ସେ କେବଳ ଏତିକି ହିଁ କହୁଛନ୍ତି ଯେ, ଅବିବେକୀ ମାନଙ୍କ ବୁଦ୍ଧି ଅନନ୍ତ ଶାଖା ବିଶିଷ୍ଟ ହୋଇଥାଏ । ତେଣୁ ସେମାନେ ଅନନ୍ତ କ୍ରିୟମାମାନ କରିଥାନ୍ତି । ସେମାନେ କେବଳ କ୍ରିୟାର ବିସ୍ତାର ହିଁ କରନ୍ତି ନାହିଁ, ଅପିତୁ ସେମାନେ ନିଜର ଆଲଙ୍କାରିକ ଶୈଳୀରେ ତାହା ବ୍ୟକ୍ତ ମଧ୍ୟ କରିଥାନ୍ତି । ତାହାର ପ୍ରଭାବ କ'ଣ ହୋଇଥାଏ ?

**ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।**
**ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥୪୪॥**

ସେମାନଙ୍କ ବାଣୀର ଛାପ ଯେଉଁମାନଙ୍କ ଚିତ୍ତରେ ପଡ଼ିଯାଇଥାଏ, ହେ ଅର୍ଜୁନ ! ତାହାଙ୍କ ବୁଦ୍ଧି ମଧ୍ୟ ନଷ୍ଟ ହୋଇଯାଏ । ନା କି ସେମାନେ କିଛି ପାଆନ୍ତି । ସେହି ବାଣୀ ଦ୍ୱାରା ଯେଉଁମାନଙ୍କ ଚିତ୍ତ ହରଣ ହୋଇଯାଇଥାଏ ଏବଂ ଭୋଗ ଐଶ୍ୱର୍ଯ୍ୟ ଦ୍ୱାରା ଆସକ୍ତ ପୁରୁଷଙ୍କ ଅନ୍ତଃ କରଣରେ କ୍ରିୟାତ୍ମକ ବୁଦ୍ଧି ରହିନଥାଏ । ଇଷ୍ଟ ପ୍ରତି ସମାଧିସ୍ଥ କରୁଥିବା ନିଶ୍ଚୟାତ୍ମକ କ୍ରିୟା, ସେମାନଙ୍କ ଦ୍ୱାରା ହୁଏ ନାହିଁ ।

ଏପରି ଅବିବେକୀମାନଙ୍କ ବାଣୀ କିଏ ଶୁଣିଥାଏ ? ଭୋଗ ଓ ଐଶ୍ୱର୍ଯ୍ୟରେ ଆସକ୍ତ ଥିବା ବ୍ୟକ୍ତି ହିଁ ଶୁଣିଥାଏ । ଅଧିକାରୀ ଅର୍ଥାତ୍ ଶୁଦ୍ଧ ଅନ୍ତଃକରଣ ଯୁକ୍ତ ବ୍ୟକ୍ତି ଶୁଣନ୍ତିନାହିଁ । ଅବିବେକୀ ପୁରୁଷଙ୍କ ଠାରେ ଶମ ଏବଂ ଆଦି ତତ୍ତ୍ୱରେ ପ୍ରବେଶ କରାଉଥିବା ନିଶ୍ଚୟାତ୍ମକ କ୍ରିୟାଦ୍ୱାରା ସଂଯୁକ୍ତ ବୁଦ୍ଧି ହୁଏ ନାହିଁ । ପ୍ରଶ୍ନ ଉଠୁଥାଏ ଯେ, **ବେଦବାଦରତାଃ,** ଯେ ବେଦ ବଚନରେ ଅନୁରକ୍ତ, କ'ଣ ସେ ମଧ୍ୟ ଭୁଲ୍ କରୁଛନ୍ତି ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି–

**ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ ।**
**ନିର୍ଦ୍ୱନ୍ଦୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମାବାନ୍ ॥୪୫॥**

ହେ ଅର୍ଜୁନ **! ତ୍ରୈଗୁଣ୍ୟ ବିଷୟାବେଦା**– ବେଦ ତିନିଗୁଣ (ସତ୍ୱ–ରଜ–ତମ) ପର୍ଯ୍ୟନ୍ତ ହିଁ ପ୍ରକାଶିତ କରିଥାଏ । ଏହାର ଆଗକୁ ସେ ମଧ୍ୟ ଜାଣିନଥାଏ । ତେଣୁ **ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ,** ହେ ଅର୍ଜୁନ ! ତୁମେ ତିନିଗୁଣରୁ ଊର୍ଦ୍ଧ୍ୱକୁ ଉଠ । ଅର୍ଥାତ୍ ବେଦମାନଙ୍କ କାର୍ଯ୍ୟ କ୍ଷେତ୍ରରୁ ଆଗକୁ ବଢ । କିପରି ବଢିବେ ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି, **ନିର୍ଦ୍ୱନ୍ଦଃ**– ସୁଖ ଦୁଃଖ ଦ୍ୱନ୍ଦରୁ ରହିତ ନିତ୍ୟ ସତ୍ୟବସ୍ତୁରେ ସ୍ଥିତି ଏବଂ ଯୋଗକ୍ଷେମକୁ ଇଛା ନରଖି ଆତ୍ମ ପରାୟଣ ହୁଅ । ଏହିପରି ଊର୍ଦ୍ଧ୍ୱକୁ

ଉଠ । ପ୍ରଶ୍ନ ଉଠୁଛି ଯେ, ଆମ୍ଭେମାନେ ହିଁ ଉଠିବା ନା କୌଣସି ବ୍ୟକ୍ତି ବେଦରୁ ଉପରକୁ ଉଠିଛନ୍ତି । ଶ୍ରୀକୃଷ୍ଣ କହୁଛନ୍ତି ଯେ, ଆଗକୁ ଯିଏ ମଧ୍ୟ ଉଠିଛି, ସେ ବ୍ରାହ୍ମଙ୍କୁ ନିଶ୍ଚୟ ଜାଣିଥାଏ ଏବଂ ଯେ ବ୍ରହ୍ମଙ୍କୁ ଜାଣିଥାଏ, ସେ ହିଁ ବିପ୍ର ।

**ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଳୁତୋଦକେ ।**
**ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ।।୪୬।।**

ଚତୁର୍ଦ୍ଦିଗରୁ ପରିପୂର୍ଣ୍ଣ ଜଳାଶୟ ପ୍ରାପ୍ତ ହେବାପରେ ମନୁଷ୍ୟର ଛୋଟ ଜଳାଶୟ ପ୍ରତି ଯେତିକି ପ୍ରୟୋଜନ ରହିଥାଏ, ସମ୍ୟକ୍ ରୂପରେ ବ୍ରହ୍ମକୁ ଜାଣିଥିବା ବ୍ରାହ୍ମଣର ବେଦପ୍ରତି ସେତିକି ହିଁ ପ୍ରୟୋଜନ ରହିଥାଏ । ତାତ୍ପର୍ଯ୍ୟ ଏହା ଯେ, ବେଦରୁ ଉପରକୁ ଉଠିଥାଏ । ସେ ବ୍ରହ୍ମକୁ ଜାଣିଥାଏ । ସେ ହିଁ ବ୍ରାହ୍ମଣ । ଅର୍ଥାତ୍ ହେ ଅର୍ଜୁନ !'' ତୁମେ ବେଦରୁ ଊର୍ଦ୍ଧ୍ୱକୁ ଉଠି ବ୍ରାହ୍ମଣ ହୋଇଯାଅ ।''

ଅର୍ଜୁନ କ୍ଷତ୍ରୀୟ ଥିଲେ । ଶ୍ରୀକୃଷ୍ଣ କହୁଛନ୍ତି ଯେ, ତୁମେ ବ୍ରାହ୍ମଣ ହୋଇଯାଅ । ବ୍ରାହ୍ମଣ, କ୍ଷତ୍ରୀୟ ଇତ୍ୟାଦି ବର୍ଣ୍ଣ, ସ୍ୱଭାବର କ୍ଷମତାମାନଙ୍କ ନାମ ଅଟେ । ଏହା କର୍ମ ପ୍ରଧାନ ଅଟେ । ନା କି ଜନ୍ମରୁ ନିର୍ଦ୍ଧାରିତ ହୋଇଥିବା କୌଣସି ରୁଢି । ଯାହାକୁ ଗଙ୍ଗାଧାରା ପ୍ରାପ୍ତ ହୋଇଛି, ତାହା ନିମନ୍ତେ କ୍ଷୁଦ୍ର ଜଳାଶୟର ପ୍ରୟୋଜନ କ'ଣ ? ସେଥିରେ କିଏ ସ୍ନାନ ଶୌଚ କରିଥାଏ ତ କିଏ ପଶୁମାନଙ୍କୁ ମଧ୍ୟ ସ୍ନାନ କରାଇଥାଏ । ଏହାର ଆଗକୁ କୌଣସି ପ୍ରୟୋଜନ ନଥାଏ । ଏହିପରି ବ୍ରହ୍ମକୁ ସାକ୍ଷାତ୍ ଜାଣିଥିବା ସେହି ବିପ୍ର-ମହାପୁରୁଷଙ୍କ, ସେହି ବ୍ରାହ୍ମଣଙ୍କ ବେଦରେ ସେତିକି ହିଁ ପ୍ରୟୋଜନ ରହିଥାଏ । ପ୍ରୟୋଜନ ଅବଶ୍ୟ ରହିଥାଏ, ବେଦ ରହିଥାଏ, କାରଣ ପଛରେ ଆସୁଥିବା ଅନୁଯାୟୀମାନଙ୍କ ନିମନ୍ତେ ତାହା ଉପଯୋଗୀ ହୋଇଥାଏ । ସେଠାରୁ ଚର୍ଚ୍ଚା ଆରମ୍ଭ ହୋଇଥାଏ । ଏହାର ଉପରାନ୍ତ, ଯୋଗେଶ୍ୱର ଶ୍ରୀକୃଷ୍ଣ କର୍ମ କରିବା ସମୟରେ ବର୍ତ୍ତିଯାଉଥିବା ସାବଧାନତା ପ୍ରତିପାଦନ କରୁଛନ୍ତି ।

**କର୍ମଣ୍ୟେବାଧିକାସ୍ତେ ମା ଫଳେଷୁ କଦାଚନ**
**ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।।୪୭।।**

କର୍ମ କରିବା ହିଁ ତୁମର ଅଧିକାର, ଫଳରେ କଦାପି ନୁହଁ । ଏପରି ନିଶ୍ଚୟ କର ଯେ, ଫଳ ହିଁ ନାହିଁ । ଫଳ ବାସନାଯୁକ୍ତ ହୁଅ ନାହିଁ ଏବଂ କର୍ମ କରିବାର ତୁମର ଅଶ୍ରଦ୍ଧା ମଧ୍ୟ ହେବା ଅନୁଚିତ ।

ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ ଶ୍ଲୋକ ୩୯ରେ ପ୍ରଥମଥର କର୍ମର ନାମ ନେଇଛନ୍ତି, କିନ୍ତୁ କର୍ମ କ'ଣ ? ତାହାକୁ କିପରି କରାଯିବ ? ଏହା ଉପରେ କିଛି କହିଲେ ନାହିଁ । ସେହି କର୍ମର ବିଶେଷତା ଉପରେ ପ୍ରକାଶ ଦେଉଛନ୍ତି-

୧) ଅର୍ଜୁନ ! ଏହି କର୍ମଦ୍ୱାରା ତୁମେ କର୍ମ ବନ୍ଧନରୁ ସମ୍ୟକରୂପରେ ମୁକ୍ତ ହୋଇ ଯିବ ।

୨) ଏଥିରେ ଆରମ୍ଭ ଅର୍ଥାତ୍ ବୀଜର ନାଶ ହୁଏ ନାହିଁ । ଥରେ ପ୍ରାରମ୍ଭ ହୋଇଗଲେ ପ୍ରକୃତି ନିକଟରେ ଏପରି କୌଣସି ଉପାୟନାହିଁ, ଯେ ତାହାକୁ ନଷ୍ଟ କରିଦେବ ।

୩) ଏଥିରେ ସୀମିତ ଫଳରୂପୀ ଦୋଷ ମଧ୍ୟ ନାହିଁ । ଯାହାକି ଋଦ୍ଧି, ସିଦ୍ଧି, ସ୍ୱର୍ଗରେ ପହଞ୍ଚାଇ ଛାଡ଼ି ଦେବ ।

୪) ଏହି କର୍ମର ଅଳ୍ପ ସାଧନ ମଧ୍ୟ ଜନ୍ମ-ମରଣ ରୂପୀ ମହାଭୟରୁ ଉଦ୍ଧାର କରିଦେବ । କିନ୍ତୁ ସେ ଏପର୍ଯ୍ୟନ୍ତ କହିନାହାଁନ୍ତି ଯେ, ସେହି କର୍ମ କ'ଣ ? ତାହାକୁ କିପରି କରାଯିବ ? ଏହି ଅଧ୍ୟାୟର ୪୧ଶ୍ଳୋକରେ ସେ କହିଛନ୍ତି -

୫) ହେ ଅର୍ଜୁନ ! ଏଥିରେ ନିଶ୍ଚୟାତ୍ମକ ବୁଦ୍ଧି ଗୋଟିଏ ହିଁ ଅଟେ । କ୍ରିୟା ମଧ୍ୟ ଗୋଟିଏ ହିଁ ଅଟେ । ତେବେ କ'ଣ ଅନେକ କ୍ରିୟାଯୁକ୍ତ ବ୍ୟକ୍ତି ଭଜନ କରୁନାହାଁନ୍ତି ? ଏହାର କାରଣ ସ୍ପଷ୍ଟକରି ସେ କହୁଛନ୍ତି ଯେ, ଅବିବେକୀମାନଙ୍କ ବୁଦ୍ଧି ଅନନ୍ତ ଶାଖାଯୁକ୍ତ ହୋଇଥାଏ, ତେଣୁ ସେମାନେ ଅନନ୍ତ କ୍ରିୟା ବିସ୍ତାର କରିଥାଆନ୍ତି । ସେମାନେ ଦେଖାଣିଆ, ଶୋଭାଯୁକ୍ତ ବାଣୀରେ ଏହି କ୍ରିୟାମାନଙ୍କୁ ବ୍ୟକ୍ତ ମଧ୍ୟ କରିଥାନ୍ତି । ସେମାନଙ୍କ ବାଣୀର ଛାପ ଯେଉଁମାନଙ୍କ ଚିତ୍ତରେ ପଡ଼ିଯାଇଥାଏ, ସେହି ବ୍ୟକ୍ତିଙ୍କ ବୁଦ୍ଧି ମଧ୍ୟ ନଷ୍ଟ ହୋଇଯାଇଥାଏ । ଅତଃ ନିଶ୍ଚୟାତ୍ମକ କ୍ରିୟା ଗୋଟିଏ ହିଁ ଅଟେ । କିନ୍ତୁ ଏହା କହି ନାହାଁନ୍ତି ଯେ, ଏହି କ୍ରିୟା କ'ଣ ? ୪୭ଶ୍ଳୋକରେ ସେ କହିଲେ, ହେ ଅର୍ଜୁନ ! କର୍ମ କରିବାରେ ହିଁ ତୁମର ଅଧିକାର ରହିଛି, ଫଳରେ କଦାପି ନୁହଁ । ଫଳର ବାସନାଯୁକ୍ତ ମଧ୍ୟ ହୁଅ ନାହିଁ ଏବଂ କର୍ମ କରିବାରେ ମଧ୍ୟ ତୁମର ଅଶ୍ରଦ୍ଧା ନ ହେଉ । ଅତଃ ନିରନ୍ତର କର୍ମ କରିବା ନିମନ୍ତେ ସେଥିରେ ଲୀନ ରହି କର୍ମ କର । କିନ୍ତୁ ଏହା କହିନାହାଁନ୍ତି ଯେ, ସେହି କର୍ମ କ'ଣ ? ପ୍ରାୟଃ ଏହି ଶ୍ଳୋକର ଉଦାହରଣ ଦେଇ ଲୋକେ କହିଥାନ୍ତି ଯେ, ଯାହା କରିବା ଇଛା କର କିନ୍ତୁ ଫଳଆଶା ରଖି କରନାହିଁ ଅର୍ଥାତ୍ ଫଳର କାମନା କରନାହିଁ । ହୋଇଗଲା ସେମାନଙ୍କର ନିଷ୍କାମ କର୍ମଯୋଗ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ କହିନାହାଁନ୍ତି ଯେ, କର୍ମ କ'ଣ ? ଯାହାକୁ କରିବା ଅର୍ଥାତ୍ କାର୍ଯ୍ୟରୂପ ଦେବା । ଏଠାରେ କେବଳ କର୍ମର ବିଶେଷତା ଉପରେ ପ୍ରକାଶ କରିଛନ୍ତି ଯେ, କର୍ମ କ'ଣ ଦେଇଥାଏ ଏବଂ କର୍ମ କରିବା ସମୟରେ କିପରି ବ୍ୟବହାର ଦ୍ୱାରା ସାବଧାନତାର ସହିତ କରିବା ? ପ୍ରଶ୍ନ ଯେପରି ସେପରି ରହିଲା । ଯାହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ଆଗକୁ ୩/୪ ଅଧ୍ୟାୟ ମାନଙ୍କରେ ସ୍ପଷ୍ଟ କରିବେ । ପୁନଃ ଏହାକୁ ପ୍ରତିପାଦନ କରୁଛନ୍ତି-

**ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।**
**ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥୪୮॥**

ହେ ଧନଞ୍ଜୟ ! ଆସକ୍ତି ଏବଂ ସଙ୍ଗ ଦୋଷକୁ ତ୍ୟାଗ କରି, ସିଦ୍ଧି ଏବଂ ଅସିଦ୍ଧିରେ ସମଭାବ ରଖି ଯୋଗରେ ସ୍ଥିର ରହି କର୍ମ କର । କେଉଁ କର୍ମ କରିବେ ? ଏହା କି ନିଷ୍କାମ କର୍ମ ।

**'ସମତ୍ୱଂ ଯୋଗ ଉଚ୍ୟତେ'**–ଅର୍ଥାତ୍ ଏହି ସମତ୍ୱଭାବକୁ ଯୋଗ କୁହାଯାଏ ।ବିଷମତା ଯେଉଁଥିରେ ନାହିଁ, ଏପରି ଭାବନାକୁ ହିଁ ସମତ୍ୱ କୁହାଯାଏ । ଋଦ୍ଧି ଓ ସିଦ୍ଧି ବିଷମତା ଆଣିଥାଏ । ଆସକ୍ତି ବିଷମତା ସୃଷ୍ଟି କରିଥାଏ । ଫଳଇଛା ବିଷମତା ଉତ୍ପନ୍ନ କରିଥାଏ । ତେଣୁକରି ଫଳର କାମନା ନରହୁ ଏବଂ କର୍ମ କରିବାରେ ତୁମର ଅଶ୍ରଦ୍ଧା ମଧ୍ୟ ନରହୁ । ଦେଖିଥିବା, ଶୁଣିଥିବା ସମସ୍ତ ବସ୍ତୁମାନଙ୍କ ମଧ୍ୟରେ ଆସକ୍ତି ତ୍ୟାଗ କରି, ପ୍ରାପ୍ତି ଏବଂ ଅପ୍ରାପ୍ତି ବିଷୟରେ ଚିନ୍ତା ନକରି, କେବଳ ଯୋଗରେ ସ୍ଥିର ରହି କର୍ମ କର । ଯୋଗରୁ ଚିତ୍ତ ବିକ୍ଷେପ ନହେଉ ।

ଯୋଗ ଏକ ପରାକାଷ୍ଠାର ସ୍ଥିତି ଅଟେ । ଏହା ଏକ ପ୍ରାରମ୍ଭିକ ସ୍ଥିତି ମଧ୍ୟ ହୋଇଥାଏ । ପ୍ରାରମ୍ଭରେ ମଧ୍ୟ ଆମ୍ଭର ଦୃଷ୍ଟି ଲକ୍ଷ ଉପରେ ରହିବା ଆବଶ୍ୟକ । ଅତଃ ଯୋଗରେ ଦୃଷ୍ଟି ନିରନ୍ତର ରଖି କର୍ମ ଆଚରଣ କରିବା ଆବଶ୍ୟକ । ସମତ୍ୱଭାବ ଅର୍ଥାତ୍ ଋଦ୍ଧି ଓ ସିଦ୍ଧିରେ ସମଭାବକୁ ହିଁ ଯୋଗ କୁହାଯାଏ । ଯାହାକୁ ସିଦ୍ଧି ଓ ଅସିଦ୍ଧି ବିଚଳିତ କରିପାରେନାହିଁ, ବିଷମତା ଯେଉଁଥିରେ ଉତ୍ପନ୍ନ ହୋଇନଥାଏ, ଏହିପରି ଭାବ ହୋଇଥିବା ଯୋଗୁଁ ଏହାକୁ ସମତ୍ୱ ଯୋଗ କୁହାଯାଇଥାଏ । ଏହା ଇଷ୍ଟଙ୍କଠାରୁ ସମତ୍ୱ ପ୍ରଦାନ କରାଏ, ଏହାକୁ ସମତ୍ୱ ଯୋଗ କୁହାଯାଏ । କାମନା ସର୍ବଥା ତ୍ୟାଗ ରହିଛି ତେଣୁ ଏହାକୁ ନିଷ୍କାମ କର୍ମଯୋଗ କୁହାଯାଏ । କର୍ମ କରିବା ଅନିବାର୍ଯ୍ୟ, ତେଣୁ ଏହାକୁ କର୍ମ ଯୋଗ କୁହାଯାଏ । ପରମାତ୍ମାଙ୍କ ସହିତ ସାକ୍ଷାତ୍ କରାଉଥିବାରୁ ଏହାର ନାମ ଯୋଗ ଅର୍ଥାତ୍ ମିଳନ । ଏଥିରେ ବୌଦ୍ଧିକ ସ୍ତର ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ । ଋଦ୍ଧି ଓ ସିଦ୍ଧିରେ ସମଭାବ ରହୁ, ଆସକ୍ତି ନହେଉ, ଫଳ ବାସନା ଆସି ନପାରୁ ! ତେଣୁ ଏହାକୁ ନିଷ୍କାମ କର୍ମ ଯୋଗ ତଥା ବୁଦ୍ଧି ଯୋଗ କୁହାଯାଏ ।

**ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଂଜୟ ।**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ॥୪୯॥**

ହେ ଧନଞ୍ଜୟ **! ଅବରଂ କର୍ମ**–ଅର୍ଥାତ୍ ନିକୃଷ୍ଟ କର୍ମ, ବାସନାଯୁକ୍ତ କର୍ମ ବୁଦ୍ଧି ଯୋଗ ଠାରୁ ଅତ୍ୟନ୍ତ ଦୂରରେ ରହିବା ଆବଶ୍ୟକ । ଫଳରେ ଆଶା କରିଥିବା ବ୍ୟକ୍ତି କୃପଣ ଅଟନ୍ତି । ସେମାନେ ଆତ୍ମା ସହିତ ଉଦାରତା ରଖନ୍ତି ନାହିଁ । ଅତଃ

ସମତ୍ୱ ବୁଦ୍ଧି ଯୋଗର ଆଶ୍ରୟ ଗ୍ରହଣ କର । ଯେପରି କାମନା ରହିଥାଏ,ସେପରି ଫଳ ପ୍ରାପ୍ତ ହେଲେ ମଧ୍ୟ ତାହାକୁ ଭୋଗ କରିବା ନିମନ୍ତେ ଶରୀର ଧାରଣ କରିବାକୁ ପଡ଼ିବ । ଆବାଗମନ ଯଦି ରହିଛି, ତେବେ କଲ୍ୟାଣ କିପରି ? ସାଧକମାନଙ୍କୁ ତ ମୋକ୍ଷର କାମନା ମଧ୍ୟ ରଖିବା ଅନୁଚିତ । କାରଣ ବାସନା ଗୁଡ଼ିକରୁ ମୁକ୍ତ ହେବା ହିଁ ମୋକ୍ଷ ଅଟେ । ଫଳପ୍ରାପ୍ତି ଚିନ୍ତନ କରିବା ଦ୍ୱାରା ସାଧକର ସମୟ ବ୍ୟର୍ଥ ନଷ୍ଟ ହୋଇଥାଏ । ଫଳ ପ୍ରାପ୍ତି ହେବା ପରେ ସେ ସେହି ଫଳରେ ହିଁ ଲଟକି ରହିଥାଏ । ତାହାର ସାଧନା ସ୍ଥଗିତ ହୋଇଯାଏ । ଆଗକୁ ସେ ଭଜନ କାହିଁକି କରିବ ? ସେଠାରୁ ସେ ପଥଭ୍ରଷ୍ଟ ହୋଇଯାଏ । ତେଣୁ ସମତ୍ୱବୁଦ୍ଧି ଦ୍ୱାରା ଯୋଗ ଆଚରଣ କର ।

ଜ୍ଞାନ ଯୋଗକୁ ମଧ୍ୟ ଶ୍ରୀକୃଷ୍ଣ ବୁଦ୍ଧି ଯୋଗ ବୋଲି କହିଥିଲେ ଯେ, ହେ ଅର୍ଜୁନ ! ଏହି ବୁଦ୍ଧି ତୁମ ନିମନ୍ତେ ଜ୍ଞାନ ଯୋଗ ବିଷୟରେ କୁହାଗଲା । ଏଠାରେ ନିଷ୍କାମ କର୍ମ ଯୋଗକୁ ମଧ୍ୟ ବୁଦ୍ଧି ଯୋଗ କୁହାଗଲା । ବସ୍ତୁତଃ ଦୁଇଟିରେ ବୁଦ୍ଧିର ଦୃଷ୍ଟିକୋଣ ହିଁ ଅନ୍ତର ରହିଥାଏ । ଜ୍ଞାନ ଯୋଗରେ ହାନିଲାଭର ବିଚାର କରି ତାହାକୁ ପରିକ୍ଷା ନିରୀକ୍ଷା କରି ଚାଲିବାକୁ ପଡ଼ିଥାଏ । ନିଷ୍କାମ କର୍ମ ଯୋଗରେ ବୌଦ୍ଧିକ ସ୍ତରରେ ସମତ୍ୱ ରଖିବାକୁ ପଡ଼ିଥାଏ । ତେଣୁ ଏହାକୁ ସମତ୍ୱ ବୁଦ୍ଧି ଯୋଗ କୁହାଯାଏ । ହେ ଧନଞ୍ଜୟ ! ତୁମେ ସମତ୍ୱ ବୁଦ୍ଧି ଯୋଗର ଆଶ୍ରୟ ଗ୍ରହଣ କର । କାରଣ ଫଳର ଆଶାୟୀ ଅତ୍ୟନ୍ତ କୃପଣ ଅଟନ୍ତି ।

**ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।**
**ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ ।।୫୦।।**

ସମତ୍ୱ ବୁଦ୍ଧି ଯୁକ୍ତ ପୁରୁଷ ପୁଣ୍ୟ ଏବଂ ପାପ ଉଭୟଙ୍କୁ ଏହି ଲୋକରେ ତ୍ୟାଗ କରିଥାଏ । ସେଥିରେ ଲିପ୍ତ ହୁଏ ନାହିଁ । ତେଣୁ ସମତ୍ୱ ବୁଦ୍ଧି ଯୋଗ ନିମନ୍ତେ ଚେଷ୍ଟା କର । **ଯୋଗଃ କର୍ମସୁ କୌଶଳମ୍** –ଅର୍ଥାତ୍ ସମତ୍ୱ ବୁଦ୍ଧି ସହିତ କର୍ମର ଆଚରଣ କୌଶଳ ହିଁ ଯୋଗ ଅଟେ ।

ସଂସାରରେ କର୍ମ କରିବାର ଦୁଇଟି ଦୃଷ୍ଟିକୋଣ ପ୍ରଚଳିତ ରହିଛି । ଲୋକେ କର୍ମ କରନ୍ତି ତ ସେଥିରେ ଫଳ ଅବଶ୍ୟ ଚାହିଁଥାନ୍ତି ଏବଂ ଫଳ ନ ମିଳିଲେ କର୍ମ କରିବାକୁ ଚାହାଁନ୍ତି ନାହିଁ । କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି କର୍ମମାନଙ୍କୁ ବନ୍ଧନକାରୀ କହି **ଆରାଧନା**କୁ ହିଁ ଏକମାତ୍ର କର୍ମ ମାନିଛନ୍ତି । ଏହି ଅଧ୍ୟାୟରେ ସେ କର୍ମର ନାମମାତ୍ର ନେଇଛନ୍ତି । ତୃତୀୟ ଅଧ୍ୟାୟ ୯ଶ୍ଲୋକରେ ତାହାର ପରିଭାଷା ଦେଇଛନ୍ତି । ଚତୁର୍ଥ ଅଧ୍ୟାୟରେ କର୍ମର ସ୍ୱରୂପ ଉପରେ ବିସ୍ତାର ବିବରଣ ପ୍ରଦାନ କରିଛନ୍ତି ।

ପ୍ରସ୍ତୁତ ଶ୍ଲୋକରେ ଶ୍ରୀକୃଷ୍ଣ ସାଂସାରିକ ପରମ୍ପରାକୁ ତ୍ୟାଗ କରି କର୍ମ କରିବାର କୌଶଳକୁ ପ୍ରତିପାଦନ କଲେ । କର୍ମ କର ! ଶ୍ରଦ୍ଧା ପୂର୍ବକ କର, କିନ୍ତୁ ଫଳର ଅଧିକରକୁ ସ୍ୱେଚ୍ଛାରେ ତ୍ୟାଗକର । ଫଳ କେଉଁ ଆଡ଼େ ଯିବ ? ଏହା ହିଁ କର୍ମ କରିବା କୌଶଳ ଅଟେ । ନିଷ୍କାମ ସାଧକର ସମଗ୍ର ଶକ୍ତି ଏହିପରି କର୍ମରେ ଲାଗି ରହିଥାଏ । ଆରାଧନା ନିମନ୍ତେ ହିଁ ଶରୀର ପ୍ରାପ୍ତ ହୋଇଛି । ପୁଣି ଜିଜ୍ଞାସା ସ୍ୱାଭାବିକ ଯେ, କ'ଣ ସଦୈବ କର୍ମ କରି ଚାଲିଥିବା ? ଏହାର ପରିଣାମ କ'ଣ ମିଳିବ ? ଏହାକୁ ଦେଖିବା–

**କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ ।**
**ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ।।୫୧।।**

ବୁଦ୍ଧିଯୋଗଯୁକ୍ତ ଜ୍ଞାନୀମାନେ କର୍ମରୁ ଉତ୍ପନ୍ନ ଫଳକୁ ତ୍ୟାଗକରି ଜନ୍ମ–ମୃତ୍ୟୁ ବନ୍ଧନରୁ ମୁକ୍ତି ପାଇଥାନ୍ତି । ସେମାନେ ନିର୍ଦ୍ଦୋଷ, ଅମୃତମୟ, ପରମ ପଦକୁ ପ୍ରାପ୍ତ ହୋଇଥାନ୍ତି । ଏଠାରେ ଦୁଇଗୋଟି ବୁଦ୍ଧିର ଚିତ୍ରଣ ରହିଛି ।

୧) ସାଂଖ୍ୟ ବୁଦ୍ଧିରେ ଦୁଇଗୋଟି ଫଳ ରହିଛି – (କ) ପ୍ରେୟ ଅର୍ଥାତ୍ ସ୍ୱର୍ଗ ଏବଂ (ଖ) ଶ୍ରେୟ(ଶ୍ଲୋକ–୩୧–୩୯), ୨) କର୍ମ ଯୋଗରେ ପ୍ରବୃତ୍ତ ବୁଦ୍ଧିର ଗୋଟିଏ ହିଁ ଫଳ ରହିଛି – ଜନ୍ମମୃତ୍ୟୁରୁ ମୁକ୍ତି, ନିର୍ମଳ ଅବିନାଶୀ ପଦ ପ୍ରାପ୍ତି(ଶ୍ଲୋକ–୩୯–୫୧) ବାସ୍ ! ଏହି ଦୁଇଟି ମାତ୍ର ଯୋଗକ୍ରିୟା ଅଟେ । ଏହା ଅତିରିକ୍ତ ବୁଦ୍ଧି ଅବିବେକ ଜନ୍ୟ ଅଟେ । ଅନନ୍ତ ଶାଖାଯୁକ୍ତ ଅଟେ । ଯାହାର ଫଳ କର୍ମ ଭୋଗ ନିମନ୍ତେ ବାରମ୍ବାର ଜନ୍ମମୃତ୍ୟୁ ହୋଇଥାଏ ।

ଅର୍ଜୁନଙ୍କ ଦୃଷ୍ଟି ତ୍ରିଲୋକର ସାମ୍ରାଜ୍ୟ ତଥା ଦେବତା ମାନଙ୍କ ସ୍ୱାମିତ୍ୱ ପର୍ଯ୍ୟନ୍ତ ହିଁ ସୀମିତ ଥିଲା । ମାତ୍ର ଏତିକି ନିମନ୍ତେ ସେ ଯୁଦ୍ଧରେ ପ୍ରବୃତ୍ତ ହେଉନଥିଲେ । ଏଠାରେ ଶ୍ରୀକୃଷ୍ଣ ଏକ ନବୀନ ତଥ୍ୟ ଉଦ୍‌ଘାଟନ କରୁଛନ୍ତି ଯେ, ଆସକ୍ତି ରହିତ କର୍ମ ଦ୍ୱାରା 'ଅନାମୟ' ପଦ ପ୍ରାପ୍ତି ହୋଇଥାଏ । ନିଷ୍କାମ କର୍ମ ଯୋଗ ପରମପଦକୁ ଦେଇଥାଏ । ଯେଉଁଠାରେ ମୃତ୍ୟୁର ପ୍ରବେଶ ନଥାଏ । ଏହି କର୍ମରେ ପ୍ରବୃତ୍ତ କେବେ ହେବ ?

**ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।**
**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ।।୫୨।।**

ଯେଉଁକାଳରେ ତୁମର ଅର୍ଥାତ୍ ପ୍ରତ୍ୟେକ ସାଧକଙ୍କ ବୁଦ୍ଧି ମୋହରୂପୀ ପଙ୍କରୁ ପୂର୍ଣ୍ଣରୂପେ ପାର ହୋଇଯିବ, ଲେଶମାତ୍ର ମୋହ ନ ରହିବ ଯାହାକି ନା ପୁତ୍ରଙ୍କ ଠାରେ, ନା ଧନରେ, ନା ପ୍ରତିଷ୍ଠାରେ । ଏହି ମାନଙ୍କଠାରୁ ପୂର୍ଣ୍ଣତଃ ବନ୍ଧନ

ଯେତେବେଳେ ବିଚ୍ଛେଦ ହୋଇଯିବ, ସେହି ସମୟରେ ଯାହା ଶୁଣିବା ଯୋଗ୍ୟ, ତାହାକୁ ତୁମେ ଶୁଣିପାରିବ ଏବଂ ଶୁଣିଥିବା ପ୍ରକାରେ ବୈରାଗ୍ୟକୁ ପ୍ରାପ୍ତ ହୋଇପାରିବ । ଅର୍ଥାତ୍ ତାହାକୁ ଆଚରଣରେ ଢାଳିପାରିବ । ବର୍ତ୍ତମାନ ଯାହା ଶୁଣିବା ଯୋଗ୍ୟ, ତାହାକୁ ଶୁଣି ପାରି ନାହଁ ଏବଂ ଆଚରଣର ତ ପ୍ରଶ୍ନ ହିଁ ଉଠୁନାହିଁ । ଏହି ଯୋଗ୍ୟତା ଉପରେ ପୁନଃ କହୁଛନ୍ତି –

**ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।**
**ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ।।୫୩।।**

ଅନେକ ପ୍ରକାରର ବେଦବାକ୍ୟକୁ ଶୁଣି ବିଚଳିତ ହୋଇଥିବା ତୁମର ବୁଦ୍ଧି ଯେତେବେଳେ ପରମାତ୍ମା ସ୍ୱରୂପରେ ସମାଧିସ୍ଥ ହୋଇ ଅଚଳ ଓ ସ୍ଥିର ସ୍ତବ୍ଧ ହୋଇଯିବ । ସେତେବେଳେ ତୁମେ ସମତ୍ୱ ଯୋଗକୁ ପ୍ରାପ୍ତ ହେବ । ପୂର୍ଣ୍ଣ ସମସ୍ଥିତିକୁ ପ୍ରାପ୍ତ ହେବୁ । ଯାହାକୁ ଅନାମୟ ପରମପଦ କୁହାଯାଏ । ଏହା ହିଁ ଯୋଗର ପରକାଷ୍ଠା ଏବଂ ଏହା ହିଁ ଅପ୍ରାପ୍ୟର ପ୍ରାପ୍ତି । ବେଦରୁ ତ ଶିକ୍ଷା ମିଳିଥାଏ କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି ଯେ, **'ଶ୍ରୁତି ବିପ୍ରତି ପନ୍ନା'**– ଅର୍ଥାତ୍ ଶ୍ରୁତିମାନଙ୍କ ଅନେକ ସିଦ୍ଧାନ୍ତ ଗୁଡ଼ିକୁ ଶୁଣିବା ଦ୍ୱାରା ବୁଦ୍ଧି ବିଚଳିତ ହୋଇଯାଏ । ସିଦ୍ଧାନ୍ତ ତ ଅନେକ ଶୁଣିଥାନ୍ତି କିନ୍ତୁ ଯାହା ଶୁଣିବା ଯୋଗ୍ୟ, ସେଥିରୁ ଲୋକେ ଦୂରରେ ହିଁ ରହିଥାନ୍ତି । ତୁମର ବିଚଳିତ ବୁଦ୍ଧି ଯେଉଁ ସମୟରେ ସମାଧିରେ ସ୍ଥିର ହୋଇଯିବ, ସେହି ସମୟରେ ତୁମେ ଯୋଗର ପରାକାଷ୍ଠା ଅମୃତ ପଦକୁ ପ୍ରାପ୍ତ କରିବ । ଏହା ଉପରେ ଅର୍ଜୁନଙ୍କ ଉତ୍କଣ୍ଠା ସ୍ୱାଭାବିକ ଥିଲା ଯେ, ସେହି ମହାପୁରୁଷ କିପରି ହୋଇଥାନ୍ତି, ଯିଏ କି ଅନାମୟ ପରମ ପଦରେ ସ୍ଥିତ ଥାନ୍ତି ଓ ସମାଧିରେ ଯାହାର ବୁଦ୍ଧି ସ୍ଥିର ଥାଏ । ସେ ପ୍ରଶ୍ନ କଲେ–

**ଅର୍ଜୁନ ଉବାଚ**

**ସ୍ଥିପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।**
**ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ।।୫୪।।**

'ସମାଧୀୟତେ ଚିତ୍ତଂ ଯସ୍ମିନ୍ ସ ଆତ୍ମା ଏବ ସମାଧିଃ'– ଯେଉଁଥିରେ ଚିତ୍ତ ସମାଧାନ କରାଯାଏ, ସେହି ଆତ୍ମା ହିଁ ସମାଧି । ଅନାଦି ତତ୍ତ୍ୱରେ ଯିଏ ସମତ୍ୱ ପ୍ରାପ୍ତ କରିଥାଏ, ତାହାକୁ ସମାଧିସ୍ଥ କୁହାଯାଏ । ଅର୍ଜୁନ ପଚାରିଲେ– 'ହେ କେଶବ ! ସମାଧିସ୍ଥ ସ୍ଥିର ବୁଦ୍ଧିଯୁକ୍ତ ପୁରଷଙ୍କ ଲକ୍ଷଣ କ'ଣ ? ସ୍ଥିତ ପ୍ରଜ୍ଞ ପୁରୁଷ କିପରି କହୁଥାଏ ? ସେ କିପରି ବସୁଥାଏ ? ସେ କିପରି ଚାଲୁଥାଏ । ଏଠାରେ ଅର୍ଜୁନ ଚାରୋଟି ପ୍ରଶ୍ନ କରିଛନ୍ତି । ଏହା ଉପରେ ଭଗବାନ ଶ୍ରୀକୃଷ୍ଣ ସ୍ଥିତପ୍ରଜ୍ଞ ଲକ୍ଷଣକୁ ବର୍ଣ୍ଣନା କରି କହୁଛନ୍ତି–

**ଶ୍ରୀ ଭଗବାନ୍ ଉବାଚ**

**ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।**
**ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥୫୫॥**

ହେ ପାର୍ଥ ! ଯେତେବେଳେ ମନରେ ସ୍ଥିତ ସମ୍ପୂର୍ଣ୍ଣ କାମନାକୁ ମନୁଷ୍ୟ ତ୍ୟାଗ କରିଥାଏ, ସେତେବେଳେ ସେ ଆତ୍ମା ଦ୍ୱାରା ଆତ୍ମାରେ ହିଁ ସନ୍ତୁଷ୍ଟ ହୋଇ ସ୍ଥିରବୁଦ୍ଧି ଯୁକ୍ତ ବୋଲାଏ । କାମନା ତ୍ୟାଗରେ ହିଁ ଆତ୍ମ ଦିଗ୍‌ଦର୍ଶନ ହୋଇଥାଏ । ଏପରି ଆତ୍ମାରାମ, ଆତ୍ମତୃପ୍ତି, ମହାପୁରୁଷ ହିଁ ସ୍ଥିତ ପ୍ରଜ୍ଞା ଅଟନ୍ତି ।

**ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।**
**ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥୫୬॥**

ଦୈହିକ, ଦୈବିକ ତଥା ଭୌତିକ ଦୁଃଖମାନଙ୍କରେ ଯାହାର ମନ ଉଦ୍‌ବିଗ୍ନ ହୁଏ ନାହିଁ । ସୁଖ ପ୍ରାପ୍ତିରେ ଯାହାର ସ୍ପୃହା ଦୂର ହୋଇଯାଇଛି, ଯାହାର ରାଗ ତଥା ଭୟ ଏବଂ କ୍ରୋଧ ନଷ୍ଟ ହୋଇଯାଇଛି, ମନନଶୀଳତାର ଚରମସୀମାରେ ପହଞ୍ଚିଥିବା ମୁନି ହିଁ ସ୍ଥିତ ପ୍ରଜ୍ଞ ଅଟନ୍ତି । ତାହାଙ୍କ ଅନ୍ୟ ଲକ୍ଷଣକୁ ପ୍ରତିପାଦନ କରୁଛନ୍ତି–

**ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତଦ୍ ପ୍ରାପ୍ୟ ଶୁଭାଶୁଭମ୍ ।**
**ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୫୭॥**

ଯେଉଁ ପୁରୁଷ ସର୍ବତ୍ର ସ୍ନେହ ରହିତ ହୋଇ ଶୁଭ ଅଥବା ଅଶୁଭକୁ ପ୍ରାପ୍ତ ହୋଇ ନା ପ୍ରସନ୍ନ ହୋଇଥାଏ ନା ଦ୍ୱେଷ ମଧ୍ୟ କରିଥାଏ । ତାହାର ବୁଦ୍ଧି ସ୍ଥିର ଅଟେ । ଶୁଭ ତାହାକୁ କୁହାଯାଏ, ଯାହାକି ପରମାତ୍ମାଙ୍କ ସ୍ୱରୂପରେ ଲଗାଇଥାଏ । ଅଶୁଭ ତାହାକୁ କୁହାଯାଏ, ଯାହାକି ପ୍ରକୃତି ଆଡ଼କୁ ଆକର୍ଷିତ କରି ନେଇଥାଏ । କିନ୍ତୁ ସ୍ଥିତ ପ୍ରଜ୍ଞ ପୁରୁଷ ଅନୁକୂଳ ପରିସ୍ଥିତିରେ ନା ପ୍ରସନ୍ନ ହୋଇଥାଏ, ନା ପ୍ରତିକୂଳ ପରିସ୍ଥିତି ରେ ଦ୍ୱେଷ ମଧ୍ୟ କରିଥାଏ । କାରଣ ପ୍ରାପ୍ତ ହେବା ଯୋଗ୍ୟ ବସ୍ତୁ ନା ତାହାଙ୍କ ଠାରୁ ଭିନ୍ନ ରହିଥାଏ, ନା ପତିତ କରାଉଥିବା ବିକାରହିଁ ତାହାଙ୍କ ପାଇଁ ରହିଥାଏ । । ଅର୍ଥାତ୍ ବର୍ତ୍ତମାନ ସାଧନରେ ତାହାଙ୍କ ନିଜର କୌଣସି ପ୍ରୟୋଜନ ନଥାଏ । ଏପରି ବ୍ୟକ୍ତିଙ୍କୁ ସ୍ଥିତପ୍ରଜ୍ଞ କୁହାଯାଏ ।

**ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୫୮॥**

ଯେପରି କଇଁଚ ନିଜର ଅଙ୍ଗଗୁଡ଼ିକୁ ସଙ୍କୁଚିତ କରି ନେଇଥାଏ, ଠିକ୍ ସେପରି ହିଁ ପୁରୁଷ ଯେତେବେଳେ ଚାରିଆଡୁ ନିଜର ଇନ୍ଦ୍ରିୟମାନଙ୍କୁ ସଙ୍କୁଚିତ କରିନେଇଥାଏ, ସେତେବେଳେ ତାହାର ବୁଦ୍ଧି ସ୍ଥିର ହୋଇଥାଏ । ବିପଦ ଅର୍ଥାତ୍ ସାମନାରେ ଶତ୍ରୁଙ୍କୁ

ଦେଖି କଇଁଚ ଯେପରି ନିଜର ଅଙ୍ଗ ପ୍ରତ୍ୟଙ୍ଗକୁ ସଂଙ୍କୁଚିତ କରି ନେଇଥାଏ । ଠିକ୍ ସେହିପରି ଯେଉଁ ପୁରୁଷ ବିଷୟମାନଙ୍କରେ ବିଚରଣ କରୁଥିବା ଇନ୍ଦ୍ରିୟମାନଙ୍କୁ ସାଉଁଟିକରି ହୃଦୟ ଦେଶରେ ନିରୋଧ କରି ନେଇଥାଏ । ସେହି ସମୟରେ ଉକ୍ତ ପୁରୁଷର ବୁଦ୍ଧି ସ୍ଥିର ହୋଇଥାଏ । କିନ୍ତୁ ଏହା ତ ଏକ ଦୃଷ୍ଟାନ୍ତ ମାତ୍ର । ବିପଦ ବା ଭୟ ନିବୃତ୍ତ ହେବା କ୍ଷଣି କଇଁଚ ନିଜର ଅଙ୍ଗମାନଙ୍କୁ ପୁନଃ ପ୍ରସାରିତ କରିଦେଇଥାଏ । କ'ଣ ଏହିପରି ସ୍ଥିତପ୍ରଜ୍ଞ ପୁରୁଷ ମଧ୍ୟ ବିଷୟରୁ ରସ ନେବାରେ ଲାଗିଥାଏ ? ଏହା ଉପରେ କହୁଛନ୍ତି –

**ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।**
**ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ॥୫୯॥**

ଇନ୍ଦ୍ରିୟ ଦ୍ୱାରା ବିଷୟମାନଙ୍କୁ ଗ୍ରହଣ କରୁନଥିବା ପୁରୁଷଙ୍କ ବିଷୟ ନିବୃତ୍ତି ହୋଇଯାଇ, କାରଣ ସେ ଗ୍ରହଣ ହିଁ କରିନଥାନ୍ତି । କିନ୍ତୁ ସେମାନଙ୍କ ରାଗ ନିବୃତ୍ତ ହୋଇନଥାଏ । ଆସକ୍ତି ଲାଗି ରହିଥାଏ । ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କୁ ବିଷୟଠାରୁ ସାଉଁଟି ପାରୁଥିବା ନିଷ୍କାମ କର୍ମୀର ରାଗ ମଧ୍ୟ **'ପରଂ ଦୃଷ୍ଟ୍ୱା'**–ଅର୍ଥାତ୍ ପରମତତ୍ତ୍ୱ ପରମାତ୍ମାଙ୍କ ସାକ୍ଷାତ୍କାର ସହିତ ନିବୃତ୍ତ ହୋଇଥାଏ । ମହାପୁରୁଷ କଇଁଚମାନଙ୍କ ପରି ନିଜର ଇନ୍ଦ୍ରିୟମାନଙ୍କୁ ବିଷୟ ଜାଲରେ ପ୍ରସାରିତ କରିନଥାନ୍ତି । ଥରେ ମାତ୍ର ଇନ୍ଦ୍ରିୟ ନିରୋଧ ହୋଇଗଲେ, ସଂସ୍କାର ହିଁ ସମାପ୍ତ ହୋଇଯାଏ । ପୁନଃ ସେମାନେ ବାହାର କରନ୍ତି ନାହିଁ । ନିଷ୍କାମ କର୍ମ ଯୋଗର ଆଚରଣ ଦ୍ୱାରା ପରମାତ୍ମାଙ୍କ ପ୍ରତ୍ୟକ୍ଷ ଦର୍ଶନ ସହିତ ସେହି ପୁରୁଷଙ୍କ ବିଷୟରାଗ ମଧ୍ୟ ନିବୃତ୍ତ ହୋଇଯାଏ । ପ୍ରାୟଃ ଚିନ୍ତନ ପଥରେ ସାଧକ ହଠ କରିଥାନ୍ତି । ହଠ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ନିରୋଧ କରି ସେମାନେ ବିଷୟମାନଙ୍କ ଠାରୁ ତ ନିବୃତ୍ତ ହୋଇଯାଆନ୍ତି କିନ୍ତୁ ମନରେ ତାହାର ଚିନ୍ତନ ଅର୍ଥାତ୍ ରାଗ ଲାଗି ରହିଥାଏ । ଏହି ଆସକ୍ତି **ପରଂଦୃଷ୍ଟ୍ୱା** – ପରମାତ୍ମାଙ୍କ ସାକ୍ଷାତ୍କାର କରିବା ପରେ ହିଁ ନିବୃତ୍ତ ହୋଇଥାଏ, ଏହା ପୂର୍ବରୁ ନୁହଁ ।

ପୂଜ୍ୟ ଗୁରୁ ମହାରାଜଜୀ ଏହି ସନ୍ଦର୍ଭରେ ନିଜର ଗୋଟିଏ ଘଟଣା କହୁଥିଲେ– ଗୃହତ୍ୟାଗ ପୂର୍ବରୁ ତାଙ୍କୁ ତିନିଥର ଆକାଶବାଣୀ ହୋଇଥିଲା । ମୁଁ ପାଚାରିଲି, ମହାରାଜଜୀ ! ଆପଣଙ୍କୁ ଆକାଶବାଣୀ କାହିଁକି ହେଲା ? ଆମ୍ଭମାନଙ୍କୁ ତ ହେଉନାହିଁ । ତେବେ ମହାରାଜଜୀ କହିଲେ – ହୋ **! ଇଶଙ୍କା ମୋହୁଁ କେ ଭଇରହୀ'** ଅର୍ଥାତ୍ ଏହି ସନ୍ଦେହ ମୋତେ ମଧ୍ୟ ହୋଇଥିଲା । ଯେବେ ମୁଁ ଭଗବାନଙ୍କୁ ପାଚାରିଲି, ତେବେ ଅନୁଭବରେ ଆସିଲା ଯେ, ମୁଁ ସାତଜନ୍ମରୁ ନିରନ୍ତର ସାଧୁ ହୋଇ ଆସୁଛି । ଚାରି ଜନ୍ମ ତ କେବଳ ସାଧୁପରି ବେଶ ଧାରଣ କରି, ତିଳକ ଲଗାଇ, କେବେ

ବିଭୂତି ଲଗାଇ, କେବେ କମଣ୍ଡଳୁ ନେଇ ବିଚରଣ କରୁଥିଲି । ଯୋଗକ୍ରିୟାର ଜନାକାରୀ ନଥିଲା । କିନ୍ତୁ ଗତ ତିନିଜନ୍ମରୁ ବଢିଆ ସାଧୁଥିଲି, ଯେପରି ହେବାକଥା । ମୋ ଭିତରେ ଯୋଗକ୍ରିୟା ଜାଗୃତି ଥିଲା । ପୂର୍ବ ଜନ୍ମରେ ପାର ଲାଗି ଯାଇଥିଲା । ନିବୃତ୍ତି ହୋଇ ଆସିଥିଲା । କିନ୍ତୁ ଦୁଇଟି ଇଚ୍ଛା ମନରେ ରହି ଯାଇଥିଲା । ପ୍ରଥମଟି ସ୍ତ୍ରୀ ଏବଂ ଦ୍ୱିତୀୟଟି ଗଞ୍ଜେଇ । ଅନ୍ତର୍ମନରେ ଇଛା ଥିଲା କିନ୍ତୁ ବାହ୍ୟ ଦୃଷ୍ଟିରୁ ନିଜ ଶରୀରକୁ ଦୃଢ ରଖିଥିଲ, ମନରେ ବାସନା ଲାଗରହିଥିଲା । ତେଣୁ ଜନ୍ମ ନେବାକୁ ପଡ଼ିଲା । ଜନ୍ମ ନେବା ପରେ ହିଁ ଭଗବାନ ଅଳ୍ପ ସମୟରେ ସବୁକିଛି ଦେଖାଇ, ଶୁଣାଇ ନିବୃତ୍ତି ଦେଇଦେଲେ । ଦୁଇ ତିନି ଚଟକଣା ଦେଇ ସାଧୁ କରିଦେଲେ ।

ଠିକ୍ ଏହି କଥା ଶ୍ରୀକୃଷ୍ଣ କହୁଛନ୍ତି ଯେ, ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ଗ୍ରହଣ କରୁନଥିବା ପୁରୁଷଙ୍କ ବିଷୟ ତ ନିବୃତ୍ତ ହୋଇଯାଇଥାଏ ପରନ୍ତୁ ମନରେ ବାସନା ଲାଗି ରହିଥାଏ । ସାଧନା ଦ୍ୱାରା ମହାପୁରୁଷ ପରମାତ୍ମାଙ୍କ ସାକ୍ଷାତ୍‌କାର କରିନେବା ପରେ ସେ ବିଷୟମାନଙ୍କ ରାଗରୁ ନିବୃତ୍ତ ହୋଇଥନ୍ତି । ଅତଃ ଯେଉଁ ପର୍ଯ୍ୟନ୍ତ ସାକ୍ଷାତ୍‌କାର ହୋଇନଥିବ, କର୍ମ କରିବାକୁ ହିଁ ପଡ଼ିବ । **'ଉର କରୁ ପ୍ରଥମ ବାସନା ରହୀ । ପ୍ରଭୁପଦ ପ୍ରୀତି ସରିତ ସୋ ବହୀ ।** (ରା-ମାନସ-୫/୪୮/୬) ଇନ୍ଦ୍ରିୟମାନଙ୍କୁ ବିଷୟ ଠାରୁ ସାଉଁଟିବା କଠିନ ଅଟେ । ଏହା ଉପରେ କହୁଛନ୍ତି –

**ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।**
**ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥୬୦॥**

ହେ କୌନ୍ତେୟ ! ପ୍ରୟତ୍ନ କରୁଥିବା ମେଧାବୀ ପୁରୁଷଙ୍କୁ ପ୍ରମଥନଶୀଳ ଇନ୍ଦ୍ରିୟ ତାହାଙ୍କ ମନକୁ ବଳପୂର୍ବକ ହରଣ କରିନେଇଥାଏ, ବିଚଳିତ କରି ଦେଇଥାଏ । ତେଣୁ –

**ତାନି ସର୍ବାଣି ସଂୟମ୍ୟଯୁକ୍ତ ଆସୀତ ମତ୍ପରଃ ।**
**ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞାପ୍ରତିଷ୍ଠିତା ॥୬୧॥**

ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କୁ ସଂଯତ କରି ଯୋଗଯୁକ୍ତ ଏବଂ ସମର୍ପଣ ସହିତ ମୋର ଆଶ୍ରିତ ହୁଅ । କାରଣ ଯେଉଁ ପୁରୁଷଙ୍କ ଇନ୍ଦ୍ରିୟ ବଶରେ ହୋଇଥାଏ, ତାହାଙ୍କ ବୁଦ୍ଧି ସ୍ଥିର ହୋଇଥାଏ । ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ସାଧନର ନିଷେଧାତ୍ମକ ଅବୟବ ସହିତ ତାହାର ବିଧେୟାତ୍ମକ ପକ୍ଷ ଉପରେ ଗୁରୁତ୍ୱ ଦେଉଛନ୍ତି । କେବଳ ସଂଯମ ଏବଂ ନିଷେଧ ଦ୍ୱାରା ଇନ୍ଦ୍ରିୟମାନେ ବଶରେ ହୁଅନ୍ତି ନାହିଁ । ସମର୍ପଣ ସହିତ ଇଷ୍ଟ ଚିନ୍ତନ ଅନିବାର୍ଯ୍ୟ ଅଟେ । ଇଷ୍ଟ ଚିନ୍ତନ ଅଭାବରେ ବିଷୟ ଚିନ୍ତନ ହେବ । ଯାହାର କୁପରିଣାମ ଶ୍ରୀକୃଷ୍ଣଙ୍କ ଶବ୍ଦରେ ହିଁ ଦେଖନ୍ତୁ–

**ଧ୍ୟାୟତୋ ବିଷୟାନ୍‌ପୁଂସ ସଙ୍ଗସ୍ତେଷୂପଜାୟତେ ।**
**ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ।।୬୨।।**

ବିଷୟମାନଙ୍କ ଚିନ୍ତନ କରୁଥିବା ପୁରୁଷଙ୍କ ସେହି ବିଷୟରେ ହିଁ ଆସକ୍ତି ହୋଇଯାଇଥାଏ । ଆସକ୍ତିରୁ ହିଁ କାମନାର ଉତ୍ପନ୍ନ ହୋଇଥାଏ । କାମନାର ପୂର୍ତ୍ତିରେ ବ୍ୟବଧାନ ଆସିଲେ କ୍ରୋଧ ଉତ୍ପନ୍ନ ହୋଇଥାଏ । କ୍ରୋଧ କାହାକୁ ଜନ୍ମ ଦେଇଥାଏ ?

**କ୍ରୋଧାତ୍ ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।**
**ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।।୬୩।।**

କ୍ରୋଧରୁ ବିଶେଷ ମୂଢତା ଅର୍ଥାତ୍ ଅବିବେକ ଉତ୍ପନ୍ନ ହୋଇଥାଏ । ନିତ୍ୟ ଅନିତ୍ୟ ବସ୍ତୁର ବିଚାର ରହିନଥାଏ । ଅବିବେକ ଦ୍ୱାରା ସ୍ମରଣ ଶକ୍ତି ଭ୍ରମିତ ହୋଇଯାଇଥାଏ । ଯେପରି ଅର୍ଜୁନଙ୍କୁ ହୋଇଥିଲା – **ଭ୍ରମତୀବ ଚ ମେ ମନଃ –** ଗୀତା ସମାପନରେ ସେ କହିଲେ– **ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା** । କ'ଣ କରଣୀୟ ଏବଂ କ'ଣ ଅକରଣୀୟ ତାହାର ନିର୍ଣ୍ଣୟ ହୋପାରିନଥାଏ । ସ୍ମୃତିଭ୍ରମିତ ହୋଇଗଲେ ଯୋଗ ପରାୟଣ ବୁଦ୍ଧି ନଷ୍ଟ ହୋଇଯାଇଥାଏ ଏବଂ ବୁଦ୍ଧି ନାଶ ହୋଇଗଲେ,ଏହି ପୁରୁଷ ନିଜର ଶ୍ରେୟସାଧନରୁ ଚ୍ୟୁତ ହୋଇଯାଇଥାଏ ।

ଏଠାରେ ଶ୍ରୀକୃଷ୍ଣ କହିଛନ୍ତି ଯେ, ବିଷୟ ଚିନ୍ତନ କରିବା ଅନୁଚିତ । ସାଧକଙ୍କୁ **ନାମ, ରୂପ,ଲୀଳା ଓ ଧାମ**– ରେ ହିଁ ସଦା ସର୍ବଦା ଲାଗି ରହିବା ଉଚିତ ଭଜନରେ ଢିଲା ହୋଇଗଲେ ମନ ବିଷୟ ଚିନ୍ତନରେ ନିଶ୍ଚୟ ଯିବ । ବିଷୟଚିନ୍ତନ ଦ୍ୱାରା ମନ ଆସକ୍ତ ହୋଇଯାଏ । ଆସକ୍ତିରୁ ସେହି ବିଷୟର କାମନା ସାଧକଙ୍କ ଅନ୍ତର୍ମନରେ ଜାଗ୍ରତ ହୋଇଯାଇଥାଏ । କାମନା ପୂର୍ତ୍ତିରେ ବ୍ୟବଧାନ ହେଲେ କ୍ରୋଧ, କ୍ରୋଧରୁ ଅବିବେକ, ଅବିବେକରୁ ସ୍ମୃତିଭ୍ରମ ଏବଂ ସ୍ମୃତିଭ୍ରମରୁ ବୁଦ୍ଧିନଷ୍ଟ ହୋଇଯାଏ । ନିଷ୍କାମ କର୍ମଯୋଗକୁ ବୁଦ୍ଧିଯୋଗ କୁହାଯାଏ । କାରଣ ବୁଦ୍ଧି ସ୍ତରରେ ଏହାର ବିଚାର ରଖିବାକୁ ପଡ଼ିଥାଏ ଯେ, କାମନା ନ ଆସିପାରୁ କାରଣ ତାହାର ଫଳ ହିଁ ନାହିଁ । ଏପରି ବିଚାରକରି କର୍ମ କରିବାକୁ ପଡ଼ିଥାଏ । କମନା ଆସିବା ଦ୍ୱାରା ଏହି ବୁଦ୍ଧି ଯୋଗ ନଷ୍ଟ ହୋଇଯାଏ । **ସାଧନ କରିୟ ବିଚାରହୀନ, ମନ ଶୁଦ୍ଧ ହୋୟ ନହୀ ତୈସେ ।** ବିନୟ ପତ୍ରିକା ପଦଂସଖ୍ୟା –୧୧୫/୩) । ବିଚାର ଆବଶ୍ୟକ କାରଣ ବିଚାର ଶୂନ୍ୟ ପୁରୁଷ ଶ୍ରେୟ ସାଧନରୁ ପତିତ ହୋଇଯାଏ । ସାଧନକ୍ରମ ତୁଟିଯାଇଥାଏ । ସର୍ବଥା ନଷ୍ଟ ତ ହୋଇନଥାଏ କିନ୍ତୁ ଭୋଗ ପଶ୍ଚାତ୍ ସାଧନ ସେଠାରୁ ହିଁ ପୁନଃ ପ୍ରାରମ୍ଭ ହୋଇଥାଏ, ଯେଉଁଠାରୁ ଅବରୁଦ୍ଧ ହୋଇଯାଇଥିଲା । ଏହା ତ ବିଷୟାଭିମୁଖୀ ସାଧକମାନଙ୍କ ଗତି ଅଟେ । ସ୍ୱାଧିନ ଅନ୍ତଃକରଣ ଭୁକ୍ତ ସାଧକ କେଉଁ ଗତି ପ୍ରାପ୍ତ

କରିଥାନ୍ତି ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି -

**ରାଗଦ୍ୱେଷବିୟୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।**
**ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥୬୪॥**

ଆତ୍ମାର ବିଧିବିଶେଷକୁ ପ୍ରାପ୍ତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ମହାପୁରୁଷ ରାଗ-ଦ୍ୱେଷ ରହିତ ହୋଇ, ବଶୀଭୂତ କରିଥିବା ଇନ୍ଦ୍ରିୟ ଦ୍ୱାରା, ବିଷୟାନ୍ ଚରନ୍ - ଅର୍ଥାତ୍ ବିଷୟମାନଙ୍କରେ ବିଚରଣ କରି ମଧ୍ୟ, ପ୍ରସାଦମଧିଗଚ୍ଛିତ- ଅର୍ଥାତ୍ ନିର୍ମଳ ଅନ୍ତଃକରଣ ପ୍ରାପ୍ତ ହୋଇଥାଏ । ସେ ନିଜର ଭାବ ଦୃଷ୍ଟିରେ ରହିଥାଏ । ମହାପୁରୁଷଙ୍କ ନିମନ୍ତେ ବିଧି ନିଷେଧ ରହିନଥାଏ । ତାହାଙ୍କ ନିମନ୍ତେ କୌଣସି ଅଶୁଭ ରହେ ନାହିଁ । ଯହାଦ୍ୱାରା ସେ ନିଜର ସୁରକ୍ଷା କରିବ ତଥା ତାହାଙ୍କ ନିମନ୍ତେ କୌଣସି ଶୁଭ ଶେଷ ରହିନଥାଏ, ଯାହାକୁ ସେ କାମନା କରିବ ।

**ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।**
**ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥୬୫॥**

ଭଗବାନ୍‌ଙ୍କ ପୂର୍ଣ୍ଣକୃପା ପ୍ରସାଦ, 'ଭଗବତ୍ତା' ରେ ସଂଯୁକ୍ତ ହେଲେ, ତାହାର ସମ୍ପୂର୍ଣ୍ଣ ଦୁଃଖ ଅଭାବ ହୋଇଯାଏ । ଦୁଃଖାଲୟମ୍ ଅଶାଶ୍ୱତମ୍- ଅର୍ଥାତ୍ ଦୁଃଖପୂର୍ଣ୍ଣ ସଂସାରର ଅଭାବ ହୋଇଯାଇଥାଏ ଏବଂ ସେହି ପ୍ରସନ୍ନ ଚିତ୍ତଯୁକ୍ତ ପୁରୁଷଙ୍କ ବୁଦ୍ଧି ଶୀଘ୍ର ହିଁ ସମ୍ୟକ୍ ରୂପରେ ସ୍ଥିର ହୋଇଯାଏ । କିନ୍ତୁ ଯେ ଯୋଗଯୁକ୍ତ ନୁହେଁ, ତାହାର ଦଶା ବର୍ଣ୍ଣନା କରୁଛନ୍ତି -

**ନାସ୍ତି ବୁଦ୍ଧିରୟୁକ୍ତସ୍ୟ ନ ଚାୟୁକ୍ତସ୍ୟ ଭାବନା**
**ନା ଚାଭାବୟତଃ ଶାନ୍ତିରଶାନ୍ତସ୍ୟକୁତଃ ସୁଖମ୍ ॥୬୬॥**

ଯୋଗ-ସାଧନା ରହିତ ପୁରୁଷଙ୍କ ଅନ୍ତଃକରଣରେ ନିଷ୍କାମ କର୍ମଯୁକ୍ତ ବୁଦ୍ଧି ହୋଇନଥାଏ । ସେହି ଅଯୁକ୍ତ ପୁରୁଷଙ୍କ ଅନ୍ତଃକରଣରେ ଭାବ ମଧ୍ୟ ହୋଇନଥାଏ । ଭାବନା ରହିତ ପୁରୁଷଙ୍କୁ ଶାନ୍ତି କେଉଁଠି ଏବଂ ଅଶାନ୍ତ ପୁରୁଷଙ୍କୁ ସୁଖ କିପରି ? ଯୋଗ କ୍ରିୟା କରିବା ଦ୍ୱାରା କିଛି ଦେଖାଗଲେ ହିଁ ଭାବନା ସୃଷ୍ଟି ହୋଇଥାଏ । **ଜାନେ ବିନୁ ନ ହୋଇ ପରତିତୀ** । ଭାବନା ବିନା ଶାନ୍ତି ମିଳେନାହିଁ ଏବଂ ଶାନ୍ତି ରହିତ ପୁରୁଷଙ୍କୁ ସୁଖ ଅର୍ଥାତ୍ ଶାଶ୍ୱତ ସନାତନ ପ୍ରାପ୍ତି ହୁଏ ନାହିଁ ।

**ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁ ବିଧୀୟତେ ।**
**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥୬୭॥**

ଜଳରେ ନାବକୁ ବାୟୁ ଯେପରି ହରଣକରି ଗନ୍ତବ୍ୟ ପଥରୁ ଦୂରକରି ଦେଇଥାଏ । ଠିକ୍ ସେହପରି ହିଁ ବିଷୟରେ ବିଚରଣ କରୁଥିବା ଇନ୍ଦ୍ରିୟ ଦ୍ୱାରା, ଯେଉଁ

ଇନ୍ଦ୍ରିୟସହିତ ମନ ରହିଥାଏ, ସେ ଗୋଟିଏ ଇନ୍ଦ୍ରିୟ ସେହି ଅଯୁକ୍ତ ପୁରୁଷଙ୍କ ବୁଦ୍ଧିକୁ ହରଣ କରିନିଏ । ଅତଃ ଯୋଗ ଆଚରଣ ଅନିବାର୍ଯ୍ୟ ଅଟେ । କ୍ରିୟାତ୍ମକ ଆଚରଣ ଉପରେ ଶ୍ରୀକୃଷ୍ଣ ପୁନଃ ବର୍ଣ୍ଣନା କରୁଛନ୍ତି –

**ତସ୍ମାଦ୍ୟସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।।୬୮।।**

ହେ ମହାବାହୋ ! ଯେଉଁ ପୁରୁଷଙ୍କ ଇନ୍ଦ୍ରିୟଗୁଡ଼ିକ ଇନ୍ଦ୍ରିୟମାନଙ୍କ ବିଷୟରୁ ସର୍ବଥା ବଶୀଭୂତ କରାଯାଇଥାଏ, ତାହାଙ୍କ ବୁଦ୍ଧି ସ୍ଥିର ହୋଇଥାଏ । ବାହୁ– ଅର୍ଥାତ୍ କାର୍ଯ୍ୟକ୍ଷେତ୍ରର ପ୍ରତୀକ । ଭଗବାନ ମହାବାହୁ ଏବଂ ଆଜାନୁବାହୁ ନାମରେ ବିଖ୍ୟାତ । ସେ ବିନା ହାତ ଗୋଡ଼ରେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ତାଙ୍କ ଭିତରେ ଯେ ପ୍ରବେଶ ପାଇଥାଏ, ଅର୍ଥାତ୍ ଯେ ସେହି ଭଗବତ୍ତା ଆଡ଼କୁ ଅଗ୍ରସର ହୋଇଥାଏ, ସେ ମଧ୍ୟ ମହାବାହୁ ଅଟେ । ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଉଭୟଙ୍କୁ ମହାବାହୁ କୁହାଯାଏ ।

**ୟା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂୟମୀ ।**
**ୟସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।।୬୯।।**

ସମ୍ପୂର୍ଣ୍ଣ ଭୂତପ୍ରାଣୀ ନିମନ୍ତେ ସେହି ପରମାତ୍ମା ରାତ୍ରିତୁଲ୍ୟ ଅଟନ୍ତି । କାରଣ ଦେଖିବାରେ ଆସିନଥାନ୍ତି ଏବଂ ନା ବିଚାର ହିଁ କାମ କରିଥାଏ, ତେଣୁ ସେ ରାତ୍ରି ସଦୃଶ ଅଟନ୍ତି । ସେହି ରାତ୍ରିରେ ପରମାତ୍ମାରେ ସଂଯମ ପୁରୁଷ ସମ୍ୟକ୍ ରୂପରେ ଦେଖୁଥାଏ, ଚାଲୁଥାଏ, ଜାଗ୍ରତ ରହିଥାଏ କାରଣ ସେଠାରେ ହିଁ ତା'ର ଅବଧାରଣା ରହିଥାଏ । ଯୋଗୀ ଇନ୍ଦ୍ରିୟମାନଙ୍କ ସଂଯମ ଦ୍ୱାରା ସେଥିରେ ପ୍ରବେଶ ପାଇଯାଇଥାଏ । ଯେଉଁ ନାଶବାନ୍ ସାଂସାରିକ ସୁଖ ଭୋଗ ନିମନ୍ତେ ସମ୍ପୂର୍ଣ୍ଣ ପ୍ରାଣୀ ରାତ୍ରଦିନ ପରିଶ୍ରମ କରନ୍ତି । ଯୋଗୀଙ୍କ ନିମନ୍ତେ ତାହା ରାତ୍ରି ସଦୃଶ । **ରମା ବିଲାସୁ ରାମ ଅନୁରାଗୀ । ତଜତ ବମନ ଜିମି ଜନବଡ ଭାଗୀ ।** (ରା.ମାନସ–୨/୩୨୩/୮) ଯେଉଁ ଯୋଗୀ ପରାମାର୍ଥ ପଥରେ ନିରନ୍ତର ସଜାଗ ଏବଂ ଭୌତିକ ପଦାର୍ଥରେ ସର୍ବଥା ନିଃସ୍ପୃହ ରହିଥାଏ, ସେ ହିଁ ଇଷ୍ଟରେ ପ୍ରବେଶ ପାଇଥାଏ । ସେ ସଂସାରରେ ହିଁ ତ ରହିଥାଏ, କିନ୍ତୁ ସାଂସାରର ପ୍ରଭାବ ତାହା ଉପରେ ପଡ଼ିନଥାଏ । ମହାପୁରୁଷଙ୍କ ଏହିପରି ରହଣି ଦେଖନ୍ତୁ–

**ଆପୂର୍ୟ୍ୟମାଣମଚଳପ୍ରତିଷ୍ଠଂ**
**ସମୁଦ୍ରମାପଃ ପ୍ରବିଶନ୍ତି ୟଦ୍ୱତ୍ ।**
**ତଦ୍ୱତ୍ କାମା ୟଂ ପ୍ରବିଶନ୍ତି ସର୍ବେ**
**ସ ଶାନ୍ତିମାପ୍ନୋତି ନ କାମକାମୀ ।।୭୦।।**

ଯେପରି ଚାରିଆଡୁ ସମ୍ପୂର୍ଣ୍ଣ ଅଚଳ ପ୍ରତିଷ୍ଠିତ ସମୁଦ୍ରରେ ନଦୀମାନଙ୍କ ଜଳ ସମୁଦ୍ରକୁ ବିଚଳିତ ନକରି ବଡ଼ ବେଗରେ ଆସି ସେଥିରେ ସମାହିତ ହୋଇଯାନ୍ତି । ଠିକ୍ ସେପରି ପରମାତ୍ମାରେ ସ୍ଥିତ, ସ୍ଥିତପ୍ରଜ୍ଞ ମହାପୁରୁଷଙ୍କ ଠାରେ ସମ୍ପୂର୍ଣ୍ଣ ଭୋଗ, ବିକାର ଉତ୍ପନ୍ନ ନକରି ସମାହିତ ହୋଇଯାନ୍ତି । ଏପରି ପୁରୁଷ ହିଁ ପରମଶାନ୍ତି ପ୍ରାପ୍ତ କରିଥାଏ, ନା କି ଭୋଗକୁ ଚାହୁଁଥିବା ବ୍ୟକ୍ତି ।

ଭୟଙ୍କର ବେଗରେ ବହୁଥିବା ସହସ୍ର ନଦୀମାନଙ୍କ ସ୍ରୋତ ଫସଲକୁ ନଷ୍ଟ କରି ଅନେକ ଜୀବଙ୍କୁ ହତ୍ୟା କରି, ଗ୍ରାମ-ନଗରକୁ ଜଳାଛନ୍ନ କରି, ହାହାକାର ଗର୍ଜନ ସହିତ ତୀବ୍ର ବେଗରେ ଯାଇ ସମୁଦ୍ରରେ ପଡ଼ିଥାନ୍ତି । କିନ୍ତୁ ସମୁଦ୍ରକୁ ନା ଗୋଟିଏ ଇଞ୍ଚ ଉପରକୁ ଉଠାଇଥାନ୍ତି ନା ତାହାର କିଛି କମ୍ କରିପାରନ୍ତି । ବରଂ ସେଥିରେ ସମାହିତ ହୋଇଯାଆନ୍ତି । ଠିକ୍ ଏହିପରି ସ୍ଥିତପ୍ରଜ୍ଞ ମହାପୁରୁଷଙ୍କ ପ୍ରତି ସମ୍ପୂର୍ଣ୍ଣ ଭୋଗ ସେତିକି ହିଁ ବେଗରେ ଆସନ୍ତି ଏବଂ ସମାହିତ ହୋଇଯାନ୍ତି । ସେହି ମହାପୁରୁଷଙ୍କ ମଧ୍ୟରେ ନା ଶୁଭ ସଂସ୍କାର ଦେଇପାରନ୍ତି, ନା ଅଶୁଭ ସଂସ୍କାର ପକାଇଥାନ୍ତି । ଯୋଗୀଙ୍କ କର୍ମ **'ଅଶୁକ୍ଳ ଓ ଅକୃଷ୍ଣ'** ହୋଇଥାଏ । କାରଣ ଯେଉଁ ଚିତ୍ତ ଉପରେ ସଂସ୍କାର ପଡ଼ିଥାଏ, ତାହାର ନିରୋଧ ଓ ବିଲୟ ହୋଇଗଲା । ଏହା ସହିତ ଭଗବତ୍ତା ସ୍ଥିତି ମଧ୍ୟ ଆସିଗଲା । ବର୍ତ୍ତମାନ ସଂସ୍କାର ପଡ଼ିବ ତ କେଉଁଠି ? ଏହି ଗୋଟିଏ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଅନେକ ପ୍ରଶ୍ନର ସମାଧାନ କରିଦେଲେ । ତାହାଙ୍କ ଜିଜ୍ଞାସା ଥିଲା ଯେ, ସ୍ଥିତପ୍ରଜ୍ଞ ମହାପୁରୁଷଙ୍କ ଲକ୍ଷଣ କ'ଣ ? ସେ କିପରି କହୁଥାନ୍ତି ? କିପରି ବସୁଥାନ୍ତି ? କିପରି ଚାଲୁଥାନ୍ତି ? ଶ୍ରୀକୃଷ୍ଣ ଗୋଟିଏ ଶବ୍ଦରେ ହିଁ ଉତ୍ତର ଦେଲେ ଯେ, ସେ ସମୁଦ୍ରବତ୍ ହୋଇଥାନ୍ତି । ତାଙ୍କ ନିମନ୍ତେ ବିଧି ନିଷେଧ ହୋଇନଥାଏ ଯେ, ଏପରି ବସନ୍ତୁ, ଏପରି ଚାଲନ୍ତୁ ଇତ୍ୟାଦି । ସେ ହିଁ ପରମଶାନ୍ତିକୁ ପ୍ରାପ୍ତ କରିଥାନ୍ତି କାରଣ ସେ ସଂଯମୀ ଅଟନ୍ତି । ଭୋଗକାମୀ ବ୍ୟକ୍ତି ଶାନ୍ତି ପାଇନଥାଏ । ଏହା ଉପରେ ପୁଣି କହୁଛନ୍ତି-

**ବିହାୟକାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।**
**ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ।।୭୧।।**

ଯେଉଁ ପୁରୁଷ ସମ୍ପୂର୍ଣ୍ଣ କାମନାଗୁଡିକୁ ତ୍ୟାଗ କରି 'ନିର୍ମମଃ'- ମୁଁ ଏବଂ ମୋର ଭାବ ତଥା ଅହଂକାର ଏବଂ ସ୍ପୃହା ରହିତ ହୋଇ ଜୀବନ ବ୍ୟତୀତକରିଥାଏ । ସେ ପରମଶାନ୍ତିକୁ ପ୍ରାପ୍ତ ହୋଇଥାଏ । ଯାହା ପରେ ଆଉକିଛି ପାଇବା ଶେଷ ରହିନଥାଏ ।

**ଏଷା ବ୍ରାହ୍ମୀ ସ୍ଥିତଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।**

**ସ୍ଥିତ୍ୱାସ୍ୟାମନ୍ତକାଳେଽପି ବ୍ରହ୍ମନିର୍ବାଣମୃଚ୍ଛତି ॥୭୨॥**

ହେ ପାର୍ଥ ! ଉପରୋକ୍ତ ସ୍ଥିତି ବ୍ରହ୍ମକୁ ପ୍ରାପ୍ତ ହୋଇଥିବା ପୁରୁଷଙ୍କ ସ୍ଥିତି ଅଟେ । ସମୁଦ୍ରରୂପୀ ମହାପୁରୁଷଙ୍କ ମଧ୍ୟରେ ବିଷୟରୂପୀ ନଦୀ ସମାହିତ ହୋଇଯାଇଥାଏ । ସେ ପୂର୍ଣ୍ଣ ସଂଯମୀ ଏବଂ ପ୍ରତ୍ୟକ୍ଷତଃ ପରମାତ୍ମାଦର୍ଶୀ ଅଟନ୍ତି । କେବଳ **'ଅହଂ ବ୍ରହ୍ମାସ୍ମି'**– ପଢିଦେଲେ କିମ୍ବା ପୁନରାବୃତ୍ତି କରିଦେଲେ ଏହି ସ୍ଥିତି ଆସିନଥାଏ । ସାଧନ ମାଧ୍ୟମରେ ହିଁ ଏହି ବ୍ରହ୍ମସ୍ଥିତି ପାଇବାକୁ ପଡ଼ିଥାଏ । ଏପରି ମହାପୁରୁଷ ବ୍ରହ୍ମ ନିଷ୍ଠରେ ସ୍ଥିର ରହି ଶରୀରର ଅନ୍ତଃକାଳରେ ମଧ୍ୟ ବ୍ରହ୍ମାନନ୍ଦକୁ ହିଁ ପ୍ରାପ୍ତ ହୋଇଥାନ୍ତି ।

## ନିଷ୍କର୍ଷ

ପ୍ରାୟଃ ଲୋକେ କହିଥାନ୍ତି ଯେ, ଦ୍ୱିତୀୟ ଅଧ୍ୟାୟରେ ଗୀତା ସମ୍ପୂର୍ଣ୍ଣ ହୋଇଗଲା । କିନ୍ତୁ କେବଳ କର୍ମର ନାମମାତ୍ର ନେଇଗଲେ କର୍ମ ପୂର୍ଣ୍ଣ ହୋଇଯିବ, ତେବେ ତ ଗୀତାର ସମାପନ ସ୍ୱୀକାର କରିବାକୁ ହେବ । ଏହି ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଏହା ହିଁ କହିଥିଲେ ଯେ, ହେ ଅର୍ଜୁନ ! ନିଷ୍କାମ କର୍ମ ଯୋଗ ବିଷୟରେ ଶୁଣ । ଯାହାକୁ ଜାଣି ତୁମେ ସଂସାର ବନ୍ଧନରୁ ମୁକ୍ତ ହୋଇଯିବ । କର୍ମ କରିବାରେ ହିଁ ତୁମର ଅଧିକାର, ଫଳରେ କଦାପି ନୁହଁ ଏବଂ କର୍ମ କରିବାରେ ଅଶ୍ରଦ୍ଧା ଭାବ ମଧ୍ୟ ନରହୁ । ନିରନ୍ତର କରିବା ନିମନ୍ତେ ତତ୍ପର ହୋଇଯାଅ । ଏହାର ପରିଣାମରେ ତୁମେ **ପରଂଦୃଷ୍ଟ୍ୱା–** ପରମ ପୁରୁଷଙ୍କ ଦର୍ଶନ କରି ସ୍ଥିତପ୍ରଜ୍ଞ ହୋଇଯିବ । ପରମଶାନ୍ତି ଉପଲବ୍ଧି କରିବ କିନ୍ତୁ ଏହା କହିଲେ ନାହିଁ ଯେ, କର୍ମ କ'ଣ ?

ଏହା ସାଂଖ୍ୟ ଯୋଗ ନାମକ ଅଧ୍ୟାୟ ନୁହଁ । ଏହି ନାମ ଶାସ୍ତ୍ରକାରଙ୍କ ନୁହଁ । ଅପିତୁ ଟୀକାକାର ମାନଙ୍କ ଅବଦାନ ଅଟେ । ସେମାନେ ନିଜର ବୁଦ୍ଧି ଅନୁସାରେ ହିଁ ଗ୍ରହଣ କରିଥାନ୍ତି, ତେବେ ଆଶ୍ଚର୍ଯ୍ୟ କ'ଣ ? ଏହି ଅଧ୍ୟାୟରେ କର୍ମର ଗରୀମା, ଏହାକୁ କରିବାରେ ବର୍ତ୍ତିଯାଉଥିବା ସାବଧାନୀ ଏବଂ ସ୍ଥିତପ୍ରଜ୍ଞଙ୍କ ଲକ୍ଷଣ ପ୍ରତିପାଦନ କରି ଶ୍ରୀକୃଷ୍ଣ ଅର୍ଜୁନଙ୍କ ମନରେ କର୍ମ ପ୍ରତି ଉତ୍କଣ୍ଠା ଜାଗ୍ରତ କଲେ । ତାହାଙ୍କୁ କିଛି ପ୍ରଶ୍ନ ଦେଲେ ଯେ, ଆତ୍ମା ଶାଶ୍ୱତ, ସନାତନ, ତାହାକୁ ଜାଣି ତତ୍ତ୍ୱଦର୍ଶୀ ହୋଇଯାଅ । ଏହାର ପ୍ରାପ୍ତି ନିମନ୍ତେ ଦୁଇଟି ସାଧନ ରହିଛି– ଜ୍ଞାନ ଯୋଗ ଏବଂ ନିଷ୍କାମ କର୍ମଯୋଗ । ନିଜର ଶକ୍ତିକୁ ଦୃଷ୍ଟିରେ ରଖି ହାନି–ଲାଭ ସ୍ୱୟଂ ନିର୍ଣ୍ଣୟକରି କର୍ମରେ ପ୍ରବୃତ୍ତ ହେବା ହିଁ ଜ୍ଞାନ ମାର୍ଗ ତଥା ଇଷ୍ଟ ଉପରେ ନିର୍ଭର ହୋଇ ସମର୍ପଣ ସହିତ ସେହି କର୍ମରେ ପ୍ରବୃତ୍ତ ହେବା ହିଁ ନିଷ୍କାମ କର୍ମଯୋଗ ଅଥବା ଭକ୍ତିଯୋଗ ଅଟେ । ଗୋସ୍ୱାମୀ ତୁଳସୀ ଦାସ ଉଭୟଙ୍କ ଚିତ୍ରଣ ଏହି ପ୍ରକାରେ କରିଛନ୍ତି–

ମୋରେ ପ୍ରୌଢ ତନୟ ସମ ଜ୍ଞାନୀ । ବାଳକ ସୁତ ସମ ଦାସ ଅମାନୀ ।
ଜନହି ମୋର ବଳ ନିଜ ବଳ ତାହୀ । ଦୁହୁ କହଁ କାମ କ୍ରୋଧ ରିପୁ ଆହୀ ।
(ରାମଚରିତ ମାନସ –୩/୪୨/୮–୯)

ମୋର ଭଜନ କରିବା ବ୍ୟକ୍ତି ଦୁଇ ପ୍ରକାରର ଅଛନ୍ତି – ଗୋଟିଏ ଜ୍ଞାନମାର୍ଗୀ ଏବଂ ଅନ୍ୟଟି ଭକ୍ତିମାର୍ଗୀ । ନିଷ୍କାମ କର୍ମଯୋଗୀ ଅଥବା ଭକ୍ତିଯୋଗୀ ଶରଣାଗତ ହୋଇ ମୋର ଆଶ୍ରୟ ନେଇ ଚାଲିଥାଏ । ଜ୍ଞାନଯୋଗୀ ନିଜ ଶକ୍ତିକୁ ଦୃଷ୍ଟରେ ରଖି , ନିଜର ହାନୀଲାଭକୁ ବିଚାର କରି ନିଜ ଭରୋସାରେ ଚାଲିଥାଏ । ଯେତେବେଳେ କି ଉଭୟଙ୍କ ଶତ୍ରୁ ଗୋଟିଏ ହିଁ ଅଟେ । ଜ୍ଞାନଯୋଗୀ ମାନଙ୍କୁ କାମକ୍ରୋଧାଦି ଶତ୍ରୁମାନଙ୍କ ଉପରେ ବିଜୟ ଲାଭ କରିବାକୁ ପଡ଼ିଥାଏ ଏବଂ ନିଷ୍କାମ କର୍ମଯୋଗୀଙ୍କୁ ମଧ୍ଯ ଏହି କାମ, କ୍ରୋଧାଦିଙ୍କ ସହିତ ହିଁ ଯୁଦ୍ଧ କରିବାକୁ ପଡ଼ିଥାଏ । କାମନା ତ୍ୟାଗ ଉଭୟଙ୍କୁ କରିବାକୁ ପଡ଼ିଥାଏ ଏବଂ ଉଭୟ ମାର୍ଗରେ କରାଯାଉଥିବା କର୍ମ ମଧ୍ଯ ଗୋଟିଏ ହିଁ ଅଟେ । ଏହି କର୍ମର ପରିଣାମରେ ପରମ ଶାନ୍ତି ପ୍ରାପ୍ତ ହୋଇଯିବ । କିନ୍ତୁ ଏହା କହିଲେ ନାହିଁ ଯେ, କର୍ମ କ'ଣ ? ବର୍ତ୍ତମାନ ଆପଣଙ୍କ ସମକ୍ଷରେ ମଧ୍ଯ କର୍ମ ଗୋଟିଏ ପ୍ରଶ୍ନ ହୋଇ ରହିଲା । ଅର୍ଜୁନଙ୍କ ମନରେ ମଧ୍ଯ କର୍ମ ପ୍ରତି ଜିଜ୍ଞାସା ହୋଇଥିଲା । ତୃତୀୟ ଅଧ୍ୟାୟ ପ୍ରାରମ୍ଭରେ ହିଁ ସେ କର୍ମ ବିଷୟକ ପ୍ରଶ୍ନ ପ୍ରସ୍ତୁତ କଲେ । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୁପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'କର୍ମ ଜିଜ୍ଞାସା 'ନାମ ଦ୍ୱିତୀୟୋଽଧ୍ୟାୟଃ ॥୨॥**

ଏହିପରି ଶ୍ରୀମଦ୍ ଭଗବତ୍ ଗୀତାରୂପୀ ଉପନିଷଦ୍ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗ ଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ କର୍ମ–ଜିଜ୍ଞାସା ନାମକ ଦ୍ୱିତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ 'ଯଥାର୍ଥ ଗୀତା' ଭାଷ୍ୟେ 'କର୍ମଜିଜ୍ଞାସା ' ନାମ ଦ୍ୱିତୀୟୋଽଧ୍ୟାୟଃ ॥୨॥**

॥ ହରି ଓଁ ତତ୍‌ସତ୍ ॥

ওঁ

## ଶ୍ରୀ ପରମାତ୍ମନେ ନମଃ

# ଅଥ ତୃତୀୟୋଽଧ୍ୟାୟ

ଦ୍ୱିତୀୟ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଲେ, ଏହିବୁଦ୍ଧି ତୁମ ନିମନ୍ତେ ଜ୍ଞାନମାର୍ଗ ବିଷୟରେ କୁହାଗଲା କେଉଁ ବୁଦ୍ଧି ? ଏହା କି ଯୁଦ୍ଧ କର । ଜିଣିଲେ ମହାମହିମ ସ୍ଥିତି ପ୍ରାପ୍ତ କରିବ ଏବଂ ହାରିଲେ ଦେବତ୍ୱ । ଜିଣିଲେ ସର୍ବସ୍ୱ ଏବଂ ହାରିଲେ ଦେବତ୍ୱ । ଉଭୟ ପକ୍ଷରୁ କିଛି ନା କିଛି ପ୍ରାପ୍ତ ହୋଇଥାଏ । ଅଳ୍ପ ମଧ୍ୟ କ୍ଷତି ଏଥିରେ ନାହିଁ । ପୁଣି କହିଲେ, ବର୍ତ୍ତମାନ ତୁମେ ଏହାକୁ ନିଷ୍କାମ କର୍ମଯୋଗ ବିଷୟରେ ଶୁଣ । ଯେଉଁ ବୁଦ୍ଧିଦ୍ୱାରା ସଂଯୁକ୍ତ ହୋଇ ତୁମେ କର୍ମ ବନ୍ଧନରୁ ସମ୍ୟକ୍ ରୂପେ ମୁକ୍ତ ହୋଇଯିବ । କର୍ମ କରିବା ସମୟରେ ଆବଶ୍ୟକ ସାବଧାନୀ ଉପରେ କହୁଛନ୍ତି– ତୁମର ଫଳ ନିମନ୍ତେ ଆଶା ମଧ୍ୟ ନ ରହୁ । କାମନା ରହିତ ହୋଇ କର୍ମରେ ପ୍ରବୃତ୍ତ ହୁଅ ଏବଂ କର୍ମ କରିବାରେ ମଧ୍ୟ ତୁମର ଅଶ୍ରଦ୍ଧା ନରହୁ । ଯାହାଦ୍ୱାରା କର୍ମ ବନ୍ଧନରୁ ମୁକ୍ତ ହୋଇଯିବ । ମୁକ୍ତ ତ ହୋଇଯିବ କିନ୍ତୁ ରାସ୍ତାରେ ନିଜର ସ୍ଥିତି ଅବଗତ ହେଉନାହିଁ ।

ଅତଃ ଅର୍ଜୁନଙ୍କୁ ନିଷ୍କାମ କର୍ମ ଯୋଗ ଅପେକ୍ଷା ଜ୍ଞାନଯୋଗ ସରଳ ଏବଂ ପ୍ରାପ୍ତିଯୁକ୍ତ ପ୍ରତୀତ ହେଲା । ସେ ପ୍ରଶ୍ନ କଲେ– ହେ ଜନାର୍ଦ୍ଦନ ! ନିଷ୍କାମ କର୍ମ ଅପେକ୍ଷା ଜ୍ଞାନ ମାର୍ଗ ଯଦି ଆପଣଙ୍କ ଦୃଷ୍ଟିରେ ଶ୍ରେଷ୍ଠ, ତେବେ ମୋତେ ଏହି ଭୟଙ୍କର କର୍ମରେ କାହିଁକି ପ୍ରବୃତ୍ତ କରାଉଛନ୍ତି । ଅର୍ଜୁନଙ୍କ ପ୍ରଶ୍ନ ସ୍ୱଭାବିକ ଥିଲା । ଧରି ନିଆଯାଉ ଗୋଟିଏ ସ୍ଥାନକୁ ଯିବା ନିମନ୍ତେ ଦୁଇଟି ରାସ୍ତା ରହିଛି । ଯଦି ଆପଣଙ୍କୁ ବାସ୍ତବରେ ଯିବାର ଅଛି, ତେବେ ଆପଣ ଅବଶ୍ୟ ପ୍ରଶ୍ନ କରିବେ ଯେ, ଏଥିରେ ସୁଗମ କେଉଁଟି । ଯଦି ପ୍ରଶ୍ନ ଆପଣ କରୁନାହାଁନ୍ତି, ତେବେ ଆପଣ ପଥିକ ନୁହଁନ୍ତି । ଠିକ୍ ଏହିପରି ଅର୍ଜୁନ ମଧ୍ୟ ପ୍ରଶ୍ନ ରଖିଲେ ।

**ଅର୍ଜୁନ ଉବାଚ**

**ଜ୍ୟାୟସୀ ଚେତ୍‌କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।**
**ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥୧॥**

ଜନତାଙ୍କ ଉପରେ ଦୟା କରୁଥିବା ହେ ଜନାର୍ଦ୍ଦନ ! ଯଦି ନିଷ୍କାମ କର୍ମଯୋଗ ଅପେକ୍ଷା ଜ୍ଞାନଯୋଗ ଆପଣଙ୍କୁ ଶ୍ରେଷ୍ଠ ମାନ୍ୟ, ତେବେ ହେ କେଶବ ! ଆପଣ ମୋତେ ଏ ଭୟଙ୍କର କର୍ମ ଯୋଗରେ କାହିଁକି ପ୍ରବୃତ୍ତ କରାଉଛନ୍ତି । ନିଷ୍କାମ କର୍ମଯୋଗରେ ଅର୍ଜୁନଙ୍କୁ ଭୟଙ୍କରତା ଦିଶୁ ଥିଲା । କାରଣ ଏଥିରେ କର୍ମ କରିବାରେ

ହିଁ ଅଧିକାର, କିନ୍ତୁ ଫଳରେ କଦାପି ନୁହଁ । କର୍ମ କରିବାରେ ଅଶ୍ରଦ୍ଧା ମଧ୍ୟ ନହେଉ ଏବଂ ନିରନ୍ତର ସମର୍ପଣ ସହିତ ଯୋଗରେ ଦୃଷ୍ଟି ରଖି କର୍ମରେ ଲାଗି ରୁହ ।

ଯେତେବେଳେ କି ଜ୍ଞାନ ମାର୍ଗରେ ହାରିଲେ ଦେବତ୍ୱ ଏବଂ ଜିଣିଲେ ମହାମହିମ ସ୍ଥିତି । ନିଜର ଲାଭ, ହାନି ସ୍ୱୟଂ ବିଚାର କରି କର୍ମରେ ପ୍ରବୃତ୍ତ ହେବା ଉଚିତ୍ । ଏହିପରି ଅର୍ଜୁନଙ୍କୁ ନିଷ୍କାମ କର୍ମଯୋଗ ଅପେକ୍ଷା ଜ୍ଞାନଯୋଗ ସରଳ ପ୍ରତୀତ ହେଲା । ତେଣୁ ସେ ନିବେଦନ କଲେ–

**ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।**
**ତଦେକଂ ବଦ ନିଶ୍ଚିତ୍ୟ ୟେନ ଶ୍ରେୟୋଽହମାପ୍ନୁୟାମ୍ ।।୨।।**

ଆପଣ ଏହିପରି ମିଶ୍ରିତ ବଚନଦ୍ୱାରା ମୋର ବୁଦ୍ଧିକୁ ମୋହିତ କରୁଛନ୍ତି । ଆପଣ ତ ମୋର ବୁଦ୍ଧିରେସ୍ଥିତ ମୋହକୁ ଦୂର କରିବା ନିମନ୍ତେ ପ୍ରବୃତ୍ତ ହୋଇଛନ୍ତି । ଅତଃ ଏଥିମଧ୍ୟରୁ କୌଣସି ଗୋଟିଏ ନିଶ୍ଚୟ କରି କୁହନ୍ତୁ । ଯାହାଦ୍ୱାରା ମୁଁ ଶ୍ରେୟ ଅର୍ଥାତ୍ ପରମକଲ୍ୟାଣ ମୋକ୍ଷ ପ୍ରାପ୍ତ ହୋଇଯିବ । ଏହା ଉପରେ ପୁଣି ଶ୍ରୀକୃଷ୍ଣ କହିଲେ–

**ଶ୍ରୀ ଭଗବାନୁବାଚ**

**ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।**
**ଜ୍ଞାନୟୋଗେନ ସାଂଖ୍ୟାନାଂ କର୍ମୟୋଗେନ ୟୋଗିନାମ୍ ।।୩।।**

'ହେ ନିଷ୍ପାପ ଅର୍ଜୁନ ! ଏହି ସଂସାରରେ ସତ୍ୟ ଶୋଧର ଦୁଇଟି ଧାରା ମୋ ଦ୍ୱାରା ଆଗରୁ କୁହାଯାଇଛି ।' ଆଗରୁ କହିବାର ତାତ୍ପର୍ଯ୍ୟ କୌଣସି ସତ୍ୟ କିମ୍ବା ତ୍ରେତୟା ରେ ନାହିଁ, ବରଂ ଯାହା ବର୍ତ୍ତମାନ ଦ୍ୱିତୀୟ ଅଧ୍ୟାୟରେ କହି ଆସିଲେ – ଜ୍ଞାନୀମାନଙ୍କ ନିମନ୍ତେ ଜ୍ଞାନ ମାର୍ଗ ଏବଂ ଯୋଗୀମାନଙ୍କ ନିମନ୍ତେ ନିଷ୍କାମ କର୍ମ ମାର୍ଗ କୁହାଗଲା । ଉଭୟ ମାର୍ଗ ଅନୁସାରେ କର୍ମ ତ କରିବାକୁ ହିଁ ପଡ଼ିବ । କର୍ମ ଅନିବାର୍ଯ୍ୟ ଅଟେ ।

**ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।**
**ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ।।୪।।**

ହେ ଅର୍ଜୁନ ! ମନୁଷ୍ୟ ନା କର୍ମକୁ ପ୍ରାରମ୍ଭ ନକରି ନିଷ୍କର୍ମତାର ଅନ୍ତିମ ସ୍ଥିତିକୁ ପ୍ରାପ୍ତ ହୋଇଥାଏ ଏବଂ ନା ପ୍ରାରମ୍ଭ କରିଥିବା କର୍ମକୁ ତ୍ୟାଗ କରିଦେଲେ ଭଗବତ୍ ପ୍ରାପ୍ତି ରୂପୀ ପରମସିଦ୍ଧିକୁ ହିଁ ପ୍ରାପ୍ତ ହୋଇଥାଏ । ବର୍ତ୍ତମାନ ତୁମକୁ ଜ୍ଞାନ ମାର୍ଗ ଭଲ ଲାଗୁ ଅଥବା ନିଷ୍କାମ କର୍ମ ମାର୍ଗ । ଉଭୟ ପକ୍ଷରେ କର୍ମ ତ କରିବାକୁ ହିଁ ପଡ଼ିବ । ପ୍ରାୟଃ ଏହି ସ୍ଥଳରେ ଲୋକେ ଭଗବତ୍ ପଥରେ ସଂକ୍ଷିପ୍ତ ମାର୍ଗ ଏବଂ

ସୁରକ୍ଷା ଖୋଜିବାରେ ଲାଗିଥାନ୍ତି । କର୍ମ ପ୍ରାରମ୍ଭ ହିଁ ନକରି ହୋଇଗଲା ନିଷ୍କମୀ ! ଏପରି କେଉଁଠି ଭ୍ରାନ୍ତି ନ ରହୁ । ସେଥି ନିମନ୍ତେ ଶ୍ରୀକୃଷ୍ଣ କହୁଛନ୍ତି ଯେ, କର୍ମ ପ୍ରାରମ୍ଭ ନକରି କେହି ମଧ୍ୟ ନିଷ୍କର୍ମ ଭାବକୁ ପ୍ରାପ୍ତ ହୋଇ ନଥାଏ । ଶୁଭାଶୁଭ କର୍ମର ଯେଉଁଠାରେ ଅନ୍ତ ହୋଇଯାଏ, ପରମ ନିଷ୍କର୍ମତାର ସେହି ସ୍ଥିତିକୁ କର୍ମ ଦ୍ୱାରା ହିଁ ପାଇ ହେବ । ଏହିପରି ବହୁତ ଲୋକେ କହିଥାନ୍ତି, ଆମ୍ଭେ ତ ଜ୍ଞାନ ମାର୍ଗୀ, ଜ୍ଞାନ ମାର୍ଗରେ କର୍ମ ହିଁ ନାହିଁ । ଏହି ମାନ୍ୟତା ରଖି କର୍ମକୁ ତ୍ୟାଗ କରିଥିବା ବ୍ୟକ୍ତି ଜ୍ଞାନୀ ହୋଇନଥାନ୍ତି । ପ୍ରାରମ୍ଭ କରିଥିବା କ୍ରିୟାକୁ ତ୍ୟାଗ କରି ଦେଲେ ମଧ୍ୟ କେହି ଭଗବତ୍ ସାକ୍ଷାତ୍କାରରୂପୀ ପରମ ସିଦ୍ଧିକୁ ପ୍ରାପ୍ତ ହୋଇନଥାନ୍ତି । କାରଣ –

**ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।**
**କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।।୫।।**

କୌଣସି ପୁରୁଷ ଯେକୌଣସି ସମୟରେ କ୍ଷଣମାତ୍ର ମଧ୍ୟ କର୍ମ ନକରି ରହିପାରିବ ନାହିଁ । କାରଣ ସମସ୍ତ ପୁରୁଷ ପ୍ରକୃତିରୁ ଉତ୍ପନ୍ନ ଗୁଣଦ୍ୱାରା ବିବଶ ହୋଇ କର୍ମ କରିଥାନ୍ତି । ପ୍ରକୃତି ଏବଂ ପ୍ରକୃତିରୁ ଉତ୍ପନ୍ନଗୁଣ ଯେଉଁ ପର୍ଯ୍ୟନ୍ତ ଜୀବିତ ଅଛନ୍ତି । ସେ ପର୍ଯ୍ୟନ୍ତ କୌଣସି ପୁରୁଷ କର୍ମ ନ କରି ରହିପାରିବ ନାହିଁ । ଚତୁର୍ଥ ଅଧ୍ୟାୟର ୩୩–୩୪ଶ୍ଳୋକରେ ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯାବନମାତ୍ର ଅର୍ଥାତ୍ ସମ୍ପୂର୍ଣ୍ଣ କର୍ମ ଜ୍ଞାନରେ ସମାପ୍ତ ହୋଇଯାଇଥାଏ । ଜ୍ଞାନରୂପୀ ଅଗ୍ନି ସମ୍ପୂର୍ଣ୍ଣ କର୍ମକୁ ଭସ୍ମ କରିଦିଏ । ଏଠାରେ ସେ କହୁଛନ୍ତି ଯେ, କର୍ମ ନକରି କୌଣସି ପୁରୁଷ ରହିନଥାନ୍ତି । ଅନ୍ତତଃ ସେହି ମହାପୁରୁଷ କ'ଣ କହିବାକୁ ଚାହୁଁଛନ୍ତି । ତାହାର ଆଶୟ ଏପରି ଯେ, ଯଜ୍ଞ କରି କରି ତିନିଗୁଣରୁ ଅତୀତ ହୋଇଗଲେ , ମନର ବିଲୟ ଏବଂ ସାକ୍ଷାତ୍କାର ସହିତ ଯଜ୍ଞର ପରିଣାମ ବାହାରିଗଲେ କର୍ମ ଶେଷ ହୋଇଯାଏ । ସେହି ନିର୍ଦ୍ଧାରିତ କ୍ରିୟା ପୂର୍ଣ୍ଣ ହେବା ପୂର୍ବରୁ କର୍ମ ନାଶ ହୁଏ ନାହିଁ । ପ୍ରକୃତି ପିଣ୍ଡ ଛାଡ଼ି ନଥାଏ ।

**କର୍ମେନ୍ଦ୍ରିୟାଣି ସଂୟମ୍ୟ ୟ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।୬।।**

ଏତିକି ପରେ ମଧ୍ୟ ବିଶେଷ ରୂପେ ମୂଢ ବ୍ୟକ୍ତି, ଯିଏ କର୍ମେନ୍ଦ୍ରିୟମାନଙ୍କୁ ହଠ ପୂର୍ବକ ନିରୋଧ କରି ଇନ୍ଦ୍ରିୟମାନଙ୍କ ଭୋଗକୁ ମନଦ୍ୱାରା ସ୍ମରଣ କରିଥାଏ, ସେ ମିଥ୍ୟାଚାରୀ, ପାଖଣ୍ଡି, ନା କି ଜ୍ଞାନୀ । ସିଦ୍ଧ ହେଉଛି ଯେ, ଶ୍ରୀକୃଷ୍ଣଙ୍କ କାଳରେ ମଧ୍ୟ ଏପରି ରୂଢିମାନ ଥିଲା । ଲୋକେ କରିବା ଯୋଗ୍ୟ କର୍ମକୁ ତ୍ୟାଗ କରି ଇନ୍ଦ୍ରିୟମାନଙ୍କୁ ହଠ ପୂର୍ବକ ନିରୋଧ କରି ବସି ଯାଉଥିଲେ ଏବଂ କହୁଥିଲେ ଯେ,

ମୁଁ ଜ୍ଞାନୀ ଅଟେ । ମୁଁ ପୂର୍ଣ୍ଣ ଅଟେ । ମୁଁ ଶୁଦ୍ଧ ଅଟେ । ମୁଁ ବୁଦ୍ଧ ଇତ୍ୟାଦି । କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ସେମାନେ ଧୂର୍ତ୍ତ ଅଟନ୍ତି । ଜ୍ଞାନ ମାର୍ଗ ଉଚିତ୍ ଲାଗୁ ଅର୍ଥାତ୍ ନିଷ୍କାମ କର୍ମମାର୍ଗ । ଉଭୟ ମାର୍ଗରେ କର୍ମ ତ କରିବାକୁ ହିଁ ପଡ଼ିବ ।

**ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।**
**କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥୭॥**

ହେ ଅର୍ଜୁନ ! ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶକରି, ଯେତେବେଳେ ମନରେ ମଧ୍ୟ ବାସନା ସ୍ଫୁରଣ ନହେବ, ସର୍ବଥା ଅନାଶକ୍ତ ହୋଇ କର୍ମେନ୍ଦ୍ରିୟମାନଙ୍କ ଦ୍ୱାରା କର୍ମ ଯୋଗ ଆଚରଣ କରିଥାଏ । ସେ ହିଁ ଶ୍ରେଷ୍ଠ ଅଟେ । ଠିକ୍ ଅଛି, ବୁଝିପାରିଲେ ଯେ, କର୍ମ ଆଚରଣ କରିବା, କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ, କେଉଁ କର୍ମ କରିବା ? । ଏହା ଉପରେ କହୁଛନ୍ତି–

**ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।**
**ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥୮॥**

ହେ ଅର୍ଜୁନ ! ତୁମେ ନିର୍ଦ୍ଧାରିତ କରାଯାଇଥିବା କର୍ମ କର । ଅର୍ଥାତ୍ କର୍ମ ତ ବହୁତ ଗୁଡ଼ିଏ ରହିଛି । ସେଥିରେ କୌଣସି ଗୋଟିଏ ନିଶ୍ଚିତ କରାଯାଇଛି । ସେହି ନିଶ୍ଚିତରୂପ କର୍ମ କର । କର୍ମ ନକରିବା ଅପେକ୍ଷା କର୍ମ କରିବା ଶ୍ରେଷ୍ଠ । ତେଣୁ କରି କର୍ମ କରିଚାଲ । ଯଦି ଅଳ୍ପ ଦୂର ମଧ୍ୟ ନିର୍ଦ୍ଧାରିତ କରିଦେବ, ତେବେ ଯେପରି ପୂର୍ବରୁ କହି ଆସିଛି, ମହାନ୍ ଜନ୍ମ-ମୃତ୍ୟୁ ଭୟରୁ ଉଦ୍ଧାର କରିଦେବ, ତେଣୁ କରି ଶ୍ରେଷ୍ଠ ଅଟେ । କର୍ମ ନକରିବା ଦ୍ୱାରା ତୁମର ଶରୀର ଯାତ୍ରା ମଧ୍ୟ ସିଦ୍ଧ ହେବ ନାହିଁ । ଶରୀର ଯାତ୍ରାର ଅର୍ଥ ଲୋକେ କହନ୍ତି– 'ଶରୀର ନିର୍ବାହ । କିପରି ଶରୀର ନିର୍ବାହ ? କ'ଣ ଆପଣ ଶରୀର ? ଏହି ପୁରୁଷ ଜନ୍ମ ଜନ୍ମାନ୍ତରରୁ, ଯୁଗଯୁଗାନ୍ତରରୁ ଶରୀର ଯାତ୍ରା ହିଁ ତ କରି ଆସୁଅଛି । ଯେପରି ବସ୍ତ୍ର ଜିର୍ଣ୍ଣ ହେଲେ ଅନ୍ୟ ବସ୍ତ୍ର ଧାରଣ କରିଥାଏ । ସେହିପରି କୀଟ ପତଙ୍ଗଠାରୁ ମାନବ ପର୍ଯ୍ୟନ୍ତ, ବ୍ରହ୍ମାଙ୍କ ଠାରୁ ଯାବନ ମାତ୍ର ଅର୍ଥାତ୍ ସମ୍ପୂର୍ଣ୍ଣ ଜଗତ ପରିବର୍ତ୍ତନଶୀଳ ଅଟେ । ବିଭିନ୍ନ ପ୍ରକାର ଯୋନିରେ ବରାବର ଏହି ଜୀବ ଶରୀର ମାଧ୍ୟମରେ ହିଁ ଯାତ୍ରା କରିଥାଏ । କର୍ମ ଗୋଟଏ ଏପରି ବସ୍ତୁ , ଯେ କି ଏହି ଯାତ୍ରାକୁ ସିଦ୍ଧ କରିଦେଇଥାଏ । ପୂର୍ଣ୍ଣ କରିଦେଇଥାଏ । ଧରି ନିଆଯାଉ ଯଦି ଗୋଟିଏ ମାତ୍ର ଜନ୍ମ ନେବା ବାକି ରହିଛି, ତେବେ ଯାତ୍ରା ଜାରି ରହିଛି । ବର୍ତ୍ତମାନ ପଥିକ ଚାଲିଛି । ସେ ଅନ୍ୟ ଶରୀରରେ ଯାତ୍ରା କରୁଛି । ଯାତ୍ରା ପୂର୍ଣ୍ଣ ସେତେବେଳେ ହୋଇଥାଏ, ଯେତେବେଳେ ଗନ୍ତବ୍ୟସ୍ଥଳ ଆସିଯାଇଥାଏ । ପରମାତ୍ମାଙ୍କ ସ୍ଥିତି ପଶ୍ଚାତ୍ ଏହି ଆତ୍ମାକୁ ଶରୀର ଯାତ୍ରା କରିବାକୁ ପଡ଼ି ନଥାଏ ।

ଅର୍ଥାତ୍ ଶରୀର ତ୍ୟାଗ ଏବଂ ଶରୀର ଧାରଣ କର୍ମ ସମାପ୍ତ ହୋଇଯାଏ । ଅତଃ କର୍ମ ଏପରି ଏକ ବସ୍ତୁ ଯାହାକି ଏହି ପୁରୁଷଙ୍କୁ ପୁନଃ ଶରୀର ଯାତ୍ରା କରିବାକୁ ପଡ଼ିନଥାଏ ।**'ମୋକ୍ଷ ସେ ଶୁଭାତ୍** (୪/୧୬) । ହେ ଅର୍ଜୁନ ! ଏହି କର୍ମକୁ କରି ତୁମେ ସଂସାରବନ୍ଧନରୂପୀ ଅଶୁଭରୁ ମୁକ୍ତି ପାଇଯିବ । କର୍ମ ଏପରି ଏକ ବସ୍ତୁ ଯାହାକି ସଂସାର ବନ୍ଧନରୁ ମୁକ୍ତି ଦେଇଥାଏ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ସେହି ନିର୍ଦ୍ଧାରିତ କର୍ମ କ'ଣ ? ଏହା ଉପରେ କହୁଛନ୍ତି –

**ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।**
**ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ।।୯।।**

ହେ ଅର୍ଜୁନ ! ଯଜ୍ଞ ପ୍ରକ୍ରିୟା ହିଁ କର୍ମ । ତାହା କ୍ରିୟାତ୍ମକ କର୍ମ ଅଟେ । ଯାହାଦ୍ୱାରା ଯଜ୍ଞ ପୂର୍ଣ୍ଣ ହେବ । ସିଦ୍ଧ ହେଉଛି ଯେ, କର୍ମ ଗୋଟିଏ ନିର୍ଦ୍ଧାରିତ ପ୍ରକ୍ରିୟା ଏହା ବ୍ୟତୀତ ଯେଉଁ କର୍ମ ହେଉଛି, କ'ଣ ତାହା କର୍ମ ନୁହଁ ? ଶ୍ରୀକୃଷ୍ଣ କହୁଛନ୍ତି – ନାହିଁ, ତାହା କର୍ମ ନୁହଁ । **ଅନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ**– ଏହି ଯଜ୍ଞ ପ୍ରକ୍ରିୟା ବ୍ୟତୀତ ଦୁନିଆରେ ଯାହା କିଛି କରାଯାଉଛି, ସାରା ଜଗତ୍ ଯେଉଁଥିରେ ରାତ୍ରଦିନ ବ୍ୟସ୍ତ, ତାହା ଏହି ଲୋକର ଏକ ବନ୍ଧନ ମାତ୍ର । ନା କି କର୍ମ । କର୍ମ ତ **ମୋକ୍ଷ ସେଽଶୁଭାତ୍**– ଅଶୁଭ ଅର୍ଥାତ୍ ସଂସାର ବନ୍ଧନରୁ ମୁକ୍ତି ଦେଇଥାଏ । ମାତ୍ର ଯଜ୍ଞ ପ୍ରକ୍ରିୟା ହିଁ କର୍ମ । ତାହା କ୍ରିୟାତ୍ମକ କର୍ମ, ଯେଉଁଥିରେ ଯଜ୍ଞ ପୂର୍ଣ୍ଣ ହୋଇଥାଏ । ଅତଃ ହେ ଅର୍ଜୁନ ! ସେହି ଯଜ୍ଞ ପୂର୍ତ୍ତି ନିମନ୍ତେ ସଙ୍ଗ ଦୋଷରୁ ଅଲଗା ରହି ସମ୍ୟକ୍ ରୂପରେ କର୍ମ ଆଚରଣ କର । ସଙ୍ଗ ଦୋଷରୁ ଅଲଗା ନ ହୋଇ ଏହି କର୍ମ ହୋଇନଥାଏ ।

ବର୍ତ୍ତମାନ ଆମ୍ଭେ ବୁଝିଗଲେ ଯେ, ଯଜ୍ଞ ପ୍ରକ୍ରିୟା ହିଁ କର୍ମ । କିନ୍ତୁ ଏଠାରେ ପୁନଃ ଗୋଟିଏ ନବୀନ ପ୍ରଶ୍ନ ଉତ୍ପନ୍ନ ହେଉଛି ଯେ, ସେହି ଯଜ୍ଞ କ'ଣ ? ଯାହାକୁ ଆମେ କରିବା । ଏଠାରେ ପ୍ରଥମେ ଯଜ୍ଞକୁ ନ କହି, ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯଜ୍ଞ କେଉଁଠୁ ଆସିଲା ? ସେ କ'ଣ ଦେଉଥାଏ ? ତାହାର ବିଶେଷତା ଉପରେ କହୁଛନ୍ତି । ଚତୁର୍ଥ ଅଧ୍ୟାୟରେ ଯାଇ ସ୍ପଷ୍ଟ କଲେ ଯେ, ଯଜ୍ଞ କ'ଣ ? ଯାହାକୁ ଆମ୍ଭେ କାର୍ଯ୍ୟରୂପ ଦେବା ଏବଂ ତାହା ଆମ୍ଭର କର୍ମ ହେବାରେ ଲାଗିବ । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଶୈଳୀରୁ ସ୍ପଷ୍ଟ ହୋଇଥାଏ ଯେ, ଯେଉଁ ବସ୍ତୁର ଚିତ୍ରଣ କରାଯିବ, ସେ ପ୍ରଥମେ ତାହାର ବିଶେଷତାକୁ ଚିତ୍ରଣ କରୁଛନ୍ତି । ଯାହାଦ୍ୱାରା ଶ୍ରଦ୍ଧା ଜାଗ୍ରତ ହେବ । ତତ୍ପଶ୍ଚାତ୍ ସେ ସେଥିରେ କ୍ରିୟାଶୀଳ ନିମନ୍ତେ ସାବଧାନୀ ଉପରେ କହୁଛନ୍ତି ଏବଂ ପରିଶେଷରେ ମୁଖ୍ୟ ସିଦ୍ଧାନ୍ତ ପ୍ରତିପାଦିତ କରୁଛନ୍ତି ।

ସ୍ମରଣ ଥାଉ ଯେ, ଏଠାରେ ଶ୍ରୀକୃଷ୍ଣ କର୍ମର ଅନ୍ୟ ଏକ ଅଙ୍ଗ ଉପରେ କହୁଛନ୍ତି– କର୍ମ ଗୋଟିଏ ନିର୍ଦ୍ଧାରିତ କ୍ରିୟା । ଅନ୍ୟ ଯାହା କିଛି କର୍ମ କରାଯାଏ, ତାହା କର୍ମ ନୁହେଁ । ଦ୍ୱିତୀୟ ଅଧ୍ୟାୟରେ ପ୍ରଥମବାର କର୍ମର ନାମ ନେଲେ, ତାହାର ବିଶେଷଣ ବର୍ଣ୍ଣନା କଲେ । ସେଥିରେ କ୍ରୀୟାଶୀଳ ନିମନ୍ତେ ସାବଧାନୀ ଉପରେ କହିଲେ । କିନ୍ତୁ ଏହା କହି ନାହାଁନ୍ତି, କର୍ମ କ'ଣ ? ଏଠାରେ ତୃତୀୟ ଅଧ୍ୟାୟ ରେ କହିଲେ ଯେ, କୌଣସି ବ୍ୟକ୍ତି କର୍ମ ନକରି ରହିପାରି ନଥାଏ । ପ୍ରକୃତି ଦ୍ୱାରା ପରାଧିନ ହୋଇ ମନୁଷ୍ୟ କର୍ମ କରିଥାଏ । ଏହା ବ୍ୟତୀତ ଯେଉଁ ବ୍ୟକ୍ତି ଇନ୍ଦ୍ରିୟମାନଙ୍କୁ ହଠ ପୂର୍ବକ ନିରୋଧ କରି ମନଦ୍ୱାରା ବିଷୟ ଚିନ୍ତନ କରିଥାଏ । ସେ ଦମ୍ଭୀ ଅଟେ । ଦମ୍ଭ ଆଚରଣ କରୁଥିବା ବ୍ୟକ୍ତି ମାତ୍ର । ତେଣୁ ହେ ଅର୍ଜୁନ ! ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ସାଉଁଟିକରି ତୁମେ କର୍ମ କର । କିନ୍ତୁ ପ୍ରଶ୍ନ ଯେମିତି ସେମିତି ରହିଲା ଯେ, କେଉଁ କର୍ମ କରିବା ? ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ହେ ଅର୍ଜୁନ ! ତୁମେ ନିର୍ଦ୍ଧାରିତ କରାଯାଇଥିବା କର୍ମ କର ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ନିର୍ଦ୍ଧାରିତ କର୍ମ କ'ଣ ? ଯାହାକୁ ଆମ୍ଭେ କରିବା । ତେବେ କହୁଛନ୍ତି, ଯଜ୍ଞକୁ କାର୍ଯ୍ୟରୂପ ଦେବା ହିଁ କର୍ମ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ସେହି ଯଜ୍ଞ କ'ଣ ? ଏଠାରେ ଯଜ୍ଞର ଉତ୍ପତ୍ତି ଏବଂ ବିଶେଷତାକୁ କହି ଶାନ୍ତ ହୋଇଯିବେ । ଆଗକୁ ଚତୁର୍ଥ ଅଧ୍ୟାୟରେ ଯଜ୍ଞର ପ୍ରସ୍ଫୁଟିତ ହୋଇଥିବା ରୂପ ମିଳିବ । ଯାହାକୁ କରିବା ହେଉଛି କର୍ମ ।

କର୍ମର ଏହି ପରିଭାଷା ଗୀତା ବୁଝିବା ନିମନ୍ତେ ଏକ ଚାବିକାଠି । ଯଜ୍ଞ ଅତିରିକ୍ତ ଦୁନିଆରେ ଲୋକେ କିଛି ନା କିଛି କର୍ମ କରିଥାନ୍ତି । କିଏ ଖେତି କରିଥାଏ ତ କିଏ ବ୍ୟାପାର । କିଏ ପଦାସୀନ ତ କିଏ ସେବକ । କିଏ ନିଜକୁ ବୁଦ୍ଧିଜୀବି କହିଥାଏ ତ କିଏ ଶ୍ରମଜୀବି । କିଏ ସମାଜ ସେବାକୁ କର୍ମ ମାନିଥାଏ ତ କିଏ ଦେଶ ସେବାକୁ । ଏହି କର୍ମମାନଙ୍କରେ ଲୋକେ ସକାମ ଏବଂ ନିଷ୍କାମ କର୍ମର ଭୂମିକା ମାନି ନେଇଛନ୍ତି । କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି – ଏହା କର୍ମ ନୁହେଁ । **ଅନ୍ୟତ୍ର ଲୋକୋଽୟଂ କର୍ମ ବନ୍ଧନଃ–** ଯଜ୍ଞ ପ୍ରକ୍ରିୟା ବ୍ୟତୀତ ଯାହା କିଛି କରାଯାଉଛି, ତାହା ଏହି ଲୋକର ବନ୍ଧନକାରୀ କର୍ମ ଅଟେ, ନା କି ମୋକ୍ଷଦ କର୍ମ । ବସ୍ତୁତଃ ଯଜ୍ଞ ପ୍ରକ୍ରିୟା ହିଁ କର୍ମ । ବର୍ତ୍ତମାନ ଯଜ୍ଞକୁ ନକହି ପ୍ରଥମେ ଏହା କହୁଛନ୍ତି ଯେ, ଯଜ୍ଞ କେଉଁଠୁ ଆସିଲା ?

**ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।**
**ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥୧୦॥**

ପ୍ରଜାପତି ବ୍ରହ୍ମା କଳ୍ପର ଆଦିରେ ଯଜ୍ଞ ସହିତ ପ୍ରଜାମାନଙ୍କୁ ସୃଷ୍ଟିକରି କହିଲେ

,'ଏହି ଯଜ୍ଞ ଦ୍ୱାରା ବୃଦ୍ଧିକୁ ପ୍ରାପ୍ତ ହୁଅ ।' ଏହି ଯଜ୍ଞ ତୁମ୍ଭମାନଙ୍କ **'ଇଷ୍ଟକାମଧୂକ୍'**- ଯେଉଁଥିରେ ଅନିଷ୍ଟ ନ ହେବ, ବିନାଶ ରହିତ ଇଷ୍ଟ ସମ୍ବନ୍ଧି କାମନା ପୂର୍ତ୍ତି କରିବ । ଯଜ୍ଞ ସହିତ ପ୍ରଜାମାନଙ୍କୁ କିଏ ସୃଷ୍ଟିକଲେ ? ପ୍ରଜାପତି ବ୍ରହ୍ମା । ବ୍ରହ୍ମା କିଏ ? କ'ଣ ଚାରିମୁଖ, ଆଠ ଚକ୍ଷୁ ଯୁକ୍ତ ଦେବତା, ଯେପରି କି ପ୍ରଚଳିତ ରହିଛି ? ନାହିଁ ! ଶ୍ରୀକୃଷ୍ଣଙ୍କ ଅନୁସାରେ ଦେବତା ନାମରେ କୌଣସି ଭିନ୍ନ ସତ୍ତା ନାହିଁ । ପୁଣି ଏହି ପ୍ରଜାପତି କିଏ ? ବସ୍ତୁତଃ ଯେଉଁମାନେ ପ୍ରଜାମାନଙ୍କ ମୂଳ ଉଦ୍‌ଗମ ପରମାତ୍ମାଙ୍କ ଠାରେ ପ୍ରବେଶ ପାଇଗଲେ, ସେହି ମହାପୁରୁଷ ହିଁ ପ୍ରଜପତି ଅଟନ୍ତି । ବୁଦ୍ଧି ହିଁ ବ୍ରହ୍ମା- **'ଅହଂକାର ଶିବ ବୁଦ୍ଧି ଅଜ, ମନ ଶଶି ଚିତ୍ତ ମହାନ୍'** (ରା.ମାନସ/ ୬/୧୫କ) ସେହି ସମୟରେ ବୁଦ୍ଧି ଯନ୍ତ୍ରମାତ୍ର ହୋଇଥାଏ । ସେହି ପୁରୁଷଙ୍କ ବାଣୀରେ ପରମାତ୍ମା ହିଁ କହୁଥାନ୍ତି ।

ଭଜନର ବାସ୍ତବିକ କ୍ରିୟା ପ୍ରାରମ୍ଭ ହୋଇଗଲା ପରେ ବୁଦ୍ଧିର ଉତ୍ତରୋତ୍ତର ବିକାଶ ହୋଇଥାଏ । ପ୍ରାରମ୍ଭ ଅବସ୍ଥାରେ ସେହି ବୁଦ୍ଧି ବ୍ରହ୍ମବିଦ୍ୟାରେ ସଂଯୁକ୍ତ ହୋଇଥିବା ଯୋଗୁଁ **'ବ୍ରହ୍ମବିତ୍'** କୁହାଯାଇଥାଏ । କ୍ରମଶଃ ବିକାରମାନଙ୍କ ଶମନ ହୋଇ ବ୍ରହ୍ମବିଦ୍ୟାରେ ଶ୍ରେଷ୍ଠ ହେବା ପରେ ସେହି ବୁଦ୍ଧିକୁ **'ବ୍ରହ୍ମବିଦ୍ୱର'** କୁହାଯାଏ । ଉତ୍‌ଥାନ ଆହୁରି ସୂକ୍ଷ୍ମ ହୋଇଗଲେ ବୁଦ୍ଧିର ଅବସ୍ଥା ବିକଶିତ ହୋଇଯାଏ । ତେବେ ସେହି ବୁଦ୍ଧିକୁ **'ବ୍ରହ୍ମବିଦ୍‌ବରୀୟାନ୍'** କୁହାଯାଏ । ସେହି ଅବସ୍ଥାରେ ବ୍ରହ୍ମବିଦ୍‌ବେତ୍ତା ପୁରୁଷ, ଅନ୍ୟମାନଙ୍କୁ ମଧ୍ୟ ଉତ୍‌ଥାନ ମାର୍ଗରେ ପ୍ରବର୍ତ୍ତନ କରାଇବା ଅଧିକାର ପ୍ରାପ୍ତ କରି ନେଇଥାଏ । ବୁଦ୍ଧିର ପରାକାଷ୍ଠା-**'ବ୍ରହ୍ମବିଦ୍ ବରିଷ୍ଠ'** ଅର୍ଥାତ୍ ବ୍ରହ୍ମବିଦ୍‌ଙ୍କ ସେହି ଅବସ୍ଥା, ଯେଉଁଥିରେ ଇଷ୍ଟ ପ୍ରବାହିତ ହୋଇଥାଏ । ଏପରି ସ୍ଥିତିଯୁକ୍ତ ମହାପୁରୁଷ ପ୍ରଜାମାନଙ୍କ ମୂଳ ଉଦ୍‌ଗମ ପରମାତ୍ମାଙ୍କ ଠାରେ ପ୍ରବିଷ୍ଟ ଏବଂ ସ୍ଥିତି ପାଇଥାନ୍ତି । ଏପରି ମହାପୁରୁଷମାନଙ୍କ ବୁଦ୍ଧି ଯନ୍ତ୍ରମାତ୍ର ଅଟେ । ତାହାଙ୍କୁ ହିଁ ପ୍ରଜାପତି କୁହାଯାଇଥାଏ । ସେ ପ୍ରକୃତିର ଦ୍ୱନ୍ଦ ବିଶ୍ଳେଷଣ କରି ଆରାଧନା ପ୍ରକ୍ରିୟା ରଚନା କରିଥାନ୍ତି । ଯଜ୍ଞ ଅନୁରୂପ ସଂସ୍କାରମାନଙ୍କ ପ୍ରେରଣା କରିବା ହିଁ ପ୍ରଜାମାନଙ୍କ ରଚନା ଅଟେ । ଏହା ପୂର୍ବରୁ ସମାଜ ଅଚେତ ଏବଂ ଅବ୍ୟବସ୍ଥି ରହିଥାଏ । ସୃଷ୍ଟି ଅନାଦି ଅଟେ । ସଂସ୍କାର ପୂର୍ବରୁ ହିଁ ରହିଛି । କିନ୍ତୁ ଅସ୍ତବ୍ୟସ୍ତ ବିକୃତ ରୂପରେ ରହିଛି । ଯଜ୍ଞ ଅନୁରୂପ ତାହାକୁ କ୍ରିୟାରୂପ ଦେବା ହିଁ ରଚନା ଅର୍ଥାତ୍ ସୃଷ୍ଟି କରିବା ଅଟେ ।

ଏପରି ମହାପୁରୁଷ କଳ୍ପର ଆଦିରେ ଯଜ୍ଞ ସହିତ ପ୍ରଜାମାନଙ୍କ ରଚନା କରିଥିଲେ । କଳ୍ପ ନିରୋଗ କରିଥାଏ । ବୈଦ୍ୟ କଳ୍ପ ଦେଇଥାନ୍ତି, ଅନ୍ୟ କେହି କାୟାକଳ୍ପ କରିଥାନ୍ତି । ଏହି ସବୁ ଶରୀରମାନଙ୍କ କ୍ଷଣିକ କଳ୍ପ ଅଟେ । ବାସ୍ତବିକ କଳ୍ପ ତାହା

ଅଟେ, ଯେତେବେଳେ ଭବରୋଗରୁ ମୁକ୍ତି ମିଳିଯାଏ । ଆରାଧନାର ପ୍ରାରମ୍ଭ ହିଁ ଏହି କଳ୍ପର ପ୍ରାରମ୍ଭିକ ଅବସ୍ଥା ମାତ୍ର । ଆରାଧନା ପୂର୍ଣ୍ଣ ହେଲେ ଆପଣଙ୍କ କଳ୍ପପୂର୍ଣ୍ଣ ହୋଇଯାଏ । ଏହିପରି ପରମାତ୍ମା ସ୍ୱରୂପସ୍ଥ ମହାପୁରୁଷ, ଭଜନର ପ୍ରାରମ୍ଭରେ ଯଜ୍ଞ ସହିତ ସଂସ୍କାରମାନଙ୍କୁ ସୁସଙ୍ଗଠିତ କରି କହିଲେ, ଏହି ଯଜ୍ଞ ଦ୍ୱାରା ତୁମେ ବୃଦ୍ଧିକୁ ପ୍ରାପ୍ତ ହୁଅ । କିପରି ବୃଦ୍ଧି ? କ'ଣ ଚାଳଘରରୁ ଛାତ ଘର ହୋଇଯିବ ? ଆୟ କ'ଣ ଅଧିକ ହେବ ? ନାହିଁ ! ଯଜ୍ଞ **ଇଷ୍ଟକାମଧୁକ୍** ଇଷ୍ଟ ସମ୍ବନ୍ଧୀ କାମନାଗୁଡ଼ିକ ପୂର୍ତ୍ତି କରିବ । ଇଷ୍ଟ ଅଟନ୍ତି ପରମାତ୍ମା, ସେହି ପରମାତ୍ମାଙ୍କ ସହ ସମ୍ବନ୍ଧ ହିଁ କାମନାର ପୂର୍ତ୍ତିକାରକ ଅଟେ । ପ୍ରଶ୍ନ ସ୍ୱଭାବିକ ଯେ, ଯଜ୍ଞ ସିଧା ସେହି ପରମାତ୍ମାଙ୍କ ପ୍ରାପ୍ତି କରାଇଦେବ ଅଥବା କ୍ରମନୁସାରେ ପ୍ରାପ୍ତି କରାଇବ ।

**ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।**
**ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ॥୧୧॥**

ଏହି ଯଜ୍ଞଦ୍ୱାରା ଦେବତାମାନଙ୍କ ଉନ୍ନତି କର ଅର୍ଥାତ୍ ଦୈବୀ ସମ୍ପଦ ବୃଦ୍ଧି କର । ସେହି ଦେବତାମାନେ ତୁମ୍ଭମାନଙ୍କର ଉନ୍ନତି କରିବେ । ଏହିପରି ପରସ୍ପର ବୃଦ୍ଧି କରି ପରମଶ୍ରେୟ, ଯାହା ପରେ କିଛି ପାଇବା ମଧ୍ୟ ଶେଷ ନରହିବ, ସେହି ପରମ କଲ୍ୟାଣକୁ ପ୍ରାପ୍ତ ହୋଇଯାଅ, ଯେପରି ଆମ୍ଭେ ଯଜ୍ଞରେ ପ୍ରବେଶ କରିବା । (ଆଗକୁ ଯଜ୍ଞର ଅର୍ଥ ହେବ, ଆରାଧନାର ବିଧି), ସେପରି ହୃଦୟ ଦେଶରେ ଦୈବୀ ସମ୍ପଦ ଅର୍ଜିତ ହୋଇଚାଲିଥିବ । ପରମଦେବ ଏକମାତ୍ର ପରମାତ୍ମ ଅଟନ୍ତି । ସେହି ପରମଦେବଙ୍କ ଠାରେ ପ୍ରବେଶ କରାଉଥିବା ଯେଉଁ ସମ୍ପଦ ରହିଛି, ଅନ୍ତଃକରଣର ଯେଉଁ ସଜାତୀୟ ପ୍ରବୃତ୍ତି ରହିଛି, ତାହାକୁ ଦୈବୀ ସମ୍ପଦ କୁହାଯାଏ । ସେ ପରମଦେବଙ୍କୁ ସମ୍ଭବ କରାଇଥାଏ । ତେଣୁ କରି ତାକୁ ଦୈବୀ ସମ୍ପଦ କୁହାଯାଏ । ନା କି ବାହ୍ୟ ଦେବୀ ଦେବତା, ପାଣି, ପଥର ଇତ୍ୟାଦି ଲୋକେ କଳ୍ପନା କରିନେଇଥାନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଶବ୍ଦରେ ସେମାନଙ୍କର କୌଣସି ଅସ୍ତିତ୍ୱ ହି ନାହିଁ । ଆଗକୁ କହୁଛନ୍ତି –

**ଇଷ୍ଟାନ୍‌ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।**
**ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍‌କ୍ତେ ସ୍ତେନ ଏବ ସଃ॥୧୨॥**

ଯଜ୍ଞଦ୍ୱାରା, ସମ୍ବର୍ଦ୍ଧିତ ଦେବତା ଅର୍ଥାତ୍ ଦୈବୀ ସମ୍ପଦ ଆପଣଙ୍କୁ **ଇଷ୍ଟାନ୍ ଭୋଗାନ୍ ହି ଦାସ୍ୟନ୍ତେ**–ଇଷ୍ଟ ଅର୍ଥାତ୍ ଆରାଧ୍ୟ ସମ୍ବନ୍ଧି ଭୋଗକୁ ଦେବେ । ଅନ୍ୟ କିଛି ନୁହଁ । **ତୈଃ ଦତ୍ତାନ୍**– ସେ ହିଁ ଏକମାତ୍ର ଦେଇପାରନ୍ତି । ଇଷ୍ଟଙ୍କୁ ପ୍ରାପ୍ତ କରିବା ଅନ୍ୟ କୌଣସି ବିକଳ୍ପ ହିଁ ନାହିଁ । ଏହି ଦୈବୀଗୁଣମାନଙ୍କ ବିନା ବୃଦ୍ଧିରେ ଯେ ଏହି

ସ୍ଥିତିକୁ ଭୋଗ କରୁଥାଏ, ସେ ନିଶ୍ଚୟ ହିଁ ଚୋର ଅଟେ । ଯେବେ ସେ ପାଇନାହିଁ ତେବେ ଭୋଗିବ କ'ଣ ? କିନ୍ତୁ ଅବଶ୍ୟ କହୁଥାଏ, ମୁଁ ପୂର୍ଣ୍ଣ ଏବଂ ତତ୍ତ୍ୱଦର୍ଶୀ ଅଟେ । ଏପରି ତୁଳନାଯୁକ୍ତ ଭାଷଣ କରିବା ଲୋକ ଏହି ପଥରୁ ମୁହଁକୁ ଛୁପାଇବା ବ୍ୟକ୍ତି ହିଁ ହୋଇଥାଏ । ସେ ନିଶ୍ଚୟ ହିଁ ଚୋର ଅଟେ । ନା କି ପ୍ରାପ୍ତି ପୁରୁଷ । କିନ୍ତୁ ପାଇବା ବ୍ୟକ୍ତି କ'ଣ ପାଇଥାନ୍ତି ?

**ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।**
**ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ॥୧୩॥**

ଯଜ୍ଞରୁ ବଞ୍ଚିଥିବା ଅନ୍ନକୁ ଖାଉଥିବା ସନ୍ଥମାନେ ସମ୍ପୂର୍ଣ୍ଣ ପାପରୁ ମୁକ୍ତ ହୋଇଯାଆନ୍ତି । ଦୈବୀ ସମ୍ପଦର ବୃଦ୍ଧି କରି ପରିଣାମରେ ପ୍ରାପ୍ତି କାଳ ହିଁ ପୂର୍ତ୍ତିକାଳ ଅଟେ । ଯେତେବେଳେ ଯଜ୍ଞ ପୂର୍ଣ୍ଣ ହୋଇଗଲା, ତେବେ ଶେଷ ବଞ୍ଚିଥିବା ବ୍ରହ୍ମ ହିଁ ଅନ୍ନ ଅଟେ । ଏହାକୁ ଶ୍ରୀକୃଷ୍ଣ ଅନ୍ୟ ଶବ୍ଦରେ କହିଲେ– **ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍** ଅର୍ଥାତ୍ ଯଜ୍ଞ ଯାହାକୁ ସୃଷ୍ଟିକରି ଥାଏ, ସେହି 'ଅଶନ'କୁ ପାନ କରିବା ବ୍ୟକ୍ତି ବ୍ରହ୍ମରେ ପ୍ରବେଶ କରିଥାଏ । ଏଠାରେ କହୁଛନ୍ତି ଯେ, ଯଜ୍ଞରୁ ଶେଷ ବଞ୍ଚିଥିବା ଅଶନ ଅର୍ଥାତ୍ ବ୍ରହ୍ମ ପୀୟୁଷକୁ ପାନ କରିବା ବ୍ୟକ୍ତି ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପାଇଯାଏ । ସନ୍ଥମାନେ ତ ମୁକ୍ତି ନିଶ୍ଚିତ ପାଇଥାନ୍ତି କିନ୍ତୁ ପାପୀମାନେ ମୋହ ମାଧ୍ୟମରେ ଉତ୍ପନ୍ନ ଶରୀର ନିମନ୍ତେ ଜିର୍ଣ୍ଣ କରିଥାନ୍ତି । ସେମାନେ ପାପକୁ ହିଁ ଖାଇଥାନ୍ତି । ସେମାନେ ଭଜନ କଲେ, ଆରାଧନାକୁ ଜାଣିପାରିଲେ, ଅଗ୍ରସର ମଧ୍ୟ ହେଲେ କିନ୍ତୁ ବଦଳରେ ଗୋଟିଏ ମଧୁର ଇଚ୍ଛା ଉତ୍ପନ୍ନ ହୋଇଗଲା, **'ଆତ୍ମକାରଣାତ୍'** ଅର୍ଥାତ୍ ଶରୀର ନିମନ୍ତେ ଏବଂ ଶରୀର ଗତ ସମ୍ବନ୍ଧନେଇ କିଛି ମିଳୁ । ତାହା ମିଳି ତ ଯିବ କିନ୍ତୁ ସେତିକି ଭୋଗ ଭୋଗିବା ପରେ ସେ ନିଜକୁ ସେଠାରେ ହିଁ ଉପସ୍ଥିତ ପାଇବ, ଯେଉଁଠାରୁ ଚାଲିବ ପ୍ରାରମ୍ଭ କରିଥିଲା । ଏହାଠାରୁ ଅଧିକ ବଡ଼ କ୍ଷତି ଆଉ କ'ଣ ବା ହେବ ? ଯେବେ ଶରୀର ହିଁ ନଶ୍ୱର, ତେବେ ଏହାର ସୁଖଭୋଗ କେତେ ଦିନ ସାହାଯ୍ୟ କରିବ ? ସେମାନେ ଆରାଧନା ତ ନିଶ୍ଚିତରୂପରେ କରୁଛନ୍ତି କିନ୍ତୁ ବଦଳରେ ପାପକୁ ହିଁ ଖାଆନ୍ତି । **ପଲଟି ସୁଧା ତେ ସଠ ବିଷ ଲେହୀ ।** (ରା ମାନସ–୭/୪୩/୨) ସେ ନଷ୍ଟ ତ ହେବ ନାହିଁ କିନ୍ତୁ ଆଗକୁ ବଢ଼ିବ ନାହିଁ । ତେଣୁ ଶ୍ରୀକୃଷ୍ଣ ନିଷ୍କାମ ଭାବରେ କର୍ମ ଅର୍ଥାତ୍ ଭଜନ କରିବା ନିମନ୍ତେ କହିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ କହିଲେ, ଯଜ୍ଞ ପରମଶ୍ରେୟ ଦେଇଥାଏ ଏବଂ ତାହାର ରଚନା ମହାପୁରୁଷଙ୍କ ଦ୍ୱାରା ହିଁ ହୋଇଥାଏ । କିନ୍ତୁ ସେହି ମହାପୁରୁଷ ପ୍ରଜାମାନଙ୍କ ରଚନାରେ କାହିଁକି ପ୍ରବୃତ୍ତ ହୋଇଥାନ୍ତି ? ଏହାର ବିଶ୍ଳେଷଣ କରି ଆଗକୁ କହୁଛନ୍ତି –

**ଅନ୍ନାଦ୍‌ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।**
**ଯଜ୍ଞାଦ୍‌ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍‌ଭବଃ ।।୧୪।।**
**କର୍ମ ବ୍ରହ୍ମୋଦ୍‌ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍‌ଭବମ୍ ।**
**ତସ୍ମାତ୍‌ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ।।୧୫।।**

ସମ୍ପୂର୍ଣ୍ଣ ପ୍ରାଣି ଅନ୍ନରୁ ଉତ୍ପନ୍ନ ହୋଇଥାନ୍ତି । **ଅନ୍ନଂ ବ୍ରହ୍ମ ବ୍ୟଜାନାତ୍** ଅର୍ଥାତ୍ ଅନ୍ନ ପରମାତ୍ମା ହିଁ ଅଟେ । ସେହି ବ୍ରହ୍ମ ପୀୟୁଷକୁ ହିଁ ଉଦ୍ଦେଶ୍ୟକରି ପ୍ରାଣୀ ଯଜ୍ଞ ଆଡ଼କୁ ଅଗ୍ରସର ହୋଇଥାନ୍ତି । ଅନ୍ନର ଉତ୍ପତ୍ତି ବୃଷ୍ଟିରୁ ହୋଇଥାଏ । ମେଘ ଦ୍ୱାରା ହେଉଥିବା ବୃଷ୍ଟି ନୁହଁ, ଅପିତୁ କୃପାବୃଷ୍ଟି । ପୂର୍ବ ସଞ୍ଚିତ ଯଜ୍ଞକର୍ମ ହିଁ ଏହି ଜନ୍ମରେ, ଯେଉଁଠାରୁ ସାଧନ ଅବରୋଧ ହୋଇଥିଲା, ସେଠାରୁ ଇଷ୍ଟ ହିଁ କୃପା ରୂପରେ ବର୍ଷା ହୋଇଯାଆନ୍ତି । ଆଜିର ଆରାଧନା ଆସନ୍ତାକାଲି କୃପା ରୂପରେ ପ୍ରାପ୍ତ ହେବ । ତେଣୁକରି ବୃଷ୍ଟି ଯଜ୍ଞରୁ ହିଁ ହୋଇଥାଏ । ସ୍ୱାହା କହି ଏବଂ ରାଶି, ଯବ ଦ୍ୱାରା ହବନ କଲେ ଯଦି ବୃଷ୍ଟି ହୋଇଥାନ୍ତା, ତେବେ ବିଶ୍ୱର ଅଧିକାଂଶ ମରୁଭୂମି ଉସର ରହିଥାଆନ୍ତା କାହିଁକି ? ଉର୍ବର ହୋଇଯିବାର ଥିଲା । ଏଠାରେ କୃପାବୃଷ୍ଟି ଯଜ୍ଞର ଅବଦାନ ଅଟେ । ଏହି ଯଜ୍ଞ କର୍ମରୁ ହିଁ ହୋଇଥାଏ । କର୍ମ ଦ୍ୱାରା ହିଁ ଯଜ୍ଞ ପୂର୍ଣ୍ଣ ହୋଇଥାଏ ।

ସେହି କର୍ମକୁ ବେଦରୁ ଉତ୍ପନ୍ନ ହୋଇଥିବା ଜାଣ । ବେଦ ବ୍ରହ୍ମସ୍ଥିତ ମହାପୁରୁଷଙ୍କ ବାଣୀ ଅଟେ । ଯେଉଁ ତତ୍ତ୍ୱ ବିଦ୍ୟମାନ ନାହିଁ, ତାହାର ପ୍ରତ୍ୟକ୍ଷ ଅନୁଭୂତିର ନାମ ହିଁ ବେଦ । ନା କି କୌଣସି ଶ୍ଳୋକ ସଂଗ୍ରହ । ବେଦ ଅବିନାଶୀ । ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ହୋଇଛି, ଏପରି ଜାଣିବା ଆବଶ୍ୟକ । ଏହାକୁ ମହାତ୍ମାମାନେ ହିଁ କହିଥିଲେ । କିନ୍ତୁ ସେମାନେ ପରମାତ୍ମା ସହିତ ତଦ୍ରୂପ ହୋଇଯାଇଛନ୍ତି । ତାହାଙ୍କ ମାଧ୍ୟମରେ ଅବିନାଶୀ ପରମାତ୍ମା ହିଁ କହିଥାନ୍ତି । ତେଣୁ ବେଦକୁ ଅପୌରୁଷେୟ କୁହାଯାଏ । ମହାପୁରୁଷ ବେଦକୁ କେଉଁଠାରୁ ପାଇଗଲେ ? ବେଦ ତ ଅବିନାଶୀ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ହେଲା । ଏହି ମହାପୁରୁଷ ପରାମାତ୍ମାଙ୍କ ତଦ୍ରୂପ ଅଟନ୍ତି । ସେମାନେ ଯନ୍ତ୍ର ମାତ୍ର । ତେଣୁକରି ମହାପୁରୁଷଙ୍କ ଦ୍ୱାରା ପରମାତ୍ମା ହିଁ କହିଥାନ୍ତି । କାରଣ ଯଜ୍ଞଦ୍ୱାରା ହିଁ ମନର ନିରୋଧ କାଳରେ ଅବିଦିତ ପରମାତ୍ମା ବିଦିତ ହୋଇଥାନ୍ତି । ସେଥିରୁ ସର୍ବବ୍ୟାପି ପରମ ଅକ୍ଷର ପରମାତ୍ମା ସର୍ବଦା ଯଜ୍ଞରେ ହିଁ ପ୍ରତିଷ୍ଠିତ ଥାଆନ୍ତି । ଯଜ୍ଞ ହିଁ ପରମାତ୍ମାଙ୍କୁ ପାଇବା ଏକ ମାତ୍ର ଉପାୟ । ଏହା ଉପରେ ପୁନଃ କହୁଛନ୍ତି–

**ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।**

**ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ।।୧୬।।**

ହେ ପାର୍ଥ ! ଯେଉଁ ପୁରୁଷ ଏହି ଲୋକରେ ମନୁଷ୍ୟ ଶରୀର ପ୍ରାପ୍ତ କରି ଏହିପରି ଚଲାଉ ଥିବା ସାଧନ ଚକ୍ର ଅର୍ଥାତ୍ ଦୈବୀ ସମ୍ପଦର ଉତ୍କର୍ଷ, ଦେବତାମାନଙ୍କ ବୃଦ୍ଧି ଏବଂ ପରସ୍ପର ବୃଦ୍ଧି ଦ୍ୱାରା ଅକ୍ଷୟ ଧାମକୁ ପ୍ରାପ୍ତ କରିବା, ଏହି କ୍ରମାନୁସାରେ ଯିଏ ଚାଲିନଥାଏ, ଇନ୍ଦ୍ରିୟମାନଙ୍କ ସୁଖ ଚାହୁଁଥିବା, ସେହି ପାପାୟୁ ପୁରୁଷ ବ୍ୟର୍ଥ ହିଁ ଜୀବନ ଧାରଣ କରିଥାଏ ।

ବନ୍ଧୁଗଣ ! ଯୋଗେଶ୍ୱର ଶ୍ରୀକୃଷ୍ଣ ଦ୍ୱିତୀୟ ଅଧ୍ୟାୟରେ କର୍ମର ନାମ ମାତ୍ର ନେଲେ ଏବଂ ଏହି ଅଧ୍ୟାୟରେ କହିଲେ ଯେ, ନିୟତ କର୍ମ ଆଚରଣ କର । ଯଜ୍ଞର ପ୍ରକ୍ରିୟା ହିଁ କର୍ମ । ଏହା ଛଡ଼ା ଯାହାକିଛି କରାଯାଉଛି, ତାହା ଏହି ଲୋକର ବନ୍ଧନ ମାତ୍ର । ତେଣୁ କରି ସଙ୍ଗ ଦୋଷରୁ ଅଲଗା ରହି ଯଜ୍ଞ ପୂର୍ତ୍ତି ନିମନ୍ତେ କର୍ମାଚରଣ କର । ସେ ଯଜ୍ଞର ବିଶେଷତା ଉପରେ ପ୍ରକାଶ ଦେଇ କହିଲେ ଯେ, ଯଜ୍ଞ ଉତ୍ପତ୍ତି ବ୍ରହ୍ମାଙ୍କ ଠାରୁ ହେଲା । ପ୍ରଜାମାନେ ଅନ୍ନକୁ ଉଦ୍ଦେଶ୍ୟ କରି ସେହି ଯଜ୍ଞରେ ପ୍ରବୃତ୍ତି ହୋଇଥାନ୍ତି । ଯଜ୍ଞ କର୍ମରୁ, କର୍ମ ଅପୌରୁଷେୟ ବେଦରୁ ଉତ୍ପନ୍ନ ହୋଇଥାଏ, ଯେତେବେଳେ କି ବେଦ ମନ୍ତ୍ରମାନଙ୍କ ଦ୍ରଷ୍ଟା ମହାପୁରଷ ହିଁ ଥିଲେ । ତାଙ୍କର ପୁରୁଷ ତିରୋହିତ ହୋଇଯାଇଥିଲ । ପ୍ରାପ୍ତି ସହିତ ଅବିନାଶୀ ପରାମାତ୍ମା ହିଁ ଶେଷ ରହିଥାଏ । ତେଣୁ ବେଦ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ । ସର୍ବବ୍ୟାପୀ ପରମାତ୍ମା ଯଜ୍ଞରେ ସର୍ବଦା ପ୍ରତିଷ୍ଠିତ । ଏହି ସାଧନ ଚକ୍ରାନୁସାରେ ଯିଏ ଚାଲିନଥାନ୍ତି, ଇନ୍ଦ୍ରିୟମାନଙ୍କ ସୁଖ ଚାହୁଁଥିବା ସେହି ପାପାୟୁ ପୁରୁଷ ବ୍ୟର୍ଥ ହିଁ ବଞ୍ଚି ରହିଥାଆନ୍ତି । ଅର୍ଥାତ୍ ଯଜ୍ଞ ଏପରି ଏକ ବିଧି ବିଶେଷ , ଯେଉଁଥିରେ ଇନ୍ଦ୍ରିୟମାନଙ୍କ ଆରାମ ନାହିଁ, ଅପିତୁ ଅକ୍ଷୟ ସୁଖ ରହିଛି । ଇନ୍ଦ୍ରିୟସଂଯମ ସହିତ ଯଜ୍ଞ କରିବା ବିଧାନ ରହିଛି । ଇନ୍ଦ୍ରିୟମାନଙ୍କ ଆରାମ ଚାହୁଁଥିବା ବ୍ୟକ୍ତି ପାପାୟୁ ଅଟେ । ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ କହିଲେ ନାହିଁ ଯେ, ଯଜ୍ଞ କ'ଣ ? କିନ୍ତୁ କ'ଣ ଯଜ୍ଞ ଏପରି କରି ଚାଲିଥିବା ନା ଏଥିରେ ଶେଷ ମଧ୍ୟ କେବେ ହେବ ? ଏହା ଉପରେ ଯୋଗେଶ୍ୱର କହୁଛନ୍ତି–

**ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।**
**ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ।।୧୭।।**

ଯେଉଁ ପୁରୁଷ ଆତ୍ମାରେ ହିଁ ରତ ରହିଥାଏ, ଆତ୍ମତୃପ୍ତ ଏବଂ ଆତ୍ମାରେ ହିଁ ସନ୍ତୁଷ୍ଟ, ତାହାଙ୍କ ନିମନ୍ତେ କୌଣସି କର୍ତ୍ତବ୍ୟ ଶେଷ ରହିନଥାଏ । ଏହା ହିଁ ଲକ୍ଷଥିଲା । ଯେବେ ଅବ୍ୟକ୍ତ ସନାତନ, ଅବିନାଶୀ ଆତ୍ମତତ୍ତ୍ୱ ପ୍ରାପ୍ତ ହୋଇଗଲା, ତେବେ ଆଗକୁ ଖୋଜିବ କାହାକୁ ? ଏପରି ପୁରୁଷ ନିମନ୍ତେ ନା କର୍ମର

ଆବଶ୍ୟକ ନା କୌଣସି ଆରାଧନାର ଆବଶ୍ୟକ ରହିଥାଏ । ଆତ୍ମା ଓ ପରମାତ୍ମା ପରସ୍ପର ପର୍ଯ୍ୟାୟବାଚୀ ଶବ୍ଦ ଅଟେ । ଏହାର ପୁନଃ ଚିତ୍ରଣ କରୁଛନ୍ତି –

**ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।**
**ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ॥୧୮॥**

ଏହି ସଂସାରରେ ସେହି ପୁରୁଷ କର୍ମ କରିବା ଦ୍ୱାରା କୌଣସି ଲାଭ ହୋଇନଥାଏ ଏବଂ ତ୍ୟାଗ କରି ଦେଲେ କୌଣସି ହାନି ମଧ୍ୟ ହୋଇନଥାଏ । ଯେତେବେଳେ କି ପ୍ରଥମେ ଆବଶ୍ୟକ ଥିଲା । ତାଙ୍କର ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କ ମଧ୍ୟରେ କୌଣସି ସ୍ୱାର୍ଥ ସମ୍ବନ୍ଧ ରହିନଥାଏ । ଆତ୍ମା ହିଁ ଶାଶ୍ୱତ, ସନାତନ, ଅବ୍ୟକ୍ତ, ଅପରିବର୍ତ୍ତନଶୀଳ ଏବଂ ଅକ୍ଷୟ ଅଟେ । ଯଦି ତାହାକୁ ପାଇଗଲେ, ସେଥିରେ ସନ୍ତୁଷ୍ଟ, ସେଥିରେ ତୃପ୍ତ, ସେଥିରେ ହିଁ ଓତପ୍ରୋତ ଏବଂ ସ୍ଥିତ, ଆଗକୁ କୌଣସି ସତ୍ତା ହିଁ ନାହିଁ ତେବେ ସେ କାହାକୁ ଖୋଜିବେ । ମିଳିବ ବା କ'ଣ ? ସେହି ପୁରୁଷ ନିମନ୍ତେ କର୍ମ ଛାଡ଼ିଦେଲେ କୌଣସି ହାନି ମଧ୍ୟ ନୁହଁ । କାରଣ ବିକାର ଯାହା ଉପରେ ଅଙ୍କିତ ହୋଇଥାଏ, ସେହି ଚିତ୍ତ ହିଁ ରହେ ନାହିଁ । ତାହାର ସମ୍ପୂର୍ଣ୍ଣ ଭୂତରେ, ବାହ୍ୟ ଜଗତ ଏବଂ ଆନ୍ତରିକ ସଙ୍କଳ୍ପମାନଙ୍କ ପରଦାରେ ଲେଶ ମାତ୍ର ଅର୍ଥ ରହିନଥାଏ । ସବୁଠାରୁ ବଡ଼ ଅର୍ଥ ଥିଲା ପରମାତ୍ମା । ଯେତେବେଳେ ସେ ଉପଲବ୍ଧ ହୋଇଗଲେ, ସେତେବେଳେ ଅନ୍ୟ ବସ୍ତୁରେ ତା'ର ପ୍ରୟୋଜନ କ'ଣ ବା ରହିବ ?

**ତସ୍ମାଦ୍‌ସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।**
**ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୂରୁଷଃ ॥୧୯॥**

ଏହି ସ୍ଥିତିକୁ ପ୍ରାପ୍ତ କରିବା ନିମନ୍ତେ ତୁମେ ଅନାସକ୍ତ ହୋଇ ନିରନ୍ତର **'କାର୍ଯ୍ୟଂ କର୍ମ'**– ଯାହା କରିବା ଯୋଗ୍ୟ କର୍ମ, ସେହି କର୍ମକୁ ଭଲ ଭାବରେ କର । କାରଣ ଅନାସକ୍ତ ପୁରଷ କର୍ମ ଆଚରଣ ଦ୍ୱାରା ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ । ନିୟତ କର୍ମ, କାର୍ଯ୍ୟଂ କର୍ମ ହିଁ ଅଟେ । କର୍ମର ପ୍ରେରଣା ଦେଇ ସେ ପୁନଃ କହୁଛନ୍ତି –

**କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।**
**ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ॥୨୦॥**

ଜନକର ଅର୍ଥ ରାଜ ଜନକ ନୁହଁ । ଜନକ ଜନ୍ମଦାତାଙ୍କ କୁହାଯାଏ । ଯୋଗରୂପୀ ଜନକ, ଯିଏ କି ଆପଣଙ୍କ ସ୍ୱରୂପକୁ ଜନ୍ମ ଦେଇଥାଏ, ପ୍ରକଟ କରିଥାଏ । ଯୋଗରେ ସଂଯୁକ୍ତ ପ୍ରତ୍ୟେକ ମହାପୁରୁଷ ଜନକ ଅଟନ୍ତି । ଏପରି ଯୋଗ ସଂଯୁକ୍ତ

ହୋଇ ବହୁ ଋଷି **'ଜନକାଦୟଃ'** ଜନକାଦି ଜ୍ଞାନୀ ମହାପୁରୁଷମାନେ ମଧ୍ୟ **'କର୍ମଣାଏବହି ସଂସିଦ୍ଧିମ୍'** କର୍ମ ଦ୍ୱାରା ହିଁ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଛନ୍ତି । ପରମ ସିଦ୍ଧିର ଅର୍ଥ ପରମତତ୍ତ୍ୱ ପରମାତ୍ମାଙ୍କ ପ୍ରାପ୍ତି । ଜନକ ଇତ୍ୟାଦି ଯେତେ ସବୁ ମହାପୁରୁଷ ପୂର୍ବରୁ ହୋଇଛନ୍ତି, ଏହି **କାର୍ଯ୍ୟଂକର୍ମ** ଦ୍ୱାରା ଯାହା ଯଜ୍ଞର ପ୍ରକ୍ରିୟା, ଏହିକର୍ମକୁ କରି ହିଁ **ସଂସିଦ୍ଧିଂ**– ପରମ ସିଦ୍ଧିକୁ ପ୍ରାପ୍ତ ହୋଇଛନ୍ତି । କିନ୍ତୁ ପ୍ରାପ୍ତି ପରେ ସେମାନେ ମଧ୍ୟ ଲୋକ ସଂଗ୍ରହ ବିଚାର କରି କର୍ମରେ ପ୍ରବୃତ୍ତ ହେଇଥାନ୍ତି । ଲୋକହିତକୁ ଚାହିଁ କର୍ମ କରିଥାନ୍ତି । ଅତଃ ତୁମେ ମଧ୍ୟ ପ୍ରାପ୍ତି ନିମନ୍ତେ ଏବଂ ପ୍ରାପ୍ତି ପଶ୍ଚାତ୍ ଲୋକନାୟକ ହେବା ନିମନ୍ତେ କାର୍ଯ୍ୟଂ କର୍ମ କରିବା ହିଁ ଯୋଗ୍ୟ । ବର୍ତ୍ତମାନ ଶ୍ରୀକୃଷ୍ଣ କହିଥିଲେ ଯେ, ପ୍ରାପ୍ତି ପଶ୍ଚାତ୍ ମହାପୁରୁଷଙ୍କ କର୍ମ କରିବାରେ ନା କୌଣସି ଲାଭ, ନା ତ୍ୟାଗ କରିଦେଲେ କୌଣସି ହାନି ହୋଇଥାଏ । ତଥାପି ଲୋକ ସଂଗ୍ରହ , ଲୋକହିତ ବ୍ୟବସ୍ଥା ନିମନ୍ତେ ସେମାନେ ଭଲ ଭାବରେ ନିୟତକର୍ମ ଆଚରଣ କରିଥାନ୍ତି ।

**ୟଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।**
**ସ ୟତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥୨୧॥**

ଶ୍ରେଷ୍ଠ ପୁରୁଷ ଯେଉଁପରି ଆଚରଣ କରିଥାନ୍ତି, ଅନ୍ୟମାନେ ମଧ୍ୟ ତଦନୁସାରେ ହିଁ ଆଚରଣ କରିଥାନ୍ତି । ସେହି ମହାପୁରୁଷ ଯାହା କିଛି ପ୍ରମାଣିତ କରନ୍ତି, ସଂସାର ତାହାଙ୍କୁ ଅନୁସରଣ କରେ।

ପ୍ରଥମେ ଶ୍ରୀକୃଷ୍ଣ ସ୍ୱରୂପରେସ୍ଥିତ, ଆତ୍ମତୃପ୍ତ ମହାପୁରୁଷଙ୍କ ରହଣି ଉପରେ କହିଲେ ଯେ, ତାହାଙ୍କ ନିମନ୍ତେ କର୍ମ କରିବା ଦ୍ୱାରା ନା କୌଣସି ଲାଭ, ନା ତ୍ୟାଗ କରିଦେଲେ କୌଣସି ହାନି ହୋଇଥାଏ, ହେଲେ ମଧ୍ୟ ଜନକ ଇତ୍ୟାଦି କର୍ମରେ ଉପଯୁକ୍ତ ଭାବେ ପ୍ରବୃତ୍ତ ହେଉଥିଲେ । ଏଠାରେ ସେହି ମହାପୁରୁଷଙ୍କ ସହିତ ଶ୍ରୀକୃଷ୍ଣ କ୍ରମେ ନିଜର ତୁଳନା କରନ୍ତି ଯେ, ମୁଁ ମଧ୍ୟ ଏକ ମହାପୁରୁଷ ଅଟେ ।

**ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।**
**ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥୨୨॥**

ହେ ପାର୍ଥ ! ମୋ ନିମନ୍ତେ ତିନି ଲୋକରେ କୌଣସି କର୍ତ୍ତବ୍ୟ ଶେଷ ନଥାଏ । ପୂର୍ବରୁ କହି ଆସିଛନ୍ତି ଯେ, ସେହି ମହାପୁରୁଷଙ୍କ ସମସ୍ତ ପ୍ରାଣୀମାନଙ୍କ ଠାରେ କୌଣସି କର୍ମ ନଥାଏ । ଏଠାରେ କହୁଛନ୍ତି– ତିନି ଲୋକରେ ମୋର କୌଣସି କର୍ତ୍ତବ୍ୟ ଶେଷ ନାହିଁ ତଥା କିଞ୍ଚିତ ମାତ୍ର ପ୍ରାପ୍ତ ହେବା ଯୋଗ୍ୟ ବସ୍ତୁ ଅପ୍ରାପ୍ୟ ନାହିଁ । ତେବେ ମଧ୍ୟ ମୁଁ କର୍ମରେ ପ୍ରବୃତ୍ତ ହୋଇଛି । କାହିଁକି ?

**ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।**
**ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥୨୩॥**

କାରଣ ଯଦି ମୁଁ ସାବଧାନ ହୋଇ କଦାଚିତ୍ କର୍ମ ନ କରିବି, ତେବେ ମନୁଷ୍ୟ ମୋର ଆଚରଣ ଅନୁସାରେ ଅନୁସରଣ କରିଯିବେ । ତେବେ କ'ଣ ଆପଣଙ୍କର ଅନୁକରଣ ଖରାପ ? ଶ୍ରୀକୃଷ୍ଣ କହୁଛନ୍ତି –ହଁ ।

**ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।**
**ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥୨୪॥**

ଯଦି ମୁଁ ସାବଧାନ ହୋଇ କର୍ମ ନ କରିବି, ତେବେ ଏହି ସମ୍ପୂର୍ଣ୍ଣ ଲୋକେ ଭ୍ରଷ୍ଟ ହୋଇଯିବେ ଏବଂ ମୁଁ 'ସଙ୍କରସ୍ୟ'–ବର୍ଣ୍ଣସଙ୍କର ଉତ୍ପନ୍ନ କରିବାରେ ଭାଗିଦାର ହୋଇଯିବି । ତଥା ଏହି ସମ୍ପୂର୍ଣ୍ଣ ପ୍ରଜାମାନଙ୍କ ହତ୍ୟାକାରୀ ଅର୍ଥାତ୍ ସମସ୍ତଙ୍କୁ ମାରିବାରେ କର୍ତ୍ତା ହୋଇଯିବି ।

ସ୍ୱରୂପସ୍ଥିତମହାପୁରୁଷ ସତର୍କ ରହି ଯଦି ଆରାଧାନା କ୍ରମରେ ଲାଗି ନରହିବେ, ତେବେ ସମାଜ ତାହାଙ୍କୁ ନକଲ କରି ଭ୍ରଷ୍ଟ ହୋଇଯିବ । ମହାପୁରୁଷ ଆରାଧନା ପୂର୍ଣ୍ଣ କରି ପରମ ନୈଷ୍କର୍ମ୍ୟ ସ୍ଥିତି ପ୍ରାପ୍ତ ହୋଇଛନ୍ତି । ସେ ଯଦି ନକରନ୍ତି, ତାହାଙ୍କ ନିମନ୍ତେ କୌଣସି ହାନି ନାହିଁ । କିନ୍ତୁ ସମାଜ ତ ବର୍ତ୍ତମାନ ଆରାଧନା ପ୍ରାରମ୍ଭ ହିଁ କରିନାହିଁ । ଅନୁଯାୟୀଙ୍କ ମାର୍ଗ ଦର୍ଶନ ନିମନ୍ତେ ହିଁ ମହାପୁରୁଷ କର୍ମ କରୁଥାନ୍ତି । ମୁଁ ମଧ୍ୟ କରୁଅଛି ଅର୍ଥାତ୍ ଶ୍ରୀକୃଷ୍ଣ ଜଣେ ମହାପୁରୁଷ ଥିଲେ ନା କି ବୈକୁଣ୍ଠରୁ ଆସିଥିବା କୌଣସି ବିଶେଷ ଭଗବାନ । ସେ କହିଲେ ଯେ, ମହାପୁରୁଷ ଲୋକ ସଂଗ୍ରହ ନିମନ୍ତେ କର୍ମ କରିଥାନ୍ତି । ମୁଁ ମଧ୍ୟ କରୁଛି । ଯଦି ନକରିବି ତେବେ ଲୋକମାନଙ୍କ ପତନ ହୋଇଯିବ। ସମସ୍ତେ କର୍ମକୁ ତ୍ୟାଗକରି ବସିଯିବେ ।

ମନବଡ଼ ଚଞ୍ଚଳ । ଏହା ସବୁକିଛି ଚାହୁଁଥାଏ, କେବଳ ଭଜନ ଅର୍ଥାତ୍ ଶ୍ୱାସ ପ୍ରଶ୍ୱାସର ନିରନ୍ତର ଚିନ୍ତନ କରିବା ଚାହୁଁ ନଥାଏ । ଏଠାରେ ଭଜନର ଅର୍ଥ ଗୀତା ଗାଇବା ନୁହଁ ବରଂ ନିରନ୍ତର ଶ୍ୱାସ ପ୍ରଶ୍ୱାସର ଚିନ୍ତନକୁ ହିଁ କୁହାଯାଏ । ଯଦି ସ୍ୱରୂପସ୍ଥିତ ମହାପୁରୁଷ କର୍ମ ନକରିବେ, ତେବେ ଦେଖି ଶୁଣି ପଛରେ ଥିବା ଜନତା ମଧ୍ୟ ତୁରନ୍ତ କର୍ମ ତ୍ୟାଗ କରିଦେବେ । ତାଙ୍କୁ ବାହାନା ମିଳିଯିବ ଯେ, ଏହି ମହାପୁରୁଷ ଭଜନ କରୁ ନାହାଁନ୍ତି, ପାନ ଖାଆନ୍ତି, ବାସନା ତୈଳ ଲାଗନ୍ତି, ସାମାନ୍ୟ କଥା କହୁଛନ୍ତି । ତଥାପି ମହାପୁରୁଷ ବୋଲାଉଛନ୍ତି– ଏପରି ବିଚାର କରି ଜନତା ମଧ୍ୟ ଆରଧନା ପଥରୁ ହଟିଯାଆନ୍ତି, ପତିତ ହୋଇଯାଆନ୍ତି । ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯଦି ମୁଁ କର୍ମ ନ କରିବି, ତେବେ ସମସ୍ତେ ଭ୍ରଷ୍ଟ ହୋଇଯିବେ ଏବଂ ମୁଁ ବର୍ଣ୍ଣସଙ୍କର କର୍ତ୍ତା

ହୋଇଯିବି ।

ସ୍ତ୍ରୀମାନଙ୍କ ଦୁଷିତ ହେବାଦ୍ୱାରା ବର୍ଣ୍ଣସଙ୍କର ଦେଖିବାକୁ ଓ ଶୁଣିବାକୁ ମିଳେ । ଅର୍ଜୁନ ମଧ୍ୟ ଏହି ଭୟର ବିକଳ ଥିଲେ ଯେ, ସ୍ତ୍ରୀମାନେ ଦୂଷିତ ହୋଇଗଲେ ବର୍ଣ୍ଣସଙ୍କର ଉତ୍ପନ୍ନ ହୋଇଯିବେ । କିନ୍ତୁ ଶ୍ରୀକୃଷ୍ଣ କହନ୍ତି– ଯଦି ମୁଁ ସାବଧାନ ହୋଇ ଆରାଧନାରେ ଲଗି ନ ରହିବି, ତେବେ ବର୍ଣ୍ଣସଙ୍କରର କର୍ତ୍ତା ହେବି । ବସ୍ତୁତଃ ଆତ୍ମାର ଶୁଦ୍ଧ ବର୍ଣ୍ଣ ହେଉଛି– ପରମାତ୍ମା । ନିଜର ଶାଶ୍ୱତ ସ୍ୱରୂପ ପଥରୁ ଭ୍ରମିତ ହୋଇଯିବା ହିଁ ବର୍ଣ୍ଣସଙ୍କରତା ଅଟେ । ଯଦି ସ୍ୱରୂପସ୍ଥ ମହାପୁରୁଷ କ୍ରିୟାରେ ପ୍ରବୃତ୍ତ ହୁଅନ୍ତି, ତେବେ ଲୋକେ ତାହାଙ୍କ ଅନୁକରଣରେ କ୍ରିୟା ରହିତ ହୋଇଯିବେ, ଆତ୍ମ ପଥରୁ ଭ୍ରମିତ ହୋଇଯିବେ, ବର୍ଣ୍ଣସଙ୍କର ହୋଇଯିବେ । ସେମାନେ ପ୍ରକୃତିରେ ଲୀନ ହୋଇଯିବେ ।

ସ୍ତ୍ରୀମାନଙ୍କ ସତୀତ୍ୱ ଏବଂ ନାଡି ଶୁଦ୍ଧତା ଏକ ସାମାଜିକ ବ୍ୟବସ୍ଥା ମାତ୍ର, ଅଧିକାରର ପ୍ରଶ୍ନ ହୋଇଥାଏ । ସମାଜ ନିମନ୍ତେ ତାହା ଉପଯୋଗୀ ମଧ୍ୟ ରହିଥାଏ କିନ୍ତୁ ମାତା–ପିତାଙ୍କ ଭୁଲ୍ ସନ୍ତାନଙ୍କ ସାଧନାରେ କୌଣସି ପ୍ରଭାବ ପଡ଼ିନଥାଏ । **'ଆପନ୍ କରନୀ ପାର ଉତରନୀ'**– ହନୁମାନ, ବ୍ୟାସ, ବଶିଷ୍ଠ, ନାରଦ, ଶୁକଦେବ, କବୀର, ଯିଶୁଖ୍ରୀଷ୍ଟ ଇତ୍ୟାଦି ଶ୍ରେଷ୍ଠ ମହାପୁରୁଷ ଥିଲେ, ଯେତେବେଳେ କି ସାମାଜିକ କୁଳିନତା ଦ୍ୱାରା ଏମାନଙ୍କ ସମ୍ପର୍କ ନଥିଲା । ଆତ୍ମା ନିଜର ପୂର୍ବ ଜନ୍ମର ଗୁଣ–ଧର୍ମ ନେଇ ଆସିଥାଏ । ଶ୍ରୀକୃଷ୍ଣ କହିଥାନ୍ତି – **'ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତି ସ୍ଥାନି କର୍ଷତି** '' (୧୫/୭) ମନ ସହିତ ଇନ୍ଦ୍ରିୟଦ୍ୱାରା ଯେଉଁକାର୍ଯ୍ୟ ଏହି ଜନ୍ମରେ ହୋଇଥାଏ । ତାହାର ସଂସ୍କାର ନେଇ ଜୀବାତ୍ମା, ପୁରୁଣା ଶରୀରକୁ ତ୍ୟାଗ କରି ନବୀନ ଶରୀରରେ ପ୍ରବେଶ କରିଥାଏ । ଏଥିରେ ଜନ୍ମ ଦାତାଙ୍କ କ'ଣ ଭୁଲ୍ ? ତାହାଙ୍କ ବିକାଶରେ କୌଣସି ଅନ୍ତର ଆସିନଥାଏ । ଅତଃ ସ୍ତ୍ରୀମାନେ ଦୁଷିତ ହୋଇଗଲେ ବର୍ଣ୍ଣ ସଙ୍କର ହୋଇନଥାନ୍ତି । ସ୍ତ୍ରୀମାନଙ୍କ ଦୁଷିତ ହେବା ଏବଂ ବର୍ଣ୍ଣସଙ୍କର ସହିତ କୌଣସି ସମ୍ବନ୍ଧ ନାହିଁ । ଶୁଦ୍ଧ ସ୍ୱରୂପ ଆଡ଼କୁ ଅଗ୍ରସର ନ ହୋଇ ପ୍ରକୃତିରେ ବିଲୀନ ହୋଇଯିବା ହିଁ ବର୍ଣ୍ଣ ସଂକର ଅଟେ ।

ଯଦି ମହାପୁରୁଷ ସାବଧାନ ସହିତ କ୍ରିୟା ଅର୍ଥାତ୍ ନିୟତ କର୍ମରେ ପ୍ରବୃତ୍ତ ହୋଇ ଲୋକମାନଙ୍କ ଦ୍ୱାରା କ୍ରିୟା ନ କରାଇବେ ତେବେ ସେ ସେହି ସମ୍ପୂର୍ଣ୍ଣ ପ୍ରଜାମାନଙ୍କ ହତ୍ୟାକାରୀ ହୋଇଥାନ୍ତି । ମାରିବାର କର୍ତ୍ତା ହୋଇଥାନ୍ତି । ସାଧନ– କ୍ରମରେ ଚାଲି ସେହି ମୂଳ ଅବିନାଶୀଙ୍କ ପ୍ରାପ୍ତି ହିଁ ଜୀବନ ଏବଂ ପ୍ରକୃତିରେ ଛିନ୍ନ ଭିନ୍ନ ହୋଇଯିବା, ଭ୍ରମିତ ହେବା ହିଁ ମୃତ୍ୟୁ ଅଟେ, କିନ୍ତୁ ସେହି ମହାପୁରୁଷ ଏହି ସମ୍ପୂର୍ଣ୍ଣ ପ୍ରଜାଙ୍କୁ ଯଦି କ୍ରିୟା ପଥରେ ଚାଲାନ୍ତି ନାହିଁ, ସେହି ସମ୍ପୂର୍ଣ୍ଣ ପ୍ରଜାଙ୍କୁ ଛିନ୍ନ ଭିନ୍ନ ହେବାରୁ

ଅଟକାଇ ସତ୍ ପଥରେ ନ ଚଲାନ୍ତି, ତେବେ ସେ ସମ୍ପୂର୍ଣ୍ଣ ପ୍ରଜାଙ୍କ ହିଂସକ ହୋଇଥାଏ, ହତ୍ୟାରୀ ହୋଇଥାଏ । କ୍ରମଶଃ କ୍ରିୟାଶୀଳ ରହି, ସେମାନଙ୍କ ଦ୍ୱାରା କରାଇ ନେଇଥାନ୍ତି, ସେ ହିଁ ଶୁଦ୍ଧ ଅହିଂସକ ଅଟନ୍ତି । **''ୟଂ ସ୍ୱୟଂ କରୋତି, ପରାନ୍ କାରୟତି ସ ଏବ ବେଦ ପୁରୁଷଃ''** ଅର୍ଥାତ୍ ଯେ ସ୍ୱୟଂ କ୍ରିୟାଶୀଳ ହୋଇ ଅନ୍ୟମାନଙ୍କୁ ମଧ୍ୟ ସେହି କ୍ରିୟାରେ ପ୍ରବୃତ୍ତ କରାଇଥାନ୍ତି । ସେ ହିଁ ଜ୍ଞାନ ପ୍ରାପ୍ତ ମହାପୁରୁଷ । ଗୀତାନୁସାରେ, ଶରୀରର ନିଧନ, ନଶ୍ୱର କଳେବରର ନିଧନ ମାତ୍ର ପରିବର୍ତ୍ତନ ଅଟେ, ହିଂସା ନୁହେଁ ।

**ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ୟଥା କୁର୍ବନ୍ତି ଭାରତ ।**
**କୁର୍ୟ୍ୟାଦ୍ ବିଦ୍ୱାଂସ୍ତଥାସକ୍ତଶ୍ଚିକୀ ର୍ଷୁର୍ଲୋକସଂଗ୍ରହମ୍ ॥୨୫॥**

ହେ ଭାରତ ! କର୍ମରେ ଆସକ୍ତ ହୋଇଥିବା ଅଜ୍ଞାନୀ ଲୋକ ଯେପରି କର୍ମ କରିଥାନ୍ତି, ସେହିପରି ହିଁ ଅନାସକ୍ତ ବିଦ୍ୱାନ ପୂର୍ଣ୍ଣଜ୍ଞାତା ମଧ୍ୟ ଲୋକ ହୃଦୟରେ ପ୍ରେରଣା ଏବଂ କଲ୍ୟାଣ ସଂଗ୍ରହ ଇଚ୍ଛା ରଖି କର୍ମ କରିବା ଉଚିତ୍ । ଯଜ୍ଞ ବିଧିକୁ ଆମ୍ଭେ ଜାଣୁଛେ ଏବଂ କରୁଛେ ମଧ୍ୟ । ତଥାପି ଆମ୍ଭେ ଅଜ୍ଞାନୀ ହିଁ ରହୁଛେ । ଜ୍ଞାନର ଅର୍ଥ ହେଉଛି ପ୍ରତ୍ୟେକ୍ଷ ଜାନକାରୀ । ଯେଉଁ ପର୍ଯନ୍ତ ଲେଶମାତ୍ର ମଧ୍ୟ ଆମ୍ଭେ ଅଲଗା ଏବଂ ଆରାଧ୍ୟ ଅଲଗା, ସେ ପର୍ଯ୍ୟନ୍ତ ଅଜ୍ଞାନ ବିଦ୍ୟାମାନ । ଯେଉଁ ପର୍ଯ୍ୟନ୍ତ ଅଜ୍ଞାନ ରହିଛି, ସେହି ପର୍ଯ୍ୟନ୍ତ କର୍ମରେ ଆସକ୍ତି ରହିଥାଏ । ଅଜ୍ଞାନୀ ଯେପରି ଆସକ୍ତି ସହିତ ଆରାଧନା କରିଥାଏ, ସେହିପରି ଅନାସକ୍ତ ପରୁଷ ମଧ୍ୟ ଲୋକ ଶିକ୍ଷଣ ନିମନ୍ତେ କର୍ମରେ ପ୍ରବୃତ୍ତ ହୋଇଥାଏ । ଯାହାର କର୍ମରେ ପ୍ରୟୋଜନ ନାହିଁ, ସେ ଆସକ୍ତ କାହିଁକି ହେବ ? ଏପରି ପୂର୍ଣ୍ଣ ଜ୍ଞାତା ମହାପୁରୁଷ ମଧ୍ୟ ଲୋକ ହିତ ନିମନ୍ତେ କର୍ମ କରିବା ଉଚିତ୍ । ଦୈବୀ ସମ୍ପଦର ଉତ୍କର୍ଷ କରିବା ଆବଶ୍ୟକ । ଯେମିତି ସମାଜ ସେହି ପଥରେ ଚାଲି ପାରିବ ।

**ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।**
**ଜୋଷୟେତ୍ ସର୍ବକର୍ମାଣି ବିଦ୍ୱାନ ୟୁକ୍ତଃ ସମାଚରନ୍ ॥୨୬॥**

ଜ୍ଞାନୀ ପୁରୁଷ, କର୍ମରେ ଆସକ୍ତ ହୋଇଥିବା ଅଜ୍ଞାନୀମାନଙ୍କ ବୁଦ୍ଧିରେ ଭ୍ରମ ଉତ୍ପନ୍ନ ନକରିବା ଉଚିତ୍ । ଅର୍ଥାତ୍ ସ୍ୱରୂପସ୍ଥ ମହାପୁରୁଷ ଧ୍ୟାନ ଦେବା ଉଚିତ୍ ଯେ, ତାହାଙ୍କ କୌଣସି ଆଚରଣ ଦ୍ୱାରା ପଛରେ ଆସୁଥିବା ଅନୁଯାୟୀଙ୍କ ମନରେ କର୍ମପ୍ରତି ଅଶ୍ରଦ୍ଧା ଉତ୍ପନ୍ନ ନ ହେଉ । ପରମାତ୍ମ ତତ୍ତ୍ୱରେ ସଂଯୁକ୍ତ ମହାପୁରୁଷ ସ୍ୱୟଂ ସମ୍ୟକ୍ ପ୍ରକାର ନିୟତ କର୍ମ କରି, ଜନତାଙ୍କୁ ମଧ୍ୟ ଠିକ୍ ସେହିପରି ସେହି କର୍ମରେ ପ୍ରବୃତ୍ତ କରାଇବା ଉଚିତ୍ ।

ଏହି କାରଣ ଥିଲାଯେ, ପୂଜ୍ୟ ଗୁରୁ ମହାରାଜଜୀ ବୃଦ୍ଧାବସ୍ଥାରେ ମଧ୍ୟ ରାତ୍ର ଦୁଇଟାରୁ ଉଠି ବସିଯାଉଥିଲେ ଏବଂ କାସୁଥିଲେ । ପୁନଃ ରାତ୍ର ତିନିଟାରେ କହୁଥାନ୍ତି – **'ଉଠ, ମିଟ୍ଟୀକେ ପୁତଲୋଁ,'** ଅର୍ଥାତ୍ ହେ ମାଟିର ଗଢା କଣ୍ଢେଇ ! ବର୍ତ୍ତମାନ ଉଠ ! ସମସ୍ତେ ଉଠି ଚିନ୍ତନରେ ଲାଗିଗଲେ, ସେ ସ୍ୱୟଂ ଅଳ୍ପ ସମୟ ବିଶ୍ରାମ କରି ନେଉଥିଲେ । କିଛି ସମୟ ପରେ ପୁଣି ଉଠି ବସି କହୁଥିଲେ – ତୁମ୍ଭେମାନେ ଭାବୁଥିବ ଯେ, ମହାରାଜଜୀ ଶୋଇଯାଇଥିବେ । କିନ୍ତୁ ମୁଁ ଶୋଇନଥାଏ, ଶ୍ୱାସ-ପ୍ରଶ୍ୱାସ ଚିନ୍ତନରେ ଲାଗିଛି । ବୃଦ୍ଧାବସ୍ଥା ଶରୀର, ବସିବା ନିମନ୍ତେ କଷ୍ଟ ହେଉଛି, ତେଣୁ ମୁଁ ବିଶ୍ରାମ ନେଉଛି । କିନ୍ତୁ ତୁମ୍ଭେମାନେ ତ ସ୍ଥିର ଏବଂ ସିଧା ବସି ଚିନ୍ତନରେ ଲାଗିବା ଆବଶ୍ୟକ । ଯେଉଁ ପର୍ଯ୍ୟନ୍ତ ତୈଳଧାରା ସଦୃଶ ଶ୍ୱାସରୂପୀ ଡ଼ୋରି ନ ଲାଗିଛି, କ୍ରମ ନ ତୁଟିଛ, ଅନ୍ୟ ସଙ୍କଳ୍ପ ମଧ୍ୟଦେଶରେ ବ୍ୟବଧାନ ନକରିପାରିଛି, ସେ ପର୍ଯ୍ୟନ୍ତ ନିରନ୍ତର ଲାଗି ରହିବା ସାଧକର ଧର୍ମ । ମୋର ଶ୍ୱାସ ତ ବାଉଁଶ ପରି ସ୍ଥିର ହୋଇ ରହିଛି । କାରଣ ଏହା ଅଟେ ଯେ, ଅନୁୟାୟୀ ମାନଙ୍କୁ ପ୍ରବୃତ୍ତ କରାଇବା ନିମନ୍ତେ ସେହି ମହାପୁରୁଷ ଭଲଭାବେ କର୍ମରେ ବିଚରଣ କରିଥାନ୍ତି । **'ଜିସକୋ ଶିଖାବୈ, ଉସେ କରକେ ଦିଖାବୈ'** ଅର୍ଥାତ୍ ମହାପୁରୁଷ ଯାହା ଶିଖାଇବା ନିମନ୍ତେ ଇଚ୍ଛା ରଖନ୍ତି, ସେ ନିଜେ ତାହାର ଆଚରଣ କରି ଦେଖାଇଥାନ୍ତି । ନା କି ବସି ବସି ଅଙ୍ଗୁଳି ହଲାଉଥାଆନ୍ତି ।

ଏହି ପରି ସ୍ୱରୂପସ୍ଥ ମହାପୁରୁଷ ସ୍ୱୟଂ କର୍ମକରି, ସାଧକମାନଙ୍କୁ ମଧ୍ୟ ଆରାଧନାରେ ଲଗାଇବା ଉଚିତ୍ । ସାଧକ ମଧ୍ୟ ଶ୍ରଦ୍ଧା ପୂର୍ବକ ଆରାଧନାରେ ଲାଗି ରହିବା ଆବଶ୍ୟକ । କିନ୍ତୁ ସେ ଜ୍ଞାନ ଯୋଗୀ ହେଉ ଅଥବା ସମର୍ପଣ ଭାବଯୁକ୍ତ ନିଷ୍କାମ କର୍ମଯୋଗୀ, ସାଧକଙ୍କ ମଧ୍ୟରେ ସାଧନାର ଅହଙ୍କାର ନ ଆସିବା ଆବଶ୍ୟକ । କର୍ମ ଯାହା ଦ୍ୱାରା ହୋଇଥାଏ, ତାହା ହେବାରେ କାରଣ କିଏ ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି –

**ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।**
**ଅହଙ୍କାରବିମୂଢାତ୍ମା କର୍ତ୍ତାହମିତି ମନ୍ୟତେ ॥୨୭॥**

ଆରମ୍ଭରୁ ପୂର୍ତ୍ତି ପର୍ଯ୍ୟନ୍ତ କର୍ମ ପ୍ରକୃତିର ଗୁଣ ଦ୍ୱାରା ସମ୍ପାଦିତ ହୋଇଥାଏ । ତଥାପି ଅହଂକାର ଯୁକ୍ତ ମୂଢ ପୁରୁଷ 'ମୁଁ କହୁଛି' ଏପରି ମାନି ନେଇଥାଏ । ଏହା କିପରି ବୁଝିବାକୁ ହେବ ଯେ, ଆରାଧନା ପ୍ରକୃତିର ଗୁଣ ଦ୍ୱାରା ସମ୍ପାଦିତ ହେଉଛି ? ଏହାକୁ କିଏ ଦେଖିଛି ? ଏହା ଉପରେ କହୁଛନ୍ତି ଯେ–

**ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।**

**ଗୁଣା ଗୁଣେଷୁ ବର୍ତ୍ତନ୍ତି ଇତି ମତ୍ୱା ନ ସଜ୍ଜତେ ।।୨୮।।**

ହେ ମହାବାହୋ ! ଗୁଣ ଏବଂ କର୍ମର ବିଭାଗକୁ **'ତତ୍ତ୍ୱବିଦ୍'** ପରମତତ୍ତ୍ୱ ପରମାତ୍ମାଙ୍କୁ ଜାଣିଥିବା ମହାପୁରୁଷମାନେ ଦେଖିଥିଲେ ଏବଂ ସମସ୍ତ ଗୁଣ, ଗୁଣଦ୍ୱାରା ହିଁ ପ୍ରବୃତ୍ତ ହୋଇଥାଏ । ଏପରି ନିଶ୍ଚୟ କରି ସେମାନେ ଗୁଣ ଓ କର୍ମର କର୍ତ୍ତାପଣରେ ଆସକ୍ତ ହୋଇନଥାନ୍ତି ।

ଏଠାରେ ତତ୍ତ୍ୱର ଅର୍ଥ ହେଉଛି ପରମତତ୍ତ୍ୱ ପରମାତ୍ମା, ନା କି ପାଞ୍ଚ ଅଥବା ପଚିଶ ତତ୍ତ୍ୱ । ଯେପରି କି ଲୋକେ ଗଣନା କରିଥାନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଶବ୍ଦରେ ତତ୍ତ୍ୱ ଏକ ମାତ୍ର ପରମାତ୍ମା ଅଟେ । ଅନ୍ୟ କୌଣସି ତତ୍ତ୍ୱ ହିଁ ନାହିଁ । ଗୁଣମାନଙ୍କୁ ପାରକରି ପରମ ତତ୍ତ୍ୱ ପରମାତ୍ମାସ୍ଥିତ ମହାପୁରୁଷ ଗୁଣମାନଙ୍କ ଅନୁସାରେ କର୍ମର ବିଭାଜନକୁ ଦେଖିପାରନ୍ତି । ତାମସିକ ଗୁଣ ରହିଲେ, ତା'ର କାର୍ଯ୍ୟ ହେଉଛି– ଆଳସ୍ୟ, ନିଦ୍ରା, ପ୍ରମାଦ, କର୍ମରେ ପ୍ରବୃତ୍ତ ନ ହେବା ସ୍ୱଭାବ ଇତ୍ୟାଦି । ରାଜସୀକ ଗୁଣ ରହିଲେ ଆରାଧନାରୁ ପଛକୁ ନ ହଟିଯିବା ସ୍ୱଭାବ, ଶୌର୍ଯ୍ୟ ଅର୍ଥାତ୍ ସାଧନ ପଥରେ ବୀରତା, ସ୍ୱାମୀଭାବ ଦ୍ୱାରା କାର୍ଯ୍ୟ ହେବା ଏବଂ ସାତ୍ତ୍ୱିକ ଗୁଣ ରହିଲେ– ଧ୍ୟାନ, ସମାଧି, ଅନୁଭବ, ଉପଲବ୍ଧି, ଧାରାବାହୀ ଚିନ୍ତନ, ଏକାନ୍ତ ସେବନ, ସରଳତା ଇତ୍ୟାଦି ସ୍ୱଭାବରେ ରହିବ । ଗୁଣ ପରିବର୍ତ୍ତନଶୀଳ ଅଟେ । ପ୍ରତ୍ୟେକ୍ଷଦର୍ଶୀ ଜ୍ଞାନୀ ହିଁ ଦେଖିପାରି ଥାନ୍ତି ଯେ, ଗୁଣ ଅନୁରୂପ କର୍ମର ଉତ୍କର୍ଷ–ଅପକର୍ମ ହୋଇଥାଏ । ଗୁଣ ନିଜର କାର୍ଯ୍ୟ କରିନେଇଥାଏ । ଅର୍ଥାତ୍ ଗୁଣ ଗୁଣଦ୍ୱାରା ହିଁ ପ୍ରବୃତ୍ତ ହୋଇଥାଏ । ଏପରି ବିଚାର କରି ସେହି ପ୍ରତ୍ୟେକ୍ଷ ଦ୍ରଷ୍ଟା କର୍ମରେ ଆସକ୍ତ ହୋଇନଥାନ୍ତି । କିନ୍ତୁ ଯେଉଁମାନେ ଗୁଣମାନଙ୍କ ଠାରୁ ପାର ପାଇନାହାଁନ୍ତି, ଯିଏ ବର୍ତ୍ତମାନ ସେହି ରାସ୍ତାର ପଥିକ ଅର୍ଥାତ୍ ସାଧନ ପଥରେ ଚାଲୁଛନ୍ତି, ସେମାନଙ୍କୁ ତ କର୍ମରେ ଆସକ୍ତ ରହିବା ଆବଶ୍ୟକ । ତେଣୁ କରି କହୁଛନ୍ତି

**ପ୍ରକୃତେ ର୍ଗୁଣସମ୍ମୂଢାଃ ସଜ୍ଜନ୍ତେ ଗୁଣକର୍ମସୁ ।**
**ତାନକୃତ୍ସ୍ନବିଦୋ ମନ୍ଦାନ୍ କୃତ୍ସ୍ନବିନ୍ନ ବିଚାଲୟେତ୍ ।।୨୯।।**

ପ୍ରକୃତିର ଗୁଣଦ୍ୱାରା ମୋହିତ ହୋଇଥିବା ପୁରୁଷ ଗୁଣ ଏବଂ କର୍ମରେ କ୍ରମଶଃ ନିର୍ମଳ ଗୁଣର ଉନ୍ନତି ଦେଖି ସେଥିପ୍ରତି ଆସକ୍ତ ହୋଇଥାଏ । ଭଲ ରୂପେ ନ ବୁଝିଥିବା **'ମନ୍ଦାନ୍'** ଶିଥିଳ ପ୍ରୟତ୍ନଯୁକ୍ତ ବ୍ୟକ୍ତିଙ୍କୁ ଅନୁଭବୀ ଜ୍ଞାନୀ ବିଭ୍ରମ କରିବା ଅନୁଚିତ । ତାହାଙ୍କୁ ହତୋତ୍ସାହିତ ନକରିବା ଉଚିତ୍ ବରଂ ପ୍ରୋତ୍ସାହନ ଦେବା ଆବଶ୍ୟକ । କାରଣ କର୍ମ କରିବା ଦ୍ୱାରା ହିଁ ତାଙ୍କୁ ପରମ ନୈଷ୍କର୍ମ୍ୟ ସ୍ଥିତିକୁ ପ୍ରାପ୍ତ କରିବାକୁ ହେବ । ନିଜର ଶକ୍ତି ଏବଂ ସ୍ଥିତିକୁ ବୁଝି କର୍ମରେ ପ୍ରବୃତ୍ତ ହୋଇଥିବା

ଜ୍ଞାନମାର୍ଗୀ ସାଧକମାନଙ୍କୁ ମନ ରଖିବା ଉଚିତ୍ ଯେ, କର୍ମପ୍ରତି ଗୁଣମାନଙ୍କ ଅବଦାନ ଜାଣିବା ଆବଶ୍ୟକ । ନିଜକୁ କର୍ତ୍ତାମାନି ଅହଂକାରୀ ହେବା ଅନୁଚିତ୍ । ନିର୍ମଳ ଗୁଣ ପ୍ରାପ୍ତ ହେବାପରେ ମଧ୍ୟ ସେଥିପ୍ରତି ଆସକ୍ତି ନହେବା ଆବଶ୍ୟକ । କିନ୍ତୁ ନିଷ୍କାମ କର୍ମ ଯୋଗୀଙ୍କୁ କର୍ମ ଏବଂ ଗୁଣର ବିଶ୍ଳେଷଣରେ ସମୟ ଦେବା କୌଣସି ଆବଶ୍ୟକ ନାହିଁ । ତାହାଙ୍କୁ ତ ସମର୍ପଣ ସହିତ କର୍ମ କରିବାକୁ ହେବ ଅର୍ଥାତ୍ ଗୁରୁ ମହରାଜ ଯାହା କିଛି କହିଲେ, ସେତିକି ହିଁ ସାଧନ କରିବା ଆବଶ୍ୟକ । ନା ଅଧିକ ନା କମ୍ । କାରଣ ଆଜ୍ଞାନ ପାଳନ ହିଁ ଭଜନ । କେଉଁ ଗୁଣ କାର୍ଯ୍ୟରତ ହେଉଛି, କେଉଁ ଗୁଣ କାର୍ଯ୍ୟରତ ହେଉ ନାହିଁ, ତାହାକୁ ଦେଖିବା ଇଷ୍ଟ ଅର୍ଥାତ୍ ଗୁରୁଙ୍କ ଦାୟିତ୍ୱ ହୋଇଯାଏ । ଗୁଣମାନଙ୍କ ପରିବର୍ତ୍ତନ ଏବଂ କ୍ରମ ଉତ୍ଥାନ, ତାହା ଇଷ୍ଟଙ୍କ ହିଁ ଅବଦାନ ମାନିନେବା ଉଚିତ ଏବଂ କର୍ମରେ ପ୍ରବୃତ୍ତ ହେବା ମଧ୍ୟ ତାହାଙ୍କ ହିଁ ଅବଦାନ ମାନିବା ଉଚିତ । ଅତଃ କର୍ତ୍ତାପଣର ଅହଂକାର ଏବଂ ଗୁଣରେ ଆସକ୍ତ ହେବା ସମସ୍ୟା ତାହାଙ୍କ ନିମନ୍ତେ ରହିନଥାଏ । ଯେତେବେଳେ କି ଅନବରତ ସାଧନରେ ଅର୍ଥାତ୍ ଚିନ୍ତନରେ ଲାଗି ରହିଥାଏ । ଏହା ଉପରେ ଯୁଦ୍ଧର ସ୍ୱରୂପକୁ ବ୍ୟାଖ୍ୟା କରି ଶ୍ରୀକୃଷ୍ଣ କହୁଛନ୍ତି–

**ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।**
**ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।।୩୦।।**

ହେ ଅର୍ଜୁନ ! **'ଆଧ୍ୟାତ୍ମଚେତସା'**–ତୁମେ ଅନ୍ତରାତ୍ମାରେ ଚିତ୍ତକୁ ନିରୋଧ କରି ଧ୍ୟାନସ୍ଥ ହୋଇ ସମ୍ପୂର୍ଣ୍ଣ କର୍ମକୁ ମୋତେ ସମର୍ପଣ କରି, ଆଶା ରହିତ, ମମତା ରହିତ ଏବଂ ସନ୍ତାପ ରହିତ ହୋଇ ଯୁଦ୍ଧ କର । ଯେତେବେଳେ ଚିତ୍ତ ଧ୍ୟାନରେ ସ୍ଥିତ ରହିଥାଏ, ଲେଶମାତ୍ର କେଉଁଥିରେ ଆଶା ନାହିଁ, କର୍ମରେ ମମତ୍ୱ ନାହିଁ, ଅସଫଳତାର ସନ୍ତାପ ନାହିଁ, ତେବେ ସେହି ପୁରୁଷ କେଉଁ ଯୁଦ୍ଧ କରିବ ? ଯେତେବେଳେ ଚାରିଆଡୁ ଚିତ୍ତକୁ ସାଉଁଟି ହୃଦୟ ଦେଶରେ ନିରୋଧ କରିଦିଏ, ତେବେ ସେ ଲଢିବ କହା ନିମନ୍ତେ ? କାହା ସହିତ ଏବଂ ସେଠାରେ କିଏ ଅଛି ? ବାସ୍ତବରେ ଯେତେବେଳେ ଆପଣ ଧ୍ୟାନରେ ପ୍ରବେଶ କରିବେ, ସେତେବେଳେ ଯୁଦ୍ଧର ନିଶ୍ଚିତ ସ୍ୱରୂପ ଉପସ୍ଥିତ ହେବ । ତେବେ କାମ–କ୍ରୋଧ, ରାଗ–ଦ୍ୱେଷ, ଆଶା–ତୃଷ୍ଣା ଇତ୍ୟାଦି ବିକାରମାନଙ୍କ ସମୂହ ବିଜାତୀୟ ପ୍ରବୃତ୍ତି ଗୁଡ଼ିକ ଯାହାକୁ 'କୁରୁ' କୁହାଯାଏ, ସଂସାରରେ ପ୍ରବୃତ୍ତି ହିଁ ଦେଇଥାଏ, ବାଧା ରୂପରେ ଭୟଙ୍କର ଆକ୍ରମଣ କରିଥାଏ , ବାସ୍ ଏମାନଙ୍କ ସହିତ ଲଢେଇ କରିବା ହିଁ ଯୁଦ୍ଧ ଅଟେ । ଏମାନଙ୍କୁ ହଟାଇ ଅନ୍ତରାତ୍ମାରେ ଓତପ୍ରୋତ ହୋଇ ଧ୍ୟାନସ୍ଥ ହୋଇଯିବା ହିଁ

ଯଥାର୍ଥ ଯୁଦ୍ଧ ଅଟେ । ଏହା ଉପରେ ପୁଣି ବର୍ଣ୍ଣନା କରୁଛନ୍ତି –

**ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।**
**ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ।।୩୧।।**

ହେ ଅର୍ଜୁନ ! ଯେଉଁ ମନୁଷ୍ୟ ଦୋଷ ଦୃଷ୍ଟିରୁ ରହିତ ହୋଇ ଶ୍ରଦ୍ଧାଭାବ, ସମର୍ପଣ ଦ୍ୱାରା ସଦା ମୋର ଏହି ମତାନୁସାରେ ଯୁଦ୍ଧରେ ପ୍ରବୃତ୍ତ ହୋଇଥାନ୍ତି, ସେହି ପୁରୁଷ ମଧ୍ୟ ସମସ୍ତ କର୍ମରୁ ମୁକ୍ତି ପାଇ ଥାଆନ୍ତି । ଯୋଗେଶ୍ୱରଙ୍କ ଏହି ଆଶ୍ୱାସନା କୌଣସି ହିନ୍ଦୁ , ମୁସଲିମ୍ ଅଥବା ଖ୍ରୀଷ୍ଟିୟାନ୍‌ଙ୍କ ନିମନ୍ତେ ନୁହଁ ଅପିତୁ ମାନବ ମାତ୍ର ନିମନ୍ତେ । ତାହାଙ୍କ ମତ ଏହି ଯେ, ଯୁଦ୍ଧ କର, ଏଥିରୁ ଏପରି ପ୍ରତୀତ ହୋଇଥାଏ ଯେ, ଏହି ଉପଦେଶ ଯୋଦ୍ଧାମାନଙ୍କ ନିମନ୍ତେ ଥିଲା । ଅର୍ଜୁନଙ୍କ ସମକ୍ଷରେ ବିଶ୍ୱଯୁଦ୍ଧର ସଂରଚନା ସୌଭାଗ୍ୟ ଥିଲା । ଆପଣଙ୍କ ସାମନାରେ ତ କୌଣସି ଯୁଦ୍ଧ ନୁହଁ । ତେବେ ଆପଣ ଗୀତା ପଛରେ କାହିଁକି ପଡ଼ିଛନ୍ତି ? କାରଣ କର୍ମରୁ ମୁକ୍ତି ପାଇବା ଉପାୟ ତ ଯୋଦ୍ଧାମାନଙ୍କ ନିମନ୍ତେ ଅଟେ । କିନ୍ତୁ ଏପରି କିଛି ନୁହେଁ । ବସ୍ତୁତଃ ଏହା ଅନ୍ତର୍ଦ୍ଦେଶର ଲଢେଇ ମାତ୍ର । କ୍ଷେତ୍ର ଏବଂ କ୍ଷେତ୍ରଜ୍ଞ, ବିଦ୍ୟା–ଅବିଦ୍ୟା ଧର୍ମକ୍ଷେତ୍ର ଏବଂ କୁରୁକ୍ଷେତ୍ରର ସଂଘର୍ଷ ଅଟେ । ଆପଣ ଯେପରି ଯେପରି ଧ୍ୟାନରେ ଚିତ୍ତ ନିରୋଧ କରିବେ, ବିଜାତୀୟ ପ୍ରବୃତ୍ତି କାମକ୍ରୋଧାଦି ବାଧା ରୂପରେ ପ୍ରତ୍ୟେକ୍ଷ ରୂପେ ପାଇବେ । ଭୟଙ୍କର ଆକ୍ରମଣ କରିବେ । ତାହାର ଶମନ କରି ଚିତ୍ତ ନିରୋଧ କରିବା ହିଁ ଯୁଦ୍ଧ ଅଟେ । ଯିଏ ଦୋଷ ଦୃଷ୍ଟିରୁ ରହିତ ହୋଇ, ଶ୍ରଦ୍ଧାଯୁକ୍ତ ହୋଇ ଏହି ଯୁଦ୍ଧରେ ଲାଗିଥାଏ, ସେ କର୍ମ ବନ୍ଧନରୁ, ଆବାଗମନରୁ ଭଲ ରୂପେ ମୁକ୍ତି ପାଇଯାଇଥାଏ । ଯିଏ ଏହି ଯୁଦ୍ଧରେ ପ୍ରବୃତ୍ତ ହୁଏ ନାହିଁ, ତାହାର କେଉଁ ଗତି ହେଉଛି ? ଏହି ଉଦ୍ଦେଶ୍ୟରେ ପୁନଃ କହୁଛନ୍ତି–

**ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।**
**ସର୍ବଜ୍ଞାନବିମୂଢାଂସ୍ତାନ୍ ବିଭିନଷ୍ଟାନଚେତସଃ ।।୩୨।।**

ଯିଏ ଦୋଷ–ଦୃଷ୍ଟିଯୁକ୍ତ ପୁରୁଷ **'ଅଚେତସଃ'** ମୋହ ନିଶାରେ ଅଚେତ ବ୍ୟକ୍ତି ମୋର ଏହି ମତାନୁସାରେ ପ୍ରବୃତ୍ତ ହୁଅନ୍ତି ନାହିଁ, ଅର୍ଥାତ୍ ଧ୍ୟାନସ୍ଥ ହୋଇ ଆଶା, ମମତା ଏବଂ ସନ୍ତାପ ରହିତ ହୋଇ ସମର୍ପଣ ସହିତ ଯୁଦ୍ଧ କରିନଥାନ୍ତି । **'ସର୍ବଜ୍ଞାନ ବିମୂଢାନ୍'**– ଜ୍ଞାନପଥରେ ସର୍ବଦା ମୋହିତ ହୋଇଥିବା ଲୋକଙ୍କୁ ତୁମେ କଲ୍ୟାଣ ପଥରୁ ଭ୍ରଷ୍ଟ ହୋଇଥିବା ହିଁ ଜାଣ । ଯେତେବେଳେ ଏହା ହିଁ ସଠିକ୍, ତେବେ ଲୋକେ କାହିଁକି କରୁନାହାଁନ୍ତି ? ଏହା ଉପରେ କହୁଛନ୍ତି ।

**ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।**

**ପ୍ରକୃତିଂ ୟାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।।୩୩।।**

ସମସ୍ତ ପ୍ରାଣୀ ନିଜର ପ୍ରକୃତିକୁ ପ୍ରାପ୍ତ ହୋଇଥାନ୍ତି, ନିଜ ସ୍ୱଭାବର ପରବଶ ହୋଇ କର୍ମରେ ଭାଗ ନେଇଥାନ୍ତି । ପ୍ରତ୍ୟେକ୍ଷଦର୍ଶୀ ଜ୍ଞାନୀ ମଧ୍ୟ ନିଜ ପ୍ରକୃତି ଅନୁସାରେ ଚେଷ୍ଟା କରିଥାଏ । ପ୍ରାଣୀ ନିଜ କର୍ମରେ ପ୍ରବୃତ୍ତ ହୋଇଥାନ୍ତି ଏବଂ ଜ୍ଞାନୀ ନିଜ ସ୍ୱରୂପରେ ଯେପରି ଯାହାର ପ୍ରକୃତିର ଦବାବ୍ ରହିଥାଏ । ସେ ସେହିପରି ହିଁ କାର୍ଯ୍ୟରତ ରହିଥାଏ । ଏହା ସ୍ୱୟଂ ସିଦ୍ଧ ଅଟେ । ଏଥିରେ ନିରାକରଣ କିଏ କ'ଣ କରିବ ? ଏହା ହିଁ କାରଣ ଯେ, ସମସ୍ତେ ମୋର ମତାନୁସାରେ କର୍ମରେ ପ୍ରବୃତ ହୋଇପାରନ୍ତି ନାହିଁ । ସେମାନେ ଆଶା, ମମତା, ସଂଜ୍ଞମତାକୁ ଅନ୍ୟ ଶବ୍ଦରେ ରାଗ ଦ୍ୱେଷ ତ୍ୟାଗ କରିପାରି ନଥାନ୍ତି । ଯାହାଦ୍ୱାରା ସମ୍ୟକ୍ ଆଚରଣ ହୋଇପାରିନଥାଏ । ଏହାକୁ ଆହୁରି ସ୍ୱଷ୍ଟ କରି କହୁଛନ୍ତି ଏବଂ ଅନ୍ୟ କାରଣ କୁ ମଧ୍ୟ ପ୍ରତିପାଦନ କରୁଛନ୍ତି ।

**ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।**
**ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ।।୩୪।।**

ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟମାନଙ୍କ ଭୋଗରେ ରାଗ ଏବଂ ଦ୍ୱେଷ ଅବସ୍ଥିତ । ଏହି ଉଭୟଙ୍କ ବଶରେ ହେବା ଅନୁଚିତ୍ । କାରଣ ଏହି କଲ୍ୟାଣ ମାର୍ଗରେ କର୍ମରୁ ମୁକ୍ତ ହେଉଥିବା ପ୍ରଣାଳୀରେ ଏହି ରାଗ ଓ ଦ୍ୱେଷ ଦୁର୍ଦ୍ଧର୍ଷ ଶତ୍ରୁ ଅଟନ୍ତି । ଆରାଧନାକୁ ଅପହରଣ କରିନେଇଯାନ୍ତି । ଯେତେବେଳେ ଶତ୍ରୁ ଭିତରେ ହିଁ ଅଛନ୍ତି, ତେବେ ବାହାରେ କିଏ କାହିଁକି ଲଢିବ ? ଶତ୍ରୁ ତ ଇନ୍ଦ୍ରିୟ ଏବଂ ଭୋଗର ସଂସର୍ଗରେ ରହିଛି, ଅନ୍ତଃକରଣରେ ରହିଛି । ତେଣୁ ଏହି ଯୁଦ୍ଧ ମଧ୍ୟ ଅନ୍ତକରଣର ଯୁଦ୍ଧ ଅଟେ । କାରଣ ଶରୀର ହିଁ କ୍ଷେତ୍ର ଅଟେ । ଯେଉଁଥିରେ ସଜାତୀୟ ଏବଂ ବିଜାତୀୟ ଦୁଇଟି ପ୍ରବୃତ୍ତି ବିଦ୍ୟା ଏବଂ ଅବିଦ୍ୟା ରହିଥାଏ । ଯାହାକି ମାୟାର ଦୁଇଟି ଅଙ୍ଗ । ଏହି ପ୍ରବୃତ୍ତିମାନଙ୍କୁ ଜିଣିବା, ସଜାତୀୟ ପ୍ରବୃତ୍ତିକୁ ଜୟକରି ବିଜାତୀୟ ପ୍ରବୃତିର ଅନ୍ତ କରିବ । ହିଁ ଯୁଦ୍ଧ ଅଟେ । ବିଜାତୀୟ ପ୍ରବୃତ୍ତି ସମାପ୍ତ ହେବା ପରେ ସଜାତୀୟ ପ୍ରବୃତ୍ତିର ଉପଯୋଗ ସମାପ୍ତ ହୋଇଯାଏ । ସ୍ୱରୂପର ସ୍ୱର୍ଶ କରି ସଜାତୀୟ ମଧ୍ୟ ତାହାଙ୍କ ଅନ୍ତରାଳରେ ବିଲୟ ହୋଇଯାଏ । ଏହିପରି ପ୍ରକୃତିର ପାର ପାଇଯିବା ହିଁ, ଯୁଦ୍ଧ ଅଟେ । ଯାହାକି ଧ୍ୟାନ ଦ୍ୱାରା ହିଁ ସମ୍ଭବ । ରାଗ, ଦ୍ୱେଷର ଶମନ କରିବାରେ ସମୟ ଲାଗିଥାଏ, ତେଣୁ ବହୁତ ସାଧକ କ୍ରିୟାକୁ ତ୍ୟାଗ କରି ତୁରନ୍ତ ମହାପୁରୁଷଙ୍କ ନକଲ କରିବାରେ ଲାଗି ଯାଆନ୍ତି । ଶ୍ରୀକୃଷ୍ଣ ଏହାକୁ ସାବଧାନ କରୁଛନ୍ତି–

**ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।**

**ସ୍ୱଧର୍ମେ ନିଧନଂ ଶ୍ରେୟଂ ପରଧର୍ମୋ ଭୟାବହଃ ॥୩୫॥**

ଜଣେ ସାଧକ ଦଶ ବର୍ଷ ଧରି ସାଧନା କରୁଛନ୍ତି ଏବଂ ଅନ୍ୟ ଜଣେ ସାଧକ ଆଜି ସାଧନାରେ ପ୍ରବେଶ କଲେ । ଉଭୟଙ୍କ କ୍ଷମତା ଗୋଟିଏ ପରି ହେବ ନାହିଁ । ପ୍ରାରମ୍ଭିକ ସାଧକ ଯଦି ତାହାର ନକଲ କରୁଥାଏ, ତେବେ ନଷ୍ଟ ହୋଇଯିବ । ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି ଯେ ଭଲ ରୂପରେ ଆଚରଣ କରାଯାଉଥିବା ଅନ୍ୟର ଧର୍ମଠାରୁ ଗୁଣ ରହିତ ହେଲେମଧ୍ୟ ନିଜର ଧର୍ମ ଅତି ଉତ୍ତମ ହୋଇଥାଏ । ସ୍ୱଭାବରୁ ଉତ୍ପନ୍ନ କର୍ମରେ ପ୍ରବୃତ୍ତ ହେବାର କ୍ଷମତା ହିଁ ସ୍ୱଧର୍ମ । ନିଜର କ୍ଷମତାନୁସାରେ କର୍ମରେ ପ୍ରବୃତ୍ତ ହେଲେ ସାଧକ ଦିନେ ନା ଦିନେ ପାର ହୋଇଯାଏ । ଅତଃ ସ୍ୱଧର୍ମ ଆଚରଣରେ ମରିଯିବା ମଧ୍ୟ ପରମ କଲ୍ୟାଣ କାରକ । ଯେଉଁଠାରୁ ସାଧନ ଛୁଟିଯିବ, ନୁତନ ଶରୀର ମିଳିବା ପରେ ପୁନଃ ସେହି ଠାରୁ ହିଁ ପ୍ରାରମ୍ଭ ହେବ । ଆତ୍ମା ତ ମରେ ନାହିଁ । ଶରୀର ଅର୍ଥାତ ବସ୍ତ୍ର ବଦଳିଗଲେ ଆପଣଙ୍କର ବୁଦ୍ଧି ବିଚାର ତ ବଦଳି ଯାଇନଥାଏ । ଉତ୍କୃଷ୍ଟ ସାଧକମାନଙ୍କ ଭଳି ନକଲ କଲେ ସାଧକ ଭୟକୁ ପ୍ରାପ୍ତ ହୋଇଥାଏ । ଭୟ ପ୍ରକୃତିରେ ହୋଇଥାଏ, ପରମାତ୍ମାଙ୍କ ଠାରେ ନାହିଁ । ପ୍ରକୃତିର ଆବରଣ ଆହୁରି ଘନିଭୂତ ହୋଇଯିବ ।

ଭଗବତ୍ ପଥରେ ନକଲର ବାହୁଲ୍ୟ ରହିଥାଏ । ପୂଜ୍ୟ ଗୁରୁ ମହାରାଜଜୀଙ୍କୁ ଥରେ ଆକାଶ ବାଣୀ ହୋଇଥିଲା ଯେ ଅନୁସୂୟିୟା ଯାଇ ରହନ୍ତୁ, ସେ ଜମ୍ମୁଠାରୁ ଚିତ୍ରକୂଟ ଆସିଲେ ଏବଂ ଅନୁସୂୟାର ଘୋର ଜଙ୍ଗଲରେ ନିବାସ କରି ରହିଲେ । ଅନେକ ମହାତ୍ମା ସେହି ରାସ୍ତାରେ ଯିବା ଆସିବା କରୁଥିଲେ ।

ଜଣେ ମହାତ୍ମା ଦେଖିଲେ ଯେ ପରମ ହଂସଜୀ ଦିଗମ୍ବର, ନଙ୍ଗଧଡ଼ଙ୍ଗ ହୋଇ ନିବାସ କରୁଛନ୍ତି । ତାହାଙ୍କ ସମ୍ମାନ ମଧ୍ୟ ରହିଛି । ଏହା ଦେଖି ସେ ତୁରନ୍ତ ନିଜର କୌପିନକୁ ଫିଙ୍ଗି ଦେଲେ । ଦଣ୍ଡ କମଣ୍ଡଲୁ ଅନ୍ୟ ଏକ ମହାତ୍ମାଙ୍କୁ ଦେଇଦେଲେ ଏବଂ ଦିଗମ୍ବର ହୋଇଗଲେ । ଏହିପରି କିଛି ସମୟ ଉପରାନ୍ତେ ସେ ଆସି ଦେଖିଲେ ଯେ, ପରମହଂସଜୀ ଲୋକମାନଙ୍କ ସହିତ କଥାବାର୍ତ୍ତା ହେଉଛନ୍ତି, ଗାଳିଗୁଲଜ ମଧ୍ୟ କରୁଛନ୍ତି । ମହାରାଜଙ୍କୁ ଆଦେଶ ହୋଇଥିଲା ଯେ, ଭକ୍ତଙ୍କ କଲ୍ୟାଣ ନିମନ୍ତେ କିଛି ତାଡ଼ନା ଦେବେ । ଏହି ପଥର ପଥିକ ଉପରେ ନିରନ୍ତର ଦୃଷ୍ଟି ରଖିବେ । ମହାରାଜଜୀଙ୍କ ନକଲ କରି ସେହି ମହାତ୍ମା ମଧ୍ୟ ଗାଳି ଗୁଲଜ ଦେବାରେ ଲାଗିଲେ । କିନ୍ତୁ ଓଲଟାରେ ଲୋକେ ମଧ୍ୟ ତାଙ୍କୁ କିଛି ନା କିଛି କହି ଦେଉଥିଲେ । ମହାତ୍ମା ଭାବିଲେ ଯେ ସେଠାରେ ତ କେହି କିଛି କହୁନାହାଁନ୍ତି । ଏଠାରେ ତ ଲୋକେ ଜବାବ ଦେଉଛନ୍ତି ।

ପୁନଃ କିଛି କାଳପରେ ସେ ଫେରି ଆସି ଦେଖିଲେ ଯେ ପରମହଂସଜୀ ଗଦି ଉପରେ ବସିଛନ୍ତି, ଲୋକେ ପଙ୍ଖା କରୁଛନ୍ତି । ଚାମର ଚଳାଉଥାନ୍ତି । ସେ ମଧ୍ୟ ଜଙ୍ଗଲର ଗୋଟିଏ ଜାଗାରେ ବସି ଖଟ ମଗାଇଲେ, ଗଦି ବିଛାଇଲେ, ଦୁଇଜଣ ଲୋକଙ୍କୁ ଚାମର, ପଙ୍ଖା ଚଳାଇବାରେ ନିଯୁକ୍ତି କରିଦେଲେ । ପ୍ରତ୍ୟେକ ସୋମବାରକୁ ଭିଡ଼ ମଧ୍ୟ ଜମିଲା ଯେ ପୁତ୍ର ଇଛାକଲେ ପଚାଷ ଟଙ୍କା, ପୁତ୍ରୀ ଇଛାକଲେ ପଚିଶ ଟଙ୍କା ଇତ୍ୟାଦି ପାଉଣା ରଖିଥିଲେ । କିନ୍ତୁ **'ଉଘରେ ଅନ୍ତ ନ ହୋଇ ନିବାହୁ'** ଅର୍ଥାତ୍ ଗୋଟିଏ ମାସରେ ହିଁ ତାଙ୍କର ସମସ୍ତ ଦେଖାଣିଆ ଧରାପଡ଼ିଗଲା । ତେଣୁ ସେଠାରେ ତାଙ୍କର ନିର୍ବାହ ହୋଇ ନପାରିବାରୁ ସେ ସେଠାରୁ ପଳାଇଗଲେ । ଭଗବତ୍ ପଥରେ ନକଲ ସାହାର୍ଯ୍ୟ କରିନଥାଏ । ସାଧକ ସ୍ୱଧର୍ମ ଆଚରଣ ହିଁ କରିବା ଉଚିତ ।

ସ୍ୱଧର୍ମ କ'ଣ ? ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ସ୍ୱଧର୍ମର ନାମ ନେଇଥିଲେ ଯେ ସ୍ୱଧର୍ମକୁ ମଧ୍ୟ ଦେଖି ତୁମେ ଯୁଦ୍ଧ କରିବା ହିଁ ଯୋଗ୍ୟ । କ୍ଷତ୍ରୀୟ ନିମନ୍ତେ ଏଥିରୁ ବଡ଼ କଲ୍ୟାଣକାରୀ ମାର୍ଗ ଅନ୍ୟ କୌଣସି ନାହିଁ । ସ୍ୱଧର୍ମରେ ଅର୍ଜୁନ କ୍ଷତ୍ରୀୟ ଥିଲେ । ସଙ୍କେତ କଲେ ଯେ, ହେ ଅର୍ଜୁନ ! ଯିଏ ବ୍ରାହ୍ମଣ, ବେଦର ଉପଦେଶ ତାହାଙ୍କ ନିମନ୍ତେ କ୍ଷୁଦ୍ର ଜଳାଶୟ ତୁଲ୍ୟ ଅଟେ । ତେଣୁ ତୁମେ ବେଦରୁ ଉପରକୁ ଉଠି ବ୍ରାହ୍ମଣ ହୁଅ । ଅର୍ଥାତ୍ ସ୍ୱଧର୍ମର ପରିବର୍ତ୍ତନ ସମ୍ଭବ ଅଟେ । ସେଠାରେ ପୁନଃ କହିଲେ ଯେ, ରାଗ ଦ୍ୱେଷର ବଶରେ ନ ହୋଇ ସେମାନଙ୍କୁ ଦମନ କର । ସ୍ୱଧର୍ମ ଶ୍ରେୟସ୍କର ଅଟେ– ଅର୍ଥ ଏହା ନୁହଁ ଯେ ଅର୍ଜୁନ କୌଣସି ବ୍ରହ୍ମଣର ନକଲ କରି ବ୍ରାହ୍ମଣଙ୍କ ପରି ବେଶଭୂଷା କରିନେବେ ।

ଗୋଟିଏ ହିଁ କର୍ମ ପଥକୁ ମହାପୁରୁଷ ମାନେ ଚାରି ଶ୍ରେଣୀରେ ବାଣ୍ଟିଛନ୍ତି । – 'ନିକୃଷ୍ଟ, ମଧ୍ୟମ, ଉତ୍ତମ ଏବଂ ଅତି ଉତ୍ତମ ଏହି ଶ୍ରେଣୀର ସାଧକମାନଙ୍କୁ କ୍ରମଶଃ– 'ଶୁଦ୍ର, ବୈଶ୍ୟ, କ୍ଷତ୍ରୀୟ ଏବଂ ବ୍ରାହ୍ମଣ ଅଥବା କଳିଯୁଗ, ଦ୍ୱାପର ଯୁଗ, ତ୍ରେତୟା ଏବଂ ସତ୍ୟଯୁଗ'ର ସଂଜ୍ଞା ଦେଲେ । ଶୁଦ୍ର ଶ୍ରେଣୀ କ୍ଷମତାରୁ ହିଁ କର୍ମର ପ୍ରାରମ୍ଭ ହୋଇଥାଏ ଏବଂ ସାଧନା କ୍ରମରେ ସେହି ସାଧକ ବ୍ରାହ୍ମଣ ହୋଇଯାଏ । ଏହାଠାରୁ ମଧ୍ୟ ଆଗକୁଯାଇ ଯେତେବେଳେ ସେ ପରମାତ୍ମାରେ ପ୍ରବେଶ ପାଇଯାଏ । ତେବେ **''ନ ବ୍ରାହ୍ମାଣୋ ନକ୍ଷତ୍ରୀୟଃ, ନ ବୈଶ୍ୟୋ ନ ଶୂଦ୍ରଃ, ଛିଦାନନ୍ଦ ରୂପଃ ଶିବୋ କେବଲୋ୧ମ୍–** ସେ ବର୍ଣ୍ଣମାନଙ୍କ ଠାରୁ ଉର୍ଦ୍ଧ୍ୱକୁ ଚାଲିଯାଏ । ଏହା ହିଁ ଶ୍ରୀକୃଷ୍ଣ କହୁଛନ୍ତି ଯେ, **'ଚାତୁର୍ବର୍ଣ୍ଣ୍ୟ ମୟାସୃଷ୍ଟମ୍'** ଚାରିବର୍ଣ୍ଣର ରଚନା ମୁଁ କଲି । ତେବେ କ'ଣ ଜନ୍ମର ଆଧାରରେ ମନୁଷ୍ୟକୁ ବାଣ୍ଟିଲେ ? ନାହିଁ ! **'ଗୁଣ କର୍ମ ବିଭାଗଶଃ'–**

ଗୁଣମାନଙ୍କ ଆଧାରରେ କର୍ମକୁ ବାଣ୍ଟିଲେ । କେଉଁ କର୍ମ ? କ'ଣ ସାଂସାରିକ କର୍ମ ? ଶ୍ରୀକୃଷ୍ଣ କହୁଛନ୍ତି ଯେ– ନାହିଁ ! ନିୟତ କର୍ମ, ତେବେ ନିୟତ କର୍ମ କ'ଣ ? ତାହା ହେଉଛି ଯଜ୍ଞର ପ୍ରକ୍ରିୟା । ଯଥା, ଶ୍ୱାସରେ ପ୍ରଶ୍ୱାସର ହବନ, ପ୍ରଶ୍ୱାସରେ ଶ୍ୱାସର ହବନ, ଇନ୍ଦ୍ରିୟ ସଂଯମ ଇତ୍ୟାଦି ହୋଇଥାଏ । ଯାହାର ଶୁଦ୍ଧ ଅର୍ଥ ହେଉଛି ଯୋଗ,ସାଧନା, ଆରାଧନା, ଆରାଧ୍ୟ ଦେବ ପର୍ଯ୍ୟନ୍ତ ପହଞ୍ଚାଇବା ବିଧି ବିଶେଷ ହିଁ ଆରାଧନା ଅଟେ । ଏହି ଆରାଧନା କର୍ମକୁ ହିଁ ଚାରି ଶ୍ରେଣୀରେ ବିଭକ୍ତ କରିଥିଲେ । ଯିଏ ଯେତିକି କ୍ଷମତା ସଂପନ୍ନ ପୁରୁଷ ହେବେ, ତାହାଙ୍କୁ ସେହି ଶ୍ରେଣୀରୁ ହିଁ ଆରମ୍ଭ କରିବାକୁ ପଡ଼ିବ । ଏହା ହିଁ ସମସ୍ତଙ୍କ ନିଜ ନିଜର ସ୍ୱଧର୍ମ ଅଟେ । ଯଦି ସେ ଉଚ୍ଚକୋଟିର ସାଧକଙ୍କ ନକଲ କରିବ, ତେବେ ସେ ଭୟକୁ ପ୍ରାପ୍ତ ହେବ । ସର୍ବଥା ନଷ୍ଟ ତ ହେବନାହିଁ । କାରଣ ଏଥିରେ ବୀଜର ନାଶ ହୋଇନଥାଏ । ହଁ, ସେ ପ୍ରକୃତିର ଦବାବ୍ ଦ୍ୱାରା ଭୟାକ୍ରାନ୍ତ ଦୀନ–ହୀନ ଅବଶ୍ୟ ହୋଇଯିବ । ଶିଶୁ କକ୍ଷାର ବିଦ୍ୟାର୍ଥୀ ଯଦି ସ୍ନାତକ କକ୍ଷାରେ ଯାଇ ବସିଯିବ, ତେବେ ସେହି ଶିଶୁ ସ୍ନାତକ କ'ଣ ହେବ ? ସେ ପ୍ରାରମ୍ଭିକ ବର୍ଣ୍ଣମାଳାରୁ ମଧ୍ୟ ବଞ୍ଚିତ ରହିଯିବ । ଅର୍ଜୁନ ପ୍ରଶ୍ନ ରଖିଲେ ଯେ, ମନୁଷ୍ୟ ସ୍ୱଧର୍ମର ଆଚରଣ କାହିଁକି କରି ପାରେନି ?

**ଅର୍ଜୁନ ଉବାଚ**

**ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।**
**ଅନିଚ୍ଛନ୍ନପି ବାର୍ଷ୍ଣେୟ ବଳାଦିବ ନିୟୋଜିତଃ ।।୩୬।।**

ହେ ବାର୍ଷ୍ଣେୟ ! ଏହି ପୁରୁଷ ବାଧହୋଇ ଘୋଷାଡ଼ି ଜବରଦସ୍ତ ଲଗାଇବା ସଦୃଶ ଅନିଚ୍ଛା ସତ୍ତ୍ୱେ କାହାର ପ୍ରେରଣାରେ ପାପ କର୍ମ ଆଚରଣ କରିଥାଏ ? ଆପଣଙ୍କ ମତାନୁସାରେ କାହିଁକି ଚାଲିପାରେ ନାହିଁ ? ଏହା ଉପରେ ପୁନଃ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି–

**ଶ୍ରୀ ଭଗବାନ୍ ଉବାଚ**

**କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।**
**ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ।।୩୭।।**

ହେ ଅର୍ଜୁନ ! ରଜଗୁଣରୁ ଉତ୍ପନ୍ନ ଏହି କାମ ଓ କ୍ରୋଧ ଅଗ୍ନି ସମାନ ଭୋଗ ଭୋଗିବା ଦ୍ୱାରା କେବେ ତୃପ୍ତ ନ ହୋଇଥିବା ବଡ଼ ପାପୀ ଅଟନ୍ତି । କାମ–କ୍ରୋଧ ଏବଂ ରାଗ–ଦ୍ୱେଷର ପରିପୂରକ ଅଟନ୍ତି । ବର୍ତ୍ତମାନ ଯାହାର ଚର୍ଚ୍ଚା କରିଥିଲି, ଏହି ବିଷୟରେ ତୁମେ ତାହାକୁ ହିଁ ଦୁର୍ଦ୍ଧର୍ଷ ଶତ୍ରୁ ଜାଣ । ଏଠାରେ ଏହାର ପ୍ରଭାବକୁ ବର୍ଣ୍ଣନା କରୁଛନ୍ତି–

**ଧୂମେନାବ୍ରିୟତେ ବହ୍ନିର୍ୟଥାଦର୍ଶୋ ମଳେନ ଚ ।**
**ଯଥୋଲବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥୩୮॥**

ଯେପରି ଧୂଆଁ ଦ୍ୱାରା ଅଗ୍ନି ଏବଂ ଧୂଳି ଦ୍ୱାରା ଦର୍ପଣ ଢାଙ୍କି ଯାଇଥାଏ, ଯେପରି ଝିଲ୍ଲିଦ୍ୱାରା ଗର୍ଭ ଢାଙ୍କି ହୋଇରହିଥାଏ, ଠିକ୍ ସେହିପରି କାମ, କ୍ରୋଧାଦି ବିକାରମାନଙ୍କ ଦ୍ୱାରା ଏହି ଜ୍ଞାନ ଢାଙ୍କି ହୋଇ ରହିଛି । ଓଦାକାଠ ଜଳାଇବା ଦ୍ୱାରା ଧୂଆଁ ହୋଇଥାଏ । ଅଗ୍ନି ରହି ମଧ୍ୟ ପ୍ରଜ୍ୱଳିତ ରୂପ ନେଇ ପାରିନଥାଏ । ଧୂଳିଦ୍ୱାରା ଢାଙ୍କି ହୋଇଥିବା ଦର୍ପଣରେ ଯେପରି ପ୍ରତିବିମ୍ବ ସ୍ପଷ୍ଟ ହୋଇନଥାଏ, ଝିଲ୍ଲି ଦ୍ୱାରା ଗର୍ଭ ଢାଙ୍କି ହୋଇ ରହିଥାଏ । ସେହିପରି ବିକାରମାନଙ୍କ ଦ୍ୱାରା ପରମାତ୍ମାଙ୍କ ପ୍ରତ୍ୟକ୍ଷ ଜ୍ଞାନ ହୋଇନଥାଏ ।

**ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।**
**କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ॥୩୯॥**

ହେ କୌନ୍ତେୟ ! ଅଗ୍ନି ସମାନ ଭୋଗ ଦ୍ୱାରା ତୃପ୍ତ ନ ହେଉଥିବା, ଜ୍ଞାନୀମାନଙ୍କ ନିରନ୍ତର ବୈରୀ ଏହି କାମ ଦ୍ୱାରା ଜ୍ଞାନ ଢାଙ୍କି ହୋଇ ରହିଛି । ବର୍ତ୍ତମାନ ତ ଶ୍ରୀକୃଷ୍ଣ କାମ ଓ କ୍ରୋଧ ଦୁଇଟି ଶତ୍ରୁ କହିଲେ । ପ୍ରସ୍ତୁତ ଶ୍ଳୋକରେ ସେ କେବଳ ଗୋଟିଏ ଶତ୍ରୁ କାମର ନାମ ହିଁ ନେଇଛନ୍ତି । ବସ୍ତୁତଃ କାମରେ କ୍ରୋଧ ଅନ୍ତର୍ଭୁକ୍ତ ରହିଛି । କାର୍ଯ୍ୟ ପୂର୍ଣ୍ଣ ହେବାପରେ କ୍ରୋଧ ସମାପ୍ତ ହୋଇଯାଏ କିନ୍ତୁ କାମନା ଅର୍ଥାତ୍ ବାସନା ସମାପ୍ତ ହୋଇନଥାଏ । କାମନା ପୂର୍ତ୍ତିରେ ବ୍ୟବଧାନ ଆସିଲେ କ୍ରୋଧ ପୁନଃ ଉତ୍ପନ୍ନ ହୋଇଯାଏ । କାମର ଅନ୍ତରାଳରେ କ୍ରୋଧ ମଧ୍ୟ ନିହିତ ରହିଛି । ଏହି ଦୁର୍ଦ୍ଧର୍ଷ ଶତ୍ରୁର ନିବାସ କେଉଁଠି ? ତାହାକୁ କେଉଁଠି ଖୋଜିବା, ଏହାର ନିବାସ ଜାଣିନେବା ପରେ ଏହାକୁ ସମୂଳେ ନଷ୍ଟ କରିବାରେ ସୁବିଧା ରହିବ । ଏହା ଉପରେ ପୁନଃ ଶ୍ରୀକୃଷ୍ଣ କହୁଛନ୍ତି –

**ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।**
**ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ॥୪୦॥**

ଇନ୍ଦ୍ରିୟ, ମନ ଏବଂ ବୁଦ୍ଧି ଏହାର(କାମ–କ୍ରୋଧାଦିର) ବାସସ୍ଥାନ ଅଟେ । ଏହି କାମ, ମନ ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ହିଁ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ମୋହରେ ପକାଇଥାଏ ।

**ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।**
**ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ॥୪୧॥**

ତେଣୁକରି ହେ ଅର୍ଜୁନ ! ତୁମେ ପ୍ରଥମେ ଇନ୍ଦ୍ରିୟମାନଙ୍କୁ ‘ନିୟମ୍ୟ’– ସଂଯମ

କର । କାରଣ ଶତ୍ରୁ ତ ଏହାର ଅନ୍ତରାଳରେ ଲୁଚି ରହିଛି । ସେ ତୁମ ମନ ଭିତରେ ସ୍ଥିତ ରହିଛି । ବାହାରେ ଖୋଜିଲେ ସେ କେଉଁଠିବି ମିଳିବ ନାହିଁ । ଏହା ହୃଦୟ ଦେଶର, ଅନ୍ତର୍ଜଗତର ଲଢେଇ ଅଟେ । ଇନ୍ଦ୍ରିୟମାନଙ୍କୁ ବଶରେ କରି ଜ୍ଞାନ ଓ ବିଜ୍ଞାନକୁ ନାଶ କରୁଥିବା ଏହି ପାପୀ କାମକୁ ତୁମେ ମାର । ଏହି କାମ ଅତି ସହଜରେ ନିଜ ଆୟତ୍ତକୁ ଆସିନଥାଏ । ଅତଃ ବିକାରମାନଙ୍କ ନିବାସ ସ୍ଥାନକୁହିଁ ଘେରାଉ କର । ଇନ୍ଦ୍ରିୟମାନଙ୍କୁ ହିଁ ସଂଯତ କର । କିନ୍ତୁ ଇନ୍ଦ୍ରିୟ ଏବଂ ମନକୁ ସଂଯମ କରିବା ତ ଅତ୍ୟଧିକ କଠିନ । କ'ଣ ଏହା ଆମ୍ଭେମାନେ କରିପାରିବା ? ଏହା ଉପରେ ଶ୍ରୀକୃଷ୍ଣ ଆପଣଙ୍କ ସାମର୍ଥ୍ୟକୁ କହି ପ୍ରୋତ୍ସାହିତ କରୁଛନ୍ତି –

**ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।**
**ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ॥୪୨॥**

ହେ ଅର୍ଜୁନ ! ଏହି ଶରୀର ଠାରୁ ତୁମେ ଇନ୍ଦ୍ରିୟମାନଙ୍କୁ ଅତି ସୂକ୍ଷ୍ମ ଏବଂ ବଳବାନ୍ ଜାଣ । ଇନ୍ଦ୍ରିୟ ଠାରୁ ସୂକ୍ଷ୍ମ ମନ ଅଟେ । ମନ ଠାରୁ ମଧ୍ୟ ସୂକ୍ଷ୍ମ ଅଟେ ବୁଦ୍ଧି । ଯାହା ବୁଦ୍ଧି ଠାରୁ ମଧ୍ୟ ଅତ୍ୟନ୍ତ ସୁକ୍ଷ୍ମ ଅଟେ, ତାହା ହେଉଛି ତୁମ୍ଭର ଆତ୍ମା । ସେ ହିଁ ତୁମେ ଅଟ ଅର୍ଥାତ୍ ତୁମେ ହିଁ ଆତ୍ମା । ତୁମେ ସେହି ଆତ୍ମାରୁ ହିଁ ପ୍ରେରିତ । ତେଣୁ କରି ଇନ୍ଦ୍ରିୟ, ମନ ଓ ବୁଦ୍ଧିର ନିରୋଧ କରିବାରେ ତୁମେ ସକ୍ଷମ ହେବ ।

**ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମନମାତ୍ମନା ।**
**ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ॥୪୩॥**

ଏହିପରି ବୁଦ୍ଧିଠାରୁ ସୂକ୍ଷ୍ମ ଏବଂ ବଳବାନ ନିଜର ଆତ୍ମାକୁ ଜାଣି, ଆତ୍ମବଳକୁ ବୁଝି, ବୁଦ୍ଧି ଦ୍ୱାରା ନିଜର ମନକୁ ବଶକରି, ହେ ଅର୍ଜୁନ ! ଏହି କାମ ରୂପୀ ଦୁର୍ଜୟ ଶତ୍ରୁକୁ ବଦ୍ଧକର । ନିଜ ଶକ୍ତିକୁ ହୃଦବୋଧ କରି ଏହି ଦୁର୍ଜୟ ଶତ୍ରୁକୁ ମାର ! କାମ ଏକ ଦୁର୍ଜୟ ଶତ୍ରୁ ଅଟେ । ଇନ୍ଦ୍ରିୟମାନଙ୍କ ଦ୍ୱାରା ଏହା ଆତ୍ମାକୁ ମୋହିତ କରିଥାଏ ।ତୁମେ ନିଜର ଶକ୍ତିକୁ ବୁଝିବିଚାରି, ଆତ୍ମାକୁ ବଳବାନ ମନେ କରି, କାମରୂପୀ ଦୁର୍ଜୟ ଶତ୍ରୁକୁ ବିନାଶ କର । କହିବା ଆବଶ୍ୟକ ନାହିଁ ଯେ, ଏହି ଶତ୍ରୁ ଆନ୍ତରିକ ଅଟେ ଏବଂ ତାହା ସହିତ ଯୁଦ୍ଧ ମଧ୍ୟ ଅନ୍ତଦେଶର ହିଁ ଅଟେ ।

**ନିଷ୍କର୍ଷ**

ବହୁଧା ଗୀତା ପ୍ରେମୀ ବ୍ୟାଖ୍ୟାକାର ମାନେ ଏହି ଅଧ୍ୟାୟକୁ କର୍ମଯୋଗ ନାମ ଦେଇଛନ୍ତି । କିନ୍ତୁ ଏହା ସଙ୍ଗତ ନୁହଁ । ଦ୍ୱିତୀୟ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କର୍ମର ନାମ ନେଇଥିଲେ । ସେ କର୍ମର ମହତ୍ୱ ପ୍ରତିପାଦନ କରି ସେଥିରେ କର୍ମ ଜିଜ୍ଞାସା ଜାଗୃତ କଲେ ଏବଂ ଏହି ଅଧ୍ୟାୟରେ ସେ କର୍ମକୁ ପରିଭାଷିତ କଲେ ଯେ, ଯଜ୍ଞର ପ୍ରକ୍ରିୟା ହିଁ

କର୍ମ ଅଟେ । ସିଦ୍ଧ ହେଉଛି ଯେ, ଯଜ୍ଞ କୌଣସି ଏକ ନିର୍ଦ୍ଧାରିତ ଦିଶା ଅଟେ । ଏହା ବ୍ୟତୀତ ଯାହା କିଛି  କରାଯାଉଛି, ତାହା ଏହିଲୋକର ବନ୍ଧନ ମାତ୍ର । ଶ୍ରୀକୃଷ୍ଣ ଯାହା କହିବେ, ସେହି କର୍ମ **ମୋକ୍ଷ ସେଽଶୁଭାତ୍**– ସଂସାର ବନ୍ଧନରୁ  ମୁକ୍ତ କରାଉଥିବା କର୍ମ ।

ଶ୍ରୀକୃଷ୍ଣ ଯଜ୍ଞର ଉତ୍ପତ୍ତି ବିଷୟରେ କହିଲେ । ଏହା କ'ଣ ଦେଇଥାଏ  ? ତାହାର ବିଶେଷତା ଉପରେ ଚିତ୍ରଣ କଲେ । ଯଜ୍ଞ କରିବା ନିମନ୍ତେ ଗୁରୁତ୍ୱ ଦେଲେ । ସେ କହିଲେ ଏହି ଯଜ୍ଞ ପ୍ରକ୍ରିୟା ହିଁ କର୍ମ । ଯିଏ କରନ୍ତି ନାହିଁ ସେ ପାପାୟୁ ଅଟନ୍ତି, ଆରାମ ଚାହୁଁଥିବା ବ୍ୟକ୍ତି ବ୍ୟର୍ଥ ହିଁ ଜୀବନ ଧାରଣ କରିଛନ୍ତି । ପୂର୍ବର ମହର୍ଷିମାନେ ମଧ୍ୟ ଏହାକୁ  କରି ହିଁ ପରମ ନୈଷ୍କର୍ମ୍ୟ ସିଦ୍ଧିକୁ ପାଇଛନ୍ତି । ସେ ଆତ୍ମ ତୃପ୍ତି ଅଟନ୍ତି, ତାହାଙ୍କ ନିମନ୍ତେ  କର୍ମ ଅନାବଶ୍ୟକ, ହେଲେ ମଧ୍ୟ ପଛରେ ଆସୁଥିବା ଅନୁୟାୟୀଙ୍କ ମାର୍ଗ ଦର୍ଶନ ନିମନ୍ତେ ସେ ମଧ୍ୟ କର୍ମରେ ପ୍ରବୃତ୍ତ ହେଉଥିଲେ ।  ସେହି ମହାପୁରୁଷମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ନିଜର ତୁଳନା କଲେ– ମୋର  ବର୍ତ୍ତମାନ କର୍ମ କରିବାର ପ୍ରୟୋଜନ ନାହିଁ । କିନ୍ତୁ ମୁଁ ମଧ୍ୟ ଅନୁୟାୟୀଙ୍କ ହିତ ନିମନ୍ତେ କର୍ମରେ ପ୍ରବୃତ୍ତ ହେଉଛି । ଶ୍ରୀକୃଷ୍ଣ ସ୍ୱଷ୍ଟ କରି ପରିଚୟ ଦେଲେ ଯେ ସେ ଜଣେ ଯୋଗୀ ।

ସେ କର୍ମରେ ପ୍ରବୃତ୍ତ ସାଧକମାନଙ୍କୁ ବିଚଳିତ ନକରିବାକୁ କହିଲେ କାରଣ କର୍ମ କରିବା ଦ୍ୱାରା ହିଁ ସେହି ସାଧକଙ୍କୁ ସ୍ଥିତି ପ୍ରାପ୍ତ କରିବାକୁ ହେବ । ଯଦି କର୍ମ ନକରିବେ, ତେବେ ନଷ୍ଟ ହୋଇଯିବେ । ଏହି କର୍ମ ନିମନ୍ତେ ଧ୍ୟାନସ୍ଥ  ହୋଇ ଯୁଦ୍ଧ କରିବା ଆବଶ୍ୟକ । ଚକ୍ଷୁ ବନ୍ଦ ଅଛି, ଯଦି ଇନ୍ଦ୍ରିୟ ସହିତ ଚିତ୍ତର ନିରୋଧ  ହୋଇଗଲା, ତେବେ ଯୁଦ୍ଧ କିପରି ? ସେହି  ସମୟ କାମକ୍ରୋଧ, ରାଗ ଦ୍ୱେଷ ବାଧକ ରୂପରେ ଉପସ୍ଥିତ ରହନ୍ତି । ଏହି ବିଜାତୀୟ ପ୍ରବୃତ୍ତିମାନଙ୍କୁ  ବିଜୟ କରିବା ହିଁ ଯୁଦ୍ଧ ଅଟେ । ଆସୁରୀ ସମ୍ପଦ କୁରୁକ୍ଷେତ୍ର, ବିଜାତୀୟ ପ୍ରବୃତ୍ତିକୁ ଧିରେ ଧିରେ  ବାଛିକରି ଧ୍ୟାନସ୍ଥ  ହେଉଥିବା ହିଁ ଯୁଦ୍ଧ ଅଟେ । ବସ୍ତୁତଃ ଧ୍ୟାନରେ ହିଁ ଯୁଦ୍ଧ ହୋଇଥାଏ । ଏହା ହିଁ ଏହି ଅଧ୍ୟାୟର ସାରାଂଶ ଅଟେ । ଯେଉଁଥିରେ ନା କର୍ମକୁ ପ୍ରତିପାଦିତ କଲେ ନା ଯଜ୍ଞକୁ । ଯଦି ଯଜ୍ଞକୁ ଭଲ ରୂପେ ବୁଝିପାରିବେ,  ତେବେ କର୍ମ ବୁଝିବା ସହଜ ହେବ । ବର୍ତ୍ତମାନ ତ କର୍ମକୁ  ବୁଝାଇ ନାହାଁନ୍ତି ।

ଏହି ଅଧ୍ୟାୟରେ କେବଳ ସ୍ଥିତପ୍ରଜ୍ଞ ମହାପୁରୁଷଙ୍କ  ପ୍ରଶିକ୍ଷଣାତ୍ମକ  ଦିଗ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାତ ଗୁରୁଜନମାନଙ୍କ  ନିମନ୍ତେ ନିର୍ଦ୍ଦେଶ । ସେମାନେ  ନକଲେ ମଧ୍ୟ ତାଙ୍କର  କୌଣସି କ୍ଷତି ନାହିଁ ଏବଂ  ନା କର୍ମ କରିବା ଦ୍ୱାରା ହିଁ ତାଙ୍କ  ନିଜର

କୌଣସି ଲାଭ ହୁଏ । କିନ୍ତୁ ଯେଉଁ ସାଧକଙ୍କୁ ପରମ ଗତି ଅଭିଷ୍ଟ ରହିଛି ତାହାଙ୍କ ନିମନ୍ତେ ବିଶେଷ କିଛି କହି ନାହାଁନ୍ତି । ତେବେ ଏହା କର୍ମ ଯୋଗ କିପରି ? କର୍ମର ସ୍ୱରୂପ ମଧ୍ୟ ସ୍ପଷ୍ଟ ନାହିଁ, ଯାହାକୁ କରାଯିବ । କାରଣ ଯଜ୍ଞର ପ୍ରକ୍ରିୟା ହିଁ କର୍ମ– ବର୍ତ୍ତମାନ ପର୍ଯ୍ୟନ୍ତ ସେ ଏତିକି ହିଁ କହିଲେ । ଯଜ୍ଞ ତ କହି ନାହାଁନ୍ତି ! କର୍ମର ସ୍ୱରୂପ ସ୍ପଷ୍ଟ କେତେବେଳେ ହେଲା ? ହାଁ, ଯୁଦ୍ଧର ଯଥାର୍ଥ ଚିତ୍ରଣ ଏଠାରେ ଦେଖିବାକୁ ମିଳେ ।

ସମ୍ପୂର୍ଣ୍ଣ ଗୀତା ଉପରେ ଦୃଷ୍ଟିପାତ କରାଗଲେ, ଦ୍ୱିତୀୟ ଅଧ୍ୟାୟରେ କହିଲେ ଯେ ଶରୀର ନାଶବାନ । ଅତଃ ଯୁଦ୍ଧକର । ଗୀତାରେ ଏହା ହିଁ ନିଶ୍ଚିତ କାରଣ କୁହାଗଲା । ଆଗକୁ ଜ୍ଞାନଯୋଗର ସନ୍ଦର୍ଭରେ କ୍ଷତ୍ରିୟ ନିମନ୍ତେ ଯୁଦ୍ଧ ହିଁ ଏକମାତ୍ର କଲ୍ୟାଣ ସାଧନ କୁହାଗଲା ଏବଂ କହିଲେ ଯେ ଏହି ବୁଦ୍ଧି ତୁମ ନିମନ୍ତେ ଜ୍ଞାନ ଯୋଗ ବିଷୟରେ କୁହାଗଲା । କେଉଁ ବୁଦ୍ଧି ? ଏହାକି ହାରିବା ଏବଂ ଜିଣିବା ଉଭୟ ଦୃଷ୍ଟିରୁ ଲାଭ ହିଁ ରହିଛି, ଏପରି ବିଚାର କରି ତୁମେ ଯୁଦ୍ଧକର । ପୁଣି ଚତୁର୍ଥ ଅଧ୍ୟାୟର କହିଲେ ଯେ, ଯୋଗରେ ସ୍ଥିତ ରହି ହୃଦୟସ୍ଥିତ ନିଜର ଏହି ସଂଶୟକୁ ଜ୍ଞାନରୂପୀ ଖଡ୍‌ଗ ଦ୍ୱାରା ଛେଦନ କର । ସେହି ଖଡ୍‌ଗ ହିଁ ଗୋଟିଏ ଯୋଗ । ପଞ୍ଚମ ଅଧ୍ୟାୟରୁ ଦଶମ ଅଧ୍ୟାୟ ପର୍ଯ୍ୟନ୍ତ ଯୁଦ୍ଧର ଚର୍ଚ୍ଚା ମଧ୍ୟ ନାହିଁ । ଏଗାର ଅଧ୍ୟାୟର କେବଳ ଏତିକି କହିଲେ ଯେ ଏହି ଶତ୍ରୁ ମୋ ଦ୍ୱାରା ଆଗରୁ ହିଁ ମରିଯାଇଛନ୍ତି । ତୁମେ ନିମିତ୍ତ ଭାବରେ ଉପସ୍ଥିତ ହୁଅ, ଯଶକୁ ପ୍ରାପ୍ତ କର । ଏମାନେ ତୁମ ବିନା ମଧ୍ୟ ମରାଯାଇଛନ୍ତି । ପ୍ରେରକ କରାଇନେବେ । ତୁମେ ଏହି ଶବମାନଙ୍କୁ ମାର । ପନ୍ଦର ଅଧ୍ୟାୟରେ ସଂସାର ସୁଦୃଢମୂଳ ଯୁକ୍ତ ଅଶ୍ୱତ୍‌ଥ ବୃକ୍ଷ କୁହାଗଲା । ଯାହାକୁ ଅସଙ୍ଗ ରୂପୀ ଶସ୍ତ୍ର ଦ୍ୱାରା କାଟି ସେହି ପରମ ପଦକୁ ଖୋଜିବାର ନିର୍ଦ୍ଦେଶ ମିଳିଲା ।

ଆଗକୁ ଅଧ୍ୟାୟମାନଙ୍କରେ ଯୁଦ୍ଧର ଉଲ୍ଲେଖ ନାହଁ । ହାଁ, ଶୋହଳ ଅଧ୍ୟାୟରେ ଅସୁରମାନଙ୍କ ଚିତ୍ରଣ ଅବଶ୍ୟ ରହିଛି, ଯିଏ କି ନରକଗାମୀ ଅଟନ୍ତି । ତୃତୀୟ ଅଧ୍ୟାୟରେ ହିଁ ଯୁଦ୍ଧର ବିଷଦ ଚିତ୍ରଣ ରହିଛି । ଶ୍ଳୋକ ୩୦ରୁ ୪୩ ପର୍ଯ୍ୟନ୍ତ ଯୁଦ୍ଧର ସ୍ୱରୂପ ଏବଂ ତାହାର ଅନିବାର୍ଯ୍ୟତା, ଯୁଦ୍ଧ ନକରିବା ବ୍ୟକ୍ତିର ବିନାଶ, ଯୁଦ୍ଧରେ ମରାଯାଉଥିବା ଶତ୍ରୁମାନଙ୍କ ନାମ, ତାଙ୍କୁ ମାରିବା ନିମନ୍ତେ ନିଜଶକ୍ତିର ଆହ୍ୱାନ ଏବଂ ନିଶ୍ଚୟ ହିଁ ସେମାନଙ୍କୁ ଛେଦନକରି ଫିଙ୍ଗି ଦେବା ନିମନ୍ତେ ଜୋର୍ ଦେଇଛନ୍ତି । ଏହି ଅଧ୍ୟାୟରେ ଶତ୍ରୁ ଏବଂ ଶତ୍ରୁର ଆନ୍ତରିକ ସ୍ୱରୂପ ସ୍ପଷ୍ଟ ରହିଛି, ଯାହାର ବିନାଶ ନିମନ୍ତେ ପ୍ରେରଣା ଦିଆଯାଇଛି । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍ ଭଗବଦ୍ ଗୀତାସୂପନିଷ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀ କୃଷ୍ଣାର୍ଜୁନ ସମ୍ବାଦେ 'ଶତ୍ରୁ ବିନାଶ –ପ୍ରେରଣା 'ନାମ ତୃତୀୟୋଽଧ୍ୟାୟଃ ।।୩।।**

ଏହି ପ୍ରକାର ଶ୍ରୀମଦ୍ ଭାଗବତ ଗୀତାରୂପୀ ଉପନିଷଦ୍ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ ଶତ୍ରୁ ବିନାଶ ପ୍ରେରଣା ନାମକ ତୃତୀୟ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ ଶତ୍ରୁ ବିନାଶ ପ୍ରେରଣା ନାମ ତୃତୀୟୋଽଧ୍ୟାୟଃ ।।୩।।।**

**।। ହରି ଓଁ ତତ୍ସତ୍ ।।**

ॐ

# ଶ୍ରୀ ପରମାତ୍ମନେ ନମଃ
# ଅଥ ଚତୁର୍ଥୋଽଧ୍ୟାୟଃ

ତୃତୀୟ ଅଧ୍ୟୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଆଶ୍ୱସ୍ତ କଲେ ଯେ ଦୋଷ ଦୃଷ୍ଟିରୁ ରହିତ ହୋଇ ଯେଉଁ ମନୁଷ୍ୟ ଶ୍ରଦ୍ଧାଯୁକ୍ତ ହୋଇ ମୋର ମତାନୁସାରେ ଚାଲିବ, ସେ କର୍ମବନ୍ଧନରୁ ଉତ୍ତମ ରୂପେ ମୁକ୍ତ ହୋଇଯିବ । କର୍ମବନ୍ଧନରୁ ମୁକ୍ତି ଦେବା କ୍ଷମତା ଯୋଗ (ଜ୍ଞାନଯୋଗ ଓ କର୍ମଯୋଗ ଉଭୟ) ରେ ନିହିତ ରହିଛି । ଯୋଗରେ ହିଁ ଯୁଦ୍ଧ ସଞ୍ଚାର ନିହିତ ରହିଛି । ପ୍ରସ୍ତୁତ ଅଧ୍ୟାୟରେ ସେ କହିଛନ୍ତି ଯେ, ଏହି ଯୋଗର ପ୍ରଣେତା କିଏ ? ଏହାର କ୍ରମିକ ବିକାଶ କିପରି ହୋଇଥାଏ ?

**ଶ୍ରୀ ଭଗବାନୁବାଚ**

**ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।**
**ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥୧॥**

ହେ ଅର୍ଜୁନ ! ମୁଁ ଏହି ଅବିନାଶୀ ଯୋଗକୁ କଳ୍ପର ଆଦିରେ 'ବିବସ୍ୱାନ୍' ଅର୍ଥାତ୍ ସୂର୍ଯ୍ୟଙ୍କ ପ୍ରତି କହିଲି, ବିବସ୍ୱାନ୍ ମନୁଙ୍କୁ ଏବଂ ମନୁ ଇକ୍ଷ୍ୱାକୁଙ୍କୁ କହିଲେ । କିଏ କହିଲେ ? ମୁଁ ଅର୍ଥାତ୍ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ କିଏ ? ଜଣେ ଯୋଗୀ । ତତ୍ତ୍ୱସ୍ଥିତ ମହାପୁରୁଷ ହିଁ ଏହି ଅବିନାଶୀ ଯୋଗକୁ କଳ୍ପର ଆଦିରେ ଅର୍ଥାତ୍ ଭଜନର ପ୍ରାରମ୍ଭରେ 'ବିବସ୍ୱାନ୍' ଅର୍ଥାତ୍ ଯିଏ ବିବଶ ଅଟେ ଅର୍ଥାତ୍ ଉପାୟଶୂନ୍ୟ ପ୍ରାଣୀଙ୍କୁ କହିଥାନ୍ତି । ସୁରା ଅର୍ଥାତ୍ ଶ୍ୱାସରେ ସଞ୍ଚାର କରି ଦେଇଥାଆନ୍ତି । ଏଠାରେ ସୂର୍ଯ୍ୟ ଗୋଟିଏ ପ୍ରତୀକ ମାତ୍ର, କାରଣ ସୁରାରେ ହିଁ ସେହି ପରମ ପ୍ରକାଶ ସ୍ୱରୂପ ରହିଥାଏ ଏବଂ ସୁରାଠାରେ ହିଁ ତାହାଙ୍କୁ ପ୍ରାପ୍ତିର ବିଧାନ ରହିଛି । ବାସ୍ତବିକ ପ୍ରକାଶ ଦାତା(ସୂର୍ଯ୍ୟ) ସେହିଁ ଅଟନ୍ତି ।

ଏହି ଯୋଗ ଅବିନାଶୀ ଅଟେ । ଶ୍ରୀକୃଷ୍ଣ କହିଥିଲେ ଯେ, ଏଥିରେ ଆରମ୍ଭର ବିନାଶ ହୁଏ ନାହିଁ । ଏହିଯୋଗ ଆରମ୍ଭ ମାତ୍ର କରିଦେଲେ, ଏହା ପୂର୍ଣ୍ଣତ୍ୱ ଦେଲା ପରେ ହିଁ ଶାନ୍ତ ହୋଇଥାଏ । ଶରୀରର କଳ୍ପ ଔଷଧି ଦ୍ୱାରା ହୋଇଥାଏ । କିନ୍ତୁ ଆତ୍ମାର କଳ୍ପ ଭଜନ ଚିନ୍ତନ ଦ୍ୱାରା ହୋଇଥାଏ । ଭଜନର ପ୍ରାରମ୍ଭ ହିଁ ଆତ୍ମ କଳ୍ପର ଆଦି ଅଟେ । ଏହା ସାଧନ ଭଜନ ମଧ୍ୟ କୌଣସି ମହାପୁରୁଷଙ୍କ ହିଁ ଦାନ ଅଟେ । ମୋହ ନିଶାରେ ଅଚେତ ସମ୍ପୂର୍ଣ୍ଣ ମାନବ ଯାହାଙ୍କ ଠାରେ ଭଜନର

କୌଣସି ସଂସ୍କାର ନାହିଁ, ଯୋଗ ବିଷୟରେ ଯିଏ କେବେ ବିଚାର ମଧ୍ୟ କରିନାହିଁ ଏପରି ମନୁଷ୍ୟ କୌଣସି ମହାପୁରୁଷଙ୍କୁ ଯଦି ଦେଖିଥାଏ, ତେବେ ତାଙ୍କର ଦର୍ଶନ ମାତ୍ରକେ, ତାହାଙ୍କ ବାଣୀଦ୍ୱାରା , ଛୋଟ ବଡ଼ ସେବା ଦ୍ୱାରା ଏବଂ ତାଙ୍କର ସାନ୍ନିଧ ଦ୍ୱାରା ଯୋଗର ସଂସ୍କାର ତାହାଙ୍କ ମଧ୍ୟରେ ସଞ୍ଚାରିତ ହୋଇଯାଇଥାଏ । ଗୋସ୍ୱାମୀ ତୁଳସୀ ଦାସଜୀ ଏହାକୁ କହୁଛନ୍ତି – **'ଜେ ଚିତୟେ ପ୍ରଭୁ ଜିହ୍ନ ପ୍ରଭୁ ହେରେ, ତେ ସବ ଭୟେ ପରମପଦ ଯୋଗୁଁ ''** ॥

ଶ୍ରୀକୃଷ୍ଣ କହୁଛନ୍ତି– ଏହି ଯୋଗ ମୁଁ ପ୍ରଥମେ ସୂର୍ଯ୍ୟଙ୍କୁ କହିଲି ।
**''ଚକ୍ଷୋଃ ସୂର୍ୟୋ ଅଜାୟତ''**– ମହାପୁରୁଷଙ୍କ ଦୃଷ୍ଟି ନିକ୍ଷେପ ମାତ୍ରକେ ଯୋଗର ସଂସ୍କାର ସୁରା ଅର୍ଥାତ୍ ଶ୍ୱାସରେ ପ୍ରସାରିତ ହୋଇଯାଏ । ସ୍ୱୟଂ ପ୍ରକାଶ ସ୍ୱବଶ ପରମେଶ୍ୱରଙ୍କ ନିବାସ ସମସ୍ତଙ୍କ ହୃଦୟରେ ରହିଛି । ସୁରା ଅର୍ଥାତ୍ ଶ୍ୱାସ ନିରୋଧରେ ହିଁ ତାହାଙ୍କ ପ୍ରାପ୍ତିର ବିଧାନ । ସୁରାରେ ସଂସ୍କାରମାନଙ୍କ ସୃଜନ ହିଁ ସୂର୍ଯ୍ୟଙ୍କ ପ୍ରତି କହିବା ଅର୍ଥ ହୋଇଥାଏ । ସମୟ ଆସିଲେ ଏହି ସଂସ୍କାର ମନରେ ସ୍ଫୁରିତ ହୋଇଯିବ । ଏହା ହିଁ ସୂର୍ଯ୍ୟ ମନୁଙ୍କୁ କହିବାର ତାତ୍ପର୍ଯ୍ୟ । ମନରେ ସ୍ଫୁରିତ ହେବା ପରେ ମହାପୁରୁଷଙ୍କ ସେହି ବାକ୍ୟ ପ୍ରତି ଇଚ୍ଛା ଜାଗ୍ରତ ହୋଇଯିବ । ଯଦି ମନରେ କୌଣସି ଇଚ୍ଛା ରହେ, ତେବେ ତା'ର ପ୍ରାପ୍ତି ନିମନ୍ତେ ଆକାଂକ୍ଷା ଅବଶ୍ୟ ହେବ । ଏହା ହିଁ ମନୁ ଇକ୍ଷ୍ୱାକୁଙ୍କୁ ଦେଇଥିବା ଉପଦେଶ ଅଟେ । ଲାଳସା ରହିବ ଯେ, ସେହି ନିୟତ କର୍ମ କରିବା, ଯାହା ଅବିନାଶୀ ଅଟେ । ଯାହାକି କର୍ମ ବନ୍ଧନରୁ ମୁକ୍ତି ଦେଇଥାଏ । ଯଦି ଏପରି ହିଁ ଅଟେ, ତେବେ କର୍ମ ଚାଲୁକରିବା ଆବଶ୍ୟକ ଏବଂ ଆରାଧନା ଏହାର ଗତି ବାଛି ନେଇଥାଏ । ଗତି ନିର୍ଣ୍ଣୟ କରି ଏହିଯୋଗ କେଉଁ ସ୍ଥାନକୁ ପହୁଞ୍ଚାଇଥାଏ । ଏହା ଉପରେ ସେ କହୁଛନ୍ତି –

**ଏବଂ ପରମ୍ପରା ପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।**
**ସ କାଲେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ॥୨॥**

ଏହି ପ୍ରକାର କୌଣସି ମହାପୁରୁଷଙ୍କ ଦ୍ୱାରା ସଂସ୍କାର ରହିତ ପୁରୁଷଙ୍କ ସୁରା ଅର୍ଥାତ୍ ଶ୍ୱାସରେ, ସୁରାଠାରୁ ମନରେ, ମନଠାରୁ ଇଚ୍ଛାରେ ଏବଂ ଇଚ୍ଛା ତୀବ୍ର ହୋଇ କ୍ରିୟାତ୍ମକ ଆଚରଣରେ ଢଳିଯାଇ ଏହି ଯୋଗ କ୍ରମଶଃ ଉତ୍‌ଥାନ କରିକରି ରାଜର୍ଷି ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚିଯାଇଥାଏ । ସେହି ଅବସ୍ଥାରେ ଯାଇ ତତ୍ତ୍ୱ ବିଦିତ ହୋଇଥାଏ । ଏହି ସ୍ତରର ସାଧକଙ୍କ ନିକଟରେ ଋଦ୍ଧି–ସିଦ୍ଧିର ସଞ୍ଚାର ହୋଇଥାଏ । ସେହି ଯୋଗ ଏହି ମହତ୍ତ୍ୱପୂର୍ଣ୍ଣକାଳରେ ଏହି ଲୋକ ଅର୍ଥାତ୍ ଶରୀରରେ ପ୍ରାୟଃ ନଷ୍ଟ ହୋଇଯାଏ । ଏହି ସୀମାରେଖାକୁ କିପରି ପାର କରିପାରିବା । କ'ଣ

ଏହିବିଶେଷ ସ୍ଥଳକୁ ପହୁଞ୍ଚି ସମସ୍ତେ ନଷ୍ଟ ହୋଇଯାଇଥାନ୍ତି ? ଶ୍ରୀକୃଷ୍ଣ କହୁଛନ୍ତି– ନାହିଁ, ଯିଏ ମୋର ଆଶ୍ରିତ, ମୋର ପ୍ରିୟ ଭକ୍ତ, ଅନନ୍ୟ ସଖା, ସେମାନେ ନଷ୍ଟ ହୋଇନଥାନ୍ତି ।

**ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।**
**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ॥ ୩ ॥**

ସେହି ପୁରାତନ ଯୋଗକୁ ବର୍ତ୍ତମାନ ମୁଁ ବର୍ଣ୍ଣନା କଲି । କାରଣ ତୁମେ ମୋର ଭକ୍ତ ଏବଂ ସଖା ମଧ୍ୟ । ଏହି ଯୋଗ ଅତି ଉତ୍ତମ ଏବଂ ରହସ୍ୟ ପୂର୍ଣ୍ଣ ଅଟେ । ଅର୍ଜୁନ କ୍ଷତ୍ରୀୟ ଶ୍ରେଣୀର ସାଧକ ଥିଲେ । ରାଜର୍ଷି ଅବସ୍ଥାଯୁକ୍ତ ଥିଲେ । ବର୍ତ୍ତମାନ ମଧ୍ୟ ଯୋଗ କଲ୍ୟାଣ ମୁଦ୍ରାରେ ହିଁ ରହିଛି କିନ୍ତୁ ପ୍ରାୟଃ ସାଧକ ଏଠାକୁ ପହୁଞ୍ଚିଯାଇ ବିଚଳିତ ହୋଇଯାନ୍ତି । ଏପରି ଅବିନାଶୀ ଏବଂ ରହସ୍ୟମୟ ଯୋଗକୁ ଶ୍ରୀକୃଷ୍ଣୀ ଅର୍ଜୁନଙ୍କୁ କହିଲେ, କାରଣ ନଷ୍ଟ ହୋଇଯିବା ଅବସ୍ଥାରେ ଅର୍ଜୁନ ଥିଲେ । ଯୋଗ କାହିଁକି କହିଲେ ? କାରଣ ଏହି ଯେ ତୁମେ ମୋର ଭକ୍ତ ଓ ଅନନ୍ୟ ଭାବରେ ମୋର ଆଶ୍ରିତ ଏବଂ ପ୍ରିୟ ସଖା ମଧ୍ୟ ।

ଯେଉଁ ପରମାତ୍ମାଙ୍କ ପ୍ରତି ଆମ୍ଭର ଆଗ୍ରହ ରହିଛି, ସେହି ପରମାତ୍ମା ଅର୍ଥାତ୍ ସଦ୍‌ଗୁରୁ ଆତ୍ମାଠାରୁ ଅଭିନ୍ନ ହୋଇ ଯେତେବେଳେ ନିର୍ଦ୍ଦେଶନ ଦେବାରେ ଲାଗିଥାନ୍ତି, ସେତେବେଳେ ବାସ୍ତବିକ ଭଜନ ପ୍ରାରମ୍ଭ ହୋଇଥାଏ । ଏଠାରେ ପ୍ରେରକ ଅବସ୍ଥାରେ ପରମାତ୍ମା ଏବଂ ସଦ୍‌ଗୁରୁ ପରସ୍ପର ଏକ ପର୍ଯ୍ୟାୟବାଚୀ । ଯେଉଁ ସ୍ତରରେ ଆମ୍ଭେମାନେ ଠିଆ ହୋଇଛନ୍ତି, ସେହି ସ୍ତରକୁ ଯେତେବେଳେ ସ୍ୱୟଂ ପ୍ରଭୁ ଅବତରିତ ହେବେ ଏବଂ ସୁରକ୍ଷା କରିବେ, ବିଚଳିତ ଅବସ୍ଥାରେ ସମ୍ଭାଳିବେ, ତେବେ ମନ ବଶରେ ହୋଇଥାଏ । **'ମନ ବଶ ହୋଇ ତବହୀ, ଜବ ପ୍ରେରକ ପ୍ରଭୁ ବରଜେ''**– ଯେଉଁ ପର୍ଯ୍ୟନ୍ତ ଇଷ୍ଟଦେବ ରଥୀ ହୋଇ ଆତ୍ମାଠାରୁ ଅଭିନ୍ନ ହୋଇ ପ୍ରେରକ ରୂପେ ଉପସ୍ଥିତ ନହୁଅନ୍ତି, ସେ ପର୍ଯ୍ୟନ୍ତ ସଠିକ୍ ରୂପରେ ପ୍ରବେଶ ହିଁ ହୋଇ ନଥାଏ । ସାଧକ ପ୍ରତ୍ୟାଶି ଅବଶ୍ୟ ଅଟେ କିନ୍ତୁ ଭଜନ ତାହା ନିକଟରେ କାହିଁ ?

ପୂଜ୍ୟ ଗୁରୁଭଗବାନ କହୁଥିଲେ– ''ହୋ ! ମୁଁ ବହୁତ ବାର ନଷ୍ଟ ହୋଇଯାଉଥିବା ଅବସ୍ଥାରୁ ବଞ୍ଚିଗଲି । ଭଗବାନ ହିଁ ବଞ୍ଚାଇ ଦେଲେ । ଭଗବାନ ଏପରି ବୁଝାଇଦେଲେ, ଏହା କହିଲେ ଇତ୍ୟାଦି '' । ମୁଁ ପଚାରିଲି –'ମହାରାଜଜୀ, କ'ଣ ଭଗବାନ ମଧ୍ୟ କଥା କହୁଛନ୍ତି ? କଥାବାର୍ତ୍ତା ହେଉଛନ୍ତି ? ତେବେ ସେ କହିଲେ 'ହାଁ ! ହୋ ! ଭଗବାନ ଐସେ ବତିୟାବତ ହେଁ, ଜୈସେ ହମ୍‌ତୁମ୍

ବିତିୟାଇ, ଘଣ୍ଟୋଁ ବତିୟାଇଁ ଔର୍ କ୍ରମ ନ ଟୁଟେ ।'' ଅର୍ଥାତ୍ ଏପରି କଥାବାର୍ତ୍ତା ହୁଅନ୍ତି, ଯେପରି ତୁମେ ଓ ମୁଁ କଥାବାର୍ତ୍ତା ହେଉଛନ୍ତି । ଘଣ୍ଟାଘଣ୍ଟା ଧରି କହି ଚାଲନ୍ତି, ଯାହାର କ୍ରମ ହିଁ ତୁଟେ ନାହିଁ । ତେବେ ମୋତେ ଉଦାସ ଏବଂ ଆଶ୍ଚର୍ଯ୍ୟ ମଧ୍ୟ ଲାଗିଲା ଯେ, ଭଗବାନ କିପରି କହୁଥିବେ ? ଏହା ତ ଏକ ନୂଆ କଥା । କିଛିକ୍ଷଣ ପରେ ମହାରାଜଜୀ ପୁନଃ କହିଲେ– କାହେ ଘବଡ଼ାତ ହୈ, ତୋ ହୁଁ ସେ ବତିୟୈ ହେ ''। ଅର୍ଥାତ୍ କାହିଁକି ଘବଡ଼ାଉଛୁ, ତୋତେ ମଧ୍ୟ କହିବେ । ତାହାଙ୍କ କଥନ ଅକ୍ଷରଶଃ ସତ୍ୟଥିଲା । ଏହା ହିଁ ସଖ୍ୟଭାବ ଅଟେ । ସଖାଙ୍କ ପରି ସେ ନିରାକରଣ କରି ଚାଲିଥାନ୍ତି । ତେବେ ସାଧକ ଏହି ନଷ୍ଟ ପାଇଯାଉଥିବା ସ୍ଥିତିରୁ ପାର ହୋଇଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ କୌଣସି ମହାପୁରୁଷଙ୍କ ଦ୍ୱାରା ଯୋଗର ଆରମ୍ଭ, ଏଥିରେ ଆସୁଥିବା ବ୍ୟବଧାନ, ସେଥିରୁ ପାର ପାଇବା ନିମନ୍ତେ ରାସ୍ତାକୁ ବୁଝାଇଥିଲେ । ଏହା ଉପରେ ଅର୍ଜୁନ ପ୍ରଶ୍ନ କଲେ –

**ଅର୍ଜୁନ ଉବାଚ**

**ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।**
**କଥମେତଦ୍ ବିଜନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ॥୪॥**

ଭଗବାନ୍ ! ଆପଣଙ୍କ ଜନ୍ମତ 'ଅପରଂ'–ବର୍ତ୍ତମାନ ହୋଇଛି ଏବଂ ମୋର ଭିତରେ ସୁରା ଅର୍ଥାତ୍ ଶ୍ୱାସର ସଞ୍ଚାର ବହୁତ ପୁରୁଣା । ତେବେ ମୁଁ କିପରି ମାନିନେବି ଯେ ଏହି ଯୋଗକୁ ଭଜନର ଆରମ୍ଭରେ ଆପଣ ହିଁ କହିଥିଲେ । ଏହା ଉପରେ ଯୋଗେଶ୍ୱର କହୁଛନ୍ତି–

**ଶ୍ରୀ ଭଗବାନ୍ ଉବାଚ**

**ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।**
**ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥୫॥**

ହେ ଅର୍ଜୁନ ! ମୋର ଏବଂ ତୁମର ଅନେକ ଜନ୍ମ ହୋଇସାରିଛି । ପରନ୍ତୁ ସେ ସବୁକୁ ତୁମେ ଜାଣିନାହିଁ, କିନ୍ତୁ ମୁଁ ଜାଣିଛି । ସାଧକ ଜାଣିନଥାଏ, ସ୍ୱରୂପସ୍ଥ ମହାପୁରୁଷ ଜାଣିଥାନ୍ତି । ଅବ୍ୟକ୍ତ ସ୍ଥିତିଯୁକ୍ତ ମହାପୁରୁଷ ଜାଣିଥାନ୍ତି । କ'ଣ ଆପଣ ସମସ୍ତଙ୍କ ପରି ଜନ୍ମ ନିଅନ୍ତି ? ଶ୍ରୀକୃଷ୍ଣ କହୁଛନ୍ତି– ନାହିଁ, ସ୍ୱରୂପ ପ୍ରାପ୍ତି, ଶରୀର ପ୍ରାପ୍ତି ଠାରୁ ଭିନ୍ନ ଅଟେ । ମୋର ଜନ୍ମ ଏହି ଚକ୍ଷୁ ଦ୍ୱାରା ଦେଖି ହେବ ନାହିଁ । ମୁଁ ଅଜନ୍ମା, ଅବ୍ୟକ୍ତ, ଶାଶ୍ୱତ ହୋଇଥିବା ସତ୍ତ୍ୱେ ମଧ୍ୟ ଶରୀର ଧାରୀ ଅଟେ । )'' **ଅବଧି ! ଜୀବତ ମେଁ କର ଆସା । ମୁଏ ମୁକ୍ତି ଗୁରୁ 'କହେ ସ୍ୱାର୍ଥୀ, ଝୁଠା ଦେ ବଶ୍ୱାସା ॥**' ଅର୍ଥାତ୍ ସ୍ୱାର୍ଥପର ଗୁରୁମାନେ ହିଁ କହିଥାନ୍ତି ଯେ, ସେବା, ଦାନ,

ଧର୍ମ ଇତ୍ୟାଦି କରି ଚାଲିଲେ, ମୃତ୍ୟୁ ପରେ ମୁକ୍ତି ମିଳିବ । କିନ୍ତୁ ସେମାନଙ୍କ ସେହି ବିଶ୍ୱାସ ମିଥ୍ୟା ଓ ପ୍ରଲୋଭନ ମାତ୍ର । ହେ ବନ୍ଧୁଗଣ ! ବସ୍ତୁତଃ ଜୀବିତ ଅବସ୍ଥାରେ ହିଁ ସ୍ୱର୍ଗ, ମୁକ୍ତି ଏବଂ ପ୍ରାପ୍ତି ନିମନ୍ତେ ଆଶା ରଖିବା ଉଚିତ୍ । ପୂର୍ବରୁ ଯଦି କେହି ପ୍ରବେଶ ପାଇଛନ୍ତି ତ ଏହି ଶରୀର ଜୀବିତ ଅବସ୍ଥାରେ ହିଁ ପାଇଛନ୍ତି, ମୃତ୍ୟୁ ପରେ ନୁହଁ । ଲେଶମାତ୍ର କମ୍ ହେଲେ ପୁନଃ ଜନ୍ମ ନେବାକୁ ପଡ଼ିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ନିଜ ପରି ଗୋଟିଏ ଦେହଧାରୀ ହିଁ ଭାବିଛନ୍ତି । ସେ ଅନ୍ତରଙ୍ଗ ପ୍ରଶ୍ନ କରୁଥାନ୍ତି । କ'ଣ ଆପଣଙ୍କ ଜନ୍ମ ସେପରି ଅଟେ କି ? ଯେପରି ସମସ୍ତଙ୍କର ଜନ୍ମ ହୋଇଥାଏ । କ'ଣ ଆପଣ ମଧ୍ୟ ଶରୀର ରୂପରେ ଜନ୍ମ ନେଇଥାନ୍ତି ? ଶ୍ରୀକୃଷ୍ଣ କହୁଛନ୍ତି –

**ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।**
**ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ।। ୬ ।।**

ମୁଁ ବିନାଶ ରହିତ ପୁନଃ ଜନ୍ମ ରହିତ ଏବଂ ସମସ୍ତ ପ୍ରାଣମାନଙ୍କ ସ୍ୱରରେ ସଞ୍ଚାରିତ ହୋଇ ମଧ୍ୟ ନିଜର ପ୍ରକୃତିକୁ ଅଧିନ କରି ମୁଁ ଆତ୍ମ ମାୟାଦ୍ୱାରା ପ୍ରକଟ ହୋଇଥାଏ । ଗୋଟିଏ ମାୟାତ ଅବିଦ୍ୟା ଅଟେ । ଯାହାକି ପ୍ରକୃତିରେ ବିଶ୍ୱାସ କରାଇଥାଏ । ନୀଚ ଏବଂ ଅଧମ ଯୋନୀର କାରଣ ହୋଇଥାଏ । ଅନ୍ୟ ମାୟା ହେଉଛି ଆତ୍ମମାୟା ଯାହାକି ଆତ୍ମାରେ ପ୍ରବେଶ କରାଇଥାଏ । ସ୍ୱରୂପ ଜନ୍ମର କାରଣ ହୋଇଥାଏ । ଏହାକୁ ଯୋଗମାୟା ମଧ୍ୟ କୁହାଯାଏ । ଯାହାଠାରୁ ଆମ୍ଭେମାନେ ଅଲଗା ହୋଇଥାଉଁ, ସେ ହିଁ ଶାଶ୍ୱତ ସ୍ୱରୂପରେ ଯୋଡ଼ିଥାଏ, ମିଳନ କରାଇଥାଏ । ସେ ହିଁ ଆତ୍ମିକ ପ୍ରକ୍ରିୟା ଦ୍ୱାରା ନିଜର ତ୍ରିଗୁଣମୟୀ ପ୍ରକୃତିକୁ ଅଧିନ କରି ପ୍ରକଟ ହୋଇଥାନ୍ତି ।

ପ୍ରାୟ ଲୋକେ କହୁଥାନ୍ତି ଯେ, ଭଗବାନଙ୍କ ଅବତାର ହେବ, ତେବେ ଦର୍ଶନ କରିନେବା । କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ଏପରି କୌଣସି ଅବତାର ହେଉନାହିଁ । ଯାହାକି ଅନ୍ୟ କୌଣସି ବ୍ୟକ୍ତି ଦେଖି ପାରିବ । ସ୍ୱରୂପର ଜନ୍ମ ପିଣ୍ଡ ରୂପରେ ହୋଇନଥାଏ । ଯୋଗସାଧନା ଦ୍ୱାରା ଅର୍ଥାତ୍ ଆତ୍ମମାୟା ଦ୍ୱାରା ନିଜର ତ୍ରିଗୁଣ ମୟୀ ପ୍ରକୃତିକୁ ସ୍ୱବଶ କରି ମୁଁ କ୍ରମଶଃ ପ୍ରକଟ ହେଉଛି । କିନ୍ତୁ କେଉଁ ପରିସ୍ଥିତିରେ ?

**ଯଦାଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।୭।।**

ହେ ଅର୍ଜୁନ ! ଯେତେବେଳେ ପରମଧର୍ମ ପରମାତ୍ମା ନିମନ୍ତେ ହୃଦୟ

ଗ୍ଲାନିରେ ଭରିଯାଏ, ଅଧର୍ମ ବୃଦ୍ଧି ଦ୍ୱାରା ଭାବୁକ ସାଧକ ପାର ପାଇପାରୁ ନଥାଏ । ତେବେ ମୁଁ ଆତ୍ମାକୁ ରଚନା କରିଥାଏ । ଏପରି ହିଁ ଗ୍ଲାନି ମନୁ ଙ୍କୁ ମଧ୍ୟ ହୋଇଥିଲା । **'ହୃଦୟ ବହୁତ ଦୁଃଖ ଲାଗ, ଜନମ ଗୟଉ ହରି ଭଗତି ବିନୁ** ।' ଯେତେବେଳେ ଆପଣଙ୍କ ହୃଦୟ ଅନୁରାଗରେ ପରିପୂରିତ ହୋଇଯାଏ, ସେହି ଶାଶ୍ୱତ ଧର୍ମ ନିମନ୍ତେ **'ଗଦଗଦ ଗିରା ନୟନ ବହନୀରା'**-ଅର୍ଥାତ୍ ଗଦ୍‌ଗଦ୍ ଅଶ୍ରୁ ନୟନରୁ ବହିବାରେ ଲାଗିବ୍, ପ୍ରୟତ୍ନ କରି ମଧ୍ୟ ଅନୁରାଗୀ ଅଧର୍ମର ପାର ପାଇନଥାଏ । ଏପରି ପରିସ୍ଥିତିରେ ମୁଁ ନିଜର ସ୍ୱରୂପକୁ ରଚନା କରିଥାଏ । ଅର୍ଥାତ୍ ଭଗବାନଙ୍କର ଆବିର୍ଭାବ କେବଳ ଅନୁରାଗୀଙ୍କ ନିମନ୍ତେ ଅଟେ । **''ସୋ କେବଳ ଭଗତନ ହିତଲାଗୀ''** ଏହି ଅବତାର କୌଣସି ଭାଗ୍ୟବାନ ସାଧକଙ୍କ ଅନ୍ତରାଳରେ ହୋଇଥାଏ । ଭଗବାନ ପ୍ରକଟ ହୋଇ କ'ଣ କରିଥାନ୍ତି ?

**ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୮।।**

ହେ ଅର୍ଜୁନ **! 'ସାଧୂନାଂପରିତ୍ରାଣାୟ'** ପରମ ସାଧ୍ୟ ଏକ ମାତ୍ର ପରମାତ୍ମା, ଯାହାକୁ ସାଧନ କରିବା ପରେ କୌଣସି ସାଧନା ଶେଷ ରହିନଥାଏ । ସେହି ମାଧ୍ୟମରେ ପ୍ରବେଶ କରାଉଥିବା ବିବେକ, ବୈରାଗ୍ୟ, ଶମ, ଦମ ଇତ୍ୟାଦି ଦୈବୀ ସମ୍ପଦକୁ ନିର୍ବିଘ୍ନ ପ୍ରବାହିତ କରିବା ନିମନ୍ତେ ତଥା **'ଦୁଷ୍କୃତାମ୍'**- ଯାହା ଦୁଷିତ କାର୍ଯ୍ୟରୂପ ନେଇଥାଏ । ସେହି କାମ, କ୍ରୋଧ, ରାଗ, ଦ୍ୱେଷ ଇତ୍ୟାଦି ବିଜାତୀୟ ପ୍ରବୃତିମାନଙ୍କୁ ସମୂଳେ ନଷ୍ଟ କରିବା ନିମନ୍ତେ ତଥା ଧର୍ମକୁ ଉତ୍ତମ ଭାବେ ସ୍ଥାପନ କରିବା ନିମନ୍ତେ ମୁଁ ଯୁଗେଯୁଗେ ପ୍ରକଟ ହୋଇଥାଏ ।

ଯୁଗର ତାତ୍ପର୍ଯ୍ୟ ସତ୍ୟ, ତ୍ରେତୟା, ଦ୍ୱାପର, ଇତ୍ୟାଦି ନୁହଁ, ଯୁଗଧର୍ମର ହ୍ରାସ ବୃଦ୍ଧି ମନୁଷ୍ୟମାନଙ୍କ ସ୍ୱଭାବରେ ରହିଥାଏ । ଯୁଗଧର୍ମ ସଦୈବ ରହିଛି, ମାନସରେ ସଙ୍କେତ ରହିଛି ଯେ, **ନିତ ଯୁଗ ଧର୍ମ ହୋହିଁ ସବ କେରେ । ହୃଦୟ ରାମ ମାୟା କେ ପ୍ରେରେ** ।।(ରା.ମାନସ-୭/୧୦/୧) ଯୁଗଧର୍ମ ସମସ୍ତଙ୍କ ହୃଦୟରେ ନିତ୍ୟ ହେଉଥାଏ । ଅବିଦ୍ୟାରୁ ନୁହଁ ବରଂ ବିଦ୍ୟା ଦ୍ୱାରା ହୋଇଥାଏ । ରାମମାୟା ପ୍ରେରଣାରୁ ତାହା ହୃଦୟରେ ହିଁ ହୋଇଥାଏ । ଯାହାକୁ ପ୍ରସ୍ତୁତ ଶ୍ଳୋକରେ ଆତ୍ମମାୟା କୁହାଯାଇଛି । ତାହା ହିଁ ରାମମାୟା ଅଟେ । ହୃଦୟରେ ରାମଙ୍କ ସ୍ଥିତି ପ୍ରଦାନ କରାଉଥିବା, ସେହି ବିଦ୍ୟା ରାମଙ୍କ ଠାରୁ ହିଁ ପ୍ରେରିତ ହୋଇଥାଏ । କିପରି ବୁଝିପାରିବା ଯେ ବର୍ତ୍ତମାନ କେଉଁ ଯୁଗ କାର୍ଯ୍ୟ କରୁଛି ? ତେବେ **''ସୁଦ୍ଧ ସତ୍ୱ ସମତା ବିଜ୍ଞାନା । କୃତ ପ୍ରଭାବ ପ୍ରସନ୍ନ ମନ ଜାନ** ।।(ରା.ମାନସ-୭/୧୦୩/୨)ଯେତେବେଳେ

ହୃଦୟରେ ଶୁଦ୍ଧ ସାତ୍ୱିକ ଗୁଣ  କାର୍ଯ୍ୟ କରୁଥିବ, ରାଜସିକ ଓ ତାମସିକ ଗୁଣ ଶାନ୍ତ ହୋଇଥିବ, ବିଷମତା ସମାପ୍ତ ହୋଇଯାଇଥିବ, ଯାହାର କାହାପ୍ରତି ଦ୍ୱେଷଭାବ ନଥିବ, ବିଜ୍ଞାନୀ ହୋଇଥିବେ ଅର୍ଥାତ୍ ଇଷ୍ଟଙ୍କଠାରୁ ନିର୍ଦ୍ଦେଶ ନେଇ ପାରୁଥିବ ଓ ଇଷ୍ଟଙ୍କ ଠାରେ ମନ ସ୍ଥିର ରହିବା କ୍ଷମତା  ହୋଇଥିବ, ମନରେ  ପ୍ରସନ୍ନତାର ପୂର୍ଣ୍ଣ ସଞ୍ଚାର ହୋଇଥିବ । ଯେତେବେଳେ ଏପରି ଯୋଗ୍ୟତା  ଆସିଯିବ, ତେବେ ସତ୍ୟ ଯୁଗରେ ପ୍ରବେଶ ମିଳିଗଲା ବୋଲି ଜାଣିଯିବେ । ଏହିପରି  ଅନ୍ୟ ଦୁଇଗୁଣର ମଧ୍ୟ ବର୍ଣ୍ଣନା କଲେ । ପରିଶେଷରେ–

**‘‘ତାମସ  ବହୁତ ରଜଗୁଣ  ଥୋରା ।**
**କଳି  ପ୍ରଭାବ  ବିରୋଧ  ଚହୁଁ ଓର’’।।**

ତାମସଗୁଣ  ପରିପୂରିତ ଥିବ, କିଞ୍ଚିତ ରାଜସଗୁଣ ମଧ୍ୟ ସେଥିରେ ଥିବ, ଚାରିଆଡୁ ବୈରୀ ଏବଂ ବିରୋଧ ଥିବ, ତେବେ ଏହିପରି ବ୍ୟକ୍ତିଙ୍କ  ଭିତରେ  କଳିଯୁଗ ପ୍ରବେଶ ପାଇଥିବା ଜାଣିବାକୁ ହେବ । ଯଦି ତାମସ ଗୁଣ  କାର୍ଯ୍ୟକରୁଥାଏ, ତେବେ ମନୁଷ୍ୟଙ୍କଠାରେ  ଆଳସ୍ୟ, ନିଦ୍ରା, ପ୍ରମାଦ ଇତ୍ୟାଦିର ବାହୁଲ୍ୟ ରହିଥାଏ ।  ସେହି ବ୍ୟକ୍ତି କର୍ତ୍ତବ୍ୟ ଜାଣି ମଧ୍ୟ ସେଥିରେ ପ୍ରବୃତ୍ତ  ହୋଇପାରିନଥାଏ ।  ନିଷିଦ୍ଧ କର୍ମ ଜାଣିପାରି ମଧ୍ୟ ସେଥିରୁ  ନିବୃତ୍ତି ହୋଇପାରିନଥାଏ । ଏହିପରି  ଯୁଗଧର୍ମର  ହ୍ରାସ ବୃଦ୍ଧି  ମନୁଷ୍ୟମାନଙ୍କ  ଆନ୍ତରିକ  ଯୋଗ୍ୟତା ଉପରେ ନର୍ଭର କରିଥାଏ । କେହି କେହି ଏହି ଯୋଗ୍ୟତାକୁ ଚାରି ଯୁଗ କହିଲେ ତ ଆଉ କେହି ଚାରି  ବର୍ଣ୍ଣର  ନାମଦେଲେ ତ କିଏ ଏହାକୁ  ଅତି ଉତ୍ତମ, ଉତ୍ତମ,  ମଧ୍ୟମ ଏବଂ  ନିକୃଷ୍ଟ  ଚାରି ଶ୍ରେଣୀର ସାଧକ କହି ସମ୍ବୋଧିତ କରିଥାନ୍ତି ।  ପ୍ରତ୍ୟେକ  ଯୁଗରେ ଇଷ୍ଟ  ସାହାଯ୍ୟ  କରିଥାନ୍ତି ।  ହାଁ ଉଚ୍ଚ ଶ୍ରେଣୀରେ ଅନୁକୂଳତାର ଭରପୂରତା  ପ୍ରତୀତ  ହୋଇଥାଏ ।  ନିମ୍ନ ଯୁଗମାନଙ୍କରେ ସହଯୋଗ କ୍ଷୀଣ ପ୍ରତୀତ ହୋଇଥାଏ । ସଂକ୍ଷେପରେ  ଶ୍ରୀକୃଷ୍ଣ  କହୁଛନ୍ତି ଯେ, ସାଧ୍ୟବସ୍ତୁ  ଦେଇପାରୁଥିବା ବିବେକ, ବୈରାଗ୍ୟ ଇତ୍ୟାଦିକୁ  ନିର୍ବିଘ୍ନ ପ୍ରବାହିତ  କରିବା ନିମନ୍ତେ  ତଥା  ଦୂଷଣର କାରଣ  କାମ, କ୍ରୋଧ, ରାଗ, ଦ୍ୱେଷ ଇତ୍ୟାଦିଙ୍କ ପୂର୍ଣ୍ଣ ବିନାଶ କରିବା ନିମନ୍ତେ,  ପରମଧର୍ମ  ପରମାତ୍ମାରେ ସ୍ଥିର କରାଇବା  ନିମନ୍ତେ,  ମୁଁ ଯୁଗ ଯୁଗରେ ଅର୍ଥାତ୍ ପ୍ରତ୍ୟେକ  ପରିସ୍ଥିତିରେ, ପ୍ରତ୍ୟେକ ଶ୍ରେଣୀରେ  ପ୍ରକଟ ହେଇଥାଏ । କିନ୍ତୁ ମୋର  ପ୍ରକଟ ହେବା ନିମନ୍ତେ ଆପଣଙ୍କର  ମନରେ ଗ୍ଲାନି  ହେବା ଆବଶ୍ୟକ ।ଯେଉଁ ପର୍ଯ୍ୟନ୍ତ ସମର୍ଥନ ନଦେବ, ସେ ପର୍ଯ୍ୟନ୍ତ  ଆପଣ ବୁଝି  ପାରିବନାହିଁ  ଯେ ବିକାର ମାନଙ୍କ ବିନାଶ  ହେଲା ଅଥବା ବର୍ତ୍ତମାନ  କେତେ ବାକି ରହିଛି ? ପ୍ରବେଶରୁ ପରାକାଷ୍ଠା ପର୍ଯ୍ୟନ୍ତ ଇଷ୍ଟ  ପ୍ରତ୍ୟେକ  ଶ୍ରେଣୀରେ  ପ୍ରତ୍ୟେକ  ଯୋଗ୍ୟତାର  ସହିତ

ରହିଥାନ୍ତି । ଭଗବାନଙ୍କ ପ୍ରାକଟ୍ୟ ଅନୁରାଗୀଙ୍କ ହୃଦୟରେ ହୋଇଥାଏ । ଭଗବାନ ତ ପ୍ରକଟ ହୋଇଥାନ୍ତି , ତେବେ ତ ସମସ୍ତେ ଦର୍ଶନ କରିପାରୁଥିବେ ?

**ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।**
**ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମନୈତି ମାମେତି ସୋଽର୍ଜୁନ ।। ୯।।**

ହେ ଅର୍ଜୁନ ! ମୋର ଏହି ଜନ୍ମ ଅର୍ଥାତ୍ ଗ୍ଲାନି ସହିତ ସ୍ୱରୂପ ରଚନା ତଥା ମୋର କର୍ମ ଅର୍ଥାତ୍ ଦୁଷ୍କୃତି କାରଣର ବିନାଶ, ସାଧ ବସ୍ତୁକୁ ଦେଇପାରୁଥିବା କ୍ଷମତାମାନଙ୍କ ନିର୍ଦ୍ଦୋଷ ସଞ୍ଚାର, ଧର୍ମର ସ୍ଥିରତା ଏହି କର୍ମ ଏବଂ ଜନ୍ମ ଦିବ୍ୟ ଅର୍ଥାତ୍ ଅଲୌକିକ ଅଟେ । ଲୌକିକ ନୁହେଁ । ଏହି ଚର୍ମ ଚକ୍ଷୁ ଦ୍ୱାରା ତାହା ଦୃଷ୍ଟିଗୋଚର ହେବ ନାହିଁ । ମନବୁଦ୍ଧି ଦ୍ୱାରା ତାର ପରିମାପ କରି ହେବ ନାହିଁ । ଯଦି ଏତେ ସୂକ୍ଷ୍ମ ଏବଂ ଗୂଢ଼, ତେବେ ତାକୁ କିଏ ଦେଖିଛନ୍ତି ? **''ଯୋ ବେତ୍ତି ତତ୍ତ୍ୱତଃ'** କେବଳ ତତ୍ତ୍ୱଦର୍ଶୀ ହିଁ ମୋର ଏହି ଜନ୍ମ ଏବଂ କର୍ମକୁ ଦେଖିପାରିଥାନ୍ତି । ତଥା ମୋର ସାକ୍ଷାତ କରି ସେମାନେ ପୁନର୍ଜନ୍ମ ପ୍ରାପ୍ତ ନହୋଇ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି ।

ଯେବେ ତତ୍ତ୍ୱଦର୍ଶୀହିଁ ଭଗବାନଙ୍କ ଜନ୍ମ ଓ କର୍ମକୁ ଦେଖିପାରୁଥାନ୍ତି, ତେବେ ଲୋକେ ଲକ୍ଷଲକ୍ଷ ସଂଖ୍ୟାରେ ଭିଡ଼ ଜମାଇ କାହିଁକି ଠିଆ ରହିଛନ୍ତି ଯେ, ଭଗବାନ କେଉଁଠି ଅବତାର ନେବେ ତ ଦର୍ଶନ କରିବା ? କ'ଣ ଆପଣ ତତ୍ତ୍ୱଦର୍ଶୀ ? ସାଧୁ ପ୍ରଚାର କରିଚାଲିଛନ୍ତି, ସେ ଅବତାର ଅଟନ୍ତି । ଅଥବା ସେମାନଙ୍କ ଦଲାଲ୍ ପ୍ରଚାର କରିନେଇଥାନ୍ତି । ଲୋକେ ମେଣ୍ଢାମାନଙ୍କ ପରି ଅବତାରକୁ ଦେଖିବା ନିମନ୍ତେ ଦୌଡ଼ି ଯାଆନ୍ତି । କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି– କେବଳ ତତ୍ତ୍ୱଦର୍ଶୀ ହିଁ ଦେଖିପାରିଥାନ୍ତି । ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ, ତତ୍ତ୍ୱଦର୍ଶୀ କାହାକୁ କୁହାଯାଏ ?

ଦ୍ୱିତୀୟ ଅଧ୍ୟାୟରେ ସତ୍ ଏବଂ ଅସତ୍‌ର ବର୍ଣ୍ଣନା କରି ଯୋଗେଶ୍ୱର ଶ୍ରୀକୃଷ୍ଣ କହିଥିଲେ, 'ହେ ଅର୍ଜୁନ ! ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ ଏବଂ ସତ୍ ବସ୍ତୁର ତିନି କାଳରେ ଅଭାବ ନାହିଁ ।' ତେବେ ଅର୍ଜୁନ ପଚାରିଲେ,' କ'ଣ ଆପଣ ଭଗବାନ ବୋଲି ଏପରି କହୁଛନ୍ତି ?' ଶ୍ରୀକୃଷ୍ଣ କହିଲେ, ନାହିଁ, ତତ୍ତ୍ୱଦର୍ଶୀମାନେ ଏହି ଅବତାରକୁ ଦେଖିଛନ୍ତି । ନା କୌଣସି ଭାଷାବିଦ୍ ମାନେ ଦେଖିଛନ୍ତି, ନା କୌଣସି ସମୃଦ୍ଧିଶାଳୀ ହିଁ ଦେଖିଛନ୍ତି । ଏଠାରେ ପୁଣି କହୁଛନ୍ତି, ' ମୋର ଆବିର୍ଭାବ ତ ହୋଇଥାଏ, କିନ୍ତୁ ତାହାକୁ ତତ୍ତ୍ୱଦର୍ଶୀହିଁ ଦେଖିପାରେ ।' ତତ୍ତ୍ୱଦର୍ଶୀ ଏକ ପ୍ରଶ୍ନ ଅଟେ । ଏପରି କିଛି ନୁହଁ ଯେ, ପାଞ୍ଚ ତତ୍ତ୍ୱ, ପଚିଶି ତତ୍ତ୍ୱ ରହିଛି, ଏତିକି ଗଣନା ଶିଖି ଗଲେ, ହୋଇଲେ ତତ୍ତ୍ୱଦାର୍ଶୀ । ଶ୍ରୀକୃଷ୍ଣ ଆଗକୁ କହିଲେ ଯେ, ଆତ୍ମା ହିଁ ପରମତତ୍ତ୍ୱ

ଅଟେ । ଆତ୍ମା ପରମଠାରେ ସଂଯୁକ୍ତ ହୋଇ ପରମାତ୍ମା ହୋଇଯାଏ । ଆତ୍ମ ସାକ୍ଷାତ୍‌କାର କରିଥିବା ବ୍ୟକ୍ତି ହିଁ ଏହି ଆବିର୍ଭାବକୁ ବୁଝିପାରିଥାଏ । ସିଦ୍ଧି ହେଲା ଯେ, ଅବତାର କୌଣସି ବିରହି, ଅନୁରାଗୀଙ୍କ ହୃଦୟରେ ହୋଇଥାଏ । ପ୍ରାରମ୍ଭରେ ସେ ତାହା ବୁଝିପାରିନଥାଏ ଯେ, ଆମକୁ କିଏ ସଙ୍କେତ ଦିଅନ୍ତି ? କିଏ ମାର୍ଗଦର୍ଶନ କରାଉଥାନ୍ତି ? କିନ୍ତୁ ପରମ ତତ୍ତ୍ୱ ପରମାତ୍ମାଙ୍କ ଦର୍ଶନ ସହିତ ହିଁ ସେ ଦେଖି ପାରିଥାଏ, ବୁଝି ପାରିଥାଏ ଏବଂ ପୁଣି ଶରୀରକୁ ତ୍ୟାଗକରି ପୁନର୍ଜନ୍ମକୁ ପ୍ରାପ୍ତ କରିନଥାଏ । ଶ୍ରୀକୃଷ୍ଣ କହିଲେ, 'ମୋର ଜନ୍ମ ଦିବ୍ୟ । ଏହାକୁ ଦେଖିବା ବ୍ୟକ୍ତି ମୋତେ ହିଁ ପ୍ରାପ୍ତ ହୋଇଥାଏ । ତେବେ ଲୋକମାନେ ତାହାଙ୍କ ମୂର୍ତ୍ତି ଗଠନ କରି ପୂଜା କରିବାରେ ଲାଗିଲେ । ଆକାଶରେ କେଉଁଠି ତାଙ୍କରି ନିବାସ କଳ୍ପନା କରିଦେଲେ,ଏପରି କିଛି ନୁହଁ । ସେହି ମହାପୁରୁଷଙ୍କ ଉଦ୍ଦେଶ୍ୟ କେବଳ ଏତିକି ଥିଲା ଯଦି ଆପଣ ନିର୍ଦ୍ଧାରିତ କର୍ମ କରିବେ, ତେବେ ପାଇପାରିବେ ଯେ ଆପଣ ମଧ୍ୟ ଦିବ୍ୟ । ଏହି କର୍ମକରି ଆପଣ ଯହା ହୋଇପାରିବେ, ତାହା ମୁଁ ହୋଇାସାରିଛି । ମୁଁ ଆପଣଙ୍କର ସମ୍ଭାବନା ଅଟେ । ଆପଣଙ୍କର ଭବିଷ୍ୟ ଅଟେ । ନିଜ ଭିତରେ ଯେଉଁ ଦିନ ଏପରି ପୂର୍ଣ୍ଣତା ପାଇଯିବେ, ଆପଣ ମଧ୍ୟ ତାହା ହିଁ ହେବେ, ଯାହା ଶ୍ରୀକୃଷ୍ଣ ହୋଇଥିଲେ । ଯାହା ଶ୍ରୀକୃଷ୍ଣଙ୍କ ସ୍ୱରୂପ, ସେହି ସ୍ୱରୂପ ଆପଣଙ୍କର ମଧ୍ୟ ହୋଇପାରିବ । ଅବତାର ବାହାରେ କେଉଁଠି ହୋଇନଥାଏ । ହଁ, ଯଦି ଆପଣଙ୍କ ହୃଦୟରେ ଅନୁରାଗ ପୂରିତ ରହିଛି, ତେବେ ଆପଣଙ୍କ ଭିତରେ ମଧ୍ୟ ଅବତାର ଅନୁଭୂତି ସମ୍ଭବ । ଶ୍ରୀକୃଷ୍ଣ ଆପଣଙ୍କୁ ପ୍ରୋତ୍ସାହିତ କରୁଛନ୍ତି ଯେ, ବହୁତ ଲୋକେ ଏହି ମାର୍ଗରେ ଚାଲି ମୋର ସ୍ୱରୂପକୁ ପ୍ରାପ୍ତ ହୋଇଯାଇଛନ୍ତି ।

**ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।**
**ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥୧୦॥**

ରାଗ ଏବଂ ବିରାଗ ଉଭୟଙ୍କ ଉର୍ଦ୍ଧ୍ୱରେ ହେଉଛି ବିତରାଗ । ତଥା ଏହି ପ୍ରକାର ଭୟ-ଅଭୟ, କ୍ରୋଧ-ଅକ୍ରୋଧ, ଉଭୟଙ୍କ ଉର୍ଦ୍ଧ୍ୱରେ, ଅନନ୍ୟ ଭାବରେ ଅର୍ଥାତ୍ ଅହଂକାର ରହିତ ମୋର ଶରଣ ହୋଇ ବହୁ ଲୋକ ଜ୍ଞାନ-ତପ ଦ୍ୱାରା ପବିତ୍ର ହୋଇ ମୋର ସ୍ୱରୂପକୁ ପ୍ରାପ୍ତ ହୋଇସାରିଛନ୍ତି । ବର୍ତ୍ତମାନ ଏହିମାନେ ହିଁ ହୋଇଗଲେ ଏପରି କିଛି ନୁହେଁ । ଏହି ବିଧାନ ସଦୈବ ରହିଛି । ଆଜି ମଧ୍ୟ ରହିଛି । ବହୁ ପୁରୁଷ ମୋର ସ୍ୱରୂପକୁ ଏହି ପ୍ରକାରେ ପ୍ରାପ୍ତ ହୋଇଛନ୍ତି । କେଉଁ ପ୍ରକାରେ ? ଯେଉଁ ଯେଉଁମାନଙ୍କ ହୃଦୟରେ ଅଧର୍ମର ବୃଦ୍ଧିକୁ ଦେଖି ପରମାତ୍ମାଙ୍କ ନିମନ୍ତେ ଗ୍ଲାନିରେ ଭରିଗଲା, ସେହି ସ୍ଥଳରେ ମୁଁ ନିଜର ସ୍ୱରୂପ ରଚନା କରେ । ସେମାନେ ମୋର

ସ୍ୱରୂପକୁ ପ୍ରାପ୍ତ ହୋଇଛନ୍ତି । ଯହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ତତ୍ତ୍ୱଦର୍ଶନ କହିଥିଲେ, ତାହାକୁ ହିଁ ବର୍ତ୍ତମାନ 'ଜ୍ଞାନ' କୁହଛନ୍ତି । ପରମତତ୍ତ୍ୱ ହେଉଛି ପରମାତ୍ମା, ତାହାର ପ୍ରତ୍ୟକ୍ଷ ଦର୍ଶନ ସହିତ ଜାଣିବା ହିଁ ଜ୍ଞାନ ଅଟେ । ଏହିପରି ଜାଣିପାରୁଥିବା ଜ୍ଞାନୀ ମୋର ସ୍ୱରୂପକୁ ପ୍ରାପ୍ତ କରିଥାନ୍ତି । ଏଠାରେ ଏହି ପ୍ରଶ୍ନ ସମାପ୍ତ ହୋଇଗଲା । ବର୍ତ୍ତମାନ ସେ ଯୋଗ୍ୟତା ଆଧାରରେ ଭଜନ କରୁଥିବା ବ୍ୟକ୍ତିଙ୍କ ଶ୍ରେଣୀକୁ ବିଭାଜନ କରୁଛନ୍ତି ।

**ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।**
**ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥୧୧॥**

ହେ ପାର୍ଥ ! ଯିଏ ମୋତେ ଯେତିକି ଲଗନରେ ଭଜନ କରନ୍ତି, ମୁଁ ମଧ୍ୟ ସେମାନଙ୍କୁ ସେପରି ଭଜନ କରୁଥାଏ, ସେତିକି ହିଁ ମାତ୍ରାରେ ସହଯୋଗ ଦେଇଥାଏ । ସାଧକଙ୍କ ଶ୍ରଦ୍ଧା ହିଁ କୃପା ରୂପରେ ତାକୁ ମିଳିଥାଏ । ଏହି ରହସ୍ୟକୁ ଜାଣି ସୁବିଜନ ସମ୍ପୂର୍ଣ୍ଣ ଭାବରେ ମୋର ମାର୍ଗ ଅନୁସାରେ ହିଁ ଚାଲିଥାନ୍ତି । ଯେପରି ମୁଁ ଚାଲୁଥାଏ, ଯାହା ମୋତେ ପ୍ରିୟ, ସେପରି ହଁ ଆଚରଣ କରନ୍ତି । ଯାହା ମୁଁ କରିବାକୁ ଚାହୁଁଛି, ସେପରି ହିଁ କରନ୍ତି ।

ଭଗବାନ କିପରି ଭଜନ କରୁଛନ୍ତି ? ସେ ହୃଦୟରେ ରଥୀହୋଇ ଉପସ୍ଥିତ ରହନ୍ତି । ସାଥିରେ ଚାଲିଥାନ୍ତି, ଏହା ହିଁ ତାହାଙ୍କ ଭଜନ ଅଟେ ଦୁଷିତ ଯାହା ଠାରୁ ଉତ୍ପନ୍ନ ହୋଇଥାଏ, ତାହାର ବିନାଶ କରିବା ନିମନ୍ତେ ସେଉପସ୍ଥିତ ହୋଇଯାନ୍ତି । ସତ୍ୟରେ ପ୍ରବେଶ ଦେଇପାରୁଥିବା ସଦ୍‌ଗୁଣଙ୍କୁ ପରିତ୍ର କରିବା ନିମନ୍ତେ ସେ ଆବିର୍ଭୁତ ହୋଇଯାନ୍ତି । ଯେଉଁ ପର୍ଯ୍ୟନ୍ତ ଇଷ୍ଟ ଦେବ, ହୃଦୟରେ ପୂର୍ଣ୍ଣତଃ ରଥୀ ହୋଇ ନାହାଁନ୍ତି ଏବଂ ଆମ୍ଭେ ପ୍ରତି ପାଦରେ ସାବଧାନ ନ ହେବା ପର୍ଯ୍ୟନ୍ତ, କିଏ କେତେବଡ ଭଜନାନନ୍ଦୀ ହୋଇଥାଉ ନା କାହିଁକି, ଯଦି ସେ ଲକ୍ଷେ ଆଖି ବନ୍ଦ କରେ, ଲକ୍ଷେ ପ୍ରୟତ୍ନ କରେ, ତେବେ ମଧ୍ୟ ସେ ଏହି ପ୍ରକୃତିର ଦ୍ୱନ୍ଦରୁ ପାର ହୋଇପାରିନଥାଏ । ସେ କିପରି ବୁଝିପାରିବ, 'ମୁଁ କେତେ ଦୂର ସାଧନ ପଥରେ ଅଗ୍ରସର ହୋଇଛି ଏବଂ କେତେ ଶେଷ ରହିଛି ।' ଇଷ୍ଟ ହିଁ ଆତ୍ମାଠାରୁ ଅଭିନ୍ନ ହୋଇ ପ୍ରତିଷ୍ଠିତ ହୋଇଯାନ୍ତି ଏବଂ ସାଧକର ମାର୍ଗଦର୍ଶନ କରିଥାନ୍ତି ଯେ, ତୁମେ ଏଠାରେ ରହିଛ, ଏପରି କର, ଏପରି ଚାଲ । ଏହିପରି ପ୍ରକୃତିର ଗର୍ତ୍ତରୁ ପାର କରି ଧିରେ ଧିରେ ଆଗକୁ ବଢାଇ ନିଜ ସ୍ୱରୂପରେ ପ୍ରବେଶ କରାଇ ଦେବେ । ଭଜନ ତ ସାଧକମାନଙ୍କୁ ହିଁ କରିବାକୁ ପଡ଼ିଥାଏ କିନ୍ତୁ ତାହାଙ୍କ ଦ୍ୱାରା ଏହି ପଥରେ ଯେଉଁ ଚାଲିବା ହୋଇଥାଏ, ତାହା ଇଷ୍ଟ ଦେବଙ୍କ ଦାନ ମାତ୍ର । ଏହିପରି ଜାଣି ସମସ୍ତେ ସର୍ବୋତ୍ତମଭାବେନ ମୋର

ଅନୁଶରଣ କରିଥାନ୍ତି । କେଉଁ ପ୍ରକାରେ ସେ ଚାଲୁଥାନ୍ତି –

**କାଙ୍‌କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।**
**କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ।।୧୨।।**

ସେହି ପୁରୁଷ ଏହି ଶରୀରରେ କର୍ମର ସିଦ୍ଧି ପାଇଁ ଦେବତାମାନଙ୍କୁ ପୁଜିଥାଏ । କେଉଁ କର୍ମ ? ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ତୁମେ ନିୟତକର୍ମ କର । ନିୟତ କର୍ମ କ'ଣ ? ଯଜ୍ଞର ପ୍ରକ୍ରିୟା ହିଁ କର୍ମ । ଯଜ୍ଞ କ'ଣ ? ସାଧନାର ବିଧି ବିଶେଷ । ଯେଉଁଥିରେ ଶ୍ୱାସ ପ୍ରଶ୍ୱାସରେ ହବନ, ଇନ୍ଦ୍ରିୟମାନଙ୍କ ବହର୍ମୁଖି ପ୍ରବାହକୁ ସଂୟମାଗ୍ନିରେ ହବନ କରାଯାଏ, ଯାହାର ପରିଣାମ ହେଉଛି ପରମାତ୍ମା । କର୍ମର ଶୁଦ୍ଧ ଅର୍ଥ ହେଉଛି, ଆରାଧନା । ଯାହାର ସ୍ୱରୂପ ଏହି ଅଧ୍ୟାୟରେ ହିଁ ମିଳିବ । ଏହି ଆରାଧନାର ପରିଣାମ କ'ଣ ? **ସଂସିଦ୍ଧିଂ** –ପରମ ସିଦ୍ଧି ପରମାତ୍ମା, **''ଯାନ୍ତି ବ୍ରହ୍ମ ସନାତନମ୍''**– ଶାଶ୍ୱତ ବ୍ରହ୍ମରେ ପ୍ରବେଶ, ପରମ ନୈଷ୍କର୍ମ୍ୟ ସ୍ଥିତି । ଶ୍ରୀକୃଷ୍ଣ କହନ୍ତି– ମୋର ମତାନୁସାରେ ଚାଲୁଥିବା ଲୋକେ ଏହି ମନୁଷ୍ୟ ଲୋକରେ କର୍ମର ପରିଣାମ ପରମ ନୈଷ୍କର୍ମ ସିଦ୍ଧି ନିମନ୍ତେ ଦେବତାମାନଙ୍କୁ ପୂଜିଥାନ୍ତି । ଅର୍ଥାତ୍ ଦୈବୀ ସମ୍ପତ୍ତିକୁ ବଳବାନ କରିଥାନ୍ତି ।

ତୃତୀୟ ଅଧ୍ୟାୟରେ ସେ କହିଥିଲେ ଯେ, ଏହି ଯଜ୍ଞ ଦ୍ୱାରା ତୁମେ ଦେବତାମାନଙ୍କ ବୃଦ୍ଧିକର, ଦୈବୀ ସମ୍ପଦକୁ ବଳବାନ କର । ଯେପରି ଯେପରି ହୃଦୟ ଦେଶରେ ଦୈବୀ ସମ୍ପଦର ବିକାଶ ହେବ, ସେପରି ସେପରି ତୁମ୍ଭର ମଧ୍ୟ ଉନ୍ନତି ହେବ । ଏହିପରି ପରସ୍ପର, ଉନ୍ନତି କରି ପରମଶ୍ରେୟକୁ ପ୍ରାପ୍ତ ହୋଇଯାଅ । ଅନ୍ତ ପର୍ଯ୍ୟନ୍ତ ଉନ୍ନତିକରି ଯିବାପାଇଁ ଏହା ଅନ୍ତଃକ୍ରିୟା ଅଟେ । ଏହା ଉପରେ ଦୃଢ ଦେଇ ଶ୍ରୀକୃଷ୍ଣ କହୁଛନ୍ତି ଯେ, ମୋର ଅନୁକୂଳରେ ଚାଲୁଥିବା ଲୋକେ ଏହି ମନୁଷ୍ୟ ଶରୀରରେ କର୍ମର ସିଦ୍ଧିକୁ ଚାହିଁ ଦୈବୀ ସମ୍ପଦକୁ ବଳବାନ କରିଥାନ୍ତି । ଯାହା ଦ୍ୱାରା ସେ ନୈଷ୍କର୍ମ୍ୟ ସିଦ୍ଧି ଶିଘ୍ର ହୋଇଥାଏ । ସେ ଅସଫଳ ହୋଇନଥାନ୍ତି, ସଫଳ ହିଁ ହୋଇଥାନ୍ତି । ଶିଘ୍ରର ଅର୍ଥ, କ'ଣ କର୍ମରେ ପ୍ରବୃତ୍ତ ହୋଇ ଯିବାକ୍ଷଣି ତକ୍ଷଣ ଏହି ପରମ ସିଦ୍ଧି ମିଳିଯାଇଥାଏ ? ଶ୍ରୀକୃଷ୍ଣ କହନ୍ତି, ନାହିଁ, ଏହି ସୋପାନରେ କ୍ରମଶଃ ଚାଲିବାର ବିଧାନ ରହିଛି । କୌଣସି କୁଦିମାରିବା ଭଳି ଭାବାତୀତ ଧ୍ୟାନ ଭଳି ଚମତ୍କାର ଏଠାରେ ନଥାଏ । ଏହାଉପରେ ପୁଣି ବିଚାର କରିବା –

**ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ**
**ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ।।୧୩।।**

ହେ ଅର୍ଜୁନ ! **'ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ'**– ଅର୍ଥାତ୍ ଚାରିବର୍ଣ୍ଣକୁ

ରଚନା ମୁଁ କଲି । ତ କ'ଣ ମନୁଷ୍ୟକୁ ଚାରି ଭାଗରେ ବାଣ୍ଟି ଦେଲେ ? ଶ୍ରୀକୃଷ୍ଣ କହୁଛନ୍ତି– ନାହିଁ, **'ଗୁଣକର୍ମ ବିଭାଗଶଃ'** ଗୁଣ ମାଧ୍ୟମରେ କର୍ମକୁ ଚାରି ଭାଗରେ ବାଣ୍ଟିଲି । ଗୁଣ ଗୋଟିଏ ମାପଦଣ୍ଡ । ତାମସ ଗୁଣ ବୃଦ୍ଧି ହେଲେ, ଆଳସ୍ୟ, ନିଦ୍ରା, ପ୍ରମାଦ, କର୍ମରେ ପ୍ରବୃତ୍ତ ନ ହେବାର ସ୍ୱାଭାବ, ଜାଣିଥିଲେ ମଧ୍ୟ ଅକର୍ତ୍ତବ୍ୟରୁ ନିବୃତ୍ତି ନ ହୋଇ ପାରୁଥିବା ବିବଶତା ରହିବ । ଏପରି ଅବସ୍ଥାରେ ସାଧନ ପ୍ରାରମ୍ଭ କିପରି କରିବା ? ଦୁଇଘଣ୍ଟା ଆପଣ ଆରାଧନାରେ ବସୁଛନ୍ତି । ଏହି କର୍ମରେ ପ୍ରୟତ୍ନଶୀଳ ହେବାକୁ ଚାହୁଁଛନ୍ତି । କିନ୍ତୁ ଦଶମିନିଟ୍ ମଧ୍ୟ ନିଜ ପକ୍ଷରେ ରହୁ ନାହାଁନ୍ତି । ଅବଶ୍ୟ ଶରୀର ବସିଥାଏ କିନ୍ତୁ ଯେଉଁ ମନକୁ ବସିବା ଦରକାର , ସେ ବିଚଳିତ ହୋଇ ବୁଲୁଛି, କୁତର୍କର କଳ୍ପନାରେ ବୁଲୁଛି । ବିଚାର ତରଙ୍ଗମାନଙ୍କ ପରି ଉଠିଥାଏ । ତେବେ ଆପଣ କାହିଁକି ବସିଛନ୍ତି ? ସମୟ କାହିଁକି ନଷ୍ଟ କରୁଛନ୍ତି ? ସେହି ସମୟ କେବଳ **''ପରିଚର୍ଯ୍ୟାତ୍ମାକଂ କର୍ମ ଶୁଦ୍ରସ୍ୟାପି ସ୍ୱଭାବଜମ୍ ।''** ଅର୍ଥାତ୍ ଯେଉଁ ମହାପୁରୁଷ ଅବ୍ୟକ୍ତ ସ୍ଥିତିରେ ଥିବେ, ଅବିନାଶୀ ତତ୍ତ୍ୱରେ ସ୍ଥିତ, ତାଙ୍କର ତଥା ଏହି ପଥରେ ଅଗ୍ରସର ନିଜଠାରୁ ଉନ୍ନତ ଧରଣର ସାଧକଙ୍କ ସେବାରେ ଲାଗିଯାଅ । ଏଥିରୁ ଦୁଷିତ ସଂସ୍କାର ଶମନ ହୋଇଯିବ, ସାଧନାରେ ପ୍ରବେଶ ଦେଇପାରୁଥିବା ସଂସ୍କାର ବୃଦ୍ଧି ହୋଇଚାଲିବ ।

କ୍ରମଶଃ ତାମସିଗୁଣ ଶୂନ୍ୟ ହେଲେ ରାଜସିଗୁଣର ବୃଦ୍ଧି ତଥା ସାତ୍ତ୍ୱିକ ଗୁଣ ସ୍ୱଳ୍ପ ସଞ୍ଚାର ସହିତ ସାଧକର କ୍ଷମତା ବୈଶ୍ୟ ଶ୍ରେଣୀର ହୋଇଥାଏ । ସେହି ସମୟରେ ସେହି ସାଧକ ଇନ୍ଦ୍ରିୟ ସଂଯମ, ଆତ୍ମିକ ସମ୍ପତ୍ତି ସଂଗ୍ରହ ସ୍ୱଭାବରେ କରିପାରିବ । କର୍ମ କରିକରି ସେହି ସାଧକ ଠାରେ ସାତ୍ତ୍ୱିକଗୁଣ ବୃଦ୍ଧି ହୋଇଯିବ । ରାଜସିକ ଗୁଣ କମ୍ ରହିବ । ତାମସିକ ଗୁଣ ଶାନ୍ତି ରହିବ । ସେହି ସମୟରେ ସେହି ସାଧକ କ୍ଷତ୍ରିୟ ଶ୍ରେଣୀରେ ପ୍ରବେଶ ପାଇଯିବ । ତେବେ ଶୌର୍ଯ୍ୟ, କର୍ମରେ ପ୍ରବୃତ୍ତ ରହିବା କ୍ଷମତା, ପଛକୁ ନହଟିବାର ସ୍ୱଭାବ, ସମସ୍ତ ଭାବନାମାନଙ୍କରେ ସ୍ୱାମୀତ୍ୱ, ପ୍ରକୃତିର ଉତ୍ପନ୍ନ ତିନିଗୁଣକୁ କାଟିବାରେ କ୍ଷମତା, ତାହାର ସ୍ୱଭାବରେ ଢଳିଯିବ । ସେହି କର୍ମ ଆହୁରି ସୂକ୍ଷ୍ମ ହେଇଗଲେ ମାତ୍ର ସାତ୍ତ୍ୱିକଗୁଣ କାର୍ଯ୍ୟରତ ରହିଲେ, ମନର ଶମନ, ଇନ୍ଦ୍ରିୟଦମନ, ଏକାଗ୍ରତା, ସରଳତା, ଧ୍ୟାନ, ସମାଧି, ଈଶ୍ୱରୀୟ ନିର୍ଦ୍ଦେଶ , ଆସ୍ତିକତା ଇତ୍ୟାଦି ବ୍ରହ୍ମରେ ପ୍ରବେଶ ଦେଉଥିବା ସ୍ୱାଭାବିକ କ୍ଷମତା ସହିତ ସେହି ସାଧକକୁ ବ୍ରାହ୍ମଣ ଶ୍ରେଣୀର କୁହାଯାଏ । ଏହା ବ୍ରାହ୍ମଣ ଶ୍ରେଣୀକର୍ମର ନିମ୍ନତମ ସୀମା ଅଟେ । ଯେତେବେଳେ ସେହି ସାଧକ ବ୍ରହ୍ମରେ ସ୍ଥିତ ହୋଇଯାଏ, ସେହି ଅନ୍ତିମ ସୀମାରେ ସେ ସ୍ୱୟଂ ନାବ୍ରାହ୍ମଣ ରହିଥାଏ, ନା କ୍ଷତ୍ରୀୟ, ନା ବୈଶ୍ୟ,

ନା ଶୁଦ୍ର କିନ୍ତୁ ଅନ୍ୟମାନଙ୍କ ମାର୍ଗ ଦର୍ଶନ ହେତୁ ସେ ବ୍ରାହ୍ମଣ ହିଁ ହୋଇଥାଏ । କର୍ମ ଗୋଟିଏ ହିଁ ଅଟେ । ନିୟତ କର୍ମ, ଆରାଧନା । ଆବସ୍ଥା ଭେଦରେ ଏହି କର୍ମକୁ ଉଚ୍ଚନୀଚ ଚାରି ସୋପାନରେ ବାଣ୍ଟିଲେ । କିଏ ବାଣ୍ଟିଲେ ? କୌଣସି ଯୋଗେଶ୍ୱର ବାଣ୍ଟିଲେ, ଅବ୍ୟକ୍ତ ସ୍ଥିତିଯୁକ୍ତ ମହାପୁରୁଷ ବାଣ୍ଟିଲେ, ତାହାର କର୍ତ୍ତା, ମୋ ପରି ଅବିନାଶୀକୁ ଅକର୍ତ୍ତା ହିଁ ଜାଣ । କାହିଁକି ?

**ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।**
**ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥୧୪॥**

କାରଣ କର୍ମ ଫଳରେ ମୋର ସ୍ପୃହା ନାହିଁ । କର୍ମଫଳ କ'ଣ ? ଶ୍ରୀକୃଷ୍ଣ ପୂର୍ବରୁ କହିଥିଲେ ଯେ, ଯଜ୍ଞ ଯାହାଦ୍ୱାରା ପୁରା ହୋଇଥାଏ, ସେହି କ୍ରିୟାର ନାମ କର୍ମ ଅଟେ ଏବଂ ପୂର୍ତ୍ତି କାଳରେ ଯଜ୍ଞ ଯାହା ରଚନା କରିଥାଏ, ସେହି ଜ୍ଞାନାମୃତ ପାନ କରିବା ବ୍ୟକ୍ତି ଶାଶ୍ୱତ, ସନାତନ ବ୍ରହ୍ମରେ ପ୍ରବେଶ ପାଇଥାଏ । କର୍ମର ପରିଣାମ ହେଉଛି ପରମାତ୍ମା । ସେହି ପରମାତ୍ମାଙ୍କ ପ୍ରାପ୍ତି ଇଛା ମଧ୍ୟ ବର୍ତ୍ତମାନ ମୋର ନାହିଁ । କାରଣ ସେ ମୋଠାରୁ ଭିନ୍ନ ନୁହିଁ । ମୁଁ ଅବ୍ୟକ୍ତ ସ୍ୱରୂପ ଅଟେ । ପରମାତ୍ମାଙ୍କ ସ୍ଥିତିଯୁକ୍ତ ଅଟେ । ବର୍ତ୍ତମାନ ଆଗକୁ କୌଣସି ସତ୍ତାନାହିଁ । ଯାହା ନିମନ୍ତେ ଏହି କାର୍ଯ୍ୟରେ ସ୍ନେହ ରଖିବି । ତେଣୁ କର୍ମ ମୋତେ ଲିପ୍ତ କରିପାରେ ନାହିଁ । ସେହି ସ୍ତରରେ ଯିଏ ମୋତେ ଜାଣିଥାଏ ଅର୍ଥାତ୍ ଯିଏ କର୍ମର ପରିଣାମ ପରମାତ୍ମାଙ୍କୁ ପ୍ରାପ୍ତ କରିଥାଏ, ତାହାଙ୍କୁ ମଧ୍ୟ କର୍ମ ବନ୍ଧନରେ ପକାଇନଥାଏ । ଯେପରି ଶ୍ରୀକୃଷ୍ଣ, ସେପରି ସେହି ସ୍ତରକୁ ଜାଣିଥିବା ମହାପୁରୁଷ ।

**ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ**
**କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈ ପୂର୍ବତରଂ କୃତମ୍ ॥୧୫॥**

ହେ ଅର୍ଜୁନ ! ପୂର୍ବରୁ ମୋକ୍ଷ ପାଇଥିବା ମହାପୁରୁଷମାନଙ୍କ ଦ୍ୱାରା ଏହା ହିଁ ଜାଣି କର୍ମ କରାଇଥିଲା । କ'ଣ ଜାଣି ? ଏହା ଯେ ଯେବେ କର୍ମର ପରିଣାମ ପାରମାତ୍ମା ଭିନ୍ନ ନରହିଯାଉ, କର୍ମର ପରିଣାମ ପରମାତ୍ମାଙ୍କ ସ୍ପୃହା ନ ରହିଲେ ସେହି ପୁରୁଷଙ୍କୁ କର୍ମ ବାନ୍ଧି ନଥାଏ । ଶ୍ରୀକୃଷ୍ଣ ଏହି ସ୍ଥିତିର ଥିଲେ । ତେଣୁକରି ସେ କର୍ମରେ ଲିପ୍ତ ହୋଇନଥାନ୍ତି ଏବଂ ସେହି ସ୍ତରକୁ ଆମ୍ଭେ ଜାଣିଗଲେ ମଧ୍ୟ ଆମ୍ଭଙ୍କୁ କର୍ମ ବାନ୍ଧି ପାରିବ ନାହିଁ । ଯେପରି ଶ୍ରୀକୃଷ୍ଣ, ଠିକ୍ ସେହି ସ୍ତରରେ ଯିଏ ଜାଣିନେବ, ସେପରି ହିଁ ସେହି ପୁରୁଷ ମଧ୍ୟ କର୍ମ ବନ୍ଧନରୁ ମୁକ୍ତ ହୋଇଯିବ । ବର୍ତ୍ତମାନ ଶ୍ରୀକୃଷ୍ଣ ଭଗବାନ, ମହାତ୍ମା, ଅବ୍ୟକ୍ତ, ଯୋଗେଶ୍ୱର ଅଥବା ମହାଯୋଗେଶ୍ୱର, ଯାହା ହେଲ ମଧ୍ୟ ସେହି ସ୍ୱରୂପ ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏହା ବିଚାରକରି ପୂର୍ବର

ମୁମୁକ୍ଷୁ ପୁରୁଷ, ମୋକ୍ଷକାମୀ ପୁରୁଷ କର୍ମ କରୁଥିଲେ, ତେଣୁକରି ହେ ଅର୍ଜୁନ ! ତୁମେ ମଧ୍ୟ ପୂର୍ବ ପୁରୁଷମାନଙ୍କ ପରି ଏହି କର୍ମ କର । ଏହା ହିଁ ଏକମାତ୍ର କଲ୍ୟାଣ ପ୍ରଦ ମାର୍ଗ ।

ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ କର୍ମ କରିବା ନିମନ୍ତେ କହିଲେ, କିନ୍ତୁ ଏପରି ସ୍ପଷ୍ଟ କରି ନାହାଁନ୍ତି ଯେ, କର୍ମ କ'ଣ ? ଦ୍ୱିତୀୟ ଅଧ୍ୟାୟରେ ସେ କର୍ମର ନାମମାତ୍ର ନେଇ କହିଲେ, 'ବର୍ତ୍ତମାନ ତୁମେ ନିଷ୍କାମ କର୍ମ ବିଷୟରେ ଶୁଣ ! ତାହାର ବିଶେଷତା ଉପରେ ବର୍ଣ୍ଣନା କଲେ ଯେ ଏହା ଜନ୍ମ ମରଣ ରୂପୀ ମହା ଭୟରୁ ରକ୍ଷା କରିଥାଏ । କର୍ମ କରିବା ସମୟରେ ସାବଧାନତା ଉପରେ ବର୍ଣ୍ଣନା କଲେ କିନ୍ତୁ ଏହା ପ୍ରତିପାଦିତ କଲେ ନାହିଁ ଯେ, କର୍ମ କ'ଣ ? ତୃତୀୟ ଅଧ୍ୟାୟରେ ସେ କହିଲେ ଯେ ଜ୍ଞାନ ଯୋଗ ଭଲ ଲାଗୁ ଅଥବା ନିଷ୍କାମ କର୍ମଯୋଗ । କର୍ମ ତ କରିବାକୁ ହିଁ ପଡ଼ିବ ନା କର୍ମକୁ ତ୍ୟାଗ କରିଦେଲେ କିଏ ଜ୍ଞାନୀ ହୋଇଥାଏ ଏବଂ କର୍ମକୁ ପ୍ରାରମ୍ଭ ନ କରି କିଏ ନିଷ୍କାମୀ ହୋଇଥାଏ । ହଠ ପୂର୍ବକ ଯିଏ ନକରେ ସେ ଦମ୍ଭୀ ଅଟେ । ତେଣୁ ମନ ସହିତ ଇନ୍ଦ୍ରିୟମାନଙ୍କୁ ବଶ କରି କର୍ମ କର । କେଉଁ କର୍ମ କରିବ ? ସେ କହିଲେ, ନିୟତ୍ତ କର୍ମ କର । ବର୍ତ୍ତମାନ ଏହି ନିର୍ଦ୍ଧାରିତ କର୍ମ କ'ଣ ? ପୁଣି କହିଲେ, ଯଜ୍ଞ ପ୍ରକ୍ରିୟା ହିଁ ନିୟତ୍ତ କର୍ମ । ଗୋଟିଏ ନୂତନ ପ୍ରଶ୍ନ ଦେଲେ ଯେ, ଯଜ୍ଞ କ'ଣ ? ଯାହାକୁ କରିବା ଦ୍ୱାରା କର୍ମ ହେବ । ସେଠାରେ ମଧ୍ୟ ଯଜ୍ଞର ଉତ୍ପତ୍ତି ବିଷୟରେ କହିଲେ । ତାହାର ବିଶେଷତା ବର୍ଣ୍ଣନା କଲେ । କିନ୍ତୁ ଯଜ୍ଞ କ'ଣ କହିଲେ ନାହିଁ । ଯାହା ଦ୍ୱାରା କର୍ମକୁ ବୁଝି ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଯେ କର୍ମ କ'ଣ ? ଏହି ବିଷୟରେ ବଡ଼ବଡ଼ ବିଦ୍ୱାନ ମଧ୍ୟ ମୋହିତ ହୋଇଯାଆନ୍ତି । ତାହାକୁ ସମ୍ୟକ୍ ରୂପରେ ଜାଣିନେବା ଆବଶ୍ୟକ ।

**କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।**
**ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ।।୧୬।।**

କର୍ମ କ'ଣ ଏବଂ ଅକର୍ମ କ'ଣ ? ଏହି ବିଷୟରେ ବୁଦ୍ଧିମାନ ପୁରୁଷମାନେ ମଧ୍ୟ ମୋହିତ ହୋଇ ରହିଛନ୍ତି । ତେଣୁ ମୁଁ ସେହି କର୍ମ ତୁମ ନିମନ୍ତେ ଭଲ ଭାବରେ କହିବି, ଯାହାକୁ ଜାଣି ତୁମେ **'ଅଶୁଭାତ୍ ମୋକ୍ଷସେ'**–ଅଶୁଭ ଅର୍ଥାତ୍ ସଂସାର ବନ୍ଧନରୁ ସମ୍ପୂର୍ଣ୍ଣ ରୂପରେ ମୁକ୍ତି ପାଇବ । କର୍ମ ଗୋଟିଏ ଏପରି ବସ୍ତୁ ଯାହା ସଂସାର ବନ୍ଧନରୁ ମୁକ୍ତି ଦେଇଥାଏ । ଏହି କର୍ମକୁ ଜାଣିବା ନିମନ୍ତେ ପୁନଃ ଶ୍ରୀକୃଷ୍ଣ କହୁଛନ୍ତି–

**କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।**
**ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।।୧୭।।**

କର୍ମର ସ୍ୱରୂପକୁ ମଧ୍ୟ ଜାଣିବା ଆବଶ୍ୟକ, ଅକର୍ମର ସ୍ୱରୂପକୁ ମଧ୍ୟ ଜାଣିବା ଆବଶ୍ୟକ ଏବଂ ବିକର୍ମ ଅର୍ଥାତ୍ ବିକଳ୍ପ ଶୂନ୍ୟ ବିଶେଷ କର୍ମ, ଯାହା ଆପ୍ତ ପୁରୁଷମାନଙ୍କ ଦ୍ୱାରା ହୋଇଥାଏ, ତାହାକୁ ମଧ୍ୟ ଜାଣିବା ଆବଶ୍ୟକ । କାରଣ କର୍ମର ଗତି ଗହନ ଅଟେ । କିଛି ଲୋକେ ବିକର୍ମର ଅର୍ଥକୁ ନିଷିଦ୍ଧ କର୍ମ, ମନ ଲଗାଇ କରୁଥିବା କର୍ମ ଇତ୍ୟାଦି କହନ୍ତି । ବସ୍ତୁତଃ ଏଠାରେ 'ବି'ଉପସର୍ଗ ବିଶିଷ୍ଟତାର ଦ୍ୟୋତିକ ମାତ୍ର । ପ୍ରାପ୍ତି ପଶ୍ଚାତ୍ ମହାପୁରୁଷଙ୍କ କର୍ମ ବିକଳ୍ପଶୂନ୍ୟ ହୋଇଥାଏ ଏବଂ ଅକୃଷ୍ଣ, ଅଶୁକ୍ଳ ହୋଇଥାଏ । ଆତ୍ମସ୍ଥିତ, ଆତ୍ମତୃପ୍ତ, ଆପ୍ତକାମ, ପୁରୁଷମାନଙ୍କୁ କର୍ମ କରିବାରେ ନା କୌଣସି ଲାଭ ଏବଂ ନା ତ୍ୟାଗ କରିଦେଲେ ହାନି ହେଇଥାଏ । ହେଲେ ମଧ୍ୟ ସେ ଲୋକ କଲ୍ୟାଣ ନିମନ୍ତେ କର୍ମ କରିଥାନ୍ତି । ଏପରି କର୍ମକୁ ବିକଳ୍ପ ଶୂନ୍ୟ, ବିଶୁଦ୍ଧ ଏବଂ ବିକର୍ମ ମଧ୍ୟ କୁହାଯାଏ ।

ଉଦାହରଣ ସ୍ୱରୂପ ଗୀତାରେ ଯେଉଁଠି କୌଣସି କାର୍ଯ୍ୟରେ 'ବି' ଉପସର୍ଗ ଲାଗିଛି, ତାହା ବିଶେଷତାର ଦ୍ୟୋଦିକ ଅଟେ । ନିକୃଷ୍ଟତାର ନୁହଁ ଯଥା, **'ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଦିତାତ୍ମା ଜିତେନ୍ଦ୍ରିୟଃ''**(ଗୀତା ୫/୬) । ଯିଏ ଯୋଗଯୁକ୍ତ, ସେ ବିଶେଷ ରୂପରେ ଶୁଦ୍ଧ ଅନ୍ତଃକରଣ ପୁରୁଷ, ଶୁଦ୍ଧାତ୍ମାବାଲା ଇତ୍ୟାଦି ବିଶେଷତାର ଦ୍ୟୋତିକ ମାତ୍ର । ଏହିପରି ଗୀତାର ସ୍ଥାନ –ସ୍ଥାନରେ 'ବି' ଉପସର୍ଗର ପ୍ରୟୋଗ ହୋଇଛି । ଯାହା ବିଶେଷ ପୂର୍ଣ୍ଣତାର ଦ୍ୟୋତକ ମାତ୍ର । ଏହିପରି ବିକର୍ମ ମଧ୍ୟ ବିଶିଷ୍ଟ କର୍ମର ଦ୍ୟୋତକ ଅଟେ । ଯାହାକି ପ୍ରାପ୍ତି ପଶ୍ଚାତ୍ ମହାପୁରୁଷଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଯାହା ଶୁଭାଶୁଭ ସଂସ୍କାର ଉତ୍ପନ୍ନ କରିପାରିନଥାଏ । ବର୍ତ୍ତମାନ ଆପଣ ବିକର୍ମ ଦେଖିଲେ । ଶେଷ ରହିଲା କର୍ମ ଓ ଅକର୍ମ । ଯାହାକୁ ଆସନ୍ତା ଶ୍ଳୋକରେ ବୁଝିବାକୁ ପ୍ରୟତ୍ନ କର । ଯଦି ଏଠାରେ କର୍ମ ଅକର୍ମର ବିଭାଜନ ବୁଝି ନ ପାରିବ, ତେବେ ଗୀତା କେବେ ମଧ୍ୟ ବୁଝିପାରିବ ନାହିଁ ।

**କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।**
**ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ।।୧୮।।**

ଯେଉଁ ପୁରୁଷ କର୍ମରେ ଅକର୍ମ ଦେଖୁଥାଏ । କର୍ମର ଅର୍ଥ ଆରାଧନା ଅର୍ଥାତ୍ ଆରାଧନା କର ଏବଂ ଏହା ମଧ୍ୟ ବିଚାର ଥାଉ ଯେ କରିବା ଲୋକ ମୁଁ ନୁହଁ । ବରଂ ଗୁଣର ଅବସ୍ଥା ହିଁ ଚିନ୍ତନରେ ଆମ୍ଭଙ୍କୁ ନିଯୁକ୍ତି କରାଇଥାଏ । ମୁଁ ଇଷ୍ଟ ଦ୍ୱାରା ସଞ୍ଚାଳିତ ହେଉଛି । ଏପରି ଦେଖିବା ଆବଶ୍ୟକ ଏବଂ ଏହିପରି ଯେବେ ଅକର୍ମ ଦେଖିବା କ୍ଷମତା ଆସିଯିବ ଏବଂ ଧାରାବାହିକ ତୈଳଧାରାବତ୍ କର୍ମ ହେଉଥିବ । ତେବେ ବୁଝିବାକୁ ହେବ ଯେ, କର୍ମ ଭଲଭାବରେ ହେଉଛି । ସେହି ପୁରୁଷ ମନୁଷ୍ୟ

ମଧ୍ୟରେ ବୁଦ୍ଧିମାନ, ଯୋଗୀ, ଯୋଗଯୁକ୍ତ ବୁଦ୍ଧିବାଲା ଏବଂ ସମ୍ପୂର୍ଣ୍ଣ କର୍ମର କର୍ତ୍ତା, ତାହାଙ୍କ ଦ୍ୱାରା କର୍ମ କରିବାରେ ଲେଶମାତ୍ର ମଧ୍ୟ ତ୍ରୁଟି ରହିନଥାଏ । ସାରାଂଶତଃ ଆରାଧନା ହିଁ କର୍ମ । ସେହି କର୍ମକୁ କରନ୍ତୁ ଏବଂ କରୁଥିବା କର୍ମରେ ଅକର୍ମ ଦେଖି ବିଚାର ଥାଉ ଯେ, ମୁଁ ତ ଯନ୍ତ୍ରମାତ୍ର । ଇଷ୍ଟ ହିଁ ମୋ ଦ୍ୱାରା କର୍ମ କରାନ୍ତି ଏବଂ ମୁଁ ଗୁଣରୁ ଉତ୍ପନ୍ନ ଅବସ୍ଥାନୁସାରେ ହିଁ ଚେଷ୍ଟା କରୁଛି । ଯେତେବେଳେ ଅର୍କମତାର ଏହି କ୍ଷମତା ଆସିଯିବ ଏବଂ ଧାରାବାହୀ କର୍ମ ହେଉଥିବ, ତେବେ ଜାଣିବ ଯେ ପରମ କଲ୍ୟାଣ ସ୍ଥିତି ଦେଉଥିବା କର୍ମ ହେଉଛି । ପୂଜ୍ୟ ଗୁରୁମହାରାଜଜୀ କହୁଥିଲେ, ଯେଉଁ ପର୍ଯ୍ୟନ୍ତ ଇଷ୍ଟ ହୃଦୟରେ ରଥୀ ହୋଇ ନାହାଁନ୍ତି ଏବଂ ରଥୀ ହୋଇ ତାକୁ ନ ସମ୍ଭାଳନ୍ତି, ସେହି ପର୍ଯ୍ୟନ୍ତ ଠିକ୍ ରୂପରେ ସାଧନାର ପ୍ରାରମ୍ଭ ହିଁ ହୋଇନଥାଏ । ଏହା ପୂର୍ବରୁ ଯାହା କିଛି କରାଯାଏ, ତାହା କର୍ମରେ ପ୍ରବେଶ କରିବା ପ୍ରୟାସ ମାତ୍ର । ହଳର ସମ୍ପୂର୍ଣ୍ଣ ଭାର ବଳଦ ଉପରେ ହିଁ ରହିଥାଏ, ହେଲେ ମଧ୍ୟ ଚାଷ ବଳଦ ମାଧ୍ୟମରେ ଚାଷୀ ହିଁ କରିଥାଏ । ଠିକ୍ ସେହିପରି ସାଧନର ସମ୍ପୂର୍ଣ୍ଣ ପରିଶ୍ରମ ସାଧକ ଉପରେ ହିଁ ରହିଥାଏ କିନ୍ତୁ ବାସ୍ତବିକ ସାଧକ ତ ଇଷ୍ଟ ଅଟେ । ଯିଏକି ତାର ପଛରେ ଲାଗି ରହିଥାଏ । ଯିଏ କି ତାର ମାର୍ଗ ଦର୍ଶନ କରିଥାଏ । ଯେଉଁ ପର୍ଯ୍ୟନ୍ତ ଇଷ୍ଟ ନିର୍ଣ୍ଣୟ ନଦେବେ, ସେ ପର୍ଯ୍ୟନ୍ତ ଆପଣ ବୁଝି ପାରିବେନାହିଁ ଯେ, ଆମ ଦ୍ୱାରା କ'ଣ ହେଲା ? ଆମ୍ଭେ ପ୍ରକୃତିରେ ମଜ୍ଜି ଯାଇଛନ୍ତି, ନା ପରମାତ୍ମାରେ ? ଏହିପରି ଇଷ୍ଟଙ୍କ ନିର୍ଦ୍ଦେଶରେ ଯେଉଁ ସାଧକ ଏହି ଆତ୍ମିକ ପଥରେ ଅଗ୍ରସର ହୋଇଥାଏ, ନିଜକୁ ଅକର୍ମ ମନେକରି ଧାରାବାହୀ କର୍ମ କରିଥାଏ । ସେ ହିଁ ବୁଦ୍ଧିମାନ । ତାହାର ବୋଧ ଯଥାର୍ଥ ଅଟେ । ସେ ହିଁ ଯୋଗୀ । ଜିଜ୍ଞାସା ସ୍ୱଭାବିକ ଯେ, କର୍ମ ଏପରି କରି ଚାଲିଥିବା, ନା କେବେ କର୍ମରୁ ମୁକ୍ତି ମଧ୍ୟ ମିଳିବ ।

ଶ୍ରୀକୃଷ୍ଣଙ୍କ ଅନୁସାରେ ଯାହାକିଛି କରାଯାଉଛି ତାହା କର୍ମ ନୁହେଁ । କର୍ମ ଏକ ନିର୍ଦ୍ଧାରିତ କ୍ରିୟା ଅଟେ । **'ନିୟତଂ କୁରୁ କର୍ମତ୍ୱମ୍'**– ହେ ଅର୍ଜୁନ ! ତୁମେ ନିର୍ଦ୍ଧାରିତ କର୍ମକର । ନିର୍ଦ୍ଧାରିତ କର୍ମ କ'ଣ ? ତେବେ କହିଲେ **'ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।** ଅର୍ଥାତ୍ ଯଜ୍ଞକୁ କାର୍ଯ୍ୟରୂପ ଦେବା ହିଁ କର୍ମ । ଏହା ବ୍ୟତୀତ ଯାହାକିଛି କରାଯାଉଛି, କ'ଣ ତାହା କର୍ମ ନୁହଁ ? ଶ୍ରୀକୃଷ୍ଣ କହୁଛନ୍ତି, **'ଅନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ'** । ଅର୍ଥାତ୍ ଏହି ଯଜ୍ଞକୁ କାର୍ଯ୍ୟରୂପ ଦେବା ବ୍ୟତୀତ ଯାହା କିଛି କରାଯାଉଛି, ତାହା ଏହି ଲୋକର ବନ୍ଧନମାତ୍ର, କର୍ମ ନୁହେଁ । **'ତଦର୍ଥଂ କର୍ମ'**– ହେ ଅର୍ଜୁନ ! ସେହି ଯଜ୍ଞ ପୂର୍ତ୍ତି ନିମନ୍ତେ ଉତ୍ତମରୂପେ ଆଚରଣ କର ଏବଂ ଯେବେ ଯଜ୍ଞର ସ୍ୱରୂପ କହିଲେ, ତେବେ ତାହା

ଶୁଦ୍ଧ ରୂପରେ ଆରାଧନାର ଏକବିଧି ବିଶେଷ । ଯାହାକି ସେହି ଆରାଧ୍ୟ ଦେବ ପର୍ଯ୍ୟନ୍ତ ପହଞ୍ଚାଇ, ସେଥିରେ ବିଲୟ କରାଇଥାଏ । ଏହି ଯଜ୍ଞରେ ଇନ୍ଦ୍ରିୟ ଦମନ, ମନର ଶମନ, ଦୈବୀ ସମ୍ପଦର ଅର୍ଜନ ଇତ୍ୟାଦି କହି ସାରିବାପରେ ଶେଷରେ କହିଲେ, ଅନେକ ଯୋଗୀ ପ୍ରାଣ ଓ ଅପାନର ଗତିକୁ ନିରୋଧ କରି ପ୍ରାଣାୟାମ ପରାୟଣ ହୋଇଯାନ୍ତି । ଯେତେବେଳେ ନା ଭିତରୁ ସଂକଳ୍ପ ଉଠିପାରେ, ନା ବାହ୍ୟ ବାତାବରଣର ସଙ୍କଳ୍ପ ମନ ଭିତରେ ପ୍ରବେଶ କରିପାରେ । ଏପରି ସ୍ଥିତିରେ ଚିତ୍ତର ସର୍ବଥା ନିରୋଧ ଏବଂ ନିରୋଧ ଚିତ୍ତର ମଧ୍ୟ ବିଲୟ କାଳରେ ସେହି ପୁରୁଷ **'ଯାନ୍ତି ବ୍ରହ୍ମ ସନାତନମ୍'** ଅର୍ଥାତ୍ ଶାଶ୍ୱତ ସନାତନ ବ୍ରହ୍ମରେ ପ୍ରବେଶ ପାଇଯାଏ । ଏହା ହିଁ ଯଜ୍ଞ ଅଟେ । ଯାହାକୁ କାର୍ଯ୍ୟରୂପ ଦେବା ହିଁ କର୍ମ । ଅତଃ କର୍ମର ଶୁଦ୍ଧ ଅର୍ଥ ହେଉଛି ଆରାଧନା, ଭଜନ, ଯୋଗ-ସାଧନାକୁ ଭଲରୂପେ ସମ୍ପାଦନ କରିବା । ଯାହାର ବିଶଦ୍ ବର୍ଣ୍ଣନ ଏହି ଅଧ୍ୟାୟରେ ଆସୁଛି । ଏଠାରେ କର୍ମ ଏବଂ ଅକର୍ମର ହିଁ କେବଳ ବିଭାଜନ କରାଗଲା । ଯାହାଦ୍ୱାରା କର୍ମ କରିବା ସମୟରେ ତାହାକୁ ଠିକ୍ ମାର୍ଗ ଦେଇ ହେବ ଏବଂ ସେହି ପଥରେ ଚାଲି ହେବ । ଜିଜ୍ଞାସା ସ୍ୱାଭାବିକ ଯେ, କର୍ମ ଏପରି କରୁଥିବା, ନା କେବେ କର୍ମରୁ ମୁକ୍ତି ମିଳିବ ? ଏହା ଉପରେ ଯୋଗେଶ୍ୱର କହୁଛନ୍ତି-

**ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।**
**ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ।।୧୯।।**

ହେ ଅର୍ଜୁନ **! 'ଯସ୍ୟ ସର୍ବେ ସମାରମ୍ଭାଃ**- ଯେଉଁ ପୁରୁଷ ଦ୍ୱାରା ସମ୍ପୂର୍ଣ୍ଣତା ସହିତ ପ୍ରାରମ୍ଭ କରାଯାଇଥିବା କ୍ରିୟା (ଯାହାକୁ ପୂର୍ବରୁ କହି ଆସିଲେ ଯେ, କର୍ମରେ ଅକର୍ମ ଦେଖିବାର କ୍ଷମତା ଆସିଗଲା ପରେ କର୍ମରେ ପ୍ରବୃତ୍ତ ରହୁଥିବା ପୁରୁଷ ର ସମ୍ପୂର୍ଣ୍ଣ କର୍ମ କରିବାର ଯୋଗ୍ୟତା ଥାଏ । ଯାହା କରିବା ଦ୍ୱରା ଲେଶମାତ୍ର ମଧ୍ୟ ତ୍ରୁଟି ନଥାଏ) **କାମ ସଙ୍କଳ୍ପ ବର୍ଜିତାଃ**- କ୍ରମଶଃ ଉତ୍‌ଥାନ ହୋଇ ଏତେ ସୂକ୍ଷ୍ମ ହୋଇଯାଏ ଯେ, ବାସନା ଏବଂ ମନର ସଙ୍କଳ୍ପ, ବିକଳ୍ପରୁ ଉପରକୁ ଉଠିଯାଏ । ଅର୍ଥାତ୍ କାମନା ଏବଂ ସଙ୍କଳ୍ପର ନିରୋଧ ହେବା, ମନର ବିଜିତାବସ୍ଥା ଅଟେ । ଅତଃ କର୍ମ ଏପରି ଏକ ବସ୍ତୁ, ଯାହା ଏହି ମନକୁ କାମନା ଏବଂ ସଙ୍କଳ୍ପ ବିକଳ୍ପରୁ ଉପରକୁ ଉଠାଇ ଦେଇଥାଏ । ସେହି ଅବସ୍ଥାରେ **ଜ୍ଞାନାଗ୍ନି ଦଗ୍ଧ କର୍ମାଣମ୍-** ଅର୍ଥାତ୍ ଅନ୍ତିମ ସଙ୍କଳ୍ପର ଶମନ ସହିତ ଯାହାକୁ ଆମ୍ଭେ ଜାଣିନାହାଁନ୍ତି, ଯାହାକୁ ଜାଣିବା ନିମନ୍ତେ ଆମ୍ଭେ ଇଚ୍ଛୁକ ଥିଲେ, ସେହି ପରମାତ୍ମାଙ୍କ ପ୍ରତ୍ୟକ୍ଷ ବୋଧ ହୋଇଥାଏ । କ୍ରିୟାତ୍ମକ ପଥରେ ଚାଲି ପରମାତ୍ମାଙ୍କ ପ୍ରତ୍ୟକ୍ଷ ବୋଧର ନାମ ହିଁ

ଜ୍ଞାନ । ସେହି ଜ୍ଞାନ ସହିତ ହିଁ **'ଦଗ୍ଧ କର୍ମାଣମ୍'**- କର୍ମ ସବୁଦିନ ପାଇଁ ଦଗ୍ଧ ହୋଇଯାଏ । ଯାହା ପାଇବା ଶେଷଥଲା ପାଇଗଲେ, ବ୍ରହ୍ମଚର୍ଯ୍ୟ ବ୍ରତ ପୁରା ହୋଇଗଲା, ଆଗକୁ କୌଣସି ସତ୍ତା ନାହିଁ ଯାହାକୁ ଶୋଧ କରିବା । ବର୍ତ୍ତମାନ କର୍ମକରି ମଧ୍ୟ କାହାକୁ ଖୋଜିବା ? ସେହି ଜାନକାରୀ ସହିତ କର୍ମର ଆବଶ୍ୟକତା ମଧ୍ୟ ସମାପ୍ତ ହୋଇଯାଏ । ଏପରି ସ୍ଥିତି ସମ୍ପନ୍ନ ପୁରୁଷଙ୍କୁ ହିଁ ବୋଧ ସ୍ୱରୂପ ମହାପୁରୁଷମାନେ ପଣ୍ଡିତ ନାମରେ ସମ୍ବୋଧିତ କଲେ । ତାହାଙ୍କ ଜାନକାରୀ ପୂର୍ଣ୍ଣ, ଏପରି ସ୍ଥିତିଯୁକ୍ତ ମହାପୁରୁଷ କ'ଣ କରିଥାନ୍ତି ? ସେ କିପରି ରହୁଥାନ୍ତି ? ତାହାଙ୍କ ଜୀବନଚର୍ଯ୍ୟା ଉପରେ କହୁଛନ୍ତି-

**ତ୍ୟକ୍ତ୍ୱା କର୍ମଫଳାସଂଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ**
**କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ ॥୨୦॥**

ହେ ଅର୍ଜୁନ ! ସେହି ପୁରୁଷ ସାଂସାରିକ ଆଶ୍ରୟ ରହିତ ହୋଇ ନିତ୍ୟ ବସ୍ତୁ ପରମାତ୍ମାରେ ହିଁ ତୃପ୍ତ ରହି, କର୍ମଫଳ ପରମାତ୍ମାଙ୍କ ଆସକ୍ତିକୁ ମଧ୍ୟ ତ୍ୟାଗକରି ଦିଅନ୍ତି । କାରଣ ପରମାତ୍ମା ମଧ୍ୟ ବର୍ତ୍ତମାନ ଭିନ୍ନ ନୁହଁ । ଏପରି ମହାପୁରୁଷ କର୍ମ ଭଲ ରୂପରେ କରୁଥିଲେ ମଧ୍ୟ ସେ କିଛି କରୁନାହାଁନ୍ତି ।

**ନିରାଶୀର୍ୟତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।**
**ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କଲ୍‌ବିଷମ୍ ॥୨୧॥**

ଯିଏ ଶରୀର ଏବଂ ଅନ୍ତଃକରଣକୁ ଜିଣିଗଲା, ଭୋଗର ସମ୍ପୂର୍ଣ୍ଣ ସାମଗ୍ରି ଯିଏ ତ୍ୟାଗ କରିଦେଇଛି, ଏପରି ଆଶା ରହିତ ପୁରୁଷଙ୍କ ଶରୀର କେବଳ କର୍ମ କରିବା ଭଳି ଦେଖାଯାଏ । ବସ୍ତୁତଃ ସେ କିଛି କରୁନଥାନ୍ତି । ତେଣୁକରି ସେ ପାପକୁ ପ୍ରାପ୍ତ ହୋଇନଥାନ୍ତି । ସେ ପୂର୍ଣ୍ଣତ୍ୱକୁ ପ୍ରାପ୍ତ ହୋଇଥାନ୍ତି । ତେଣୁ ସେ ଆବାଗମନକୁ ପ୍ରାପ୍ତ ହୋଇନଥାନ୍ତି ।

**ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମସ୍ତରଃ ।**
**ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥୨୨॥**

ସ୍ୱତଃ ଯାହାକିଛି ପ୍ରାପ୍ତ ହୋଇଥାଏ, ସେଥିରେ ସନ୍ତୁଷ୍ଟ ରହୁଥିବା ବ୍ୟକ୍ତି ସୁଖ-ଦୁଃଖ, ରାଗ-ଦ୍ୱେଷ ଏବଂ ହର୍ଷ-ଶୋକାଦି ଦ୍ୱନ୍ଦରୁ ଉର୍ଦ୍ଧ୍ୱକୁ **'ବିମସ୍ତରଃ'**- ଇର୍ଷାରହିତ ତଥା ସିଦ୍ଧି-ଅସିଦ୍ଧିରେ ସମଭାବ ଯୁକ୍ତ ପୁରୁଷ କର୍ମକୁ କରି ମଧ୍ୟ ବନ୍ଧନରେ ପଡ଼ିନଥାଏ । ସିଦ୍ଧି ଅର୍ଥାତ୍ ଯାହା ପାଇବାର ଥିଲା ତାହା ବର୍ତ୍ତମାନ ଭିନ୍ନ ନାହିଁ ଏବଂ ତାହା କେବଳ ଅଲଗା ମଧ୍ୟ ହେବ ନାହିଁ । ତେଣୁ ଅସିଦ୍ଧିର ମଧ୍ୟ ଭୟ ନଥାଏ । ଏହିପରି ସିଦ୍ଧି ଓ ଅସିଦ୍ଧିରେ ସମଭାବ ଯୁକ୍ତ ପୁରୁଷ କର୍ମ କରି ମଧ୍ୟ

ବନ୍ଧନରେ ପଡ଼ିନଥାଏ । କେଉଁ କର୍ମକୁ ସେ କରିଥାଏ ? ସେହି ନିୟତ କର୍ମ, ଯଜ୍ଞର ପ୍ରକ୍ରିୟା ଏହାକୁ ହିଁ ପୁନଃ କହୁଛନ୍ତି–

**ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।**
**ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥୨୩॥**

ହେ ଅର୍ଜୁନ ! 'ଯଜ୍ଞାୟାଚଚରତଃ କର୍ମ' । ଅର୍ଥାତ୍ ଯଜ୍ଞର ଆଚରଣ ହିଁ କର୍ମ ଏବଂ ସାକ୍ଷାତ୍କାର ନାମ ହିଁ ଜ୍ଞାନ । ଏହି ଯଜ୍ଞର ଆଚରଣ କରି ସାକ୍ଷାତ୍କାର ସହିତ ଜ୍ଞାନରେ ସ୍ଥିତ ସଙ୍ଗ ଦୋଷ ଏବଂ ଆସକ୍ତି ରହିତ ମୁକ୍ତ ପୁରୁଷଙ୍କ ସମ୍ପୂର୍ଣ୍ଣ କର୍ମ ସମ୍ପୂର୍ଣ୍ଣ ରୂପରେ ବିଲୀନ ହୋଇଯାଏ । ସେହି କର୍ମ କୌଣସି ପରିଣାମ ଉତ୍ପନ୍ନ କରିପାରିନଥାଏ । କାରଣ କର୍ମର ଫଳ ପରମାତ୍ମା, ତାହାଙ୍କ ଠାରୁ ଭିନ୍ନ ରହିନଥାନ୍ତି । ବର୍ତ୍ତମାନ ଫଳରେ ପୁଣିକେଉଁ ଫଳ ଲାଗିବ ? ତେଣୁକରି ସେହି ମହାପୁରୁଷଙ୍କୁ ନିଜ ପାଇଁ କର୍ମର ଆବଶ୍ୟକତା ସମାପ୍ତ ହୋଇଯାଏ । ହେଲେ ମଧ୍ୟ ଲୋକ ସଂଗ୍ରହ ନିମନ୍ତେ ସେ କର୍ମ କରିଥାନ୍ତି । କର୍ମ କରିଚାଲିଥିବା ସମୟରେ ମଧ୍ୟ ସେ ଏହି କର୍ମରେ ଲିପ୍ତ ହୋଇନଥାନ୍ତି । ଯେବେ କର୍ମ କରୁଛନ୍ତି, ତେବେ ଲିପ୍ତ କାହିଁକି ହୁଅନ୍ତି ନାହିଁ ? ଏହା ଉପରେ କହୁଛନ୍ତି –

**ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରାହ୍ମଣା ହୃତମ୍ ।**
**ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥୨୪॥**

ଏପରି ମୁକ୍ତ ପୁରୁଷଙ୍କ ସମର୍ପଣ ବ୍ରହ୍ମ, ହବି ବ୍ରହ୍ମ, ଅଗ୍ନି ମଧ୍ୟ ବ୍ରହ୍ମ ହିଁ ଅଟେ । ଅର୍ଥାତ୍ ବ୍ରହ୍ମରୂପୀ ଅଗ୍ନିରେ ବ୍ରହ୍ମରୂପୀ କର୍ତ୍ତା ଦ୍ୱାରା ଯାହା ହବନ କରାଯାଏ, ସେ ମଧ୍ୟ ବ୍ରହ୍ମ ଅଟେ । 'ବ୍ରହ୍ମକର୍ମ ସମାଧିନା'– ଯାହାର କର୍ମ ବ୍ରହ୍ମକୁ ସ୍ପର୍ଶକରି ସମାଧିସ୍ଥ ହୋଇ ଯାଇଛି, ସେଥିରେ ବିଲୟ ହୋଇଯାଇଛି, ଏପରି ମହାପୁରୁଷ ନିମନ୍ତେ ଯାହା ପ୍ରାପ୍ତ ହେବା ଯୋଗ୍ୟ ତାହା ମଧ୍ୟ ବ୍ରହ୍ମ ହିଁ ଅଟେ । ସେ କିଛି କରୁନଥାନ୍ତି, କେବଳ ଲୋକ ସଂଗ୍ରହ ନିମନ୍ତେ କର୍ମରେ ପ୍ରବୃତ୍ତ ହେଇଥାନ୍ତି । ଏହା ତ ପ୍ରାପ୍ତି ହୋଇଥିବା ମହାପୁରୁଷଙ୍କ ଲକ୍ଷଣ । କିନ୍ତୁ କର୍ମରେ ପ୍ରବେଶ ହେଉଥିବା ପ୍ରାରମ୍ଭିକ ସାଧକ କେଉଁ କର୍ମ କରିଥାନ୍ତି ? ଗତ ଅଧ୍ୟାୟ ମାନଙ୍କରେ ଶ୍ରୀକୃଷ୍ଣ କହି ଆସିଛନ୍ତି, ହେ ଅର୍ଜୁନ ! କର୍ମ କର । କେଉଁ କର୍ମ ? ସେ କହିଲେ, ନିୟତ କର୍ମ । ନିର୍ଦ୍ଧାରିତ କରାଯାଇଥିବା କର୍ମ କର । ନିର୍ଦ୍ଧାରିତ କର୍ମ କ'ଣ ? **'ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମ ବନ୍ଧନଃ** । ୩/୯ । ହେ ଅର୍ଜୁନ ! ଯଜ୍ଞର ପ୍ରକ୍ରିୟା ହିଁ କର୍ମ ଏହି ଯଜ୍ଞ ଅତିରିକ୍ତ ଯାହାକିଛି କରାଯାଉଛି, ତାହା ଏହି ଲୋକର ବନ୍ଧନ ମାତ୍ର କର୍ମ ନୁହେଁ । କର୍ମ ତ ସଂସାର ବନ୍ଧନରୁ ମୋକ୍ଷ ଦେଉଥାଏ । ଅତଃ **ତଦର୍ଥଂ କର୍ମ କୌନ୍ତେୟ**

**ମୁକ୍ତ ସଙ୍ଗଃ ସମାଚର** । ସେହି ଯଜ୍ଞ ପୂର୍ତ୍ତି ନିମନ୍ତେ ସଙ୍ଗ ଦୋଷରୁ ଅଲଗା ରହି ଭଲରୂପରେ ଯଜ୍ଞର ଆଚରଣ କର । ଏଠାରେ ଏକ ନୂତନ ପ୍ରଶ୍ନ ଯୋଗେଶ୍ୱର ଦେଲେ ଯେ, ସେହି ଯଜ୍ଞ କ'ଣ ? ଯାହାକୁ କରିବା ଏବଂ କର୍ମ ଆମ୍ଭମାନଙ୍କ ଦ୍ୱାରା ହୋଇପାରିବ । ସେ କର୍ମର ବିଶେଷତା ଉପରେ କହିଲେ ଯେ, ଯଜ୍ଞ କେଉଁଠୁ ଆସିଲା ? ଯଜ୍ଞ କ'ଣ ଦେଇଥାଏ ? ତାହାର ବିଶେଷତାମାନଙ୍କ ଚିତ୍ରଣ କଲେ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କହିନଥିଲେ ଯେ, ଯଜ୍ଞ କ'ଣ ? ବର୍ତ୍ତମାନ ଏଠାରେ ସେହି ଯଜ୍ଞକୁ ସ୍ପଷ୍ଟ କରୁଛନ୍ତି–

**ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।**
**ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥୨୫॥**

ଗତ ଶ୍ଲୋକରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପରମାତ୍ମା ସ୍ଥିତ ମହାପୁରୁଷଙ୍କ ଯଜ୍ଞର ନିରୂପଣ କଲେ । କିନ୍ତୁ ଅନ୍ୟ ଯୋଗୀ ଯିଏକି ବର୍ତ୍ତମାନ ସେହି ତତ୍ତ୍ୱରେ ସ୍ଥିତ ହୋଇନାହାଁନ୍ତି, କ୍ରିୟାରେ ପ୍ରବେଶ କରିବେ, ସେ ପ୍ରାରମ୍ଭ କେଉଁଠାରୁ କରିବେ । ଏହି ଉଦ୍ଦେଶ୍ୟରେ କହୁଛନ୍ତି ଯେ, ଅନ୍ୟ ଯୋଗୀମାନେ ''ଦୈବମ୍ ଯଜ୍ଞମ୍'' ଅର୍ଥାତ୍ ଦୈବୀ ସମ୍ପଦକୁ ନିଜ ହୃଦୟରେ ଦୃଢ କରିଥାନ୍ତି । ଯାହା ନିମନ୍ତେ ବ୍ରହ୍ମାଙ୍କ ନିର୍ଦ୍ଦେଶ ଥିଲା ଯେ ଏହି ଯଜ୍ଞ ଦ୍ୱାରା ତୁମ୍ଭେମାନେ ଦେବତାମାନଙ୍କ ଉନ୍ନତି କର । ଯେପରି ଯେପରି ହୃଦୟଦେଶରେ ଦୈବୀ ସମ୍ପଦ ଅର୍ଜିତ ହେବ, ସେହିପରି ତୁମର ପ୍ରଗତି ହେବ ଏବଂ କ୍ରମଶଃ ପରସ୍ପର ଉନ୍ନତି କରି ପରମଶ୍ରେୟକୁ ପ୍ରାପ୍ତ କରିବା, ଦୈବୀ ସମ୍ପଦକୁ ହୃଦୟରେ ବଳବତୀ କରିବା, ପ୍ରବେଶିକା ସାଧକମାନଙ୍କର ଯଜ୍ଞ ଅଟେ ।

ସେହି ଦୈବୀ ସମ୍ପଦ ୧୬ ଅଧ୍ୟାୟରେ ପ୍ରାରମ୍ଭିକ ତିନୋଟି ଶ୍ଲୋକରେ ବର୍ଣ୍ଣନ ରହିଛି । ଏପରି ତ ସବୁ ଅଧ୍ୟାୟରେ ରହିଛି, କେବଳ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ ବୁଝି ତାହାର ଜାଗୃତି କର, ସେଥି ନିମନ୍ତେ ପ୍ରୟତ୍ନକର । ଏହାକୁ ଇଙ୍ଗିତ କରି ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ– ହେ ଅର୍ଜୁନ ! ତୁମେ ଶୋକ କର ନାହିଁ । କାରଣ ତୁମେ ଦୈବୀ ସମ୍ପଦକୁ ପ୍ରାପ୍ତ ହୋଇଛ । ତୁମେ ମୋ ଠାରେ ନିବାସ କରିବ । ମୋର ହିଁ ଶାଶ୍ୱତ ସ୍ୱରୂପକୁ ପ୍ରାପ୍ତ କରିବ । କାରଣ ଏହି ଦୈବୀ ସମ୍ପଦ ପରମ କଲ୍ୟାଣ ନିମନ୍ତେ ହିଁ ରହିଛି ଏବଂ ଏହାର ବିପରୀତ ଆସୁରୀ ସମ୍ପଦ ନୀଚ ଏବଂ ଅଧମ ଯୋନିର କାରଣ ହୋଇଥାଏ । ଏହି ଆସୁରୀ ସମ୍ପଦ ହବନ ହୋଇଯାଇଥାଏ । ତେଣୁକରି ଏହା ଯଜ୍ଞ ଅଟେ ଏବଂ ଏହିଠାରୁ ହିଁ ଯଜ୍ଞର ପ୍ରାରମ୍ଭ ହୋଇଥଏ ।

ଅନ୍ୟ ଯୋଗୀମାନେ 'ବ୍ରହ୍ମାଗ୍ନୌ'– ପରବ୍ରହ୍ମ ପରମାତ୍ମା ରୂପୀ ଅଗ୍ନିରେ ଯଜ୍ଞ ଦ୍ୱାରା ହିଁ ଯଜ୍ଞର ଅନୁଷ୍ଠାନ କରିଥାନ୍ତି । ଶ୍ରୀକୃଷ୍ଣ ଆଗକୁ କହିବେ, ଏହି

ଶରୀରରେ ଅଧିଯଜ୍ଞ ମୁଁ ଅଟେ । ଯଜ୍ଞମାନଙ୍କ ଅଧିଷ୍ଠାତା ଅର୍ଥାତ୍ ଯଜ୍ଞ ଯେଉଁଥିରେ ବିଲୟ ହୋଇଥାଏ, ସେହି ପୁରୁଷ ମୁଁ ହିଁ ଅଟେ । ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ, ସ୍ୱରୂପସ୍ଥ ସଦ୍‌ଗୁରୁ ଥିଲେ । ଏହିପରି ଅନ୍ୟ ଯୋଗୀମାନେ ବ୍ରହ୍ମରୂପୀ ଅଗ୍ନିରେ ଯଜ୍ଞ ଅର୍ଥାତ୍ ଯଜ୍ଞ ସ୍ୱରୂପ ସଦ୍‌ଗୁରୁଙ୍କୁ ଉଦ୍ଦେଶ୍ୟ କରି ଯଜ୍ଞାନୁଷ୍ଠାନ କରିଥାନ୍ତି । ସାରାଂଶତଃ ସଦ୍‌ଗୁରୁଙ୍କ ସ୍ୱରୂପକୁ ହିଁ ଧ୍ୟାନ କରୁଥାନ୍ତି ।

**ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂୟମାଗ୍ନିଷୁ ଜୁହ୍ୱତି ।**
**ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥୨୬॥**

ଅନ୍ୟ କେତେକ ଯୋଗୀ ଶ୍ରୋତ୍ରାଦି ଜ୍ଞାନେନ୍ଦ୍ରିୟ ଅର୍ଥାତ୍ ଶ୍ରୋତ୍ର, ନେତ୍ର, ତ୍ୱକ୍, ଜିହ୍ୱା ଓ ନାସିକା ସମସ୍ତ ଇନ୍ଦ୍ରିୟକୁ ସଂଯମରୂପୀ ଅଗ୍ନିରେ ହବନ କରିଥାନ୍ତି ଅର୍ଥାତ୍ ଇନ୍ଦ୍ରିୟକୁ ବିଷୟମାନଙ୍କଠାରୁ ସାଉଁଟିକରି ସଂଯମ କରିଥାନ୍ତି । ଏଠାରେ ଅଗ୍ନି ଜଳିନଥାଏ । ଯେପରି ଅଗ୍ନିରେ ପକାଇବା ପ୍ରତ୍ୟେକ ବସ୍ତୁ ଭସ୍ମ ହୋଇଥାଏ, ଠିକ୍ ସେହିପରି ସଂଯମ ମଧ୍ୟ ଏକ ଅଗ୍ନି ଅଟେ । ଯିଏ ଇନ୍ଦ୍ରିୟମାନଙ୍କ ସମ୍ପୂର୍ଣ୍ଣ ବର୍ହିମୁଖୀ ପ୍ରବାହକୁ ଦଗ୍ଧ କରିଦିଏ । ଅନ୍ୟ ଯୋଗୀମାନେ ଶବ୍ଦାଦି ଅର୍ଥାତ୍ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ବିଷୟମାନଙ୍କୁ ଇନ୍ଦ୍ରିୟରୂପୀ ଅଗ୍ନିରେ ହବନ କରିଥାନ୍ତି । ଅର୍ଥାତ୍ ତାହାଙ୍କ ବିଚାରକୁ ସାଧାନାର ଅନୁରୂପ ବଦଳାଇ ଦିଅନ୍ତି । ସାଧକଙ୍କୁ ସଂସାରରେ ରହି ଭଜନ କରିବାକୁ ପଡ଼ିଥାଏ । ସାଂସାରିକ ଲୋକଙ୍କ ଭଲମନ୍ଦ ଶବ୍ଦ, ସେମାନଙ୍କୁ ଶୁଣିବାକୁ ପଡ଼ିଥାଏ । ବିଷୟୋତ୍ତେଜନ ଶବ୍ଦକୁ ଶୁଣିବା କ୍ଷଣି ସାଧକ ସେମାନଙ୍କ ଆଶୟକୁ ଯୋଗ, ବୈରାଗ୍ୟ ସହାୟକ, ବୈରାଗ୍ୟୋତ୍ତେଜକ ଭାବରେ ବଦଳାଇ ଇନ୍ଦ୍ରିୟରୂପୀ ଅଗ୍ନିରେ ହବନ କରିଥାନ୍ତି । ଯେପରି କି ଗୋଟିଏ ଥର ଅର୍ଜୁନ ନିଜର ଚିନ୍ତନରେ ରତ ଥିଲେ, ଅକସ୍ମାତ୍ ତାହାଙ୍କ କର୍ଣ୍ଣଗହ୍ୱରରେ ସଙ୍ଗୀତ ଲହରୀ ଶୁଣା ଗଲା । ସେ ମୁଣ୍ଡ ଉଠାଇ ଯେତେବେଳେ ଦେଖିଲେ, ଉର୍ବଶୀ ଠିଆ ହୋଇଥିଲେ, ଯିଏ କି ଗୋଟିଏ ବେଶ୍ୟାଥିଲା । ସମସ୍ତେ ତାହାର ରୂପରେ ମୁଗ୍ଧ ହୋଇ ମଜ୍ଜି ଯାଉଥିଲେ । କିନ୍ତୁ ଅର୍ଜୁନ ତାକୁ ସ୍ନେହ ଦୃଷ୍ଟିରେ ମାତୃ ସଦୃଶ ଦେଖିଲେ । ସେହି ଶବ୍ଦ ରୂପରୁ ଉତ୍ପନ୍ନ ହୋଇଥିବା ବିକାର ବିଲୀନ ହୋଇଗଲା । ଇନ୍ଦ୍ରିୟର ଅନ୍ତରାଳରେ ହିଁ ସମାହିତ ହୋଇଗଲା । ଏଠାରେ ଇନ୍ଦ୍ରିୟ ଏକ ଅଗ୍ନି ଅଟେ । ଅଗ୍ନିରେ ପକାଇବା ବସ୍ତୁ ଯେପରି ଭସ୍ମସାତ୍ ହୋଇଯାଏ । ସେହି ପ୍ରକାରେ ଉଦ୍ଦେଶ୍ୟ ବଦଳାଇ ଇଷ୍ଟ ଅନୁକୂଳ ପରିବର୍ତ୍ତନ କରାଇଲେ, ବିଷୟୋତ୍ତେଜକ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ ମଧ୍ୟ ଭସ୍ମସାତ୍ ହୋଇଯାଇଥାଏ । ସାଧକ ଉପରେ କୁପ୍ରଭାବ ପକାଇପାରନ୍ତି ନାହିଁ । ସାଧକ ଏହି ଶବ୍ଦାଦି ମାନଙ୍କରେ

ରୁଚି ନେଇନଥାଏ । ଏହାକୁ ଗ୍ରହଣ କରିନଥାଏ । ଏହି ଶ୍ଳୋକରେ 'ଅପରେ' 'ଅନ୍ୟେ' ଶବ୍ଦ ଜଣେ ହିଁ ସାଧକଙ୍କର ଉଚ୍ଚନୀଚ ଅବସ୍ଥା ମାତ୍ର । ଜଣେ ହିଁ ଯଜ୍ଞକର୍ତ୍ତାଙ୍କ ଉଚ୍ଚ-ନୀଚ ସ୍ତର ଅଟେ । 'ଅପରେ' 'ଅପରେ' କହିବା ଦ୍ୱାରା କୌଣସି ପୃଥକ୍ ପୃଥକ୍ ଯଜ୍ଞ ନୁହଁ ।

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।**
**ଆତ୍ମ ସଂୟମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥୨୭॥**

ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗଶ୍ୱେର ଯେଉଁ ଯଜ୍ଞର ଚର୍ଚ୍ଚା କଲେ, ସେଥିରେ କ୍ରମଶଃ ଦୈବୀ ସମ୍ପଦ ଅର୍ଜନ କରାଯାଏ । ଇନ୍ଦ୍ରିୟମାନଙ୍କ ସମ୍ପୂର୍ଣ୍ଣ ଚେଷ୍ଟାକୁ ସଂଯମ କରାଯାଇଥାଏ । ବଳତ୍କାର ବିଷୟୋତ୍ତେଜକ ଶବ୍ଦାଦି ମାନଙ୍କ ପ୍ରତିକୂଳ ହେଲେ ମଧ୍ୟ ତା'ର ବିଚାରକୁ ବଦଳାଇ ସେଥିରୁ ନିବୃତ୍ତି ହୋଇଯାଇଥିବା, ସେଥିରୁ ଉନ୍ନତି ଅବସ୍ଥା ପ୍ରାପ୍ତ ହେଲେ ଅନ୍ୟ ଯୋଗୀମାନେ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କ ଚେଷ୍ଟା ତଥା ପ୍ରାଣର ବ୍ୟାପାରକୁ ସାକ୍ଷାତ୍କାର ସହିତ ଜ୍ଞାନଦ୍ୱାରା ପ୍ରକାଶିତ ପରମାତ୍ମା ସ୍ଥିତି ରୂପୀ ଯୋଗାଗ୍ନିରେ ହବନ କରିଥାନ୍ତି । ଯେତେବେଳେ ସଂଯମ ଆତ୍ମା ସହିତ ତଦ୍ରୂପ ହୋଇଯାଏ , ପ୍ରାଣ ଏବଂ ଇନ୍ଦ୍ରିୟମାନଙ୍କ ବ୍ୟାପାର ମଧ୍ୟ ଶାନ୍ତ ହୋଇଯାଇଥାଏ । ସେହି ସମୟରେ ବିଷୟମାନଙ୍କୁ ଉଦ୍ଦିପ୍ତ କରୁଥିବା ଏବଂ ଇଷ୍ଟରେ ପ୍ରବୃତ୍ତ କରାଉଥିବା ଦୁଇଟି ଧାରା ଆତ୍ମସାତ୍ ହୋଇଯାଏ । ପରମାତ୍ମାରେ ସ୍ଥିତି ମିଳି ଯାଇଥାଏ । ଯଜ୍ଞର ପରିଣାମ ପ୍ରାପ୍ତ ହୋଇଯାଏ । ଏହା ହିଁ ହେଉଛି ଯଜ୍ଞର ପରାକାଷ୍ଠା । ଯେଉଁ ପରମାତ୍ମାଙ୍କୁ ପାଇବା ଶେଷ ଥିଲା, ସେଥିରେ ସ୍ଥିତି ଆସିଗଲା ପରେ ଶେଷ କ'ଣ ବା ରହିବ ? ପୁନଃ ଯୋଗେଶ୍ୱର ଯଜ୍ଞକୁ ଭଲରୂପେ ବର୍ଣ୍ଣନା କରୁଛନ୍ତି ।

**ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।**
**ସ୍ୱଧ୍ୟାୟଜ୍ଞାନୟଜ୍ଞାଶ୍ଚ ଯତୟଃ ସଂଶିବବ୍ରତାଃ ॥୨୮॥**

ଅନେକ ଲୋକ ଦ୍ରବ୍ୟ ଯଜ୍ଞ କରିଥାନ୍ତି ଅର୍ଥାତ୍ ଆତ୍ମ ପଥରେ ମହାପୁରୁଷମାନଙ୍କ ସେବାରେ ପତ୍ରପୁଷ୍ପ ଅର୍ପଣ କରିଥାନ୍ତି । ସେ ସମର୍ପଣ ସହିତ ମହାପୁରୁଷଙ୍କ ସେବାରେ ଦ୍ରବ୍ୟ ଲଗାଇଥାନ୍ତି । ଶ୍ରୀକୃଷ୍ଣ କହନ୍ତି ଯେ, ଭକ୍ତିଭାବରେ ପତ୍ର, ପୁଷ୍ପ, ଫଳ, ଜଳ ଯାହା କିଛି ମୋତେ ଦିଅନ୍ତି, ତାହାକୁ ମୁଁ ଗ୍ରହଣ କରିଥାଏ ଏବଂ ତାର ପରମ କଲ୍ୟାଣ ସୃଜନ କରିବା ଦାୟୀତ୍ୱ ନିଏ । ଏହା ମଧ୍ୟ ଯଜ୍ଞ ଅଟେ । ପ୍ରତ୍ୟେଗାତ୍ମାଙ୍କ ସେବାକରିବା, ଭୂଲିଯିବା ବ୍ୟକ୍ତିଙ୍କୁ ଆତ୍ମପଥକୁ ଆଣିବା ଦ୍ରବ୍ୟ ଯଜ୍ଞ ଅଟେ । କାରଣ ପ୍ରାକୃତିକ ସଂସ୍କାରକୁ ଜଳାଇବାରେ ସମର୍ଥ ଅଟେ ।

ଏହିପରି କିଏ **'ତପୋଯଜ୍ଞା'**- ଅର୍ଥାତ୍ ସ୍ୱଧର୍ମ ପାଳନରେ ଇନ୍ଦ୍ରିୟମାନଙ୍କୁ ତପରେ ନିଯୁକ୍ତ କରିଥାନ୍ତି । ଅର୍ଥାତ୍ ସ୍ୱଭାବରୁ ଉତ୍ପନ୍ନ କ୍ଷମତାନୁସାରେ ଯଜ୍ଞର ନିମ୍ନ ଏବଂ ଉନ୍ନତ ଅବସ୍ଥା ମଧ୍ୟରେ ତପ କରିଥାନ୍ତି । ଏହି ପଥରେ ଅଳ୍ପଜ୍ଞତା ଅବସ୍ଥାରେ ପ୍ରାଥମିକ ଶ୍ରେଣୀର ସାଧକ ଶୁଦ୍ର- ପରିଚର୍ଯ୍ୟା ଦ୍ୱାରା, ବୈଶ୍ୟ- ଦୈବୀ ସମ୍ପଦର ସଂଗ୍ରହ ଦ୍ୱାରା , କ୍ଷତ୍ରୀୟ- କାମ କ୍ରୋଧାଦିର ମୂଳୋତ୍ପାଟନ ଦ୍ୱାରା ଏବଂ ବ୍ରାହ୍ମଣ ବ୍ରହ୍ମରେ ପ୍ରବେଶ କରିବା ଯୋଗ୍ୟତାର ଏହି ସ୍ତରରେ ଇନ୍ଦ୍ରିୟମାନଙ୍କୁ ତପରେ ନିଯୁକ୍ତି କରାନ୍ତି । ସମସ୍ତଙ୍କୁ ଗୋଟିଏ ଭଳି ହିଁ ପରିଶ୍ରମ କରିବାକୁ କରିଥାଏ । ବସ୍ତୁତଃ ଯଜ୍ଞ ଗୋଟିଏ ହିଁ ଅଟେ । ଅବସ୍ଥା ଭେଦରେ ଉଚ୍ଚନୀଚ ଆସିଥାନ୍ତି ।

ପୂଜ୍ୟ ଗୁରୁ ମହାରାଜଜୀ କହୁଥିଲେ, ''ମନ ସହିତ ଇନ୍ଦ୍ରିୟ ଏବଂ ଶରୀରକୁ ଲକ୍ଷ ଅନୁରୂପ ତପାଇବାକୁ ହିଁ ତପ କୁହାଯାଏ ।'' ଇନ୍ଦ୍ରିୟମାନେ ଲକ୍ଷ୍ୟରୁ ଦୂରକୁ ଚାଲିଯିବେ, ସେମାନଙ୍କୁ ସାଉଁଟି ଲକ୍ଷରେ ଲଗାଇବା ଆବଶ୍ୟକ । ଅନେକ ପୁରୁଷ ଯୋଗଯଜ୍ଞର ଆଚରଣ କରିଥାନ୍ତି । ପ୍ରକୃତିରେ ଭ୍ରମୁଥିବା ଆତ୍ମାକୁ ପ୍ରକୃତିରୁ ଊର୍ଦ୍ଧ୍ୱରେ ପରମାତ୍ମାଙ୍କ ସହିତ ମିଳନ କରିବା ହିଁ ଯୋଗ । ଯୋଗର ପରିଭାଷା ଷଷ୍ଠ ଅଧ୍ୟାୟ ୨୩ଶ୍ଳୋକରେ ଦ୍ରଷ୍ଟବ୍ୟ । ସାମନ୍ୟତଃ ଦୁଇବସ୍ତୁର ମିଳନକୁ ହିଁ ଯୋଗ କୁହାଯାଏ । କାଗଜରେ କଲମ ସଂଯୁକ୍ତ ହେଲେ, ଥାଳି ଏବଂ ଟେବୁଲ ସଂଯୁକ୍ତ ହୋଇଗଲେ କ'ଣ ଯୋଗ ହୋଇଗଲା ? ନାହିଁ, ଏହା ତ ପଞ୍ଚଭୂତ ଦ୍ୱାରା ନିର୍ମିତ ପଦାର୍ଥ । ଏହି ସବୁ ଗୋଟିଏ ହିଁ ଅଟେ । ଦୁଇଟି ନୁହଁ । ପ୍ରକୃତି ଏବଂ ପୁରୁଷ ଏହା ଦୁଇଟି ଅଟେ । ପ୍ରକୃତିରେ ସ୍ଥିତ ଆତ୍ମା, ଯଦି ନିଜର ଶାଶ୍ୱତ ସ୍ୱରୂପ ପରମାତ୍ମାରେ ପ୍ରବେଶ ପାଇଥାଏ, ତେବେ ପ୍ରକୃତି ପୁରୁଷରେ ବିଲୀନ ହୋଇଯାଏ । ଏହା ହିଁ ଯୋଗ ଅଟେ । ଅତଃ ଅନେକ ପୁରୁଷ ଏହି ମିଳନରେ ସହାୟକ ଶମ, ଦମ ଇତ୍ୟାଦି ନିୟମର ଭଲରୂପେ ଆଚରଣ କରିଥାନ୍ତି । ଯୋଗ ଯଜ୍ଞ କରୁଥିବା ବ୍ୟକ୍ତି ତଥା ଅହିଂସାଦି ତୀକ୍ଷ୍ଣ ବ୍ରତରେ ଯୁକ୍ତ ପ୍ରୟତ୍ନାଶୀଳ ପୁରୁଷ **'ସ୍ୱାଧ୍ୟାୟ ଜ୍ଞାନ ଯଜ୍ଞାଶ୍ଚ'–** ସ୍ୱୟଂକୁ ଅଧ୍ୟୟନ, ସ୍ୱରୂପର ଅଧ୍ୟୟନ କରୁଥିବା ବ୍ୟକ୍ତି ହିଁ ଜ୍ଞାନ ଯଜ୍ଞର କର୍ତ୍ତା ଅଟେ । ଏଠାରେ ଯୋଗର ଅଙ୍ଗ- ଯମ, ନିୟମ, ଆସନ, ପ୍ରାଣୟାମ, ପ୍ରତ୍ୟାହାର, ଧାରଣ, ଧ୍ୟାନ ଓ ସମାଧିକୁ ଅହଂସାଦି ତୀକ୍ଷ୍ଣ ବ୍ରତ ନାମରେ ନିର୍ଦ୍ଦିଷ୍ଟ କରାଯାଇଛି । ଅନେକ ଲୋକ ସ୍ୱାଧ୍ୟାୟ କରନ୍ତି, ପୁସ୍ତକ ପଢିବା ତ ସ୍ୱଧ୍ୟାୟର ପ୍ରାରମ୍ଭିକ ସ୍ତର ମାତ୍ର । ବିଶୁଦ୍ଧ ସ୍ୱାଧ୍ୟାୟ ହେଉଛି ସ୍ୱୟଂର ଅଧ୍ୟୟନ କରିବା, ଯେଉଁଥିରେ ସ୍ୱରୂପ ଉପଲବ୍ଧ ହୋଇଯାଏ, ଯାହାର ପରିଣାମ ହେଉଛି ଜ୍ଞାନ ଅର୍ଥାତ୍ ସାକ୍ଷାତ୍‌କାର । ଯଜ୍ଞର ଅନ୍ୟ ଚରଣକୁ କହୁଛନ୍ତି ।

**ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।**
**ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ।।୨୯।।**

ଅନେକ ଯୋଗୀ ଅପାନ ବାୟୁକୁ ପ୍ରାଣବାୟୁରେ ହବନ କରିଥାନ୍ତି ଓ ସେହି ପ୍ରକାରେ ପ୍ରାଣ ବାୟୁକୁ ଅପାନ ବାୟୁରେ ହବନ କରିଥାନ୍ତି । ଏଥିରୁ ସୂକ୍ଷ୍ମାବସ୍ଥା ହୋଇଗଲା ପରେ ଅନ୍ୟ ଯୋଗୀମାନେ ପ୍ରାଣ ଏବଂ ଅପାନ ଉଭୟ ଗତିକୁ ଅବରୋଧ କରି, ପ୍ରାଣୟାମ ପରାୟଣ ହୋଇଯାଆନ୍ତି ।

ଯାହାକୁ ଶ୍ରୀକୃଷ୍ଣ ପ୍ରାଣ ଓ ଅପାନ କହନ୍ତି, ତାହାକୁ ମହାତ୍ମା ବୁଦ୍ଧ 'ଅନାପାନ' କହନ୍ତି । ତାହାକୁ ହିଁ ସେ ଶ୍ୱାସ ପ୍ରଶ୍ୱାସ ମଧ୍ୟ କହିଥିଲେ । ପ୍ରାଣ ସେହି ଶ୍ୱାସ ଅଟେ, ଯାହାକୁ ଆପଣ ଭିତରକୁ ନେଇଥାନ୍ତି ଏବଂ ଅପାନ ସେହି ଶ୍ୱାସ ଅଟେ, ଯାହା ଆପଣ ବାହାରକୁ ତ୍ୟାଗ କରୁଛନ୍ତି । ଯୋଗୀମାନଙ୍କ ଅନୁଭୂତି ଯେ ଆପଣ ଶ୍ୱାସ ସହିତ ବାହ୍ୟ ବାୟୁମଣ୍ଡଳର ସଙ୍କଳ୍ପ ମଧ୍ୟ ଗ୍ରହଣ କରିଥାନ୍ତି ଏବଂ ପ୍ରଶ୍ୱାସରେ ଏହି ପ୍ରକାର ଆନ୍ତରିକ ଭଲମନ୍ଦ ଚିନ୍ତନ ରୂପକ ଲହରୀ ତ୍ୟାଗ କରୁଥାନ୍ତି । ବାହ୍ୟ କୌଣସି ସଙ୍କଳ୍ପର ଗ୍ରହଣ ନକରିବା ହେଉଛି ପ୍ରାଣର ହବନ ତଥା ଭିତରେ ସଙ୍କଳ୍ପମାନଙ୍କୁ ଉଠିବାକୁ ନଦେବା ହିଁ ଅପାନର ହବନ ଅଟେ । ନା ଭିତରୁ କୌଣସି ସଙ୍କଳ୍ପ ସ୍ଫୁରଣ ହେବ ଏବଂ ନା ହିଁ ବାହ୍ୟ ଦୁନିଆରେ ଚାଲୁଥିବା ଚିନ୍ତନ ଭିତରେ କ୍ଷୋଭ ଉତ୍ପନ୍ନ କରିପାରିବ । ଏହି ପରି ପ୍ରାଣ ଏବଂ ଅପାନର ଗତି ସମାନ ହୋଇଗଲେ, ପ୍ରାଣର 'ୟାମ' ରହିଯିବା ଏବଂ ମନ ସ୍ତବ୍ଧ ହୋଇଯିବା ଗୋଟିଏ ହିଁ କଥା ।

ପ୍ରତ୍ୟେକ ମହାପୁରୁଷ ଏହି ପ୍ରକରଣକୁ ନେଇଛନ୍ତି, ବେଦରେ ଏହାର ଉଲ୍ଲେଖ ରହିଛି । **'ଚତ୍ୱାରି ବାକ୍ ପରମିତା ପଦାନି'** (ଋଗ୍ ବେଦ-୧-୧୬୪-୪୫), (ଅଥର୍ବବେଦ ୯-୧୦-୨୭) । ଏହାକୁ ପୂଜ୍ୟଗୁରୁ ମହାରାଜଜୀ କହୁଥିଲେ, ହୋ ! ଗୋଟିଏ ହିଁ ନାମକୁ ଚାରି ଶ୍ରେଣୀରେ ଜପାଯାଇଥାଏ । ଯଥା- **ବୈଖରୀ, ମଧ୍ୟମା, ପଶ୍ୟନ୍ତି ଓ ପରା** ବୈଖରୀ ତାହାକୁ କୁହାଯାଏ, ଯାହା ବ୍ୟକ୍ତ ହୋଇଥାଏ । ନାମର ଏହିପରି ଉଚ୍ଚାରଣ ହେବା ଦରକାର, ଆପଣ ଶୁଣିବା ସଙ୍ଗେ ସଙ୍ଗେ ବାହାର ବ୍ୟକ୍ତିଙ୍କ ମଧ୍ୟ ଶୁଭୁଥିବ । ମଧ୍ୟମା ଅର୍ଥାତ୍ ମଧ୍ୟମ ସ୍ୱରରେ ଜପ, ଯାହାକୁ କେବଳ ଆପଣ ହିଁ ଶୁଣି ପାରିବେ । ପାଖରେ ବସିଥିବା ବ୍ୟକ୍ତି ମଧ୍ୟ ଶୁଣି ପାରିବ ନାହିଁ । ଏହି ଉଚ୍ଚାରଣ କଣ୍ଠରେ ହୋଇଥାଏ । ଧିରେ ଧିରେ ନାମର ଧୂନ ହୋଇଯାଏ । ଡ଼ୋରି ଲାଗିଯାଇଥାଏ । ସାଧନା ଆହୁରୀ ସୂକ୍ଷ୍ମ ହୋଇଗଲେ ପଶ୍ୟନ୍ତି ଅର୍ଥାତ୍ ନାମକୁ ଦେଖିବାର ଅବସ୍ଥା ଆସିଯାଇଥାଏ । ପୁଣି ନାମକୁ ଜପ କରାଯାଇନଥାଏ । ଏହି ନାମ ଶ୍ୱାସରେ ଢଳିଯାଇଥାଏ । ମନକୁ ଦ୍ରଷ୍ଟା କରି ଉପସ୍ଥିତ କରାଇ ଦିଅ ।

ଦେଖୁଥାଅ, ଶ୍ୱାସ କ'ଣ କହୁଛି ? ଶ୍ୱାସ କେତେବେଳେ ଆସେ ? ସେ ବାହାରକୁ କେତେବେଳେ ଆସିଥାଏ ଏବଂ କ'ଣ କହୁଥାଏ । ମହାପୁରୁଷ ମାନେ କହନ୍ତି ଯେ, ଏହି ଶ୍ୱାସ ନାମ ଅତିରିକ୍ତ ଅନ୍ୟ କିଛି କହେ ନାହିଁ । ସାଧକ ନାମଜପ କରୁନଥାଏ । କେବଳ ସେଥିରୁ ଉଠୁଥିବା ଧ୍ୱନକୁ ଶୁଣୁଥାଏ । ଶ୍ୱାସକୁ ଦେଖୁଥାଏ । ତେଣୁ ଏହାକୁ ପଶ୍ୟନ୍ତି କୁହାଯାଏ ।

ପଶ୍ୟନ୍ତିରେ ମନକୁ ଦ୍ରଷ୍ଟା ରୂପରେ ଠିଆ କରିବାକୁ ପଡ଼ିଥାଏ । କିନ୍ତୁ ସାଧନା ଆହୁରୀ ଉନ୍ନତ ଏବଂ ସୂକ୍ଷ୍ମ ହେବା ପରେ ଶୁଣିବାକୁ ମଧ୍ୟ ପଡ଼ିନଥାଏ । ଗୋଟିଏ ଥର ସୁରତ(ଲୟ) ଲଗାଇ ଦେଲେ, ସ୍ୱତଃ ଶୁଣାଯିବ । **'ଜପୈ ନ ଜପାବୈ, ଅପନୈ ସେ ଆବୈ ।** ନ ସ୍ୱୟଂ ଜପ, ନ ମନକୁ ଶୁଣାଇବା ପାଇଁ ବାଧ୍ୟ କରିବେ କିନ୍ତୁ ଜପ ଚାଲିଥିବ । ଏହାର ନାମ ହେଉଛି ଅଜପା । ଏପରି ନୁହଁ ଯେ, ଜପ ପ୍ରାରମ୍ଭ ହିଁ ନକର , ହୋଇଗଲା ଅଜପା । ଯଦି କିଏ ଜପ ଆରମ୍ଭ ହିଁ କରି ନାହିଁ । ତେବେ ଅଜପା ନାମକ କୌଣସି ବସ୍ତୁ ତା'ର ନିକଟରେ ରହିନଥାଏ । ଅଜପାର ଅର୍ଥ ହେଉଛି, ଆମ୍ଭେ ଜପ କରିବା ନାହିଁ କିନ୍ତୁ ଜପ ଆମ୍ଭର ସାଥି ଛାଡ଼ିବ ନାହିଁ । ଗୋଟିଏ ଥର ଲୟରୂପୀ କଣ୍ଟା ଲଗାଇଦେଲେ, ଜପ ପ୍ରବାହିତ ହୋଇଯିବ ଏବଂ ଅନବରତ ଚାଲିଥିବ ଏହି ସ୍ୱଭାବିକ ଜପର ନାମ ହେଉଛି ଅଜପା ଏବଂ ଏହା ହିଁ ପରାବାଣୀର ଜପ । ଏହା ହିଁ ପ୍ରକୃତିରୁ ପରେ ତତ୍ତ୍ୱ, ଯାହାକି ପରମାତ୍ମାରେ ପ୍ରବେଶ ଦେଇଥାଏ । ଏହାର ଆଗକୁ ବାଣୀର କୌଣସି ପରିବର୍ତ୍ତନ ନଥାଏ । ପରମ ଦିଗ୍‌ଦର୍ଶନ କରାଇ, ସେଥିରେ ବିଲୀନ ହୋଇଯାଏ । ତେଣୁ କରି ଏହାକୁ ପରା କୁହାଯାଏ ।

ପ୍ରସ୍ତୁତ ଶ୍ଳୋକରେ ଯୋଗେଶ୍ୱର ଶ୍ରୀକୃଷ୍ଣ କେବଳ ଶ୍ୱାସରେ ଧ୍ୟାନ ରଖିବାକୁ କହିଲେ ଏବଂ ପରେ ସ୍ୱୟଂ ଓମ୍ ର ଜପ ନିମନ୍ତେ କହିବେ । ଗୌତମ ବୁଦ୍ଧ ମଧ୍ୟ ଅନାପାନ ସତୀରେ ଶ୍ୱାସ ପ୍ରଶ୍ୱାସର ହିଁ ଚର୍ଚ୍ଚା କରିଛନ୍ତି । ଅନ୍ତତଃ ସେହି ମହାପୁରୁଷ କ'ଣ କହିବାକୁ ଚାହାଁନ୍ତି, ବସ୍ତୁତଃ ପ୍ରାରମ୍ଭରେ ବୈଖରୀ, ତାହା ଦ୍ୱାରା ମଧ୍ୟମା, ଏଥିରୁ ଉନ୍ନତି ହେବା ପରେ ପଶ୍ୟନ୍ତି ଜପର ଅବସ୍ଥାରେ ଶ୍ୱାସକୁ ଧରିବାର କ୍ଷମତା ଆସିଥାଏ । ସେହି ସମୟରେ ଜପ ତ ଶ୍ୱାସରେ ହିଁ ଦେଖାଯିବ ପୁଣି ଜପିବା କ'ଣ ? କେବଳ ଶ୍ୱାସକୁ ଦେଖିବା ହିଁ ବାକି ରହିଥାଏ । ତେଣୁ କରି ପ୍ରାଣ ଅପାନ ମାତ୍ର କହିଲେ । 'ନାମ ଜପକର' ଏପରି କହି ନାହାଁନ୍ତି । କାରଣ କହିବା ଆବଶ୍ୟକତା ନାହିଁ । ଯଦି କହିଥାନ୍ତେ ତେବେ ଭ୍ରମିତ ହୋଇ ନିମ୍ନ ଶ୍ରେଣୀକୁ ଆସିବାକୁ ପଡ଼ିବ । ମହାତ୍ମା ବୁଦ୍ଧ, ଗୁରୁଦେବ ଭଗବାନ ତଥା ପ୍ରତ୍ୟେକ

ମହାପୁରୁଷ, ଯିଏ କି ଏହି ରାସ୍ତାରେ ଯାଇଛନ୍ତି । ସମସ୍ତେ ଗୋଟିଏ ହିଁ କଥା କହନ୍ତି– ବୈଖରୀ ଏବଂ ମଧ୍ୟମା ନାମ ଜପ ପ୍ରବେଶ ଦ୍ୱାରା ମାତ୍ର । ପଶ୍ୟନ୍ତି ଠାରୁ ହିଁ ନାମରେ ପ୍ରବେଶ ମିଳିଥାଏ । ପରାରେ ନାମ ଧାରାବାହୀ ହୋଇଯାଏ । ଯାହା ଦ୍ୱାରା ଜପ ସାଥ୍ ଛାଡ଼ିନଥାଏ ।

ମନ ଶ୍ୱାସ ସହିତ ଜଡ଼ିତ ରହିଛି । ଯେତେବେଳେ ଶ୍ୱାସ ଉପରେ ଦୃଷ୍ଟି ରହିଛି, ଶ୍ୱାସରେ ନାମ ଢଳି ଯାଇଛି, ଭିତରୁ ନା କୌଣସି ସଙ୍କଳ୍ପର ଉତ୍ଥାନ ରହିଛି ଏବଂ ନା ବାହ୍ୟ ବାୟୁମଣ୍ଡଳରୁ ସଙ୍କଳ୍ପ ଭିତରକୁ ଯାଇପାରେ । ଏହା ହିଁ ମନ ଉପରେ ବିଜୟାବସ୍ଥା । ଏହା ପରେ ଯଜ୍ଞର ପରିଣାମ ଆସିଯାଏ ।

**ଅପରେ ନିୟତାହାରାଃ ପ୍ରାଣାନ୍ପ୍ରାଣେଷୁ ଜୁହ୍ୱତି ।**
**ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତ କଲ୍ମଷାଃ ।।୩୦।।**

ଅନ୍ୟ ନିୟମିତ ଆହାର କରୁଥିବା ଯୋଗୀ ପ୍ରାଣକୁ ପ୍ରାଣରେ ହିଁ ହବନ କରିଥାନ୍ତି । ପୁଜ୍ୟ ଗୁରୁ ମହାରାଜଜୀ କହୁଥିଲେ, 'ଯୋଗୀର ଆହର ଦୃଢ, ଆସନ ଦୃଢ ଏବଂ ନିଦ୍ରା ମଧ୍ୟ ଦୃଢ ହେବା ଆବଶ୍ୟକ ।' ଆହାର ବିହାର ଉପରେ ନିୟନ୍ତ୍ରଣ ବହୁତ ଆବଶ୍ୟକ । ଏହିପରି ଅନେକ ଯୋଗୀ ପ୍ରାଣକୁ ପ୍ରାଣରେ ହିଁ ହବନ କରିଥାନ୍ତି ଅର୍ଥାତ୍ ଶ୍ୱାସ ନେବାପରେ ହିଁ ଧ୍ୟାନ କେନ୍ଦ୍ରିତ କରିଥାନ୍ତି ଏବଂ ପ୍ରଶ୍ୱାସରେ ଧ୍ୟାନ ଦିଅନ୍ତି ନାହିଁ । ଶ୍ୱାସ ବାହାରକୁ ଆସିଲେ ଶୁଣନ୍ତି 'ଓମ୍' ପୁଣି ଶ୍ୱାସ ବାହାରକୁ ଆସିଲେ ହିଁ 'ଓମ୍' ଶୁଣିଥାନ୍ତି । ଏହିପରି ଯଜ୍ଞ ଦ୍ୱାରା ପାପନଷ୍ଟ ହୋଇଥିବା ପୁରୁଷ ଯଜ୍ଞ ବିଷୟକ ଜ୍ଞାତା ଅଟନ୍ତି । ଏହି ନିର୍ଦ୍ଦିଷ୍ଟ ବିଧିମଧ୍ୟରୁ ଯଦି ଯେ କୌଣସିଟି କଲେ ମଧ୍ୟ ସେ ସମସ୍ତେ ଯଜ୍ଞର ଜ୍ଞାତା ଅଟନ୍ତି । ବର୍ତ୍ତମାନ ଯଜ୍ଞର ପରିଣାମ କହୁଛନ୍ତି –

**ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।**
**ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ।।୩୧।।**

ହେ କୁରୁଶ୍ରେଷ୍ଠ ଅର୍ଜୁନ ! **''ଯଜ୍ଞଶିଷ୍ଟାମୃତଭୂଜୋ''** ଅର୍ଥାତ୍ ଯଜ୍ଞ ଯାହା ସୃଷ୍ଟି କରିଥାଏ, ଯାହାକୁ ଅବଶେଷ ଛାଡ଼ିଥାଏ, ତାହା ହେଉଛି ଅମୃତ । ତାହାର ପ୍ରତ୍ୟକ୍ଷ ଜାନକାରୀ ହିଁ ଜ୍ଞାନ । ସେହି ଜ୍ଞାନାମୃତକୁ ଭୋଗିବା ନିମନ୍ତେ ଅର୍ଥାତ୍ ପ୍ରାପ୍ତ କରୁଥିବା ଯୋଗୀମାନେ **'ଯାନ୍ତିବ୍ରହ୍ମ ସନାତନମ୍'**– ଅର୍ଥାତ୍ ଶାଶ୍ୱତ ସନାତନ ପରବ୍ରହ୍ମକୁ ପ୍ରାପ୍ତ ହୋଇଥାନ୍ତି । ଯଜ୍ଞ ଗୋଟିଏ ଏମିତି ବସ୍ତୁ, ଯାହା ପୂର୍ଣ୍ଣ ହେବା କ୍ଷଣି ସନାତନ ପରବ୍ରହ୍ମରେ ପ୍ରବେଶ କରାଇଦିଏ । ଯଜ୍ଞ ନକରିବା ଦ୍ୱାରା ଆପତ୍ତି କ'ଣ ? ଶ୍ରୀକୃଷ୍ଣ କହୁଛନ୍ତି ଯେ ଯଜ୍ଞ ରହିତ ପୁରୁଷଙ୍କୁ ପୁନଃ ଏହି ମନୁଷ୍ୟ ଲୋକ ଅର୍ଥାତ୍ ମାନବ ଶରୀର ସୁଲଭ ହୋଇନଥାଏ । ପୁଣି ଅନ୍ୟଲୋକ କିପରି ସୁଖଦାୟୀ

ହେବ ? ତାହାଙ୍କ ନିମନ୍ତେ ତ ତୀର୍ଯ୍ୟକ ଯୋନି ସୁରକ୍ଷିତ ରହିଛି । ଏହାଠାରୁ ଅଧିକ କିଛି ନୁହଁ । ଅତଃ ଯଜ୍ଞ କରିବା ମନୁଷ୍ୟ ମାତ୍ରକେ ନିତାନ୍ତ ଆବଶ୍ୟକ ।

**ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।**
**କର୍ମଜାନ୍ ବିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥୩୨॥**

ଏହିପରି ଉପରୋକ୍ତ ବହୁ ପ୍ରକାରର ଯଜ୍ଞ ବେଦ ବାଣୀ ଦ୍ୱାରା କୁହାଗଲା । ବ୍ରହ୍ମାଙ୍କ ମୁଖରୁ ବିସ୍ତାରିତ । ପ୍ରାପ୍ତି ପଶ୍ଚାତ୍ ମହାପୁରୁଷଙ୍କ ଶରୀରକୁ ପରବ୍ରହ୍ମ ଧାରଣା କରି ନେଉଥାଏ । ବ୍ରହ୍ମ ଠାରୁ ଅଭିନ୍ନ ଅବସ୍ଥା ଯୁକ୍ତ ସେହି ମହାତ୍ମାମାନଙ୍କ ବୁଦ୍ଧି ଯନ୍ତ୍ର ମାତ୍ର ହୋଇଥାଏ । ସେମାନଙ୍କ ମାଧ୍ୟମରେ ସେହି ବ୍ରହ୍ମ ହିଁ କହିଥାନ୍ତି । ତାହାଙ୍କ ବାଣୀରେ ଏହି ଯଜ୍ଞ ବିସ୍ତାର କରାଗଲା ।

ଏହିସବୁ ଯଜ୍ଞକୁ ତୁମେ **'କର୍ମଜାନ୍ ବିଦ୍ଧି'**- କର୍ମରୁ ଉତ୍ପନ୍ନ ହେଲା ବୋଲି ଜାଣ । ଏହା ଆଗରୁ ମଧ୍ୟ କହି ଆସିଛନ୍ତି, **ଯଜ୍ଞଃ କର୍ମସମୁଦ୍ଭବଃ**-୩/୧୪ । ତାହାଙ୍କୁ ଏହି କ୍ରିୟାତ୍ମକ ପଥରେ ଆଚରଣ କରି ଜାଣିବା ପରେ (ବର୍ତ୍ତମାନ କହିଥିଲେ, ଯଜ୍ଞଦ୍ୱାରା ଯାହାର ପାପ ନଷ୍ଟ ହୋଇଯାଇଛି । ସେହିଁ ଯଜ୍ଞର ଯଥାର୍ଥ ଜ୍ଞାତା) ହେ ଅର୍ଜୁନ ! ତୁମେ **ବିମୋକ୍ଷ୍ୟସେ**- ସଂସାର ବନ୍ଧନରୁ ପୂର୍ଣ୍ଣତଃ ମୁକ୍ତ ହୋଇଯିବ । ଏଠାରେ ଯୋଗେଶ୍ୱର କର୍ମ ସ୍ପଷ୍ଟ କରି ଦେଲେ । ତାହା କ୍ରିୟାତ୍ମକ କର୍ମ ଅଟେ । ଯାହା ଦ୍ୱାରା ଉପରୋକ୍ତ ଯଜ୍ଞ ପୂର୍ଣ୍ଣ ହୋଇଥାଏ । ବର୍ତ୍ତମାନ ଯଦି ଦୈବୀ-ସମ୍ପଦର ଅର୍ଜନ, ସଦ୍‌ଗୁରୁଙ୍କ ଧ୍ୟାନ, ଇନ୍ଦ୍ରିୟ ସଂଯମ, ଶ୍ୱାସକୁ ପ୍ରଶ୍ୱାସରେ ହବନ, ପ୍ରଶ୍ୱାସକୁ ଶ୍ୱାସରେ ହବନ, ପ୍ରାଣ ଅପାନ ଗତିର ନିରୋଧ, କୃଷି କର୍ମ କରିବାରେ ହୋଇଥାଏ, ବ୍ୟାପାର, ଚାକିରୀ ବା ରାଜନୀତି କରିବା ଦ୍ୱାରା ଯଦି ହେଉଥାଏ, ତେବେ ଆପଣ କରନ୍ତୁ । ଯଜ୍ଞ ତ ଏପରି କ୍ରିୟା ଅଟେ, ଯାହା କି ପୂର୍ଣ୍ଣ ହେବା କ୍ଷଣି ତତ୍‌କାଳ ପୂର୍ଣ୍ଣତ୍ୱରେ ପ୍ରବେଶ ଦେଇଥାଏ । କୌଣସି ବାହ୍ୟ କାର୍ଯ୍ୟ ଦ୍ୱାରା ଆପଣ ଯଦି ତତ୍‌କ୍ଷଣ ବ୍ରହ୍ମରେ ପ୍ରବେଶ ପାଇଯାଉଛନ୍ତି, ତେବେ କରନ୍ତୁ ।

ବସ୍ତୁତଃ ଏହି ସମସ୍ତ ଯଜ୍ଞ ଚିନ୍ତନର ଅନ୍ତଃକ୍ରିୟା ମାତ୍ର, ଆରାଧନାର ଚିତ୍ରଣ ଅଟେ । ଯାହାଦ୍ୱାରା ଆରାଧ୍ୟ ଦେବ ବିଦିତ ହୋଇଥାନ୍ତି । ଯଜ୍ଞ ସେହି ଆରାଧ୍ୟ ପର୍ଯ୍ୟନ୍ତ ଦୂର ନିଶ୍ଚୟ କରିବା ନିମନ୍ତେ ନିର୍ଦ୍ଧାରିତ ପ୍ରକ୍ରିୟା ବିଶେଷ ଅଟେ । ଏହି ଯଜ୍ଞ ଶ୍ୱାସପ୍ରଶ୍ୱାସ ପ୍ରାଣାୟାମ ଇତ୍ୟାଦି ଯେଉଁ କ୍ରିୟା ଦ୍ୱାରା ସଂପନ୍ନ ହୋଇଥାଏ । ସେହି କାର୍ଯ୍ୟ ପ୍ରଣାଳୀର ନାମ ହିଁ କର୍ମ ଅଟେ । କର୍ମର ଶୁଦ୍ଧ ଅର୍ଥ ହେଉଛି ଆରାଧନା, ଚିନ୍ତନ ।

ପ୍ରାୟଃ ଲୋକେ କହନ୍ତି, ସଂସାରରେ ଯେକୌଣସି କର୍ମ କର, ହୋଇଗଲା

ଯୋଗ । କାମନା ରହିତ ହୋଇ କୌଣସି କର୍ମ କରିଚାଲିଲେ, ହୋଇଗଲା ନିଷ୍କାମକର୍ମ ଯୋଗ । କିଏ କହେ, ଅଧିକ ଲାଭ ନିମନ୍ତେ ବିଦେଶୀ ବସ୍ତ୍ର ବିକ୍ରି କରୁଛନ୍ତି ତ ଆପଣ ସକାମ । ଦେଶସେବା ନିମନ୍ତେ ଯଦି ସ୍ୱଦେଶୀ ବିକ୍ରି କରୁଛନ୍ତି, ତେବେ ଆପଣ ହୋଇଗଲା ନିଷ୍କାମ ଯୋଗ । ନିଷ୍ଠା ପୂର୍ବକ ଚାକିରି କର, ହାନିଲାଭ ଚିନ୍ତାରୁ ମୁକ୍ତ ହୋଇ ବ୍ୟାପାର କର, ହୋଇଗଲା ନିଷ୍କାମ କର୍ମଯୋଗ । ଜୟ ପରାଜୟ ଭାବନାରୁ ମୁକ୍ତ ହୋଇ ଯୁଦ୍ଧ କର, ନିର୍ବାଚନ ଲଢ, ହୋଇଗଲା ନିଷ୍କାମ କର୍ମଯୋଗୀ । ମରିଗଲେ ମୁକ୍ତ ହୋଇ ଯିବ । ବସ୍ତୁତଃ ଏପରି କିଛି ନାହିଁ । ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ପଷ୍ଟ ଶବ୍ଦରେ କହିଲେ ଯେ, ଏହି ନିଷ୍କାମ କର୍ମରେ ନିର୍ଦ୍ଧାରିତ କ୍ରିୟା ଗୋଟିଏ ହିଁ ଅଟେ । **ବ୍ୟବସାୟାତ୍ମିକା ବୁଦ୍ଧିରେକେହ କରୁନନ୍ଦନ**– ଅର୍ଥାତ୍ ହେ ଅର୍ଜୁନ ! ତୁମେ ନିର୍ଦ୍ଧାରିତ କର୍ମ କର । ଯଜ୍ଞ ପ୍ରକ୍ରିୟା ହିଁ କର୍ମ । ଯଜ୍ଞ କ'ଣ ? ଶ୍ୱାସ ପ୍ରଶ୍ୱାସର ହବନ, ଇନ୍ଦ୍ରିୟ ସଂଯମ, ଯଜ୍ଞ ସ୍ୱରୂପ ମହାପୁରୁଷଙ୍କ ଧ୍ୟାନ, ପ୍ରାଣର ନିରୋଧ, ଏହା ହିଁ ମନର ବିଜିତାବସ୍ଥା । ମନର ପ୍ରସାର ହିଁ ଜଗତ ଅଟେ । ଶ୍ରୀକୃଷ୍ଣ ଶବ୍ଦରେ **'ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତିଂ ମନଃ''** (୫-୧୯) ସେହି ପୁରୁଷଙ୍କ ଦ୍ୱାରା ଚରାଚର ଜଗତ ଏଠାରେ ହିଁ ବିଜିତ ହେଲା, ଯାହାର ମନ ସମତ୍ୱରେ ସ୍ଥିତ ଅଛି । ମନର ସମତ୍ୱ ଏବଂ ଜଗତ ଜିଣିବାରେ କ'ଣ ସମ୍ବନ୍ଧ ? ଯଦି ଜଗତକୁ ଜିଣିଗଲେ ତେବେ କେଉଁଠି ରହିଲେ ? ତେବେ କହୁଛନ୍ତି– ସେହି ବ୍ରହ୍ମ ନିର୍ଦ୍ଦୋଶ ଏବଂ ସମାନ ଅଟନ୍ତି, ଏଠାରେ ମନ ମଧ୍ୟ ନିର୍ଦ୍ଦୋଷ ଏବଂ ସମତ୍ୱ ସ୍ଥିତିଯୁକ୍ତ ହୋଇଗଲା । ଅତଃ ସେ ବ୍ରହ୍ମରେ ସ୍ଥିତ ହୋଇଯାଏ । ସାରାଂଶତଃ ମନର ପ୍ରସାର ହିଁ ଜଗତ । ଚିରାଚର ଜଗତ ହିଁ ହବନ ସାମଗ୍ରି ରୂପରେ ରହିଛି । ମନର ସର୍ବଥା ନିରୋଧ ହେବାକ୍ଷଣି, ଜଗତର ନିରୋଧ ହୋଇଯାଏ । ମନର ନିରେଧ ସହିତ ହିଁ ଯଜ୍ଞର ପରିଣାମ ଆସିଯାଏ । ଯଜ୍ଞ ଯାହାର ସୃଷ୍ଟି କରିଥାଏ, ସେହି ଜ୍ଞାନାମୃତ ପାନ କରୁଥିବା ପୁରୁଷ ସନାତନ ବ୍ରହ୍ମରେ ପ୍ରବେଶ କରିଥାଏ । ଏହି ସମସ୍ତ ଯଜ୍ଞ ବ୍ରହ୍ମସ୍ଥିତ ମହାପୁରୁଷଙ୍କ ବାଣୀ ଦ୍ୱାରା କୁହାଯାଇଛି । ଏପରି ନୁହଁ ଯେ, ଭିନ୍ନ ଭିନ୍ନ ସମ୍ପ୍ରଦାୟର ସାଧକ ଭିନ୍ନ ଭିନ୍ନ ଯଜ୍ଞ କରିଥାନ୍ତି । ବରଂ ଏହି ସମସ୍ତ ଯଜ୍ଞ ଜଣେ ସାଧକର ହିଁ ଉଚ୍ଚନୀଚ ଅବସ୍ଥା ଅଟେ । ଏହି ଯଜ୍ଞ ଯାହା ଦ୍ୱାରା ହୁଏ, ସେହି କ୍ରିୟାର ନାମ କର୍ମ । ସମ୍ପୂର୍ଣ୍ଣ ଗୀତାର ଗୋଟିଏ ମଧ୍ୟ ଶ୍ଲୋକ ଏପରି ନାହିଁ, ଯାହାକି ସାଂସାରିକ କାର୍ଯ୍ୟ ବ୍ୟାପାରର ସମର୍ଥନ କରୁଥିବ ।

ପ୍ରାୟ ଯଜ୍ଞ ନାମ ଆସିବା କ୍ଷଣି ଲୋକେ ବାହାରେ ଗୋଟିଏ ଯଜ୍ଞବେଦୀ ତିଆରି କରି ରାଶି, ଯବକୁ ନେଇ 'ସ୍ୱାହା' କହି ହବନ ପ୍ରାରମ୍ଭ କରିଦିଅନ୍ତି । ଏହା

ଗୋଟିଏ ଧୋକା ଅଟେ । ଦ୍ରବ୍ୟ ଯଜ୍ଞ ଅଲଗା ଅଟେ । ଯାହାକୁ ଶ୍ରୀକୃଷ୍ଣ ବହୁଥର କହିଲେ । କିନ୍ତୁ ପଶୁବଳୀ, ବସ୍ତୁଦାହ ଇତ୍ୟାଦିରେ ଏହାର କୌଣସି ସମ୍ବନ୍ଧ ନାହିଁ ।

**ଶ୍ରେୟାନ୍ ଦ୍ରବ୍ୟମୟାଦ୍‌ୟଜ୍ଞାତ୍ ଜ୍ଞାନୟଜ୍ଞ ପରନ୍ତପ ।**
**ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ।।୩୩।।**

ହେ ଅର୍ଜୁନ ! ସାଂସାରିକ ଦ୍ରବ୍ୟ ମାନଙ୍କରୁ ସିଦ୍ଧ ହେଉଥିବା ଯଜ୍ଞ ଅପେକ୍ଷା ଜ୍ଞାନ ଯଜ୍ଞ ଅର୍ଥାତ୍ ଯାହାର ପରିଣାମ ସାକ୍ଷାତ୍‌କାର ଅଟେ, ଯଜ୍ଞ ଯାହାକୁ ସୃଷ୍ଟିକରେ, ସେହି ଅମୃତ ତତ୍ତ୍ୱର ଜାନକାରୀର ନାମ ହିଁ ଜ୍ଞାନ ଅଟେ, ଏପରି ଯଜ୍ଞ ଶ୍ରେୟସ୍କର, ପରମ କଲ୍ୟାଣକାରୀ ଅଟେ । ହେ ପାର୍ଥ ! ସମ୍ପୂର୍ଣ୍ଣ କର୍ମ ଜ୍ଞାନରେ ଶେଷ ହୋଇଯାଏ– **'ପରିସମାପ୍ୟତେ'** ଭଲରୂପରେ ସମାହିତ ହୋଇଯାଏ । ଏହା ଜ୍ଞାନ ଯଜ୍ଞର ପରାକାଷ୍ଠା । ତତ୍‌ପଶ୍ଚାତ୍ କର୍ମ କରିଚାଲିବା ଦ୍ୱାରା ନା କୌଣସି ଲାଭ ରହିଛି ଏବଂ ନା ତ୍ୟାଗ କରିଦେଲେ ସେହି ମହାପୁରୁଷଙ୍କ କୌଣସି କ୍ଷତି ହୋଇଥାଏ ।

ଏହିପରି ଭୌତିକ ଦ୍ରବ୍ୟଦ୍ୱାରା ହେଉଥିବା ଯଜ୍ଞ ମଧ୍ୟ ଯଜ୍ଞ ହିଁ ଅଟେ । କିନ୍ତୁ ସେହି ଯଜ୍ଞ ତୁଳନାରେ ଯାହାର ପରିଣାମ ସାକ୍ଷାତ୍‌କାର, ସେହି ଜ୍ଞାନ ଯଜ୍ଞ ଅପେକ୍ଷା ଅତ୍ୟନ୍ତ ଅଳ୍ପ । ଆପଣ କୋଟିଏ ହବନ କରନ୍ତୁ, କୋଟିଏ ଯଜ୍ଞବେଦୀ କରିଦିଅନ୍ତୁ, ସତପଥରେ ଦ୍ରବ୍ୟ ଲାଗନ୍ତୁ, ସାଧୁସନ୍ଥଙ୍କ ସେବାରେ ଦ୍ରବ୍ୟ ଲାଗାନ୍ତୁ କିନ୍ତୁ ଏହି ଜ୍ଞାନ ଯଜ୍ଞ ତୁଳନାରେ ସେସବୁ ଅତ୍ୟନ୍ତ ଅଳ୍ପ । ବସ୍ତୁତଃ ଯଜ୍ଞ ଶ୍ୱାସ ପ୍ରଶ୍ୱାସ ଅଟେ, ଇନ୍ଦ୍ରିୟ ସଂଯମର ଅଟେ । ମନର ନିରୋଧରେ ରହିଥାଏ, ଯେପରି ଶ୍ରୀକୃଷ୍ଣ ବର୍ତ୍ତମାନ କହି ଆସିଲେ, ଏହି ଯଜ୍ଞକୁ ପ୍ରାପ୍ତ କେଉଁଠି କରିବା ? ତାହାର ବିଧି କେଉଁଠି ଶିଖିବା ? ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଘରେ ମିଳିବ, କିମ୍ବା ପୋଥିମାନଙ୍କରେ ? ତୀର୍ଥଯାତ୍ରାରେ ମିଳିବ ଅଥବା ସ୍ନାନକଲେ ? ଶ୍ରୀକୃଷ୍ଣ କହୁଛନ୍ତି– ନାହିଁ, ତାହାର ଗୋଟିଏ ହିଁ ସ୍ରୋତ ହେଉଛି ତତ୍ତ୍ୱସ୍ଥିତ ମହାପୁରୁଷ । ଯଥା–

**ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।।୩୪।।**

ତେଣୁକରି ହେ ଅର୍ଜୁନ ! ତୁମେ ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ପାଖକୁ ଯାଇ ଭଲରୂପେ ଦଣ୍ଡ ପ୍ରଣାମ କରି, ଅହଂକାର ତ୍ୟାଗ କରି, ଶରଣହୋଇ, ଭଲରୂପେ ସେବାକରି, ନିଷ୍କପଟ ଭାବରେ ପ୍ରଶ୍ନ କରି ସେହି ଜ୍ଞାନକୁ ଜାଣ । ସେହି ତତ୍ତ୍ୱକୁ ଜାଣିଥିବା ଜ୍ଞାନୀମାନେ ତୁମ ନିମନ୍ତେ ସେହି ଜ୍ଞାନ ଉପଦେଶ କରିବେ, ସାଧନା ପଥରେ ଚଲାଇବେ । ସମର୍ପିତ ଭାବରେ ସେବା କରିବା ପରେ ହିଁ ସେହି ଜ୍ଞାନକୁ ଶିଖିବା ପାଇଁ କ୍ଷମତା ଆସିଥାଏ । ତତ୍ତ୍ୱଦର୍ଶୀ ମହାପୁରୁଷ ପରମତତ୍ତ୍ୱ ପରମାତ୍ମାଙ୍କ

ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ କରିପାରନ୍ତି । ସେ ଯଜ୍ଞର ବିଧିବିଶେଷର ଜ୍ଞାତା ଅଟନ୍ତି ଏବଂ ତାହା ଆପଣଙ୍କୁ ମଧ୍ୟ ଶିଖାଇବେ । ଯଦି କୌଣସି ଅନ୍ୟ ଯଜ୍ଞ ହୋଇଥାନ୍ତା, ତେବେ ଜ୍ଞାନୀ ତତ୍ତ୍ୱଦର୍ଶୀଙ୍କ କ'ଣ ଆବଶ୍ୟକ ଥିଲା ? ସ୍ୱୟଂ ଭଗବାନଙ୍କ ସମ୍ମୁଖରେ ହିଁ ତ ଅର୍ଜୁନ ଥିଲେ । ଭଗବାନ ତାଙ୍କୁ ତତ୍ତ୍ୱଦର୍ଶୀଙ୍କ ପାଖକୁ କାହିଁକି ପଠାଉଛନ୍ତି ? ବସ୍ତୁତଃ ଶ୍ରୀକୃଷ୍ଣ ଜଣେ ଯୋଗୀଥିଲେ । ତାହାର ଉଦ୍ଦେଶ୍ୟ ଏହା ଯେ ଆଜି ତ ଅନୁରାଗୀ ଅର୍ଜୁନ ମୋର ସମକ୍ଷରେ ରହିଛି, କିନ୍ତୁ ଭବିଷ୍ୟତରେ ଅନୁରାଗୀମାନଙ୍କୁ ଭ୍ରମ ଉତ୍ପନ୍ନ ନ ହୋଇ ଯାଉ କି, ଶ୍ରୀକୃଷ୍ଣ ତ ଚାଲିଗଲେ, ବର୍ତ୍ତମାନ କାହାର ଶରଣରେ ଯିବା ? ତେଣୁ କରି ସେ ସ୍ପଷ୍ଟ କହିଲେ ଯେ, ତତ୍ତ୍ୱଦର୍ଶୀଙ୍କ ନିକଟକୁ ଯାଅ । ସେହି ଜ୍ଞାନୀମାନେ ତୁମକୁ ଉପଦେଶ କରିବେ ।

**ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ୟାସ୍ୟସି ପାଣ୍ଡବ ।**
**ୟେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ।।୩୫।।**

ସେହି ଜ୍ଞାନକୁ ତାହାଙ୍କ ଦ୍ୱାରା ବୁଝି ତୁମେ ପୁଣି ଏହିପରି ମୋହକୁ ପ୍ରାପ୍ତ ହେବ ନାହିଁ । ସେ ଦେଇଥିବା ଜ୍ଞାନ ଦ୍ୱାରା ସେହି ପଥରେ ଚାଲି ତୁମେ ନିଜର ଆତ୍ମାର ଅନ୍ତର୍ଗତ ସମ୍ପୂର୍ଣ୍ଣ ଭୂତପ୍ରାଣୀଙ୍କୁ ଦେଖିବ ଅର୍ଥାତ୍ ସମସ୍ତ ପ୍ରାଣୀମାନଙ୍କ ଭିତରେ ଏହି ଆତ୍ମାର ପ୍ରସାର ଦେଖିବ । ଯେତେବେଳେ ସର୍ବତ୍ର ଗୋଟିଏ ଆତ୍ମାର ପ୍ରସାରକୁ ଦେଖିବା କ୍ଷମତା ଆସିଯିବ, ତତ୍‌ପଶ୍ଚାତ୍ ତୁମେ ମୋ ଭିତରେ ପ୍ରବେଶ କରିବ । ଅତଃ ସେହି ପରମାତ୍ମାଙ୍କୁ ପ୍ରାପ୍ତି କରିବା ସାଧନ ତତ୍ତ୍ୱସ୍ଥିତ ମହାପୁରୁଷଙ୍କ ଦ୍ୱାରା ମିଳିଥାଏ । ଜ୍ଞାନ ସମ୍ବନ୍ଧରେ, ଧର୍ମ ଏବଂ ଶାଶ୍ୱତ ସତ୍ୟ ସମ୍ବନ୍ଧରେ ଶ୍ରୀକୃଷ୍ଣଙ୍କ ଅନୁସାରେ କୌଣସି ତତ୍ତ୍ୱଦର୍ଶୀଙ୍କୁ ହିଁ ପଚାରିବା ଆବଶ୍ୟକ ।

**ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।**
**ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ।।୩୬।।**

ତୁମେ ସମସ୍ତ ପାପୀମାନଙ୍କଠାରୁ ଅଧିକ ପାପୀ ହେଲେ ମଧ୍ୟ, ଜ୍ଞାନରୂପୀ ନୌକାଦ୍ୱାରା ସମସ୍ତ ପାପରୁ ନିଃସନ୍ଦେହ ସମ୍ୟକ୍ ରୂପେ ତରିଯିବ । ଏହାର ଉଦ୍ଦେଶ୍ୟ ଆପଣ ଏହା ଭାବନ୍ତୁ ନାହିଁ ଯେ ଅଧିକରୁ ଅଧିକ ପାପ କରି ମଧ୍ୟ କଦାଚିତ୍ ତରିଯିବା ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ମାତ୍ର ଏହା ଯେ କେବେ ଆପଣଙ୍କ ଭ୍ରମ ନରହୁ, 'ମୁଁ ତ ବଡ଼ପାପୀ, ମୋ ଦ୍ୱାରା ଭଜନ ହେବ ନାହିଁ, ମୋର ଅଧିକାର ନାହିଁ, ଏପରି କୌଣସି ଆରୋପ ନରହୁ ।' ସେଥି ନିମନ୍ତେ ଶ୍ରୀକୃଷ୍ଣ ପ୍ରୋତ୍ସାହନ ଏବଂ ଆଶ୍ୱାସନା ଦେଉଛନ୍ତି ଯେ ସମସ୍ତ ପାପୀ ଠାରୁ ଅଧିକ ପାପୀ ହେଲେ ମଧ୍ୟ ତତ୍ତ୍ୱଦର୍ଶୀମାନଙ୍କ ଦ୍ୱାରା ପ୍ରାପ୍ତ ଜ୍ଞାନରୂପୀ ନୌକା ଦ୍ୱାରା ନିଃସନ୍ଦେହ ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପାଇଯିବ । କେଉଁ

ପ୍ରକାର ?

**ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରତେଽର୍ଜୁନ ।**
**ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ।।୩୭।।**

ହେ ଅର୍ଜୁନ ! ଯେଉଁ ପ୍ରକାରେ ପ୍ରଜ୍ୱଳିତ ଅଗ୍ନି କାଷ୍ଠକୁ ଭସ୍ମ କରିଥାଏ, ଠିକ୍ ସେହିପରି ଜ୍ଞାନରୂପୀ ଅଗ୍ନି ସମ୍ପୂର୍ଣ୍ଣ କର୍ମକୁ ଭସ୍ମ କରିଦିଏ । ଏହା ଜ୍ଞାନର ପ୍ରବେଶିକା ନୁହଁ ବରଂ ଏହି ଜ୍ଞାନ ଅର୍ଥାତ୍ ସାକ୍ଷାତ୍‌କାର ପରାକାଷ୍ଠାର ଚିତ୍ରଣ ଅଟେ । ଯେଉଁଠାରୁ ଯଜ୍ଞରେ ପ୍ରବେଶ ମିଳିଥାଏ, ଯେଉଁଥିରେ ପ୍ରଥମେ ବିଜାତୀୟ କର୍ମଭସ୍ମ ହୋଇଥାନ୍ତି ଏବଂ ପୁଣି ପ୍ରାପ୍ତି ସହିତ ଚିନ୍ତନକର୍ମ ମଧ୍ୟ ସେଥିରେ ବିଲୟ ହୋଇଯାନ୍ତି । ଯାହା ପାଇବାର ଥିଲା ତାହା ପାଇଗଲେ, ବ୍ରହ୍ମଚର୍ଯ୍ୟ ବ୍ରତ ପୂର୍ଣ୍ଣ ହେଲା । ବର୍ତ୍ତମାନ ଆଗକୁ ଚିନ୍ତନ କରି କାହାକୁ ଖୋଜିବା ? ଏପରି ସାକ୍ଷାତ୍‌କାର କରିଥିବା ଜ୍ଞାନୀ ସମସ୍ତ ଶୁଭ ଏବଂ ଅଶୁଭ କର୍ମଗୁଡିକୁ ଅନ୍ତ କରିଦିଅନ୍ତି । ଏପରି ସାକ୍ଷାତ୍‌କାର କେଉଁଠାରେ ହେବ ? ତାହା ବାହାରେ ହେବ ଅଥବା ଭିତରେ ? ଏହା ଉପରେ କହୁଛନ୍ତି–

**ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।**
**ତତ୍ ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ।।୩୮।।**

ଏହି ସଂସାରରେ ଜ୍ଞାନ ସଦୃଶ ପବିତ୍ର କରିପାରୁଥିବା ନିଃସନ୍ଦେହ କିଛି ମଧ୍ୟ ନାହିଁ । ସେହି ଜ୍ଞାନ ଅର୍ଥାତ୍ ସାକ୍ଷାତ୍‌କାରକୁ ତୁମେ ସ୍ୱୟଂ ଯୋଗର ପରିପକ୍ୱ ଅବସ୍ଥାରେ (ପ୍ରାରମ୍ଭରେ ନୁହେଁ) ନିଜର ଆତ୍ମାର ଅନ୍ତର୍ଗତ ହୃଦୟଦେଶରେ ହିଁ ଅନୁଭବ କରିବ, ବାହାରେ ନୁହେଁ । ସେହି ଜ୍ଞାନ ନିମନ୍ତେ କେଉଁ ଯୋଗ୍ୟତା ଆବଶ୍ୟକ ? ଯୋଗେଶ୍ୱରଙ୍କ ଶବ୍ଦରେ–

**ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂୟତେନ୍ଦ୍ରିୟଃ ।**
**ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ।।୩୯।।**

ଶ୍ରଦ୍ଧାବାନ, ତତ୍ପର ତଥା ସଂଯତେନ୍ଦ୍ରିୟ ପୁରୁଷ ହିଁ ଜ୍ଞାନପ୍ରାପ୍ତ କରିପାରିଥାନ୍ତି । ଭାବପୂର୍ବକ ଜିଜ୍ଞାସା ନଥିଲେ, ତତ୍ତ୍ୱଦର୍ଶୀଙ୍କ ଶରଣରେ ଯିବା ପରେ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇ ନଥାଏ । କେବଳ ଶ୍ରଦ୍ଧା ହିଁ ପର୍ଯ୍ୟାପ୍ତ ନୁହେଁ, ଶ୍ରଦ୍ଧାବାନ ଶିଥିଳ ପ୍ରୟତ୍ନଶୀଳ ମଧ୍ୟ ହୋଇଥାଇପାରେ । ଅତଃ ମହାପୁରୁଷଙ୍କ ଦ୍ୱାର ନିର୍ଦ୍ଦିଷ୍ଟ ପଥରେ ତତ୍ପରତା ପୂର୍ବକ ଅଗ୍ରସର ହେବା ପାଇଁ ଲଗନ ଆବଶ୍ୟକ । ଏହା ସହିତ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କ ସଂଯମ ଅନିବାର୍ଯ୍ୟ । ଯିଏ ବାସନାରୁ ବିରତ ନୁହେଁ , ତାହାଙ୍କ ନିମନ୍ତେ ସାକ୍ଷାତ୍‌କାର ଅର୍ଥାତ୍ ଜ୍ଞାନପ୍ରାପ୍ତି କଠିନ । କେବଳ ଶ୍ରଦ୍ଧାବାନ, ଆଚରଣରତ,

ସଂଯମୀ ପୁରୁଷ ହିଁ ଜ୍ଞାନପ୍ରାପ୍ତି କରିଥାଏ । ଜ୍ଞାନକୁ ପ୍ରାପ୍ତ କରି ସେ ତତ୍‌କ୍ଷଣ ପରମ ଶାନ୍ତିକୁ ପ୍ରାପ୍ତ ହୋଇଯାଏ । ଯାହା ପରେ ଆଉକିଛି ପାଇବା ଶେଷ ରହିନଥାଏ, ଏହା ହିଁ ଅନ୍ତିମ ଶାନ୍ତି ଅଟେ । ପୁଣି ସେ କେବେ ଅଶାନ୍ତ ହୋଇନଥାଏ ଏବଂ ଯାହାଠାରେ ଶ୍ରଦ୍ଧା ନାହିଁ ସେମାନେ କଣ ପାଇଥାଆନ୍ତି ?

**ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।**
**ନାୟଂ ଲୋକୋଽସ୍ତି ନ ପରୋ ସୁଖଂ ସଂଶୟାତ୍ମନଃ ।।୪୦।।**

ଅଜ୍ଞାନୀ ଅର୍ଥାତ୍ ଯିଏ ଯଜ୍ଞର ବିଧି ବିଷୟରେ ଅନଭିଜ୍ଞ ଏବଂ ଶ୍ରଦ୍ଧା ରହିତ ତଥା ସଂଶୟଯୁକ୍ତ ପୁରୁଷ ଏହି ପରମାର୍ଥ ପଥରୁ ଭ୍ରଷ୍ଟ ହୋଇଯାଏ । ସେହି ସଂଶୟ ଯୁକ୍ତ ପୁରୁଷ ନିମନ୍ତେ ନା ତ ସୁଖ ରହିଛି, ନା ପୁନ ମନୁଷ୍ୟ ଶରୀର ହିଁ ରହିଛି ଏବଂ ନା ପରମାତ୍ମା ମଧ୍ୟ ? ଅତଃ ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ନିକଟକୁ ଯାଇ ଏହି ପଥରେ ଆସୁଥିବା ସଂଶୟର ନିବାରଣ କରିନେବା ଉଚିତ୍ । ଅନ୍ୟଥା ସେ ବସ୍ତୁର ପରିଚୟ କେବେ ପାଇପାରିବେ ନାହିଁ । ତେବେ କିଏ ପାଇଥାଏ ?

**ଯୋଗସଂନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନ ସଂଶୟମ୍ ।**
**ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।।୪୧।।**

ଯିଏ କର୍ମଯୋଗ ଦ୍ୱାରା ଭଗବାନଙ୍କ ଠାରେ ସମାହିତ ହୋଇଯାଇଥାନ୍ତି, ଯାହାର ସମ୍ପୂର୍ଣ୍ଣ ସଂଶୟ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଜ୍ଞାନ ଦ୍ୱାରା ନଷ୍ଟ ହୋଇଯାଏ।, ପରମାତ୍ମା ସହିତ ସଂଯୁକ୍ତ ଏହିପରି ପୁରୁଷଙ୍କୁ କର୍ମ ବାନ୍ଧି ନଥାଏ । ଯୋଗ ଦ୍ୱାରା ହିଁ କର୍ମର ଅନ୍ତ ହେବ । ଜ୍ଞାନ ଦ୍ୱାରା ହିଁ ସଂଶୟ ନଷ୍ଟ ହେବ । ତେଣୁ କରି ଶ୍ରୀକୃଷ୍ଣ କହୁଛନ୍ତି–

**ତସ୍ମାଦଜ୍ଞାନସଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ ।**
**ଛିତ୍ତ୍ୱୈନଂ ସଂଶୟ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ।।୪୨।।**

ହେ ଭରତ ବଂଶୀ ଅର୍ଜୁନ ! ତୁମେ ଯୋଗରେ ସ୍ଥିତ ହୋଇ ଅଜ୍ଞାନରୁ ଉତ୍ପନ୍ନ ହୃଦୟରେ ସ୍ଥିତ ନିଜର ଏହି ସଂଶୟକୁ ଜ୍ଞାନରୂପୀ ଖଡ୍ଗଦ୍ୱାରା ଛେଦନ କର ଏବଂ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଅ । ଯେତେବେଳେ ସାକ୍ଷାତ୍‌କାରରେ ବାଧକ ସଂଶୟରୂପୀ ଶତ୍ରୁ ମନ ଭିତରେ ରହିଛି ତେବେ ବାହାରେ କିଏ କାହାସହିତ କାହିଁକି ଲଢିବ ? ବସ୍ତୁତଃ ଯେବେ ଆପଣ ଚିନ୍ତନ ପଥରେ ଅଗ୍ରସର ହୁଅନ୍ତି, ତେବେ ସଂଶୟରୁ ଉତ୍ପନ୍ନ ବାହ୍ୟ ପ୍ରବୃତ୍ତି ବାଧା ରୂପରେ ସ୍ୱଭାବିକ ଭାବେ ଆସିଥାଏ । ଏହା ଶତ୍ରୁ ରୂପରେ ଭୟଙ୍କର ଆକ୍ରମଣ କରିଥାଏ । ସଂଯମ ସହିତ ଯଜ୍ଞର ବିଧି ବିଶେଷର ଆଚରଣ କରି ସେହି ବିକାରମାନଙ୍କୁ ଜୟ କରିବା ହିଁ ଯୁଦ୍ଧ ଅଟେ । ଯାହାର

ପରିଣାମ ପରମ ଶାନ୍ତି ଅଟେ । ଏହା ହିଁ ଅନ୍ତିମ ବିଜୟ, ଯାହା ପରେ ପୁନଃ ପରାଜୟ ନଥାଏ ।

## ନିଷ୍କର୍ଷ

ଏହି ଅଧ୍ୟାୟର ଆରମ୍ଭରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ''ଏହି ଯୋଗକୁ ପ୍ରାରମ୍ଭରେ ମୁଁ ସୂର୍ଯ୍ୟଙ୍କ ପ୍ରତି କହିଲି । ସୂର୍ଯ୍ୟ, ମନୁଙ୍କୁ ଏବଂ ମନୁ, ଇକ୍ଷ୍ୱାକଙ୍କୁ କହିଲେ ଏହିପରି ରାଜର୍ଷିମାନେ ଜାଣିଲେ, ମୁଁ ଅର୍ଥାତ୍ ଅବ୍ୟକ୍ତ ସ୍ଥିତିରେ ଥିବା ବ୍ୟକ୍ତି କହିଲେ । ମହାପୁରୁଷ ମଧ୍ୟ ଅବ୍ୟକ୍ତ ସ୍ୱରୂପ ଯୁକ୍ତ ହିଁ ହୋଇଥାନ୍ତି । ଶରୀର ତ ତାହାଙ୍କ ରହିବାର ଗୃହମାତ୍ର । ଏପରି ଅବ୍ୟକ୍ତ ମହାପୁରୁଷଙ୍କ ବାଣୀରେ ପରମାତ୍ମା ହିଁ ପ୍ରବାହିତ ହୋଇଥାନ୍ତି । ଏପରି କୌଣସି ମହାପୁରୁଷଙ୍କ ଦ୍ୱାରା ଯୋଗର ସଞ୍ଚାର ସୂର୍ଯ୍ୟ ମାଧ୍ୟମରେ ହୋଇଥାଏ । ସେହି ପରମ ପ୍ରକାଶ ରୂପର ପ୍ରସାର ସୁରା(ଶ୍ୱସ)ର ଅନ୍ତରାଳରେ ହୋଇଥାଏ । ତେଣୁକରି ସୂର୍ଯ୍ୟଙ୍କୁ କହିଲେ । ଶ୍ୱାସରେ ସଞ୍ଚାରିତ ହୋଇ, ସେ ସଂସ୍କାରରୂପରେ ଆସିଯାଆନ୍ତି । ସୁରାରେ ସଞ୍ଚିତ ରହିବା ପରେ ଉପଯୁକ୍ତ ସମୟ ଆସିଲେ ତାହା ସଙ୍କଳ୍ପ ହୋଇ ମନରେ ରହିଯାଏ । ତାହାର ମହତ୍ତ୍ୱା ବୁଝିଗଲେ ମନରେ ସେହିବାକ୍ୟ ପ୍ରତି ଇଚ୍ଛା ଜାଗୃତ ହୋଇଥାଏ ଏବଂ ଯୋଗ କାର୍ଯ୍ୟ ରୂପ ନେଇଥାଏ । କ୍ରମଶଃ ଉତ୍‌ଥାନ କରିକରି ଏହି ଯୋଗ ଋଦ୍ଧି-ସିଦ୍ଧିରୂପୀ ରାଜର୍ଷିଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚିବା ପରେ ନଷ୍ଟ ହୋଇଯିବା ସ୍ଥିତିରେ ପହଞ୍ଚିଥାଏ । କିନ୍ତୁ ଶ୍ରୀକୃଷ୍ଣ କହନ୍ତି- ଏପରି ସ୍ଥିତିରେ ମୋର ପ୍ରିୟ ଭକ୍ତ ଓ ଅନନ୍ୟ ସଖାଙ୍କୁ ମୁଁ ଅର୍ଥାତ୍ ମହାପୁରୁଷ ହିଁ ସମ୍ଭାଳି ନିଅନ୍ତି ।

ଅର୍ଜୁନ ପ୍ରଶ୍ନ କଲେ, ଭଗବାନ ! ଆପଣଙ୍କ ଜନ୍ମ ତ ବର୍ତ୍ତମାନ ହୋଇଛି । ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ- ଅବ୍ୟକ୍ତ, ଅବିନାଶୀ, ଅଜନ୍ମା ଏବଂ ସମ୍ପୂର୍ଣ୍ଣ ଭୂତରେ ପ୍ରବାହିତ ହେବା ପରେ ମଧ୍ୟ ଆତ୍ମମାୟା, ଯୋଗପ୍ରକ୍ରିୟା ଦ୍ୱାରା, ନିଜର ତ୍ରିଗୁଣ ମୟୀ ପ୍ରକୃତିକୁ ବଶରେ କରି ମୁଁ ପ୍ରକଟ ହେଉଛି । ପ୍ରକଟ ହୋଇ କ'ଣ କରନ୍ତି, ସାଧ୍ୟ ବସ୍ତୁକୁ ପରିତ୍ରାଣ ଦେବା ନିମନ୍ତେ ତଥା ଯାହାଠାରୁ ଦୂଷିତ ଉତ୍ପନ୍ନ ହୋଇଥାଏ, ତାହାର ବିନାଶ ନିମନ୍ତେ ପରମଧର୍ମ ପରମାତ୍ମାଙ୍କୁ ସ୍ଥିର କରିବା ନିମନ୍ତେ ମୁଁ ପ୍ରାରମ୍ଭରୁ ପୂର୍ତ୍ତି ପର୍ଯ୍ୟନ୍ତ ପ୍ରକଟ ହେଉଥାଏ । ମୋର ସେହି ଜନ୍ମ ଏବଂ କର୍ମ ଦିବ୍ୟ ଅଟେ । ତାକୁ କେବଳ ତତ୍ତ୍ୱଦର୍ଶୀ ହିଁ ଜାଣିପାରନ୍ତି । ଯଦି ଠିକ୍ ଲଗନ ଥାଏ, ତେବେ ଭଗବାନ କଳିଯୁଗର ଅବସ୍ଥାରୁ ହିଁ ଆବିର୍ଭାବ ହୋଇଯାନ୍ତି । କିନ୍ତୁ ପ୍ରାରମ୍ଭିକ ସାଧକ ତାହାକୁ ବୁଝିପାରିନଥାଏ ଯେ, ଏହା ଭଗବାନ କହୁଛନ୍ତି

ଅଥବା ଏପରି ହିଁ ସଙ୍କେତ ମିଳୁଛି । ଆକାଶରୁ କିଏ କହୁଛନ୍ତି ? ଗୁରୁ ମହାରାଜଜୀ କହୁଥିଲେ, ଯେବେ ଭାଗବାନ କୃପା କରନ୍ତି, ତେବେ ଆତ୍ମାରେ ରଥୀ ହୋଇଯାଆନ୍ତି, ସେତେବେଳେ ଖମ୍ବରୁ, ବୃକ୍ଷରୁ ପତ୍ରରୁ, ଶୂନ୍ୟରୁ ପ୍ରତ୍ୟେକ ସ୍ଥାନରୁ କହନ୍ତି ଏବଂ ସମ୍ଭାଳନ୍ତି । ଉତ୍ଥାନ ହୋଇ ହୋଇ ଯେତେବେଳେ ପରମ ତତ୍ତ୍ୱ ପରମାତ୍ମା ବିଦିତ ହୋଇଯାଆନ୍ତି । ସେତେବେଳେ ସ୍ପର୍ଶ ସହିତ ସେ ସ୍ପଷ୍ଟ ବୁଝିପାରିଥାନ୍ତି । ତେଣୁକରି ହେ ଅର୍ଜୁନ ! ମୋର ସେହି ସ୍ୱରୂପକୁ ତତ୍ତ୍ୱଦର୍ଶୀମାନେ ଦେଖିଲେ ଏବଂ ମୋତେ ଜାଣି ତତ୍କ୍ଷଣ ମୋ ଭିତରେ ହିଁ ପ୍ରବେଶ ହୋଇଯାଆନ୍ତି । ସେମାନେ ପୁନଃ ଆବାଗମନକୁ ଆସନ୍ତି ନାହିଁ ।

ଏହି ପ୍ରକାରେ ସେ ଭଗବାନଙ୍କ ଆବିର୍ଭାବରେ ବିଧିକୁ କହିଲେ ଯେ ସେ କୌଣସି ଅନୁରାଗୀଙ୍କ ହୃଦୟରେ ହୋଇଥାନ୍ତି, ବାହାରେ କଦାପି ନୁହଁ । ଶ୍ରୀକୃଷ୍ଣ କହିଲେ, ‘ମୋତେ କର୍ମ ବାନ୍ଧି ପାରିନଥାଏ ଏବଂ ଏହି ସ୍ତରରୁ ଯେଉଁ ମହାପୁରୁଷ ଜାଣନ୍ତି, ତାଙ୍କୁ ମଧ କର୍ମ ବାନ୍ଧିନଥାଏ ।’ ଏହା ବିଚାର କରି ମୁମୁକ୍ଷୁ ପୁରୁଷ କର୍ମର ପ୍ରାରମ୍ଭ କରିଥିଲେ ଯେ, ସେହି ସ୍ତରରୁ ଜାଣିଲେ, ଯେପରି ଶ୍ରୀକୃଷ୍ଣ, ସେପରି ହିଁ ସେହି ସ୍ତରରୁ ଜାଣିଥିବା ପୁରୁଷ ତଥା ଜାଣିଗଲେ, ସେହିପରି ମୁମୁକ୍ଷୁ ଅର୍ଜୁନ ମଧ । ଯଦି ଯଜ୍ଞ କରାଯିବ ତେବେ ଏହି ଉପଲବ୍ଧି ନିଶ୍ଚିତ । ଯଜ୍ଞର ସ୍ୱରୂପକୁ କହିଲେ, ଯଜ୍ଞର ପରିଣାମ ପରମତ୍ତ୍ୱ, ପରମଶାନ୍ତି ଅଟେ । ଏହି ଜ୍ଞାନକୁ କେଉଁଠାରେ ପାଇ ପାରିବା ? ଏହାକୁ ପ୍ରାପ୍ତ କରିବା ନିମନ୍ତେ କୌଣସି ତତ୍ତ୍ୱଦର୍ଶୀଙ୍କ ପାଖକୁ ଯାଇ ତାଙ୍କୁ ଦଣ୍ଡ ପ୍ରଣାମ କରି ଛୋଟ ବଡ ସେବା କଲେ, ସେହି ଜ୍ଞାନ ପ୍ରାପ୍ତ ହୋଇଥାଏ । ସେବା ଦ୍ୱାରା ମହାପୁରୁଷଙ୍କୁ ପ୍ରସନ୍ନ କର । ସେ ତୁମ କୁ ଯୋଗ ବିଦ୍ଧି କହିବେ ।

ଯୋଗେଶ୍ୱର ସ୍ପଷ୍ଟ କଲେ ଯେ, ସେହି ଜ୍ଞାନ ତୁମେ ସ୍ୱୟଂ ଆଚରଣ ଦ୍ୱାରା ହିଁ ପାଇବ । ଅନ୍ୟମାନଙ୍କୁ ନକଲ କଲେ ପ୍ରାପ୍ତ ହେବ ନାହିଁ । ତାହା ମଧ ଯୋଗର ପରିପକ୍ୱ ଅବସ୍ଥାରେ ପ୍ରାପ୍ତ ହେବ, ପ୍ରାରମ୍ଭରେ ନୁହେଁ । ସେହି ଜ୍ଞାନ ଅର୍ଥାତ୍ ସାକ୍ଷାତ୍କାର ହୃଦୟ ଦେଶରେ ହେବ ବାହାରେ ନୁହେଁ । ଶ୍ରଦ୍ଧାଳୁ, ତତ୍ପର, ସଂଯତେନ୍ଦ୍ରିୟ ଏବଂ ସଂଶୟ ରହିତ ପୁରୁଷ ହିଁ ତାହାକୁ ପ୍ରାପ୍ତ କରିଥାନ୍ତି । ଅତଃ ହୃଦୟରେ ସ୍ଥିତ ନିଜର ସଂଶୟକୁ ବୈରାଗ୍ୟ ରୂପୀ ଖଡ୍‌ଗ ଦ୍ୱାରା ଛେଦନ କର । ଏହା ହୃଦୟ ଦେଶର ଲଢାଇ ଅଟେ । ବାହ୍ୟ ଯୁଦ୍ଧ ଗୀତୋକ୍ତ ଯୁଦ୍ଧ ସହିତ କୌଣସି ପ୍ରୟୋଜନ ନାହିଁ ।

ଏହି ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ମୁଖ୍ୟ ରୂପରେ ଯଜ୍ଞର ସ୍ୱରୂପ ସ୍ପଷ୍ଟ କଲେ ଏବଂ କହିଲେ ଯେ ଯଜ୍ଞ ଯେଉଁଥିରେ ପୂର୍ଣ୍ଣ ହୁଏ ତାହାକୁ କରିବା ହିଁ କର୍ମ

ଅଟେ । କର୍ମକୁ ଭଲଭାବରେ ଏହି ଅଧ୍ୟାୟରେ ସ୍ପଷ୍ଟ କଲେ । ଅତଃ

**ॐ ତତ୍ସଦିତି ଶ୍ରୀମଦ୍‌ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ ଯଜ୍ଞକର୍ମ ସ୍ପଷ୍ଟୀକରଣ ନାମ ଚତୁର୍ଥୋଽଧ୍ୟାୟଃ ॥୪॥**

ଏହିପରି ଶ୍ରୀମଦ୍ ଭଗବଦ୍ ଗୀତାରୂପୀ ଉପନିଷଦ୍ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ ଯଜ୍ଞ କର୍ମ ସ୍ପଷ୍ଟୀକରଣ, ନାମକ ଚତୁର୍ଥ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତିଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ ଯଜ୍ଞକର୍ମ– ସ୍ପଷ୍ଟୀକରଣ ନାମ ଚତୁର୍ଥୋଽଧ୍ୟାୟଃ ॥୪॥**

॥ ହରି ॐ ତତ୍‌ସତ୍ ॥

ૐ

# ଶ୍ରୀ ପରମାତ୍ମନେ ନମଃ
# ଅଥ ପଞ୍ଚମୋଽଧ୍ୟାୟଃ

ତୃତୀୟ ଅଧ୍ୟାୟରେ ଅର୍ଜୁନ ପ୍ରଶ୍ନ କରିଥିଲେ- ଭଗବାନ ! ଯଦି ଜ୍ଞାନ ଯୋଗ ଆପଣଙ୍କୁ ଶ୍ରେଷ୍ଠ ମାନ୍ୟ, ତେବେ ମୋତେ ଏ ଭୟଙ୍କର କର୍ମରେ କାହିଁକି ଲଗାଉଛନ୍ତି । ଅର୍ଜୁନଙ୍କୁ ନିଷ୍କାମ କର୍ମ ଯୋଗ ଅପେକ୍ଷା ଜ୍ଞାନ ଯୋଗ ସରଳ ପ୍ରତୀତ ହେଲା । କାରଣ ଜ୍ଞାନ ଯୋଗରେ ହାରିଲେ ଦେବତ୍ୱ ଏବଂ ଜିଣିଲେ ମହାମହିମ ସ୍ଥିତି । ଉଭୟ ପକ୍ଷରୁ ଲାଭ ହିଁ ଲାଭ ପ୍ରତୀତ ହେଉଛି । କିନ୍ତୁ ବର୍ତ୍ତମାନ ଅର୍ଜୁନ ବୁଝିଗଲେ ଯେ ଉଭୟ ପକ୍ଷରେ କର୍ମ ତ କରିବାକୁ ହିଁ ପଡ଼ିବ । (ଯୋଗେଶ୍ୱର ଅର୍ଜୁନଙ୍କୁ ସଂଶୟ ରହିତ ହୋଇ ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ଶରଣରେ ଯିବା ନିମନ୍ତେ ପ୍ରେରଣା ଦେଉଛନ୍ତି । କାରଣ ବୁଝିବା ନିମନ୍ତେ ତାହା ହିଁ ଗୋଟିଏ ସ୍ଥାନ) । ଅତଃ ଉଭୟ ମାର୍ଗ ମଧ୍ୟରୁ ଗୋଟିଏ ନିର୍ଦ୍ଧାରିତ କରିବା ପୂର୍ବରୁ ସେ ନିବେଦନ କଲେ ।

**ଅର୍ଜୁନ ଉବାଚ**

**ସଂନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ୟୋଗଂ ଚ ଶଂସସି ।**
**ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୁହି ସୁନିଶ୍ଚିତମ୍ ॥୧॥**

ହେ କୃଷ୍ଣ ! ଆପଣ କେବେ ସନ୍ନ୍ୟାସ ମାଧ୍ୟମରେ କରାଯାଉଥିବା କର୍ମ ଏବଂ କେବେ ନିଷ୍କାମ ଦୃଷ୍ଟିରେ କରାଯାଉଥିବା କର୍ମର ପ୍ରଶଂସା କରୁଛନ୍ତି । ଉଭୟଙ୍କ ମଧ୍ୟରୁ କୌଣସି ଗୋଟିଏ, ଯାହା ଆପଣଙ୍କ ପକ୍ଷରୁ ନିଶ୍ଚିତ କରାଯାଇଛି, ଯାହା ପରମ କଲ୍ୟାଣକାରୀ ତାହାକୁ ମୋ ନିମନ୍ତେ କୁହନ୍ତୁ । କୌଣସି ସ୍ଥାନକୁ ଯିବା ନିମନ୍ତେ ଆପଣଙ୍କୁ ଦୁଇଟି ମାର୍ଗ କୁହାଗଲେ, ସ୍ୱାଭାବତଃ ଆପଣ ସୁବିଧା ଜନକ ମାର୍ଗଟି ଅବଶ୍ୟ ପଚାରିବେ । ଯଦି ପଚାରୁ ନାହାଁନ୍ତି, ତେବେ ଆପଣ ପଥିକ ହିଁ ନୁହଁନ୍ତି । ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି-

**ଶ୍ରୀ ଭଗବାନୁବାଚ**

**ସଂନ୍ୟାସଃ କର୍ମୟୋଗଶ୍ଚ ନିଃଶ୍ରେୟସକରାବୁଭୌ ।**
**ତୟୋସ୍ତୁ କର୍ମସଂନ୍ୟାସାତ୍ କର୍ମୟୋଗୋ ବିଶିଷ୍ୟତେ ॥୨॥**

ହେ ଅର୍ଜୁନ ! ସନ୍ନ୍ୟାସ ମାଧ୍ୟମରେ କରାଯାଇଥିବା କର୍ମ ଅର୍ଥାତ୍ ଜ୍ଞାନମାର୍ଗରେ

କରାଯାଉଥିବା କର୍ମ ଏବଂ ନିଷ୍କାମ ଭାବରେ କରାଯାଉଥିବା କର୍ମ, ଏହି ଦୁଇଟି ପରମ ଶ୍ରେୟକୁ ପ୍ରଦାନ କରନ୍ତି । ପରନ୍ତୁ ଏହି ଦୁଇମାର୍ଗ ମଧ୍ୟରୁ ସନ୍ନ୍ୟାସ ଅର୍ଥାତ୍ ଜ୍ଞାନ ଦୃଷ୍ଟିରେ କରାଯାଉଥିବା କର୍ମ ଅପେକ୍ଷା ନିଷ୍କାମ କର୍ମଯୋଗ ଶ୍ରେଷ୍ଠ ଅଟେ । ପ୍ରଶ୍ନ ସ୍ୱଭାବିକ ଯେ ଶ୍ରେଷ୍ଠ କାହିଁକି ?

**ଜ୍ଞେୟଃ ସ ନିତ୍ୟସଂନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।**
**ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ।।୩।।**

ହେ ମହାବାହୋ ଅର୍ଜୁନ ! ଯିଏ ନା କାହା ସହିତ ଦ୍ୱେଷ କରେ, ନା କାହାକୁ ଅକାଂକ୍ଷା କରେ, ସେ ସଦୈବ ସନ୍ନ୍ୟାସ ହିଁ ଜାଣ । ଭଲେ ସେ ଜ୍ଞାନ ମାର୍ଗରେ କିମ୍ବା ନିଷ୍କାମ କର୍ମ ମାର୍ଗରେ ହେଉନା କାହିଁକି ରାଗ ଦ୍ୱେଷାଦି ଦ୍ୱନ୍ଦ୍ୱରୁ ରହିତ ସେହି ପୁରୁଷ ସୁଖପୂର୍ବକ ଭବ ବନ୍ଧନରୁ ମୁକ୍ତ ହୋଇଯାଇଥାଏ ।

**ସାଂଖ୍ୟଯୋଗୌ ପୃଥଗ୍‌ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।**
**ଏକମପ୍ୟାସ୍ଥିତଃ ସମ୍ୟକ୍ ଉଭୟୋର୍ବିନ୍ଦତେ ଫଳମ୍ ।।୪।।**

ନିଷ୍କାମ କର୍ମ ଯୋଗ ତଥା ଜ୍ଞାନଯୋଗ ଉଭୟଙ୍କୁ ସେ ଅଲଗା ଅଲଗା କହୁଛନ୍ତି । ଯାହାର ବୁଝିବା ଶକ୍ତି ଏହି ପଥରେ ବର୍ତ୍ତମାନ ବହୁତ କମ୍ ଅଛି, ନା କି ପୂର୍ଣ୍ଣଜ୍ଞାତା ପଣ୍ଡିତ । କାରଣ ଉଭୟରେ କୌଣସି ଗୋଟିଏ ମଧ୍ୟରୁ ଭଲରୂପେ ସ୍ଥିତ ହୋଇଥିବା ପୁରୁଷ ଉଭୟଙ୍କ ଫଳ ସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି । ଦୁଇମାର୍ଗର ଫଳ ମାତ୍ର ଗୋଟିଏ । ତେଣୁକରି ଉଭୟମାର୍ଗ ଏକ ସମାନ ଅଟେ ।

**ଯତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ୟୋଗୈରପି ଗମ୍ୟତେ ।**
**ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ତ ପଶ୍ୟତି ।।୫।।**

ଯେଉଁ ସ୍ଥାନକୁ ସାଂଖ୍ୟ ଦୃଷ୍ଟିରେ କର୍ମ କରୁଥିବା ବ୍ୟକ୍ତି ପହଞ୍ଚିଥାଏ, ସେହି ସ୍ଥାନକୁ ନିଷ୍କାମ ମାର୍ଗରେ କର୍ମ କରୁଥିବା ବ୍ୟକ୍ତି ମଧ୍ୟ ପହଞ୍ଚିଯାଏ । ତେଣୁକରି ଯିଏ ଉଭୟ ଫଳ ପ୍ରାପ୍ତି ନିମନ୍ତେ ଗୋଟିଏ ଦୃଷ୍ଟିରେ ଦେଖିଥାଏ, ସେ ଯଥାର୍ଥ ଜାଣିଥାଏ । ଯଦି ଉଭୟମାର୍ଗ ବ୍ୟକ୍ତି ଗୋଟିଏ ହିଁ ସ୍ଥାନରେ ପହଞ୍ଚୁଛନ୍ତି ତେବେ ନିଷ୍କାମ କର୍ମଯୋଗ ବିଶେଷ କାହିଁକି ? ଶ୍ରୀକୃଷ୍ଣ କହୁଛନ୍ତି–

**ସଂନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।**
**ଯୋଗଯୁକ୍ତୋ ମୁନିର୍ବହ୍ମ ନଚିରେଣାଧିଗଚ୍ଛତି ।।୬।।**

ହେ ଅର୍ଜୁନ ! ନିଷ୍କାମ କର୍ମ ଯୋଗର ଆଚରଣ ନ କରି 'ସନ୍ନ୍ୟାସଃ' ଅର୍ଥାତ୍ ସର୍ବସ୍ୱର ନ୍ୟାସ ପ୍ରାପ୍ତ ହେବା ଦୁଃଖପ୍ରଦ ଅଟେ । ଯେବେ ଯୋଗର ଆଚରଣ ପ୍ରାରମ୍ଭ ହିଁ ହୋଇନାହିଁ, ତେବେ ସନ୍ନ୍ୟାସ ପ୍ରାପ୍ତ କରିବା ଅସମ୍ଭବ । ତେଣୁ ଭଗବତ୍

ସ୍ୱରୂପକୁ ମନନ କରୁଥିବା ମୁନି, ଯାହାର ମନ ସହିତ ଇନ୍ଦ୍ରିୟ ମୌନ, ନିଷ୍କାମ କର୍ମଯୋଗ ଆଚରଣ କରି ପରବ୍ରହ୍ମ ପରମାତ୍ମାଙ୍କୁ ଶିଘ୍ର ହିଁ ପ୍ରାପ୍ତ ହୋଇଥାଏ । ସ୍ପଷ୍ଟ ହେଉଛି ଯେ, ଜ୍ଞାନଯୋଗରେ ନିଷ୍କାମ କର୍ମ ଯୋଗର ହିଁ ଆଚରଣ ଗ୍ରହଣୀୟ । କାରଣ କ୍ରିୟା ଦୁଇଟି ମାର୍ଗରେ ଗୋଟିଏ ହିଁ ଅଟେ । ତାହା ହିଁ ଯଜ୍ଞର କ୍ରିୟା, ଯାହାର ଶୁଦ୍ଧ ଅର୍ଥ ହେଉଛି ଆରାଧନା । ଦୁଇଟି ମାର୍ଗରେ କର୍ମର ଅନ୍ତର କେବଳ କର୍ତ୍ତାର ଦୃଷ୍ଟିକୋଣ ମାତ୍ର । ଗୋଟିଏ ନିଜର ଶକ୍ତିକୁ ବିଚାର କରି, ହାନି ଲାଭକୁ ଦେଖି କର୍ମରେ ପ୍ରବୃତ୍ତ ହୋଇଥାଏ, ଏବଂ ଅନ୍ୟପକ୍ଷରେ ନିଷ୍କାମ କର୍ମ ଯୋଗୀ ଇଷ୍ଟଙ୍କ ଉପରେ ନିର୍ଭର ରହି ଏହି କ୍ରିୟାରେ ପ୍ରବୃତ୍ତ ହୋଇଥାଏ । ଉଦାହରଣାର୍ଥେ ଜଣେ ପ୍ରାଇଭେଟ୍ ପଢୁଥାଏ, ଅନ୍ୟ ଜଣେ ସ୍କୁଲ୍‌ରେ, କିନ୍ତୁ ଉଭୟଙ୍କର ପାଠ୍ୟକ୍ରମ ଗୋଟିଏ ହିଁ ଅଟେ, ପରୀକ୍ଷା ଗୋଟିଏ ହିଁ ଅଟେ, ପରୀକ୍ଷକ ନିରୀକ୍ଷକ ଉଭୟଙ୍କର ଜଣେ ହିଁ ହୋଇଥାନ୍ତି । ଠିକ୍ ଏହିପରି ଉଭୟଙ୍କ ସଦ୍‌ଗୁରୁ ତତ୍ତ୍ୱଦର୍ଶୀ ଅଟନ୍ତି ଏବଂ ସେମାନଙ୍କ ଫଳମଧ୍ୟ ଗୋଟିଏ । କେବଳ ଉଭୟଙ୍କ ପଢୁଥିବା ଦୃଷ୍ଟିକୋଣ ଅଲଗା ହୋଇଥାଏ । ହାଁ, ସଂସ୍ଥାଗତ ଛାତ୍ରମାନଙ୍କୁ ସୁବିଧା ଅଧିକ ରହିଥାଏ, ପୂର୍ବରୁ ଶ୍ରୀକୃଷ୍ଣ କହିଲେ ଯେ କାମ ଓ କ୍ରୋଧ ଦୁର୍ଜୟ ଶତ୍ରୁ ଅଟନ୍ତି । ହେ ଅର୍ଜୁନ ! ଏମାନଙ୍କୁ ତୁମେ ମାର, ଅର୍ଜୁନଙ୍କୁ ପ୍ରତୀତ ହେଲା ଯେ ଏହା ତ ବହୁତ କଠିନ । କିନ୍ତୁ ଶ୍ରୀକୃଷ୍ଣ କହିଲେ । ନାହିଁ ! ଶରୀରରୁ ଉର୍ଦ୍ଧ୍ୱରେ ଇନ୍ଦ୍ରିୟ, ଇନ୍ଦ୍ରିୟ ଠାରୁ ସୁକ୍ଷ୍ମ ମନ, ମନଠାରୁ ପରେ ବୁଦ୍ଧି, ବୁଦ୍ଧି ଠାରୁ ସୁକ୍ଷ୍ମ ହେଉଛି ତୁମର ସ୍ୱରୂପ । ତୁମେ ସେହି ଠାରୁ ହିଁ ପ୍ରେରିତ ଅଟ ।ଏହିପରି ନିଜର ବଳକୁ ବିଚାର କରି, ନିଜର ଶକ୍ତିକୁ ସମାନରେ ରଖି, ସ୍ୱାବଲମ୍ବୀ ହୋଇ କର୍ମରେ ପ୍ରବୃତ୍ତ ହେବା ଜ୍ଞାନଯୋଗ ଅଟେ । ଶ୍ରୀକୃଷ୍ଣ କହିଥିଲେ- ଚିତ୍ତକୁ ଧ୍ୟାନସ୍ଥ କରି କର୍ମକୁ ମୋତେ ଅର୍ପଣ କରି, ଆଶା, ମମତା ଏବଂ ସନ୍ତାପ ରହିତ ହୋଇ ଯୁଦ୍ଧ କର । ସମର୍ପଣ ସହିତ ଇଷ୍ଟ ଉପରେ ନିର୍ଭର ହୋଇ, ସେହି କର୍ମରେ ପ୍ରବୃତ୍ତ ହେବା ହିଁ ନିଷ୍କାମ କର୍ମଯୋଗ । ଉଭୟ ମାର୍ଗର କ୍ରିୟା ଏବଂ ପରିଣାମ ଗୋଟିଏ ହିଁ ଅଟେ ।

ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି- ଯୋଗର ଆଚରଣ ନକରି, ସନ୍ନ୍ୟାସ ଅର୍ଥାତ୍ ଶୁଭାଶୁଭ କର୍ମର ଅନ୍ତିମ ସ୍ଥିତି ପ୍ରାପ୍ତ ହେବା ଅସମ୍ଭବ । ଶ୍ରୀକୃଷ୍ଣଙ୍କ ଅନୁସାରେ ଏପରି କୌଣସି ଯୋଗ ନାହିଁ, ଯେଉଁଥିରେ ହାତଯୋଡି ବସିଯାଇ କହିବ ଯେ, ମୁଁ ପରମାତ୍ମା ଅଟେ, ମୁଁ ଶୁଦ୍ଧ ଅଟେ, ମୁଁ ବୁଦ୍ଧ ଅଟେ, ମୋ ନିମନ୍ତେ ନା କର୍ମର ବିଧାନ ରହିଛି, ନା ବନ୍ଧନ । ମୁଁ ଭଲମନ୍ଦ କିଛି କରିବା ଦେଖାଗଲେ ମଧ୍ୟ ଇନ୍ଦ୍ରିୟ ନିଜର ଅର୍ଥରେ ହିଁ ପ୍ରବୃତ୍ତ ହେଉଛନ୍ତି ବୋଲି ବୁଝିବାକୁ

ହେବ । ଏପରି ପାଖଣ୍ଡ ପଣିଆ ଶ୍ରୀକୃଷ୍ଣଙ୍କ ଶବ୍ଦରେ କଦାପି ନାହିଁ । ସାକ୍ଷାତ୍ ଯୋଗେଶ୍ୱର ମଧ୍ୟ ନିଜର ଅନନ୍ୟ ଭକ୍ତ ଅର୍ଜୁନଙ୍କୁ ବିନା କର୍ମରେ ସେହି ସ୍ଥିତି ପ୍ରଦାନ କରି ପାରିନଥିଲେ । ଯଦି ଏପରି ସେ କରିପାରିଥାନ୍ତେ, ତେବେ ଗୀତାର ଆବଶ୍ୟକତା କ'ଣ ଥିଲା ? କର୍ମ ତ କରିବାକୁ ହିଁ ପଡ଼ିଥାଏ । କର୍ମକରି ହିଁ ସନ୍ନ୍ୟାସ ସ୍ଥିତିକୁ ପ୍ରାପ୍ତ ହୋଇପାରିବ ଏବଂ ଯୋଗଯୁକ୍ତ ପୁରୁଷ ଅତିଶିଘ୍ର ପରମାତ୍ମାଙ୍କୁ ପ୍ରାପ୍ତ ହୋଇଯାଏ । ଯୋଗଯୁକ୍ତ ପୁରୁଷଙ୍କ ଲକ୍ଷଣ କ'ଣ ? ଏହି ଉଦ୍ଦେଶ ରଖି କହୁଛନ୍ତି–

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।**
**ସର୍ବଭୁତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ॥୭॥**

ବିଜିତାତ୍ମା– ବିଶେଷ ରୂପରେ ଜିଣିପାରିଥିବା ଯାହାର ଶରୀର, **ଜିତେନ୍ଦ୍ରିୟ–** ଜିଣାଯାଇଛି ଇନ୍ଦ୍ରିୟ ଯାହାର ଏବଂ **ବିଶୁଦ୍ଧାତ୍ମା–** ବିଶେଷ ରୂପରେ ଶୁଦ୍ଧ ଅନ୍ତଃକରଣ ଯାହାର ଏହିପରି ପୁରୁଷ, ସର୍ବଭୂତାତ୍ମା ଭୂତାତ୍ମା– ସମ୍ପୂର୍ଣ୍ଣଭୂତ ପ୍ରାଣୀମାନଙ୍କ ଆତ୍ମାର ମୂଳ ଉଦ୍‌ଗମ, ପରମାତ୍ମାଙ୍କ ସହିତ ଐକ୍ୟ, ଯୋଗଯୁକ୍ତ ଅଟେ । ସେ କର୍ମ କରୁଥିଲେ ମଧ୍ୟ କର୍ମରେ ଲିପ୍ତ ହୋଇନଥାନ୍ତି, ତେବେ ସେ କାହିଁକି କରିଥାନ୍ତି ? ପୂର୍ବ ପୁରୁଷ ମାନଙ୍କ ଠାରୁ ପରମ କଲ୍ୟାଣକାରୀ ବୀଜ ସଂଗ୍ରହ କରିବା ନିମନ୍ତେ କର୍ମ କରିଥାନ୍ତି । ତେବେ ଲିପ୍ତ କାହିଁକି ହୋଇନଥାନ୍ତି ? କାରଣ ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କ ଯାହା ମୂଳ ଉଦ୍‌ଗମ । ଯାହାର ନାମ ପରମତତ୍ତ୍ୱ, ସେହି ତତ୍ତ୍ୱରେ ସେ ସ୍ଥିତ ହୋଇଗଲେ, ଆଗକୁ କୌଣସି ବସ୍ତୁ ନାହିଁ ଯାହାକୁ ଶୋଧ କରିବେ । ବିଗତ ବସ୍ତୁ ଛୋଟ ପଡ଼ିଗଲା, ତେବେ ଆଶକ୍ତି କାହା ଉପରେ ହେବ । ତେଣୁ ସେ କର୍ମରେ ଲିପ୍ତ ହୋଇନଥାଏ । ଏହା ଯୋଗଯୁକ୍ତ ପୁରୁଷଙ୍କ ପରାକାଷ୍ଠାର ଚିତ୍ରଣ ଅଟେ । ପୁନଃ ଯୋଗଯୁକ୍ତ ପୁରୁଷଙ୍କ ରହଣି ସ୍ପଷ୍ଟ କରୁଛନ୍ତି ଯେ ସେ କର୍ମ କଲେ ମଧ୍ୟ କର୍ମରେ ଲିପ୍ତ କାହିଁକି ହୋଇନଥାନ୍ତି ?

**ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।**
**ପଶ୍ୟନ୍ ଶୃଣ୍ୱନ୍ ସ୍ପୃଶନ୍ ଜିଘ୍ରନ୍‌ଅଶ୍ନନ ଗଚ୍ଛନ୍ ସ୍ୱପନ୍‌ଶ୍ୱସନ୍ ॥୮॥**
**ପ୍ରଲପନ୍ ବିସୃଜନ୍ ଗୃହ୍ଣନ୍ ଉନ୍ମିଷନ୍ ନିମିଷନ୍ନମି ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥୯॥**

ପରମତତ୍ତ୍ୱ ପରମାତ୍ମାଙ୍କୁ ସାକ୍ଷାତ୍‌କାର କରି ଜାଣି ପାରିଥିବା ଯୋଗଯୁକ୍ତ ପୁରୁଷଙ୍କ ଏହି ମନସ୍ଥିତି ଅର୍ଥାତ୍ ଅନୁଭୂତି ଏହାକି ମୁଁ କିଞ୍ଚିତ୍‌ମାତ୍ର କରୁନଥାଏ, ଏହା ତାଙ୍କ କଳ୍ପନା ନୁହଁ ବରଂ ଏହି ସ୍ଥିତିକୁ ସେ କର୍ମକରି ହିଁ ପାଇଥାନ୍ତି । ଯଥା **ଯୁକ୍ତୋମନ୍ୟେତ–** ସେ ପ୍ରାପ୍ତିର ପଶ୍ଚାତ୍ ସବୁକିଛି ଦେଖି, ସବୁକିଛି ଶୁଣି, ସ୍ପର୍ଶକରି, ଆଘ୍ରାଣ କରି, ଭୋଜନ କରି, ଗମନ କରି, ଶୟନକରି, ଶ୍ୱାସ ନେଇ, କଥାବାର୍ତ୍ତାକରି,

ତ୍ୟାଗ କରି, ଗ୍ରହଣ କରି, ଆଖି ଖୋଲି ଓ ବନ୍ଦ କରି ମଧ୍ୟ ଇନ୍ଦ୍ରିୟମାନେ ନିଜ ନିଜର ବିଷୟରେ ପ୍ରବୃତ୍ତ ହୋଇଥାନ୍ତି । ଏପରି ଧାରଣାଯୁକ୍ତ ହୋଇଥାନ୍ତି । ପରମାତ୍ମାଙ୍କ ଠାରୁ ଅତିବଡ କିଛି ହିଁ ନାହିଁ ଏବଂ ଯେତେବେଳେ ସେଥିରେ ସେ ସ୍ଥିତ ରହିଥାନ୍ତ ତେବେ ଏହାଠାରୁ ଅତିବଡ଼ କେଉଁ ସୁଖର କାମନାରେ, ସେ କାହାକୁ ସ୍ପର୍ଶାଦି କରିବେ ? ଯଦି କୌଣସି ଶ୍ରେଷ୍ଠ ବସ୍ତୁ ଥାନ୍ତା, ତେବେ ଆସକ୍ତି ଅବଶ୍ୟ ରହିଥାନ୍ତା, କିନ୍ତୁ ପ୍ରାପ୍ତି ପଶ୍ଚାତ୍ ଆଉ ଊର୍ଦ୍ଧ୍ୱକୁ ଯିବେ ବା କୁଆଡ଼େ ? ଏବଂ ତ୍ୟାଗ କରିବା ନିମନ୍ତେ ତାଙ୍କ ନିକଟରେ କ'ଣ ବା ଅଛି ? ତେଣୁକରି ଯୋଗଯୁକ୍ତ ପୁରୁଷ କର୍ମରେ ଲିପ୍ତ ହୋଇନଥାନ୍ତି । ଏହାକୁ ଗୋଟିଏ ଦୃଷ୍ଟାନ୍ତ ମାଧ୍ୟମରେ ପ୍ରସ୍ତୁତ କରୁଛନ୍ତି ।

**ବ୍ରହ୍ମଣ୍ୟାଧାୟକର୍ମାଣି ସଂଗଂ ତ୍ୟକ୍ତ୍ୱା କରୋତି ୟଃ ।**
**ଲିପ୍ୟତେ ନ ସ ପାସେନ ପଦ୍ମପତ୍ରମିବାମ୍ଭସା ॥୧୦॥**

ପଦ୍ମଫୁଲ ପଙ୍କରୁ ଉତ୍ପନ୍ନ ହୋଇଥାଏ, ତାହାର ପତ୍ର ପାଣି ଉପରେ ଭାସୁଥାଏ, ଲହରୀ ରାତ୍ରଦିନ ତାହା ଉପର ଦେଇ ଯାଉଥାଏ । କିନ୍ତୁ ଆପଣ ସେହି ପତ୍ରକୁ ଦେଖିଲେ ନିଶ୍ଚିତ ଶୁଖିଲା ହିଁ ମିଳିବ । ଜଳର ଗୋଟିଏ ବିନ୍ଦୁମଧ୍ୟ ତାହା ଉପରେ ରହିପାରିନଥାଏ । ପଙ୍କ ଏବଂ ଜଳରେ ରହି ମଧ୍ୟ ସେ ସେଥିରେ ଲିପ୍ତ ହୋଇନଥାଏ । ଠିକ୍ ଏହିପରି ଯେଉଁ ପୁରୁଷ ସମସ୍ତ କର୍ମକୁ ପରମାତ୍ମାରେ ବିଲୟ କରି (ସାକ୍ଷାତ୍କାର ସହିତ ହିଁ କର୍ମରେ ବିଲୟ ହୋଇଥାଏ । ଏହା ପୂର୍ବରୁ ନୁହଁ) ଆସକ୍ତିକୁ ତ୍ୟାଗକରି (ବର୍ତ୍ତମାନ କୌଣସି ବସ୍ତୁ ନାହିଁ, ଅତଃ ଆସକ୍ତି ରହିନଥାଏ । ତେଣୁକରି ଆସକ୍ତିକୁ ତ୍ୟାଗକରି) କର୍ମ କରିଥାଏ, ସେ ମଧ୍ୟ ଏହିପରି ଲିପ୍ତ ହୋଇନଥାନ୍ତି । ପୁଣି ସେ କାହିଁକି କରିଥାଏ ? ଆପଣମାନଙ୍କ ନିମନ୍ତେ, ସମାଜର କଲ୍ୟାଣ ସାଧନ ନିମନ୍ତେ, ପଛରେ ଆସୁଥିବା ଲୋକଙ୍କ ମାର୍ଗ ଦର୍ଶନ ନିମନ୍ତେ । ପୁନଃ ଏହାକୁ କହୁଛନ୍ତି–

**କାୟେନ ମନସା ବୁଦ୍ଧ୍ୟା କେବଲୈରିନ୍ଦ୍ରିୟୈରପି ।**
**ୟୋଗିନଃ କର୍ମ କୁର୍ବନ୍ତି ସଂଗଂ ତ୍ୟାକ୍ତ୍ୱାତ୍ମଶୁଦ୍ଧୟେ ॥୧୧॥**

ଯୋଗୀମାନେ କେବଳ ଇନ୍ଦ୍ରିୟ, ମନ, ବୁଦ୍ଧି ଏବଂ ଶରୀର ଦ୍ୱାରା ଆସକ୍ତିକୁ ତ୍ୟାଗକରି, ଆତ୍ମଶୁଦ୍ଧି ନିମନ୍ତେ କର୍ମ କରିଥାନ୍ତି । ଯେତେବେଳେ କର୍ମ ବ୍ରହ୍ମରେ ବିଲୟ ହୋଇଗଲା, ତେବେ କ'ଣ ଆତ୍ମା ବର୍ତ୍ତମାନ ମଧ୍ୟ ଅଶୁଦ୍ଧ ରହିଛି ? ନାହିଁ, ସେ **ସର୍ବଭୂତାତ୍ମା ଭୂତାତ୍ମା'**– ହୋଇଯାଆନ୍ତି, ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କରେ ସେ ନିଜର ହିଁ ପ୍ରସାର ପାଇଥାନ୍ତି । ସେହି ସମସ୍ତ ଆତ୍ମାର ଶୁଦ୍ଧି ନିମନ୍ତେ ଆପଣମାନଙ୍କ ମାର୍ଗ ଦର୍ଶନ ନିମନ୍ତେ ସେ କର୍ମରେ ପ୍ରବୃତ୍ତ ହୋଇଥାନ୍ତି । ଶରୀର, ମନ, ବୁଦ୍ଧି ତଥା

କେବଳ ଇନ୍ଦ୍ରିୟ ଦ୍ୱାରା ସେ କର୍ମ କରିଥାନ୍ତି । ସ୍ୱରୂପ ଦ୍ୱାରା ସେ କିଛି କରିନଥାନ୍ତି, ଅଚଳ, ସ୍ଥିର ଓ ଶାନ୍ତ ରହିଥାନ୍ତି । ବାହାରକୁ ସେ ସକ୍ରିୟ ଦେଖାଯାଆନ୍ତି । କିନ୍ତ ଭିତରେ ସେ ଅସୀମ ଶାନ୍ତ ରହିଥାନ୍ତି । ଦଉଡ଼ି ଜଳିଗଲା ପରେ ଯେପରି ଠିକ୍ ସେହ ଆକାରରେ ଦଉଡ଼ି ପଡ଼ିରହିଥିଲେ ମଧ୍ୟ ତାହା ବାସ୍ତବରେ ଦଉଡ଼ି ହୋଇନଥାଏ, ତାହା ପାଉଁଶ ହିଁ ହୋଇରହିଥାଏ । ତାହାଦ୍ୱାରା କାହାକୁ ବାନ୍ଧି ହେବ ନାହିଁ ।

**ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତି ମାପ୍ନୋତି ନୈଷ୍ଠିକୀମ୍ ।**
**ଅଯୁକ୍ତଃ କାମକାରେଣ ଫଲେ ସକ୍ତୋ ନିବଧ୍ୟତେ ॥୧୨॥**

ଯୋଗଯୁକ୍ତ ଅର୍ଥାତ୍ ଯୋଗର ପରିଣାମକୁ ପ୍ରାପ୍ତ ପୁରୁଷ, ଯିଏ କି ସମସ୍ତ ପ୍ରାଣୀମାନଙ୍କ ଆତ୍ମାର ମୂଳ ଉଦ୍‌ଗମ ପରମାତ୍ମାରେ ସ୍ଥିତ, ଏପରି ଯୋଗୀ କର୍ମର ଫଳକୁ ତ୍ୟାଗକରି, (କର୍ମର ଫଳ ପରମାତ୍ମା ତାଙ୍କ ଠାରୁ ଭିନ୍ନ ନୁହେଁ, ସେଥିପାଇଁ କର୍ମଫଳ କୁ ତ୍ୟାଗକରି) **ନୈଷ୍ଠିକୀମ୍ ଶାନ୍ତିମ୍ ଆପ୍ନୋତି**– ଶାନ୍ତିର ଅନ୍ତିମ ଅବସ୍ଥାକୁ ପ୍ରାପ୍ତ ହୋଇଥାନ୍ତି । ଯାହାର ଆଗକୁ କୌଣସି ଶାନ୍ତି ଶେଷ ରହିନଥାଏ । ଯାହାର ପଶ୍ଚାତ୍ ସେ କେବେ ବି ଅଶାନ୍ତ ହୋଇନଥାନ୍ତି । କିନ୍ତୁ ଅଯୁକ୍ତ ପୁରୁଷ, ଯେ କି ଯୋଗର ପରିଣାମରେ ଯୁକ୍ତ ନୁହଁ, ବର୍ତ୍ତମାନ ସାଧନ ପଥରେ ହିଁ ରହିଛି । ଏପରି ପୁରୁଷ ଫଳରେ ଆସକ୍ତି ହୋଇ (ଫଳ ହେଉଛି ପରମାତ୍ମା, ସେଥିରେ ତାହାର ଆସକ୍ତ ହେବା ଆବଶ୍ୟକ, ତେଣୁକରି ଫଳରେ ଆସକ୍ତ ହେଲେ ମଧ୍ୟ) **କାମକାରେଣ ନିବଧ୍ୟତେ–** କାମନାକରି ବାନ୍ଧି ହୋଇଯାନ୍ତି ଅର୍ଥାତ୍ ପୂର୍ତ୍ତି ପର୍ଯ୍ୟନ୍ତ କାମନା ଜାଗ୍ରତ ରହିଥାଏ । ଅତଃ ସାଧକ ପୂର୍ତ୍ତି ପର୍ଯ୍ୟନ୍ତ ସାବଧାନ ରହିବା ଆବଶ୍ୟକ । ଗୁରୁ ମହାରାଜଜୀ କହୁଥିଲେ– କିଞ୍ଚିତ୍ ମାତ୍ର ଆମେ ଅଲଗା ଏବଂ ଭଗବାନ ଅଲଗା ରହିଛନ୍ତି, ତେବେ ମାୟା ଜାଗ୍ରତ ହୋଇ ରହିଥିବ । ଯଦି ଆସନ୍ତାକାଲି ସେ ଭଗବତ୍ ପ୍ରାପ୍ତି କରିବ କିନ୍ତୁ ଆଜି ତ ସେ ଅଜ୍ଞାନୀ ହିଁ ଅଟେ । ଅତଃ ପୂର୍ତ୍ତି ପର୍ଯ୍ୟନ୍ତ ସାଧକଙ୍କୁ ଅସାବଧାନ ହେବା ଅନୁଚିତ୍ । ସଚେତନ ପୂର୍ବକ ସାଧାନାରେ ପ୍ରବୃତ ହେବା ଉଚିତ୍ । ଏହା ଉପରେ ପୁନଃ ବିଚାର କରିବା –

**ସର୍ବକର୍ମାଣି ମନସା ସଂନ୍ୟସ୍ୟୋସ୍ତେ ସୁଖ ବଶୀ ।**
**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥୧୩॥**

ଯିଏ ସମ୍ପୂର୍ଣ୍ଣ ରୂପରେ ସ୍ୱବଶ ରହିଛନ୍ତ, ଯିଏ ଶରୀର, ମନ, ବୁଦ୍ଧି ଏବଂ ପ୍ରକୃତି ଠାରୁ ଉର୍ଦ୍ଧ୍ୱରେ ସ୍ୱୟଂରେ ସ୍ଥିତ ରହିଛନ୍ତି, ଏପରି ବଶରେ ରହିଥିବା ପୁରୁଷ ନା କିଛି କରିଥାଏ, ନା କିଛି କରାଇଥାଏ । ପଛରେ ଥିବା ଲୋକଙ୍କୁ ପ୍ରବୃତ୍ତ କରାଇବା ଦ୍ୱାରା ମଧ୍ୟ ତାହାର ଆନ୍ତରିକ ଶାନ୍ତିକୁ ସ୍ପର୍ଶକରି ପାରିନଥାଏ । ଏପରି ସ୍ୱରୂପସ୍ଥ

ମହାପୁରୁଷ ଶବ୍ଦାଦି ବିଷୟକୁ ଉପଲବ୍ଧ କରାଉଥିବା ନବଦ୍ୱାର (ଦୁଇଟ କାନ, ଦୁଇଟି ନେତ୍ର, ଦୁଇଟି ନାଶିକା, ଗୋଟିଏ ମୁଖ, ଉପସ୍ଥ ଏବଂ ପାୟୁ) ଯୁକ୍ତ ଶରୀରରୂପୀ ଗୃହରେ ସମସ୍ତ କର୍ମକୁ ମନଦ୍ୱାରା ତ୍ୟାଗକରି ସ୍ୱରୂପାନନ୍ଦରେ ହିଁ ସ୍ଥିତ ରହିଥାନ୍ତି । ଯଥାର୍ଥତଃ ସେ ନା କିଛି କରନ୍ତି, ନା କରାଇଥାଆନ୍ତି ।

ଏହାକୁ ପୁନଃ ଶ୍ରୀକୃଷ୍ଣ ଅନ୍ୟ ଶବ୍ଦରେ କହନ୍ତି ଯେ, ସେହି ପ୍ରଭୁ ନା କରିଥାନ୍ତି, ନା କରାଇଥାନ୍ତି । ସଦ୍‌ଗୁରୁ, ଭଗବାନ, ପ୍ରଭୁ, ସ୍ୱରୂପସ୍ଥ ମହାପୁରୁଷ, ଯୁକ୍ତ, ଇତ୍ୟାଦି ପରସ୍ପର ପର୍ଯ୍ୟାୟବାଚୀ ଅଟେ । ଅନ୍ୟ କୌଣସି ଭଗବାନ କିଛି କରିବା ନିମନ୍ତେ ଆସିନଥାନ୍ତି । ସେ ଯେତେବେଳେ କିଛି କରିଥାନ୍ତି, ଏହି ସ୍ୱରୂପସ୍ଥ ଇଷ୍ଟଙ୍କ ମାଧ୍ୟମରେ କରାଇଥାନ୍ତି । ମହାପୁରୁଷଙ୍କ ନିମନ୍ତେ ଶରୀର ଗୃହ ମାତ୍ର । ଅତଃ ପରମାତ୍ମାଙ୍କ କରିବା ଏବଂ ମହାପୁରୁଷଙ୍କ କରିବା ଗୋଟିଏ ହିଁ କଥା । କାରଣ ସେ ତାହାଙ୍କ ଦ୍ୱାରା ହିଁ କରିଥାନ୍ତି । ବସ୍ତୁତଃ ସେହି ପୁରୁଷ କରୁଥିଲେ ମଧ୍ୟ କିଛି କରୁ ନଥାନ୍ତି –

**ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।**
**ନ କର୍ମଫଲସଂୟୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥୧୪॥**

ସେ ପ୍ରଭୁ ନା ତ ଭୂତ ପ୍ରାଣୀଙ୍କ କର୍ତ୍ତାପଣକୁ, ନା କର୍ମକୁ ଏବଂ ନା କର୍ମଫଳକୁ ସଂଯୋଗ କରାନ୍ତି, ଏବଂ ସ୍ୱଭାବରେ ସ୍ଥିତ ପ୍ରକୃତିର ଦବାବ ଅନୁସାରେ ହିଁ ସମସ୍ତେ ପ୍ରବୃତ୍ତ ହୁଅନ୍ତି । ଯାହାର ଯେପରି ପ୍ରକୃତି ସାତ୍ତ୍ୱିକ, ରାଜସୀ, ଅଥବା ତାମସୀକ, ସେହି ସ୍ତରରେ ସେ ପ୍ରବୃତ୍ତ ହୋଇଥାନ୍ତି । ପ୍ରକୃତି ତ ଲମ୍ବା ଚୌଡ଼ା ଅଟେ କିନ୍ତୁ ଆପଣଙ୍କୁ ସେତିକି ପ୍ରଭାବିତ କରିପାରୁଥାଏ, ଯେତିକି ଆପଣଙ୍କ ସ୍ୱଭାବ ବିକୃତ ଅଥବା ବିକଶିତ ହୋଇଥାଏ ।

ପ୍ରାୟଃ ଲୋକେ କହିଥାନ୍ତି ଯେ ଭଗବାନ କରି କରାଇଥାନ୍ତି, ଆମେ ତ ଯନ୍ତ୍ର ମାତ୍ର । ଆମ ଦ୍ୱାରା ସେ ଭଲ କରାନ୍ତୁ ଅଥବା ଖରାପ, କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣ କହନ୍ତି ଯେ, ନା ସେହି ପ୍ରଭୁ ସ୍ୱୟଂ କରିଥାନ୍ତି ନା କରାଇଥାନ୍ତି ଏବଂ ନା ସଂଯୋଗ ହିଁ କରାଇଥାନ୍ତି । ଲୋକେ ନିଜ ସ୍ୱଭାବରେ ଥିବା ପ୍ରକୃତି ଅନୁସାରେ ହିଁ ପ୍ରବୃତ୍ତ ହୋଇଥାନ୍ତି । ସ୍ୱତଃ କାର୍ଯ୍ୟ କରିଥାନ୍ତି । ସେ ନିଜର ଅଭ୍ୟାସ ଦ୍ୱାରା ବାଧହୋଇ କରିଥାନ୍ତି, ଭଗବାନ କରିନଥାନ୍ତି । ତେବେ ଲୋକେ କାହିଁକି କହିଥାନ୍ତି ଯେ, ଭଗବାନ ସବୁ କିଛି କରନ୍ତି ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି –

**ନାଦତ୍ତେ କସ୍ୟଚିତ୍‌ପାପଂ ନଚୈବ ସୁକୃତଂ ବିଭୁଃ ।**
**ଅଜ୍ଞାନେନାବୃତଂ ଜ୍ଞାନଂତେନ ମୁହ୍ୟନ୍ତି ଜନ୍ତବଃ ॥୧୫॥**

ଯାହାକୁ ବର୍ତ୍ତମାନ ପ୍ରଭୁ ସଂଜ୍ଞା କୁହାଗଲା, ତାହାକୁ ଏଠାରେ ବିଭୁ କୁହାଗଲା ।

କାରଣ ସେ ସମ୍ପୂର୍ଣ୍ଣ ବୈଭବ ସମ୍ପନ୍ନ ଅଟନ୍ତି । ପ୍ରଭୂତା ଏବଂ ବୈଭବ ଦ୍ୱାରା ସଂଯୁକ୍ତ ସେହି ପରମାତ୍ମା ନା କାହାର ପାପ କର୍ମକୁ, ନା କାହାର ପୂଣ୍ୟ କର୍ମକୁ ହିଁ ଗ୍ରହଣ କରିଥାନ୍ତି । ହେଲେ ମଧ୍ୟ ଲୋକେ କାହିଁକି କହନ୍ତି ? କାରଣ ଅଜ୍ଞାନଦ୍ୱାରା ଜ୍ଞାନ ଢାଙ୍କି ହୋଇଛି । ତାଙ୍କୁ ବର୍ତ୍ତମାନ ସାକ୍ଷାତକାର ସହିତ ଜ୍ଞାନ ହୋଇ ନାହିଁ । ସେମାନେ ବର୍ତ୍ତମାନ ଜନ୍ତୁ ଅର୍ଥାତ୍ ପଶୁ ରୂପରେ ଅଛନ୍ତି । ମୋହରେ ବଶୀଭୂତ ହୋଇ ସେମାନେ ଯାହା କିଛି କହିପାରନ୍ତି । ଜ୍ଞାନ ଦ୍ୱାରା କ'ଣ ହୋଇଥାଏ ?

**ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।**
**ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ॥୧୬॥**

ଯାହାର ଅନ୍ତଃକରଣର ଅଜ୍ଞାନ (ଯାହା ଜ୍ଞାନକୁ ଢାଙ୍କି ରଖିଥାଏ) ଆତ୍ମ ସାକ୍ଷାତ୍କାର ଦ୍ୱାରା ନଷ୍ଟ ହୋଇଗଲା ଏବଂ ଏହିପରି ଯିଏ ଜ୍ଞାନ ପ୍ରାପ୍ତ କରିନେଲା । ତାହାର ସେହି ଜ୍ଞାନ ସୂର୍ଯ୍ୟ ସଦୃଶ ପରମତତ୍ତ୍ୱ ପରମାତ୍ମାଙ୍କୁ ପ୍ରକାଶିତ କରିଥାଏ । ତେବେ କ'ଣ ପରମାତ୍ମା କୌଣସି ଅନ୍ଧକାରର ନାମ ଅଟେ ? ନାହିଁ ! ସେ ତ ସ୍ୱୟଂ ପ୍ରକାଶ ରୂପ ଦିନ ରାତୀ । ସ୍ୱୟଂ ପ୍ରକାଶ ରୂପ ଅଟନ୍ତି । ସ୍ୱୟଂ ପ୍ରକାଶ ହେଲେ ମଧ୍ୟ ଆମ୍ଭର ଉପଭୋଗ ନିମନ୍ତେ ନୁହଁ । ଦର୍ଶନ ତ ଦିଅନ୍ତି ନାହିଁ ? ଯେବେ ଜ୍ଞାନଦ୍ୱାରା ଅଜ୍ଞାନର ଆବରଣ ହଟିଯାଏ, ତାହାର ସେହି ଜ୍ଞାନ ସୂର୍ଯ୍ୟ ସଦୃଶ ପରମାତ୍ମାଙ୍କୁ ନିଜ ଭିତରେ ପ୍ରବାହିତ କରି ନେଇଥାଏ । ପୁଣି ସେହି ପୁରୁଷ ନିମନ୍ତେ, କେଉଁଠାରେ ମଧ୍ୟ ଅନ୍ଧକାର ରହିନଥାଏ । ସେହି ଜ୍ଞାନର ସ୍ୱରୂପ କ'ଣ ?

**ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।**
**ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ॥୧୭॥**

ଯେତେବେଳେ ସେହି ପରମତତ୍ତ୍ୱ ପରମାତ୍ମାଙ୍କ ଅନୁରୂପ ବୁଦ୍ଧି ଥିବ, ତତ୍ତ୍ୱର ଅନୁରୂପ ପ୍ରବାହିତ ମନ ଥିବ, ପରମତତ୍ତ୍ୱ ପରମାତ୍ମାଙ୍କ ସହିତ ଐକ୍ୟଭାବ ଥିବ ଏବଂ ପରମାତ୍ମା ପରାୟଣ ଭାବ ଥିବ, ତାହାର ନାମ ହେଉଛି ଜ୍ଞାନ । ଜ୍ଞାନ କୌଣସି ବକ୍‌ବାସ ଅଥବା କୁତର୍କ ନୁହଁ । ଏହି ଜ୍ଞାନଦ୍ୱାରା ପାପରହିତ ପୁରୁଷ ପୁନରାଗମନ ରହିତ ପରମଗତି ପ୍ରାପ୍ତ କରିଥାନ୍ତି । ପରମଗତି ପ୍ରାପ୍ତ ଏସଂ ପୂର୍ଣ୍ଣଜ୍ଞାନ ଯୁକ୍ତ ପୁରୁଷ ହିଁ ପଣ୍ଡିତ ବୋଲାନ୍ତି । ଆଗକୁ ଦେଖିବା–

**ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।**
**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥୧୮॥**

ଜ୍ଞାନଦ୍ୱାରା ଯାହାର ପାପ ନଷ୍ଟ ହୋଇଯାଇଛି, ଯିଏ ଅପୁନରାବର୍ତ୍ତି ପରମଗତିକୁ ପ୍ରାପ୍ତ ହୋଇଛନ୍ତି । ଏପରି ଜ୍ଞାନୀଜନ, ବିନୟଯୁକ୍ତ ବ୍ରହ୍ମଣ, ଚଣ୍ଡାଳଠାରେ,

ଗାଇ ଏବଂ କୁକୁର ଠାରେ ତଥା ହାତୀଠାରେ ମଧ୍ୟ ସମଦୃଷ୍ଟି ଯୁକ୍ତ ହୋଇଥାନ୍ତି । ତାହାଙ୍କ ଦୃଷ୍ଟିରେ ବିଦ୍ୟା-ବିନୟଯୁକ୍ତ ବ୍ରାହ୍ମଣ, ନା ତ କୌଣସି ବିଶେଷତା ରଖିଥାଏ ଏବଂ ନା ତ ଚଣ୍ଡାଳଠାରେ କୌଣସି ହୀନତା ରଖିଥାଏ । ନା ଗାଇ ଧର୍ମ ଅଟେ, ନା କୁକୁର ଅଧର୍ମ ଏବଂ ନା ହାତୀ ବିଶାଳତା ରଖିଥାଏ । ଏପରି ପଣ୍ଡିତ ଜ୍ଞାନୀଜନ ସମଦର୍ଶୀ ଏବଂ ସମବର୍ତ୍ତୀ ହୋଇଥାନ୍ତି । ତାହାଙ୍କ ଦୃଷ୍ଟି ଚମଡ଼ା ଉପରେ ପଡିନଥାଏ ବରଂ ଆତ୍ମାରେ ପଡିଥାଏ । ଅନ୍ତର କେବଳ ଏତିକି, ବିଦ୍ୟା-ବିନୟ-ସମ୍ପନ୍ନ ସ୍ୱରୂପର ସମୀପ ଅଟନ୍ତି । ଶେଷ କିଛି ପଛରେ ରହନ୍ତି । କିଏ ଗୋଟିଏ ସ୍ତର ଆଗକୁ ତ କିଏ ପଛ ସ୍ତରରେ । ଶରୀର ତ ବସ୍ତ୍ର ଅଟେ । ତାହାଙ୍କ ଦୃଷ୍ଟି ବସ୍ତ୍ରକୁ ମହତ୍ତ୍ୱ ଦେଇ ନଥାଏ ଅପିତୁ ତାହାଙ୍କ ହୃଦୟରେ ସ୍ଥିତ ଆତ୍ମାରେ ପଡିଥାଏ । ତେଣୁ ସେ କୌଣସି ଭେଦ ରଖିନଥାନ୍ତି ।

ଶ୍ରୀକୃଷ୍ଣ ପର୍ଯ୍ୟାପ୍ତ ଗାଇମାନଙ୍କ ସେବା କରିଥିଲେ । ତାଙ୍କୁ ଗାଇଙ୍କ ପ୍ରତି ଗୌରବ ପୂର୍ଣ୍ଣ ଶବ୍ଦ କହିବା ଉଚିତ୍ ଥିଲା କିନ୍ତୁ ସେ ଏପର କୌଣସି ଶବ୍ଦ କହିନାହାଁନ୍ତି । ଶ୍ରୀକୃଷ୍ଣ ଗାଇକୁ ଧର୍ମରେ କୌଣସି ସ୍ଥାନ ଦେଇ ନାହାଁନ୍ତି । ସେ କେବଳ ଏତିକି ହିଁ ମାନିଥିଲେ ଯେ ଅନ୍ୟ ଜୀବାତ୍ମାଙ୍କ ପରି ଗାଇ ଭିତରେ ମଧ୍ୟ ଆତ୍ମ୍ ରହିଛି । ଗାଇର ଆର୍ଥିକ ମହତ୍ତ୍ୱ ଯାହା ବି ହେଉ, ତାହାର ଧାର୍ମିକ ବୈଶିଷ୍ଟ୍ୟ ପରବର୍ତ୍ତୀ ଲୋକମାନଙ୍କ ଅବଦାନ ଅଟେ । ଶ୍ରୀକୃଷ୍ଣ ପଛରେ କହି ଆସିଛନ୍ତି ଯେ, ଅବିବେକୀମାନଙ୍କ ବୁଦ୍ଧି ଅନନ୍ତ ଶାଖାଯୁକ୍ତ ହୋଇଥାଏ । ତେଣୁ ସେମାନେ ଅନନ୍ତ କ୍ରିୟା ବିସ୍ତାର କରିନେଇଥାନ୍ତି । ଦେଖାଣିଆ ଶୋଭାଯୁକ୍ତ ବାଣୀରେ ସେ ତାହାକୁ ବ୍ୟକ୍ତ ମଧ୍ୟ କରିଥାନ୍ତି । ତାହାଙ୍କ ବାଣୀର ଛାପ ଯାହାଙ୍କ ଚିତ୍ତରେ ପଡ଼ିଯାଏ, ତାହାଙ୍କ ବୁଦ୍ଧି ମଧ୍ୟ ନଷ୍ଟ ହୋଇଯାଏ । ସେ କିଛି ପାଇ ନଥାନ୍ତି, ବରଂ ନଷ୍ଟ ହୋଇଯାନ୍ତି । ଯେବେ କି ନିଷ୍କାମ କର୍ମ ଯୋଗରେ ହେ ଅର୍ଜୁନ ! ନିର୍ଦ୍ଧାରିତ କ୍ରିୟା ଗୋଟିଏ ହିଁ ଅଟେ- ଯଜ୍ଞର ପ୍ରକ୍ରିୟା, 'ଆରାଧନା'। ଗାଇ, କୁକୁର, ହାତୀ, ଅଶ୍ୱତଥ୍, ନଦୀର ଧାର୍ମିକ ମହତ୍ତ୍ୱ ଏହି ଅନନ୍ତ ଶାଖାଯୁକ୍ତ ଲୋକଙ୍କ ଅବଦାନ ଅଟେ । ଯଦି ଏସବୁର ଧାର୍ମିକ ମହତ୍ତ୍ୱ ଥାନ୍ତା, ତେବେ ଶ୍ରୀକୃଷ୍ଣ ଅବଶ୍ୟ କହିଥାନ୍ତେ । ହାଁ, ମନ୍ଦିର, ମସ୍‌ଜିଦ୍ ଇତ୍ୟାଦି ପୂଜାସ୍ଥଳ ପ୍ରାରମ୍ଭିକ ସ୍ତରରେ ଆବଶ୍ୟକ ହୋଇଥାଏ । ସେଠାରେ ପ୍ରେରଣାଦାୟକ ସାମୁହିକ ଉପଦେଶ ହୋଇଥାଏ । ତାହାର ଉପଯୋଗିତା ରହିଛି । ତାହା ଧର୍ମୋପଦେଶର କେନ୍ଦ୍ର ଅଟେ ।

ପ୍ରସ୍ତୁତ ଶ୍ଳୋକରେ ଦୁଇଟି ପଣ୍ଡିତଙ୍କ ଚର୍ଚ୍ଚା ରହିଛି । ଜଣେ ପଣ୍ଡିତ ତ ପୂର୍ଣ୍ଣଜ୍ଞାତା ଅଟନ୍ତି ଏବଂ ଅନ୍ୟଜଣେ ବିଦ୍ୟା-ବିନୟ ସମ୍ପନ୍ନ । ସେ ଦୁଇ ଜଣ

କିପରି ? ବସ୍ତୁତଃ ପ୍ରତ୍ୟେକ ଶ୍ରେଣୀର ସାଧକମାନଙ୍କର ଦୁଇଟି ସୀମା ରହିଥାଏ । ଜଣେ ଅଧିକତମ ସୀମା ପରାକାଷ୍ଠା ଅଟନ୍ତି ଏବଂ ଅନ୍ୟଜଣେ ପ୍ରବେଶିକା ଅଥବା ନିମ୍ନତମ ସୀମାରେ । ଉଦାହରଣ ନିମନ୍ତେ, ଭକ୍ତିର ନିମ୍ନତମ ସୀମା ତାହା ଅଟେ, ଯେଉଁଠାରୁ ଭକ୍ତିର ପ୍ରାରମ୍ଭ ହୋଇଥାଏ । ବିବେକ, ବୈରାଗ୍ୟ ଏବଂ ଲଗନ ସହିତ ଯେତେବେଳେ ଆରାଧନା କରିଥାନ୍ତି । ଅଧିକତମ ସୀମା ତାହାଅଟେ, ଯେଉଁଠି ଭକ୍ତି ନିଜର ପରିଣାମ ଦେଇପାରୁଥିବା ସ୍ଥିତିରେ ଥାଏ । ଠିକ୍ ଏହିପରି ବ୍ରାହ୍ମଣ ଶ୍ରେଣୀ ମଧ୍ୟ । ଯେତେବେଳେ ବ୍ରହ୍ମରେ ପ୍ରବେଶ ଦେଇ ପାରୁଥିବା କ୍ଷମତା ଆସିଥାଏ, ସେହି ସମୟରେ ବିଦ୍ୟା ହୋଇଥାଏ, ବିନୟ ହୋଇଥାଏ, ମନର ଶମନ, ଇନ୍ଦ୍ରିୟଦମନ, ଅନୁଭବ ସୂତ୍ରପାତର ସଞ୍ଚାର ଧାରାବାହିକ ଚିନ୍ତନ, ଧ୍ୟାନ ଏବଂ ସମାଧି ଇତ୍ୟାଦି । ବ୍ରହ୍ମରେ ପ୍ରବେଶ ଦେଉଥିବା ସମସ୍ତ ଯୋଗ୍ୟତା ତାହାର ଅନ୍ତରାଳରେ ସ୍ୱଭାବିକ କାର୍ଯ୍ୟରତ ରହିଥାଏ । ଏହା ବ୍ରାହ୍ମଣତ୍ୱର ନିମ୍ନତମ ସୀମା ଅଟେ । ଉଚ୍ଚତମ ସୀମା ସେତେବେଳେ ହୋଇଥାଏ, ଯେତେବେଳେ କ୍ରମଶଃ ଉନ୍ନତି ହୋଇହୋଇ ସେହି ବ୍ରହ୍ମଙ୍କୁ ଦିଗ୍‌ଦର୍ଶନ କରି ସେଥିରେ ବୀଲୟ ହୋଇଯାଏ । ଯାହା ଜାଣିବାର ଥିଲା, ତାହା ଜାଣିଗଲେ । ସେ ହିଁ ପୂର୍ଣ୍ଣ ଜ୍ଞାତା । ଅପୁନରାବର୍ତ୍ତିଯୁକ୍ତ ମହାପୁରୁଷ ସେହି ବିଦ୍ୟା–ବିନୟ ସମ୍ପନ୍ନ ବ୍ରହ୍ମଣ, ଚାଣ୍ଡାଳ, କୁକୁର, ହାତୀ ଏବଂ ଗାଈ ସମସ୍ତଙ୍କ ଉପରେ ସମଦୃଷ୍ଟି ହିଁ ରଖିଥାନ୍ତି । କାରଣ ତାଙ୍କର ଦୃଷ୍ଟି ହୃଦୟସ୍ଥିତ ଆତ୍ମା ଉପରେ ପଡିଥାଏ । ଏପରି ମହାପୁରୁଷଙ୍କୁ ପରମଗତିରେ କ'ଣ ମିଳିଥାଏ ଏବଂ କିପରି ? ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି ।

**ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।**
**ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥୧୯॥**

ସେହି ପୁରୁଷ ଦ୍ୱାରା ଜୀବିତ ଅବସ୍ଥାରେ ହିଁ ସମ୍ପୂର୍ଣ୍ଣ ସଂସାରକୁ ଜିଣା ଯାଇଛି, ଯାହାର ମନ ସମତ୍ୱରେ ସ୍ଥିର ଥାଏ । ମନର ସମତ୍ୱ ଏବଂ ସଂସାର ଜିଣିବାରେ ସମ୍ବନ୍ଧ କ'ଣ ? ସଂସାର ବିଲୟ ହିଁ ହୋଇଗଲା, ତେବେ ସେହି ପୁରୁଷ କେଉଁଠି ରହିଲେ ? ଶ୍ରୀକୃଷ୍ଣ କହନ୍ତି– **ନିର୍ଦ୍ଦୋଷଂ ହିଁ ସମଂ ବ୍ରହ୍ମ**– ସେହି ବ୍ରହ୍ମ ନିର୍ଦ୍ଦୋଷ ଏବଂ ସମାନ ଅଟନ୍ତି, ଏଠାରେ ତାଙ୍କରି ମନ ମଧ୍ୟ ନିର୍ଦ୍ଦୋଷ ଏବଂ ସମସ୍ଥିତି ଯୁକ୍ତ ହୋଇଗଲା । **ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତଃ–** ତେଣୁ ସେ ବ୍ରହ୍ମରେ ସ୍ଥିତ ହୋଇଥାଆନ୍ତି । ଏହାର ନାମ ଅପୁନରାବର୍ତ୍ତୀ ପରମ ଗତି ଅଟେ । ଏହା କେବେ ମିଳିଥାଏ ? ଯେବେ ସଂସାର ରୂପୀ ଶତ୍ରୁକୁ ଜିଣିପାରିବେ । ସଂସାରକୁ କେବେ ଜିଣିପାରିବେ ? ଯେତେବେଳେ ମନର ନିରୋଧ ହୋଇଯାଏ, ସମତ୍ୱରେ ପ୍ରବେଶ ହୋଇଯାଏ, (କାରଣ ମନର

ପ୍ରସାର ହିଁ ଜଗତ ।) ଯେତେବେଳେ ସେ ବ୍ରହ୍ମରେ ସ୍ଥିତ ହୋଇଯାନ୍ତି, ସେତେବେଳେ ବ୍ରହ୍ମବିଦ୍ ହୋଇଯାନ୍ତି । ସେହି ବ୍ରହ୍ମବିଦ୍‌ଙ୍କ ଲକ୍ଷଣ କ'ଣ ? ତାହାଙ୍କ ରହଣୀ ସ୍ପଷ୍ଟ କରୁଛନ୍ତି ।

**ନ ପ୍ରହୃଷ୍ୟେତ୍‌ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍ ପ୍ରାପ୍ୟ ଚାପ୍ରିୟମ୍ ।**
**ସ୍ଥିରବୁଦ୍ଧିରସଂମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ।।୨୦।।**

ତାହାଙ୍କ କିଏ ପ୍ରିୟ ଓ ଅପ୍ରିୟ ନଥାନ୍ତି । ତେଣୁ କରି ଯାହାକୁ ଲୋକେ ପ୍ରିୟ ମାନନ୍ତି ତାହାକୁ ପାଇବା ପରେ ହର୍ଷିତ ହୋଇନଥାନ୍ତି ଏବଂ ଯାହାକୁ ଅପ୍ରିୟ ମାନନ୍ତି (ଯେପରି ଧର୍ମାବଲମ୍ବୀ ଚିହ୍ନ ଲଗାନ୍ତି) ତାହିଙ୍କୁ ପାଇବାପରେ ସେ ଉଦ୍‌ବେଗ ମଧ୍ୟ ହୋଇନଥାନ୍ତି । ଏପରି ସ୍ଥିର ବୁଦ୍ଧି **ଅସମ୍ମୁଢ,** ସଂଶୟ ରହିତ, ବ୍ରହ୍ମବିଦ୍-ବ୍ରହ୍ମରେ ସଂଯୁକ୍ତ, ବ୍ରହ୍ମବେତ୍ତା, **ବ୍ରହ୍ମଣି ସ୍ଥିତଃ–** ପରାତ୍ପର ବ୍ରହ୍ମରେ ସଦୈବ ସ୍ଥିତ ରହିଥାନ୍ତି ।

**ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍‌ସୁଖମ୍ ।**
**ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ।।୨୧।।**

ସଂସାରର ବିଷୟ ଭୋଗରେ ଅନାସକ୍ତ ପୁରୁଷ ଅନ୍ତରାତ୍ମାରେ ସ୍ଥିତ ଯେଉଁ ସୁଖ ରହିଛି, ସେହି ସୁଖକୁ ପ୍ରାପ୍ତ ହୋଇଥାନ୍ତି । ସେହି ପୁରୁଷ **'ବ୍ରହ୍ମ ଯୋଗଯୁକ୍ତାତ୍ମା'–** ପରବ୍ରହ୍ମ ପରମାତ୍ମାରେ ଯୁକ୍ତ ଆତ୍ମବାନ୍ ଅଟନ୍ତି । ତେଣୁ ସେ ଅକ୍ଷୟ ଆନନ୍ଦ ଅନୁଭବ କରିଥାନ୍ତି, ଯେଉଁ ଆନନ୍ଦ କେବେ କ୍ଷୟ ହୋଇନଥାଏ । ଏହି ଆନନ୍ଦ ଉପଭୋଗ କିଏ କରିପାରିବ ? ଯିଏ ସାଂସାରିକ ବିଷୟ ଭୋଗରେ ଅନାସକ୍ତ । ତେବେ କ'ଣ ଭୋଗ ବାଧକ ଅଟେ ? ଏହା ଉପରେ କହୁଛନ୍ତି –

**ଯେ ହି ସଂସ୍ପର୍ଶଜା ଭୋଗାଦୁଃଖଯୋନୟ ଏବ ତେ ।**
**ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ।।୨୨।।**

କେବଳ ତ୍ୱଚା ହିଁ ନୁହେଁ, ସମସ୍ତ ଇନ୍ଦ୍ରିୟ ସ୍ପର୍ଶ କରିଥାନ୍ତି । ଦେଖିବା ଚକ୍ଷୁର ସ୍ପର୍ଶ, ଶୁଣିବା କାନର ସ୍ପର୍ଶ, ଏହିପରି ଇନ୍ଦ୍ରିୟ ଏବଂ ବିଷୟ ସଂଯୋଗରୁ ଉତ୍ପନ୍ନ ସମ୍ପୂର୍ଣ୍ଣ ଭୋଗ ଯଦ୍ୟପି ଭୋଗିବା ନିମନ୍ତେ ପ୍ରିୟ ପ୍ରତୀତ ହୋଇଥାଏ କିନ୍ତୁ ନିଃସନ୍ଦେହ ସେହି ସବୁ **'ଦୁଃଖଯୋନୟଃ'–** ଦୁଃଖଦ ଯୋନିମାନଙ୍କ କାରଣ ହୋଇଥାଏ । ଏହି ଭୋଗ ହିଁ ଯୋନିର କାରଣ ଅଟେ । ଏତିକି ହିଁ ନୁହଁ । ସେହି ଭୋଗ ଉତ୍ପନ୍ନ ଏବଂ ନଷ୍ଟ ହୋଇଥାନ୍ତି । ଭୋଗସବୁ ନାଶବାନ ଅଟେ । ତେଣୁକରି ହେ କୌନ୍ତେୟ ! ବିବେକୀ ପୁରୁଷ ସେଥିରେ ଲିପ୍ତ ହୋଇନଥାନ୍ତି । ଇନ୍ଦ୍ରିୟମାନଙ୍କ ଏହି ସ୍ପର୍ଶରେ କ'ଣ ଥାଏ ? କାମ, କ୍ରୋଧ, ରାଗ ଓ ଦ୍ୱେଷ ଏହିସବୁ ହିଁ ରହିଥାଏ । ଏହା ଉପରେ

କହୁଛନ୍ତି -

**ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।**
**କାମକ୍ରୋଧୋଦ୍‌ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ।।୨୩।।**

ଯେଉଁ ପୁରୁଷ ଶରୀର ନାଶ ହେବାପୂର୍ବରୁ ହିଁ କାମ, କ୍ରୋଧରୁ ଉତ୍ପନ୍ନ ହେଉଥିବା ବେଗକୁ ସହନ କିବାରେ(ଦମନ କରିବାରେ) ସକ୍ଷମ, ସେ ହିଁ ନର(ନ ରମଣ କରିବା ବ୍ୟକ୍ତି) ଅଟେ । ସେ ଏହି ଲୋକରେ ଯୋଗଯୁକ୍ତ ଓ ସୁଖୀ ଅଟେ । ଯାହାର ପଛରେ ଦୁଃଖ ନଥାଏ, ସେ ସୁଖରେ ଅର୍ଥାତ୍ ପରମାତ୍ମାରେ ସ୍ଥିତିଯୁକ୍ତ ଅଟେ । ବଞ୍ଚିଥାଇ ହିଁ ଏହାର ପ୍ରାପ୍ତିର ବିଧାନ ରହିଛି, ମୃତ୍ୟୁ ପରେ ନୁହଁ । ସନ୍ଥକବୀର ଏହାକୁ ସ୍ପଷ୍ଟ କରିଛନ୍ତି ଯେ ଅବଧୂ ! ଜୀବତ ମ କର ଆଶା । ତେବେ କ'ଣ ମୃତ୍ୟୁ ପରେ ମୁକ୍ତି ହୋଇନଥାଏ ? ସେ କହନ୍ତି- ମୁଏମୁକ୍ତିଗୁରୁ କହେ ସ୍ୱାର୍ଥୀ, ଝୁଠା ଦେ ବିଶ୍ୱାସା, ଏହା ହିଁ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ କଥନ ଯେ ଶରୀର ଥାଇ, ମରିବା ପୂର୍ବରୁ ହିଁ ଯିଏ କାମକ୍ରୋଧର ବେଗକୁ ତ୍ୟାଗ କରିବାରେ ସକ୍ଷମ ହୋଇଗଲା, ସେହି ପୁରୁଷ ଏହି ଲୋକରେ ଯୋଗୀ ଏବଂ ସୁଖୀ ଅଟେ । କାମ,କ୍ରୋଧ, ବାହ୍ୟ ସ୍ପର୍ଶ ହିଁ ଶତ୍ରୁ ଅଟନ୍ତି । ଏହାକୁ ହିଁ ଆପଣ ଜିଣନ୍ତୁ । ଏହି ପୁରୁଷଙ୍କ ଲକ୍ଷଣ ପୁନଃ କହୁଛନ୍ତି-

**ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।**
**ସ ଯୋଗୀ ବ୍ରହ୍ମନିର୍ବାଣ ବ୍ରହ୍ମଭୂତୋଽଧିଗଚ୍ଛତି ।।୨୪।।**

ଯେଉଁ ବ୍ୟକ୍ତି ଅନ୍ତରାତ୍ମାରେ ହିଁ ସୁଖ ପାଇଥାନ୍ତି, ଅନ୍ତରାରାମଃ- ଅନ୍ତରାତ୍ମାରେ ହିଁ ଆରାମ ରୁଥାନ୍ତି ତଥା ଅନ୍ତରାତ୍ମାରେ ହିଁ ପ୍ରକାଶ କରୁଥାନ୍ତି, (ସାକ୍ଷାତ୍‌କାର ପୁରୁଷ)। ୧ ହିଁ ଯୋଗୀ । ବ୍ରହ୍ମଭୂତ- ବ୍ରହ୍ମ ସହିତ ଏକ ହୋଇ ବ୍ରହ୍ମ ନିର୍ବାଣଂ- ବାଣୀରୁ ଊର୍ଦ୍ଧ୍ୱରେ ବ୍ରହ୍ମ, ଶାଶ୍ୱତ ବ୍ରହ୍ମକୁ ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ପ୍ରଥମେ ବିକାର (କାମ-କ୍ରୋଧ)ର ଅନ୍ତ ପୁଣି ଦର୍ଶନ ପୁଣି ପ୍ରବେଶ ।

**ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।**
**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ।।୨୫।।**

ପରମାତ୍ମାଙ୍କ ସାକ୍ଷାତ୍‌କାର କରି ଯାହାର ପାପ ନଷ୍ଟ ହୋଇଗଲା, ଯାହାର ସଂଶୟ ନଷ୍ଟ ହୋଇଗଲା, ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କ ହିତରେ ଯେ ଲାଗିଛନ୍ତି (ପ୍ରାପ୍ତିବାଲା ମହାପୁରୁଷ ହିଁ ଏପରି କରିପାରନ୍ତି । ଯିଏ ସ୍ୱୟଂ ଅନ୍ଧକୂପରେ ପଡ଼ିଛି, ସେ ଅନ୍ୟମାନଙ୍କୁ କ'ଣ ଉଦ୍ଧାର କରିବ ? ତେଣୁ କରି କରୁଣା ମହାପୁରୁଷଙ୍କ ସ୍ୱଭାବିକ ଗୁଣ ହୋଇଯାଇ ଥାଏ ।) ତଥା 'ଯତାତ୍ମାନଃ' - ଜିତେନ୍ଦ୍ରୀୟ ବ୍ରହ୍ମ ବେତ୍ତା ପୁରୁଷ ଶାନ୍ତ ପରବ୍ରହ୍ମଙ୍କୁ

ପ୍ରାପ୍ତ ହୋଇଥାନ୍ତି । ସେହି ମହାପୁରୁଷଙ୍କ ସ୍ଥିତିକୁ ପୁନଃ କହୁଛନ୍ତି–

**କାମକ୍ରୋଧବିୟୁକ୍ତାନାଂ ୟତୀନାଂ ୟତଚେତସାମ୍ ।**
**ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମାନାମ୍ ।।୨୬।।**

କାମ–କ୍ରୋଧ ରହିତ ବିଜିତ ଚିତ୍ତ ସମ୍ପନ୍ନ, ପରମାତ୍ମାଙ୍କ ସାକ୍ଷାତ୍‌କାର କରିଥିବା ଜ୍ଞାନୀ ପୁରୁଷ ନିମନ୍ତେ ଚାରିଆଡୁ ଶାନ୍ତ ବ୍ରହ୍ମ ହିଁ ପ୍ରାପ୍ତ ହୋଇଥାଏ । ବାରମ୍ବାର ଯୋଗେଶ୍ୱର ଶ୍ରୀକୃଷ୍ଣ ସେହି ପୁରୁଷଙ୍କ ରହଣୀ ଉପରେ କହୁଛନ୍ତି, ଯେଉଁଥିରୁ, ପ୍ରେରଣା ମିଳିବ । ପ୍ରଶ୍ନ ପ୍ରାୟଃ ପୂର୍ଣ୍ଣ ହୋଇଗଲା । ବର୍ତ୍ତମାନ ପୁନଃ ସେ ଜୋର ଦେଉଛନ୍ତି– ଏହି ସ୍ଥିତିକୁ ପ୍ରାପ୍ତ କରିବାର ଆବଶ୍ୟକ ଅଙ୍ଗ 'ଶ୍ୱାସ–ପ୍ରଶ୍ୱାସର ଚିନ୍ତନ' ଅଟେ ଏବଂ ଯଜ୍ଞ ପ୍ରକ୍ରିୟାରେ ପ୍ରାଣକୁ ଅପାନରେ ହବନ, ଅପାନକୁ ପ୍ରାଣରେ ହବନ, ପ୍ରାଣ–ଅପାନ ଉଭୟର ଗତି ନିରୋଧ । ତାହାକୁ ହିଁ ବୁଝାଉଛନ୍ତି–

**ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।**
**ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ।। ୨୭।।**
**ୟତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ**
**ବିଗତେଚ୍ଛାଭୟକ୍ରୋଧୋ ୟଃ ସଦାମୁକ୍ତ ଏବ ସଃ ।।୨୮।।**

ହେ ଅର୍ଜୁନ ! ସାଂସାରିକ ବିଷୟ, ଦୃଶ୍ୟକୁ ଚିନ୍ତନ ନକରି, ତାହାକୁ ତ୍ୟାଗ କରି ନେତ୍ରର ଦୃଷ୍ଟିକୁ ଭ୍ରୂକୁଟି ମଧ୍ୟରେ ସ୍ଥିର କରି **'ଭ୍ରୁବୋଃ ଅନ୍ତରେ'** ଅର୍ଥାତ୍ ଏହା ନୁହେଁ ଯେ ଚକ୍ଷୁ ଅଥବା ଭ୍ରୂକୁଟିର ମଧ୍ୟ ଭାଗକୁ ହିଁ ଦୃଷ୍ଟି ଲଗାଇବେ । ଭ୍ରୂକୁଟି ମଧ୍ୟର ଶୁଦ୍ଧ ଅର୍ଥ ଏହା ଯେ ସିଧା ବସିଲେ ଦୃଷ୍ଟି ଭ୍ରୂକୁଟିର ଠିକ୍ ମଧ୍ୟରେ ସିଧା ଆଗକୁ ପଡ଼ିବ । ଡ଼ାହଣକୁ, ବାମକୁ, ଏଠାକୁ, ସେଠାକୁ ଚକ୍‌ମକ୍ ନ ଦେଖିବା ଉଚିତ୍ । ନାଶାଗ୍ର ଦୃଷ୍ଟିର ଅର୍ଥ ନାକକୁ ଦେଖିବା ନୁହଁ । ନାକ ଭିତରେ ବିଚରଣ କରୁଥିବା ପ୍ରାଣ ଏବଂ ଅପାନ ବାୟୁକୁ ସମାନ କରି, ଅର୍ଥାତ୍ ଦୃଷ୍ଟିକୁ ସିଧା ସମାନାରେ ସ୍ଥିର କର । ସୁରତ(ମନର ଦୃଷ୍ଟି)କୁ ଶ୍ୱାସରେ ଲଗାଇ ଦିଅ । କେବେ ଶ୍ୱାସ ଭିତରକୁ ଗଲା ? କେତେ ସମୟ ରହିଲା ? ପ୍ରାୟଃ ଅଧା ସେକେଣ୍ଡ ରହିଥାଏ । ବଳପୂର୍ବକ ରଖନ୍ତୁ ନାହିଁ । କେବେ ଶ୍ୱାସ ବାହାରକୁ ବାହାରିଲା ? ବାହାରେ କେତେ ସମୟ ରହିଲା ? କହିବା ଆବଶ୍ୟକ ନୁହେଁ ଯେ, ଶ୍ୱାସରେ ଉଠୁଥିବା ନାମଧ୍ୱନୀ ଶୁଣାଇ ପଡୁଥିବ । ଏହିପରି ଶ୍ୱାସ–ପ୍ରଶ୍ୱାସରେ ଯେବେ ସୁରତ ସ୍ଥିର ହୋଇଯିବ, ତେବେ ଧିରେ ଧିରେ ଶ୍ୱାସ ଅଚଳ ସ୍ଥିର ହୋଇଯିବ । ସମ ହୋଇଯିବ, ନା ଭିତରୁ ସଙ୍କଳ୍ପ ଉଠିବ ଏବଂ ନା ବାହ୍ୟ ସଙ୍କଳ୍ପ ଭିତରୁ ଧକ୍‌କା ଦେଇପାରିବ । ବାହାରର ଭୋଗ ଚିନ୍ତନ ବାହାରେ ହିଁ ତ୍ୟାଗ ହୋଇଯାଇଥିଲା । ଭିତରେ ମଧ୍ୟ ସଙ୍କଳ୍ପ ଜାଗୃତ ହେବ

ନାହିଁ । ସୁରତ ଏକଦମ୍ ବାଉଁଶ ପରି ସିଧା ସ୍ଥିର ହୋଇଯିବ, ତୈଳ ଧାରାବତ୍ । ତୈଳଧାରା ପାଣିଭଳି ଟପ୍‌ଟପ୍ ପଡୁନଥାଏ । ଯେତେ ପର୍ଯ୍ୟନ୍ତପଡ଼ିବ ଧାରା ରୂପରେ ହିଁ ପଡ଼ିବ । ଏହିପରି ପ୍ରାଣ ଓ ଅପାନର ଗତି ଏକଦମ୍ ସମ, ସ୍ଥିତକରି ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ଯିଏ ଜିଣିଗଲା, ଇଛା, ଭୟ ଓ କ୍ରୋଧରୁ ରହିତ ମନନ ଶୀଳତାର ଚରମ ସୀମାରେ ପହଞ୍ଚିଥିବା ମୋକ୍ଷ ପରାୟଣ ମୁନି ସଦା ମୁକ୍ତ ହିଁ ଅଟନ୍ତି । ମୁକ୍ତ ହୋଇ ସେ କୁଆଡ଼େ ଯାଆନ୍ତି ? କ'ଣ ପାଇଥାନ୍ତି ?

**ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।**
**ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥୨୯॥**

ସେହି ମୁକ୍ତ ପୁରୁଷ ମୋତେ ଯଜ୍ଞ ଏବଂ ତପକୁ ଭୋଗୁଥିବା ସମ୍ପୂର୍ଣ୍ଣ ଲୋକର ଇଶ୍ୱରଙ୍କ ମଧ୍ୟ ଇଶ୍ୱର, ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କ ସ୍ୱାର୍ଥ ରହିତ ହିତୈଶୀ, ଏପରି ସାକ୍ଷାତ ଜାଣି ପରମଶାନ୍ତିକୁ ପ୍ରାପ୍ତ ହୋଇଥାଏ । ଶ୍ରୀକୃଷ୍ଣ କହନ୍ତି ଯେ ସେହି ପୁରୁଷଙ୍କ ଶ୍ୱାସ ପ୍ରଶ୍ୱାସର ଯଜ୍ଞ ଓ ତପର ଭୋକ୍ତା ମୁଁ ଅଟେ । ଯଜ୍ଞ ଏବଂ ତପ ଶେଷରେ ଯେଉଁଥିରେ ବିଲୟ ହୋଇଥାନ୍ତି, ତାହା ହିଁ ମୋର ସ୍ୱରୂପ । ଅର୍ଥାତ୍ ମୁଁ ହିଁ ଅଟେ ।ଯଜ୍ଞର ଶେଷ ନିଷ୍କର୍ଷ ଯାହାର ନାମ ପରମ ଶାନ୍ତି ଅଟେ, ତାହାହିଁ ମୋର ସ୍ୱରୂପ । ସେହି ମୁକ୍ତ ପୁରୁଷ ମୋତେ ଜାଣିଥାଏ । ଜାଣିବା କ୍ଷଣି ହିଁ ମୋତେ ପ୍ରାପ୍ତ ହୋଇଯାଏ । ଏହାର ନାମ ହିଁ ପରମ ଶାନ୍ତି । ଯେପରି ମୁଁ ଇଶ୍ୱରଙ୍କ ମଧ୍ୟ ଇଶ୍ୱର, ସେପରି ହିଁ ସେହି ମହାପୁରୁଷ ମଧ୍ୟ ।

## ନିଷ୍କର୍ଷ

ଏହି ଅଧ୍ୟାୟର ପ୍ରାରମ୍ଭରେ ଅର୍ଜୁନ ପ୍ରଶ୍ନ କରିଥିଲେ– କେବେ ତ ଆପଣ ନିଷ୍କାମ କର୍ମ ଯୋଗର ପ୍ରଶଂସା କରୁଛନ୍ତି ତ କେବେ ସନ୍ୟାସ ମାର୍ଗରେ କର୍ମ କରିବାକୁ ପ୍ରଶଂସା କରୁଛନ୍ତି । ଅତଃ ଉଭୟ ମଧ୍ୟରୁ ଗୋଟିଏ, ଯାହା ଆପଣଙ୍କ ସୁନିଶ୍ଚିତ ହୋଇଥିବ, ପରମ କଲ୍ୟାଣକାରୀ ହେଉଥିବ, ତାହାକୁ କୁହନ୍ତୁ । ଶ୍ରୀକୃଷ୍ଣ କହିଲେ– ହେ ଅର୍ଜୁନ ! ପରମକଲ୍ୟାଣ ତ ଉଭୟରେ ରହିଛି । ଉଭୟରେ ସେହି ନିର୍ଦ୍ଧାରିତ ଯଜ୍ଞ କ୍ରିୟା ହିଁ କରାଯାଇଥାଏ । ହେଲେ ମଧ୍ୟ ନିଷ୍କାମ କର୍ମ ଯୋଗ ବିଶେଷ ଅଟେ । ବିନା ଏହାକୁ କରି ସନ୍ୟାସ ଅର୍ଥାତ୍ ଶୁଭାଶୁଭ କର୍ମର ଅନ୍ତ ହେବ ନାହିଁ । ସନ୍ୟାସ ମାର୍ଗ ନୁହଁ, ମଞ୍ଜିଲ୍ (ଧାମ)ର ନାମ ଅଟେ । ଯୋଗ ଯୁକ୍ତ ହିଁ ସନ୍ୟାସ ଅଟେ । ଯୋଗ ଯୁକ୍ତର ଲକ୍ଷଣ କହିଲେ ଯେ, ସେହି ପ୍ରଭୁ, ନା କରିଥାନ୍ତି, ନା କରାଇଥାନ୍ତି । ବରଂ ସ୍ୱଭାବରେ ପ୍ରକୃତିର ଦାବାଦ୍ ଅନୁରୂପ ଲୋକେ ବ୍ୟସ୍ତ ରହିଥାନ୍ତି । ଯିଏ ସାକ୍ଷାତ୍

ମୋତେ ଜାଣିନିଏ ସେହି ପଣ୍ଡିତ ଓ ଜ୍ଞାତା । ଯଜ୍ଞର ପରିଣାମରେ ଲୋକେ ମୋତେ ଜାଣିଥାନ୍ତି । ଶ୍ୱାସ-ପ୍ରଶ୍ୱାସର ଜପ ଏବଂ ଯଜ୍ଞ, ତପ ଯେଉଁଥିରେ ବିଲୟ ହୋଇଥାଏ, ସେ ମୁ ହିଁ ଅଟେ । ଯଜ୍ଞର ପରିଣାମ ସ୍ୱରୂପ ମୋତେ ଜାଣି, ଯେଉଁ ପରମ ଶାନ୍ତିକୁ ପ୍ରାପ୍ତ ହୋଇଥାନ୍ତି, ତାହା ମଧ୍ୟ ମୁଁ ହିଁ ଅଟେ । ଅର୍ଥାତ୍ ଶ୍ରୀକୃଷ୍ଣ ଯେପରି ସେହି ମହାପୁରୁଷ ମଧ୍ୟ ସେପରି ଅଟନ୍ତି । ସେହି ସ୍ୱରୂପକୁ ଯିଏ ପ୍ରାପ୍ତ କରିଥାଏ, ସେହି ପ୍ରାପ୍ତିବାନଙ୍କୁ ମଧ୍ୟ ସେହି ସ୍ଥିତି ମିଳିଥାଏ । ସେ ମଧ୍ୟ ଈଶ୍ୱରଙ୍କ ଈଶ୍ୱର, ଆତ୍ମାଙ୍କ ଆତ୍ମା ସ୍ୱରୂପମୟ ହୋଇଯାନ୍ତି । ସେହି ପରମାତ୍ମା ସହିତ ଏକ ହୋଇଯାନ୍ତି । ଏକ ହେବାରେ ଯେତେ ଜନ୍ମ ଭଲେ ଲାଗିଯାଉ, ଏହି ଅଧ୍ୟାୟରେ ସ୍ପଷ୍ଟ କଲେ ଯେ ଯଜ୍ଞ ତପର ଭୋକ୍ତା, ମହାପୁରୁଷଙ୍କ ଭିତରେ ରହୁଥିବା ଶକ୍ତି ମହେଶ୍ୱର ଅଟନ୍ତି ।

**ଓଁ ତତ୍ସଦିତି ଶ୍ରୀମଦ୍ ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଯଜ୍ଞଭୋକ୍ତା ମହାପୁରୁଷସ୍ଥ ମହେଶ୍ୱରଃ'ନାମ ପଞ୍ଚମୋଽଧ୍ୟାୟଃ ॥୫॥**

ଏହି ପ୍ରକାରେ ଶ୍ରୀମଦ୍‌ଭଗବଦ୍‌ଗୀତାରୂପୀ ଉପନିଷଦ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ ଯଜ୍ଞଭୋକ୍ତା ମହାପୁରୁଷସ୍ଥ ମହେଶ୍ୱରଃ ନାମକ ପଞ୍ଚମ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍‌ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ ଯଜ୍ଞଭୋକ୍ତା ମହାପୁରୁଷସ୍ଥ ମହେଶ୍ୱରଃ ନାମ ପଞ୍ଚମୋଽଧ୍ୟାୟଃ ।**

॥ ହରି ଓଁ ତତ୍‌ସତ୍ ॥

ଓଁ

## ଶ୍ରୀ ପରମାତ୍ମନେ ନମଃ

# ଅଥ ଷଷ୍ଠୋଽଧ୍ୟାୟଃ

ସଂସାରରେ ଧର୍ମ ନାମରେ ରୀତି-ରିବାଜ, ପୂଜା ପଦ୍ଧତି, ସମ୍ପ୍ରଦାୟମାନଙ୍କର ବୃଦ୍ଧି ହେଲେ, କୁରୀତିମାନଙ୍କ ଶମନ କରି ଏକ ଈଶ୍ୱରଙ୍କ ସ୍ଥାପନା ଏବଂ ତାହାର ପ୍ରାପ୍ତିର ପ୍ରକ୍ରିୟାକୁ ପ୍ରଶସ୍ତ କରିବା ନିମନ୍ତେ କୌଣସି ମହାପୁରୁଷଙ୍କ ଆବିର୍ଭାବ ହୋଇଥାଏ । କ୍ରିୟାମାନଙ୍କୁ ତ୍ୟାଗକରି ବସି, ଜ୍ଞାନୀ କହୁଥିବା ରୂଢ଼ିବାଦ କୃଷ୍ଣ କାଳରେ ଅତ୍ୟନ୍ତ ବ୍ୟାପକ ଥିଲା । ତେଣୁ ଏହି ଅଧ୍ୟାୟର ପ୍ରାରମ୍ଭରେ ହିଁ ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି ପ୍ରଶ୍ନକୁ ଚତୁର୍ଥ ଥର ନିମନ୍ତେ ସ୍ୱୟଂ ଉଠାଇଲେ ଯେ ଜ୍ଞାନ ଯୋଗ ଏବଂ ନିଷ୍କାକର୍ମ ଯୋଗ ଉଭୟାନୁସାରେ କର୍ମ କରିବାକୁ ପଡ଼ିଥାଏ ।

ଦ୍ୱିତୀୟ ଅଧ୍ୟାୟରେ ସେ କହିଥିଲେ- ହେ ଅର୍ଜୁନ ! କ୍ଷତ୍ରୀୟ ନିମନ୍ତେ ଯୁଦ୍ଧଠାରୁ ବଡ଼ କୌଣସି କଲ୍ୟାଣକାରୀ କାର୍ଯ୍ୟ ନାହିଁ । ଏହି ଯୁଦ୍ଧରେ ହାରିଲେ ଦେବତ୍ୱ ଏବଂ ଜିଣିଲେ ମହାମହିମ ସ୍ଥିତି ପ୍ରାପ୍ତ ହୁଏ । ଏପରି ବିଚାର କରି ଯୁଦ୍ଧକର । ହେ ଅର୍ଜୁନ ! ଏହି ବୁଦ୍ଧି ତୁମ ନିମନ୍ତେ ଜ୍ଞାନ ଯୋଗ ବିଷୟରେ କୁହାଗଲା । କେଉଁ ବୁଦ୍ଧି ? ଏହାକି ଯେ ଯୁଦ୍ଧକର, ଜ୍ଞାନଯୋଗ ଏପରି ନୁହଁ ଯେ, ହାତ ଉପରେ ହାତରଖି ବସି ରହିବା । ଜ୍ଞାନଯୋଗରେ କେବଳ ନିଜର ହାନି-ଲାଭକୁ ସ୍ୱୟଂ ନିଶ୍ଚୟ କରି ନିଜର ଶକ୍ତିକୁ ଦେଖି କର୍ମରେ ପ୍ରବୃତ୍ତ ହେବା । ଯେତେବେଳେ କି ପ୍ରେରକ ମହାପୁରୁଷ ହିଁ ହୋଇଥାନ୍ତି । ଜ୍ଞାନଯୋଗରେ ଯୁଦ୍ଧ କରିବା ଅନିବାର୍ଯ୍ୟ ଅଟେ ।

ତୃତୀୟ ଅଧ୍ୟାୟରେ ଅର୍ଜୁନ ପ୍ରଶ୍ନ କଲେ ଯେ, ଭଗବାନ ! ନିଷ୍କାମ କର୍ମ ଯୋଗ ଅପେକ୍ଷା ଜ୍ଞାନ ଯୋଗ ଯଦି ଆପଣଙ୍କୁ ଶ୍ରେଷ୍ଠ ମାନ୍ୟ, ତେବେ ଆପଣ ମୋତେ ଏହି ଘୋର କର୍ମରେ କାହିଁକି ଲଗାଉଛନ୍ତି ? ଅର୍ଜୁନଙ୍କୁ ନିଷ୍କାମ କର୍ମଯୋଗ କଠିନ ପ୍ରତୀତ ହେଲା । ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ଯେ, ଉଭୟ ନିଷ୍ଠାକୁ ମୋ ଦ୍ୱାରା ହିଁ କୁହାଯାଇଥିଲା, କିନ୍ତୁ କୌଣସି ପଥ ଅନୁସାରେ କର୍ମକୁ ତ୍ୟାଗ କରିବାର ବିଧାନ ନାହିଁ । ନା ତ ଏପରି ହିଁ ଅଟେ କି କର୍ମ ପ୍ରାରମ୍ଭ ନକରି ପରମ ନୈଷ୍କର୍ମ୍ୟ ସିଦ୍ଧିକୁ ପ୍ରାପ୍ତ କରିଯିବ ଏବଂ ନା ପ୍ରାରମ୍ଭ କରିଥିବା କ୍ରିୟାକୁ ତ୍ୟାଗ କରି ନେଲେ ହିଁ କିଏ ପରମ ସିଦ୍ଧିକୁ ପାଇଥାଏ, ଉଭୟ ମାର୍ଗରେ ନିୟତକର୍ମ ଯଜ୍ଞ ପ୍ରକ୍ରିୟା କରିବାକୁ ହିଁ ହେବ ।

ବର୍ତ୍ତମାନ ଅର୍ଜୁନ ଭଲ ରୂପେ ବୁଝିଗଲେ ଯେ, ଜ୍ଞାନମାର୍ଗ ଠିକ୍ ଲାଗୁ ଅଥବା ନିଷ୍କାମ କର୍ମ ମାର୍ଗ ଉଭୟ ଦୃଷ୍ଟିରେ କର୍ମ କରିବାକୁ ହିଁ ପଡ଼ିଥାଏ । ହେଲେ ମଧ୍ୟ ପଞ୍ଚମ ଅଧ୍ୟାୟରେ ସେ ପ୍ରଶ୍ନ କଲେ ଯେ, ଫଳଦୃଷ୍ଟିରୁ କେଉଁଟି ଶ୍ରେଷ୍ଠ ଅଟେ ? କେଉଁଟି ସୁବିଧାଜନକ ହେବ ? ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଉଭୟମାର୍ଗ ପରମ ଶ୍ରେୟ ହିଁ ଦେଇଥାନ୍ତି । ଗୋଟିଏ ସ୍ଥାନକୁ ହିଁ ଉଭୟ ମାର୍ଗ ପହୁଞ୍ଚାଇଥାନ୍ତି । ହେଲେ ମଧ୍ୟ ସାଂଖ୍ୟଯୋଗ ଅପେକ୍ଷା ନିଷ୍କାମ କର୍ମ ଯୋଗ ଶ୍ରେଷ୍ଠ । କାରଣ ନିଷ୍କାମ କର୍ମର ଆଚରଣ ନକରି କେହି ମଧ୍ୟ ସନ୍ନ୍ୟାସ ହୋଇନଥାନ୍ତି । ଉଭୟ ମାର୍ଗରେ କର୍ମ ଗୋଟିଏ ହିଁ ଅଟେ । ଅତଃ ସ୍ପଷ୍ଟ ହେଉଛି ଯେ ସେହି ନିର୍ଦ୍ଧାରିତ କର୍ମ ନକରି କେହି ସନ୍ନ୍ୟାସୀ ହୋଇନଥାନ୍ତି ଏବଂ ନା କେହି ଯୋଗୀ ମଧ୍ୟ ହୋଇଥାନ୍ତି । କେବଳ ଏହି ମାର୍ଗରେ ଚାଲୁଥିବା ପଥିକଙ୍କ ଦୁଇଟି ଦୃଷ୍ଟିକୋଣ ରହିଥାଏ । ଯାହାକି ପୂର୍ବରୁ କୁହାଯାଇଛି ।

**ଶ୍ରୀଭଗବାନୁବାଚ**

**ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।**
**ସ ସଂନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ ।।୧।।**

ଶ୍ରୀକୃଷ୍ଣ କହିଲେ– ହେ ଅର୍ଜୁନ ! କର୍ମ ଫଳର ଆଶ୍ରୟ ରହିତ ହୋଇ ଅର୍ଥାତ୍ କର୍ମ କରିବା ସମୟରେ କୌଣସି ପ୍ରକାର କାମନା ନରଖି, ଯିଏ କାର୍ଯ୍ୟଂକର୍ମ– କରିବା ଯୋଗ୍ୟ ପ୍ରକ୍ରିୟା ବିଶେଷ କରିଥାଏ, ସେ ହିଁ ସନ୍ନ୍ୟାସୀ ଓ ଯୋଗୀ ଅଟେ । କେବଳ ଅଗ୍ନିକୁ ତ୍ୟାଗ କରିବା ବ୍ୟକ୍ତି ତଥା କେବଳ କ୍ରିୟାମାନଙ୍କୁ ତ୍ୟାଗ କରିବା ବ୍ୟକ୍ତି ନା ସନ୍ନ୍ୟାସୀ ନା ଯୋଗୀ । କ୍ରିୟା ବହୁତ ଗୁଡ଼ିଏ ରହିଛି, ସେଥିରୁ କାର୍ଯ୍ୟଂକର୍ମ–କରିବା ଯୋଗ୍ୟ ପ୍ରକ୍ରିୟା, ନିୟତକର୍ମ, ନିର୍ଦ୍ଧାରିତ କରାଯାଇଥିବା କୌଣସି କ୍ରିୟା ବିଶେଷ । ତାହା ହେଉଛି ଯଜ୍ଞ ପ୍ରକ୍ରିୟା– ଯାହାର ଶୁଦ୍ଧ ଅର୍ଥ ହେଉଛି ଆରାଧନା, ଯାହାକି ଆରାଧ୍ୟ ଦେବଙ୍କ ଭିତରେ ପ୍ରବେଶ କରାଉଥିବା ବିଧି ବିଶେଷ । ତାହାକୁ କାର୍ଯ୍ୟରୂପ ଦେବା ହିଁ କର୍ମ । ଯିଏ ଏହାକୁ କରିଥାଏ, ସେହିଁ ସନ୍ନ୍ୟାସୀ ଅଟେ । ସେ ହିଁ ଯୋଗୀ ହୋଇଥାଏ । କେବଳ ଅଗ୍ନିକୁ ତ୍ୟାଗ କରିଥିବା ବ୍ୟକ୍ତି, **ମୁଁ ଅଗ୍ନିକୁ ସ୍ପର୍ଶ କରୁନାହିଁ** । ଅଥବା କର୍ମ ତ୍ୟାଗ କରିଥିବା ବ୍ୟକ୍ତି, **ମୋର ନିମନ୍ତେ କର୍ମ ହିଁ ନାହିଁ, ମୁଁ ତ ଆତ୍ମଜ୍ଞାନୀ ଅଟେ** । କେବଳ ଏପରି ହିଁ କହୁଥିବା ବ୍ୟକ୍ତି କର୍ମକୁ ପ୍ରାରମ୍ଭ କରନିଥାଏ, କରିବା ଯୋଗ୍ୟ କ୍ରିୟା ବିଶେଷକୁ ନକରେ, ସେ ନା ସନ୍ନ୍ୟାସୀ ଅଟେ ନା ଜ୍ଞାନୀ । ଏହା ଉପରେ ପୁନଃ ଦେଖ–

**ଯଂ ସନ୍ନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ।**
**ନ ହ୍ୟସଂନ୍ୟସ୍ତସଂକଳ୍ପୋ ଯୋଗୀ ଭବତି କଶ୍ଚନ ।।୨।।**

ହେ ଅର୍ଜୁନ ! ଯାହାକୁ 'ସନ୍ନ୍ୟାସ' କହନ୍ତି, ତାହାକୁ ତୁମେ ଯୋଗ ବୋଲି ଜାଣ । କାରଣ ସଙ୍କଳ୍ପ ତ୍ୟାଗ ନକରି କୌଣସି ପୁରୁଷ ଯୋଗୀ ହୋଇନଥାନ୍ତି । ଅର୍ଥାତ୍ କାମନା ତ୍ୟାଗ ଉଭୟ ମାର୍ଗରେ ଅତ୍ୟନ୍ତ ଆବଶ୍ୟକ । ତେବେ ତ ସରଳ ହୋଇଗଲା ଯେ, କହିଦିଅ ଆମେ ତ ସଙ୍କଳ୍ପ କରୁନାହୁଁ ଏବଂ ହୋଇଗଲୁ ଯୋଗୀ–ସନ୍ନ୍ୟାସୀ । ଶ୍ରୀକୃଷ୍ଣ କହନ୍ତି, ଏପରି କଦାପି ନୁହଁ ।

**ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।**
**ଯୋଗାରୂଢସ୍ୟ ତସୈବ ଶମଃ କାରଣମୁଚ୍ୟତେ ।।୩।।**

ଯୋଗରେ ଆରୂଢ ହେବା ଇଚ୍ଛାଯୁକ୍ତ ମନନଶୀଳ ପୁରୁଷଙ୍କ ନିମନ୍ତେ ଯୋଗ ପ୍ରାପ୍ତିରେ କର୍ମ କରିବା ହିଁ କାରଣ ଅଟେ ଏବଂ ଯୋଗ ଅନୁଷ୍ଠାନ କରିକରି ଯେତେବେଳେ ସେ ପରିଣାମ ଦେବା ଅବସ୍ଥାକୁ ଆସିଯାଏ, ସେହି ଯୋଗାରୂଢତାରେ ସମଃ କାରଣଂ ଉଚ୍ୟତେ । ସମ୍ପୂର୍ଣ୍ଣ ସଙ୍କଳ୍ପର ଅଭାବ ହିଁ କାରଣ ଅଟେ । ଏହା ପୂର୍ବରୁ ସଙ୍କଳ୍ପ କେବେ ପିଣ୍ଡ ଛାଡ଼ିନଥାଏ ।

**ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।**
**ସର୍ବସଂକଳ୍ପସଂନ୍ୟାସୀ ଯୋଗାରୂଢସ୍ତଦୋଚ୍ୟତେ ।।୪।।**

ଯେଉଁ କାଳରେ ପୁରୁଷ ନା ତ ଇନ୍ଦ୍ରିୟମାନଙ୍କ ଭୋଗରେ ଆସକ୍ତ ହୋଇଥାଏ ଏବଂ ନା କର୍ମରେ ହିଁ ଆସକ୍ତ ହୋଇଥାଏ । ଯୋଗର ପରିପକ୍ୱ ଅବସ୍ଥାରେ ପହଞ୍ଚିଗଲା ପରେ ଆଗକୁ କର୍ମ କରି କାହାକୁ ଖୋଜିବା ? ଅତଃ ନିୟତ କର୍ମ ଆରାଧନାର ଆବଶ୍ୟକତା ରହିନଥାଏ । ତେଣୁ ସେ କର୍ମରେ ମଧ୍ୟ ଆସକ୍ତ ହୋଇନଥାଏ, ସେହି କାଳରେ ସର୍ବସଙ୍କଳ୍ପ ସନ୍ନ୍ୟାସୀ ସମସ୍ତ ସଙ୍କଳ୍ପର ଅଭାବ ହୋଇଯାଏ । ତାହା ହିଁ ସନ୍ନ୍ୟାସ, ତାହା ହିଁ ଯୋଗାରୂଢତା । ଏହା ବ୍ୟତିତ ରାସ୍ତାରେ ସନ୍ନ୍ୟାସ ନାମରେ କୌଣସି ବସ୍ତୁ ନଥାଏ । ଏହି ଯୋଗାରୂଢତାରୁ ଲାଭ କ'ଣ ?

**ଉଦ୍ଧରେଦାତ୍ମନାଽତ୍ମାନଂ ନାତ୍ମାନମବସାଦୟେତ୍ ।**
**ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।।୫।।**

ହେ ଅର୍ଜୁନ ! ମନୁଷ୍ୟକୁ ନିଜ ଦ୍ୱାରା ନିଜର ଉଦ୍ଧାର କରିବା ଆବଶ୍ୟକ । ନିଜର ଆତ୍ମାକୁ ଅଧୋଗତିରେ ନ ପକାନ୍ତୁ । କାରଣ ଏହି ଜୀବାତ୍ମା ସ୍ୱୟଂ ନିଜର ମିତ୍ର ଅଟେ ଏବଂ ଏହା ନିଜର ଶତ୍ରୁମଧ୍ୟ ଅଟେ । କେବେ ଏହା ଶତ୍ରୁହୋଇଥାଏ ଏବଂ କେବେ ମିତ୍ର ହୋଇଥାଏ ? ଏହା ଉପରେ କହୁଛନ୍ତି–

**ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।**
**ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ॥୬॥**

ଯେଉଁମାନେ ନିଜର ଆତ୍ମାଦ୍ୱାରା ମନ ଓ ଇନ୍ଦ୍ରିୟ ସହିତ ଶରୀରକୁ ବଶରେ କରିଥାନ୍ତି । ତାଙ୍କ ନିମନ୍ତେ ନିଜର ଆତ୍ମା ହିଁ ମିତ୍ର ହୋଇଥାଏ ଏବଂ ଯେଉଁମାନେ ନିଜ ଆତ୍ମାଦ୍ୱାର ମନ ଓ ଇନ୍ଦ୍ରିୟ ସହିତ ଶରୀରକୁ ବଶରେ କରି ନଥାନ୍ତି, ତାଙ୍କ ନିମନ୍ତେ ନିଜର ଆତ୍ମା ସ୍ୱୟଂ ଶତ୍ରୁତାରେ ପ୍ରବୃତ୍ତ ହୋଇଥାଏ ।

ଏହି ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ଗୋଟିଏ ହିଁ କଥା କହିଛନ୍ତି ଯେ, ନିଜ ଦ୍ୱାର ନିଜ ଆତ୍ମାର ଉଦ୍ଧାର କର । ଆତ୍ମାକୁ ଅଧୋଗତିକୁ ନିଅନ୍ତୁ ନାହିଁ । କାରଣ ଆତ୍ମା ହିଁ ମିତ୍ର ଅଟେ । ସୃଷ୍ଟିରେ ନା ଅନ୍ୟ କେହି ଶତ୍ରୁ, ନା ମିତ୍ର । କେଉଁ ପ୍ରକାର ? ଯାହାଦ୍ୱାରା ମନ ସିହିତ ଇନ୍ଦ୍ରିୟ ଜିଣା ଯାଇଛି, ତାହା ନିମନ୍ତେ ତାହାଙ୍କ ଆତ୍ମା ମିତ୍ର ହୋଇ ମିତ୍ରତାରେ ବର୍ତ୍ତୁଥାଏ । ପରମ କଲ୍ୟାଣ କରିବାରେ ହୋଇଥାଏ ଏବଂ ଯାହାଦ୍ୱାରା ମନ ସହିତ ଇନ୍ଦ୍ରିୟ ଜିଣା ଯାଇପାରିନାହିଁ, ତାହାଙ୍କ ନିମନ୍ତେ ତାଙ୍କରି ଆତ୍ମା ଶତ୍ରୁ ହୋଇ ଶତ୍ରୁତାରେ ବର୍ତ୍ତୁଥାଏ । ନାନାଦି ପ୍ରକାର ଯୋନିରେ ଏବଂ ଯାତନାମାନଙ୍କ ଆଡ଼କୁ ନେଇଯାଇଥାଏ । ପ୍ରାୟଃ ଲୋକେ କହନ୍ତି ଯେ, ମୁଁ ତ ଆତ୍ମା । ଗୀତାରେ ବର୍ଣ୍ଣନ ରହିଛି, ‘‘ଆତ୍ମା କୁ ନା ଶସ୍ତ୍ର କାଟି ପାରିବ, ନା ଅଗ୍ନି ଜଳାଇ ପାରିବ, ନା ବାୟୁ ଶୁଖାଇ ପାରିବ, ନା ଆକାଶ ତାକୁ ନିଜ ଭିତରେ ସମାହିତ କରିପାରିବ । ଆତ୍ମା ନିତ୍ୟ, ଅମୃତ ସ୍ୱରୂପ, ଅପରିବର୍ତ୍ତନଶୀଳ ଓ ଶାଶ୍ୱତ ଅଟେ ଏବଂ ତାହା ମୋ ଭିତରେ ହିଁ ରହିଛି ।’’ ସେମାନେ ଗୀତାର ଏହି ପଂକ୍ତିମାନଙ୍କ ଉପରେ ଧ୍ୟାନ ଦିଅନ୍ତି ନାହିଁ ଯେ, ଆତ୍ମା ଅଧୋଗତିକୁ ମଧ୍ୟ ଯାଇଥାଏ । ଆତ୍ମାର ଉଦ୍ଧାର ମଧ୍ୟ ହୋଇଥାଏ । ଯାହା ପାଇଁ **‘କାର୍ଯ୍ୟଂକର୍ମ’–** କରିବା ଯୋଗ୍ୟ ପ୍ରକ୍ରିୟା ବିଶେଷକୁ କ୍ରିୟାନ୍ୱିତ କରି ହିଁ ଉପଲବ୍ଧ କରିବା କୁହାଯାଇଛି । ବର୍ତ୍ତମାନ ଅନୁକୂଳ ଆତ୍ମାର ଲକ୍ଷଣ ଦେଖିବା–

**ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ॥୭॥**

ଥଣ୍ଡା–ଗରମ, ସୁଖ–ଦୁଃଖ ଏବଂ ମାନ–ଅପମାନରେ ଯାହାର ଅନ୍ତଃକରଣର ବୃତ୍ତି ଭଲ ରୂପେ ଶାନ୍ତ ହୋଇଯାଇଛି । ଏପରି ସ୍ୱାଧିନ ଆତ୍ମବାନ ପୁରୁଷଙ୍କ ଠାରେ ପରମାତ୍ମା ସଦୈବ ସ୍ଥିତ ରହିଥାନ୍ତି । କେବେ ଭିନ୍ନ ହୋଇନଥାନ୍ତି । ଜିତାତ୍ମା ଅର୍ଥାତ୍ ଯିଏ ମନ ସହିତ ଇନ୍ଦ୍ରିୟଙ୍କୁ ଜିଣି ପାରିଛି । ବୃତ୍ତି ପରମଶାନ୍ତିରେ ପ୍ରବାହିତ ହୋଇଯାଇଛି । (ଏହା ହିଁ ଆତ୍ମାର ଉଦ୍ଧାରର ଅବସ୍ଥା) ଆଗକୁ କହୁଛନ୍ତି –

**ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।**
**ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ।।୮।।**

ଯାହାର ଅନ୍ତଃକରଣ ଜ୍ଞାନ-ବିଜ୍ଞାନ ଦ୍ୱାରା ତୃପ୍ତ, ଯାହାର ସ୍ଥିତି ଅଚଳ, ସ୍ଥିର ଓ ବିକାର ରହିତ, ଯିଏ ଇନ୍ଦ୍ରିୟମାନଙ୍କୁ ବିଶେଷ ରୂପରେ ଜିତିପାରିଛି, ତାହାର ଦୃଷ୍ଟିରେ ମାଟି, ପଥର ଓ ସୁବର୍ଣ୍ଣ ଏକ ସମାନ ହୋଇଥାଏ । ଏପରି ଯୋଗୀଙ୍କୁ 'ଯୁକ୍ତ' କୁହାଯାଇଛି । 'ଯୁକ୍ତ'ର ଅର୍ଥ ହେଉଛି ଯୋଗରେ ସଂଯୁକ୍ତ । ଏହା ଯୋଗର ପରାକାଷ୍ଠା । ଯାହାକୁ ଯୋଗେଶ୍ୱର ପଞ୍ଚମ ଅଧ୍ୟାୟରେ ୭ ଠାରୁ ୧୨ ଶ୍ଳୋକ ପର୍ଯ୍ୟନ୍ତ ଚିତ୍ରଣ କରି ଆସିଛନ୍ତି । ପରମତତ୍ତ୍ୱ ପରମାତ୍ମାଙ୍କ ସାକ୍ଷାତ୍‌କାର ଏବଂ ତାହା ସହିତ ହୋଇ ପାରୁଥିବା ଜାନକାରୀ ହିଁ ଜ୍ଞାନ ଅଟେ । ଯଦି ଗୋଟିଏ ଇଞ୍ଚ ମଧ୍ୟ ଇଷ୍ଟଙ୍କ ଠାରୁ ଅଲଗା ରହିଛି, ଜାଣିବାର ଇଛା ରହିଛି, ସେ ପର୍ଯ୍ୟନ୍ତ ସେ ଅଜ୍ଞାନୀ ହିଁ ଅଟେ । ସେହି ପ୍ରେରକ କିପରି ସର୍ବବ୍ୟାପ୍ତ ଅଟେ ? କିପରି ପ୍ରେରଣା ଦେଇଥାଏ ? କିପରି ଅନେକ ଆତ୍ମାଙ୍କୁ ଗୋଟିଏ ସାଥିରେ ପଥ ପ୍ରଦର୍ଶିତ କରିଥାଏ , କିପରି ସେ ଭୂତ ଭବିଷ୍ୟତ ଓ ବର୍ତ୍ତମାନର ଜ୍ଞାତା ହୋଇଥାଏ ? ସେହି ପ୍ରେରକ ଇଷ୍ଟଙ୍କ କାର୍ଯ୍ୟ ପ୍ରଣାଳୀର ଜ୍ଞାନ ହିଁ ବିଜ୍ଞାନ ଅଟେ । ଯେଉଁ ଦିନରୁ ହୃଦୟରେ ଇଷ୍ଟ ଆବିର୍ଭାବ ହୋଇଥାଏ, ସେହି ଦିନରୁ ସେ ନିର୍ଦ୍ଦେଶ ଦେବାରେ ଲାଗିଥାନ୍ତି । କିନ୍ତୁ ପ୍ରାରମ୍ଭରେ ସାଧକ ବୁଝି ପାରିନଥାଏ । ପରାକାଷ୍ଠା କାଳରେ ହିଁ ଯୋଗୀ ତାହାଙ୍କ ଆନ୍ତରିକ କାର୍ଯ୍ୟ ପ୍ରଣାଳୀକୁ ପୂର୍ଣ୍ଣତଃ ବୁଝିପାରିଥାନ୍ତି । ଏହା ବୁଝିବା ହିଁ ଜ୍ଞାନ ଅଟେ । ଯୋଗାରୂଢ ଅଥବା ଯୁକ୍ତ ପୁରୁଷଙ୍କ ଅନ୍ତଃକରଣ ଜ୍ଞାନ ବିଜ୍ଞାନ ଦ୍ୱାରା ତୃଷ୍ଟ ରହିଥାଏ । ଏହି ପ୍ରକାର ଯୋଗଯୁକ୍ତ ପୁରୁଷଙ୍କ ସ୍ଥିତିକୁ ନିରୂପଣ କରି ଯୋଗେଶ୍ୱର ଶ୍ରୀକୃଷ୍ଣ ପୁନଃ କହୁଛନ୍ତି -

**ସୁହୃନ୍ମିତ୍ରାର୍ଯୁଦାସୀନମଧ୍ୟସ୍ଥ ଦ୍ୱେଷ୍ୟ ବନ୍ଧୁଷୁ**
**ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶଷ୍ୟତେ ।।୯।।**

ପ୍ରାପ୍ତି ପରେ ମହାପୁରୁଷ ସମଦର୍ଶୀ ଏବଂ ସମବର୍ତ୍ତୀ ହୋଇଥାନ୍ତି । ଯେପରି ପୂର୍ବ ଶ୍ଳୋକରେ ସେ କହିଲେ ଯେ ପୂର୍ଣ୍ଣ ଜ୍ଞାତା ଓ ପଣ୍ଡିତ, ସେ ବିଦ୍ୟା ବିନୟ ସମ୍ପନ୍ନ ବ୍ରାହ୍ମଣଠାରେ, ଚଣ୍ଡାଳଠାରେ, ଗାଇ, କୁକୁର, ହାତୀଠାରେ ସମାନ ଦୃଷ୍ଟି ରଖିଥାନ୍ତି । ତାହାର ପୂରକ ଏହି ଶ୍ଳୋକ ଅଟେ । ସେ ହୃଦୟରେ ସହାୟତା କରିବା ବ୍ୟକ୍ତି ସହୃଦୟ, ମିତ୍ର, ବୈରୀ, ଉଦାସୀନ, ଦ୍ୱେଷୀ, ବନ୍ଧୁଗଣ, ଧର୍ମାତ୍ମା ଏବଂ ପାପୀମାନଙ୍କ ଠାରେ ମଧ୍ୟ ସମାନ ଦୃଷ୍ଟିବାଲା ଯୋଗଯୁକ୍ତ ପୁରୁଷ ଅତି ଶ୍ରେଷ୍ଠ । ସେ ତାହାଙ୍କ କାର୍ଯ୍ୟ ଉପରେ ଦୃଷ୍ଟିପାତ କରିନଥାନ୍ତି । ବରଂ ତାହାଙ୍କ ଭିତରେ ଥିବା ଆତ୍ମାଙ୍କ

ସଞ୍ଚାର ଉପରେ ହିଁ ଦୃଷ୍ଟି ପଡ଼ିଥାଏ । ଏହି ସବୁଥିରେ ସେ କେବଳ ଏତିକି ଅନ୍ତର ଦେଖିଥାଏ ଯେ, କିଏ ନିମ୍ନ ଶ୍ରେଣୀରେ, ତ କିଏ ନିର୍ମଳତା ସମୀପରେ । କିନ୍ତୁ ସେହି କ୍ଷମତା ସବୁଥିରେ ରହିଛି । ଏଠାରେ ଯୋଗଯୁକ୍ତଙ୍କ ଲକ୍ଷଣର ପୁନରାବୃତି କରୁଛନ୍ତି ।

ଯୋଗଯୁକ୍ତ କିଏ ଏବଂ କିପରି ହୋଇଥାଏ ? ସେ କିପରି ଯଜ୍ଞ କରିଥାଏ ? ଯଜ୍ଞସ୍ଥଳୀ କିପରି ହେବା ଆବଶ୍ୟକ ? ଆସନ କିପରି ଆବଶ୍ୟକ ? ସେହି ସମୟରେ କିପରି ବସିବା ଉଚିତ୍ ? କର୍ତ୍ତା ଦ୍ୱାରା ପାଳନ କରାଯାଉଥିବା ନିୟମ, ଆହାର, ବିହାର, ଶୟନ, ଜାଗ୍ରତ, ସଂଯମ ତଥା କର୍ମରେ କିପରି ଚେଷ୍ଟା ହେବା ଆବଶ୍ୟକ ଇତ୍ୟାଦି ବିନ୍ଦୁମାନଙ୍କରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଆସନ୍ତା ପାଞ୍ଚ ଶ୍ଳୋକରେ ପ୍ରକାଶ କରୁଛନ୍ତି । ଯାହା ଦ୍ୱାରା ଆପଣ ମଧ୍ୟ ସେହି ଯଜ୍ଞକୁ ସମ୍ପନ୍ନ କରିପାରିବେ ।

ତୃତୀୟ ଅଧ୍ୟାୟରେ ସେ ଯଜ୍ଞର ନାମ ମାତ୍ର ନେଲେ ଏବଂ କହିଲେ ଯେ ଯଜ୍ଞର ପ୍ରକ୍ରିୟା ହିଁ ନିୟତ କର୍ମ ଅଟେ । ଚତୁର୍ଥ ଅଧ୍ୟାୟରେ ସେ ଯଜ୍ଞର ସ୍ୱରୂପ ବିସ୍ତୃତ ବର୍ଣ୍ଣନ କଲେ । ଯେଉଁଥିରେ ପ୍ରାଣକୁ ଅପାନରେ ହବନ ଏବଂ ଅପାନକୁ ପ୍ରାଣରେ ହବନ, ପ୍ରାଣ ଅପାନର ଗତିକୁ ଅବରୋଧ କରି ମନର ନିରୋଧାଦି କରାଯାଇଥାଏ । ସାରାଂଶତଃ ଯଜ୍ଞର ଶୁଦ୍ଧ ଅର୍ଥ ହେଉଛି ଆରାଧନା ତଥା ସେହି ଆରାଧ୍ୟ ଦେବ ପର୍ଯ୍ୟନ୍ତ ଦୂର ନିର୍ଣ୍ଣୟ କରାଉଥିବା ପ୍ରକ୍ରିୟା, ଯାହା ଉଦ୍ଦେଶ୍ୟରେ ପଞ୍ଚମ ଅଧ୍ୟାୟରେ ମଧ୍ୟ କହିଥିଲେ । କିନ୍ତୁ ତାହା ନିମନ୍ତେ ଆସନ, ଭୂମି, କରିବାର ବିଧି ଇତ୍ୟାଦିର ଚିତ୍ରଣ ଶେଷ ଥିଲା । ତାହାକୁ ହିଁ ଯୋଗେଶ୍ୱର ଶ୍ରୀକୃଷ୍ଣ ଏଠାରେ ପ୍ରକାଶ କରୁଛନ୍ତି–

**ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।**
**ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ॥୧୦॥**

ଚିତ୍ତକୁ ଜିତିବା ନିମନ୍ତେ ଲାଗି ରହିଥିବା ଯୋଗୀ ମନ, ଇନ୍ଦ୍ରିୟ ଓ ଶରୀରକୁ ବଶରେ ରଖି, ବାସନା ଓ ସଂଗ୍ରହ ରହିତ ହୋଇ ଏକାନ୍ତ ସ୍ଥାନରେ ଏକା ହିଁ ଚିତ୍ତକୁ (ଆତ୍ମୋପଲବ୍ଧି କରାଉଥିବା) ଯୋଗ କ୍ରିୟାରେ ଲଗାଇବା ଉଚିତ୍ । ତାହା ନିମନ୍ତେ ସ୍ଥାନ ଓ ଆସନ କିପରି ରହିବା ଆବଶ୍ୟକ ?

ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନକୁଶୋତ୍ତରମ୍ ॥୧୧॥

ଶୁଦ୍ଧ ଭୂମିରେ କୁଶ, ମୃଗଛାଲ, ବସ୍ତ୍ର ଅଥବା ଏଥିରୁ ଉତ୍ତରୋତ୍ତର ରେଶମୀ, ଉଲ୍ ଇତ୍ୟାଦି ବିଛାଇ ନିଜର ଆସନକୁ ନା ଅତି ଉଚ୍ଚ ନା ଅତି ନିଚ୍ଚ ଏପରି ସ୍ଥିର

ସ୍ଥାପିତ କରିବା ଉଚିତ୍ । ଶୁଦ୍ଧଭୂମିର ତାତ୍ପର୍ଯ୍ୟ ଭୂମିକୁ ଭଲଭାବରେ ସଫା କରି ବସିବାକୁ କୁହାଯାଏ । ନା କି କୌଣସି ପବିତ୍ର ସ୍ଥାନ ବିଶେଷ । ଜମି ଉପରେ କିଛି ବିଛେଇ ଦେବା ଉଚିତ । ମୃଗ ଚର୍ମ ହେଉ କିମ୍ବା ମସିଣା ଅଥବା ଯେକୌଣସି ବସ୍ତ୍ର, ଯାହାକିଛି ଉପଲବ୍ଧି ରହିଛି, କୌଣସି ଗୋଟିଏ ବିଛାଇ ନେବା ଆବଶ୍ୟକ । ଝୁଲୁଥିବା ଆସନ ଅନୁପଯୁକ୍ତ । ନା ଜମିରୁ ଅତିଉଚ୍ଚ, ନା ଜମିଠାରୁ ଅତି ନିଚ୍ଚା । ପୂଜ୍ୟ ଗୁରୁମହାରାଜଜୀ ପାଞ୍ଚଇଞ୍ଚ ଉଚ୍ଚ ଏକ ଆସନରେ ବସୁଥିଲେ । ଥରେ ଭାବୁକ ଭକ୍ତମାନେ ଏକ ଫୁଟ ଉଚ୍ଚ ସଙ୍ଗମରମରର ଗୋଟିଏ ଆସନ ନେଇଆସିଲେ । ଗୁରୁ ମହାରାଜଜୀ ଦିନେ ବସିବା ପରେ କହିଲେ, ନାହିଁ ହୋ ! ବହୁତ ଉଚ୍ଚା ହୋଇଗଲା । (ଊଁଚେ ନହିଁ ବୈଠେ କେ ଚାହୀ, ସାଧୁ କୋ ଅଭିମାନ ହୋଇ ଜାବା କରତ ହୈ । ନୀଚେହୁ ନ ବୈଠେ କେ ଚାହି, ହୀନତା ଆବତ ହୈ, ଅପନେ ସେ ଘୃଣାଆବତ ହୈ ।) ଅର୍ଥାତ୍ ଉଚ୍ଚାସନରେ ବସିବା ଅନୁଚିତ । କାରଣ ସାଧୁଙ୍କୁ ଅଭିମାନ ଆସିଯିବ । ଅତି ନୀଚରେ ବସିବା ମଧ୍ୟ ଅନୁଚିତ କାରଣ ହୀନ ଭାବନା ଆସିପାରେ ଏବଂ ନିଜ ପ୍ରତି ଘୃଣାଭାବ ମଧ୍ୟ ଆସିପାରେ । ଏତିକି କହି ସେ ଆସନକୁ ନେଇ ଜଙ୍ଗଲର ଏକ ବଗିଚାରେ ରଖିଦେଲେ । ସେଠାକୁ ମହାରାଜ ନା କେବେ ଯାଉଥିଲେ, ନା ବର୍ତ୍ତମାନ ମଧ୍ୟ କିଏ ଯାଉଛନ୍ତି । ଏହା ଥିଲା ସେହି ମହାପୁରୁଷଙ୍କ କ୍ରିୟାତ୍ମକ ଶିକ୍ଷଣ । ଏହିପରି ସାଧକ ନିମନ୍ତେ ମଧ୍ୟ ବହୁତ ଉଚ୍ଚାସନ ହେବା ଉଚିତ ନୁହଁ । ନାହିଁ ତ ଭଜନ ପୂର୍ତ୍ତି ପରେ ହେବ, ପ୍ରଥମେ ଅହଂକାର ଘର କରିନେବ । ଏହାପରେ–

**ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ ।**
**ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ ଯୋଗମାତ୍ମବିଶୁଦ୍ଧୟେ ॥୧୨॥**

ସେହି ଆସନରେ ବସି (ବସି ହିଁ ଧ୍ୟାନ କରିବାର ବିଧାନ ରହିଛି) । ମନକୁ ଏକାଗ୍ରକରି, ଚିତ୍ତ ଓ ଇନ୍ଦ୍ରିୟମାନଙ୍କ କ୍ରିୟାଗୁଡ଼ିକୁ ବଶକରି, ଅନ୍ତଃକରଣର ଶୁଦ୍ଧି ନିମନ୍ତେ ଯୋଗାଭ୍ୟାସ କରିବା ଉଚିତ୍ । ବର୍ତ୍ତମାନ କିପରି ବସିବା ଉଚିତ୍, ସେ ଉପରେ କହୁଛନ୍ତି–

**ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଲଂ ସ୍ଥିରଃ ।**
**ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥୧୩॥**

ଶରୀର, ମେରୁଦଣ୍ଡ ଓ ମସ୍ତକକୁ ସିଧା, ଅଚଳ, ସ୍ଥିର କରି (ଯେପରି କୌଣସି ଖମ୍ବ ଠିଆ କରାଯାଇଛି )ଏପରି ସିଧା, ଦୃଢ ହୋଇ ବସି ଯାଆନ୍ତୁ ଏବଂ ନିଜର ନାଶିକାର ଅଗ୍ରଭାଗରେ ଦୃଷ୍ଟି ରଖି (ନାଶିକାର ଅଗ୍ରଭାଗକୁ ଦେଖି ରହିବାର ନିର୍ଦ୍ଦେଶ ନାହିଁ ବରଂ ସିଧା ସଳଖ ବସିଲା ପରେ ନାଶିକାର ସାମନାରେ ଯେଉଁଠାକୁ

ଦୃଷ୍ଟି ପଡ଼ିଥାଏ ଅଥବା ବସିଥିବା ନିଜ ଆସନରୁ ପ୍ରାୟ ତିନି ଚାରି ଫୁଟ ଦୂରରେ ଥିବା କୌଣସି ଏକ ବିନ୍ଦୁରେ ଦୃଷ୍ଟି ରଖିବ କିନ୍ତୁ ମନର ଦୃଷ୍ଟି ହୃଦୟରେ ରହିବା ଆବଶ୍ୟକ ।) ଡାହାଣକୁ ବାମକୁ ଦୃଷ୍ଟିକରିବାର ଚଞ୍ଚଳତା ନରହିବା ଆବଶ୍ୟକ ତଥା ଅନ୍ୟ ଦିଗକୁ ନଦେଖି ସ୍ଥିର ଅବସ୍ଥାରେ ବସନ୍ତୁ ।

**ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।**
**ମନଃ ସଂୟମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ।।୧୪।।**

ବ୍ରହ୍ମଚର୍ଯ୍ୟ ବ୍ରତରେ ସ୍ଥିର ହୋଇ (ପ୍ରାୟଃ ଲୋକେ କହିଥାନ୍ତି ଯେ, ଜନନେନ୍ଦ୍ରିୟର ସଂଯମ ହିଁ ବ୍ରହ୍ମଚର୍ଯ୍ୟ ଅଟେ, କିନ୍ତୁ ମହାପୁରୁଷଙ୍କ ଅନୁଭୂତି ଯେ, ମନ ଦ୍ୱାରା ବିଷୟ ସ୍ମରଣ କରି, ଚକ୍ଷୁରେ ସେହି ଦୃଶ୍ୟ ଦେଖି, ତ୍ୱଚା ଦ୍ୱାରା ସ୍ପର୍ଶକରି, କାନ ଦ୍ୱାରା ବିଷୟୋତ୍ତେଜକ ଶବ୍ଦ ଶୁଣି, ଜନନେନ୍ଦ୍ରୟ ସଂଯମ ସମ୍ଭବ ନାହିଁ । ବ୍ରହ୍ମଚାରୀର ବାସ୍ତବିକ ଅର୍ଥ ହେଉଛି, **ବ୍ରହ୍ମ ଆଚରତି ସ ବ୍ରହ୍ମଚାରୀ**– ବ୍ରହ୍ମର ଆଚରଣ ହେଉଛି ନିୟତ କର୍ମ, ଯଜ୍ଞର ପ୍ରକ୍ରିୟା, ଯାହାକୁ କରିବା ବ୍ୟକ୍ତି, **ଯାନ୍ତି ବ୍ରହ୍ମ ସନାତନମ୍** –ସନାତନ ବ୍ରହ୍ମରେ ପ୍ରବେଶ ପାଇଥାନ୍ତି, ତାହାକୁ କରିବା ସମୟରେ **ସ୍ପର୍ଶାନ୍ କୃତ୍ୱା ବିହିର୍ବାହ୍ୟାନ୍**– ବାହାରର ସ୍ପର୍ଶ, ମନ ଏବଂ ସମସ୍ତ ଇନ୍ଦ୍ରିୟର ସ୍ପର୍ଶ ବାହାରେ ହିଁ ତ୍ୟାଗକରି ଚିତ୍ତକୁ ବ୍ରହ୍ମ ଚିନ୍ତନରେ, ଶ୍ୱାସ–ପ୍ରଶ୍ୱାସରେ, ଧ୍ୟାନରେ ଲଗାଇବା ଉଚିତ୍। ମନ ବ୍ରହ୍ମରେ ଲାଗି ରହିଛି ତେବେ ବାହ୍ୟ ସ୍ମରଣ କିଏ କରିବ ? ଯଦି ବାହ୍ୟ ସ୍ମରଣ ହେଉଛି ତେବେ ମନ ଲାଗିଛି କିପରି ? ବିକାର ଶରୀରରେ ନଥାଏ ବରଂ ମନର ଅନ୍ତରାଳରେ ରହିଥାଏ । ଯଦି ମନ ବ୍ରହ୍ମାଚରଣରେ ଲାଗି ରହିଛି, ତେବେ କେବଳ ଜନନେନ୍ଦ୍ରିୟ ସଂଯମ ନୁହଁ ସମ୍ପୂର୍ଣ୍ଣ ଇନ୍ଦ୍ରିୟ ସଂଯମ ସ୍ୱଭାବିକ ହୋଇଯାଇଥାଏ । ଅତଃ ବ୍ରହ୍ମର ଆଚରଣରେ ସ୍ଥିତ ରହି) ଭୟ ରହିତ ଏବଂ ଭଲ ରୂପେ ଶାନ୍ତ ଅନ୍ତଃକରଣ ପୁରୁଷ ମନକୁ ସଂଯମ ରଖି, ମୋ ଠାରେ ଲାଗି ରହିଥିବା ଚିତ୍ତଯୁକ୍ତ ହୋଇ, ମୋର ପରାୟଣ ହୋଇ ସ୍ଥିର ହୁଅ । ଏପରି କରିବାର ପରିଣାମ କ'ଣ ହେବ ?

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।**
**ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି ।।୧୫।।**

ଏହିପରି ନିଜକୁ ନିରନ୍ତର ସେହି ଚିନ୍ତନରେ ଲଗାଇ, ସଂଯତ ମନଯୁକ୍ତ ଯୋଗୀ ମୋ ଠାରେ ସ୍ଥିତିରୂପୀ ପରାକାଷ୍ଠା ଯୁକ୍ତ ହୋଇଥିବା ଶାନ୍ତିକୁ ପ୍ରାପ୍ତ ହୋଇଥାଏ । ତେଣୁକରି ନିଜକୁ ନିରନ୍ତର କର୍ମରେ ଲଗାନ୍ତୁ । ଏଠାରେ ଏହି ପ୍ରଶ୍ନ ପ୍ରାୟଃ ପୂର୍ଣ୍ଣ ହେଲା । ଆସନ୍ତା ଦୁଇ ଶ୍ଳୋକରେ ସେ କହୁଛନ୍ତି ଯେ, ପରମାନନ୍ଦଯୁକ୍ତ ଶାନ୍ତି ନିମନ୍ତେ ଶାରୀରିକ ସଂଯମ, ଯୁକ୍ତ ଆହାର, ଯୁକ୍ତ ବିହାର ଆବଶ୍ୟକ ।

**ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।**
**ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ॥୧୬॥**

ହେ ଅର୍ଜୁନ ! ଏହି ଯୋଗ ନା ତ ବହୁତ ଭୋଜନ କରୁଥିବା ବ୍ୟକ୍ତିଙ୍କ ସିଦ୍ଧହୋଇଥାଏ ଏବଂ ନା କିଛି ଭୋଜନ କରୁନଥିବା ବ୍ୟକ୍ତିର ସିଦ୍ଧ ହୋଇଥାଏ । ତଥା ନା ଅତ୍ୟନ୍ତ ଶୋଇଥିବା ବ୍ୟକ୍ତିର ସିଦ୍ଧ ହାଇଥାଏ ଏବଂ ନା ଅତ୍ୟନ୍ତ ଜାଗରଣ ରହୁଥିବା ବ୍ୟକ୍ତିର ହିଁ ସିଦ୍ଧ ହୋଇଥାଏ । ତେବେ ସିଦ୍ଧ କାହାର ହୋଇଥାଏ ?

**ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।**
**ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥୧୭॥**

ଦୁଃଖ ନାଶ କରୁଥିବା ଏହି ଯୋଗ, ଉଚିତ୍ ଆହାର ବିହାର, କର୍ମରେ ଉପଯୁକ୍ତ ଚେଷ୍ଟା ଏବଂ ସନ୍ତୁଳିତ ଶୋଇବା ଉଠବା ବ୍ୟକ୍ତିର ହିଁ ପୂର୍ଣ୍ଣ ହୋଇଥାଏ । ଅଧିକ ଭୋଜନ କରିବା ଦ୍ୱାରା ଆଳସ୍ୟ, ନିଦ୍ର ଓ ପ୍ରମାଦ ଘେରିଯିବ । ଭୋଜନ ତ୍ୟାଗ କରି ଦେଲେ ଇନ୍ଦ୍ରିୟମାନେ ଦୁର୍ବଳ ହୋଇପଡ଼ିବେ । ଅଚଳ ସ୍ଥିର ବସିବା କ୍ଷମତା ରହିବ ନାହିଁ । ପୂଜ୍ୟ ଗୁରୁମହାରାଜୀ କହୁଥିଲେ ଯେ, ଆବଶ୍ୟକ ଭୋଜନରୁ କିଛି କମ୍ ଭୋଜନ କରିବା ଆବଶ୍ୟକ । ବିହର ଅର୍ଥାତ୍ ସାଧାନର ଅନୁକୂଳ ବିଚରଣ, କିଛି ପରିଶ୍ରମ ମଧ କରିବା ଆବଶ୍ୟକ । ଯେ କୌଣସି କାର୍ଯ୍ୟ ବାଛି ନେବା ଉଚିତ୍ । ଅନ୍ୟଥା ରକ୍ତ ସଞ୍ଚାଳନ ଶିଥିଳ ହୋଇପଡ଼ିବ । ରୋଗ ବ୍ୟାଧି ଆସି ଘେରିଯିବେ । ଶୋଇବା, ଉଠିବା, ଆହାର ଏବଂ ଅଭ୍ୟାସ ଦ୍ୱା। ଆୟୁ ହ୍ରାସ ବୃଦ୍ଧି ହୋଇଥାଏ । ଗୁରୁ ମାହାରାଜ କହୁଥିଲେ, ଯୋଗୀକୁ ଚାରିଘଣ୍ଟା ଶୋଇବା ଉଚିତ୍ ଏବଂ ଅନବରତ ଚିନ୍ତନ୍‌ରେ ଲାଗି ରହିବା ଉଚିତ୍ । ହଠ କରି ନଶୋଇବା ବ୍ୟକ୍ତି ଶିଘ୍ର ପାଗଳ ହୋଇଯାଏ । କର୍ମରେ ଉପଯୁକ୍ତ ଚେଷ୍ଟା ମଧ ହେଉ ଅର୍ଥାତ୍ ନିୟତ କର୍ମ ଆରାଧନାର ଅନୁରୂପ ନିରନ୍ତର ପ୍ରୟତ୍ନଶୀଳ ହେବା ଉଚିତ୍ । ବାହ୍ୟ ବିଷୟକୁ ସ୍ମରଣ ନକରି ସଦୈବ ଯୋରେ ଲାଗି ରହିବା ବ୍ୟକ୍ତିର ହିଁ ଯୋଗ ସିଦ୍ଧ ହୋଇଥାଏ । ଏହା ସଙ୍ଗେ ସଙ୍ଗେ–

**ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।**
**ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ॥୧୮॥**

ଏହିପରି ଯୋଗାଭ୍ୟାସ ଦ୍ୱାରା ବିଶେଷ ରୂପରେ ବଶ କରାଯାଇଥିବା ଚିତ୍ତ ଯେଉଁ ସମୟରେ ପରମାତ୍ମାଙ୍କ ଠାରେ ଭଲଭାବରେ ସ୍ଥିତ ହୋଇଯାଏ, ବିଲୟ ହୋଇଯାଇଥାଏ, ସେହି ସମୟରେ ସମ୍ପୂର୍ଣ୍ଣ କାମନା ରହିତ ପୁରୁଷଙ୍କୁ ହିଁ ଯୋଗଯୁକ୍ତ କୁହାଯାଏ । ବର୍ତ୍ତମାନ ବିଶେଷ ରୂପରେ ଜଣିଥିବା ଚିତ୍ତର ଲକ୍ଷଣ କ'ଣ ?

**ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।**
**ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ।।୧୯।।**

ଯେଉଁପରି ବାୟୁ ରହିତ ସ୍ଥାନରେ ରଖାଯାଇଥିବା ଦୀପ ଶିଖା ହଲ୍‌ଚଲ୍ ନ ହୋଇ ରହିଥାଏ, ତାର ଶିଖା ସିଧା ଉପରକୁ ଯାଉଥାଏ, ସେଥିରେ କମ୍ପନ ହୋଇନଥାଏ । ହି ଉପମା ପରମାତ୍ମାଙ୍କ ଧ୍ୟାନରେ ଲଗାଇଥିବା ଯୋଗୀଙ୍କ ବିଜିତ ଚିତ୍ତକୁ ଦିଆଗଲା । ଦୀପଶିଖା ଦୃଷ୍ଟାନ୍ତ ମାତ୍ର । ଆଜିକାଲି ଦୀପ ପ୍ରଚଳନ ଶିଥିଳ ହୋଇଯାଇଛି ।ଧୂପକାଠି ଜଳାଇଲେ ଧୂଆଁ ସିଧା ଉପରକୁ ଯାଏ, ଯଦି ବାୟୁରେ ବେଗ ନଥାଏ ।ଏହା ଯୋଗୀଙ୍କ ବିଜିତ ଚିତ୍ତର ଦୃଷ୍ଟାନ୍ତ ମାତ୍ର । ବର୍ତ୍ତମାନ ଚିତ୍ତ ଭଲେ ଜିଣାଯାଇଛି, ନିରୋଧ ହୋଇଯାଇଛି , କିନ୍ତୁ ବର୍ତ୍ତମାନ ଚିତ୍ତ ରହିଛି । ଯେବେ ନିରୋଧ ଚିତ୍ତ ମଧ୍ୟ ବିଲୟ ହୋଇଯାଏ, ତେବେ କେଉଁ ବିଭୂତି ମିଳିଥାଏ ?

**ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।**
**ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ।।୨୦।।**

ଯେଉଁ ଅବସ୍ଥାରେ ଯୋଗାଭ୍ୟାସ ଦ୍ୱାରା, (ବିନା ଅଭ୍ୟାସରେ କେବେ ବି ନିରୋଧ ହେବ ନାହିଁ, ଅତଃ ଯୋଗାଭ୍ୟାସ ଦ୍ୱାରା) ନିରୁଦ୍ଧ ହୋଇଥିବା ଚିତ୍ତ ମଧ୍ୟ ଉପରାମ ହୋଇଯାଏ, ନଷ୍ଟ ହୋଇଯାଏ, ବିଲୟ ହୋଇଯାଏ, ସେହି ଅବସ୍ଥାରେ **ଆତ୍ମନା**– ନିଜ ଆତ୍ମାଦ୍ୱାରା ଆତ୍ମାନମ୍ ପରମାତ୍ମାକୁ ଦର୍ଶନକରି, **ଆତ୍ମନ୍ୟେବ–** ନିଜ ଆତ୍ମାରେ ହିଁ ତୁଷ୍ଟ ହୋଇଥାଏ । ସେ ପରମାତ୍ମାଙ୍କୁ ହିଁ ଦେଖୁଥାଏ । ପରନ୍ତୁ ନିଜର ଆତ୍ମାରେ ହିଁ ତୁଷ୍ଟ ହୋଇଥାଏ । କାରଣ ପ୍ରାପ୍ତି କାଳରେ ତ ପରମାତ୍ମାଙ୍କ ସାକ୍ଷାତ୍‌କାର ହୋଇଥାଏ ।କିନ୍ତୁ ତତ୍‌କ୍ଷଣ ସେ ନିଜ ଆତ୍ମାକୁ ସେହି ଶାଶ୍ୱତ ଈଶ୍ୱରୀୟ ବିଭୂତି ଦ୍ୱାରା ଓତପ୍ରୋତହୋଇଥାବା ପାଇଥାଏ । ବ୍ରହ୍ମ ଅଜର, ଅମର, ଶାଶ୍ୱତ, ଅବ୍ୟକ୍ତ ଏବଂ ଅମୃତ ସ୍ୱରୂପ ଅଟେ । ତେବେ ଏଠାରେ ଆତ୍ମା ମଧ୍ୟ ଅଜର, ଅମର ଶାଶ୍ୱତ ଏବଂ ଅମୃତ ସ୍ୱରୂପ ହୋଇଗଲା । ସେ ଅଚିନ୍ତ୍ୟ ମଧ୍ୟ ଅଟେ । ଯେଉଁ ପର୍ଯ୍ୟନ୍ତ ଚିତ୍ତ ଏବଂ ଚିତ୍ତର ଲହରି ରହିଛି, ସେ ପର୍ଯ୍ୟନ୍ତ ଆପଣଙ୍କ ଉପଭୋଗ ନିମନ୍ତେ ନୁହଁ । ଚିତ୍ତର ନିରୋଧ ଏବଂ ନିରୋଧ ଚିତ୍ତର ବିଲୟ କାଳରେ ପରମାତ୍ମାଙ୍କ ସାକ୍ଷାତ୍‌କାର ହୋଇଥାଏ ଏବଂ ଦର୍ଶନର ଠିକ୍ ଅନ୍ୟକ୍ଷଣରେ ସେହି ଈଶ୍ୱରୀୟ ଗୁଣ ଧର୍ମ ଦ୍ୱାରା ଯୁକ୍ତ ନିଜର ଆତ୍ମାକୁ ପାଇଥାଏ । ତେଣୁ ସେ ନିଜର ଆତ୍ମାରେ ହିଁ ସନ୍ତୁଷ୍ଟ ହୋଇଥାଏ । ଏହା ହିଁ ତାହାର ସ୍ୱରୂପ । ଏହା ହିଁ ପରାକାଷ୍ଠା ମଧ୍ୟ । ଏହାର ପୂରକ ଆସନ୍ତା ଶ୍ଲୋକରେ ଦେଖିବା–

**ସୁଖମାତ୍ୟନ୍ତିକଂ ଯତ୍ତଦ୍ ବୁଦ୍ଧିଗ୍ରାହ୍ୟମତିନ୍ଦ୍ରିୟମ୍ ।**
**ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଲତି ତତ୍ତ୍ୱତଃ ॥୨୧॥**

ଇନ୍ଦ୍ରିୟମାନଙ୍କରୁ ଅତୀତ କେବଳ ଶୁଦ୍ଧ ହୋଇଥିବା ସୂକ୍ଷ୍ମ ବୁଦ୍ଧି ଦ୍ୱାରା ଗ୍ରହଣ କରିବା ଯୋଗ୍ୟ ଯାହାକି ଅନନ୍ତ ଆନନ୍ଦ ଅଟେ, ତାହାକୁ କେଉଁ ଅବସ୍ଥାରେ ଅନୁଭବ କରିଥାଏ ଏବଂ ଯେଉଁ ଅବସ୍ଥାରେ ସ୍ଥିତ ହୋଇଥିବା ଯୋଗୀ ଭଗବଦ୍ ସ୍ୱରୂପକୁ ତତ୍ତ୍ୱଦ୍ୱାରା ଜାଣି ବିଚଳିତ ହୋଇନଥାଏ, ସଦୈବ ସେଥିରେ ହିଁ ପ୍ରତିଷ୍ଠିତ ରହିଥାଏ । ତଥା–

**ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।**
**ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥୨୨॥**

ପରମେଶ୍ୱରଙ୍କ ପ୍ରାପ୍ତିରୂପ ଯେଉଁ ଲାଭ, ପରାକାଷ୍ଠାର ଶାନ୍ତିକୁ ପ୍ରାପ୍ତ କରି ତାହାଠାରୁ ଅଧିକ ଅନ୍ୟ କୌଣସି ଲାଭ ମାନିନଥାଏ ଏବଂ ଭଗବଦ୍ ପ୍ରାପ୍ତିରୂପୀ ଯେଉଁ ଅବସ୍ଥାରେ ସ୍ଥିତ ହୋଇଥିବା ଯୋଗୀ ଭୟଙ୍କର ଦୁଃଖରେ ମଧ୍ୟ ବିଚଳିତ ହୁଏ ନାହିଁ, ତାହାକୁ ଦୁଃଖର ଭାବନା ମଧ୍ୟ ହୋଇନଥାଏ, କାରଣ ଅନୁଭବ କରୁଥିବା ଚିତ୍ତ ତ ନଷ୍ଟ ହୋଇଗଲା । ଏହିପରି–

**ତଂ ବିଦ୍ୟାଦ୍‌ଦୁଃଖସଂୟୋଗବିୟୋଗଂ ୟୋଗସଂଜ୍ଞିତମ୍ ।**
**ସ ନିଶ୍ଚୟେନ ୟୋକ୍ତବ୍ୟୋ ୟୋଗାଽନିର୍ବିଣ୍ଣଚେତସା ॥୨୩॥**

ଯାହା ସଂସାରର ସଂଯୋଗ ଓ ବିୟୋଗରୁ ରହିତ, ତାହାର ନାମ ଯୋଗ ଅଟେ । ଯାହା ଆତ୍ୟନ୍ତିକ ସୁଖ, ତାହାର ମିଳନର ନାମ ହିଁ ଯୋଗ ଅଟେ । ଯାହାକୁ ପରତତ୍ତ୍ୱ ପରମାତ୍ମା କୁହାଯାଏ । ତାହାର ମିଳନର ନାମ ଯୋଗ । ସେହି ଯୋଗ କୁ ଅବିଚଳିତ ଚିତ୍ତ ଦ୍ୱାରା ନିଶ୍ଚୟ ପୂର୍ବକ କରିବା ହିଁ କର୍ତ୍ତବ୍ୟ । ଧୈର୍ଯ୍ୟ ପୂର୍ବକ ଲାଗି ରହିଥିବା ବ୍ୟକ୍ତି ହିଁ ଯୋଗରେ ସଫଳ ହୋଇଥାଏ ।

**ସଂକଳ୍ପ ପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।**
**ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥୨୪॥**

ତେଣୁ କରି ସଙ୍କଳ୍ପରୁ ଉତ୍ପନ୍ନ ସମ୍ପୂର୍ଣ୍ଣ କାମନା, ବାସନା ଏବଂ ଆସକ୍ତିକୁ ସର୍ବଥା ତ୍ୟାଗ କରି, ମନ ଦ୍ୱାରା ଇନ୍ଦ୍ରିୟ ସମୁଦାୟକୁ ସମ୍ପୂର୍ଣ୍ଣରୂପେ ବଶରେ କରିବା ଉଚିତ୍ ।

**ଶନୈଃ ଶନୈରୂପରମେଦ୍‌ବୁଦ୍ଧ୍ୟା ଧୃତିଗୃହୀତୟା ।**
**ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଂଚିଦପି ଚିନ୍ତୟେତ୍ ॥୨୫॥**

ଧିରେ ଧିରେ ଅଭ୍ୟାସ କରି ଉପରାମତାକୁ ପ୍ରାପ୍ତ ହୁଅ । ଚିତ୍ତ ନିରୋଧ

ଓ ନିରୋଧ ଚିତ୍ତ କ୍ରମଶଃ ବିଲୟ ହେଲେ, ତଦନ୍ତର ସେ ଧୈର୍ଯ୍ୟ ଯୁକ୍ତ ବୁଦ୍ଧି ଦ୍ୱାରା ମନକୁ ପରମାତ୍ମାରେ ସ୍ଥିର କରି ଅନ୍ୟ କିଛି ଚିନ୍ତନ ନକରି, ନିରନ୍ତର କର୍ମରେ ପ୍ରବୃତ୍ତ ହୋଇ ପ୍ରାପ୍ତ କରିବା ବିଧାନ ରହିଛି । କିନ୍ତୁ ପ୍ରାରମ୍ଭରେ ମନ ଲାଗୁ ନଥାଏ, ଏହା ଉପରରେ ଯୋଗେଶ୍ୱର କହୁଛନ୍ତି–

**ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।**
**ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥୨୬॥**

ସ୍ଥିର ରହୁନଥିବା ଚଞ୍ଚଳ ମନ ଯେଉଁ କାରଣରୁ ସାଂସାରିକ ପଦାର୍ଥରେ ବିଚରଣ କରୁଥାଏ, ସେଠାରୁ ମନକୁ ଟାଣିଆଣି ବାରମ୍ବାର ଅନ୍ତରାତ୍ମାରେ ହିଁ ନିରୋଧ କରିବା ଉଚିତ୍ । ପ୍ରାୟଃ ଲୋକେ କହନ୍ତି ଯେ, ମନ ଯେଉଁ ଆଡ଼େ ଯିବାକୁ ଚାହୁଁଛି, ତାକୁ ଯିବାକୁ ଦିଅ । ପ୍ରକୃତି ଆଡ଼କୁ ହିଁ ତ ଯିବ ଏବଂ ପ୍ରକୃତି ମଧ୍ୟ ସେହି ବ୍ରହ୍ମର ହିଁ ଅନ୍ତର୍ଗତ । ପ୍ରକୃତିରେ ବିଚରଣ କରିବା, ବ୍ରହ୍ମଠାରୁ ବାହାରେ ନୁହେଁ । କିନ୍ତୁ ଶ୍ରୀକୃଷ୍ଣଙ୍କ ଅନୁସାରେ ଏହା ଭୁଲ୍ । ଗୀତାରେ ଏହି ମାନ୍ୟତାର କୌଣସି ସ୍ଥାନ ନାହିଁ । ଶ୍ରୀକୃଷ୍ଣଙ୍କ କଥନ ଏହା ଯେ ମନ ଯେଉଁ ଆଡ଼େ, ଯେଉଁ ମାଧ୍ୟମରେ ଯାଉନା କାହିଁକି, ସେହି ଠାରୁ ସେହି ମାଧ୍ୟମରେ ନିରୋଧ କରି ପରମାତ୍ମାରେ ହିଁ ଲଗାଇବା ଉଚିତ୍ । ମନର ନିରୋଧ ସମ୍ଭବ ହୋଇପାରିବ । ଏହି ନିରୋଧ ମନର ପରିଣାମ କ'ଣ ହେବ ?

**ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।**
**ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥୨୭॥**

ଯାହାର ମନ ପୂର୍ଣ୍ଣ ରୂପରେ ଶାନ୍ତ, ପାପରୁ ରହିତ, ରଜୋଗୁଣ ଶାନ୍ତ ହୋଇଯାଇଥିବ, ଏହିପରି ବ୍ରହ୍ମରେ ଐକ୍ୟ ହୋଇଥିବା ଯୋଗୀଙ୍କୁ ସର୍ବୋତ୍ତମ ଆନନ୍ଦ ପ୍ରାପ୍ତ ହୋଇଥାଏ, ଯାହା ଠାରୁ ଅଧିକ ଉତ୍ତମ ଆଉକିଛି ନଥାଏ ।ଏହା ଉପରେ ପୁନଃ କହୁଛନ୍ତି–

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଲ୍ମଷଃ ।**
**ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥୨୮॥**

ପାପ ରହିତ ଯୋଗୀ ଏହି ପ୍ରକାର ଆତ୍ମାଙ୍କୁ ନିରନ୍ତର ସେହି ପରମାତ୍ମାରେ ଲଗାଇ ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାଙ୍କ ପ୍ରାପ୍ତିର ଅନନ୍ତ ଆନନ୍ଦ ଅନୁଭବ କରିଥାଏ । ସେ **ବ୍ରହ୍ମ ସଂସ୍ପର୍ଶ** – ଅର୍ଥାତ୍ ବ୍ରହ୍ମକୁ ସ୍ପର୍ଶ ଏବଂ ସେଥିରେ ପ୍ରବେଶ ସହିତ ଅନନ୍ତ ଆନନ୍ଦ ଅନୁଭବ କରିଥାଏ, ଅତଃ ଭଜନ ଅନିବାର୍ଯ୍ୟ ଅଟେ । ଏହା ଉପରେ ପୁନଃ ଆଗକୁ କହୁଛନ୍ତି–

**ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।**

**ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।।୨୯।।**

ଯୋଗର ପରିଣାମରେ ଯୁକ୍ତାତ୍ମା ପୁରୁଷ ସମସ୍ତଙ୍କ ଠାରେ ସମଭାବରେ ଦେଖିପାରୁଥିବା ଯୋଗୀ ଆତ୍ମାକୁ ସମ୍ପୂର୍ଣ୍ଣ ଭୂତରେ ବ୍ୟାପ୍ତ ଦେଖୁଥାଏ ଏବଂ ସମ୍ପୂର୍ଣ୍ଣ ଭୂତଙ୍କୁ ନିଜର ଆତ୍ମାରେ ହିଁ ପ୍ରବାହିତ ଦେଖିଥାଏ । ଏହି ପ୍ରକାର ଦେଖିବା ଦ୍ୱାରା ଲାଭ କ'ଣ ?

**ଯୋ ମାଂ ପଶ୍ୟନ୍ତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।**
**ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।।୩୦।।**

ଯେଉଁ ପୁରୁଷ ସମ୍ପୂର୍ଣ୍ଣ ଭୂତରେ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ ବ୍ୟାପ୍ତ ଦେଖିଥାଏ, ଏବଂ ସମ୍ପୂର୍ଣ୍ଣ ଭୂତଙ୍କୁ ମୋତେ ଅର୍ଥାତ୍ ପରମାତ୍ମାଙ୍କ ଅନ୍ତର୍ଗତ ଦେଖିଥାଏ । ତାଙ୍କ ନିମନ୍ତେ  ମୁଁ ଅଦୃଶ୍ୟ ହୋଇ ନଥାଏ ଏବଂ ସେ ମଧ୍ୟ ମୋର ନିମନ୍ତେ ଅଦୃଶ୍ୟ ହୋଇନଥାଏ । ଏହା ପ୍ରେରକଙ୍କ ମୁହାଁମୁହିଁ ମିଳନ ଅଟେ, ସଖ୍ୟଭାବ ଓ ସାମିପ୍ୟ ମୁକ୍ତି ଅଟେ ।

**ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।**
**ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।୩୧।।**

ଯେଉଁ ପୁରୁଷ ଅନେକତାରୁ ପରେ ଉପରୋକ୍ତ ଏକତ୍ୱ ଭାବରେ ମୋତେ, ପରମାତ୍ମାଙ୍କୁ ଭଜନ କରିଥାଏ, ସେ ଯୋଗୀ ସବୁ ପ୍ରକାର କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ମଧ୍ୟ ମୋ ଠାରେ ହିଁ ପ୍ରବୃତ୍ତ ହୋଇଥାଏ । କାରଣ ମୋ ବିନା ତା ନିମନ୍ତେ ଅନ୍ୟ କୌଣସି ରାସ୍ତା ହିଁ ନାହିଁ । ତାହାର ତ ସବୁକିଛି ବିଲୟ ହୋଇଗଲା । ସେ ବର୍ତ୍ତମାନ ଉଠିବା, ବସିବା ଯାହା କିଛି କ୍ରିୟା କରିଥାଏ, ମୋର ସଙ୍କଳ୍ପରେ ହିଁ କରିଥାଏ ।

**ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।**
**ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ।।୩୨।।**

ହେ  ଅର୍ଜୁନ ! ଯେଉଁ ଯୋଗୀ ନିଜଭଳି ସମ୍ପୂର୍ଣ୍ଣ ଭୂତରେ ସମାନ ଦେଖୁଥାଏ, ନିଜ ପରି ହିଁ ଦେଖୁଥାଏ, ସୁଖ ଓ ଦୁଃଖ ମଧ୍ୟ ସମସ୍ତଙ୍କଠାରେ ସମାନ ଦେଖୁଥାଏ, ଯାହାର ଭେଦଭାବ ସମାପ୍ତ ହୋଇଯାଇଛି, ସେହି ଯୋଗୀ ପରମ ଶ୍ରେଷ୍ଠ  ମାନ୍ୟ । ଏଠାରେ ପ୍ରଶ୍ନ  ପୁରା ହେଲା । ଏହା ଉପରେ ଅର୍ଜୁନ ପ୍ରଶ୍ନ କଲେ–

**ଅର୍ଜୁନ ଉବାଚ**

**ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ୍ ମଧୁସୂଦନ ।**
**ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଲତ୍ୱାତ୍ ସ୍ଥିତିଂ ସ୍ଥିରାମ୍ ।।୩୩।।**

ହେ ମଧୁସୂଦନ ! ଏହି ଯୋଗ ଆପଣ ପୂର୍ବେ କହି ଆସିଛନ୍ତି, ଯେଉଁଥିରୁ

ସମତ୍ୱଭାବ ଦୃଷ୍ଟି ପ୍ରାପ୍ତ ହୋଇଥାଏ, ମନ ଚଞ୍ଚଳ ହେବା ସମୟରେ ମୁଁ ବହୁତ ସମୟ ପର୍ଯ୍ୟନ୍ତ ଯୋଗରେ ସ୍ଥିତ ରହି ପାରିଲା ଭଳି ଦେଖୁ ନାହିଁ ।

**ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଲବଦ୍ ଦୃଢମ୍ ।**
**ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ।।୩୪।।**

ହେ କୃଷ୍ଣ ! ଏହି ମନ ବଡ଼ ଚଞ୍ଚଳ ଏବଂ ପ୍ରମଥନ ସ୍ୱଭାବଯୁକ୍ତ ଅଟେ । ପ୍ରମଥନ ଅର୍ଥ ଅନ୍ୟକୁ ମନ୍ଥି ଦେଇପାରୁଥିବା, ହଠ ଯୁକ୍ତ ତଥା ବଳବାନ୍ ଅଟେ । ତେଣୁକରି ମନକୁ ବଶରେ କରିବାକୁ ମୁଁ ବାୟୁ ସଦୃଶ ଅତି ଦୁଷ୍କର ମନେ କରୁଛି । ତୋଫାନ ବାୟୁକୁ ଅଟକାଇବା ଏବଂ ମନର ନିରୋଧ ଏକ ସମାନ ଅଟେ । ଏହା ଉପରେ ଯେଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତ–

**ଶ୍ରୀଭଗବାନୁବାଚ**

**ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଲମ୍ ।**
**ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।।୩୫।।**

ମହାନ କାର୍ଯ୍ୟ କରିବା ନିମନ୍ତେ ପ୍ରୟତ୍ନଶୀଳ ହେ ମହାବାହୋ ଅର୍ଜୁନ ! ନିଃସନ୍ଦେହ ମନ ଚଞ୍ଚଳ ଏବଂ ବଡ଼ କଠିନତାରେ ବଶ ହୁଏ ତଥାପି ହେ କୌନ୍ତେୟ ! ଏହା ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ବଶରେ ଆସିଥାଏ । ଯେଉଁଠାରେ ଚିତ୍ତକୁ ଲଗାଇବା ଉଚିତ୍, ସେଠାରେ ସ୍ଥିର କରିବା ନିମନ୍ତେ ବାରମ୍ବାର ପ୍ରୟତ୍ନଶୀଳ ହେବା ହିଁ ଅଭ୍ୟାସ ତଥା ଦେଖିଥିବା, ଶୁଣିଥିବା ବିଷୟବସ୍ତୁରେ ଅର୍ଥାତ୍ ସଂସାର ଓ ସ୍ୱର୍ଗାଦି ବିଷୟ ଭୋଗରେ ରାଗ ଅର୍ଥାତ୍ ଆସକ୍ତିର ତ୍ୟାଗ ହିଁ ବୈରାଗ୍ୟ । ଶ୍ରୀକୃଷ୍ଣ କହନ୍ତି ଯେ ମନକୁ ବଶ କରିବା କଠିନ କିନ୍ତୁ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏହା ବଶ ହୋଇଥାଏ ।

**ଅସଂୟତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।**
**ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ।।୩୬।।**

ହେ ଅର୍ଜୁନ ! ମନକୁ ବଶ ନକରିପାରିଥିବା ପୁରୁଷ ପାଇଁ ଯୋଗ ପ୍ରାପ୍ତ ହେବା କଠିନ । କିନ୍ତୁ ସ୍ୱବଶ ମନଯୁକ୍ତ ପ୍ରୟତ୍ନଶୀଳ ପୁରୁଷ ନିମନ୍ତେ ଯୋଗ ସହଜ ହୋଇଥାଏ । ଏହା ମୋର ନିଜ ମତ ଅଟେ । ଯେତକି କଠିନ ତୁମେ ଭାବୁଛ, ସେତିକି କଠିନ ନୁହଁ । ଅତଃ ଏହାକୁ କଠିନ ମନେ କରି ଛାଡ଼ି ଦିଅନାହିଁ । ପ୍ରୟତ୍ନ ପୂର୍ବକ ଅଭ୍ୟାସ କରି ଯୋଗକୁ ପ୍ରାପ୍ତ କର । କାରଣ ମନକୁ ବଶ କରିବା ପରେ ହିଁ ଯୋଗ ସମ୍ଭବ ଅଟେ । ଏହା ପରେ ଅର୍ଜୁନ ପ୍ରଶ୍ନ କଲେ–

**ଅର୍ଜୁନ ଉବାଚ**

**ଅୟତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଲିତମାନସଃ ।**

**ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ।।୩୭।।**

ଯୋଗାଭ୍ୟାସ କରୁଥିବା ସମୟରେ ଯଦି କାହାର ମନ ବିଚଳିତ(ଯୋଗଭ୍ରଷ୍ଟ) ହୋଇଯାଏ, ଯଦ୍ୟପି ବର୍ତ୍ତମାନ ଯୋଗରେ ତାର ଶ୍ରଦ୍ଧା ରହିଛି ତେବେ ଏପରି ପୁରୁଷ ଭଗବତ୍ ସ୍ୱରୂପକୁ ପ୍ରାପ୍ତ ନ ହୋଇ କେଉଁ ଗତିକୁ ପାଇଥାଏ ?

**କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।**
**ଅପ୍ରତିଷ୍ଠୋ ମହାବାହୋ ବିମୂଢୋ ବ୍ରହ୍ମଣଃ ପଥି ।।୩୮।।**

ହେ ମହାବାହୋ ଶ୍ରୀକୃଷ୍ଣ ! ଭଗବତ୍ ପ୍ରାପ୍ତି ମାର୍ଗରୁ ବିଚଳିତ ହୋଇଥିବା ସେହି ମୋହିତ ପୁରୁଷ ଛିନ୍ନ-ଭିନ୍ନ ମେଘ ପରି ନଷ୍ଟ-ଭ୍ରଷ୍ଟ ତ ହୋଇନଥାଏ ? ଛୋଟିଆ ମେଘ ଖଣ୍ଡ ଆକାଶରେ ରହିଥିଲେ ମଧ୍ୟ, ନା ବର୍ଷା ହୋଇଥାଏ, ନା ପୁନଃ ମେଘରେ ମିଶି ପାରିଥାଏ । ବରଂ ବାୟୁର ବେଗରେ ଦେଖୁ ଦେଖୁ ବିଲୀନ ହୋଇଯାଇଥାଏ । ସେହି ପ୍ରକାର ଶିଥିଳ ପ୍ରୟତ୍ନ ଯୁକ୍ତ ପୁରୁଷ କିଛି ସମୟ ସାଧନ କଲାପରେ ସାଧନକୁ ସ୍ଥଗିତ କରିଥିବା ପୁରୁଷ ନଷ୍ଟ ହୋଇଯାଏ ନାହିଁ ତ ? ସେ ନା ଆପଣଙ୍କ ଭିତରେ ପ୍ରବେଶ କରିପାରିଲା, ନା ଭୋଗ ହିଁ ଭୋଗି ପାରିଲା ? ତାହାର କେଉଁ ଗତି ହୋଇଥାଏ ?

**ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ ।**
**ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ ।।୩୯।।**

ହେ ଶ୍ରୀକୃଷ୍ଣ ! ମୋର ଏହି ସଂଶୟକୁ ସମ୍ପୂର୍ଣ୍ଣ ରୂପେ ବିନାଶ କରିବା ନିମନ୍ତେ ଆପଣ ହିଁ ସକ୍ଷମ ଅଟନ୍ତି । ଆପଣଙ୍କ ଅତିରିକ୍ତ ଅନ୍ୟ କେହି ମଧ୍ୟ ଏହି ସଂଶୟକୁ ସମାଧାନ କରିବାରେ ସମ୍ଭବ ନୁହଁନ୍ତି । ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି-

**ଶ୍ରୀ ଭଗବାନ ଉବାଚ**

**ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।**
**ନ ହି କଲ୍ୟାଣକୃଦ୍ କଶ୍ଚିଦ୍‌ଦୁର୍ଗତିଂ ତାତ ଗଚ୍ଛତି ।।୪୦।।**

ପାର୍ଥିବ ଶରୀରକୁ ହିଁ ରଥକରି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବା ହେ ଅର୍ଜୁନ ! ସେହି ପୁରୁଷର ନା ତ ଏହି ଲୋକରେ ନା ପରଲୋକରେ ମଧ୍ୟ ବିନାଶ ହୋଇଥାଏ । କାରଣ ହେ ତାତ ! ସେହି ପରମ କଲ୍ୟାଣକାରୀ ନିୟତ କର୍ମକୁ କରୁଥିବା ବ୍ୟକ୍ତି ଦୁର୍ଗତିକୁ ପ୍ରାପ୍ତ ହୋଇନଥାଏ । ତେବେ ତାର ପରିଣାମ କ'ଣ ହୋଇଥାଏ ?

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।**
**ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭଷ୍ଟୋଽଭିଜାୟତେ ।।୪୧।।**

ମନ ବିଚଳିତ ହେଲେ ଯୋଗଭ୍ରଷ୍ଟ ହୋଇଥିବା ସେହି ପୁରୁଷ, ପୂଣ୍ୟବାନଙ୍କ ଲୋକରେ ବାସନାମାନଙ୍କୁ ଭୋଗ କରି ଅର୍ଥାତ୍ ଯେଉଁ ବାସନାକୁ ନେଇ ସେ ଯୋଗଭ୍ରଷ୍ଟ ହୋଇଥିଲା, ଭଗବାନ ତାହାକୁ ଅଳ୍ପମାତ୍ରାରେ ଦେଖାଇ ଶିଖାଇ ଥାଆନ୍ତି । ତାହାକୁ ଭୋଗ କରି ସେ **ଶୁଚୀନାଂ ଶ୍ରୀମତାଂ** ଶୁଦ୍ଧ ଆରଚଣ ଯୁକ୍ତ ଶ୍ରୀମାନ ପୁରୁଷଙ୍କ ଗୃହରେ ଜନ୍ମ ନେଇଥାଏ । ଯିଏ ଶୁଦ୍ଧ ଆଚରଣ ଯୁକ୍ତ, ସେ ହିଁ ଶ୍ରୀମାନ୍ ଅଟନ୍ତି ।

**ଅଥବା ଯୋଗିନାମେବ କୁଳେ ଭବତି ଧୀମତାମ୍ ।**
**ଏତଦ୍ଧି ଦୁର୍ଲ୍ଲର୍ଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ॥୪୨॥**

ଯଦି ଶ୍ରୀମାନ୍‌ଙ୍କ ଗୃହରେ ଜନ୍ମ ନ ହୋଇପାରେ, ତେବେ ସେ ସ୍ଥିର ବୁଦ୍ଧି ଯୁକ୍ତ ଯୋଗୀମାନଙ୍କ କୁଳରେ ପ୍ରବେଶ ପାଇଥାଏ । ଶ୍ରୀମାନଙ୍କ ଘରେ ପବିତ୍ର ସଂସ୍କାର ବାଲ୍ୟାବସ୍ଥାରୁ ହିଁ ମିଳିଥାଏ । କିନ୍ତୁ ସେଠାରେ ଜନ୍ମ ନ ହୋଇପାରିଲେ, ସେ ଯୋଗୀମାନଙ୍କ କୁଳରେ (ଗୃହରେ ନୁହଁ କୁଳରେ) ଶିଷ୍ୟ ପରମ୍ପରାରେ ପ୍ରବେଶ ପାଇଥାଏ । କବୀର, ତୁଳସୀ, ରୈଦାସ୍, ବାଲ୍ମୀକି, ଇତ୍ୟାଦିଙ୍କୁ ଶୁଦ୍ଧାଚରଣ ଶ୍ରୀମାନ୍‌ଙ୍କ ଗୃହରେ ଜନ୍ମ ହୋଇ ନାହିଁ । ଯୋଗୀମାନଙ୍କ କୁଳରେ ପ୍ରବେଶ ମିଳି ଥିଲା । ସଦ୍ ଗୁରୁଙ୍କ କୁଳରେ ସଂସ୍କାରର ପରିବର୍ତ୍ତନ ମଧ୍ୟ ଗୋଟିଏ ଜନ୍ମ ଅଟେ ଏବଂ ଏପରି ଜନ୍ମ ସଂସାରରେ ନିଃସନ୍ଦେହ ଅତି ଦୁର୍ଲଭ ହୋଇଥାଏ । ଯୋଗୀମାନଙ୍କ ଏଠାରେ ଜନ୍ମର ଅର୍ଥ ତାଙ୍କର ଶରୀର ଦ୍ୱାରା ପୁତ୍ରରୂପରେ ଜନ୍ମ ହେବା ନୁହଁ, ଗୃହତ୍ୟାଗ ପୂର୍ବରୁ ଜନ୍ମ ନେଉଥିବା ବାଳକ ମୋହ ବଶରେ ମହାପୁରୁଷଙ୍କୁ ପିତା ମାନୁଥିଲେ ମଧ୍ୟ, ମହାପୁରୁଷଙ୍କ ନିମନ୍ତେ ପରିବାର ନାମରେ କିଏ ନ ଥାନ୍ତି । ଯେଉଁ ଶିଷ୍ୟ ତାହାଙ୍କ ମର୍ଯ୍ୟାଦାମାନଙ୍କର ଅନୁଷ୍ଠାନ କରିଥାନ୍ତି ତାହାର ମହତ୍ତ୍ୱ ପୁତ୍ରଠାରୁ ମଧ୍ୟ ବହୁ ଗୁଣରେ ମାନ୍ୟତା ରହିଥାଏ । ସେ ହିଁ ସେହି ମହାପୁରୁଷଙ୍କ ପ୍ରକୃତ ପୁତ୍ର ହୋଇଥାଏ ।

ଯିଏ ଯୋଗ ସଂସ୍କାର ଯୁକ୍ତ ନୁହଁ, ତାହାଙ୍କୁ ମହାପୁରୁଷ ନିଜ ପାଖରେ ରଖିନଥାନ୍ତି । ପୂଜ୍ୟ ଗୁରୁଭଗବାନ ଯଦି ସାଧୁ ସଙ୍ଗଠନ କରିଥାନ୍ତେ, ତେବେ ହଜାର ସଂଖ୍ୟାରେ ବିରକ୍ତ ତାହାଙ୍କ ଶିଷ୍ୟ ହୋଇଯାଇଥାନ୍ତେ । କିନ୍ତୁ ସେ ଆସିଥିବା ବିରକ୍ତ ବ୍ୟକ୍ତିଙ୍କ ମଧ୍ୟରୁ କାହାକୁ ଗାଡ଼ି ଖର୍ଚ୍ଚ ଦେଇ, କାହାକୁ ଘରେ ସୂଚନା ଦେଇ, କାହାକୁ ପତ୍ର ମାଧ୍ୟମରେ, କାହାକୁ ତ ବୁଝାଇ ସୁଝାଇ, ସମସ୍ତଙ୍କୁ ତାଙ୍କ ନିଜ ଘରକୁ ଫେରାଇ ଦେଉଥିଲେ । ବହୁ ସାଧକ ହଠ କରିବାରୁ ତାଙ୍କୁ ଅପଶକୁନ ହେଲା । ଭିତରୁ ତାଙ୍କୁ ପ୍ରେରଣା ହେଲା ଯେ ଏମାନଙ୍କ ମଧ୍ୟରୁ କାହା ପାଖରେ ସାଧୁର ଲକ୍ଷଣ ଗୋଟିଏ ମଧ୍ୟ ନାହିଁ । ଏମାନଙ୍କୁ ରଖିବା ଉଚିତ୍ ନୁହଁ । ଏମାନେ ସାଧନ ପଥରେ

ପାର ହେବେ ନାହିଁ । ନିରାଶ ହୋଇ କିଛି ଲୋକ ପାହାଡ଼ରୁ ଡ଼େଇଁ ନିଜର ଜୀବନ ବିସର୍ଜନ କରି ଦେଲେ କିନ୍ତୁ ମହାରାଜଜୀ ସେମାନଙ୍କ ମଧ୍ୟରୁ କାହାରିକୁ ରଖିଲେ ନାହିଁ । ପଶ୍ଚାତ୍ ଜାଣିଲା ପରେ କହିଲେ– **ଜାନତ ରହେଉଁ କି ବଡ଼ା ବିକଲ ହୈ ଲେକିନ୍ ଇ ଶୋଚତୈ କି ସଚହୁଁ କେ ମରିଯାଇ ତୋ ରଖି ଲେତେ । ଏକ ଠୋ ପତିତୈ ରହତ, ଅଉର କା ହୋତ** । ଅର୍ଥାତ୍ ମୁଁ ଜାଣୁଛି, ମୋତେ ବହୁତ ଦୁଃଖ ମଧ୍ୟ ଲାଗୁଛି । ଏମାନେ ମରିଯିବେ ବୋଲି ଯଦି ମୁଁ ପ୍ରଥମରୁ ଜାଣିପାରନ୍ତି ତେବେ ନିଶ୍ଚୟ ରଖି ଦେଇଥାନ୍ତି । ପତିତ ହୋଇ ମଧ୍ୟ ଜୀବିତ ତ ରହିଥାନ୍ତେ, ଅଧିକା କ'ଣ ହୁଅନ୍ତା ? ମମତ୍ୱ ତାହାଙ୍କ ନିକଟରେ ମଧ୍ୟ ଅଧିକ ଥିଲା, ହେଲେ ମଧ୍ୟ ରଖିଲେ ନାହିଁ । ଛଅ ସାତଜଣ ସାଧକଙ୍କୁ ଯାହାଙ୍କ ନିମନ୍ତେ ଆଦେଶ ହୋଇଥିଲା– **ଆଜି ଜଣେ ଯୋଗଭ୍ରଷ୍ଟ ସାଧକ ଆସୁଛି, ଜନ୍ମ ଜନ୍ମାନ୍ତରରୁ ଭ୍ରମଣକରି ଆସୁଛି, ଏହି ନାମ ଏବଂ ଏହି ରୂପର କେହି ଆସିବେ । ତାହାକୁ ରଖ, ବ୍ରହ୍ମବିଦ୍ୟା ଉପଦେଶ ଦିଅ, ତାହାକୁ ଆଗକୁ ବଢାଅ** । କେବଳ ସେମାନଙ୍କୁ ହିଁ ରଖିଲେ । ଆଜି ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ମହାପୁରୁଷ ଧାରକୁଣ୍ଡିରେ ବସିଛନ୍ତି, ଅନ୍ୟ ଜଣେ ଅନୁସୂୟାରେ ଅଛନ୍ତି । ଦୁଇତିନିଜଣ ଅନ୍ୟତ୍ର ଅଛନ୍ତି ସେମାନଙ୍କୁ ସଦ୍‌ଗୁରୁଙ୍କ କୁଳରେ ପ୍ରବେଶ ମିଳିଥିଲା । ଏପରି ମହାପୁରୁଷଙ୍କୁ ପାଇବା ଅତି ଦୁର୍ଲଭ ।

**ତତ୍ର ତଂ ବୁଦ୍ଧିସଂୟୋଗଂ ଲଭତେ ପୌର୍ବଦେହିକମ୍ ।**
**ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ॥୪୩॥**

ସେଠାରେ ସେହି ପୁରୁଷ ପୂର୍ବଜନ୍ମରେ ସାଧନ କରିଥିବା ବୁଦ୍ଧିର ସଂଯୋଗକୁ ଅର୍ଥାତ୍ ସଂସ୍କାରକୁ ଅନାୟାସ ପ୍ରାପ୍ତ କରିଥାଏ । ହେ କୁରୁନନ୍ଦନ ! ପୂର୍ବଜନ୍ମ ସଂସ୍କାରର ପ୍ରଭାବ ଦ୍ୱାରା ସେହି ପୁରୁଷ ପୁଣି ସଂସିଦ୍ଧୌ ଭଗବତ୍ ପ୍ରାପ୍ତିରୂପୀ ପରମ ସିଦ୍ଧି ନିମନ୍ତେ ପ୍ରୟତ୍ନ କରୁଥାଏ ।

**ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।**
**ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ ॥୪୪॥**

ଶ୍ରୀମାନଙ୍କ ଘରେ ବିଷୟ ବାସନାର ବଶରେ ରହିଲେ ମଧ୍ୟ ସେ ପୂର୍ବ ଜନ୍ମର ଅଭ୍ୟାସ ଦ୍ୱାରା ଭଗବତ୍ ପଥ ଆଡ଼କୁ ଆକର୍ଷିତ ହୋଇଥାଏ ଏବଂ ଯୋଗରେ ଶିଥିଳ ପ୍ରୟତ୍ନଯୁକ୍ତ ଜିଜ୍ଞାସୁ ମଧ୍ୟ ବାଣୀର ବିଷୟକୁ ପାରକରି ନିର୍ବାଣ ପଦକୁ ପାଇଯାଇଥାଏ। ତାହାର ପ୍ରାପ୍ତି ନିମନ୍ତେ ଏହା ହିଁ ଏକମାତ୍ର ଉପାୟ । କେହି ମଧ୍ୟ ଗୋଟିଏ ଜନ୍ମରେ ପାଇନଥାଏ ।

**ପ୍ରୟତ୍ନାଦ୍ୟତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ ବିଷଃ ।**
**ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ।।୪୫।।**

ଅନେକ ଜନ୍ମରୁ ପ୍ରୟତ୍ନ କରି ଆସୁଥିବା ଯୋଗୀ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଯାଇଥାଏ । ପ୍ରୟତ୍ନ ପୂର୍ବକ ଅଭ୍ୟାସ କରୁଥିବା ଯୋଗୀ ସମସ୍ତ ପାପରୁ ସମ୍ପୂର୍ଣ୍ଣରୂପେ ଶୁଦ୍ଧ ହୋଇ ପରମଗତିକୁ ପ୍ରାପ୍ତ ହୋଇଥାଏ । ପ୍ରାପ୍ତି ନିମନ୍ତେ ଏହା ହିଁ କ୍ରମ ଅଟେ । ପ୍ରଥମେ ଶିଥିଳ ପ୍ରୟତ୍ନରୁ ହିଁ ସେ ଯୋଗ ପ୍ରାରମ୍ଭ କରିଥାଏ, ମନ ବିଚଳିତ ହେଲେ ପୁନଃ ଜନ୍ମ ନେଇଥାଏ । ସଦ୍‌ଗୁରୁଙ୍କ କୂଳରେ ପ୍ରବେଶ ପାଇଥାଏ ଏବଂ ପ୍ରତ୍ୟେକ ଜନ୍ମରେ ଅଭ୍ୟାସ କରି କରି ଶେଷରେ ସେଠାରେ ହିଁ ପହଞ୍ଚିଯାଇଥାଏ । ଯାହାର ନାମ ପରମଗତି ପରମଧାମ କୁହାଯାଇଛି । ଶ୍ରୀକୃଷ୍ଣ କହିଥିଲେ ଯେ, ଏହି ଯୋଗରେ ବୀଜ ନଷ୍ଟ ହୋଇନଥାଏ । ଆପଣ ଦୁଇପାଦ ମାତ୍ର ଚାଲିଗଲେ, ସେହି ସାଧନ କେବେ ନଷ୍ଟ ହୋଇନଥାଏ । ଯେ କୌଣସି ପରିସ୍ଥିତିରେ ରହି ମଧ୍ୟ ମନୁଷ୍ୟ ଏପରି କରିପାରିବ । ଅଳ୍ପ ସାଧନ ଜଞ୍ଜାଳରେ ରହି ହିଁ କରିପାରିଥାନ୍ତି । କାରଣ ସେମାନଙ୍କ ନିକଟରେ ସମୟ ହିଁ ନଥାଏ । ଆପଣ କଳା, ଗୋରା, ସ୍ୱଦେଶୀ କିମ୍ବା ବିଦେଶୀ ଅଥବା ଯେକୌଣସି ସ୍ଥାନରେ ରହନ୍ତୁ ନା କାହିଁକି, ଗୀତା ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ । ଗୀତା ଆପଣଙ୍କ ନିମନ୍ତେ ହିଁ ଅଟେ । କାରଣ ଆପଣ ମନୁଷ୍ୟ । ତୀବ୍ର ପ୍ରୟତ୍ନଶୀଳ ଭଲେ ଯାହା ହେଉନା କାହିଁକି, ଶିଥିଳ ପ୍ରୟତ୍ନଯୁକ୍ତ ଗୃହସ୍ଥ ହିଁ ହୋଇଥାଏ । ଗୀତା ଗୃହସ୍ଥ, ବିରକ୍ତ, ଶିକ୍ଷିତ-ଅଶିକ୍ଷିତ, ସର୍ବ ସାଧାରଣ ମନୁଷ୍ୟମାନଙ୍କ ନିମନ୍ତେ ହିଁ ଅଟେ । କୌଣସି ସାଧୁ ନାମକ ବିଚିତ୍ର ପ୍ରାଣୀ ନିମନ୍ତେ ହିଁ ନୁହଁ । ଶେଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ନିର୍ଣ୍ଣୟ ଦେଉଛନ୍ତି-

**ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।**
**କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍‌ଯୋଗୀ ଭବାର୍ଜୁନ ।।୪୬।।**

ତପସ୍ୱୀମାନଙ୍କ ଠାରୁ ଯୋଗୀ ଶ୍ରେଷ୍ଠ । ଜ୍ଞାନୀ ମାନଙ୍କଠାରୁ ମଧ୍ୟ ଶ୍ରେଷ୍ଠ କୁହାଯାଇଛି । କର୍ମୀମାନଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ । ତେଣୁ କରି ହେ ଅର୍ଜୁନ ! ତୁମେ ଯୋଗୀ ହେବାକୁ ପ୍ରୟତ୍ନ କର ।

**-ତପସ୍ୱୀ-**

ତପସ୍ୱୀ ମନ ସହିତ ଇନ୍ଦ୍ରିୟମାନଙ୍କୁ ଯୋଗରେ ପରିବର୍ତ୍ତନ କରିବା ନିମନ୍ତେ ତପ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଯୋଗରେ ମନ ସହିତ ଇନ୍ଦ୍ରିୟ ପ୍ରବେଶ କରି ନାହିଁ ଅର୍ଥାତ୍ ପ୍ରୟତ୍ନ ଜାରୀ ରହିଛି ।

**-କର୍ମୀ-**

ଏହି ନିୟତ କର୍ମକୁ ଜାଣି କର୍ମରେ ପ୍ରବୃତ୍ତ ହୋଇଥାନ୍ତି । ନା ତ ସେ ନିଜର ଶକ୍ତିକୁ ବିଚାର କରି ପ୍ରବୃତ୍ତ ହୋଇଥାନ୍ତି ଏବଂ ନା ତ ସେ ସମର୍ପଣ ଭାବ ସହିତ ପ୍ରବୃତ୍ତ ହୋଇଥାନ୍ତି । କେବଳ କର୍ମ କରୁଥାନ୍ତି ।

**–ଜ୍ଞାନୀ–**

ଜ୍ଞାନୀମାର୍ଗୀ ସେହି ନିୟତ କର୍ମକୁ ଅର୍ଥାତ୍ ଯଜ୍ଞ ପ୍ରକ୍ରିୟା ବିଶେଷକୁ ସମ୍ପୂର୍ଣ୍ଣ ରୂପରେ ବିଚାର କରି ନିଜର ଶକ୍ତିକୁ ଆଗରେ ରଖି ସେଥିରେ ପ୍ରବୃତ୍ତ ହୋଇଥାନ୍ତି । ସେଥିରେ ଲାଭ ହାନୀର ପରିଣାମକୁ ସେ ସ୍ୱୟଂ ବହନ କରିଥାନ୍ତି । ଲାଭ ହାନୀରେ ଦୃଷ୍ଟି ରଖି ସେ ଚାଲିଥାନ୍ତି ।

**–ଯୋଗୀ–**

ନିଷ୍କାମ କର୍ମଯୋଗୀ ଇଷ୍ଟରେ ଅର୍ଥାତ୍ ସଦ୍‌ଗୁରୁଙ୍କ ଉପରେ ନିର୍ଭର ହୋଇ ସମର୍ପଣ ସହିତ ସେହି ନିୟତ କର୍ମ ଅର୍ଥାତ୍ ଯୋଗ ସାଧନାରେ ପ୍ରବୃତ୍ତ ହୋଇଥାଏ । ଯାହାଙ୍କ ଯୋଗକ୍ଷେମର ପରିଣାମକୁ ଭଗବାନ ତଥା ଯୋଗେଶ୍ୱର ବହନ କରିଥାନ୍ତି । ପତନର ପରିସ୍ଥିତି ଆସିଲେ ମଧ୍ୟ ତାହାଙ୍କ ନିମନ୍ତେ ପତନର ଭୟ ନଥାଏ । କାରଣ ସେ ଯେଉଁ ପରମତତ୍ତ୍ୱକୁ ଚାହୁଁଥାଏ, ସେହି ପରମାତ୍ମା ହିଁ ତାହାଙ୍କୁ ନିୟନ୍ତ୍ରଣ କରିବା ଦାୟୀତ୍ୱ ନେଇଥାନ୍ତି ।

ବର୍ତ୍ତମାନ ତପସ୍ୱୀ ଯୋଗ କରିବାରେ ପ୍ରୟତ୍ନଶୀଳ ଅଟେ । କର୍ମୀ କେବଳ କର୍ମକୁ ବିଚାର କରି କର୍ମରେ ପ୍ରବୃତ୍ତ ହୋଇଥାଏ । ତପସ୍ୱୀ ଓ କର୍ମୀଙ୍କ ପତନ ହେବାରେ ମଧ୍ୟ ସମ୍ଭାବନା ରହିଥାଏ, କାରଣ ନା ଏମାନଙ୍କ ଭିତରେ ସମର୍ପଣ ରହିଛି ଏବଂ ନା ନିଜର ହାନୀଲାଭ ଦେଖିବାର କ୍ଷମତା ହିଁ ଥାଏ । କିନ୍ତୁ ଜ୍ଞାନୀ ଯୋଗର ପରିସ୍ଥିତିକୁ ଜାଣିପାରିଥାଏ । ନିଜର ଶକ୍ତିକୁ ମଧ୍ୟ ବୁଝିପାରିଥାଏ, ନିଜର ଦାୟୀତ୍ୱ ନିଜ ଉପରେ ହିଁ ରହିଛି ଏବଂ ନିଷ୍କାମ କର୍ମଯୋଗୀ ତ ଇଷ୍ଟଙ୍କ ଠାରେ ନିଜକୁ ସମର୍ପିତ କରିଦେଇଥାଏ, ତାହାଙ୍କ ଯୋଗ କ୍ଷେମ ଇଷ୍ଟ ହିଁ ବହନ କରିଥାନ୍ତି । ପରମକଲ୍ୟାଣ ପଥରେ ଦୁହେଁ ଅର୍ଥାତ୍ ଜ୍ଞାନୀ ଓ ନିଷ୍କାମ କର୍ମଯୋଗୀ ହିଁ ଠିକ୍ ଚାଲିଥାନ୍ତି । କିନ୍ତୁ ଯାହାଙ୍କ ଭାର ସେହି ଇଷ୍ଟ ନେଇଥାନ୍ତି, ସେ ଏହି ସମସ୍ତଙ୍କ ଠାରୁ ଶ୍ରେଷ୍ଠ ଅଟେ । କାରଣ ପ୍ରଭୁ ତାହାଙ୍କୁ ଗ୍ରହଣ କରି ନେଇଛନ୍ତି । ତାହାର ହାନୀ ଲାଭ ସେହି ପ୍ରଭୁ ହିଁ ବିଚାର କରିଥାନ୍ତି । ତେଣୁ କରି ଯୋଗୀ ଶ୍ରେଷ୍ଠ ଅଟେ । ହେ ଅର୍ଜୁନ ! ତୁମେ ଯୋଗୀ ହୁଅ, ସମର୍ପଣ ସହିତ ଯୋଗାଚରଣ କର । ଯୋଗୀ ଶ୍ରେଷ୍ଠ ଅଟେ କିନ୍ତୁ ସେମାନଙ୍କ ଭିତରୁ ସେହି ଯୋଗୀ ସର୍ବଶ୍ରେଷ୍ଠ ଯିଏ କି ଅନ୍ତରାତ୍ମା ସହିତ ନିରନ୍ତର ଲାଗି ରହିଥାନ୍ତି । ଏହା ଉପରେ ପୁନଃ କହୁଛନ୍ତି –

**ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମାନା**
**ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।।୪୭।।**

ସମ୍ପୂର୍ଣ୍ଣ ନିଷ୍କାମ କର୍ମ ଯୋଗୀମାନଙ୍କରେ ମଧ୍ୟ ଯିଏ ଶ୍ରଦ୍ଧାବିଭୋର ହୋଇ ଅନ୍ତରାତ୍ମା ସହିତ ଅନ୍ତଃଚିନ୍ତନ ସହିତ, ମୋତେ ନିରନ୍ତର ଭଜନ କରୁଥାଏ, ସେହି ଯୋଗୀ ମୋତେ ପରମ ଶ୍ରେଷ୍ଠ ମାନ୍ୟ ଅଟେ । ଭଜନ କୌଣସି ଦେଖାଣିଆ , ପ୍ରଦର୍ଶନ କିମ୍ବା ଆକର୍ଷିତ କରାଇବା ବସ୍ତୁ ନୁହଁ । ଦେଖାଣିଆ, ପ୍ରଦର୍ଶନ ଦ୍ୱାରା ଭଲେ ସମାଜ ଅନୁକୂଳ ଅର୍ଥାତ୍ ପ୍ରଶଂସା କରନ୍ତି କିନ୍ତୁ ପ୍ରଭୁ ପ୍ରତିକୂଳ ହୋଇଯାନ୍ତି । ଅର୍ଥାତ୍ ପ୍ରଭୁ ବିମୁଖ  ହୋଇଯାନ୍ତି । ଭଜନ ଅତ୍ୟନ୍ତ ଗୋପନୀୟ ଅଟେ ଏବଂ ତାହା ଅନ୍ତଃକରଣ ଦ୍ୱାରା ହୋଇଥାଏ । ସାଧନର ହ୍ରାସ ବୃଦ୍ଧି ଅନ୍ତଃକରଣ ଉପରେ ନିର୍ଭର କରିଥାଏ ।

## ନିଷ୍କର୍ଷ

ଏହି ଅଧ୍ୟାୟର ପ୍ରାରମ୍ଭରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ଯେ, ଫଳ ଆଶାରୁ ରହିତ ହୋଇ ଯିଏ **କାର୍ଯ୍ୟଂକର୍ମ** ଅର୍ଥାତ୍ କରିବା ଯୋଗ୍ୟ ପ୍ରକ୍ରିୟା ବିଶେଷର ଆଚରଣ କରିଥାଏ, ସେ ହିଁ ସନ୍ନ୍ୟାସୀ, ସେ ହିଁ ଯୋଗୀ । କେବଳ କ୍ରିୟା ଅଥବା ଅଗ୍ନିକୁ ତ୍ୟାଗ କରିବା ବ୍ୟକ୍ତି ଯୋଗୀ କିମ୍ବା ସନ୍ନ୍ୟାସୀ ହୋଇନଥାଏ । ସଙ୍କଳ୍ପ ତ୍ୟାଗ ନକରି କୌଣସି ପୁରୁଷ ସନ୍ନ୍ୟାସୀ କିମ୍ବା ଯୋଗୀ ହୋଇନଥାଏ । ଆମେ ସଙ୍କଳ୍ପ କରୁନାହୁଁ । ଏହିପରି ଶବ୍ଦ କହିବା ଦ୍ୱାରା ସଙ୍କଳ୍ପ ପିଣ୍ଡ  ଛାଡ଼ି ନଥାଏ । ଯୋଗରେ ଆରୂଢ ହେବା ଇଛାଯୁକ୍ତ ପୁରୁଷ **କାର୍ଯ୍ୟଂକର୍ମ** କରିବା ଉଚିତ୍ ଅର୍ଥାତ୍ ନିର୍ଦ୍ଧାରିତ କର୍ମ କରିବା ଉଚିତ୍ । ଯୋଗ କ୍ରମଶଃ କରି କରି ଯୋଗାରୂଢ ଅବସ୍ଥାରେ ପହଞ୍ଚିବା ପରେ ହିଁ ସମ୍ପୂର୍ଣ୍ଣ ସଙ୍କଳ୍ପ ଅଭାବ ହୋଇଥାଏ । ଏହା ପୂର୍ବରୁ ଏହାର ଅଭାବ ହୋଇନଥାଏ । ସମ୍ପୂର୍ଣ୍ଣ ସଙ୍କଳ୍ପ ଅଭାବ ହିଁ ସନ୍ନ୍ୟାସ ଅଟେ ।

ଯୋଗେଶ୍ୱର ପୁନଃ କହିଲେ ଯେ ଆତ୍ମା ଅଧୋଗତିରେ ଯାଇଥାଏ  ଏବଂ ତାର ଉଦ୍ଧାର ମଧ୍ୟ ହୋଇଥାଏ ।  ଯେଉଁ ପୁରୁଷ ମନ ସହିତ ଇନ୍ଦ୍ରିୟଙ୍କୁ ଜିଣି ନେଇଛି, ତାହାର ଆତ୍ମା ତାଙ୍କ ନିମନ୍ତେ ମିତ୍ର ହୋଇ ମିତ୍ର ଭାବରେ ପ୍ରବୃତ୍ତ ହୋଇଥାଏ, ତଥା ପରମ କଲ୍ୟାଣ କରିପାରିଥାଏ, ଯେଉଁ ପୁରୁଷ ମନ ସହିତ ଇନ୍ଦ୍ରିୟଙ୍କୁ ଜିଣି ପାରିନାହାଁନ୍ତି ତାଙ୍କ ନିମନ୍ତେ ତାଙ୍କର ଆତ୍ମା ଶତ୍ରୁ ହୋଇ ଶତ୍ରୁତା ଭାବରେ ପ୍ରବୃତ୍ତ ହୋଇଥାଏ । ଯାତନାର କାରଣ ହୋଇଥାଏ । ଅତଃ ମନୁଷ୍ୟ ନିଜର ଆତ୍ମାକୁ  ଅଧୋଗତିକୁ ନ ପହୁଞ୍ଚାଇବା ଉଚିତ୍ । ନିଜ ଦ୍ୱାରା ହିଁ ନିଜ ଆତ୍ମାର ଉଦ୍ଧାର କରିବା ଉଚିତ୍ ।

ସେ ପ୍ରାପ୍ତି ହୋଇଥିବା ଯୋଗୀଙ୍କ ରହଣୀକୁ  କହିଲେ । ଯଜ୍ଞସ୍ଥଳୀ, ବସିବା ଆସନ ତଥା କିପରି ବସିବା ଆବଶ୍ୟକ, ଏହି ଉଦ୍ଦେଶ୍ୟରେ ସେ କହିଲେ ଯେ,  ସ୍ଥାନ ଏକାନ୍ତ ଏବଂ ସ୍ୱଚ୍ଛ ହେବା ଆବଶ୍ୟକ । ବସ୍ତ୍ର, ମୃଗଚର୍ମ ଅଥବା କୁଶାସନ  ମଧ୍ୟରୁ ଯେକୌଣସି ଗୋଟିଏ ଆସନ ଯଥେଷ୍ଟ । କର୍ମର ଅନୁରୂପ ଚେଷ୍ଟା,ଯୁକ୍ତ ଆହାର–ବିହାର, ଶୋଇବା ଉଠିବାର ସଂଯମ ଉପରେ ସେ କହିଲେ । ଯୋଗୀଙ୍କ ନିରୋଧ

ଚିତ୍ତର ଉପମା ସେ ବାୟୁ ରହିତ ସ୍ଥାନରେ ଥିବା ଦୀପର ଅକମ୍ପିତ ଶିଖାର ଦୃଷ୍ଟାନ୍ତ ଦେଲେ ଏବଂ ଏହିପରି ସେହି ନିରୋଧ ଚିତ୍ତ ମଧ୍ୟ ଯେତେବେଳେ ବିଲୟ ହୋଇଥାଏ, ସେତେବେଳେ ସେହି ଯୋଗୀର ପାରାକାଷ୍ଠା ଅନନ୍ତ ଆନନ୍ଦକୁ ପ୍ରାପ୍ତ ହୋଇଥାଏ । ସଂସାରର ସଂଯୋଗ ବିୟୋଗରୁ ରହିତ ଅନନ୍ତ ସୁଖର ନାମ ହେଉଛି ମୋକ୍ଷ । ଯୋଗର ଅର୍ଥ ହେଉଛି ପରମାତ୍ମାଙ୍କ ମିଳନ । ଯେଉଁ ଯୋଗୀ ଏଥିରେ ପ୍ରବେଶ ପାଇଯାଇଥାଏ, ସେ ସମ୍ପୂର୍ଣ୍ଣ ଭୂତରେ ସମଦୃଷ୍ଟି ରଖିଥାଏ । ଯେପରି ନିଜର ଆତ୍ମା ସେପରି ହିଁ ସମସ୍ତଙ୍କ ଆତ୍ମାକୁ ଦେଖୁଥାଏ । ସେ ପରମ ପରାକାଷ୍ଠା ରୂପ ଶାନ୍ତିକୁ ପ୍ରାପ୍ତ ହୋଇଥାଏ, ଅତଃ ଯୋଗ ଆବଶ୍ୟକ । ମନ ଯେଉଁ ଆଡ଼କୁ ଯାଇଥାଏ, ସେଠାରୁ ମନକୁ ପ୍ରତ୍ୟାବର୍ତ୍ତନ କରି ନିଜର ସାଧନରେ ଲଗାଇବା ଉଚିତ୍ । ଶ୍ରୀକୃଷ୍ଣ ସ୍ୱୀକାର କରିଛନ୍ତି ଯେ, ମନ ବହୁତ କଠିନତାର ସହ ବଶରେ ହୋଇଥାଏ, କିନ୍ତୁ ଏହି ମନ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ନିଶ୍ଚିତ ରୂପରେ ବଶ ହୋଇପାରିଥାଏ । ଶିଥିଳ ପ୍ରୟତ୍ନଶୀଳ ବ୍ୟକ୍ତି ମଧ୍ୟ ଅନେକ ଜନ୍ମର ଅଭ୍ୟାସ ଦ୍ୱାରା ସେଠାକୁ ପହଞ୍ଚି ଯାଇଥାଏ । ଯାହାର ନାମ ପରମ ଗତି ଅଥବା ପରମ ଧାମ ଅଟେ । ତପସ୍ୱୀ, ଜ୍ଞାନୀ ତଥା କେବଳ କର୍ମୀମାନଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ । ତେଣୁ କରି ହେ ଅର୍ଜୁନ ! ତୁମେ ଯୋଗୀ ହୁଅ । ସମର୍ପଣ ସହିତ ଅନ୍ତର୍ମନ ଦ୍ୱାରା ଯୋଗ ଆଚରଣ କର । ପ୍ରସ୍ତୁତ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପ୍ରମୁଖ ରୂପରେ ଯୋଗପ୍ରାପ୍ତି ନିମନ୍ତେ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଛନ୍ତ । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଅଭ୍ୟାସଯୋଗୋ 'ନାମ ଷଷ୍ଠୋଽଧ୍ୟାୟଃ ।।୬।।**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍‌ଗୀତାରୂପୀ ଉପନିଷଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଅଭ୍ୟାସ ଯୋଗୋ 'ନାମ ଷଷ୍ଠ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ଅଭ୍ୟାସଯୋଗୋ ' ନାମ ଷଷ୍ଠୋଽଧ୍ୟାୟଃ ।**

।। ହରି ଓଁ ତତ୍‌ସତ୍ ।।

ॐ

## ଶ୍ରୀ ପରମାତ୍ମନେ ନମଃ

# ଅଥ ସପ୍ତମୋଽଧ୍ୟାୟଃ

ଗତ ଅଧ୍ୟାୟ ମାନଙ୍କରେ ଗୀତାର ପ୍ରାୟ ମୁଖ୍ୟ ମୁଖ୍ୟ ସମସ୍ତ ପ୍ରଶ୍ନ ପୂର୍ଣ୍ଣ ହୋଇଗଲା । ନିଷ୍କାମ କର୍ମ ଯୋଗ, ଜ୍ଞାନ ଯୋଗ, କର୍ମ ଓ ଯଜ୍ଞର ସ୍ୱରୂପ, ତାହାର ବିଧି, ଯୋଗର  ବାସ୍ତବିକ ସ୍ୱରୂପ, ତାହାର ପରିଣାମ ତଥା ଅବତାର, ବର୍ଣ୍ଣସଙ୍କର, ସନାତନ, ଆତ୍ମସ୍ଥିତି ମହାପୁରୁଷଙ୍କ ଲୋକ କଲ୍ୟାଣାର୍ଥ କର୍ମ କରିବା ନିମନ୍ତେ ଗୁରୁତ୍ୱ, ଯୁଦ୍ଧ ଇତ୍ୟାଦି ଉପରେ ବିଶଦ୍ ଚର୍ଚ୍ଚା କରାଗଲା । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଏହିସବୁ ଶବ୍ଦ ସନ୍ଦର୍ଭିତ ଅନେକ ପୂରକ ପ୍ରଶ୍ନକୁ ନେଇଛନ୍ତି । ଯାହାର ସମାଧାନ, ଅନୁଷ୍ଠାନ ତଥା ଆରାଧନାରେ ସହାୟକ ସିଦ୍ଧ ହେବ ।

ଷଷ୍ଠ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ଯୋଗେଶ୍ୱର ଏପରି କହି ପ୍ରଶ୍ନର ସ୍ୱୟଂ ବୀଜାରୋପଣ କରିଦେଲେ ଯେ, ଯେଉଁ ଯୋଗୀ ମଦ୍‌ଗତେନାନ୍ତରାମାନ ଅର୍ଥାତ୍ ଯେଉଁ ଶୁଦ୍ଧ ଅନ୍ତଃକରଣ ଯୋଗୀ ମୋ ଠାରେ ଅର୍ଥାତ୍ ପରମାତ୍ମାରେ ସମ୍ପୂର୍ଣ୍ଣ ରୂପରେ ସ୍ଥିତ ହୋଇଥାଏ, ତାହାକୁ ମୁଁ ଅତିଶୟ ଶ୍ରେଷ୍ଠ ଯୋଗୀ ମାନିଥାଏ । ପରମାତ୍ମାରେ ସମ୍ପୂର୍ଣ୍ଣ ରୂପରେ ସ୍ଥିତି କ'ଣ ? ବହୁତ ଯୋଗୀ ପରମାତ୍ମାଙ୍କୁ ପ୍ରାପ୍ତ ତ କରିଥାନ୍ତି କିନ୍ତୁ କିଛି ନା କିଛି ଦୁର୍ବଳତା ସେମାନଙ୍କୁ ବାଧା ଦେଉଥାଏ । ଯୋଗୀଙ୍କ ନିକଟରେ ଏହି ଦୁର୍ବଳତା ଲେଶ ମାତ୍ର ନ ରହିବା ଆବଶ୍ୟକ । ଏପରି ଅବସ୍ଥା କେବେ ଆସିବ ? ସମ୍ପୂର୍ଣ୍ଣ ରୂପେ ପରମାତ୍ମାଙ୍କ ଜାନକାରୀ କେବେ ଆସିବ ? କେବେହେବ ? ଏହି ଉଦ୍ଦେଶ୍ୟରେ । ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି–

**ଶ୍ରୀଭଗବାନ ଉବାଚ**

**ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।**
**ଅସଂଶୟ ସମଗ୍ରଂ ମାଂ ୟଥା ଜ୍ଞାସ୍ୟସି ତଚ୍ଛ୍ରଣୁ ॥୧॥**

ହେ ପାର୍ଥ ! ତୁମେ ମୋ ଠାରେ ଆସକ୍ତ ହୋଇଥିବା ମନବାଲା ବାହାରେ ନାହିଁ ଅପିତୁ ମଦାଶ୍ରୟଃ ଅର୍ଥାତ୍ ମୋର ପରାୟଣ ହୋଇ ଯୋଗରେ ନିରନ୍ତର ଲାଗି ରହିଥିବା (ଛାଡ଼ି ନୁହଁ) ମୋତେ ଯେପରି ସଂଶୟ ରହିତ ଜାଣିପାରିବ, ତାହାକୁ ତୁମେ ଶୁଣ । ଯାହାକୁ ଜାଣିବା ପରେ ଲେଶମାତ୍ର ସଂଶୟ ରହିବ ନାହିଁ । ସମ୍ପୂର୍ଣ୍ଣ ବିଭୂତି ଜାଣିବା ପାଇଁ ପୁନଃ କହୁଛନ୍ତି –

**ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।**
**ଯଜ୍‌ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍‌ଜ୍ଞାତବ୍ୟମବଶିଷ୍ୟତେ ।।୨।।**

ମୁଁ ତୁମ ନିମନ୍ତେ ଏହି ବିଜ୍ଞାନ ସହିତ ଜ୍ଞାନକୁ ପୂର୍ଣ୍ଣରୂପେ ପ୍ରତିପାଦନ କରିବି । ପୂର୍ତ୍ତିକାଳରେ ଯଜ୍ଞ ଯାହାକୁ ସୃଷ୍ଟି କରିଥାଏ, ସେହି ଅମୃତତ୍ତ୍ୱ ପ୍ରାପ୍ତି ସହିତ ମିଳୁଥିବା ଅନୁଭୂତିର ନାମ ଯଜ୍ଞ । ପରମତତ୍ତ୍ୱ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଅନୁଭୁତିର ନାମ ହିଁ ଜ୍ଞାନ । ମହାପୁରୁଷଙ୍କୁ ଏକ ସମୟରେ ସର୍ବତ୍ର କାର୍ଯ୍ୟ କରିବା ନିମନ୍ତେ ଯେଉଁ କ୍ଷମତା ପ୍ରାପ୍ତ ହୋଇଥାଏ, ତାହା ହିଁ ବିଜ୍ଞାନ । କିପରି ସେହି ପ୍ରଭୁ ଗୋଟିଏ ସମୟରେ ସମସ୍ତଙ୍କ ହୃଦୟରେ କାର୍ଯ୍ୟ କରିଥାନ୍ତି ? କେଉଁଭଳି ସେହି ପ୍ରଭୁ ସାଧକଙ୍କୁ ଉଠାଉଥାନ୍ତି, ବସାଉଥାଏ ଏବଂ ପ୍ରକୃତିର ଦ୍ୱନ୍ଦରୁ ନିବୃତ୍ତି କରାଇ ସ୍ୱରୂପର ସ୍ଥିତି ପର୍ଯ୍ୟନ୍ତ ସାଧନ କରାଇଥାନ୍ତି ? ପ୍ରଭୁଙ୍କ ଏହି କାର୍ଯ୍ୟ ପ୍ରଣାଳୀର ନାମ ହିଁ ବିଜ୍ଞାନ ଅଟେ । ଏହି ବିଜ୍ଞାନ ସହିତ ଜ୍ଞାନକୁ ମୁଁ ସମ୍ପୂର୍ଣ୍ଣ ରୂପରେ କହିବି । ଯାହାକୁ ଜାଣିଲେ (ଶୁଣିକରି ନୁହଁ) ସଂସାରରେ ଆଉ କିଛି ମଧ୍ୟ ଜାଣିବା ଯୋଗ୍ୟ ରହିବ ନାହିଁ । ଜାଣିବା ଲୋକଙ୍କ ସଂଖ୍ୟା ବହୁତ କମ ଅଟେ ।

**ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍‌ୟତତି ସିଦ୍ଧୟେ ।**
**ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ।।୩।।**

ହଜାର ମନୁଷ୍ୟ ମଧ୍ୟରେ କୌଣସି ଜଣେ ମନୁଷ୍ୟ ହିଁ ମୋର ପ୍ରାପ୍ତି ନିମନ୍ତେ ଯତ୍ନ କରୁଥାଏ ଏବଂ ସେହି ଯତ୍ନ କରୁଥିବା ଯୋଗୀମାନଙ୍କ ମଧ୍ୟରେ କୌଣସି ବିରଳ ମନୁଷ୍ୟ ହିଁ ତତ୍ତ୍ୱ ଦ୍ୱାରା ଅର୍ଥାତ୍ ସାକ୍ଷାତ୍‌କାର ସହିତ ଜାଣିଥାଏ । ବର୍ତ୍ତମାନ ସମଗ୍ର ତତ୍ତ୍ୱ କେଉଁଠି ଅଛି ? ପିଣ୍ଡ ରୂପରେ ଅଥବା ସର୍ବତ୍ର ବ୍ୟାପ୍ତ ରହିଛି ? ପିଣ୍ଡ ଓ ବ୍ରହ୍ମାଣ୍ଡ ଏହି ଦୁଇଟି ହିଁ ସ୍ଥାନ ରହିଛି । ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି–

**ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।**
**ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ।।୪।।**

ହେ ଅର୍ଜୁନ ! ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ ତଥା ମନ, ବୁଦ୍ଧି ଓ ଅହଂକାର ଏହିପରି ଆଠ ପ୍ରକାର ଭେଦଯୁକ୍ତ ମୋର ପ୍ରକୃତି ରହିଛି । ଏହାକୁ ଅଷ୍ଟଧା ମୂଳ ପ୍ରକୃତି କୁହାଯାଏ ।

**ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।**
**ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ଯ୍ୟତେ ଜଗତ୍ ।।୫।।**

**'ଇୟମ୍'** ଅର୍ଥାତ୍ ଏହି ଆଠ ପ୍ରକାର ଯୁକ୍ତ ମୋର ଅପରା ପ୍ରକୃତି ରହିଛି । ଅର୍ଥାତ୍ ଜଡ଼ ପ୍ରକୃତି ରହିଛି । ହେ ମହାବାହୋ ଅର୍ଜୁନ ! ଏହାର ବିପରୀତ ଜୀବରୂପ

'ପରା' ଅର୍ଥାତ୍ ଚେତନ ପ୍ରକୃତି ବୋଲି ଜାଣ । ଯାହାଦ୍ୱାରା ସମ୍ପୂର୍ଣ୍ଣ ଜଗତ ଧାରଣ କରାଯାଇଛି । ତାହା ହେଉଛି ଜୀବାତ୍ମା । ଜୀବାତ୍ମା ମଧ୍ୟ ପ୍ରକୃତିର ସମ୍ବନ୍ଧରେ ରହିବା ଯୋଗୁଁ ପ୍ରକୃତି ହିଁ ଅଟେ ।

**ଏତଦ୍ୟୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।**
**ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।।୬।।**

ହେ ଅର୍ଜୁନ ! ଏହିପରି ଜାଣିବା ଉଚିତ୍ ଯେ, ସମ୍ପୂର୍ଣ୍ଣ ଭୂତ 'ଏତଦ୍ୟୋନୀନି' ଏହି ମହାପ୍ରକୃତି ଠାରୁ ଅର୍ଥାତ୍ ପରା ଓ ଅପରା ପ୍ରକୃତି ଠାରୁ ହିଁ ଉତ୍ପନ୍ନ ହୋଇଥାଏ । ଏହି ଦୁଇଟି ହିଁ ଏକମାତ୍ର ଯୋନି ଅଟେ । ମୁଁ ସମ୍ପୂର୍ଣ୍ଣ ଜଗତର ଉତ୍ପତ୍ତି ଓ ପ୍ରଳୟରୂପ ଅଟେ । ଅର୍ଥାତ୍ ମୁଁ ହିଁ ମୂଳ କାରଣ ଅଟେ । ମୋ ଠାରୁ ହିଁ ଜଗତର ଉତ୍ପତ୍ତି ଓ ପ୍ରଳୟ ଅର୍ଥାତ୍ ବିଳୟ ମଧ୍ୟ ହୋଇଥାଏ । ଯେଉଁ ପର୍ଯ୍ୟନ୍ତ ପ୍ରକୃତି ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ମୁଁ ହିଁ ତା'ର ଉତ୍ପତ୍ତି ଅଟେ ଏବଂ ଯେତେବେଳେ କୌଣସି ମହାପୁରୁଷ ପ୍ରକୃତିରୁ ପାର ପାଇଥାନ୍ତି, ସେତେବେଳେ ମୁଁ ହିଁ ମହାପ୍ରଳୟ ହୋଇଥାଏ । ଯାହା ଅନୁଭବରେ ଆସିଥାଏ ।

ସୃଷ୍ଟିର ଉତ୍ପତ୍ତି ଓ ପ୍ରଳୟର ପ୍ରଶ୍ନକୁ ମାନବ ସମାଜ କୌତୁହଳ ବଶ ଦେଖିଥାନ୍ତି । ବିଶ୍ୱର ଅନେକ ଶାସ୍ତ୍ରରେ ଏହାକୁ ଯେକୌଣସି ଉପାୟରେ ବୁଝାଇବାକୁ ପ୍ରୟାସ କରି ଆସୁଛନ୍ତି । କିଏ କହିଥାଏ ପ୍ରଳୟରେ ସଂସାର ବୁଡିଯାଇଥାଏ । ଅନ୍ୟ କାହାର ଅନୁସାରେ ସୂର୍ଯ୍ୟ ଏତେ ତଳକୁ ଆସିଯାଏ ଯେ, ପୃଥିବୀ ଜଳି ଯାଇଥାଏ। ଅନ୍ୟ କିଏ ଏହାକୁ କାୟାମତ କହିଥାନ୍ତି ଯେ, ଏହି ଦିନ ସମସ୍ତଙ୍କର ନିର୍ଣ୍ଣୟ ଶୁଣାଇଥାନ୍ତି । ଅନ୍ୟ କେହି ନିତ୍ୟ-ପ୍ରଳୟ, ନୈମିତ୍ତିକ ପ୍ରଳୟର ଗଣନାରେ ବ୍ୟସ୍ତ । କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ପ୍ରକୃତି ଅନାଦି, ପରିବର୍ତ୍ତନଶୀଳ କିନ୍ତୁ ଏହା ନଷ୍ଟ କେବେ ହୋଇନାହିଁ ।

ଭାରତୀୟ ଧର୍ମଗ୍ରନ୍ଥାନୁସାରେ ରାଜା ମନୁ ପ୍ରଳୟ ଦେଖିଥିଲେ । ଏହାଙ୍କ ସହିତ ଏଗାର ଜଣ ଋଷି ମତ୍ସ୍ୟ ଶିଙ୍ଗରେ ନାବ ବାନ୍ଧି ହିମାଳୟର ଏକ ଉତ୍ତୁଙ୍ଗ ଶିଖରର ଶରଣ ନେଇଥିଲେ । ଲୀଳାକାର ଶ୍ରୀକୃଷ୍ଣଙ୍କ ଉପଦେଶ ଏବଂ ଜୀବନ ସମ୍ବନ୍ଧିତ , ତାଙ୍କ ସମକାଳୀନ ଶାସ୍ତ୍ର, ଭାଗବତରେ ମୃକଣ୍ଡୁ ମୁନିଙ୍କ ପୁତ୍ର ମାର୍କଣ୍ଡେୟଙ୍କ ଦ୍ୱାରା ପ୍ରଳୟକୁ ସ୍ୱଚକ୍ଷୁରେ ଦେଖିଥିବା ଦୃଶ୍ୟ ପ୍ରସ୍ତୁତ ହୋଇଛି । ସେ ହିମାଳୟର ଉତ୍ତରରେ ଥିବା ପୁଷ୍ପଭଦ୍ରା ନଦୀ ତଟରେ ରହୁଥିଲେ । ଭାଗବତର ଦ୍ୱାଦଶ ସ୍କନ୍ଧର ଅଷ୍ଟମ ଓ ନବମ ଅଧ୍ୟାୟ ଅନୁସାରେ ସୌନକାଦି ଋଷିମାନେ ସୂତଙ୍କୁ ପଚାରିଲେ ଯେ, ମାର୍କଣ୍ଡେୟ ମହାପ୍ରଳୟରେ ବଟବୃକ୍ଷର ପତ୍ରରେ ଭଗବାନ ବାଳ

ମୁକୁନ୍ଦଙ୍କୁ ଦର୍ଶନ କରିଥିଲେ । କିନ୍ତୁ ସେ ତ ଆମ୍ଭର ହିଁ ବଂଶର ଥିଲେ, ଆମ୍ଭଠାରୁ କିଛି ସମୟ ପୂର୍ବରୁ ହୋଇଥିଲେ । ତାହାଙ୍କ ଜନ୍ମ ପରେ ନା ତ କୌଣସି ପ୍ରଳୟ ହୋଇଥିଲା ନା ସୃଷ୍ଟି ହିଁ ବୁଡିଯାଇଥିଲା । ସବୁ କିଛି ଯଥାବତ୍ ରହିଛି । ତେବେ ସେ କିପରି ପ୍ରଳୟ ଦେଖିଥିଲେ ?

ସୂତଜୀ କହିଲେ ଯେ, ମାର୍କଣ୍ଡେୟଙ୍କ ପ୍ରାର୍ଥନା ଦ୍ୱାରା ପ୍ରଶନ୍ନ ହୋଇ ଭଗବାନ ନରନାରାୟଣ ତାଙ୍କୁ ଦର୍ଶନ ଦେଲେ । ମାର୍କଣ୍ଡେଶ୍ୱୟ ଜୀ କହିଲେ ଯେ, ମୁଁ ଆପଣଙ୍କ ସେହି ମାୟା ଦେଖିବାକୁ ଚାହୁଁଛି, ଯାହାଦ୍ୱାରା ପ୍ରେରିତ ହୋଇ ଏହି ଆତ୍ମା ଅନନ୍ତ ଯୋନିରେ ଭ୍ରମଣ କରିଥାଏ । ଭଗବାନ ତାହାଙ୍କ ବାଣୀକୁ ସ୍ୱୀକାର କଲେ ଏବଂ ଦିନେ ଯେତେବେଳେ ମୁନି ନିଜର ଆଶ୍ରମରେ ଭଗବାନଙ୍କ ଚିନ୍ତନରେ ତନ୍ମୟ ହେଉଥିଲେ, ତେବେ ତାଙ୍କୁ ଦେଖାଗଲା କି ଚାରିଆଡୁ ସମୁଦ୍ର ତାଙ୍କ ଆଡ଼କୁ ମାଡ଼ି ଆସୁଛି । ସେଥିରେ କୁମ୍ଭୀର ଡ଼େଉଁଥିଲେ ଏବଂ ସେମାନଙ୍କ କବଳରେ ଋଷି ମାର୍କଣ୍ଡେୟ ମଧ୍ୟ ଆସୁଥିଲେ । ସେ ବଞ୍ଚିବା ନିମନ୍ତେ ଏପଟେ ସେପଟେ ହାତଗୋଡ଼ ପିଟି ପ୍ରୟତ୍ନ କରୁଥିଲେ । ଆକାଶ, ସୂର୍ଯ୍ୟ, ପୃଥ୍ୱୀ, ଚନ୍ଦ୍ରମା, ସ୍ୱର୍ଗ,ଜ୍ୟୋତିଷ ମଣ୍ଡଳ, ସମସ୍ତେ ସେହି ସମୟରେ ବୁଡିଗଲେ । ଏହି ସମୟ ବ୍ୟବଧାନରେ ମାର୍କଣ୍ଡେୟଙ୍କୁ ଗୋଟିଏ ବଟବୃକ୍ଷ ଓ ତାହାର ପତ୍ରରେ ଗୋଟିଏ ଶିଶୁ ଦିଶିଲେ । ଶ୍ୱାସ ସହିତ ମାର୍କଣ୍ଡେୟ ମଧ୍ୟ ସେହି ଶିଶୁଙ୍କ ଉଦରକୁ ଚାଲିଗଲେ ଏବଂ ନିଜର ଆଶ୍ରମ, ସୂର୍ଯ୍ୟ ମଣ୍ଡଳ, ସହିତ ସୃଷ୍ଟିକୁ ଉଦର ଭିତରେ ପାଇଲେ । ପୁନଃ ପ୍ରଶ୍ୱାସ ସହିତ ସେହି ଶିଶୁଙ୍କ ଉଦରରୁ ବାହାରକୁ ଆସିଗଲେ । ନେତ୍ର ଖୋଲିବା ପରେ ମାର୍କଣ୍ଡେୟ ନିଜକୁ ସେହି ଆଶ୍ରମରେ ନିଜର ଆସନ ଉପରେ ବସିଥିବା ପାଇଲେ ।

ସ୍ପଷ୍ଟ ହେଉଛି ଯେ, କୋଟିଏ ବର୍ଷ ଭଜନ ପଶ୍ଚାତ ସେହି ମୁନି ଈଶ୍ୱରୀୟ ଦୃଶ୍ୟକୁ ନିଜ ହୃଦୟରେ ଦର୍ଶନ କଲେ । ଅନୁଭବରେ ଦେଖିଲେ । ବାହାର ସବୁକିଛି ଯଥାବତ୍ ଥିଲା । ଅତଃ ପ୍ରଳୟ ଯୋଗୀଙ୍କ ହୃଦୟରେ ଈଶ୍ୱରଙ୍କ ଠାରୁ ମିଳିଥିବା ଅନୁଭବ ମାତ୍ର । ଭଜନର ପୁର୍ତ୍ତିକାଳରେ ଯୋଗୀଙ୍କ ହୃଦୟରେ ସଂସାରର ପ୍ରବାହ ନଷ୍ଟ ହୋଇ ଅବ୍ୟକ୍ତ ପରମାତ୍ମା ହିଁ ଶେଷ ରହିଥାଏ । ଏହା ହିଁ ପ୍ରଳୟ ଅଟେ । ବାହାରେ ପ୍ରଳୟ ହୋଇ ନଥାଏ । ମହାପ୍ରଳୟ ଶରୀର ଥାଉ ଥାଉ ଅଦ୍ୱୈତର ଅନିର୍ବଚନୀୟ ସ୍ଥିତି ଅଟେ, ଏହା କ୍ରିୟାତ୍ମକ ଅଟେ । କେବଳ ବୁଦ୍ଧି ଦ୍ୱାରା ନିର୍ଣ୍ଣୟ ନେଉଥିବା ବ୍ୟକ୍ତି ଭ୍ରମକୁ ହିଁ ସୃଜନ କରିଥାନ୍ତି ।

**ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।**
**ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ।।୭।।**

ହେ ଧନଞ୍ଜୟ ! ମୋ ବ୍ୟତୀତ କିଞ୍ଚିତ ମାତ୍ର ଅନ୍ୟ ବସ୍ତୁ ନାହିଁ । ଏହି ସମ୍ପୂର୍ଣ୍ଣ ଜଗତ ସୂତ୍ରରେ ମଣି ସଦୃଶ ମୋଠାରେ ହିଁ ଗୁନ୍ଥି ରହିଛି । ଗୁନ୍ଥା ତ ହୋଇଛି କିନ୍ତୁ କେବେ ଜାଣିପାରିବା ? ଯେତେବେଳେ (ଏହି ଅଧ୍ୟାୟର ପ୍ରଥମ ଶ୍ଳୋକ ଅନୁସାରେ) ଅନନ୍ୟ ଆସକ୍ତି ଅର୍ଥାତ୍ ଭକ୍ତି ଦ୍ୱାରା ମୋ ପରାୟଣ ହୋଇ ଯୋଗରେ ସେହି ରୂପରେ ଲାଗିଯାଅ । ଏହା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ । ଯୋଗରେ ଲାଗିବା ଅତ୍ୟନ୍ତ ଆବଶ୍ୟକ ।

**ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।**
**ପ୍ରଣବଃ ସର୍ବବେଦେଷୁ ଶବ୍ଦ ଖେ ପୌରୁଷଂ ନୃଷୁ ।।୮।**

ହେ କୌନ୍ତେୟ ! ଜଳରେ ମୁଁ ରସ, ଚନ୍ଦ୍ରମା ଓ ସୂର୍ଯ୍ୟର ପ୍ରକାଶ ମୁଁ ଅଟେ, ସମ୍ପୂର୍ଣ୍ଣ ବେଦରେ ଓଁ କାର ଅଟେ ।(ଓ–ଅହଂ–କାର) ସ୍ୱୟଂ ଆକାର ଅଟେ । ଆକାଶରେ ଶବ୍ଦ ଏବଂ ପୁରୁଷମାନଙ୍କ ମଧ୍ୟରେ ପୁରୁଷତ୍ୱ ମୁଁ ଅଟେ ତଥା–

**ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।**
**ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ।।୯।।**

ପୃଥ୍ୱୀର ପବିତ୍ର ଗନ୍ଧ ଓ ଅଗ୍ନିର ତେଜ, ସମ୍ପୂର୍ଣ୍ଣ ଜୀବମାନଙ୍କ ମଧ୍ୟରେ ତାହାଙ୍କ ଜୀବନ ଅଟେ ଏବଂ ତପସ୍ୱୀଙ୍କ ମଧ୍ୟରେ ତାହାଙ୍କ ତପ ମୁଁ ହିଁ ଅଟେ ।

**ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।**
**ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ ।।୧୦।।**

ହେ ପାର୍ଥ, ତୁମେ ସମ୍ପୂର୍ଣ୍ଣ ଭୂତର ସାନାତନ କାରଣ ଅର୍ଥାତ୍ ବୀଜ ବୋଲି ମୋତେ ହିଁ ଜାଣ । ମୁଁ ବୁଦ୍ଧିମାନଙ୍କ ବୁଦ୍ଧି, ତେଜସ୍ୱୀମାନଙ୍କ ତେଜ ଅଟେ ° ଏହିକ୍ରମରୋ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି–

**ବଲଂ ବଲବତାଂ ଚାହଂ କାମରାଗବିବର୍ଜିତମ୍ ।**
**ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତବର୍ଷଭ ।।୧୧।।**

ହେ ଭରତ ଶ୍ରେଷ୍ଠ ଅର୍ଜୁନ ! ମୁଁ ବଳବାନ ମାନଙ୍କ କାମନା ଏବଂ ଆସକ୍ତି ରହିତ ବଳ ଅଟେ । ସଂସାରରେ ସମସ୍ତେ ବଳବାନ ହିଁ ତ ହୋଇଥାନ୍ତି । କିଏ ଦଣ୍ଡ ବୈଠକ ଲଗାଇଥାଏ । କିଏ ପରମାଣୁ ଏକାଠି କରିଥାଏ । କିନ୍ତୁ ଶ୍ରୀକୃଷ୍ଣ କହନ୍ତି ଯେ, କାମ ଓ ରାଗରୁ ଉର୍ଦ୍ଧ୍ୱରେ ଯେଉଁ ବଳ ରହିଛି ତାହା ମୁଁ ଅଟେ । ତାହା ହିଁ ବାସ୍ତବିକ ବଳ ଅଟେ । ସମ୍ପୂର୍ଣ୍ଣ ଭୂତରେ ଧର୍ମାନୁକୂଳ କାମନା ମୁଁ ଅଟେ । ପରବ୍ରହ୍ମ ପରମାତ୍ମା ହିଁ ଏକମାତ୍ର ଧର୍ମ ଅଟେ । ଯେ କି ସମସ୍ତଙ୍କୁ ଧାରଣ କରିଛନ୍ତି । ଯାହା ଶାଶ୍ୱତ ଆତ୍ମା, ତାହାହିଁ ଧର୍ମ, ଯାହା ତାହାଙ୍କ ଠାରୁ ଅବିରୋଧ ରଖୁଥିବା କାମନା, ତାହା ମୁଁ ହିଁ

ଅଟେ । ଆଗକୁ ମଧ୍ଯ ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ମୋର ପ୍ରାପ୍ତି ନିମନ୍ତେ ଇଚ୍ଛା କର । ସମ୍ପୂର୍ଣ୍ଣ କାମନା ତ ବର୍ଜିତ ରହିଛି କିନ୍ତୁ ସେହି ପରମାତ୍ମାଙ୍କୁ ପାଇବା ନିମନ୍ତେ କାମନା ଆବଶ୍ୟକ । ଅନ୍ୟଥା ଆପଣ ସାଧନ କର୍ମରେ ପ୍ରବୃତ୍ତ ହୋଇପାରିବେ ନାହିଁ । ଏପରି କାମନା ମଧ୍ଯ ମୁଁ ହିଁ ଦେଇଥାଏ ।

**ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।**
**ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥୧୨॥**

ଯେଉଁ ଭାବ ସତ୍ତ୍ୱ, ରଜ ଓ ତମ ଗୁଣରୁ ଉତ୍ପନ୍ନ ହୋଇଥାଏ, ସେ ସବୁ ମୋ ଠାରୁ ହିଁ ଉତ୍ପନ୍ନ ହୋଇଛି ବୋଲି ଜାଣ । ପରନ୍ତୁ ବାସ୍ତବରେ ସେମାନଙ୍କ ଭିତରେ ମୁଁ ଏବଂ ମୋ ଭିତରେ ସେମାନେ ନୁହଁନ୍ତି । କାରଣ ନା ମୁଁ ସେମାନଙ୍କ ଭିତରେ ବୁଡି ରହିଛି, ନା ସେମାନେ ହିଁ ମୋ ଭିତରେ ପ୍ରବେଶ କରିଥାନ୍ତି । କାରଣ ମୋର କର୍ମରେ ସ୍ପୃହା ନାହିଁ । ମୁଁ ନିର୍ଲିପ୍ତ ଅଟେ । ମୋତେ ତାଙ୍କଠାରୁ କିଛି ପାଇବା ଶେଷ ନଥାଏ । ଏହିପରି ହେଲେ ମଧ୍ଯ–

ଯେପରି ଆତ୍ମାର ଉପସ୍ଥିତିରେ ହିଁ ଶରୀରକୁ ଭୋକ ଶୋଷ ହୋଇଥାଏ, ଅନ୍ୟଥା ଆତ୍ମାକୁ ଅନ୍ନ ଓ ଜଳରେ କୌଣସି ପ୍ରୟୋଜନ ନଥାଏ, ସେପରି ପ୍ରକୃତି ପରମାତ୍ମାଙ୍କ ଉପସ୍ଥିତିରେ ହିଁ ନିଜର କାର୍ଯ୍ୟ କରିପାରିଥାଏ । ପରମାତ୍ମା ତାର ଗୁଣ ଓ କାର୍ଯ୍ୟରେ ନିର୍ଲେପ ରହିଥାନ୍ତି ।

**ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।**
**ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥୧୩॥**

ସାତ୍ତ୍ୱିକ, ରାଜସ ଓ ତାମସ ଏହି ତିନି ଗୁଣର କାର୍ଯ୍ୟରୂପ ଭାବ ଦ୍ୱାରା ଏହି ସମ୍ପୂର୍ଣ୍ଣ ଜଗତ ମୋହିତ ହୋଇଥାଏ । ତେଣୁକରି ଲୋକେ ଏହି ତିନିଗୁଣରୁ ଊର୍ଦ୍ଧ୍ୱରେ ମୋତେ ଅର୍ଥାତ୍ ଅବିନାଶୀକୁ ତତ୍ତ୍ୱଦ୍ୱାରା ସମ୍ୟକ ରୂପରେ ଜାଣିନଥାନ୍ତି । ମୁଁ ଏହି ତିନିଗୁଣରୁ ଊର୍ଦ୍ଧ୍ୱରେ ରହିଥାଏ । ଅର୍ଥାତ୍ ଯେଉଁ ପର୍ଯ୍ୟନ୍ତ ଲେଶ ମାତ୍ର ଗୁଣର ଆବରଣ ବିଦ୍ୟମାନ ଥାଏ, ସେ ପର୍ଯ୍ୟନ୍ତ କେହି ମୋତେ ଜାଣି ପାରନ୍ତି ନାହିଁ । ତାହାକୁ ବର୍ତ୍ତମାନ ଚାଲିବାର ବାକି ରହିଛି । ସେ ବର୍ତ୍ତମାନ ପଥିକ ଅଟେ ।

**ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥୧୪॥**

ଏହି ତ୍ରିଗୁଣମୟୀ ମୋର ଅଦ୍ଭୁତ ମାୟା ଅତ୍ୟନ୍ତ ଦୁସ୍ତର ଅଟେ, କିନ୍ତୁ ଯେଉଁ ପୁରୁଷ ନିରନ୍ତର ମୋର ହିଁ ଭଜନ କରିଥାନ୍ତି, ସେ ଏହି ମାୟାରୁ ମୁକ୍ତି ପାଇଥାନ୍ତି । ଏହି ମାୟା ଦୈବୀ ତ ଅଟେ ପରନ୍ତୁ ଧୂପକାଠି ଜଳାଇ ପୂଜା କରିବାରେ ନ ଲାଗନ୍ତୁ ।

ଏହାଠାରୁ ମୁକ୍ତ ହେବା ଉଚିତ୍ ।

**ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ ।**
**ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥୧୫॥**

ଯିଏ ମୋର ନିରନ୍ତର ଭଜନ କରିଥାନ୍ତି, ସେ ମୋତେ ଜାଣିପାରନ୍ତି । ହେଲେ ମଧ୍ୟ ଲୋକେ ଭଜନ କରୁନାହାଁନ୍ତି । ମାୟାଦ୍ୱାରା ଯାହାଙ୍କ ଜ୍ଞାନ ଅପହରଣ କରାଯାଇଛି, ଯିଏ କି ଆସୁରୀ ସ୍ୱଭାବକୁ ଧାରଣ କରିଥିବା ମନୁଷ୍ୟମାନଙ୍କ ମଧ୍ୟରେ ଅଧମ, କାମକ୍ରୋଧାଦି ଦୁଷ୍କୃତିକାରୀ ମୂଢ ବ୍ୟକ୍ତି ମୋର ଭଜନ କରିନଥାନ୍ତି । ତେବେ କିଏ ଭଜନ କରିଥାନ୍ତି ?

**ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।**
**ଆର୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥୧୬॥**

ହେ ଭତର ଶ୍ରେଷ୍ଠ ଅର୍ଜୁନ ! **ସୁକୃତିନଃ** ଉତ୍ତମ ଅର୍ଥାତ୍, ନିୟତ କର୍ମ (ଯାହାର ପରିଣାମରେ ଶ୍ରେୟ ପ୍ରାପ୍ତି) କରୁଥିବା ବ୍ୟକ୍ତି, **ଅର୍ଥାର୍ଥୀ** ଅର୍ଥାତ୍ ସକାମୀ, ଆର୍ତ ଅର୍ଥାତ୍ ଦୁଃଖରୁ ନିବୃତ୍ତି ପାଇବା ଇଚ୍ଛା ଯୁକ୍ତ ପୁରୁଷ, **ଜିଜ୍ଞାସୁ** ଅର୍ଥାତ ପ୍ରତ୍ୟକ୍ଷ ରୂପେ ଜାଣିବା ନିମନ୍ତେ ଇଚ୍ଛା କରୁଥିବା ପୁରୁଷ ଏବଂ **ଜ୍ଞାନୀ** ଅର୍ଥାତ୍ ଯିଏ କି ପ୍ରବେଶ ସ୍ଥିତିରେ ରହିଛନ୍ତି । ଏହି ଚାରି ପ୍ରକାର ଭକ୍ତ ମୋର ଭଜନ କରିଥାନ୍ତି । **ଅର୍ଥ–** ସେହି ବସ୍ତୁ ଅଟେ, ଯାହା ଦ୍ୱାରା ଆମ୍ଭର ଶରୀର ଅଥବା ସମ୍ବନ୍ଧର ପୂର୍ତ୍ତି ହେଉଛି । ତେଣୁକରି ଅର୍ଥ, ଅର୍ଥାତ୍ କାମନା ଇତ୍ୟାଦି ପ୍ରଥମେ ଭଗବାନଙ୍କ ଦ୍ୱାରା ହିଁ ପୂର୍ତ୍ତି ହୋଇଥାଏ । ଶ୍ରୀକୃଷ୍ଣ କହୁଛନ୍ତି– ମୁଁ ହିଁ ପୂର୍ତ୍ତି କରିଥାଏ କିନ୍ତୁ ଏତିକି ହିଁ ବାସ୍ତବିକ ଅର୍ଥ ନୁହଁ । ଆତ୍ମିକ ସମ୍ପତ୍ତି ହିଁ ସ୍ଥିର ସମ୍ପତ୍ତି– ଏହା ହିଁ ଅର୍ଥ ଅଟେ ।

ସାଂସାରିକ ଅର୍ଥର ପୂର୍ତ୍ତି କରି କରି ଭଗବାନ ବାସ୍ତବିକ ଅର୍ଥ ଆତ୍ମିକ ସମ୍ପତ୍ତି ଆଡ଼କୁ ନେଇଯାଇଥାନ୍ତି । କାରଣ ସେ ଜାଣିଥାନ୍ତି, ଏତିକିରେ ହିଁ ମୋର ଭକ୍ତ ସୁଖି ହେବେ ନାହିଁ, ତେଣୁ ସେ ଆତ୍ମିକ ସମ୍ପତ୍ତି ମଧ୍ୟ ଦେଇଥାନ୍ତି । **ଲୋକ ଲାହୁ ପରଲୋକ ନିବାହୁ** ॥ ଅର୍ଥାତ୍ ଏହି ଲୋକରେ ଲାଭ ଏବଂ ପରଲୋକରେ ନିର୍ବାହ । ଏହି ଉଭୟ ଭଗବାନଙ୍କ ଦ୍ୱାରା ହିଁ ପ୍ରଦତ୍ତ ବସ୍ତୁ ଅଟେ । ନିଜର ଭକ୍ତଙ୍କୁ ସେ ଖାଲି ଛାଡ଼ି ନଥାନ୍ତି,
**ଆର୍ତ–** ଯିଏ ଦୁଃଖି ହେଉଥାଏ, ସେ ହିଁ ଆର୍ତ ଭକ୍ତ ।
**ଜିଜ୍ଞାସୁ–** ସମ୍ପୂର୍ଣ୍ଣ ରୂପରେ ଜାଣିବା ନିମନ୍ତେ ଇଚ୍ଛୁକ ବା ଜିଜ୍ଞାସୁ ମୋର ଭଜନ କରନ୍ତି ।
**ଜ୍ଞାନୀ–** ସାଧନ ଅବସ୍ଥାରେ ଦିଗ୍‌ଦର୍ଶନ ଅର୍ଥାତ୍ ପ୍ରତ୍ୟକ୍ଷ ଦର୍ଶନ ଅବସ୍ଥାରେ ଥିବା ଜ୍ଞାନୀ ମଧ୍ୟ ମୋର ଭଜନ କରିଥାନ୍ତି । ଏହିପରି ଚାରିପ୍ରକାରର ଭକ୍ତ ମୋର ଭଜନ କରିଥାନ୍ତି । ଯେଉଁଥିରେ ଜ୍ଞାନୀ ଶ୍ରେଷ୍ଠ ଅଟନ୍ତି । ଅର୍ଥାତ୍ ଜ୍ଞାନୀ ମଧ୍ୟ ଭକ୍ତ ହିଁ ହୋଇଥାଏ ।

ଏମାନଙ୍କ ମଧ୍ୟରେ-

**ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।**
**ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥୧୭॥**

ହେ ଅର୍ଜୁନ ! ସେମାନଙ୍କ ମଧ୍ୟରୁ ନିତ୍ୟ ମୋ ଠାରେ ଏକ ଭାବରେ ସ୍ଥିତ ଅନନ୍ୟ ଭକ୍ତିଯୁକ୍ତ ଜ୍ଞାନୀ ବିଶିଷ୍ଟ ଅଟନ୍ତି । କାରଣ ସାକ୍ଷାତ୍‌କାର ସହିତ ଜାଣିପାରୁଥିବା ଜ୍ଞାନୀଙ୍କୁ ମୁଁ ଅତ୍ୟନ୍ତ ପ୍ରିୟ ଅଟେ ଏବଂ ସେହି ଜ୍ଞାନୀ ମଧ୍ୟ ମୋର ଅତ୍ୟନ୍ତ ପ୍ରିୟ ହୋଇଥାନ୍ତି । ସେହି ଜ୍ଞାନୀ ମୋର ହିଁ ସ୍ୱରୂପ ହୋଇଥାନ୍ତି ।

**ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।**
**ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ॥୧୮॥**

ଯଦ୍ୟପି ଏହି ଚାରି ପ୍ରକାର ଭକ୍ତ ଉଦାରହିଁ ଅଟନ୍ତି (କେଉଁ ଉଦାର କରିଦେଲେ ? କ'ଣ ଭକ୍ତି କରିବା ଦ୍ୱାରା ଭଗବାନଙ୍କୁ କିଛି ମିଳିଯାଏ ? କ'ଣ ଭଗବାନଙ୍କ ଠାରେ କିଛି ଖାଲି ରହିଥିଲା, ଯାହା ଆପଣଙ୍କ ଭଜନ ଦ୍ୱାରା ପୂର୍ଣ୍ଣ କରିଦେଲେ ? ନାହିଁ, ବସ୍ତୁତଃ ସେ ହିଁ ଉଦାର ଯିଏ ନିଜର ଆତ୍ମାକୁ ଅଧୋଗତିରେ ପହୁଞ୍ଚାଇ ନଥାଏ, ଯିଏ ନିଜର ଉଦ୍ଧାର ନିମନ୍ତେ ପ୍ରୟତ୍ନଶୀଳ ଅଟନ୍ତି, ଏହିପରି ସମସ୍ତେ ଉଦାର ଅଟନ୍ତି ।) କିନ୍ତୁ ଜ୍ଞାନୀ, ସାକ୍ଷାତ ମୋର ହିଁ ସ୍ୱରୂପ, ଏହା ମୋର ମାନ୍ୟତା ଅଟେ । କାରଣ ସେହି ସ୍ଥିରବୁଦ୍ଧି ଜ୍ଞାନୀ-ଭକ୍ତ, ସର୍ବୋତ୍ତମ ଗତି ସ୍ୱରୂପ ମୋ ଠାରେ ହିଁ ସ୍ଥିତ ରହିଥାନ୍ତି । ଅର୍ଥାତ୍ ସେ ହିଁ ମୁଁ ଅଟେ ଏବଂ ସେ ମୋ ଭିତରେ ରହିଥାନ୍ତି । ମୋ ଠାରୁ ତାଙ୍କର କୌଣସି ପ୍ରଭେଦ ନଥାଏ ।

**ବହୂନାଂ ଜନ୍ମନାଂମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ ।**
**ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲ୍ଲଭଃ ॥୧୯॥**

ଅଭ୍ୟାସ କରିକରି ବହୁତ ଜନ୍ମ ପଶ୍ଚାତ ଅନ୍ତିମ ଜନ୍ମରେ, ପ୍ରାପ୍ତି ହୋଇ ଥିବା ଜନ୍ମରେ, ସାକ୍ଷାତ୍‌କାର ପ୍ରାପ୍ତ ଜ୍ଞାନୀ, ସବୁକିଛି ବାସୁଦେବ ହିଁ ଅଟେ- ଏହିପରି ଭାବରେ ମୋର ଭଜନ କରିଥାନ୍ତି । ଏପରି ମହାତ୍ମା ଅତି ଦୁର୍ଲଭ । ସେ କୌଣସି ବାସୁଦେବ ଭଗବାନ କୃଷ୍ଣଙ୍କ ପ୍ରତିମା ଗଠନ କରିନଥାନ୍ତି, ବରଂ ନିଜର ଭିତରେ ହିଁ ସେହି ପରମଦେବଙ୍କ ବାସ କରୁଥିବା ଅନୁଭବ କରିଥାନ୍ତି । ସେହି ଜ୍ଞାନୀ ମହାତ୍ମାଙ୍କୁ ଶ୍ରୀକୃଷ୍ଣ ତତ୍ତ୍ୱଦର୍ଶୀ ମଧ୍ୟ କହିଛନ୍ତି । ଏହି ମହାପୁରୁଷଙ୍କ ଦ୍ୱାରା ସମାଜରେ କଲ୍ୟାଣ ସମ୍ଭବ ହୋଇଥାଏ । ଏହିପରି ପ୍ରତ୍ୟକ୍ଷ ତତ୍ତ୍ୱଦର୍ଶୀ ମହାପୁରୁଷ ଶ୍ରୀକୃଷ୍ଣଙ୍କ ଶବ୍ଦରେ ଅତି ଦୁର୍ଲଭ । ଯେତେବେଳେ ଶ୍ରେୟ ଓ ପ୍ରେୟ, ଅର୍ଥାତ୍ ମୁକ୍ତି ଏବଂ ଭୋଗ, ଉଭୟ ଭଗବାନଙ୍କ ଠାରୁ ମିଳିଥାଏ, ତେବେ ତ ସମସ୍ତେ ଏକମାତ୍ର ଭଗବାନଙ୍କୁ ହିଁ ଭଜନ କରିବା ଉଚିତ ।

ତଥାପି ଲୋକେ ତାହାଙ୍କ ଭଜନ କାହିଁକି କରୁନାହାଁନ୍ତି ? ଶ୍ରୀକୃଷ୍ଣଙ୍କ ଶବ୍ଦରେ –

**କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥୨୦॥**

"ସେହି ତତ୍ତ୍ୱଦର୍ଶୀ ମହାତ୍ମା ଅଥବା ପରମାତ୍ମା ହିଁ ସବୁକିଛି ଅଟନ୍ତି । ଏପରି ଲୋକେ ବୁଝିପାରିନଥାନ୍ତି । କାରଣ ଭୋଗର କାମନା ଦ୍ୱାରା ଲୋକମାନଙ୍କ ବିବେକ ଅପହରଣ କରି ନିଆଯାଇଛି । ତେଣୁକରି ସେ ନିଜର ପ୍ରକୃତି ଅର୍ଥାତ୍ ଜନ୍ମ ଜନ୍ମାନ୍ତରରୁ ଅର୍ଜିତ କରିଥିବା ପ୍ରକୃତିର ସ୍ୱଭାବରୁ ପ୍ରେରିତ ହୋଇ ମୋ ଠାରୁ ଅର୍ଥାତ୍ ପରମାତ୍ମା ଠାରୁ ଭିନ୍ନ ଅନ୍ୟ ଦେବତା ଏବଂ ତାଙ୍କ ଦ୍ୱାରା ପ୍ରଚଳିତ ନିୟମର ଶରଣ ନେଇଥାନ୍ତି । ଏଠାରେ ଅନ୍ୟ ଦେବତାଙ୍କ ପ୍ରସଙ୍ଗ ପ୍ରଥମ ଥର ଆସିଲା ।

**ଯୋ ଯୋ ୟାଂ ୟାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।**
**ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥୨୧॥**

ଯେଉଁ ଯେଉଁ ସକାମୀ ଭକ୍ତ ଯେଉଁ ଯେଉଁ ଦେବତାଙ୍କ ସ୍ୱରୂପକୁ ଶ୍ରଦ୍ଧାର ସହିତ ପୂଜିବାକୁ ଚାହିଁଥାନ୍ତି, ମୁଁ ସେହି ଦେବତାଙ୍କ ପ୍ରତି ତାହାଙ୍କ ଶ୍ରଦ୍ଧାକୁ ସ୍ଥିର କରିଥାଏ । ମୁଁ ହିଁ ସ୍ଥିର କରିଥାଏ, କାରଣ ଦେବତା ନାମରେ କୌଣସି ବସ୍ତୁ ଥାନ୍ତା ତେବେ ତ ସେହି ଦେବତା ହିଁ ସେହି ଶ୍ରଦ୍ଧାକୁ ସ୍ଥିର କରିଥାନ୍ତେ ।

**ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।**
**ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହି ତାନ୍ ॥୨୨॥**

ସେହି ପୁରୁଷ ଶ୍ରଦ୍ଧାରେ ଯୁକ୍ତ ହୋଇ ସେହି ଦେବ ବିଗ୍ରହ ପୂଜାରେ ତତ୍ପର ହୋଇଥାନ୍ତି ଏବଂ ସେହି ଦେବତାଙ୍କ ମାଧ୍ୟମରେ ମୋ ଦ୍ୱାରା ନିର୍ମିତ ସେହି ଇଚ୍ଛିତ ଭୋଗକୁ ନିଃସନ୍ଦେହ ପ୍ରାପ୍ତ ହୋଇଥାନ୍ତି । ଭୋଗ କିଏ ଦେଇଥାନ୍ତି ? ମୁଁ ହିଁ ଦେଇଥାଏ । ତାହାର ଶ୍ରଦ୍ଧାର ପରିଣାମ ହିଁ ଭୋଗ ଅଟେ । ନା କି କୌଣସି ଦେବତା ଦେଇଥାନ୍ତି । କିନ୍ତୁ ସେ ଫଳ ତ ପାଇ ଯାଆନ୍ତି । ତେବେ ଏଥିରେ ଖରାପ କ'ଣ ? ଏହା ଉପରେ କହୁଛନ୍ତି–

**ଅନ୍ତବତ୍ତୁ ଫଳଂ ତେଷାଂ ତଦ୍‌ଭବତ୍ୟଳ୍ପମେଧସାମ୍ ।**
**ଦେବାନ୍ ଦେବୟଜୋ ୟାନ୍ତି ମଦ୍‌ଭକ୍ତା ୟାନ୍ତି ମାମପି ॥୨୩॥**

ସେହି ଅଳ୍ପ ବୁଦ୍ଧି ଯୁକ୍ତ ପୁରୁଷଙ୍କ ସେହି ଫଳ ନାଶବାନ ଅଟେ । ଆଜି ଫଳ ମିଳିଛି ତ ତାହା ଭୋଗ କରୁ କରୁ ନଷ୍ଟ ହୋଇଯାଏ । ତେଣୁ ତାହା ନାଶବାନ୍ । ଦେବତାମାନଙ୍କୁ ପୂଜିବା ବ୍ୟକ୍ତି ଦେବତାମାନଙ୍କୁ ପ୍ରାପ୍ତ ହୋଇଥାନ୍ତି । ଅର୍ଥାତ୍ ଦେବତା ମଧ୍ୟ ନାଶବାନ ଅଟନ୍ତି । ଦେବତାଙ୍କ ଠାରୁ କୀଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଗତ ପରିବର୍ତ୍ତନଶୀଳ

ଏବଂ ମରଣଧର୍ମୀ ଅଟନ୍ତି । କିନ୍ତୁ ମୋର ଭକ୍ତ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି । ଯାହା ଅବ୍ୟକ୍ତ **ନୈଷ୍ଠିକୀମ୍ ପରମଶାନ୍ତି** -ଅର୍ଥାତ୍ ଐକାନ୍ତିକ ପରମ ଶାନ୍ତିକୁ ପ୍ରାପ୍ତ ହୋଇଥାନ୍ତି ।

ତୃତୀୟ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଥିଲେ- ଏହି ଯଜ୍ଞଦ୍ୱାରା ତୁମେ ଦେବତା ଅର୍ଥାତ୍ ଦୈବୀ ସମ୍ପଦର ଉନ୍ନତି କର । ଯେପରି ଯେପରି ଦୈବୀ ସମ୍ପଦର ଉନ୍ନତି ହେବ, ତାହହିଁ ଉନ୍ନତି ଅଟେ । କ୍ରମଶଃ ଉନ୍ନତି କରି କରି ପରମ ଶ୍ରେୟକୁ ପ୍ରାପ୍ତ କର । ଏଠାରେ ଦେବତା ସେହି ଦୈବୀ ସମ୍ପଦର ସମୂହ ଅଟନ୍ତି । ଯାହାଦ୍ୱାରା ପରମଦେବ ପରମାତ୍ମାଙ୍କ ଦେବତ୍ୱ ଅର୍ଜିତ ହୋଇଥାଏ । ଦୈବୀସମ୍ପଦ ମୋକ୍ଷ ନିମନ୍ତେ ହୋଇଥାଏ, ଯାହାର ୨୬ ଗୋଟି ଲକ୍ଷଣ ନିରୂପଣ ଗୀତାର ୧୬ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

**ଦେବତା**-ହୃଦୟର ଅନ୍ତରାଳରେ ପରମଦେବ ପରମାତ୍ମାଙ୍କ ଦେବତ୍ୱକୁ ଅର୍ଜିତ କରୁଥିବା ସଦ୍‌ଗୁଣର ଏକ ନାମ ଅଟେ । ବାସ୍ତବରେ ଏହା ହୃଦୟର ବସ୍ତୁ ହିଁ ଥିଲା କିନ୍ତୁ କାଳକ୍ରମେ ଲୋକେ ଏହି ଭିତରର ବସ୍ତୁକୁ ବାହାରେ ଦେଖିବା ପ୍ରାରମ୍ଭ କରିଦେଲେ । ସେମାନେ ମୂର୍ତ୍ତି ଗଢିନେଲେ, କର୍ମକାଣ୍ଡ ରଚନା କଲେ ତଥା ବାସ୍ତବିକତାରୁ ଦୂରକୁ ଚାଲିଗଲେ । ଶ୍ରୀକୃଷ୍ଣ ଏହି ଭ୍ରାନ୍ତିର ନିରାକରଣ ଉପଯୁକ୍ତ ଚାରୋଟି ଶ୍ଳୋକରେ କରିଛନ୍ତି । ଗୀତାରେ ପ୍ରଥମଥର ଅନ୍ୟ ଦେବତାମାନଙ୍କ ନାମ ନେଇ ସେ କହିଲେ- ଦେବତା କେବେ ବି ହୋଇ ନାହାଁନ୍ତି, ଦେବତାନାମରେ କୌଣସି ସତ୍ତା ହିଁ ନାହିଁ, ଲୋକଙ୍କ ଶ୍ରଦ୍ଧା ଯେଉଁ ଆଡ଼କୁ ଓହରିଥାଏ ମୁଁ ହିଁ ସେଠାରେ ଉପସ୍ଥିତ ହୋଇ ତାହାଙ୍କ ଶ୍ରଦ୍ଧାକୁ ପୁଷ୍ଟି କରିଥାଏ ଏବଂ ମୁଁ ହିଁ ତାଙ୍କୁ ଫଳ ମଧ୍ୟ ଦେଇଥାଏ । ସେହି ଫଳମଧ୍ୟ ନଶ୍ୱର ଅଟେ । ଫଳ ନଷ୍ଟ ହୋଇଯାଏ, ଦେବତା ନଷ୍ଟ ହୋଇଯାଆନ୍ତି ଏବଂ ଦେବତାମାନଙ୍କୁ ପୂଜିବା ବ୍ୟକ୍ତି ମଧ୍ୟ ନଷ୍ଟ ହୋଇଯାଆନ୍ତି । ଯାହାଙ୍କ ବିବେକ ନଷ୍ଟ ହୋଇ ଗଲାଣି, ସେହି ମୂଢ ବୁଦ୍ଧି ହିଁ ଅନ୍ୟ ଦେବତାମାନଙ୍କୁ ପୂଜାକରନ୍ତି । ଶ୍ରୀକୃଷ୍ଣ ତ ଏହା ମଧ୍ୟ କହିଛନ୍ତି ଯେ, ଅନ୍ୟ ଦେବତାମାନଙ୍କୁ ପୂଜିବାର ବିଧାନ ହିଁ ଅଯୁକ୍ତି ସଙ୍ଗତ ଅଟେ । (ଆଗକୁ ଦେଖନ୍ତୁ ଗୀତା୯/୨୩)

**ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ**
**ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ॥୨୪॥**

ଯଦ୍ୟପି ଯେବେ ଦେବତାମାନଙ୍କ ନାମରେ, ଦେବତା ନାମକ କୌଣସି ବସ୍ତୁ ହିଁ ନାହିଁ । ଯେଉଁଫଳ ମିଳିଥାଏ ତାହା ନାଶବାନ, ହେଲେ ମଧ୍ୟ ସମସ୍ତେ ମୋର ଭଜନ କରିନଥାନ୍ତି । କାରଣ ବୁଦ୍ଧିହୀନ ପୁରୁଷ(ଯେପରି ପୂର୍ବ ଶ୍ଳୋକରେ

କୁହାଯାଇଛି ଯେ, କାମନା ଦ୍ୱାରା ଯାହାର ଜ୍ଞାନ ଅପହୃତ ହୋଇଯାଇଛି, ସେମାନେ) ମୋର ସର୍ବୋତ୍ତମ ଅବିନାଶୀ ଏବଂ ପରମ ପ୍ରଭାବକୁ ଭଲ ରୂପେ ଜାଣନ୍ତି ନାହିଁ, ତେଣୁ କରି ସେମାନେ ମୋତେ ଅର୍ଥାତ୍ ଅବ୍ୟକ୍ତ ପୁରୁଷକୁ ସାଧାରଣ ମନୁଷ୍ୟ ବୋଲି ମାନିଥାନ୍ତି । ଅର୍ଥାତ୍ ଶ୍ରୀକୃଷ୍ଣ ମଧ୍ୟ ମନୁଷ୍ୟ ଶରୀରଧାରୀ ଯୋଗୀ ଥିଲେ, ଯୋଗେଶ୍ୱର ଥିଲେ । । ଯିଏ ସ୍ୱୟଂ ଯୋଗୀ ଅଟନ୍ତି ଏବଂ ଅନ୍ୟମାନଙ୍କୁ ଯୋଗ ପ୍ରଦାନ କରିବା ନିମନ୍ତେ ଯାହା ନିକଟରେ କ୍ଷମତା ଥାଏ, ତାହାଙ୍କୁ ଯୋଗେଶ୍ୱର କୁହାଯାଏ । ସାଧନାର ଠିକ୍ ରାସ୍ତାରେ ଚାଲିଚାଲି କ୍ରମଶଃ ଉତ୍‌ଥାନ ହୋଇ ମହାପୁରୁଷ ମଧ୍ୟ ସେହି ପରମଭାବକୁ ପ୍ରାପ୍ତ ହୋଇଥାନ୍ତି । ଶରୀର ଧାରୀ ହୋଇଥିବା ସତ୍ତ୍ୱେ ସେ ସେହି ଅବ୍ୟକ୍ତ ସ୍ୱରୂପରେ ସ୍ଥିର ହୋଇଯାଇଥାନ୍ତି । କିନ୍ତୁ କାମନା ଦ୍ୱାରା ବିବିଶ ମନ୍ଦବୁଦ୍ଧି ଲୋକେ ତାଙ୍କୁ ସାଧାରଣ ବ୍ୟକ୍ତି ମାନିଥାନ୍ତି । ସେମାନେ ବିଚାର କରନ୍ତି ଯେ, ଆମ୍ଭମାନଙ୍କ ପରି ହିଁ ସେ ମଧ୍ୟ ଜନ୍ମ ନେଇଥାନ୍ତି । ସେ ଭଗବାନ କିପରି ହୋଇପାରିବେ ? ସେହି ବିଚରାଙ୍କ ଦୋଷ ବା କ'ଣ ? ଯେବେ ସେମାନେ ଦୃଷ୍ଟିପାତ କରନ୍ତି ତାଙ୍କର ଶରୀର ହିଁ ଦେଖାଯାଇଥାଏ । ସେଥି ଯୋଗୁଁ ସେମାନେ ଏପରି କହିଥାନ୍ତି । ସେମାନେ ମହାପୁରୁଷଙ୍କ ବାସ୍ତବିକ ସ୍ୱରୂପକୁ କାହିଁକି ଦେଖିପାରୁ ନାହାଁନ୍ତି ? ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଠାରୁ ହିଁ ଶୁଣନ୍ତୁ ।

**ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।**
**ମୂଢୋଽୟଂ ନାଭିଜାନାତି ଲୋକେ ମାମଜମବ୍ୟୟମ୍ ॥୨୫॥**

ସାମାନ୍ୟ ମନୁଷ୍ୟଙ୍କ ନିମନ୍ତେ ମାୟା ଏକ ପରଦା ମାତ୍ର । ଯାହାଦ୍ୱାରା ପରମାତ୍ମା ସର୍ବଥା ଅଦୃଶ୍ୟ ରହିଥାନ୍ତି । ଯୋଗ ସାଧନା ବିଚାର କରି ସେ ଏଥିରେ ପ୍ରବୃତ୍ତ ହୋଇଥାନ୍ତି । ଏହା ପରେ ଯୋଗମାୟା ଅର୍ଥାତ୍ ଯୋଗକ୍ରିୟା ମଧ୍ୟ ଏକ ଆବରଣ ହିଁ ଅଟେ । ଯୋଗାନୁଷ୍ଠାନ କରି କରି ତା'ର ପରାକାଷ୍ଠା ଯୋଗାରୂଢତା ଆସିଯିବା ପରେ ସେହି ଅବିଦିତ ପରମାତ୍ମା ବିଦିତ ହୋଇଯାଇଥାନ୍ତି । ଯୋଗେଶ୍ୱର କହୁଛନ୍ତି– ମୁଁ ନିଜର ଯୋଗମାୟା ଦ୍ୱାରା ଢାଙ୍କି ହୋଇ ରହିଛି । କେବଳ ଯୋଗର ପରିପକ୍ୱ ଅବସ୍ଥା ସଂପନ୍ନ ବ୍ୟକ୍ତି ହିଁ ମୋତେ ଯଥାର୍ଥ ରୂପେ ଦେଖିଥାନ୍ତି । ମୁଁ ସମସ୍ତଙ୍କ ନିମନ୍ତେ ପ୍ରତ୍ୟକ୍ଷ ହୋଇନଥାଏ । ତେଣୁକରି ଏହି ଅଜ୍ଞାନୀ ମନୁଷ୍ୟ ମୋତେ ଜନ୍ମ ରହିତ (ଯାହାର ଆଉ ଜନ୍ମ ହେବ ନାହିଁ) ଅବିନାଶୀ (ଯାହାର ନାଶ ହେବ ନାହିଁ) ଅବ୍ୟକ୍ତ ସ୍ୱରୂପ (ଯାହାର ପୁନଃ ବ୍ୟକ୍ତ ହେବାର ନାହିଁ) କୁ ଜାଣିନଥାନ୍ତି । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କୁ ନିଜ ପରି ଜଣେ ମନୁଷ୍ୟ ହିଁ ମାନୁଥିଲା । ଆଗକୁ ସେ ଦିବ୍ୟ ଦୃଷ୍ଟି ଦେଲା ପରେ ଅର୍ଜୁନ ବ୍ୟାକୁଳ ହୋଇ ଗିଡଗିଡାଇଲେ ଅର୍ଥାତ୍ ପ୍ରାର୍ଥନା କରିବାରେ ଲାଗିଲେ ।

ବସ୍ତୁତଃ ଅବ୍ୟକ୍ତ ସ୍ଥିତ ମହାପୁରୁଷଙ୍କୁ ଜାଣିବାରେ ଆମ୍ଭେମାନେ ପ୍ରାୟଃ ଅନ୍ଧ ହିଁ ହୋଇଥାଉଁ । ଆଗକୁ କହୁଛନ୍ତି–

**ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ ।**
**ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ।।୨୬।।**

ହେ ଅର୍ଜୁନ ! ମୁଁ ଅତୀତ, ବର୍ତ୍ତମାନ, ଭବିଷ୍ୟରେ ହେଉଥିବା ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କୁ ଜାଣିଛି । କିନ୍ତୁ ମୋତେ କିଏ ଜାଣନ୍ତି ନାହିଁ । କାହିଁକି ଜାଣିପାରୁ ନାହାଁନ୍ତି ?

**ଇଚ୍ଛା ଦ୍ୱେଷସମୁତ୍‌ଥେନ ଦ୍ୱନ୍ଦ୍ୱମୋହେନ ଭାରତ ।**
**ସର୍ବଭୂତାନି ସଂମୋହଂ ସର୍ଗେ ଯାନ୍ତି ପରନ୍ତପ ।।୨୭।।**

ହେ ଭରତବଂଶୀ ଅର୍ଜୁନ ! ଇଛା ଏବଂ ଦ୍ୱେଷ ଅର୍ଥାତ୍ ରାଗଦ୍ୱେଷଦି ଦ୍ୱନ୍ଦର ମୋହରୁ ସଂସାରର ସମ୍ପୂର୍ଣ୍ଣ ପ୍ରାଣୀ ଅତ୍ୟନ୍ତ ମୋହକୁ ପ୍ରାପ୍ତ ହୋଇଥାନ୍ତି । ତେଣୁକରି ସେମାନେ ମୋତେ ଜାଣିପାରନ୍ତି ନାହିଁ । ତେବେ କ'ଣ କିଏ ମଧ୍ୟ ଜାଣିପାରିବେ ନାହିଁ ? ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି–

**ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।**
**ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢବ୍ରତାଃ ।।୨୮।।**

ପରନ୍ତୁ ପୁଣ୍ୟକର୍ମ (ଯାହା ସଂସୃତିର ଅନ୍ତ କରିଥାଏ, ଯାହାର ନାମ କାର୍ଯ୍ୟଂକର୍ମ ନିୟତ କର୍ମ, ଯଜ୍ଞ ପ୍ରକ୍ରିୟା କହି ବାରମ୍ବାର ବୁଝାଇଛନ୍ତି, ସେହି କର୍ମକୁ) କରୁଥିବା ଯେଉଁ ଭକ୍ତଙ୍କ ପାପ ନଷ୍ଟ ହୋଇଯାଇଛି, ସେମାନେ ରାଗ–ଦ୍ୱେଷାଦି ଦ୍ୱନ୍ଦ୍ୱର ମୋହରୁ ସମ୍ୟକ୍ ରୂପେ ମୁକ୍ତ ହୋଇ, ବ୍ରତରେ ଦୃଢ ରହି ମୋର ଭଜନ କରିଥାନ୍ତି । କାହିଁକି ଭଜନ କରିଥାନ୍ତି ?

**ଜାରାମରଣ ମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।**
**ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ ।।୨୯।।**

ଯିଏ ମୋର ଶରଣ ହୋଇ ଜରା ଓ ମରଣରୁ ମୁକ୍ତି ପାଇବା ନିମନ୍ତେ ପ୍ରୟତ୍ନ କରିଥାନ୍ତି, ସେହି ପୁରୁଷ ସେହି ବ୍ରହ୍ମକୁ, ସମ୍ପୂର୍ଣ୍ଣ ଅଧ୍ୟାତ୍ମକୁ ଏବଂ ସମ୍ପୂର୍ଣ୍ଣ କର୍ମକୁ ଜାଣିଥାନ୍ତି ଏବଂ ଏହିକ୍ରମରେ –

**ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ ।**
**ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ୟୁକ୍ତଚେତସଃ ।।୩୦।।**

ଯେଉଁ ପୁରୁଷ ଅଧଭୂତ, ଅଧିଦୈବ, ତଥା ଅଧିଯଜ୍ଞ ସହିତ ମୋତେ ଜାଣିଥାନ୍ତି । ମୋ ଠାରେ ସମାହିତ ଚିତ୍ତଯୁକ୍ତ, ସେହି ପୁରୁଷ ଅନ୍ତ ସମୟରେ ମଧ୍ୟ

ମୋତେ ହିଁ ଜାଣିଥାନ୍ତି, ମୋଭିତରେ ହିଁ ସ୍ଥିର ରହିଥାନ୍ତି ଏବଂ ସଦୈବ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି । ୨୬ ଓ ୨୭ଶ୍ଲୋକରେ ସେ କହିଥିଲେ ଯେ, ମୋତେ କିଏ ଜାଣିନଥାନ୍ତି । କାରଣ ସେମାନେ ମୋହଯୁକ୍ତ ଅଟନ୍ତି । କିନ୍ତୁ ଯିଏ ସେହି ମୋହରୁ ମୁକ୍ତି ପାଇବା ନିମନ୍ତେ ପ୍ରୟତ୍ନଶୀଳ ଅଟନ୍ତି, ସେ(୧) ସମ୍ପୂର୍ଣ୍ଣ ବ୍ରହ୍ମ (୨) ସମ୍ପୂର୍ଣ୍ଣ ଅଧ୍ୟାତ୍ମ(୩) ସମ୍ପୂର୍ଣ୍ଣ କର୍ମ (୪)ସମ୍ପୂର୍ଣ୍ଣ ଅଧିଭୂତ (୫)ସମ୍ପୂର୍ଣ୍ଣ ଅଧିଦୈବ ଏବଂ (୬) ସମ୍ପୂର୍ଣ୍ଣ ଅଧିଯଜ୍ଞ ସହିତ ମୋତେ ଜାଣିଥାନ୍ତି । ଅର୍ଥାତ୍ ଏହିସବୁର ପରିଣାମ ମୁଁ (ସଦ୍‌ଗୁରୁ) ଅଟେ । ସେ ହିଁ ମୋତେ ଜାଣିଥାଏ । ଏପରି ନୁହଁ ଯେ କେହି ମୋତେ ଜାଣିନଥାନ୍ତି ।

–ନିଷ୍କର୍ଷ–

ଏହି ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ– ଅନନ୍ୟ ଭାବରେ ମୋଠାରେ ସମର୍ପିତ ହୋଇ, ମୋର ଆଶ୍ରିତ ହୋଇ, ଯିଏ ଯୋଗରେ ଲାଗିଥାଏ, ସେ ସମ୍ପୂର୍ଣ୍ଣ ରୂପରେ ମୋତେ ଜାଣିଥାଏ । ମୋତେ ଜାଣିବା ନିମନ୍ତେ ସହସ୍ରଙ୍କ ମଧ୍ୟରେ କୌଣସି ବିରଳ ପୁରୁଷ ହିଁ ପ୍ରୟତ୍ନ କରିଥାଏ ଏବଂ ପ୍ରୟତ୍ନକରୁଥିବା ବ୍ୟକ୍ତି ମଧ୍ୟରେ କୌଣସି ବିରଳ ପୁରୁଷ ହିଁ ଜାଣିଥାଏ । ସେ ମୋତେ ଶରୀର ରୂପରେ ଏକ ସ୍ଥାନରେ ନୁହଁ ବରଂ ସର୍ବତ୍ର ବ୍ୟାପ୍ତ ଦେଖୁଥାଏ । ଅଷ୍ଟ ଭେଦଯୁକ୍ତ ମୋର ଜଡ଼ ପ୍ରକୃତି ଅଟେ ଏବଂ ଏହାର ଅନ୍ତରାଳରେ ଜୀବରୂପୀ ମୋର ଚେତନ ପ୍ରକୃତି ରହିଛି । ଏହି ଉଭୟଙ୍କ ସଂଯୋଗ ଦ୍ୱାରା ହିଁ ସମ୍ପୂର୍ଣ୍ଣ ଜଗତ ବିଦ୍ୟମାନ । ତେଜ ଓ ବଳ ମୋଦ୍ୱାରା ହିଁ ରହିଥାଏ , ରାଗ ଓ କମାନରୁ ରହିତ ବଳ ତଥା ଧର୍ମାନୁକୂଳ କାମନା ମଧ୍ୟ ମୁଁ ହିଁ ଅଟେ । ଯେପରି କି ସମ୍ପୂର୍ଣ୍ଣ କମନା ତ ବର୍ଜିତ ରହିଛି । କିନ୍ତୁ ମୋର ପ୍ରାପ୍ତି ନିମନ୍ତେ କାମନା କର । ଏପରି ଇଚ୍ଛାର ଅଭ୍ୟୁଦୟ ହେବା ମୋର ହିଁ ପ୍ରସାଦ ଅଟେ । କେବଳ ପରମାତ୍ମାଙ୍କୁ ପାଇବା କାମନା ହିଁ 'ଧର୍ମାନୁକୂଳ କାମନା' ଅଟେ ।

ଶ୍ରୀକୃଷ୍ଣ କହିଲେ– ମୁଁ ତିନିଗୁଣରୁ ଅତୀତ । ପରମକୁ ସ୍ପର୍ଶକରି ପରମ ଭାବରେ ସ୍ଥିତ ରହିଥାଏ । କିନ୍ତୁ ଭୋଗାସକ୍ତ ମୂଢ଼ ପୁରୁଷ ସିଧା ମୋର ଭଜନ ନ କରି ଅନ୍ୟ ଦେବତା ମାନଙ୍କର ଉପାସନା କରିଥାନ୍ତି । ଯେବେ କି ଦେବତା ନାମରେ କୌଣସି ସତ୍ତା ନାହିଁ । ପଥର, ପାଣି, ବୃକ୍ଷ, ଯାହାକୁ ମଧ୍ୟ ସେମାନେ ପୂଜିବାକୁ ଚାହାଁନ୍ତି । ସେଥିରେ ତାହାଙ୍କ ଶ୍ରଦ୍ଧାକୁ ମୁଁ ହିଁ ପୁଷ୍ଟ କରିଥାଏ । ତାହାର ଆଢୁଆଳରେ ଠିଆ ହୋଇ ମୁଁ ହିଁ ଫଳ ଦେଇଥାଏ । କାରଣ ନା ସେଠାରେ କୌଣସି ଦେବତା ଅଛନ୍ତି, ନା ଦେବତାଙ୍କ ପାଖରେ କୌଣସି ଭୋଗ ଅଛି ? ସମସ୍ତ ଭୋଗ ମୋ ଠାରୁ ହିଁ ପ୍ରାପ୍ତ ହୋଇଥାଏ । ଲୋକମାନେ ମୋତେ ସାଧାରଣ ବ୍ୟକ୍ତି ଭାବି ଭଜନ କରନ୍ତି

ନାହିଁ । କାରଣ ମୁଁ ଯୋଗମାୟା ଦ୍ୱାରା ଢାଙ୍କି ହୋଇ ରହିଛି । ଅନୁଷ୍ଠାନ କରିକରି ଯୋଗମାୟାର ଆବରଣ ପାର କରିବା ବ୍ୟକ୍ତି ହିଁ ମୋତେ, ଶରୀର ଧାରୀକୁ ମଧ୍ୟ ଅବ୍ୟକ୍ତ ରୂପରେ ଜାଣିଥାନ୍ତି, ଅନ୍ୟ ସ୍ଥିତିରେ ନୁହେଁ ।

ମୋର ଭକ୍ତ ଚାରି ପ୍ରକାରର ଅଛନ୍ତି–ଅର୍ଥାର୍ଥୀ, ଆର୍ତ, ଜିଜ୍ଞାସୁ ଏବଂ ଜ୍ଞାନୀ । ଚିନ୍ତନ କରିକରି ଅନେକ ଜନ୍ମ ପଶ୍ଚାତ୍ ଅନ୍ତିମ ଜନ୍ମରେ ପ୍ରାପ୍ତି ହୋଇଥିବା ଜ୍ଞାନୀ ମୋର ହିଁ ସ୍ୱରୂପ ଅଟନ୍ତି । ଅର୍ଥାତ୍ ଅନେକ ଜନ୍ମରୁ ଚିନ୍ତନ କରି ସେହି ଭଗବତ୍ ସ୍ୱରୂପକୁ ପ୍ରାପ୍ତ କରାଯାଇଥାଏ । ରାଗ ଦ୍ୱେଷର ମୋହରେ ଆକ୍ରାନ୍ତ ମନୁଷ୍ୟ ମୋତେ କଦାପି ଜାଣି ପାରିବେ ନାହିଁ । କିନ୍ତୁ ରାଗ ଦ୍ୱେଷର ମୋହରୁ ରହିତ ହୋଇଯିଏ ନିୟତକର୍ମ (ଯାହାକୁ ସଂକ୍ଷେପରେ ଆରାଧନା କୁହାଯାଇପାରେ) ଚିନ୍ତନ କରି ଜରାମରଣରୁ ମୁକ୍ତି ପାଇବା ନିମନ୍ତେ ପ୍ରୟତ୍ନଶୀଳ ଥାଆନ୍ତି । ସେହି ପୁରୁଷ ସମ୍ପୂର୍ଣ୍ଣ ରୂପେମୋତେ ଜାଣିନିଅନ୍ତି । ସେମାନେ ସମ୍ପୂର୍ଣ୍ଣ ବ୍ରହ୍ମକୁ, ସମ୍ପୂର୍ଣ୍ଣ ଅଧ୍ୟାତ୍ମକୁ, ସମ୍ପୂର୍ଣ୍ଣ ଅଧିଦୈବକୁ, ସମ୍ପୂର୍ଣ୍ଣ କର୍ମକୁ ଏବଂ ସମ୍ପୂର୍ଣ୍ଣ ଯଜ୍ଞ ସହିତ ମୋତେ ଜାଣିଥାନ୍ତି । ସେମାନେ ମୋ ଭିତରେ ପ୍ରବେଶ କରିଥାନ୍ତି ଏବଂ ଅନ୍ତ ସମୟରେ ମଧ୍ୟ ମୋତେ ହିଁ ଜାଣିଥାନ୍ତି । ଅର୍ଥାତ୍ ପୁଣି କେବେ ହେଲେ ବିସ୍ମୃତ ହୋଇନଥାନ୍ତି । ଏହି ଅଧ୍ୟାୟରେ ପରମାତ୍ମାଙ୍କ ସମଗ୍ର ଜ୍ଞାନର ବିବେଚନ ହୋଇଛି । ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ସମଗ୍ର ବୋଧଃ'ନାମ ସପ୍ତମୋଽଧ୍ୟାୟଃ ॥୭॥**

ଏହି ପ୍ରକାରେ ଶ୍ରୀମଦ୍‌ଭଗବତ୍‌ଗୀତାରୂପୀ ଉପନିଷଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ସଂଗ୍ରହ ଜାନକାରୀ'ନାମ ସପ୍ତମ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍‌ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ସମଗ୍ର ବୋଧଃ' ନାମ ସପ୍ତମୋଽଧ୍ୟାୟଃ ॥୭॥**

॥ ହରି ଓଁ ତତ୍‌ସତ୍ ॥

ॐ

## ଶ୍ରୀ ପରମାତ୍ମନେ ନମଃ

# ଅଥାଷ୍ଟମୋଽଧ୍ୟାୟଃ

ସପ୍ତମ ଅଧ୍ୟାୟର ଅନ୍ତରେ ଭଗବାନ ଶ୍ରୀକୃଷ୍ଣ କହିଲେ- ପୂଣ୍ୟକର୍ମ (ନିୟତକର୍ମ ଆରାଧନା) କରୁଥିବା ଯୋଗୀ ସମ୍ପୂର୍ଣ୍ଣ ପାପାରୁ ମୁକ୍ତି ପାଇ ସେହି ବ୍ୟାପ୍ତ ବ୍ରହ୍ମକୁ ଜାଣିଥାନ୍ତି, ଅର୍ଥାତ୍ କର୍ମ ଏପରି ଏକ ବିଶିଷ୍ଟ ବସ୍ତୁ, ଯାହାକି ବ୍ୟାପ୍ତ ବ୍ରହ୍ମର ଜାନକାରୀ ଦେଇଥାଏ । ସେହି କର୍ମ କରୁଥିବା ବ୍ୟକ୍ତି ବ୍ୟାପ୍ତ ବ୍ରହ୍ମକୁ, ସମ୍ପୂର୍ଣ୍ଣ କର୍ମକୁ, ସମ୍ପୂର୍ଣ୍ଣ ଅଧ୍ୟାତ୍ମକୁ , ସମ୍ପୂର୍ଣ୍ଣ ଅଧିଦୈବକୁ, ଅଧିଭୂତ ଏବଂ ଅଧିଯଜ୍ଞ ସହିତ ମୋତେ ଜାଣିଥାନ୍ତି । ଅତଃ କର୍ମ ଏପରି ଏକ ବିଶିଷ୍ଟ ବସ୍ତୁ, ଯାହାକି ଏହି ସମସ୍ତଙ୍କ ସହିତ ପରିଚୟ କରାଉଥାଏ । ସେମାନେ ଅନ୍ତକାଳରେ ମଧ୍ୟ ମୋତେ ହିଁ ଜାଣିଥାନ୍ତି । ତାହାଙ୍କ ଜାନାକାରୀ କେବେହେଲେ ବିସ୍ମୃତ ହୋଇନଥାଏ । ଏହି ବିଷୟରେ ଅର୍ଜୁନ ଏହି ଅଧ୍ୟାୟର ପ୍ରାରମ୍ଭରେ ହିଁ ଶବ୍ଦମାନଙ୍କୁ ଦୋହରାଇ ପ୍ରଶ୍ନ କଲେ-

**ଅର୍ଜୁନ ଉବାଚ**

**କିଂ ତଦ୍‌ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।**
**ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ॥୧॥**

ହେ ପୁରୁଷୋତ୍ତମ ! ସେହି ବ୍ରହ୍ମ କ'ଣ ? ଅଧ୍ୟାତ୍ମ କ'ଣ ? କର୍ମ କ'ଣ ? ଅଧିଭୂତ ତଥା ଅଧିଦୈବ କାହାକୁ କୁହାଯାଏ ?

**ଅଧିଯଜ୍ଞଃ କଥଂ କୋଽତ୍ରଦେହେଽସ୍ମିନ୍ ମଧୁସୂଦନ**
**ପ୍ରୟାଣକାଳେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ॥୨॥**

ହେ ମଧୁସୂଦନ ! ଏଠାରେ ଅଧିଯଜ୍ଞ କିଏ ? ଏବଂ ସେ ଏହି ଶରୀରରେ କିପରି ରହିଥାଏ ? ସିଦ୍ଧ ହେଉଛି ଯେ ଅଧିଯଜ୍ଞ ଅର୍ଥାତ୍ ଯଜ୍ଞର ଅଧିଷ୍ଠାତା ଏପରି ଏକ ପୁରୁଷ ଯିଏକି ମନୁଷ୍ୟ ଶରୀର ଧାରୀ, ସମାହିତ ଚିତ୍ତଯୁକ୍ତ ପୁରୁଷଙ୍କ ଦ୍ୱାରା ଅନ୍ତ ସମୟରେ ଆପଣ କିପରି ଜାଣିବାରେ ଆସିଥାଆନ୍ତି । ଏହି ସାତଗୋଟି ପ୍ରଶ୍ନ କ୍ରମଶଃ ଉତ୍ତର ଦେବା ନିମନ୍ତେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ।

**ଶ୍ରୀ ଭଗବାନୁବାଚ**

**ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।**
**ଭୂତଭାବୋଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ॥୩॥**

**ଅକ୍ଷରଂ ବ୍ରହ୍ମ ପରମମ୍–** ଯିଏ ଅକ୍ଷୟ, ଯାହାର କ୍ଷୟ ହୁଏ ନାହିଁ, ସେ ହିଁ ପରବ୍ରହ୍ମ ଅଟନ୍ତି । **ସ୍ୱଭାବଃ ଅଧ୍ୟାତ୍ମମୁଚ୍ୟତେ–** ସ୍ୱୟଂରେ ସ୍ଥିର ଭାବ ହିଁ ଅଧ୍ୟାତ୍ମ ଅର୍ଥାତ୍ ଆତ୍ମାର ଅଧିପତ୍ୟ ଅଟେ । ଏହା ପୂର୍ବରୁ ସମସ୍ତେ ମାୟାର ଅଧିପତ୍ୟରେ ରହିଥାନ୍ତି କିନ୍ତୁ ଯେବେ 'ସ୍ୱ' ଭାବ ଅର୍ଥାତ୍ ସ୍ୱରୂପରେ ସ୍ଥିର ଭାବ (ସ୍ୱୟଂରେ ସ୍ଥିରଭାବ)ପ୍ରାପ୍ତ ହୋଇଯାଇଥାଏ, ତେବେ ଆତ୍ମାର ଅଧିପତ୍ୟ ହିଁ ସେଥିରେ ପ୍ରବାହିତ ହୋଇଥାଏ । ଏହା ହିଁ ଅଧ୍ୟାତ୍ମ ଓ ଆଧ୍ୟାତ୍ମର ପରାକାଷ୍ଠା ଅଟେ । **ଭୂତ ଭାବୋଦ୍ଭବକରଃ–** ଭୂତମାନଙ୍କ ସେହି ଭାବ, ଯିଏ କିଛି ନା କିଛି ଉଦ୍ଭବ କରିଥାନ୍ତି, ଅର୍ଥତ୍ ପ୍ରାଣୀ ମାନଙ୍କ ସେହି ସଂକଳ୍ପ ଯାହା ଭଲ ଏବଂ ମନ୍ଦ ସଂସ୍କାର ସଂରଚନା କରିଥାନ୍ତି । ତାହାଙ୍କ ବିସର୍ଗ ଅର୍ଥାତ୍ ବିସର୍ଜନ, ତାହାଙ୍କ ସମାପ୍ତି ହୋଇଯିବା ହିଁ କର୍ମର ପରାକାଷ୍ଠା । ଏହା ହିଁ ସମ୍ପୂର୍ଣ୍ଣ କର୍ମ ଅଟେ । ଯାହା ନିମନ୍ତେ ଯୋଗେଶ୍ୱର କହିଥିଲେ, ସେ ସମ୍ପୂର୍ଣ୍ଣ କର୍ମକୁ ଜାଣିଥାଏ, ସେଠାରେ କର୍ମ ପୂର୍ଣ୍ଣ ହୋଇଯାଏ । ଆଗକୁ ନିୟତକର୍ମର ଆବଶ୍ୟକତା ହିଁ ନାହିଁ । ଏହି ଅବସ୍ଥାରେ ଯେତେବେଳେ କି ଭୂତ ସମୁଦାୟଙ୍କ ସେହିଭାବ ଯିଏ କି କିଛି ନା କିଛି ରଚନା କରିଥାନ୍ତି । ଭଲ ଏବଂ ମନ୍ଦ ସଂସ୍କାର ସଂଗ୍ରହ କରିଥାନ୍ତି, ତିଆରି କରିଥାନ୍ତି, ତାହା ଯେତେବେଳେ ସର୍ବଥା ଶାନ୍ତ ହୋଇଯାଏ, ଏହା ହିଁ କର୍ମର ସମ୍ପୂର୍ଣ୍ଣତା ଅଟେ । ଏହାର ଆଗକୁ କର୍ମ କରିବା ଆବଶ୍ୟକ ହୋଇନଥାଏ । ଅତଃ କର୍ମ କୌଣସି ଏପରି ଏକ ବସ୍ତୁ ଯିଏ କି ଭୂତ ସମୁଦାୟଙ୍କ ସମ୍ପୂର୍ଣ୍ଣ ସଙ୍କଳ୍ପକୁ, ଯାହାଠାରୁ କିଛି ନା କିଛି ସଂସ୍କାର ଉତ୍ପନ୍ନ ହୋଇଥାଏ, ତାହାର ଶମନ କରି ଦେଇଥାଏ । କର୍ମର ଅର୍ଥ ହେଉଛି ଆରାଧନା, ଚିନ୍ତନ ଯାହାକି ଯଜ୍ଞରେ ହିଁ ରହିଛି ।

**ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।**
**ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ।।୪।।**

ଯେଉଁ ପର୍ଯ୍ୟନ୍ତ ଅକ୍ଷୟ ଭାବ ମିଳିନଥାଏ, ସେହି ପର୍ଯ୍ୟନ୍ତ ନଷ୍ଟ ହେଉଥିବା ସମ୍ପୂର୍ଣ୍ଣ କ୍ଷର ଭାବ ଅଧିଭୂତ ଅର୍ଥାତ୍ ଭୂତ ସମୁଦାୟଙ୍କ ଅଧିଷ୍ଠାନ ଅଟେ । ତାହା ହିଁ ଭୂତ ସମୁଦାୟଙ୍କ ଉତ୍ପତ୍ତିର କାରଣ ଅଟେ । **ପୁରୁଷଃ ଚ ଅଧିଦୈବତମ୍** ଏବଂ ପ୍ରକୃତିରୁ ଊର୍ଦ୍ଧ୍ୱରେ ଯେଉଁ ପରମ ପୁରୁଷ ରହିଛନ୍ତି, ସେ ହିଁ ଅଧିଦୈବ ଅର୍ଥାତ୍ ସମ୍ପୂର୍ଣ୍ଣଦେବ(ଦୈବୀ ସମ୍ପଦ) ର ଅଧିଷ୍ଠାତା ଅଟନ୍ତି, ଦୈବୀ ସମ୍ପଦ ସେହି ପରମ ଦେବଙ୍କଠାରେ ବିଲୟ ହୋଇଯାଏ । ହେ ଦେହଧାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ ! ଏହି ମନୁଷ୍ୟ ଶରୀରରେ ମୁଁ ହିଁ ଅଧିଯଜ୍ଞ ଅଟେ ଅର୍ଥାତ୍ ଯଜ୍ଞର ଅଧିଷ୍ଠାତା ଅଟେ । ଅତଃ ଏହି ଶରୀରରେ ଅବ୍ୟକ୍ତ ସ୍ୱରୂପରେ ସ୍ଥିତ ମହାପୁରୁଷ ହିଁ ଅଧିଯଜ୍ଞ ଅଟନ୍ତି । ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ, ଯିଏ କି ସମ୍ପୂର୍ଣ୍ଣ ଯଜ୍ଞର ଭୋକ୍ତା ଅଟନ୍ତି, ଶେଷରେ

ଯଙ୍କ ତାଙ୍କ ଭିତରେ ପ୍ରବେଶ ପାଇଯାଇଥାଏ । ସେଠାରେ ହିଁ ପରମ ସ୍ୱରୂପ ମିଳିଯାଇଥାଏ । ଏହିପରି ଅର୍ଜୁନଙ୍କ ଛଅଗୋଟି ପ୍ରଶ୍ନର ସମାଧାନ ହେଲା । ବର୍ତ୍ତମାନ ଅନ୍ତିମ ପ୍ରଶ୍ନ ଯେ, ଅନ୍ତକାଳରେ କିପରି ଆପଣ ଜାଣିବାରେ ଆସିଥାଆନ୍ତି, ଯାହାକି କେବେ ବିସ୍ମୃତ ହୋଇନଥାଏ ।

**ଅନ୍ତକାଲେ ଚ ମାମେବ ସ୍ମରନ୍ମୁକ୍ତ୍ୱା କଲେବରମ୍ ।**
**ୟଃ ପ୍ରୟାତି ସ ମଦ୍ଭାବଂ ୟାତି ନାସ୍ତ୍ୟତ୍ର ସଂଶୟଃ ॥୫॥**

ଯୋଗେଶ୍ୱର ଶ୍ରୀକୃଷ୍ଣ କହନ୍ତି- ଯେଉଁ ପୁରୁଷ ଅନ୍ତକାଳରେ ଅର୍ଥାତ୍ ମନର ନିରୋଧ ଏବଂ ବିଲୟ କାଳରେ ମୋର ହିଁ ସ୍ମରଣ କରି ଶରୀର ସମ୍ବନ୍ଧକୁ ତ୍ୟାଗକରି ଅଲଗା ହୋଇଯାଇଥାଏ, ସେ ମଦ୍‌ଭାବମ୍ ସାକ୍ଷାତ୍ ମୋର ସ୍ୱରୂପକୁ ପ୍ରାପ୍ତ ହୋଇଥାଏ, ଏଥିରେ କୌଣସି ସଂଶୟ ନାହିଁ ।

ଶରୀରର ନିଧନ ଶୁଦ୍ଧ ଅନ୍ତକାଳ ନାହିଁ । ମୃତ୍ୟୁ ପରେ ମଧ୍ୟ ଶରୀରର ସଂସ୍କାର ପଛରେ ଲାଗି ରହିଥାଏ । ସଞ୍ଚିତ ସଂସ୍କାର ସମ୍ପୂର୍ଣ୍ଣ ରୂପରେ ବିଲୟ ହୋଇଯିବା କ୍ଷଣି ମନର ନିରୋଧ ହୋଇଯାଇଥାଏ ଏବଂ ସେହି ନିରୋଧ ମନର ମଧ୍ୟ ଯେତେବେଳେ ବିଲୟ ହୋଇଯିବ, ତାହା ହିଁ ବାସ୍ତବରେ ଅନ୍ତକାଳ ଅଟେ । ଯାହା ପରେ ପୁନଃ ଶରୀର ଧାରଣ କରିବାକୁ ପଡ଼ିନଥାଏ । ଏହା କ୍ରିୟାତ୍ମକ ଅଟେ, କେବଳ କହିବା ଦ୍ୱାରା, ବାର୍ତ୍ତାକ୍ରମରେ ବୁଝି ହୋଇ ନଥାଏ । ଯେଉଁ ପର୍ଯ୍ୟନ୍ତ ବସ୍ତ୍ରଭଳି ଶରୀରର ପରିବର୍ତ୍ତନ ଲାଗି ରହିଛି ସେ ପର୍ଯ୍ୟନ୍ତ ଶରୀରର ଅନ୍ତ କିପରି ହେଲା ? ମନର ନିରୋଧ ଏବଂ ନିରୋଧ ମନର ମଧ୍ୟ ବିଲୟ ସମୟରେ ଜୀବିତ ଅବସ୍ଥାରେ ହିଁ ଶରୀରର ସମ୍ବନ୍ଧ ବିଚ୍ଛେଦ ହୋଇଯାଇଥାଏ । ଯଦି ମୃତ୍ୟୁ ପରେ ହିଁ ଏହି ସ୍ଥିତି ମିଳିଥାନ୍ତା, ତେବେ ଶ୍ରୀକୃଷ୍ଣ ମଧ୍ୟ ପୂର୍ଣ୍ଣ ହୋଇନଥାନ୍ତେ, ସେ କହିଲେ- ଅନେକ ଜନ୍ମର ଅଭ୍ୟାସ ଦ୍ୱାରା ପ୍ରାପ୍ତି ହୋଇଥିବା ଜ୍ଞାନୀ ସାକ୍ଷାତ୍ ମୋର ହିଁ ସ୍ୱରୂପ ଅଟନ୍ତି । ସେ ହିଁ ମୁଁ ଅଟେ ଏବଂ ସେ ମୋ ଭିତରେ ରହିଥାନ୍ତି । ଲେଶମାତ୍ର ତାଙ୍କ ଠାରେ ଏବଂ ମୋ ଠାରେ ପ୍ରଭେଦ ନଥାଏ । ଏହା ଜୀବିତ ଅବସ୍ଥାରେ ହିଁ ପ୍ରାପ୍ତ ହୋଇଥାଏ । ଯେତେବେଳେ ପୁନଃ କେବେ ଶରୀର ନମିଳିବା ହିଁ ଶରୀରର ଅନ୍ତ ଅଟେ ।

ଏହା ତ ବାସ୍ତବିକ ଶରୀରାନ୍ତର ଚିତ୍ରଣ ହେଲା, ଯାହାର ପଶ୍ଚାତ୍ ପୁନଃ ଜନ୍ମ ନେବାକୁ ପଡ଼ିଥାଏ । ଅନ୍ୟ ଶରୀରରାନ୍ତ ହେଉଛି ମୃତ୍ୟୁ, ଯାହାକି ଲୋକରେ ପ୍ରଚଳିତ ରହିଛି । କିନ୍ତୁ ଏହି ଶରୀରାନ୍ତ ପଶ୍ଚାତ ପୁନଃ ଜନ୍ମ ନେବାକୁ ପଡ଼ିଥାଏ -

**ୟଂ ୟଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଲେବରମ୍ ।**
**ତଂ ତମେବୈତି କୌନ୍ତେୟ ସଦା ତଦ୍ଭାବଭାବିତଃ ॥୬॥**

ହେ କୌନ୍ତେୟ ! ମୃତ୍ୟୁ ସମୟରେ ମନୁଷ୍ୟ ଯାହାକୁ ସ୍ମରଣ କରି ଶରୀର ତ୍ୟାଗ କରିଥାଏ, ସେ ତହାକୁ ହିଁ ପ୍ରାପ୍ତ ହୋଇଥାଏ । ତେବେ ତ ବଡ଼ ଶସ୍ତା ବ୍ୟାପାର ଅଟେ, ଜୀବନ ସାରା ମୌଜ କରିବା, ମୃତ୍ୟୁ ସମୟରେ ଭଗବାନଙ୍କୁ ସ୍ମରଣ କରିନେବା । କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ଏପରି ହୁଏ ନାହିଁ । ସଦା ତଦ୍‌ଭାବଭାବିତଃ– ସେହି ଭାବକୁ ହିଁ ଚିନ୍ତନ କରିପାରିଥାଏ, ଯାହାକୁ ଆଜୀବନ ଚିନ୍ତନ କରିଥାଏ । ସେହି ବିଚାର ସ୍ୱତଃ ଆସିଯାଇଥାଏ, ଯାହାକୁ ଅଧିକ ପ୍ରୟୋଗ ଆଜୀବନ କରିଥାଏ । ଅନ୍ୟଥା ଏହା ସୁଲଭ ହୋଇନଥାଏ । ଅତଃ–

**ତସ୍ମାତ୍‌ସର୍ବେଷୁ କାଳେଷୁ ମାମନୁସ୍ମର ଯୁଦ୍ଧ ଚ ।**
**ମୟ୍ୟର୍ପିତମନୋବୁଦ୍ଧିର୍ମାମେ ବୈଷ୍ୟସ୍ୟସଂଶୟମ୍ ।।୭।।**

ହେ ଅର୍ଜୁନ ! ତୁମେ ପ୍ରତ୍ୟେକ ସମୟରେ ମୋର ସ୍ମରଣ କର ଏବଂ ଯୁଦ୍ଧ କର । ମୋ ଠାରେ ଅର୍ପିତମନ ଓ ବୁଦ୍ଧିଯୁକ୍ତ ହୋଇ ତୁମେ ନିଃସନ୍ଦେହ ମୋତେ ହିଁ ପ୍ରାପ୍ତ ହେବ । ନିରନ୍ତର ଚିନ୍ତନ ଏବଂ ଯୁଦ୍ଧ ଏକ ସମୟରେ କିପରି ସମ୍ଭବ ? ନିରନ୍ତର ଚିନ୍ତନ ଏବଂ ଯୁଦ୍ଧର ଏହି ସ୍ୱରୂପ ହୋଇପାରେ– 'ଜୟ କହ୍ନେୟାଲାଲ୍‌କୀ', ଜୟ ଭଗବାନକୀ, ଏପରି କହୁଥିବ ଏବଂ ବାଣ ମଧ୍ୟ ଅନୁସନ୍ଧାନ କରୁଥିବ । କିନ୍ତୁ ସ୍ମରଣର ସ୍ୱରୂପ ଆସନ୍ତା ଶ୍ଳୋକରେ ସ୍ପଷ୍ଟକରି ଯୋଗେଶ୍ୱର କହନ୍ତି–

**ଅଭ୍ୟାସଯୋଗଯୁକ୍ତେନ ଚେତସାନାନ୍ୟ ଗାମିନା ।**
**ପରମଂ ପୁରୁଷଂ ଦିବ୍ୟଂୟାତି ପାର୍ଥାନୁଚିନ୍ତୟନ୍ ।।୮।।**

ହେ ପାର୍ଥ ! ସେହି ସ୍ମରଣ ନିମନ୍ତେ ଯୋଗାଭ୍ୟାସରେ ଯୁକ୍ତ ହୋଇ (ମୋର ଚିନ୍ତନ ଏବଂ ଯୋଗାଭ୍ୟାସ ପରସ୍ପର ପର୍ଯ୍ୟାୟ ଅଟେ) ମୋ ବ୍ୟତୀତ ଅନ୍ୟ ଆଡ଼କୁ ନ ଯାଉଥିବା ଚିତ୍ତଦ୍ୱାରା ନିରନ୍ତର ଚିନ୍ତନ କରୁଥିବା ବ୍ୟକ୍ତି ପର ପ୍ରକାଶ ସ୍ୱରୂପ ଦିବ୍ୟ ପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ । ମନେ କରନ୍ତୁ, ଏହି ପେନ୍‌ସିଲ୍ ଭଗବାନ ଅଟେ ତେବେ ଏହା ବ୍ୟତୀତ ଅନ୍ୟ କୌଣସି ବସ୍ତୁ ସ୍ମରଣ ନ ଆସିବା ଉଚିତ୍ । ଏହା ଆଖପାଖରେ ଯଦି ପୁସ୍ତକ କିମ୍ବା ଅନ୍ୟ କିଛି ଦେଖାଯାଏ, ତେବେ ଆପଣଙ୍କ ସ୍ମରଣ ଖଣ୍ଡିତ ହୋଇଗଲା । ସ୍ମରଣ ଏତେ ସୂକ୍ଷ୍ମ ହୋଇଥାଏ ଯେ ଇଷ୍ଟଙ୍କ ବ୍ୟତୀତ ଅନ୍ୟ ବସ୍ତୁ ସ୍ମରଣ ମଧ୍ୟ ନ ହେବା ଉଚିତ୍ । ମନରେ କୌଣସି ତରଙ୍ଗ ମଧ୍ୟ ନ ଆସିପାରୁ, ତେବେ ସ୍ମରଣ ଏବଂ ଯୁଦ୍ଧ ଗୋଟିଏ ସମୟରେ କିପରି ହେବ ? ବସ୍ତୁତଃ ଯେତେବେଳେ ଆପଣ ଚିତ୍ତକୁ ଚାରିଆଡୁ ସାଉଁଟି ନିଜର ଏକ ଆରାଧ୍ୟଙ୍କ ସ୍ମରଣରେ ପ୍ରବୃତ୍ତ ହେବେ, ତେବେ ସେହି ସମୟରେ ମାୟିକ ପ୍ରବୃତ୍ତି –କାମ, କ୍ରୋଧ, ରାଗ, ଦ୍ୱେଷ ଇତ୍ୟାଦି ବାଧା ରୂପରେ ସାମନାରେ ପ୍ରକଟ ହେବେ । ଆପଣ ସ୍ମରଣ କରିବେ କିନ୍ତୁ ସେମାନେ

ଆପଣଙ୍କ ଭିତରେ ଉଦ୍‌ବେଗ ଉତ୍ପନ୍ନ କରିବେ । ଆପଣଙ୍କ ମନକୁ ବିଚଳିତ କରିବାକୁ ଚାହିଁବେ । ଏହି ବାହ୍ୟ ପ୍ରବୃତ୍ତିମାନଙ୍କ ପାର ପାଇବା ହିଁ ଯୁଦ୍ଧ ଅଟେ । ନିରନ୍ତର ଚିନ୍ତନ ସହିତ ହିଁ ଯୁଦ୍ଧ ସମ୍ଭବ ଅଟେ । ଗୀତାର ଗୋଟିଏ ମଧ୍ୟ ଶ୍ଳୋକ ବାହ୍ୟ ମାରିବା-କାଟିବାର ସମର୍ଥନ କରୁନାହିଁ- ଚିନ୍ତନ କାହାକୁ କରିବା ? ଏହା ଉପରେ କହୁଛନ୍ତି-

**କବିଂ ପୁରାଣମନୁଶାସିତାର**
**ମଣୋରଣୀୟାଂସମନୁସ୍ମରେଦ୍ ୟଃ**
**ସର୍ବସ୍ୟ ଧାତାରମଚିନ୍ତ୍ୟରୂପ –**
**ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ॥୯॥**

ସେହି ଯୁଦ୍ଧ ସହିତ ସେ ପୁରୁଷ ସର୍ବଜ୍ଞ, ଅନାଦି, ସମସ୍ତଙ୍କ ନିୟନ୍ତା, ସୂକ୍ଷ୍ମରୁ ମଧ୍ୟ ଅତି ସୂକ୍ଷ୍ମ, ସମସ୍ତଙ୍କୁ ଧାରଣ ପୋଷଣ କରିବା ବ୍ୟକ୍ତି, କିନ୍ତୁ ଅଚିନ୍ତ୍ୟ (ଯେଉଁ ପର୍ଯ୍ୟନ୍ତ ଚିତ୍ତ ଏବଂ ଚିତ୍ତର ଲହରୀ ରହିଛି, ସେ ପର୍ଯ୍ୟନ୍ତ ସେ ଦର୍ଶନ ଦେଇନଥାନ୍ତି । ଚିତ୍ତର ନିରୋଧ ଏବଂ ବିଲୟ କାଳରେ ହିଁ ଯାହା ବିଦିତ ହୋଇଥାଏ) । ନିତ୍ୟ ପ୍ରକାଶ ସ୍ୱରୂପ ଏବଂ ଅବିଦ୍ୟାରୁ ଊର୍ଦ୍ଧ୍ୱରେ ସେହି ପରମାତ୍ମାଙ୍କୁ ସ୍ମରଣ କରିଥାଏ । ପୂର୍ବରୁ କହିଲେ- ଯିଏ ମୋର ଚିନ୍ତନ କରିଥାଏ, ଏଠାରେ କହୁଛନ୍ତି ଯେ, ଯିଏ ପରମାତ୍ମାଙ୍କୁ ଚିନ୍ତନ କରୁଥାଏ । ଅତଃ ସେହି ପରମାତ୍ମାଙ୍କ ଚିନ୍ତନ ଅର୍ଥାତ୍ ଧ୍ୟାନର ମାଧ୍ୟମ ତତ୍ତ୍ୱ ସ୍ଥିତ ମହାପୁରୁଷ ହିଁ ଅଟନ୍ତି । ଏହି କ୍ରମରେ –

**ପ୍ରୟାଣକାଲେ ମନସାଚଲେନ**
**ଭକ୍ତ୍ୟାୟୁକ୍ତୋ ଯୋଗବଲେନ ଚୈବ ।**
**ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍**
**ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ ॥୧୦॥**

ଯିଏ ନିରନ୍ତର ସେହି ପରମାତ୍ମାଙ୍କ ଚିନ୍ତନ କରୁଥାଏ, ସେହି ଭକ୍ତିଯୁକ୍ତ ପୁରୁଷ'**ପ୍ରୟାଣକାଲେ**'- ଅର୍ଥାତ୍ ମନର ବିଲୀନ ଅବସ୍ଥାରେ ଯୋଗ ବଳଦ୍ୱାରା ଅର୍ଥାତ୍ ସେହି ନିୟତ କର୍ମର ଆଚରଣ ଦ୍ୱାରା ଭ୍ରୁକୁଟିର ମଧ୍ୟରେ ପ୍ରାଣକୁ ସମ୍ୟକ୍ ରୂପରେ ସ୍ଥାପିତ କରି ପ୍ରାଣ ଅପାନକୁ ଭଲ ରୂପେ ସମନ କରି, ନା ଭିତରୁ ଉଦ୍‌ବେଗ ଉତ୍ପନ୍ନ ହେଉଥିବ, ନା ବାହ୍ୟ ସଙ୍କଳ୍ପ ହିଁ ଆସିପାରିବ, ସତ୍ୱ, ରଜ, ତମ, ସମ୍ୟକ ରୂପେ ଶାନ୍ତ ହୋଇଥିବ, ସୁରତ ଅର୍ଥାତ୍ ମନର ଦୃଷ୍ଟି ଇଷ୍ଟଙ୍କଠାରେ ହିଁ ସ୍ଥିତ ହୋଇଥିବ, ସେହିକାଳରେ, ସେହି ଅଚଳ ମନ ଅର୍ଥାତ୍ ସ୍ଥିର ବୁଦ୍ଧି ଯୁକ୍ତ ପୁରୁଷ ସେହି ଦିବ୍ୟ ପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି । ନିରନ୍ତର ସ୍ମରଣୀୟ ଏହା ଯେ, ସେହି ଏକ ପରମାତ୍ମାଙ୍କ ପ୍ରାପ୍ତିର ବିଧାନ ହିଁ ଯୋଗ ଅଟେ । ତାହାଙ୍କ ନିମନ୍ତେ ନିୟତ କ୍ରିୟାର

ଆଚରଣ ହିଁ ଯୋଗକ୍ରିୟା ଅଟେ । ଯାହାର ସବିସ୍ତାର ବର୍ଣ୍ଣନା ଯୋଗେଶ୍ୱର ଚତୁର୍ଥ ଏବଂ ଷଷ୍ଠ ଅଧ୍ୟାୟରେ କରିଛନ୍ତି – ବର୍ତ୍ତମାନ ସେ କହିଲେ, 'ନିରନ୍ତର ମୋର ହିଁ ସ୍ମରଣ କର' । ସ୍ମରଣ କିପରି କରିବା ? ଏହି ଯୋଗ ଧାରଣାରେ ସ୍ଥିର ହୋଇ କରିବାକୁ ହେବ । ନିରନ୍ତର ସ୍ମରଣ କରୁଥିବା ବ୍ୟକ୍ତି ଦିବ୍ୟ ପୁରୁଷଙ୍କୁ ହିଁ ପ୍ରାପ୍ତ ହୋଇଥାନ୍ତି । ଯାହା କେବେ ବିସ୍ମୃତ ହୋଇନଥାଏ । ଏଠାରେ ଏହି ପ୍ରଶ୍ନର ସମାଧାନ ହେଲା ଯେ, ଆପଣ ପ୍ରୟାଣ କାଳରେ କିପରି ଜାଣିବାରେ ଆସିଥାନ୍ତି ? ପାଇବା ଯୋଗ୍ୟ ପଦର ଚିତ୍ରଣ ଦେଖ, ଯାହା ଗୀତାର ସ୍ଥାନ ସ୍ଥାନରେ ଆସିଛି ।

**ଯଦକ୍ଷରଂ ବେଦବିଦୋ ବଦନ୍ତି ।**
**ବିଶନ୍ତି ଯଦ୍‌ଯତୟୋ ବୀତରାଗାଃ ।**
**ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି**
**ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ ॥୧୧॥**

**ବେଦବିଦ୍–** ଅର୍ଥାତ୍ ଅବିଦିତ ତତ୍ତ୍ୱକୁ ପ୍ରତ୍ୟେକ୍ଷ ଜାଣୁଥିବା ବ୍ୟକ୍ତି ଯେଉଁ ପରମପଦକୁ **ଅକ୍ଷରମ୍** ଅକ୍ଷୟ କୁହାଯାଏ, ବିତରାଗ ମହାତ୍ମା ଯେଉଁଥିରେ ପ୍ରବେଶ ପାଇବା ନିମନ୍ତେ ପ୍ରୟତ୍ନଶୀଳ, ଯେଉଁ ପରମପଦକୁ ପାଇବା ଇଛା କରୁଥିବା ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଥାନ୍ତି । (ବ୍ରହ୍ମଚର୍ଯ୍ୟର ଅର୍ଥ କେବଳ ଜନନେନ୍ଦ୍ରିୟର ନିରୋଧ ନୁହଁ ବରଂ **ବ୍ରହ୍ମ ଆଚରତି ସ ବ୍ରହ୍ମଚାରୀ**– ବାହ୍ୟ ସ୍ପର୍ଶକୁ ମନରୁ ତ୍ୟାଗ କରି, ବ୍ରହ୍ମର ନିରନ୍ତର ଚିନ୍ତନ ଓ ସ୍ମରଣ ହିଁ ବ୍ରହ୍ମଚର୍ଯ୍ୟ ଅଟେ । ଯାହା ବ୍ରହ୍ମର ଦର୍ଶନ କରାଇ ସେଥିରେ ସ୍ଥାପନ କରି ଶାନ୍ତ ହୋଇଯାଏ । ସେହି ଆଚରଣ ଦ୍ୱାରା ଇନ୍ଦ୍ରିୟ ସଂଯମ ହିଁ ନୁହଁ ବରଂ ସମ୍ପୂର୍ଣ୍ଣ ଇନ୍ଦ୍ରିୟ ସଂଯମ ସ୍ୱତଃ ହୋଇଯାଏ । ଏହିପରି ଯିଏ ବ୍ରହ୍ମଚର୍ଯ୍ୟ ଆଚରଣ କରିଥାଏ) ଯାହା ହୃଦୟରେ ସଂଗ୍ରହ କରିବା ଯୋଗ୍ୟ, ଧାରଣ କରିବା ଯୋଗ୍ୟ, ସେହି ପଦକୁ ମୁଁ ତୁମ ନିମନ୍ତେ କହିବି । ସେହି ପଦ କ'ଣ ? ତାହା କିପରି ପ୍ରାପ୍ତ ହୋଇଥାଏ ? ଏହି ବଷୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି –

**ସର୍ବଦ୍ୱାରାଣି ସଞ୍ଚମ୍ୟ ମନୋ ହୃଦି ନିରୁଧ୍ୟ ଚ ।**
**ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ॥୧୨॥**

ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କ ଦ୍ୱାରକୁ ନିରୋଧ କରି ଅର୍ଥାତ୍ ବାସନାଗୁଡ଼ିକୁରୁ ଅଲଗା ରହି ମନକୁ ହୃଦୟରେ ସ୍ଥିର କରି (ଧ୍ୟାନ ହୃଦୟରେ ହିଁ କରାଯାଇଥାଏ, ବାହାରେ ନୁହଁ) ପୂଜା ବାହାରେ ହୋଇ ନଥାଏ, ପ୍ରାଣ ଅର୍ଥାତ୍ ଅନ୍ତଃକରଣର ବ୍ୟାପାରକୁ ମସ୍ତିଷ୍କରେ ନିରୋଧ କରି ଯୋଗ–ଧାରଣାରେ ସ୍ଥିତ ହୋଇ (ଯୋଗକୁ ଧାରଣ କରି ରହିଥିବା, ଅନ୍ୟ ଉପାୟ ନୁହଁ) ଏହିପରି ସ୍ଥିର ହୋଇ –

**ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍ ।**
**ୟଃ ପ୍ରୟାତି ତ୍ୟଜନ୍ ଦେହଂ ସ ୟାତି ପରମାଂ ଗତିମ୍ ॥୧୩॥**

ଯେଉଁ ପୁରୁଷ **ଓମ୍ ଇତି–** ଓମ୍ ଏତିକି ହିଁ, ଯାହାକି ଅକ୍ଷୟ ବ୍ରହ୍ମଙ୍କ ପରିଚାୟକ ନାମ ଅଟେ । ତାହାକୁ ଜପ, ତଥା ମୋର ସ୍ମରଣ କରି ଶରୀର ତ୍ୟାଗ କରିଥାଏ, ସେହି ପୁରୁଷ ପରମ ଗତିକୁ ପ୍ରାପ୍ତ ହୋଇଥାଏ ।

ଶ୍ରୀକୃଷ୍ଣ ଜଣେ ଯୋଗେଶ୍ୱର, ପରମତତ୍ତ୍ୱରେ ସ୍ଥିତ ମହାପୁରୁଷ, ସଦ୍‌ଗୁରୁ ଥିଲେ । ଓମ୍ ଅକ୍ଷୟ ବ୍ରହ୍ମଙ୍କ ପରିଚାୟକ ନାମ ଅଟେ, ତୁମେ ତାହାର ଜପ କରି ମୋର ଧ୍ୟାନ କର । ପ୍ରାପ୍ତିଯୁକ୍ତ ପ୍ରତ୍ୟେକ ମହାପୁରୁଷଙ୍କ ନାମ ତାହାହିଁ ହୋଇଥାଏ, ଯାହାକୁ ସେ ପ୍ରାପ୍ତ ହୋଇଛନ୍ତି, ଯେଉଁଥିରେ ସେ ବିଲୟ ହୋଇଛନ୍ତି । ତେଣୁ କରି ତାଙ୍କର ନାମ ଓମ୍ କହିଲେ ଏବଂ ନିଜର ସ୍ୱରୂପକୁ କହିଲେ । ଯୋଗେଶ୍ୱର 'କୃଷ୍ଣ କୃଷ୍ଣ' ଜପ କରିବାକୁ ନିର୍ଦ୍ଦେଶ ଦେଇ ନାହାଁନ୍ତି । କାଳାନ୍ତରରେ ଭାବୁକମାନେ ତାଙ୍କର ମଧ୍ୟ ନାମ ଜପ କରିବା ପ୍ରାରମ୍ଭ କରି ଦେଲେ ଏବଂ ନିଜର ଶ୍ରଦ୍ଧାନୁସାରେ ତାହାର ଫଳ ମଧ୍ୟ ପ୍ରାପ୍ତ କରିଥାନ୍ତି । ଯେପରି ମନୁଷ୍ୟଙ୍କ ଶ୍ରଦ୍ଧା ଯେଉଁଠାରେ ସ୍ଥିର ହୋଇଥାଏ ସେଠାରେ ମୁଁ ହିଁ ତାହାଙ୍କ ଶ୍ରଦ୍ଧାକୁ ପୁଷ୍ଟ କରିଥାଏ । ତଥା ଫଳ ମଧ୍ୟ ମୁଁ ହିଁ ଦେଇଥାଏ ।

ଭଗବାନ ଶିବ ରାମ ଶବ୍ଦକୁ ଜପ କରିବା ନିମନ୍ତେ କହିଛନ୍ତି– **ରମନ୍ତେ ଯୋଗିନଃ ଯସ୍ମିନ୍ ସ ରାମଃ, ରା ଔର୍ ମ କେ ବିଚମେଁ କବୀର ରହା ଲୁକାୟ ।** **ରା** ଏବଂ ମ ଏହି ଦୁଇ ଅକ୍ଷରର ଅନ୍ତରାଳରେ କବୀର ନିଜର ମନକୁ ନିରୋଧ କରିବାରେ ସକ୍ଷମ ହୋଇଗଲେ ।

ଶ୍ରୀକୃଷ୍ଣ ଓମ୍ ଉପରେ ଜୋର୍ ଦେଉଛନ୍ତି । ଓ–ଅହମ୍–ସ,ଓମ୍ ଅର୍ଥାତ୍ ସେହି ସତ୍ତା ମୋ ଭିତରେ ରହିଛି । ବାହାରେ କେଉଁ ଆଡ଼େ ଖୋଜିବାରେ ନ ଲାଗନ୍ତୁ । ଏହି ଓମ୍ ମଧ୍ୟ ସେହି ପରମ ସତ୍ତାଙ୍କ ପରିଚୟ ଦେଇ ଶାନ୍ତ ହୋଇଯାଏ । ବାସ୍ତବରେ ସେହି ପ୍ରଭୁଙ୍କ ଅନନ୍ତ ନାମ ଅଟେ । କିନ୍ତୁ ଜପ ନିମନ୍ତେ ସେହି ନାମ ସାର୍ଥକ, ଯାହା ଛୋଟ ହୋଇଥିବ, ଶ୍ୱାସରେ ଢଳି ପାରିବ ଏବଂ ଏକ ସେହି ପରମାତ୍ମାଙ୍କୁ ହିଁ ବୋଧ କରାଉଥିବ । ତାହାଙ୍କ ଠାରୁ ଭିନ୍ନ ଅନେକ ଦେବୀ ଦେବତାମାନଙ୍କ ଅବିବେକ ପୂର୍ଣ୍ଣ କଳ୍ପନାରେ ବ୍ୟସ୍ତ ହୋଇ ଲକ୍ଷ୍ୟରୁ ଦୃଷ୍ଟିକୁ ହଟାଇ ନ ଦିଅନ୍ତୁ ।

ପୂଜ୍ୟ ଗୁରୁ ମହାରାଜଜୀ କହୁଥିଲେ ଯେ, ''ମୋର ସ୍ୱରୂପ ଦେଖ ଏବଂ ଶ୍ରଦ୍ଧାନୁସାରେ କୌଣସି ଦୁଇ, ଅଢେଇ ଅକ୍ଷୟରର ନାମକୁ 'ଓଁ' 'ରାମ' 'ଶିବ' ମଧ୍ୟରୁ କୌଣସି ଗୋଟିଏ ବାଛି ନିଅନ୍ତୁ । ତାହାର ଚିନ୍ତନ କରି, ତାହାର ଅର୍ଥ ସ୍ୱରୂପ ଇଷ୍ଟଙ୍କ ସ୍ୱରୂପକୁ ଧ୍ୟାନ କରନ୍ତୁ ।'' ଧ୍ୟାନ ସଦ୍‌ଗୁରୁଙ୍କ ହିଁ କରାଯାଇଥାଏ । ଆପଣ

ରାମ,କୃଷ୍ଣ, ଅଥବା **ବୀତରାଗ ବିଷୟଂ ବା ଚିତ୍ତମ୍** ବୀତରାଗ ମହାତ୍ମାଙ୍କୁ ଅଥବା **ଯତାଭିମତଧ୍ୟାନଦ୍ୱା** – ପାତଞ୍ଜଳୀ ଯୋଗ– ୧/୩୭–୩୯) କାହାର ମଧ୍ୟ ସ୍ୱରୂପକୁ ଧରନ୍ତୁ, ସେ ଅନୁଭବ ଦ୍ୱାରା ଆପଣଙ୍କୁ ପ୍ରାପ୍ତ ହେବେ ଏବଂ ଆପଣଙ୍କ ସମକାଳୀନ କୌଣସି ସଦ୍‌ଗୁରୁଙ୍କ ନିକଟକୁ ପଠାଇ ଦେବେ । ଯାହାଙ୍କ ମାର୍ଗ ଦର୍ଶନ ଦ୍ୱାରା ଧିରେ ଧିରେ ପ୍ରକୃତିର କ୍ଷେତ୍ରରୁ ପାର ହୋଇଯିବେ । ମୁଁ ମଧ୍ୟ ପ୍ରାରମ୍ଭରେ ଗୋଟିଏ ଦେବତା (କୃଷ୍ଣଙ୍କ ବିରାଟ ରୂପ) ଚିତ୍ରକୁ ଧ୍ୟାନ କରୁଥିଲି କିନ୍ତୁ ପୂଜ୍ୟ ଗୁରୁ ମହାରାଜୀଙ୍କ ଅନୁଭବୀ ପ୍ରବେଶ ସହିତ ସେହି ବିରାଟ ରୂପ ଶାନ୍ତ ହୋଇଗଲା ।

ପ୍ରାରମ୍ଭିକ ସାଧକ ନାମକୁ ତ ଜପ କରିଥାନ୍ତି କିନ୍ତୁ ମହାପୁରୁଷଙ୍କ ସ୍ୱରୂପକୁ ଧ୍ୟାନ କରିବାରେ ପଛ ଘୁଞ୍ଚା ଦେଇଥାନ୍ତି । ସେ ନିଜର ଅର୍ଜିତ ମାନ୍ୟତାର ପୂର୍ବାଗ୍ରହକୁ ତ୍ୟାଗ କରିପାରନ୍ତି ନାହିଁ । ସେ କୌଣସି ଅନ୍ୟ ଦେବତାଙ୍କୁ ଧ୍ୟାନ କରିଥାନ୍ତି, ଯାହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ନିଷେଧ କରିଛନ୍ତି । ଅତଃ ପୂର୍ଣ୍ଣ ସମର୍ପଣ ସହିତ କୌଣସି ଅନୁଭବୀ ମହାପୁରୁଷଙ୍କ ଶରଣ ନିଅନ୍ତୁ । ପୂର୍ଣ୍ୟ ପୁରୁଷାର୍ଥ ସୁଦୃଢ ହେବା କ୍ଷଣି କୁତର୍କର ଶମନ ଏବଂ ଯଥାର୍ଥ କ୍ରିୟାରେ ପ୍ରବେଶ ମିଳିଯିବ । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ଓଁ ର ଜପ ଏବଂ ପରମାତ୍ମା ସ୍ୱରୂପ ସଦ୍‌ଗୁରୁଙ୍କ ସ୍ୱରୂପକୁ ନିରନ୍ତର ସ୍ମରଣ ଅର୍ଥାତ୍ ଧ୍ୟାନ କରିବା ଦ୍ୱାରା ମନର ନିରୋଧ ଏବଂ ବିଲୟ ହୋଇଯାଏ । ସେହିକ୍ଷଣି ଶରୀରର ସମ୍ବନ୍ଧ ସବୁକିଛି ବିଚ୍ଛେଦ ହୋଇଯାଇଥାଏ । କେବଳ ମୃତ୍ୟୁ ହୋଇଗଲେ ଶରୀର ତୁମର ପିଛା ଛାଡ଼ି ନଥାଏ –

**ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।**
**ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ।।୧୪।।**

''ମୋର ଅତିରିକ୍ତ ଅନ୍ୟ କିଏ ମଧ୍ୟ ଚିତ୍ତରେ ହିଁ ନଥାଏ'', ଅନ୍ୟ କାହାର ଚିନ୍ତନ ନକରି ଅର୍ଥାତ୍ ଅନନ୍ୟ ଚିତ୍ତ ଦ୍ୱାରା ସ୍ଥିର ହୋଇଥିବା, ଯିଏ କି ଅନବରତ ମୋର ସ୍ମରଣ କରିଥାଏ । ମୋଠାରେ ନିତ୍ୟ ଯୁକ୍ତ ହୋଇଥିବା ସେହି ଯୋଗୀଙ୍କ ନିମନ୍ତେ ମୁଁ ସୁଲଭ ହୋଇଥାଏ । ଆପଣ ସୁଲଭ ହେଲେ କ'ଣ ମିଳିବ ?

**ମାମୁପେତ୍ୟପୁନର୍ଜନ୍ମ ଦୁଃଖାଲୟମଶାଶ୍ୱତମ୍ ।**
**ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ।।୧୫।।**

ମୋତେ ପ୍ରାପ୍ତ କରି ସେମାନେ ଦୁଃଖର ସ୍ଥାନସ୍ୱରୂପ କ୍ଷଣଭଙ୍ଗୁର ପୁନର୍ଜନ୍ମକୁ ପ୍ରାପ୍ତ ହୋଇନଥନ୍ତି ବରଂ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ ମୋତେ ପ୍ରାପ୍ତ ହେବା ଅଥବା ପରମ ସିଦ୍ଧିକୁ ପ୍ରାପ୍ତ ହେବା ଗୋଟିଏ କଥା । କେବଳ ଭଗବାନ ହିଁ ଏପରି ଅଟନ୍ତି, ଯାହାକୁ ପ୍ରାପ୍ତ କରି ସେହି ପୁରୁଷଙ୍କ ପୁନର୍ଜନ୍ମ ହୋଇନଥାଏ । ତେବେ

ପୁନର୍ଜନ୍ମର ସୀମା କେଉଁ ପର୍ଯ୍ୟନ୍ତ ରହିଛି ?

**ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ ।**
**ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ॥୧୬॥**

ହେ ଅର୍ଜୁନ ! ବ୍ରହ୍ମାଙ୍କଠାରୁ କୀଟପତଙ୍ଗ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ପୁନରାବର୍ତ୍ତୀ ଅଟନ୍ତି । ଜନ୍ମ ନେବା ଏବଂ ମୃତ୍ୟୁ ବରଣ କରିବା ତଥା ପୁନଃ ପୁନଃ ଏହି କ୍ରମରେ ହିଁ ଚାଲିଥାନ୍ତି । କିନ୍ତୁ ହେ କୌନ୍ତେୟ ! ମୋତେ ପ୍ରାପ୍ତ କରି ସେହି ପୁରୁଷଙ୍କ ପୁର୍ନଜନ୍ମ ହୋଇନଥାଏ ।

ଧର୍ମଗ୍ରନ୍ଥରେ ଲୋକ ଲୋକନ୍ତରର ପରିକଳ୍ପନା ଈଶ୍ୱର ପଥରେ ବିଭୂତିର ବୋଧ କରାଇବା ଆନ୍ତରିକ ଅନୁଭବ ଅଥବା ରୂପକ ମାତ୍ର ଅଟେ । ଅନ୍ତରୀକ୍ଷରେ ନା ତ କୌଣସି ଏପରି କୂଅ ରହିଛି, ଯେଉଁଠାରେ କି ପୋକ ଯୋକ କାଟୁଥିବେ ଏବଂ ନା ଏପରି ମହଲ ରହିଛି, ଯାହାକୁ ସ୍ୱର୍ଗ କୁହାଯାଉଛି । ଦୈବୀ ସମ୍ପଦରେ ଯୁକ୍ତ ପୁରୁଷ ଦେବତା ଏବଂ ଆସୁରୀ ସମ୍ପଦରେ ଯୁକ୍ତ ପୁରୁଷ ହିଁ ଅସୁର ଅଟେ । ଶ୍ରୀକୃଷ୍ଣଙ୍କର ନିଜ ବନ୍ଧୁବାନ୍ଧବ କଂସ ରାକ୍ଷସ ଓ ବାଣାସୁର ଦୈତ୍ୟ ଥିଲେ । ଦେବ, ମାନବ, ତୀର୍ଯକ୍ ଯୋନି ହିଁ ବିଭିନ୍ନ ଲୋକ ଅଟେ । ଶ୍ରୀକୃଷ୍ଣଙ୍କ ଅନୁସାରେ ଏହି ଜୀବାତ୍ମା ମନ ସହିତ ପାଞ୍ଚ ଇନ୍ଦ୍ରିୟଙ୍କୁ ନେଇ ଜନ୍ମ-ଜନ୍ମାନ୍ତର ଧରି ଏହି ସଂସ୍କାରର ଅନୁରୂପ ନୂତନ ଶରୀର ଧାରଣ କରିଥାଏ ।

ଅମର କହୁଥିବା ଦେବତା ମଧ୍ୟ ମରଣଧର୍ମୀ ଅଟନ୍ତି । **କ୍ଷୀଣେ ପୂଣ୍ୟେ ମର୍ତ୍ତ୍ୟ ଲୋକଂ ବିଶନ୍ତି** । ଏଥିରୁ ଆଉ ଅଧିକ କ୍ଷତି ବା କ'ଣ ହେବ ? ସେମାନେ ଦେବତା ହେଲେ ମଧ୍ୟ କେଉଁ କାମରେ ଆସିଥାନ୍ତି ? ଯେଉଁଥିରେ ସଞ୍ଚିତ ପୂଣ୍ୟ ହିଁ ସମାପ୍ତ ହୋଇଯାଇଥାଏ । ଦେବ ଲୋକ, ପଶୁ ଲୋକ, କୀଟ ପତଙ୍ଗାଦି ଲୋକ ଭୋଗ ଲୋକ ମାତ୍ର ଅଟେ । କେବଳ ମନୁଷ୍ୟ ହିଁ କର୍ମ ରଚୟୀତା ଅଟନ୍ତି । ଯାହା ଦ୍ୱାରା ସେହି ପରମ ଧାମ ପର୍ଯ୍ୟନ୍ତ ପ୍ରାପ୍ତ କରିପାରିବେ । ଯେଉଁ ସ୍ଥାନକୁ ଯିବା ପରେ ପୁନରାବର୍ତ୍ତନ ହୋଇନଥାଏ । ଯଥାର୍ଥ କର୍ମ ଆଚରଣ କରି ମନୁଷ୍ୟ ଦେବତା ହୋଇଯାଆନ୍ତି, ବ୍ରହ୍ମାଙ୍କ ସ୍ଥିତି ପ୍ରାପ୍ତ କରି ନେଉଥାନ୍ତି କିନ୍ତୁ ସେମାନେ ପୁନର୍ଜନ୍ମରୁ ସେ ପର୍ଯ୍ୟନ୍ତ ଉଦ୍ଧାର ପାଇପାରିବେ ନାହିଁ, ଯେଉଁ ପର୍ଯ୍ୟନ୍ତ ସେ ମନର ନିରୋଧ ଓ ନିରୋଧ ମନର ବିଲୟ ସହିତ ପରମାତ୍ମାଙ୍କୁ ସାକ୍ଷାତ୍କାର କରି, ସେହି ପରମ ଧାମରେ ସ୍ଥିତ ନହୋଇଛନ୍ତି । ଉପନିଷଦ ମଧ୍ୟ ଏହି ସତ୍ୟର ଉଦ୍‌ଘାଟନ କରୁଛନ୍ତି –

**ଯଦା ସର୍ବେ ପ୍ରମୁଚ୍ୟନ୍ତେ କାମା ୟେଽସ୍ୟ ହୃଦିସ୍ଥିତାଃ ।**

**ଅଥ ମର୍ତ୍ତ୍ୟୋଽମୃତୋ ଭବତ୍ୟତ୍ର ବ୍ରହ୍ମ ସମଶ୍ନୁତେ ॥**

କଠୋପନିଷଦ(୨/୩/୨୪)

ଯେତେବେଳେ ହୃଦୟରେ ସ୍ଥିତ ସମ୍ପୂର୍ଣ୍ଣ କାମନା ସମୂଳ ନଷ୍ଟ ହୋଇଯାଏ, ତେବେ ମରଣ ଧର୍ମୀ ମନୁଷ୍ୟ ଅମର ହୋଇଯାନ୍ତି ଏବଂ ଏଠାରେ ଏହି ସଂସାରରେ ମନୁଷ୍ୟ ଶରୀର ଦ୍ୱାରା ପରବ୍ରହ୍ମଙ୍କୁ ସମ୍ୟକ୍ ରୂପରେ ସାକ୍ଷାତ୍ ଅନୁଭବ କରି ନେଇଥାନ୍ତି । ପ୍ରଶ୍ନ ଉଠିଥାଏ, କ'ଣ ବ୍ରହ୍ମା ମଧ୍ୟ ମରଣଧର୍ମୀ ଅଟନ୍ତି ? ତୃତୀୟ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପ୍ରଜାପତି ବ୍ରହ୍ମାଙ୍କ ପ୍ରସଙ୍ଗରେ କହିଥିଲେ ଯେ, ପ୍ରାପ୍ତି ପଶ୍ଚାତ୍ ବୁଦ୍ଧିମାତ୍ର ଯନ୍ତ୍ର ଅଟେ । ତାହାଙ୍କ ଦ୍ୱାରା ପରମାତ୍ମା ହିଁ ବ୍ୟକ୍ତ ହୋଇଥାନ୍ତି । ଏହିପରି ମହାପୁରୁଷଙ୍କ ଦ୍ୱାରା ହିଁ ଯଜ୍ଞର ସଂରଚନା ହୋଇଛି ଏବଂ ଏଠାରେ କହନ୍ତି ଯେ ବ୍ରହ୍ମାଙ୍କ ସ୍ଥିତି ପ୍ରାପ୍ତ କରିବା ବ୍ୟକ୍ତି ମଧ୍ୟ ପୁନରାବର୍ତ୍ତୀ ହୋଇଥାନ୍ତି । ଯୋଗେଶ୍ୱର କ'ଣ କହିବାକୁ ଚାହୁଁଛନ୍ତି ? ବସ୍ତୁତଃ ଯେଉଁ ମହାପୁରୁଷଙ୍କ ଦ୍ୱାରା ପରମାତ୍ମା ହିଁ ବ୍ୟକ୍ତ ହୋଇଥାନ୍ତି । ସେହି ମହାପୁରୁଷଙ୍କ ବୁଦ୍ଧି ମଧ୍ୟ ବ୍ରହ୍ମା ନୁହଁ କିନ୍ତୁ ଲୋକଙ୍କୁ ଉପଦେଶ କରିବା ଯୋଗୁଁ କଲ୍ୟାଣ ସୂତ୍ରପାତ କରୁଥିବା ଯୋଗୁଁ ବ୍ରହ୍ମା ନାମରେ କୁହାଯାଇଥାଏ । ସ୍ୱୟଂରେ ସେ ବ୍ରହ୍ମା ମଧ୍ୟ ନୁହଁନ୍ତି । ତାହାଙ୍କ ପାଖରେ ନିଜର ବୁଦ୍ଧି ରହିନଥାଏ । କିନ୍ତୁ ଏହା ପୂର୍ବରୁ ସାଧନା କାଳରେ ବୁଦ୍ଧି ହିଁ ବ୍ରହ୍ମା ହୋଇଥାଏ, **ଅହଂକାର ଶିବ ବୁଦ୍ଧି ଅଜ, ମନଶଶି ଚିତ୍ତ ମହାନ୍ ।**

ସାଧାରଣ ମନୁଷ୍ୟଙ୍କ ବୁଦ୍ଧି ବ୍ରହ୍ମା ନୁହଁ । ବୁଦ୍ଧି ଯେତେବେଳେ ଇଷ୍ଟ ଭିତରେ ପ୍ରବେଶ କରିବାରେ ଲାଗିଥାଏ । ସେହିଠାରୁ ବ୍ରହ୍ମାଙ୍କ ରଚନା ହେବାରେ ଲାଗିଥାଏ । ଯାହାର ଚାରୋଟି ସୋପାନ ଋଷିମାନେ କହିଛନ୍ତି । ତୃତୀୟ ଅଧ୍ୟାୟରେ କୁହାଯାଇଛି, ଆପଣ ଦେଖିପାରିବେ । **ବ୍ରହ୍ମବିଦ୍, ବ୍ରହ୍ମବିଦ୍ୱର, ବ୍ରହ୍ମବିଦ୍ୱରୀୟାନ୍, ବ୍ରହ୍ମବିଦ୍ୱରୀଷ୍ଟ** । 'ବ୍ରହ୍ମବିଦ୍' ସେହି ବୁଦ୍ଧି, ଯିଏ କି ବ୍ରହ୍ମ ବିଦ୍ୟାରେ ସଂଯୁକ୍ତ ହୋଇଥାଏ । 'ବ୍ରହ୍ମବିଦ୍ୱର' ସେ ଅଟନ୍ତି, ଯାହାକୁ ବ୍ରହ୍ମବିଦ୍ୟାରେ ଶ୍ରେଷ୍ଠତା ପ୍ରାପ୍ତ ହୋଇଥାଏ । 'ବ୍ରହ୍ମବିଦ୍ୱରୀୟାନ୍' ସେହି ବୁଦ୍ଧି, ଯାହାଦ୍ୱାରା ସେ ବ୍ରହ୍ମ ବିଦ୍ୟାରେ କେବଳ ଦକ୍ଷ ହିଁ ନୁହଁ, ବରଂ ତାହାର ନିୟନ୍ତ୍ରକ ଏବଂ ସଞ୍ଚାଳକ ହୋଇଥାଏ । 'ବ୍ରହ୍ମବିଦ୍ୱବରୀଷ୍ଟ' ବୁଦ୍ଧିର ଅନ୍ତିମ ଅବସ୍ଥା ଅଟେ, ଯେଉଁଥିରେ ଇଷ୍ଟ ପ୍ରବାହିତ ହୋଇଥାଏ । ଏହି ପର୍ଯ୍ୟନ୍ତ ବୁଦ୍ଧିର ଅସ୍ତିତ୍ୱ ରହିଥାଏ । କାରଣ ପ୍ରବାହିତ ହୋଇଥିବା ଇଷ୍ଟ ବର୍ତ୍ତମାନ ଅଲଗା ଅଛନ୍ତି ଏବଂ ଗ୍ରହଣ କର୍ତ୍ତା ବୁଦ୍ଧି ମଧ୍ୟ ଅଲଗା ଅଛି । ବର୍ତ୍ତମାନ ସେ ପ୍ରକୃତିର ସୀମାରେ ରହିଛି । ଯେତେବେଳେ ସ୍ୱୟଂ ପ୍ରକାଶ ସ୍ୱରୂପରେ ବୁଦ୍ଧି ଅର୍ଥାତ୍ ବ୍ରହ୍ମା ରହିଥାଏ । ଯଦି ସେ ଜାଗୃତ ରହିଥାଏ । ତେବେ ସମ୍ପୂର୍ଣ୍ଣ ଭୂତ ଅର୍ଥାତ୍ ଚିନ୍ତନ ପ୍ରବାହ ଜାଗ୍ରତ ରହିଥାଏ ଏବଂ ଯେତେବେଳେ ବୁଦ୍ଧି

ଅର୍ଥାତ୍ ବ୍ରହ୍ମା ଅବିଦ୍ୟାରେ ରହିଥାଏ, ସେତେ ବେଳେ ସେ ଅଚେତନ ରହିଥାଏ,ଏହାକୁ ପ୍ରକାଶ–ଅନ୍ଧକାର, ରାତ୍ର–ଦିବସ , କହି ସମ୍ବୋଧନ କରାଯାଇଥାଏ ।

ବ୍ରହ୍ମା ଅର୍ଥାତ୍ ବ୍ରହ୍ମକବିଦ୍ୱେତ୍ତାଙ୍କ ସେହି ଶ୍ରେଣୀ ଅଟେ । ଯେଉଁଥିରେ ଇଷ୍ଟ ପ୍ରବାହିତ ହୋଇଥାଏ, ତାହାଙ୍କୁ ପ୍ରାପ୍ତ ସର୍ବୋତ୍କୃଷ୍ଟ ବୁଦ୍ଧିରେ ମଧ୍ୟ ବିଦ୍ୟା (ଯିଏକି ସ୍ୱୟଂ ପ୍ରକାଶ ସ୍ୱରୂପ ଅଟେ, ସେଥିରେ ମିଳାଇଥାଏ ।) ର ଦିନ ଏବଂ ଅବିଦ୍ୟାର ରାତ୍ରି, ପ୍ରକାଶ ଏବଂ ଅନ୍ଧକାରର କ୍ରମ ଲାଗି ରହିଥାଏ । ଏହି ପର୍ଯ୍ୟନ୍ତ ସାଧକଙ୍କ ମଧ୍ୟରେ ମାୟା କାର୍ଯ୍ୟରତହୋଇଥାଏ । ପ୍ରକାଶ କାଳରେ ଅଚେତ ଭୂତ ସଚେତ ହୋଇଯାଇଥାନ୍ତି, ତାହାଙ୍କୁ ଲକ୍ଷ୍ୟ ଦେଖାଯାଇଥାଏ । ତଥା ବୁଦ୍ଧିର ଅନ୍ତରାଳରେ ଅବିଦ୍ୟାରୂପୀ ରାତ୍ରିର ପ୍ରବେଶ କାଳରେ ସମ୍ପୂର୍ଣ୍ଣ ଭୂତ ଅଚେତ ହୋଇଯାଇଥାନ୍ତି । ବୁଦ୍ଧି ଏହାର ନିଶ୍ଚୟ କରିପାରିନଥାଏ । ସ୍ୱରୂପ ଆଡ଼କୁ ଅଗ୍ରସର ହେବା ବନ୍ଦ ହୋଇଯାଇଥାଏ । ଏହା ହିଁ ବ୍ରହ୍ମାଙ୍କ ଦିନ ଏବଂ ରାତ୍ରି ଅଟେ । ବିଦ୍ୟାରୂପୀ ଦିନର ପ୍ରକାଶରେ ବୁଦ୍ଧିର ସହସ୍ର ପ୍ରବୃତ୍ତିମାନଙ୍କରେ ଈଶ୍ୱରୀୟ ପ୍ରକାଶ ଛାଇ ଯାଇଥାଏ । ଏବଂ ଅବିଦ୍ୟା ରୂପୀ ରାତ୍ରୀରେ ଏହି ସହସ୍ର ପ୍ରବୃତ୍ତିର ଅଚେତ ଅବସ୍ଥାର ଅନ୍ଧକାର ଆସିଯାଇଥାଏ ।

ଶୁଭ ଏବଂ ଅଶୁଭ, ବିଦ୍ୟା ଏବଂ ଅବିଦ୍ୟା ଏହି ଦୁଇଟି ପ୍ରବୃତ୍ତି ସର୍ବଥା ଶାନ୍ତ ହୋଇଗଲାପରେ ଅର୍ଥାତ୍ ଅଚେତ ଏବଂ ସଚେତ, ରାତ୍ରିରେ ବିଲୀନ ଏବଂ ଦିବସରେ ଉତ୍ପନ୍ନ ଉଭୟ ପ୍ରକାରର ଭୂତମାନଙ୍କ ସଙ୍କଳ୍ପ ପ୍ରବାହ ତୁଟିଗଲା ପରେ ସେହି ଅବ୍ୟକ୍ତ ବୁଦ୍ଧିଠାରୁ ମଧ୍ୟ ଅତି ପରେ ଶାଶ୍ୱତ ଅବ୍ୟକ୍ତ ଭାବ ମଳିଥାଏ । ଯାହା କି ପୁନଃ କେବେ ନଷ୍ଟ ହୋଇନଥାଏ । ଭୂତମାନଙ୍କ ଅଚେତ ଏବଂ ସଚେତ ଉଭୟ ସମାପ୍ତ ହେବା ପରେ ହିଁ ସେହି ସନାତନ ଭାବ ମିଳିଥାଏ ।

ବୁଦ୍ଧିର ଉପରୋକ୍ତ ଚାରିଗୋଟି ଅବସ୍ଥାରୁ ଊର୍ଦ୍ଧ୍ୱରେ ସ୍ଥିତ ପୁରୁଷ ହିଁ ମହାପୁରୁଷ ଅଟନ୍ତି । ତାହାଙ୍କ ଅନ୍ତରାଳରେ ବୁଦ୍ଧି ନଥାଏ, ବୁଦ୍ଧି ପରମାତ୍ମାଙ୍କ ଯନ୍ତ୍ର ପରି ହୋଇଗଲା । କିନ୍ତୁ ଲୋକମାନଙ୍କୁ ସେ ଉପଦେଶ କରିଥାଏ, ନିଶ୍ଚୟ ହିଁ ପ୍ରେରଣା ଦେଇଥାଏ । ଅତଃ ସେଥିରେ ବୁଦ୍ଧି ପ୍ରତୀତ ହୋଇଥାଏ । କିନ୍ତୁ ସେ ବୁଦ୍ଧିର ସ୍ତରରୁ ଊର୍ଦ୍ଧ୍ୱରେ ଥାଏ । ସେ ପରମ ଅବ୍ୟକ୍ତ ଭାବରେ ସ୍ଥିତ ଅଟେ । ତାହାଙ୍କ ପୁନର୍ଜନ୍ମ ହୋଇଥାଏ, କିନ୍ତୁ ସେହି ଅବ୍ୟକ୍ତ ସ୍ଥିତି ପୂର୍ବରୁ ଯେଉଁ ପର୍ଯ୍ୟନ୍ତ ତାଙ୍କ ନିକଟରେ ନିଜର ବୁଦ୍ଧି ରହିଛି, ଯେଉଁ ପର୍ଯ୍ୟନ୍ତ ସେ ବ୍ରହ୍ମ ରହିଥାଏ, ସେ ପୁର୍ନଜନ୍ମର ପରିଧିରେ ହିଁ ରହିଥାଏ । ଏହି ତଥ୍ୟ ଉପରେ ପ୍ରକାଶ ଦେଇ ଯୋଗେଶ୍ୱର ଶ୍ରୀକୃଷ୍ଣ କୁହୁଛନ୍ତି –

**ସହସ୍ରଯୁଗପର୍ଯ୍ୟନ୍ତମହର୍ୟଦ୍ ବ୍ରହ୍ମଣୋ ବିଦୁଃ ।**
**ରାତ୍ରିଂଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ।।୧୭।।**

ଯିଏ ହଜାର ଚତୁର୍ଯୁଗ ବ୍ରହ୍ମାଙ୍କ ରାତ୍ରି ଏବଂ ହଜାର ଚତୁର୍ଯୁଗ ତାଙ୍କର ଦିନକୁ ସାକ୍ଷାତ ଜାଣିଥାନ୍ତି, ସେହି ପୁରୁଷ ସମୟର ତତ୍ତ୍ୱକୁ ଯଥାର୍ଥ ଜାଣିଥାନ୍ତି । ପ୍ରସ୍ତୁତ ଶ୍ଲୋକରେ ଦିନ ଓ ରାତି, ବିଦ୍ୟା ଓ ଅବିଦ୍ୟାର ରୂପକ ଅଟେ । ବ୍ରହ୍ମବିଦ୍ୟା ଦ୍ୱାରା ସଂଯୁକ୍ତ ବୁଦ୍ଧି ବ୍ରହ୍ମାଙ୍କ ପ୍ରବେଶିକା ତଥା ବ୍ରହ୍ମ ବିଦ୍‌ବରିଷ୍ଠ ବୁଦ୍ଧି ବ୍ରହ୍ମାଙ୍କ ପରାକାଷ୍ଠା ଅଟେ । ବିଦ୍ୟା ଦ୍ୱାରା ସଂଯୁକ୍ତ ବୁଦ୍ଧି ହିଁ ବ୍ରହ୍ମାଙ୍କ ଦିନ ଅଟେ । ଯେତେବେଳେ ବିଦ୍ୟା କାର୍ଯ୍ୟରତ ହୋଇଥାଏ, ସେହି ସମୟରେ ଯୋଗୀ ସ୍ୱରୂପ ଆଡ଼କୁ ଅଗ୍ରସର ହୋଇଥାଏ । ଅନ୍ତଃକରଣର ସହସ୍ର ପ୍ରବୃତ୍ତିମାନଙ୍କରେ ଈଶ୍ୱରୀୟ ପ୍ରକାଶ ସଞ୍ଚାର ହୋଇଥାଏ । ଏହିପରି ଅବିଦ୍ୟାର ରାତ୍ରି ଆସିଗଲେ ଅନ୍ତଃକରଣର ସହସ୍ର ପ୍ରବୃତ୍ତିରେ ମାୟାର ଦ୍ୱନ୍ଦ୍ୱ ପ୍ରବାହିତ ହୋଇଥାଏ । ପ୍ରକାଶ ଏବଂ ଅନ୍ଧକାର ଏହି ପର୍ଯ୍ୟନ୍ତ ସୀମା ରହିଛି । ଏହା ପରେ ନା ତ ବିଦ୍ୟା ରହିଥାଏ, ନା ଅବିଦ୍ୟା ହିଁ ରହିଥାଏ । ସେହ ିପରମତତ୍ତ୍ୱ ପରମାତ୍ମା ବିଦିତ ହୋଇଯାଇଥାଏ । ଯିଏ ଏହାକୁ ତତ୍ତ୍ୱ ଦ୍ୱାରା ଭଲ ରୂପେ ଜାଣିଥାନ୍ତି । ସେହି ଯୋଗୀମାନେ କାଳର ତତ୍ତ୍ୱକୁ ଜାଣିପାରିଥାନ୍ତି ଯେ, କେବେ ଅବିଦ୍ୟାର ରାତି ହୋଇଥାଏ ? ଏବଂ କେବେ ବିଦ୍ୟାର ଦିନ ଆସିଥାଏ । କାଳର ପ୍ରଭାବ କେଉଁ ପର୍ଯ୍ୟନ୍ତ ରହିଛି, ଅଥବା ସମୟ କେଉଁ ପର୍ଯ୍ୟନ୍ତ ପଛରେ ଗୋଡାଇଥାଏ

ପ୍ରାରମ୍ଭିକ ଋଷି ଅନ୍ତଃକରଣକୁ ଚିତ୍ତ ଅଥବା କେବଳ ବୁଦ୍ଧି କହି ସମ୍ବୋଧିତ କରୁଥିଲେ । କାଳାନ୍ତରରେ ଅନ୍ତଃକରଣର ବିଭାଜନ ମନ, ବୁଦ୍ଧି, ଚିତ୍ତ ଓ ଅହଂକାରର ଚାରୋଟି ପ୍ରମୁଖ ପ୍ରବୃତ୍ତି ବୋଲି କୁହାଗଲା । ଏପରି ତ ଅନ୍ତଃକରଣର ପ୍ରବୃତ୍ତି ଅନନ୍ତ ଅଟେ । ବୁଦ୍ଧିର ଅନ୍ତରାଳରେ ହିଁ ଅବିଦ୍ୟାର ରାତ୍ରି ହୋଇଥାଏ ଏବଂ ସେହି ବୁଦ୍ଧିରେ ବିଦ୍ୟାର ଦିନ ମଧ୍ୟ ହୋଇଥାଏ । ଏହା ହିଁ ବ୍ରହ୍ମାଙ୍କ ରାତ୍ରି ଓ ଦିନ ଅଟେ । ଜଗତରୂପୀ ରାତ୍ରିରେ ସମସ୍ତ ଜୀବ ଅଚେତ ରହିଥାନ୍ତି । ପ୍ରକୃତିରେ ବିଚରଣ କରି ସେମାନଙ୍କ ବୁଦ୍ଧି ସେହି ପ୍ରକାଶ ସ୍ୱରୂପକୁ ଦେଖିବାରେ ସମର୍ଥ ନଥାଏ । କିନ୍ତୁ ଯୋଗ ଆଚରଣ କରୁଥିବା ଯୋଗୀ ଏଥିରୁ ଜାଗ୍ରତ ହୋଇ ରହିଥାନ୍ତି । ସେମାନେ ସ୍ୱରୂପ ଆଡ଼କୁ ଅଗ୍ରସର ହୋଇଥାନ୍ତି । ଯେପରିକି ଗୋସ୍ୱାମୀ ତୁଳସୀ ଦାସଜୀ ରାମଚରିତ ମାନସରେ ଲେଖିଛନ୍ତି–

**କବହୁଁ ଦିବସ ମହଁ ନିବିଡ଼ତମ, କବହୁଁ କ ପ୍ରଗଟ ପତଙ୍ଗ ।**
**ବିନସଇ ଉପଜଇ ଜ୍ଞାନ ଜିମି, ପାଇ କୁସଙ୍ଗ ସୁସଙ୍ଗ ॥**

(ରା ମାନସ–୪/୧୫ଖ)

ବିଦ୍ୟାଦ୍ୱାରା ସଂଯୁକ୍ତ ବୁଦ୍ଧି କୁସଙ୍ଗ ଦ୍ୱାରା ଅବିଦ୍ୟାରେ ପରିଣତ ହୋଇଯାଇଥାଏ । ପୁନଃ ସୁସଙ୍ଗ ଦ୍ୱାରା ବିଦ୍ୟାର ସଞ୍ଚାର ସେହି ବୁଦ୍ଧିରେ ହୋଇଯାଏ ।

ଏହି ହ୍ରାସ-ବୃଦ୍ଧି ପୂର୍ତ୍ତି ପର୍ଯ୍ୟନ୍ତ ଲାଗି ରହିଥାଏ । ପୂର୍ତ୍ତି ପଶ୍ଚାତ୍ ନା ବୁଦ୍ଧି ରହିଥାଏ, ନା ବ୍ରହ୍ମା ରହିଥାନ୍ତି । ନା ରାତ୍ରି ରହିଥାଏ, ନା ଦିନ । ଏହା ହିଁ ବ୍ରହ୍ମାଙ୍କ ଦିନ ଓ ରାତ୍ରିର ରୂପକ ଅଟେ । ନା ହଜାର ବର୍ଷର ଲମ୍ବା ରାତ୍ର ହୋଇଥାଏ, ନା ହଜାର ଚତୁର୍ଯୁଗର ଦିନ ମଧ୍ୟ ହୋଇଥାଏ ଏବଂ ନା କେଉଁଠାରେ କୌଣସି ଚର୍ତୁମୁଖ ବ୍ରହ୍ମା ରହିଛନ୍ତି । ବୁଦ୍ଧିର ଉପଯୁକ୍ତ ଚାରୋଟି କ୍ରମିକ ଅବସ୍ଥା ହିଁ ବ୍ରହ୍ମାଙ୍କ ଚାରୋଟି ମୁଖ ଏବଂ ଅନ୍ତଃକରଣର ଚାରୋଟି ପ୍ରମୁଖ ପ୍ରବୃତ୍ତି ହିଁ ତାହାଙ୍କ ଚତୁର୍ଯୁଗ ଅଟେ । ରାତ୍ର ଏବଂ ଦିନ ଏହି ପ୍ରବୃତ୍ତି ଗୁଡ଼ିକରେ ହିଁ ହୋଇଥାଏ । ଯେଉଁ ପୁରୁଷ ଏହାର ଭେଦକୁ ତତ୍ତ୍ୱ ଦ୍ୱାରା ଜାଣିଥାନ୍ତି, ସେହି ଯୋଗୀଜନ କାଳର ଭେଦକୁ ଜାଣିପାରିଥାନ୍ତି ଯେ କାଳ ଯେଉଁ ପର୍ଯ୍ୟନ୍ତ ପଛରେ ଲାଗି ରହିଥଏ ଏବଂ କେଉଁ ପୁରୁଷ କାଳ ଠାରୁ ଅତୀତ ହୋଇଯାଇଥାନ୍ତି ? ରାତ୍ର ଏବଂ ଦିନ, ବିଦ୍ୟା ଓ ଅବିଦ୍ୟାରେ ହେଉଥିବା କାର୍ଯ୍ୟକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ପଷ୍ଟ କରୁଛନ୍ତି ।

**ଅବ୍ୟକ୍ତାଦ୍‌ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।**
**ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ॥୧୮॥**

ବ୍ରହ୍ମାଙ୍କ ଦିନର ପ୍ରବେଶ କାଳରେ ଅର୍ଥାତ୍ ବିଦ୍ୟା, ଦୈବୀ ସମ୍ପଦର ପ୍ରବେଶ କାଳରେ ସମ୍ପୂର୍ଣ୍ଣ ପ୍ରାଣୀ ଅବ୍ୟକ୍ତ ବୁଦ୍ଧିରେ ଜାଗ୍ରତ ହୋଇଯାଆନ୍ତି ଏବଂ ରାତ୍ରିର ପ୍ରବେଶ କାଳରେ ସେହି ଅବ୍ୟକ୍ତ, ଅଦୃଶ୍ୟ ବୁଦ୍ଧିରେ ଜାଗ୍ରତ ହୋଇଥିବା ସୂକ୍ଷ୍ମ ତତ୍ତ୍ୱ ଅଚେତ ହୋଇଯାଇଥାଏ । ସେହି ପ୍ରାଣୀ ଅବିଦ୍ୟାର ରାତ୍ରିରେ ସ୍ୱରୂପକୁ ସ୍ପଷ୍ଟ ଦେଖିପାରନ୍ତି ନାହିଁ କିନ୍ତୁ ତାହାଙ୍କର ଅସ୍ତିତ୍ୱ ରହିଥାଏ । ଜାଗ୍ରତ ହେବା ଏବଂ ଅଚେତ ହେବାର ମାଧ୍ୟମ ଏହି ବୁଦ୍ଧ ହିଁ ହୋଇଥାଏ । ଯିଏ କି ସବୁଥିରେ ଅବ୍ୟକ୍ତ ରହି ମଧ୍ୟ ଦୃଷ୍ଟି ଗୋଚର ହୋଇନଥାଏ ।

**ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।**
**ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ॥୧୯॥**

ହେ ପାର୍ଥ ! ସମ୍ପୂର୍ଣ୍ଣ ପ୍ରାଣୀ ଏହିପରି ଜାଗ୍ରତ ହୋଇ ପ୍ରକୃତି ଦ୍ୱାରା ବିବଶ ହୋଇ ଅବିଦ୍ୟାରୂପୀ ରାତ୍ରି ଆସିବା ପରେ ଅଚେତ ହୋଇଯାଆନ୍ତି । ସେମାନେ ଦେଖିପାରନ୍ତି ନାହିଁ ଯେ, ଆତ୍ମର ଲକ୍ଷ କ'ଣ ? ଦିନର ପ୍ରବେଶ କାଳରେ ସେମାନେ ପୁନଃ ଜାଗ୍ରତ ହୋଇଯାଆନ୍ତି । ଯେଉଁ ପର୍ଯ୍ୟନ୍ତ ବୁଦ୍ଧି ରହିଛି, ସେ ପର୍ଯ୍ୟନ୍ତ ଏହାର ଅନ୍ତରାଳରେ ବିଦ୍ୟା ଓ ଅବିଦ୍ୟାର କ୍ରମ ଲାଗିଥାଏ । ସେ ପର୍ଯ୍ୟନ୍ତ ସେ ସାଧକ ହିଁ ରହିଥାଏ, ମହାପୁରୂଷ ନୁହଁ ।

**ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ ସନାତନଃ ।**

**ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍‌ସୁ ନ ବିନଶ୍ୟତି ॥୨୦॥**

ବ୍ରହ୍ମା ଅର୍ଥାତ୍ ବୁଦ୍ଧି ଅବ୍ୟକ୍ତ ଅଟେ, ଇନ୍ଦ୍ରିୟ ଦ୍ୱାରା ଦୃଷ୍ଟିଗୋଚର ହୋଇନଥାଏ ଏବଂ ଏହାଠାରୁ ମଧ୍ୟ ଊର୍ଦ୍ଧ୍ୱରେ ସନାତନ ଅବ୍ୟକ୍ତ ଭାବ ରହିଛି । ଯାହାକି ଭୂତ-ପ୍ରାଣୀ ନଷ୍ଟ ହେବା ପରେ ମଧ୍ୟ ନଷ୍ଟ ହୋଇନଥାଏ । ଅର୍ଥାତ୍ ବିଦ୍ୟାରୋ ସଚେତ ଏବଂ ଅବିଦ୍ୟାରେ ଅଚେତ, ଦିନରେ ଉତ୍ପନ୍ନ ଏବଂ ରାତ୍ରିରେ ବିଲୟ । ଭାବଯୁକ୍ତ ଅବ୍ୟକ୍ତ ବ୍ରହ୍ମାଙ୍କ ବିଲୟ ହୋଇଯିବା ପରେ ସେହି ସନାତନ ଅବ୍ୟକ୍ତଭାବ ପ୍ରାପ୍ତ ହୋଇଥାଏ । ଯାହାକି ନଷ୍ଟ ହୁଏ ନାହିଁ । ବୁଦ୍ଧିର ଅନ୍ତରାଳରେ ହେଉଥିବା ଉକ୍ତ ଉଭୟ ହ୍ରାସ-ବୃଦ୍ଧି ଯେବେ ବିନାଶ ହୋଇଯାଇଥାଏ । ତେବେ ସନାତନ ଅବ୍ୟକ୍ତଭାବ ପ୍ରାପ୍ତ ହୋଇଥାଏ । ଯାହାକି ମୋର ପରମଧାମ ଅଟେ । ଯେତେବେଳେ ସନାତନ ଅବ୍ୟକ୍ତ ଭାବ ପ୍ରାପ୍ତ ହୋଇଗଲା, ତେବେ ବୁଦ୍ଧି ମଧ୍ୟ ସେହି ଭାବରେ ରଞ୍ଜିତ ହୋଇଯାଇଥାଏ । ସେହି ଭାବରେ ପରିଣତ ହୋଇଯାଇଥାଏ । ତେଣୁକରି ସେହି ବୁଦ୍ଧି ସ୍ୱୟଂ ତ ବିନାଶ ହୋଇଯାଇଥାଏ ଏବଂ ସେହି ସ୍ଥାନରେ ସନାତନ ଅବ୍ୟକ୍ତ ଭାବ ହିଁ ଶେଷ ବାକି ରହିଥାଏ ।

**ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।**
**ୟଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ୍ ପରମଂ ମମ ॥୨୧॥**

ସେହି ସନାତନ ଅବ୍ୟକ୍ତ ଭାବକୁ ଅକ୍ଷର ଅର୍ଥାତ୍ ଅବିନାଶୀ କୁହାଯାଇଥାଏ । ତାହାକୁ ହିଁ ପରମଗତି କୁହାଯାଏ । ତାହା ହିଁ ମୋର ପରମଧାମ ଅଟେ । ଯାହାକୁ ପ୍ରାପ୍ତ ହେବା ପରେ ମନୁଷ୍ୟ ପଛକୁ ଆସିନଥାନ୍ତି ଅର୍ଥାତ୍ ତାହାଙ୍କ ପୁନର୍ଜନ୍ମ ହୋଇନଥାଏ । ଏହି ସନାତନ ଅବ୍ୟକ୍ତ ଭାବର ପ୍ରାପ୍ତ ନିମନ୍ତେ ଏହାର ବିଧାନ ପ୍ରତିପାଦନ କରୁଛନ୍ତି-

**ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।**
**ୟସ୍ୟାନ୍ତଃ ସ୍ଥାନି ଭୂତାନି ୟେନ ସର୍ବମିଦଂ ତତମ୍ ॥୨୨॥**

ହେ ପାର୍ଥ ! ଯେଉଁ ପରମାତ୍ମାଙ୍କ ଅନ୍ତର୍ଗତ ସମ୍ପୂର୍ଣ୍ଣଭୂତ ରହିଛନ୍ତି, ଯାହାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଜଗତ ପରିବ୍ୟାପ୍ତ, ସନାତନ ଅବ୍ୟକ୍ତ ଭାବଯୁକ୍ତ ସେହି ପରମପୁରୁଷ ଅନନ୍ୟ ଭକ୍ତି ଦ୍ୱାରା ପ୍ରାପ୍ତ ହେବା ଯୋଗ୍ୟ ହୋଇଥାନ୍ତି । ଅନନ୍ୟ ଭକ୍ତିର ତାତ୍ପର୍ଯ୍ୟ ଯେ, ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କାହାକୁ ସ୍ମରଣ ନକରି ସେଥିରେ ଐକ୍ୟଭାବ ହେବା । ଅନନ୍ୟ ଭାବରେ ଲାଗିଥିବା ପୁରୁଷ କେତେ ଦିନ ପର୍ଯ୍ୟନ୍ତ ପୁନର୍ଜନ୍ମର ସୀମାରେ ରହିଥାନ୍ତି ଏବଂ କେବେ ସେ ପୁନର୍ଜନ୍ମର ସୀମାକୁ ଅତିକ୍ରମଣ କରିଯାଆନ୍ତି ? ଏହା ଉପରେ ଯୋଗେଶ୍ୱର କହୁଛନ୍ତି-

**ଯତ୍ର କାଲେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ଯୋଗିନଃ ।**
**ପ୍ରୟାତା ଯାନ୍ତି ତଂ କାଲଂ ବକ୍ଷ୍ୟାମି ଭରତର୍ଷଭ ।।୨୩।।**

ହେ ଅର୍ଜୁନ ! ଯେଉଁ କାଳରେ ଶରୀର ତ୍ୟାଗକରି ଚାଲିଯାଇଥିବା ଯୋଗୀମାନେ ପୁନର୍ଜନ୍ମକୁ ପ୍ରାପ୍ତ ହୋଇନଥାନ୍ତି ଏବଂ ଯେଉଁ କାଳରେ ଶରୀର ତ୍ୟାଗ କରିବା ଦ୍ୱାରା ପୁନର୍ଜନ୍ମ ପ୍ରାପ୍ତ ହୋଇଥାନ୍ତି । ମୁଁ ବର୍ତ୍ତମାନ ସେହି କାଳର ବର୍ଣ୍ଣନ କରୁଛି–

**ଅଗ୍ନିର୍ଜ୍ୟୋତିରହଃ ଶୁକ୍ଲଃ ଷଣ୍ମାସା ଉତ୍ତରାୟଣମ୍ ।**
**ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ।।୨୪।।**

ଶରୀର ସମ୍ବନ୍ଧକୁ ତ୍ୟାଗ କରିବା ସମୟରେ ଯାହାର ସମ୍ମୁଖରେ ଜ୍ୟୋତିର୍ମୟ ଅଗ୍ନି ଜଳୁଥିବ, ଦିନର ପ୍ରକାଶ ରହିଥିବ, ସୂର୍ଯ୍ୟ ଦେଦୀପ୍ୟମାନ ଥିବ, ଶୁକ୍ଳପକ୍ଷର ଚନ୍ଦ୍ର ବଢୁଥିବ, ଉତ୍ତାରାୟଣର ନିରଭ୍ର ଓ ସୁନ୍ଦର ଆକାଶ ହୋଇଥିବ । ସେହିକାଳରେ ପ୍ରୟାଣ କରୁଥିବା ବ୍ରହ୍ମବେତ୍ତା ଯୋଗୀଜନ ବ୍ରହ୍ମଙ୍କୁ ପ୍ରାପ୍ତ କରିଥାନ୍ତି ।

ଅଗ୍ନି ବ୍ରହ୍ମ ତେଜର ପ୍ରତୀକ ଅଟେ । ଦିନ ବିଦ୍ୟାର ପ୍ରକାଶ ଅଟେ । ଶୁକ୍ଳପକ୍ଷ ନିର୍ମଳତାର ଦ୍ୟୋତକ ଅଟେ । ବିବେକ, ବୈରାଗ୍ୟ, ଶମ, ଦମ, ତେଜ ଓ ପ୍ରଜ୍ଞା ଏହିସବୁ ଷଡୈଶ୍ୱର୍ଯ୍ୟ ହିଁ ଷଣମାସ ଅର୍ଥାତ୍ ଷଡ଼ମାସ ଅଟେ । ଊର୍ଦ୍ଧ୍ୱରେତା ସ୍ଥିତି ହିଁ ଉତ୍ତରାୟଣ ଅଟେ । ପ୍ରକୃତିରୁ ସର୍ବଥା ପରେ ଏହି ଅବସ୍ଥାରେ ଯାଇଥିବା ବ୍ରହ୍ମ ବେତ୍ତା ଯୋଗୀଜନ ବ୍ରହ୍ମକୁ ପ୍ରାପ୍ତ ହୋଇଥାନ୍ତି । ତାହାଙ୍କ ପୁର୍ନଜନ୍ମ ହୋଇନଥାଏ କିନ୍ତୁ ଅନନ୍ୟ ଚିତ୍ତ ଦ୍ୱାରା ଲାଗିଥିବା ଯୋଗୀଜନ ଯଦି ଏହି ଆଲୋକକୁ ପ୍ରାପ୍ତ ନକରି ପାରନ୍ତି, ଯାହାଙ୍କ ସାଧନା ବର୍ତ୍ତମାନ ପୂର୍ଣ୍ଣ ହୋଇନାହିଁ, ତାହାଙ୍କ କିପରି ଗତି ହୋଇଥାଏ ? ଏହାର ପୁନଃ ବାଖ୍ୟା କରି କହୁଛନ୍ତି–

**ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।**
**ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ।।୨୫।।**

ଯାହାର ପ୍ରୟାଣକାଳରେ ଧୂଆଁ ବ୍ୟାପି ରହିଥିବ, ଯୋଗାଗ୍ନି ଥିବ (ଅଗ୍ନି ଯଜ୍ଞ ପ୍ରକ୍ରିୟାରେ ପ୍ରାପ୍ତ ହୋଇଥିବ ଅଗ୍ନିର ସ୍ୱରୂପ ଅଟେ) କିନ୍ତୁ ଧୂଆଁ ଦ୍ୱାରା ଆବୃତ ହୋଇଥିବ, ଅବିଦ୍ୟାର ରାତ୍ରୀ ହୋଇଥିବ, ଅନ୍ଧାର ହୋଇଥିବ, କୃଷ୍ଣ ପକ୍ଷ ଚନ୍ଦ୍ରମା କ୍ଷୀଣ ହୋଇଥିବ, କାଳିମାର ବାହୁଲ୍ୟ ରହିଥିବ, ଷଡ଼ବିକାର (କାମ,କ୍ରୋଧ,ଲୋଭ, ମୋହ, ମଦ ଏବଂ ମାତ୍ସର୍ଯ୍ୟ)ଯୁକ୍ତ ଦକ୍ଷିଣାୟନ ଅର୍ଥାତ୍ ବହିର୍ମୁଖୀ ହୋଇଥିବ, ଯାହା ପରମାତ୍ମାଙ୍କ ପ୍ରବେଶରୁ ବର୍ତ୍ତମାନ ବାହାରେ । ସେହି ଯୋଗୀଙ୍କୁ ପୁନଃ ଜନ୍ମ ନେବାକୁ ପଡ଼ିଥାଏ । ତେବେ କଣ ଶରୀର ସହିତ ସେହି ଯୋଗୀଙ୍କ ସାଧନା

ସମାପ୍ତ ହୋଇଯାଏ ? ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପୁନଃ କହୁଛନ୍ତି–

**ଶୁକ୍ଳ କୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ ।**
**ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତ୍ତତେ ପୁନଃ ॥୨୬॥**

ଉପରୋକ୍ତ ଶୁକ୍ଳ ଏବଂ କୃଷ୍ଣ ଉଭୟ ପ୍ରକାରର ଗତି ଜଗତରେ ଶାଶ୍ୱତ ଅଟେ । ଅର୍ଥାତ୍ କରିଥିବା ସାଧନ କେବେ ବିନାଶ ହୋଇନଥାଏ । ଜଣେ ଶୁକ୍ଳ ଅବସ୍ଥାରେ ପ୍ରୟାଣ କରୁଥିବା ପୁରୁଷ ପଛକୁ ନ ଆସୁଥିବା ପରମଗତିକୁ ପ୍ରାପ୍ତ ହୋଇଥାନ୍ତ ଏବଂ ଅନ୍ୟ ଅବସ୍ଥା,ଯେଉଁଥିରେ କ୍ଷୀଣ ପ୍ରକାଶ ଏବଂ କାଳିମା ରହିଛି, ଏପରି ଅବସ୍ଥାକୁ ଯାଇଥିବା ପୁରୁଷ ପୁନଃ ଜନ୍ମ ନେଇଥାଏ । ଯେଉଁ ପର୍ଯ୍ୟନ୍ତ ପୁର୍ଣ୍ଣ ପ୍ରକାଶ ମିଳି ନାହିଁ, ସେ ପର୍ଯ୍ୟନ୍ତ ତାକୁ ଭଜନ ହିଁ କରିବା ଆବଶ୍ୟକ । ପ୍ରଶ୍ନ ପୁରା ହେଲା, ବର୍ତ୍ତମାନ ଏହା ନିମନ୍ତେ ସାଧନ ଉପରେ ପୁନଃ କହୁଛନ୍ତି–

**ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।**
**ତସ୍ମାତ୍ ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ ॥୨୭॥**

ହେ ପାର୍ଥ ! ଏହିପରି ଏହି ମାର୍ଗକୁ ଜାଣି କୌଣସି ଯୋଗୀ ମୋହିତ ହୁଅନ୍ତି ନାହିଁ, ସେ ଜାଣିଥାନ୍ତି ଯେ ପୂର୍ଣ୍ଣ ପ୍ରକାଶ ପାଇବା ପରେ ହିଁ ବ୍ରହ୍ମକୁ ପ୍ରାପ୍ତ ହେବ ଏବଂ କ୍ଷୀଣ ପ୍ରକାଶ ରହିଲେ ପୁନଃ ଜନ୍ମ ପ୍ରାପ୍ତ ହୋଇ ସାଧନା କରିବାକୁ ପଡିଥାଏ । କରିଥିବା ସାଧନ କେବେ ମଧ୍ୟ ନାଶ ହୋଇନଥାଏ । ଉଭୟ ଗତି ଶାଶ୍ୱତ ଅଟେ । ଅତଃ ହେ ଅର୍ଜୁର୍ନ ! ତୁମେ ସଦାସର୍ବଦା ଯୋଗଯୁକ୍ତ ହୋଇ ନିରନ୍ତର ସାଧନ କର ।

**ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ**
**ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍ ।**
**ଅତ୍ୟେତି ତତ୍ ସର୍ବମିଦଂ ବିଦିତ୍ୱା**
**ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ॥୨୮॥**

ଏହାକୁ ସାକ୍ଷାତ୍‌କାର ସହିତ ଜାଣି, (ମାନିକରି ନାହିଁ ) ଜାଣିକରି ଯୋଗୀ ବେଦ, ଯଜ୍ଞ, ତପ ଓ ଦାନର ପୂଣ୍ୟଫଳକୁ ନିଃସନ୍ଦେହ ଅତିକ୍ରମଣ କରିଥାନ୍ତି ଏବଂ ସନାତନ ପରମ ପଦକୁ ପ୍ରାପ୍ତ ହୋଇଥାନ୍ତି । ଅବିଦିତ ପରମାତ୍ମାଙ୍କ ସାକ୍ଷାତ ଜାନକାରୀର ନାମ ହିଁ ବେଦ ଅଟେ । ସେହି ଅବିଦିତ ତତ୍ତ୍ୱ, ଯେତବେଳେ ବିଦିତ ହିଁ ହୋଇଗଲା, ତେବେ ବର୍ତ୍ତମାନ କିଏ ବା କାହାକୁ ଜାଣିବ ? ଅତଃ ବିଦିତ ହେବା ପରେ ବେଦର ମଧ୍ୟ ପ୍ରୟୋଜନ ସମାପ୍ତ ହୋଇଯାଇଥାଏ । କାରଣ ଜାଣିବା ବ୍ୟକ୍ତି ସେଥିରୁ ଭିନ୍ନ ହୋଇ ରହିନଥାଏ । ଯଜ୍ଞ ଅର୍ଥାତ୍ ଆରାଧନାର ନିୟତ କ୍ରିୟା ଆବଶ୍ୟକ ଥିଲା, କିନ୍ତୁ ଯେବେ ଏହି ତତ୍ତ୍ୱ ବିଦିତ ହୋଇଗଲା, ତେବେ କାହା ନିମନ୍ତେ ଭଜନ କରିବା ?

ମନ ସହିତ ଇନ୍ଦ୍ରିୟଙ୍କୁ ଲକ୍ଷର ଅନୁରୂପ ତପାଇବା ହିଁ ତପ ଅଟେ । ଲକ୍ଷ ପ୍ରାପ୍ତ ହୋଇଗଲା ପରେ କ'ଣ ପାଇବା ନିମନ୍ତେ ତପ କରିବା ? ମନ ବଚନ ଓ କର୍ମ ଦ୍ୱାରା ସର୍ବତୋଭାବେନ ସମର୍ପଣର ନାମହିଁ ଦାନ ଅଟେ । ଏହି ସବୁର ପୁଣ୍ୟ ଫଳ ହିଁ ପରମାତ୍ମାଙ୍କ ପ୍ରାପ୍ତି । ଫଳ ମଧ୍ୟ ବର୍ତ୍ତମାନ ଅଲଗା ନାହିଁ । ଅତଃ ଏହିସବୁର ବର୍ତ୍ତମାନ ଆବଶ୍ୟକତା ରହିବ ନାହିଁ । ସେହି ଯୋଗୀ ଯଜ୍ଞ, ତପ, ଦାନ ଇତ୍ୟାଦି ଫଳକୁ ମଧ୍ୟ ପାର କରିଯାଇଥାନ୍ତି । ସେ ପରମ ପଦକୁ ପ୍ରାପ୍ତ ହୋଇଥାନ୍ତି ।

## –ନିଷ୍କର୍ଷ–

ଏହି ଅଧ୍ୟାୟରେ ପାଞ୍ଚଟି ପ୍ରମୁଖ ବିନ୍ଦୁ ଉପରେ ବିଚାର କରାଯାଇଛି । ଯେଉଁଥିରେ ସର୍ବ ପ୍ରଥମ ସପ୍ତମ ଅଧ୍ୟାୟର ଶେଷରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଦ୍ୱାରା ବୀଜାରୋପିତ ପ୍ରଶ୍ନକୁ ସ୍ପଷ୍ଟ ବୁଝାଇବାର ଜିଜ୍ଞାସା ଦ୍ୱାରା ଏହି ଅଧ୍ୟାୟର ପ୍ରାରମ୍ଭରେ ଅର୍ଜୁନ ସାତୋଟି ପ୍ରଶ୍ନ କରିଥିଲେ– ଭଗବାନ ! ଯାହା ଆପଣ କହିଲେ(୧) ସେହି ବ୍ରହ୍ମ କ'ଣ ?(୨) ସେହି ଅଧ୍ୟାତ୍ମ କ'ଣ ?(୩) ସେହି ସମ୍ପୂର୍ଣ୍ଣ କର୍ମ କ'ଣ ?(୪) ସେହି ଅଧିଦୈବ କ'ଣ ?(୫) ଅଧିଭୂତ କ'ଣ ? (୬) ଏବଂ ଅଧିଯଜ୍ଞ କ'ଣ ? (୭) ଅନ୍ତକାଳରେ ଆପଣ କେଉଁ ପ୍ରକାରେ ଜାଣିବାରେ ଆସିଥାନ୍ତିଯେ, କେବେ ବିସ୍ମୃତି ହୋଇନଥାଏ । ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ଯେ ଯାହାର ବିନାଶ ହୋଇନଥାଏ, ସେ ହିଁ 'ପରବ୍ରହ୍ମ' । ସ୍ୱୟଂର ଉପଲବ୍ଧି ହୋଇଥିବା ପରମଭାବ ହିଁ ଅଧ୍ୟାତ୍ମ । ଯେଉଁଥିରୁ ଜୀବ ମାୟାର ଆଧିପତ୍ୟରୁ ବାହାରି ଆତ୍ମାର ଆଧିପତ୍ୟରେ ହୋଇଯାଇଥାଏ, ସେ ହିଁ ଅଧ୍ୟାତ୍ମ ଅଟେ ଏବଂ ଭୂତଙ୍କ ସେହି ଭାବ ଯାହା ଶୁଭ ତଥା ଅଶୁଭ ସଂସ୍କାରର ଉତ୍ପନ୍ନ କରିଥାଏ, ସେହି ଭାବ ଅଟକିଯିବା, 'ବିସର୍ଗ' ଅର୍ଥାତ୍ ବିଲୟ ହୋଇଯିବା ହିଁ କର୍ମର ପୂର୍ଣ୍ଣତା । ଏହା ପରେ କର୍ମ କରିବାର ଆବଶ୍ୟକ ରହିନଥାଏ । କର୍ମ ଏପରି କୌଣସି ବସ୍ତୁ, ଯାହାକି ସଂସ୍କାରର ଉଦ୍‌ଗମକୁ ବିନାଶ କରିଦେଇଥାଏ ।

ଏହିପରି କ୍ଷରଭାବ ହିଁ ଅଧିଭୂତ । ଅର୍ଥାତ୍ ନଷ୍ଟ ହେଉଥିବା ଭୂତ ପ୍ରାଣୀଙ୍କୁ ଉତ୍ପନ୍ନ କରିବାରେ ମାଧ୍ୟମ ଅଟେ । ସେ ହିଁ ଭୂତଙ୍କ ଅଧିଷ୍ଠାତା ଅଟନ୍ତି । ପରମ ପୁରୁଷ ହିଁ ଅଧିଦୈବ । ସେଥିରେ ଦୈବ ସମ୍ପଦ ବିଲୀନ ହୋଇଯାଏ । ଏହି ଶରୀରରେ ମୁଁ ହିଁ ଅଧିଯଜ୍ଞ । ଅର୍ଥାତ୍ ଯେଉଁଥିରେ ଯଜ୍ଞ ବିଲୟ ହୋଇଥାଏ । ସେ ମୁଁ ହିଁ ଅଟେ । ଯଜ୍ଞର ଅଧିଷ୍ଠାତା ଅଟେ । ସେ ମୋର ସ୍ୱରୂପକୁ ହିଁ ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ । ଅଧିଯଜ୍ଞ ଏପରି କୌଣସି ଏକ ପୁରୁଷ ଯିଏ କି ଏହି ଶରୀରରେ ହିଁ ରହିଥାନ୍ତି, ବାହାରେ ନାହିଁ । ଅନ୍ତିମ ପ୍ରଶ୍ନ ଥିଲା ଯେ ଅନ୍ତ ସମୟରେ ଆପଣ

କିପରି ଜାଣିବାରେ ଆସିଥନ୍ତି । ସେ କହିଲେ– ଯିଏ ମୋର ନିରନ୍ତର ସ୍ମରଣ କରିଥାନ୍ତି, ମୋର ବ୍ୟତୀତ ଅନ୍ୟ କୌଣସି ବିଷୟବସ୍ତୁର ଚିନ୍ତନ ଆସିବାକୁ ଦିଅନ୍ତି ନାହିଁ ଏବଂ ଏପରି କରି କରି ଶରୀରର ସମ୍ବନ୍ଧକୁ ମଧ ତ୍ୟାଗ କରି ଦେଇଥାନ୍ତି, ସେମାନେ ମୋର ସାକ୍ଷାତ ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି, ଯାହାକୁ ଶେଷରେ ମଧ ତାହା ହିଁ ପ୍ରାପ୍ତ ହୋଇଥାଏ । ଶରୀରର ମୃତ୍ୟୁ ସହିତ ହିଁ ଏହା ଉପଲବ୍ଧି ହୋଇଥାଏ, ଏପରି କିଛି ନିଶ୍ଚୟ ନୁହଁ । ଯଦି ମୃତ୍ୟୁ ପରେ ହିଁ ମିଳିଥାନ୍ତି, ତେବେ ଶ୍ରୀକୃଷ୍ଣ ପୂର୍ଣ୍ଣ ହୋଇନଥାନ୍ତେ । ଅନେକ ଜନ୍ମରୁ ଚାଲିକରି ପ୍ରାପ୍ତ କରିଥିବା ଜ୍ଞାନୀ ତାହାଙ୍କ ସ୍ୱରୂପ ହୋଇନଥାନ୍ତି । ମନର ସର୍ବଥା ନିରୋଧ ଏବଂ ନିରୁଦ୍ଧ ମନର ବିଲୟ ହିଁ ଅନ୍ତକାଳ ଅଟେ । ଯେଉଁଠାରେ ପୁନଃ ଶରୀର ଉତ୍ପତ୍ତିର ମାଧ୍ୟମ ଶାନ୍ତ ହୋଇଯାଇଥାଏ । ସେହି ସମୟରେ ସେ ପରମ ଭାବରେ ପ୍ରବେଶ ପାଇଯାଆନ୍ତି । ତାହାଙ୍କ ପୁନଃ ଜନ୍ମ ହୋଇନଥାଏ ।

ଏହି ପ୍ରାପ୍ତି ନିମନ୍ତେ ସେ ସ୍ମରଣର ବିଧାନ କହିଲେ– ହେ ଅର୍ଜୁନ ! ନିରନ୍ତର ମୋର ସ୍ମରଣ କର ଏବଂ ଯୁଦ୍ଧ କର । ଦୁଇଟି ଗୋଟିଏ ସାଥିରେ କିପରି ହେବ ? କଦାଚିତ୍ ଏପରି ହୋଇପାରେ ଯେ ଜୈ କହ୍ନେୟାଲାଲକୀ, ଜୟ ଭଗବାନକୀ ଏପରି କହୁଥିବ ଏବଂ ବାଣ ମଧ ଚଲାଉଥିବ । କିନ୍ତୁ ଏପରି ନୁହଁ । ସ୍ମରଣ ର ସ୍ୱରୂପ ସ୍ପଷ୍ଟ କଲେ ଯେ, ଯୋଗ ଧାରଣାରେ ସ୍ଥିର ରହି, ମୋ ବ୍ୟତୀତ ଅନ୍ୟ କାହାର ସ୍ମରଣ ନକରି ନିରନ୍ତର ସ୍ମରଣ କର । ଯେବେ ସ୍ମରଣ ଏତେ ସୂକ୍ଷ୍ମ, ତେବେ ଯୁଦ୍ଧ କିଏ କରିବ ? ଧରି ନିଅନ୍ତୁ ଯେ, ଏହି ପୁସ୍ତକ ଭଗବାନ ଅଟେ । ତେବେ ଏହରା ଆଖପାଖର ବସ୍ତୁ, ସାମନାରେ ବସିଥିବା ଲୋକ କିମ୍ବା ଅନ୍ୟ ଦେଖିଥିବା ଓ ଶୁଣିଥିବା କୌଣସି ବସ୍ତୁ ସଙ୍କଳ୍ପରେ ମଧ ନଆସୁ, ତାହା ଉପରେ ଦୃଷ୍ଟିପାତ ମଧ ନହେଉ, ଯଦି ଦେଖାଯାଉଥିବ, ତେବେ ସ୍ମରଣ ଠିକ୍‌ରେ ହେଉନାହିଁ । ଏପରି ସ୍ମରଣ ହେଲେ ଯୁଦ୍ଧ କିପରି ହେବ ? ବସ୍ତୁତଃ ଯେବେ ଆପଣ ଏପରି ନିରନ୍ତର ସ୍ମରଣରେ ପ୍ରବୃତ୍ତ ହେବେ, ସେହି କ୍ଷଣ ଯୁଦ୍ଧର ସଠିକ୍ ସ୍ୱରୂପ ସାମନାରେ ଉପସ୍ଥିତ ହେବ । ସେହି ସମୟରୋ ମାୟିକ ପ୍ରବୃତ୍ତି ବାଧା ରୂପରେ ପ୍ରତ୍ୟକ୍ଷ ହୋଇଥାଏ । କାମ–କ୍ରୋଧ, ରାଗ–ଦ୍ୱେଷ, ଆଦି ଦୁର୍ଜୟ ଶତ୍ରୁ ଅଟନ୍ତି । ଏହି ଶତ୍ରୁ ଆପଣଙ୍କୁ ସ୍ମରଣ କରିବାକୁ ଦେବେ ନାହିଁ । ତାହାଙ୍କ ଠାରୁ ବିଜୟ ପ୍ରାପ୍ତ କରିବା ହିଁ ଯୁଦ୍ଧ ଅଟେ । ଏହି ଶତ୍ରୁମାନେ ବିନାଶ ହୋଇଗଲା ପରେ ହିଁ ବ୍ୟକ୍ତି ପରମଗତି ପ୍ରାପ୍ତ ହୋଇଥାଏ । ଏହି ପରମଗତିକୁ ପାଇବା ନିମନ୍ତେ ହେ ଅର୍ଜୁନ ! ତୁମେ ଓମ୍ ଜପକର ଏବଂ ମୋର ଧ୍ୟାନ କର । ଅର୍ଥାତ୍ ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ । ନାମ ଓ ରୂପ ଆରାଧନାର ଚାବି ଅଟେ ।

ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି ପ୍ରଶ୍ନକୁ ମଧ ନେଲେ ଯେ ପୁନର୍ଜନ୍ମ କଣ ?

ସେଥିରେ କିଏ କିଏ ଆସନ୍ତି ? ସେ କହିଲେ- ବ୍ରହ୍ମାଠାରୁ ପ୍ରାରମ୍ଭ କରି କୀଟ-ପତଙ୍ଗାଦି ପର୍ଯ୍ୟନ୍ତ ଜଗତ ପୁନରାବର୍ତ୍ତିରେ ଆସିଥାନ୍ତି । ଏହି ସମସ୍ତଙ୍କର ସମାପ୍ତ ହୋଇ ଗଲା ପରେ ମଧ ମୋର ପରମ ଅବ୍ୟକ୍ତ ଭାବ ତଥା ସେଥିରେ ସ୍ଥିତି ସମାପ୍ତ ହୋଇନଥାଏ । ଏହି ଯୋଗରେ ପ୍ରବିଷ୍ଟ ପୁରୁଷଙ୍କ ଦୁଇ ପ୍ରକାର ଗତି ହୁଏ, ଯିଏ ପୂର୍ଣ୍ଣ ପ୍ରକାଶକୁ ପ୍ରାପ୍ତ ଷଡେୈଶ୍ୱର୍ଯ୍ୟ ସମ୍ପନ୍ନ ଉର୍ଦ୍ଧ୍ୱରେତା, ଯାହାଠାରେ ଲେଶମାତ୍ର ଅଭାବ ନଥାଏ, ସେ ପରମ ଗତିକୁ ପ୍ରାପ୍ତ ହୋଇଥାନ୍ତି । ଯଦି ସେହି ଯୋଗକର୍ତ୍ତାଙ୍କ ଠାରେ ଲେଶମାତ୍ର ଅଭାବ ରହିଛି, କୃଷ୍ଣପକ୍ଷର କାଳିମାର ସଞ୍ଚାର ରହିଛି, ଏପରି ଅବସ୍ଥାରେ ହିଁ ଶରୀରର ସମୟ ସମାପ୍ତ ହେଉଥିବା ଯୋଗୀଙ୍କୁ ଜନ୍ମ ନେବାକୁ ପଡ଼ିଥାଏ । ସେ ସାମାନ୍ୟ ଜୀବଙ୍କ ପରି ଜନ୍ମ-ମରଣର ଚକ୍ରରେ ଆସିନଥାନ୍ତି । ବରଂ ଜନ୍ମ ନେଇ ତାହାଠାରୁ ଆଗକୁ ରହିଥିବା ଶେଷ ସାଧନାକୁ ସମ୍ପୂର୍ଣ୍ଣ କରିଥାନ୍ତି ।

ଏହିପରି ଆସନ୍ତା ଜନ୍ମରେ ସେହି କ୍ରିୟାରେ ଚାଲି ସେ ମଧ ସେଠାରେ ପହଞ୍ଚିଯାଇଥାନ୍ତି, ଯାହାର ନାମ ପରମ ଧାମ ଅଟେ । ପର୍ବରୁ ମଧ ଶ୍ରୀକୃଷ୍ଣ କହିଆସିଛନ୍ତି ଯେ ଏହାର ଅଳ୍ପ ସାଧନ ମଧ ଜନ୍ମ ମରଣର ମହାନ୍ ଭୟରୁ ଉଦ୍ଧାର କରି ହିଁ ଛାଡ଼ିଥାଏ । ଉଭୟ ରାସ୍ତା ଶାଶ୍ୱତ ଏବଂ ଅକ୍ଷୟ ଅଟେ । ଏହାକୁ ବିଚାର କରି କୌଣସି ପୁରୁଷ ଯୋଗରୁ ବିଚଳିତ ହୋଇନଥାନ୍ତି । ହେ ଅର୍ଜୁନ ! ତୁମେ ଯୋଗୀ ହୁଅ । ବେଦ, ଯଜ୍ଞ, ତପ, ଦାନର ପୁଣ୍ୟ ଫଳକୁ ମଧ ଯୋଗୀ ଉଲ୍ଲଂଘନ କରି ଯାଇଥାନ୍ତି । ପରମ ଗତିକୁ ପ୍ରାପ୍ତ ହୋଇଥାନ୍ତି । ଏହି ଅଧ୍ୟାୟରେ ସ୍ଥାନସ୍ଥାନରେ ପରମଗତିର ଚିତ୍ରଣ କରାଯାଇଛି, ଯାହାକୁ ଅବ୍ୟକ୍ତ ଅକ୍ଷୟ ଏବଂ ଅକ୍ଷୟର କହି ସମ୍ବୋଧିତ କରାଯାଇଛି, ଯାହାର କେବେ କ୍ଷୟ ଅର୍ଥାତ୍ ବିନାଶ ହୋଇନଥାଏ ।

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଅକ୍ଷର ବ୍ରହ୍ମଯୋଗ' ନାମ ଅଷ୍ଟମୋଽଧ୍ୟାୟ ॥୮॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଅକ୍ଷୟ ବ୍ରହ୍ମଯୋଗ' ନାମ ଅଷ୍ଟମୋଽଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ଅକ୍ଷର ବ୍ରହ୍ମଯୋଗ' ନାମ ଅଷ୍ଟମୋଽଧ୍ୟାୟ ॥୮॥**

**॥ ହରି ଓଁ ତତ୍ସତ୍ ॥**

ॐ

## ଶ୍ରୀ ପରମାତ୍ମନେ ନମଃ

# ଅଥ ନବମୋଽଧ୍ୟାୟଃ

ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ ଯୋଗ ବିଷୟରେ କ୍ରମବଦ୍ଧ ବିଶ୍ଳେଷଣ କଲେ । ଯାହାର ଶୁଦ୍ଧ ଅର୍ଥ ଥିଲା ଯଜ୍ଞର ପ୍ରକ୍ରିୟା । ଯଜ୍ଞ ସେହି ପରମରେ ପ୍ରବେଶ କରାଉଥିବା ଆରାଧନାର ବିଧି ବିଶେଷର ଚିତ୍ରଣ ଅଟେ । ଯେଉଁଥିରେ ଚରାଚର ଜଗତ ହବନ ସାମଗ୍ରୀ ରୂପରେ ରହିଥାଏ । ମନର ନିରୋଧ ଏବଂ ନିରୋଧ ମନର ମଧ୍ୟ ବିଲୟ କାଳରେ ସେହି ଅମୃତ ତତ୍ତ୍ୱ ବିଦିତ ହୋଇଯାଇଥାଏ । ପୂର୍ତ୍ତିକାଳରେ ଯଜ୍ଞ ଯାହାକୁ ସୃଷ୍ଟି କରିଥାଏ, ତାହାକୁ ପାନ କରୁଥିବା ବ୍ୟକ୍ତି ହିଁ ଜ୍ଞାନୀ ଅଟନ୍ତି ଏବଂ ସେ ସନାତନ ବ୍ରହ୍ମରେ ପ୍ରବେଶ ପାଇଯାଉଥାନ୍ତି । ସେହି ମିଳନର ନାମ ହିଁ ଯୋଗ ଅଟେ । ସେହି ଯଜ୍ଞକୁ କାର୍ଯ୍ୟରୂପ ଦେବା ହିଁ କର୍ମ ଅଟେ । ସପ୍ତମ ଅଧ୍ୟାୟରେ ସେ କହିଲେ– ଏହି କର୍ମକୁ କରୁଥିବା ବ୍ୟକ୍ତି ବ୍ୟାପ୍ତି ବ୍ରହ୍ମ, ସମ୍ପୂର୍ଣ୍ଣ କର୍ମ, ସମ୍ପୂର୍ଣ୍ଣ ଅଧ୍ୟାତ୍ମ, ଅଧିଭୂତ, ଅଧିଦୈବ ଏବଂ ଅଧିଯଜ୍ଞ ସହିତ ମୋତେ ଜାଣିଥାନ୍ତି । ଅଷ୍ଟମ ଅଧ୍ୟାୟରେ ସେ କହିଲେ– ଏହା ହିଁ ପରମଗତି ଏବଂ ପରମଧାମ ମଧ୍ୟ ଅଟେ ।

ପ୍ରସ୍ତୁତ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ୱୟଂ ଚର୍ଚ୍ଚାକଲେ ଯେ ଯୋଗଯୁକ୍ତ ପୁରୁଷଙ୍କ ଐଶ୍ୱର୍ଯ୍ୟ କିପରି ? ସବୁଥିରେ ବ୍ୟାପ୍ତ ରହିବା ସତ୍ତ୍ୱେ ସେ କିପରି ନିର୍ଲିପ୍ତ ହୋଇଥାନ୍ତି ? କର୍ମ କରିଥାଇ ମଧ୍ୟ ସେ କିପରି ଅକର୍ତ୍ତା ଅଟନ୍ତି ? ସେହି ପୁରୁଷଙ୍କ ସ୍ୱଭାବ ଏବଂ ପ୍ରଭାବ ଉପରେ କହୁଛନ୍ତି । ଯୋଗ ଆଚରଣରେ ଢାଳିବା ପରେ ଆସୁଥିବା ଦେବାଦିକ ବିଘ୍ନରୁ ସତର୍କ କଲେ ଏବଂ ସେହି ପୁରୁଷଙ୍କ ଶରଣ ହେବା ପାଇଁ କହିଲେ ।

**ଶ୍ରୀ ଭଗବାନୁବାଚ**

**ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।**
**ଜ୍ଞାନଂ ବିଜ୍ଞାନସହିତଂ ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥୧॥**

ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ଅସୂୟା (ଦାହ/ଇର୍ଷା) ରହିତ ହେ ଅର୍ଜୁନ ! ତୁମ ନିମନ୍ତେ ମୁଁ ଏହି ପରମ ଗୋପନୀୟ ଜ୍ଞାନକୁ ବିଜ୍ଞାନ ସହିତ କହିବି । ଅର୍ଥାତ୍ ପ୍ରାପ୍ତି ପଶ୍ଚାତ୍ ମହାପୁରୁଷଙ୍କ ରହଣୀ କହିବି ଯେ, କିପରି ସେହି ମହାପୁରୁଷ

ସର୍ବତ୍ର ଏକ ସମୟରେ ସମସ୍ତ କର୍ମ କରିଥାନ୍ତି ? କିପରି ସେ ଜାଗୃତି ପ୍ରଦାନ କରିଥାନ୍ତି ? ରଥୀ ହୋଇ ଆତ୍ମା ସହିତ କିପରି ସଦୈବ ରହିଥାନ୍ତି ? **''ଯତ୍ ଜ୍ଞାତ୍ୱା''**-ଯାହାକୁ ସାକ୍ଷାତ୍ ଜାଣି ତୁମେ ଦୁଃଖରୂପୀ ସଂସାରରୁ ମୁକ୍ତ ହୋଇଯିବ। ସେହି ଜ୍ଞାନ କିପରି ? ଏହା ଉପରେ କହୁଛନ୍ତି-

**ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।**
**ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ॥୨॥**

ବିଜ୍ଞାନ ଦ୍ୱାରା ସଂଯୁକ୍ତ ଏହି ଜ୍ଞାନ ସମସ୍ତ ବିଦ୍ୟାମାନଙ୍କର ରାଜା ଅଟେ । ବିଦ୍ୟାର ଅର୍ଥ ଭାଷା ଜ୍ଞାନ ଅଥବା ଶିକ୍ଷା ନୁହେଁ । **'' ବିଦ୍ୟା ହି କା ବ୍ରହ୍ମ ଗତି ପ୍ରଦାୟା ସା ବିଦ୍ୟା ୟା ବିମୁକ୍ତୟେ''** । ବିଦ୍ୟା ତାହାକୁ କୁହାଯାଏ, ଯାହା ସାଧଖ ପାଖକୁ ଆସି, ତାଙ୍କୁ ଉଠାଇ ବ୍ରହ୍ମ ପଥରେ ଚଲାଇ ମୋକ୍ଷ ପ୍ରଦାନ କରାଇଥାଏ । ଯଦି ରାସ୍ତାରେ ଋଦ୍ଧି-ସିଦ୍ଧି ଅଥବା ପ୍ରକୃତିରେ କେଉଁଠି ଅଟକି ଗଲେ ତେବେ ସିଦ୍ଧ ହେବ ଯେ, ଅବିଦ୍ୟା ସଫଳ ହୋଇଗଲା । ତାହା ବିଦ୍ୟା ନୁହଁ । ଏହି ରାଜବିଦ୍ୟା ଏପରି ଅଟେ, ଯାହା ନିଶ୍ଚିତ କଲ୍ୟାଣକାରୀ ଅଟେ । ଏହା ସମସ୍ତ ଗୋପନୀୟ ମାନଙ୍କର ରାଜା ଅଟେ । ଅବିଦ୍ୟା ଓ ବିଦ୍ୟାର ଅବଗୁଣ୍ଠନର ଅନାବରଣ ହେଲେ ଯୋଗଯୁକ୍ତତା ପଶ୍ଚାତ୍ ହିଁ ଏହାର ମିଳନ ହୋଇଥାଏ । ଏହା ଅତି ପବିତ୍ର, ଅତ୍ୟୁତ୍ତମ ଏବଂ ପ୍ରତ୍ୟକ୍ଷ ଫଳଯୁକ୍ତ ହୋଇଥାଏ, ହାତରେ ଧରିଥିବା ଅଁଳା ଫଳ ସଦୃଶ ଏହି ରାଜବିଦ୍ୟା ପ୍ରତ୍ୟକ୍ଷ ଫଳଯୁକ୍ତ ଅଟେ । ଏହା ଅନ୍ଧ ବିଶ୍ୱାସ ନୁହଁ ଯେ, ଏହି ଜନ୍ମରେ ସାଧନା କର, ଫଳ କେବେ ଅନ୍ୟ ଜନ୍ମରେ ମିଳିବ । ଏହା ପରମ ଧର୍ମ ପରମାତ୍ମା ଦ୍ୱାରା ସଂଯୁକ୍ତ ଅଟେ । ବିଜ୍ଞାନ ସହିତ ଏହି ଜ୍ଞାନ କରିବାରେ ସରଳ ଏବଂ ଅବିନାଶୀ ଅଟେ ।

ଦ୍ୱିତୀୟ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଥିଲେ, ହେ ଅର୍ଜ୍ଜୁନ ! ଏହି ଯୋଗରେ ବୀଜର ନାଶ ହୋଇନଥାଏ । ଏହାର ଅଳ୍ପ ସାଧନ ମଧ୍ୟ ଜନ୍ମ-ମରଣର ମହାନ୍ ଭୟରୁ ଉଦ୍ଧାର କରିଦେଇଥାଏ । ଷଷ୍ଠ ଅଧ୍ୟାୟରେ ଅର୍ଜୁନ ପଚାରିଥିଲେ, ଭଗବାନ ! ଶିଥିଳ ପ୍ରୟତ୍ନ ସାଧକ ନଷ୍ଟଭ୍ରଷ୍ଟ ହୁଏ ନାହିଁ ? ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ପ୍ରଥମେ ତ କର୍ମକୁ ବୁଝିବା ଆବଶ୍ୟକ ଏବଂ ବୁଝିଯିବା ପରେ ଯଦି ଅଳ୍ପ ସାଧନ କରିନେବ ତେବେ ତାହାର କୌଣସି ଜନ୍ମରେ ମଧ୍ୟ ବିନାଶ ହୋଇନଥାଏ ବରଂ ସେହି ଅଳ୍ପ ଅଭ୍ୟାସ ପ୍ରଭାବରୁ ପ୍ରତ୍ୟେକ ଜନ୍ମରେ ତାହା ହିଁ କରିଥାଏ । ଅନେକ ଜନ୍ମର ପରିଣାମ ଦ୍ୱାରା ସେଠାରେ ପହୁଞ୍ଚିଯାଇଥାଏ । ଯାହାର ନାମ ପରମଗତି, ପରମାତ୍ମା କୁହାଯାଉଛି । ତାହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ଏଠାରେ ମଧ୍ୟ କହୁଛନ୍ତି ଯେ,

ଏହି ସାଧନ କରିବା ବହୁତ ସୁଗମ ଓ ଅବିନାଶୀ, ପରନ୍ତୁ ଏହା ନିମନ୍ତେ ଶ୍ରଦ୍ଧା ନିତାନ୍ତ ଆବଶ୍ୟକ ।

**ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରଂତପ ।**
**ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ।।୩।।**

ହେ ପରନ୍ତପ ଅର୍ଜୁନ ! ଏହି ଧର୍ମରେ (ଯାହାର ଅଳ୍ପ ସାଧନ କଲେ ମଧ୍ୟ ବିନାଶ ହୋଇ ନଥାଏ) ଶ୍ରଦ୍ଧାରହିତ ପୁରୁଷ (ଏକ ଇଷ୍ଟଙ୍କ ଠାରେ ମନକୁ କେନ୍ଦ୍ରିତ ନ ରଖିଥିବା ପୁରୁଷ) ମୋତେ ପ୍ରାପ୍ତ ନ ହୋଇ ସଂସାର କ୍ଷେତ୍ରରେ ଭ୍ରମଣ କରିଥାନ୍ତି । ଅତଃ ଶ୍ରଦ୍ଧା ଅନିବାର୍ଯ୍ୟ ଅଟେ । କ'ଣ ଆପଣ ସଂସାରରୁ ଊର୍ଦ୍ଧ୍ୱରେ ଅଛନ୍ତି ? ଏହା ଉପରେ କହୁଛନ୍ତି –

**ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା ।**
**ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ।।୪।।**

ମୋର ଅବ୍ୟକ୍ତ ସ୍ୱରୂପରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ ରହିଛି, ଅର୍ଥାତ୍ ମୁଁ ଯେଉଁ ସ୍ୱରୂପରେ ସ୍ଥିତ ରହିଛି, ତାହା ସର୍ବତ୍ର ବ୍ୟାପ୍ତ ରହିଛି । ସମ୍ପୂର୍ଣ୍ଣ ପ୍ରାଣୀ ମୋ ଠାରେ ଆଶ୍ରିତ ଅଛନ୍ତି । କିନ୍ତୁ ମୁଁ ତାଙ୍କ ଭିତରେ ସ୍ଥିତ ନାହିଁ । କାରଣ ମୁଁ ଅବ୍ୟକ୍ତ ସ୍ୱରୂପରେ ସ୍ଥିତ ରହିଥାଏ । ମହାପୁରୁଷ ଯେଉଁ ଅବ୍ୟକ୍ତ ସ୍ୱରୂପରେ ସ୍ଥିତ ରହିଥାନ୍ତି, ସେହିଠାରୁ (ଶରୀର ତ୍ୟାଗକରି ସେହି ଅବ୍ୟକ୍ତ ସ୍ତର ଦ୍ୱାରା ହିଁ) କଥାବାର୍ତ୍ତା ହୋଇଥାନ୍ତି । ଏହି କ୍ରମରେ ଆଗକୁ କହୁଛନ୍ତି –

**ନ ଚ ମତ୍‌ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।**
**ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ।।୫।।**

ବସ୍ତୁତଃ ସମ୍ପୂର୍ଣ୍ଣ ଭୂତ ମୋଠାରେ ସ୍ଥିତ ନୁହଁନ୍ତି କାରଣ ସେମାନେ ମରଣଧର୍ମା ଅଟନ୍ତି । ପ୍ରକୃତିର ଆଶ୍ରିତ ଅଟନ୍ତି । କିନ୍ତୁ ମୋର ଯୋଗମାୟାର ଐଶ୍ୱର୍ଯ୍ୟକୁ ଦେଖି ନିଅଯେ, ଜୀବଧାରୀଙ୍କୁ ଉତ୍ପନ୍ନ ଓ ପୋଷଣ କରୁଥିବା ମୋର ଆତ୍ମା, ଭୂତ ସମୁଦାୟରେ ସ୍ଥିତ ରହିନଥାଏ । ମୁଁ ଆତ୍ମ ସ୍ୱରୂପ ଅଟେ । ତେଣୁ ମୁଁ ସେହି ଭୂତ ସମୁଦାୟରେ ସ୍ଥିତ ରହିନଥାଏ । ଏହା ହିଁ ଯୋଗର ପ୍ରଭାବ ଅଟେ । ଏହାକୁ ସ୍ପଷ୍ଟ କରିବା ନିମନ୍ତେ ଯୋଗେଶ୍ୱର ଶ୍ରୀକୃଷ୍ଣ ଦୃଷ୍ଟାନ୍ତ ଦେଉଛନ୍ତି –

**ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।**
**ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀ ତ୍ୟୁପଧାରୟ ।।୬।।**

ଯେପରି ଆକାଶରୁ ଉତ୍ପନ୍ନ ହେଉଥିବା ମହାନ ବାୟୁ ଆକାଶରେ ହିଁ ସଦୈବ ସ୍ଥିତ ରହିଥାଏ, କିନ୍ତୁ ତାହାକୁ ମଳିନ କରିପାରିନଥାଏ । ଠିକ୍ ସେହିପରି

ସମ୍ପୂର୍ଣ୍ଣ ଭୂତ ମୋ ଭିତରେ ସ୍ଥିତ ହୋଇଛନ୍ତି ବୋଲି ଜାଣ । ସେମାନେ ମୋତେ ମଳିନତା କରିପାରିନଥାନ୍ତି । ମୁଁ ଆକାଶବତ୍ ନିର୍ଲେପ ରହିଥାଏ । ଏଠାରେ ପ୍ରଶ୍ନ ପୁରା ହେଲା ଏହା ହିଁ ଯୋଗର ପ୍ରଭାବ ଅଟେ । ବର୍ତ୍ତମାନ ଯୋଗୀ କ'ଣ କରୁଥାନ୍ତି । ଏହା ଉପରେ ଦେଖିବା–

**ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।**
**କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ॥୭॥**

ହେ ଅର୍ଜୁନ ! କଳ୍ପର ବିଲୟ କାଳରେ ସମସ୍ତେ ମୋର ପ୍ରକୃତ୍ତି ଅର୍ଥାତ୍ ମୋର ସ୍ୱଭାବକୁ ପ୍ରାପ୍ତ ହୋଇଥାନ୍ତି ଏବଂ କଳ୍ପର ପ୍ରାରମ୍ଭରେ ମୁଁ ତାହାଙ୍କୁ ବାରମ୍ବାର **''ବିସୃଜାମି''** – ବିଶେଷ ରୂପରେ ସୃଜନ କରିଥାଏ । ସେମାନେ ପୂର୍ବରୁ ହିଁ ତ ଥିଲେ କିନ୍ତୁ ସେମାନେ ବିକୃତ ଅବସ୍ଥାରେ ଥିଲେ । ତାହାଙ୍କୁ ରଚନା କରିଥାଏ, ସଜାଡ଼ିଥାଏ । ଯିଏ ଅଚେତ ରହିଥାନ୍ତି, ତାହାଙ୍କୁ ଜାଗ୍ରତ କରୁଥାଏ । କଳ୍ପ ନିମନ୍ତେ ପ୍ରେରିତ କରିଥାଏ, କଳ୍ପର ତାତ୍ପର୍ଯ୍ୟ ହେଉଛି ଉତ୍‌ଥାନୋନ୍ମୁଖ ପରିବର୍ତ୍ତନ । ଆସୁରୀ ସମ୍ପଦରୁ ବାହାରି ଯେପରି ଯେପରି ପୁରୁଷ ଦୈବୀ ସମ୍ପଦରେ ପ୍ରବେଶ ପାଇଥାଏ । ଏହିଠାରୁ ହିଁ କଳ୍ପର ପ୍ରାରମ୍ଭ ହୋଇଥାଏ ଏବଂ ଯେତେବେଳେ ଈଶ୍ୱର ଭାବକୁ ପ୍ରାପ୍ତ ହୋଇଯାନ୍ତି, ତାହା ହିଁ କଳ୍ପର କ୍ଷୟ ଅଟେ । ନିଜର କର୍ମ ସମ୍ପୂର୍ଣ୍ଣ କରି କଳ୍ପ ମଧ୍ୟ ବିଲୟ ହୋଇଯାଇଥାଏ । ଭଜନର ପ୍ରାରମ୍ଭ କଳ୍ପର ଆଦି ଅଟେ ଏବଂ ଭଜନର ପରାକାଷ୍ଠା, ଯେଉଁଠାରେ ଲକ୍ଷ ବିଦିତ ହୋଇଥାଏ, ତାହା ହିଁ କଳ୍ପର ଅନ୍ତ ଅଟେ । ଯେତେବେଳେ ଏହି ପ୍ରତ୍ୟଗାତ୍ମା ଯୋନିମାନଙ୍କର କାରଣ ଭୂତ ରାଗଦ୍ୱେଷାଦିରୁ ମୁକ୍ତ ପାଇ ନିଜର ଶାଶ୍ୱତ ସ୍ୱରୂପରେ ସ୍ଥିର ହୋଇଯାଇଥାଏ, ତାହାକୁ ଶ୍ରୀକୃଷ୍ଣ କହନ୍ତି, ସେ ମୋର ପ୍ରକୃତିକୁ ପ୍ରାପ୍ତ ହୋଇଥାଏ

ଯେଉଁ ମହାପୁରୁଷ ପ୍ରକୃତିକୁ ବିଲୟ କରି ସ୍ୱରୂପରେ ପ୍ରବେଶ ପାଇଗଲେ ତାହାଙ୍କ ପ୍ରକୃତି କିପରିଥାଏ ? କ'ଣ ତାଙ୍କଠାରେ ପ୍ରକୃତି ବର୍ତ୍ତମାନ ମଧ୍ୟ ଶେଷ ରହିଥାଏ ? ତୃତୀୟ ଅଧ୍ୟାୟ ୩୩ ଶ୍ଳୋକରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହି ସାରିଛନ୍ତି ଯେ, ସମସ୍ତ ପ୍ରାଣୀ ନିଜର ପ୍ରକୃତିକୁ ହିଁ ପ୍ରାପ୍ତ ହୋଇଥାନ୍ତି । ଯେପରି ତାହାଙ୍କ ଉପରେ ପ୍ରକୃତିର ତାଡ଼ନା ରହିଥାଏ, ସେମାନେ ସେପରି କରିଥାନ୍ତି । **''ଜ୍ଞାନବାନପି''** – ପ୍ରତ୍ୟକ୍ଷ ଦର୍ଶନ ସହିତ ଜାନକାରୀ ଜ୍ଞାନୀ ମଧ୍ୟ ନିଜର ପ୍ରକୃତି ସଦୃଶ ଚେଷ୍ଟା କରୁଥାନ୍ତି, ସେ ପଛରେ ଆସୁଥିବା ଅନୁଯାୟୀଙ୍କ କଲ୍ୟାଣ ନିମନ୍ତେ କରିଥାନ୍ତି, ପୂର୍ଣ୍ଣଜ୍ଞାନୀ, ତତ୍ତ୍ୱସ୍ଥିତ ମହାପୁରୁଷଙ୍କ ରହଣୀ ହିଁ ତାହାଙ୍କ ପ୍ରକୃତି । ସେ ନିଜର ସେହି ସ୍ୱଭାବରେ ପ୍ରବୃତ୍ତ ହୋଇଥାନ୍ତିକ । କଳ୍ପ କ୍ଷୟରେ ଲୋକେ ମହାପୁରୁଷଙ୍କ ଏହି ରହଣୀକୁ ପ୍ରାପ୍ତ ହୋଇଥାନ୍ତି ।

ମହାପୁରୁଷଙ୍କ ଏହି କୃତିତ୍ୱ ଉପରେ ପୁନଃ ପ୍ରକାଶ କରୁଛନ୍ତି ।

**ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।**
**ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ।।୮।।**

ନିଜର ପ୍ରକୃତି ଅର୍ଥାତ୍ ମହାପୁରୁଷଙ୍କ ରହଣୀ ସ୍ୱୀକାରକରି **''ପ୍ରକୃତେର୍ବଶାତ୍''** –ନିଜ ନିଜ ସ୍ୱଭାବରେ ସ୍ଥିତ ପ୍ରକୃତିର ଗୁଣଦ୍ୱାରା ପରବଶ ହୋଇ ଏହି ସମ୍ପୂର୍ଣ୍ଣ ଭୂତ ସମୁଦାୟକୁ ମୁଁ ବାରମ୍ବାର **''ବିସୃଜାମି''** ବିଶେଷ ରୂପରେ ସୃଜନ, ବିଶେଷ ରୂପରେ ଜାଗ୍ରତ କରିଥାଏ । ଏମାନଙ୍କୁ ନିଜର ସ୍ୱରୂପ ଆଡ଼କୁ ଅଗ୍ରସର ହେବା ନିମନ୍ତେ ପ୍ରେରିତ କରିଥାଏ । ତେବେ ତ ଆପଣ ଏହି କର୍ମରେ ବାନ୍ଧି ହୋଇଗଲ ?

**ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।**
**ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ।।୯।।**

ଚତୁର୍ଥ ଅଧ୍ୟାୟର ନବନ ଶ୍ଳୋକରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଥିଲେ ଯେ, ମହାପୁରୁଷଙ୍କ କାର୍ଯ୍ୟ ପ୍ରଣାଳୀ ଅଲୌକିକ ଅଟେ । ନବମ ଅଧ୍ୟାୟର ଚତୁର୍ଥ ଶ୍ଳୋକରେ ସେ କହିଲେ– ମୁଁ ଅବ୍ୟକ୍ତ ରୂପରେ କରିଥାଏ, ଏଠାରେ ମଧ୍ୟ ତାହା ହିଁ କହୁଛନ୍ତି ଯେ, ହେ ଧନଞ୍ଜୟ ! ଯେଉଁ କର୍ମକୁ ମୁଁ ଅଦୃଶ୍ୟ ରୂପରେ କରୁଛି, ସେଥିରେ ମୋର ଆସକ୍ତି ନଥାଏ । ଉଦାସୀନ ସଦୃଶ ସ୍ଥିତ ରହିଥିବା ମୋତେ ଅର୍ଥାତ୍ ପରମାତ୍ମା ସ୍ୱରୂପକୁ ସେହି କର୍ମ ବାନ୍ଧି ନଥାଏ । କାରଣ କର୍ମର ପରିଣାମରେ ଯେଉଁ ଲକ୍ଷ ମିଳିଥାଏ, ସେଥିରେ ମୁଁ ସ୍ଥିତ ରହିଥାଏ । ତେଣୁ ତାହାକୁ କରିବା ନିମନ୍ତେ ମୁଁ ବିବଶ ହୋଇନଥାଏ । ଏହା ତ ସ୍ୱଭାବ ସହିତ ଯୋଡ଼ି ହୋଇଥିବା ପ୍ରକୃତିର କାର୍ଯ୍ୟର ପ୍ରଶ୍ନ ଥିଲା, ମହାପୁରୁଷଙ୍କ ରହଣୀ ଥିଲା, ତାହାଙ୍କ ରଚନା ଥିଲା । ବର୍ତ୍ତମାନ ମୋର ଅଧ୍ୟାସ ଦ୍ୱାରା ଯେଉଁ ମାୟା ରଚନା କରିଥାଏ, ସେ କିପରି ରଚନା କରିଥାଏ ? ତାହା ମଧ୍ୟ ଏକ କଳ୍ପ ଅଟେ ।

**ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।**
**ହେତୁନାନେନ କୌନ୍ତେୟ ଜଗଦ୍ୱିପରିବର୍ତ୍ତତେ ।।୧୦।।**

ହେ ଅର୍ଜୁନ ! ମୋର ଅଧ୍ୟକ୍ଷତାରେ ଅର୍ଥାତ୍ ମୋର ଉପସ୍ଥିତରେ ସର୍ବତ୍ର ବ୍ୟାପ୍ତ ମୋର ଅଧ୍ୟାସ ଦ୍ୱାରା ଏହି ମାୟା (ତ୍ରିଗୁଣ ମୟୀ ପ୍ରକୃତି, ଅଷ୍ଟଧାମୂଳ ପ୍ରକୃତ୍ତି ଏବଂ ଚେତନା ଉଭୟେ) ସମ୍ପୂର୍ଣ୍ଣ ଚରାଚର ଜଗତକୁ ରଚନା କରିଥାଏ, ଯାହାକି କ୍ଷୁଦ୍ରକଳ୍ପ ଅଟେ । ଏହି କାରଣରୁ ସଂସାର ଆବାଗମନର ଚକ୍ରରେ ବୁଲୁଥାଏ । ପ୍ରକୃତିର ଏହା କ୍ଷୁଦ୍ର କଳ୍ପ, ଯେଉଁଥିରେ କାଳର ପରିବର୍ତ୍ତନ ରହିଥାଏ । ମୋର ଅଧ୍ୟାସ ଦ୍ୱାରା ପ୍ରକୃତି ହିଁ କରିଥାଏ, ମୁଁ କରେ ନାହିଁ । କିନ୍ତୁ ଏହି ଅଧ୍ୟାୟର ସପ୍ତମ ଶ୍ଳୋକରେ ଯେଉଁ

କଛ କୁହାଯାଇଛି, ତାହା ଆରାଧନାର ସଞ୍ଚାର ଏବଂ ପୂର୍ତ୍ତି ପର୍ଯ୍ୟନ୍ତ ମାର୍ଗ ଦର୍ଶାଉଥିବା କଛ ମହାପୁରୁଷ ସ୍ୱୟଂ କରିଥାନ୍ତି । ଗୋଟିଏ ସ୍ଥାନରେ ସେ ସ୍ୱୟଂ କର୍ତ୍ତା ଅଟନ୍ତି, ଯେଉଁଠାରେ ସେ ବିଶେଷ ରୂପରେ ସୃଜନ କରିଥାନ୍ତି । କିନ୍ତୁ ଏଠାରେ କର୍ତ୍ତା ପ୍ରକୃତି ଅଟେ । ଯିଏକି କେବଳ ମୋର ଅଧ୍ୟାସ ଦ୍ୱାରା ଏଠାରେ କ୍ଷଣିକ ପରିବର୍ତ୍ତନ କରିଥାଏ । ଯେଉଁଥିରେ ଶରୀର-ପରିବର୍ତ୍ତନ, କାଳ-ପରିବର୍ତ୍ତନ ଏବଂ ଯୁଗ-ପରିବର୍ତ୍ତନ ଇତ୍ୟାଦି ଆସିଥାଏ । ଏପରି ବ୍ୟାପ୍ତ ପ୍ରଭାବ ହୋଇଥଲେ ମଧ୍ୟ ମୂଢ ଲୋକେ ମୋତେ ଜାଣିପାରନ୍ତି ନାହିଁ ।

**ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତମ୍ ।**
**ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥୧୧॥**

ସମ୍ପୂର୍ଣ୍ଣ ଭୂତରେ ମହାନ ଈଶ୍ୱର ରୂପ ମୋର ପରଂଭାବକୁ ନ ଜାଣିପାରୁଥିବା ମୂଢ ଲୋକ ମୋତେ ମନୁଷ୍ୟ ଶରୀର ଧାରୀ ତଥା ତୁଚ୍ଛ ମନେ କରନ୍ତି । ସମ୍ପୂର୍ଣ୍ଣ ପ୍ରାଣୀ ତଥା ଈଶ୍ୱରଙ୍କ ମଧ୍ୟ ଯିଏ ମହାନ ଈଶ୍ୱର ଅଟନ୍ତି, ସେହି ପରମଭାବରେ ମୁଁ ସ୍ଥିତ ରହିଥାଏ ଏବଂ ମନୁଷ୍ୟ ଶରୀରଧାରୀ ହିଁ ଅଟେ । କିନ୍ତୁ ମୂଢ ଲୋକେ ଏହାକୁ ଜାଣିପାରନ୍ତି ନାହିଁ । ସେମାନେ ମୋତେ ମନୁଷ୍ୟ ବୋଲି କହି ସମ୍ବୋଧନ କରିଥାନ୍ତି । ତାହାଙ୍କ ଦୋଷ ବା କ'ଣ ? ଯେବେ ସେମାନେ ଦୃଷ୍ଟିପାତ କରନ୍ତି, ତେବେ ମହାପୁରୁଷଙ୍କ ଶରୀର ହିଁ ତ ଦିଶୁଥାଏ । କିପରି ସେମାନେ ବୁଝିପାରିବେ ଯେ, ଆପଣ ମହାନ ଈଶ୍ୱର ଭାବରେ ସ୍ଥିତ ରହିଛନ୍ତି ? ସେମାନେ କାହିଁକି ଦେଖିପାରୁ ନାହାଁନ୍ତି ? ଏହା ଉପରେ କହୁଛନ୍ତି –

**ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।**
**ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥୧୨॥**

ସେମାନେ ବୃଥା ଆଶା ଅର୍ଥାତ୍ ଯାହା କେବେ ବି ପୂର୍ଣ୍ଣ ହୋଇପାରିବ ନାହିଁ ? ବୃଥା କର୍ମ ଅର୍ଥାତ୍ ବନ୍ଧନକାରୀ କର୍ମ, ବୃଥାଜ୍ଞାନ ଅର୍ଥାତ୍ ଯାହ ବସ୍ତୁତଃ ଅଜ୍ଞାନ ଅଟେ । ''ବିଚେତସଃ'' ବିଶେଷ ରୂପରେ ଅଚେତ ହୋଇଥିବା, ରାକ୍ଷସ ଏବଂ ଅସୁରଙ୍କ ସଦୃଶ ମୋହିତ ହେଉଥିବା ସ୍ୱଭାବକୁ ଧାରଣ କରିଥାନ୍ତି ଅର୍ଥାତ୍ ଆସୁରୀ ସ୍ୱଭାବଯୁକ୍ତ ହୋଇଥାନ୍ତି । ତେଣୁ କରି ମୋତେ ମନୁଷ୍ୟ ବୋଲି ଭାବିଥାନ୍ତି । ଅସୁର ଏବଂ ରାକ୍ଷସ ମନର ଏକ ସ୍ୱଭାବ ମାତ୍ର । ନା କି କୌଣସି ଜାତି ବା ଯୋନୀ । ଆସୁରୀ ସ୍ୱଭାବ ଲୋକେ ମୋତେ ଜାଣି ପାରନ୍ତି ନାହିଁ ? କିନ୍ତୁ ମହାତ୍ମାମାନେ ମୋତେ ଜାଣନ୍ତି ଏବଂ ମୋର ଭଜନ କରୁଥାନ୍ତି ।

**ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।**
**ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ।।୧୩।।**

ହେ ପାର୍ଥ ! ଦୈବୀ ପ୍ରକୃତି ଅର୍ଥାତ୍ ଦୈବୀ ସମ୍ପତ୍ତିର ଆଶ୍ରିତ ହୋଇଥିବା ମହାତ୍ମାମାନେ ମୋତେ ସମ୍ପୂର୍ଣ୍ଣ ଭୂତର ଆଦିକାରଣ, ଅବ୍ୟକ୍ତ ଏବଂ ଅକ୍ଷର ଜାଣି, ଅନନ୍ୟ ମନ ଦ୍ୱାରା ଅର୍ଥାତ୍ ମନର ଅନ୍ତରାଳରେ ଅନ୍ୟ କାହାକୁ ସ୍ଥାନ ନଦେଇ କେବଳ ମୋଠାରେ ଶ୍ରଦ୍ଧା ରଖି ନିରନ୍ତର ମୋର ହିଁ ଭଜନ କରିଥାନ୍ତି । କେଉଁ ପ୍ରକାରେ ଭଜନ କରିଥାନ୍ତି ? ଏହା ଉପରେ କହୁଛନ୍ତି –

**ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢବ୍ରତାଃ ।**
**ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ।।୧୪।।**

ସେମାନେ ନିରନ୍ତର ଚିନ୍ତନ ବ୍ରତରେ ଅଚଳ ସ୍ଥିର ରହି ମୋର ଗୁଣ ଚିନ୍ତନ କରିଥାନ୍ତି । ମୋର ପ୍ରାପ୍ତି ନିମନ୍ତେ ପ୍ରୟତ୍ନ କରିଥାନ୍ତି ଏବଂ ମୋତେ ବାରମ୍ବାର ନମସ୍କାର କରି, ସଦୈବ ମୋଠାରେ ସଂଯୁକ୍ତ ହୋଇ ଅନନ୍ୟ ଭକ୍ତି ଦ୍ୱାରା ମୋର ଉପାସନା କରିଥାନ୍ତି । ଅବିରଳ ଲାଗି ରହିଥାନ୍ତି । କେଉଁ ଉପାସନା କରିଥାନ୍ତି ? କିପରି ଅଟେ ଏହି କୀର୍ତ୍ତିମାନ ? କୌଣସି ଅନ୍ୟ ଉପାସନା ନୁହଁ ବରଂ ସେହି **"ଯଜ୍ଞ"** ଯାହାକୁ ବିସ୍ତାର ପୂର୍ବକ କହି ଆସିଛନ୍ତି । ସେହି ଆରାଧନାକୁ ଏଠାରେ ସଂକ୍ଷେପରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପୁନଃ କହୁଛନ୍ତି–

**ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ ।**
**ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ।।୧୫।।**

ସେମାନଙ୍କ ମଧ୍ୟରୁ କିଏ ତ ମୋତେ ସର୍ବବ୍ୟାପ୍ତ ବିରାଟ ପରମାତ୍ମାଙ୍କୁ ଜ୍ଞାନ ଯଜ୍ଞ ଦ୍ୱାରା ପୂଜନ କରିଥାନ୍ତି ଅର୍ଥାତ୍ ନିଜର ଲାଭ ହାନି ଏବଂ ଶକ୍ତିକୁ ସାମନରେ ରଖି ଏହି ନିୟତ କର୍ମ ଯଜ୍ଞ ପ୍ରକ୍ରିୟାରେ ପ୍ରବୃତ୍ତ ହୋଇଥାନ୍ତି । ଅନ୍ୟ କିଏ ଏକତ୍ୱ ଭାବରେ ମୋର ଉପାସନା କରିଥାନ୍ତି ଯେ ମୋତେ ଏହି ପରମାତ୍ମା ସହିତ ଐକ୍ୟ ହେବାର ଅଛି ଏବଂ ଅନ୍ୟ କେତେ ଜଣ ସାଂସାରିକ ବିଷୟ ବସ୍ତୁଠାରୁ ଅଲଗା ରଖି ନିଜକୁ ମୋ ଠାରେ ସମର୍ପଣ କରି ନିଷ୍କାମ ସେବା ଭାବ ଦ୍ୱାରା ମୋର ଉପାସନା କରିଥାନ୍ତି । ତଥା ବହୁତ ପ୍ରକାରରେ ମୋର ଉପାସନା କରିଥାନ୍ତି । କାରଣ ଗୋଟିଏ ହିଁ ଯଜ୍ଞର ଏହା ଉଚ୍ଚ–ନୀଚ ସ୍ତର ଅଟେ । ଯଜ୍ଞର ପ୍ରାରମ୍ଭ ସେବା ଦ୍ୱାରା ହିଁ ହୋଇଥାଏ, କିନ୍ତୁ ତାହାର ଅନୁଷ୍ଠାନ କିପରି ହୋଇଥାଏ ? ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି– ଯଜ୍ଞ ମୁଁ କରିଥାଏ । ଯଦି ମହାପୁରୁଷ ରଥୀ ହୋଇ ମାର୍ଗ ଦର୍ଶନ ନ କଲେ ସାଧକ ଯଜ୍ଞ କରି ପାରିବ ନାହିଁ । ତାହାଙ୍କ ନିର୍ଦ୍ଦେଶନ ଦ୍ୱାରା ସାଧକ ଜାଣିପାରିଥାଏ ଯେ ବର୍ତ୍ତମାନ

ସେ କେଉଁ ସ୍ତରରେ ରହିଛି ? କେତେ ଦୂର ସାଧନ ପଥରେ ଅଗ୍ରସର ହୋଇଛି ? ବସ୍ତୁତଃ ଯଜ୍ଞକର୍ତ୍ତା କିଏ ? ଏହା ଉପରେ ଯୋଗେଶ୍ୱର କହୁଛନ୍ତି–

**ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।**
**ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ॥୧୬॥**

କର୍ତ୍ତ ମୁଁ ଅଟେ । ବସ୍ତୁତଃ କର୍ତ୍ତାଙ୍କ ପଛରେ ପ୍ରେରକ ରୂପରେ ସଦୈବ ଇଷ୍ଟ ହିଁ ସଞ୍ଚାଳିତ କରିଥାନ୍ତି । କର୍ତ୍ତା ଦ୍ୱାରା ଯେଉଁ ସାଧନ ହୋଇଥାଏ, ତାହା ମୁଁ ହିଁ ଦେଇଥାଏ । ଯଜ୍ଞ ମୁଁ ଅଟେ । ଯଜ୍ଞ ଆରାଧନାର ବିଧି ବିଶେଷ ଅଟେ । ପୂର୍ବକାଳରେ ଯଜ୍ଞ ଯାହାକୁ ସୃଜନ କରିଥାଏ । ସେହି ଅମୃତକୁ ପାନ କରିଥିବା ପୁରୁଷ ସନାତନ ବ୍ରହ୍ମରେ ପ୍ରବେଶ ପାଇଥାଏ । ସ୍ୱଧା ମୁଁ ଅଟେ ଅର୍ଥାତ୍ ଅତୀତର ଅନନ୍ତ ସଂସ୍କାରକୁ ବିଲୟ କରିବା, ତାଙ୍କୁ ତୃପ୍ତ କରି ଦେବା, ତାହା ମୁଁ ହିଁ ଦେଇଥାଏ । ଭବ ରୋଗକୁ ବିନାଶ କରୁଥିବା ଔଷଧ ମୁଁ ଅଟେ । ମୋତେ ପ୍ରାପ୍ତକରି ଲୋକେ ଏହି ରୋଗରୁ ନିବୃତ୍ତ ହୋଇଯାଇଥାନ୍ତି । ମନ୍ତ୍ର ମୁଁ ହିଁ ଅଟେ । ମନକୁ ଶ୍ୱାସର ଅନ୍ତରାଳରେ ନିରୋଧ କରିବା ମୋର ଦେନ ଅଟେ । ଏହି ନିରୋଧ କ୍ରିୟାରେ ତିବ୍ରତା ଆଣୁଥିବା ବସ୍ତୁ **''ଆଜ୍ୟ''**ଅର୍ଥାତ୍ ହବି ମଧ୍ୟ ମୁଁ ହିଁ ଅଟେ । ମୋର ହିଁ ପ୍ରକାଶରେ ମନର ସମ୍ପୂର୍ଣ୍ଣ ପ୍ରବୃତ୍ତିଗୁଡ଼ିକ ବିଲୟ ହୋଇଯାଇଥାଏ । ହବନ ଅର୍ଥାତ୍ ସମର୍ପଣ ମଧ୍ୟ ମୁଁ ହିଁ ଅଟେ ।

ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ବାରମ୍ବାର ମୁଁ ଅଟେ କହୁଛନ୍ତି, ଏହାର ଆଶୟ ମାତ୍ର ଏତିକି ଯେ, ମୁଁ ହିଁ ପ୍ରେରକ ରୂପରେ ଆତ୍ମାଠାରୁ ଅଭିନ୍ନ ହୋଇ ଉପସ୍ଥିତ ହୋଇଥାଏ ତଥା ନିରନ୍ତର ନିର୍ଣ୍ଣୟ ଦେଇ ଯୋଗ କ୍ରିୟାକୁ ସମ୍ପୂର୍ଣ୍ଣ କରିଥାଏ । ଏହାର ନାମ **''ବିଜ୍ଞାନ''** ଅଟେ । ପୂଜ୍ୟ ଗୁରୁ ମହାରାଜଜୀ କହୁଥିଲେ ଯେ, ''ଯେଉଁ ପର୍ଯ୍ୟନ୍ତ ଇଷ୍ଟଦେବ ରଥୀ ହୋଇ, ଶ୍ୱାସ-ପ୍ରଶ୍ୱାସକୁ ଆୟତ୍ତ କରି ନ ନେବେ, ସେ ପର୍ଯ୍ୟନ୍ତ ଭଜନ ପ୍ରାରମ୍ଭ ହିଁ ହୋଇ ନଥାଏ'' । କିଏ ଲକ୍ଷେ ଚକ୍ଷୁ ବନ୍ଦ କରନ୍ତୁ, ଭଜନ କରନ୍ତୁ, ଶରୀରକୁ ତପାଇ ଦିଅନ୍ତୁ, କିନ୍ତୁ ଯେଉଁ ପର୍ଯ୍ୟନ୍ତ ଯେଉଁ ପରମାତ୍ମାଙ୍କୁ ପାଇବା ଇଛା ରହିଛି, ଯେଉଁ ସ୍ଥାନରେ ଆପ୍ତେ ଉପସ୍ଥିତ ରହିଛନ୍ତି, ସେହି ସ୍ଥାନରେ ଓହ୍ଲାଇ ଆତ୍ମାଠାରୁ ଅଭିନ୍ନ ହୋଇ ଜାଗ୍ରତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ସଠିକ୍ ରୂପରେ ଭଜନର ସ୍ୱରୂପ ବୁଝି ପାରିବା ନାହିଁ । ତେଣୁକରି ଗୁରୁ ମହାରାଜଜୀ କହୁଥିଲେ– 'ମୋର ସ୍ୱରୂପକୁ ଧର, ମୁଁ ସବୁକିଛି ଦେବି' । ଶ୍ରୀକୃଷ୍ଣ କହୁଛନ୍ତି ସବୁକିଛି ମୋ ଦ୍ୱାରା ହିଁ ହୋଇଥାଏ ।

**ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।**
**ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ ॥୧୭॥**

ହେ ଅର୍ଜୁନ ! ମୁଁ ହିଁ ସମ୍ପୂର୍ଣ୍ଣ ଜଗତର **''ଧାତା''** ଅର୍ଥାତ୍ ଧାରଣ କରିଥାଏ । **''ପିତା''** ଅର୍ଥାତ୍ ପାଳନ କରିଥାଏ । **''ମାତା''** ଅର୍ଥାତ୍ ଉତ୍ପନ୍ନ କରିଥାଏ, ''ପିତାମହଃ'' ଅର୍ଥାତ୍ ମୂଳ ଉଦ୍‌ଗମ ଅଟେ, ଯେଉଁଥିରେ ସମସ୍ତେ ପ୍ରବେଶ କରିଥାନ୍ତି ଏବଂ ଜାଣିବା ଯୋଗ୍ୟ ପବିତ୍ର 'ଓମ୍' କାର ଅର୍ଥାତ୍ 'ଅହମ୍ ଆକାରଃ ଇତି ଓମ୍ କାରଃ' । ସେହି ପରମାତ୍ମା ମୋ ସ୍ୱରୂପରେ ଅଛନ୍ତି । 'ସୋଽହଂ' 'ତତ୍ତ୍ୱମସି' ଇତ୍ୟାଦି ପରସ୍ପର ପର୍ଯ୍ୟାବାଚୀ ଅଟେ । ଏପରି ଜାଣିବା ଯୋଗ୍ୟ ସ୍ୱରୂପ ମୁଁ ହିଁ ଅଟେ । **''ଋକ୍''** ଅର୍ଥାତ୍ ସମ୍ପୂର୍ଣ୍ଣ ପ୍ରାର୍ଥନା, **''ସାମ''** ଅର୍ଥାତ୍ ସମତ୍ୱ ଦେଉଥିବା ପ୍ରକ୍ରିୟା **''ଯଜୁଃ''** ଅର୍ଥାତ୍ ଯଜନର ବିଧି ବିଶେଷ ମଧ୍ୟ ମୁଁ ହିଁ ଅଟେ । ଯୋଗାନୁଷ୍ଠାନର ଯୁକ୍ତ ତିନୋଟି ଆବଶ୍ୟକ ଅଙ୍ଗ ମୋ ଦ୍ୱାରା ହିଁ ହୋଇଥାଏ ।

**ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।**
**ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ।।୧୮।।**

ହେ ଅର୍ଜୁନ ! **''ଗତିଃ''** ଅର୍ଥାତ୍ ପ୍ରାପ୍ତ ହେବା ଯୋଗ୍ୟ ପରମଗତି, **''ଭର୍ତ୍ତା''** ଅର୍ଥାତ୍ ଭରଣ ପୋଷଣ କରୁଥିବା, ସମସ୍ତଙ୍କ ସ୍ୱାମୀ, **''ସାକ୍ଷୀ''** ଅର୍ଥାତ୍ ଦ୍ରଷ୍ଟାରୂପରେ ସ୍ଥିତ ସମସ୍ତଙ୍କୁ ଜାଣୁଥିବା, ସମସ୍ତଙ୍କର ବାସସ୍ଥାନ, ଶରଣ ନେବା ଯୋଗ୍ୟ, ଅକାରଣ ପ୍ରେମୀ ମିତ୍ର, ଉତ୍ପତ୍ତି ଓ ପ୍ରଳୟ ଅର୍ଥାତ୍ ଶୁଭ-ଅଶୁଭ ସଂସ୍କାରର ବିଲୟ ତଥା ଅବିନାଶୀ କାରଣ ମୁଁ ହିଁ ଅଟେ ଅର୍ଥାତ୍ ଅନ୍ତ ସମୟରେ ଯେଉଁଥିରେ ପ୍ରବେଶ ମିଳିଥାଏ, ସେହି ସମ୍ପୂର୍ଣ୍ଣ ବିଭୂତି ମୁଁ ହିଁ ଅଟେ ।

**ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ ।**
**ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ।।୧୯।।**

ମୁଁ ସୂର୍ଯ୍ୟ ରୂପରେ ତପାଉଥାଏ, ବର୍ଷାକୁ ଆକର୍ଷିତ କରୁଥାଏ ଏବଂ ବର୍ଷା ମଧ୍ୟ କରିଥାଏ, ମୃତ୍ୟୁ ପରେ ଅମୃତ ତତ୍ତ୍ୱ ତଥା ମୃତ୍ୟୁ, ସତ୍ୟ ଏବଂ ଅସତ୍ୟ ସବୁକିଛି ମୁଁ ହିଁ ଅଟେ । ଅର୍ଥାତ୍ ଯିଏ କି ପରମ ପ୍ରକାଶ ପ୍ରଦାନ କରିଥାଏ, ସେହି ସୂର୍ଯ୍ୟ ମୁଁ ହିଁ ଅଟେ । କେବେ କେବେ ଭଜନ କରୁଥିବା ବ୍ୟକ୍ତି ମୋତେ ଅସତ୍ୟ ବୋଲି ମାନୁଥାନ୍ତି । ସେମାନେ ମୃତ୍ୟୁକୁ ପ୍ରାପ୍ତ ହୋଇଥାନ୍ତି ।

**ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା**
**ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।**
**ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକ-**
**ମଶ୍ନନ୍ତି ଦିବ୍ୟାନ୍ଦିବି ଦେବଭୋଗାନ୍ ।।୨୦।।**

ଆରାଧନା ବିଦ୍ୟାର ତିନୋଟି ଅଙ୍ଗ- ଋକ୍, ସାମ୍ ଏବଂ ଯଜୁ ଅର୍ଥାତ୍

ପ୍ରାର୍ଥନା, ସମତ୍ୱର ପ୍ରକ୍ରିୟା ଏବଂ ଯଜନର ଆଚରଣ କରିବା ବ୍ୟକ୍ତି । ସୋମ– ଅର୍ଥାତ୍ ଚନ୍ଦ୍ରମାଙ୍କ କ୍ଷୀଣ ପ୍ରକାଶକୁ ପାଇଥିବା ପାପାରୁ ମୁକ୍ତ ହୋଇ ପବିତ୍ର ହୋଇଥିବା ପୁରୁଷ ସେହି ଯଜ୍ଞର ନିର୍ଦ୍ଧାରିତ ପ୍ରକ୍ରିୟା ଦ୍ୱାରା ମୋତେ ଇଷ୍ଟରୂପେ ପୂଜା କରି ସ୍ୱର୍ଗ ପାଇବା ନିମନ୍ତେ ପ୍ରାର୍ଥନା କରିଥାନ୍ତି । ଏହା ହିଁ ଅସତ୍ କାମାନ ଅଟେ । ଏହା ଦ୍ୱାରା ସେମାନେ ମୃତ୍ୟୁକୁ ପ୍ରାପ୍ତ ହୋଇଥାନ୍ତି । ତାହାଙ୍କ ପୁନର୍ଜନ୍ମ ହୋଇଥାଏ, ଯେପରି ପୂର୍ବ ଶ୍ଳୋକରେ ଯୋଗେଶ୍ୱର କହିଥିଲେ– ସେମାନେ ବସ୍ତୁତଃ ମୋତେ ହିଁ ପୂଜା କରିଥାନ୍ତି, ସେହି ନିର୍ଦ୍ଧାରିତ ବିଧିରେ ହିଁ ପୂଜା କରିଥାନ୍ତି । କିନ୍ତୁ ବଦଳରେ ସ୍ୱର୍ଗକୁ ଯିବା କାମନା କରିଥାନ୍ତି । ସେହି ପୁରୁଷ ନିଜର ପୁଣ୍ୟଫଳ ସ୍ୱରୂପ ଇନ୍ଦ୍ର ଲୋକକୁ ପ୍ରାପ୍ତ ହୋଇ ସ୍ୱର୍ଗରେ ଦେବତାମାନଙ୍କ ଦିବ୍ୟ ଭୋଗକୁ ଭୋଗ କରିଥାନ୍ତି । ଅର୍ଥାତ୍ ଏହି ଭୋଗ ମଧ୍ୟ ମୁଁ ହିଁ ଦେଇଥାଏ ।

**ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଲଂ**
**କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।**
**ଏବଂ ତ୍ରୟୀଧର୍ମମନୁପ୍ରପନ୍ନା**
**ଗତାଗତଂ କାମକାମା ଲଭନ୍ତେ ।।୨୧।।**

ସେମାନେ ଏହି ବିଶାଳ ସ୍ୱର୍ଗକୁ ଭୋଗକରି ପୂଣ୍ୟ କ୍ଷୀଣ ହେବା ପରେ ମୃତ୍ୟୁଲୋକ ଅର୍ଥାତ୍ ଜନ୍ମ ମୃତ୍ୟୁକୁ ପ୍ରାପ୍ତ ହୋଇଥାନ୍ତି । ଏହିପରି **''ତ୍ରୟୀଧର୍ମମ୍''–** ଅର୍ଥାତ୍ ପ୍ରାର୍ଥନା, ସମତ୍ୱ(ସମର୍ପଣ), ଯଜନ ଏହି ତିନୋଟି ବିଧି ଦ୍ୱାରା ଗୋଟିଏ ହିଁ ଯଜ୍ଞର ଅନୁଷ୍ଠାନ କରୁଥିବା, ମୋର ଶରଣ ହୋଇଥିଲେ ମଧ୍ୟ କାମନାଯୁକ୍ତ ପୁରୁଷ ବାରମ୍ବାର ଆବାଗମନକୁ ଅର୍ଥାତ୍ ପୁନର୍ଜନ୍ମକୁ ପ୍ରାପ୍ତ ହୋଇଥାନ୍ତି । କିନ୍ତୁ ସେମାନଙ୍କର ମୂଳ ବିନାଶ କେବେ ହୋଇନଥାଏ, କାରଣ ଏହି ପଥରେ ବୀଜ ନାଶ ହୋଇନଥାଏ । କିନ୍ତୁ ଯିଏ କୌଣସି ପ୍ରକାର କାମନା କରିନଥାନ୍ତି, ତାଙ୍କୁ କ'ଣ ମିଳିଥାଏ ?

**ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।**
**ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।।୨୨।।**

ଅନନ୍ୟ ଭାବରେ ମୋଠାରେ ସ୍ଥିତ ଭକ୍ତଜନ, ମୋତେ ଅର୍ଥାତ୍ ପରମାତ୍ମା ସ୍ୱରୂପକୁ ନିରନ୍ତର ଚିନ୍ତନ କରିଥାନ୍ତି । **ପର୍ଯ୍ୟୁପାସତେ–** ଲେଶମାତ୍ର ତ୍ରୁଟି ନରଖି ମୋର ଉପାସନା କରିଥାନ୍ତି । ସେହି ନିତ୍ୟ ଏକଭାବରେ ସଂଯୁକ୍ତ ହୋଇଥିବା ପୁରୁଷଙ୍କ ଯୋଗକ୍ଷେମ ମୁଁ ସ୍ୱୟଂ ବହନ କରିଥାଏ । ଅର୍ଥାତ୍ ତାହାଙ୍କ ଯୋଗର ସୁରକ୍ଷା ନିମନ୍ତେ ସମ୍ପୂର୍ଣ୍ଣ ଦାୟୀତ୍ୱ ମୁଁ ନିଜ ହାତକୁ ନେଇଥାଏ । ଏତିକି ହେଲାପରେ ମଧ୍ୟ ଲୋକେ ଅନ୍ୟ ଦେବତାଙ୍କର ଭଜନ କରିଥାନ୍ତି ।

**ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧାୟାନ୍ୱିତାଃ ।।**
**ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ।।୨୩।।**

ହେ କୌନ୍ତେୟ ! ଶ୍ରଦ୍ଧାଯୁକ୍ତ ଯେଉଁ ଭକ୍ତ ଭିନ୍ନ ଭିନ୍ନ ଦେବତାମାନଙ୍କୁ ପୂଜା କରିଥାନ୍ତି, ସେ ମଧ୍ୟ ମୋତେ ହିଁ ପୂଜା କରିଥାନ୍ତି । କାରଣ ସେଠାରେ ଦେବତା ନାମରେ କୌଣସି ବସ୍ତୁ ହିଁ ନାହିଁ । କିନ୍ତୁ ସେମାନଙ୍କ ସେହି ପୂଜା ଅବିଧି ପୂର୍ବକ ଅଟେ । ମୋର ପ୍ରାପ୍ତି ବିଧି ଠାରୁ ପୃଥକ୍ ଥାନ୍ତି । ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଦ୍ୱିତୀୟଥର ଦେବତାମାନଙ୍କ ପ୍ରକରଣକୁ ନେଲେ । ସର୍ବପ୍ରଥମେ ସପ୍ତମ ଅଧ୍ୟାୟର ୨୦–୨୩ ଶ୍ଳୋକ ପର୍ଯ୍ୟନ୍ତ ସେ କହିଲେ– ହେ ଅର୍ଜୁନ ! କାମନା ଦ୍ୱାରା ଯେଉଁମାନଙ୍କ ଜ୍ଞାନ ଅପହରଣ କରାଯାଇଛି, ଏପରି ମୂଢ଼ ବୁଦ୍ଧି ପୁରୁଷ ଅନ୍ୟ ଦେବତାମାନଙ୍କ ପୂଜା କରିଥାନ୍ତି ଏବଂ ଯେଉଁ ଠାରେ ପୂଜା କରିଥାନ୍ତି, ସେଠାରେ ଦେବତା ନାମକ ସକ୍ଷମ ସତ୍ତା ତ ରହିନଥାଏ । କିନ୍ତୁ ଅଶ୍ୱତଥ୍, ପଥର, ଭୂତ, ଭବାନୀ, ଅଥବା ଅନ୍ୟତ୍ର ଯେଉଁ ଆଡ଼କୁ ସେମାନଙ୍କର ଶ୍ରଦ୍ଧା ଢଳିଯାଇଥାଏ, ସେଠାରେ ବସ୍ତୁତଃ କୌଣସି ଦେବତା ହିଁ ନାହିଁ । ମୁଁ ହିଁ ସର୍ବତ୍ର ରହିଛି । ସେହି ସ୍ଥାନରେ ମୁଁ ହିଁ ଉପସ୍ଥିତ ହୋଇ ସେମାନଙ୍କ ଶ୍ରଦ୍ଧାକୁ ସେହି ସ୍ଥାନରେ ସ୍ଥିର କରିଥାଏ । ମୁଁ ହିଁ ଫଳରେ ବିଧାନ କରିଥାଏ, ଅର୍ଥାତ୍ ଫଳ ଦେଇଥାଏ । ସେମାନଙ୍କର କାମନାଯୁକ୍ତ ଫଳ ତ ନିଶ୍ଚିତ ମିଳିଥାଏ, କିନ୍ତୁ ସେମାନଙ୍କ ସେହି ଫଳ ନାଶବାନ ଅଟେ । ଆଜି ଫଳ ପ୍ରାପ୍ତ ହେଲା ତ ଆସନ୍ତାକାଲି ତା'ର ଭୋଗକରି ତାକୁ ନଷ୍ଟ କରିଦେବେ, ତାହାନଷ୍ଟ ହୋଇଯିବ । ଯେତେବେଳେ କି ମୋର ଭକ୍ତ କେବେ ବି ନଷ୍ଟ ହୋଇନଥାଏ, ଅତଃ ସେ ହିଁ ମୂଢ଼ବୁଦ୍ଧି ଯାହାର ଜ୍ଞାନ ଅପହରଣ ହୋଇଯାଇଛି, ସେ ହିଁ ଭିନ୍ନ ଭିନ୍ନ ଦେବତାଙ୍କ ପୂଜନ କରିଥାଏ । ପ୍ରସ୍ତୁତ ଅଧ୍ୟାୟରେ ୨୩ ଠାରୁ ୨୫ ଶ୍ଳୋକ ପର୍ଯ୍ୟନ୍ତ ଯୋଗେଶ୍ୱର ପୁନଃ ଦୋହରାଉଛନ୍ତି– ହେ ଅର୍ଜୁନ ! ଯିଏ ଶ୍ରଦ୍ଧା ଦ୍ୱାରା ଭିନ୍ନ ଭିନ୍ନ ଦେବତାଙ୍କୁ ପୂଜନ କରିଥାନ୍ତି, ସେମାନେ ମୋତେ ହିଁ ପୂଜନ କରିଥାନ୍ତି କିନ୍ତୁ ତାହା ଅବିଧି ପୂର୍ବକ ଅଟେ । ସେଠାରେ ଦେବତା ନାମକ କୌଣସି ସକ୍ଷମ ବସ୍ତୁ ନଥାଏ, ତାହାଙ୍କ ପୂଜନର ବିଧି ହିଁ ଭ୍ରମ ଅଟେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ଯେତେବେଳେ ସେମାନେ ମଧ୍ୟ ପ୍ରକାରାନ୍ତରେ ଆପଣଙ୍କର ହିଁ ପୂଜନ କରିଥାନ୍ତି ଏବଂ ଫଳ ମଧ୍ୟ ପ୍ରାପ୍ତ ହୋଇଥାଏ, ତେବେ ଦୋଷା ବା କ'ଣ ?

**ଅହଂ ହି ସର୍ବୟଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।**
**ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ।।୨୪।।**

ସମ୍ପୂର୍ଣ୍ଣ ଯଜ୍ଞର ଭୋକ୍ତା ଅର୍ଥାତ୍ ଯଜ୍ଞ ଯେଉଁଥିରେ ବିଲୟ ହୋଇଥାଏ,

ଯଜ୍ଞର ପରିଣାମରେ ଯାହା ମିଳିଥାଏ, ତାହା ମୁଁ ହିଁ ଅଟେ ଏବଂ ସ୍ୱାମୀ ମଧ ମୁଁ ହିଁ ଅଟେ । କିନ୍ତୁ ସେମାନେ ତତ୍ତ୍ୱଦ୍ୱାରା ମୋତେ ସମ୍ୟକ୍ ରୂପେ ଜାଣନ୍ତି ନାହିଁ । ତେଣୁକରି ଚ୍ୟବନ୍ତି– ତଳକୁ ଖସି ପଡ଼ନ୍ତି । ଅର୍ଥାତ୍ ସେମାନେ ଅନ୍ୟ ଦେବତାଙ୍କ ସ୍ତରକୁ ପ୍ରାପ୍ତ ହୋଇ ମଧ ତଳକୁ ଖସି ପଡ଼ନ୍ତି ଏବଂ ଯେଉଁ ପର୍ଯ୍ୟନ୍ତ ମୋତେ ତତ୍ତ୍ୱଦ୍ୱାରା ଜାଣିନଥାନ୍ତି, ସେ ପର୍ଯ୍ୟନ୍ତ କାମନା ପ୍ରାପ୍ତି ସ୍ତରରୁ ମଧ ତଳକୁ ଖସି ପଡ଼ିଥାନ୍ତି । ତେବେ ତାହାଙ୍କ ଗତି କ'ଣ ହୋଇଥାଏ ?

**ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।**
**ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍‌ୟାଜିନୋଽପି ମାମ୍ ॥୨୫॥**

ହେ ଅର୍ଜୁନ ! ଦେବତାଙ୍କୁ ପୂଜନ କରିବା ବ୍ୟକ୍ତି ଦେବତାମାନଙ୍କୁ ପ୍ରାପ୍ତ ହୋଇଥାନ୍ତି । ଦେବତା ପରିବର୍ତ୍ତନ ସତ୍ତା ଅଟନ୍ତି । ସେହି ବ୍ୟକ୍ତି ନିଜର ସତ୍‌କର୍ମାନୁସାରେ ଜୀବନ ବ୍ୟତୀତ କରିଥାନ୍ତି । ପିତୃ ଲୋକଙ୍କୁ ପୂଜନ କରୁଥିବା ବ୍ୟକ୍ତି ପିତୃ ଲୋକଙ୍କ ପ୍ରାପ୍ତ ହୋଇଥାନ୍ତି । ଅର୍ଥାତ୍ ସେମାନେ ଅତୀତରେ ହିଁ ମଜ୍ଜି ରହିଥାନ୍ତି । ଭୂତମାନଙ୍କୁ ପୂଜନ କରୁଥିବା ବ୍ୟକ୍ତି ଭୂତକୁ ପ୍ରାପ୍ତ ହୋଇଥାନ୍ତି । ଅର୍ଥାତ୍ ବାରମ୍ବାର ଶରୀର ଧାରଣ କରିଥାନ୍ତି ଏବଂ ମୋର ଭକ୍ତ ମୋତେ ହିଁ ପ୍ରାପ୍ତ ହୋଇଥାଏ । ସେ ମୋର ସାକ୍ଷାତ୍ ସ୍ୱରୂପ ହୋଇଥାଏ । ତାହାଙ୍କ ପତନ ହୋଇନଥାଏ ଏବଂ ମୋର ପୂଜାର ବିଧି ମଧ ସରଳ ଅଟେ ।

**ପତ୍ରଂ ପୁଷ୍ପଂ ଫଳଂ ତୋୟଂୟୋ ମେ ଭକ୍ତ୍ୟା ପ୍ରୟଚ୍ଛତି ।**
**ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ॥୨୬॥**

ଭକ୍ତିର ପ୍ରାରମ୍ଭ ଏହିଠାରୁ ହୋଇଥାଏ ଯେ, ପତ୍ର, ପୁଷ୍ପ, ଫଳ ଏବଂ ଜଳ ଇତ୍ୟାଦି ଯେକୌଣସି ବ୍ୟକ୍ତି ମୋତେ ଭକ୍ତି ପୂର୍ବକ ଅର୍ପିତ କରିଥାଏ, ମନଦ୍ୱାରା ପ୍ରୟତ୍ନ କରୁଥିବା ସେହି ଭକ୍ତଙ୍କ ସବୁକିଛି ମୁଁ ସ୍ୱୀକାର କରିଥାଏ ତେଣୁ–

**ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।**
**ଯତ୍ତପସ୍ୟସି କୌନ୍ତେୟ ତତ୍‌କୁରୁଷ୍ୱ ମଦର୍ପଣମ୍ ॥୨୭॥**

ହେ ଅର୍ଜୁନ ! ତୁମେ ଯେଉଁ କର୍ମ ଅର୍ଥାତ୍ ନିୟତ କର୍ମ କରିଥାଅ, ଯାହା ଖାଇଥାଅ, ଯାହା ହବନ କରିଥାଅ, ଯାହା ସମର୍ପଣ କରିଥାଅ, ଯାହା ଦାନ କରିଥାଅ, ମନ ସହିତ ଇନ୍ଦ୍ରିୟଙ୍କୁ ମନ ସହିତ ତ ପାଇଥାଉ, ସେହି ସମ୍ପୂର୍ଣ୍ଣ କର୍ମ ମୋତେ ସମର୍ପିତ ହୋଇ ଅର୍ପଣ କର । ସମର୍ପଣ କରିବା ଦ୍ୱାରା ଯୋଗକ୍ଷେତ୍ରର ଦାୟିତ୍ୱ ମୁଁ ନେଇଯିବି ।

**ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।**
**ସଂନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥୨୮॥**

ଏହିପରି ସର୍ବସ୍ୱ ନ୍ୟାସ 'ସନ୍ନ୍ୟାସ' ଯୋଗରେ ଯୁକ୍ତ ହୋଇ ତୁମେ ଶୁଭାଶୁଭ ଫଳଦାତା କର୍ମର ବନ୍ଧନରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହେବ । ଉପଯୁକ୍ତ ତିନୋଟି ଶ୍ଲୋକରେ ଯୋଗେଶ୍ୱର କ୍ରମବଦ୍ଧ ସାଧନ ଏବଂ ତା'ର ପରିଣାମର ଚିତ୍ରଣ କଲେ । ପ୍ରଥମେ ପତ୍ର, ପୁଷ୍ପ, ଫଳ ଓ ଜଳର ପୂର୍ଣ୍ଣ ଶ୍ରଦ୍ଧା ଦ୍ୱାରା ଅର୍ପଣ, ତାପରେ ସମର୍ପିତ ହୋଇ କର୍ମର ଆଚରଣ ଏବଂ ଶେଷରେ ପୂର୍ଣ୍ଣ ସମର୍ପଣ ସହିତ ସର୍ବସ୍ୱର ତ୍ୟାଗ । ଏହା ଦ୍ୱାରା କର୍ମ ବନ୍ଧନରୁ ବିମୁକ୍ତ ଅର୍ଥାତ୍ ବିଶେଷ ରୂପରେ ମୁକ୍ତ ହୋଇଯିବ । ମୁକ୍ତିରୁ କ'ଣ ମିଳିବ ? କହିଲେ ଯେ ମୋତେ ପ୍ରାପ୍ତ ହେବ ! ଏଠାରେ ମୁକ୍ତି ଓ ପ୍ରାପ୍ତି ପରସ୍ପର ପରିପୂରକ ଅଟେ । ଆପଣଙ୍କ ପ୍ରାପ୍ତି ହିଁ ମୁକ୍ତି । ତେବେ ସେଥିରୁ ଲାଭ କ'ଣ ? ଏହାକୁ ପୁନଃ କହୁଛନ୍ତି–

**ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।**
**ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ।।୨୯।।**

ମୁଁ ସମ୍ପୂର୍ଣ୍ଣ ଭୂତରେ ସମାନ ଭାବରେ ରହିଥାଏ । ସୃଷ୍ଟିରେ ମୋର ନା କିଏ ପ୍ରୀୟ ଅଟେ ନା କିଏ ଅପ୍ରିୟ । କିନ୍ତୁ ଯିଏ ଅନନ୍ୟ ଭକ୍ତ ସେ ମୋ ଭିତରେ ଏବଂ ମୁଁ ତା'ର ଭିତରେ ରହିଥାଏ । ଏହା ହିଁ ମୋର ଏକମାତ୍ର ସମ୍ବନ୍ଧ ଅଟେ । ସେଥିରେ ପରିପୂର୍ଣ୍ଣ ହୋଇଯାଏ, ତା'ର ଏବଂ ମୋର ମଧ୍ୟରେ କୌଣସି ପ୍ରଭେଦ ହିଁ ନଥାଏ । ତେବେ ତ ବହୁତ ଭାଗ୍ୟଶାଳୀ ହିଁ ଭଜନ କରୁଥିବେ ? ଭଜନ କରିବା ଅଧିକାର କାହାକୁ ରହିଛି ? ଏହାର ଉତ୍ତର ଯୋଗେଶ୍ୱର କହୁଛନ୍ତି –

**ଅପି ଚେଦ୍‌ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।**
**ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହିଁ ସଃ ।।୩୦।।**

ଅତ୍ୟନ୍ତ ଦୁରାଚାରୀ ମଧ୍ୟ ଅନନ୍ୟ ଭାବଯୁକ୍ତ ହୋଇ ଯଦି ମୋ ବ୍ୟତୀତ କୌଣସି ଅନ୍ୟ ବସ୍ତୁ ଅଥବା ଦେବତାଙ୍କ ଭଜନ ନକରି କେବଳ ମୋର ଭଜନ ନିରନ୍ତର କରୁଥାଏ, ତାକୁ ସାଧୁ ହିଁ କହିବା ଉଚିତ୍ । ବର୍ତ୍ତମାନ ସେ ସାଧୁ ହୋଇ ନାହିଁ କିନ୍ତୁ ସେ ସାଧୁ ହେବାରେ ସନ୍ଦେହ ମଧ୍ୟ ନାହିଁ । କାରଣ ସେ ଯଥାର୍ଥ ନିଶ୍ଚୟ ପଥରେ ଲାଗିଗଲା । ଅତଃ ଭଜନ ଆପଣ ମଧ୍ୟ କରିପାରିବେ । କାରଣ ଆପଣ ମନୁଷ୍ୟ ଅଟ । ମନୁଷ୍ୟ ହିଁ ଯଥାର୍ଥ ନିଶ୍ଚୟ ଯୁକ୍ତ ହୋଇଥାଏ । ଗୀତା ପାପୀମାନଙ୍କର ଉଦ୍ଧାର କରିଥାଏ ଏବଂ ସେହି ପଥିକ–

**କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।**
**କୌନ୍ତେୟ ପ୍ରତି ଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ।।୩୧।।**

ଭଜନର ପ୍ରଭାବରୁ ସେହି ଦୁରାଚାରୀ ମଧ୍ୟ ଶିଘ୍ର ହିଁ ଧର୍ମାତ୍ମା ହୋଇଯାଏ ।

ପରମଧର୍ମ ପରମାତ୍ମାଙ୍କ ଠାରେ ସମ୍ପୃକ୍ତ ହୋଇଯାଇଥାଏ ତଥା ସର୍ବଦୈବ ସ୍ଥିର ରହିଥିବା ପରମ ଶାନ୍ତିକୁ ପ୍ରାପ୍ତ ହୋଇଥାଏ । ହେ କୌନ୍ତେୟ ! ତୁମେ ନିଶ୍ଚୟ ପୂର୍ବକ ସତ୍ୟ ଜାଣିରଖ ଯେ, ମୋର ଭକ୍ତ କେବେ ବି ନଷ୍ଟ ହୋଇନଥାଏ, ଯଦି ଗୋଟିଏ ଜନ୍ମରେ ସେ ଭବ ସାଗର ପାର ନହେଲା ତେବେ ଆସନ୍ତା ଜନ୍ମରେ ମଧ୍ୟ ସେହି ସାଧନ କରି ଶିଘ୍ର ହିଁ ପରମଶାନ୍ତିକୁ ପ୍ରାପ୍ତ ହୋଇଯାଇଥାଏ । ଅତଃ ସଦାଚାରୀ ଓ ଦୁରାଚାରୀ ସମସ୍ତଙ୍କୁ ଭଜନ କରିବାର ଅଧିକାର ରହିଛି । ଅପିତୁ–

**ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପୟୋନୟଃ**
**ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୁଦ୍ରାସ୍ତେଽପି ୟାନ୍ତି ପରାଂ ଗତିମ୍ ॥୩୨॥**

ହେ ପାର୍ଥ ! ସ୍ତ୍ରୀ, ବୈଶ୍ୟ, ଶୁଦ୍ରାଦି ତଥା ଯେକୌଣସି ପାପ ଯୋନୀ ଯୁକ୍ତ ହେଉନା କାହିଁକି, ସେ ସମସ୍ତେ ମୋର ଆଶ୍ରିତ ହୋଇ ପରମଗତିକୁ ପ୍ରାପ୍ତ ହୋଇଥାନ୍ତି । ଅତଃ ଗୀତା ମନୁଷ୍ୟମାନଙ୍କ ନିମନ୍ତେ ହିଁ ଅଟେ । ଭଲେ ଯାହା କିଛି ମଧ୍ୟ କରୁଥାଉଁ, କେଉଁଠାରେ ବି ଜନ୍ମ ନେଇଥାଉ ନା କାହିଁକି, ସମସ୍ତଙ୍କ ନିମନ୍ତେ ସେ ଗୋଟିଏ ପ୍ରକାର କଲ୍ୟାଣର ଉପଦେଶ କରାଯାଇଛି । ଗୀତା ସାର୍ବଭୌମ ଅଟେ ।

**ପାପୟୋନିଃ**–୧୬ ଅଧ୍ୟାୟ ୭ରୁ ୨୧ ପର୍ଯ୍ୟନ୍ତ ଶ୍ଲୋକରେ ଆସୁରୀ ବୃତ୍ତି ଲକ୍ଷଣ ଅନ୍ତର୍ଗତ ଭଗବାନ କହିଲେ ଯେ ଯିଏ ଶାସ୍ତ୍ରବିଧିକୁ ତ୍ୟାଗ କରି ନାମମାତ୍ର ଯଜ୍ଞଦ୍ୱାରା ଦମ୍ଭ ସହିତ ପୂଜନ କରିଥାନ୍ତି, ସେମାନେ ନରମାନଙ୍କ ମଧ୍ୟରେ ଅଧମ ଅଟେ । ଯଜ୍ଞ ବାସ୍ତବରେ ତାହା ନୁହଁ କିନ୍ତୁ ସେହି ନାମ ନେଇ ଯଜ୍ଞ ବୋଲି କହୁଥାଏ ଏବଂ ଦମ୍ଭ ଦ୍ୱାରା ୟଜନ ମଧ୍ୟ କରୁଥାଏ । ସେହି କ୍ରୁରକର୍ମୀ ଏବଂ ପାପାଚାରୀ ଅଟେ, ଯିଏ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ ଦ୍ୱେଷ କରିଥାଏ, ସେ ହିଁ ପାପୀ ଅଟେ ବୈଶ୍ୟ, ଶୁଦ୍ରଭାଗବତ ପଥର ସୋପାନ ମାତ୍ର ଅଟେ । ସ୍ତ୍ରୀମାନଙ୍କ ପ୍ରତି କେବେ ସମ୍ମାନ କେବେ ହୀନତା ଭାବନା ସମାଜରେ ରହିଥିଲା, ତେଣୁ ଶ୍ରୀକୃଷ୍ଣ ଏହାର ନାମ ନେଲେ । ଯୋଗ ପ୍ରକ୍ରିୟାରେ ସ୍ତ୍ରୀ ଏବଂ ପୁରୁଷ ଉଭୟଙ୍କ ସମାନ ହିଁ ପ୍ରବେଶ ହୋଇଥାଏ ।

**କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।**
**ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ॥୩୩॥**

ବ୍ରାହ୍ମଣ, ରାଜର୍ଷି ତଥା କ୍ଷତ୍ରୀୟ ଶ୍ରେଣୀ ଭକ୍ତଙ୍କ ନିମନ୍ତେ କ'ଣ କହିବା ? ବ୍ରାହ୍ମଣ ଏକ ଅବସ୍ଥା ବିଶେଷ ଅଟେ । ଯେଉଁଥିରେ ଏପରି କ୍ଷମତା ରହିଛି, ଯାହାକି ବ୍ରାହ୍ମଣରେ ପ୍ରବେଶ କରାଇଥାଏ । ଶାନ୍ତି, ଆଦିବ, ଅନୁଭବୀ, ଉପଲବ୍ଧି, ଧ୍ୟାନ ଓ ଇଷ୍ଟଙ୍କ ନିର୍ଦ୍ଦେଶରେ ଚାଲିବା କ୍ଷମତା ରହିଛି, ଏହା ହିଁ ବ୍ରାହ୍ମଣର ଅବସ୍ଥା ଅଟେ । ରାଜର୍ଷି କ୍ଷେତ୍ରୀୟଙ୍କ ଠାରେ ଋଦ୍ଧି, ସିଦ୍ଧିର ସଞ୍ଚାର , ଶୌର୍ଯ୍ୟ, ସ୍ୱାମୀଭାବ, ପଛକୁ

ନ ହଟିବା ସ୍ୱଭାବ ରହିଥାଏ । ଏହି ଯୋଗ ସ୍ତରକୁ ପହଞ୍ଚିଥିବା ଯୋଗୀ ତ ପାର ନିଶ୍ଚିତ ହୋଇଥାନ୍ତି, ସେମାନଙ୍କ ବିଷୟରେ କ'ଣ କହିବା ? ଅତଃ ହେ ଅର୍ଜୁନ **!** ତୁମେ ସୁଖ ରହିତ କ୍ଷଣଭଙ୍ଗୁର ଏହି ମନୁଷ୍ୟ ଶରୀରକୁ ପ୍ରାପ୍ତ ହୋଇ ମୋର ହିଁ ଭଜନ କର । ଏହି ନଶ୍ୱର ଶରୀରରୁ ମମତ୍ୱ, ପୋଷଣରେ ସମୟ ନଷ୍ଟ ନକରିବା ଉଚିତ ।

ଯୋଗେଶ୍ୱର ଏଠାରେ ଚତୁର୍ଥଥର ବ୍ରାହ୍ମଣ, କ୍ଷେତ୍ରୀୟ, ବୈଶ୍ୟ ଓ ଶୁଦ୍ରର ଚର୍ଚ୍ଚା କରିଛନ୍ତି । ଦ୍ୱିତୀୟ ଅଧ୍ୟାୟରେ ସେ କହିଲେ ଯେ କ୍ଷତ୍ରୀୟ ନିମନ୍ତେ ଯୁଦ୍ଧ ବ୍ୟତୀତ କଲ୍ୟାଣ କରିବା ପାଇଁ ଅନ୍ୟ କୌଣସି ରାସ୍ତା ନାହିଁ । ତୃତୀୟ ଅଧ୍ୟାୟରେ ସେ କହିଲେ ଯେ, ସ୍ୱଧର୍ମରେ ନିଧନ ଶ୍ରେୟସ୍କର । ଚତୁର୍ଥ ଅଧ୍ୟାୟରେ ସେ ସଂକ୍ଷେପରେ କହିଲେ ଯେ, ଚାରିବର୍ଣ୍ଣର ରଚନା ମୁଁ ହିଁ କରିଛି । ତେବେ କ'ଣ ମନୁଷ୍ୟଙ୍କୁ ଚାରି ଜାତିରେ ବାଣ୍ଟିଛନ୍ତି ? ନାହିଁ **! ଗଣୁ କର୍ମ ବିଭାଗତଃ** – ଗୁଣର ଆଧାର ଦ୍ୱାରା ମନୁଷ୍ୟଙ୍କୁ ଚାରି ଶ୍ରେଣୀରେ ବିଭକ୍ତ କଲେ । ଶ୍ରୀକୃଷ୍ଣଙ୍କ ଅନୁସାରେ କର୍ମ ଏକମାତ୍ର ଯୋଗ ପ୍ରକ୍ରିୟା ଅଟେ । ଅତଃ ଏହି ଯଜ୍ଞକୁ ସମ୍ପାଦନ କରୁଥିବା ବ୍ୟକ୍ତି ଚାରିପ୍ରକାର ଅଟନ୍ତି । ପ୍ରବେଶ କାଳରେ ଏହି ଯଜ୍ଞ କର୍ତ୍ତା ଶୁଦ୍ର ଅର୍ଥାତ୍ ଅଳ୍ପଜ୍ଞ ହୋଇଥାଏ । କିଛି କରିବାର କ୍ଷମତା ଆସିଗଲା ପରେ, ଆତ୍ମିକ ସମ୍ପତ୍ତିର ସଂଗ୍ରହ ହେଲା ପରେ ସେହି ଯଜ୍ଞକର୍ତ୍ତା ବୈଶ୍ୟ ହୋଇଯାଇଥାଏ । ଏଥିରୁ ଉନ୍ନତ ହେଲା ପରେ ପ୍ରବୃତ୍ତିର ତିନିଗୁଣକୁ କାଟିବାର କ୍ଷମତା ଆସିଗଲା ପରେ ସେହି ଯଜ୍ଞ କର୍ତ୍ତା କ୍ଷତ୍ରୀୟ ଶ୍ରେଣୀର ସାଧକ ହୋଇଥାଏ ଏବଂ ଯେତେବେଳେ ଏହି ସାଧକର ସ୍ୱଭାବରେ ବ୍ରହ୍ମରେ ପ୍ରବେଶ ଦେଉଥିବା ଯୋଗ୍ୟତାମାନ ଆସିଯାଇଥାଏ, ତେବେ ସେହି ଯଜ୍ଞକର୍ତ୍ତା ବ୍ରାହ୍ମଣ ହୋଇଯାଏ । ବୈଶ୍ୟ ଏବଂ ଶୁଦ୍ରଙ୍କ ଅପେକ୍ଷା କ୍ଷତ୍ରୀୟ ଓ ବ୍ରାହ୍ମଣ ଶ୍ରେଣୀର ସାଧକ ପ୍ରାପ୍ତିର ଅଧିକ ସମୀପବର୍ତ୍ତୀ ଅଟେ । ଶୁଦ୍ର ଓ ବୈଶ୍ୟ ମଧ୍ୟ ସେହି ବ୍ରହ୍ମରେ ପ୍ରବେଶ ପାଇ ଶାନ୍ତ ହୋଇଯିବେ । ପୁଣି ଏହାଠାରୁ ନିମ୍ନଧରଣର ଲୋକଙ୍କର ଅବସ୍ଥା ତ କ'ଣ କହିବା ?

ଗୀତା ଯେଉଁ ଉପନିଷଦର ସାର ସର୍ବସ୍ୱ ଅଟେ, ସେଥିରେ ବ୍ରହ୍ମବିଦୁଷୀ, ମହିଳାମାନଙ୍କ ଆଖ୍ୟାନ ଭରି ରହିଛି । ତଥାକଥିତ ଧର୍ମଭୀରୁ ରୁଢୀବାଦୀ, ବେଦାଧ୍ୟୟନର ଅଧିକାର ଓ ଅନଧିକାର ଦେବାରେ ନିର୍ଣ୍ଣୟ ପାଇପାରୁନଥିଲେ । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ସ୍ପଷ୍ଟ ଉଦ୍‌ଘୋଷ ଏହାଯେ ଯଜ୍ଞାର୍ଥ କର୍ମର ନିର୍ଦ୍ଧାରିତ କ୍ରିୟାରେ ସ୍ତ୍ରୀ ପୁରୁଷ ସମସ୍ତେ ପ୍ରବେଶ ନେଇପାରିବେ । ଅର୍ଥାତ୍ ଭଜନ କରିବା ଅଧିକାର ସମସ୍ତଙ୍କୁ ରହିଲା । ଅତଃ ସେ ଭଜନର ଧାରଣା ଉପରେ ପ୍ରୋତ୍ସାହନ ଦେଇଥାନ୍ତି –

**ମନ୍ମନା ଭବ ମଦ୍‌ଭକ୍ତୋମଦ୍‌ୟାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ ପରାୟଣଃ ।।୩୪।।**

ହେ ଅର୍ଜୁନ! ମୋଠାରେ ହିଁ ମନଯୁକ୍ତ ହୁଅ । ମୋ ବ୍ୟତୀତ ଅନ୍ୟ ଭାବନା ମନରେ ଯେପରି ନଆସୁ । ମୋର ଅନନ୍ୟ ଭକ୍ତ ହୁଅ । ଅନବରତ ଚିନ୍ତନରେ ଲାଗିରୁହ । ଶ୍ରଦ୍ଧା ସହିତ ମୋର ହିଁ ପୂଜନ କର ଏବଂ ମୋତେ ହିଁ ନମସ୍କାର କର । ଏହିପରି ମୋର ଶରଣରେ ଆସି ଆତ୍ମାକୁ ମୋଠାରେ ଏକୀଭାବରେ ସ୍ଥିର କରି, ତୁମେ ମୋତେ ହିଁ ପ୍ରାପ୍ତ ହେବ । ଅର୍ଥାତ୍ ମୋ ସହିତ ଏକତା ପ୍ରାପ୍ତ କରିବ।

**–ନିଷ୍କର୍ଷ–**

ଏହି ଅଧ୍ୟାୟର ପ୍ରାରମ୍ଭରେ ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ତୁମ ପରି ଦୋଷ ରହିତ ଭକ୍ତ ନିମନ୍ତେ ମୁଁ ଏହି ଜ୍ଞାନକୁ ବିଜ୍ଞାନ ସହିତ କହିବି । ଯାହାକୁ ଜାଣିବାପରେ କୌଣସି ସଂଶୟ ରହିବ ନାହିଁ । ଏହାକୁ ଜାଣି ତୁମେ ସଂସାର ବନ୍ଧନରୁ ମୁକ୍ତ ହୋଇଯିବ। ଏହି ଜ୍ଞାନ ସମ୍ପୂର୍ଣ୍ଣ ବିଦ୍ୟାମାନଙ୍କର ରାଜା ଅଟେ । ବିଦ୍ୟା ତାହା ଅଟେ, ଯାହା ପରବ୍ରହ୍ମରେ ପ୍ରବେଶ ଦେଇଥାଏ । ଏହି ଜ୍ଞାନ ତାହାର ମଧ୍ୟ ରାଜା ଅଟେ ଅର୍ଥାତ୍ ନିଶ୍ଚିତ କଲ୍ୟାଣ କରିଥାଏ । ଏହା ସମ୍ପୂର୍ଣ୍ଣ ଗୋପନୀୟତାର ମଧ୍ୟ ରାଜା ଅଟେ, ଗୋପନୀୟ ବସ୍ତୁକୁ ମଧ୍ୟ ପ୍ରତ୍ୟକ୍ଷ କରିଥାଏ । ଏହା ପ୍ରତ୍ୟକ୍ଷ ଫଳଯୁକ୍ତ, ସାଧନ କରିବାରେ ସୁଗମ ଓ ଅବିନାଶୀ ଅଟେ । ଏହାର ଅଳ୍ପ ସାଧନ ମଧ୍ୟ ଆପଣଙ୍କ ଦ୍ୱାରା ହୋଇଗଲେ, ଏହାର କେବେ ବି ବିନାଶ ହୋଇନଥାଏ, ବରଂ ଏହାର ପ୍ରଭାବରୁ ସାଧକ ସେହି ପରମ ଶ୍ରେୟ ପର୍ଯ୍ୟନ୍ତ ପହୁଞ୍ଚିଯାଇଥାଏ । କିନ୍ତୁ ଏଥିରେ ଗୋଟିଏ ସର୍ତ୍ତ ରହିଛି । ଶ୍ରଦ୍ଧା ବିହୀନ ପୁରୁଷ ପରମଗତିକୁ ପ୍ରାପ୍ତ ନ ହୋଇ ସଂସାର ଚକ୍ରରେ ଘୁରିବୁଲୁଥାଏ ।

ଯୋଗେଶ୍ୱର ଶ୍ରୀକୃଷ୍ଣ ଯୋଗର ଐଶ୍ୱର୍ଯ୍ୟ ଉପରେ ମଧ୍ୟ କହିଲେ । ଦୁଃଖ ସଂଯୋଗର ବିୟୋଗ ହିଁ ଯୋଗ ଅଟେ । ଅର୍ଥାତ୍ ଯିଏ ସଂସାରର ସଂଯୋଗ-ବିୟୋଗରୁ ସର୍ବଥା ରହିତ ଅଟେ, ତାହାର ନାମହିଁ ଯୋଗ ଅଟେ । ପରମତତ୍ତ୍ୱ ପରମାତ୍ମାଙ୍କ ମିଳନର ନାମ ହିଁ ଯୋଗ । ପରମାତ୍ମା ପ୍ରାପ୍ତି ହିଁ ଯୋଗର ପରାକାଷ୍ଠା, ଯିଏ ଏଥିରେ ପ୍ରବେଶ ପାଇଗଲା, ସେହି ଯୋଗୀଙ୍କ ପ୍ରଭାବକୁ ଦେଖ ଯେ, ସମ୍ପୂର୍ଣ୍ଣଭୂତର ସ୍ୱାମୀ ଏବଂ ଜୀବଧାରୀଙ୍କ ପୋଷଣକାରୀ ହୋଇ ମଧ୍ୟ ମୋର ଆତ୍ମା ସେହି ଭୂତପ୍ରାଣୀଙ୍କ, ଭିତରେ ସ୍ଥିତ ରହିନଥାଏ । ମୁଁ ଆତ୍ମସ୍ୱରୂପରେ ସ୍ଥିତ ରହିଥାଏ । ମୁଁ ସେ ହିଁ ଅଟେ । ଯେପରି ଆକାଶରେ ଉତ୍ପନ୍ନ ସର୍ବତ୍ର ବିଚରଣ କରୁଥିବା ବାୟୁ ଆକାଶରେ ହିଁ ସ୍ଥିତ ରହିଥାଏ, କିନ୍ତୁ ତାହାକୁ ମିଳନ କରିପାରିନଥାଏ, ସେହିପରି ସମ୍ପୂର୍ଣ୍ଣ ଭୂତ ମୋ ଭିତରେ

ସ୍ଥିତ । କିନ୍ତୁ ମୁଁ ସେଥିରେ ଲିପ୍ତ ନୁହେଁ ।

ହେ ଅର୍ଜୁନ ! କଳ୍ପର ଆଦିରେ ମୁଁ ଭୂତ ପ୍ରାଣୀଙ୍କୁ ବିଶେଷ ପ୍ରକାରରେ ରଚନା କରିଥାଏ, ସଜାଇଥାଏ ଏବଂ କଳ୍ପର ପୁର୍ତ୍ତି କାଳରେ ସମ୍ପୂର୍ଣ୍ଣ ଭୂତ ମୋର ପ୍ରକୃତି ଅର୍ଥାତ୍ ଯୋଗାରୂଢ ମହାପୁରୁଷଙ୍କ ରହଣୀକୁ, ତାହାଙ୍କ ଅବ୍ୟକ୍ତ ଭାବକୁ ପ୍ରାପ୍ତ ହୋଇଥାଏ, ଯଦ୍ୟପି ମହାପୁରୁଷ ପ୍ରକୃତିରୁ ଊର୍ଦ୍ଧ୍ୱରେ କିନ୍ତୁ ପ୍ରାପ୍ତି ପଶ୍ଚାତ୍ ସ୍ୱଭାବ ଅର୍ଥାତ୍ ସ୍ୱୟଂରେ ସ୍ଥିତ ରହି ଲୋକ ସଂଗ୍ରହ ନିମନ୍ତେ ଯେଉଁ କାର୍ଯ୍ୟ କରିଥାନ୍ତି, ତାହା ସେମାନଙ୍କ ଏକ ରହଣୀ ମାତ୍ର । ଏହି ରହଣୀର କାର୍ଯ୍ୟ କଳାପକୁ ସେହି ମହାପୁରୁଷଙ୍କ ପ୍ରକୃତି କହି ସମ୍ବୋଧିତ କରାଯାଇଛି ।

ଏକ ରଚୟୀତା ତ ମୁଁ ଅଟେ, ଯିଏ ଭୂତ ପ୍ରାଣୀଙ୍କୁ କଳ୍ପର ପ୍ରାରମ୍ଭ ନିମନ୍ତେ ପ୍ରେରିତ କରିଥାଏ ଏବଂ ଦ୍ୱିତୀୟ ରଚୟୀତା ତ୍ରିଗୁଣମୟୀ ପ୍ରକୃତି ଅଟେ । ଯାହାକି ମୋର ଅଧ୍ୟାସ ଦ୍ୱାରା ଚରାଚର ସହିତ ଭୂତପ୍ରାଣୀଙ୍କୁ ରଚନା କରିଥାନ୍ତି । ଏହା ମଧ୍ୟ ଗୋଟିଏ କଳ୍ପ ଅଟେ । ଯେଉଁଥିରେ ଶରୀର-ପରିବର୍ତ୍ତନ, ସ୍ୱଭାବ-ପରିବର୍ତ୍ତନ ଏବଂ କାଳ-ପରିବର୍ତ୍ତନ ନିହିତ ରହିଥାଏ । ଗୋସ୍ୱାମୀ ତୁଳସୀଦାସଜୀ ମଧ୍ୟ ଏହା ହିଁ କହୁଛନ୍ତି

**ଏକ ଦୁଷ୍ଟ ଅତିଶୟ ଦୁଃଖ ରୂପା ।**
**ଜା ବସ ଜୀବ ପରା ଭାବକୂପା ॥ (ର.ମା.୩-୧୪-୫)**

ପ୍ରକୃତିର ଦୁଇଟି ଭେଦ ବିଦ୍ୟା ଓ ଅବିଦ୍ୟା । ଏଥିରେ ଅବିଦ୍ୟା ଦୁଷ୍ଟ ଅଟେ, ଦୁଃଖରୂପ ଅଟେ, ଯେଉଁଥିରେ ବିବଶ ହୋଇ ଜୀବ ଭବକୂପରେ ପଡ଼ିଥାଏ, ଯାହାଦ୍ୱାରା ପ୍ରେରିତ ହୋଇ ଜୀବ କାଳ, କର୍ମ, ସ୍ୱଭାବ ଏବଂ ଗୁଣର ଘେରାଉରେ ଆସିଯାଇଥାଏ । ଅନ୍ୟଟି ବିଦ୍ୟାମାୟା । ଯାହାକୁ ଶ୍ରୀକୃଷ୍ଣ କହନ୍ତି- ମୁଁ ରଚନା କରିଥାଏ । ଗୋସ୍ୱାମୀଙ୍କ ଅନୁସାରେ ପ୍ରଭୁ ରଚନା କରିଥାନ୍ତି-

**ଏକ ରଚଇ ଜଗ ଗୁଣବସ ଜାକେ ।**
**ପ୍ରଭୁ ପ୍ରେରିତ ନାହିଁ ନିଜ ବଳ ତାକେ ॥ (ରା.ମା.୩-୧୪-୬)**

ମାୟା ଜଗତ ରଚନା କରିଥାଏ, ଯାହାର ଆଶ୍ରିତ ଗୁଣ ସମୁହ ରହିଥାନ୍ତି । କଲ୍ୟାଣକାରୀ ଗୁଣ ଏକମାତ୍ର ଈଶ୍ୱରଙ୍କଠାରେ ରହିଛି । ପ୍ରକୃତିରେ ଗୁଣ ହିଁ ନାହିଁ । ତାହା ତ ନଶ୍ୱର କିନ୍ତୁ ବିଦ୍ୟାରେ ପ୍ରଭୁ ହିଁ ପ୍ରେରକ ହୋଇ ତାହା ରଚନା କରିଥାନ୍ତି । ଏହିପରି କଳ୍ପ ଦୁଇ ପ୍ରକାରର ରହିଛି । ଏକ ତ ବସ୍ତୁର, ଶରୀର ଓ କାଳର ପରିବର୍ତ୍ତନ କଳ୍ପ ଅଟେ । କିନ୍ତୁ ଏହି ପରିବର୍ତ୍ତନ ପ୍ରକୃତି ହିଁ ମୋର ଆଭାସ ଦ୍ୱାରା କରିଥାଏ । କିନ୍ତୁ ଏହାଠାରୁ ମହାନ କଳ୍ପ ଯାହା କି ଆତ୍ମାକୁ ନିର୍ମଳ ସ୍ୱରୂପ ପ୍ରଦାନ କରିଥାଏ । ତାହାର ଶୃଙ୍ଗାର ମହାପୁରୁଷ କରିଥାନ୍ତି । ସେମାନେ ଅଚେତ ଭୂତମାନଙ୍କୁ ସଚେତନ କରିଥାନ୍ତି ।

ଭଜନର ଆଦି ହିଁ ଏହି କଳ୍ପର ପ୍ରାରମ୍ଭ ଅଟେ ଏବଂ ଭଜନର ପରାକାଷ୍ଠା କଳ୍ପର ଅନ୍ତ ଅଟେ । ଯେବେ ଏହି କଳ୍ପ ଭବରୋଗରୁ ପୂର୍ଣ୍ଣ ନିରୋଗ କରି ଶାଶ୍ୱତ ବ୍ରହ୍ମରେ ପ୍ରବେଶ, (ସ୍ଥିତ) ଦେଇଥାଏ, ସେହି ପ୍ରବେଶ କାଳରେ ଯୋଗୀ ମୋର ରହଣୀ ଏବଂ ମୋର ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ପ୍ରାପ୍ତି ପଶ୍ଚାତ୍ ମହାପୁରୁଷଙ୍କ ରହଣୀ ହିଁ ତହାଙ୍କ ପ୍ରକୃତି ଅଟେ ।

ଧର୍ମଗ୍ରନ୍ଥରେ ଦୃଷ୍ଟାନ୍ତ ମିଳିଥାଏ ଯେ, ଚାରିଯୁଗ ବ୍ୟତୀତ ହେବା ପରେ ହିଁ କଳ୍ପ ପୂର୍ଣ୍ଣ ହୋଇଥାଏ, ମହାପ୍ରଳୟ ହୋଇଥାଏ । ପ୍ରାୟଃ ଲୋକେ ଏହାକୁ ଯଥାର୍ଥ ବୁଝନ୍ତି ନାହିଁ । ଯୁଗର ଅର୍ଥ ହେଉଛି 'ଦୁଇ', ଯେଉଁ ପର୍ଯ୍ୟନ୍ତ ଆପଣ ଅଲଗା ଓ ଆରଧ୍ୟ ଅଲଗା ଅଛନ୍ତି, ସେ ପର୍ଯ୍ୟନ୍ତ ଯୁଗ ଧର୍ମ ରହିଥାଏ । ଗୋସ୍ୱାମୀଜୀ ରାମଚରିତ ମାନସର ଉତ୍ତର କାଣ୍ଡର ଏହାର ଚର୍ଚ୍ଚା କରିଛନ୍ତି । ଯେତେବେଳେ ତାମସୀଗୁଣ କାର୍ଯ୍ୟ କରିଥାଏ, ରଜୋଗୁଣ ଅଳ୍ପମାତ୍ରାରେ ରହିଛି, ଏବଂ ଚତୁର୍ଦିଗରୁ ବୈରୀ ବିରୋଧ ରହିଛି, ଏହି ପରିବ୍ୟକ୍ତି ହିଁ କଳି ଯୁଗବାଲା ଅଟେ, ସେ ଭଜନ କରିପାରି ନଥାଏ । କିନ୍ତୁ ସାଧନ ପ୍ରାରମ୍ଭ ହେବା ପରେ ଯୁଗ ପରିବର୍ତ୍ତନ ହୋଇଯାଇଥାଏ । ରଜୋଗୁଣ ବଢ଼ିବାରେ ଲାଗିଥାଏ । ତମୋଗୁଣ କ୍ଷୀଣ ହୋଇଚାଲିଥାଏ । କିଛି ସତ୍ତ୍ୱଗୁଣ ମଧ୍ୟ ସ୍ୱଭାବରେ ଆସିଯାଇଥାଏ । ହର୍ଷ ଓ ଭୟର ଦୁବିଧା ଲାଗି ରହିଥାଏ । ତେବେ ଏହି ସାଧକ ଦ୍ୱାପର ଅବସ୍ଥାକୁ ଆସିଯାଇଥାଏ । କ୍ରମଶ । ସତ୍ତ୍ୱଗୁଣର ବୃଦ୍ଧି ହେବା ପରେ ରଜୋଗୁଣ ସ୍ୱଳ୍ପ ରହିଯାଏ ଏବଂ ତମୋଗୁଣ ସୁପ୍ତ ଅବସ୍ଥାରେ ରହିଥାଏ । ଆରାଧନା କର୍ମରେ ରତୀ(ପ୍ରୀତି) ଉତ୍ପନ୍ନ ହୋଇଯାଇଥାଏ । ଏପରି ତ୍ରୋତୟାଯୁଗରେ ତ୍ୟାଗର ସ୍ଥିତିଯୁକ୍ତ ସାଧକ ଅନେକ ପ୍ରକାରର ଯଜ୍ଞ କରିଥାଏ । **'ଯଜ୍ଞାନାଂ ଜପ ଜଜ୍ଞୋଽସ୍ମି'** – ଯଜ୍ଞ ଶ୍ରେଣୀଯୁକ୍ତ ଜପ, ଯାହାର ହ୍ରାସ-ବୃଦ୍ଧି ଶ୍ୱାସ-ପ୍ରଶ୍ୱାସ ଉପରେ ରହିଥାଏ, ଯଜ୍ଞ କରିବାରେ କ୍ଷମତା ରହିଥାଏ । ଯେବେ ମାତ୍ର ସତ୍ତ୍ୱଗୁଣ ଶେଷ ରହିଲା, ବିଷମତା ନଷ୍ଟ ହୋଇଗଲା, ସମତା ଆସିଗଲା, ଏହା ହିଁ କୃତଯୁଗ ଅର୍ଥାତ୍ କୃତାର୍ଥ ଯୁଗ ଅଥବା ସତ୍ୟଯୁଗର ପ୍ରଭାବ ଅଟେ । ସେହି ସମୟରେ ସମସ୍ତ ଯୋଗୀ ବିଜ୍ଞାନୀ ହୋଇଥାନ୍ତି । ଈଶ୍ୱରଙ୍କ ସାକ୍ଷାତ୍କାର କରିବା ବ୍ୟକ୍ତି ଅଟନ୍ତି । ସ୍ୱଭାବିକ ଧ୍ୟାନ ଧରିବାରେ ସେମାନଙ୍କ ପାଖରେ କ୍ଷମତା ରହିଥାଏ ।

ବିବେକୀ ଲୋକ ଯୁଗ ଧର୍ମର ହ୍ରାସ ବୃଦ୍ଧି ମନରେ ବୁଝି ପାରିଥାନ୍ତି, ମନର ନିରୋଧ ନିମନ୍ତେ ଅଧର୍ମକୁ ତ୍ୟାଗ କରି ଧର୍ମରେ ପ୍ରବୃତ୍ତ ହୋଇଯାଆନ୍ତି । ନିରୋଧ ମନର ମଧ୍ୟ ବିଲୟ ହୋଇଗଲା ପରେ ଯୁଗ ସହିତ କଳ୍ପର ମଧ୍ୟ ଅନ୍ତ ହୋଇଯାଇଥାଏ । ପୂର୍ଣ୍ଣତାରେ ପ୍ରବେଶ ଦେଇ କଳ୍ପ ମଧ୍ୟ ଶାନ୍ତ ହୋଇଯାଏ । ଏହା ହିଁ ପ୍ରଳୟ । ଯେବେ

ପ୍ରକୃତି ପୁରୁଷରେ ବିଲୀନ ହୋଇଯାଏ । ଏହା ପରେ ମହାପୁରୁଷଙ୍କ ଯେଉଁ ରହଣୀ ରହିଛି, ତାହା ହିଁ ତାହାଙ୍କ ପକୃତି ଅଟେ, ତାହାଙ୍କ ସ୍ୱଭାବ ଅଟେ ।

ଯୋଗେଶ୍ୱର ଶ୍ରୀକୃଷ୍ଣ କହନ୍ତି– ହେ ଅର୍ଜୁନ ! ମୂଢ ଲୋକେ ମୋତେ ଜାଣି ପାରନ୍ତି ନାହିଁ । ମୋତେ ଅର୍ଥାତ୍ ଈଶ୍ୱରଙ୍କ ଈଶ୍ୱରଙ୍କୁ ମଧ୍ୟ ତୁଚ୍ଛ ମନେ କରନ୍ତି । ସାଧାରଣ ମନୁଷ୍ୟ ମାନିଥାନ୍ତି । ପ୍ରତ୍ୟେକ ମହାପୁରୁଷ ସହିତ ଏହା ହିଁ ବିଡ଼ମ୍ବନା ରହିଛି ଯେ, ତତ୍‌କାଳୀନ ସମାଜ ତାଙ୍କୁ ଉପେକ୍ଷା କରୁଥାନ୍ତି । ତାହାଙ୍କୁ ବହୁଳ ଭାବରେ ବିରୋଧ କରୁଥିଲେ । ଶ୍ରୀକୃଷ୍ଣ ମଧ୍ୟ ଏଥିରୁ ଅପବାଦ ନଥିଲେ । ସେ କହୁଥିଲେ– ମୁଁ ପରମ ଭାବରେ ସ୍ଥିତ ରହିଛି, କିନ୍ତୁ ମୋର ଶରୀର ମଧ୍ୟ ମନୁଷ୍ୟର ହିଁ ଅଟେ । ଅତଃ ମୂଢ ପୁରୁଷ ମୋତେ ତୁଚ୍ଛ କହି ମନୁଷ୍ୟ କହି ସମ୍ବୋଧିତ କରିଥାନ୍ତି । ଏପରି ଲୋକେ ବ୍ୟର୍ଥ ଆଶାଯୁକ୍ତ, ବ୍ୟର୍ଥକର୍ମଯୁକ୍ତ, ବ୍ୟର୍ଥ ଜ୍ଞାନଯୁକ୍ତ ହୋଇଥାନ୍ତି, ଯାହାକିଛି କରିଦିଅନ୍ତି ଏବଂ କହିଥାନ୍ତି ଯେ, ଆମ୍ଭେ ତ କାମନା କରୁନାହୁଁ, ହୋଇଗଲେ ଏମାନେ ନିଷ୍କାମ କର୍ମଯୋଗୀ । ସେହି ଆସୁରୀ ସ୍ୱଭାବଯୁକ୍ତ ଲୋକେ ମୋତେ ପରଖି ପାରନ୍ତି ନାହିଁ କିନ୍ତୁ ଦୈବୀ ସମ୍ପଦକୁ ପ୍ରାପ୍ତ କରିଥିବା ବ୍ୟକ୍ତି ଅନନ୍ୟ ଭାବରେ ମୋର ଧ୍ୟାନ କରିଥାନ୍ତି, ମୋର ଗୁଣର ନିରନ୍ତର ଚିନ୍ତନ କରିଥାନ୍ତି ।

ଅନନ୍ୟ ଉପାସନା ଅର୍ଥାତ୍ ଯଜ୍ଞାର୍ଥ କର୍ମର ଦୁଇଟି ହିଁ ମାର୍ଗ । ପ୍ରଥମ ହେଉଛି ଜ୍ଞାନଯଜ୍ଞ ଅର୍ଥାତ୍ ନିଜ ଭରସାରେ, ନିଜ ଶକ୍ତିକୁ ବୁଝିପାରି ସେହି ନିୟତ କର୍ମରେ ପ୍ରବୃତ୍ତ ହେବା ଏବଂ ଅନ୍ୟ ବିଧି ସ୍ୱାମୀ–ସେବକ ଭାବନାର ଅଟେ, ଯେଉଁଥିରେ ସଦ୍‌ଗୁରୁଙ୍କ ପ୍ରତି ସମର୍ପିତ ହୋଇ ସେହି କର୍ମ କରାଯାଇଥାଏ । ଏହି ଦୁଇ ଦୃଷ୍ଟି ଦ୍ୱାରା ଲୋକେ ମୋର ଉପାସନା କରିଥାନ୍ତି । କିନ୍ତୁ ତାହାଙ୍କ ଦ୍ୱାରା ଯେଉଁ ସାଧନା ହୋଇଥାଏ, ସେହି ଯଜ୍ଞ, ସେହି ହବନ, ସେହି କର୍ତ୍ତା, ଶ୍ରଦ୍ଧାଙ୍କ ଔଷଧି ଯାହା ଦ୍ୱାରା ଭାବରୋଗର ଚିକିତ୍ସା ହୋଇଥାଏ, ତାହା ମୁଁ ହିଁ ଅଟେ । ପରିଶେଷରେ ଯେଉଁ ଗତି ପ୍ରାପ୍ତ ହୋଇଥାଏ, ତାହା ମଧ୍ୟ ମୁଁ ହିଁ ଅଟେ ।

ଏହି ଯଜ୍ଞକୁ ଲୋକେ **'ତ୍ରୈବିଦ୍ୟାଃ'**– ଅର୍ଥାତ ପ୍ରାର୍ଥନା, ଯଜନ(ପୂଜନ) ଏବଂ ସମତ୍ୱ ଦେଉଥିବା ବିଧି ଦ୍ୱାରା ସମ୍ପାଦନ କରିଥାନ୍ତି, କିନ୍ତୁ ବଦଳରେ ସ୍ୱର୍ଗର କାମନା କରିଥାନ୍ତି, ତାହାଙ୍କୁ ମୁଁ ସ୍ୱର୍ଗ ମଧ୍ୟ ଦେଇଥାଏ । ତାହାର ପ୍ରଭାବରେ ସେମାନେ ଇନ୍ଦ୍ରପଦକୁ ପ୍ରାପ୍ତ କରି ନେଇଥାନ୍ତି । ଦୀର୍ଘକାଳ ପର୍ଯ୍ୟନ୍ତ ସ୍ୱର୍ଗରେ ରହି ଭୋଗକୁ ଭୋଗିଥାନ୍ତି । କିନ୍ତୁ ପୂଣ୍ୟ କ୍ଷୀଣ ହେବାପରେ ସେ ପୁନର୍ଜନ୍ମକୁ ପ୍ରାପ୍ତ ହୋଇଥାନ୍ତି । ତାହାଙ୍କ କ୍ରିୟା ସଠିକ୍ ଥିଲା କିନ୍ତୁ ଭୋଗ କାମନା ରହିଥିବାରୁ ପୁନର୍ଜନ୍ମ ପାଇଥାନ୍ତି । ଅତଃ ଭୋଗର କାମନା କରିବା ଉଚ୍ଚିତ ନୁହେଁ । ଯିଏ ଅନନ୍ୟ ଭାବରେ ଅର୍ଥାତ୍

ମୋର ବ୍ୟତୀତ ଅନ୍ୟ କିଛି ନାହିଁ, ଏପରି ଭାବରେ ନିରନ୍ତର ମୋର ଚିନ୍ତନ କରିଥାନ୍ତି, ଲେଶମାତ୍ର ଯାହାର ଭଜନରେ ତ୍ରୁଟି ନରହିଥାଏ, ତାହାଙ୍କ ଯୋଗ ସୁରକ୍ଷାର ଭାର ମୁଁ ମୋ ନିଜ ହାତରେ ନେଇଥାଏ ।

ଏତିକି ହେବା ପରେ ମଧ୍ୟ କିଛି ଲୋକେ ଅନ୍ୟ ଦେବତାଙ୍କ ପୂଜା କରିଥାନ୍ତି । ସେମାନେ ମଧ୍ୟ ମୋର ହିଁ ପୂଜନ କରିଥାନ୍ତି, କିନ୍ତୁ ତାହା ମୋର ପ୍ରାପ୍ତିର ବିଧି ବିଶେଷ ନୁହଁ । ସେ ସମ୍ପୂର୍ଣ୍ଣ ଯଜ୍ଞର ଭୋକ୍ତା ରୂପରେ ମୋତେ ଜାଣନ୍ତି ନାହିଁ ଅର୍ଥାତ୍ ତାହାଙ୍କ ପୂଜାର ପରିଣାମରେ ମୁଁ ପ୍ରାପ୍ତ ହୋଇନଥାଏ । ତେଣୁକରି ସେମାନଙ୍କର ପତନ ହୋଇଯାଇଥାଏ । ସେମାନେ ଦେବତା, ଭୂତ ଅଥବା ପିତୃ ଲୋକଙ୍କ କଳ୍ପିତ ରୂପରେ ନିବାସ କରିଥାନ୍ତି । ଯେତେବେଳେ କି ମୋର ଭକ୍ତ ସାକ୍ଷାତ ମୋ ଭିତରେ ହିଁ ନିବାସ କରିଥାନ୍ତି । ମୋର ହିଁ ସ୍ୱରୂପ ହୋଇଥାନ୍ତି ।

ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି ଯଜ୍ଞାର୍ଥ କର୍ମକୁ ଅତ୍ୟନ୍ତ ସୁଗମ ବୋଲି କହିଲେ– କେହି ଫଳ, ଫୁଲ ଯାହାକିଛି ଶ୍ରଦ୍ଧାରେ ଦେଇଥାନ୍ତି, ତାହାକୁ ମୁଁ ସ୍ୱୀକାର କରିଥାଏ । ଅତଃ ହେ ଅର୍ଜୁନ ! ତୁମେ ଯାହା କିଛି ଆରାଧନା କରୁଛ, ସେ ସବୁ ମୋତେ ସମର୍ପିତ କର । ଯେବେ ସର୍ବସ୍ୱର ନ୍ୟାସ ହୋଇଯିବ, ତେବେ ଯୋଗଯୁକ୍ତ ହୋଇ ତୁମେ କର୍ମ ବନ୍ଧନରୁ ମୁକ୍ତ ହୋଇଯିବ ଏବଂ ଏହି ମୁକ୍ତ ମୋର ହିଁ ସ୍ୱରୂପ ଅଟେ ।

ଦୁନିଆରେ ସମ୍ପୂର୍ଣ୍ଣ ପ୍ରାଣୀ ମୋର ହିଁ ଅଟନ୍ତି । ଯେକୌଣସି ପ୍ରାଣୀଠାରେ ନା ମୋର ପ୍ରେମ ରହିଛି, ନା ଦ୍ୱେଷ । ମୁଁ ତଟସ୍ଥ ଅଟେ, କିନ୍ତୁ ଯିଏ ମୋର ଅନନ୍ୟ ଭକ୍ତ ସେ ମୋ ଭିତରେ ଏବଂ ମୁଁ ତା ଭିତରେ ରହିଥାଏ । ଅତ୍ୟନ୍ତ ଦୁରାଚାରୀ ଜଘନ୍ୟତମ ପାପୀ ହେଉନା କାହିଁକି ତଥାପି ଯଦି ସେ ଅନନ୍ୟ ଶ୍ରଦ୍ଧା–ଭକ୍ତି ଦ୍ୱାରା ମୋର ଭଜନ କରୁଥାଏ, ତେବେ ସେ ସାଧୁ ଭାବେ ହିଁ ଗ୍ରହଣ ଯୋଗ୍ୟ । ତାହାର ନିଶ୍ଚୟ ସ୍ଥିର ଅଟେ, ତେବେ ସେ ଶିଘ୍ର ହିଁ ପରମାତ୍ମାରେ ସଂଯୁକ୍ତ ହୋଇଯାଇଥାଏ ଏବଂ ସଦାସର୍ବଦା ରହିଥିବା, ପରମଶାନ୍ତିକୁ ପ୍ରାପ୍ତ ହୋଇଥାଏ । ଏଠାରେ ଶ୍ରୀକୃଷ୍ଣ ସ୍ପଷ୍ଟ କଲେ ଯେ, ଧାର୍ମିକ କିଏ ? ସଷ୍ଟିରେ ଜନ୍ମ ନେଉଥିବା କୌଣସି ପ୍ରାଣୀ ଯଦି ଅନନ୍ୟ ଭାବରେ ଏକ ପରମାତ୍ମାଙ୍କ ଭଜନ କରୁଥାଏ, ତାହାଙ୍କ ନିରନ୍ତର ଚିନ୍ତନ କରୁଥାଏ, ତେବେ ସେ ଶିଘ୍ର ହିଁ ଧାର୍ମିକ ହୋଇଯାଇଥାଏ । ଅତଃ ଧାର୍ମିକ ସେ ଅଟେ, ଯିଏ ଏକ ପରମାତ୍ମାଙ୍କ ସ୍ମରଣ କରୁଥାଏ । ପରିଶେଷରେ ଆଶ୍ୱାସନା ଦେଉଛନ୍ତି – ହେ ଅର୍ଜୁନ ! ମୋର ଭକ୍ତ କେବେ ବି ନଷ୍ଟ ହୁଏନାହିଁ । କେହି ଶୁଦ୍ର ହେଉ, ସ୍ତ୍ରୀ ହେଉ, ନୀଚ ହେଉ, ଆଦିବାସୀ ହେଉ ଅଥବା ଅନାଦିବାସୀ, ଯେ କୌଣସି ନାମଧାରୀ ହେଉ ନା କାହିଁକି, ପୁରୁଷ ବା ସ୍ତ୍ରୀ, ପାପଯୋନୀ, ତୀର୍ଯ୍ୟକ ଯୋନୀବାଲା ଯିଏ ହେଉନା କାହିଁକି

ମୋର ଶରଣାଗତ ହୋଇ ପରମ ଶ୍ରେୟକୁ ପ୍ରାପ୍ତ କରିଥାଏ । ତେଣୁକରି ହେ ଅର୍ଜୁନ ! ସୁଖ ରହିତ, କ୍ଷରଭଙ୍ଗୁର, କିନ୍ତୁ ଦୁର୍ଲଭ ମନୁଷ୍ୟ ଶରୀରକୁ ପ୍ରାପ୍ତ କରି, ତୁମେ ମୋର ଭଜନ କର । ତେବେ ତ ଯିଏ ପ୍ରବେଶ ଦେଉଥିବା ଅର୍ହତା ଅର୍ଥାତ୍ ନିର୍ବାଣଯୁକ୍ତ ହୋଇଥିବା ସେହି ବ୍ରାହ୍ମଣ ତଥା ଯିଏ ରାଜର୍ଷିତ୍ୱ ସ୍ତରରେ ରହି ଭଜିବା ବ୍ୟକ୍ତି ନିମନ୍ତେ କ'ଣ ବା କହିବା ? ସେ ତ ମୁକ୍ତ ହିଁ ଅଟେ । ଅତଃ ହେ ଅର୍ଜୁନ ! ନିରନ୍ତର ମୋଠାରେ ମନକୁ ଲଗାଅ । ନିରନ୍ତର ନମସ୍କାର କର । ଏହିପରି ମୋର ଶରଣଗତ ହୋଇ ତୁମେ ମୋତେ ହିଁ ପ୍ରାପ୍ତ ହେବ । ଯେଉଁଠାରୁ ପଛକୁ ଆସିବାକୁ ପଡ଼ିନଥାଏ । ପ୍ରସ୍ତୁତ ଅଧ୍ୟାୟରେ ସେହି ବିଦ୍ୟାକୁ ପ୍ରକାଶ କରାଯାଇଛି, ଯାହାକୁ ଶ୍ରୀକୃଷ୍ଣ ସ୍ୱୟଂ ଜାଗ୍ରତ କରୁଛନ୍ତି । ଏହା ରାଜବିଦ୍ୟା ଅଟେ । ଯାହା ଥରେ ଜାଗ୍ରତ ହୋଇଗଲା ପରେ ନିଶ୍ଚିତ ରୂପେ କଲ୍ୟାଣ କରିଥାଏ– ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ରାଜ ବିଦ୍ୟା ଜାଗୃତି' ନାମ ନବମୋଽଧ୍ୟାୟଃ ॥୯॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ରାଜ ବିଦ୍ୟା ଜାଗୃତି' ନାମ ନବମୋଽଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ରାଜ ବିଦ୍ୟା ଜାଗୃତି' ନାମ ନବମୋଽଧ୍ୟାୟ ॥୯॥**

॥ ହରି ଓଁ ତତ୍‌ସତ୍ ॥

ଓଁ

# ଶ୍ରୀ ପରମାତ୍ମନେ ନମଃ

# ଅଥ ଦଶମୋଽଧ୍ୟାୟଃ

ଗତ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଗୁପ୍ତ ରାଜ ବିଦ୍ୟାର ଚିତ୍ରଣ କଲେ । ଯାହା ନିଶ୍ଚୟ ହିଁ କଲ୍ୟାଣ କରିଥାଏ । ଦଶମ ଅଧ୍ୟାୟରେ ସେ କହିଲେ– ହେ ମହାବାହୋ ଅର୍ଜୁନ ! ମୋର ପରମ ରହସ୍ୟଯୁକ୍ତ ବଚନକୁ ପୁନଃ ତୁମେ ଶ୍ରବଣ କର । ଏଠାରେ ତାହା ଦ୍ୱିତୀୟ ଥର କହିବା ଆବଶ୍ୟକ ବା କ'ଣ ? ବସ୍ତୁତଃ ସାଧକଙ୍କୁ ପୂର୍ତ୍ତି ପର୍ଯ୍ୟନ୍ତ ବିପଦ ରହିଥାଏ । ଯେପରି ଯେପରି ସେ ସ୍ୱରୂପ ଆଡ଼କୁ ଅଗ୍ରସର ହୋଇଥାଏ, ସେପରି ସେପରି ପ୍ରକୃତିର ଆବରଣ ସୂକ୍ଷ୍ମ ହୋଇଯାଉଥାଏ । ନୂଆଁ ନୂଆଁ ଦୃଶ୍ୟ ଓ ଅନୁଭବ ଆସିଥାଏ । ତାହାର ଜାନକାରୀ ମହାପୁରୁଷ ହିଁ ଦେଉଥାନ୍ତି । ସାଧକ ଜାଣିପାରୁନଥାଏ । ଯଦି ସଦ୍‌ଗୁରୁ ମାର୍ଗ ଦର୍ଶନ କରାଇବା ବନ୍ଦ କରିଦେବେ, ତେବେ ସାଧକ ସ୍ୱରୂପ ଉପଲବ୍ଧରୁ ବଞ୍ଚିତ ରହିଯିବ । ଯେଉଁ ପର୍ଯ୍ୟନ୍ତ ସେ ସ୍ୱରୂପରୁ ଦୂର ରହିଥାଏ, ସେ ପର୍ଯ୍ୟନ୍ତ ଏହା ସିଦ୍ଧ ହେଉଛି ଯେ, ପ୍ରକୃତିର କୌଣସି ଆବରଣ ଲାଗି ରହିଛି । ପତନ ଓ ବିଚଳିତ ହେବାର ସମ୍ଭାବନା ରହିଥାଏ । ଅର୍ଜୁନ ଶରଣାଗତ ଶିଷ୍ୟଥିଲେ । ସେ କହିଥିଲେ, **'ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'**– ଭଗବାନ ମୁଁ ଆପଣଙ୍କ ଶିଷ୍ୟ ଅଟେ । ଆପଣଙ୍କର ଶରଣରେ ଆସିଛି । ମୋତେ ସମ୍ଭାଳନ୍ତୁ । ଅତଃ ତାହାଙ୍କ ହିତାର୍ଥେ ଯୋଗେଶ୍ୱର ଶ୍ରୀକୃଷ୍ଣ ପୁନଃ କହିଲେ –

**ଭଗବାନୁବାଚ**

**ଭୂୟ ଏବ ମହାବାହୋ ଶୃଣୁ ମେ ପରମଂ ବଚଃ ।**
**ୟତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ॥୧॥**

ହେ ମହାବାହୋ ଅର୍ଜୁନ ! ମୋର ପରମ ପ୍ରଭାବଯୁକ୍ତ ବଚନକୁ ପୁନଃ ଶୁଣ । ଯାହା ମୁଁ ତୁମ ପରି ଅତିଶୟ ସ୍ନେହ ରଖିଥିବା ବ୍ୟକ୍ତିଙ୍କ ହିତ କାମନା ନିମନ୍ତେ କହିବି ।

**ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।**
**ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ॥୨॥**

ହେ ଅର୍ଜୁନ ! ମୋର ଉତ୍ପତ୍ତିକୁ ନା ଦେବତାଗଣ ଜାଣିଥାନ୍ତି, ନା ମହର୍ଷିଗଣ ହିଁ ଜାଣିଛନ୍ତି । ଶ୍ରୀକୃଷ୍ଣ କହିଥିଲେ, **'ଜନ୍ମ କର୍ମ ଚମେ ଦିବ୍ୟଂ'**– ମୋର ସେହି ଜନ୍ମ

ଓ କର୍ମ ଅଲୌକିକ ଅଟେ । ଏହି ଚର୍ମଚକ୍ଷୁ ଦ୍ୱାରା ତାହାକୁ ଦେଖି ହେବ ନାହିଁ । ତେଣୁ ମୋର ପ୍ରକଟ ରୂପକୁ ଦେବ ଓ ମହର୍ଷି ସ୍ତରକୁ ପହଞ୍ଚିଥିବା ବ୍ୟକ୍ତି ମଧ୍ୟ ଜାଣିନଥାନ୍ତି । ମୁଁ ସମସ୍ତ ପ୍ରକାର ଦେବତା ଓ ମହର୍ଷିମାନଙ୍କ ଆଦି କାରଣ ଅଟେ ।

**ଯୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।**
**ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ।।୩।।**

ଯିଏ ମୋତେ ଜନ୍ମ-ମୃତ୍ୟୁ ରହିତ, ଆଦି-ଅନ୍ତ ରହିତ, ସମସ୍ତଙ୍କର ମହାନ୍ ଈଶ୍ୱରଙ୍କୁ ସାକ୍ଷାତ୍‌କାର ସହିତ ବିଦିତ କରି ନେଇଥାଏ, ସେହି ପୁରୁଷ ମରଣ ଧର୍ମା ମନୁଷ୍ୟଙ୍କ ମଧ୍ୟରେ ଜ୍ଞାନବାନ୍ ଅଟେ ଅର୍ଥାତ୍ ଅଜ, ଅନାଦି ଏବଂ ସର୍ବଲୋକ ମହେଶ୍ୱରଙ୍କୁ ଭଲରୂପେ ଜାଣିବା ହିଁ ଜ୍ଞାନ ଅଟେ । ଏପରି ଜାଣିପାରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ପାପରୁ ମୁକ୍ତ ହୋଇଯାଇଥାଏ । ପୁନର୍ଜନ୍ମକୁ ପ୍ରାପ୍ତ ହୋଇନଥାଏ । ଶ୍ରୀକୃଷ୍ଣ କହନ୍ତି- ଏହି ଉପଲବ୍ଧି ମଧ୍ୟ ମୁଁ ହିଁ ଦେଇଥାଏ ।

**ବୁଦ୍ଧିର୍ଜ୍ଞାନମସଂମୋହଃ କ୍ଷମାସତ୍ୟଂ ଦମଃ ଶମଃ ।**
**ସୁଖଂ ଭବୋଽଭାବୋ ଭୟଂଚାଭୟମେବ ଚ ।।୪।।**

ହେ ଅର୍ଜୁନ ! ନିଶ୍ଚୟାତ୍ମକ ବୁଦ୍ଧି, ସାକ୍ଷାତ୍‌କାର ସହିତ ଜାନକାରୀ, ଲକ୍ଷରେ ବିବେକ ପୂର୍ବକ ପ୍ରବୃତ୍ତି, କ୍ଷମା, ଶାଶ୍ୱତ-ସତ୍ୟ, ଇନ୍ଦ୍ରିୟମାନଙ୍କ ଦମନ, ମନର ଶମନ,ଅନ୍ତକରଣର ପ୍ରସନ୍ନତା, ଚିନ୍ତନ ପଥରେ କଷ୍ଟ, ପରମାତ୍ମାଙ୍କ ଜାଗୃତି, ସ୍ୱରୂପ ପ୍ରାପ୍ତିକାଳରେ ସର୍ବସ୍ୱ ବିଲୟ, ଇଷ୍ଟଙ୍କ ପ୍ରତି ଅନୁଶାସନାତ୍ମକ ଭୟ ଓ ପ୍ରକୃତି ଠାରୁ ନିର୍ଭୟତା ତଥା-

**ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽୟଶଃ ।**
**ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ।।୫।।**

ଅହିଂସା ଅର୍ଥାତ୍ ନିଜ ଆତ୍ମାକୁ ଅଧୋଗତିରେ ନ ପହୁଞ୍ଚାଇବା ଆଚରଣ ।ସମତା ଅର୍ଥାତ୍ ଯେଉଁଥିରେ ବିଷମତା ନ ରହିବ, ସନ୍ତୋଷ, ତପ ଅର୍ଥାତ୍ ମନ ସହିତ ଇନ୍ଦ୍ରିୟଙ୍କୁ ଲକ୍ଷ ଅନୁରୂପରେ ତପାଇବା, ଦାନ ଅର୍ଥାତ୍ ସର୍ବସ୍ୱ ସମର୍ପଣ, ଭଗବତ୍ ପଥରେ ମାନ-ଅପମାନର ହନନ, ଏହିପରି ପ୍ରାଣୀମାନଙ୍କ ଉପରୋକ୍ତ ଭାବ ମୋଠାରୁ ହିଁ ପ୍ରାପ୍ତ ହୋଇଥାଏ । ଏହି ସମସ୍ତ ଭାବ ଦୈବୀ ଚିନ୍ତନ ପଦ୍ଧତିର ଲକ୍ଷଣ ଅଟେ । ଏହାର ଅଭାବ ହିଁ ଆସୁରୀ ସମ୍ପଦ ଅଟେ ।

**ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।**
**ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।୬।।**

ସପ୍ତର୍ଷି ଅର୍ଥାତ୍ ଯୋଗର ସାତୋଟି କ୍ରମିକ ଭୂମିକା- (ଶୁଭେଚ୍ଛା, ସୁବିଚାରଣା,

ତନୁମାନସା, ସତ୍ୱାପତ୍ତି, ଅସଙ୍ଗ ଶକ୍ତି, ପଦାର୍ଥାଭାବନା ଓ ତୁର୍ୟ୍ୟଗା) ତଥା ଏହାର ଅନୁରୂପ ଅନ୍ତଃକରଣ ଚତୁଷ୍ଟୟ ଯଥା (ମନ, ବୁଦ୍ଧି, ଚିତ୍ତ ଓ ଅହଂକାର) । ତାହାର ଅନୁରୂପ ମନ ଯାହା ମୋ ଠାରେ ଭାବଯୁକ୍ତ । ଏହି ସମସ୍ତ ମୋର ହିଁ ସଙ୍କଳ୍ପ ଦ୍ୱାରା (ମୋର ପ୍ରାପ୍ତିର ସଙ୍କଳ୍ପ ଦ୍ୱାରା ତଥା ଯାହା ମୋର ହିଁ ପ୍ରେରଣା ଦ୍ୱାରା ହୋଇଥାଏ । ଉଭୟ ପରସ୍ପର ପରିପୁରକ ଅଟନ୍ତି ।) ସଂସାରରେ ଏହି (ସମ୍ପୂର୍ଣ୍ଣ ଦୈବୀ ସମ୍ପଦ) ଏମାନଙ୍କର ହିଁ ପ୍ରଜା ଅଟନ୍ତି । କାରଣ ସପ୍ତ ଭୂମିକାମାନଙ୍କ ସଞ୍ଚାରରେ ଦୈବୀ ସମ୍ପଦ ହିଁ ରହିଛି, ଅନ୍ୟ କିଛି ନୁହଁ –

**ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।**
**ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ।।୭।।**

ଯେଉଁ ପୁରୁଷ ଯୋଗ ଓ ମୋର ଉପରୋକ୍ତ ଭୂମିକାକୁ ସାକ୍ଷାତ୍‌କାର ସହିତ ଜାଣିଥାଏ, ସେ ସ୍ଥିର ଧ୍ୟାନ ଯୋଗ ଦ୍ୱାରା ମୋ ସହିତ ଐକ୍ୟ ଭାବରେ ସ୍ଥିତ ହୋଇଥାଏ । ଏଥିରେ କିଛି ମଧ୍ୟ ସଂଶୟ ନାହିଁ । ଯେଉଁପରି ବାୟୁ ରହିତ ସ୍ଥାନରେ ରଖାଯାଇଥିବା ଦୀପଶିଖା ଉର୍ଦ୍ଧ୍ୱକୁ ଯାଇଥାଏ, କମ୍ପନ ହୋଇନଥାଏ । ଯୋଗୀଙ୍କ ବିଜିତା ଚିତ୍ତର ମଧ୍ୟ ଏହା ହିଁ ପରିଭାଷା ଅଟେ । ପ୍ରସ୍ତୁତ ଶ୍ଳୋକରେ ଅ**ବିକମ୍ପେନ** – ଶବ୍ଦ ଏହି ଆଶୟଆଡ଼କୁ ସଙ୍କେତ କରୁଛି ।

**ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ ।**
**ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବ ସମନ୍ୱିତାଃ ।।୮।।**

ମୁଁ ସମ୍ପୂର୍ଣ୍ଣ ଜଗତର ଉତ୍ପତ୍ତିର କାରଣ ଅଟେ । ମୋଠାରୁ ହିଁ ସମ୍ପୂର୍ଣ୍ଣ ଜଗତ ଚେଷ୍ଟା କରୁଥାଏ । ଏହିପରି ବିଚାରକରି ଶ୍ରଦ୍ଧା ଓ ଭକ୍ତି ଯୁକ୍ତ ହୋଇଥିବା ବିବେକୀ ଜନ ମୋର ନିରନ୍ତର ଭଜନ କରନ୍ତି । ତାତ୍ପର୍ଯ୍ୟ ଏହାକି ଯେ, ଯୋଗୀ ଦ୍ୱାରା ମୋର ଅନୁରୂପ ଯେଉଁ ପ୍ରବୃତ୍ତି ହେଉଛି, ତାହାକୁ ମୁଁ ହିଁ କରିଥାଏ । ତାହା ମୋର ହିଁ ପ୍ରସାଦ ଅଟେ । (ସେହି ପ୍ରସାଦ କିପରି ? ଏହା ପୂର୍ବରୁ ସ୍ଥାନ ସ୍ଥାନରେ କହି ସାରିଛନ୍ତି) ଯେ, ସେମାନେ ନିରନ୍ତର କିପରି ଭଜନ କରୁଥାନ୍ତି ? ଏହା ଉପରେ କହୁଛନ୍ତି ।

**ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।**
**କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ।।୯।।**

ଅନ୍ୟ କାହାକୁ ସ୍ଥାନ ନ ଦେଇ ମୋ ଠାରେ ହିଁ ନିରନ୍ତର ଚିତ୍ତକୁ ଲଗାଉଥିବା, ମୋଠାରେ ହିଁ ପ୍ରାଣ ଲଗାଉଥିବା, ସଦୈବ ପରସ୍ପର ମୋର ପ୍ରକ୍ରିୟାମାନ ବୋଧ କରିଥାନ୍ତି । ମୋର ଗୁଣଗାନ କରି ସନ୍ତୁଷ୍ଟ ହୋଇଥାନ୍ତି ତଥା ନିରନ୍ତର ମୋ ଠାରେ ହିଁ ରମଣ କରିଥାନ୍ତି ।

**ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।**
**ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପୟାନ୍ତି ତେ ॥୧୦॥**

ନିରନ୍ତର ମୋର ଧ୍ୟାନରେ ଲାଗି ରହି, ତଥା ପ୍ରେମ ପୂର୍ବକ ଭଜନ କରୁଥିବା ସେହି ଭକ୍ତଙ୍କୁ ବୁଦ୍ଧି ଯୋଗ ଅର୍ଥାତ୍ ଯୋଗରେ ପ୍ରବେଶ କରାଉଥିବା ବୁଦ୍ଧି ପ୍ରଦାନ କରିଥାଏ । ଯାହା ଦ୍ୱାରା ସେମାନେ ମୋତେ ପ୍ରାପ୍ତ କରିଥାନ୍ତି । ଅର୍ଥାତ୍ ଯୋଗର ଜାଗୃତି ଈଶ୍ୱରଙ୍କ ଦ୍ୱାରା ହିଁ ହୋଇଥାଏ । ସେହି ଅବ୍ୟକ୍ତ ମହାପୁରୁଷ ଯୋଗରେ ପ୍ରବେଶ କରାଉଥିବା ବୁଦ୍ଧି କିପରି ଦେଇଥାନ୍ତି ?

**ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।**
**ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥୧୧॥**

ତାହାଙ୍କୁ ପୂର୍ଣ୍ଣ ଅନୁଗ୍ରହ କରିବା ନିମନ୍ତେ ମୁଁ ତାହାଙ୍କ ଆତ୍ମାଠାରୁ ଅଭିନ୍ନ ହୋଇ, ରଥି ହୋଇ, ଅଜ୍ଞାନରୁ ଉତ୍ପନ୍ନ ଅନ୍ଧକାରକୁ ଜ୍ଞାନରୂପୀ ଦୀପ ଦ୍ୱାରା ପ୍ରକାଶିତ କରି ନଷ୍ଟ କରିଥାଏ । ବସ୍ତୁତଃ କୌଣସି ସ୍ଥିତ ପ୍ରଜ୍ଞ ଯୋଗୀଙ୍କ ଦ୍ୱାରା ଯେଉଁ ପର୍ଯ୍ୟନ୍ତ ସେହି ପରମାତ୍ମା ଆପଣଙ୍କ ଆତ୍ମାରେ ହିଁ ଜାଗୃତ ହୋଇ ନିରନ୍ତର ସଞ୍ଚାଳନ ନ କରିଥାନ୍ତି, ରୋକଥାମ ନ କରିଥାନ୍ତି, ଏହି ପ୍ରକୃତିର ଦ୍ୱନ୍ଦ୍ୱରୁ ବାହାର କରି ସ୍ୱୟଂ ଆଗକୁ ନ ନେଇଥାନ୍ତି, ସେ ପର୍ଯ୍ୟନ୍ତ ବାସ୍ତବରେ ଯଥାର୍ଥ ଭଜନ ପ୍ରାରମ୍ଭ ହିଁ ହୋଇନଥାଏ । ଏପରି ତ ଭଗବାନ ସମସ୍ତଙ୍କ ଠାରୁ କହୁଥାନ୍ତି । କିନ୍ତୁ ପ୍ରାରମ୍ଭରେ ସେ ସ୍ୱରୂପସ୍ଥ ମହାପୁରୁଷଙ୍କ ମାଧ୍ୟମରେ ହିଁ କହିଥାନ୍ତି । ଯଦି ଏପରି ମହାପୁରୁଷ ଆପଣଙ୍କୁ ପ୍ରାପ୍ତ ହୋଇନାହାନ୍ତି, ତେବେ ସେ ଆପଣଙ୍କୁ ସ୍ପଷ୍ଟ କହିବେ ନାହିଁ ।

ଇଷ୍ଟ, ସଦ୍‌ଗୁରୁ ଅଥବା ପରମାତ୍ମା ସାଧକଙ୍କ ହୃଦୟରେ ରଥୀ ହେବା ପରସ୍ପର ଗୋଟିଏ ହିଁ ଅର୍ଥ । ସାଧକର ଆତ୍ମାରେ ଜାଗୃତି ହୋଇଗଲା ପରେ ତାହାଙ୍କ ନିର୍ଦ୍ଦେଶ ଚାରୋଟି ପ୍ରକାରରେ ମିଳିଥାଏ ପ୍ରଥମେ **'ସ୍ଥୂଳ ଶ୍ୱରା ସମ୍ବନ୍ଧି'** ଅନୁଭବ ହୋଇଥାଏ, ଆପଣ ଚିନ୍ତନରେ ବସିଛନ୍ତି, କେବେ ଆପଣଙ୍କ ମନ ଲାଗିବ ? କେତେ ଦୂର ପର୍ଯ୍ୟନ୍ତ ଲାଗି ରହିଛି ? କେବେ ମନ ଦୂରକୁ ଚାଲିଯିବାକୁ ଚାହୁଁଛି ? ଏବଂ କେବେ ଏହି ମନ ଦୂରକୁ ଚାଲିଗଲା ? ଏହାକୁ ପ୍ରତ୍ୟେକ ସେକେଣ୍ଡରେ ଇଷ୍ଟ ଅଙ୍ଗ ସ୍ପନ୍ଦନ ଦ୍ୱାରା ସଙ୍କେତ କରିଥାନ୍ତି । ଅଙ୍ଗମାନଙ୍କ କମ୍ପନ 'ସ୍ଥୂଳ ଶୂରା ସମ୍ବନ୍ଧି' ଅନୁଭବ ଅଟେ । ଯାହାକି ଗୋଟିଏ ପଲକରେ ଦୁଇଚାରି ସ୍ଥାନରେ ଏକ ସମୟରେ ଆସିଥାଏ ଏବଂ ଆପଣଙ୍କ ବିକୃତ ହୋଇ ଯିବା ପରେ ମିନିଟ୍ ମିନିଟ୍‌ରେ ଆସିବାରେ ଲାଗିବ । ଏହି ସଙ୍କେତ ସେତେବେଳେ ଆସିଥାଏ, ଯେତେବେଳେ ଆପଣ ଇଷ୍ଟଙ୍କ ସ୍ୱରୂପକୁ ଅନନ୍ୟ ଭାବରେ ଧରି ନେବେ । ଅନ୍ୟଥା ସାଧାରଣ ଜୀବମାନଙ୍କର ସଂସ୍କାରର ଧକ୍କା ଦ୍ୱାରା ଅଙ୍ଗ

ସ୍ପନ୍ଦନ ହୋଇଥାଏ । ଯାହାର ଇଷ୍ଟ ସହିତ କୌଣସି ସମ୍ପର୍କ ନଥାଏ ।

ଦ୍ୱିତୀୟ ଅନୁଭବ **'ସ୍ୱପ୍ନଶୂରା ସମ୍ବନ୍ଧି'** ହୋଇଥାଏ, ସାଧାରଣ ମନୁଷ୍ୟ ନିଜର ବାସନା ସମ୍ବନ୍ଧିତ ସ୍ୱପ୍ନ ଦେଖିଥାନ୍ତି, କିନ୍ତୁ ଯେତେବେଳେ ଆପଣ ଇଷ୍ଟଙ୍କୁ ଧରିପାରିବେ ତେବେ ଏହି ସ୍ୱପ୍ନ ମଧ୍ୟ ନିର୍ଦ୍ଦେଶରେ ବଦଳି ଯାଇଥାଏ । ଯୋଗୀ ସ୍ୱପ୍ନ ଦେଖୁ ନଥାନ୍ତି । ଅର୍ଥାତ୍ ଯୋଗୀଙ୍କୁ ସ୍ୱପ୍ନ ଆସି ନଥାଏ । ସେ ପ୍ରତ୍ୟକ୍ଷ ହେଉଥିବାକୁ(ହୋନି) ଦେଖିଥାନ୍ତି ।

ଉପରୋକ୍ତ ଉଭୟ ଅନୁଭବ ପ୍ରାରମ୍ଭିକ ଅଟେ । କୌଣସି ତତ୍ତ୍ୱ ସ୍ଥିତ ମହାପୁରୁଷଙ୍କ ସାନ୍ନିଧ୍ୟରେ ମନ ଭିତରେ ତାଙ୍କ ପ୍ରତି ଶ୍ରଦ୍ଧା ରଖିବା କ୍ଷଣି ତାଙ୍କର ଛୋଟ ମୋଟ ନିଷ୍କପଟ ସେବା ଦ୍ୱାରା ମଧ୍ୟ ଜାଗୃତ ହୋଇଯାଇଥାଏ । କିନ୍ତୁ ଏହି ଦୁଇଟିରୁ ମଧ୍ୟ ସୂକ୍ଷ୍ମ ଶେଷ ଦୁଇଟି ଅନୁଭବ କ୍ରିୟାଯୁକ୍ତ ଅଟେ । ଯାହାକୁ କ୍ରିୟାତ୍ମକ ହିଁ ଚାଲି ଦେଖାଯାଉଥାଏ । ତୃତୀୟ ଅନୁଭବ **'ସୁଷୁପ୍ତି ସୁରା ସମ୍ବନ୍ଧୀ'** ହୋଇଥାଏ । ସଂସାରରେ ସମସ୍ତେ ଶୋଇ ରହିଛନ୍ତି । ମୋହ ନିଶାରେ ସମସ୍ତେ ଅଚେତ ରହିଛନ୍ତି । ଦିନ-ରାତି ଯାହା କିଛି କରିଥାନ୍ତି ସବୁକିଛି ସ୍ୱପ୍ନ ହିଁ ଅଟେ । ଏଠାରେ ସୁଷୁପ୍ତିର ଶୁଦ୍ଧ ଅର୍ଥ ହେଉଛି । ଯେବେ ପରମାତ୍ମା ଚିନ୍ତନର ଏପରି ଡ଼ୋରି ଲାଗିଯିବ ଯେ, ସୁରତ ଅର୍ଥାତ୍ ଖ୍ୟାଲ୍ ଏକଦମ୍ ସ୍ଥିର ହୋଇଯିବ । ଶରୀର ଜାଗୃତ ହୋଇଥିବ ଏବଂ ମନସୁପ୍ତ ହୋଇଯିବ । ଏପରି ଅବସ୍ଥାରେ ସେହି ଇଷ୍ଟ ଦେବ ପୁନଃ ନିଜର ଏକ ସଙ୍କେତ ଦେବେ । ଯୋଗାବସ୍ଥା ଅନୁରୂପ ଏକ ରୂପକ ଅର୍ଥାତ୍ ଦୃଶ୍ୟ ଆସିଥାଏ । ଯାହା ସଠିକ୍ ଦିଗ୍‌ଦର୍ଶନ କରାଇଥାଏ । ଭୂତ ଭବିଷ୍ୟକୁ ଅବଗତ କରାଇଥାଏ । ପୂଜ୍ୟ ଗୁରୁଦେବ କହୁଥିଲେ ଯେ ଡକ୍ତର ଯେପରି ବେହୋଶୀକୁ ଔଷଧ ଦେଇ ଉଚିତ୍ ଉପଚାର ଦ୍ୱାରା ହୋସ୍‌ରେ ଆଣିଥାଏ । ସେହିପରି ହିଁ ଭଗବାନ ମଧ୍ୟ ଔଷଧ ଦେଇଥାନ୍ତି । ଚତୁର୍ଥ ଏବଂ ଅନ୍ତିମ ଅନୁଭବ **'ସମସୁରା ସମ୍ବନ୍ଧି'** ଅଟେ । ଯେଉଁଥିରେ ଆପଣ ସୁରତ ଲଗାଇଥିଲେ, ସେହି ପରମାତ୍ମାଙ୍କଠାରେ ସମତ୍ତ୍ୱ ପ୍ରାପ୍ତ ହୋଇଗଲା । ତାହା ପରେ ଉଠିବା, ବସିବା, ଚାଲିବା, ବୁଲିବା ପ୍ରତ୍ୟେକ କାର୍ଯ୍ୟରେ ସର୍ବତ୍ର ତାହାକୁ ଅନୁଭବ ହେବାରେ ଲାଗିବ । ଏହି ଯୋଗୀ ତ୍ରିକାଳଜ୍ଞ ହୋଇଥାନ୍ତି । ଏହି ଅନୁଭବ ତିନିକାଳରୁ ପରେ ଅବ୍ୟକ୍ତ ସ୍ଥିତିଯୁକ୍ତ ମହାପୁରୁଷ ଆତ୍ମାରେ ଜାଗୃତ ହୋଇ ଅଜ୍ଞାନ ଜନିତ ଅନ୍ଧକାରକୁ ଜ୍ଞାନ ଦୀପ ଦ୍ୱାରା ନଷ୍ଟ କରିଥାନ୍ତି । ଏହା ଉପରେ ଅର୍ଜୁନ ପ୍ରଶ୍ନ କଲେ -

**ଅର୍ଜୁନ ଉବାଚ**

**ପରଂବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।**

**ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥୧୨॥**
**ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।**
**ଅସିତୋ ଦେବୋଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥୧୩**

ଭଗବାନ ! ଆପଣ ପରବ୍ରହ୍ମ, ପରଂଧାମ ତଥା ପରମ ପବିତ୍ର । କାରଣ ଆପଣଙ୍କୁ ସମସ୍ତ ଋଷିଗଣ ସନାତନ, ଦିବ୍ୟ ପୁରୁଷ, ଦେବଙ୍କ ମଧ୍ୟ ଆଦିଦେବ, ଅଜନ୍ମା ଏବଂ ସର୍ବବ୍ୟାପୀ କହିଥାନ୍ତି । ପରମପୁରୁଷ ପରମଧାମର ହିଁ ପର୍ଯ୍ୟାୟ ଦିବ୍ୟ ପୁରୁଷ ଅଜନ୍ମା ! ଇତ୍ୟାଦି ଶବ୍ଦ ଅଟେ । ଦେବର୍ଷି ନାରାଦ, ଅସିତ, ଦେବଳ, ବ୍ୟାସ ତଥା ସ୍ୱୟଂ ଆପଣ ମଧ୍ୟ ମୋତେ ତାହାହିଁ କହୁଛନ୍ତି ଅର୍ଥାତ୍ ଭୂତକାଳୀନ ମହର୍ଷି କହିଥାନ୍ତି । ବର୍ତ୍ତମାନରେ ଯାହାର ସଙ୍ଗତି ଉପଲବ୍ଧ ରହିଛି ଦେବର୍ଷି ନାରଦ, ଆସିତ,ଦେବଳ ଏବଂ ବ୍ୟାସଙ୍କ ନାମ ନେଲେ । ଯିଏକି ଅର୍ଜୁନଙ୍କ ସମକାଳୀନ ଥିଲେ । ସଦ୍‌ପୁରୁଷଙ୍କ ସଙ୍ଗତି ଅର୍ଜୁନଙ୍କୁ ପ୍ରାପ୍ତ ଥିଲା । ଆପଣ ମଧ୍ୟ ତାହାହିଁ କହୁଛନ୍ତି । ଅତଃ–

**ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ ।**
**ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ॥୧୪॥**

ହେ କେଶବ ! ଯାହାକିଛି ଆପଣ ମୋ ନିମନ୍ତେ କହୁଛନ୍ତି, ତାହା ସବୁ ମୁଁ ସତ୍ୟ ମାନୁଛି । ଆପଣଙ୍କ ଦିବ୍ୟତ୍ୱକୁ ନା ଦେବତା ଏବଂ ନା ଦାନବ ହିଁ ଜାଣନ୍ତି ।

**ସ୍ୱୟମେବାତ୍ମନାତ୍ମନାଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।**
**ଭୂତଭାବନ ଭୂତେଶ ଦେବଦେବ ଜଗତ୍‌ପତେ ॥୧୫॥**

ହେ ଭୂତ ପ୍ରାଣୀଙ୍କ ଉତ୍ପନ୍ନକାରୀ ! ହେ ଭୂତ ପ୍ରାଣୀଙ୍କ ଈଶ୍ୱର ! ହେ ଦେବ ଦେବ ! ହେ ଜଗତର ସ୍ୱାମୀ ! ହେ ପୁରୁଷୋତ୍ତମ ! ସ୍ୱୟଂ ଆପଣ ହିଁ ଆପଣଙ୍କୁ ଜାଣିପାରନ୍ତି ଅଥବା ଯାହାର ଆତ୍ମାରେ ଜାଗୃତ ହୋଇ ଆପଣ ଜଣାଇ ଦିଅନ୍ତି, ସେ ହିଁ ଆପଣଙ୍କୁ ଜାଣିପାରିଥାଏ, ତାହା ମଧ୍ୟ ଆପଣଙ୍କ ଦ୍ୱାରା ହିଁ ଆପଣଙ୍କୁ ଜାଣିବା ହୋଇଥାଏ । ସେଥିପାଇଁ–

**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥୧୬॥**

ଆପଣ ହିଁ ନିଜର ସେହି ଦିବ୍ୟ ବିଭୂତି ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପରେ ଲେଶ ମାତ୍ର ଶେଷ ନରଖି କହିବାରେ ସକ୍ଷମ । ଯେଉଁ ବିଭୂତି ଦ୍ୱାରା ଆପଣ ଏହି ସମ୍ପୂର୍ଣ୍ଣ ଲୋକକୁ ବ୍ୟାପ୍ତ କରି ସ୍ଥିତ ଅଛନ୍ତି ।

**କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ ମୟା ॥୧୭॥**

ହେ ଯୋଗୀନ୍ ! (ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ) ମୁଁ କିପରି ନିରନ୍ତର ଚିନ୍ତନ କରି ଆପଣଙ୍କୁ ଜାଣିପାରିବି ? କେଉଁ କେଉଁ ଭାବ ଦ୍ୱାରା ଆପଣଙ୍କର ସ୍ମରଣ କରିବି ?

**ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦନ ।**
**ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ॥୧୮॥**

ହେ ଜନାର୍ଦନ ! ନିଜର ଯୋଗ ଶକ୍ତିକୁ ଏବଂ ଯୋଗ ବିଭୂତିକୁ ପୁନଃ ବିସ୍ତାର ପୂର୍ବକ କୁହନ୍ତୁ । ସଂକ୍ଷେପରେ ତ ଏହି ଅଧ୍ୟାୟର ପ୍ରାରମ୍ଭରେ କହିଲେ । ବର୍ତ୍ତମାନ ପୁନଃ ତା'ର ବର୍ଣ୍ଣନା କରନ୍ତୁ । କାରଣ ଅମୃତ ତତ୍ତ୍ୱକୁ ଦେଉଥିବା ଏହି ବଚନକୁ ଶୁଣିବା ଦ୍ୱାରା ମୋର ତୃପ୍ତି ହେଉ ନାହିଁ ।

**ରାମଚରିତ ଯେ ସୁନତ ଆଘା ହିଁ ।**
**ରସ ବିଶେଷ ଜାନା ତିହ୍ନ ନାହିଁ ॥** (ରା-ମା-୭/୫୨/୧)

ଯେଉଁ ପର୍ଯ୍ୟନ୍ତ ପ୍ରବେଶ ମିଳିନଥାଏ, ସେ ପର୍ଯ୍ୟନ୍ତ ସେହି ଅମୃତ ତତ୍ତ୍ୱକୁ ଜାଣିବା ନିମନ୍ତେ ପିପାଶା ରହିଥାଏ । ପ୍ରବେଶ ପୂର୍ବରୁ ରାସ୍ତାରେ ହିଁ ଯଦି କେହି ଏହା ବିଚାର କରି ବସିଯାଏ କି ବହୁତ କିଛି ଜାଣିଗଲି, ତେବେ ସେ ବର୍ତ୍ତମାନ କିଛି ଜାଣିନାହିଁ । ସିଦ୍ଧ ହେଉଛି ଯେ, ତାହାର ମାର୍ଗ ଅବରୁଦ୍ଧ ହେବାକୁ ଚାହୁଁଛି । ଏଣୁକରି ସାଧକଙ୍କୁ ପୂର୍ତ୍ତି ପର୍ଯ୍ୟନ୍ତ ଇଷ୍ଟଙ୍କ ନିର୍ଦ୍ଦେଶକୁ ଧରି ରହିବା ଉଚିତ ଏବଂ ତାହାକୁ ଆଚରଣରେ ମଧ୍ୟ ଲଗାଇ ରଖିବା ଉଚିତ୍ । ଅର୍ଜୁନଙ୍କ ଉକ୍ତ ଜିଜ୍ଞାସା ଦେଖି ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ-

**ଭଗବାନୁବାଚ**

**ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ପ୍ରାଧାନ୍ୟତଃ କୁରୁ ଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥୧୯॥**

ହେ କୁରୁଶ୍ରେଷ୍ଠ ଅର୍ଜୁନ ! ବର୍ତ୍ତମାନ ମୁଁ ନିଜର ଦିବ୍ୟ ବିଭୂତିମାନଙ୍କ ମଧ୍ୟରୁ ପ୍ରମୁଖ କିଛି ବିଭୂତିକୁ ତୋ ନିମନ୍ତେ କହିବି । କାରଣ ମୋ ବିଭୂତି ମାନଙ୍କ ବିସ୍ତାରର ଅନ୍ତ ହିଁ ନାହିଁ ।

**ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ ।**
**ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ॥୨୦॥**

ହେ ଅର୍ଜୁନ ! ମୁଁ ସମ୍ପୂର୍ଣ୍ଣ ଭୂତ ପ୍ରାଣୀଙ୍କ ହୃଦୟରେ ସ୍ଥିତ ସମସ୍ତଙ୍କ ଆତ୍ମା ଅଟେ ତଥା ସମ୍ପୂର୍ଣ୍ଣ ଭୂତ ପ୍ରାଣୀଙ୍କ ଆଦି, ମଧ୍ୟ ଏବଂ ଅନ୍ତ ମଧ୍ୟ ମୁଁ ହିଁ ଅଟେ । ଅର୍ଥାତ୍ ଜନ୍ମମୃତ୍ୟୁ ଏବଂ ଜୀବନ ମଧ୍ୟ ମୁଁ ହିଁ ଅଟେ ।

**ଆଦିତ୍ୟାନାମାହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।**
**ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ।।୨୧।।**

ମୁଁ ଅଦିତିଙ୍କ ୧୨ ପୁତ୍ରମାନଙ୍କ ମଧ୍ୟରେ ବିଷ୍ଣୁ ଏବଂ ଜ୍ୟୋତିମାନଙ୍କ ମଧ୍ୟରେ ପ୍ରକାଶମାନ ସୂର୍ଯ୍ୟ, ବାୟୁମାନଙ୍କ ଭେଦରେ ମୁଁ ମରୀଚି ନାମକ ବାୟୁ ଏବଂ ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ରମା ଅଟେ ।

**ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।**
**ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ।।୨୨।।**

ସମ୍ପୂର୍ଣ୍ଣ ବେଦରେ ମୁଁ ସାମବେଦ ଅର୍ଥାତ୍ ପୂର୍ଣ୍ଣ ସମତ୍ୱ ଦେଉଥିବା ଗାୟନ ଅଟେ । ଦେବତାମାନଙ୍କ ମଧ୍ୟରେ ମୁଁ ସେମାନଙ୍କର ଅଧିପତି ଇନ୍ଦ୍ର ଏବଂ ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଅଟେ । କାରଣ ମନର ନିଗ୍ରହ ଦ୍ୱାରା ହିଁ ମୁଁ ଜାଣିବାରେ ଆସିଥାଏ ତଥା ପ୍ରାଣୀମାନଙ୍କ ମଧ୍ୟରେ ମୁଁ ସେମାନଙ୍କର ଚେତନା ଅଟେ ।

**ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।**
**ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ।।୨୩।।**

ଏକାଦଶ ରୁଦ୍ର ମଧ୍ୟରେ ମୁଁ ଶଙ୍କର ଅଟେ । ଅର୍ଥାତ୍ ଶଙ୍କାମାନଙ୍କ ଉପରାମ ଅବସ୍ଥା ମୁଁ ହିଁ ଅଟେ । ଯକ୍ଷ ତଥା ରାକ୍ଷସମାନଙ୍କରେ ମୁଁ ଧନର ସ୍ୱାମୀ କୁବେର ଅଟେ । ଅଷ୍ଟ ବସୁମାନଙ୍କରେ ମୁଁ ଅଗ୍ନି ଏବଂ ଶିଖର ଯୁକ୍ତ ପର୍ବତ ମଧ୍ୟରେ ମୁଁ ସୁମେରୁ ଅର୍ଥାତ୍ ଶୁଭମାନଙ୍କ ମିଳନ ମଧ୍ୟ ମୁଁ ହିଁ ଅଟେ । ତାହା ହିଁ ସର୍ବୋପରି ଶିଖର ଅଟେ, ନା କି କୌଣସି ପାହାଡ଼ । ବସ୍ତୁତଃ ଏହିସବୁ ଯୋଗ ସାଧନାର ପ୍ରତୀକ ଅଟେ । ଅର୍ଥାତ୍ ଯୌଗିକ ଶବ୍ଦ ଅଟେ ।

**ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।**
**ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ।।୨୪।।**

ପୁରର ରକ୍ଷା କରୁଥିବା ପୁରୋହିତ ମାନଙ୍କ ମଧ୍ୟରେ ମୋତେ ହିଁ ବୃହସ୍ପତି ବୋଲି ଜାଣ । ଯାହା ଦ୍ୱାରା ଦୈବୀ ସମ୍ପଦର ସଞ୍ଚାର ହୋଇଥାଏ ଏବଂ ହେ ପାର୍ଥ ! ସେନାପତିମାନଙ୍କ ମଧ୍ୟରେ ମୁଁ କାର୍ତ୍ତିକେୟ ଅଟେ । କର୍ମର ତ୍ୟାଗ ହିଁ କାର୍ତ୍ତିକେୟ ଅଟେ । ଯେଉଁଥିରେ ଚରାଚର ସଂହାର, ପ୍ରଳୟ ଏବଂ ଇଷ୍ଟ ପ୍ରାପ୍ତି ହୋଇଥାଏ । ଜଳାଶୟ ମଧ୍ୟରେ ମୁଁ ସମୁଦ୍ର ଅଟେ ।

**ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।**
**ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ।।୨୫।।**

ମହର୍ଷିମାନଙ୍କ ମଧ୍ୟରେ ମୁଁ ହିଁ ଭୃଗୁ ଏବଂ ବାଣୀମାନଙ୍କ ମଧ୍ୟରେ ଏକାକ୍ଷର

'ଓଁ'କାର ଯାହାକି ସେହି ବ୍ରହ୍ମଙ୍କ ପରିଚାୟକ ଅଟେ । ସମ୍ପୂର୍ଣ୍ଣ ଯଜ୍ଞରେ ଜପଜଜ୍ଞ ମୁଁ ଅଟେ । ଯଜ୍ଞ ପରମରେ ପ୍ରବେଶ କରାଇଦେବା ଆରାଧନା ବିଧି ବିଶେଷର ଚିତ୍ରଣ ଅଟେ । ତାହାର ସାରାଂଶ ହେଉଛି ସ୍ୱରୂପର ସ୍ମରଣ ଏବଂ ନାମ ଜପ । ଏହି ଦୁଇଟିରୁ ପାର ହୋଇଗଲା ପରେ ନାମ ଯେବେ ଯଜ୍ଞ ଶ୍ରେଣୀରେ ଆସିଯାଏ, ତେବେ ତାହା ବାଣୀ ଦ୍ୱାରା ଜପ କରାଯାଇନଥାଏ, ନା ଚିନ୍ତନ ଦ୍ୱାରା, ନା କଣ୍ଠ ଦ୍ୱାରା ବରଂ ତାହା ଶ୍ୱାସରେ ଜାଗୃତ ହୋଇଥାଏ । କେବଳ ସୁରତକୁ ଅର୍ଥାତ୍ ମନର ଦୃଷ୍ଟିକୁ ଶ୍ୱାସରେ ଲଗାଇ ମନ ଦ୍ୱାରା ଅବିରଳ ଚାଲିବାକୁ ପଡ଼ିଥାଏ । ଯଜ୍ଞ ଶ୍ରେଣୀରେ ଥିବା ନାମର ହ୍ରାସ-ବୃଦ୍ଧି ଶ୍ୱାସ ଉପରେ ନିର୍ଭର ରହିଥାଏ । ଏହା କ୍ରିୟାତ୍ମକ ସାଧନ ଅଟେ । ଅଚଳ ସ୍ଥିର ହୋଇ ରହିପାରୁଥିବା ପର୍ବତଙ୍କ ମଧ୍ୟରେ ମୁଁ ହିମାଳୟ ଅଟେ । ଶୀତଳ, ସମ ଓ ଅଚଳ ଏକମାତ୍ର ପରମାତ୍ମା ହିଁ ଅଟନ୍ତି । ଯେବେ ପ୍ରଳୟ ହେଲା, ତେବେ ରାଜା ମନୁ ସେହି ଶିଖରରେ ବାନ୍ଧି ହୋଇଗଲେ । ଅଚଳ, ସମ ଓ ଶାନ୍ତ ବ୍ରହ୍ମଙ୍କ ପ୍ରଳୟ ହୋଇନଥାଏ । ସେହି ବ୍ରହ୍ମଙ୍କୁ ଜାଣିବା ବିଧି ମୁଁ ଅଟେ ।

**ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।**
**ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂକପିଲୋ ମୁନିଃ ॥୨୬॥**

ସମ୍ପୂର୍ଣ୍ଣ ବୃକ୍ଷମାନଙ୍କ ମଧ୍ୟରେ ମୁଁ ହିଁ ଅଶ୍ୱତଥ ବୃକ୍ଷ ଅଟେ । **'ଅଶ୍ୱ'** - ଆସନ୍ତାକାଲି ପର୍ଯ୍ୟନ୍ତ ଯାହାର ନିଶ୍ଚିତ ନାହିଁ । ଏପରି 'ଉର୍ଦ୍ଧ୍ୱମୂଳମ୍ ଅଧଃ ଶାଖମ୍ **ଅଶ୍ୱତଥ'** ଉପରେ ପରମାତ୍ମା ଯାହାର ମୂଳ, ନିମ୍ନରେ ପ୍ରକୃତି ଯାହାର ଶାଖା, ଏପରି ଏହି ସଂସାର ହିଁ ଗୋଟିଏ ବୃକ୍ଷ ଅଟେ । ଯାହାକୁ ଅଶ୍ୱତ୍ଥ ସଂଜ୍ଞା ଦିଆଯାଇଛି । ସାମାନ୍ୟ ଅଶ୍ୱତଥ୍ ବୃକ୍ଷ ନୁହେଁ ଯେ, ପୂଜା କରିବାରେ ଲାଗିଯିବ । ଏହା ଉପରେ କହୁଛନ୍ତି ଯେ, ତାହା ହିଁ ମୁଁ ଅଟେ ଏବଂ ଦେବର୍ଷିମାନଙ୍କ ମଧ୍ୟରେ ମୁଁ ନାରଦ ଅଟେ । **'ନାଦ ରନ୍ଧ୍ରଃ ସ ନାରଦଃ'**- ଦୈବୀ ସମ୍ପଦ ଏତେ ସୂକ୍ଷ୍ମ ହୋଇଗଲା ଯେ, ସ୍ୱରରେ ଉଠୁଥିବା ଧ୍ୱନୀ ଅର୍ଥାତ୍ ନାଦ ଧରିବାରେ ଆସିଯିବା, ଏପରି ଜାଗୃତି ମୁଁ ଅଟେ । ଗନ୍ଧର୍ବମାନଙ୍କ ମଧ୍ୟରେ ମୁଁ ହିଁ ଚିତ୍ରରଥ ଅଟେ ଅର୍ଥାତ୍ ଗାଇବା, ଚିନ୍ତନ କରିବା ପ୍ରବୃତ୍ତିମାନଙ୍କ ମଧ୍ୟରେ ଯେବେ ସ୍ୱରୂପ ଚିତ୍ରିତ ହେବାରେ ଲାଗିବ, ସେହି ଅବସ୍ଥା ବିଶେଷ ମୁଁ ହିଁ ଅଟେ । ସିଦ୍ଧମାନଙ୍କ ମଧ୍ୟରେ ମୁଁ ହିଁ କପିଳ ମୁନୀ ଅର୍ଥାତ୍ କାୟା ହିଁ କପିଳ ଅଟେ । ଏଥିରେ ଯେବେ ଲୟ ଲାଗିଯାଏ, ସେହି ଈଶ୍ୱରୀୟ ସଞ୍ଚାର ଅବସ୍ଥା ମୁଁ ହିଁ ଅଟେ ।

**ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଭବମ୍ ।**
**ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ॥୨୭॥**

ଘୋଡ଼ାମାନଙ୍କ ମଧ୍ୟରେ ମୁଁ ଅମୃତରୁ ଉତ୍ପନ୍ନ ହୋଇଥିବା ଉଚ୍ଚୈଃଶ୍ରବା ନାମକ ଘୋଡ଼ା ଅଟେ । ଦୁନିଆରେ ପ୍ରତ୍ୟେକ ବସ୍ତୁ ନାଶବାନ ଅଟେ । ଆତ୍ମା ହିଁ ଅଜର ଅମର ଏବଂ ଅମୃତ ସ୍ୱରୂପ ଅଟେ । ଏହି ଅମୃତ ସ୍ୱରୂପରୁ ଯାହାର ସଞ୍ଚାର ହୋଇଥାଏ, ସେହି ଘୋଡ଼ା ମୁଁ ହିଁ ଅଟେ । ଘୋଡ଼ା ଗତିର ପ୍ରତୀକ ଅଟେ । ଆତ୍ମ ତତ୍ତ୍ୱକୁ ଗ୍ରହଣ କରିବାରେ ମନ ଯେବେ ସେହି ଗତିକୁ ଧରିନିଏ, ତାହାକୁ ହିଁ ଘୋଡ଼ାର ଗତି କୁହାଯାଏ । ଏପରି ଗତି ମଧ୍ୟ ମୁଁ ହିଁ ଅଟେ । ହାତୀ ମାନଙ୍କ ମଧ୍ୟରେ ଐରାବତ ହାତୀ ମଧ୍ୟ ମୁଁ ଅଟେ । ମନୁଷ୍ୟ ମାନଙ୍କ ମଧ୍ୟରେ ରାଜା ମଧ୍ୟ ମୁଁ । ବସ୍ତୁତଃ ମହାପୁରୁଷ ହିଁ ରାଜା ଅଟେ, ଯାହାର ନିକଟରେ କୌଣସି ଅଭାବ ନାହିଁ ।

**ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।**
**ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ।।୨୮।।**

ଶସ୍ତ୍ରମାନଙ୍କରେ ମୁଁ ବଜ୍ର । ଗୋମାନଙ୍କରେ ମୁଁ କାମଧେନୁ । କାମଧେନୁ କୌଣସି ଏପରି ଗାଈ ନୁହଁ, ଯାହା ଦୁଗ୍ଧ ସ୍ଥାନରେ ମନଇଚ୍ଛା ବ୍ୟଞ୍ଜନ ଦେଇଥାଏ । ଋଷିମାନଙ୍କ ମଧ୍ୟରୁ ବଶିଷ୍ଠଙ୍କ ପାଖରେ କାମଧେନୁ ଥିଲା । ବସ୍ତୁତଃ ଗୋ ଇନ୍ଦ୍ରିୟଙ୍କୁ କୁହାଯାଏ । ଇନ୍ଦ୍ରିୟଙ୍କ ସଂଯମ ହେବା, ଇଷ୍ଟଙ୍କୁ ବଶ କରିଥିବା ବ୍ୟକ୍ତିଙ୍କ ପାଖରେ ମିଳିଥାଏ । ଯାହାର ଇନ୍ଦ୍ରିୟ ଈଶ୍ୱର ଅନୁରୂପ ସ୍ଥିର ହୋଇଯାଇଥାଏ, ତାହାଙ୍କ ନିମନ୍ତେ ତାର ଇନ୍ଦ୍ରିୟ 'କାମଧେନୁ' ହୋଇଯାଇଥାଏ ତେବେ ତ **ଜୋ ଇଚ୍ଛା କରିହକଉ ମନ ମାହାଁ । ହରି ପ୍ରସାଦ କଛୁ ଦୁର୍ଲଭ ନାହିଁ ।।**( ରା–ମା–୭/୧୧୩/୪) ତାହାଙ୍କ ନିମନ୍ତେ କିଛି ଦୁର୍ଲଭ ରହିନଥାଏ, ପ୍ରଜନନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନବୀନ ସ୍ଥିତିକୁ ପ୍ରକଟ ମୁଁ ହିଁ କରିଥାଏ । 'ପ୍ରଜନନ' ଗୋଟିଏ ତ ସନ୍ତାନକୁ ଜନ୍ମ କରାଯାଉଛି । ଚରାଚର ଜଗତରେ ଦିନରାତି ଜନ୍ମ ହିଁ ହେଉଛନ୍ତି, କୀଟ ପତଙ୍ଗ ଆଦି ମଧ୍ୟ ଦିନରାତି ଛୁଆ ଉତ୍ପନ୍ନ କରିଥାନ୍ତି । କିନ୍ତୁ ଏପରି ନୁହଁ ବରଂ ଗୋଟିଏ ସ୍ଥିତିରୁ ଅନ୍ୟ ସ୍ଥିତି, ଏହିପରି ବୃତ୍ତିମାନଙ୍କ ପରିବର୍ତ୍ତନ ହେବା ହିଁ ପ୍ରଜନନ ଅଟେ । ସେହି ପରିବର୍ତ୍ତନ ସ୍ୱରୂପ ମୁଁ ହିଁ ଅଟେ । ସର୍ପ ମଧ୍ୟରେ ମୁଁ ବାସୁକି ଅଟ ।

**ଅନନ୍ତଶ୍ଚାସ୍ମି ନାଗାନାଂ  ବରୁଣୋ  ୟାଦସାମହମ୍ ।**
**ପିତୃ ଣାମର୍ଯ୍ୟମା ଚାସ୍ମି ୟମଃ ସଂୟମତାମହମ୍ ।।୨୯।।**

ନାଗମାନଙ୍କ ମଧ୍ୟରେ ମୁଁ ଅନନ୍ତ ଅର୍ଥାତ୍ ଶେଷନାଗ ଅଟେ । ଏପରି ଏହା କୌଣସି ସର୍ପ ନୁହଁ । ଗୀତାର ସମକାଳୀନ ପୁସ୍ତକ ଶ୍ରୀମଦ୍ ଭାଗବତରେ ଏହାର ରୂପର ଚର୍ଚ୍ଚା ରହିଛି ଯେ, ଏହି ପୃଥିବୀଠାରୁ ତିରିଶ ହଜାର ଯୋଜନ ଦୂରରେ ପରମାତ୍ମାଙ୍କ ବୈଷ୍ଣବୀ ଶକ୍ତି ରହିଛି, ଯାହାର ମସ୍ତକରେ ଏହି ପୃଥିବୀ ସୋରିଷ ଦାନାପରି ଭାର

ରହିତ ଅବସ୍ଥାରେ ରହିଛି । ସେହି ଯୁଗରେ ଯୋଜନର ହିସାବ ଭଲେ ଯେପରି ବି ରହୁ, ତଥାପି ଏହା ପର୍ଯ୍ୟାପ୍ତ ଦୂରରେ ରହିଛି । ବସ୍ତୁତଃ ଏହା ଆକର୍ଷଣ ଶକ୍ତିର ଚିତ୍ରଣ ମାତ୍ର । ବୈଜ୍ଞାନିକମାନେ ଯାହାକୁ ଈଥର ମାନୁଛନ୍ତି । ଗ୍ରହ, ଉପଗ୍ରହ ସମସ୍ତେ ସେହି ଶକ୍ତିକୁ ଆଧାର କରି ରହିଛନ୍ତି । ସେହି ଶୂନ୍ୟରେ ଗ୍ରହର କୌଣସି ଭାର ମଧ୍ୟ ନାହିଁ । ସେହି ଶକ୍ତି ସର୍ପର କୁଣ୍ଡଳୀ ପରି ସମ୍ପୂର୍ଣ୍ଣ ଗ୍ରହକୁ ଲପେଟି ରହିଛି । ଏହା ହିଁ ଅଟେ ସେହି ଅନନ୍ତ ନାଗ । ଯାହା ଦ୍ୱାରା ପୃଥିବୀ ଆଶ୍ରିତ ରହିଛି ଶ୍ରୀକୃଷ୍ଣ କହୁଛନ୍ତି– ଏପରି ଈଶ୍ୱରୀୟ ଶକ୍ତି ମୁଁ ଅଟେ । ଜଳଚରମାନଙ୍କ ମଧ୍ୟରେ ତାହାଙ୍କ ଅଧିପତି ବରୁଣ ମୁଁ ଅଟେ ତଥା ପିତୃ ମାନଙ୍କ ମଧ୍ୟରେ **'ଅର୍ଯ୍ୟମା'** ମୁଁ ଅଟେ । ଅହିଂସା, ସତ୍ୟ, ବ୍ରହ୍ମଚର୍ଯ୍ୟ, ଅସ୍ତେୟ ଓ ଅପରିଗ୍ରହ ଏପରି ପାଞ୍ଚୋଟି ଯମ ରହିଛି । ଏହାର ପାଳନରେ ଆସୁଥିବା ବିକାରକୁ କାଟିବା ହିଁ **'ଅର'** ଅଟେ । ବିକାରମାନଙ୍କ ଶମନ ଦ୍ୱାରା ପିତୃ ଅର୍ଥାତ୍ ଭୂତ ସଂସ୍କାର ତୃପ୍ତ ହୋଇଥାନ୍ତି । ନିବୃତ୍ତ ପ୍ରଦା କରି ଦେଇଥାନ୍ତି । ଶାସନ କରିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁଁ ହିଁ ଯମରାଜ ଅଟେ । ଅର୍ଥାତ୍ ମୁଁ ଉପରୋକ୍ତ ଯମର ନିୟାମକ ଅଟେ ।

**ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଲୟତାମହମ୍ ।**
**ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ।।୩୦।।**

ଦୈତ୍ୟାମାନଙ୍କ ମଧ୍ୟରେ ମୁଁ ପ୍ରହ୍ଲାଦ ଅଟେ । ପର ଆହ୍ଲାଦ ଅର୍ଥାତ୍ ଯିଏକି ପର ନିମନ୍ତେ ଆହ୍ଲାଦ ରଖିଥାଏ । ପ୍ରେମ ହିଁ ପ୍ରହଲ୍ଲାଦ ଅଟେ । ଆସୁରୀ ସମ୍ପଦରେ ରହି ମଧ୍ୟ ଈଶ୍ୱର ନିମନ୍ତେ ଆକର୍ଷଣ ବିକଳଭାବ ପ୍ରାରମ୍ଭ ହୋଇଥାଏ, ଯାହାଦ୍ୱାରା ପରମ ପ୍ରଭୁଙ୍କ ଦିଗ୍‌ଦର୍ଶନ ହୋଇଥାଏ । ଏହିପରି **'ପ୍ରେମୋଲ୍ଲାସ'** ମୁଁ ଅଟେ । ଗଣନା କରିବାରେ ମୁଁ ସମୟ ଅଟେ । ଏକ, ଦୁଇ, ତିନି, ଚାରି ଅଥବା କ୍ଷଣ, ଘଡ଼ି, ଦିନ, ପକ୍ଷ, ମାସ ଇତ୍ୟାଦି ନୁହଁ ବରଂ ଈଶ୍ୱର ଚିନ୍ତନରେ ଲାଗି ରହିଥିବା ସମୟ ମୁଁ ଅଟେ । ଏପରିକି **'ଜାଗତ ମେଁ ସୁମିରନ କରେ, ସୋବତ ମେଁ ଲୌ ଲାଇ । ସୁରତ କୀ ଡ଼ୋରି ଲାଗି ରହେ ତାର ଟୁଟ ନ ଜାଇ'** । ଅନବରତ ଚିନ୍ତନରେ ସମୟ ମୁଁ ଅଟେ । ପଶୁମାନଙ୍କରେ ମୃଗରାଜ (ଯୋଗୀ ମଧ୍ୟ ଗୋଟିଏ ମୃଗ ଅର୍ଥାତ୍ ଯୋଗରୂପୀ ଜଙ୍ଗଲରେ ଗମନ କରୁଥିବା ବ୍ୟକ୍ତିଙ୍କୁ ହିଁ ମୃଗ କୁହାଯାଏ) । ତଥା ପକ୍ଷୀମାନଙ୍କରେ ଗରୁଡ଼ ମୁଁ ଅଟେ, ଜ୍ଞାନ ହିଁ ଗରୁଡ଼ ଅଟେ । ଯେବେ ଈଶ୍ୱରୀୟ ଅନଭୂତି ଆସିବାରେ ଲାଗିଥାଏ, ତେବେ ଏହି ମନ ନିଜର ଆରାଧ୍ୟଙ୍କ ସବାରୀ ହୋଇଯାଇଥାଏ ଏବଂ ଯେତେବେଳେ ଏହି ମନ ସଂଶୟ ଯୁକ୍ତ ହୋଇଯାଏ, ତେବେ ସର୍ପ ହୋଇଯାଏ । ସଂଶୟ ହିଁ ସର୍ପ ଅଟେ । ଏହି ସର୍ପ ହିଁ ସଦୈବ ଦଂଶନ କରୁଥାଏ

ଏବଂ ବିଭିନ୍ନ ଯୋନୀରେ ପକାଇଥାଏ । ଗରୁଡ଼ ବିଷ୍ଣୁଙ୍କ ବାହାନ ଅଟେ । ଯେଉଁ ସତ୍ତା ବିଶ୍ୱରେ ଅଣୁରୂପରେ ସଞ୍ଚାରିତ ହୋଇ ରହିଛି, ଜ୍ଞାନ ସଂଯୁକ୍ତ ମନ ତାହାକୁ ନିଜ ଭିତରେ ଧାରଣ କରିଥାଏ । ତାହାର ବାହନ ହୋଇଯାଇଥାଏ । ଶ୍ରୀକୃଷ୍ଣ କହନ୍ତି ଯେ, ଇଷ୍ଟଙ୍କୁ ଧାରଣ କରିଥିବା ମନ ମୁଁ ଅଟେ ।

**ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।**
**ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ।।୩୧।।**

ପବିତ୍ରକାରୀମାନଙ୍କ ମଧ୍ୟରେ ମୁଁ ବାୟୁ ଅଟେ । ଶସ୍ତ୍ରଧାରୀମାନଙ୍କ ମଧ୍ୟରେ ମୁଁ ରାମ ଅଟେ । **'ରମନ୍ତି ଯୋଗିନଃ, ଯସ୍ମିନ୍ ସ ରାମଃ'–** ଯୋଗୀ କେଉଁଠି ରମଣ କରିଥାନ୍ତି ? ଯୋଗୀମାନେ ନିଜ ଅନୁଭବରେ ରମଣ କରୁଥାନ୍ତି ଈଶ୍ୱର ଇଷ୍ଟ ରୂପରେ ଯେଉଁ ନିର୍ଦ୍ଦେଶନ ଦେଇଥାନ୍ତି , ଯୋଗୀମାନେ ସେଥିରେ ରମଣ କରିଥାନ୍ତି । ସେହି ଜାଗୃତିର ନାମ ହିଁ ରାମ ଅଟେ ଏବଂ ସେହି ଜାଗୃତି ମୁଁ ହିଁ ଅଟେ, ମତ୍ସ୍ୟମାନଙ୍କ ମଧ୍ୟରେ ମଗର ମୁଁ ଅଟେ । ନଦୀମାନଙ୍କ ମଧ୍ୟରେ ଗଙ୍ଗା ମୁଁ ଅଟେ ।

**ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।**
**ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ।।୩୨।।**

ହେ ଅର୍ଜୁନ ! ସୃଷ୍ଟିର ଆଦି–ମଧ୍ୟ–ଅନ୍ତ ମଧ୍ୟ ମୁଁ ହିଁ ଅଟେ । ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମ ବିଦ୍ୟା ମୁଁ ଅଟେ । ଯିଏକି ଆତ୍ମାର ଆଧିପତ୍ୟ ଦେଉଥାଏ, ସେହି ବିଦ୍ୟା ମଧ୍ୟ ମୁଁ ହିଁ ଅଟେ । ସଂସାରର ଅଧିକାଂଶ ପ୍ରାଣୀ ମାୟାର ଆଧିପତ୍ୟରେ ରହିଥାନ୍ତି । ରାଗ, ଦ୍ୱେଷ, କାଳ, କର୍ମ, ସ୍ୱଭାବ ଓ ଗୁଣ ଦ୍ୱାରା ପ୍ରେରିତ ଅଟନ୍ତି । ଏମାନଙ୍କ ମୁଖରୁ ବାହାରକରି ଆତ୍ମାର ଆଧିପତ୍ୟରେ ନେଇ ଯାଉଥିବା ବିଦ୍ୟା ମୁଁ ହିଁ ଅଟେ । ଯାହାକୁ ଆଧ୍ୟାତ୍ମ ବିଦ୍ୟା କୁହାଯାଏ । ପରସ୍ପର ହେଉଥିବା ବିବାଦରେ ତଥା ବ୍ରହ୍ମଚର୍ଚ୍ଚାରେ ଯିଏ ନିର୍ଣ୍ଣାୟକ, ଏପରି ବାର୍ତ୍ତା ମୁଁ ହିଁ ଅଟେ ଶେଷ ନିର୍ଣ୍ଣୟ ତ ଅନିର୍ଣ୍ଣିତ ହୋଇଥାଏ ।

**ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ**
**ଅହମେବାକ୍ଷୟଃ କାଲୋ ଧାତାହଂ ବିଶ୍ୱତୋମୁଖଃ ।।୩୩।।**

ଅକ୍ଷରମାନଙ୍କ ମଧ୍ୟରେ ମୁଁ 'ଅ'କାର, ଓଁ କାର ତଥା ସମାସ ମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ନାମକ ସମାସ ଅଟେ । ଅକ୍ଷୟ କାଳ ମୁଁ ହିଁ ଅଟେ । କାଳ ସଦୈବ ପରିବର୍ତ୍ତନଶୀଳ ଅଟେ । କିନ୍ତୁ ସେହି ସମୟ ଯିଏକି ଅକ୍ଷୟ, ଅଜର, ଅମର, ପରମାତ୍ମାରେ ପ୍ରବେଶ କରାଇଥାଏ, ସେହି ଅବସ୍ଥା ମୁଁ ହିଁ ଅଟେ । ବିରାଟ ସ୍ୱରୂପ ଅର୍ଥାତ୍ ସର୍ବତ୍ର ବ୍ୟାପ୍ତ, ସମସ୍ତଙ୍କୁ ଧାରଣ, ପୋଷଣର କର୍ତ୍ତା ମଧ୍ୟ ମୁଁ ହିଁ ଅଟେ ।

**ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।**
**କୀର୍ତ୍ତି ଶ୍ରୀର୍ବାକ୍ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ।।୩୪।।**

ମୁଁ ସମସ୍ତଙ୍କ ବିନାଶ କରୁଥିବା ମୃତ୍ୟୁ ଏବଂ ଭବିଷ୍ୟତରେ ହେଉଥିବା ପ୍ରାଣୀଙ୍କ ଉତ୍ପତ୍ତିର କାରଣ ମଧ୍ୟ ମୁଁ ହିଁ ଅଟେ । ସ୍ତ୍ରୀମାନଙ୍କ ମଧ୍ୟରେ ମୁଁ ଯଶ, ଶକ୍ତି, ବାକ୍ ପଟୁତା, ସ୍ମୃତି, ମେଧା ଅର୍ଥାତ୍ ବୁଦ୍ଧି, ଧୈର୍ଯ୍ୟ ଏବଂ କ୍ଷମା ମଧ୍ୟ ମୁଁ ହିଁ ଅଟେ । ଯୋଗେଶ୍ୱରଙ୍କ ଅନୁସାରେ **'ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ'** । (ଅଧ୍ୟାୟ ୧୫ ଶ୍ଳୋକ ୧୬ ) । ପୁରୁଷ ଦୁଇ ପ୍ରକାରର ହିଁ ହୋଇଥାନ୍ତି । କ୍ଷର ଏବଂ ଅକ୍ଷର । ସମ୍ପୂର୍ଣ୍ଣ ଭୂତପ୍ରାଣୀଙ୍କ ଉତ୍ପତ୍ତି ଏବଂ ବିନାଶଶୀଳ ଏହି ଶରୀର ହିଁ କ୍ଷର ପୁରୁଷ ଅଟେ । ସେ ନର, ମାଡା, ପୁରୁଷ, ଅଥବା ସ୍ତ୍ରୀ କିଛି ମଧ୍ୟ ହୁଅନ୍ତୁ ନା କାହିଁକି ? ଶ୍ରୀକୃଷ୍ଣଙ୍କ ଶବ୍ଦରେ ସେ ପୁରୁଷ ହିଁ ଅଟେ । ଅନ୍ୟଟି ହେଉଛି ଅକ୍ଷର ପୁରୁଷ । ଯିଏକି କୂଟସ୍ଥ ଚିତ୍ତର ସ୍ଥିର କାଳରେ ଦେଖିବାରେ ଆସିଥାଏ । ଏହା ହିଁ କାରଣ ଯେ, ଏହି ଯୋଗ ପଥରେ ସ୍ତ୍ରୀ,ପୁରୁଷ ସମସ୍ତେ ସମାନ ସ୍ଥିତିର ମହାପୁରୁଷ ହୋଇ ଆସୁଛନ୍ତି । କିନ୍ତୁ ଏଠାରେ ସ୍ମୃତିଶକ୍ତି, ବୁଦ୍ଧି ଇତ୍ୟାଦି ସ୍ତ୍ରୀମାନଙ୍କର ହିଁ କୁହାଗଲା । କ'ଣ ଏହି ସଦ୍‌ଗୁଣର ଆବଶ୍ୟକତା ପୁରୁଷମାନଙ୍କ ମଧ୍ୟରେ ନାହିଁ ? କିଏ ଏପରି ପୁରୁଷ ରହିଛି ଯିଏକି ଶ୍ରୀମାନ, କୀର୍ତ୍ତିମାନ, ବକ୍ତା, ସ୍ମୃତିବାନ, ମେଧାବୀ, ଧୈର୍ଯ୍ୟବାନ ଏବଂ କ୍ଷମାଶୀଳ ହେବାକୁ ଚାହୁଁ ନାହିଁ । ବୌଦ୍ଧିକ ସ୍ତରରେ ଦୁର୍ବଳତା ପିଲାମାନଙ୍କ ମଧ୍ୟରେ ଏହି ଗୁଣର ବୃଦ୍ଧି ନିମନ୍ତେ ମାତା, ପିତା ପଢାଇବା ନିମନ୍ତେ ଅତିରିକ୍ତ ବ୍ୟବସ୍ଥା କରିଥାନ୍ତି । ଏଠାରେ କହୁଛନ୍ତି ଯେ, ଏହି ଲକ୍ଷଣ କେବଳ ସ୍ତ୍ରୀମାନଙ୍କ ମଧ୍ୟରେ ପାଇବାକୁ ମିଳିଥାଏ । ଅତଃ ଆପଣ ବିଚାର କରି ଦେଖନ୍ତୁ ଯେ ସ୍ତ୍ରୀ କିଏ ? ବସ୍ତୁତଃ ଆପଣଙ୍କ ହୃଦୟର ପ୍ରବୃତ୍ତି ହିଁ 'ନାରୀ' ଅଟେ । ସେଥିରେ ଏହି ଗୁଣ ମାନଙ୍କ ସଞ୍ଚାର ହେବା ଉଚିତ୍ । ଏହି ଗୁଣକୁ ଧାରଣ କରିବା ସ୍ତ୍ରୀଲିଙ୍ଗ, ପୁଲିଙ୍ଗ ସମସ୍ତଙ୍କ ନିମନ୍ତେ ଉପଯୋଗୀ । ଯାହା ମୋ ଦ୍ୱାରା ହୋଇଥାଏ ।

**ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।**
**ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ।।୩୫।।**

ଗାୟନ କରିବା ଯୋଗ୍ୟ ଶ୍ରୁତିମାନଙ୍କ ମଧ୍ୟରେ ବୃହତ୍‌ସାମ ମୁଁ ଅଟେ ଅର୍ଥାତ୍ ବୃହତ୍ ସହିତ ସଂଯୁକ୍ତ, ସମତ୍ୱ ଦେଉଥିବା ଗାୟନ ଅଟେ ଅର୍ଥାତ୍ ଏହିପରି ଜାଗୃତି ମୁଁ ଅଟେ । ଛନ୍ଦମାନଙ୍କ ମଧ୍ୟରେ ଗାୟତ୍ରୀ ଛନ୍ଦ ମୁଁ ଅଟେ । ଗାୟତ୍ରୀ କୌଣସି ମନ୍ତ୍ର ନୁହଁ, ଯାହାକୁ ପଢିବା ଦ୍ୱାରା ମୁକ୍ତି ମିଳିବ ବରଂ ଏକ ସମର୍ପଣାତ୍ମକ ଛନ୍ଦ ଅଟେ । ତିନିଥର ପତନ ହେବା ପରେ ଋଷି ବିଶ୍ୱାମିତ୍ର ନିଜକୁ ଇଷ୍ଟଙ୍କ ପ୍ରତି ସମର୍ପଣ କରି

କହିଲେ-**'ଓଁ ଭୂର୍ଭୁବଃ ସ୍ୱଃ ତତ୍ ସବତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ଧିୟୋ ୟୋ ନଃ ପ୍ରଚୋଦୟାତ୍'** । ଅର୍ଥାତ୍ ଭୂଃ, ଭୁବଃ ଏବଂ ସ୍ୱଃ ତିନି ଲୋକରେ ତତ୍ତ୍ୱରୂପରେ ବ୍ୟାପ୍ତ ଦେବ ! ଆପଣ ହିଁ ବରେଣ୍ୟ ଅଟନ୍ତି । ଆମ୍ଭଙ୍କୁ ଏପରି ବୁଦ୍ଧି ଦିଅନ୍ତୁ, ଏପରି ପ୍ରେରଣା କରନ୍ତୁ ଯେ, ଆମ୍ଭେ ଲକ୍ଷକୁ ପ୍ରାପ୍ତ କରିପାରିବୁ । ଏହା ଏକ ପ୍ରାର୍ଥନା ମାତ୍ର ଅଟେ । ସାଧକ ନିଜର ବୁଦ୍ଧି ଦ୍ୱାରା ଯଥାର୍ଥ ନିର୍ଣ୍ଣୟ ନେଇ ପାରିନଥାଏ ଯେ, ମୁଁ କେବେ ଠିକ୍ ଅଟେ ଏବଂ କେବେ ଭୁଲ୍ । ତାହାର ଏହି ସମର୍ପଣ ପ୍ରାର୍ଥନା ମୁଁ ଅଟେ । ଯେଉଁଥିରେ ନିଶ୍ଚିତ କଲ୍ୟାଣ ରହିଛି କାରଣ ସେ ମୋର ଆଶ୍ରିତ ହୋଇଛି । ସେମାନଙ୍କ ମଧ୍ୟରେ ଶୀର୍ଷସ୍ଥ ମାର୍ଗ ମୁଁ ଅଟେ ଏବଂ ଯେଉଁଥିରେ ସଦୈବ ପ୍ରଫୁଲ୍ଲିତ ହେଉଥିବ, ଏହିପରି ଋତୁ, ହୃଦୟର ଏପରି ଅବସ୍ଥା ମଧ୍ୟ ମୁଁ ହିଁ ଅଟେ ।

**ଦ୍ୟୂତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।**
**ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ।।୩୬।।**

ତେଜସ୍ୱୀ ପୁରୁଷଙ୍କ ତେଜ ମୁଁ ଅଟେ । ଜୁଆରେ ଛଳ କରୁଥିବା ବ୍ୟକ୍ତି ମଧ୍ୟରେ ଛଳ ମଧ୍ୟ ମୁଁ ଅଟେ । ତେବେ ତ ବହୁତ ଭଲ, ଜୁଆ ଖେଳିବା,ସେଥିରେ କଳ, ବଳ ଓ ଛଳ କରିବା, ତାହାହିଁ ଭଗବାନ ଅଟନ୍ତି । ନାହିଁ ଏପରି କିଛି ନୁହଁ । ଏହି ପ୍ରକୃତି ହିଁ ଗୋଟିଏ ଜୁଆ ଅଟେ । ଏହା ଠଗନି ଅଟେ । ଏହି ପ୍ରକୃତିର ଦ୍ୱନ୍ଦ୍ୱରୁ ବାହାରିବା ନିମନ୍ତେ, ଦେଖାଣିଆ ତ୍ୟାଗ କରି, ଗୁପ୍ତ ରୂପରେ ଲୁଚି କରି ଭଜନ କରିବା ହିଁ ଛଳ ଅଟେ । ଏଠାରେ ପ୍ରକୃତରେ ଏହା ଛଳ ତ ନୁହଁ କିନ୍ତୁ ସମାଜରୁ ବଞ୍ଚିବା ନିମନ୍ତେ ଅତ୍ୟାବଶ୍ୟକ ଅଟେ । ଜଡ଼ ଭରତ ଭଳି ଉନ୍ମତ୍ତ, ଆଳା-କାଳା ପରି ଏବଂ ମୂକପରି ହୃଦୟରୁ ଜାନକାରୀ ହେଉଥିବା ସତ୍ତ୍ୱେ ବାହ୍ୟରେ ଏପରି ରହିବା ଆବଶ୍ୟକ ଯେ, ଯେପରି କିଛି ଜାଣି ନାହିଁ । ଶୁଣୁଥାଇ ମଧ୍ୟ ଯେପରି ନ ଶୁଣୁଥିବା । ଦେଖୁଥାଇ ମଧ୍ୟ ଯେପରି ନ ଦେଖିଲା ଭଳି । କଣରେ, ବଣରେ ଏବଂ ମନରେ ଏହି ତିନି ସ୍ଥାନରେ ହିଁ ଛଦ୍ମରୂପରେ ଭଜନ କରିବା ଆବଶ୍ୟକ । ତେବେ ସାଧକ ପ୍ରକୃତି-ପୁରୁଷଙ୍କ ଜୁଆରୁ ହିଁ ପାର ପାଇଥାନ୍ତି । ଜିଣିବା ଲୋକଙ୍କ ବିଜୟ ମୁଁ ହିଁ ଅଟେ ଏବଂ ବ୍ୟବସାୟୀମାନଙ୍କ ନିଶ୍ଚିୟ (ଯାହାକୁ ଦ୍ୱିତୀୟ ଅଧ୍ୟାୟ ୪୧ ଶ୍ଳୋକରେ କହି ଆସିଲେ) ଏହି ଯୋଗରେ ନିଶ୍ଚୟାତ୍ମକ କ୍ରିୟା ଗୋଟିଏ ହିଁ ଅଟେ । ବୁଦ୍ଧି ଗୋଟିଏ ହିଁ ଅଟେ । ଦିଶା ମଧ୍ୟ ଗୋଟିଏ ହିଁ ଅଟେ) ଏହିପରି କ୍ରିୟାତ୍ମକ ବୁଦ୍ଧି ମୁଁ ହିଁ ଅଟେ । ସାତ୍ତ୍ୱିକ ପୁରୁଷଙ୍କ ତେଜ ଓ ଓଜ ମୁଁ ହିଁ ଅଟେ ।

**ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଂ ।**
**ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ।।୩୭।।**

ବୃଷ୍ଣିବଂଶରେ ମୁଁ ବାସୁଦେବ ଅର୍ଥାତ୍ ସର୍ବତ୍ର ବାସ କରୁଥିବା ଦେବ ଅଟେ । ପାଣ୍ଡବମାନଙ୍କ ମଧ୍ୟରେ ମୁଁ ହିଁ ଧନଞ୍ଜୟ ଅଟେ । ପୂଣ୍ୟ ହିଁ ପାଣ୍ଡୁ ଅଟେ ଏବଂ ଆତ୍ମିକ ସମ୍ପତ୍ତି ହିଁ ସ୍ଥିର ସମ୍ପତ୍ତି ଅଟେ । ପୂଣ୍ୟରୁ ପ୍ରେରିତ ହୋଇ ଆତ୍ମିକ ସମ୍ପତିକୁ ଅର୍ଜିତ କରୁଥିବା ଧନଞ୍ଜୟ ମୁଁ ଅଟେ । ମୁନିମାନଙ୍କ ମଧ୍ୟରେ ବ୍ୟାସ ଦେବ ମୁଁ ଅଟେ । ପରମ ତତ୍ତ୍ୱକୁ ବ୍ୟକ୍ତି କରିବାରେ ଯେଉଁମାନଙ୍କ ପାଖରେ କ୍ଷମତା ରହିଛି ସେହି ମୁନି ମଧ୍ୟ ମୁଁ ଅଟେ । କବିମାନଙ୍କ ମଧ୍ୟରେ ଉଶନା ଅର୍ଥାତ୍ ସେଥିରେ ପ୍ରବେଶ କରାଉଥିବା କାବ୍ୟକାର ମଧ୍ୟ ମୁଁ ହିଁ ଅଟେ ।

**ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।**
**ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ॥୩୮॥**

ଦଣ୍ଡିକୁ ଦମନ କରୁଥିବା ଦମନଶକ୍ତି ମୁଁ ଅଟେ । ଜିଣିବା ଇଛା ରଖିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନୀତି ମୁଁ ଅଟେ । ଗୁପ୍ତ ରଖିବା ଯୋଗ୍ୟ ଭାବରେ ମୌନ ମୁଁ ଅଟେ ଏବଂ ଜ୍ଞାନବାନଙ୍କ ମଧ୍ୟରେ ସାକ୍ଷାତ୍କାର ସହିତ ମିଳୁଥିବା ଜାନକାରୀ, ପୂର୍ଣ୍ଣଜ୍ଞାନ ମୁଁ ଅଟେ ।

**ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।**
**ନ ତଦସ୍ତି ବିନା ଯତ୍ସ୍ୟାନ୍ ମୟା ଭୂତଂ ଚରାଚରମ୍ ॥୩୯॥**

ହେ ଅର୍ଜୁନ ! ସମ୍ପୂର୍ଣ୍ଣ ଭୂତଙ୍କ ଉତ୍ପତ୍ତିର କାରଣ ମଧ୍ୟ ମୁଁ ହିଁ ଅଟେ । କାରଣ ଚର ଏବଂ ଅଚର ଏପରି କୌଣସି ଭୂତ ନାହାଁନ୍ତି ଯାହାକି ମୋଠାରୁ ଭିନ୍ନ ରହିଛନ୍ତି । ମୁଁ ସର୍ବତ୍ର ବ୍ୟାପ୍ତ ରହିଛି ? ସମସ୍ତେ ମୋ ନିମନ୍ତେ ହିଁ ରହିଛନ୍ତି ।

**ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତନାଂ ପରଂତପ ।**
**ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥୪୦॥**

ହେ ପରନ୍ତପ ଅର୍ଜୁନ ! ମୋର ଦିବ୍ୟ ବିଭୂତିମାନଙ୍କର ଅନ୍ତ ନାହିଁ । ନିଜର ବିଭୂତିମାନଙ୍କ ବିସ୍ତାରକୁ ମୁଁ ସଂକ୍ଷେପରେ କହିଲି । ବସ୍ତୁତଃ ତାହା ଅନନ୍ତ ଅଟେ ।

ଏହି ଅଧ୍ୟାୟରେ ଅଳ୍ପ କିଛି ବିଭୂତିର ହିଁ ସ୍ୱଷ୍ଟିକରଣ କରାଗଲା । କାରଣ ଆସନ୍ତା ଅଧ୍ୟାୟରେ ଅର୍ଜୁନ ଏହି ସମସ୍ତଙ୍କୁ ଦେଖିବାକୁ ଇଛା କରିବ । କାରଣ ପ୍ରତ୍ୟକ୍ଷ ଦର୍ଶନ ଦ୍ୱାରା ହିଁ ବିଭୂତି ବୁଝିବାର ଆସିଥାଏ । ବିଚାର ଧାରା ବୁଝିବା ନିମନ୍ତେ, ଏଥିରୁ ଅଳ୍ପ କିଛି ଅର୍ଥ ଦିଆଯାଇଛି ।

**ଯଦ୍ୟଦ୍ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।**
**ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସଂଭବମ୍ ॥୪୧॥**

ଯାହା ଯାହା ଐଶ୍ୱର୍ଯ୍ୟଯୁକ୍ତ, କାନ୍ତି ଯୁକ୍ତ ଏବଂ ଶକ୍ତିଯୁକ୍ତ ବସ୍ତୁ ରହିଛି, ତାହାକୁ

ତୁମେ ମୋର ତେଜର ଏକ ଅଂଶରୁ ଉତ୍ପନ୍ନ ହୋଇଛି ବୋଲି ଜାଣ ।

**ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ।**
**ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ॥୪୨॥**

ହେ ଅର୍ଜୁନ ! ଏପରି ବହୁତ ଜାଣିଲେ ତୁମର କ'ଣ ପ୍ରୟୋଜନ ? ମୁଁ ଏହି ସମ୍ପୂର୍ଣ୍ଣ ଜଗତକୁ ଏକ ଅଂଶ ମାତ୍ରାରେ ଧାରଣ କରି ସ୍ଥିତ ରହିଛି ।

ଉପରୋକ୍ତ ବିଭୂତିମାନଙ୍କ ବର୍ଣ୍ଣନର ତାତ୍ପର୍ଯ୍ୟ ଏହା ନୁହଁ ଯେ, ଆପଣ ଅଥବା ଅର୍ଜୁନ ଏହି ସମ୍ପୂର୍ଣ୍ଣ ବସ୍ତୁମାନଙ୍କୁ ପୂଜିବାରେ ଲାଗିବ ବରଂ ଶ୍ରୀକୃଷ୍ଣଙ୍କ ଆଶୟ କେବଳ ଏତିକି ହିଁ ରହିଛି ଯେ, ଏହି ସମସ୍ତଙ୍କ ମଧ୍ୟରେ ସ୍ଥିତ ଶ୍ରଦ୍ଧାକୁ ସାଉଁଟି କରି କେବଳ ଏହି ଅବିନାଶୀ ପରମାତ୍ମାରେ ଲଗାଅ । ଏତିକିରେ ତାହାଙ୍କ କର୍ତ୍ତବ୍ୟ ପୂର୍ଣ୍ଣ ହୋଇଯାଇଥାଏ ।

**–ନିଷ୍କର୍ଷ–**

ଏହି ଅଧ୍ୟାୟରେ ଶ୍ରୀକୃଷ୍ଣ କହିଲେ ଯେ, ହେ ଅର୍ଜୁନ ! ମୁଁ ତୋତେ ପୁନଃ ଉପଦେଶ କରିବି, କାରଣ ତୁ ମୋର ଅତିଶୟ ପ୍ରିୟ । ପ୍ରଥମେ କହିସାରିଛନ୍ତି ପୁଣି କହିବାକୁ ଯାଉଛନ୍ତି କାରଣ ପୂର୍ତ୍ତି ପର୍ଯ୍ୟନ୍ତ ସଦ୍‌ଗୁରୁଙ୍କ ଠାରୁ ଶୁଣିବାରେ ଆବଶ୍ୟକତା ରହିଥାଏ । ମୋର ଉତ୍ପତ୍ତିକୁ ନା ଦେବତା ଏବଂ ନା ମହର୍ଷିଗଣ ହିଁ ଜାଣିଥାନ୍ତି । କାରଣ ମୁଁ ତାହାଙ୍କ ମଧ୍ୟ ଆଦିକାରଣ ଅଟେ । ଅବ୍ୟକ୍ତ ସ୍ଥିତି ପଶ୍ଚାତ୍ ସାର୍ବଭୌମ ଅବସ୍ଥାକୁ ସେହି ଜାଣି ପାରିଥାଏ, ଯାହା ହୋଇଯାଇଛି । ଯିଏ ମୋତେ ଅଜନ୍ମା, ଅନାଦି ଏବଂ ସମ୍ପୂର୍ଣ୍ଣ ଲୋକଙ୍କ ମହାନ୍ ଈଶ୍ୱରଙ୍କ ସାକ୍ଷାତ୍‌କାର ସହିତ ଜାଣିଥାଏ ସେ ହିଁ ଜ୍ଞାନୀ ଅଟେ ।

ବୁଦ୍ଧି, ଜ୍ଞାନ, ଅସଂମୂଢ଼ତା, ଇନ୍ଦ୍ରିୟ ଦମନ, ମନର ଶମନ, ସନ୍ତୋଷ, ତପ, ଦାନ ଏବଂ କୀର୍ତ୍ତିର ଭାବ ଅର୍ଥାତ୍ ଦୈବୀ ସମ୍ପଦର ଭକ୍ତ ଲକ୍ଷଣ ମୁଁ ହିଁ ଦେଇଥାଏ । ସପ୍ତର୍ଷି ଅର୍ଥାତ୍ ଯୋଗର ସାତୋଟି ଭୂମିକା, ତାହା ପୂର୍ବରୁ ମଧ୍ୟ ହୋଇଥିବା ତଦନୁରୂପ ଅନ୍ତଃକରଣ ଚତୁଃଷ୍ଟୟ ଏବଂ ଏହାର ଅନୁକୂଳ ମନ ଯିଏକି ସ୍ୱୟମ୍ଭୂ ଅଟେ । ସ୍ୱୟଂ ରଚୟୀତା ଅଟେ । ଏହି ସମସ୍ତେ ମୋ ଠାରେ ଭାବଯୁକ୍ତ , ଲାଗି ରହିଥିବା ଏବଂ ଶ୍ରଦ୍ଧାଯୁକ୍ତ ଅଟନ୍ତି, ଯାହାର ସଂସାରରେ ସମ୍ପୂର୍ଣ୍ଣ ପ୍ରଜା ରହିଛି, ଏହି ସମସ୍ତ ମୋ ଠାରୁ ହିଁ ଉତ୍ପନ୍ନ । ଅର୍ଥାତ୍ ସାଧନମୟୀ ପ୍ରବୃତ୍ତି ମୋର ହିଁ ପ୍ରଜା ଅଟନ୍ତି । ଏହାଙ୍କ ଉତ୍ପତ୍ତି ନିଜଠାରୁ ନୁହଁ, ଗୁରୁଠାରୁ ହୋଇଥାଏ । ଯିଏକି ଉପଯୁକ୍ତ ବିଭୂତିମାନଙ୍କୁ ସାକ୍ଷାତ ଜାଣି ନେଇଥାନ୍ତି, ସେ ନିଃସନ୍ଦେହ ମୋଠାରେ ଏକ ଭାବରେ ପ୍ରବେଶ କରିବା ଯୋଗ୍ୟ ଅଟେ,

ହେ ଅର୍ଜୁନ, ମୁଁ ହିଁ ସମସ୍ତଙ୍କର ଉତ୍ପତ୍ତିର କାରଣ ଅଟେ । ଏପରି ଯିଏ

ଶ୍ରଦ୍ଧାଦ୍ୱାରା ଜାଣି ନିଅନ୍ତି, ସେହିଁ ଅନନ୍ୟ ଭାବରେ ମୋରଚିନ୍ତନ ନ କରିଥାନ୍ତି । ନିରନ୍ତର ମୋ ଠାରେ ମନ,ବୁଦ୍ଧି ଓ ପ୍ରାଣ ସହିତ ଲାଗି ରହିଥାନ୍ତି । ନିଜ ନିଜ ଭିତରେ ମୋର ଗୁଣ ଚିନ୍ତନ ଏବଂ ମୋ ଭିତରେ ରମଣ କରିଥାନ୍ତି । ମୋଠାରେ ନିରନ୍ତର ସଂଯୁକ୍ତ ହୋଇଥିବା ସେହ ପୁରୁଷଙ୍କୁ ମୁଁ ଯୋଗରେ ପ୍ରବେଶ କରାଉଥିବା ବୁଦ୍ଧି ପ୍ରଦାନ କରିଥାଏ । ଏହା ମଧ୍ୟ ମୁଁ ହିଁ ଭାବସ୍ଥ ଅର୍ଥାତ୍ ! ଆତ୍ମାଭାବସ୍ଥ ଅର୍ଥାତ୍ ତାହାଙ୍କ ଆତ୍ମାରେ ଜାଗୃତ ହୋଇ ଠିଆ ହୋଇଯାଇଥାଏ । ତାହାଙ୍କ ହୃଦୟରେ ଅଜ୍ଞାନରୁ ଉତ୍ପନ୍ନ ଅନ୍ଧକାରକୁ ଜ୍ଞାନରୂପୀ ଦୀପକ ଦ୍ୱାରା ନଷ୍ଟ କରିଥାଏ । ଅର୍ଜୁନ ପ୍ରଶ୍ନ କଲେ ଯେ, ଭଗବାନ୍ ! ଆପଣ ପରମ ପବିତ୍ର, ସନାତନ, ଦିବ୍ୟ, ଅନାଦି ଏବଂ ସର୍ବତ୍ର ବ୍ୟାପ୍ତ । ଏପରି ମହର୍ଷିଗଣ କହିଥାନ୍ତି ତଥା ବର୍ତ୍ତମାନରେ ଦେବର୍ଷି ନାରଦ, ଦେବର୍ଷି ବ୍ୟାସ ଏବଂ ଆପତ୍ୟ ମଧ୍ୟ ଏହା ହିଁ କହୁଛନ୍ତି । ଏହା ସତ୍ୟ ମଧ୍ୟ ଅଟେ କି ଆପଣଙ୍କୁ ନା ତ ଦେବତା ଜାଣିଥାନ୍ତି, ନା ଦାନବ । ସ୍ୱୟଂ ଆପଣ ଯାହାକୁ ଦେଖାଇ ଦିଅନ୍ତି ସେ ହିଁ ଜାଣିପାରିଥାଏ । ଆପଣ ହିଁ ଆପଣଙ୍କ ବିଭୂତିମାନଙ୍କୁ କହିବାରେ ସମର୍ଥ । ଅତଃ ହେ ଜନାର୍ଦ୍ଦନ ! ଆପଣ ନିଜର ବିଭୂତିମାନଙ୍କୁ ବିସ୍ତାର ପୂର୍ବକ କୁହନ୍ତୁ । ପୂର୍ତ୍ତି ପର୍ଯ୍ୟନ୍ତ ଇଷ୍ଟଠାରୁ ଶୁଣିବାର ଉତ୍କଣ୍ଠା ସ୍ଥିର ରହିବା ଉଚିତ । ଆଗକୁ ଇଷ୍ଟଙ୍କ ଅନ୍ତରାଳରେ କ'ଣ ରହିଛି ? ତାହାକୁ ସାଧକ କିପରି ଜାଣିବ ? ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଗୋଟିଏ କରି ନିଜର ୮୧ ବିଭୂତିମାନଙ୍କ ଲକ୍ଷଣ ସଂକ୍ଷେପରେ କହିଲେ । ଯେଉଁଥିରୁ କିଛି ତ ଯୋଗସାଧନାରେ ପ୍ରବେଶ କରିବା ସହିତ ପ୍ରାପ୍ତ ହେଉଥିବା ଅନ୍ତରଙ୍ଗ ବିଭୂତିର ଚିତ୍ରଣ ଏବଂ ଶେଷ ଅନ୍ୟ ସବୁ ସମାଜରେ ଋଦ୍ଧି ସିଦ୍ଧି ସହିତ ପ୍ରାପ୍ତ ହେଉଥିବା ବିଭୂତିମାନଙ୍କ ଉପରେ ପ୍ରକାଶ ଦେଲେ ଏବ ଶେଷରେ ସେ ଜୋର୍ ଦେଇ କହିଲେ ଯେ, ହେ ଅର୍ଜୁନ ! ବହୁତ କିଛି ଜାଣିବାରେ ତୋର କ'ଣ ପ୍ରୟୋଜନ ? ଏହି ସଂସାରରେ ଯାହାକିଛି ତେଜ ଓ ଐଶ୍ୱର୍ଯ୍ୟ ଯୁକ୍ତ ବସ୍ତୁ ରହିଛି । ତାହା ସମ୍ପୂର୍ଣ୍ଣ ମୋର ତେଜର ଅଂଶ ମାତ୍ରକେ ହିଁ ସ୍ଥିତ ରହିଛି । ବସ୍ତୁତଃ ମୋର ବିଭୂତି ଅପାର ରହିଛି ଏପରି କହି ଯୋଗେଶ୍ୱର ଏହି ଅଧ୍ୟାୟର ପଟାକ୍ଷେପ କଲେ ।

ଏହି ଅଧ୍ୟାୟରେ ଶ୍ରୀକୃଷ୍ଣ ନିଜ ବିଭୂତିର ବୌଦ୍ଧିକ ଜାନକାରୀ ମାତ୍ର ଦେଲେ ଯେଉଁ ଦ୍ୱାରା ଅର୍ଜୁନଙ୍କ ଶ୍ରଦ୍ଧା ଚାରିଆଡୁ ଏକତ୍ରିତ ହୋଇ ଏକ ଇଷ୍ଟଙ୍କ ପ୍ରତି ଲାଗିଯିବ । କିନ୍ତୁ ହେ ବନ୍ଧୁଗଣ ! ସବୁକିଛି ଶୁଣିନେବା ଏବଂ ଜାଣିନେବା, ଜିରାରୁ ଶିରା କାଢି ଜାଣି ନେବା ପରେ ମଧ୍ୟ କ୍ରିୟାତ୍ମକ ପଥରେ ଚାଲିଯିବା ପାଇଁ ଶେଷ ହିଁ ରହିବ । ଏହା କ୍ରିୟାତ୍ମକ ପଥ ଅଟେ । ସମ୍ପୂର୍ଣ୍ଣ ଅଧ୍ୟାୟରେ ଯୋଗେଶ୍ୱରଙ୍କ ବିଭୂତିମାନଙ୍କର ହିଁ

ବର୍ଣ୍ଣନ ରହିଛି । ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍ ଗୀତା ସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ବିଭୂତି ବର୍ଣ୍ଣନଂ'ନାମ ଦଶମୋଽଧ୍ୟାୟଃ ॥୧୦॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବତ୍ ଗୀତା ରୂପୀ ଉପନିଷେଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ବିଭୂତି ବର୍ଣ୍ଣନଂ'ନାମକ ଦଶମ ଅଧ୍ୟାୟଃ ସମ୍ପୂର୍ଣ୍ଣ ହେଲା ॥୧୦॥

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ'ବିଭୂତି ବର୍ଣ୍ଣନଂ'ନାମ ଦଶମୋଽଧ୍ୟାୟଃ ॥୧୦॥**

**॥ ହରି ଓଁ ତତ୍‌ସତ୍ ॥**

ॐ

# ଶ୍ରୀପରମାତ୍ମନେ ନମଃ

# ଅଥୈକାଦଶୋଽଧ୍ୟାୟଃ

ଗତ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ନିଜର ପ୍ରଧାନ-ପ୍ରଧାନ ବିଭୂତିମାନଙ୍କ ବର୍ଣ୍ଣନ ସଂକ୍ଷେପରେ କରିଛନ୍ତି । କିନ୍ତୁ ଅର୍ଜୁନଙ୍କୁ ମନେ ହେଲା ଯେ ସେ ବିସ୍ତାର ପୂର୍ବକ ଶୁଣିନେଲେ । ସେ କହିଲେ- ଆପଣଙ୍କ ବାଣୀ ଶୁଣି ମୋର ସମ୍ପୂର୍ଣ୍ଣ ମୋହ ନଷ୍ଟ ହୋଇଗଲା । କିନ୍ତୁ ଆପଣ ଯାହା କହିଲେ ତାହାକୁ ପ୍ରତ୍ୟକ୍ଷ ଦେଖିବାକୁ ଚାହୁଁଛି । ଶୁଣିବା ଏବଂ ଦେଖିବାରେ ଆକାଶ ପାତାଳ ଅନ୍ତର ରହିଛି । ଅଗ୍ରସର ହୋଇ ଦେଖିଲେ ବସ୍ତୁର ସ୍ଥିତି କିଛି ଅନ୍ୟ ରୂପ ହିଁ ଦେଖାଯାଇଥାଏ । ଯେବେ ଅର୍ଜୁନ ସେହି ରୂପକୁ ଦେଖିଲେ, ତେବେ ତାଙ୍କ ଶରୀର କମ୍ପମାନ ହେଲା, କ୍ଷମା ଯାଚନା କରିବାରେ ଲାଗିଲେ । କ'ଣ ଜ୍ଞାନୀ ଭୟଭୀତ ହୁଏ କି ? ତାହାର କୌଣସି ଜିଜ୍ଞାସା ରହିଥାଏ କି ? ନାହିଁ ! ବୌଦ୍ଧିକ ସ୍ତରର ଜାନକାରୀ ସଦୈବ ଧୂଆଁଳିଆ ରହିଥାଏ । ହଁ, ତାହା ଯଥାର୍ଥ ଜାନକାରୀ ନିମନ୍ତେ ପ୍ରେରଣ ଅବଶ୍ୟ ଦେଇଥାଏ । ତେଣୁ ଅର୍ଜୁନ ନିବେଦନ କଲେ-

**ଅର୍ଜୁନ ଉବାଚ**

**ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।**
**ଯତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ ।।୧।।**

ହେ ଭଗବାନ୍ ! ମୋତେ ଅନୁଗ୍ରହ କରିବା ନିମନ୍ତେ ଯାହା ଆପଣଙ୍କ ଦ୍ୱାରା ଗୋପନୀୟ ଅଧ୍ୟାତ୍ମରେ ପ୍ରବେଶ ଦେଉଥିବା ଉପଦେଶ କୁହାଗଲା, ତାହାଦ୍ୱାରା ମୋର ଏହି ଅଜ୍ଞାନ ନଷ୍ଟ ହୋଇଗଲା । ମୁଁ ଜ୍ଞାନୀ ହୋଇଗଲି ।

**ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।**
**ତ୍ୱତ୍ତଃ କମଲପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ।।୨।।**

ହେ କମଳ ନେତ୍ର ! ମୁଁ ଭୂତପ୍ରାଣୀଙ୍କ ଉତ୍ପତ୍ତି ଏବଂ ପ୍ରଳୟ ଆପଣଙ୍କ ଠାରୁ ବିସ୍ତାର ପୂର୍ବକ ଶୁଣିଛି ତଥା ଆପଣଙ୍କର ଅବିନାଶୀ ପ୍ରଭାବକୁ ମଧ୍ୟ ଶୁଣିଛି ।

**ଏବମେତଦ୍ ଯଥାତ୍ଥ ତ୍ୱମାତ୍ମାନଂ ପରମେଶ୍ୱର ।**
**ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ।।୩।।**

ହେ ପରମେଶ୍ୱର ! ଆପଣ ନିଜକୁ ଯେପରି କହୁଛନ୍ତି, ଏହା ଠିକ୍ ଏପରି

ହିଁ ଅଟେ । ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ମୁଁ କେବଳ ତାହାକୁ ଶୁଣିଛି । ଅତଃ ହେ ପୁରୁଷୋତ୍ତମ ! ସେହି ଐଶ୍ୱର୍ଯ୍ୟଯୁକ୍ତ ସ୍ୱରୂପକୁ ମୁଁ ପ୍ରତ୍ୟକ୍ଷ ଦେଖିବାକୁ ଚାହୁଁଛି ।

**ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।**
**ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନବ୍ୟୟମ୍ ॥୪॥**

ହେ ପ୍ରଭୋ ! ମୋ ଦ୍ୱାରା ଆପଣଙ୍କ ସେହି ରୂପକୁ ଦେଖିବା ସମ୍ଭବ, ଯଦି ଆପଣ ଏପରି ମନେ କରନ୍ତି, ତେବେ ହେ ଯୋଗେଶ୍ୱର ! ଆପଣ ନିଜର ସେହି ଅବିନାଶୀ ସ୍ୱରୂପ ଦର୍ଶନ କରାନ୍ତୁ । ଏହା ଉପରେ ଯୋଗେଶ୍ୱର କୌଣସି ପ୍ରତିବାଦ କଲେ ନାହିଁ । କାରଣ ପୂର୍ବରୁ ସେ ଅନେକ ସ୍ଥାନରେ କହିଆସିଛନ୍ତି ଯେ ତୁ ମୋର ଅନନ୍ୟ ଭକ୍ତ ଏବଂ ପ୍ରିୟ ସଖା ଅଟ । ଅତଃ ବହୁତ ପ୍ରସନ୍ନତାର ସହିତ ସେ ନିଜର ସ୍ୱରୂପକୁ ଦର୍ଶାଇଲେ ।

**ଶ୍ରୀଭଗବାନ ଉବାଚ**

**ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ ।**
**ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ॥୫॥**

ହେ ପାର୍ଥ ! ମୋର ହଜାର ପ୍ରକାରର ଏବଂ ନାନା ବର୍ଣ୍ଣର ତଥା ଆକୃତିଯୁକ୍ତ ଦିବ୍ୟ ସ୍ୱରୂପକୁ ଦେଖ–

**ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।**
**ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ॥୬॥**

ହେ ଭାରତ ! ଅଦିତିଙ୍କର ଦ୍ୱାଦଶ ପୁତ୍ରମାନଙ୍କୁ, ଅଷ୍ଟବସୁଙ୍କୁ, ଏକାଦଶ ରୁଦ୍ରଙ୍କୁ, ଉଭୟ ଅଶ୍ୱିନୀକୁମାର ଏବଂ ଅଣଚାଷ ମରୁତଗଣଙ୍କୁ ତୁମେ ଦେଖ ତଥା ପୂର୍ବରୁ କେବେ ତୁମେ ନ ଦେଖିଥିବା ଅନେକ ଆଶ୍ଚର୍ଯ୍ୟମୟ ରୂପକୁ ଦେଖ ।

**ଇହୈକସ୍ଥଂ ଜଗତ୍ କୃତସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।**
**ମମ ଦେହେ ଗୁଡ଼ାକେଶ ଯଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି ॥୭॥**

ହେ ଅର୍ଜୁନ ! ବର୍ତ୍ତମାନ ମୋର ଏହି ଶରୀରରେ ଗୋଟିଏ ସ୍ଥାନରେ ରହିଥିବା ସଚରାଚର ଜଗତକୁ ଦେଖ । ତଥା ଆହୁରି ଯାହା କିଛି ଦେଖିବାକୁ ଚାହୁଁଛ, ତାହା ମଧ ଦେଖ । ଏହିପରି ତିନି ଶ୍ଳୋକ ପର୍ଯ୍ୟନ୍ତ ଭଗବାନ ନିରନ୍ତର ରୂପ ଦେଖାଇ ଚାଲିଛନ୍ତି । କିନ୍ତୁ ଅର୍ଜୁନଙ୍କୁ କିଛି ମଧ ଦିଶୁନଥିଲା । ସେ ଆଖିକୁ ମଳିମଳି ରହିଗଲେ । ଅତଃ ଏପରି ଦେଖାଇ ଭଗବାନ ହଠାତ୍ ଅଟକି ଗଲେ ଏବଂ କହିଲେ –

**ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।**
**ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ॥୮॥**

ହେ ଅର୍ଜୁନ ! ତୁମେ ମୋତେ ତୁମ ନେତ୍ରଦ୍ୱାର ଅର୍ଥାତ ବୌଦ୍ଧିକ ଦୃଷ୍ଟିଦ୍ୱାରା ଦେଖିବାରେ ସମର୍ଥ ନୁହଁ । ତେଣୁକରି ମୁଁ ତୁମକୁ ଦିବ୍ୟ ଅର୍ଥାତ୍ ଅଲୌକିକ ଦୃଷ୍ଟି ଦେବି । ଯାହା ଦ୍ୱାରା ତୁମେ ମୋର ପ୍ରଭାବ ଏବଂ ଯୋଗଶକ୍ତିକୁ ଦେଖିପାରିବ । ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ କୃପା ପ୍ରସାଦରୁ ଅର୍ଜୁନଙ୍କୁ ଯେଉଁ ଦୃଷ୍ଟି ପ୍ରାପ୍ତ ହୋଇଥିଲା, ସେଠାରେ ଯୋଗେଶ୍ୱର ବ୍ୟାସଙ୍କ କୃପା ପ୍ରସାଦରୁ ସେହି ଦୃଷ୍ଟି ସଞ୍ଜୟଙ୍କୁ ପ୍ରାପ୍ତ ହୋଇଥିଲା । ଯାହା କିଛି ଅର୍ଜୁନ ଦେଖିଲେ, ଅକ୍ଷରଶଃ ତାହାକୁ ସଞ୍ଜୟ ମଧ ଦେଖୁଥିଲେ ଏବଂ ତାହାର ପ୍ରଭାବରୁ ନିଜକୁ କଲ୍ୟାଣର ଭାଗିଦାର ମାନିଥିଲେ । ସ୍ପଷ୍ଟ ହେଉଛି ଯେ, ଶ୍ରୀକୃଷ୍ଣ ଜଣେ ଯୋଗୀଙ୍କ ସମକକ୍ଷ ଥିଲେ ଅର୍ଥାତ୍ ଯୋଗୀ ଥିଲେ ।

**ସଞ୍ଜୟ ଉବାଚ**

**ଏବମୁକ୍ତ୍ୱା ତତୋ ରାଜନ୍ ମହାଯୋଗେଶ୍ୱରୋ ହରିଃ ।**
**ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ॥୯॥**

ସଞ୍ଜୟ କହିଲେ, ହେ ରାଜନ ! ମହା ଯୋଗେଶ୍ୱର ଶ୍ରୀହରି ଏହିପରି କହି ତାହା ପରେ ପାର୍ଥଙ୍କୁ ନିଜର ପରମ ଐଶ୍ୱର୍ଯ୍ୟଯୁକ୍ତ ଦିବ୍ୟ ସ୍ୱରୂପ ଦେଖାଇଲେ । ଯିଏ ସ୍ୱୟଂ ଯୋଗୀ ଏବଂ ଯାହା ନିକଟରେ ଅନ୍ୟକୁ ଯୋଗପ୍ରଦାନ କରିବା କ୍ଷମତା ରହିଥିବ, ଯେ ଯୋଗର ସ୍ୱାମୀ, ତାହାଙ୍କୁ ଯୋଗେଶ୍ୱର କୁହାଯାଏ । ଏହିପରି ସର୍ବସ୍ୱ ହରଣ କରୁଥିବା ହରି ଅଟନ୍ତି । ଯଦି କେବଳ ଦୁଃଖ ହିଁ ହରଣ କଲେ ଏବଂ ସୁଖକୁ ଛାଡ଼ିଦେଲେ, ତେବେ ଦୁଃଖ ଅବଶ୍ୟ ଆସିବ । ଅତଃ ସମ୍ପୂର୍ଣ୍ଣ ପାପର ବିନାଶ ସହିତ ସର୍ବସ୍ୱ ହରଣ କରି ନିଜର ସ୍ୱରୂପ ଦେବାରେ ଯିଏ ସକ୍ଷମ । ସେ ହିଁ ହରି ଅଟନ୍ତି । ସେ ପାର୍ଥଙ୍କୁ ନିଜର ଦିବ୍ୟ ସ୍ୱରୂପ ଦେଖାଇଲେ । ସାମନାରେ ହିଁ ତ ଉପସ୍ଥିତ ଥିଲେ ।

**ଅନେକବକ୍ତ୍ରନୟନମନେକାଦ୍ଭୁ ତଦର୍ଶନମ୍ ।**
**ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ॥୧୦॥**

ଅନେକ ମୁଖ ଏବଂ ନେତ୍ରଯୁକ୍ତ, ଅନେକ ଅଦ୍ଭୁତ ଦୃଶ୍ୟ, ଅନେକ ଦିବ୍ୟ ଭୂଷଣଯୁକ୍ତ ଏବଂ ଅନେକ ଦିବ୍ୟ ଶସ୍ତ୍ରମାନଙ୍କୁ ହାତରେ ଉଠାଇଥିବା ତଥା–

**ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।**
**ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ॥୧୧॥**

ଦିବ୍ୟମାଳା ଏବଂ ଦିବ୍ୟ ବସ୍ତ୍ରମାନଙ୍କୁ ଧାରଣ କରି, ଦିବ୍ୟ ଗନ୍ଧ ଅନୁଲେପନ କରି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଯୁକ୍ତ, ସୀମାରହିତ, ବିରାଟ ସ୍ୱରୂପ ପରମ ଦେବଙ୍କୁ ଅର୍ଜୁନ ଦୃଷ୍ଟି ପ୍ରାପ୍ତ ହେଲା ପରେ ଦେଖିଲେ ।

**ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ ଯୁଗପଦୁତ୍‌ଥିତା ।**
**ଯଦି ଭାଃ ସଦୃଶୀ ସା ସ୍ୟାଦ୍ ଭାସସ୍ତସ୍ୟ ମହାତ୍ମନଃ ।।୧୨।।**

(ଅଜ୍ଞାନରୂପୀ ଧୃତରାଷ୍ଟ୍ର, ସଂଯମରୂପୀ ସଞ୍ଜୟ- ଯେପରି ପୂର୍ବରୁ ଆସିଥିଲା ।) ସଞ୍ଜୟ କହିଲେ ହେ ରାଜନ୍ ! ଆକାଶରେ ଏକ ସାଥିରେ ହଜାର ସୂର୍ଯ୍ୟ ଉତ୍ପନ୍ନ ହେଲେ ଯେପରି ପ୍ରକାଶ ହୋଇଥାଏ, ତାହାଠାରୁ ମଧ ମହତ୍ମା ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦେଦୀପ୍ୟମାନ ହେଉଥାଏ, ଏଠାରେ ଶ୍ରୀକୃଷ୍ଣ ମହାତ୍ମା ହିଁ ଅଟନ୍ତି, ସେ ଜଣେ ଯୋଗେଶ୍ୱର ଥିଲେ ।

**ତତ୍ରୈକସ୍ଥଂ ଜଗତକୃତସ୍ନଂ ପ୍ରବିଭକ୍ତମନେକଧା**
**ଅପଶ୍ୟଦ୍‌ଦେବ ଦେବସ୍ୟ ଶରୀରେ ପାଣ୍ଡବସ୍ତଦା ।।୧୩।।**

ପାଣ୍ଡୁ-ପୁତ୍ର ଅର୍ଜୁନ ଅର୍ଥାତ୍ ପୁଣ୍ୟ ହିଁ ପାଣ୍ଡୁ । (ପୁଣ୍ୟ ହିଁ ଅନୁରାଗ ରୂପୀ ଅର୍ଜୁନଙ୍କୁ ଜନ୍ମ ଦେଇଥାଏ ।) ସେହି ସମୟରେ ଅନେକ ପ୍ରକାରରେ ବିଭକ୍ତ ହୋଇଥିବା ସମ୍ପୂର୍ଣ୍ଣ ଜଗତକୁ ସେହି ପରମ ଦେବଙ୍କ ଶରୀରରେ ଗୋଟିଏ ଜାଗାରେ ସ୍ଥିତ ହୋଇଥିବା ଦେଖିଲେ-

**ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ ।**
**ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଲିରଭାଷତ ।।୧୪।।**

ଏତତ୍ ପଶ୍ଚାତ୍ ଆଶ୍ଚର୍ଯ୍ୟଯୁକ୍ତ ହର୍ଷିତ ସେହି ଅର୍ଜୁନ ପରମାତ୍ମା ପରମଦେବଙ୍କୁ ନତ ମସ୍ତକ ହୋଇ (ପ୍ରଥମେ ମଧ ପ୍ରଣାମ କରୁଥିଲେ କିନ୍ତୁ ପ୍ରଭାବ ଦେଖିବା ପରେ ସାଦର ପ୍ରଣାମ କଲେ) ହାତ ଯୋଡ଼ି କହିଲେ । ଏଠାରେ ଅର୍ଜୁନ ଅନ୍ତଃକରଣ ସହିତ ନମସ୍କାର କରି କହିଲେ -

**ଅର୍ଜୁନ ଉବାଚ**

**ପଶ୍ୟାମି ଦେବାଂସ୍ତବ ଦେବ ଦେହେ**
**ସର୍ବାଂସ୍ତଥା ଭୂତବିଶେଷସଂଘାନ୍ ।**
**ବ୍ରହ୍ମଣମୀଶଂ କମଳାସନସ୍ଥମ୍**
**ଋଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ।।୧୫।।**

ହେ ଦେବ ! ଆପଣଙ୍କ ଶରୀରରେ ମୁଁ ସମ୍ପୂର୍ଣ୍ଣ ଦେବତାମାନଙ୍କୁ ତଥା ଅନେକ ଭୂତ ସମୁଦାୟଙ୍କୁ, କମଳାସନରେ ବସିଥିବା ବ୍ରହ୍ମାଙ୍କୁ, ମହାଦେବଙ୍କୁ ସମ୍ପୂର୍ଣ୍ଣ ଋଷିମାନଙ୍କୁ ତଥା ଦିବ୍ୟ ସର୍ପମାନଙ୍କୁ ଦେଖୁଅଛି । ଏହା ପ୍ରତ୍ୟକ୍ଷ ଦର୍ଶନ ଥିଲା । ଏହା କୌଣସି ମିଥ୍ୟା କଳ୍ପନା ନୁହଁ । କିନ୍ତୁ ଏପରି ତେବେ ସମ୍ଭବ, ଯେବେ ଯୋଗେଶ୍ୱର, ପୂର୍ଣ୍ଣତ୍ୱ ପ୍ରାପ୍ତ ମହାପୁରୁଷ ହୃଦୟରେ ଦିବ୍ୟ ଦୃଷ୍ଟି ପ୍ରଦାନ କରିବେ । ଏହା ସାଧନା ଗମ୍ୟ ଅଟେ ।

**ଅନେକବାହୂଦରବକ୍ତ୍ରନେତ୍ରଂ**
**ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।**
**ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ**
**ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ॥୧୬॥**

ହେ ବିଶ୍ୱର ସ୍ୱାମୀ ! ମୁଁ ଆପଣଙ୍କୁ ଅନେକ ହାତ, ପେଟ, ମୁଖ ଏବଂ ନେତ୍ରଯୁକ୍ତ ଚତୁର୍ଦ୍ଦିଗରୁ ଅନନ୍ତ ରୂପଯୁକ୍ତ ଦେଖୁଥାଏ, ହେ ବିଶ୍ୱରୂପ ! ନା ମୁଁ ଆପଣଙ୍କ ଆଦିକୁ, ନା ମଧ୍ୟକୁ, ନା ଅନ୍ତକୁ ହିଁ ଦେଖିପାରୁଛି । ଅର୍ଥାତ୍ ଆପଣଙ୍କର ଆଦି, ମଧ୍ୟ ଏବଂ ଅନ୍ତର ନିର୍ଣ୍ଣୟ କରି ପାରୁନାହିଁ ।

**କିରୀଟିନଂ ଗଦିନଂ ଚକ୍ରିଣଂ ଚ**
**ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।**
**ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତାଦ୍**
**ଦୀପ୍ତାନଳାର୍କଦ୍ୟୁତିମପ୍ରମେୟମ୍ ॥୧୭॥**

ମୁଁ ଆପଣଙ୍କୁ ମୁକୁଟଯୁକ୍ତ, ଗଦାଯୁକ୍ତ, ଚକ୍ରଯୁକ୍ତ, ଚତୁର୍ଦ୍ଦିଗରୁ ପ୍ରକାଶମାନ ତେଜ ପୁଞ୍ଜ ସ୍ୱରୂପ ପ୍ରଜ୍ୱୋଳିତ ଅଗ୍ନି ଏବଂ ସୂର୍ଯ୍ୟଙ୍କ ସଦୃଶ ଦେଖିବାରେ ଦୁଷ୍କର ଅର୍ଥାତ୍ କଠିନତାରେ ଦେଖାଯାଉଥିବା ଏବଂ ଚତୁର୍ଦ୍ଦିଗରୁ ବୁଦ୍ଧି ଆଦିରୁ ଗ୍ରହଣ ନ ହେଉଥିବା, ଅପ୍ରମେୟ ରୂପକୁ ଦେଖୁଥାଏ । ଏହିପରି ସମ୍ପୂର୍ଣ୍ଣ ଇନ୍ଦ୍ରିୟ ଦ୍ୱାରା ପୂର୍ଣ୍ଣ ରୂପରେ ସମର୍ପଣ ହୋଇ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ ଏହି ରୂପରେ ଦର୍ଶନ କରି ଅର୍ଜୁନ ତାହାଙ୍କ ସ୍ତୁତି କରିବାରେ ଲାଗିଲେ ।

**ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ**
**ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା**
**ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥୧୮॥**

ହେ ଭଗବାନ୍ ! ଆପଣ ଜାଣିବା ଯୋଗ୍ୟ ପରମ ଅକ୍ଷର ଅର୍ଥାତ୍ ଅକ୍ଷୟ ପରମାତ୍ମା ଅଟନ୍ତି । ଆପଣ ଏହି ଦିଗରେ ପରମ ଆଶ୍ରୟ ତଥା ଶାଶ୍ୱତ ଧର୍ମର ରକ୍ଷକ ଏବଂ ଆପଣ ଅବିନାଶୀ ସନାତନ ପୁରୁଷ, ଏପରି ମୁଁ ମନେ କରୁଛି । ଆତ୍ମାର ସ୍ୱରୂପ କ'ଣ ? ଶାଶ୍ୱତ ଅଟେ, ସନାତନ ଅଟେ, ଅବ୍ୟକ୍ତ ରୂପ ଅଟେ ଏବଂ ଅବିନାଶୀ ଅଟେ । ଏଠାରେ ଶ୍ରୀକୃଷ୍ଣଙ୍କ ସ୍ୱରୂପ କ'ଣ ? ସେହି ଶାଶ୍ୱତ, ସନାତନ, ଅବ୍ୟୟ, ଅବିନାଶୀ ଅର୍ଥାତ୍ ପ୍ରାପ୍ତି ପଶ୍ଚାତ୍ ମହାପୁରୁଷ ମଧ୍ୟ ସେହି ଆତ୍ମଭାବରେ ସ୍ଥିତ ହୋଇଥାନ୍ତି । ତେବେ ତ ଭଗବାନ ଏବଂ ଆତ୍ମା ଗୋଟିଏ ହିଁ ଲକ୍ଷଣ ଯୁକ୍ତ ଅଟନ୍ତି

**ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟ–**
**ମନନ୍ତବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।**
**ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ**
**ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ॥୧୯॥**

ହେ ପରମାତ୍ମନ୍ ! ମୁଁ ଆପଣଙ୍କୁ ଆଦି, ମଧ୍ୟ ଏବଂ ଅନ୍ତ ରହିତ ଅନନ୍ତ ସାମର୍ଥ୍ୟଯୁକ୍ତ, ଅନନ୍ତ ହସ୍ତଯୁକ୍ତ, (ପ୍ରଥମେ ହଜାରଥିଲା, ବର୍ତ୍ତମାନ ଅନନ୍ତ ହୋଇଗଲା) ଚନ୍ଦ୍ରମା ଏବଂ ସୂର୍ଯ୍ୟରୂପୀ ନେତ୍ରଯୁକ୍ତ(ତେବେ ତ ଭଗବାନ କଣା ହୋଇଗଲେ, ଗୋଟିଏ ଚକ୍ଷୁ ଚନ୍ଦ୍ରମା ପରି କ୍ଷୀଣ ପ୍ରକାଶ ଯୁକ୍ତ ଏବଂ ଅନ୍ୟଟି ସୂର୍ଯ୍ୟଙ୍କ ପରି ସତେଜ, ଏପରି କିଛି ନୁହଁ । ସୂର୍ଯ୍ୟଙ୍କ ସମାନ ପ୍ରକାଶ ପ୍ରଦାନ କରୁଥିବା ଏବଂ ଚନ୍ଦ୍ରମାଙ୍କ ଭଳି ଶିତଳତା ପ୍ରଦାନ କରୁଥିବା ଗୁଣ ଭଗବାନଙ୍କ ନିକଟରେ ରହିଛି । ସୂର୍ଯ୍ୟ, ଚନ୍ଦ୍ର ମାତ୍ର ପ୍ରତୀକ ଅଟନ୍ତି, ଅର୍ଥାତ୍ ଚନ୍ଦ୍ର–ସୂର୍ଯ୍ୟ ଦୃଷ୍ଟିବାଲା) ତଥା ପ୍ରଜ୍ୱୋଳିତ ଅଗ୍ନିରୂପୀ ମୁଖବାଲା ନିଜର ତେଜ ଦ୍ୱାରା ଏହି ଜଗତକୁ ତପାଇଲା ଭଳି ଦେଖୁଛି ।

**ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି**
**ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।**
**ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ ତବେଦଂ**
**ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ॥୨୦॥**

ହେ ମହାତ୍ମନ୍ ! ଅନ୍ତରିକ୍ଷ ଏବଂ ପୃଥିବୀ ମଧ୍ୟରେ ଥିବା ସମ୍ପୂର୍ଣ୍ଣ ଆକାଶ ତଥା ସମ୍ପୂର୍ଣ୍ଣ ଦିଗ, ଏକମାତ୍ର ଆପଣଙ୍କଠାରେ ପରିପୂର୍ଣ୍ଣ ରହିଛି । ଆପଣଙ୍କର ଏହି ଅଲୌକିକ ଏବଂ ଭୟଙ୍କର ରୂପକୁ ଦେଖି ତିନିଲୋକ ଅତ୍ୟନ୍ତ ବ୍ୟଥିତ ହେଉଛନ୍ତି ।

**ଅମୀ ହି ତ୍ୱାଂ ସୁରସଂଘା ବିଶନ୍ତି**
**କେଚିଦ୍‌ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି ।**
**ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଂଘାଃ ।**
**ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଲାଭିଃ ॥୨୧॥**

ସେହି ଦେବତା ମାନଙ୍କ ସମୂହ ମଧ୍ୟ ଆପଣଙ୍କ ଭିତରେ ହିଁ ପ୍ରବେଶ କରୁଛନ୍ତି ଏବଂ କିଛି ଭୟଭୀତ ହୋଇ ହାତଯୋଡ଼ି ଆପଣଙ୍କ ଗୁଣଗାନ କରୁଛନ୍ତି । ମହର୍ଷି ଏବଂ ସିଦ୍ଧଜନଙ୍କ ସମୁଦାୟ ସ୍ୱସ୍ତି ବାଚକ ଅର୍ଥାତ୍ କଲ୍ୟାଣ ହେଉ ! ଏପରି କହି ସମ୍ପୂର୍ଣ୍ଣ ସ୍ତୋତ୍ର ଦ୍ୱାରା ଆପଣଙ୍କ ସ୍ତୁତି କରୁଛନ୍ତି ।

**ରୁଦ୍ରାଦିତ୍ୟା ବସବୋ ୟେ ଚ ସାଧ୍ୟ**
**ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ**

**।ଗନ୍ଧର୍ବଯକ୍ଷାସୁରସିଦ୍ଧସଂଘା**
**ବୀକ୍ଷନ୍ତେ ତ୍ୱଂ ବିସ୍ମିତାଶ୍ଚୈବ ସର୍ବେ ॥୨୨॥**

ରୁଦ୍ର, ଆଦିତ୍ୟ, ବସୁ, ସାଧ, ବିଶ୍ୱଦେବ, ଅଶ୍ୱିନୀ କୁମାର, ବାୟୁଦେବ ଏବଂ ପିତୃଗଣ ତଥା ଗନ୍ଧର୍ବ, ଯକ୍ଷ, ରାକ୍ଷସ ଏବଂ ସିଦ୍ଧ ସମୁଦାୟ ସମସ୍ତେ ଆଶ୍ଚର୍ଯ୍ୟଭାବରେ ଆପଣଙ୍କୁ ଦେଖୁଛନ୍ତି, ଅର୍ଥାତ୍ ଆପଣଙ୍କୁ ଦେଖି ମଧ କିଛି ବୁଝିପାରନ୍ତି ନାହିଁ । କାରଣ ତାହାଙ୍କ ନିକଟରେ ସେହି ଦୃଷ୍ଟି ହିଁ ନାହିଁ । ଶ୍ରୀକୃଷ୍ଣ ପୂର୍ବରୁ କହିଥିଲେ ଯେ, ଆସୁରୀ ସ୍ୱଭାବଯୁକ୍ତ ଲୋକେ ମୋତେ ତୁଚ୍ଛ କହି ସମ୍ବୋଧିତ କରିଥାନ୍ତି । ସାମାନ୍ୟ ମନୁଷ୍ୟ ପରି ମାନୁଥାନ୍ତି । ଯେତେବେଳେ କି ମୁଁ ପରମ ଭାବରେ ସ୍ଥିତ ପରମେଶ୍ୱର ରୂପ ଅଟେ । ଯଦ୍ୟପି ମୁଁ ମନୁଷ୍ୟ ଶରୀର ଆଧାରବାଲା ହିଁ ରହିଥାଏ । ତାହାର ବିସ୍ତାର ଏଠାରେ ରହିଛି ଯେ, ସେ ଆଶ୍ଚର୍ଯ୍ୟ ଭାବରେ ଦେଖୁଛନ୍ତି, ଯଥାର୍ଥତଃ ବୁଝି ପାରୁ ନାହାଁନ୍ତି ଅର୍ଥାତ୍ ଦେଖୁନାହାନ୍ତି ।

**ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ**
**ମହାବାହୋ ବହୁବାହୂରୁପାଦମ୍ ।**
**ବହୂଦରଂ ବହୁଦଂଷ୍ଟ୍ରାକରାଳଂ**
**ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ॥୨୩॥**

ହେ ମହାବାହୋ ! (ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଉଭୟେ ମହାବାହୋ ଅଟନ୍ତି । ପ୍ରକୃତିର ଉର୍ଦ୍ଧ୍ୱରେ ମହାନ ସତ୍ତାରେ ଯାହାର କାର୍ଯ୍ୟକ୍ଷେତ୍ର ଥିବ, ସେ ହିଁ ମହାବାହୁ ଅଟନ୍ତି । ଶ୍ରୀକୃଷ୍ଣ ମହାନତା କ୍ଷେତ୍ରରେ ପୂର୍ଣ୍ଣ, ଅଧିକତମ ସୀମାରେ ଅଛନ୍ତି, ଅର୍ଜୁନ ତାହାର ପ୍ରବେଶିକାରେ ଅଛନ୍ତି, ମାର୍ଗରେ ବର୍ତ୍ତମାନ ଅଛନ୍ତି । ମଞ୍ଜିଲ୍ (ଧାମ) ଲକ୍ଷ୍ୟ ମାର୍ଗର ଅନ୍ୟ ତଟ ହିଁ ତ ଅଟନ୍ତି) । ହେ ମହାବାହୁ ଯୋଗେଶ୍ୱର ! ଆପଣଙ୍କର ବହୁତ ମୁଖ ଏବଂ ନେତ୍ରଯୁକ୍ତ ବହୁତ ହାତ, ଜଘଂ ଏବଂ ପାଦଯୁକ୍ତ, ବହୁତ ଉଦର ଯୁକ୍ତ, ଅନେକ ବିକରାଳ ଦାନ୍ତଯୁକ୍ତ ମହାନ୍ ରୂପକୁ ଦେଖି ସମସ୍ତେ ବ୍ୟାକୁଳ ହେଉଛନ୍ତି । ମୁଁ ମଧ ବ୍ୟାକୁଳ ହେଉଛି । ବର୍ତ୍ତମାନ ଅର୍ଜୁନଙ୍କୁ କିଛି ଭୟ ହେଉଛି ଯେ, ଶ୍ରୀକୃଷ୍ଣ ଏତେ ମହାନ୍ ଅଟନ୍ତି !

**ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ**
**ବ୍ୟାତ୍ତାନନଂ ଦୀପ୍ତବିଶାଲନେତ୍ରମ୍ ।**
**ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା**
**ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ॥୨୪॥**

ବିଶ୍ୱରେ ସର୍ବତ୍ର ଅଣୁ ରୂପରେ ବ୍ୟାପ୍ତ ହେ ବିଷ୍ଣୁ ! ଆକାଶକୁ ସ୍ପର୍ଶ କରୁଥିବା ପ୍ରକାଶମାନ ଅନେକ ରୂପ ଯୁକ୍ତ, ପ୍ରସାରିତ ମୁଖ ଏବ ପ୍ରକାଶମାନ ବିଶାଳ ନେତ୍ରଯୁକ୍ତ ଆପଣଙ୍କୁ ଦେଖି ବିଶେଷ ରୂପରେ ଭୟଭୀତ ଅନ୍ତଃକରଣଯୁକ୍ତ ମୁଁ ଧୈର୍ଯ୍ୟ ଓ ମନର ସମାଧାନରୂପୀ ଶାନ୍ତି ପାଉନାହିଁ ।

**ଦଂଷ୍ଟ୍ରାକରାଲାନି ଚ ତେ ମୁଖାନି**
**ଦୃଷ୍ଟ୍ୱୈବ କାଲାନଲସନ୍ନିଭାନି ।**
**ଦିଶୋ ନ ଜାନେ ନ ଲଭେ ଚ ଶର୍ମ**
**ପ୍ରସୀଦ ଦେବେଶ ଜଗନ୍ନିବାସ ।।୨୫।।**

ଆପଣଙ୍କ ବିକରାଳ ଦାନ୍ତ ଏବଂ କାଳାଗ୍ନି (କାଳ ନିମନ୍ତେ ମଧ୍ୟ ଅଗ୍ନି ଅଟେ ପରମାତ୍ମା) ସମାନ ପ୍ରଜ୍ୱୋଳିତ ମୁଖକୁ ଦେଖି ମୁଁ ଦିଗମାନଙ୍କୁ ଜାଣିପାରୁ ନାହିଁ । ଚତୁର୍ଦ୍ଦିଗରୁ ପ୍ରକାଶିତ ଦେଖି ଦିଗ ଭ୍ରମ ହୋଇଯାଉଛି । ଆପଣଙ୍କ ଏହି ରୂପକୁ ଦେଖି ମୋତେ ସୁଖ ମଧ୍ୟ ପ୍ରାପ୍ତ ହେଉ ନାହିଁ । ହେ ଦେବେଶ ! ହେ ଜଗନ୍ନିବାସ ! ଆପଣ ପ୍ରସନ୍ନ ହୁଅନ୍ତୁ ।

**ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ**
**ସର୍ବେ ସହୈବାବନିପାଳସଂଘୈଃ ।**
**ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ**
**ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ ।।୨୬।।**

ସେ ସମସ୍ତେ ଧୃତରାଷ୍ଟ୍ର ପୁତ୍ର ରାଜାମାନଙ୍କ ସମୁଦାୟ ସହିତ ଆପଣଙ୍କ ଭିତରେ ସମାହିତ ହେଉଛନ୍ତି ଏବଂ ଭୀଷ୍ମ ପିତାମହ, ଦ୍ରୋଣାଚାର୍ଯ୍ୟ ତଥା ସେହି ସୁତପୁତ୍ର କର୍ଣ୍ଣ । (ଯାହାଙ୍କ ନିମନ୍ତେ ଅର୍ଜୁନ ବହୁତ ଭୟଭୀତ ଥିଲେ, ସେହି କର୍ଣ୍ଣ) ଏବଂ ଆମ୍ଭ ପକ୍ଷରେ ଥିବା ପ୍ରଧାନ ଯୋଦ୍ଧା ସହିତ ସମସ୍ତେ–

**ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି**
**ଦଂଷ୍ଟ୍ରାକରାଲାନି ଭୟାନକାନି ।**
**କେଚିଦ୍‌ବିଲଗ୍ନା ଦଶନାନ୍ତରେଷୁ**
**ସଂଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ।।୨୭।।**

ବଡ଼ ବେଗରେ ବିକରାଳ ଦାନ୍ତଯୁକ୍ତ ଭୟାନକ ମୁଖରେ ପ୍ରବେଶ କରିଥାନ୍ତି । ତଥା ସେମାନଙ୍କ ମଧ୍ୟରୁ କେତେକ ଚୂର୍ଣ୍ଣ ହୋଇ ଆପଣଙ୍କ ଦୁଇଦାନ୍ତ ମଧ୍ୟରେ ଲାଗି ଅଟକି ରହିଥିବା ଦେଖା ଯାଉଛନ୍ତି । ସେ ସମସ୍ତେ କିପରି ବେଗରେ ପ୍ରବେଶ କରୁଛନ୍ତି ? ବର୍ତ୍ତମାନ ତାହାଙ୍କ ବେଗକୁ ଦେଖିବା –

**ଯଥା ନଦୀନାଂ ବହବୋଽମ୍ବୁବେଗାଃ**
**ସମୁଦ୍ରମେବାଭିମୁଖା ଦ୍ରବନ୍ତି ।**
**ତଥା ତବାମୀ ନରଲୋକବୀରା**
**ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଲନ୍ତି ॥୨୮॥**

ଯେପରି ନଦୀମାନଙ୍କ ପ୍ରବଳ ବେଗରେ ଆସୁଥିବା ଜଳ ପ୍ରବାହ ନିଜ ଭିତରେ ବିକରାଳ ରୂପ ଧାରଣ କରି ମଧ ସମୁଦ୍ର ଆଡ଼କୁ ଦୌଡ଼ିଥାନ୍ତି, ସମୁଦ୍ରରେ ପ୍ରବେଶ କରିଯାଇଥାନ୍ତି, ଠିକ୍ ସେହିପରି ସେହି ସୂରବୀର ମନୁଷ୍ୟ ସମୁଦାୟ ଆପଣଙ୍କ ପ୍ରଜ୍ୱୋଳିତ ମୁଖରେ ପ୍ରବେଶ କରୁଛନ୍ତି । ଅର୍ଥାତ୍ ସେମାନେ ସ୍ୱୟଂ ସୁରବୀର ତ ଅଟନ୍ତି କିନ୍ତୁ ଆପଣ ସମୁଦ୍ରବତ୍ ଅଟନ୍ତି । ଆପଣଙ୍କ ସମକ୍ଷ ସେମାନଙ୍କ ବଳ ଅତି ଅଳ୍ପ ଅଟେ । ସେମାନେ କାହିଁକି ଏବଂ କେଉଁ ପ୍ରକାର ପ୍ରବେଶ କରୁଛନ୍ତି ? ଏହା ନିମନ୍ତେ ଉଦାହର ଦେଉଛନ୍ତି–

**ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା ।**
**ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।**
**ତଥୈବ ନାଶାୟ ବିଶନ୍ତି ଲୋକା–**
**ସ୍ତବାପି ବକ୍ତ୍ରାଣି ସମୃଦ୍ଧ ବେଗାଃ ॥୨୯॥**

ଯେପରି ପତଙ୍ଗ ନଷ୍ଟ ହେବାପାଇଁ ହିଁ ପ୍ରଜ୍ୱୋଳିତ ଅଗ୍ନିରେ ଅତି ବେଗରେ ପ୍ରବେଶ କରିଥାନ୍ତି । ସେପରି ଏହି ପ୍ରାଣୀମାନେ ମଧ ନିଜର ବିନାଶ ନିମନ୍ତେ ଆପଣଙ୍କ ମୁଖରେ ଅତ୍ୟନ୍ତ ବେଗରେ ପ୍ରବେଶ କରୁଛନ୍ତି ।

**ଲେଲିହ୍ୟସେ ଗ୍ରସମାନଃ ସମନ୍ତା–**
**ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଲଦ୍‌ଭିଃ ।**
**ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ**
**ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ॥୩୦॥**

ଆପଣ ସେହି ସମସ୍ତ ଲୋକଙ୍କୁ ପ୍ରଜ୍ୱୋଳିତ ମୁଖ ଦ୍ୱାରା ଚତୁର୍ଦ୍ଦିଗରୁ ଗ୍ରାସ କରି ଚାଟୁଛନ୍ତି । ତାହାଙ୍କୁ ଆସ୍ୱାଦନ କରୁଛନ୍ତି । ହେ ସର୍ବବ୍ୟାପକ ପରମାତ୍ମନ୍ ! ଆପଣଙ୍କ ଉଗ୍ର ପ୍ରଭା ସମ୍ପୂର୍ଣ୍ଣ ଜଗତକୁ ନିଜର ତେଜରେ ବ୍ୟାପ୍ତ କରି ତପାଉଛନ୍ତି । ତାତ୍ପର୍ଯ୍ୟ ଏହିକି ଯେ, ପ୍ରଥମେ ଆସୁରୀ ସମ୍ପଦ ପରମ ତତ୍ତ୍ୱରେ ବିଲିନ ହୋଇଯାଇଥାଏ । ତତ୍‌ପଶ୍ଚାତ୍ ଦୈବୀ ସମ୍ପଦର କୌଣସି ପ୍ରୟୋଜନ ରହି ନଥାଏ । ତେଣୁକରି ସେ ମଧ ସେହି ସ୍ୱରୂପରେ ବିଲୀନ ହୋଇଯାଆନ୍ତି ଅର୍ଜୁନ ଦେଖିଲେ ଯେ, କୌରବ ପକ୍ଷ, ତଦନନ୍ତର ନିଜ ପକ୍ଷର ଯୋଦ୍ଧା ମଧ ଶ୍ରୀକୃଷ୍ଣଙ୍କ ମୁଖରେ

ବିଲୀନ ହୋଇଯାଆନ୍ତି ।

**ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ**
**ନମୋଽସ୍ତୁ ତେ ଦେବବର ପ୍ରସୀଦ ।**
**ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ**
**ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ।।୩୧।।**

ମୋତେ କୁହନ୍ତୁ ଯେ, ଭୟଙ୍କର ଆକାରଯୁକ୍ତ ଆପଣ କିଏ ? ହେ ଦେବତା ମାନଙ୍କରେ ଶ୍ରେଷ୍ଠ ! ଆପଣଙ୍କୁ ନମସ୍କାର । ଆପଣ ପ୍ରସନ୍ନ ହୁଅନ୍ତୁ । ହେ ଆଦି ସ୍ୱରୂପ ମୁଁ ଆପଣଙ୍କୁ ସମ୍ୟକ୍ ରୂପରେ ଜାଣିବାକୁ ଚାହୁଁଛି । (ଆପଣ କିଏ ? କଣ କରିବାକୁ ଚାହୁଁଛନ୍ତି ?) କାରଣ ଆପଣଙ୍କ ପ୍ରବୃତ୍ତି ଏବଂ ଚେଷ୍ଟାକୁ ବୁଝିପାରୁ ନାହିଁ – ଏ ବିଷୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି–

**ଶ୍ରୀ ଭଗବାନୁବାଚ**

**କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ**
**ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।**
**ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ**
**ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।।୩୨।।**

ହେ ଅର୍ଜୁନ ! ମୁଁ ଲୋକଙ୍କୁ ନାଶ କରୁଥିବା କାଳ ଅଟେ ଏବଂ ବର୍ତ୍ତମାନ ଏହି ଲୋକମାନଙ୍କୁ ନଷ୍ଟ କରିବା ନିମନ୍ତେ ପ୍ରବୃତ୍ତ ହୋଇଛି । ପ୍ରତି ପକ୍ଷୀମାନଙ୍କ ସୈନ୍ୟ ବାହିନୀରେ ଯେତେ ଯୋଦ୍ଧା ଅଛନ୍ତି ସେ ସମସ୍ତେ ତୁମ ବିନା ମଧ୍ୟ ରହିବେ ନାହିଁ । ସେମାନେ ଜୀବିତ ବଞ୍ଚିବେ ନାହିଁ । ତେଣୁ କରି ମୁଁ ପ୍ରବୃତ୍ତ ହୋଇଛି ।

**ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ**
**ଜିତ୍ୱା ଶତ୍ରୂନ୍ ଭୁଙ୍‌କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।**
**ମୟୈବୈତେ ନିହତାଃ ପୂର୍ବମେବ**
**ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।।୩୩।।**

ହେ ଅର୍ଜୁନ ! ତୁମେ ଯୁଦ୍ଧ ନିମନ୍ତେ ଠିଆ ହୁଅ ଏବଂ ଯଶପ୍ରାପ୍ତ କର । ଶତ୍ରୁମାନଙ୍କୁ ଜୟ କର ଏବଂ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭୋଗକର । ଏହି ସବୁ ଶୁରବୀର ମୋ ଦ୍ୱାରା ପୂର୍ବରୁ ହିଁ ମରିଯାଇଛନ୍ତି । ହେ ସବ୍ୟ ସାଚୀନ୍ ! ତୁମେ କେବଳ ନିମିତ୍ତ ମାତ୍ର ହୁଅ । ପ୍ରାୟଃ ସର୍ବତ୍ର ଶ୍ରୀକୃଷ୍ଣ କହିଛନ୍ତି ଯେ, ସେହି ପରମାତ୍ମା ସ୍ୱୟଂ ନା କିଛି କରାଇଥାନ୍ତି ତଥା ନା ସଂଯୋଗ ହିଁ କରାଇଥାନ୍ତି । ମୋହ ଦ୍ୱାରା ଆବୃତ୍ତ ବୁଦ୍ଧି ଯୋଗୁଁ ଲୋକେ କହନ୍ତି ଯେ, ପରମାତ୍ମା ହିଁ ସବୁକିଛି କରିଥାନ୍ତି, କିନ୍ତୁ ଏଠାରେ ସେ ସ୍ୱୟଂ

ତାଳ ଠୁକି ଛିଡ଼ା ହୋଇଯାଇଥାନ୍ତି ଯେ, ହେ ଅର୍ଜୁନ ! କର୍ତ୍ତା ଓ ଧର୍ତ୍ତା ତ ମୁଁ ହିଁ ଅଟେ । ମୋ ଦ୍ୱାରା ଏମାନେ ପ୍ରଥମରୁ ହିଁ ମରିଯାଇଛନ୍ତି । ତୁମେ ନିମିତ୍ତ ରୂପରେ କେବଳ ଛିଡ଼ାହୁଅ ଏବଂ ଯଶକୁ ପ୍ରାପ୍ତ କର । ଏହା ଏଥିପାଇଁ ଯେ, **'ସୋ କେବଳ ଭଗତନ୍ହ ହିତ ଲାଗୀ'**– ଅର୍ଜୁନ ସେହି ଅବସ୍ଥାକୁ ପ୍ରାପ୍ତ ହୋଇଥିବା ଯୋଗୁଁ ଭଗବାନ ସ୍ୱୟଂ ନିର୍ବିବାଦ ଦେଇ ଠିଆ ହୋଇ ଗଲେ । ଅନୁରାଗ ହିଁ ଅର୍ଜୁନ ଅଟେ । ଅନୁରାଗୀ ନିମନ୍ତେ ଭଗବାନ ସର୍ବଦୈବ ଉପସ୍ଥିତ ଥାଆନ୍ତି, ତାହାଙ୍କ ନିମନ୍ତେ ସେ କର୍ତ୍ତା ଅଟନ୍ତି । ଅନୁରାଗୀ ନିମନ୍ତେ ହୃଦୟରେ ରଥୀ ହୋଇଥାନ୍ତି ।

ଏଠାରେ ଗୀତାରେ ତୃତୀୟ ଥର ସାମ୍ରାଜ୍ୟର ପ୍ରକରଣ ଆସିଲା । ପ୍ରଥମେ ଅର୍ଜୁନ ଲଢିବାକୁ ଚାହୁଁନଥିଲେ । ସେ କହିଲେ ଯେ, ପୃଥିବୀର ଧନଧନ୍ୟ ସମ୍ପନ୍ନ ଅକଣ୍ଟକ ସାମ୍ରାଜ୍ୟ ତଥା ଦେବତାମାନଙ୍କ ସ୍ୱାମିତ୍ୱ ଅଥବା ତ୍ରୈଲୋକ୍ୟ ରାଜ୍ୟରେ ମଧ୍ୟ ମୁଁ ସେହି ଉପାୟକୁ ଦେଖୁନାହିଁ, ଯାହାକି ଇନ୍ଦ୍ରିୟମାନଙ୍କୁ ଶୁଖାଉଥିବା ମୋର ଏହି ଶୋକକୁ ଦୂରକରି ପାରିବ । ଯେତେବେଳେ ଛଟପଟ ହେବା ଲାଗି ରହିବ, ତେବେ ଆମ୍ଭଙ୍କୁ ସେହି ସାମ୍ରାଜ୍ୟ ଦରକାର ନାହିଁ । ଯୋଗେଶ୍ୱର କହିଲେ ଏହି ଯୁଦ୍ଧରେ ଯଦି ହରିବ ତେବେ ଦେବତ୍ୱ ଏବଂ ଜିଣିଲେ ମହାମହିମ ସ୍ଥିତି ପ୍ରାପ୍ତ ହେବ । ଏଠାରେ କହୁଛନ୍ତି ଯେ, ଏହି ଶତ୍ରୁ ମୋ ଦ୍ୱାରା ମରିଯାଇଛନ୍ତି , ତୁମେ ନିମିତ୍ତ ମାତ୍ର ହୋଇଯାଅ, ଯଶକୁ ପ୍ରାପ୍ତ କର ଏବଂ ସମୃଦ୍ଧି ରାଜ୍ୟକୁ ଭୋଗ କର । ପୁନଃ ସେହି କଥା ! ଯେଉଁ କଥା ଶୁଣିଲେ ଅର୍ଜୁନ ଚମକୁ ଥାଏ । ଯେଉଁଥିରେ ସେ ଶୋକକୁ ଦୂର କରିବା ଉପାୟ ଦେଖୁନଥିଲେ । କ'ଣ ପୁନଃ ଶ୍ରୀକୃଷ୍ଣ ସେହି ରାଜ୍ୟ ହିଁ ଦେବେ ? ନାହିଁ, ବସ୍ତୁତଃ ବିକାରମାନଙ୍କ ଅନ୍ତ ସହିତ ପରମାତ୍ମା ସ୍ୱରୂପର ସ୍ଥିତି ହିଁ ବାସ୍ତବିକ ସମୃଦ୍ଧି ଅଟେ । ଯାହାକି ସ୍ଥିର ସମ୍ପତ୍ତି ଅଟେ । ଯାହାର କେବେ ବି ବିନାଶ ହୁଏ ନାହିଁ । ଏହା ରାଜ ଯୋଗର ପରିଣାମ ଅଟେ ।

**ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ**
**କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।**
**ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା**
**ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ।।୩୪।।**

ଦ୍ରୋଣ, ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ତଥା ଅନ୍ୟାନ୍ୟ ବହୁ ଲୋକ ମୋ ଦ୍ୱାରା ମରାଯାଇଥିବା ଯୋଦ୍ଧାମାନଙ୍କୁ ତୁମେ ମାର । ଭୟ କର ନାହିଁ । ସଂଗ୍ରାମରେ ଶତ୍ରୁମାନଙ୍କୁ ତୁମେ ନିଶ୍ଚିତ ରୂପରେ ଜିଣିବ । ତେଣୁ କରି ଯୁଦ୍ଧ କର । ଏଠାରେ ମଧ୍ୟ ଯୋଗେଶ୍ୱର କହିଲେ ଯେ, ମୋ ଦ୍ୱାରା ମରାଯାଇଛନ୍ତି । ଏହି ମରିଥିବା ଲୋକଙ୍କୁ

ତୁମେ ମାର । ସ୍ପଷ୍ଟ କଲେ ଯେ, ମୁଁ କର୍ତ୍ତା ଅଟେ । ଯେତେବେଳେ କି ପଞ୍ଚମ ଅଧ୍ୟାୟରେ ୧୩,୧୪ ଏବଂ ୧୫ ଶ୍ଳୋକରେ ସେ କହିଥିଲେ– ଭଗବାନ ଅକର୍ତ୍ତା ଅଟନ୍ତି । ୧୮ ଅଧ୍ୟାୟରେ ସେ କହୁଛନ୍ତି ଯେ, ଶୁଭ ଅଶୁଭ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବାରେ ପାଞ୍ଚୋଟି କାରଣ ରହିଥାଏ– 'ଅଧିଷ୍ଠାନ', 'କର୍ତ୍ତା', 'କରଣ', 'ଚେଷ୍ଟା' ଏବଂ 'ଦୈବ' ।

ଯେଉଁ ମାନେ କହୁଥାନ୍ତି ଯେ, କୈବଲ୍ୟ ସ୍ୱରୂପ ପରମାତ୍ମା ହିଁ କର୍ତ୍ତା ଅଟନ୍ତି, କିନ୍ତୁ ସେମାନେ ଅବିବେକୀ ଯଥାର୍ଥକୁ ଜାଣିନାହାଁନ୍ତି । ଅର୍ଥାତ୍ ଭଗବାନ କିଛି କରନ୍ତି ନାହିଁ । ତେବେ ଏପରି ବିରୋଧାଭାଷ କାହିଁକି ?

ବସ୍ତୁତ ପ୍ରକୃତ୍ତି ଓ ପରମାତ୍ମା ପୁରୁଷଙ୍କ ମଧ୍ୟରେ ଗୋଟିଏ ସୀମାରେଖା ରହିଛି । ଯେଉଁ ପର୍ଯ୍ୟନ୍ତ ପ୍ରକୃତ୍ତିର ପରମାଣୁଗୁଡ଼ିକର ଦବାବ୍ ଆଧିକ୍ୟ ହୋଇଥାଏ, ସେ ପର୍ଯ୍ୟନ୍ତ ମାୟା ପ୍ରେରଣା ଦେଇଥାଏ ଏବଂ ଯେତେବେଳେ ସାଧକ ପ୍ରକୃତ୍ତିରୁ ଉପରକୁ ଉଠିଯାଇ ଇଷ୍ଟ, ଈଶ୍ୱର ଅଥବା ସଦ୍‌ଗୁରୁଙ୍କ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ ପ୍ରାପ୍ତ କରିନେଇଥାଏ ତାହା ପରେ, ସଦ୍‌ଗୁରୁ, ଇଷ୍ଟ(ମନେ ରଖନ୍ତୁ ଯେ, ପ୍ରେରକ ସ୍ଥାନରେ ସଦ୍‌ଗୁରୁ, ଇଷ୍ଟ , ଆତ୍ମା, ପରମାତ୍ମା , ଭଗବାନ ପରସ୍ପର ପର୍ଯ୍ୟାବାଚୀ ଅଟେ । କିଛି ମଧ ଏମାନେ କୁହନ୍ତୁ ନା କାହିଁକି ,ବସ୍ତୁତଃ ଭଗବାନ ହିଁ କହିଥାନ୍ତି ।) ହୃଦୟରେ ରଥି ହୋଇଥାନ୍ତି । ଆତ୍ମାରେ ଜାଗ୍ରତ ହୋଇ ସେହି ଅନୁରାଗୀ ସାଧକଙ୍କ ସ୍ୱୟଂ ପଥ ସଞ୍ଚାଳନ କରିବାରେ ଲାଗି ଯାଇଥାନ୍ତି । ପୂଜ୍ୟେ ଗୁରୁ ମହାରାଜ କହୁଥିଲେ ଯେ, ହୋ ! ଯେଉଁ ପରମାତ୍ମାଙ୍କ ରହିଛି । ଆମ୍ଭର ରହିଛି, ଯେଉଁ ସ୍ଥଳରେ ଆମ୍ଭେ ଠିଆ ହୋଇଛେ, ସେହି ସ୍ଥଳକୁ ସ୍ୱୟଂ ଭଗବାନ ଓହ୍ଲାଇ ଆସି ଯେଉଁ ପର୍ଯ୍ୟନ୍ତ ଆତ୍ମାରେ ଜାଗୃତ ହୋଇଯାଇନାହାନ୍ତି । ସେ ପର୍ଯ୍ୟନ୍ତ ସଠିକ୍ ରୂପରେ ସାଧନ ପ୍ରାରମ୍ଭ ହୋଇନଥାଏ । ଏହା ପରେ ଯାହା କିଛି ସାଧକ ଦ୍ୱାରା ପାର ଲାଗିଥାଏ ତାହା ସଦ୍‌ଗୁରୁ ହିଁ ଦେଇଥାନ୍ତି । ସାଧକ ତ ନିମିତ୍ତ ମାତ୍ର ହୋଇ, ତାଙ୍କର ସଙ୍କେତ ଏବଂ ଆଦେଶରେ କେବଳ ଚାଲିଯାଉଥାନ୍ତି । ସାଧକଙ୍କ ବିଜୟ ମଧ୍ୟ ସେ ହିଁ ପ୍ରଦାନ କରିଥାନ୍ତି । ଏପରି ଅନୁରାଗୀ ନିମନ୍ତେ ଈଶ୍ୱର ନିଜର ଦୃଷ୍ଟିରେ ଦେଖୁଥାନ୍ତି ଏବଂ ନିଜର ସ୍ୱରୂପ ପର୍ଯ୍ୟନ୍ତ ପହଞ୍ଚାଇଥାନ୍ତି । ଏହା ହିଁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ମୋ ଦ୍ୱାରା ମରାଯାଇଥିବା ଏହି ଶତ୍ରୁମାନଙ୍କୁ ତୁମେ ମାର । ନିଶ୍ଚୟ ହିଁ ତୁମର ବିଜୟ ହେବ, ଯେହେତୁ ମୁଁ ତୁମ ନିକଟରେ ଠିଆ ହୋଇଛି ।

**ସଞ୍ଜୟ ଉବାଚ**

**ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ**

**କୃତାଞ୍ଜଲିର୍ବେପମାନଃ କିରୀଟୀ ।**
**ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ**
**ସଗଦ୍‌ଗଦଂ ଭୀତଭୀତଃ ପ୍ରଣମ୍ୟ ॥୩୫॥**

ସଂଯୟ କହିଲେ (ଯାହାକିଛି ଅର୍ଜୁନ ଦେଖିଲେ, ଠିକ୍ ସେହିପରି ସଂଯୟ ମଧ୍ୟ ଦେଖିଥିଲେ) ଅଜ୍ଞାନରେ ଆଚ୍ଛାଦିତ ମନ ହିଁ ଅନ୍ଧ ଧୃତରାଷ୍ଟ୍ର , କିନ୍ତୁ ଏପରି ମନ ମଧ୍ୟ ସଂଯମ ମାଧ୍ୟମରେ ସମ୍ୟକ୍ ରୂପରେ ଦେଖୁଥାଏ, ଶୁଣୁଥାଏ ଏବଂ ବିଚାର କରୁଥାଏ । କେଶବଙ୍କ ଏହି ଉପରୋକ୍ତ ବଚନକୁ ଶୁଣି କୀରଟି ଧାରୀ ଅର୍ଜୁନ ଭୟଭୀତ ହୋଇ କମ୍ପିତ ଅବସ୍ଥାରେ ହାତଯୋଡ଼ି ନମସ୍କାର କରି ପୁନଃ ଶ୍ରୀକୃଷ୍ଣଙ୍କୁ ଗଦ୍‌ଗଦ୍ ବାଣୀରେ ଏପରି କହିଲେ–

**ଅର୍ଜୁନ ଉବାଚ**

**ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ୟା**
**ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।**
**ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି**
**ସର୍ବେ ନମସ୍ୟନ୍ତି ଚ ସିଦ୍ଧସଂଘାଃ ॥୩୬॥**

ହେ ଅନ୍ତର୍ଯ୍ୟାମୀ ହୃଷିକେଶ ! ଏହା ଉଚିତ ଯେ, ଆପଣଙ୍କ କିର୍ତ୍ତୀ ଦ୍ୱାରା ସଂସାର ହର୍ଷିତ ହୋଇଥାଏ ଏବଂ ଅନୁରାଗ ପ୍ରାପ୍ତ ହୁଏ । ଆପଣଙ୍କ ମହିମା ଦ୍ୱାରା ଭୟଭୀତ ହୋଇ ରାକ୍ଷସ ଚତୁର୍ଦ୍ଦିଗକୁ ଦୌଡ଼ି ପଳାଉଛନ୍ତି ଏବଂ ସମ୍ପୂର୍ଣ୍ଣ ସିଦ୍ଧଗଣଙ୍କ ସମୁଦାୟ ଆପଣଙ୍କ ମହିମାକୁ ଦେଖି ନମସ୍କାର କରୁଛନ୍ତି ।

**କସ୍ମାଚ୍ଚ ତେ ନ ନମେରନ୍ ମହାତ୍ମନ୍**
**ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ ।**
**ଅନନ୍ତ ଦେବେଶ ଜଗନ୍ନିବାସ**
**ତ୍ୱମକ୍ଷରଂ ସଦସତ୍ତତ୍ ପରଂ ଯତ୍ ॥୩୭॥**

ହେ ମହାତ୍ମନ୍ ! ବ୍ରହ୍ମାଙ୍କର ମଧ୍ୟ ଆଦିକର୍ତ୍ତା ଏବଂ ସମସ୍ତଙ୍କ ଠାରୁ ବଡ଼ ଆପଣଙ୍କୁ ସେ ସମସ୍ତେ କିପରି ନମସ୍କାର ନ କରିବେ ? କାରଣ ହେ ଅନନ୍ତ ! ହେ ଦେବେଶ ! ହେ ଜଗନ୍ନିବାସ ! ସତ୍ ଅସତ୍ ଏବଂ ତାହାଠାରୁ ମଧ୍ୟ ଉର୍ଦ୍ଧ୍ୱରେ ଅକ୍ଷର ଅର୍ଥାତ୍ ଅକ୍ଷୟ ସ୍ୱରୂପ ଆପଣ ହିଁ ଅଟନ୍ତି । ଅର୍ଜୁନ ଅକ୍ଷୟ ସ୍ୱରୂପର ପ୍ରତ୍ୟକ୍ଷ ଦର୍ଶନ କରିଥିଲା । କେବଳ ବୌଦ୍ଧିକ ସ୍ତରରେ କଳ୍ପନା କରିବା ଅଥବା ମାନିନେବା ମାତ୍ରେ କୌଣସି ଏପରି ସ୍ଥିତି ମିଳିଯାଇ ନଥାଏ, ଯାହା ଅକ୍ଷୟ ଅଟେ । ଅର୍ଜୁନଙ୍କ ପ୍ରତ୍ୟକ୍ଷ

ଦର୍ଶନ ତାହାଙ୍କ ଆନ୍ତରିକ ଅନୁଭୂତି ଅଟେ । ସେ ବିନୟ ହୋଇ କହିଲେ–

**ତ୍ୱମାଦିଦେବଃ ପୁରୁଷଃ ପୁରାଣ–**
**ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ**
**ତ୍ୱୟା ତତଂ ବିଶ୍ୱମନନ୍ତରୂପ ।।୩୮।।**

ଆପଣ ଆଦି ଦେବ ଏବଂ ସନାତନ ପୁରୁଷ ଅଟନ୍ତି । ଆପଣ ଏହି ଜଗତର ପରମ ଆଶ୍ରୟ ଏବଂ ଜ୍ଞାତା ଅଟନ୍ତି । ଜାଣିବା ଯୋଗ୍ୟ ତଥା ପରମଧାମ ଅଟନ୍ତି । ହେ ଅନନ୍ତ ସ୍ୱରୂପ, ଆପଣଙ୍କ ଭିତରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ ଏବଂ ଆପଣ ସର୍ବତ୍ର ପରିପୂର୍ଣ୍ଣ ଅଟନ୍ତି ।

**ବାୟୁର୍ୟମୋଽଗ୍ନିର୍ବରୁଣଃ ଶଶାଙ୍କଃ**
**ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।**
**ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ**
**ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।।୩୯।।**

ଆପଣ ହିଁ ବାୟୁ, ଯମରାଜ, ଅଗ୍ନି, ବରୁଣ, ଚନ୍ଦ୍ରମା ତଥା ପ୍ରଜାଙ୍କ ସ୍ୱାମୀ ବ୍ରହ୍ମା ଏବଂ ବ୍ରାହ୍ମାଙ୍କ ମଧ୍ୟ ପିତା ଅଟନ୍ତି । ଆପଣଙ୍କୁ ସହସ୍ରବାର ନମସ୍କାର । ବାରମ୍ବାର ନମସ୍କାର । ଅତିଶୟ ଶ୍ରଦ୍ଧା ଓ ଭକ୍ତି ଯୋଗୁଁ ବାରମ୍ବାର ନମସ୍କାର କରି ମଧ୍ୟ ଅର୍ଜୁନଙ୍କୁ ତୃପ୍ତି ହେଉନାହିଁ । ସେ କହୁଛନ୍ତି –

**ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ**
**ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।**
**ଅନନ୍ତବୀର୍ଯ୍ୟାମିତ ବିକ୍ରମସ୍ତ୍ୱଂ**
**ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।।୪୦।।**

ହେ ଅତ୍ୟନ୍ତ ସାମର୍ଥ୍ୟବାନ୍ ! ଆପଣଙ୍କୁ ଆଗରୁ ଏବଂ ପଛରୁ ମଧ୍ୟ ନମସ୍କାର । ହେ ସର୍ବାତ୍ମନ୍ ! ଆପଣଙ୍କୁ ଚତୁର୍ଦ୍ଦିଗରୁ ନମସ୍କାର କାରଣ ହେ ଅତ୍ୟନ୍ତ ପରାକ୍ରମଶାଳୀ ! ଆପଣ ଚତୁର୍ଦ୍ଦିଗର ଏହି ସଂସାରକୁ ବ୍ୟାପ୍ତ କରି ରହିଛନ୍ତି । ତେଣୁ କରି ଆପଣ ହିଁ ସର୍ବରୂପ ଏବଂ ସର୍ବତ୍ର ବିଦ୍ୟମାନ । ଏହିପରି ବାରମ୍ବାର ନମସ୍କାର କରି ଭୟଭୀତ ଅର୍ଜୁନ ନିଜର ଭୁଲ୍ ନିମନ୍ତେ କ୍ଷମା ଭିକ୍ଷା କରୁଛନ୍ତି ।

**ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ**
**ହେ କୃଷ୍ଣ ହେ ଯାଦବ ହେ ସଖେତି ।**
**ଅଜାନତା ମହିମାନଂ ତବେଦଂ**

**ମୟା ପ୍ରମାଦାତ୍ ପ୍ରଣୟେନ ବାପି ॥୪୧॥**

ଆପଣଙ୍କ ଏହି ପ୍ରଭାବକୁ ନଜାଣି ଆପଣଙ୍କୁ ସଖା, ମିତ୍ର, ମାନି ମୋ ଦ୍ୱାରା ପ୍ରେମ ଅଥବା ପ୍ରମାଦ ବଶରେ ମଧ୍ୟ ହେ କୃଷ୍ଣ, ହେ ଯାଦବ, ହେ ସଖା, ଏହିପରି ଯାହା କିଛି ହଠ ପୂର୍ବକ କହି ଦେଇଛି, ତଥା–

**ଯଚ୍ଚାବହାସାର୍ଥମସତ୍କୃତୋଽସି**
**ବିହାରଶୟ୍ୟାସନଭୋଜନେଷୁ**
**ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ**
**ତତ୍କ୍ଷାମୟେ ତ୍ୱାମହମପ୍ରମେୟମ୍ ॥୪୨॥**

ହେ ଅଚ୍ୟୁତ ! ଯାହା ଆପଣଙ୍କୁ ଥଟ୍ଟା ପରିହାସରେ, ବିହାର, ଶଯ୍ୟା, ଆସନ ଏବଂ ଭୋଜନାଦିରେ ଏକୁଟିଆ ଅଥବା ସେହି ଲୋକଙ୍କ ସାମନାରେ ମଧ୍ୟ ଅପମାନିତ କରାଯାଇଛି, ସେହି ସମସ୍ତ ଅପରାଧ ଅଚିନ୍ତ୍ୟ ପ୍ରଭାବଯୁକ୍ତ ଆପଣଙ୍କ ଠାରୁ ମୁଁ କ୍ଷମା କରାଉଛି । କେଉଁ ପ୍ରକାର କ୍ଷମା କରିବେ ?

**ପିତାସି ଲୋକସ୍ୟ ଚରାଚରସ୍ୟ**
**ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍**
**ନ ତ୍ୱତ୍ ସମୋଽସ୍ତ୍ୟଭ୍ୟଧିକାଃ କୁତୋଽନ୍ୟୋ**
**ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥୪୩॥**

ଆପଣ ଏହି ଚରାଚର ଜଗତର ପିତା, ଗୁରୁଙ୍କ ଠାରୁ ମଧ୍ୟ ବଡ଼ ଗୁରୁ ଏବଂ ଅତ୍ୟନ୍ତ ପୂଜନୀୟ । ଯାହାର କୌଣସି ପ୍ରତିମା ନାହିଁ । ଏପରି ହେ ଅପ୍ରତିମ ପ୍ରଭାବଶାଳୀ, ଆପଣଙ୍କ ସମାନ ତିନି ଲୋକରେ ଅନ୍ୟ କିଏ ମଧ୍ୟ ନାହାଁନ୍ତି । ପୁଣି ଆପଣଙ୍କ ଠାରୁ ଅଧିକ ବା କିପରି ହେବ ? ଆପଣ ସଖା ମଧ୍ୟ ନୁହଁ କାରଣ ସଖା ତ ସମକକ୍ଷ ସହିତ ହିଁ ହୋଇଥାଏ ।

**ତସ୍ମାତ୍ପ୍ରଣମ୍ୟ ପ୍ରଣିଧାୟ କାୟଂ**
**ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।**
**ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ**
**ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ॥୪୪॥**

ଆପଣ ସଚରାଚରଙ୍କ ପିତା ଅଟନ୍ତି, ତେଣୁ କରି ମୁଁ ନିଜର ଶରୀରକୁ ପୂର୍ଣ୍ଣରୂପରେ ଆପଣଙ୍କ ଚରଣରେ ରଖି, ପ୍ରଣାମକରି ସ୍ତୁତି କରିବା ଯୋଗ୍ୟ ଆପଣ ଈଶ୍ୱରଙ୍କୁ ପ୍ରଶନ୍ନ ହେବା ନିମନ୍ତେ ପ୍ରାର୍ଥନା କରୁଛି । ହେ ଦେବ ଦେବ ! ପିତା ଯେପରି ପୁତ୍ରକୁ, ସଖା ଯେପରି ସଖାକୁ ଏବଂ ପତି ଯେପରି ପ୍ରିୟ ପତ୍ନୀର ଅପରାଧକୁ

କ୍ଷମା କରିଥାନ୍ତି ସେପରି ହିଁ ଆପଣ ମଧ୍ୟ ମୋର ଅପରାଧକୁ ସହନ କରିବା ଯୋଗ୍ୟ ଅଟନ୍ତି । ଅପରାଧ କ'ଣ ଥିଲା ? ମୁଁ କେବେ ହେ ଯାଦବ, ସେ ସଖା, ହେ କୃଷ୍ଣ କହିଥିଲି । ସମାଜ ମଧ୍ୟରେ କିମ୍ବା ଏକାନ୍ତରେ କହିଥିଲି । ଭୋଜନ ସମୟରେ ଅଥବା ଶୟନ ସମୟରେ କହିଥିଲି । କ'ଣ କୃଷ୍ଣ କହିବା ଅପରାଧ ଥିଲା ? ସେ କଳା ହିଁ ତ ଥିଲେ, ଗୋରା କିପରି କହିଥାନ୍ତେ ? ଯାଦବ କହିବା ମଧ୍ୟ ଅପରାଧ ନାହିଁ, କାରଣ ଯଦୁ କୁଳରେ ହିଁ ତ ଜନ୍ମ ହୋଇଥିଲେ । ସଖା କହିବା ମଧ୍ୟ ଅପରାଧ ନଥିଲା, କାରଣ ସ୍ୱୟଂ ଶ୍ରୀକୃଷ୍ଣ ମଧ୍ୟ ନିଜକୁ ଅର୍ଜୁନଙ୍କ ସଖା ମାନୁଥିଲେ । ଯେତେବେଳେ କୃଷ୍ଣକହିବା ଅପରାଧ ହିଁ ଅଟେ,ତେବେ ଗୋଟିଏ ଥର କୃଷ୍ଣ ଶବ୍ଦ କହିବା ଦ୍ୱାରା ଏଠାରେ ବାରମ୍ବାର ବିକଳ ହୋଇ ବିନତି କରି ଅର୍ଜୁନ କ୍ଷମା ଯାଚନା କରୁଛନ୍ତି ତେବେ ଜପ କାହାର କରିବା ? କେଉଁ ନାମକୁ ନେବା ?

ବସ୍ତୁତଃ ଚିନ୍ତନର ଯେପରି ବିଧାନ ସ୍ୱୟଂ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ, ସେପରି ହିଁ ଆପଣ କରନ୍ତୁ । ସେ ପୂର୍ବରୁ କହିଥିଲେ, **'ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁ ସ୍ମରନ୍'** – ହେ ଅର୍ଜୁନ ! 'ଓମ୍' ବାଶ୍ ଏତିକି ହିଁ ଅକ୍ଷୟ ବ୍ରହ୍ମର ପରିଚାୟକ ନାମ ଅଟେ । ଓମ୍ ଜପ କର ଏବଂ ଧ୍ୟାନ ମୋର କର । କାରଣ ସେହି ପରମ ଭାବରେ ପ୍ରବେଶ ମିଳିଯିବା ପରେ ସେହି ମହାପୁରୁଷଙ୍କ ମଧ୍ୟ ଏହା ହିଁ ନାମ ଅଟେ । ଯାହାକି ସେହି ଅବ୍ୟକ୍ତର ପରିଚାୟକ ଅଟେ । ପ୍ରଭାବ ଦେଖିଲା ପରେ ଅର୍ଜୁନ ଅନୁଭବ କଲେ ଯେ, ଇଏ ନା ତ କଳା ଅଟନ୍ତି ନା ଗୋରା, ନା ସଖା ଅଟନ୍ତି ନା ଯାଦବ । ସେ ତ ଅକ୍ଷୟ ବ୍ରହ୍ମର ସ୍ଥିତିବାଲା ମହାତ୍ମା ଅଟନ୍ତି ।

ସମ୍ପୂର୍ଣ୍ଣ ଗୀତାରେ ଯୋଗେଶ୍ୱର ପାଞ୍ଚଥର ଓମ୍‌ର ଉଚ୍ଚାରଣ ନିମନ୍ତେ କହିଥିଲେ । ବର୍ତ୍ତମାନ ଯଦି ଆପଣଙ୍କୁ ଜପ କରିବାକୁ ହୁଏ, ତେବେ କୃଷ୍ଣ-କୃଷ୍ଣ ନକହି ଓମ୍-ଓମ୍ ହିଁ ଜପ କରନ୍ତୁ । ପ୍ରାୟ ଭାବିକମାନେ କିଛି ନା କିଛି ଅନ୍ୟ ରାସ୍ତା ତ ବାହାର କରିଦିଅନ୍ତି । କିଏ କିଏ ତ ଓମ୍ ଜପିବାର ଅଧିକାର ଏବଂ ଅନଧିକାର ଚର୍ଚ୍ଚା ଯୋଗୁଁ ଭୟଭୀତ ଅଟନ୍ତି ତ ଆଉ କିଏ ମହାତ୍ମାମାନଙ୍କ ନାମ ନେଇ ନିଜ ଇଚ୍ଛାରେ କିଛି ନାକିଛି କରିଥାନ୍ତି । ଅଥବା କେତେକ ଶ୍ରୀକୃଷ୍ଣଙ୍କୁ ହିଁ ନାହିଁ, କୃଷ୍ଣ ଶବ୍ଦ ନେବା ପୂର୍ବରୁ ରାଧା ଓ ଗୋପୀମାନଙ୍କ ନାମ ମଧ୍ୟ ତାଙ୍କର ଶ୍ରୀଘ୍ର ପ୍ରସନ୍ନତା ଲୋଭରେ ଜପ କରିଥାନ୍ତି । ପୁରୁଷ ଶ୍ରଦ୍ଧାମୟ ଅଟନ୍ତି, ତେଣୁ ସେମାନଙ୍କର ଏପରି ଜପ କରିବା ମାତ୍ର ଭାବକତା ଅଟେ । ଯଦିସ ଆପଣ ପ୍ରକୃତରେ ଭାବୁକ, ତେବେ ତାହାଙ୍କ ଆଦେଶକୁ ପାଳନ କରନ୍ତୁ । ସେ ଅବ୍ୟକ୍ତ ରୂପରେ ସ୍ଥିତ ହୋଇ ମଧ୍ୟ ଆଜି ଆପଣଙ୍କ ସମ୍ମୁଖରେ ନାହାଁନ୍ତି । କିନ୍ତୁ ତାହାଙ୍କ ବାଣୀ ଆପଣଙ୍କ ସମକ୍ଷରେ ରହିଛି । ତାହାଙ୍କ ଆଜ୍ଞା ପାଳନ କରନ୍ତୁ

ଅନ୍ୟଥା ଆପଣ ହିଁ କହନ୍ତୁ ଯେ, ଗୀତାରେ ଆପଣଙ୍କର ସ୍ଥାନ କ'ଣ ? ହାଁ, ଏତିକି ଅବଶ୍ୟ ଅଟେ ଯେ, 'ଅଧ୍ୟେଷ୍ୟତେ, ଚ ୟ ଇମଂ ଶ୍ରଦ୍ଧାବାନନ ସୂୟଶ୍ଚ ଶ୍ରୁଣୁୟାଦପି ଯୋ ନରଃ' । ଯିଏ ଅଧ୍ୟୟନ କରିଥାଏ, ଶୁଣୁଥାଏ, ସେ ଜ୍ଞାନ ତଥା ଯଜ୍ଞକୁ ଜାଣି ପାରିଥାଏ, ଶୁଭ ଲୋକକୁ ପ୍ରାପ୍ତ ହୋଇଥାଏ, ଅତଃ ଅଧ୍ୟୟନ ଅବଶ୍ୟ କରନ୍ତୁ ।

ପ୍ରାଣ-ଅପାନର ଚିନ୍ତନ (ଶ୍ୱାସ-ପ୍ରଶ୍ୱାସ) ଦ୍ୱାରା କୃଷ୍ଣ ନାମର କ୍ରମ ଧରିବାରେ ଆସିନଥାଏ । ବହୁତ ଲୋକେ ଖାଲି ଭାବୁକତା ବଶରେ କେବଳ ରାଧେ, ରାଧେ କହିବାରେ ଲାଗି ରହିଛନ୍ତି । ଆଜିକାଲି ଅଧିକାରୀମାନଙ୍କଠାରୁ କାମ ନହେବା ଯୋଗୁଁ ସେମାନଙ୍କ ନିଜର ବନ୍ଧୁଗଣଙ୍କ ଠାରୁ, ପ୍ରେମୀ ଅଥବା ପତ୍ନୀଠାରୁ 'ସୋର୍ସ' ଲଗାଇ କାମ ଚଳାଇବାର ପରମ୍ପରା ରହିଛି । ଲୋକେ ଭାବୁଛନ୍ତି ଯେ, କଦାଚିତ୍ ଭଗବାନଙ୍କ ଘରେ ମଧ୍ୟ ଏପରି ଚାଲୁଥିବ । ଅତଃ ସେମାନେ କୃଷ୍ଣ କହିବା ବନ୍ଦ କରି ରାଧେ, ରାଧେ କହିବା ପ୍ରାରମ୍ଭ କରିଦେଲେ । ସେମାନେ କହନ୍ତି, ରାଧେ-ରାଧେ ଶ୍ୟାମ ମିଳାଦେ । ରାଧା ଗୋଟିଏ ଥର ଅଲଗା ହୋଇଯିବାରୁ ସ୍ୱୟଂ ଶ୍ୟାମଙ୍କ ସହିତ ମିଶି ପାରିନଥିଲେ, ସେ ଆପଣଙ୍କୁ କିପରି ସଂଯୋଗ କରାଇବେ । ଅତଃ ଅନ୍ୟ କାହାର କଥାକୁ ବିଶ୍ୱାସ ନକରି, ଶ୍ରୀକୃଷ୍ଣଙ୍କ ଆଦେଶକୁ ଆପଣ ଅକ୍ଷରସଃ ମାନନ୍ତୁ । ତଥା ଓମ୍ ର ଜପ କରନ୍ତୁ । ହାଁ, ଏହା କହିବା ଠିକ୍ ହେବ ଯେ, ରାଧା ଆମ୍ଭମାନଙ୍କର ଆଦର୍ଶ ଅଟନ୍ତି । ଠିକ୍ ସେତିକି ଲଗନ ସହିତ ଆମ୍ଭଙ୍କୁ ମଧ୍ୟ ଲାଗି ରହିବାକୁ ହେବ । ଯଦି ପାଇବାର ଅଛି, ତେବେ ରାଧାଙ୍କ ପରି ବିରହ ହେବା ଉଚିତ ।

ଆଗକୁ ମଧ୍ୟ ଅର୍ଜୁନ କୃଷ୍ଣ ବୋଲି କହିଛନ୍ତି । କୃଷ୍ଣ ତାଙ୍କର ପ୍ରଚଳିତ ନାମ ଥିଲା, ଏପରି ବହୁତ ନାମ ଥିଲା, ଯଥା ଗୋପାଳ, କେଶବ ଇତ୍ୟାଦି । ଅନେକ ସାଧକ ଗୁରୁଗୁରୁ ଅଥବା ଗୁରୁଙ୍କ ପ୍ରଚଳିତ ନାମକୁ ଭାବୁକତା ବଶରେ ଜପିବା ଚାହୁଁଥାନ୍ତି । କିନ୍ତୁ ପ୍ରାପ୍ତି ପରେ ପ୍ରତ୍ୟେକ ମହାପୁରୁଷଙ୍କ ସେହି ନାମ ହିଁ ହୋଇଥାଏ, ଯେଉଁ ଅବ୍ୟକ୍ତରେ ସେ ସ୍ଥିତ ଥାଆନ୍ତି । ଅନେକ ଶିଷ୍ୟ ପ୍ରଶ୍ନ କରିଥାନ୍ତି ଯେ, ଗୁରୁଦେବ ! ଯେତେବେଳେ ଧ୍ୟାନ ଆପଣଙ୍କର କରୁଛୁ, ତେବେ ପୁରୁଣା ନାମ ଓମ୍ ଇତ୍ୟାଦି କାହିଁକି ଜପିବୁ ? ଗୁରୁଗୁରୁ, କୃଷ୍ଣକୃଷ୍ଣ କହିଁକି ନକହିବୁ ! କିନ୍ତୁ ଏଠାରେ ଯୋଗେଶ୍ୱର ସ୍ପଷ୍ଟ କଲେ ଯେ, ଅବ୍ୟକ୍ତ ସ୍ୱରୂପରେ, ବିଲୟ କାଳରେ ମଧ୍ୟ ମହାପୁରୁଷଙ୍କର ସେହି ନାମ ହିଁ ଅଟେ । ଯେଉଁଥିରେ ସେ ସ୍ଥିତ ହୋଇଥାନ୍ତି । କ୍ରିଷ୍ଣ ସମ୍ବୋଧନ ଥିଲା । ଜପ କରିବାର ନାମ ନଥିଲା ।

ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କଠାରେ ଅର୍ଜୁନ ନିଜର ଅପରାଧ ନିମନ୍ତେ କ୍ଷମାଭିକ୍ଷା କଲେ । ତାହାଙ୍କୁ ସ୍ୱାଭାବିକ ରୂପରେ ଆସିବା ନିମନ୍ତେ ପ୍ରାର୍ଥନା କଲେ ।

ଶ୍ରୀକୃଷ୍ଣ ମାନିଗଲେ, ସହଜ ହୋଇଗଲେ, ଅର୍ଥାତ୍ ତାହାଙ୍କୁ କ୍ଷମା ମଧ୍ୟ କରିଦେଲେ । ଅର୍ଜୁନ ନିବେଦନ କଲେ –

**ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା**
**ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।**
**ତଦେବ ମେ ଦର୍ଶୟ ଦେବରୂପଂ**
**ପ୍ରସୀଦ ଦେବେଶ ଜଗନ୍ନିବାସ ॥୪୫॥**

ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଜୁନଙ୍କ ସମକ୍ଷରେ ଯୋଗେଶ୍ୱର ବିଶ୍ୱରୂପରେ ଅଛନ୍ତି । ଅତଃ ସେ କହୁଛନ୍ତି ଯେ, ମୁଁ ପୂର୍ବରୁ ନଦେଖିଥିବା ଆପଣଙ୍କର ଏହି ଆଶ୍ଚର୍ଯ୍ୟମୟ ରୂପକୁ ଦେଖି ହର୍ଷିତ ହେଉଛି । ତଥା ମୋର ମନ ଭୟ ଦ୍ୱାର ବ୍ୟାକୁଳ ମଧ୍ୟ ହେଉଛି । ପ୍ରଥମେ ତ ସଖା ମାନୁଥିଲି, ଧନୁର୍ବିଦ୍ୟାରେ କଦାଚିତ୍ ନିଜକୁ କିଛି ଆଗୁଆ ମାନୁଥିଲି କିନ୍ତୁ ବର୍ତ୍ତମାନ ପ୍ରଭାବକୁ ଦେଖି ଭୟଭୀତ ହେଉଛି । ପୂର୍ବ ଅଧ୍ୟାୟରେ ପ୍ରଭାବକୁ ଶୁଣି ସେ ନିଜକୁ ଜ୍ଞାନି ମାନୁଥିଲେ ।

ଜ୍ଞାନୀଙ୍କୁ କେଉଁଠାରେ ମଧ୍ୟ ଭୟ ହୋଇନଥାଏ । ବସ୍ତୁତଃ ପ୍ରତ୍ୟକ୍ଷ ଦର୍ଶନର ପ୍ରଭାବ ହିଁ ବିଲକ୍ଷଣ ହୋଇଥାଏ । ସବୁକିଛି ଶୁଣି ବୁଝି ନେବା ପରେ ମଧ୍ୟ କ୍ରିୟାତ୍ମକ ଚାଲିବାରେ ବାକି ହିଁ ରହିଥାଏ । ସେ କହନ୍ତି ଯେ, ପୂର୍ବରୁ ନ ଦେଖିଥିବା ଆପଣଙ୍କ ଏହି ରୂପକୁ ଦେଖି ମୁଁ ହର୍ଷିତ ହେଉଛି । ମୋର ମନ ଭୟରେ ବ୍ୟାକୁଳ ମଧ୍ୟ ହୋଇ ଉଠୁଛି । ଅତଃ ହେ ଦେବ ! ଆପଣ ପ୍ରସନ୍ନ ହଅନ୍ତୁ । ହେ ଦେବେଶ ! ହେ ଜଗନ୍ନିବାଶ ! ଆପଣ ନିଜର ପୂର୍ବର ସେହି ରୂପକୁ ହିଁ ଦର୍ଶନ କରାନ୍ତୁ । କେଉଁ ରୂପ ?

**କିରୀଟିନଂ ଗଦିନଂ ଚକ୍ରହସ୍ତ–**
**ମିଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ**
**ତେନୈବ ରୂପେଣ ଚତୁର୍ଭୁଜେନ**
**ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ॥୪୬॥**

ମୁଁ ଆପଣଙ୍କୁ ସେପରି ହିଁ ଅର୍ଥାତ୍ ପୂର୍ବପରି ମସ୍ତକରେ ମୁକୁଟ ଧାରଣ କରିଥିବା, ହାତରେ ଗଦା ଓ ଚକ୍ର ଧାରଣ ଅବସ୍ଥାରେ ଦେଖିବାକୁ ଚାହୁଁଛି । ହେ ବିଶ୍ୱରୂପ ! ହେ ସହସ୍ର ବାହୁ ! ଆପଣ ନିଜର ସେହି ଚର୍ତୁଭୁଜ ସ୍ୱରୂପରେ ସ୍ଥିତ ହୁଅନ୍ତୁ । କେଉଁ ରୂପ ଦେଖିବାକୁ ଚାହିଁଲେ ? ଚତୁର୍ଭୁଜରୂପ । ବର୍ତ୍ତମାନ ଦେଖିବା ଯେ, ଚତୁର୍ଭୁଜ ରୂପ କ'ଣ ?

**ଶ୍ରୀ ଭଗବାନ ଉବାଚ**

**ମୟା ପ୍ରସନ୍ନେନ ତବାର୍ଜୁନେଦଂ**

**ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।**
**ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ**
**ୟନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ।।୪୭।।**

ଏହିପରି ଅର୍ଜୁନଙ୍କ ପ୍ରାର୍ଥନା ଶୁଣି ଶ୍ରୀକୃଷ୍ଣ କହିଲେ ହେ ଅର୍ଜୁନ ! ମୁଁ ଅନୁଗ୍ରହ ପୂର୍ବକ ନିଜର ଯୋଗଶକ୍ତି ଦ୍ୱାରା ନିଜର ପରମ ତେଜମୟ, ସମସ୍ତଙ୍କ ଆଦି ଏବଂ ସୀମାରହିତ ବିଶ୍ୱରୂପ ତୁମକୁ ଦେଖାଇଲି । ଯାହାକୁ ତୁମ ବ୍ୟତୀତ ଅନ୍ୟ କେହି ପୂର୍ବରୁ କେବେ ଦେଖି ନାହାଁନ୍ତି ।

**ନ ବେଦୟଜ୍ଞାଧ୍ୟୟନୈର୍ନ ଦାନୈ–**
**ର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ**
**ଏବଂ ରୂପଃ ଶକ୍ୟ ଅହଂ ନୃଲୋକେ**
**ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ।।୪୮।।**

ହେ ଅର୍ଜୁନ ! ଏହି ମନୁଷ୍ୟ ଲୋକରେ ଏହିପରି ବିଶ୍ୱରୂପ ନା ବେଦତା ଦ୍ୱାରା, ନା ଯଜ୍ଞରେ, ନା ଦାନରେ, ନା କ୍ରିୟାରେ, ନା ଉଗ୍ର ତପ ଦ୍ୱାରା, ନା ଅଧ୍ୟୟନ ଦ୍ୱାରା, ନା ତୁମ ବ୍ୟତୀତ ଅନ୍ୟ କାହାକୁ ଦେଖାଯିବାରେ ସମ୍ଭବ ହୋଇଥାଏ । ଅର୍ଥାତ୍ ତୁମ ବ୍ୟତୀତ ଏହି ରୂପକୁ ଅନ୍ୟ କେହି ଦେଖିପାରିବେ ନାହିଁ । ତେବେ ତ ଗୀତା ଆପଣଙ୍କ ନିମନ୍ତେ ବେକାର ଅଟେ । ଭଗବତ୍ ଦର୍ଶନର ଯୋଗ୍ୟତାମାନ ଅର୍ଜୁନ ପର୍ଯ୍ୟନ୍ତ ହିଁ ସୀମିତ ରହିଗଲା । ଯେତେବେଳେ ପୂର୍ବରୁ କହି ଆସିଛନ୍ତି ଯେ, ହେ ଅର୍ଜୁନ ! ରାଗ, ଭୟ ଓ କ୍ରୋଧ ରହିତ ଅନନ୍ୟ ମନଦ୍ୱାରା ମୋର ଶରଣରେ ଆସିଥିବା ବହୁ ଲୋକେ ଜ୍ଞାନରୂପୀ ତପଦ୍ୱାରା ପବିତ୍ର ହୋଇ ସାକ୍ଷାତ୍ ମୋର ସ୍ୱରୂପକୁ ପ୍ରାପ୍ତ ହୋଇଛନ୍ତି । ଏଠାରେ କହୁଛନ୍ତି ତୁମ ବ୍ୟତୀତ ଅନ୍ୟ କେହି ନା ଦେଖିଛନ୍ତି, ନା ଭବିଷ୍ୟତରେ ମଧ୍ୟ କିଏ ଦେଖି ପାରିବେ ? ଅତଃ ଅର୍ଜୁନ କିଏ ? କ'ଣ ଜଣେ ପିଣ୍ଡଧାରୀ । କ'ଣ କେଉଁ ଶରୀରଧାରୀ ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ । ଅନୁରାଗ ବିହୀନ ପୁରୁଷ ନା କେବେ ଦେଖି ପାରିଛନ୍ତି ନା ଭବିଷ୍ୟତରେ କେବେ ଦେଖି ପାରିବେ ? ଚତୁର୍ଦ୍ଦିଗରୁ ଚିତ୍ତକୁ ସାଉଁଟିକରି ଏକମାତ୍ର ଇଷ୍ଟଙ୍କ ଅନୁରୂପ ରାଗ ହିଁ ଅନୁରାଗ ଅଟେ । ଅନୁରାଗୀଙ୍କ ନିମନ୍ତେ ହିଁ ପ୍ରାପ୍ତିର ବିଧାନ ରହିଛି ।

**ମା ତେ ବ୍ୟଥା ମା ଚ ବିମୂଢଭାବୋ**
**ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ମମେଦମ୍ ।**
**ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ**
**ତଦେବ ମେ ରୂପମିଦଂ ପ୍ରପଶ୍ୟ ।।୪୯।।**

ଏହିପରି ମୋର ଏହି ବିକରାଳ ରୂପକୁ ଦେଖି ତୁମକୁ ବ୍ୟାକୁଳତା ନ ହେଉ ଏବଂ ମୂଢଭାବ ମଧ୍ୟ ନ ରହୁ କି ଭୟଭୀତ ହୋଇ ଅଲଗା ହୋଇଯିବ । ବର୍ତ୍ତମାନ ତୁମେ ଭୟ ରହିତ ଓ ପ୍ରୀତିଯୁକ୍ତ ମନଦ୍ୱାରା ମୋର ଏହି ରୂପକୁ ଅର୍ଥାତ୍ ଚତୁର୍ଭୁଜ ରୂପକୁ ଦେଖ ।

**ସଂଜୟ ଉବାଚ**

**ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା**
**ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।**
**ଆଶ୍ୱାସୟାମାସ ଚ ଭୀତମେନଂ**
**ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ॥୫୦॥**

ସଂଯୟ କହିଲେ, ସର୍ବତ୍ର ବାସ କରୁଥିବା ସେହି ବାସୁଦେବ ଅର୍ଜୁନଙ୍କୁ ଏହିପରି କହି ପୁନଃ ସେହିପରି ଚତୁର୍ଭୁଜ ରୂପକୁ ଦେଖାଇଲେ । ପୁନଃ ମହାତ୍ମା ଶ୍ରୀକୃଷ୍ଣ **'ସୌମ୍ୟବପୁଃ'**– ଅର୍ଥାତ୍ ପ୍ରସନ୍ନ ହୋଇ ଭୟଭୀତ ଅର୍ଜୁନଙ୍କୁ ଧୈର୍ଯ୍ୟ ଦେଲେ ଅର୍ଜୁନ କହିଲେ –

**ଅର୍ଜୁନ ଉବାଚ**

**ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦନ ।**
**ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ॥୫୧॥**

ହେ ଜନାର୍ଦନ ! ଆପଣଙ୍କ ଅତ୍ୟନ୍ତ ଶାନ୍ତ ଏହି ମନୁଷ୍ୟ ରୂପକୁ ଦେଖି ବର୍ତ୍ତମାନ ମୁଁ ପ୍ରସନ୍ନ ଚିତ୍ତ ହୋଇ ନିଜର ସ୍ୱଭାବକୁ ପ୍ରାପ୍ତ ହେଲି । ଅର୍ଜୁନ କହିଥିଲେ ଭାଗବାନ ! ବର୍ତ୍ତମାନ ଆପଣ ମୋତେ ସେହି ଚତୁର୍ଭୁଜ ରୂପ ଦର୍ଶନ କରାନ୍ତୁ । ଯୋଗେଶ୍ୱର ସେହି ରୂପ ଦର୍ଶନ କରାଇଲେ ମଧ୍ୟ, କିନ୍ତୁ ଅର୍ଜୁନ ଯେବେ ଦେଖିଲେ ତ କଣ ପାଇଲେ ? **'ମାନୁଷଂରୂପମ୍'** – ମନୁଷ୍ୟ ରୂପକୁ ଦେଖିଲେ । ବସ୍ତୁତଃ ପ୍ରାପ୍ତ ପରେ ମହାପୁରୁଷ ହିଁ ଚତୁର୍ଭୁଜ ଏବଂ ଅନନ୍ତ ଭୁଜ କୁହାଯାଇଥାନ୍ତି । ଦୁଇଭୁଜ ଯୁକ୍ତ ମହାପୁରୁଷ ତ ଅନୁରାଗୀଙ୍କ ସମକ୍ଷରେ ରହିଥାନ୍ତି । କିନ୍ତୁ ଅନ୍ୟତ୍ର କେଉଁଠାରୁ କେହି ସ୍ମରଣ କରିଥାଏ ତେବେ ସେହି ମହାପୁରୁଷ ସେହି ସ୍ମରଣ କର୍ତ୍ତାଙ୍କଠାରେ ଜାଗୃତ ଅର୍ଥାତ୍ ରଥୀ ହୋଇ ତାହାଙ୍କୁ ମଧ୍ୟ ମାର୍ଗ ଦର୍ଶନ କରାଇଥାନ୍ତି । ଭୂଜା କାର୍ଯ୍ୟର ପ୍ରତୀକ ଅଟେ । ସେ ଭିତରେ ମଧ୍ୟ କାର୍ଯ୍ୟ କରିଥାନ୍ତି ଏବଂ ବାହାରେ ମଧ୍ୟ । ଏହା ହିଁ ଚତୁର୍ଭୁଜ ସ୍ୱରୂପ ଅଟେ । ତାହାଙ୍କ ହାତରେ **ଶଙ୍ଖ, ଚକ୍ର , ଗଦା ଏବଂ ପଦ୍ମ** କ୍ରମଶଃ ବାସ୍ତବିକ ଲକ୍ଷ ଘୋଷ, ସାଧନ ଚକ୍ରର ପ୍ରବର୍ତ୍ତନ, ଇନ୍ଦ୍ରିୟମାନଙ୍କ ଦମନ ଏବଂ ନର୍ମଳ , ନର୍ଲେପ କାର୍ଯ୍ୟକ୍ଷମତାର ପ୍ରତୀକ ମାତ୍ର । ଏହା ହିଁ କାରଣ ଯେ, ଚତୁର୍ଭୁଜ ରୂପରେ ତାହାଙ୍କୁ

ଦେଖିଲା ପରେ ମଧ୍ଯ ଅର୍ଜୁନ ମନୁଷ୍ୟ ରୂପରେ ହିଁ ପାଇଲେ । ଚତୁର୍ଭୁଜ, ମହାପରୁଷଙ୍କ ଶରୀର ଏବଂ ସ୍ୱରୂପ ଦ୍ୱାରା କାର୍ଯ୍ୟ କରିବାର ବିଧି ବିଶେଷର ନାମ ଅଟେ । ନା କୌଣସି ଚାରୋଟି ହାତବାଲା ଶ୍ରୀକୃଷ୍ଣ ଥିଲେ।

**ଶ୍ରୀ ଭଗବାନ ଉବାଚ**

**ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ ।**
**ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍କ୍ଷିଣଃ ॥୫୨॥**

ମହାତ୍ମା ଶ୍ରୀକୃଷ୍ଣ କହିଲେ ! ହେ ଅର୍ଜୁନ ! ମୋର ଏହି ରୂପ ଦେଖିବା ନିମନ୍ତେ ଅତ୍ୟନ୍ତ ଦୁର୍ଲଭ, ଯେପରି କି ତୁମେ ଦେଖିଲ । କାରଣ ଦେବତା ମଧ୍ଯ ସଦୈବ ଏହି ରୂପର ଦର୍ଶନ ନିମନ୍ତେ ଇଛା ରଖିଥାନ୍ତି । ବସ୍ତୁତଃ ଲୋକେ ସନ୍ଥମାନଙ୍କୁ ବୁଝି ପାରିନଥାନ୍ତି । ପରମ ଗୁରୁଦେବ ପୂଜ୍ୟ ସତ୍‌ସଙ୍ଗି ମହାରାଜ ଅନ୍ତଃ ପ୍ରେରଣା କରାଉଥିବା ପୂର୍ଣ୍ଣ ମହାପୁରୁଷ ଥିଲେ କିନ୍ତୁ ଲୋକେ ତାହାଙ୍କୁ ପାଗଳ ମାନୁଥିଲେ । କେଉଁ କେଉଁ ପୁଣ୍ୟାତ୍ମାଙ୍କୁ ଆକାଶବାଣୀ ହେଲା ଯେ, ଏହି ମହାତ୍ମା ସଦ୍‌ଗୁରୁ ଅଟନ୍ତି । କେବଳ ସେମାନେ ହିଁ ତାଙ୍କୁ ହୃଦୟରେ ଧରି ପାରିଲେ, ତାଙ୍କର ସ୍ୱରୂପକୁ ପାଇଲେ ଏବଂ ନିଜର ପରମ ଗତି ମଧ୍ଯ ପାଇଗଲେ । ଏହା ହିଁ ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯାହାର ହୃଦୟରେ ଦୈବୀ ସମ୍ପଦ ଜାଗୃତ ରହିଛି, ସେହି ଦେବତାମନେ ମଧ୍ଯ ଏହି ରୂପ ଦର୍ଶନ ନିମନ୍ତେ ଆକାଂକ୍ଷା ରଖିଥାନ୍ତି । ତେବେ କ'ଣ ଯଜ୍ଞ, ଦାନ ଅଥବା ବେଦାଧ୍ୟୟନ ଦ୍ୱାରା ଆପଣ ଦେଖିବାରେ ଆସନ୍ତି ? ସେହି ମହାତ୍ମା କହିଲେ –

**ନାହଁଂ ବେଦୈର୍ନ ତାପସା ନ ଦାନେନ ନ ଚେଜ୍ୟୟା**
**ଶକ୍ୟ ଏବଂ ବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥୫୩॥**

ନା ଦେବ ଦ୍ୱାରା, ନା ତପଦ୍ୱାରା, ନା ଦାନଦ୍ୱାରା, ନା ଯଜ୍ଞ ଦ୍ୱାରା ମୁଁ ଏହିପରି ଦେଖିବାରେ ସୁଲଭ ଅଟେ । ଯେଉଁ ପରି ତୁମେ ଦେଖିଲ ତେବେ କଣ ଆପଣଙ୍କୁ ଦର୍ଶନ କରିବାର କୌଣସି ଉପାୟ ନାହିଁ । ସେ ମହାତ୍ମା କହନ୍ତି ଯେ, ଗୋଟିଏ ଉପାୟ ରହିଛି –

**ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂ ବିଧୋଽର୍ଜୁନ**
**ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରଂ ତପ ॥୫୪॥**

ହେ ଶ୍ରେଷ୍ଠ ତପ ଯୁକ୍ତ ଅର୍ଜୁନ ! ଅନନ୍ୟ ଭକ୍ତିଦ୍ୱାରା ଅର୍ଥାତ୍ ମୋ ବ୍ୟତୀତ ଅନ୍ୟ କେଉଁ ଦେବତାଙ୍କ ସ୍ମରଣ ନକରି, ଅନନ୍ୟ ଶ୍ରଦ୍ଧା ଦ୍ୱାରା , ମୁଁ ଏହିପରି ପ୍ରତ୍ୟକ୍ଷ ଦେଖିବା ନିମନ୍ତେ, ତତ୍ତ୍ୱଦ୍ୱାରା ସାକ୍ଷାତ୍ ଜାଣିବା ନିମନ୍ତେ ତଥା ପ୍ରବେଶ କରିବା ନିମନ୍ତେ ମଧ୍ଯ ସୁଲଭ ହୋଇଥାଏ । ଅର୍ଥାତ୍ ତାହାର ପ୍ରାପ୍ତି କେବଳ ଗୋଟିଏ ସୁଗମ

ଉପାୟ ଅନନ୍ୟ ଭକ୍ତି । ପରିଶେଷରେ ଜ୍ଞାନ ମଧ୍ୟ ଅନନ୍ୟ ଭକ୍ତିରେ ପରିଣତ ହୋଇଯାଏ । ଯେପରି କି ସପ୍ତମ ଅଧ୍ୟାୟରେ ଦ୍ରଷ୍ଟବ୍ୟ । ପୂର୍ବରେ ସେ କହିଥିଲେ ଯେ, ତୁମ ବ୍ୟତୀତ ନା କିଏ ଦେଖିପାରିଛନ୍ତି ନା କିଏ ଦେଖିପାରିବେ ଯେତେବେଳେ କି ଏଠାରେ କହୁଛନ୍ତି ଯେ, ଅନନ୍ୟ ଭକ୍ତି ଦ୍ୱାରା ନା କେବଳ ତୁମକୁ ହିଁ ଦେଖାଯିବ । ଅପିତୁ ସାକ୍ଷାତ ଜାଣି ମୋ ଭିତରେ ପ୍ରବେଶ କରି ହେବ । ଅର୍ଥାତ୍ ଅର୍ଜୁନ ଅନନ୍ୟ ଭକ୍ତଙ୍କ ନାମ ଅଟେ । ଏକ ଅବସ୍ଥାର ନାମ ଅଟେ । ଅନୁରାଗ ହିଁ ଅର୍ଜୁନ ଅଟେ । ପରିଶେଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି–

**ମତ୍‌କର୍ମକୃନ୍ ମତ୍‌ପରମୋ ମଦ୍‌ଭକ୍ତଃ ସଙ୍ଗବର୍ଜିତଃ ।**
**ନିର୍ବୈରଃ ସର୍ବଭୂତେଷୁ ୟଃ ସ ମାମେତି ପାଣ୍ଡବ ॥୫୫॥**

ହେ ଅର୍ଜୁନ ! ଯେଉଁ ପୁରୁଷ ମୋ ଦ୍ୱାରା ନିର୍ଦ୍ଦିଷ୍ଟ କର୍ମ, ଅର୍ଥାତ୍ ନିୟତ କର୍ମ, ଯଜ୍ଞାର୍ଥ କର୍ମକୁ କରିଥାଏ **'ମତ୍ ପରମଃ'** ମୋର ପରାୟଣ ହୋଇ ଥାଏ, ଯିଏ ମୋର ଅନନ୍ୟ ଭକ୍ତ, **'ସଙ୍ଗବର୍ଜିତଃ'** କିନ୍ତୁ ସଙ୍ଗ ଦୋଷରେ ରହି ସେହି କର୍ମ ହୋଇପାରିବ ନାହିଁ । ଅତଃ ସଙ୍ଗ ଦୋଷରୁ ରହିତ ହୋଇ **'ନିର୍ବୈରଃ ସର୍ବ ଭୂତେଷୁ'** ସମ୍ପୂର୍ଣ୍ଣ ଭୂତ ପ୍ରାଣୀମାନଙ୍କରେ ବୈରଭାବ ରହିତ ହୋଇ ସେ ମୋତେ ପ୍ରାପ୍ତ ହୋଇଥାନ୍ତି । ତେବେ କଣ ଅର୍ଜୁନ ଯୁଦ୍ଧ କଲେ ? ପ୍ରତିଜ୍ଞା କରି କଣ ସେ ଜୟଦ୍ରଥାଦିଙ୍କୁ ମାରିଲେ ? ଯଦି ତାଙ୍କୁ ମାରିଥାନ୍ତେ, ତେବେ ଭଗବାନଙ୍କୁ ଦେଖି ପାରିନଥାନ୍ତେ । ଯେତେବେଳେ କି ଅର୍ଜୁନ ଦେଖିଥିଲେ । ଏଥିରୁ ସିଦ୍ଧ ହେଉଛି ଯେ, ଗୀତାରେ ଗୋଟିଏ ମଧ୍ୟ ଶ୍ଳୋକ ଏପରି ନାହିଁ ଯାହାକି ବାହ୍ୟ ହାଣକାଟର ସମର୍ଥନ କରୁଛି । ଯିଏ ନିର୍ଦ୍ଦିଷ୍ଟ କର୍ମ ଯଜ୍ଞ ପ୍ରକ୍ରିୟାର ଆଚରଣ କରିବ, ଯିଏ ଅନନ୍ୟ ଭାବରେ ତାହାଙ୍କ ବ୍ୟତୀତ ଅନ୍ୟ କାହାର ସ୍ମରଣ ମଧ୍ୟ କରିବ ନାହିଁ । ଯିଏ ସଙ୍ଗଦୋଷରୁ ଅଲଗା ରହିବ, ତେବେ ଯୁଦ୍ଧ କିପରି ? ଯେବେ ଆପଣଙ୍କ ସହିତ କିଏ ନାହିଁ । ତେବେ ଆପଣ ଯୁଦ୍ଧ କାହା ସହିତ କରିବେ ? ସମ୍ପୂର୍ଣ୍ଣ ଭୂତ ପ୍ରାଣୀମାନଙ୍କର ଯିଏ କି ବୈରି ଭାବରୁ ରହିତ, ମନଦ୍ୱାରା ମଧ୍ୟ କାହାକୁ ପ୍ରତାଡ଼ନାର କଳ୍ପନା ନ କରୁଥାଏ । ସେ ହିଁ ମୋତେ ପ୍ରାପ୍ତ ହୋଇଥାଏ । ତେବେ କଣ ଅର୍ଜୁନ ଲଢାଇ କଲେ ? କେବେ ନୁହଁ । ବସ୍ତୁତଃ ସଙ୍ଗ ଦୋଷରୁ ଅଲଗା ରହି ଯେବେ ଆପଣ ଚିନ୍ତନରେ ଲାଗିରହନ୍ତି ନିର୍ଦ୍ଧାରିତ ଯଜ୍ଞ ପ୍ରକ୍ରିୟାରେ ପ୍ରବୃତ୍ତ ହୋଇଥାନ୍ତି ସେହି ସମୟରେ ବିକାର ରାଗ ଦ୍ୱେଷ, କାମ କ୍ରୋଧାଦି ଦୁର୍ଜୟ ଶତ୍ରୁ ରୂପରେ ପ୍ରତ୍ୟକ୍ଷ ହୋଇଥାନ୍ତି । ତାହାଙ୍କ ପାର ପାଇବା ହିଁ

ଯୁଦ୍ଧ ଅଟେ ।

## ନିଷ୍କର୍ଷ

ଏହି ଅଧ୍ୟାୟର ପ୍ରରମ୍ଭରେ ଅର୍ଜୁନ କହିଲେ– ହେ ଭଗବାନ୍ ! ଆପଣଙ୍କ ବିଭୂତି ଗୁଡ଼ିକୁ ମୁଁ ବିସ୍ତାର ପୂର୍ବକ ଶୁଣିଲି, ଯାହାଦ୍ୱାରା ମୋର ମୋହ ନଷ୍ଟ ହେଇଗଲା, ଅଜ୍ଞାନ ଶମନ ହୋଇଗଲା କିନ୍ତୁ ଯେପରି ଆପଣ କହିଲେ, 'ମୁଁ ସର୍ବତ୍ର ରହିଛି', ଏହାକୁ ମୁଁ ପ୍ରତ୍ୟକ୍ଷ ଦେଖିବାକୁ ଚାହୁଁଛି । ଯଦି ମୋ ଦ୍ୱାରା ଦେଖିବା ସମ୍ଭବ ହେବ, ତେବେ କୃପାକରି ସେହି ସ୍ୱରୂପ ଦର୍ଶନ କରାନ୍ତୁ । ଅର୍ଜୁନ ପ୍ରିୟ ସଖା ଥିଲେ ଓ ଅନନ୍ୟ ସେବକ ଥିଲେ । ଅତଏବ ଯୋଗେଶ୍ୱର ଶ୍ରୀକୃଷ୍ଣ କୌଣସି ପ୍ରତିବାଦ ନକରି ତୁରନ୍ତ ଦେଖାଇବା ପ୍ରାରମ୍ଭ କରିଥିଲେ– ବର୍ତ୍ତମାନ ମୋ ଭିତରେ ହିଁ ଠିଆ ହୋଇଥିବା ସପ୍ତର୍ଷି ଏବଂ ତାହାଙ୍କ ଠାରୁ ମଧ୍ୟ ପୂର୍ବରୁ ଜନ୍ମ ହୋଇଥିବା ଋଷିମାନଙ୍କୁ ଦେଖ । ବ୍ରହ୍ମା ଏବଂ ବିଷ୍ଣୁଙ୍କୁ ମଧ୍ୟ ଦେଖ । ସର୍ବତ୍ର ପ୍ରସାରିତ ହୋଇଥିବା ମୋର ତେଜକୁ ଦେଖ । ମୋର ହିଁ ଶରୀରରେ ଗୋଟିଏ ସ୍ଥାନରେ ଚରାଚର ଜଗତକୁ ଦେଖ । କିନ୍ତୁ ଅର୍ଜୁନ ଆଖିକୁ ମଳିମଳି ହିଁ ରହିଗଲେ । ଏହିପରି ଯୋଗେଶ୍ୱର ଶ୍ରୀକୃଷ୍ଣ ଦୁଇତିନି ଶ୍ଳୋକ ପର୍ଯ୍ୟନ୍ତ ଅନବରତ ଦେଖାଇ ଚାଲିଲେ । କିନ୍ତୁ ଅର୍ଜୁନଙ୍କୁ କିଛି ମଧ୍ୟ ଦେଖାଗଲା ନାହିଁ । ସମ୍ପୂର୍ଣ୍ଣ ବିଭୂତି ଯୋଗେଶ୍ୱରଙ୍କଠାରେ ସେ ସମୟରେ ମଧ୍ୟ ଥିଲା କିନ୍ତୁ ଅର୍ଜୁନଙ୍କୁ ସେ ସାମାନ୍ୟ ମନୁଷ୍ୟ ପରି ହିଁ ଦିଶୁଥିଲେ । ତେବେ ଏହିପରି ଦେଖାଇ ଦେଖାଇ ଯୋଗେଶ୍ୱର ଶ୍ରୀକୃଷ୍ଣ ହଠାତ୍ ଅଟକିଯାଇ କହିଲେ– ହେ ଅର୍ଜୁନ ! ଏହି ଚକ୍ଷୁଦ୍ୱାର ତୁମେ ମୋତେ ଦେଖି ପାରିବ ନାହିଁ । ନିଜ ବୁଦ୍ଧି ମାଧ୍ୟମରେ ତୁମେ ମୋତେ ପରଖି ପାରିବ ନାହିଁ । ବର୍ତ୍ତମାନ ମୁଁ ତୁମକୁ ସେହି ଦୃଷ୍ଟି ଦେଉଛି, ଯାହା ଦ୍ୱାରା ତୁମେ ମୋତେ ଦେଖିପାରିବ । ଭଗବାନ ତ ସାମନାରେ ହିଁ ଉପସ୍ଥିତ ଥିଲେ । ଅର୍ଜୁନ ଦେଖିଲେ, ବାସ୍ତବରେ ଦେଖିଲେ । ଦେଖିସାରିବା ପରେ କ୍ଷୁଦ୍ରତ୍ରୁଟି ନିମନ୍ତେ କ୍ଷମା ପ୍ରାର୍ଥନ କରିବାରେ ଲାଗିଲେ । ଯାହା ବାସ୍ତବରେ ତ୍ରୁଟି ନଥିଲା । ଉଦାହରଣ ନିମନ୍ତେ– ଭଗବାନ ! କେବେ ମୁଁ ଆପଣଙ୍କୁ କୃଷ୍ଣ, ଯାଦବ ଏବଂ କେବେ କେବେ ସଖା ମଧ୍ୟ କହିଦେଇଛି । ଏଥିପାଇଁ ଆପଣ ମୋତେ କ୍ଷମା କରନ୍ତୁ । ଶ୍ରୀକୃଷ୍ଣ କ୍ଷମା ମଧ୍ୟ କଲେ କାରଣ ଅର୍ଜୁନଙ୍କ ପ୍ରାର୍ଥନାକୁ ସ୍ୱକାର କରି ସେ ସୌମ୍ୟ ସ୍ୱରୂପକୁ ଆସି ଅର୍ଜୁନଙ୍କୁ ଧୈର୍ଯ୍ୟ ଦେଲେ ।

ବସ୍ତୁତଃ ଶ୍ରୀକୃଷ୍ଣ କହିବା ଅପରାଧ ନଥିଲା । ସେ ଶ୍ୟାମ ବର୍ଣ୍ଣ ହିଁ ତ ଥିଲେ, କିପରି ଗୋରା ବୋଲି କହିଆନ୍ତେ ? ଯଦୁବଂଶରେ ହିଁ ଜନ୍ମ ହୋଇଥିଲେ । ଶ୍ରୀକୃଷ୍ଣ ସ୍ୱୟଂ ନିଜକୁ ସଖା ବୋଲି ମାନୁଥିଲେ । ବାସ୍ତବରେ ପ୍ରତ୍ୟେକ ସାଧକ

ମହାପୁରୁଷଙ୍କୁ ପ୍ରଥମେ ଏପରି ହିଁ ବୁଝିଥାନ୍ତି । କିଛି ତାଙ୍କୁ ରୂପ ଏବଂ ଆକାରରେ ମଧ୍ୟ ସମ୍ବୋଧିତ କରିଥାନ୍ତି । ଅନ୍ୟ କେତେକ ତାଙ୍କର ବୃତ୍ତି ଦ୍ୱାରା ତାଙ୍କୁ ଡାକୁଥାନ୍ତି । ଅନ୍ୟ କେତେକ ତାଙ୍କୁ ନିଜରହିଁ ସମକକ୍ଷ ମାନୁଥିଲେ । ତାହାଙ୍କ ଯଥାର୍ଥ ସ୍ୱରୂପକୁ ବୁଝିନଥାନ୍ତି । ତାଙ୍କର ଅଚିନ୍ତ୍ୟ ସ୍ୱରୂପକୁ ଅର୍ଜୁନ ବୁଝିଲେ ତ ପାଇଲେ ଯେ, ଏ ନା ତ କଳା, ନା ତ ଗୋରା, ନା କେଉଁ କୂଳର ଏବଂ ନା କାହାର ସାଥି ହିଁ ଅଟନ୍ତି । ଏହାଙ୍କ ସମାନ କିଏ ମଧ୍ୟ ନୁହଁନ୍ତି । ତେବେ ସଖା କିପରି ? ବରାବର କିପରି ? ଏହା ତ ଅଚିନ୍ତ୍ୟ ସ୍ୱରୂପ ଅଟେ । ଯାହାଙ୍କୁ ସେ ସ୍ୱୟଂ ଦେଖାଇବେ, ସେହିଁ ତାଙ୍କୁ ଦେଖି ପାରିଥାଏ ଅତଃ ଅର୍ଜୁନ ନିଜ ପ୍ରାରମ୍ଭିକ ଭୂଲ୍ ନିମନ୍ତେ କ୍ଷମା ମାଗିଲେ ।

ପ୍ରଶ୍ନ ଉଠୁଛି, ଯେବେ କୃଷ୍ଣ କହିବା ଅପରାଧ, ତେବେ ତାଙ୍କର ନାମ କିପରି ଜପାଯିବ ? ଯାହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ଜପିବା ନିମନ୍ତେ ସ୍ୱୟଂ କହିଲେ । ଜପ କରିବାର ଯେଉଁ ବିଧି ବୁଝାଇଲେ, ସେହି ବିଧିରେ ଆପଣ ଚିନ୍ତନ-ସ୍ମରଣ କରନ୍ତୁ । ତାହା ହେଉଛି, **ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁ ସ୍ମରନ୍–** 'ଓମ୍' ଏହା ଅକ୍ଷୟ ବ୍ରହ୍ମଙ୍କ ପର୍ଯ୍ୟାୟ ଅଟେ । **ଓଁ ଅହମ୍ ସ ଓମ୍** । ଯିଏ ବ୍ୟାପ୍ତ, ସେହି ସତ୍ତା ମୋ ଭିତରେ ଛୁପି ରହିଛି । ଏହା ହିଁ ଓମ୍‌ର ଆଶୟ । ଆପଣ ଏହାର ଜପ କରନ୍ତୁ ଏବଂ ଧ୍ୟାନ ମୋର କରନ୍ତୁ । ରୂପ ନିଜର ଏବଂ ନାମ ଓମ୍‌ର କହିଲେ ।

ଅର୍ଜୁନ ପ୍ରାର୍ଥନା କଲେ ଯେ, ଚତୁର୍ଭୁଜରୂପରେ ଦର୍ଶନ ଦିଅନ୍ତୁ । ଶ୍ରୀକୃଷ୍ଣ ସେହି ସୌମ୍ୟ ସ୍ୱରୂପକୁ ଧାରଣ କଲେ ଅର୍ଜୁନ କହିଲେ ଭଗବାନ୍ ! ଆପଣଙ୍କ ଏହି ମାନବ ସ୍ୱରୂପକୁ ଦେଖି ବର୍ତ୍ତମାନ ମୁଁ ପ୍ରକୃତିସ୍ଥ ହେଲି । ମାଗିଥିଲେ ଚତୁର୍ଭୁଜ ରୂପ କିନ୍ତୁ ଦେଖାଇଲେ ମନୁଷ୍ୟ ରୂପ । ବାସ୍ତବରେ ଶାଶ୍ୱତରେ ପ୍ରବେଶ ହୋଇଥିବା ଯୋଗୀ ଶରୀରରେ ଏଠାର ରହି ମଧ୍ୟ ବାହ୍ୟ ଦୁଇ ହାତରେ କାର୍ଯ୍ୟ କରିଥାଏ ଏବଂ ଅନ୍ତରାତ୍ମାରେ ଜାଗୃତ ହୋଇ ଯେଉଁଠାରୁ ଯେଉଁ ଭାବୁକ ସ୍ମରଣ କରୁଥାଏ, ଏକ ସମୟରେ ସର୍ବତ୍ର ତାହାଙ୍କ ହୃଦୟସେ ଜାଗୃତ ହୋଇ ପ୍ରେରକ ରୂପରେ କାର୍ଯ୍ୟ କରିଥାନ୍ତି ହାତ ତାଙ୍କର କାର୍ଯ୍ୟର ପ୍ରତୀକ ଅଟେ । ଏହା ହିଁ ଚତୁର୍ଭୁଜ ଅଟେ ।

ଶ୍ରୀକୃଷ୍ଣ କହିଲେ ହେ ଅର୍ଜୁନ ! ତୁମ ବ୍ୟତୀତ ମୋର ଏହି ରୂପକୁ ନାକିଏ ଦେଖିଛି ନା ଭବିଷ୍ୟରେ ମଧ୍ୟ କିଏ ଦେଖି ପାରିବ । ତେବେ ତ ଗୀତା ଆମ୍ଭମାନଙ୍କ ନିମନ୍ତେ ବ୍ୟର୍ଥ ଅଟେ । ନାହିଁ, ଯୋଗେଶ୍ୱର କହୁଛନ୍ତି ଗୋଟିଏ ଉପାୟ ରହିଛି । ଯିଏମୋର ଅନନ୍ୟ ଭକ୍ତ, ମୋର ବ୍ୟତୀତ ଯିଏ ଅନ୍ୟ କାହାର ସ୍ମରଣ ନକରି ନିରନ୍ତର ମୋର ହିଁ ଚିନ୍ତନ କରିଥାଏ । ତାହାର ଅନନ୍ୟ ଭକ୍ତି ଦ୍ୱାରା ମୁଁ ପ୍ରତ୍ୟକ୍ଷ ଦେଖିବାରେ, ତତ୍ତ୍ୱଦ୍ୱାର ଜାଣିବାରେ ଏବଂ ପ୍ରବେଶ କରିବାରେ ମଧ୍ୟ ସୁଲଭ ଅଟେ । ଅର୍ଥାତ୍

ଅର୍ଜୁନ ଅନନ୍ୟ ଭକ୍ତ ଥିଲେ । ଭକ୍ତିର ପରିମାର୍ଜିତ ରୂପ ହେଉଛି ଅନୁରାଗ, ଇଷ୍ଟଙ୍କ ଅନୁରୂପ ଲଗାବ । ମିଲ ହିଁ ନ ରଘୁପତି ବିନୁ ଅନୁରାଗା । ଅନୁରାଗ ବିହୀନ ପୁରୁଷ ନା କେବେ ପାଇଛି ଏବଂ ନା ପାଇପାରିବ ? ଅନୁରାଗ ନଥାଇ କିଏ ଲକ୍ଷଥର ଜପ, ଦାନ, ତପ, ଯୋଗ କଲେ ମଧ୍ୟ ସେ ପ୍ରାପ୍ତ ହୋଇନଥାନ୍ତି । ଅତଃ ଇଷ୍ଟଙ୍କ ଅନୁରୂପ ରାଗ ଅଥବା ଅନନ୍ୟ ଭକ୍ତି ନିତାନ୍ତ ଆବଶ୍ୟକ ।

ଶେଷରେ ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ମୋ ଦ୍ୱାରା ନିର୍ଦ୍ଦିଷ୍ଟ କର୍ମକୁ କର । ମୋର ଅନନ୍ୟ ଭକ୍ତ ହୋଇ ମୋର ଶରଣ ହୋଇ, କିନ୍ତୁ ସଙ୍ଗ ଦୋଷରୁ ଅଲଗା ରହି ଅର୍ଥାତ୍ ସଙ୍ଗ ଦୋଷରେ ଏହି କର୍ମ ହୋଇପାରିବ ନାହିଁ । ଅତଃ ସଙ୍ଗ ଦୋଷ ଏହି କର୍ମର ସମ୍ପାଦିତ ହେବାରେ ବାଧକ ଅଟେ । ଯିଏ ବୈର ଭାବରୁ ରହିତ ସେହିଁ ମୋତେ ପ୍ରାପ୍ତ କରିଥାଏ । ଯେବେ ସଙ୍ଗ ଦୋଷ ହିଁ ନାହିଁ, ଯେଉଁଠାରେ ଯିଏ ବୈରଭାବରୁ ରହିତ ସେ ହିଁ ମୋତେ ପ୍ରାପ୍ତ କରିଥାଏ । ଯେତେବେଳେ ସଙ୍ଗ ଦୋଷ ହିଁ ନାହିଁ ଯେଉଁ ଠାରେ ଆମ୍ଭଙ୍କୁ ଛାଡ଼ି ଅନ୍ୟ କେହି ନାହାଁନ୍ତି । ବୈରଭାବର ମାନସିକ ସଙ୍କଳ୍ପ ମଧ୍ୟ ନାହିଁ ତେବେ ଯୁଦ୍ଧ କିପରି ? ବାହାର ଦୁନିଆରେ ଲଢ଼ାଇ ଝଗଡ଼ା ଏପରି ହୋଇଥା । କିନ୍ତୁ ବିଜୟ ପାଇଥିବା ଲୋକଙ୍କୁ ମଧ୍ୟ ମଳିନଥାଏ । ଦୁର୍ଜୟ ସଂସାର ରୂପୀ ଶତ୍ରୁକୁ ଅସଙ୍ଗତା ରୂପୀ ଶସ୍ତ୍ର ଦ୍ୱାରା କାଟି ପରମରେ ପ୍ରବେଶ ପାଇଯିବା ହିଁ ବାସ୍ତବିକ ବିଜୟ ହୋଇଥାଏ । ଯାହାର ପଛରେ ପରାଜୟ ନଥାଏ ।

ଏହି ଅଧ୍ୟାୟରେ ପ୍ରଥମେ ଯୋଗଶ୍ୱେର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦୃଷ୍ଟି ପ୍ରଦାନ କଲେ । ପୁଣି ନିଜର ବିଶ୍ୱରୂପ ଦର୍ଶନ କରାଇଲେ– ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷସ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ବିଶ୍ୱରୂପ ଦର୍ଶନ ଯୋଗା' ନାମୈକାଦଶୋଽଧ୍ୟାୟଃ ॥୧୧॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷଦ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ବିଶ୍ୱରୂପ ଦର୍ଶନ ଯୋଗା' ନାମକ ଏକାଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ'ବିଶ୍ୱରୂପ ଦର୍ଶନ ଯୋଗୋ ନାମୈକାଦଶୋଽଧ୍ୟାୟଃ ॥୧୧॥**

**॥ ହରି ଓଁ ତତ୍ସତ୍ ॥**

ॐ

# ଶ୍ରୀ ପରମାତ୍ମନେ ନମଃ
# ଅଥ ଦ୍ୱାଦଶୋଽଧ୍ୟାୟଃ

ଏକାଦଶ ଅଧ୍ୟାୟର ପରିଶେଷରେ ଶ୍ରୀକୃଷ୍ଣ ବାରମ୍ବାର କହିଥିଲେ ଯେ, ହେ ଅର୍ଜୁନ ! ମୋର ଏହି ସ୍ୱରୂପ ଯାହାକୁ ତୁମେ ଦର୍ଶନ କଲ, ତୁମ ବ୍ୟତୀତ ନା ପୂର୍ବରୁ କେହି ଦେଖିଥିଲେ, ନା ଭବିଷ୍ୟତରେ କିଏ ଦେଖିପାରିବେ । ମୁଁ ନା ତପ ଦ୍ୱାରା, ନା ଯଜ୍ଞ ଦ୍ୱାରା ଏବଂ ନା ଦାନ ଦ୍ୱାରା ହିଁ ଦର୍ଶନ ଦେବାରେ ସୁଲଭ ହୋଇଥାଏ । କିନ୍ତୁ ଅନନ୍ୟ ଭକ୍ତି ଦ୍ୱାରା ଅର୍ଥାତ୍ ମୋର ଅତିରିକ୍ତ ଅନ୍ୟ କେଉଁଠାରେ ମଧ୍ୟ ଶ୍ରଦ୍ଧା ବିଚ୍ଛିନ୍ନ ନ ହେଉ, ନିରନ୍ତର ତୈଳଧାରବତ୍ ମୋର ଚିନ୍ତନ ଦ୍ୱାରା ଠିକ୍ ଏହିପରି, ଯେପରି ତୁମେ ଦେଖିଲ, ମୁଁ ପ୍ରତ୍ୟକ୍ଷ ଦର୍ଶନ ନିମନ୍ତେ, ତତ୍ତ୍ୱ ଦ୍ୱାରା ସାକ୍ଷାତ୍ ଜାଣିବା ନିମନ୍ତେ ଏବଂ ପ୍ରବେଶ କରିବା ନିମନ୍ତେ ମଧ୍ୟ ସୁଲଭ ହୋଇଥାଏ । ଅତଃ ହେ ଅର୍ଜୁନ ନିରନ୍ତର ମୋର ହିଁ ଚିନ୍ତନ କର, ଭକ୍ତ ହୁଅ ! ଅଧ୍ୟାୟର ଶେଷରେ ସେ କହିଲେ– ହେ ଅର୍ଜୁନ ତୁମେ ମୋ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା କର୍ମ କର । **ମତ୍ ପରମଃ** ଅପିତୁ ମୋର ପରାୟଣ ହୋଇ କର୍ମ କର । ଅନନ୍ୟ ଭକ୍ତି ହିଁ ତାହାର ପ୍ରାପ୍ତିର ଏକମାତ୍ର ମାର୍ଗ ଅଟେ । ଏହା ଉପରେ ଅର୍ଜୁନଙ୍କ ପ୍ରଶ୍ନ ସ୍ୱାଭାବିକ ଥିଲା ଯେ, ଯିଏ ଅବ୍ୟକ୍ତ ଅକ୍ଷରଙ୍କ ଉପାସନା କରିଥାନ୍ତି ଏବଂ ଯିଏ ଆପଣଙ୍କ ସଗୁଣ ଉପାସନା କରନ୍ତି, ଏହି ଉଭୟଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ?

ଏଠାରେ ଏହି ପ୍ରଶ୍ନକୁ ଅର୍ଜୁନ ତୃତୀୟଥର ଉଠାଉଛନ୍ତି । ତୃତୀୟ ଅଧ୍ୟାୟରେ କହିଥିଲେ ଯେ, ଭଗବାନ୍ ଯଦି ନିଷ୍କାମ କର୍ମ ଯୋଗ ଅପେକ୍ଷା ସାଂଖ୍ୟ ଯୋଗ ଆପଣଙ୍କୁ ଶ୍ରେଷ୍ଠ ମାନ୍ୟ, ତେବେ ଆପଣ ଏହି ଭୟଙ୍କର କର୍ମରେ ମୋତେ କାହିଁକି ଲଗାଉଛନ୍ତି ? ଏହାକୁ ଶ୍ରୀକୃଷ୍ଣ କହିଥିଲେ– ଅର୍ଜୁନ ! ନିଷ୍କାମ କର୍ମ ଯୋଗ ଭଲ ଲାଗୁ ଅଥବା ଜ୍ଞାନଯୋଗ, ଉଭୟ ଦୃଷ୍ଟିରେ କର୍ମ ତ କରିବାକୁ ହିଁ ପଡ଼ିବ । ଏତିକି ପରେ ମଧ୍ୟ ଯିଏ ଇନ୍ଦ୍ରିୟମାନଙ୍କୁ ହଠ ପୂର୍ବକ ସଂଯମ କରି ମନ ଦ୍ୱାରା ବିଷୟ–ବାସନାର ସ୍ମରଣ କରିଥାଏ, ସେ ଦମ୍ଭାଚାରୀ ଅଟେ, ଜ୍ଞାନୀ ନୁହଁ । ଅତଃ ହେ ଅର୍ଜୁନ ! ତୁମେ କର୍ମ କର । କେଉଁ କର୍ମ କରିବ ? **ନିୟତଂ କୁରୁ କର୍ମତ୍ୱଂ** । ଅର୍ଥାତ୍ ନିର୍ଦ୍ଧାରିତ କରାଯାଇଥିବା କର୍ମ କର । ନିର୍ଦ୍ଧାରିତ କର୍ମ କଣ ? ତେବେ କହୁଛନ୍ତି **ଯଜ୍ଞାର୍ଥାତ୍ କର୍ମଣୋ–** ଅର୍ଥାତ୍ ଯଜ୍ଞ ପ୍ରକ୍ରିୟା ହିଁ ଏକମାତ୍ର କର୍ମ । ଯଜ୍ଞର ବିଧି

କହିଲେ– ଯାହା ଆରାଧନା ଚିନ୍ତନର ବିଧି ବିଶେଷ, ପରମାତ୍ମାରେ ପ୍ରବେଶ ଦେଉଥିବା ପ୍ରକ୍ରିୟା । ଯେବେ ନିଷ୍କାମ କର୍ମ ମାର୍ଗ ଏବଂ ଜ୍ଞାନ ମାର୍ଗ ଉଭୟରେ କର୍ମ କରିବାକୁ ହିଁ ହୋଇଥାଏ, ଯଜ୍ଞାର୍ଥ କର୍ମ କରାଯାଏ, କ୍ରିୟା ଗୋଟିଏ ହିଁ ଅଟେ, ତେବେ ପାର୍ଥକ୍ୟ କିପରି ? ଭକ୍ତ କର୍ମକୁ ସମର୍ପଣ କରି, ଇଷ୍ଟଙ୍କ ଆଶ୍ରିତ ହୋଇ ଯଜ୍ଞାର୍ଥ କର୍ମରେ ପ୍ରବୃତ୍ତ ହୋଇଥାଏ । ତେବେ ଅନ୍ୟ ସାଂଖ୍ୟ ଯୋଗୀ ନିଜ ଶକ୍ତିକୁ ସମାନାରେ ରଖି ନିଜ ଭରସାରେ ସେହି କର୍ମରେ ପ୍ରବେଶ ହୋଇଥାଏ । ପୂର୍ଣ୍ଣ ରୂପରେ ପରିଶ୍ରମ କରିଥାଏ ।

ପଞ୍ଚମ ଅଧ୍ୟାୟରେ ଅର୍ଜୁନ ପୁନଃ ପ୍ରଶ୍ନ କଲେ ଭଗବାନ ! ଆପଣ କେବେ ସାଂଖ୍ୟ ଯୋଗର କର୍ମକୁ ପ୍ରଶଂସା କରୁଛନ୍ତି ତ କେବେ ସମର୍ପଣ ମାଧ୍ୟମରେ ନିଷ୍କାମ କର୍ମ ଯୋଗର ପ୍ରଶଂସା କରୁଛନ୍ତି । ଉଭୟଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ? ଏପର୍ଯ୍ୟନ୍ତ ଅର୍ଜୁନ ବୁଝି ଯାଇଥିଲେ ଯେ କର୍ମ ଉଭୟ ଦୃଷ୍ଟିରେ କରିବାକୁ ହିଁ ହେବ, ହେଲେ ମଧ୍ୟ ଉଭୟ ମାର୍ଗରେ ଶ୍ରେଷ୍ଠ ମାର୍ଗକୁ ସେ ନିର୍ଦ୍ଧାରିତ କରିବାକୁ ଚାହୁଁଛନ୍ତି । ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଉଭୟ ଦୃଷ୍ଟିରେ କର୍ମରେ ପ୍ରବୃତ୍ତ ହେଉଥିବା ବ୍ୟକ୍ତି ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି । କିନ୍ତୁ ସାଂଖ୍ୟ ଯୋଗ ଅପେକ୍ଷା ନିଷ୍କାମକର୍ମ ଯୋଗ ଶ୍ରେଷ୍ଠ ଅଟେ । ନିଷ୍କାମ କର୍ମ ଯୋଗକୁ କରିବା ବ୍ୟତୀତ ନା କିଏ ଯୋଗୀ ହୋଇଥାଏ ଏବଂ ନା କେହି ଜ୍ଞାନୀ ହୋଇଥାନ୍ତି । ସାଂଖ୍ୟ ଯୋଗ ଦୁଷ୍କର ଅଟେ । ସେଥିରେ କଠିନତା ବହୁଳ ଭାବରେ ରହିଥାଏ । ଏଥିରେ ତୃତୀୟ ଥର ଅର୍ଜୁନ ଏହି ପ୍ରଶ୍ନ ରଖିଛନ୍ତି ଯେ, ଭଗବାନ ! ଆପଣଙ୍କଠାରେ ଅନନ୍ୟ ଭକ୍ତିରେ ଲାଗିଥିବା, ଅବ୍ୟକ୍ତ ଅକ୍ଷର ଉପାସନାରେ (ସାଂଖ୍ୟ ମାର୍ଗରେ) ଲାଗିଥିବା ବ୍ୟକ୍ତି, ଏହି ଦୁଇଟି ମାର୍ଗରେ ଯାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ?

**ଅର୍ଜୁନ ଉବାଚ**

**ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।**
**ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥୧॥**

'ଏବଂ' ଅର୍ଥାତ୍ ଏହିପରି ଯାହା ବର୍ତ୍ତମାନ ଆପଣ ବିଧି କହିଲେ, ଠିକ୍ ଏହି ବିଧି ଅନୁସାରେ ଅନନ୍ୟ ଭକ୍ତି ଦ୍ୱାରା ଆପଣଙ୍କ ଶରଣ ନେଇ, ଆପଣଙ୍କଠାରେ ନିରନ୍ତର ସଂଯୁକ୍ତ ହୋଇ ଆପଣଙ୍କୁ ସମ୍ପୂର୍ଣ୍ଣ ରୂପରେ ଉପାସନା କରିଥାନ୍ତି ଏବଂ ଅନ୍ୟ ଲୋକେ ଯିଏକି ଆପଣଙ୍କ ଶରଣାପନ୍ନ ନହୋଇ ସ୍ୱତନ୍ତ୍ର ରୂପରେ ନିଜର ଭରସାରେ ସେହି ଅକ୍ଷୟ ଓ ଅବ୍ୟକ୍ତ ସ୍ୱରୂପର ଉପାସନା କରିଥାନ୍ତି । ଯେଉଁଥିରେ ଆପଣ ମଧ୍ୟ ସ୍ଥିତ ରହିଛନ୍ତି । ଏହି ଦୁଇ ପ୍ରକାର ଭକ୍ତମାନଙ୍କ ମଧ୍ୟରେ ଅଧିକ ଉତ୍ତମ

ଯୋଗବେତ୍ତା କିଏ ? ଏହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି –

**ଶ୍ରୀଭଗବାନୁବାଚ**

**ମୟ୍ୟାବେଶ୍ୟ ମନୋୟେମାଂ ନିତ୍ୟୟୁକ୍ତା ଉପାସତେ ।**
**ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥୨॥**

ହେ ଅର୍ଜୁନ ! ମୋଠାରେ ମନକୁ ଏକାଗ୍ର କରି ନିରନ୍ତର ମୋଠାରେ ସଂଯୁକ୍ତ ହୋଇ ଯେଉଁ ଭକ୍ତ ପରମାତ୍ମାଙ୍କ ସହିତ ସମ୍ବନ୍ଧ ରଖିଥାଏ ଶ୍ରେଷ୍ଠ ଶ୍ରଦ୍ଧାଯୁକ୍ତ ହୋଇ ମୋର ଭଜନ କରିଥାଏ, ତାହାଙ୍କୁ ସମ୍ପୂର୍ଣ୍ଣ ଯୋଗୀମାନଙ୍କ ମଧ୍ୟରେ ଅତି ଉତ୍ତମ ଯୋଗୀ ବୋଲି ମୁଁ ମନେକରେ ।

**ୟେ ତ୍ୱକ୍ଷରମନିର୍ଦେଶ୍ୟମବ୍ୟକ୍ତଂ ପର୍ୟୁପାସତେ ।**
**ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥ ମଚଲଂ ଧ୍ରୁବମ୍ ॥୩॥**
**ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।**
**ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥୪॥**

ଯେଉଁ ପୁରୁଷ ଇନ୍ଦ୍ରିୟ ସମୁଦାୟକୁ ସମ୍ୟକ୍ ପ୍ରକାରେ ସଂଯତ କରି, ମନବୁଦ୍ଧିର ଚିନ୍ତନରୁ ଅତ୍ୟନ୍ତ ପରେ ସର୍ବବ୍ୟାପୀ, ଅକଥନୀୟ ସ୍ୱରୂପ ସଦା ଏକରସ ରହୁଥିବା ବ୍ୟକ୍ତି, ନିତ୍ୟ, ଅଚଳ, ଅବ୍ୟକ୍ତ, ଆକାର ରହିତ ଏବଂ ଅବିନାଶୀ ବ୍ରହ୍ମଙ୍କ ଉପାସନା କରିଥାନ୍ତି, ସମ୍ପୂର୍ଣ୍ଣ ଭୂତଙ୍କ ହିତରେ ଲାଗି ରହି ଏବଂ ସମସ୍ତଙ୍କ ଠାରେ ସମାନ ଭାବଯୁକ୍ତ ସେହି ଯୋଗୀ ମଧ୍ୟ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି, ବ୍ରହ୍ମଙ୍କ ଉପରୋକ୍ତ ବିଶେଷଣ ମୋଠାରୁ ଭିନ୍ନ ନୁହଁ । କିନ୍ତୁ–

**କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।**
**ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ॥୫॥**

ସେହି ଅବ୍ୟକ୍ତ ପରମାତ୍ମାଙ୍କଠାରେ ଆସକ୍ତ ଚିତ୍ତଯୁକ୍ତ ପୁରୁଷଙ୍କ ସାଧନରେ କ୍ଲେଶ ବିଶେଷ ରହିଥାଏ । କାରଣ ଦେହାଭିମାନୀ ମାନଙ୍କ ନିମନ୍ତେ ଅବ୍ୟକ୍ତ ବିଷୟକ ଗତି ଦୁଃଖ ପୂର୍ବକ ପ୍ରାପ୍ତ ହୋଇଥାଏ । ଯେଉଁ ପର୍ଯ୍ୟନ୍ତ ଦେହାଧ୍ୟାସ ରହିଛି, ସେହି ପର୍ଯ୍ୟନ୍ତ ଅବ୍ୟକ୍ତ ପ୍ରାପ୍ତି ହେବା ଦୁଷ୍କର । ଯୋଗେଶ୍ୱର ଶ୍ରୀକୃଷ୍ଣ ଜଣେ ସଦ୍‌ଗୁରୁ ଥିଲେ । ଅବ୍ୟକ୍ତ ପରମାତ୍ମା ତାଙ୍କଠାରେ ବ୍ୟକ୍ତ ଥିଲେ । ସେ କହୁଥିଲେ ଯେ, ମହାପୁରୁଷଙ୍କ ଶରଣ ନ ନେଇ ଯେଉଁ ସାଧକ ନିଜର ଶକ୍ତିକୁ ବିଚାର କରି ଆଗକୁ ଅଗ୍ରସର ହୋଇଥାଏ ଯେ, ମୁଁ ଏହି ଅବସ୍ଥାରେ ସ୍ଥିତ ରହିଛି । ଆଗକୁ ଏହି ଅବସ୍ଥାକୁ ଯିବି । ମୁଁ ନିଜର ଅବ୍ୟକ୍ତ ସ୍ୱରୂପକୁ ପ୍ରାପ୍ତ ହେବି । ତାହା ମୋର ହିଁ ସ୍ୱରୂପ ହେବ । ମୁଁ ହିଁ ତାହା ଅଟେ । ଏହିପରି ବିଚାରି ପ୍ରାପ୍ତିର ପ୍ରତିକ୍ଷା

ନକରି ନିଜର ଶରୀରକୁ ହିଁ ସୋଽହଂ କହିବାରେ ଲାଗିଥାଏ । ଏହା ହିଁ ଏହି ମାର୍ଗର ସବୁଠାରୁ ବଡ଼ ବାଧା ଅଟେ । ସେ **ଦୁଃଖାଳୟମ୍ ଅଶାଶ୍ୱତମ୍** – ରେ ହିଁ ପୁନଃ ଆସିଯାଇଥାଏ । କିନ୍ତୁ ଯିଏ ମୋର ଶରଣ ନେଇ ଚାଲିଥାଏ , ସେ–

**ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟାସ୍ୟ ମତ୍ପରାଃ ।**
**ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥୬॥**

ଯିଏ ମୋର ପରାୟଣ ହୋଇ ସମ୍ପୂର୍ଣ୍ଣ କର୍ମ ଅର୍ଥାତ୍ ଆରାଧନାକୁ ମୋ ଠାରେ ଅର୍ପଣ କରି ଅନନ୍ୟ ଭାବରେ ଯୋଗ ଅର୍ଥାତ୍ ଆରାଧନା ପ୍ରକ୍ରିୟା ଦ୍ୱାରା ନିରନ୍ତର ଚିନ୍ତନ କରି ଭଜନ କରୁଥାନ୍ତି–

**ତେଷାଂମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।**
**ଭବାମି ନଚିରାତ୍ ପାର୍ଥ ମୟ୍ୟାବେଶିତଚେତସାମ୍ ॥୭॥**

କେବଳ ମୋଠାରେ ଚିତ୍ତକୁ ଲଗାଇଥିବା ଭକ୍ତଙ୍କୁ ମୁଁ ଶିଘ୍ର ହିଁ ମୃତ୍ୟୁ ରୂପୀ ସଂସାରରୁ ଉଦ୍ଧାର କରିଥାଏ । ଏହିପରି ଚିତ୍ତ ଲଗାଇବା ପ୍ରେରଣାର ସାଧନ ବିଧି ଉପରେ ଯୋଗେଶ୍ୱର ପ୍ରକାଶ ଦେଉଛନ୍ତି–

**ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।**
**ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ ॥୮॥**

ତେଣୁକରି ହେ ଅର୍ଜୁନ ! ତୁମେ ମୋଠାରେ ହିଁ ମନ ଓ ବୁଦ୍ଧିକୁ ଲଗାଅ । ଏହା ପରେ ତୁମେ ମୋଠାରେ ହିଁ ନିବାସ କରିବ । ଏଥିରେ ତିଳେମାତ୍ର ସଂଶୟ ନାହିଁ । ମନ ଓ ବୁଦ୍ଧି ମଧ୍ୟ ଯଦି ନଲଗାଇ ପାରିବ, ତେବେ (ଅର୍ଜୁନ ପୂର୍ବରୁ କହିଥିଲେ ଯେ, ମନକୁ ଅବରୋଧ କରିବା ମୁଁ ବାୟୁ ସଦୃଶ ଦୁଷ୍କର ମନେ କରେ) ଏହା ଉପରେ ଯୋଗେଶ୍ୱର କହୁଛନ୍ତି –

**ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।**
**ଅଭ୍ୟାସ ଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ॥୯॥**

ଯଦି ତୁମେ ମନକୁ ମୋଠାରେ ଅଚଳ ସ୍ଥାପିତ କରିବାରେ ଅସମର୍ଥ, ତେବେ ହେ ଅର୍ଜୁନ ! ଯୋଗାଭ୍ୟାସ ଦ୍ୱାରା ମୋତେ ପ୍ରାପ୍ତ କରିବା ଇଛା ରଖ । ଯେଉଁ ଆଡ଼କୁ ମଧ୍ୟ ଚିତ୍ତ ଯାଉଛି, ସେହିଠାରୁ ବଳପୂର୍ବକ ଫେରାଇ ଆଣି ତାହାକୁ ଆରାଧନା ଚିନ୍ତନ କ୍ରିୟାରେ ଲଗାଇବା ନାମ ହିଁ ଅଭ୍ୟାସ ଅଟେ । ଯଦି ଏପରି ମଧ୍ୟ ନକରି ପାରିବ ତେବେ–

**ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ ।**
**ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି ॥୧୦॥**

ଯଦି ତୁମେ ଅଭ୍ୟାସରେ ମଧ୍ୟ ଅସମର୍ଥ, ତେବେ କେବଳ ମୋର ନିମନ୍ତେ କର୍ମକର ଅର୍ଥାତ୍ ଆରାଧନା କରିବାରେ ତତ୍ପର ହୋଇଯାଅ ଏହିପରି ମୋର ପ୍ରାପ୍ତି ନିମନ୍ତେ କର୍ମ କରି ମଧ୍ୟ ତୁମେ ମୋର ପ୍ରାପ୍ତିରୂପୀ ସିଦ୍ଧିକୁ ହିଁ ପ୍ରାପ୍ତ ହେବ । ଅର୍ଥାତ୍ ତୁମର ଅଭ୍ୟାସ ଯଦି ହୋଇ ପାରୁନାହିଁ ତେବେ କେବଳ ସାଧନ ପଥରେ ହିଁ ଲାଗି ରହିଥାଅ ।

**ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍‌ଯୋଗମାଶ୍ରିତଃ**
**ସର୍ବକର୍ମଫଲ ତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ।।୧୧।।**

ଯଦି ଏହାକୁ କରିବାରେ ମଧ୍ୟ ଅସମର୍ଥ, ତେବେ ସମ୍ପୂର୍ଣ୍ଣ କର୍ମ ଫଳକୁ ତ୍ୟାଗ କରି ଅର୍ଥାତ୍ ଲାଭ ହାନିର ଚିନ୍ତାକୁ ତ୍ୟାଗ କରି ‘ମଦ୍ୟୋଗ’ ଆଶ୍ରିତ ହୋଇ ଅର୍ଥାତ୍ ସମର୍ପଣ ସହିତ ଆତ୍ମବାନ୍ ମହାପୁରୁଷଙ୍କ ଶରଣରେ ଯାଅ । ଯାହାଦ୍ୱାରା ପ୍ରେରିତ ହୋଇ କର୍ମ ସ୍ୱତଃ ହେବାରେ ଲାଗିବ, ସମର୍ପଣ ସହିତ କର୍ମ ଫଳ ତ୍ୟାଗର ମହତ୍ୱକୁ ବୁଝାଇ, ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି –

**ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ ଜ୍ଞାନାଦ୍‌ଧ୍ୟାନଂ ବିଶିଷ୍ୟତେ ।**
**ଧ୍ୟାନାତ୍ କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ।।୧୨।।**

କେବଳ ଚିତ୍ତକୁ ଅବରୋଧ କରିବାର ଅଭ୍ୟାସ ଦ୍ୱାରା, ଜ୍ଞାନ ମାର୍ଗ ଦ୍ୱାରା କର୍ମରେ ପ୍ରବୃତ୍ତ ହେବା ଶ୍ରେଷ୍ଠ ଅଟେ । ଜ୍ଞାନ ମାର୍ଗରେ କର୍ମକୁ କାର୍ଯ୍ୟ ରୂପ ଦେବା ଅପେକ୍ଷା ଧ୍ୟାନ ଶ୍ରେଷ୍ଠ ଅଟେ । କାରଣ ଧ୍ୟାନରେ ଇଷ୍ଟ ତ ନିଶ୍ଚିତ ରୂପେ ରହିଥାନ୍ତି । ଧ୍ୟାନଠାରୁ ମଧ୍ୟ ସମ୍ପୂର୍ଣ୍ଣ କର୍ମଫଳ ତ୍ୟାଗ ଶ୍ରେଷ୍ଠ ଅଟେ । କାରଣ ଇଷ୍ଟଙ୍କ ପ୍ରତି ସମର୍ପଣ ସହିତ ହିଁ ଯୋଗରେ ଦୃଷ୍ଟିକୁ ରଖି କର୍ମ ଫଳକୁ ତ୍ୟାଗକଲେ, ତାହାଙ୍କ ଯୋଗକ୍ଷେମର ଦାୟିତ୍ୱ ଇଷ୍ଟଙ୍କ ଉପରେ ହିଁ ରହିଥାଏ । ତେଣୁକରି ତ୍ୟାଗ ଦ୍ୱାରା ସେ ତତ୍କାଳ ହିଁ ପରମ ଶାନ୍ତିକୁ ପ୍ରାପ୍ତ ହୋଇ ଯାଇଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗେଶ୍ୱର କହୁଛନ୍ତି ଯେ, ଅବ୍ୟକ୍ତଙ୍କ ଉପାସନା କରିବା ବ୍ୟକ୍ତି ଜ୍ଞାନମାର୍ଗ ଠାରୁ ସମର୍ପଣ ସହିତ କର୍ମ କରିବା ନିଷ୍କାମ କର୍ମ ଯୋଗୀ ଶ୍ରେଷ୍ଠ ଅଟେ । ଉଭୟେ ଗୋଟିଏ ହିଁ କର୍ମକୁ କରିଥାନ୍ତି । କିନ୍ତୁ ଜ୍ଞାନମାର୍ଗୀଙ୍କ ପଥରେ ବ୍ୟବଧାନ ଅଧିକ ରହିଥାଏ । ତାହାଙ୍କ ହାନୀ–ଲାଭର ଦାୟୀତ୍ୱ ନିଜ ଉପରେ ରହିଥାଏ, ଯେତେବେଳେ କି ସମର୍ପିତ ଭକ୍ତଙ୍କ ଦାୟିତ୍ୱ ମହାପୁରୁଷଙ୍କ ଉପରେ ରହିଥାଏ । ତେଣୁ ସେ କର୍ମଫଳ ତ୍ୟାଗ ଦ୍ୱାରା ଅତିଶିଘ୍ର ଶାନ୍ତି ପ୍ରାପ୍ତ କରିଥାଏ । ବର୍ତ୍ତମାନ ଶାନ୍ତି ପ୍ରାପ୍ତ ପୁରୁଷଙ୍କ ଲକ୍ଷଣକୁ ବର୍ଣ୍ଣନା କରୁଛନ୍ତି–

**ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।**
**ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ ।।୧୩।।**

ଏହିପରି ଶାନ୍ତିକୁ ପ୍ରାପ୍ତ ହୋଇଥିବା ପୁରୁଷ, ସମ୍ପୂର୍ଣ୍ଣ ଭୂତରେ ଦ୍ୱେଷ ଭାବ ରହିତ, ସମସ୍ତଙ୍କ ପ୍ରେମୀ ଏବଂ ହେତୁ ରହିତ ଦୟାଳୁ ଅଟନ୍ତି ତଥା ଯିଏ ମମତା ରହିତ, ଅହଂକାର ରହିତ, ସୁଖ ଦୁଃଖର ପ୍ରାପ୍ତିରେ ସମତା ତଥା କ୍ଷମାବାନ୍ ଅଟନ୍ତା

**ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ ।**
**ମୟ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ।।୧୪।।**

ଯିଏ ନିରନ୍ତର ଯୋଗର ପରକାଷ୍ଠାରେ ସଂଯୁକ୍ତ, ଲାଭହାନୀରେ ସନ୍ତୁଷ୍ଟ, ମନ ତଥା ଇନ୍ଦ୍ରିୟସହିତ ଶରୀରକୁ ବଶବର୍ତ୍ତୀ କରିପାରିଛି, ଯେ ଦୃଢ ନିଶ୍ଚୟଯୁକ୍ତ ପୁରୁଷ ଅଟେ, ସେ ମୋଠାରେ ଅର୍ପିତ ମନବୁଦ୍ଧି ଯୁକ୍ତ ମୋର ଭକ୍ତ ମୋତେ ପ୍ରିୟ ଅଟେ ।

**ଯସ୍ମାନ୍ନୋଦ୍ୱିଜତେ ଲୋକୋ ଲୋକାନ୍ନୋଦ୍ୱିଜତେ ଚ ଯଃ ।**
**ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ।।୧୫।।**

ଯାହାଦ୍ୱାରା କୌଣସି ଜୀବ ଉଦ୍‌ବେଗ ପ୍ରାପ୍ତ ହୋଇନଥାଏ ଏବଂ ଯିଏ ସ୍ୱୟଂ ମଧ୍ୟ କୌଣସି ଜୀବ ଦ୍ୱାରା ଉଦ୍‌ବିଗ୍ନ ହେଉନଥାଏ, ହର୍ଷ, ସନ୍ତାପ, ଭୟ ଏବଂ ସମ୍ପୂର୍ଣ୍ଣ ବିକ୍ଷୋଭରୁ ମୁକ୍ତ ସେହି ଭକ୍ତ ମୋତେ ପ୍ରିୟ ଅଟେ ।

ସାଧକଙ୍କ ନିମନ୍ତେ ଏହି ଶ୍ଳୋକ ଅତ୍ୟନ୍ତ ଉପଯୋଗୀ ଅଟେ । ସେମାନଙ୍କୁ ଏହି ଢଙ୍ଗରେ ରହିବା ଉଚିତ ଯେ ତାହାଙ୍କ ଦ୍ୱାରା କାହାର ମନକୁ ମଧ୍ୟ ବାଧାପ୍ରାପ୍ତ ନ ହେବ । ଏତିକି ତ ସାଧକ କରିପାରିବ, କିନ୍ତୁ ଅନ୍ୟମାନେ ଏହି ଆଚରଣରେ ପ୍ରବୃତ୍ତ ହେବେ ନାହିଁ । ସେମାନେ ତ ସଂସାରୀ ହିଁ ଅଟନ୍ତି । ସେମାନେ ତୁରନ୍ତ କ୍ରୋଧିତ ହୋଇଯିବେ, କିଛି ନା କିଛି ବିପରିତ ବଚନ କହିବେ, କିନ୍ତୁ ପଥିକକୁ ମନେ ରଖିବାକୁ ହେବ ଯେ, ନିଜ ହୃଦୟରେ ସେମାନଙ୍କ ଦ୍ୱାରା ପ୍ରାପ୍ତ ଆଘାତ ଦ୍ୱାରା ମଧ୍ୟ ବିବ୍ରତ ହେବେ ନାହିଁ । ଚିନ୍ତନରେ ସୁରତ ଲାଗି ରହିଥାଉ, ଯେପରି କ୍ରମ ନ ତୁଟିଯିବ । ଉଦାହରଣ ସ୍ୱରୂପ ଆପଣ ସ୍ୱୟଂ ରାସ୍ତାରେ ନିୟମାନୁସାରେ ବାଏଁ ପଟେ ଚାଲୁଛନ୍ତି । ସାମନାରୁ କେହି ମଦିରା ପାନ କରି ଯଦି ଚାଲି ଆସୁଛି, ତେବେ ତାହାଠାରୁ ରକ୍ଷା ପାଇବା ମଧ୍ୟ ଆପଣଙ୍କର ହିଁ ଦାୟୀତ୍ୱ ।

**ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।**
**ସର୍ବାରମ୍ଭପରିତ୍ୟାଗୀ ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ ।।୧୬।।**

ଯେଉଁ ପୁରୁଷ, ଆକାଂକ୍ଷା ରହିତ, ସର୍ବଥା ପବିତ୍ର, ଦକ୍ଷ ଅର୍ଥାତ୍ ଆରାଧନାର ବିଶେଷଜ୍ଞ (ଏପରି ନୁହଁ ଯେ, ଚୋରି କରିବାରେ ଦକ୍ଷ । ଶ୍ରୀକୃଷ୍ଣଙ୍କ ଅନୁସାରେ କର୍ମ ଗୋଟିଏ ହିଁ ଅଟେ ତାହା ହେଉଛି ନିୟତ କର୍ମ । ଆରାଧନା, ଚିନ୍ତନରେ ଯିଏ ଦକ୍ଷ ହୋଇଥାଏ) ଯିଏ ପକ୍ଷ-ବିପକ୍ଷରୁ ଊର୍ଦ୍ଧ୍ୱରେ, ଦୁଃଖରୁ ମୁକ୍ତ, ସମସ୍ତ ପ୍ରାରମ୍ଭର ତ୍ୟାଗୀ ମୋର ସେହି ଭକ୍ତ ହିଁ ମୋତେ ପ୍ରିୟ ଅଟେ । କରିବା ଯୋଗ୍ୟ କୌଣସି କ୍ରିୟା ତାହା ଦ୍ୱାରା ପ୍ରାରମ୍ଭ ହେବା ନିମନ୍ତେ ଶେଷ ରହିନଥାଏ ।

**ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଙ୍‌କ୍ଷତି**
**ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ॥୧୭॥**

ଯିଏ ନା କେବେ ହର୍ଷିତ ହୋଇଥାଏ, ନା ଦ୍ୱେଷ କରିଥାଏ, ନା ଶୋକ କରିଥାଏ, ନା କାମନା ହିଁ କରିଥାଏ, ଯିଏ ଶୁଭ ଏବଂ ଅଶୁଭ ସମ୍ପୂର୍ଣ୍ଣ କର୍ମ ଫଳ ତ୍ୟାଗୀ, ଯେଉଁଠାରେ କୌଣସି ଶୁଭ ଅଲଗା ନାହିଁ । ଅଶୁଭ ଶେଷ ରହିନଥାଏ । ଭକ୍ତିର ଏହି ପରାକାଷ୍ଠାରେ ସ୍ଥିତ ସେହି ପୁରୁଷ ମୋତେ ପ୍ରିୟ ଅଟେ ।

**ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ॥୧୮॥**

ଯେଉଁ ପୁରୁଷ ଶତ୍ରୁ ଏବଂ ମିତ୍ରଙ୍କଠାରେ ତଥା ମାନ ଓ ଅପମାନରେ ସମାନ ରହିଥାଏ, ଯାହାର ଅନ୍ତଃକରଣର ବୃତ୍ତି ସର୍ବଥା ଶାନ୍ତ, ଯିଏକି ଥଣ୍ଡା, ଗରମ, ସୁଖ ଏବଂ ଦୁଃଖାଦି ଦ୍ୱନ୍ଦ୍ୱରେ ସମାନ ରହିଥାଏ ଏବଂ ଆସକ୍ତି ରହିତ ତଥା–

**ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସଂନ୍ତୁଷ୍ଟୋ ୟେନ କେନଚିତ୍ ।**
**ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ ମେ ପ୍ରିୟୋ ନରଃ ॥୧୯॥**

ଯିଏ ନିନ୍ଦା ତଥା ସ୍ତୁତିକୁ ସମାନ ମନେ କରୁଥାଏ, ମନନଶୀଳତାର ଚରମ ସୀମାରେ ପହଞ୍ଚି ଯାହାର ମନ ସହିତ ଇନ୍ଦ୍ରିୟ ଶାନ୍ତ ହୋଇଯାଇଛି, ଯେ କୌଣସି ପ୍ରକାର ଶରୀର ନିର୍ବାହ କରିବାରେ ଯିଏ ସଦୈବ ସନ୍ତୁଷ୍ଟ, ଯିଏ ନିଜର ନିବାସ ସ୍ଥାନରେ ମଧ୍ୟ ମମତା ରହିତ ରହିଥାଏ । ଭକ୍ତିର ପରାକାଷ୍ଠାରେ ପହଞ୍ଚିଥିବା ସେହି ସ୍ଥିର ବୁଦ୍ଧିଯୁକ୍ତ ପୁରୁଷ ମୋତେ ପ୍ରିୟ ଅଟେ ।

**ୟେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ୟ୍ୟୁପାସତେ ।**
**ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ॥୨୦॥**

ଯିଏ ମୋର ପରାୟଣ ହୋଇ ହାର୍ଦ୍ଦିକ ଶ୍ରଦ୍ଧାଯୁକ୍ତ ପୁରୁଷ ଏହି ଉପରୋକ୍ତ ଧର୍ମମୟ ଅମୃତକୁ ଭଲରୂପ ସେବନ କରିଥାନ୍ତି, ଏପରି ଭକ୍ତ ମୋତେ ଅତିଶୟ ପ୍ରିୟ ଅଟେ ।

## –ନିଷ୍କର୍ଷ–

ଗତ ଅଧ୍ୟାୟର ଶେଷରେ ଶ୍ରୀକୃଷ୍ଣ କହିଥିଲେ, ହେ ଅର୍ଜୁନ ! ତୁମ ବ୍ୟତୀତ ନା କେହି ପାଇଛନ୍ତି, ନା କିଏ ଭବିଷ୍ୟତରେ ମଧ୍ୟ ପାଇପାରିବେ, ଯେପରି ତୁମେ ଦେଖିଲ । କିନ୍ତୁ ଅନନ୍ୟ ଭକ୍ତି ଅଥବା ଅନୁରାଗରେ ଯିଏ ଭଜନ କରିଥାଏ, ସେ ଏହିପରି ଭାବରେ ମୋର ଦର୍ଶନ କରିପାରିବ, ତତ୍ତ୍ୱ ସହିତ ମୋତେ ଜାଣି ପାରିବ ଏବଂ ମୋ ଭିତରେ ପ୍ରବେଶ ମଧ୍ୟ ପାଇପାରିବ । ଅର୍ଥାତ୍ ପରମାତ୍ମା ଏପରି ସତ୍ତା ଅଟନ୍ତି, ଯାହାଙ୍କୁ ପ୍ରାପ୍ତ କରାଯାଇପାରିବ । ଅତଃ ହେ ଅର୍ଜୁନ ! ତୁମେ ଭକ୍ତ ହୁଅ ।

ଅର୍ଜୁନ ଏହି ଅଧ୍ୟାୟରେ ପ୍ରଶ୍ନକଲେ– ଅନନ୍ୟ ଭାବରେ ଯିଏ ଆପଣଙ୍କର ଚିନ୍ତନ କରିଥାଏ ଏବଂ ଅନ୍ୟମାନେ ଯିଏ ଅକ୍ଷର, ଅବ୍ୟକ୍ତଙ୍କ ଉପାସନା କରିଥାନ୍ତି, ଏହି ଦୁହିଁଙ୍କ ମଧ୍ୟରେ ଉତ୍ତମ ଯୋଗବେତ୍ତା କିଏ ? ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ– ଦୁହେଁ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି କାରଣ ମୁଁ ଅବ୍ୟକ୍ତ ସ୍ୱରୂପ ଅଟେ । କିନ୍ତୁ ଯିଏ ଇନ୍ଦ୍ରିୟମାନଙ୍କୁ ବଶରେ ରଖି ମନକୁ ଚତୁର୍ଦ୍ଦିଗରୁ ସାଉଁଟିକରି ଅବ୍ୟକ୍ତ ପରମାତ୍ମାଙ୍କ ଠାରେ ଆସକ୍ତ ରହିଥାନ୍ତି, ତାହାଙ୍କ ପଥରେ ବିଶେଷ କ୍ଲେଶ ରହିଥାଏ । ଯେଉଁ ପର୍ଯ୍ୟନ୍ତ ଦେହାଧ୍ୟାସ ରହିଛି, ସେ ପର୍ଯ୍ୟନ୍ତ ଅବ୍ୟକ୍ତ ସ୍ୱରୂପର ପ୍ରାପ୍ତି ଦୁଃଖ ପୂର୍ଣ୍ଣ ହୋଇଥାଏ । କାରଣ ଅବ୍ୟକ୍ତ ସ୍ୱରୂପ ତ ଚିତ୍ତର ନିରୋଧ ଏବଂ ବିଲୟ କାଳରେ ହିଁ ପ୍ରାପ୍ତ ହେବ । ଏହା ପୂର୍ବରୁ ତାର ଶରୀର ହିଁ ମଧ୍ୟାବସ୍ଥାରେ ବାଧକ ହୋଇଯାଇଥାଏ । 'ମୁଁ', 'ମୁଁ' ମୋତେ ପ୍ରାପ୍ତ କରିବାକୁ ବାକି ଅଛି, ଏପରି କହୁ କହୁ ନିଜର ଶରୀରର ଚିନ୍ତାରେ ହିଁ ଲାଗି ରହିଥାଏ । ସେମାନେ ବିଚଳିତ ହେବାରେ ଅଧିକ ସମ୍ଭାବନା ରହିଥାଏ । ଅତଃ ହେ ଅର୍ଜୁନ ! ତୁମେ ସମ୍ପୂର୍ଣ୍ଣ କର୍ମ ମୋ ଠାରେ ସମର୍ପଣ କରି ଅନନ୍ୟ ଭକ୍ତିପୂର୍ବକ ମୋର ଚିନ୍ତନ କର । ମୋର ପରାୟଣ ହୋଇଥିବା ଭକ୍ତମାନେ ସମ୍ପୂର୍ଣ୍ଣ କର୍ମକୁ ମୋ ଠାରେ ଅର୍ପଣକରି ମାନବ ଶରୀରଧାରୀ ମୋତେ ସଗୁଣ ଯୋଗୀ ରୂପର ଧ୍ୟାନ ଦ୍ୱାରା ତୈଳ ଧାରାବତ୍ ନିରନ୍ତର ଚିନ୍ତନ କରିଥାନ୍ତି, ତାହାଙ୍କୁ ମୁଁ ଶିଘ୍ର ହିଁ ସଂସାର–ସାଗରରୁ ଉଦ୍ଧାର କରିଥାଏ । ଅତଃ ଭକ୍ତିମାର୍ଗ ଶ୍ରେଷ୍ଠ ଅଟେ ।

ହେ ଅର୍ଜୁନ ! ମୋଠାରେ ମନକୁ ଲଗାଅ । ଯଦିଓ ମ ନ ଲାଗିବ ତେବେ ମଧ୍ୟ ମନକୁ ଲଗାଇବା ଅଭ୍ୟାସ କର । ଯେଉଁ ଆଡ଼କୁ ଚିତ୍ତ ଯାଉଛି, ସେଠାରୁ ପୁନଃ ଫେରାଇ ଆଣି ନିରୋଧ କର । ଯଦି ଏହା ମଧ୍ୟ କରିବାରେ ଅସମର୍ଥ ତେବେ ତୁମେ କର୍ମକର । କର୍ମ ଗୋଟିଏ ହିଁ ଅଟେ, ଯଜ୍ଞାର୍ଥ କର୍ମ । ତୁମେ

କାର୍ଯ୍ୟଂ କର୍ମ କେବଳ କରି ଚାଲ, ଅନ୍ୟ ଆଡ଼କୁ ମନ ଲଗାଅ ନାହିଁ । ସେତିକି ହିଁ କର, ପାରଲାଗୁ କିମ୍ବା ନ ଲାଗୁ । ଯଦି ଏହା ମଧ୍ୟ କରିବାରେ ଅସମର୍ଥ ତେବେ ସ୍ଥିତପ୍ରଜ୍ଞ, ଆତ୍ମବାନ୍, ତତ୍ତ୍ୱଜ୍ଞ ମହାପୁରୁଷଙ୍କ ଶରଣ ହୋଇ, ସମ୍ପୂର୍ଣ୍ଣ କର୍ମ ଫଳକୁ ତ୍ୟାଗ କର । ଏପରି ତ୍ୟାଗ କରିବା ଦ୍ୱାରା ତୁମେ ପରମ ଶାନ୍ତିକୁ ପ୍ରାପ୍ତ ହୋଇ ଯିବ ।

ତତ୍‌ପଶ୍ଚାତ୍ ପରମ ଶାନ୍ତିକୁ ପ୍ରାପ୍ତ ହୋଇଥିବା ଭକ୍ତଙ୍କ ଲକ୍ଷଣକୁ କହିବାକୁ ଯାଇ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି ଯେ ଯିଏ ସମ୍ପୂର୍ଣ୍ଣଭୂତଙ୍କ ଠାରେ ଦ୍ୱେଷ ଭାବରୁ ରହିତ, ଯିଏ କରୁଣାଯୁକ୍ତ, ଦୟାଳୁ, ମମତା ଏବଂ ଅହଂକାର ରହିତ, ସେହି ଭକ୍ତ ମୋତେ ପ୍ରିୟ ଅଟେ । ଯିଏ ଧ୍ୟାନ ଯୋଗରେ ନିରନ୍ତର ତତ୍ପର ଏବଂ ଆତ୍ମବାନ୍ , ଆତ୍ମସ୍ଥିତ ସେହି ଭକ୍ତ ମୋତେ ପ୍ରିୟ ଅଟେ । ଯାହା ଦ୍ୱାରା ନା କାହାକୁ ଉଦ୍‌ବେଗ ପ୍ରାପ୍ତ ହୋଇଥାଏ, ନା ସ୍ୱୟଂ କାହାଦ୍ୱାରା ଉଦ୍‌ବେଗ ପ୍ରାପ୍ତ ହୋଇଥାଏ । ଏହିପରି ଭକ୍ତ ମୋତେ ପ୍ରୟ ଅଟେ । ଯିଏ ଶୁଦ୍ଧ ଏବଂ ଦକ୍ଷ, ବ୍ୟଥାମାନଙ୍କରୁ ଉପରାମ ହୋଇଥାଏ, ସର୍ବ ଆରମ୍ଭର ତ୍ୟାଗ କରି ଯିଏ ପାର ପାଇଯାଇଛି, ଏପରି ଭକ୍ତ ମୋତେ ପ୍ରିୟ ଅଟେ । ସମ୍ପୂର୍ଣ୍ଣ କାମନାର ତ୍ୟାଗୀ ଏବଂ ଶୁଭାଶୁଭରୁ ପାର ପାଇଥିବା ଭକ୍ତ ମୋତେ ପ୍ରିୟ ଅଟେ । ଯିଏ ନିନ୍ଦା ସ୍ତୁତିରେ ସମାନ ଏବଂ ମୌନ ରହିଥାଏ, ମନ ସହିତ ଯାହାର ଇନ୍ଦ୍ରିୟ ଶାନ୍ତ ଓ ମୌନ ରହିଥାଏ, ଯେ କୌଣସି ପ୍ରକାରେ ମଧ୍ୟ ଶରୀର ନିର୍ବାହରେ ସନ୍ତୁଷ୍ଟ ଏବଂ ରହିବା ସ୍ଥାନରେ ମମତା ରହିତ ହୋଇ ରହିଥାଏ, ଶରୀର ରକ୍ଷା ନିମନ୍ତେ ମଧ୍ୟ କାହାପ୍ରତି ଆସକ୍ତି ନଥାଏ । ଏପରି ସ୍ଥିତ ପ୍ରଜ୍ଞ ଭକ୍ତିବାନ ପୁରୁଷ ମୋତେ ପ୍ରିୟ ଅଟେ ।

ଏହିପରି ଏକାଦଶ ଶ୍ଳୋକରୁ ଊନବିଂଶ ଶ୍ଳୋକ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ ଶାନ୍ତି ପ୍ରାପ୍ତ, ଯୋଗଯୁକ୍ତ ଭକ୍ତଙ୍କ ରହଣୀ ଉପରେ ପ୍ରକାଶ କଲେ । ଯାହା ସାଧକଙ୍କ ନିମନ୍ତେ ଉପାଦେୟ । ପରିଶେଷରେ ନିର୍ଣ୍ଣୟ ଦେଇ ସେ କହିଲେ– ହେ ଅର୍ଜୁନ ! ଯିଏ ମୋର ପରାୟଣ ହୋଇ ଅନନ୍ୟ ଶ୍ରଦ୍ଧାଯୁକ୍ତ ପୁରୁଷ, ଏହି ଉପରୋକ୍ତ କହିଥିବା ଧର୍ମମୟ ଅମୃତକୁ ନିଷ୍କାମ ଭାବରେ ଉତ୍ତମ ରୂପେ ଆଚରଣ ରେ ଢାଳିଥାଏ । ସେହି ଭକ୍ତ ମୋତେ ଅତିଶୟ ପ୍ରିୟ ଅଟେ । ଅତଃ ସମର୍ପଣ ସହିତ ଏହି କର୍ମରେ ପ୍ରବୃତ୍ତ ହେବା ଶ୍ରେୟତର ଅଟେ । ତାହାଙ୍କ ହାନିଲାଭର ଦାୟିତ୍ୱ ସେହି ଇଷ୍ଟ ଅର୍ଥାତ୍ ସଦ୍‌ଗୁରୁ ନିଜେ ବହନ କରିଥାନ୍ତି । ଏଠାରେ ଶ୍ରୀକୃଷ୍ଣ ସ୍ୱରୂପସ୍ଥ ମହାପୁରୁଷଙ୍କ ଲକ୍ଷଣ କହିଲେ ଏବଂ ତାହାଙ୍କ ଶରଣରେ ଯିବାକୁ କହିଲେ ଏବଂ ପରିଶେଷରେ ନିଜ ଶରଣରେ ଆସିବା ପାଇଁ ପ୍ରେରଣା ଦେଇ ସେହି ମହାପୁରୁଷଙ୍କ

ସମକକ୍ଷ ନିଜକୁ ମଧ୍ୟ ଘୋଷିତ କଲେ । ଶ୍ରୀକୃଷ୍ଣ ଜଣେ ଯୋଗୀଥିଲେ । ତତ୍ତ୍ୱଦର୍ଶୀ ମହାତ୍ମା ଥିଲେ । ଏହି ଅଧ୍ୟାୟରେ ଭକ୍ତିକୁ ଶ୍ରେଷ୍ଠତା ଦିଆଗଲା । ଅତଃ ଏହି ଅଧ୍ୟାୟର ନାମକରଣ ଭକ୍ତି ଯୋଗ ଯୁକ୍ତି ସଙ୍ଗତ ଅଟେ । ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଭକ୍ତି ଯୋଗୋ' ନାମ ଦ୍ୱାଦଶୋଽଧ୍ୟାୟଃ ॥୧୨॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବତ୍ ଗୀତା ରୂପୀ ଉପନିଷଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଭକ୍ତି ଯୋଗୋ' ନାମକ ଦ୍ୱାଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ଭକ୍ତି ଯୋଗୋ' ନାମ ଦ୍ୱାଦଶୋଽଧ୍ୟାୟଃ ॥୧୨॥**

**ହରି ଓଁ ତତ୍‌ସତ୍ ॥**

ॐ

## ଶ୍ରୀ ପରମାତ୍ମନେ ନମଃ

# ଅଥ ତ୍ରୟୋଦଶୋऽଧ୍ୟାୟଃ

ଗୀତାର ପ୍ରାରମ୍ଭରେ ହିଁ ଧୃତରାଷ୍ଟ୍ରଙ୍କ ପ୍ରଶ୍ନ ଥିଲା- ହେ ସଞ୍ଜୟ ! ଧର୍ମକ୍ଷେତ୍ର ତଥା କୁରୁକ୍ଷେତ୍ରରେ ଯୁଦ୍ଧର ଇଚ୍ଛା ରଖି ଏକତ୍ରିତ ହୋଇଥିବା ମୋର ଏବଂ ପାଣ୍ଡୁ ପୁତ୍ରମାନେ କ'ଣ କଲେ ? ବର୍ତ୍ତମାନ ପର୍ଯ୍ୟନ୍ତ ଏହା କହିଲେ ନାହିଁ ଯେ ସେହି କ୍ଷେତ୍ର କେଉଁଠି ରହିଛି ? କିନ୍ତୁ ଯେଉଁ ମହାପୁରୁଷ, ଯେଉଁ କ୍ଷେତ୍ରରେ ଯୁଦ୍ଧକୁ ହୋଇଥିବା କହିଲେ, ସ୍ୱୟଂ ହିଁ ସେହି କ୍ଷେତ୍ର ବିଷୟରେ ପ୍ରସ୍ତୁତ ଅଧ୍ୟାୟରେ ନିର୍ଣ୍ଣୟ ଦେଉଛନ୍ତି ଯେ, ସେହିକ୍ଷେତ୍ର ବସ୍ତୁତଃ କେଉଁଠି ?

**ଶ୍ରୀ ଭଗବାନୁବାଚ**

**ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ ।**
**ଏତଦ୍ୟୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ୱିଦଃ ।।୧।।**

ହେ କୌନ୍ତେୟ ! ଏହି ଶରୀର ହିଁ ଗୋଟିଏ କ୍ଷେତ୍ର ଏବଂ ଏହାକୁ ଯିଏ ଭଲ ଭାବରେ ଜାଣିଥାଏ, ସେ ହିଁ ଯତ୍ରଜ୍ଞ ଅଟେ । ସେ ସେଥିରେ ଲିପ୍ତ ହୋଇନଥାଏ ବରଂ ତାହାର ସଞ୍ଚାଳକ ଅଟେ । ଏପରି ସେହି ତତ୍ତ୍ୱକୁ ବିଦିତ କରିଥିବା ମହା ପୁରୁଷମାନେ କହିଛନ୍ତି ।

ଶରୀର ତ ଗୋଟିଏ ହିଁ ଅଟେ । ଏଥିରେ ଧର୍ମ କ୍ଷେତ୍ର ଏବଂ କୁରୁକ୍ଷେତ୍ର, ଦୁଇଟି କ୍ଷେତ୍ର କିପରି ? ବସ୍ତୁତଃ ଏହି ଶରୀର ଅନ୍ତରାଳରେ ଅନ୍ତଃକରଣର ଦୁଇଟି ପ୍ରବୃତ୍ତି ପୁରାତନ ଅଟେ । ଗୋଟିଏ ପରମ ଧର୍ମ ପାରମାତ୍ମାଙ୍କ ଠାରେ ପ୍ରବେଶ କରାଉଥିବା ପଣ୍ୟମୟୀ ପ୍ରବୃତ୍ତି ଦୈବୀ ସମ୍ପଦ ଏବଂ ଅନ୍ୟଟି ହେଉଛି ଆସୁରୀ ସମ୍ପଦ, ଦୁଷିତ ଦୃଷ୍ଟିକୋଣ ଦ୍ୱାରା ଯାହାର ଗଠନ ହୋଇଥାଏ, ଯିଏକି ନଶ୍ୱର ସଂସାରରେ ବିଶ୍ୱାସ ଦେଉଥାଏ । ଯେବେ ଆସୁରୀ ସମ୍ପଦର ବାହୁଲ୍ୟ ହୋଇଥାଏ, ତେବେ ଏହି ଶରୀର ହିଁ କୁରୁକ୍ଷେତ୍ର ହୋଇଯାଏ ଏବଂ ଏହି ଶରୀରର ଅନ୍ତରାଳରେ ଯେତେବେଳେ ଦୈବୀ ସମ୍ପଦର ବାହୁଲ୍ୟ ହୁଏ, ତେବେ ଏହି ଶରୀରକୁ ଧର୍ମକ୍ଷେତ୍ର କୁହାଯାଏ । ଏହି ହ୍ରାସ-ବୃଦ୍ଧି ନିରନ୍ତର ଲାଗି ରହିଥାଏ । କିନ୍ତୁ ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ସାନ୍ନିଧ୍ୟରେ, ଯେତେବେଳେ କୌଣସି ପୁରୁଷ ଅନନ୍ୟ ଭକ୍ତି ଦ୍ୱାରା ପ୍ରବୃତ୍ତ ହୋଇଥାଏ, ତେବେ ଉଭୟ ପ୍ରବୃତ୍ତିରେ ନିର୍ଣ୍ଣାୟକ ଯୁଦ୍ଧର ସୂତ୍ରପାତ ହୋଇଥାଏ । କ୍ରମଶଃ

ଦୈବୀ ସମ୍ପଦର ଉତ୍‌ଥାନ ଏବଂ ଆସୁରୀ ସମ୍ପଦର ଶମନ ହୋଇଥାଏ । ଆସୁରୀ ସମ୍ପଦର ସର୍ବଥା ଶମନ ହେବା ପରେ ପରମାତ୍ମାଙ୍କ ଦିଗ୍‌ଦର୍ଶନର ଅବସ୍ଥା ଆସିଯାଇଥାଏ । ଅତଃ ସେ ମଧ୍ୟ ପରମାତ୍ମାଙ୍କ ଠାରେ ସ୍ୱତଃ ବିଲୟ ହୋଇଥାଏ । ଭଜନ କରୁଥିବା ପୁରୁଷ ପରମାତ୍ମାରେ ପ୍ରବେଶ ପାଇଯାଏ । ଏକାଦଶ ଅଧ୍ୟାୟରେ ଅର୍ଜୁନ ଦେଖିଲେ ଯେ କୌରବ ପକ୍ଷର ଅନନ୍ତର ପାଣ୍ଡବ ପକ୍ଷର ଯୋଦ୍ଧା ମଧ୍ୟ ଯୋଗେଶ୍ୱରଙ୍କ ଭିତରେ ବିଲୀନ ହୋଇଯାଉଛନ୍ତି । ଏହି ବିଲୟ ପଶ୍ଚାତ୍ ପୁରୁଷଙ୍କ ଯେଉଁ ସ୍ୱରୂପ ରହିଥାଏ, ତାହା ହିଁ କ୍ଷେତ୍ରଜ୍ଞ ଅଟେ ।

**କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ ।**
**କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ॥୨॥**

ହେ ଅର୍ଜୁନ ! ସମ୍ପୂର୍ଣ୍ଣ କ୍ଷେତ୍ରର କ୍ଷେତ୍ରଜ୍ଞ ମୋତେ ହିଁ ଜାଣ ଅର୍ଥାତ୍ ମୁଁ ମଧ୍ୟ କ୍ଷେତ୍ରଜ୍ଞ ଅଟେ । ଯିଏ ଏହି କ୍ଷେତ୍ରକୁ ଜାଣିଥାଏ, ସେ ହିଁ କ୍ଷେତ୍ରଜ୍ଞ ଅଟେ । ଏପରି ତାହାକୁ ସାକ୍ଷାତ୍ ଜାଣିଥିବା ମହାପୁରୁଷ କହୁଛନ୍ତି ଏବଂ ଶ୍ରୀକୃଷ୍ଣ କହୁଛନ୍ତି– ମୁଁ ମଧ୍ୟ କ୍ଷେତ୍ରଜ୍ଞ ଅଟେ, ଅର୍ଥାତ୍ ଶ୍ରୀକୃଷ୍ଣ ମଧ୍ୟ ଜଣେ ଯୋଗେଶ୍ୱର ଥିଲେ । କ୍ଷତ୍ର ଓ କ୍ଷେତ୍ରଜ୍ଞ ଅର୍ଥାତ୍ ବିକାର ସହିତ ପ୍ରକୃତି ଏବଂ ପୁରୁଷଙ୍କୁ ତତ୍ତ୍ୱ ଦ୍ୱାରା ଜାଣିବା ହିଁ ଜ୍ଞାନ ଅଟେ । ଏପରି ମୋର ମତ ଅଟେ । ଅର୍ଥାତ୍ ସାକ୍ଷାତ୍‌କାର ସହିତ ଏହାର ଅନୁଭୂତିର ନାମ ହିଁ ଜ୍ଞାନ ଅଟେ । କେବଳ ବାଦ ବିବାଦର ନାମ ଜ୍ଞାନ ନୁହଁ ।

**ତତ୍‌କ୍ଷେତ୍ରଂ ଯଚ୍ଚ ଯାଦୃକ୍‌ଚ ଯଦ୍‌ବିକାରି ଯତଶ୍ଚ ଯତ୍ ।**
**ସ ଚ ଯୋଗ ଯତ୍‌ପ୍ରଭାବଶ୍ଚ ତତ୍ ସମାସେନ ମେ ଶୃଣୁ ॥୩॥**

ସେହି କ୍ଷେତ୍ର ଯେପରି ଏବଂ ଯେଉଁ ବିକାର ଯୁକ୍ତ ହୋଇଥାଏ ତଥା ଯେଉଁ କାରଣରୁ ହୋଇଥାଏ, ସେହି କ୍ଷେତ୍ରଜ୍ଞ ମଧ୍ୟ ଯେପରି ପ୍ରଭାବଯୁକ୍ତ, ସେହି ସବୁ ସଂକ୍ଷେପରେ ମୋ ଠାରୁ ଶୁଣ । ଅର୍ଥାତ୍ କ୍ଷେତ୍ର ବିକାରଯୁକ୍ତ ଅଟେ । କେଉଁ କାରଣରୁ ହୋଇଛି ଏବଂ କ୍ଷେତ୍ରଜ୍ଞ କିପରି ପ୍ରଭାବ ଯୁକ୍ତ, ଏହା ମୁଁ ହିଁ କହୁଛି ତାହା ନୁହଁ । ଋଷିମାନେ ମଧ୍ୟ କହୁଛନ୍ତି ।

**ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।**
**ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍‌ଭିର୍ବିନିଶ୍ଚିତୈଃ ॥୪॥**

ଏହି କ୍ଷେତ୍ର ଏବଂ କ୍ଷେତ୍ରଜ୍ଞର ତତ୍ତ୍ୱ ଋଷିମାନଙ୍କ ଦ୍ୱାରା ବହୁତ ପ୍ରକାରରେ ଗାୟନ କରାଯାଇଛି । ନାନା ପ୍ରକାର ବେଦ ମନ୍ତ୍ର ଦ୍ୱାରା ବିଭାଜିତ କରି ମଧ୍ୟ କୁହାଯାଇଛି । ବିଶେଷ ରୂପରେ ନିଶ୍ଚିତ କରାଯାଇଥିବା ଯୁକ୍ତିଯୁକ୍ତ ବ୍ରହ୍ମସୂତ୍ରର ବାକ୍ୟ ଦ୍ୱାରା ମଧ୍ୟ ତାହା ହିଁ କୁହାଯାଇଛି । ଅର୍ଥାତ୍ ବେଦାନ୍ତ, ମହର୍ଷି, ବ୍ରହ୍ମସୂତ୍ର ଏବଂ ମୁଁ

ମଧ୍ୟ ଗୋଟିଏ ହିଁ କଥା କହିବାକୁ ଯାଉଛୁ । ଶ୍ରୀକୃଷ୍ଣ ତାହା କହୁଛନ୍ତି, ଯାହା ଏହି ସମସ୍ତେ କହିଛନ୍ତି । କ'ଣ ଶରୀର ରୂପୀ କ୍ଷେତ୍ର ଏତିକି ହିଁ ଅଟେ, ଯେତିକି ଦେଖା ଯାଉଛି ? ଏହାର ବର୍ଣ୍ଣନା କରି କହୁଛନ୍ତି–

**ମହାଭୂତାନ୍ୟହଂକାରୋ ବୁଦ୍ଧିରବ୍ୟକ୍ତମେବ ଚ ।**
**ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ ।।୫।।**

ହେ ଅର୍ଜୁନ ପଞ୍ଚମହାଭୂତ– କ୍ଷିତି, ଜଳ, ପାବକ, ଗଗନ, ସମୀର ତଥା ଅନ୍ତଃକରଣ ଚତୁଷ୍ଟୟ– ମନ, ବୁଦ୍ଧି, ଚିତ୍ତ ଓ ଅହଂକାର । ଅହଂକାର, ବୁଦ୍ଧି ଏବଂ ଚିତ୍ତ ଅର୍ଥାତ୍ ଏଠାରେ ଚିତ୍ତର ନାମକୁ ନ ନେଇ ତାହାକୁ ଅବ୍ୟକ୍ତ ପରା ପ୍ରକୃତି କୁହାଗଲା । ଅର୍ଥାତ୍ ମୂଳ ପ୍ରକୃତି ଉପରେ କହିଲେ । ଯେଉଁଥିରେ ପରା ପ୍ରକୃତି ମଧ୍ୟ ସମ୍ମିଳିତ ରହିଛି । ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ଅହଂକାର, ବୁଦ୍ଧି ଏବଂ ଚିତ୍ତ ଏହି ଆଠଟିକୁ ଅଷ୍ଟଧା ମୂଳ ପ୍ରକୃତି କୁହାଗଲା ତଥା ଦଶ ଇନ୍ଦ୍ରିୟ– ଶ୍ରୋତ୍ର, ଚକ୍ଷୁ, ନାଶା, ତ୍ୱଚା, ଜିହ୍ୱା, ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ, ଗୋଟିଏ ମନ ଏବଂ ପଞ୍ଚ ଜ୍ଞାନେନ୍ଦ୍ରିୟଙ୍କ ବିଷୟ– ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ତଥା–

**ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତ ଶ୍ଚେତନା ଧୃତିଃ ।**
**ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ।।୬।।**

**ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ ଏବଂ ସମସ୍ତଙ୍କ ସମୂହ ଏହି ସ୍ଥୂଳ ଦେହର** ପିଣ୍ଡ, ଚେତନା ଏବଂ ଧୈର୍ଯ୍ୟ, ଏହିପରି ଏହି କ୍ଷେତ୍ର ବିକାର ସହିତ ସଂକ୍ଷେପରେ କୁହାଗଲା । ସଂକ୍ଷେପରେ ଏହା ହିଁ କ୍ଷେତ୍ରର ସ୍ୱରୂପ ଅଟେ । ଯେଉଁଥିରେ ବୁଣିଥିବା ଭଲ ଓ ମନ୍ଦ ବୀଜ ସଂସ୍କାର ରୂପରେ ଅଙ୍କୁରିତ ହୋଇଥାଏ । ଏହି ଶରୀର ହିଁ କ୍ଷେତ୍ର ଅଟେ । ଏଥିରେ କେଉଁ ବସ୍ତୁର ସ୍ୱାଦ ବର୍ଦ୍ଧକ ଉପାଦାନ ରହିଛି ? ତେବେ ଏହି ପାଞ୍ଚ ତତ୍ତ୍ୱ, ଦଶଇନ୍ଦ୍ରିୟ, ଗୋଟିଏ ମନ ଇତ୍ୟାଦି ଲକ୍ଷଣ ଯେପରି ଉପର ଶ୍ଳୋକରେ ଗଣନା କରାଯାଇଛି । ଏହି ସମସ୍ତଙ୍କ ସାମୁହିକ ସଂଘାତ ହିଁ ପିଣ୍ଡ ଶରୀର ଅଟେ । ଯେଉଁ ପର୍ଯ୍ୟନ୍ତ ଏହି ବିକାର ରହିଥିବେ, ସେ ପର୍ଯ୍ୟନ୍ତ ଏହି ପିଣ୍ଡ ମଧ୍ୟ ବିଦ୍ୟମାନ ରହିବ । ତେଣୁକରି, ଏହି ପିଣ୍ଡ, ବିକାରମାନଙ୍କ ଦ୍ୱାରା ହିଁ ନିର୍ମିତ ହୋଇଛି । ବର୍ତ୍ତମାନ ଏହି କ୍ଷେତ୍ରଜ୍ଞଙ୍କ ସ୍ୱରୂପକୁ ଦେଖିବା, ଯିଏ ଏହି କ୍ଷେତ୍ରରେ ରହି ମଧ୍ୟ ଏଥିରେ ଲିପ୍ତ ହୋଇନଥାନ୍ତି ବରଂ ନିବୃତ୍ତ ହୋଇଥାନ୍ତି ।

**ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।**
**ଆଚାର୍ଯ୍ୟୋପାସନଂ ଶୌଚଂ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ ।।୭।।**

ହେ ଅର୍ଜୁନ ! ମାନ ଅପମାନର ଅଭାବ, ଦମ୍ଭାଚରଣର ଅଭାବ, ଅହିଂସା

ଅର୍ଥାତ୍ ନିଜର ତଥା ଅନ୍ୟ କାହାର ଆତ୍ମାକୁ କଷ୍ଟ ନଦେବା ହିଁ ଅହିଂସା ଅଟେ । ଅହିଂସାର ଅର୍ଥ କେବଳ ଏତିକି ହିଁ ନୁହଁ ଯେ କେବଳ ପିମ୍ପୁଡ଼ିକୁ ହିଁ ନ ମାରିବା, ଶ୍ରୀକୃଷ୍ଣ କହିଲେ ଯେ, ନିଜର ଆତ୍ମାକୁ ଅଧୋଗତିରେ ନ ନିଆନ୍ତୁ । ତାହାକୁ ଅଧୋଗତିରେ ପହଞ୍ଚାଇବା ହିଁ ହିଂସା ଅଟେ ଏବଂ ନିଜ ଆତ୍ମାର ଉତ୍‌ଥାନ ହିଁ ଶୁଦ୍ଧ ଅହିଂସା ଅଟେ । ଏପରି ପୁରୁଷ ଅନ୍ୟ ଆତ୍ମାର ଉତ୍‌ଥାନ ହେତୁ ହିଁ ଉନ୍ମୁଖ ରହିଥାଏ । ହଁ ଏହାର ପ୍ରାରମ୍ଭ ଅନ୍ୟ କାହାରିକୁ ବାଧା ନଦେଲେ ହିଁ ହୋଇଥାଏ, ଏହା ତାହାର ଏକ ଅଙ୍ଗ ମାତ୍ର । ଅତଃ ହିଂସା, କ୍ଷମାଭାବ, ମନ-ବାଣୀର ସରଳତା, ଆଚାର୍ଯ୍ୟ ଉପାସନା ଅର୍ଥାତ୍ ଶ୍ରଦ୍ଧା ଭକ୍ତିପୂର୍ବକ ସଦ୍‌ଗୁରୁଙ୍କ ସେବା ଏବଂ ତାହାଙ୍କ ଉପାସନା, ପବିତ୍ରତା, ଅନ୍ତଃକରଣର ସ୍ଥିରତା, ମନ ଏବଂ ଇନ୍ଦ୍ରିୟ ସହିତ ଶରୀର ନିଗ୍ରହ ଏବଂ –

**ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଂକାର ଏବ ଚ ।**
**ଜନ୍ମମୃତ୍ୟୁଜରାବ୍ୟାଧି ଦୁଃଖଦୋଷାନୁଦର୍ଶନମ୍ ॥୮॥**

ଏହି ଲୋକ ଏବଂ ପରଲୋକରେ ଦେଖି, ଶୁଣିଥିବା ଭୋଗରେ ଆସକ୍ତିର ଅଭାବ, ଅହଂର ଅଭାବ, ଜନ୍ମ-ମୃତ୍ୟୁ, ବୃଦ୍ଧାବସ୍ଥା, ରୋଗ ଏବଂ ଭୋଗାଦିରେ ଦୁଃଖ ଦୋଷର ବାରମ୍ବାର ଚିନ୍ତନ–

**ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାର ଗୃହାଦିଷୁ ।**
**ନିତ୍ୟଂ ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ॥୯॥**

ପୁତ୍ର, ସ୍ତ୍ରୀ, ଧନ ଏବଂ ଗୃହାଦିରେ ଆସକ୍ତିର ଅଭାବ, ପ୍ରିୟ ତଥା ଅପ୍ରିୟ ପ୍ରାପ୍ତିରେ ଚିତ୍ତର ସଦୈବ ସମତା, କ୍ଷେତ୍ରଜ୍ଞର ସାଧନା, ସ୍ତ୍ରୀ ପୁତ୍ରଦି ଗୃହସ୍ଥି ଜଞ୍ଜାଳରେ ରହି ପ୍ରାରମ୍ଭ ହୋଇଥାଏ ।

**ମୟି ଚାନନ୍ୟ ଯୋଗେନ ଭକ୍ତିରବ୍ୟଭିଚାରିଣୀ ।**
**ବିବିକ୍ତ ଦେଶସେବିତ୍ୱମରତିର୍ଜନ ସଂସଦି ॥୧୦॥**

ମୋଠାରେ (ଶ୍ରୀକୃଷ୍ଣ ଜଣେ ଯୋଗୀଥିଲେ ଅର୍ଥାତ୍ ଏପରି କୌଣସି ମହାପୁରୁଷଙ୍କ ଠାରେ) ଅନନ୍ୟ ଯୋଗଦ୍ୱାରା ଅର୍ଥାତ୍ ଯୋଗ ଅତିରିକ୍ତ ଅନ୍ୟ କିଛି ମଧ୍ୟ ସ୍ମରଣ ନକରି ଅବ୍ୟଭିଚାରିଣୀ ଭକ୍ତି (ଇଷ୍ଟଙ୍କ ଅତିରିକ୍ତ ଅନ୍ୟ କୌଣସି ଚିନ୍ତନ ନ ଆସିବା) ଏକାନ୍ତ-ସେବନ, ମନୁଷ୍ୟମାନଙ୍କ ସମୂହରେ ରହିବାର ଆସକ୍ତି ନ ହେବା, ତଥା –

**ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।**
**ଏତଜ୍‌ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥୧୧॥**

ଆତ୍ମାର ଆଧିପତ୍ୟ ଯୁକ୍ତ ଜ୍ଞାନରେ ଏକରସ ସ୍ଥିତି ଏବଂ ତତ୍ତ୍ୱଜ୍ଞାନର ଅର୍ଥ ସ୍ୱରୂପ, ପରମାତ୍ମାଙ୍କ ସାକ୍ଷାତକାର, ଏହି ସବୁ ଜ୍ଞାନ ହିଁ ଅଟେ ଏବଂ ଏଥିରୁ ଯାହା କିଛି ବିପରିତ ତାହା ସବୁ ଅଜ୍ଞାନ ଅଟେ, ଏପରି କୁହାଗଲା । ସେହି ପରମତତ୍ତ୍ୱ ପରମାତ୍ମାଙ୍କ ସାକ୍ଷାତ୍‌କାର ସହିତ ମିଳୁଥିବା ଅନୁଭୁତିର ନାମ ହିଁ ଜ୍ଞାନ ଅଟେ । (ଚତୁର୍ଥ ଅଧ୍ୟାୟରେ ସେ କହିଲେ ଯେ ଯଜ୍ଞର ପୂର୍ତ୍ତିରେ ଯଜ୍ଞ ଯାହାକୁ ଶେଷ ଛାଡ଼ିଥାଏ, ସେହି ଜ୍ଞାନାମୃତକୁ ପାନ କରୁଥିବା ସନାତନ ବ୍ରହ୍ମରେ ପ୍ରବେଶ ପାଇଯାଇଥାଏ, ଅତଃ ବ୍ରହ୍ମର ସାକ୍ଷାତ୍‌କାର ସହିତ ପ୍ରାପ୍ତ ହେଉଥିବା ଅନୁଭୁତି ହିଁ ଜ୍ଞାନ ଅଟେ । ଏଠାରେ ମଧ୍ୟ ସେପରି ହିଁ କହୁଛନ୍ତି ଯେ, ତତ୍ତ୍ୱ ସ୍ୱରୂପ ପରମାତ୍ମାଙ୍କ ସାକ୍ଷାତ୍‌କାରର ନାମ ହିଁ ଜ୍ଞାନ ।) ଏହାର ବିପରୀତ ସବୁ କିଛି ଅଜ୍ଞାନ ହିଁ ଅଟେ । ଅମାନିତ୍ୱ ଇତ୍ୟାଦି ଉପରୋକ୍ତ ଲକ୍ଷଣ ଏହି ଜ୍ଞାନର ପୂରକ ଅଟେ । ଏହି ପ୍ରଶ୍ନ ପୁରା ହେଲା ।

**ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱାମୃତମଶ୍ନୁତେ ।**
**ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ ॥୧୨॥**

ହେ ଅର୍ଜୁନ ! ଯାହା ଜାଣିବା ଯୋଗ୍ୟ ତଥା ଯାହାକୁ ଜାଣି ମନୁଷ୍ୟ ଅମୃତ ତତ୍ତ୍ୱକୁ ପ୍ରାପ୍ତ ହୋଇଥାଏ । ତାହାକୁ ଭଲରୂପେ କହିବି । ସେହି ଆଦି ରହିତ ପରବ୍ରହ୍ମ, ନା ସତ୍ କୁହାଯାଉଛି ଏବଂ ନା ଅସତ୍ ହିଁ କୁହାଯାଉଛି । କାରଣ ଯେଉଁ ପର୍ଯ୍ୟନ୍ତ ସେ ଅଲଗା ରହିଛି, ସେ ପର୍ଯ୍ୟନ୍ତ ତାହା ସତ୍ ହୋଇଥାଏ ଏବଂ ଯେବେ ମନୁଷ୍ୟ ସେଥିରେ ସମାହିତ ହୋଇଗଲା, ତେବେ କିଏ କାହାକୁ କହିବ ? ଗୋଟିଏ ହିଁ ରହିଯାଏ, ଅନ୍ୟ କିଛି ମଧ୍ୟ ପ୍ରତୀତ ହୋଇନଥାଏ । ଏପରି ସ୍ଥିତିରେ ସେହି ବ୍ରହ୍ମ ନା ସତ୍ ହୋଇଥାଏ, ନା ଅସତ୍ । ବରଂ ଯାହା କି ସ୍ୱୟଂ ସହଜ ହୋଇଥାଏ ।

**ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।**
**ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥୧୩॥**

ସେହି ବ୍ରହ୍ମ ଚତୁର୍ଦ୍ଦିଗରୁ ହାତ ଗୋଡ଼ ଯୁକ୍ତ, ଚତୁର୍ଦ୍ଦିଗରୁ ନେତ୍ର, ମସ୍ତକ ଏବଂ ମୁଖଯୁକ୍ତ ତଥା ଚତୁର୍ଦ୍ଦିଗରୁ ଶ୍ରୋତ୍ର ଯୁକ୍ତ ତଥା ଶୁଣିଲାବାଲା ଅଟନ୍ତି । କାରଣ ସେ ସଂସାରରେ ସମସ୍ତଙ୍କୁ ବ୍ୟାପ୍ତ କରି ସ୍ଥିତ ରହିଛନ୍ତି ।

**ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।**
**ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ॥୧୪॥**

ସେ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କ ବିଷୟକୁ ଜାଣିଥାଏ, ହେଲେ ମଧ୍ୟ ସମ୍ପୂର୍ଣ୍ଣ

ଇନ୍ଦ୍ରିୟରୁ ରହିତ । ସେ ଆସକ୍ତି ରହିତ, ଗୁଣରୁ ଅତୀତ ହେଲେ ମଧ୍ୟ ସମସ୍ତଙ୍କୁ ଧାରଣ ଏବଂ ପୋଷଣ କରୁଥିବା ଏବଂ ସମସ୍ତ ଗୁଣକୁ ଭୋଗ କରୁଥାଏ ଅର୍ଥାତ୍ ଗୋଟିଏ ଗୋଟିଏ କରି ସମ୍ପୂର୍ଣ୍ଣ ଗୁଣକୁ ନିଜ ଭିତରେ ବିଲୟ କରି ଦେଇଥାଏ । ଯେପରି ଶ୍ରୀକୃଷ୍ଣ କହି ଆସିଲେ, ''ଯଜ୍ଞ ଏବଂ ତପ'ର ଭୋକ୍ତା'' ମୁଁ ହିଁ ଅଟେ । ଶେଷରେ ସମ୍ପୂର୍ଣ୍ଣ ଗୁଣ ମୋଭିତରେ ବିଲୟ ହୋଇଯାଇଥାଏ ।

**ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।**
**ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ।। ୧୫।।**

ସେହି ବ୍ରହ୍ମ ସମ୍ପୂର୍ଣ୍ଣ ଜୀବଧାରୀ ମାନଙ୍କର ବାହାରେ ଓ ଭିତରେ ପରିପୂର୍ଣ୍ଣ ରହିଥାଏ, ଚର ଏବଂ ଅଚର ରୂପ ମଧ୍ୟ ସେ ହିଁ ଅଟେ । ସୂକ୍ଷ୍ମ ହେବା ଯୋଗୁଁ ସେ ଦେଖାଯାଉନଥାଏ । ଅବିଜ୍ଞେୟ ଅଟେ, ମନ ଓ ଇନ୍ଦ୍ରିୟଠାରୁ ମଧ୍ୟ ଊର୍ଦ୍ଧ୍ୱରେ ତଥା ଅତି ସମିପ ଏବଂ ଦୂର ମଧ୍ୟ ସେ ହିଁ ଅଟେ ।

**ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।**
**ଭୂତଭର୍ତ୍ତୃ ଚ ତଜ୍ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ।।୧୬।।**

ଅବିଭାଜ୍ୟ ହୋଇ ମଧ୍ୟ ସେ ସମ୍ପୂର୍ଣ୍ଣ ସଂସାରର ଭୂତ ପ୍ରାଣୀମାନଙ୍କ ମଧ୍ୟରେ ଅଲଗା ଅଲଗା ହୋଇଥିବା ପ୍ରତୀତ ହୋଇଥାଏ । ସେହି ଜାଣିବା ଯୋଗ୍ୟ ପରମାତ୍ମା ସମ୍ପୂର୍ଣ୍ଣ ଭୂତକୁ ଉତ୍ପନ୍ନ କରୁଥିବା, ଭରଣ ଓ ପୋଷଣ କରୁଥିବା ଏବଂ ଶେଷରେ ସଂହାର ମଧ୍ୟ କରିଥାଏ । ଏଠାରେ ବାହ୍ୟ ଏବଂ ଆଭ୍ୟନ୍ତର ଉଭୟ ଭାବକୁ ସଙ୍କେତ କରାଯାଇଛି । ଯେପରି ବାହାରେ ଜନ୍ମ ଏବଂ ଭିତରେ ଜାଗୃତି, ବହାରେ ପାଳନ ଏବଂ ଭିତରେ ଯୋଗକ୍ଷେମର ନିର୍ବାହ, ବାହାରେ ଶରୀର ପରିବର୍ତ୍ତନ ଏବଂ ଭିତରେ ସର୍ବଶ୍ୱର ବିଲୟ ଅର୍ଥାତ୍ ଭୂତମାନଙ୍କ ଉତ୍ପତ୍ତିର କାରଣଗୁଡିକର ଲୟ ଏବଂ ସେହି ଲୟ ସହିତ ନିଜର ସ୍ୱରୂପକୁ ପ୍ରାପ୍ତ ହୋଇଯାଇଥାଏ । ଏହି ସମସ୍ତ ସେହି ବ୍ରହ୍ମର ଲକ୍ଷଣ ଅଟେ ।

**ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।**
**ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ।।୧୭।।**

ସେହି ଜ୍ଞେୟ ବ୍ରହ୍ମ ଜ୍ୟୋତିମାନଙ୍କର ମଧ୍ୟ ଜ୍ୟୋତି ଅଟେ, ତମସରୁ ଅତି ପରେ କୁହାଯାଇଛି । ସେ ପୂର୍ଣ୍ଣଜ୍ଞାନ ସ୍ୱରୂପ, ପୂର୍ଣ୍ଣ ଜ୍ଞାତା, ଜାଣିବା ଯୋଗ୍ୟ ଏବଂ ଜ୍ଞାନଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ସାକ୍ଷାତ୍କାର ସହିତ ମିଳୁଥିବା ଅନୁଭୁତିର ନାମ ହିଁ ଜ୍ଞାନ ଅଟେ । ଏପରି ଜାନକାରୀ ଦ୍ୱାରା ହିଁ ବ୍ରହ୍ମ ପ୍ରାପ୍ତ ହେବା ସମ୍ଭବ ଅଟେ । ସେ ସମସ୍ତଙ୍କ ହୃଦୟରେ ସ୍ଥିତ ଅଟେ । ସେହି ବ୍ରହ୍ମଙ୍କ ନିବାସ ସ୍ଥାନ ହୃଦୟ ଅଟେ ।

ଅନ୍ୟତ୍ର ଖୋଜିଲେ ମଧ୍ୟ ସେ ପ୍ରାପ୍ତ ହେବେ ନାହିଁ । ଅତଃ ହୃଦୟରେ ଧ୍ୟାନ ତଥା ଯୋଗାଚରଣ ଦ୍ୱାରା ହିଁ ସେହି ବ୍ରହ୍ମ ପ୍ରାପ୍ତିର ବିଧାନ ରହିଛି ।

**ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।**
**ମଦ୍‌ଭକ୍ତ ଏତଦ୍‌ବିଜ୍ଞାୟ ମଦ୍‌ଭାବାୟୋପପଦ୍ୟତେ ॥୧୮॥**

ହେ ଅର୍ଜୁନ ! ବାସ୍ ଏତିକି ହିଁ କ୍ଷେତ୍ର ଅଟେ, ଜ୍ଞାନ ତଥା ଜାଣିବା ଯୋଗ୍ୟ ପରମାତ୍ମାଙ୍କ ସ୍ୱରୂପ ସଂକ୍ଷେପରେ କୁହାଗଲା । ଏହାକୁ ଜାଣି ମୋର ଭକ୍ତ ମୋର ସାକ୍ଷାତ୍ ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ ଯାହାକୁ କ୍ଷେତ୍ର କହିଥିଲେ, ତାହାକୁ ପ୍ରକୃତି ଏବଂ ଯାହାକୁ କ୍ଷେତ୍ରଜ୍ଞ କହିଥିଲେ, ତାହାକୁ ବର୍ତ୍ତମାନ ପୁରୁଷ ଶବ୍ଦରେ ଇଙ୍ଗିତ କରୁଛନ୍ତି ।

**ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।**
**ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତିସଂଭବାନ୍ ॥୧୯॥**

ଏହି ପ୍ରକୃତି ଏବଂ ପୁରୁଷ ଉଭୟଙ୍କୁ ଅନାଦି ହିଁ ଜାଣ ତଥା ସମ୍ପୂର୍ଣ୍ଣ ବିକାର ତ୍ରିଗୁଣମୟୀ ପ୍ରକୃତି ଠାରୁ ହିଁ ଉତ୍ପନ୍ନ ହୋଇଛି ବୋଲି ଜାଣ ।

**କାର୍ଯ୍ୟକରଣ କର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।**
**ପୁରୁଷଃ ସୁଖଦୁଃଖାନଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥୨୦॥**

କାର୍ଯ୍ୟ ଏବଂ କରଣ (ଯାହା ଦ୍ୱାର କାର୍ଯ୍ୟ କରାଯାଉଛି– ବିବେକ, ବୈରାଗ୍ୟାଦି ତଥା ଅଶୁଭ କାର୍ଯ୍ୟ ହେବାରେ କାମକ୍ରୋଧାଦି କରଣ ଅଟେ ।) କୁ ଉତ୍ପନ୍ନ କରିବାର ହେତୁକୁ ପ୍ରକୃତି କୁହାଯାଇଛି ଏବଂ ଏହି ପୁରୁଷ ସୁଖ–ଦୁଃଖକୁ ଭୋଗିବାରେ କାରଣ କୁହାଯାଉଛି । ପ୍ରଶ୍ନ ଉଠୁଛି ଯେ କ'ଣ ସେ ଭୋଗ ହିଁ କରୁଥିବ, ଅଥବା ଏଥିରୁ କେବେ ନିବୃତ୍ତି ମଧ୍ୟ ମିଳିବ ? ଯେବେ ପ୍ରକୃତି ପୁରୁଷ ଉଭୟେ ଅନାଦି, ତେବେ ଉଭୟେ ଏଥିରୁ ନିବୃତ୍ତି ପାଇବେ କିପରି ? ଏହି ବିଷୟରେ କହୁଛନ୍ତି –

**ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍‌କ୍ତେ ପ୍ରକୃତିଜାନ୍ ଗୁଣାନ୍ ।**
**କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ୟୋନିଜନ୍ମସୁ ॥୨୧॥**

ପ୍ରକୃତି ମଧ୍ୟରେ ଠିଆ ହୋଇଥିବା ପୁରୁଷ ହିଁ ପ୍ରକୃତିରୁ ଉତ୍ପନ୍ନ ଗୁଣର କାର୍ଯ୍ୟରୂପ ପଦାର୍ଥମାନଙ୍କୁ ଭୋଗ କରୁଥାଏ ଏବଂ ଏହି ଗୁଣମାନଙ୍କ ସଙ୍ଗ ହିଁ ଏହି ଜୀବାତ୍ମାର ଭଲ ତଥା ମନ୍ଦ ଯୋନୀରେ ଜନ୍ମ ନେବାର କାରଣ ହୋଇଥାଏ । ଏହି କାରଣ ଅର୍ଥାତ୍ ପ୍ରକୃତି ଜନିତ ଗୁଣର ସଙ୍ଗ ସମାପ୍ତ ହେବାପରେ ହିଁ ଜନ୍ମ ମୃତ୍ୟୁରୁ ମୁକ୍ତି ମିଳିଥାଏ । ବର୍ତ୍ତମାନ ଏହି ପୁରୁଷ ଉପରେ ପୁନଃ କରୁଛନ୍ତି ଯେ, ସେ କେଉଁ

ପ୍ରକାର ପ୍ରକୃତିରେ ଠିଆ ହୋଇଛି ?

**ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।**
**ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍ ପୁରୁଷଃ ପରଃ ॥୨୨॥**

ସେହି ପୁରୁଷ **ଉପଦ୍ରଷ୍ଟା–** ହୃଦୟ ଦେଶର ଅତି ସମୀପ, ହାତ, ଗୋଡ଼, ମନ ଯେତିକି ଆପଣଙ୍କର ସମୀପ ରହିଛନ୍ତି, ତାହାଠାରୁ ମଧ୍ୟ ଅଧିକ ସମୀପ ଦ୍ରଷ୍ଟା ରୂପରେ ସ୍ଥିତ ଅଟନ୍ତି । ତାହାଙ୍କ ପ୍ରକାଶରେ ଆପଣ ଭଲ କରନ୍ତୁ ଅଥବା ଖରାପ କରନ୍ତୁ, ତାହାଙ୍କ କୌଣସି ପ୍ରୟୋଜନ ନଥାଏ, ସେ ସାକ୍ଷୀ ରୂପେ ରହିଥାନ୍ତି । ସାଧାନାର ସଠିକ୍ କ୍ରମରେ ସଫଳତା ଆସିଗଲା ପରେ ପଥିକ କିଛି ଉପରକୁ ଉଠିଥାଏ, ସେହି ଆଡ଼କୁ ଅଗ୍ରସର ହୋଇଥାଏ, ତେବେ ସେହି ଦ୍ରଷ୍ଟା ପୁରୁଷଙ୍କ କ୍ରମ, ବଦଳି ଯାଇଥାଏ । ସେ **ଅନୁମନ୍ତା–** ଅନୁମତି ପ୍ରଦାନ କରିବାରେ ଲାଗିଥାନ୍ତି । ଅନୁଭବ ଦେବାରେ ଲାଗିଥାନ୍ତି । ସାଧନା ଦ୍ୱାରା ଆହୁରି ସମୀପବର୍ତ୍ତୀ ହୋଇଗଲେ, ସେହି ପୁରୁଷ **ଭର୍ତ୍ତା–** ହୋଇ ଭରଣ ପୋଷଣ କରିବାରେ ଲାଗିଥାନ୍ତି । ଯେଉଁଥିରେ ଆପଣଙ୍କର ଯୋଗକ୍ଷେମର ମଧ୍ୟ ବ୍ୟବସ୍ଥା କରି ଦେଇଥାନ୍ତି । ସାଧନା ଆହୁରି ସୂକ୍ଷ୍ମ ହେବାପରେ ସେହି ପୁରୁଷ **ଭୋକ୍ତା–** ହୋଇଯାଆନ୍ତି । **ଭୋକ୍ତାରଂ ଯଜ୍ଞ ତପସାଂ**–ଯଜ୍ଞ ତପ ଯାହା କିଛି ଆପଣଙ୍କଦ୍ୱାରା ହୋଇଥାଏ, ସେ ସମସ୍ତଙ୍କୁ ଦ୍ରଷ୍ଟା ପୁରୁଷ ଗ୍ରହଣ କରିଥାନ୍ତି ଏବଂ ଯେବେ ଗ୍ରହଣ କରିଥାନ୍ତି, ତାହା ପର ଅବସ୍ଥାରେ **ମହେଶ୍ୱରଃ** ମହାନ ଈଶ୍ୱରଙ୍କ ରୂପରେ ପରିଣତ ହୋଇଯାନ୍ତି । ସେ ପ୍ରକୃତିର ସ୍ୱାମୀ ହୋଇଯାଆନ୍ତି । କିନ୍ତୁ ବର୍ତ୍ତମାନ ପ୍ରକୃତି ଜୀବିତ ରହିଛି, ତେଣୁ କରି ସେ ଏହାର ମାଲିକ ଅଟନ୍ତି । ଏହାଠାରୁ ମଧ୍ୟ ଉନ୍ନତ ଅବସ୍ଥାରେ ସେହି ପୁରୁଷ **ପରମାତ୍ମେତିଚାପ୍ୟୁକ୍ତ** ଯେବେ ପରମ ସହିତ ସଂଯୁକ୍ତ ହୋଇଯାଆନ୍ତି, ତେବେ ପରମାତ୍ମା ବୋଲାନ୍ତି । ଏହିପରି ଶରୀରରେ ରହି ମଧ୍ୟ ଏହି ପୁରୁଷ ଆତ୍ମା **ପରଃ** ହିଁ ଅଟନ୍ତି । ସର୍ବଥା ଏହି ପ୍ରକୃତିରୁ ପରେ ହିଁ ହୋଇଥାନ୍ତି । ପ୍ରଭେଦ ଏତିକି ହିଁ ଅଟେ ଯେ ପ୍ରାରମ୍ଭରେ ସେ ଦ୍ରଷ୍ଟା ରୂପରେ ଥିଲେ । କ୍ରମଶଃ ଉତ୍‌ଥାନ ହେଉ ହେଉ ପରମକୁ ସ୍ପର୍ଶ କରି ପରମାତ୍ମାଙ୍କ ରୂପରେ ପରିଣତ ହୋଇଯାନ୍ତି ।

**ୟ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।**
**ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ॥୨୩॥**

ଏହିପରି ପୁରୁଷକୁ ଏବଂ ଗୁଣ ସହିତ ପ୍ରକୃତିକୁ ଯେଉଁ ମନୁଷ୍ୟ ସାକ୍ଷାତ୍‌କାର ସହିତ ବିଦିତ କରି ନେଇଥାଏ, ସେ ପୂର୍ଣ୍ଣ ରୂପେ ପ୍ରବୃତ୍ତ ହୋଇ ମଧ୍ୟ ପୁନଃ ଜନ୍ମ ଗ୍ରହଣ କରିନଥାଏ ଅର୍ଥାତ୍ ତାହାର ପୁନର୍ଜନ୍ମ ହୋଇନଥାଏ । ଏହା ହିଁ ମୁକ୍ତି ଅଟେ ।

ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ ବ୍ରହ୍ମ ଏବଂ ପ୍ରକୃତିର ପ୍ରତ୍ୟକ୍ଷ ଅନୁଭୂତି ସହିତ ପ୍ରାପ୍ତ ହେଉଥିବା ପରମଗତି ଅର୍ଥାତ୍ ତାହାଙ୍କ ପୁର୍ନଜନ୍ମରୁ ନିବୃତ୍ତି ଉପରେ କହିଲେ ଏବଂ ବର୍ତ୍ତମାନ ସେହି ଯୋଗ ଉପରେ କହୁଛନ୍ତି, ଯାହାର ପ୍ରକ୍ରିୟା ଆରାଧନା ଅଟେ । କାରଣ ଏହି କର୍ମକୁ କାର୍ଯ୍ୟ ରୂପ ନଦେଇ କେହି ମଧ୍ୟ ପାଇନଥାନ୍ତି ।

**ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।**
**ଅନ୍ୟେ ସାଂଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ ॥୨୪॥**

ହେ ଅର୍ଜୁନ ! ସେହି ପରମାତ୍ମାଙ୍କୁ କେତେକ ମନୁଷ୍ୟ **ଆତ୍ମାନମ୍**- ନିଜର ଅନ୍ତଃଚିନ୍ତନ ଧ୍ୟାନ ଦ୍ୱାରା **ଆତ୍ମନି**- ହୃଦୟ ଦେଶରେ ଦର୍ଶନ କରିଥାନ୍ତି । ଅନ୍ୟ କେତେକ ସାଂଖ୍ୟ ଯୋଗ ଦ୍ୱାରା ଅର୍ଥାତ୍ ନିଜର ଶକ୍ତିକୁ ବିଚାରକରି ସେହି କର୍ମରେ ପ୍ରବୃତ୍ତ ହୋଇଥାନ୍ତି ଏବଂ ଅନ୍ୟ ବହୁ ବ୍ୟକ୍ତି ତାହାକୁ ନିଷ୍କାମକର୍ମ ଯୋଗଦ୍ୱାରା ଦର୍ଶନ କରିଥାନ୍ତି । ସମର୍ପଣ ସହିତ ସେହି ନିୟତ କର୍ମରେ ପ୍ରବୃତ୍ତ ହୋଇଥାନ୍ତି । ପ୍ରସ୍ତୁତ ଶ୍ଳୋକରେ ମୁଖ୍ୟ ସାଧନ ହେଉଛି **ଧ୍ୟାନ**- ସେହି ଧ୍ୟାନରେ ପ୍ରବୃତ୍ତ ହେବା ନିମନ୍ତେ ସାଂଖ୍ୟ ଯୋଗ ଏବଂ ନିଷ୍କାମ କର୍ମ ଯୋଗ ଦୁଇଟି ଧାରା ରହିଛି ।

**ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।**
**ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ॥୨୫॥**

ପରନ୍ତୁ ଅନ୍ୟ କେତେକ ଯାହାକୁ ସାଧାନାର ଜ୍ଞାନ ନାହିଁ, ସେ ଏହିପରି ନଜାଣି **ଅନ୍ୟେଭ୍ୟଃ-** ତତ୍ତ୍ୱକୁ ଜାଣିଥିବା ମହାପୁରୁଷଙ୍କ ଠାରୁ ଶ୍ରବଣ କରି ହିଁ ଉପସନା କରିଥାନ୍ତି । ସେହି ଶ୍ରବଣ କରିଥିବା ପୁରୁଷ ମଧ୍ୟ ମୃତ୍ୟୁରୂପୀ ସଂସାରରୁ ନିଃସନ୍ଦେହ ତରିଯାଆନ୍ତି । ଅତଃ ଯଦି କିଛି ମଧ୍ୟ ସାଧନ ହେଉନାହିଁ ତେବେ ସତ୍‌ସଙ୍ଗ କରନ୍ତୁ-

**ଯାବତ୍ ସଞ୍ଜାୟତେ କିଂଚିତ୍ ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।**
**କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ ତଦ୍ୱିଦ୍ଧି ଭରତର୍ଷଭ ॥୨୬॥**

ହେ ଅର୍ଜୁନ ! ସମ୍ପୂର୍ଣ୍ଣ ଜଗତରେ ଯାହା କିଛି ସ୍ଥାବର ଜଙ୍ଗମ ବସ୍ତୁ ଉତ୍ପନ୍ନ ହୋଇଥାଏ, ସେହି ସମସ୍ତକୁ ତୁମେ କ୍ଷେତ୍ର ଏବଂ କ୍ଷେତ୍ରଜ୍ଞର ସଂଯୋଗରୁ ଉତ୍ପନ୍ନ ହୋଇଛି ବୋଲି ଜାଣ । ପ୍ରାପ୍ତି କେବେ ହୋଇଥାଏ ? ଏହା ଉପରେ କହୁଛନ୍ତି-

**ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।**
**ବିନଶ୍ୟତ୍‌ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ॥୨୭ ॥**

ଯେଉଁ ପୁରୁଷ ବିଶେଷ ରୂପରେ ନଷ୍ଟ ହେଉଥିବା ଚରାଚରର ସମ୍ପୂର୍ଣ୍ଣ ଭୂତରେ

ନାଶ ରହିତ ପରମେଶ୍ୱରଙ୍କୁ ସମଭାବରେ ସ୍ଥିତ ଦେଖୁଥାଏ, ସେ ହିଁ ଯଥାର୍ଥ ଦେଖୁଥାଏ । ଅର୍ଥାତ୍ ପ୍ରକୃତି ବିଶେଷ ରୂପରେ ନଷ୍ଟ ହେବା ପରେ ହିଁ ସେ ପରମାତ୍ମା ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ଏହା ପୂର୍ବରୁ ନୁହଁ । ଏହାକୁ ଅଷ୍ଟମ ଅଧ୍ୟାୟରେ ମଧ୍ୟ କହିଥିଲେ, **ଭୂତଭାବୋଦ୍ ଭବକରୋ ବିସର୍ଗଃ କର୍ମ ସଂଜ୍ଞିତଃ–** ଭୂତଙ୍କ ସେହିଭାବ, ଯାହା ଭଲ ଅଥବା ମନ୍ଦ, ଯାହା କିଛି ସଂସ୍କାର ରଚନା କରିଥାନ୍ତି, ତାହା ବିଲୟ ହୋଇଯିବା ହିଁ କର୍ମର ପରାକାଷ୍ଠା । ସେହି ସମୟରେ କର୍ମପୂର୍ଣ୍ଣ ହୋଇଯାଏ । ତାହାହିଁ ଏଠାରେ କହୁଛନ୍ତି ଯେ ଯିଏ ଚରାଚର ଭୂତକୁ ନଷ୍ଟ ହେଉଥିବା ଏବଂ ପରମେଶ୍ୱରଙ୍କୁ ସମଭାବରେ ସ୍ଥିତ ଦେଖୁଥାଏ, ସେହିଁ ସଠିକ୍ ଦେଖୁଥାଏ ।

**ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।**
**ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ।।୨୮।।**

କାରଣ ସେହି ପୁରୁଷ ସର୍ବତ୍ର ସମଭାବରେ ସ୍ଥିତ ପରମେଶ୍ୱରଙ୍କୁ ସମାନ ଦେଖୁଥାଏ ନିଜଦ୍ୱାରା ସ୍ୱୟଂକୁ ନଷ୍ଟ କରିନଥାଏ । କାରଣ ଯେପରି ଥିଲା, ସେପରି ହିଁ ସେ ଦେଖିଲେ । ତେଣୁ କରି ସେ ପରମ ଗତିକୁ ପ୍ରାପ୍ତ ହୋଇଥାଏ । ପ୍ରାପ୍ତି ହୋଇଥିବା ପୁରୁଷଙ୍କ ଲକ୍ଷଣକୁ କହୁଛନ୍ତି ।

**ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।**
**ୟଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ।।୨୯।।**

ଯେଉଁ ପୁରୁଷ ସମ୍ପୂର୍ଣ୍ଣ କର୍ମକୁ ପ୍ରକୃତି ଦ୍ୱାରା ହିଁ କରାଯିବା ଦେଖୁଥାଏ, ଅର୍ଥାତ୍ ଯେଉଁ ପର୍ଯ୍ୟନ୍ତ ପ୍ରକୃତି ରହିଛି, ସେ ପର୍ଯ୍ୟନ୍ତ କର୍ମଗୁଡ଼ିକ ହେବାର ଦେଖୁଥାଏ ତଥା ଆତ୍ମାକୁ ଅକର୍ତ୍ତା ବୁଝିଥାଏ । ସେ ହିଁ ଯଥାର୍ଥ ଦେଖୁଥାଏ ।

**ଯଦା ଭୂତପୃଥଗ୍ଭାବମେକସ୍ଥମନୁପଶ୍ୟତି ।**
**ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ।।୩୦।।**

ଯେଉଁ କାଳରେ ମନୁଷ୍ୟ ଭୂତମାନଙ୍କ ଭିନ୍ନ ଭିନ୍ନ ଭାବରେ ଏକମାତ୍ର ପରମାତ୍ମା ପ୍ରବାହିତ ତଥା ସ୍ଥିତ ଦେଖୁଥାଏ ଏବଂ ସେହି ପରମାତ୍ମାଙ୍କ ଠାରେ ହିଁ ସମ୍ପୂର୍ଣ୍ଣ ଭୂତର ବିସ୍ତାର ଦେଖୁଥାଏ, ସେହି ସମୟରେ ସେ ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଥାଏ । ଯେଉଁକ୍ଷଣ ଏହି ଅବସ୍ଥା ଆସିଯାଏ, ସେହି କ୍ଷଣ ସେ ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଯାଏ । ଏହି ଲକ୍ଷଣ ମଧ୍ୟ ସ୍ଥିତପ୍ରଜ୍ଞ ମହାପୁରୁଷଙ୍କର ହିଁ ଅଟେ ।

**ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।**
**ଶରୀରସ୍ଥୋଽପିକୌନ୍ତେୟ ନ କରୋତି ନ ଲିପ୍ୟତେ ।।୩୧।।**

ହେ କୌନ୍ତେୟ ! ଅନାଦି ହେବା ଯୋଗୁଁ ଏବଂ ଗୁଣାତୀତ ହେବା

ଯୋଗୁଁ ଏହି ଅବିନାଶୀ ପରମାତ୍ମା ଶରୀରରେ ସ୍ଥିତ ହୋଇମଧ ବାସ୍ତବରେ ନା କର୍ତ୍ତା ହୋଇଥାନ୍ତି ଏବଂ ନା ଲିପ୍ତ ହିଁ ହୋଇଥାନ୍ତି, କେଉଁ ଭାବରେ ?

**ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।**
**ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ।।୩୨।।**

ଯେଉଁପରି ସର୍ବତ୍ର ବ୍ୟାପ୍ତ ହୋଇଥିବା ଆକାଶ ସୂକ୍ଷ୍ମ ହେବା ଯୋଗୁଁ ଲିପ୍ତ ହୋଇନଥାଏ, ଠିକ୍ ସେପରି ହିଁ ସର୍ବତ୍ର ଦେହରେ ସ୍ଥିତ ହୋଇଥିବା ଆତ୍ମା ଗୁଣାତୀତ ହୋଇଥିବା ଯୋଗୁଁ ଦେହର ଗୁଣ ଦ୍ୱାରା ଲିପ୍ତ ହୋଇନଥାଏ ।

**ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।**
**କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ।।୩୩।।**

ହେ ଅର୍ଜୁନ ! ଯେପରି ସୂର୍ଯ୍ୟ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ପ୍ରକାଶିତ କରିଥାଏ, ସେହିପରି ଆତ୍ମା ସମ୍ପୂର୍ଣ୍ଣ କ୍ଷେତ୍ରକୁ ପ୍ରକାଶିତ କରିଥାଏ । ପରିଶେଷରେ ନିର୍ଣ୍ଣୟ ଦେଉଛନ୍ତି–

**କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।**
**ଭୂତପ୍ରକୃତିମୋକ୍ଷଂ ଚ ଯେ ବିଦୁର୍ଯାନ୍ତି ତେ ପରମ୍ ।।୩୪।।**

ଏହିପରି କ୍ଷେତ୍ର ଓ କ୍ଷେତ୍ରଜ୍ଞ ଭେଦକୁ ତଥା ବିକାର ସହିତ ପ୍ରକୃତିରୁ ନିବୃତ୍ତି ପାଇବାର ଉପାୟକୁ ଯିଏ ଜ୍ଞାନରୂପୀ ନେତ୍ର ଦ୍ୱାରା ଦେଖିନିଅନ୍ତି, ସେହି ମହାତ୍ମାଜନ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି । ଅର୍ଥାତ୍ କ୍ଷେତ୍ର କ୍ଷେତ୍ରଜ୍ଞଙ୍କୁ ଦେଖିବାର ଚକ୍ଷୁ ହେଉଛି ଜ୍ଞାନ ଏବଂ ଜ୍ଞାନ ସାକ୍ଷାତ୍‌କାର ଶବ୍ଦର ପର୍ଯ୍ୟାୟବାଚୀ ଅଟେ ।

**–ନିଷ୍କର୍ଷ–**

ଗୀତାର ପ୍ରାରମ୍ଭରେ ଧର୍ମକ୍ଷେତ୍ର, କୁରୁକ୍ଷେତ୍ରର ନାମ ତ ନିଆଗଲା କିନ୍ତୁ ସେହି କ୍ଷେତ୍ର ବସ୍ତୁତଃ କେଉଁଠି ରହିଛି ? ସେହି ସ୍ଥଳର ପରିଚୟ ଦେବା ଶେଷ ରହିଥିଲା । ଯାହାକୁ ସ୍ୱୟଂ ଶାସ୍ତ୍ରକାର ପ୍ରସ୍ତୁତ ଅଧ୍ୟାୟରେ ସ୍ପଷ୍ଟ କଲେ । ହେ କୌନ୍ତେୟ ! ଏହି ଶରୀର ହିଁ ଗୋଟିଏ କ୍ଷେତ୍ର । ଯେ ଏହାକୁ ଜାଣିଥାଏ, ସେ କ୍ଷେତ୍ରଜ୍ଞ ଅଟେ । ସେ ଏଥିରେ ଲିପ୍ତ ହୋଇନଥାଏ ବରଂ ନିର୍ଲିପ୍ତ ଅଟେ, ଏହାର ସଞ୍ଚାଳକ । ହେ ଅର୍ଜୁନ ! ସମ୍ପୂର୍ଣ୍ଣ କ୍ଷେତ୍ରରେ ମୁଁ ହିଁ କ୍ଷେତ୍ରଜ୍ଞ ଅଟେ । ଅନ୍ୟ ମହାପୁରୁଙ୍କ ମଧ୍ୟରେ ନିଜକୁ ତୁଳନାକରି କହିଲେ । ଏଥିରୁ ସ୍ପଷ୍ଟ ହେଉଛି, ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ କାରଣ ଯେ ଜାଣିଥାଏ ସେ କ୍ଷେତ୍ରଜ୍ଞ ହିଁ ଅଟେ । ଏପରି ମହାପୁରୁଷ କହିଛନ୍ତି । ମୁଁ ମଧ୍ୟ କ୍ଷେତ୍ରଜ୍ଞ ଅଟେ । ଅର୍ଥାତ୍ ଅନ୍ୟ ପୁରୁଷ ମାନଙ୍କ ଭଳି ମୁଁ ମଧ୍ୟ ଅଟେ ।

କ୍ଷେତ୍ର କଣ ? କେଉଁ ବିକାର ଯୁକ୍ତ ? କ୍ଷେତ୍ରଜ୍ଞ କିପରି ପ୍ରଭାବ ଯୁକ୍ତ ? ତାହା ଉପର ପ୍ରକାଶ କରି କହିଲେ– ମୁଁ ହିଁ କହୁଛି, ଏପରି ନୁହଁ, ମହର୍ଷିମାନେ ମଧ୍ୟ ଏହା ହିଁ କହିଛନ୍ତି । ବେଦର ଛନ୍ଦମାନଙ୍କରେ ଏହାକୁ ବିଭାଜିତ କରି ଦର୍ଶାଯାଇଛି । ବ୍ରହ୍ମସୂତ୍ରରେ ମଧ୍ୟ ତାହା ହିଁ ମିଳୁଛି ।

ଶରୀର ରୂପୀ କ୍ଷେତ୍ର କଣ ଏତିକି ହିଁ ଅଟେ, ଯେତିକି ଦେଖାଯାଇଛି ? ଏହାର ଉତ୍ପତ୍ତି ଯାହାଙ୍କ ଲମ୍ବା ହାତ ରହିଛି, ତାହାକୁ ଗଣନା କରି ବିସ୍ତୃତ ଭାବରେ କହିଲେ ଯଥା ଅଷ୍ଟଧା ମୂଳ ପ୍ରକୃତି, ଅବ୍ୟକ୍ତ ପ୍ରକୃତି, ଦଶଇନ୍ଦ୍ରିୟ ଏବଂ ମନ ତଥା ଇନ୍ଦ୍ରିୟଙ୍କ ପାଞ୍ଚ ବିଷୟ, ଆଶା, ତୃଷ୍ଣା ଏବଂ ବାସନା ଏହିପରି ଏହି ବିକାରମାନଙ୍କର ସାମୁହିକ ମିଶ୍ରଣ ହିଁ ଏହି ଶରୀର । ଯେଉଁ ପର୍ଯ୍ୟନ୍ତ ଏହି ବାସନା ସମୂହ ରହିଥିବ, ସେ ପର୍ଯ୍ୟନ୍ତ ଶରୀର ଯେ କୌଣସି ରୂପରେ ନିଶ୍ଚିତ ଭାବେ ରହିଥିବ । ଏହା ହିଁ କ୍ଷେତ୍ର ଅଟେ । ଯେଉଁଥିବରେ ବୁଣିଥିବା ଭଲମନ୍ଦ ବୀଜ ସଂସ୍କାର ରୂପରେ ଉତ୍ପନ୍ନ ହୋଇଥାଏ । ଯିଏ ଏହାର ପାର ପାଇଥାଏ, ସେ କ୍ଷେତ୍ରଜ୍ଞ । କ୍ଷେତ୍ରଜ୍ଞର ସ୍ୱରୂପକୁ କହିବାକୁ ଯାଇ ସେ ଈଶ୍ୱରୀୟ ଗୁଣ–ଧର୍ମ ବର୍ଣ୍ଣନା କରି କହିଲେ ଯେ କ୍ଷେତ୍ରଜ୍ଞ ଏହି କ୍ଷେତ୍ରର ପ୍ରକାଶକ ଅଟନ୍ତି ।

ସେ କହିଲେ ଯେ ସାଧାନାର ପୂର୍ତ୍ତିକାଳରେ ପରମତତ୍ତ୍ୱ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଦର୍ଶନ ହିଁ ଜ୍ଞାନ ଅଟେ । ଜ୍ଞାନର ଅର୍ଥ ହେଉଛି ସାକ୍ଷାତ୍କାର । ଏହା ବ୍ୟତୀତ ଯାହା କିଛି ରହିଛି ତାହା ଅଜ୍ଞାନ ଅଟେ । ଜାଣିବା ଯୋଗ୍ୟ ଏକମାତ୍ର ବସ୍ତୁ ହେଉଛି, ପରତ୍ପର ବ୍ରହ୍ମ । ସେ ନା ସତ୍ ନା ଅସତ୍, ଏହି ସତ୍ ଓ ଅସତ୍‌ରୁ ଉର୍ଦ୍ଧ୍ୱରେ । ତାହାକୁ ଜାଣିବା ନିମନ୍ତେ ଲୋକେ ହୃଦୟରେ ଧ୍ୟାନ କରନ୍ତି, ବାହାରେ ମୂର୍ତ୍ତି ରଖି ନୁହେଁ । ବହୁତ ଲୋକେ ସାଂଖ୍ୟ ମାଧ୍ୟମରେ ଧ୍ୟାନ କରିଥାନ୍ତି, ଅନ୍ୟ କେତେକ ନିଷ୍କାମ କର୍ମ ଯେଗ, ଅର୍ଥାତ୍ ସମର୍ପଣ ସହିତ ତାହାଙ୍କ ପ୍ରାପ୍ତି ନିମନ୍ତେ ସେହି ନିର୍ଦ୍ଧାରିତ କର୍ମ ଆରାଧନାର ଆଚରଣ କରିଥାନ୍ତି । ଯିଏ ସେହି ବିଧିକୁ ଜାଣିନଥାନ୍ତି, ସେହି ଲୋକେ ତତ୍ତ୍ୱସ୍ଥିତ ମହାପୁରୁଷଙ୍କ ଠାରୁ ଶୁଣି ଆଚରଣ କରିଥାନ୍ତି । ସେମାନେ ମଧ୍ୟ ପରମ କଲ୍ୟାଣକୁ ପ୍ରାପ୍ତ ହୋଇଯାଆନ୍ତି । ଅତଃ କିଛି ମଧ୍ୟ ବୁଝିବାରେ ନ ଆସିଲେ, ତେବେ ତାହାର ଜ୍ଞାତା ମହାପୁରୁଷଙ୍କ ସତ୍‌ସଙ୍ଗ ଆବଶ୍ୟକ ।

ସ୍ଥିତପ୍ରଜ୍ଞ ମହାପୁରୁଷଙ୍କ ଲକ୍ଷଣ କହିବାକୁ ଯାଇ, ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ– ଯେପରି ଆକାଶ ସର୍ବତ୍ର ସମାନ ରୂପେ ରହି ମଧ୍ୟ ନିର୍ଲିପ୍ତ ଅଟେ, ଯେପରି ସୂର୍ଯ୍ୟ ସର୍ବତ୍ର ପ୍ରକାଶ ଦେଇଥାଇ ମଧ୍ୟ ନିର୍ଲିପ୍ତ ଅଟେ, ଠିକ୍ ଏହିପରି ସ୍ଥିତପ୍ରଜ୍ଞ ମହାପୁରୁଷ ସର୍ବତ୍ର ଈଶ୍ୱର ସମାନ ଭାବରେ ରହିଥାବା, ଏପରି ସର୍ବତ୍ର ସମାନ

ଦେଖୁଥିବା ପୁରୁଷ କ୍ଷେତ୍ର ଠାରୁ ଅଥବା ପ୍ରକୃତି ଠାରୁ ସର୍ବଥା ନିର୍ଲିପ୍ତ ରହିଥାଏ । ଶେଷରେ ସେ ନିର୍ଣ୍ଣୟ ଦେଲେ ଯେ କ୍ଷେତ୍ର ଏବଂ କ୍ଷେତ୍ରଜ୍ଞର ଅନୁଭବ ଜ୍ଞାନରୂପୀ ନେତ୍ର ଦ୍ୱାରାହିଁ ସମ୍ଭବ ହୋଇଥାଏ । ଜ୍ଞାନ, ଯେପରି କି ପୂର୍ବରୁ କୁହାଯାଇଛି, ସେହି ପରମାତ୍ମାଙ୍କ ପ୍ରତ୍ୟକ୍ଷ ଦର୍ଶନ ସହିତ ପ୍ରାପ୍ତ ହେଉଥିବା ଅନୁଭବ ଅଟେ । ଶାସ୍ତ୍ରମାନଙ୍କୁ କଣ୍ଠସ୍ଥ କରି ପ୍ରବଚନ କରିବା ଜ୍ଞାନ ନୁହଁ ବରଂ ଅଧ୍ୟୟନ ତଥା ମହାପୁରୁଷଙ୍କ ଠାରୁ ସେହି କର୍ମକୁ ସମ୍ୟକ୍ ରୂପରେ ବୁଝି, ସେହି କର୍ମ ପଥରେ କ୍ରିୟାଶୀଳ ହୋଇ ମନ ସହିତ ଇନ୍ଦ୍ରିୟର ନିରୋଧ ଏବଂ ସେହି ନିରୋଧ କାଳରେ ପରମତତ୍ତ୍ୱକୁ ଦେଖିବା ସହିତ ଯେଉଁ ଅନୁଭୂତି ହୋଇଥାଏ, ସେହି ଅନୁଭୂତିର ନାମ ହିଁ ଜ୍ଞାନ ଅଟେ । କ୍ରିୟା ଅତ୍ୟନ୍ତ ଆବଶ୍ୟକ ଅଟେ । ଏହି ଅଧ୍ୟାୟରେ ମୁଖ୍ୟତଃ କ୍ଷେତ୍ରଜ୍ଞର ବିସ୍ତାର ପୂର୍ବକ ବର୍ଣ୍ଣନା କରାଯାଇଛି । ବସ୍ତୁତଃ କ୍ଷେତ୍ରର ସ୍ୱରୂପ ବ୍ୟାପକ ଅଟେ । ଶରୀର କହିବା ତ ଅତି ସରଳ କିନ୍ତୁ ଶରୀରର ସମ୍ବନ୍ଧ କେଉଁ ପର୍ଯ୍ୟନ୍ତ ରହିଛି ? ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ମୂଳ ପ୍ରକୃତିର ବିସ୍ତାର ମାତ୍ର । ଅନନ୍ତ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଆପଣଙ୍କ ଶରୀର ବିସ୍ତାରିତ । ତଦ୍ ଦ୍ୱାରା ଆପଣଙ୍କ ଜୀବନ ଊର୍ଜସ୍ୱୀତ ହୁଏ । ତାହା ବ୍ୟତୀତ ଆପଣ ବଞ୍ଚିପାରିବେ ନାହିଁ । ଏହି ଭୂଭଣ୍ଡଳ , ବିଶ୍ୱଜଗତ, ଦେଶ ପ୍ରଦେଶ ଏବଂ ଆପଣଙ୍କ ଏହି ଦେଖାଯାଉଥିବା ଶରୀର ସେହି ପ୍ରକୃତିର ଏକଖଣ୍ଡ ମଧ୍ୟ ନୁହଁ । ଏହି ପ୍ରକାର କ୍ଷେତ୍ରକୁ ହିଁ ଏହି ଅଧ୍ୟାୟରେ ବିସ୍ତାର ପୂର୍ବକ କୁହାଯାଇଛି । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗୋ' ନାମ ତ୍ରୟୋଦଶୋଽଧ୍ୟାୟଃ ॥୧୩॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷଦ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗୋ' ନାମ ତ୍ରୟୋଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗୋ' ନାମ ତ୍ରୟୋଦଶୋଽଧ୍ୟାୟଃ ॥୧୩॥**

**॥ ହରି ଓଁ ତତ୍ସତ୍ ॥**

ଓଁ

## ଶ୍ରୀ ପରମାତ୍ମନେ ନମଃ

# ଅଥ ଚତୁର୍ଦ୍ଦଶୋऽଧ୍ୟାୟଃ

ପୂର୍ବରୁ ଅନେକ ଅଧ୍ୟାୟମାନଙ୍କରେ ଶ୍ରୀକୃଷ୍ଣ ଜ୍ଞାନର ସ୍ୱରୂପ ସ୍ପଷ୍ଟ କଲେ । ଚତୁର୍ଥ ଅଧ୍ୟାୟ ୧୯ଶ୍ଳୋକରେ କହିଲେ– ଯେଉଁ ପୁରୁଷ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଆରମ୍ଭ କରାଯାଇଥିବା ନିୟତ କର୍ମାଚରଣର କ୍ରମଶଃ ଉତ୍‌ଥାନ ହୋଇ ହୋଇ ଏତେ ସୂକ୍ଷ୍ମ ହୋଇଯାଏ ଯେ, କାମନା ଓ ସଙ୍କଳ୍ପର ସର୍ବଥା ଶମନ ହୋଇଯାଏ, ସେହି ସମୟରେ ଯାହାକୁ ସେ ଜାଣିବାକୁ ଚାହୁଁଥାଏ, ତାହାର ପ୍ରତ୍ୟକ୍ଷ ଅନୁଭୂତି ହୋଇଯାଏ । ସେହି ଅନୁଭୂତିର ନାମ ହିଁ ଜ୍ଞାନ ଅଟେ । ତ୍ରୟୋଦଶ ଅଧ୍ୟାୟରେ ଜ୍ଞାନକୁ ପରିଭାଷିତ କଲେ । **''ଅଧ୍ୟାତ୍ମଜ୍ଞାନ ନିତ୍ୟତ୍ୱଂ ତତ୍ତ୍ୱ ଜ୍ଞାନାର୍ଥ ଦର୍ଶନମ୍ ''**। ଆତ୍ମଜ୍ଞାନରେ ଏକରସ ସ୍ଥିତି ଏବଂ ତତ୍ତ୍ୱର ଅର୍ଥ ସ୍ୱରୂପ ପରମାତ୍ମାଙ୍କ ପ୍ରତ୍ୟକ୍ଷ ଦର୍ଶନ ହିଁ ଜ୍ଞାନ ଅଟେ । କ୍ଷେତ୍ର–କ୍ଷେତ୍ରଜ୍ଞର ଭେଦକୁ ବିଦିତ କରିଦେବା ପରେ ହିଁ ଜ୍ଞାନ ହୋଇଥାଏ । ଜ୍ଞାନର ଅର୍ଥ ଶାସ୍ତ୍ରାର୍ଥ ନୁହଁ । ଶାସ୍ତ୍ରକୁ କଣ୍ଠସ୍ଥ କରି ପ୍ରବଚନ ଦେବା ଜ୍ଞାନ ନୁହଁ । ଶାସ୍ତ୍ରମାନଙ୍କ ଅଭ୍ୟାସ ସହିତ କ୍ରିୟାଚରଣର ସେହି ଅବସ୍ଥା ହିଁ ଜ୍ଞାନ ଅଟେ । ଯେଉଁଠାରେ ସେହି ତତ୍ତ୍ୱ ବିଦିତ ହୋଇଥାଏ । ପରମାତ୍ମାଙ୍କ ସାକ୍ଷାତ୍‌କାର ସହିତ ପ୍ରାପ୍ତ ହେଉଥିବା ଅନୁଭୂତିର ନାମ ହିଁ ଜ୍ଞାନ । ଏହାର ବିପରୀତ ଯାହା କିଛି ରହିଛି, ସେ ସମସ୍ତ ଅଜ୍ଞାନ ଅଟେ ।

ଏହିପରି ସବୁକିଛି କହିବା ପରେ ମଧ୍ୟ ପ୍ରସ୍ତୁତ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି– ହେ ଅର୍ଜୁନ **!** ଏହି ଜ୍ଞାନରେ ମଧ୍ୟ ପରମୋତ୍ତମ ଜ୍ଞାନକୁ ମୁଁ ପୁନଃ ତୁମ ନିମନ୍ତେ କହିବି । ଯୋଗେଶ୍ୱର ତାହାର ପୁନରାବୃତ୍ତି କରିବାକୁ ଯାଉଛନ୍ତି । କାରଣ **'ଶାସ୍ତ୍ର ସୁଚିନ୍ତିତ ପୁନି ପୁନି ଦେଖିୟ'–** ସମ୍ୟକ୍ ରୂପରେ ଚିନ୍ତନ କରିଥିବା ଶାସ୍ତ୍ର ମଧ୍ୟ ବାରମ୍ବାର ଦେଖିବା, ବୁଝିବା ଆବଶ୍ୟକ । ଏତିକି ହିଁ ନୁହଁ ଯେତିକି ଯେତିକି ସାଧନ ପଥରେ ଆପଣ ଅଗ୍ରସର ହେବେ ଏବଂ ସେହି ଇଷ୍ଟଙ୍କ ଭିତରେ ସେତିକି ସେତିକି ପ୍ରବେଶ ପାଉଥିବେ, ସେତିକି ସେତିକି ବ୍ରହ୍ମଙ୍କଠାରୁ ନୂତନ ନୂତନ ଅନୁଭୂତି ପ୍ରାପ୍ତ ହେଉଥିବ । ଏହି ଅନୁଭୂତି ସଦ୍‌ଗୁରୁ ତତ୍ତ୍ୱଦର୍ଶୀ ମହାପୁରୁଷ ହିଁ ଦେଇଥାନ୍ତି । ତେଣୁ କରି ଶ୍ରୀକୃଷ୍ଣ କହୁଛନ୍ତି ଯେ, ମୁଁ ପୁନଃ ତୁମକୁ କହିବି ।

ସୁରତ ଅର୍ଥାତ୍ ସ୍ମୃତି ଏପରି ପଟଳ ଯେ, ଯେଉଁଥିରେ ସଂସ୍କାର ମାନଙ୍କର ଅଙ୍କନ ସଦୈବ ହେଉଥାଏ । ଯଦି ପଥିକଙ୍କୁ ଇଷ୍ଟଙ୍କ ଠାରେ ପ୍ରବେଶ କରାଉଥିବା

ଅନୁଭୂତି ଧୂମିଳା ହୋଇଯାଏ, ତେବେ ସେହି ସ୍ମୃତି ପଟଳରେ ପ୍ରକୃତି ଅଙ୍କିତ ହୋଇଯାଏ । ଯାହା ବିନାଶର କାରଣ ହୋଇଥାଏ । ତେଣୁ ପୂର୍ତ୍ତି ପର୍ଯ୍ୟନ୍ତ ସାଧକଙ୍କୁ ଇଷ୍ଟ ସମ୍ବନ୍ଧି ଅନୁଭବକୁ ପୁନରାବୃତ୍ତି କରିବା ଆବଶ୍ୟକ । ଆଜି ସ୍ମୃତି ଜୀବନ୍ତ ରହିଛି କିନ୍ତୁ ଆଗକୁ ପ୍ରବେଶ ପାଇଲା ପରେ ଏହି ଅବସ୍ଥା ରହିବ ନାହିଁ । ତେଣୁ ପୂଜ୍ୟ ଗୁରୁ ମହାରାଜଜୀ କହୁଥିଲେ ଯେ, ବ୍ରହ୍ମବିଦ୍ୟା ଚିନ୍ତନ ପ୍ରତିଦିନ କର । ବ୍ରହ୍ମବିଦ୍ୟାର ଗୋଟିଏ ମାଳା ପ୍ରତିଦିନ ଘୁରାନ୍ତୁ । ଯାହା ଚିନ୍ତନ ଦ୍ୱାରା ଘୁରାନ୍ତି, ତାହା ବାହ୍ୟମାଳା ନୁହଁ ।

ଗୁରୁ ମହାରାଜଙ୍କ ବ୍ରହ୍ମବିଦ୍ୟା ଯାହାକୁ ପ୍ରାପ୍ତ ହୋଇଛି, ତାହାଙ୍କୁ ତ ସାଧନାରେ ପାଗଳ ହୋଇଯିବା ଉଚିତ । ଏହା ତ ସାଧକଙ୍କ ନିମନ୍ତେ ଅଟେ । କିନ୍ତୁ ଯିଏ, ବାସ୍ତବିକ ସଦ୍‌ଗୁରୁ ହୋଇଥାନ୍ତି, ସେ ସତତ ସେହି ପଥିକଙ୍କ ପଛରେ ଲାଗି ରହିଥାନ୍ତି । ଭିତରେ ତାହାଙ୍କ ଆତ୍ମା ସହିତ ଜାଗ୍ରତ ହୋଇ ତଥା ବାହାରେ ନିଜର କ୍ରିୟା କଳାପ ଦ୍ୱାରା ତାହାଙ୍କୁ ଅଭିନବ ପରିସ୍ଥିତିରେ ଅବଗତ କରାଇଥାନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣ ମଧ ମହାପୁରୁଷ ଥିଲେ । ଅର୍ଜୁନ ଶିଷ୍ୟର ସ୍ଥାନରେ ଥିଲେ । ସେ ଶ୍ରୀକୃଷ୍ଣଙ୍କୁ ସମ୍ଭାଳିବା ନିମନ୍ତେ ପ୍ରାର୍ଥନା କହିଥିଲେ । ତେଣୁ କରି ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି ଯେ, ଜ୍ଞାନମାନଙ୍କରେ ମଧ ଅତି ଉତ୍ତମ ଜ୍ଞାନ ମୁଁ ପୁନଃ ତୁମ ନିମନ୍ତେ କହିବି ।

**ଶ୍ରୀ ଭଗବାନୁବାଚ**

**ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନଂ ଜ୍ଞାନମୁତ୍ତମମ୍ ।**
**ଯଜ୍‌ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ।।୧।।**

ହେ ଅର୍ଜୁନ ! ଜ୍ଞାନମାନଙ୍କର ମଧ ଅତି ଉତ୍ତମ ଜ୍ଞାନକୁ ମୁଁ ପୁନଃ ତୁମ ନିମନ୍ତେ କହିବି । ଯାହାକୁ ଜାଣି ସମସ୍ତ ମୁନିଜନ ଏହି ସଂସାରରୁ ମୁକ୍ତି ହୋଇ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଥାନ୍ତି । ଯାହା ପରେ କିଛି ମଧ ପାଇବା ଶେଷ ରହିନଥାଏ ।

**ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।**
**ସର୍ବେଽପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ।।୨।।**

ଏହି ଜ୍ଞାନ **'ଉପାଶ୍ରିତ୍ୟ'** ଅର୍ଥାତ୍ ନିକଟରୁ ଆଶ୍ରିତ ହୋଇ, କ୍ରିୟାନ୍ୱିତ ହୋଇ ନିକଟରେ ପହୁଞ୍ଚି, ମୋର ସ୍ୱରୂପକୁ ପ୍ରାପ୍ତ ହୋଇଥିବା ଲୋକେ ସୃଷ୍ଟିର ଆଦିରେ ପୁନଃ ଜନ୍ମ ନେଇ ନ ଥାନ୍ତି ଏବଂ ପ୍ରଳୟ କାଳରେ ଅର୍ଥାତ୍ ଦେହାନ୍ତ ସମୟରେ ବ୍ୟାକୁଳ ମଧ ହୋଇ ନ ଥାନ୍ତି । କାରଣ ମହାପୁରୁଷଙ୍କ ଶରୀରର ଅନ୍ତ ସେହିଦିନ ହୋଇଥାଏ, ଯେବେ ସେ ନିଜ ସ୍ୱରୂପକୁ ପ୍ରାପ୍ତ ହୋଇଯାଏ । ତାହା ପରେ ତାହାଙ୍କ ଶରୀର ବାସ କରିବା ନିମନ୍ତେ ଗୋଟିଏ ଗୃହ ହୋଇ ହିଁ ରହିଥାଏ । ପୁନର୍ଜନ୍ମର ସ୍ଥାନ କେଉଁଠି, ଯେଉଁଠାରେ ଲୋକେ ଜନ୍ମ ନେଉଥାନ୍ତି ? ଏହା ଉପରେ ଶ୍ରୀକୃଷ୍ଣ କହୁଛନ୍ତି –

**ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍‌ଗର୍ଭଂ ଦଧାମ୍ୟହମ୍ ।**
**ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ।।୩।।**

ହେ ଭାରତ ! ମୋର **'ମହଦ୍‌ବ୍ରହ୍ମ'**– ଅର୍ଥାତ୍ ଅଷ୍ଟଧା ମୂଳ ପ୍ରକୃତି ସମ୍ପୂର୍ଣ୍ଣ ଭୂତର ଯୋନୀ ଅଟେ ଏବଂ ସେଥିରେ ମୁଁ ଚେତନରୂପୀ ବୀଜକୁ ସ୍ଥାପନ କରିଥାଏ । ସେହି ଜଡ଼–ଚେତନର ସଂଯୋଗ ଦ୍ୱାରା ସମ୍ପୂର୍ଣ୍ଣ ଭୂତ ଉତ୍ପତ୍ତି ହୋଇଥାନ୍ତି ।

**ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ୟାଃ ।**
**ତାସାଂ ବ୍ରହ୍ମ ମହଦ୍‌ୟୋନିରହଂ ବୀଜପ୍ରଦଃ ପିତା ।।୪।।**

ହେ କୌନ୍ତେୟ ! ସମ୍ପୂର୍ଣ୍ଣ ଯୋନୀରେ ଯେତେ ଶରୀର ଉତ୍ପନ୍ନ ହୋଇଥାନ୍ତି, ସେହି ସମସ୍ତଙ୍କ ଯୋନୀ, ଗର୍ଭଧାରଣ କରୁଥିବା ମାତା, ଅଷ୍ଟଭେଦ ଯୁକ୍ତ ମୂଳ ପ୍ରକୃତି ଅଟେ ଏବଂ ମୁଁ ହିଁ ବୀଜକୁ ସ୍ଥାପନ କରୁଥିବା ପିତା ଅଟେ । ଅନ୍ୟ କିଏ ନା ମାତା ଅଛନ୍ତି ନା ପିତା । ଯେଉଁ ପର୍ଯ୍ୟନ୍ତ ଜଡ଼–ଚେତନର ସଂଯୋଗ ରହିଥିବ । ଜନ୍ମ ତ ହୋଇ ଚାଲିଥିବ, ନିମିତ୍ତ କିଏ ନା କିଏ ନିଶ୍ଚୟ ହେବେ । ଚେତନ ଆତ୍ମା ଜଡ଼ ପ୍ରକୃତିରେ କାହିଁକି ବାନ୍ଧି ହୋଇଯାଇଥାଏ ? ଏହା ଉପରେ କହୁଛନ୍ତି –

**ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତି ସମ୍ଭବାଃ ।**
**ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ।।୫।।**

ହେ ମହାବାହୋ ଅର୍ଜୁନ ! ସତ୍ୱଗୁଣ, ରଜଗୁଣ ଓ ତମଗୁଣ ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ତିନିଗୁଣ ହିଁ ଏହି ଅବିନାଶୀ ଜୀବାତ୍ମାକୁ ଶରୀରରେ ବାନ୍ଧି ଥାଏ କେଉଁ ପରି–

**ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।**
**ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ।।୬।।**

ହେ ନିଷ୍ପାପ ଅର୍ଜୁନ ! ସେହି ତିନିଗୁଣରେ ପ୍ରକାଶ କରୁଥିବା ନିର୍ବିକାର ସତ୍ୱଗୁଣ ତ 'ନିର୍ମଳ ତ୍ୱାତ୍' – ନିର୍ମଳ ହେବା ଯୋଗୁଁ ସୁଖ ଏବଂ ଜ୍ଞାନର ଆସକ୍ତି ଦ୍ୱାରା ଆତ୍ମାକୁ ଶରୀରରେ ବାନ୍ଧି ଦେଇଥାଏ । ସତ୍ୱଗୁଣ ମଧ୍ୟ ବାନ୍ଧି ଥାଏ । ସତ୍ୱଗୁଣ ମଧ୍ୟ ବନ୍ଧନ ହିଁ ଅଟେ । ଅନ୍ତର ଏତିକି ହିଁ ଅଟେ ଯେ, ସୁଖ ଏକମାତ୍ର ପରମାତ୍ମାରେ ହିଁ ନିହିତ ଏବଂ ସାକ୍ଷାତ୍‌କାରର ନାମହିଁ ଜ୍ଞାନ ଅଟେ । ସତ୍ୱଗୁଣି ସେ ପର୍ଯ୍ୟନ୍ତ ବନ୍ଧନରେ ରହିଥାଏ, ଯେଉଁ ପର୍ଯ୍ୟନ୍ତ ପରମାତ୍ମାଙ୍କ ସାକ୍ଷାତ୍‌କାର ହୋଇନଥାଏ ।

**ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।**
**ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ।।୭।।**

ହେ ଅର୍ଜୁନ ! ରାଗର ଜୀବନ୍ତ–ଜାଗ୍ରତ ହୋଇଥିବା ସ୍ୱରୂପ ରଜୋଗୁଣ ହିଁ

ଅଟେ । ଏହାକୁ ତୁମେ **'କର୍ମସଂଗେନ'–** କାମନା ଏବଂ ଆସକ୍ତିରୁ ହିଁ ଉତ୍ପନ୍ନ ହୋଇଛି ବୋଲି ଜାଣ । ସେ ଜୀବାତ୍ମାକୁ କର୍ମ ଏବଂ ତାହାର ଫଳ ଆସକ୍ତିରେ ବାନ୍ଧି ଥାଏ । ସେ କର୍ମରେ ପ୍ରବୃତ୍ତି ଦେଇଥାଏ–

**ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।**
**ପ୍ରମାଦାଲସ୍ୟ ନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ।।୮।।**

ହେ ଅର୍ଜୁନ ! ସମସ୍ତ ଦେହ ଧାରୀମାନଙ୍କୁ ମୋହ ଗ୍ରାସ କରୁଥିବା ତମୋଗୁଣକୁ ତୁମେ ଅଜ୍ଞାନରୁ ଉତ୍ପନ୍ନ ହୋଇଛି ବୋଲି ଜାଣ । ସେ ଏହି ଆତ୍ମାକୁ ପ୍ରମାଦ ଅର୍ଥାତ୍ ବ୍ୟର୍ଥ ଚେଷ୍ଟା ଆଳସ୍ୟ (କାଲିକି କରିବା ଏହିପରି ଭାବନା) ଏବଂ ନିଦ୍ରା ଦ୍ୱାରା ବାନ୍ଧିଥାଏ । ନିଦ୍ରାର ଅର୍ଥ ଏହା ନୁହଁ ଯେ, ତମଗୁଣି ଅଧିକ ଶୋଇଥାଏ । ଶରୀର ଶୋଇଥାଏ,ଏପରି ନୁହଁ । **''ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ''–** ଜଗତ ହିଁ ରାତ୍ରି ଅଟେ । ତମଗୁଣି ବ୍ୟକ୍ତି ଏହି ଜଗତ ରୂପୀ ରାତ୍ରିରେ ରାତ୍ରଦିନ ବ୍ୟସ୍ତ ରହିଥାଏ– ପ୍ରକାଶ ସ୍ୱରୂପ ଆଡ଼କୁ ଅଚେତ ରହିଥାଏ । ଏହା ହିଁ ତମୋଗୁଣିଙ୍କ ନିଦ୍ରା । ଏହି ଜଞ୍ଜାଳରେ ଯିଏ ଲିପ୍ତ ରହିଛି ସେ ହିଁ ଶୋଇ ରହିଛି । ବର୍ତ୍ତମାନ ତିନିଗୁଣରୁ ଉତ୍ପନ୍ନ ବନ୍ଧନର ସାମୁହିକ ସ୍ୱରୂପକୁ କହୁଛନ୍ତି–

**ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।**
**ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ।।୯।।**

ହେ ଅର୍ଜୁନ ! ସତ୍ତ୍ୱଗୁଣ ସୁଖରେ ଲଗାଇଥାଏ, ଶାଶ୍ୱତ ପରମ ସୁଖର ଧାରାରେ ଲଗାଇଥାଏ, ରଜଗୁଣ କର୍ମରେ ପ୍ରବୃତ କରିଥାଏ ଏବଂ ତମଗୁଣ ଜ୍ଞାନକୁ ଆଚ୍ଛାଦିତ କରି ପ୍ରମାଦରେ ଅର୍ଥାତ୍ ଅନ୍ତଃକରଣର ବ୍ୟର୍ଥ ଚେଷ୍ଟାରେ ଲଗାଇଥାଏ । ତେବେ ପୃଥକ୍ ପୃଥକ୍ କିପରି ବିଭକ୍ତ ହୋଇଯାନ୍ତି ? ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି –

**ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।**
**ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ।୧୦।।**

ହେ ଅର୍ଜୁନ ! ରଜଗୁଣ ଏବଂ ତମଗୁଣକୁ ଦମନ କରି ସତ୍ତ୍ୱଗୁଣ ବୃଦ୍ଧି ହୋଇଥାଏ, ସେପରି ସତ୍ତ୍ୱଗୁଣ ଓ ତମଗୁଣକୁ ଦମନ କରି ରଜଗୁଣ ବୃଦ୍ଧି ହୋଇଥାଏ ତଥା ଏହିପରି ରଜଗୁଣ ଓ ସତ୍ତ୍ୱଗୁଣକୁ ଦମନକରି ତମଗୁଣ ହୋଇଥାଏ । ଏହାକୁ କିପରି ଜାଣିପାରିବା, ଯେ କେବେ କେଉଁ ଗୁଣ କାର୍ଯ୍ୟ କରୁଛି ?

**ସର୍ବଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ**
**ଜ୍ଞାନଂ ଯଦା ତଦା ବିଦ୍ୟାଦ୍ ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ ।।୧୧।।**

ଯେଉଁ ସମୟରେ ଏହି ଶରୀର ତଥା ଅନ୍ତଃକରଣ ଏବଂ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କଠାରେ ଈଶ୍ୱରୀୟ ପ୍ରକାଶ ଏବଂ ବୋଧଶକ୍ତି ଉତ୍ପନ୍ନ ହୋଇଥାଏ, ସେହି ସମୟରେ ସତ୍ୱଗୁଣ ବିଶେଷ ବୃଦ୍ଧି ପ୍ରାପ୍ତ କରିଛି ବୋଲି ଜାଣିବାକୁ ହେବ । ତଥା–

**ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା ।**
**ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ॥୧୨॥**

ହେ ଅର୍ଜୁନ ! ରଜଗୁଣ ବିଶେଷ ବୃଦ୍ଧି ହେବା ଦ୍ୱାରା ଲୋଭ, କର୍ମରେ ପ୍ରବୃତ ହେବାର ଚେଷ୍ଟା, କର୍ମର ପ୍ରାରମ୍ଭ, ଅଶାନ୍ତି ଅର୍ଥାତ୍ ମନର ଚଞ୍ଚଳତା, ବିଷୟ ଭୋଗର ଲାଳସା, ଏହିସବୁ ଉତ୍ପନ୍ନ ହୋଇଥାଏ, ବର୍ତ୍ତମାନ ତମଗୁଣର ବୃଦ୍ଧି ହେଲେ କ'ଣ ହୋଇଥାଏ ?

**ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।**
**ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ॥୧୩॥**

ହେ ଅର୍ଜୁନ ! ତମଗୁଣର ବୃଦ୍ଧି ହେଲେ ଅପ୍ରକାଶଃ (ପ୍ରକାଶ ପରମାତ୍ମାଙ୍କ ଦ୍ୟୋତକ ଅଟେ) ଈଶ୍ୱରୀୟ ପ୍ରକାଶ ଆଡ଼କୁ ନ ବଢ଼ିବାର ସ୍ୱଭାବ, **'କାର୍ୟଂକର୍ମ'–** ଯାହା କରିବା ଯୋଗ୍ୟ ପ୍ରକ୍ରିୟା ବିଶେଷ ସେଥିରେ ଅପ୍ରବୃତି, ଅନ୍ତଃକରଣରେ ବ୍ୟର୍ଥ ଚେଷ୍ଟାମାନଙ୍କ ପ୍ରବାହ ଏବଂ ସଂସାରରେ ମୁଗ୍ଧ କରିପାରୁଥିବା ପ୍ରବୃତି ଏହି ସମସ୍ତ ଉତ୍ପନ୍ନ ହୋଇଥାନ୍ତି । ଏହି ଗୁଣକୁ ଜାଣିଲେ କ'ଣ ବା ଲାଭ ହୋଇଥାଏ ?

**ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍ ।**
**ତଦୋତ୍ତମବିଦାଂ ଲୋକାନମଲାନ୍ ପ୍ରତିପଦ୍ୟତେ ॥୧୪॥**

ଯେତେବେଳେ ଏହି ଜୀବାତ୍ମା ସତ୍ତ୍ୱ ଗୁଣର ବୃଦ୍ଧିକାଳରେ ମୃତ୍ୟୁକୁ ପ୍ରାପ୍ତ ହୋଇଥାଏ, ଶରୀର ତ୍ୟାଗ କରିଥାଏ, ସେତେବେଳେ ଉତ୍ତମ କର୍ମ କରୁଥିବା ମଳ ରହିତ ଦିବ୍ୟ ଲୋକକୁ ପ୍ରାପ୍ତ ହୋଇଥାଏ –

**ରଜସି ପ୍ରଳୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।**
**ତଥା ପ୍ରଲୀନସ୍ତମସି ମୂଢ଼ଯୋନିଷୁ ଜାୟତେ ॥୧୫॥**

ରଜଗୁଣ ବୃଦ୍ଧି ହେବା ଦ୍ୱାରା ମୃତ୍ୟୁକୁ ପ୍ରାପ୍ତ ହେବା ମନୁଷ୍ୟ କର୍ମାସକ୍ତ ଲୋକରେ ଜନ୍ମ ନେଇଥାଏ, ତଥା ତମଗୁଣର ବୃଦ୍ଧି ଦ୍ୱରା ମୃତ୍ୟୁବରଣ କରିଥିବା ବ୍ୟକ୍ତି ମୂଢ଼ ଯୋନିରେ ଜନ୍ମ ନେଇଥାଏ । ଯେଉଁଥିରେ କୀଟ–ପତଙ୍ଗାଦି ଯୋନିର ବିସ୍ତାର ରହିଛି – ଅତଃ ମନୁଷ୍ୟକୁ ସାତ୍ତ୍ୱିକ ଗୁଣଯୁକ୍ତ ହେବା ଆବଶ୍ୟକ । ପ୍ରକୃତିର ଏହି ବ୍ୟାଙ୍କ ଆପଣଙ୍କ ଏହି ଅର୍ଜିତ ଗୁଣକୁ ମୃତ୍ୟୁ ପରେ ମଧ ସଞ୍ଚିତ ଧନ ସୁରକ୍ଷିତ ମିଳିଥାଏ । ବର୍ତ୍ତମାନ ଏହାର ପରିଣାମକୁ ଦେଖିବା –

**କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍ ।**
**ରଜସସ୍ତୁ ଫଳଂ ଦୁଃଖମଜ୍ଞାନଂ ତମସଃ ଫଳମ୍ ॥୧୬॥**

ସାତ୍ତ୍ୱିକ କର୍ମର ଫଳ ସାତ୍ତ୍ୱିକ ଅର୍ଥାତ୍ ନିର୍ମଳ ସୁଖ, ଜ୍ଞାନ ଏବଂ ବୈରାଗ୍ୟାଦି କୁହାଯାଇଛି । ରାଜସ କର୍ମର ଫଳ ଦୁଃଖ ଏବଂ ତାମସ କର୍ମର ଫଳ ଅଜ୍ଞାନ ଅଟେ ।

**ସତ୍ତ୍ୱାତ୍ ସଞ୍ଜାୟତେ ଜ୍ଞାନଂ ରଜସୋଲୋଭ ଏବ ଚ ।**
**ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ॥୧୭॥**

ସତ୍ତ୍ୱଗୁଣ ଦ୍ୱାରା ଜ୍ଞାନ ଉତ୍ପନ୍ନ ହୋଇଥାଏ ଅର୍ଥାତ୍ ଈଶ୍ୱରୀୟ ଅନୁଭୂତିର ନାମ ହିଁ ଜ୍ଞାନ ଅଟେ । ଈଶ୍ୱରୀୟ ଅନୁଭୂତିର ପ୍ରବାହ ହୋଇଥାଏ । ରଜଗୁଣରୁ ନିଃସନ୍ଦେହ ଲୋଭ ଉତ୍ପନ୍ନ ହୋଇଥାଏ । ତଥା ତମୋଗୁଣରୁ ପ୍ରମାଦ, ମୋହ, ଆଳସ୍ୟ ଏବଂ ଅଜ୍ଞାନ ହିଁ ଉତ୍ପନ୍ନ ହୋଇଥାଏ । ଏହି ସବୁ ଉତ୍ପନ୍ନ ହୋଇ କେଉଁ ଗତି ପ୍ରଦାନ କରିଥାନ୍ତି ?

**ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।**
**ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ॥୧୮॥**

ସତ୍ତ୍ୱଗୁଣରେ ସ୍ଥିତ ହୋଇଥିବା ପୁରୁଷ **''ଊର୍ଦ୍ଧ୍ୱମୂଳଂ''** ଅର୍ଥାତ୍ ସେହି ମୂଳ ପରମାତ୍ମାଙ୍କ ଆଡ଼କୁ ପ୍ରବାହିତ ହୋଇ ନିର୍ମଳ ଲୋକକୁ ଯାଇଥାଏ । ରଜଗୁଣରେ ସ୍ଥିତ ରାଜସ ପୁରୁଷ ମଧ୍ୟମ ଶ୍ରେଣୀରେ ମନୁଷ୍ୟ ହୋଇଥାନ୍ତି, ଯାହାର ନିକଟରେ **'ସାତ୍ତ୍ୱିକଂ'**, ବିବେକ ଓ ବୈରାଗ୍ୟ ରହିନଥାଏ ଏବଂ ଅଧମ କୀଟ ପତଙ୍ଗ ଆଦି ଯୋନିରେ ମଧ୍ୟ ଯାଇନଥାଏ ବରଂ ପୁନର୍ଜନ୍ମକୁ ପ୍ରାପ୍ତ ହୋଇଥାଏ, ନିନ୍ଦିତ ତମଗୁଣରେ ପ୍ରବୃତ୍ତ ହୋଇଥିବା ତାମସ ପୁରୁଷ **'ଅଧୋଗତିଃ'** ଅର୍ଥାତ୍ ପଶୁ, ପକ୍ଷୀ, କୀଟ, ପତଙ୍ଗାଦି ଅଧମ ଯୋନିକୁ ପ୍ରାପ୍ତ ହୋଇଥାଏ । ଏହିପରି ତିନିଗୁଣ ଯେ କୌଣସି ପ୍ରକାରେ ଯୋନି ଭ୍ରମଣର ହିଁ କାରଣ ହୋଇଥାଏ । ଯେଉଁ ପୁରୁଷ ତିନିଗୁଣକୁ ପାର କରିନେଇଥାଏ । ସେ ଜନ୍ମ ବନ୍ଧନରୁ ମୁକ୍ତି ପାଇଯାଇଥାଏ ଏବଂ ମୋର ସ୍ୱରୂପକୁ ପ୍ରାପ୍ତ ହୋଇଯାଇଥାଏ । ଏହାକୁ ପୁନଃ କହୁଛନ୍ତି–

**ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।**
**ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍‌ଭାବଂ ସୋଽଧିଗଚ୍ଛତି ॥୧୯॥**

ଯେଉଁ କାଳରେ ଦ୍ରଷ୍ଟା ପୁରୁଷ ଅର୍ଥାତ୍ ଆତ୍ମା ତିନିଗୁଣ ଅତିରିକ୍ତ ଅନ୍ୟ କାହାକୁ କର୍ତ୍ତା ଦେଖୁ ନଥାଏ ଏବଂ ତିନିଗୁଣରୁ ଅତ୍ୟନ୍ତ ପରେ ପରମତତ୍ତ୍ୱକୁ ବିଦିତ କରିନେଇଥାଏ, ସେହି ସମୟରେ ସେହି ପୁରୁଷ ମୋର ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ଏହା ବୌଦ୍ଧିକ ମାନ୍ୟତା ନୁହଁ ଯେ ଗୁଣ ଗୁଣରେ ପ୍ରବୃତ୍ତ ହୋଇଥାଏ । ସାଧନ କରିକରି ଏପରି ଏକ

ଅବସ୍ଥା ଆସିଥାଏ, ଯେଉଁଠାରେ ସେହି ପରମଠାରୁ ଅନୁଭୂତି ହୋଇଥାଏ କି ଗୁଣ ବ୍ୟତୀତ ଅନ୍ୟ କେହି କର୍ତ୍ତା ଦେଖାଯାଉନଥାଏ । ସେହି ସମୟରେ ପୁରୁଷ ତିନିଗୁଣରୁ ଅତୀତ ହୋଇଯାଇଥାଏ । ଏହା କଳ୍ପିତ ମାନ୍ୟତା ନୁହଁ ତଥା ଏହାକୁ ପୁନଃ କହୁଛନ୍ତି–

**ଗୁଣନେତାନତୀତ୍ୟ ତ୍ରୀନ୍‌ଦେହୀ ଦେହ ସମୁଦ୍‌ଭବାନ୍ ।**
**ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥୨୦॥**

ପୁରୁଷ ଏହି ସ୍ଥୂଳ ଶରୀର ଉତ୍ପତ୍ତିର କାରଣରୂପ ତିନିଗୁଣରୁ ଅତୀତ ହୋଇ ଜନ୍ମ, ମୃତ୍ୟୁ, ଜରା ଓ ସମ୍ପୂର୍ଣ୍ଣ ଦୁଃଖରୁ ବିଶେଷ ରୂପରେ ମୁକ୍ତ ହୋଇ ଅମୃତ ତତ୍ତ୍ୱକୁ ପାନ କରିଥାଏ । ବର୍ତ୍ତମାନ ଅର୍ଜୁନ ପ୍ରଶ୍ନ କରୁଛନ୍ତି–

**ଅର୍ଜୁନ ଉବାଚ**

**କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ ।**
**କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତ୍ତତେ ॥୨୧॥**

ହେ ପ୍ରଭୋ ! ଏହି ତିନିଗୁଣରୁ ମୁକ୍ତ ହୋଇଥିବା ପୁରୁଷ କେଉଁ କେଉଁ ଲକ୍ଷଣଯୁକ୍ତ ହୋଇଥାଏ ଏବଂ କେଉଁ ପ୍ରକାରର ଆଚରଣ କରିଥାଏ ତଥା ମନୁଷ୍ୟ କେଉଁ ଉପାୟରେ ଏହି ତିନିଗୁଣରୁ ଅତୀତ ହୋଇଥାଏ ?

**ଶ୍ରୀ ଭଗବାନ ଉବାଚ**

**ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।**
**ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଙ୍‌କ୍ଷତି ॥ ୨୨॥**

ଅର୍ଜୁନଙ୍କ ଉପରୋକ୍ତ ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଯେଉଁ ପୁରୁଷ ସତ୍ତ୍ୱଗୁଣର କାର୍ଯ୍ୟରୂପ ଈଶ୍ୱରୀୟ ପ୍ରକାଶ, ରଜଗୁଣର କାର୍ଯ୍ୟରୂପ ପ୍ରବୃତ୍ତି ଏବଂ ତମଗୁଣର କାର୍ଯ୍ୟରୂପ ମୋହ ଦ୍ୱାରା ପ୍ରବୃତ୍ତ ହେବାରେ ନା ତ ଖରାପ ମାନିଥାଏ ନା ନିବୃତ ହେବା ନିମନ୍ତେ ତାର ଆକାଂକ୍ଷା ହିଁ କରିଥାଏ । ତଥା–

**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ॥୨୩॥**

ଯିଏ ଏହିପରି ଉଦାସୀନ ଭାବରେ ସ୍ଥିତ ହୋଇଥିବା ପୁରୁଷ ଗୁଣଦ୍ୱାରା ବିଚଳିତ ହୋଇନଥାଏ, ଗୁଣ ଗୁଣ ଦ୍ୱାରା ହିଁ ପ୍ରବୃତ୍ତ ହୋଇଥାଏ, ଏପରି ଯଥାର୍ଥତଃ ଜାଣି ସେହି ସ୍ଥିତିରୁ ବିଚଳିତ ହୋଇନଥାଏ, ତେବେ ସେ ତିନିଗୁଣରୁ ଅତୀତ ହୋଇଥାଏ ।

**ସମ ଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।**
**ତୁଲ୍ୟପ୍ରିୟାପ୍ରିୟୋ ଧୀର ସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ॥୨୪॥**

ଯିଏ ନିରନ୍ତର ସ୍ୱୟଂ ଆତ୍ମଭାବରେ ସ୍ଥିତ, ସୁଖ ଏବଂ ଦୁଃଖରେ ସମାନ, ମାଟି ଓ ସୁବର୍ଣ୍ଣରେ ମଧ୍ୟ ସମାନଭାବ ଯୁକ୍ତ ହୋଇଥାଏ, ଧୌର୍ଯ୍ୟବାନ ହୋଇଥାଏ । ଯିଏ ପ୍ରିୟ ଓ ଅପ୍ରିୟକୁ ଭଲଭାବରେ ବୁଝିଥାଏ, ନିଜର ନିନ୍ଦା ତଥା ସ୍ତୁତିରେ ମଧ୍ୟ ସମାନ ଭାବଯୁକ୍ତ ରହିଥାଏ ଏବଂ–

**ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରି ପକ୍ଷୟୋଃ ।**
**ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ॥୨୫॥**

ଯିଏ ମାନ–ଅପମାନରେ ସମାନ ମିତ୍ର–ଶତ୍ରୁ ପକ୍ଷରେ ମଧ୍ୟ ସମାନ, ସେ ସମ୍ପୂର୍ଣ୍ଣ ଆରମ୍ଭରୁ ରହିତ ହୋଇଥିବା ପୁରୁଷଙ୍କୁ ଗୁଣାତୀତ କୁହାଯାଇଥାଏ । ଏହି ଅଧ୍ୟାୟର ୨୨ଶ୍ଳୋକରୁ ୨୫ ଶ୍ଳୋକ ପର୍ଯ୍ୟନ୍ତ ତିନି ଗୁଣରୁ ଅତୀତ ପୁରୁଷଙ୍କ ଲକ୍ଷଣ ଏବଂ ଆଚରଣକୁ କହିଲେ ଯେ, ସେ ବିଚଳିତ ହୋଇନଥାଏ, ତାହାକୁ ତିନିଗୁଣ ଦ୍ୱାରା ବିଚଳିତ କରାଯାଇ ପାରିବ ନାହିଁ । ସେ ସମ୍ପୂର୍ଣ୍ଣ ପରିସ୍ଥିତିରେ ସ୍ଥିର ରହୁଥାଏ । ବର୍ତ୍ତମାନ ପ୍ରସ୍ତୁତ ହେଉଛି ଯେ, ଗୁଣରୁ ଅତୀତ ହେବାର ବିଧି–

**ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।**
**ସ ଗୁଣାନ୍‌ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ॥୨୬॥**

ଯେଉଁ ପୁରୁଷ ଅବ୍ୟଭିଚାରୀଣି ଭକ୍ତିଦ୍ୱାରା ଅର୍ଥାତ୍ ଇଷ୍ଟଙ୍କ ଅତିରିକ୍ତ ଅନ୍ୟ ସାଂସାରିକ ସ୍ମରଣରୁ ଅତ୍ୟନ୍ତ ରହିତ ହୋଇ ଯୋଗ ଦ୍ୱାରା ଅର୍ଥାତ୍ ସେହି ନିୟତ କର୍ମ ଦ୍ୱାରା ମୋର ନିରନ୍ତର ଭଜନ କରୁଥାଏ, ସେ ଏହି ତିନଗୁଣକୁ ସମ୍ୟକ୍ ରୂପରେ ଉଲଂଘନ କରି ପରବ୍ରହ୍ମ ସହିତ ଏକ ହେବାରେ ଯୋଗ୍ୟତା ପାଇଥାଏ । ଯାହାର ନାମ ହେଉଛି 'କଳ୍ପ' । ବ୍ରହ୍ମ ସହିତ ଏକାକାର ହୋଇଯିବା ହିଁ ବାସ୍ତବିକ କଳ୍ପ ଅଟେ । ଅନନ୍ୟ ଭାବରେ ନିୟତ କର୍ମର ଆଚରଣ ନ କରି କୌଣସି ପୁରୁଷ ତିନଗୁଣରୁ ଅତୀତ ହୋଇନଥାଏ । ଶେଷରେ ଯୋଗେଶ୍ୱର ନିର୍ଣ୍ଣୟ ଦେଉଛନ୍ତି–

**ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।**
**ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ॥୨୭॥**

ହେ ଅର୍ଜୁନ ! ସେହି ଅବିନାଶୀ ବ୍ରହ୍ମର (ଯାହା ସହିତ ସେ କଳ୍ପ କରିଥାଏ ଯେଉଁଥିରେ ସେହି ଗୁଣାତୀତ ଏକ ଭାବରେ ପ୍ରବେଶ କରିଥାଏ) । ଅମୃତର, ଶାଶ୍ୱତ ଧର୍ମର ଏବଂ ସେହି ଅଖଣ୍ଡ ଏକରସ ଆନନ୍ଦର ମୁଁ ହିଁ ଆଶ୍ରୟ ହୋଇଥାଏ ଅର୍ଥାତ୍ ପରମାତ୍ମା ସ୍ଥିତ ସଦ୍‌ଗୁରୁ ହିଁ ଏହି ସମସ୍ତଙ୍କର ଆଶ୍ରୟସ୍ଥଳ ଅଟନ୍ତି । ଶ୍ରୀକୃଷ୍ଣ ଜଣେ

ଯୋଗେଶ୍ୱର ଥିଲେ । ବର୍ତ୍ତମାନ ଯଦି ଆପଣଙ୍କୁ ଅବ୍ୟକ୍ତ, ଅବିନାଶୀ, ବ୍ରହ୍ମ, ଶାଶ୍ୱତ ଧର୍ମ, ଅଖଣ୍ଡ ଏକରସ ଆନନ୍ଦର ଆବଶ୍ୟକତା ରହିଛି, ତେବେ ଯେ କୌଣସି ତତ୍ତ୍ୱସ୍ଥିତ ମହାପୁରୁଷଙ୍କ ଶରଣରେ ଯାଅ । ତାହାଙ୍କ ଦ୍ୱାରା ହିଁ ଏହା ସମ୍ଭବ ହୋଇଥାଏ ।

## ନିଷ୍କର୍ଷ–

ଏହି ଅଧ୍ୟାୟର ପ୍ରାରମ୍ଭରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଜ୍ଞାନମାନଙ୍କ ମଧ୍ୟରେ ଅତି ଉତ୍ତମ ପରମ ଜ୍ଞାନକୁ ମୁଁ ପୁନଃ ତୁମ ନିମନ୍ତେ କହିବି । ଯାହାକୁ ଜାଣି ମୁନିମାନେ ଉପାସନା ଦ୍ୱାରା ମୋର ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି, ପୁନଃ ସୃଷ୍ଟିର ଆଦିକାଳରେ ସେମାନେ ଜନ୍ମ ନେଇ ନ ଥାନ୍ତି । କିନ୍ତୁ ଶରୀରର ନିଧନ ତ ହୋଇଥାଏ । ମୃତ୍ୟୁ ସମୟରେ ସେମାନେ ବ୍ୟଥିତ ହୋଇ ନ ଥାନ୍ତି । ସେମାନେ ବାସ୍ତବରେ ଶରୀର ତ ସେହି ଦିନ ହିଁ ତ୍ୟାଗ କରି ଦେଇଥାନ୍ତି, ଯେଉଁଦିନ ସ୍ୱରୂପକୁ ପ୍ରାପ୍ତ କରି ଦେଇଥାନ୍ତି । ପ୍ରାପ୍ତି ଜୀବିତ ଅବସ୍ଥାରେ ହିଁ ହୋଇଥାଏ କିନ୍ତୁ ଶରୀରର ଅନ୍ତ ସମୟରେ ମଧ୍ୟ ସେମାନେ ବ୍ୟଥିତ ହୋଇ ନ ଥାନ୍ତି ।

ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ସତ୍ତ୍ୱ, ରଜ ଏବଂ ତମ– ଏହି ତିନି ଗୁଣ ହିଁ ଜୀବାତ୍ମାକୁ ଶରୀରରେ ବାନ୍ଧି ଦେଇଥାନ୍ତି । ଦୁଇଗଣକୁ ଦମନ କରି ତୃତୀୟ ଗୁଣର ବୃଦ୍ଧି କାରାଯାଇ ପାରିବ । ଗୁଣ ପରିବର୍ତ୍ତନଶୀଳ ଅଟେ । ପ୍ରକୃତି ଯିଏକି ଅନାଦି ସେ ନଷ୍ଟ ହୋଇ ନ ଥାଏ ବରଂ ଗୁଣର ପ୍ରଭାବକୁ ପରିବର୍ତ୍ତନ କରାଯାଇପାରିବ । ଗୁଣ ମନ ଉପରେ ପ୍ରଭାବ ପକାଇଥାନ୍ତି । ଯେବେ ସତ୍ତ୍ୱଗୁଣର ବୃଦ୍ଧି ହୋଇଥାଏ, ତେବେ ଈଶ୍ୱରୀୟ ପ୍ରକାଶ ଏବଂ ବୋଧଶକ୍ତି ରହିଥାଏ । ରଜଗୁଣ ରାଗାତ୍ମକ ଅଟେ । ସେହି ସମୟରେ କର୍ମ ଉପରେ ଲୋଭ ରହିଥାଏ, ଆସକ୍ତି ରହିଥାଏ ଓ ଅନ୍ତଃକରଣରେ ତମଗୁଣ କାର୍ଯ୍ୟରୂପ ନେଲେ ଆଳସ୍ୟ, ପ୍ରମାଦ ଘେରି ଯାଆନ୍ତି । ସତ୍ତ୍ୱଗୁଣର ବୃଦ୍ଧି ସମୟରେ ମୃତ୍ୟୁକୁ ପ୍ରାପ୍ତ ହୋଇଥିବା ପୁରୁଷ ନିର୍ମଳ ଲୋକରେ ଜନ୍ମ ନେଇଥାଏ । ରଜଗୁଣ ବୃଦ୍ଧି ସମୟରେ ମାନବ–ଯୋନୀରେ ହିଁ ଜନ୍ମ ନେଇଥାଏ ଏବଂ ତମଗୁଣ ବୃଦ୍ଧି ସମୟରେ ମନୁଷ୍ୟ ଶରୀର ତ୍ୟାଗ କରି (ପଶୁ–କୀଟ–ପତଙ୍ଗାଦି) ଅଧମ ଯୋନୀକୁ ପ୍ରାପ୍ତ ହୋଇଥାଏ । ତେଣୁ କରି ମନୁଷ୍ୟଙ୍କୁ କ୍ରମଶଃ ଉନ୍ନତ ଗୁଣ ସାତ୍ତ୍ୱିକ ଗୁଣ ଆଡ଼କୁ ଅଗ୍ରସର ହେବା ଉଚିତ । ବସ୍ତୁତଃ ତିନିଗୁଣ ଯେ କୌଣସି ଯୋନିର ହିଁ କାରଣ ହୋଇଥାଏ । ଗୁଣ ହିଁ ଆତ୍ମାକୁ ଶରୀରରେ ବନ୍ଧି ରଖିଥାନ୍ତି । ତେଣୁ କରି ତିନିଗୁଣରୁ ଅତୀତ ହେବା ଆବଶ୍ୟକ ।

ପୁରୁଷ ଯାହାଙ୍କ ଦ୍ୱାରା ମୁକ୍ତ ହୋଇଥାନ୍ତି, ତାହାଙ୍କ ସ୍ୱରୂପର ବର୍ଣ୍ଣନା କରି ଯୋଗେଶ୍ୱର କହିଲେ ଯେ, ଅଷ୍ଟଧାମୂଳ ପ୍ରକୃତି, ଗର୍ଭଧାରଣ କରୁଥିବା ମାତା ଅଟେ

ଏବଂ ମୁଁ ବୀଜ ପ୍ରଦାନ କରୁଥିବା ପିତା ଅଟେ । ଅନ୍ୟ କେହି ନା ମାତା ଅଟନ୍ତି ନା ପିତା । ଯେଉଁ ପର୍ଯ୍ୟନ୍ତ ଏହି କ୍ରମ ରହିଥିବ ସେହି ପର୍ଯ୍ୟନ୍ତ ଏହି ଚରାଚର ଜଗତରେ ନିମିତ୍ତ ହୋଇ କେହି ନା କେହି ମାତାପିତା ହୋଇ ଆସୁଥିବେ । କିନ୍ତୁ ବସ୍ତୁତଃ ପ୍ରକୃତି ହିଁ ମାତା ଅଟେ ଏବଂ ମୁଁ ହିଁ ସମସ୍ତଙ୍କର ପିତା ଅଟେ ।

ଏହା ଉପରେ ଅର୍ଜୁନ ତିନିଗୋଟି ପ୍ରଶ୍ନ କଲେ । ଗୁଣାତୀତ ପୁରୁଷଙ୍କ ଲକ୍ଷଣ କଣ ? ତାହାଙ୍କ ଆଚରଣ କିପରି ? ଏବଂ କେଉଁ ଉପାୟରେ ମନୁଷ୍ୟ ଏହି ତିନିଗୁଣରୁ ଅତୀତ ହୋଇଥାଏ ? ଏହିପରି ଯୋଗେଶ୍ୱର ଶ୍ରୀକୃଷ୍ଣ ଗୁଣାତୀତ ପୁରୁଷଙ୍କ ଲକ୍ଷଣ ଏବଂ ଆଚରଣ କହି ଏବଂ ଶେଷରେ ଗୁଣାତୀତ ହେବାର ଉପାୟ କହିଲେ ଯେ, ଯେଉଁ ପୁରୁଷ ଅବ୍ୟଭିଚାରିଣୀ ଭକ୍ତି ଏବଂ ଯୋଗ ଦ୍ୱାରା ନିରନ୍ତର ମୋର ଭଜନ କରୁଥାଏ, ସେ ତିନିଗୁଣରୁ ଅତୀତ ହୋଇଯାଇଥାଏ । ଅନ୍ୟ କାହାର ଚିନ୍ତନ ନ କରି, ନିରନ୍ତର ଇଷ୍ଟଙ୍କ ଚିନ୍ତନ କରିବା ହିଁ ଅବ୍ୟଭିଚାରିଣୀ ଭକ୍ତି ଅଟେ । ଯିଏ ସଂସାର ସଂଯୋଗ-ବିୟୋଗରୁ ସର୍ବଥା ରହିତ, ତାହାର ନାମ ହିଁ ଯୋଗ ଅଟେ, ତାହାକୁ କାର୍ଯ୍ୟରୂପ ଦେବା ପ୍ରଣାଳୀର ନାମ ହିଁ କର୍ମ ଅଟେ । ଯଜ୍ଞ ଯେଉଁଥିରେ ସମ୍ପନ୍ନ ହୋଇଥାଏ, ତାହା ହିଁ କ୍ରିୟାତ୍ମକ କର୍ମ । ଅବ୍ୟଭିଚାରିଣୀ ଭକ୍ତି ଦ୍ୱାରା ସେହି ନିୟତ କର୍ମର ଆଚରଣ ଦ୍ୱାରା ହିଁ ପୁରୁଷ ତିନିଗୁଣରୁ ଅତୀତ ହୋଇଥାଏ ଏବଂ ସେ ଅତୀତ ହୋଇ ବ୍ରହ୍ମଙ୍କ ସହିତ ଏକାକାର ତଥା ପୂର୍ଣ୍ଣ କଳ୍ପକୁ ପ୍ରାପ୍ତ ହେବା ନିମନ୍ତେ ଯୋଗ୍ୟ ହୋଇଥାଏ । ଗୁଣ ଯେଉଁ ମନ ଉପରେ ପ୍ରଭାବ ପକାଇଥାନ୍ତି, ତାହାର ବିଲୟ ହେବା କ୍ଷଣୀ ବ୍ରହ୍ମଙ୍କ ସହିତ ଐକ୍ୟଭାବ ହୋଇଯାଇଥାଏ । ଏହା ହିଁ ବାସ୍ତବିକ କଳ୍ପ ଅଟେ । ଅତଃ ଭଜନ ନକରି କିଏ ମଧ୍ୟ ଗୁଣମାନଙ୍କରୁ ଅତୀତ ହୋଇନଥାନ୍ତି ।

ଶେଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ନିର୍ଣ୍ଣୟ ଦେଉଛନ୍ତି ଯେ, ସେହି ଗୁଣାତୀତ ପୁରୁଷ ଯେଉଁ ବ୍ରହ୍ମ ସହିତ ଏକଭାବରେ ସ୍ଥିତ ହୋଇଥାଏ, ସେହି ବ୍ରହ୍ମର, ଅମୃତ ତତ୍ତ୍ୱର, ଶାଶ୍ୱତଧର୍ମର ଏବଂ ଅଖଣ୍ଡ ଏକରସ ଆନନ୍ଦର ମୁଁ ହିଁ ଆଶ୍ରୟ ଅଟେ । ଅର୍ଥାତ୍ ପ୍ରଧାନ କର୍ତ୍ତା ମୁଁ ହିଁ ଅଟେ । ବର୍ତ୍ତମାନ ତ ଶ୍ରୀକୃଷ୍ଣ ଚାଲିଗଲେ ସେହି ଆଶ୍ରୟ ମଧ୍ୟ ଚାଲିଗଲା, ତେବେ ତ ବଡ଼ ଦୁଃଖର ବିଷୟ । ସେହି ଆଶ୍ରୟ ବର୍ତ୍ତମାନ କେଉଁଠୁ ମିଳିବ ? କିନ୍ତୁ ଏପରି ନୁହଁ । ଶ୍ରୀକୃଷ୍ଣ ନିଜର ପରିଚୟ ଦେଇଛନ୍ତି ଯେ, ସେ ଜଣେ ଯୋଗୀ ଥିଲେ, ସ୍ୱରୂପସ୍ଥ ମହାପୁରୁଷ ଥିଲେ, **'ଶିଷ୍ୟସ୍ତେଽହଂ ଶାଧିମାଂ ତ୍ୱାଂ ପ୍ରପନ୍ନମ୍'**- ଅର୍ଜୁନ କହିଥିଲେ ମୁଁ ଆପଣଙ୍କ ଶିଷ୍ୟ । ଆପଣଙ୍କର ଶରଣରେ ଆସିଛି, ମୋତେ ସମ୍ଭାଳନ୍ତୁ, ସ୍ଥାନ ସ୍ଥାନରେ ଶ୍ରୀକୃଷ୍ଣ ନିଜର ପରିଚୟ ଦେଇଛନ୍ତି । ସ୍ଥିତପ୍ରଜ୍ଞ ମହାପୁରୁଷଙ୍କ ଲକ୍ଷଣ ମଧ୍ୟ କହିଲେ ଏବଂ ସେମାନଙ୍କ ସହିତ ନିଜର ତୁଳନା ମଧ୍ୟ

କଲେ । ଅତଃ ସ୍ପଷ୍ଟ ହେଉଛି ଯେ, ଶ୍ରୀକୃଷ୍ଣ ଜଣେ ମହାତ୍ମା, ଯୋଗୀ ଥିଲେ । ବର୍ତ୍ତମାନ ଯଦି ଆପଣଙ୍କୁ ଅଖଣ୍ଡ, ଏକରସ, ଆନନ୍ଦ, ଶାଶତ୍ୱ ଧର୍ମ ଅଥବା ଅମୃତ ତତ୍ତ୍ୱର ଆବଶ୍ୟକ ତେବେ ସେହି ସମସ୍ତଙ୍କ ପ୍ରାପ୍ତିର ସ୍ରୋତ ଗୋଟିଏ ମାତ୍ର ସଦ୍‌ଗୁରୁ ଅଟନ୍ତି । ସିଧା ପୁସ୍ତକକୁ ପଢି ଏପରି କେହି ମଧ୍ୟ ପାଇ ପାରିବେ ନାହିଁ । ଯେବେ ସେହି ମହାପୁରୁଷ ଆତ୍ମାଙ୍କ ଠାରୁ ଅଭିନ୍ନ ହୋଇ ହୃଦୟରେ ରଥି ହୋଇ ଯାଇଯାଆନ୍ତି, ତେବେ ଧିରେ ଧିରେ ଅନୁରାଗୀଙ୍କୁ ସଞ୍ଚାଳିତ କରି ତାଙ୍କର ସ୍ୱରୂପ ପର୍ଯ୍ୟନ୍ତ, ଯେଉଁଥିରେ ସେ ସ୍ୱୟଂ ପ୍ରତିଷ୍ଠିତ ଅଟନ୍ତି, ସେହି ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାନ୍ତି । ତାହା ହିଁ ଏକମାତ୍ର ମାଧ୍ୟମ । ଏହିପରି ଯୋଗେଶ୍ୱର ଶ୍ରୀକୃଷ୍ଣ ନିଜକୁ ସମସ୍ତଙ୍କ ଆଶ୍ରୟ ବୋଲି କହି ଏହି ଚତୁର୍ଦ୍ଦଶ ଅଧ୍ୟାୟର ସମାପନ କଲେ । ଯେଉଁଥିରେ ଗୁଣମାନଙ୍କର ବିସ୍ତୃତ ବର୍ଣ୍ଣନ ରହିଛି ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୁପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଗୁଣତ୍ରୟ ବିଭାଗ ଯୋଗୋ' ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ॥୧୪॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷଦ ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଗୁଣତ୍ରୟ ବିଭାଗ ଯୋଗୋ' ନାମ ଚତୁର୍ଦ୍ଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ଗୁଣତ୍ରୟ ବିଭାଗ ଯୋଗୋ' ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ॥୧୪॥**

**ହରି ଓଁ ତତ୍‌ସତ୍ ॥**

ॐ

## ଶ୍ରୀ ପରମାତ୍ମନେ ନମଃ

# ଅଥ ପଞ୍ଚଦଶୋऽଧ୍ୟାୟଃ

ମହାପୁରୁଷମାନେ ସଂସାରକୁ ବିଭିନ୍ନ ଦୃଷ୍ଟାନ୍ତ ଦ୍ୱାରା ବୁଝାଇବାକୁ ପ୍ରୟାସ କରିଛନ୍ତି । କିଏ ଏହି ସଂସାରକୁ ଭବାଟବୀ କହିଲେ, ଆଉ କିଏ ଏହାକୁ ସଂସାର ସାଗର କହିଛନ୍ତି । ଅବସ୍ଥା ଭେଦରୁ ଏହାକୁ ଭବନଦୀ ଏବଂ ଭବକୂପ ମଧ୍ୟ କହିଛନ୍ତି । କେବେ ଏହାର ତୁଳନା ଗୋପଦ ସହିତ କରାଯାଇଛି । ଅର୍ଥାତ୍ ଯେତିକି ଇନ୍ଦ୍ରିୟମାନଙ୍କ ଆୟତନ ରହିଛି, ସେତିକି ହିଁ ସାଂସାର ଅଟେ ଏବଂ ପରିଶେଷରେ ଏପରି ଅବସ୍ଥା ଆସେ- **ନାମଲେତ ଭବସିନ୍ଧୁ ସୁଖାଇ** ଭଜନ କରିବା ଦ୍ୱାରା ଭବସିନ୍ଧୁ ସୁଖି ଯାଇଥାଏ । କଣ ସଂସାରରେ ଏପରି ସମୂଦ୍ର ରହିଛି ? ଯୋଗେଶ୍ୱର ଶ୍ରୀକୃଷ୍ଣ ମଧ୍ୟ ସଂସାରକୁ ସମୂଦ୍ର ଏବଂ ବୃକ୍ଷର ସଂଜ୍ଞାଦେଲେ । ଦ୍ୱାଦଶ ଅଧ୍ୟାୟରେ ସେ କହିଲେ- ମୋର ଅନନ୍ୟ ଭକ୍ତକୁ ସଂସାର ସମୁଦ୍ରରୁ ମୁଁ ଶିଘ୍ର ହିଁ ଉଦ୍ଧାର କରିଥାଏ । ପ୍ରସ୍ତୁତ ଅଧ୍ୟାୟରେ ଯୋଗେଶ୍ୱର କହୁଛନ୍ତି ଯେ, ସଂସାର ଗୋଟିଏ ବୃକ୍ଷ ଅଟେ । ଏହାକୁ ଛେଦନ କରି ଯୋଗୀଜନ ସେହି ପରମପଦକୁ ଖୋଜୁଥାନ୍ତି ।

**ଶ୍ରୀ ଭଗବାନୁବାଚ**

**ଉର୍ଦ୍ଧ୍ୱମୂଳମଧଃ ଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।**
**ଛନ୍ଦାଂସି ୟସ୍ୟ ପର୍ଣ୍ଣାନି ୟସ୍ତଂ ବେଦ ସ ବେଦବିତ୍ ॥୧॥**

ହେ ଅର୍ଜୁନ ! ଉର୍ଦ୍ଧ୍ୱମଲଂ- ଅର୍ଥାତ୍ ଉପରେ ପରମାତ୍ମା ହିଁ ଯାହାର ମୂଳ, ଅଧଃଶାଖମ୍- ଅର୍ଥାତ୍ ତଳକୁ ପ୍ରକୃତି ହିଁ ଯାହାର ଶାଖା ରହିଛି । ଏହିପରି ସଂସାର ରୂପୀ ଅଶ୍ୱତଥ୍ ବୃକ୍ଷକୁ ଅବିନାଶୀ କହିଥାନ୍ତି । (ବୃକ୍ଷତ ଅ-ଶ୍ୱଃ, ଅର୍ଥାତ୍ ଆସନ୍ତାକାଲି ପର୍ଯ୍ୟନ୍ତ ରହିବ ନାହିଁ । କେବେ କଟିଯିବ ତାହାର କୌଣସି ନିଶ୍ଚିତ ନାହିଁ । କିନ୍ତୁ ଅବିନାଶୀ ଅଟେ ।) ଶ୍ରୀକୃଷ୍ଣଙ୍କ ଅନୁସାରେ ଅବିନାଶୀ ଦୁଇଟି ରହିଛି । ଗୋଟିଏ ହେଉଛି ସଂସାରରୂପୀ ବୃକ୍ଷ, ଯାହାକୁ ଅଶ୍ୱତଥ୍ ସଂଜ୍ଞା ଦିଆଯାଇଛି ଏବଂ ଅନ୍ୟଟି ହେଉଛି ସଂସାରରୁ ଉର୍ଦ୍ଧ୍ୱରେ ପରମାତ୍ମା ହିଁ ଅବନାଶୀ ଅଟନ୍ତି । ବେଦ ଏହି ଅବିନାଶୀ ସଂସାର- ବିଟପର ପତ୍ର ବୋଲି କୁହାଯାଉଛି । ଯେଉଁ ପୁରୁଷ ଏହି ସଂସାର ରୂପୀ ବୃକ୍ଷକୁ ଦେଖି ପରମାତ୍ମାଙ୍କୁ ବିଦିତ କରି ଦେଇଥାଏ, ସେ ହିଁ ବେଦର ଜ୍ଞାତା ଅଟେ । ଯିଏ ଏହି ସଂସାର ବୃକ୍ଷକୁ ଜାଣିପାରିଛି, ସେ ବେଦକୁ ଜାଣିଥାଏ, ନା କି କୌଣସି

ଗ୍ରନ୍ଥ ପଢିବା ବ୍ୟକ୍ତି । ପୁସ୍ତକ ପଢିବା ଦ୍ୱାରା ତ ପରମାତ୍ମାଙ୍କ ଆଡ଼କୁ ଅଗ୍ରସର ହେବାରେ ପ୍ରେରଣା ମାତ୍ର ମିଳିଥାଏ । ପତ୍ର ସ୍ଥାନରେ ବେଦର ଆବଶ୍ୟକତା ବା କଣ ? ବସ୍ତୁତଃ ପୁରୁଷ ଭ୍ରମଣ କରି କରି ଯେଉଁ ଅନ୍ତିମ କୋପଲ ଅର୍ଥାତ୍ ଅନ୍ତିମ ଜନ୍ମ ନେଇଥାଏ, ସେଠାରୁ ହିଁ ବେଦର ସେହି ଛନ୍ଦ, (ଯାହାକି କଲ୍ୟାଣ ସୃଜନ କରିଥାଏ) ସେହିଠାରୁ ପ୍ରେରଣା ଦେଇଥାଏ, ସେମାନଙ୍କ ଉପଯୋଗୀ ହୋଇଥାଏ । ସେଠାରୁ ହିଁ ଭ୍ରମଣ କରିବା ସମାପ୍ତ ହୋଇଯାଇଥାଏ । ସେହି ପୁରୁଷ ସ୍ୱରୂପ ଆଡ଼କୁ ବୁଲି ପଡ଼ିଥାନ୍ତି ।

**ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା**
**ଗୁଣପ୍ରବୃଦ୍ଧା ବିଷୟପ୍ରବାଲାଃ ।**
**ଅଧଶ୍ଚ ମୂଲାନ୍ୟନୁସଂତତାନି ।**
**କର୍ମାନୁବନ୍ଧୀନି ମନୁଷ୍ୟଲୋକେ ॥୨॥**

ସଂସାର ବୃକ୍ଷର ତିନିଗୁଣ ଦ୍ୱାରା ବଢୁଥିବା ବିଷୟ ଏବଂ ଭୋଗରୂପୀ କୋପଲଯୁକ୍ତ ଶାଖାମାନ ଉପରତଳ ସର୍ବତ୍ର ପ୍ରସାରିତ ହୋଇଛି । ତଳ ଆଡ଼କୁ କୀଟ ପତଙ୍ଗ ପର୍ଯ୍ୟନ୍ତ ଏବଂ ଉପର ଆଡ଼କୁ ଦେବତା ଠାରୁ ବ୍ରହ୍ମା ପର୍ଯ୍ୟନ୍ତ ସର୍ବତ୍ର ପ୍ରସାରିତ ହୋଇ ରହିଛି ତଥା କେବଳ ମନୁଷ୍ୟ ଯୋନିରେ କର୍ମ ଅନୁସାରେ ବାନ୍ଧିଥାଏ । ଅନ୍ୟ ସମସ୍ତ ଯୋନୀ କେବଳ ଭୋଗ ଭୋଗିବା ନିମନ୍ତେ ହିଁ ହୋଇଥାଏ । ମନୁଷ୍ୟ ଯୋନୀ ହିଁ କର୍ମ ଅନୁସାରେ ବନ୍ଧନ ନିର୍ମାଣ କରିଥାଏ ।

**ନ ରୂପମସ୍ୟେହ ତଥୋପଲଭ୍ୟତେ**
**ନାନ୍ତୋ ନଚାଦିର୍ନ ଚ ସମ୍ପ୍ରତିଷ୍ଠା ।**
**ଅଶ୍ୱତଥ୍ମେନଂ ସୁବିରୂଢମୂଲ–**
**ମସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ॥୩॥**

କିନ୍ତୁ ଏହି ସଂସାର ବୃକ୍ଷର ରୂପ ଯେପରି କୁହାଗଲା, ସେପରି ଏଠାରେ ଦେଖିବାକୁ ମିଳୁନଥାଏ । କାରଣ ନା ଏହାର ଆଦି ରହିଛି, ନା ଏହାର ଅନ୍ତ ରହିଛି ଏବଂ ନା ସମ୍ୟକ୍ ରୂପରେ ଏହାର ସ୍ଥିତି ହିଁ ରହିଛି, କାରଣ ଏହା ପରିବର୍ତ୍ତନଶୀଳ ଅଟେ । ଏହି ସୁଦୃଢ ମୂଳଯୁକ୍ତ ସଂସାରରୂପୀ ବୃକ୍ଷକୁ **ଅସଙ୍ଗଶସ୍ତ୍ରେଣ**– ଅର୍ଥାତ୍ ବୈରାଗ୍ୟ ରୂପୀ ଶସ୍ତ୍ର ଦ୍ୱାର ଛେଦନକରି (ସଂସାରରୂପୀ ବୃକ୍ଷକୁ କାଟିବାକୁ ହେବ । ଏପରି ନୁହଁ ଯେ, ଅଶ୍ୱତଥ୍ ବୃକ୍ଷ ମୂଳରେ ପରମାତ୍ମା ରହିଥାନ୍ତି ଅଥବା ଅଶ୍ୱତଥ୍ ପତ୍ର ବେଦ ଏବଂ ତାହାର ଆରତୀ କରିବାରେ ଲାଗି ରହିବା) ଏହି ସଂସାର ବୃକ୍ଷର ମୂଳ ସ୍ୱୟଂ ପରମାତ୍ମା ହିଁ ବୀଜରୂପରେ ପ୍ରସାରିତ । ତେବେ କଣ ସେ ମଧ୍ୟ କଟିଯିବେ ? ଦୃଢ ବୈରାଗ୍ୟ ଦ୍ୱାରା ଏହି ପ୍ରକୃତିର ସମ୍ବନ୍ଧ ବିଚ୍ଛେଦ ହୋଇଯାଇଥାଏ । ଏହା ହିଁ

କାଟିବାର ଅର୍ଥ । ଏହି ବୃକ୍ଷକୁ ଛେଦନକରି କଣ କରିବା ?

**ତତଃ ପଦଂ ତତ୍‌ପରିମାର୍ଗିତବ୍ୟଂ**
**ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।**
**ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ**
**ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ॥୪॥**

ଦୃଢ ବୈରାଗ୍ୟ ଦ୍ୱାରା ସଂସାର ରୂପୀ ବୃକ୍ଷକୁ କାଟିବା ପରେ ସେହି ପରମପଦ ପରମାତ୍ମାଙ୍କୁ ଭଲରୂପେ ଖୋଜିବା ଆବଶ୍ୟକ । ଯେଉଁ ସ୍ଥାନକୁ ଯାଇଥିବା ପୁରୁଷ ପୁନଃ ସଂସାରକୁ କେବେ ମଧ୍ୟ ଫେରିନଥାନ୍ତି । ଅର୍ଥାତ୍ ପୂର୍ଣ୍ଣ ନିବୃତ୍ତି ପ୍ରାପ୍ତ କରିନେଇଥାନ୍ତି । କିନ୍ତୁ ତାହାଙ୍କୁ ଖୋଜିବା କେଉଁ ପ୍ରକାର ସମ୍ଭବ ହୋଇଥାଏ ? ଯୋଗେଶ୍ୱର କହୁଛନ୍ତି ଯେ ଏହା ନିମନ୍ତେ ସଦ୍‌ଗୁରୁଙ୍କ ପ୍ରତି ପୂର୍ଣ୍ଣରୂପରେ ସମର୍ପଣ ଆବଶ୍ୟକ । ଯେଉଁ ପରମେଶ୍ୱରଙ୍କ ଠାରୁ ପୂରାତନ ସଂସାର ବୃକ୍ଷର ପ୍ରବୃତି ବିସ୍ତାରକୁ ପ୍ରାପ୍ତ ହୋଇଛି, ସେହି ଆଦି ପୁରୁଷ ପରମାତ୍ମାଙ୍କ ଠାରେ ମୁଁ ଶରଣ ହେଉଛି । ତାହାଙ୍କ ଶରଣ ନଯାଇ ବୃକ୍ଷ ଲୋପ ହେବ ନାହିଁ । ବର୍ତ୍ତମାନ ଶରଣରେ ଯାଇଥିବା ଓ ବୈରାଗ୍ୟରେ ସ୍ଥିତ ପୁରୁଷ କିପରି ଜାଣିପାରିବେ ଯେ ବୃକ୍ଷ କଟିଗଲା ? ତାହା କିପରି ଜାଣି ହେବ ? ଏହା ଉପରେ କହୁଛନ୍ତି –

**ନିର୍ମାନମୋହା ଜିତସଙ୍ଗଦୋଷା**
**ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।**
**ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖ ସଂଜ୍ଞୈ**
**ର୍ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍ ॥୫॥**

ଉପରୋକ୍ତ ପ୍ରକାର ସମର୍ପଣ ଦ୍ୱାରା ଯାହାର ମୋହ ଏବଂ ମାନ ନଷ୍ଟ ହୋଇଗଲା, ଆସକ୍ତିରୂପୀ ସଙ୍ଗଦୋଷକୁ ଯିଏ ଜିଣି ପାରିଛି, **ଅଧ୍ୟାତ୍ମନିତ୍ୟା–** ପରମାତ୍ମାଙ୍କ ସ୍ୱରୂପରେ ଯାହାର ନିରନ୍ତର ସ୍ଥିତି ରହିଥାଏ, ଯାହାର କାମନା ବିଶେଷ ରୂପରେ ନିବୃତ୍ତ ହୋଇଯାଇଛି ଏବଂ ସୁଖ ଦୁଃଖର ଦ୍ୱନ୍ଦ୍ୱରୁ ବିମୁକ୍ତ ହୋଇଥିବା ଜ୍ଞାନୀମାନେ ସେହି ଅବିନାଶୀ ପରମପଦକୁ ପ୍ରାପ୍ତ ହୋଇଥାନ୍ତି । ଯେଉଁ ପର୍ଯ୍ୟନ୍ତ ଏହି ଅବସ୍ଥା ଆସିନଥାଏ, ସେ ପର୍ଯ୍ୟନ୍ତ ସଂସାର ବୃକ୍ଷ କଟି ନଥାଏ । ଏହି ପର୍ଯ୍ୟନ୍ତ ବୈରାଗ୍ୟ ଆବଶ୍ୟକ ରହିଥାଏ । ସେହି ପରମ ପଦର ସ୍ୱରୂପ କଣ ? ଯାହାକୁ ପ୍ରାପ୍ତ କରିଥାନ୍ତି ।

**ନ ତଦ୍‌ଭାସୟେତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।**
**ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥୬॥**

ସେହି ପରମ ପଦକୁ ନା ସୂର୍ଯ୍ୟ, ନା ଚନ୍ଦ୍ରମା, ନା ଅଗ୍ନି ହିଁ ପ୍ରକାଶିତ କରି ପାରନ୍ତି । ଯେଉଁ ପରମ ପଦକୁ ପ୍ରାପ୍ତକରି ମନୁଷ୍ୟ ପୁନଃ ସଂସାରକୁ ଆସିନଥାନ୍ତି । ତାହା ହିଁ ମୋର ପରମ ଧାମ ଅଟେ । ଅର୍ଥାତ୍ ତାହାଙ୍କ ପୁନର୍ଜନ୍ମ ହୋଇନଥାଏ, ଏହି ପଦର ପ୍ରାପ୍ତି ନିମନ୍ତେ ସମସ୍ତଙ୍କ ସମାନ ଅଧିକାର ରହିଛି । ଏହା ଉପରେ କହୁଛନ୍ତି ।

**ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।**
**ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥୭॥**

ଜୀବଲୋକେ– ଏହି ଦେହ ଅର୍ଥାତ୍ ଶରୀର ହିଁ ଲୋକ ଅଟେ । ଜୀବାତ୍ମା ମୋର ହିଁ ସନାତନ ଅଂଶ ଅଟେ ଏବଂ ସେହି ଜୀବାତ୍ମା ତ୍ରିଗୁଣମୟୀ ମାୟାରେ ସ୍ଥିତ ରହି ମନ ସହିତ ପାଞ୍ଚ ଇନ୍ଦ୍ରିୟଙ୍କୁ ଆକର୍ଷିତ କରିଥାଏ । ଆକର୍ଷିତ କିପରି ?

**ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ ।**
**ଗୃହୀତ୍ୱୈତାନି ସଂୟାତି ବାୟୁର୍ଗନ୍ଧାନିବାଶୟାତ୍ ॥୮॥**

ଯେଉଁପରି ବାୟୁ ଗନ୍ଧକୁ ଗ୍ରହଣ କରି ନେଇଥାଏ, ଠିକ୍ ସେହିପରି ଦେହର ସ୍ୱାମୀ ଜୀବାତ୍ମା, ଯେଉଁ ପ୍ରଥମ ଶରୀରକୁ ତ୍ୟାଗ କରିଥାଏ, ସେଥିରୁ ମନ ଏବଂ ପଞ୍ଚଜ୍ଞାନେନ୍ଦ୍ରିୟର କାର୍ଯ୍ୟକଳାପକୁ ଗ୍ରହଣ କରି ଅର୍ଥାତ୍ ଆକର୍ଷିତ କରି ସାଥିରେ ନେଇ ପୁନଃ ଯେଉଁ ନୂତନ ଶରୀରକୁ ପ୍ରାପ୍ତ ହୋଇଥାଏ, ସେଠାକୁ ଯାଇଥାଏ । ଯେବେ ପୃଥକ୍ ଶରୀର ତତ୍‌କାଳ ନିଶ୍ଚିତ ହୋଇଛି, ତେବେ ପିଣ୍ଡପାଣି କାହାକୁ ଦେଇଥାନ୍ତି ? କିଏ ନେଇଥାଏ ? ଏଣୁ କରି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ– ତୁମର ଏହି ଅଜ୍ଞାନ କେଉଁଠାରୁ ଉତ୍ପନ୍ନ ହୋଇଗଲା ଯେ, ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇଯିବ । ଜୀବାତ୍ମା ସେଠାରେ ଯାଇ କଣ କରିଥାଏ ? ମନ ସହିତ ଛଅ ଇନ୍ଦ୍ରିୟ କିଏ ?

**ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।**
**ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥୯॥**

ସେହି ଶରୀରରେ ସ୍ଥିତ ହୋଇ ଏହି ଜୀବତ୍ମା ଶ୍ରୋତ୍ର, ଚକ୍ଷୁ, ତ୍ୱଚା, ଜିହ୍ୱା ନାସିକା ଓ ମନର ଆଶ୍ରୟ ନେଇ ଅର୍ଥାତ୍ ଏହି ସମସ୍ତଙ୍କ ସାହାର୍ଯ୍ୟରେ ହିଁ ବିଷୟ ସେବନ କରିଥାଏ । କିନ୍ତୁ ଏପରି ଦେଖାଯାଉନାହିଁ, ସମସ୍ତେ ଏହାକୁ ଦେଖିପାରନ୍ତି ନାହିଁ । ଏହା ଉପରେ ଶ୍ରୀକୃଷ୍ଣକହୁଛନ୍ତି –

**ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନାଂ ବା ଗୁଣାନ୍ୱିତମ୍ ।**
**ବିମୂଢା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନ ଚକ୍ଷୁଷଃ ॥୧୦॥**

ଶରୀର ତ୍ୟାଗ କରି ଯାଉଥିବା ଅବସ୍ଥାରେ ଶରୀର ସ୍ଥିତ ବିଷୟମାନଙ୍କ ଭୋଗକରି ଅଥବା ତିନିଗୁଣରେ ଯୁକ୍ତହୋଇ ମଧ୍ୟ ଜୀବାତ୍ମାକୁ ବିଶେଷ ମୂଢ ଅଜ୍ଞାନୀମାନେ

ଜାଣି ପାରନ୍ତି ନାହିଁ । କେବଳ ଜ୍ଞାନରୂପୀ ନେତ୍ରଯୁକ୍ତ ପୁରୁଷ ହିଁ ତାହାକୁ ଜାଣିଥାନ୍ତି । ଠିକ୍ ରୂପରେ ଦର୍ଶନ ମଧ୍ୟ କରିପାରନ୍ତି । ବର୍ତ୍ତମାନ ସେହି ଦୃଷ୍ଟି କିପରି ମିଳିବ ? ଆଗକୁ ଦେଖିବା–

**ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।**
**ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ॥୧୧॥**

ଯୋଗୀମାନେ ନିଜର ହୃଦୟରେ ଚିତ୍ତକୁ ଚତୁର୍ଦ୍ଦିଗରୁ ସାଉଁଟି ଏହି ଆତ୍ମାକୁ ଯତ୍ନ କରି ପ୍ରତ୍ୟକ୍ଷ ଦେଖିଥାନ୍ତି । କିନ୍ତୁ ଅକୃତାର୍ଥ ଆତ୍ମାଯୁକ୍ତ ପୁରୁଷ ଅର୍ଥାତ୍ ମଳିନ ଅନ୍ତଃକରଣଯୁକ୍ତ ଅଜ୍ଞାନୀ ପୁରୁଷ ଯତ୍ନ କରି ମଧ୍ୟ ଏହି ଆତ୍ମାକୁ ଜାଣିପାରି ନଥାନ୍ତି । (କାରଣ ସେମାନଙ୍କ ଅନ୍ତଃକରଣ ବାହ୍ୟ ପ୍ରବୃତ୍ତିରେ ପ୍ରସାରିତ ରହିଥାଏ ।) ଚିତ୍ତକୁ ଚତୁର୍ଦ୍ଦିଗରୁ ସାଉଁଟି ଅନ୍ତରାତ୍ମାରେ ଯତ୍ନ କରୁଥିବା ଭାବୁକଜନ ହିଁ ତାହାକୁ ପ୍ରାପ୍ତ କରିବାରେ ଯୋଗ୍ୟ ହୋଇଥାନ୍ତି । ଅତଃ ଅନ୍ତକରଣ ଦ୍ୱାରା ସତତ ସୁମିରଣ ଆବଶ୍ୟକ । ବର୍ତ୍ତମାନ ସେହି ମହାପୁରୁଷଙ୍କ ସ୍ୱରୂପରେ ଯେଉଁ ବିଭୂତିମାନ ଦେଖିବାକୁ ମିଳିଥାଏ, ତାହା ଉପରେ କହୁଛନ୍ତି –

**ଯଦାଦିତ୍ୟଗତଂ ତେଜୋ ଜଗଦ୍‌ଭାସୟତେଽଖିଳମ୍ ।**
**ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ॥ ୧୨॥**

ଯେଉଁ ତେଜ ସୂର୍ଯ୍ୟଙ୍କଠାରେ ସ୍ଥିତ ରହି ମଧ୍ୟ ସମ୍ପୂର୍ଣ୍ଣଜଗତକୁ ପ୍ରକାଶିତ କରିଥାଏ । ଯେଉଁ ତେଜ ଚନ୍ଦ୍ରମାରେ ସ୍ଥିତ ରହିଛି, ଯେଉଁ ତେଜ ଅଗ୍ନିରେ ସ୍ଥିତ ରହିଛି, ତାହାକୁ ତୁମେ ମୋର ହିଁ ତେଜ ଜାଣ । ବର୍ତ୍ତମାନ ସେହି ମହାପୁରୁଷଙ୍କ ଦ୍ୱାରା ହେଉଥିବା କାର୍ଯ୍ୟକୁ କହୁଛନ୍ତି–

**ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।**
**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ॥୧୩॥**

ମୁଁ ହିଁ ପୃଥିବୀରେ ପ୍ରବେଶକରି ନିଜ ଶକ୍ତିଦ୍ୱାରା ସମ୍ପୂର୍ଣ୍ଣ ଭୂତଙ୍କୁ ଧାରଣ କରିଥାଏ ଏବଂ ଚନ୍ଦ୍ରମାରେ ରସ ସ୍ୱରୂପ ହୋଇ ସମ୍ପୂର୍ଣ୍ଣ ବନସ୍ପତିମାନଙ୍କୁ ପୁଷ୍ଟ କରିଥାଏ ।

**ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।**
**ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥୧୪॥**

ମୁଁ ପ୍ରାଣୀଙ୍କ ଶରୀରରେ ଅଗ୍ନିରୂପରେ ସ୍ଥିତ ରହି ପ୍ରାଣ–ଅପାନ ଯୁକ୍ତ ହୋଇ, ଚାରି ପ୍ରକାରର ଅନ୍ନକୁ ଜିର୍ଣ୍ଣ କରିଥାଏ ।

ଚତୁର୍ଥ ଅଧ୍ୟାୟରେ ସ୍ୱୟଂ ଯୋଗେଶ୍ୱର ଶ୍ରୀକୃଷ୍ଣ ଇନ୍ଦ୍ରିୟାଗ୍ନି, ସଂୟମାଗ୍ନି, ଯୋଗାଗ୍ନି, ପ୍ରାଣାପାନାଗ୍ନି, ବ୍ରହ୍ମାଗ୍ନି ଇତ୍ୟାଦି ୧୩/୧୪ ପ୍ରକାର ଅଗ୍ନିମାନଙ୍କ ଉଲ୍ଲେଖ

କଲେ । ଯେଉଁଥିରେ ସମସ୍ତଙ୍କର ପରିଣାମ ଜ୍ଞାନହିଁ ଅଟେ । ଜ୍ଞାନ ହିଁ ଅଗ୍ନି ଅଟେ ।

ଶ୍ରୀକୃଷ୍ଣକହୁଛନ୍ତି ଏପରି ଅଗ୍ନି ସ୍ୱରୂପ ହୋଇ ପ୍ରାଣ ଓ ଅପାନ ଯୁକ୍ତ ଚାରି ପ୍ରକାର ବିଧିରେ ଅର୍ଥାତ୍ ଜପ ସଦୈବ ଚାରିପ୍ରକାର ବିଧିରେ ଶ୍ୱାସ–ପ୍ରଶ୍ୱାସ ମାଧ୍ୟମରେ ହିଁ ହୋଇଥାଏ ଯଥା **ବୈଖରୀ, ମଧ୍ୟମା, ପଶ୍ୟନ୍ତି ଏବଂ ପରା** । ଏହିଚାରୋଟି ବିଧି ଦ୍ୱାରା ପ୍ରସ୍ତୁତ ହୋଇଥିବା, ଅନ୍ନକୁ ମୁଁ ଜିର୍ଣ୍ଣ କରିଥାଏ । ଅନ୍ନ ହିଁ ବ୍ରହ୍ମ ଅଟେ ଏବଂ ବ୍ରହ୍ମ ହିଁ ଅନ୍ନ । ଶ୍ରୀକୃଷ୍ଣଙ୍କ ଅନୁସାରେ ବ୍ରହ୍ମ ହିଁ ଏକମାତ୍ର ଅନ୍ନ ଅଟେ । ଯାହାଦ୍ୱାରା ଆତ୍ମା ପୂର୍ଣ୍ଣ ତୃପ୍ତ ହୋଇଯାଇଥାଏ । ପୁନଃ କେବେ ଅତୃପ୍ତ ରହିନଥାଏ । ଶରୀର ପୋଷକ ପ୍ରଚଳିତ ଅନ୍ନକୁ ଯୋଗେଶ୍ୱର ଆହାର ନାମକ ସଂଜ୍ଞା ଦେଇଛନ୍ତି । ବାସ୍ତବିକ ଅନ୍ନ ପରମାତ୍ମା ହିଁ ଅଟନ୍ତି । ବୈଖରୀ, ମଧ୍ୟମା ପଶ୍ୟନ୍ତି ଏବଂ ପରା ଏହିପରି ଚାରିପ୍ରକାର ବିଧି ଦ୍ୱାରା ସେହି ଅନ୍ନ ପରିପକ୍ୱ ହୋଇଥାଏ । ଏହାକୁ ଅନେକ ମହାପୁରୁଷ ନାମ, ରୂପ, ଲୀଳା ଏବଂ ଧାମ – କହି ସମ୍ବୋଧନ କରିଛନ୍ତି । ପ୍ରଥମେ ନାମ ଜପ ହୋଇଥାଏ । କ୍ରମଶଃ ହୃଦୟ ଦେଶରେ ଇଷ୍ଟଙ୍କ ସ୍ୱରୂପ ପ୍ରକଟ ହେଇଥାଏ, ତତ୍ପଶ୍ଚାତ୍ ତାହାଙ୍କ ଲୀଳାର ବୋଧ ହେବାରେ ଲାଗିଥାଏ । ସେହି ଈଶ୍ୱର କିପରି ସର୍ବତ୍ର ବ୍ୟାପ୍ତ ରହିଥାନ୍ତି ? କିପରି ସେ ସର୍ବତ୍ର କାର୍ଯ୍ୟ କରିଥାନ୍ତି । ଏହିପରି ସେହି ହୃଦୟ ଦେଶର କ୍ରିୟା କଳାପ ହିଁ ଲୀଳା ଅଟେ (ବାହ୍ୟ ରାମଲୀଳା, ରାସଲୀଳା ନୁହଁ) ଏବଂ ସେହି ଈଶ୍ୱରୀୟ ଲୀଳାର ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଯେବେ ମୂଳ ଲୀଳାଧାରୀଙ୍କ ସ୍ପର୍ଶ ମିଳିଥାଏ, ତେବେ ଧାମର ସ୍ଥିତି ଆସିଥାଏ । ତାହାକୁ ଜାଣି ସାଧକ ସେଥିରେ ହିଁ ପ୍ରତିଷ୍ଠିତ ହୋଇଥାଏ । ସେଥିରେ ପ୍ରତିଷ୍ଠିତ ହେବା ଏବଂ ପରାବାଣୀର ପରିପକ୍ୱ ଅବସ୍ଥାରେ ପରବ୍ରହ୍ମଙ୍କ ସ୍ପର୍ଶ କରି ସେଥିରେ ସ୍ଥିତ ହେବା, ଉଭୟ ଏକ ସାଥିରେ ହିଁ ହୋଇଥାଏ ।

ଏହିପରି ପ୍ରାଣ ଓ ଅପାନ ଅର୍ଥାତ୍ ଶ୍ୱାସ ଓ ପ୍ରଶ୍ୱାସରେ ଯୁକ୍ତ ହୋଇ, ଚାରୋଟି ବିଧି ମାଧ୍ୟମରେ ଅର୍ଥାତ୍ ବୈଖରୀ, ମଧ୍ୟମା, ପଶ୍ୟନ୍ତି ଏବଂ କ୍ରମଶଃ ଉତ୍ଥାନ ହେଉ ହେଉ 'ପରା'ର ପୂର୍ତ୍ତକାଳରେ ସେହି ଅନ୍ନ ରୂପୀ ବ୍ରହ୍ମ ପରିପକ୍ୱ ହୋଇଯାଇଥାଏ ତଥା ପ୍ରାପ୍ତ ମଧ୍ୟ ହୋଇଯାଏ, ଜିର୍ଣ୍ଣ ମଧ୍ୟ ହୋଇଯାଇଥାଏ ଏବଂ ପାତ୍ର ମଧ୍ୟ ପରିପକ୍ୱ ହିଁ ହୋଇଥାଏ ।

**ସର୍ବସ୍ୟ ଚାହଂ ହୃଦି ସଂନିବିଷ୍ଟୋ**
**ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।**
**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ**
**ବେଦାନ୍ତ କୃଦ୍‌ବେଦବିଦେବ ଚାହମ୍ ।।୧୫।।**

ମୁଁ ହିଁ ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କ ହୃଦୟରେ ଅନ୍ତର୍ଯ୍ୟାମୀ ରୂପରେ ସ୍ଥିତ ରହିଛି । ମୋ ଦ୍ୱାରା ହିଁ କ୍ରିୟାର ସ୍ମୃତି ହୋଇଥାଏ, (ସୁରତୀ-ଯେଉଁ ତତ୍ତ୍ୱସ୍ୱରୂପ ପରମାତ୍ମା ବିସ୍ମୃତ ରହିଛନ୍ତି, ତାହାଙ୍କ ସ୍ମରଣ ହୋଇଯିବା) ଅର୍ଥାତ୍ ତାହା ପ୍ରାପ୍ତିକାଳର ଚିତ୍ରଣ ଅଟେ । ସ୍ମୃତି ସହିତ ହିଁ ଜ୍ଞାନ ଅର୍ଥାତ୍ ସାକ୍ଷାତ୍‌କାର ଏବଂ **ଅପୋହନମ୍‌**- ଅର୍ଥାତ୍ ବାଧାବିଘ୍ନର ଶମନ ମୁଁ ଅର୍ଥାତ୍ ଇଷ୍ଟଙ୍କ ଦ୍ୱାରା ହିଁ ହୋଇଥାଏ, ସମ୍ପୂର୍ଣ୍ଣବେଦ ଦ୍ୱାରା ମୁଁ ହିଁ ଜାଣିବା ଯୋଗ୍ୟ ଅଟେ । ବେଦାନ୍ତର କର୍ତ୍ତା ଅର୍ଥାତ୍ **ବେଦସ୍ୟ ଅନ୍ତଃ ସ ବେଦାନ୍ତଃ**- ଅଲଗା ଥିଲା, ତେବେ ତ ଜାନକାରୀ ହେଲା । ଯେବେ ଜାଣିବା କ୍ଷଣି ହିଁ ସେହି ସ୍ୱରୂପରେ ପ୍ରତିଷ୍ଠିତ ହୋଇଗଲା, ବର୍ତ୍ତମାନ କିଏ ତାହାକୁ ଜାଣିବ ? ବେଦର ଅନ୍ତିମ ସ୍ଥିତିର କର୍ତ୍ତା ମୁଁ ହିଁ ଅଟେ ଏବଂ ବେଦବିଦ୍ ମଧ୍ୟ ମୁଁ ହିଁ ଅଟେ ଅର୍ଥାତ୍ ବେଦର ଜ୍ଞାତା ମୁଁ ହିଁ ଅଟେ । ଅଧ୍ୟାୟର ପ୍ରାରମ୍ଭରେ ସେ କହିଥିଲେ- ସଂସାର ଗୋଟିଏ ବୃକ୍ଷ, ଉପରେ ପରମାତ୍ମା ମୂଳ ଏବଂ ନିମ୍ନଆଡ଼କୁ ପ୍ରକୃତି ପର୍ଯ୍ୟନ୍ତ ଶାଖାମାନ ରହିଛି । ଯିଏ ଏହି ମୂଳଠାରୁ ପ୍ରକୃତିର ବିଭାଜନ କରିଜାଣିଥାଏ । ସେ ହିଁ ବେଦର ଜ୍ଞାତା ହୋଇଥାଏ । ଏଠାରେ କହୁଛନ୍ତି ଯେ, ମୁଁ ହିଁ ବେଦବିଦ୍ ଅଟେ । ତାହାକୁ ଯିଏ ଜାଣିଥାଏ, ଶ୍ରୀକୃଷ୍ଣ ନିଜକୁ ସେମାନଙ୍କ ତୁଳନା କରି କହିଲେ ଯେ, ସେମାନେ ବେଦବିଦ୍ ଅଟନ୍ତି ଏବଂ ମୁଁ ମଧ୍ୟ ବେଦବିଦ୍ ଅଟେ । ଶ୍ରୀକୃଷ୍ଣ ମଧ୍ୟ ଜଣେ ତତ୍ତ୍ୱଜ୍ଞ ମହାପୁରୁଷ ଯୋଗୀମାନଙ୍କ ମଧ୍ୟ ପରମ ଯୋଗୀଥିଲେ । ଏଠାରେ ଏହି ପ୍ରଶ୍ନ ସମ୍ପୂର୍ଣ୍ଣ ହେଲା । ବର୍ତ୍ତମାନ କହୁଛନ୍ତି ଯେ, ସଂସାରରେ ପୁରୁଷଙ୍କ ସ୍ୱରୂପ ଦୁଇ ପ୍ରକାରର ରହିଛି ।

**ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।**
**କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥୧୬॥**

ହେ ଅର୍ଜୁନ ! ଏହି ସଂସାରରେ କ୍ଷର- କ୍ଷୟ ହେଉଥିବା ପରିବର୍ତ୍ତନଶୀଳ ଏବଂ ଅକ୍ଷର- ଅର୍ଥାତ୍ ଅକ୍ଷୟ ଅପରିବର୍ତ୍ତନଶୀଳ, ଏହିପରି ଦୁଇ ପ୍ରକାରର ପୁରୁଷ ଅଛନ୍ତି । ସେଥିରୁ ସମ୍ପୂର୍ଣ୍ଣ ଭୂତ ପ୍ରାଣୀମାନଙ୍କ ଶରୀର ତ ନାଶବାନ ହୋଇଥାଏ, ଏହା ହିଁ କ୍ଷର ପୁରୁଷ ଅଟେ । ଆଜି ଅଛନ୍ତି ତ ଆସନ୍ତାକାଲି ଏମାନଙ୍କର କୌଣସି ସତ୍ତା ରହିବ ନାହିଁ ଏବଂ ଏହି କୁଟସ୍ଥ ପୁରୁଷଙ୍କୁ ଅବିନାଶୀ କୁହାଯାଏ । ସାଧାନା ଦ୍ୱାରା ମନ ସହିତ ଇନ୍ଦ୍ରିୟ ନିରୋଧ ଅର୍ଥାତ୍ ଯାହାଙ୍କ ସମ୍ପୂର୍ଣ୍ଣ ଇନ୍ଦ୍ରିୟ ସମୂହ କୂଟସ୍ଥ ରହିଛି, ତାହାଙ୍କୁ ହିଁ ଅକ୍ଷର କୁହାଯାଏ । ବର୍ତ୍ତମାନ ଆପଣ ସ୍ତ୍ରୀ ହୁଅନ୍ତୁ ଅଥବା ପୁରୁଷ । ଯଦି ଶରୀର ଏବଂ ଶରୀର ଜନ୍ମରକାରଣ ସଂସ୍କାରର କ୍ରମ ଲାଗି ରହିଛି ,ତେବେ ଆପଣ କ୍ଷର ପୁରୁଷ ହିଁ ଅଟନ୍ତି ଏବଂ ଯେତେବେଳେ ମନ ସହିତ ଇନ୍ଦ୍ରିୟ କୁଟସ୍ଥ

ହୋଇ ମୁଦ୍ରିତ ହୋଇଯାଇଥାଏ, ତେବେ ତାହାଙ୍କୁ ହିଁ ଅକ୍ଷର ପୁରୁଷ କୁହାଯାଇଥାଏ । କିନ୍ତୁ ଏହା ମଧ୍ୟ ପୁରୁଷଙ୍କ ଅବସ୍ଥା ବିଶେଷ ହୋଇଥାଏ । ଏହି ଉଭୟଙ୍କର ଊର୍ଦ୍ଧ୍ୱରେ ମଧ୍ୟ ଗୋଟିଏ ତୃତୀୟ ପୁରୁଷ ମଧ୍ୟ ରହିଛି –

**ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।**
**ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ।।୧୭।।**

ସେ ଉଭୟଙ୍କ ଠାରୁ ଅତି ଉତ୍ତମ ପୁରୁଷ ଭିନ୍ନ ହୋଇଥାନ୍ତି । ଯିଏକି ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ ପୋଷଣ କରିଥାନ୍ତି ଏବଂ ତାହାଙ୍କୁ ଅବିନାଶୀ, ପରମାତ୍ମା, ଈଶ୍ୱର ଏପରି କୁହାଯାଇଛି । ପରମାତ୍ମା, ଅବ୍ୟକ୍ତ, ଅବିନାଶୀ, ପୁରୁଷୋତ୍ତମ ଇତ୍ୟାଦି ତାହାଙ୍କ ପରିଚାୟକ ଶବ୍ଦ ଅଟେ । ବସ୍ତୁତଃ ଏସବୁରୁ ଭିନ୍ନ ହିଁ ଅଟନ୍ତି । ଅର୍ଥାତ୍ ଅନିର୍ବଚୀନୟ ଅଟନ୍ତି । ଏହା କ୍ଷର ଓ ଅକ୍ଷରରୁ ଊର୍ଦ୍ଧ୍ୱରେ ମହାପୁରୁଷଙ୍କର ଅନ୍ତିମ ଅବସ୍ଥା ଅଟେ । ଯାହାକୁ ପରମାତ୍ମା ଆଦି ଶବ୍ଦ ଦ୍ୱାରା ଇଙ୍ଗିତ କରାଯାଇଛି । କିନ୍ତୁ ସେ ଏହାଠାରୁ ଭିନ୍ନ ହିଁ ଅଟନ୍ତି ଅର୍ଥାତ୍ ଅନିର୍ବଚନୀୟ ଅଟନ୍ତି । ସେହି ସ୍ଥିତିରେ ଯୋଗେଶ୍ୱର ଶ୍ରୀକୃଷ୍ଣ ନିଜର ମଧ୍ୟ ପରିଚୟ ଦିଅନ୍ତି ଯଥା–

**ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।**
**ଅତୋଽସ୍ମିଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।।୧୮।।**

ମୁଁ ଉପରୋକ୍ତ ନାଶବାନ୍, ପରିବର୍ତ୍ତନଶୀଳ କ୍ଷେତ୍ର ଠାରୁ ସର୍ବଥା ଅତୀତ ଅଟେ ଏବଂ ଅକ୍ଷର ଅର୍ଥାତ୍ ଅବିନାଶୀ କୁଟସ୍ଥ ପୁରୁଷଙ୍କ ଠାରୁ ମଧ୍ୟ ଊର୍ଦ୍ଧ୍ୱରେ । ତେଣୁକରି ଲୋକରେ ଏବଂ ବେଦରେ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ହୋଇଛି ।

**ଯୋ ମାମେବମସଂମୂଢୋ ଜାନାତି ପୁରୁଷୋତ୍ତମମ୍ ।**
**ସ ସର୍ବବିଦ୍ଭଜତି ମାଂ ସର୍ବଭାବେନ ଭାରତ ।।୧୯।।**

ହେ ଭାରତ ! ଯେପରି ଉପରେ କୁହାଗଲା ଯେ ଏହିପରି ଯେଉଁ ଜ୍ଞାନୀ ପୁରୁଷ ମୋତେ ପୁରୁଷୋତ୍ତମଙ୍କୁ ସାକ୍ଷାତ୍ ଜାଣିଥାଏ, ସେହି ସର୍ବଜ୍ଞ ପୁରୁଷ ସବୁ ପ୍ରକାରେ ମୋତେ ପରମାତ୍ମାଙ୍କୁ ହିଁ ଭଜୁଥାଏ । ସେ ମୋ ଠାରୁ ଅଲଗା ନୁହେଁ ।

**ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।**
**ଏତଦ୍ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ।।୨୦।।**

ହେ ନିଷ୍ପାପ ଅର୍ଜୁନ ! ଏହିପରି ଗୋପନୀୟ ଶାସ୍ତ୍ର ମୋ ଦ୍ୱାରା କୁହାଗଲା । ଏହାକୁ ତତ୍ତ୍ୱଦ୍ୱାରା ଜାଣି ମନୁଷ୍ୟ ପୂର୍ଣ୍ଣ ଜ୍ଞାତା ଏବଂ କୃତାର୍ଥ ହୋଇଯାଏ । ଅତଃ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଏହି ବାଣୀ ସ୍ୱୟଂ ପୂର୍ଣ୍ଣଶାସ୍ତ୍ର ହିଁ ଅଟେ । ଶ୍ରୀକୃଷ୍ଣଙ୍କ ଏହି ରହସ୍ୟ ଅତ୍ୟନ୍ତ ଗୁପ୍ତ ଥିଲା । ସେ କେବଳ ଅନୁରାଗୀଙ୍କ ନିମନ୍ତେ କହିଲେ, ଏହା

କେବଳ ଅଧିକାରୀଙ୍କ ନିମନ୍ତେ ଥିଲା, ସମସ୍ତଙ୍କ ନିମନ୍ତେ ନୁହଁ । କିନ୍ତୁ ଯେତେବେଳେ ଏହି ଗୋପନୀୟ ରହସ୍ୟ , **ଗୁରୁ ଘରାନେ କି ବିଦ୍ୟା–** ଲିଖିତ ଆକାରରେ ଆସିଯାଇଥାଏ । ସମସ୍ତଙ୍କ ସାମନାରେ ପୁସ୍ତକ ରୂପରେ ଲିପିବଦ୍ଧ ହୋଇ ରହିଯାଏ, ତେଣୁକରି ଲେକେ ଭାବନ୍ତି ଯେ ଶ୍ରୀକୃଷ୍ଣ ଏହାକୁ ସମସ୍ତଙ୍କ ନିମନ୍ତେ କହିଛନ୍ତି କିନ୍ତୁ ବସ୍ତୁତଃ ଏହି ବିଦ୍ୟା କେବଳ ଅନୁରାଗୀ ସାଧକଙ୍କ ନିମନ୍ତେ ଅଟେ । ଅର୍ଥାତ୍ ଅଧିକାରୀଙ୍କ ନିମନ୍ତେ ହିଁ ଅଟେ । ଶ୍ରୀକୃଷ୍ଣଙ୍କ ଏହି ସ୍ୱରୂପ ସମସ୍ତଙ୍କ ନିମନ୍ତେ ନଥିଲା । କିଏ ତାହାଙ୍କୁ ରାଜା, କିଏ ଦୂତ ତ କିଏ ତାହାଙ୍କୁ ଯାଦବ ବୋଲି ମାନୁଥିଲେ । କିନ୍ତୁ ଅଧିକାରୀ ଅନୁରାଗୀ ଅର୍ଜୁନଙ୍କ ଠାରେ ସେ କୌଣସି ଦୂରତା ରଖିନଥିଲେ । ସେ ଜାଣିଥିଲେ ଯେ, ଶ୍ରୀକୃଷ୍ଣ ପରମସତ୍ୟ ପୁରୁଷୋତ୍ତମ ଅଟନ୍ତି । ଶ୍ରୀକୃଷ୍ଣ ଅର୍ଜୁନଙ୍କ ଠାରୁ ଦୂରେଇ ରହିଥିଲେ, ତାଙ୍କର କଲ୍ୟାଣ ହିଁ ହୋଇନଥାନ୍ତା । ଏହି ବିଶେଷତା ପ୍ରାପ୍ତି ହୋଇଥିବା ପ୍ରତ୍ୟେକ ମହାପୁରୁଷଙ୍କଠାରେ ପାଇବାକୁ ମିଳୁଛି । ରାମକୃଷ୍ଣ ପରମହଂସ ଥରେ ବହୁତ ପ୍ରସନ୍ନ ଥିଲେ, ଭକ୍ତମାନେ ପଚାରିଲେ ଆଜି ତ ଆପଣ ବହୁତ ପ୍ରସନ୍ନ ଅଛନ୍ତି । ସେ କହିଲେ ଆଜି ମୁଁ ସେହି ପରମହଂସ ହୋଇଗଲି । ତାହାଙ୍କ ସମକାଳୀନ କେହି ଜଣେ ବିଶେଷ ମହାପୁରୁଷ ପରମହଂସ ଅବସ୍ଥାରେ ଥିଲେ । ତାହାଙ୍କ ଆଡ଼କୁ ସଙ୍କେତ କରିଥିଲେ । କିଛି ସମୟ ପରେ ସେ ମନ, କର୍ମ ଓ ବଚନ ଦ୍ୱାରା ବିରକ୍ତିର ଆଶା ନେଇ ନିଜର ପଛରେ ଆସୁଥିବା ସାଧକଙ୍କୁ କହିଲେ, ଦେଖ ବର୍ତ୍ତମାନ ତୁମ୍ଭେ ମାନେ ମୋତେ ସନ୍ଦେହ କର ନାହିଁ । ମୁଁ ସେହି ରାମ ଅଟେ । ଯିଏକି ତ୍ରେତୟାରେ ହୋଇଥିଲେ । ମୁଁ ସେହି କୃଷ୍ଣ ଅଟେ, ଯିଏକି ଦ୍ୱାପରରେ ହୋଇଥିଲେ । ମୁଁ ସେମାନଙ୍କର ହିଁ ପବିତ୍ର ଆତ୍ମା ଅଟେ । ସେହି ସ୍ୱରୂପ ଅଟେ । ଯଦି ପାଇବାକୁ ଚାହଁ, ତେବେ ମୋତେ ଦେଖ । ଠିକ୍ ଏହିପରି ପୂଜ୍ୟ ଗୁରୁମହାରାଜ ମଧ୍ୟ ସମସ୍ତଙ୍କ ସାମନାରେ କହୁଥିଲେ– ହୋ, ଆମ୍ଭେ ଭଗବାନଙ୍କର ଦୂତ ଅଟୁ । **ଜେ ସଚହୁଁ କା ସନ୍ଥ ହୈ–** ସେ ଭଗବାନଙ୍କ ଦୂତ ଅଟେ । ଆମ୍ଭ ଦ୍ୱାରା ହିଁ ତାଙ୍କୁ ସନ୍ଦେଶ ମିଳିଥାଏ । ଯିଶୁଖ୍ରୀଷ୍ଟ କହିଲେ– ମୁଁ ଭଗବାନଙ୍କ ପୁତ୍ର ଅଟେ । ମୋର ନିକଟକୁ ଆସ, ଏଥିପାଇଁ ଯେ ଈଶ୍ୱରଙ୍କ ପୁତ୍ର ବୋଲି ନିଜକୁ କହିପାରିବ, ଅତଃ ସମସ୍ତେ ପୁତ୍ର ହୋଇପାରିବ । ହାଁ, ଏହି କଥା ଅଲଗା ଯେ, ନିକଟକୁ ଆସିବାର ତାତ୍ପର୍ଯ୍ୟ ତାହାଙ୍କ ନିକଟ ପର୍ଯ୍ୟନ୍ତ ସାଧନା ସାଧନ କ୍ରମରେ ଚାଲି ପୂରା କରିବାକୁ ହେବ । ମହମ୍ମଦ ସାହାବ କହିଲେ– **ମୈଁ ଅଲ୍ଲାହ କା ରସୁଲ୍ ହୁଁ–** ଅର୍ଥାତ୍ ସନ୍ଦେଶ ବାହାକ ଅଟେ । ପୂଜ୍ୟଗୁରୁ ମହାରାଜଜୀ ସମସ୍ତଙ୍କୁ ଏତିକି ହିଁ କହୁଥିଲେ । ନା କୌଣସି ବିଚାରର ଖଣ୍ଡନ ନା ମଣ୍ଡନ କରୁଥିଲେ କିନ୍ତୁ ଯେଉଁ ବିରକ୍ତ ସାଧକ ପଛରେ ଲାଗିଥିଲେ,

ତାହାଙ୍କୁ କହୁଥିଲେ– କେବଳ ମୋର ସ୍ୱରୂପକୁ ଦେଖ । ଯଦି ତୁମର ସେହି ପରମତତ୍ତ୍ୱକୁ ପାଇବାର ଇଚ୍ଛା ରହିଛି, ତେବେ ମୋତେ ଦେଖ, ସନ୍ଦେହ କର ନାହିଁ ବହୁତ ଲୋକେ ସନ୍ଦେହ କରିବାରୁ ତାହାଙ୍କୁ ଅନୁଭବରେ ଦେଖାଇ ଗାଳି ଦେଇ ସେହି ବାହ୍ୟ ବିଚାରରୁ ହଟାଇ ଯେଉଁଥିରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ (ଦ୍ୱିତୀୟ ଅଧ୍ୟାୟ–୪୦–୪୩ ଶ୍ଳୋକ) ଅନନ୍ତ ପୂଜା ପଦ୍ଧତି ରହିଛି, ସେଥିରୁ ଉପରାମ ହୋଇ ନିଜ ସ୍ୱରୂପରେ ଲଗାଇଲେ । ସେମାନେ ଅଦ୍ୟାବଧି ମହାପୁରୁଷଙ୍କ ରୂପରେ ଅବସ୍ଥିତ ଅଛନ୍ତି । ଏହିପରି ଶ୍ରୀକୃଷ୍ଣଙ୍କ ନିଜ ସ୍ଥିତି ଗୋପନୀୟ ଥିଲା କିନ୍ତୁ ନିଜର ଅନନ୍ୟ ଭକ୍ତ ତଥା ପୂର୍ଣ୍ଣ ଅଧିକାରୀ ଅନୁରାଗୀ ଅର୍ଜୁନଙ୍କ ପ୍ରତି ସେ ତାହାକୁ ପ୍ରକାଶ କରିଥିଲେ । ପ୍ରତ୍ୟେକ ଭକ୍ତଙ୍କ ନିମନ୍ତେ ସମ୍ଭବ ଅଟେ, ମହାପୁରୁଷ ଅସଂଖ୍ୟ ଭକ୍ତଙ୍କୁ ସେହି ରାସ୍ତାରେ ଚଲାଇ ଦିଅନ୍ତି ।

## ନିଷ୍କର୍ଷ

ଏହି ଅଧ୍ୟାୟର ପ୍ରାରମ୍ଭରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ– ଏହି ସଂସାର ଗୋଟିଏ ଅଶ୍ୱତଥ୍ ବୃକ୍ଷ ଅଟେ । ଅଶ୍ୱତଥ୍ ଗୋଟିଏ ଉଦାହରଣ ମାତ୍ର । ଊର୍ଦ୍ଧ୍ୱରେ ଯାହାର ମୂଳ ପରମାତ୍ମା ଏବଂ ତଳକୁ ଯାହାର ଶାଖା ପ୍ରଶାଖା ପ୍ରକୃତି ଅଟେ । ଯିଏ ଏହି ବୃକ୍ଷକୁ ଅସଙ୍ଗ ଶସ୍ତ୍ର ଦ୍ୱାରା କାଟିଥାଏ ଅର୍ଥାତ୍ ଏହି ବୃକ୍ଷକୁ ମୂଳ ସହିତ ବିଦିତ କରିଦେଇଥାଏ । ସେ ହିଁ ସମ୍ପୂର୍ଣ୍ଣ ବେଦର ଜ୍ଞାତା ଅଟେ । ଏହି ସଂସାର ବୃକ୍ଷର ଶାଖାଗୁଡ଼ିକ ତଳ ଓ ଉପର ସର୍ବତ୍ର ବ୍ୟାପ୍ତ ରହିଛି ଏବଂ ଏହାର ମୂଳ ଅର୍ଥାତ୍ ମୂଳର ଚେର ମଧ୍ୟ ଉପର ତଳ ହୋଇ ସର୍ବତ୍ର ବ୍ୟାପ୍ତ ରହିଛି କାରଣ ସେହି ମୂଳ ଈଶ୍ୱର ଅଟନ୍ତି ଏବଂ ସେ ହିଁ ବୀଜ ରୂପରେ ପ୍ରତ୍ୟେକ ଜୀବର ହୃଦୟରେ ନିବାସ କରିଥାନ୍ତି ।

ପୌରାଣିକ ଆଖ୍ୟାନ ରହିଛି– ଥରେ କମଳାସନରେ ବସିଥିବା ବ୍ରହ୍ମାଜୀ ବିଚାର କଲେ ଯେ, ମୋର ଉଦ୍‌ଗମ କେଉଁଠୁ ? ଯେଉଁଠାରୁ ସେ ଉତ୍ପନ୍ନ ହୋଇଥିଲେ, ସେହି କମଳ ନାଡ଼ିରେ ପ୍ରବେଶ କରି ଚାଲିଲେ । ଅନବରତ ଚାଲିବାରେ ଲାଗିଲେ, କିନ୍ତୁ ନିଜର ଉଦ୍‌ଗମକୁ ଦେଖିପାରିଲେ ନାହିଁ । ତେବେ ହତାଶ ହୋଇ ସେହି କମଳ ଆସନରେ ବସିଗଲେ । ଚିତ୍ତର ନିରୋଧ କରିବାରେ ଲାଗିଗଲେ ଏବଂ ଧ୍ୟାନଦ୍ୱାରା ନିଜର ମୂଳ ଉଦ୍‌ଗମକୁ ପ୍ରାପ୍ତ କଲେ । ପରମ ତତ୍ତ୍ୱର ସାକ୍ଷାତ୍‌କାର କରି ସ୍ତୁତି କଲେ । ସେହି ପରମ ସ୍ୱରୂପ ଠାରୁ ହିଁ ଆଦେଶ ମିଳିଲା, ‘‘ମୁଁ ସର୍ବତ୍ର ରହିଛି କିନ୍ତୁ ମୋର ପ୍ରାପ୍ତିର ସ୍ଥାନ ମାତ୍ର ହୃଦୟ । ହୃଦୟ ଦେଶରେ ଯିଏ ଧ୍ୟାନ କରିଥାଏ, ସେ ମୋତେ ପ୍ରାପ୍ତ କରିଥାଏ ।

ବ୍ରହ୍ମା ଏକ ପ୍ରତୀକ ମାତ୍ର । ଯୋଗ ସାଧନର ଏକ ପରିପକ୍ୱ ଅବସ୍ଥାରେ ଏହି ସ୍ଥିତିର ଜାଗୃତି ହୋଇଥାଏ । ଈଶ୍ୱର ଆଡ଼କୁ ଉନ୍ମୁଖ ବ୍ରହ୍ମବିଦ୍ୟାରେ ସଂଯୁକ୍ତ ବୁଦ୍ଧି ହିଁ

ବ୍ରହ୍ମା । କମଳ ଜଳରେ ରହି ମଧ୍ୟ ନିର୍ଲିପ୍ତ ଏବଂ ନିର୍ମଳ ରହିଥାଏ । ବୁଦ୍ଧି ଯେଉଁ ପର୍ଯ୍ୟନ୍ତ ଏପଟେ ସେପଟ ହୋଇ ଖୋଜୁଥାଏ, ସେ ପର୍ଯ୍ୟନ୍ତ କିଛି ପାଇ ନଥାଏ ଏବଂ ଯେତେବେଳେ ସେହି ବୁଦ୍ଧି ନିର୍ମଳତାର ଆସନରେ ଆସୀନ ହୋଇ ମନ ସହିତ ଇନ୍ଦ୍ରିୟଙ୍କୁ ସଂଙ୍କୁଚିତ କରି ହୃଦୟଦେଶରେ ନିରୋଧ କରି ନେଇଥାଏ । ସେହି ନିରୋଧ ମନର ବିଲୀନକରଣ ଅବସ୍ଥାରେ ନିଜର ହିଁ ହୃଦୟରେ ପରମତ୍ମାଙ୍କୁ ପାଇଥାଏ । ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ସଂସାର ଏକ ବୃକ୍ଷ ଅଟେ । ଯାହାର ମୂଳ ଏବଂ ଶାଖାମାନ ଉପରତଳ ସର୍ବତ୍ର ବ୍ୟାପ୍ତ । **କର୍ମାନୁବନ୍ଧୀନି ମନୁଷ୍ୟ ଲୋକେ**– ଅର୍ଥାତ୍ କର୍ମାନୁସାରେ କେବଳ ମନୁଷ୍ୟ ଯୋନୀ ହିଁ ବନ୍ଧନ ଉତ୍ପନ୍ନ କରିଥାଏ । ଅନ୍ୟ ଯୋନୀରେ ଏହି କର୍ମାନୁସାରେ କେବଳ ଭୋଗକୁ ହିଁ ଭୋଗିଥାନ୍ତି । ଅତଃ ଦୃଢ ବୈରାଗ୍ୟ ରୂପୀ ଶସ୍ତ୍ର ଦ୍ୱାରା ଏହି ସଂସାରରୂପୀ ଅଶ୍ୱତଥ୍ ବୃକ୍ଷକୁ ତୁମେ କାଟି ସେହି ପରମ ପଦର ଅନ୍ୱେଷଣ କର । ଯେଉଁଥିରେ ଯାଇଥିବା ମହର୍ଷି ପୁନର୍ଜନ୍ମକୁ ପ୍ରାପ୍ତ ହୋଇନଥାନ୍ତି ।

କିପରି ଜାଣି ପାରିବା ଯେ ସଂସାର ବୃକ୍ଷ କଟିଗଲା ? ଯୋଗେଶ୍ୱର କହୁଛନ୍ତି – ଯିଏ ମାନ ଓ ମୋହରୁ ସର୍ବଥା ରହିତ, ଯିଏ ସଙ୍ଗ ଦୋଷରୁ ମୁକ୍ତ, ଯାହାର ମନ ନିବୃତ୍ତି ହୋଇଯାଇଛି, ଯିଏ ଦ୍ୱନ୍ଦରୁ ସମ୍ପୂର୍ଣ୍ଣ ମୁକ୍ତ, ସେହି ପୁରୁଷ ପରମ ତତ୍ତ୍ୱକୁ ପ୍ରାପ୍ତ ହୋଇଥାଏ । ସେହି ପରମ ପଦକୁ ନା ସୂର୍ଯ୍ୟ, ନା ଚନ୍ଦ୍ରମା ଏବଂ ନା ଅଗ୍ନି ହିଁ ପ୍ରକାଶିତ କରିପାରିଥାନ୍ତି , କାରଣ ସେ ସ୍ୱୟଂ ପ୍ରକାଶ ରୂପ । ଯେଉଁ ମାର୍ଗରେ ଯାଇଥିବା ବ୍ୟକ୍ତି ପ୍ରତ୍ୟାବର୍ତ୍ତନ କରି ଆସିନଥାନ୍ତି । ତାହାହିଁ ମୋର ପରମଧାମ, ଯାହାକୁ ପାଇବା ଅଧିକାର ସମସ୍ତଙ୍କର ରହିଛି । କାରଣ ସେହି ଜୀବାତ୍ମା ମୋର ହିଁ ଶୁଦ୍ଧ ଅଂଶ ଅଟେ ।

ଶରୀର ତ୍ୟାଗ କରିବା ସମୟରେ ଜୀବାତ୍ମା ମନ ଏବଂ ପଞ୍ଚଜ୍ଞାନେନ୍ଦ୍ରିୟର କାର୍ଯ୍ୟକଳାପକୁ ନେଇ ନୂତନ ଶରୀରକୁ ଧାରଣ କରିଥାଏ । ସଂସ୍କାର ସାତ୍ତ୍ୱିକ ହୋଇ ଥିଲେ, ସାତ୍ତ୍ୱିକ ସ୍ତରକୁ ପହଞ୍ଚିଯାଏ, ରାଜସୀ ହୋଇଥିଲେ ମଧ୍ୟମ ସ୍ଥାନକୁ ପହଞ୍ଚି ଯାଏ ଏବଂ ତାମସୀ ହୋଇଥିଲେ ଜଘନ୍ୟ ଯୋନି ପର୍ଯ୍ୟନ୍ତ ପହଞ୍ଚିଯାଏ ତଥା ଇନ୍ଦ୍ରିୟମାନଙ୍କ ଅଧିଷ୍ଠାତା ମନର ମାଧ୍ୟମରେ ବିଷୟମାନଙ୍କୁ ଦେଖୁଥାଏ ଏବଂ ଭୋଗ କରୁଥାଏ । ଏହା ଦିଶୁ ନଥାଏ, ଏହାକୁ ଦେଖିବାର ଦୃଷ୍ଟି ଜ୍ଞାନ ଅଟେ । କିଛି କଣ୍ଠସ୍ଥ କରି ନେବାର ନାମ କେବଳ ଜ୍ଞାନ ନୁହଁ । ଯୋଗୀଜନ ହୃଦୟରେ ଚିତ୍ତକୁ ଏକତ୍ରିତ କରି ପ୍ରୟତ୍ନ ପୂର୍ବକ ହିଁ ତାହାର ଦର୍ଶନ କରିପାରିଥାନ୍ତି । ଅତଃ ଜ୍ଞାନ ସାଧନଗମ୍ୟ ଅଟେ । ହଁ ଅଧ୍ୟୟନ ଦ୍ୱାରା ତାହାଙ୍କ ପ୍ରତି ଶ୍ରଦ୍ଧା ଉତ୍ପନ୍ନ ହୋଇଥାଏ । ସଂଶୟଯୁକ୍ତ

ଅକୃତାତ୍ମା ଲୋକେ ପ୍ରୟତ୍ନ କରି ମଧ୍ୟ ତାହାକୁ ପାଇନଥାନ୍ତି ।

ଏଠାରେ ପ୍ରାପ୍ତି ହୋଇଥିବା ସ୍ଥାନର ଚିତ୍ରଣ ରହିଛି । ଅତଃ ସେହି ଅବସ୍ଥାର ବିଭୂତିମାନଙ୍କ ପ୍ରବାହ ସ୍ୱଭାବିକ । ତାହାକୁ ସେ ପୁନଃ କହୁଛନ୍ତି– ସୂର୍ଯ୍ୟ ଏବଂ ଚନ୍ଦ୍ରମାରେ ମୁଁ ହିଁ ପ୍ରକାଶ ଅଟେ, ଅଗ୍ନିରେ ମୁଁ ହିଁ ତେଜ, ମୁଁ ହିଁ ପ୍ରଚଣ୍ଡ ଅଗ୍ନି ରୂପରେ ଚାରୋଟି ବିଧିରେ ପରିପକ୍ୱ ହେଉଥିବା ଅନ୍ନକୁ ଜିର୍ଣ୍ଣକରୁଥାଏ । ଶ୍ରୀକୃଷ୍ଣଙ୍କ ଶବ୍ଦରେ ଅନ୍ନ ଏକମାତ୍ର ବ୍ରହ୍ମ ଅଟେ । **ଅନ୍ନଂ ବ୍ରହ୍ମ ବ୍ୟଜାନାତ–** ଯେଉଁ ଉପନିଦଷଦରୁ ଶ୍ରୀକୃଷ୍ଣ ଏହାକୁ ଉଠାଇଲେ, ତାହାର ଏହା ହିଁ ନିର୍ଣ୍ଣୟ ଅଟେ । ଯାହାକୁ ପ୍ରାପ୍ତ କରି ଏହି ଆତ୍ମା ତୃପ୍ତ ହୋଇଯାଏ । ବୈଖରୀ, ମଧ୍ୟମା, ପଶ୍ୟନ୍ତ ଏବଂ ପରା ପର୍ଯ୍ୟନ୍ତ ଅନ୍ନ ପୂର୍ଣ୍ଣ ପରିପକ୍ୱ ହୋଇଥାଏ । ସେହି ପାତ୍ର ମଧ୍ୟ ବିଲୀନ ହୋଇଯାଏ । ଏହି ଅନ୍ନକୁ ମୁଁ ହିଁ ଜିର୍ଣ୍ଣକରୁଥାଏ ଅର୍ଥାତ୍ ସଦ୍‌ଗୁରୁ ଯେଉଁ ପର୍ଯ୍ୟନ୍ତ ରଥୀ ହୋଇ ନଥାନ୍ତି, ସେ ପର୍ଯ୍ୟନ୍ତ ଏହି ଉପଲବ୍ଧି ହୋଇନଥାଏ ।

ଏହାକୁ ଯୋଗେଶ୍ୱର ପୁନଃ କହୁଛନ୍ତି ଯେ, ସମ୍ପୂର୍ଣ୍ଣ ପ୍ରାଣୀଙ୍କ ହୃଦୟରେ ସ୍ଥିତ ହୋଇ ମୁଁ ହିଁ ସ୍ମୃତି ଦେଇଥାଏ । ଯେଉଁ ସ୍ୱରୂପ ବିସ୍ମୃତ ଥିଲା, ତାହାର ସ୍ମୃତି ଦେଇଥାଏ । ସ୍ମୃତି ସହିତ ପ୍ରାପ୍ତ ହୋଇଥିବ ଜ୍ଞାନ ମଧ୍ୟ ମୁଁ ହିଁ ଅଟେ । ସେଥିରେ ଆସୁଥିବା ବାଧାର ନିଦାନ ମଧ୍ୟ ମୋ ଦ୍ୱାରା ହିଁ ହୋଇଥାଏ । ମୁଁ ହିଁ ଜାଣିବା ଯୋଗ୍ୟ ଅଟେ ଏବଂ ବିଦିତ ହୋଇଯିବା ପରେ ଅନୁଭବ ର ପ୍ରେରଣାଦାତା ମଧ୍ୟ ମୁ ହିଁ ଅଟେ । ଏହା ପରେ କିଏ କାହାକୁ ଜାଣିବ ? ମୁଁ ବେଦବିତ୍ ଅଟେ । ଅଧ୍ୟାୟର ପ୍ରାରମ୍ଭରେ କହିଥିଲେ ଯେ, ଯିଏ ସଂସାର ବୃକ୍ଷକୁ ମୂଳ ସହିତ ଜାଣିଥାଏ, ସେ ବେଦବିତ୍ ଅଟେ କିନ୍ତୁ ସେହି ବୃକ୍ଷକୁ ଛେଦନ କରୁଥିବା ବ୍ୟକ୍ତି ହିଁ ଜାଣିଥାଏ । ଏଠାରେ କହୁଛନ୍ତି ଯେ ମୁଁ ମଧ୍ୟ ବେଦବିତ୍ ଅଟେ । ସେହି ବେଦବିତ୍‌ମାନଙ୍କ ମଧ୍ୟରେ ନିଜକୁ ମଧ୍ୟ ଗଣନା କରୁଛନ୍ତି । ଅତଃ ଶ୍ରୀକୃଷ୍ଣ ମଧ୍ୟ ଏଠାରେ ବେଦବିତ୍ ପୁରୁଷୋତ୍ତମ ଅଟନ୍ତି । ଯାହାକୁ ପ୍ରାପ୍ତ କରିବା ଅଧିକାର ମାନବ ମାତ୍ରର ରହିଛି ।

ପରିଶେଷରେ ସେ କହିଲେ ଯେ, ଲୋକରେ ତିନି ପ୍ରକାରର ପୁରୁଷ ହୋଇଥାନ୍ତି । ଭୂତ ପ୍ରାଣୀଙ୍କ ସମ୍ପୂର୍ଣ୍ଣ ଶରୀର କ୍ଷର ଅଟେ । ମନର କୁଟସ୍ଥ ଅବସ୍ଥାରେ ଏହି ପୁରୁଷ ଅକ୍ଷର ହୋଇଯାଏ । କିନ୍ତୁ ଦ୍ୱନ୍ଦ୍ୱାତ୍ମକ ହିଁ ଅଟେ ଏବଂ ଏହାଠାରୁ ଉର୍ଦ୍ଧ୍ୱରେ ଯେଉଁ ପରମାତ୍ମାଙ୍କୁ ପରମେଶ୍ୱର, ଅବ୍ୟକ୍ତ ଏବଂ ଅବିନାଶୀ କୁହାଯାଇଥାଏ, ସେ ବସ୍ତୁତଃ ଭିନ୍ନ ହିଁ ଅଟନ୍ତି । ଏହି କ୍ଷର ଓ ଆକ୍ଷରରୁ ଉର୍ଦ୍ଧ୍ୱରେ ଥିବା ଏକ ଅବସ୍ଥା ବିଶେଷ । ଏହା ହିଁ ପରମ ସ୍ଥିତି ଅଟେ । ଏଠାରେ ନିଜକୁ ତୁଳନା କରି କହୁଛନ୍ତି– ମୁଁ ମଧ୍ୟ କ୍ଷର ଏବଂ ଅକ୍ଷରରୁ ଉର୍ଦ୍ଧ୍ୱରେ ସେହି ପରମାତ୍ମା ଅଟେ । ତେଣୁକରି ଲୋକ

ମୋତେ ପୁରୁଷୋତ୍ତମ କହନ୍ତି । ଏହିପରି ଉତ୍ତମ ପୁରୁଷକୁ ଯିଏ ଜାଣିଥାନ୍ତି, ସେହି ଜ୍ଞାନୀ–ଭକ୍ତମାନେ ସଦୈବ ସବୁ ପ୍ରକାରେ ମୋର ଭଜନ ହିଁ କରିଥାନ୍ତି । ତାହାଙ୍କ ଜାନକାରୀରେ କୌଣସି ଅନ୍ତର ନଥାଏ । ହେ ଅର୍ଜୁନ ! ଏହି ଅତ୍ୟନ୍ତ ଗୋପନୀୟ ରହସ୍ୟ ମୁଁ ତୁମ ନିମନ୍ତେ କହିଲି । ପ୍ରାପ୍ତି ହୋଇଥିବା ମହାପୁରୁଷ ସମସ୍ତଙ୍କ ସାମନାରେ କହିନଥାନ୍ତି କିନ୍ତୁ ଅଧିକାରୀଙ୍କ ନିକଟରେ କିଛି ମଧ୍ୟ ଲୁଚାଇ ରଖିନଥାନ୍ତି । ଯଦି ଗୋପନୀୟ ରଖିବେ, ତେବେ ସାଧକ ପାଇବେ କିପରି ?

ଏହି ଅଧ୍ୟାୟରେ ଆତ୍ମାର ତିନୋଟି ସ୍ଥିତିର ଚିତ୍ରଣ– କ୍ଷର, ଅକ୍ଷର ଏବଂ ଅତି ଉତ୍ତମ ପୁରୁଷଙ୍କ ନାମରେ ସ୍ପଷ୍ଟ କରାଗଲା ଯେପରି ଏହା ପୂର୍ବରୁ କୌଣସି ଅନ୍ୟ ଅଧ୍ୟାୟରେ ନାହିଁ । ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗ ଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ପୁରୁଷୋତ୍ତମ ଯୋଗୋ' ନାମ ପଞ୍ଚଦଶୋଽଧ୍ୟାୟଃ ॥୧୫॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷେଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ପୁରୁଷୋତ୍ତମ ବିଭାଗ ଯୋଗୋ' ନାମ ପଞ୍ଚଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ପୁରୁଷୋତ୍ତମ ଯୋଗୋ' ନାମ ପଞ୍ଚଦଶୋଽଧ୍ୟାୟଃ ॥୧୫॥**

**॥ ହରି ଓଁ ତତ୍ସତ୍ ॥**

ଓଁ

## ଶ୍ରୀ ପରମାତ୍ମନେ  ନମଃ

## ଅଥ ଷୋଡ଼ଶୋଽଧ୍ୟାୟ

ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ପ୍ରଶ୍ନ ପ୍ରସ୍ତୁତ କରିବାର ବିଶିଷ୍ଟ ଶୈଳୀ ରହିଛି । ପ୍ରଥମେ ସେ ପ୍ରକରଣର ବିଶେଷତା ମାନଙ୍କୁ ଉଲ୍ଲେଖ କରୁଛନ୍ତି । ଯାହା ଦ୍ୱାରା ପୁରୁଷ ତାହାଙ୍କ ଆଡ଼କୁ ଆକର୍ଷିତ ହୋଇଥାଏ । ତତ୍‌ପଶ୍ଚାତ୍ ସେ ସେହି ପ୍ରକରଣକୁ ସ୍ପଷ୍ଟ କରୁଛନ୍ତି । ଉଦାହରଣ ସ୍ୱରୂପ କର୍ମକୁ ନିଆଯାଉ । ସେ ଦ୍ୱିତୀୟ ଅଧ୍ୟାୟରେ ହିଁ ପ୍ରେରଣା ଦେଲେ– ହେ ଅର୍ଜୁନ ! ତୁମେ କର୍ମକର । ତୃତୀୟ ଅଧ୍ୟାୟରେ ସେ ଇଙ୍ଗିତ କଲେ ଯେ, ନିର୍ଦ୍ଧାରିତ କର୍ମ କର । ନିର୍ଦ୍ଧାରିତ କର୍ମ କଣ ? ତେବେ କହିଲେ ଯେ, ଯଜ୍ଞର ପ୍ରକ୍ରିୟା ହିଁ କର୍ମ ଅଟେ । ପୁନଃ ସେ ଯଜ୍ଞର ସ୍ୱରୂପକୁ ନ କହି ପ୍ରଥମେ କହୁଛନ୍ତି ଯେ, ଯଜ୍ଞ କେଉଁଠୁ ଆସିଲା ଏବଂ  ସେ କଣ ଦେଇଥାଏ ? ଚତୁର୍ଥ ଅଧ୍ୟାୟରେ ୧୩/ ୧୪ ପ୍ରକାରର ବିଧି ଦ୍ୱାରା ଯଜ୍ଞର ସ୍ୱରୂପକୁ ସ୍ପଷ୍ଟ କଲେ । ଯାହାକୁ କ୍ରିୟାତ୍ମକ ରୂପ ଦେବା କର୍ମ ଅଟେ । ଏଠାରେ କର୍ମ ସ୍ପଷ୍ଟ ହେଉଛି ଯେ, ଯାହାର ଶୁଦ୍ଧ ଅର୍ଥ ହେଉଛି ଯୋଗ, ଚିନ୍ତନ, ଆରାଧନା, ଯାହା ମନ ଓ ଇନ୍ଦ୍ରିୟମାନଙ୍କ କ୍ରିୟା ଦ୍ୱାର ସମ୍ପନ୍ନ ହୋଇଥାଏ ।  ଏହିପରି ସେ ନବମ ଅଧ୍ୟାୟରେ ଦୈବୀ ଓ ଆସୁରୀ ସମ୍ପଦର ନାମକୁ ନେଲେ । ତାହାର ବିଶେଷତା ଉପରେ କହିଲେ,  ହେ ଅର୍ଜୁନ ! ଆସୁରୀ ସ୍ୱାଭାବ ଯୁକ୍ତ ପୁରୁଷ ମୋତେ ତୁଚ୍ଛ କହିଥାନ୍ତି । ମୁଁ ମଧ ମନୁଷ୍ୟ ଶରୀର ଆଧାରୀ ଅଟେ । କାରଣ ମନୁଷ୍ୟ ଶରୀରରେ ହିଁ ମୋତେ ଏହି ସ୍ଥିତି ପ୍ରାପ୍ତ ହୋଇଛି । କିନ୍ତୁ ଆସୁରୀ ସ୍ୱଭାବ ଯୁକ୍ତ ବ୍ୟକ୍ତି, ମୂଢ ସ୍ୱଭାବ ଯୁକ୍ତ ବ୍ୟକ୍ତି ମୋର ଭଜନ କରି ନ ଥାନ୍ତି ।  ଯେବେ କି ଦୈବୀ ସମ୍ପଦରେ ଯୁକ୍ତ ଭକ୍ତମାନେ  ଅନନ୍ୟ ଶ୍ରଦ୍ଧା ଦ୍ୱାରା ମୋର ଉପାସନା କରିଥାନ୍ତି । କିନ୍ତୁ ଏହି ସମ୍ପତ୍ତି ମାନଙ୍କର ସ୍ୱରୂପ, ତାହାଙ୍କ ଗଠନ ବର୍ତ୍ତମାନ ପର୍ଯ୍ୟନ୍ତ କୁହାଯାଇ ନାହିଁ । ବର୍ତ୍ତମାନ ଏହି ଅଧ୍ୟାୟରେ ଯୋଗେଶ୍ୱର ତାହାର ସ୍ୱରୂପ ସ୍ପଷ୍ଟ କରିବାକୁ ଯାଉଛନ୍ତି । ଯେଉଁଥିରେ ପ୍ରଥମେ ପ୍ରସ୍ତୁତ ହୋଇଛି ଦୈବୀ– ସମ୍ପଦର ଲକ୍ଷଣ ।

**ଶ୍ରୀ ଭଗବାନୁବାଚ**

**ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।**
**ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ॥୧॥**

ଭୟର ସର୍ବଥା ଅଭାବ, ଅନ୍ତଃକରଣର ଶୁଦ୍ଧତା, ତତ୍ତ୍ୱଜ୍ଞାନ ନିମନ୍ତେ ଧ୍ୟାନରେ ଦୃଢ ସ୍ଥିତି ଅଥବା ନିରନ୍ତର ଲଗନ, ସର୍ବସ୍ୱ ସମର୍ପଣ, ଇନ୍ଦ୍ରିୟମାନଙ୍କ ଦମନ, ଯଜ୍ଞର

ଆଚରଣ (ଯେପରି ସ୍ୱୟଂ ଶ୍ରୀକୃଷ୍ଣ ଚତୁର୍ଥ ଅଧ୍ୟାୟରେ କହିଲେ । ସଂଯମାଗ୍ନିରେ ହବନ, ଇନ୍ଦ୍ରିୟାଗ୍ନିରେ ହବନ, ପ୍ରାଣାପାନରେ ହବନ ଏବଂ ଶେଷରେ ଜ୍ଞାନଗ୍ନିରେ ହବନ ଅର୍ଥାତ୍ ଆରାଧନା ପ୍ରକ୍ରିୟା, ଯାହା କେବଳ ମନ ଓ ଇନ୍ଦ୍ରିୟମାନଙ୍କ ଅନ୍ତଃ କ୍ରିୟା ଦ୍ୱାରା ସମ୍ପନ୍ନ ହୋଇଥାଏ । ରାଶି, ଯବ, ବେଦୀ ଇତ୍ୟାଦି ସାମଗ୍ରୀ ଦ୍ୱାରା ହେଉଥିବା ଯଜ୍ଞ, ଏହି ଗୀତୋକ୍ତ ଯଜ୍ଞ ସହିତ କୌଣସି ସମ୍ବନ୍ଧ ନାହିଁ । ଶ୍ରୀକୃଷ୍ଣ ଏପରି କୌଣସି କର୍ମକାଣ୍ଡକୁ ଯଜ୍ଞ ବୋଲି କହି ନାହାଁନ୍ତି) । ସ୍ୱାଧ୍ୟାୟ ଅର୍ଥାତ୍ ସ୍ୱ-ସ୍ୱରୂପ ଆଡ଼କୁ ଅଗ୍ରସର କରାଉଥିବା ଅଧ୍ୟୟନ, ତପ ଅର୍ଥାତ୍ ମନ ସହିତ ଇନ୍ଦ୍ରିୟ ମାନଙ୍କୁ ଇଷ୍ଟ ଅନୁରୂପ ପରିବର୍ତ୍ତିତ କରିବା ତଥା ଆର୍ଜବଂ- ଶରୀର ଏବଂ ଇନ୍ଦ୍ରିୟ ସହିତ ଅନ୍ତଃକରଣର ସରଳତା ।

**ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।**
**ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍ ।।୨।।**

ଅହିଂସା ଅର୍ଥାତ୍ ଆତ୍ମାର ଉଦ୍ଧାର (ଆତ୍ମାକୁ ଅଧୋଗତିରେ ପହୁଞ୍ଚାଇବା ହିଁ ହିଂସା ଅଟେ । ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯଦି ମୁଁ ସାବଧାନ ହୋଇ କର୍ମରେ ପ୍ରବୃତ୍ତ ନ ହେବି, ତେବେ ଏହି ସମ୍ପୂର୍ଣ୍ଣ ପ୍ରଜାମାନଙ୍କ ହନନ କରିବା ବ୍ୟକ୍ତି ଏବଂ ବର୍ଣ୍ଣ ସଙ୍କରର କର୍ତ୍ତା ହେବି । ଆତ୍ମାର ଶୁଦ୍ଧ ବର୍ଣ୍ଣ ହେଉଛି ପରମାତ୍ମା । ଜୀବାତ୍ମା ପ୍ରକୃତିରେ ଭଟକି ଯିବା ହିଁ ବର୍ଣ୍ଣ ସଙ୍କର ଅଟେ । ଆତ୍ମାର ହିଂସା ଅଟେ ଏବଂ ଆତ୍ମାର ଉଦ୍ଧାର ହିଁ ଅହିଂସା ଅଟେ)। ସତ୍ୟ (ସତ୍'ର ଅର୍ଥ ଯଥାର୍ଥ ଏବଂ ପ୍ରିୟଭାଷଣ ନୁହଁ, ଆପଣ କହୁଥାନ୍ତି ଯେ, ଏହି ବସ୍ତ୍ର ମୋର ଅଟେ, ତେବେ କ'ଣ ଆପଣ ସତ୍ୟ କହୁଛନ୍ତି । କାଦାପି ନୁହଁ । ଏହାଠାରୁ ମିଥ୍ୟା ଆଉ କ'ଣ ବା ହେବ ? ଯେବେ ଶରୀର ହିଁ ଆପଣଙ୍କର ନୁହଁ, ନଶ୍ୱର, ତେବେ ଏହାକୁ ଢାଙ୍କି ରଖିଥିବା ବସ୍ତ୍ର ଆପଣଙ୍କର କେବେଠୁଁ ହୋଇଗଲା ? ବସ୍ତୁତଃ ସତ୍ୟର ସ୍ୱରୂପ ଯୋଗେଶ୍ୱର ସ୍ୱୟଂ କହିଲେ, ହେ ଅର୍ଜୁନ ! ସତ୍ୟ ବସ୍ତୁ ତିନି କାଳରେ କେବେ ଅଭାବ ନାହିଁ । ଏହି ଆତ୍ମା ହିଁ ସତ୍ୟ ଅଟେ, ଏହା ହିଁ ପରମ ସତ୍ୟ ଅଟେ । ଏହି ସତ୍ୟ ଉପରେ ଦୃଷ୍ଟି ରଖ), କ୍ରୋଧ ନ ହେବା, ସର୍ବସ୍ୱ ସମର୍ପଣ, ଶୁଭାଶୁଭ କର୍ମ ଫଳ ତ୍ୟାଗ, ଚିତ୍ତର ଚଞ୍ଚଳତା ଅଭାବ, ଲକ୍ଷର ବିପରୀତ ନିନ୍ଦିତ କାର୍ଯ୍ୟକୁ ନ କରିବା, ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କର ଦୟାଭାବ ଇନ୍ଦ୍ରିୟ ସହିତ ବିଷୟ ସଂଯୋଗ ହେଲେ ମଧ୍ୟ ସେଥିରେ ଆସକ୍ତିର ଅଭାବ, କୋମଳତା, ନିଜର ଲକ୍ଷରୁ ବିମୁଖ ହେବାରେ ଲଜ୍ଜା, ବ୍ୟର୍ଥ ଚେଷ୍ଟାର ଅଭାବ । ତଥା -

**ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।**
**ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ।।୩।।**

ତେଜ (ଯାହାକି ଏକ ମାତ୍ର ଈଶ୍ୱରଙ୍କଠାରେ ରହିଛି, ତାହାଙ୍କ ତେଜ ଦ୍ୱାରା

ଯିଏ  କାର୍ଯ୍ୟ କରିଥାଏ । ମହାତ୍ମା ବୁଦ୍ଧଙ୍କ ଦୃଷ୍ଟି ପଡ଼ିବା ମାତ୍ରକେ ଅଙ୍ଗୁଳି ମାଳର ବିଚାର ବଦଳିଗଲା । ଏହା ସେହି ତେଜର ହିଁ ପରିଣାମ ଥିଲା, ଯେଉଁଠାରୁ କଲ୍ୟାଣ ସୃଜନ ହୋଇଥାଏ । ଯାହା ବୁଦ୍ଧଙ୍କ ନିକଟରେ ଥିଲା) । କ୍ଷମା, ଧୈର୍ଯ୍ୟ, ଶୁଦ୍ଧି, କାହା ପ୍ରତି ଶତ୍ରୁତା ନ ହେବା, ନିଜ ନିମନ୍ତେ ପୂଜ୍ୟ ଭାବର ଅଭାବ, ହେ ଅର୍ଜୁନ ! ଏହି ସବୁ ତ  ଦୈବୀ ସମ୍ପଦ ପ୍ରାପ୍ତି ପୁରୁଷଙ୍କର ହିଁ ଲକ୍ଷଣ ଅଟେ । ଏହିପରି  ସମ୍ପୂର୍ଣ୍ଣ ୨୬ଲକ୍ଷଣକୁ ପ୍ରତିପାଦନ କଲେ । ଯାହାକି  ଏହି ସମସ୍ତ ସାଧନାରେ ପରିପକ୍ୱ ଅବସ୍ଥାଯୁକ୍ତ ପୁରୁଷଙ୍କ ନିକଟରେ ସମ୍ଭବ ହୋଇଥାଏ ଏବଂ  ଆଂଶିକ ରୂପରେ ଆପଣଙ୍କ ନିକଟରେ ମଧ୍ୟ ନିଶ୍ଚିତ ରୂପରେ ରହିଛି । ତଥା ଆସୁରୀ ସମ୍ପଦ ଦ୍ୱାରା ଆପ୍ଲାବିତ ମନୁଷ୍ୟମାନଙ୍କ ଭିତରେ ମଧ୍ୟ ଏହି ଗୁଣ ରହିଥାଏ । କିନ୍ତୁ ପ୍ରସୁପ୍ତ ଅବସ୍ଥାରେ ରହିଥାଏ । ତେବେ ତ ଘୋର ପାପ କରିଥିବା ପାପୀଙ୍କୁ ମଧ୍ୟ କଲ୍ୟାଣ କରିବାର ଅଧିକାର ରହିଛି । ବର୍ତ୍ତମାନ ଆସୁରୀ ସମ୍ପଦର ପ୍ରମୁଖ ଲକ୍ଷଣକୁ କହୁଛନ୍ତି –

**ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେ ବ ।**
**ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସମ୍ପଦମାସୁରୀମ୍ ।।୪।।**

ହେ ପାର୍ଥ ! ପାଖଣ୍ଡ, ଘମଣ୍ଡ, ଅଭିମାନ, କ୍ରୋଧ, କୋଠର ବାଣୀ ଏବଂ ଅଜ୍ଞାନ ଏହିସବୁ ଆସୁରୀ ସମ୍ପଦକୁ ପ୍ରାପ୍ତ ହୋଇଥିବା ପୁରୁଷଙ୍କ ଲକ୍ଷଣ । ଉଭୟ ସମ୍ପଦମାନଙ୍କ କାର୍ଯ୍ୟ କ'ଣ ?

**ଦୈବୀ ସମ୍ପଦ୍‌ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।**
**ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ।।୫।।**

ଏହି ଉଭୟ ସମ୍ପଦ ମଧ୍ୟରେ ଦୈବୀ ସମ୍ପଦ ତ **'ବିମୋକ୍ଷାୟ'**– ବିଶେଷ ମୋକ୍ଷ ନିମନ୍ତେ ଏବଂ  ଆସୁରୀ ସମ୍ପଦ ବନ୍ଧନ ନିମନ୍ତେ ମାନି ନିଆଯାଇଛି । ହେ ଅର୍ଜୁନ ! ତୁମେ ଶୋକ କର ନାହିଁ । କାରଣ ଦୈବୀ ସମ୍ପଦକୁ ପ୍ରାପ୍ତ ହୋଇଛ । ବିଶେଷ ମୁକ୍ତିକୁ ପ୍ରାପ୍ତ ହେବ । ଅର୍ଥାତ୍  ମୋତେ ପ୍ରାପ୍ତ ହେବ। ଏହି ସମ୍ପଦ କେଉଁଠାରେ ରହିଥାଏ ?

**ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ ।**
**ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ ।।୬।।**

ହେ ଅର୍ଜୁନ ! ଏହି ଲୋକରେ ଭୂତ ପ୍ରାଣୀମାନଙ୍କ ସ୍ୱଭାବ ଦୁଇ ପ୍ରକାରର ହୋଇଥାଏ, ଗୋଟିଏ ଦେବତାଙ୍କର ପରି ଓ ଅନ୍ୟଟି ଅସୁରଙ୍କ ପରି । ଯେବେ ହୃଦୟରେ ଦୈବୀ ସମ୍ପଦ କାର୍ଯ୍ୟରତ ହୋଇଥାଏ । ତେବେ ମନୁଷ୍ୟ ହିଁ ଦେବତା ଅଟନ୍ତି ଏବଂ  ଯେବେ ଆସୁରୀ ସମ୍ପଦ କାର୍ଯ୍ୟରତ ହୋଇଥାଏ, ତେବେ ଏହି ମନୁଷ୍ୟ

ହିଁ ଅସୁର ଅଟନ୍ତି । ସମ୍ପୂର୍ଣ୍ଣ ସୃଷ୍ଟିରେ ଏହି ଦୁଇଟି ଜାତି ହିଁ ରହିଛନ୍ତି । ସେ ଆରବ ଦେଶରେ ଜନ୍ମ ହୋଇଥାଉ ଅଥବା ଅଷ୍ଟ୍ରେଲିଆରେ କେଉଁଠାରେ ଜନ୍ମ ହୋଇଥାଆନ୍ତୁ ନା କାହିଁକି, ଏହି ଦୁଇଟିର ଅନ୍ତର୍ଗତ ହିଁ ହୋଇଥାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଦେବତାମାନଙ୍କ ସ୍ୱଭାବକୁ ହିଁ ବିସ୍ତାର ପୂର୍ବକ କୁହାଗଲା, ଏବେ ଅସୁରମାନଙ୍କ ସ୍ୱଭାବକୁ ମୋଠାରୁ ବିସ୍ତାର ପୂର୍ବକ ଶୁଣ –

**ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।**
**ନ ଶୌଚଂ ନାପିଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ।।୭।।**

ହେ ଅର୍ଜୁନ ! ଅସୁର ମାନେ କାର୍ଯ୍ୟଂ କର୍ମରେ ପ୍ରବୃତ୍ତ ହେବା ଏବଂ ଅକର୍ତ୍ତବ୍ୟ କାର୍ଯ୍ୟରୁ ନିବୃତ୍ତ ହେବା ଜାଣିନଥାନ୍ତି । ତେଣୁ କରି ସେମାନଙ୍କଠାରେ ନା ଶୁଦ୍ଧି ରହିଥାଏ, ନା ଆଚରଣ ଏବଂ ନା ସତ୍ୟ ହିଁ ରହିଥାଏ । ସେହି ପୁରୁଷଙ୍କ ବିଚାର କିପରି ହୋଇଥାଏ ?

**ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।**
**ଅପରସ୍ପରସଂଭୂତଂ କିମନ୍ୟଦ୍ କାମହୈତୁକମ୍ ।।୮।।**

ଏହି ଆସୁରୀ ପ୍ରବୃତ୍ତି ଯୁକ୍ତ ମନୁଷ୍ୟ କହିଥାନ୍ତି ଯେ, ଜଗତ ଆଶ୍ରୟ ରହିତ , ସର୍ବଥା ମିଥ୍ୟା ଅଟେ ଏବଂ ଈଶ୍ୱରଙ୍କ ବିନା ସ୍ୱତଃ ସ୍ତ୍ରୀ ପୁରୁଷଙ୍କ ସଂଯୋଗରୁ ହିଁ ଉତ୍ପନ୍ନ ହୋଇଛି । ତେଣୁ କରି ଜୀବିତ ଥିଲା ପର୍ଯ୍ୟନ୍ତ କେବଳ ଭୋଗ କରିବା ହିଁ ବିଧେୟ । ଏହା ବ୍ୟତୀତ ଆଉ କ'ଣ ଅଛି ?

**ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାମାନୋଽଲ୍ପବୁଦ୍ଧୟଃ ।**
**ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ।।୯।।**

ଏହି ମିଥ୍ୟା ଦୃଷ୍ଟିକୋଣର ଅବଲମ୍ବନ ଦ୍ୱାରା ଯାହାର ସ୍ୱଭାବ ନଷ୍ଟ ହୋଇ ସାରିଛି, ସେହି ମନ୍ଦ ବୁଦ୍ଧି, ଅପକାରୀ, କ୍ରୁର କର୍ମୀ ମନୁଷ୍ୟ କେବଳ ଜଗତର ବିନାଶ କରିବା ନିମନ୍ତେ ହିଁ ଜନ୍ମ ନେଇଥାନ୍ତି ।

**କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।**
**ମୋହାଦ୍ ଗୃହୀତ୍ୱାସଦ୍‌ଗ୍ରାହାନ୍ ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ।।୧୦।।**

ସେହି ମନୁଷ୍ୟ ଦମ୍ଭ, ମାନ ଓ ମଦ ଦ୍ୱାରା ଯୁକ୍ତ ହୋଇ କୌଣସି ପ୍ରକରେ ପୂର୍ଣ୍ଣ ନ ହେଉଥିବା କାମନାର ଆଶ୍ରୟ ନେଇ ଅଜ୍ଞାନ ଦ୍ୱାରା ମିଥ୍ୟା ସିଦ୍ଧାନ୍ତକୁ ଗ୍ରହଣ କରି ଅଶୁଭ ତଥା ଭ୍ରଷ୍ଟ ବ୍ରତମାନଙ୍କରେ ଯୁକ୍ତ ହୋଇ ସଂସାରରେ ଭ୍ରମଣ କରିଥାନ୍ତି । ସେମାନେ ବ୍ରତ ମଧ୍ୟ କରନ୍ତି କିନ୍ତୁ ଭ୍ରଷ୍ଟାଚାରୀ ଅଟନ୍ତି –

**ଚିନ୍ତାମପରିମେୟାଂ ଚ ପ୍ରଲୟାନ୍ତାମୁପାଶ୍ରିତାଃ ।**
**କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ।।୧୧।।**

ସେମାନେ ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ଅନନ୍ତ ଚିନ୍ତାମାନଙ୍କୁ ନେଇ ରହିଥାନ୍ତି । ବିଷୟ ଭୋଗ ନିମନ୍ତେ ତତ୍ପର ରହିଥାନ୍ତି । ବାସ୍ ଏତିକି ହିଁ ଆନନ୍ଦ ବୋଲି ସେମାନେ ମାନୁଥାନ୍ତି, ତାହାଙ୍କ ମାନ୍ୟତା ଏହି କି ଯେ, ଯେତିକି ପାରିବ ଭୋଗ ସଂଗ୍ରହ କର । ଏହାର ଆଗକୁ ଆଉ ଅଧିକ କିଛି ନାହିଁ –

**ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।**
**ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ ॥୧୨॥**

ଆଶାରୂପୀ ଅନନ୍ତ ଫାଶ ଦ୍ୱାରା (ଗୋଟିଏ ଫାଶ ଦ୍ୱାରା ହିଁ ଲୋକେ ମରିଯାଆନ୍ତି, ଏଠାରେ ଅନନ୍ତ ଫାଶ ଦ୍ୱାରା) ବାନ୍ଧି ହୋଇଥିବା କାମକ୍ରୋଧ ପରାୟଣ ବିଷୟ ଭୋଗର ପୂର୍ତ୍ତି ନିମନ୍ତେ ସେମାନେ ଅନ୍ୟାୟ ପୂର୍ବକ ଧନାଦି ବହୁତ ପଦାର୍ଥକୁ ସଂଗ୍ରହ କରିବାରେ ଚେଷ୍ଟା କରିଥାନ୍ତି । ଅତଃ ଧନ ନିମନ୍ତେ ସେ ରାତ୍ରଦିନ ଅସାମାଜିକ ପଥରେ ପାଦ ଦେଇଥାନ୍ତି । ଆଗକୁ କହୁଛନ୍ତି–

**ଇଦମଦ୍ୟମୟା ଲବ୍ଧମିମଂ ପ୍ରାପ୍ସ୍ୟେ ମନୋରଥମ୍ ।**
**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ॥୧୩॥**

ସେମାନେ ଭାବୁଥାନ୍ତି ଯେ, ମୁଁ ଆଜି ଏହା ପାଇଲି । କାଲିକି ଏହି ମନୋରଥକୁ ପ୍ରାପ୍ତ କରିବି । ମୋ ପାଖରେ ଏତିକି ଧନ ରହିଛି ପୁନଃ ଆସନ୍ତା କାଲି ଏତିକି ମିଳିଯିବ ।

**ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।**
**ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଲବାନ୍ ସୁଖୀ॥୧୪॥**

ସେହି ଶତ୍ରୁ ମୋର ଦ୍ୱାରା ମରିଯାଇଛି ଏବଂ ଅନ୍ୟ ଶତ୍ରୁଙ୍କୁ ମଧ୍ୟ ମୁଁ ମାରିବି । ମୁଁ ହିଁ ଈଶ୍ୱର ଏବଂ ଐଶ୍ୱର୍ଯ୍ୟକୁ ଭୋଗ କରିବା ଯୋଗ୍ୟ । ମୁଁ ହିଁ ସିଦ୍ଧି ମାନଙ୍କରେ ଯୁକ୍ତ ବଳବାନ ଏବଂ ସୁଖୀ ଅଟେ ।

**ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋସ୍ତି ସଦୃଶୋ ମୟା ।**
**ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ ॥୧୫॥**

ମୁଁ ବହୁତ ବଡ଼ ଧନୀ ଏବଂ ବଡ଼ କୁଟୁମ୍ବି ଅଟେ । ମୋ ସମାନ ଭଲା ଅନ୍ୟ କିଏ ଅଛି ? ମୁଁ ଯଜ୍ଞ କରିବି, ମୁଁ ଦାନ ଦେବି, ମୋତେ ହର୍ଷ ହେବ । ଏହିପରି ଅଜ୍ଞାନ ଦ୍ୱାରା ସେ ବିଶେଷ ମୋହିତ ରହିଥାନ୍ତି । କ'ଣ ଯଜ୍ଞ ଦାନ ମଧ୍ୟ ଅଜ୍ଞାନ ? ଏହାର ଉତ୍ତର ୧୭ ନମ୍ବର ଶ୍ଳୋକରେ ସ୍ପଷ୍ଟ କରିଛନ୍ତି । ଏତିକିରେ ମଧ୍ୟ ସେମାନେ ସନ୍ତୁଷ୍ଟ ନ ହୋଇ ଅନେକ ଭ୍ରାନ୍ତିର ଶିକାର ହୋଇଥାନ୍ତି । ଏହା ଉପରେ କହୁଛନ୍ତି–

**ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।**
**ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ।।୧୬।।**

ଅନେକ ପ୍ରକାର ଭ୍ରମିତ ହୋଇଥିବା ଚିତ୍ତ ଯୁକ୍ତ ବ୍ୟକ୍ତି, ମୋହ ଜାଲରେ ଗ୍ରସିତ ହୋଇଥିବା ବିଷୟ ଭୋଗରେ ଅତ୍ୟନ୍ତ ଆସକ୍ତ ସେହି ଆସୁରୀ ସ୍ୱଭାବ ଯୁକ୍ତ ମନୁଷ୍ୟ ଅପବିତ୍ର ନରକରେ ପଡ଼ିଥାନ୍ତି । ଆଗକୁ ଶ୍ରୀକୃଷ୍ଣ ସ୍ୱୟଂ କହିବେ ଯେ, ନରକ କ'ଣ ?

**ଆତ୍ମସମ୍ଭାବିତାଃ ସ୍ତବ୍ଧା ଧନମାନମଦାନ୍ୱିତାଃ ।**
**ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ।।୧୭।।**

ନିଜକୁ ହିଁ ଶ୍ରେଷ୍ଠ ମାନୁଥିବା ବ୍ୟକ୍ତି ଧନ ଓ ମାନର ମଦରେ ଯୁକ୍ତ ହୋଇ ସେହି ଘମଣ୍ଡି ମନୁଷ୍ୟ ଶାସ୍ତ୍ର ବିଧିରୁ ରହିତ କେବଳ ନାମ ମାତ୍ରକ ଯଜ୍ଞ ଦ୍ୱାରା ପାଖଣ୍ଡ ରୂପରେ ଯଜନ କରିଥାନ୍ତି । କ'ଣ ସେହି ଯଜ୍ଞ କରିଥାନ୍ତି, ଯେପରି ଶ୍ରୀକୃଷ୍ଣ କହିଛନ୍ତି ? ନାହିଁ, ସେହି ବିଧିକୁ ତ୍ୟାଗ କରି କରିଥାନ୍ତି । କାରଣ ବିଧି ଯୋଗେଶ୍ୱର ସ୍ୱୟଂ କହିଛନ୍ତି । (ଅଧ୍ୟାୟ ୪/୨୪-୩୩ ତଥା ଅଧ୍ୟାୟ ୩/୧୦-୧୬)

**ଅହଂକାରଂ ବଲଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।**
**ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ।।୧୮।।**

ଅନ୍ୟମାନଙ୍କୁ ନିନ୍ଦା କରୁଥିବା, ଅହଂକାର, ବଳ, ଘମଣ୍ଡ, କାମନା ଏବଂ କ୍ରୋଧ ପରାୟଣ ପୁରୁଷ ନିଜ ଏବଂ ଅନ୍ୟ ଶରୀରରେ ସ୍ଥିତ ମୋତେ, ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କୁ ଦ୍ୱେଷ କରିଥାଏ । ଶାସ୍ତ୍ର ବିଧିରେ ପରମାତ୍ମାଙ୍କ ସୁମିରଣ କରିବା ଏକ ଯଜ୍ଞ ଅଟେ । ଯିଏ ଏହି ବିଧିକୁ ତ୍ୟାଗ କରି ନାମ ମାତ୍ରକୁ ଯଜ୍ଞ କରିଥାଏ, ଯଜ୍ଞ ନାମରେ କିଛି ନା କିଛି କରିଥାନ୍ତି । ସେମାନେ ନିଜ ଏବଂ ଅନ୍ୟ ଶରୀରରେ ସ୍ଥିତ ମୋତେ ପରମାତ୍ମାଙ୍କୁ ଦ୍ୱେଷ କରିଥାନ୍ତି । ଲୋକେ ଦ୍ୱେଷ ମଧ କରିଥାନ୍ତି ଏବଂ ରକ୍ଷା ମଧ ପାଇଯାଆନ୍ତି । ଏହିପରି କ'ଣ ଏହି ଲୋକମାନେ ମଧ ରକ୍ଷା ପାଇଯିବେ ? ଏହାକୁ ପୁନଃ କହୁଛନ୍ତି-ନାହିଁ ।

**ତାନହଂ ଦ୍ୱିଷତଃ କ୍ରୂରାନ୍ ସଂସାରେଷୁ ନରାଧମାନ୍ ।**
**କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ।।୧୯।।**

ମୋତେ ଦ୍ୱେଷ କରୁଥିବା ସେହି ପାପାଚାରୀ, କ୍ରୁରକର୍ମୀ ନରାଧମକୁ ମୁଁ ସଂସାରରେ ନିରନ୍ତର ଆସୁରୀ ଯୋନିରେ ହିଁ ପ୍ରବେଶ କରାଇଥାଏ, ଯିଏ ଶାସ୍ତ୍ରବିଧିକୁ ତ୍ୟାଗ କରି ପୂଜା କରିଥାନ୍ତି, ସେ ପାପାୟୁ ଅଟନ୍ତି, ସେ ହିଁ ମନୁଷ୍ୟମାନଙ୍କ ମଧରେ ଅଧମ । ଏମାନଙ୍କୁ ହିଁ କ୍ରୁର କର୍ମୀ କୁହାଯାଇଛି । ଏହି ସଂସାରରେ ଅନ୍ୟ କେହି ଅଧମ

ନାହିଁ । ପୂର୍ବରୁ କହିଥିଲେ ଏପରି ଅଧମ ପୁରୁଷଙ୍କୁ ମୁଁ ନରକରେ ପକାଇଥାଏ । ତାହାକୁ ଏଠାରେ କହୁଛନ୍ତି ଯେ, ସେହି ପାପାୟୁ ପୁରୁଷଙ୍କୁ ଅଜସ୍ର ଆସୁରୀ ଯୋନିରେ ପକାଇଥାଏ । ଏହା ହିଁ ନରକ ଅଟେ । ସାଧାରଣ ଜେଲ୍‌ର ଯାତନା ଭୟଙ୍କର ହୋଇଥାଏ ଏବଂ ଏଠାରେ ଅନବରତ ଆସୁରୀ ଯୋନୀରେ ଜନ୍ମ ନେବା କ୍ରମେ କେତେ ଦୁଃଖ ପୂର୍ଣ୍ଣ ହେବ ? ଅତଃ ଦୈବୀ ସମ୍ପଦ ନିମନ୍ତେ ପ୍ରୟତ୍ନଶୀଳ ହେବା ଉଚିତ୍ ।

**ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।**
**ମାମପ୍ରାପ୍ୟୈବକୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ।।୨୦।।**

ହେ କୌନ୍ତେୟ ! ମୂର୍ଖ ମନୁଷ୍ୟ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଆସୁରୀ ଯୋନୀକୁ ପ୍ରାପ୍ତ ହୋଇ, ମୋତେ ପ୍ରାପ୍ତ ନ ହୋଇ ପୂର୍ବାପେକ୍ଷା ମଧ୍ଯ ଅତ୍ୟନ୍ତ ନୀଚ ଗତିକୁ ପ୍ରାପ୍ତ ହୋଇଥାନ୍ତି, ଯାହାର ନାମ ନରକ କୁହାଯାଇଛି । ବର୍ତ୍ତମାନ ଦେଖିବା ନରକର ଉଦ୍‌ଗମ କ'ଣ ?

**ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।।୨୧।।**

କାମ, କ୍ରୋଧ ଏବଂ ଲୋଭ ଏହା ତିନୋଟି ନରକର ମୂଳ ଦ୍ୱାର ଅଟେ । ଏମାନେ ଆତ୍ମାକୁ ନାଶ କରି ତାହାଙ୍କୁ ଅଧୋଗତିରେ ନେଇଥାନ୍ତି । ଅତଃ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ । ଏହି ତିନୋଟିରେ ହିଁ ଆସୁରୀ ସମ୍ପଦ ଆଧାରିତ ହୋଇ ରହିଛି । ଏହାକୁ ତ୍ୟାଗ କରିବା ଦ୍ୱାରା ଲାଭ କ'ଣ –

**ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ ।**
**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ।।୨୨।।**

ହେ କୌନ୍ତେୟ ! ନରକର ଏହି ତିନି ଦ୍ୱାରରୁ ମୁକ୍ତ ହୋଇଥିବା ପୁରୁଷ, ନିଜର ପରମ କଲ୍ୟାଣ ନିମନ୍ତେ ଆଚରଣ କରିଥାଏ । ଯାହାଦ୍ୱାରା ସେ ପରମଗତି ଅର୍ଥାତ୍ ମୋତେ ପ୍ରାପ୍ତ ହୋଇଥାଏ । ଏହି ତିନି ବିକାରମାନଙ୍କୁ ତ୍ୟାଗ କରିବା ପରେ ହିଁ ମନୁଷ୍ୟ ନିୟତ କର୍ମକୁ କରିପାରିଥାଏ । ଯାହାର ପରିଣାମ ପରମ ଶ୍ରେୟ ଅଟେ ।

**ୟଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ ।**
**ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ପରାଂ ଗତିମ୍ ।।୨୩।।**

ଯେଉଁ ପୁରୁଷ ଉପରୋକ୍ତ ଶାସ୍ତ୍ରବିଧିକୁ ତ୍ୟାଗ କରି (ସେହି ଶାସ୍ତ୍ର ଅନ୍ୟ କୌଣସି ନୁହଁ ବରଂ ଇତି ଗୁହ୍ୟତମଂ ଶାସ୍ତ୍ରମ୍–(୧୫/୨୦) ଗୀତା ସ୍ୱୟଂ ପୂର୍ଣ୍ଣ ଶାସ୍ତ୍ର ଅଟେ । ଯାହାକୁ ସ୍ୱୟଂ ଶ୍ରୀକୃଷ୍ଣ କହିଥିଲେ ଏହି ବିଧିକୁ ତ୍ୟାଗକରି) ନିଜ ଇଚ୍ଛା ଦ୍ୱାରା

ପ୍ରବୃତ୍ତ ହୋଇଥାଏ, ସେ ନା ସିଦ୍ଧିକୁ ପ୍ରାପ୍ତ କରିଥାଏ, ନା ପରମଗତିକୁ ଏବଂ ନା ସୁଖକୁ ହିଁ ପ୍ରାପ୍ତ ହୋଇଥାଏ ।

**ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।**
**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ।।୨୪।।**

ତେଣୁ କରି ହେ ଅର୍ଜୁନ ! ତୁମ ନିମନ୍ତେ କର୍ତ୍ତବ୍ୟ ଏବଂ ଅକର୍ତ୍ତ୍ୟବର ଏହି ବ୍ୟବସ୍ଥାରେ ଅର୍ଥାତ୍ ମୁଁ କ'ଣ କରିବି ଏବଂ କ'ଣ ନ କରିବି ? ଏହାର ବ୍ୟବସ୍ଥାରେ ଶାସ୍ତ୍ର ହିଁ ଗୋଟିଏ ପ୍ରମାଣ ଅଟେ । ଏପରି ଜାଣି କରି ଶାସ୍ତ୍ର ବିଧିଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା କର୍ମକୁ ହିଁ ତୁମେ କରିବା ଉଚିତ ।

ତୃତୀୟ ଅଧ୍ୟାୟରେ ମଧ୍ୟ ଯୋଗେଶ୍ୱର ଶ୍ରୀକୃଷ୍ଣ **''ନିୟତଂକୁରୁକର୍ମତ୍ୱମ୍''–** ନିୟତ କର୍ମ ଉପରେ କହିଲେ ଏବଂ କହିଲେ ଯେ, ଯଜ୍ଞର ପ୍ରକ୍ରିୟା ହିଁ ସେହି ନିୟତ କର୍ମ ଅଟେ ଏବଂ ସେହି ଯଜ୍ଞ ଆରାଧନାର ବିଧି ବିଶେଷର ଚିତ୍ରଣ ମାତ୍ର । ଯାହାକି ମନକୁ ସର୍ବଥା ନିରୋଧ କରି, ଶାଶ୍ୱତ ବ୍ରହ୍ମରେ ପ୍ରବେଶ ଦେଇଥାଏ । ଏଠାରେ ସେ କହିଲେ ଯେ, କାମ, କ୍ରୋଧ ଓ ଲୋଭ ନରକର ତିନୋଟି ପ୍ରମୁଖ ଦ୍ୱାର ଅଟେ । ଏହି ତିନୋଟିକୁ ତ୍ୟାଗ କଲା ପରେ ହିଁ ସେହି ନିୟତ କର୍ମର ପ୍ରାରମ୍ଭ ହୋଇଥାଏ । ଯାହାକୁ ମୁଁ ବାରମ୍ବାର କହିଲି । ଯାହାକି ପରମ ଶ୍ରେୟ ଓ ପରମ କଲ୍ୟାଣ ଦେଉଥିବା ଆଚରଣ ଅଟେ । ସାଂସାରିକ କାର୍ଯ୍ୟ କଳାପରେ ଯେଉଁ ବ୍ୟକ୍ତି ଯେତିକି ବ୍ୟସ୍ତ ରହିଥାଏ, ସେତିକି ହିଁ କାମ, କୋଧ ଓ ଲୋଭ ତାହାଙ୍କ ନିକଟରେ ଜୀବନ୍ତ ରୂପରେ ମିଳିଥାଏ । କର୍ମ କୌଣସି ଏପରି ଏକ ବସ୍ତୁ ଯେ, କାମ, କ୍ରୋଧ ଓ ଲୋଭ ତ୍ୟାଗ କଲା ପରେ ହିଁ ସେଥିରେ ପ୍ରବେଶ ମଳିଥାଏ । କର୍ମ, ଆଚରଣରେ ଢଳି ଯାଇଥାଏ । ଯିଏ ସେହି ବିଧିକୁ ତ୍ୟାଗ କରି ନିଜ ଇଚ୍ଛାରେ ଆଚରଣ କରିଥାଏ । ତାହାଙ୍କ ନିମନ୍ତେ ସୁଖସିଦ୍ଧି ଅଥବା ପରମଗତିକିଛି ମଧ୍ୟ ରହିନଥାଏ । ବର୍ତ୍ତମାନ କର୍ତ୍ତବ୍ୟ ଏବଂ ଅକର୍ତ୍ତବ୍ୟର ବ୍ୟବସ୍ଥାରେ ଶାସ୍ତ୍ର ହିଁ ଏକ ମାତ୍ର ପ୍ରମାଣ ଅଟେ । ଅତଃ ଶାସ୍ତ୍ର ବିଧି ଅନୁସାରେ ହିଁ ତୁମକୁ କର୍ମ କରିବା ଉଚିତ ଏବଂ ସେହି ଶାସ୍ତ୍ର ହେଉଛି ଗୀତା ।

**–ନିଷ୍କର୍ଷ–**

ଏହି ଅଧ୍ୟାୟର ପ୍ରାରମ୍ଭରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଦୈବୀ ସମ୍ପଦ ସବିସ୍ତାର ବର୍ଣ୍ଣନା କଲେ । ଯେଉଁଥିରେ ଧ୍ୟାନରେ ସ୍ଥିତି, ସର୍ବସ୍ୱର ସମର୍ପଣ, ଅନ୍ତଃକରଣର ଶୁଦ୍ଧି,

ଇନ୍ଦ୍ରିୟମାନଙ୍କ ଦମନ, ମନର ଶମନ, ସ୍ୱରୂପକୁ ସ୍ମରଣ କରାଉଥିବା ଅଧ୍ୟୟନ, ଯଜ୍ଞ ନିମନ୍ତେ ପ୍ରୟତ୍ନ, ମନ ସହିତ ଇନ୍ଦ୍ରିୟଙ୍କୁ ତପାଇବା, ଅକ୍ରୋଧ, ଚିତ୍ତ ଶାନ୍ତ ପ୍ରବାହିତ ରହିବା ଇତ୍ୟାଦି ୨୬ ଲକ୍ଷଣକୁ ଯାହା ସମ୍ପୂର୍ଣ୍ଣ ଇଷ୍ଟଙ୍କ ସମୀପ ପହଞ୍ଚିଥିବା ଯୋଗ ସାଧନାରେ ପ୍ରବୃତ୍ତ ହୋଇଥିବା କୌଣସି ସାଧକଙ୍କ ନିକଟରେ ହିଁ ସମ୍ଭବ ହୋଇଥାଏ । ଆଂଶିକ ରୂପରେ ସମସ୍ତଙ୍କଠାରେ ରହିଛି ।

ଏହାପରେ ସେ ଆସୁରୀ ସମ୍ପଦର ପ୍ରଧାନ ୪/୬ ବିକାରର ନାମ ନେଲେ । ଯେପରି ଅଭିମାନ, ଦମ୍ଭ ଓ କଠୋରତା, ଅଜ୍ଞାନ ଇତ୍ୟାଦି ଏବଂ ଶେଷରେ ନିର୍ଣ୍ଣୟ ଦେଲେ, ହେ ଅର୍ଜୁନ ! ଦୈବୀ ସମ୍ପଦ ତ **'ବିମୋକ୍ଷାୟ'** ଅର୍ଥାତ୍ ପୂର୍ଣ୍ଣ ନିବୃତ୍ତ ନିମନ୍ତେ ହୋଇଥାଏ, ପରମ ପଦର ପ୍ରାପ୍ତି ନିମନ୍ତେ ହୋଇଥାଏ ଏବଂ ଆସୁରୀ ସମ୍ପଦ ବନ୍ଧନ ଓ ଅଧୋଗତି ନିମନ୍ତେ ହୋଇଥାଏ । ହେ ଅର୍ଜୁନ ! ତୁମେ ଶୋକ କର ନାହିଁ । କାରଣ ତୁମେ ଦୈବୀ ସମ୍ପଦକୁ ପ୍ରାପ୍ତ ହୋଇଛ ।

ଏହି ସମ୍ପଦ କେଉଁଠାରେ ହୋଇଥାଏ ? ସେ କହିଲେ ଯେ, ଏହି ଲୋକରେ ମନୁଷ୍ୟମାନଙ୍କ ସ୍ୱଭାବ ଦୁଇ ପ୍ରକାରର ହୋଇଥାଏ, ଦେବତା ପରି ଏବଂ ଅନ୍ୟଟି ଅସୁର ପରି । ଯେବେ ହୃଦୟରେ ଦୈବୀ ସମ୍ପଦ ବୃଦ୍ଧି ହୋଇଥାଏ, ତେବେ ଏହି ମନୁଷ୍ୟ ହିଁ ଦେବତା ହୋଇଯାଏ ଏବଂ ଯେବେ ଆସୁରୀ ସମ୍ପଦର ବୃଦ୍ଧି ହୋଇଥାଏ, ତେବେ ସେହି ମନୁଷ୍ୟ ହିଁ ଅସୁର ହୋଇଯାଏ । ସୃଷ୍ଟିରେ ମନୁଷ୍ୟମାନଙ୍କର ଏହି ଦୁଇଟି ହିଁ ଜାତି ରହିଛି । କିଏ କେଉଁଠି ଜନ୍ମ ନେଇ ଥାଉ ନା କାହିଁକି ଏବଂ ନିଜକୁ ଯାହା କିଛି କହୁଥାଉନା କାହିଁକି ଏହି ଦୁଇଟିର ଅନ୍ତର୍ଗତ ହିଁ ହୋଇଥାଏ ।

ତତ୍‌ପଶ୍ଚାତ୍ ସେ ଆସୁରୀ ସ୍ୱଭାବଯୁକ୍ତ ମନୁଷ୍ୟଙ୍କ ଲକ୍ଷଣକୁ ସବିସ୍ତାର ଉଲ୍ଲେଖ କଲେ । ଆସୁରୀ ସମ୍ପଦକୁ ପ୍ରାପ୍ତ ହୋଇଥିବା ପୁରୁଷ କର୍ତ୍ତବ୍ୟ କର୍ମରେ ପ୍ରବୃତ୍ତ ହେବା ଜାଣିନଥାଏ ଏବଂ ଅକର୍ତ୍ତ୍ୟବ କାର୍ଯ୍ୟରେ ନିବୃତ ହେବା ମଧ୍ୟ ଜାଣିନଥାଏ । ସେ ଯେତେବେଳେ କର୍ମରେ ହିଁ ପ୍ରବୃତ୍ତ ହୋଇ ନାହିଁ ତେବେ ନା ତାହାଙ୍କଠାରେ ସତ୍ୟ ଥାଏ ନା ଶୁଦ୍ଧି ଏବଂ ନା ଆଚରଣ ହିଁ ରହିଥାଏ । ତାହାଙ୍କ ବିଚାରରେ ଏହି ଜଗତ ଆଶ୍ରୟ ରହିତ, ଈଶ୍ୱରଙ୍କ ବିନା ସ୍ୱତଃ ସ୍ତ୍ରୀ ପୁରୁଷଙ୍କ ସଂଯୋଗରୁ ହିଁ ଉତ୍ପନ୍ନ ହୋଇଛି, ଅତଃ ଏହି ସଂସାର କେବଳ ଭୋଗ ଭୋଗିବା ପାଇଁ ହିଁ ହୋଇଛି । ଏହାର ଆଗକୁ ଆଉ କ'ଣ ବା ରହିଛି ? ଏହି ବିଚାର କୃଷ୍ଣଙ୍କ କାଳରେ ମଧ୍ୟ ଥିଲା ଏବଂ ସଦୈବ

ରହିଥାଏ । କେବଳ ଚାରବାକ୍ କହିଥିଲା ଏପରି ନୁହଁ । ଯେଉଁ ପର୍ଯ୍ୟନ୍ତ ଜନମାନସରେ ଦୈବୀ–ଆସୁରୀ ସମ୍ପଦର ହ୍ରାସ–ବୃଦ୍ଧି ରହିଛି, ସେ ପର୍ଯ୍ୟନ୍ତ ଏହା ରହିଥିବ । ଶ୍ରୀକୃଷ୍ଣ କହୁଛନ୍ତି ଯେ ସେହି ମନ୍ଦ ବୁଦ୍ଧି କ୍ରୁର କର୍ମୀ ପୁରୁଷ ସମସ୍ତଙ୍କ ଅହିତ କରିବା ପାଇଁ ହିଁ ଜଗତରେ ଉତ୍ପନ୍ନ ହୋଇଥାନ୍ତି । ସେହି କ୍ରୁରକର୍ମୀ ପୁରୁଷ କହିଥାନ୍ତି– ମୋ ଦ୍ୱାର ଏହି ଶତ୍ରୁ ମରିଗଲା, ବର୍ତ୍ତମାନ ତାକୁ ମାରିବି । ହେ ଅର୍ଜୁନ ! ଏହିପରି କାମ କ୍ରୋଧ ଦ୍ୱାରା ଆଶ୍ରିତ ସେହି ପୁରୁଷ ଶତ୍ରୁମାନଙ୍କୁ ମାରିନଥାନ୍ତି ବରଂ ନିଜ ଏବଂ ଅନ୍ୟମାନଙ୍କ ଶରୀରରେ ସ୍ଥିତ ମୋତେ ଅନ୍ତର୍ଯ୍ୟାମୀ ପୁରୁଷଙ୍କୁ ଦ୍ୱେଷ କରିଥାଏ । ତେବେ କ'ଣ ଅର୍ଜୁନ ପ୍ରତିଜ୍ଞାକରି ଜୟଦ୍ରଥ ଆଦିକୁ ମାରିଲେ ? ଯଦି ମାରିଥାନ୍ତେ, ତେବେ ଆସୁରୀ ସମ୍ପଦଯୁକ୍ତ ହୋଇଥାନ୍ତେ, ସେହି ପରମାତ୍ମାଙ୍କୁ ଦ୍ୱେଷ କରିବା ବ୍ୟକ୍ତି ହୋଇଥାନ୍ତେ । ଯେବେ କି ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ସ୍ପଷ୍ଟ କହିଲେ ଯେ, ତୁମେ ଦୈବୀ ସମ୍ପଦକୁ ପ୍ରାପ୍ତ ହୋଇଛ । ଶୋକ କର ନାହିଁ । ଏଠାରେ ମଧ୍ୟ ସ୍ପଷ୍ଟ ହେଉଛି ଯେ, ଈଶ୍ୱରଙ୍କ ନିବାସ ସମସ୍ତଙ୍କ ହୃଦୟରେ ହୋଇଥାଏ । ସ୍ମରଣ ରଖିବା ଉଚିତ ଯେ, କିଏ ଜଣେ ତୁମକୁ ନିରନ୍ତର ଦେଖୁଛନ୍ତି । ଅତଃ ସଦୈବ ଶାସ୍ତ୍ର ନିର୍ଦ୍ଦିଷ୍ଟ କ୍ରିୟାର ହିଁ ଆଚରଣ କରିବା ଉଚିତ । ଅନ୍ୟଥା ଦଣ୍ଡ ପ୍ରସ୍ତୁତ ରହିଛି ।

ଯୋଗେଶ୍ୱର ଶ୍ରୀକୃଷ୍ଣ ପୁନଃ କହିଲେ ଯେ, ଆସୁରୀ ସ୍ୱଭାବଯୁକ୍ତ କ୍ରୁର ମନୁଷ୍ୟଙ୍କୁ ବାରମ୍ବାର ନରକକୁ ପଠାଇଥାଏ । ନରକର ସ୍ୱରୂପ କ'ଣ ? ତେବେ କହିଲେ ବାରମ୍ବାର ନୀଚ, ଅଧମ ଯୋନି ମାନଙ୍କରେ ଜନ୍ମ ନେବା ହିଁ ନରକ ଅଟେ । କାମ, କ୍ରୋଧ ଓ ଲୋଭ ନରକର ତିନୋଟି ମୂଳ ଦ୍ୱାର ଅଟେ । ଏହି ତିନୋଟି ଉପରେ ହିଁ ଆସୁରୀ ସମ୍ପଦ ଆଧାରିତ ହୋଇ ରହିଛି । ଏହି ତିନୋଟିକୁ ତ୍ୟାଗ କଲାପରେ ହିଁ ସେହି ନିୟତ କର୍ମର ପ୍ରାରମ୍ଭ ହୋଇଥାଏ । ଯାହାକୁ ମୁଁ ବାରମ୍ବାର କହିଲି । ସିଦ୍ଧ ହେଉଛି ଯେ, କର୍ମ କୌଣସି ଏପରି ଏକ ବସ୍ତୁ । ଯାହାର ପ୍ରାରମ୍ଭ କାମ, କ୍ରୋଧ ଏବଂ ଲୋଭକୁ ତ୍ୟାଗ କରିବାରେ ହିଁ ହୋଇଥାଏ ।

ସାଂସାରିକ କାର୍ଯରେ ମର୍ଯ୍ୟାଦିତ ଢଙ୍ଗରେ ସମାଜିକ ବ୍ୟବସ୍ଥା ମାନଙ୍କର ନିର୍ବାହ କରିବାରେ ଯିଏ ଯେତିକି ବ୍ୟସ୍ତ ହୋଇଥାନ୍ତି । କାମ,କ୍ରୋଧ ଓ ଲୋଭ ତାହାଙ୍କ ନିକଟରେ ସେତିକି ଅଧିକ ମାତ୍ରାରେ ରହିଥାଏ । ବସ୍ତୁତଃ ଏହି ତିନୋଟି ତ୍ୟାଗ କରିବା ପରେ ହିଁ ପରମାତ୍ମାରେ ପ୍ରବେଶ ଦେଉଥିବା ନିର୍ଦ୍ଧାରିତ କର୍ମରେ ପ୍ରବେଶ ମିଳିଥାଏ । ତେଣୁ ମୁଁ କ'ଣ କରିବି ଏବଂ କ'ଣ ନ କରିବି । ଏହି ବ୍ୟବସ୍ଥାରେ କେବଳ ଶାସ୍ତ୍ର ହିଁ ପ୍ରମାଣ ଅଟେ । କେଉଁ ଶାସ୍ତ୍ର ? ଏହି କି ଗୀତା– **'କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ '**। ତେଣୁ କରି ଏହି ଶାସ୍ତ୍ର ଦ୍ୱାରା ନିର୍ଦ୍ଧାରିତ କର୍ମ ବିଶେଷକୁ ହିଁ ତୁମେ କର ।

ଏହି ଅଧ୍ୟାୟରେ ଯୋଗେଶ୍ୱର ଦୈବୀ–ସମ୍ପଦ ଏବଂ ଆସୁରୀ–ସମ୍ପଦ ଉଭୟଙ୍କ ବିସ୍ତାର ପୂର୍ବକ ବର୍ଣ୍ଣନା କଲେ । ସେହି ଦୁହିଁଙ୍କ ନିବାସ ସ୍ଥାନ ମାନବଙ୍କ ହୃଦୟରେ ବୋଲି କହିଲେ । ତାହାର ଫଳ ମଧ୍ୟ କହିଲେ । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଦୈବାସୁର ସମ୍ପଦ୍ ବିଭାଗ ଯୋଗୋ' ନାମ ଷୋଡ଼ଶୋଽଧ୍ୟାୟଃ ॥୧୬॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବତ୍ ଗୀତା ରୂପୀ ଉପନିଷେଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଦୈବାସୁର ସମ୍ପଦ୍ ବିଭାଗ ଯୋଗୋ' ନାମକ ଷୋଡ଼ଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତିଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ଦୈବାସୁର ସମ୍ପଦ୍ ବିଭାଗ ଯୋଗୋ' ନାମ ଷୋଡ଼ଶୋଽଧ୍ୟାୟଃ ॥୧୬॥**

**॥ ହରି ଓଁ ତତ୍ସତ୍ ॥**

ॐ

## ଶ୍ରୀ ପରମାତ୍ମନେ ନମଃ

## ଅଥ ସପ୍ତଦଶୋଽଧ୍ୟାୟଃ

ଷଡ଼୍ୋଶ ଅଧ୍ୟାୟ ଶେଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ପଷ୍ଟ କହିଲେ ଯେ କାମ, କ୍ରୋଧ ଏବଂ ଲୋଭକୁ ତ୍ୟାଗ କରିବା ପରେ ହିଁ କର୍ମ ପ୍ରାରମ୍ଭ ହୋଇଥାଏ, ଯାହାକୁ ମୁଁ ବାରମ୍ବାର କହୁଛି । ନିୟତ କର୍ମକୁ ନ କରି ନା ସୁଖ, ନା ସିଦ୍ଧି ଏବଂ ନା ପରମ ଗତି ମିଳିଥାଏ । ତେଣୁ ବର୍ତ୍ତମାନ ତୁମ୍ଭମାନଙ୍କ ନିମନ୍ତେ କର୍ତ୍ତବ୍ୟ ଓ ଅକର୍ତ୍ତ୍ୟବର ବ୍ୟବସ୍ଥା ଅର୍ଥାତ୍ କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ, ଏହି ସମ୍ବନ୍ଧରେ ଶାସ୍ତ୍ର ହିଁ ପ୍ରମାଣ ଅଟେ । କୌଣସି ଅନ୍ୟ ଶାସ୍ତ୍ର ନୁହଁ ବରଂ **ଇତି ଗୁହ୍ୟତମଂ ଶାସ୍ତ୍ର ମିଦଂ**– ଗୀତା ସ୍ୱୟଂ ଗୋଟିଏ ଶାସ୍ତ୍ର ଅଟେ । ଅନ୍ୟ ଶାସ୍ତ୍ର ମଧ୍ୟ ରହିଛି, କିନ୍ତୁ ଏଠାରେ ଏହି ଗୀତା ଶାସ୍ତ୍ର ଉପରେ ଦୃଷ୍ଟି ରଖନ୍ତୁ, ଅନ୍ୟକୁ ଖୋଜନ୍ତୁ ନାହିଁ । ଅନ୍ୟ ସ୍ଥାନରେ ଖୋଜିଲେ ଏପରି କ୍ରମବଦ୍ଧତା ମିଳିବ ନାହିଁ । ଅତଃ ଭ୍ରମିତ ହୋଇଯିବ ।

ଏହା ଉପରେ ଅର୍ଜୁନ ପ୍ରଶ୍ନ କଲେ, ଭଗବାନ ! ଯେଉଁ ଲୋକେ ଶାସ୍ତ୍ରବିଧିକୁ ତ୍ୟାଗକରି ପୂର୍ଣ୍ଣ ଶ୍ରଦ୍ଧା ଯୁକ୍ତ ହୋଇ **ଯଜନ୍ତେ**–ଯଜନ ଅର୍ଥାତ୍ ପୂଜନ କରିଥାନ୍ତି, ସେମାନଙ୍କ ଗତି କିପରି ହୋଇଥାଏ ? ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ହୋଇଥାଏ । କାରଣ ପୂର୍ବରୁ ଅର୍ଜୁନ ଶୁଣିଥିଲେ ଯେ ସାତ୍ତ୍ୱିକ ,ରାଜସିକ ଓ ତାମସିକ ଏହିଗୁଣସବୁ ଯେଉଁ ପର୍ଯ୍ୟନ୍ତ ବିଦ୍ୟମାନ ରହିଥିବେ, ସେ ପର୍ଯ୍ୟନ୍ତ କୌଣସି ନା କୌଣସି ଯୋନିରେ ଜନ୍ମ ନେବାକୁ ପଡ଼ିଥାଏ । ତେଣୁକରି ପ୍ରସୁତ ଅଧ୍ୟୟର ପ୍ରାରମ୍ଭରେ ସେ ପ୍ରଶ୍ନ କଲେ–

### ଅର୍ଜୁନ ଉବାଚ

**ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେଶ୍ରଦ୍ଧୟାନ୍ୱିତାଃ ।**
**ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ॥୧॥**

ହେ କୃଷ୍ଣ ! ଯେଉଁ ମନୁଷ୍ୟ ଶାସ୍ତ୍ରିବିଧିକୁ ତ୍ୟାଗକରି ଶ୍ରଦ୍ଧା ସହିତ ଯଜନ କରିଥାନ୍ତି, ସେମାନଙ୍କର କିପରି ଗତି ହୋଇଥାଏ ? ସାତ୍ତ୍ୱିକ ଗତି ହୋଇଥାଏ, ରାଜସିକ ଗତି ଅଥବା ତାମସିକ ଗତି ହୋଇଥାଏ ? ଯଜନରେ ଦେବତା, ଯକ୍ଷ, ଭୂତ ଆଦି ସମସ୍ତେ ଆସିଯାଆନ୍ତି ।

### ଶ୍ରୀ ଭଗବାନୁବାଚ

**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା ।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ॥୨॥**

ଦ୍ୱିତୀୟ ଅଧ୍ୟାୟରେ ଯୋଗେଶ୍ୱର କହିଥିଲେ, ହେ ଅର୍ଜୁନ ! ଏହି ଯୋଗରେ ନିର୍ଦ୍ଧାରିତ କ୍ରିୟା ଗୋଟିଏ ହିଁ ଅଟେ । ଅବିବେକି ମାନଙ୍କ ବୁଦ୍ଧି ଅନନ୍ତ ଶାଖାଯୁକ୍ତ ହୋଇଥାଏ । ତେଣୁକରି ସେମାନେ ଅନନ୍ତ କ୍ରିୟା ବିସ୍ତାର କରିଦେଇଥାନ୍ତି । ଦେଖାଣିଆ, ଶୋଭାଯୁକ୍ତ ବାଣୀରେ ତାହାକୁ ବ୍ୟକ୍ତ ମଧ୍ୟ କରିଥାନ୍ତି । ସେମାନଙ୍କ ବାଣୀର ଛାପ ଯେଉଁ ମାନଙ୍କ ଉପରେ ପଡ଼ିଥାଏ । ସେମାନଙ୍କର ମଧ୍ୟ ବୁଦ୍ଧି ନଷ୍ଟ ହୋଇଯାଇଥାଏ । ସେମାନେ କିଛି ପାଇନଥାନ୍ତି । ଠିକ୍ ଏହାର ପୁନରାବୃତ୍ତି ଏଠାରେ ମଧ୍ୟ ସୂଚିତ କରାଯାଇଛି ଯେ ଯିଏ **ଶାସ୍ତ୍ରବିଧିମୁସସୃଜ୍ୟ–** ଶାସ୍ତ୍ରବିଧିକୁ ତ୍ୟାଗ କରି ଭଜନ କରିଥାନ୍ତି । ସେମାନଙ୍କ ଶ୍ରଦ୍ଧା ମଧ୍ୟ ତିନି ପ୍ରକାରର ହୋଇଥାଏ । ଏହା ଉପରେ ଶ୍ରୀକୃଷ୍ଣ କହିଲେ, ମନୁଷ୍ୟଙ୍କ ସ୍ୱଭାବରୁ ଉତ୍ପନ୍ନ ହୋଇଥିବା ସେହି ଶ୍ରଦ୍ଧା ସାତ୍ତ୍ୱିକ, ରାଜସିକ ଓ ତାମସିକ ଏପରି ତିନି ପ୍ରକାରର ହୋଇଥାଏ, ତାହାକୁ ତୁମେ ମୋ ଠାରୁ ଶୁଣ । ମନୁଷ୍ୟଙ୍କ ହୃଦୟରେ ଏହି ଶ୍ରଦ୍ଧା ଅବିରଳ ରହିଛି । –

**ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ।**
**ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।।୩।।**

ହେ ଭାରତ ! ସମ୍ପୂର୍ଣ୍ଣ ମନୁଷ୍ୟଙ୍କ ଶ୍ରଦ୍ଧା ସେମାନଙ୍କ ଚିତ୍ତ ବୃତ୍ତିର ଅନୁରୂପ ହୋଇଥାଏ । ଏହି ପୁରୁଷ ଶ୍ରଦ୍ଧାମୟ ଅଟେ । ତେଣୁକରି ଯେଉଁ ପୁରୁଷ ଯେପରି ଶ୍ରଦ୍ଧାଯୁକ୍ତ ହୋଇଥାଏ, ସେ ସ୍ୱୟଂ ସେହିପରି ହିଁ ହୋଇଥାଏ । ପ୍ରାୟଃ ଲୋକେ ପଚାରନ୍ତି– ମୁଁ କିଏ ? କିଏ କହିଥାଏ, ମୁଁ ତ ଆତ୍ମା ଅଟେ । କିନ୍ତୁ ଏପରି ନୁହଁ, ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯାହାର ଯେପରି ଶ୍ରଦ୍ଧା ରହିଛି, ଯାହାର ଯେପରି ବୃତ୍ତି ରହିଛି, ସେ ସେପରି ହିଁ ପୁରୁଷ ହୋଇଥାଏ । ଗୀତା ଯୋଗ ଦର୍ଶନ ଅଟେ । ମହର୍ଷି ପତଞ୍ଜଳୀ ମଧ୍ୟ ଯୋଗୀଥିଲେ । ସେ ଯୋଗ ଦର୍ଶନର ପ୍ରଣେତା ଥିଲେ । ଯୋଗ କ'ଣ ସେ କହିଲେ– **ଯୋଗଶ୍ଚିତବୃତ୍ତି ନିରୋଧଃ–** ଚିତ୍ତବୃତ୍ତି ସର୍ବଥା ଶାନ୍ତ ରହିବା ହିଁ ଯୋଗ ଅଟେ । କିଏ ପରିଶ୍ରମ କରି ଯଦି ଚିତ୍ତବୃତ୍ତିକୁ ଶାନ୍ତ କରିଦିଏ, ତେବେ ଲାଭ ବା କ'ଣ ? **ତଦାଦ୍ରଷ୍ଟୁଃ ସ୍ୱରୂପେଽବସ୍ଥାନମ୍**– ସେହି ସମୟରେ ଏହି ଦ୍ରଷ୍ଟା ଜୀବାତ୍ମା ନିଜର ହିଁ ଶାଶ୍ୱତ ସ୍ୱରୂପରେ ସ୍ଥିତ ହୋଇଯାଏ । କ'ଣ ସ୍ଥିତ ହେବା ପୂର୍ବରୁ ମଳିନ ଥିଲା ? ପତଞ୍ଜଳୀ କହନ୍ତି, **ବୃତ୍ତିସାରୂପ୍ୟ ମିତରତ୍ର–** ଅନ୍ୟ ସମୟରେ ଯେପରି ବୃତ୍ତିର ରୂପ ହୋଇଥାଏ, ସେହିପରି ହିଁ ସେହି ଦ୍ରଷ୍ଟା ହୋଇଥାନ୍ତି । ଏଠାରେ ଯୋଗେଶ୍ୱର କହୁଛନ୍ତି– ଏହି ପୁରୁଷ ଶ୍ରଦ୍ଧାମୟ ଅଟେ । ଏହି ପୁରୁଷ ଶ୍ରଦ୍ଧା ଦ୍ୱାରା ଓତପ୍ରୋତ ଅଟେ । କୌଣସି ନା କୌଣସି ସ୍ଥାନରେ ଶ୍ରଦ୍ଧା ଅବଶ୍ୟ ଥିବ ଏବଂ ଯେପରି ଶ୍ରଦ୍ଧାଯୁକ୍ତ ହୋଇଥାଏ, ସେ ସ୍ୱୟଂ ମଧ୍ୟ ସେହିପରି ହିଁ ହୋଇଥାଏ । ଯେପରି ବୃତ୍ତି ରହିଥାଏ, ସେହିପରି ହିଁ

ପୁରୁଷ ହୋଇଥାଏ । ବର୍ତ୍ତମାନ ତିନୋଟି ଶ୍ରଦ୍ଧାର ବିଭାଜନ କରୁଛନ୍ତି –

**ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ ।**
**ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ।।୪।।**

ସେମାନଙ୍କ ମଧ୍ୟରୁ ସାତ୍ତ୍ୱିକ ପୁରୁଷ ଦେବତାମାନଙ୍କୁ ପୂଜନ କରିଥାନ୍ତି, ରାଜସିକ ପୁରୁଷ ଯକ୍ଷ ଏବଂ ରାକ୍ଷସଙ୍କୁ ପୂଜନ କରିଥାନ୍ତି ତଥା ତାମସିକ ପୁରୁଷ ଭୂତ ଏବଂ ପ୍ରେତମାନଙ୍କୁ ପୂଜନ କରିଥାନ୍ତି । ସେମାନେ ପୂଜନରେ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି ।

**ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।**
**ଦମ୍ଭାହଙ୍କାର ସଂଯୁକ୍ତାଃ କାମରାଗବଳାନ୍ୱିତାଃ ।।୫।।**

ସେହି ମନୁଷ୍ୟ ଶାସ୍ତ୍ରବିଧି ରହିତ ଘୋର କଳ୍ପିତ ତପ ଆଚରନ୍ତି (କଳ୍ପିତ ଅନନ୍ତ କ୍ରିୟା ରଚନା କରିଥାନ୍ତି) । ଦମ୍ଭ ଏବଂ ଅହଂକାରଯୁକ୍ତ, କାମନା ଓ ଆସକ୍ତି ଦ୍ୱାରା ବାନ୍ଧି ହୋଇଥାନ୍ତି ।

**କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।**
**ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ।।୬।।**

ସେମାନେ ଶରୀରରୂପରେ ସ୍ଥିତ ଭୂତ ସମୁଦାୟଙ୍କୁ ଏବଂ ଅନ୍ତଃକରଣରେ ସ୍ଥିତ ମୋତେ ଅନ୍ତର୍ଯ୍ୟାମୀ ଆତ୍ମାଙ୍କୁ ମଧ୍ୟ କୃଶ କରିଥାନ୍ତି । ଅର୍ଥାତ୍ ଦୁର୍ବଳ କରିଥାନ୍ତି । ଆତ୍ମା ପ୍ରକୃତିର ଜାଲରେ ପଡି ବିକାରମାନଙ୍କ ଦ୍ୱାରା ଦୁର୍ବଳ ଏବଂ ଯଜ୍ଞ ସାଧନରେ ସବଳ ହୋଇଥାଏ । ସେହି ଅଜ୍ଞାନୀମାନଙ୍କୁ ନିଶ୍ଚୟ ହିଁ ତୁମେ ଅସୁର ଜାଣ । ଅର୍ଥାତ୍ ସେମାନେ ସମସ୍ତେ ଅସୁର ଅଟନ୍ତି । ପ୍ରଶ୍ନ ପୁରା ହେଲା ।

ଶାସ୍ତ୍ରବିଧିକୁ ତ୍ୟାଗକରି ଭଜନ କରୁଥିବା ସାତ୍ତ୍ୱିକ ପୁରୁଷ ଦେବତାମାନଙ୍କୁ, ରାଜସ ପୁରୁଷ ଯକ୍ଷ–ରାକ୍ଷସଙ୍କୁ, ଏବଂ ତାମସ ପୁରୁଷ ଭୂତ–ପ୍ରେତଙ୍କୁ ପୂଜନ କରିଥାନ୍ତି । କେବଳ ପୂଜନ କରିନଥାନ୍ତି ଘୋର ତପ ମଧ୍ୟ କରନ୍ତି । କିନ୍ତୁ ହେ ଅର୍ଜୁନ ! ଶରୀର ରୂପରେ ଭୂତମାନଙ୍କୁ ଏବଂ ଅନ୍ତର୍ଯ୍ୟାମୀ ରୂପରେ ମୋତେ ପରମାତ୍ମାଙ୍କୁ ଦୁର୍ବଳ କରିଥାନ୍ତି, ମୋଠାରୁ ଦୂରତା ସୃଷ୍ଟି କରିଥାନ୍ତି । ଭଜନ କରୁନଥାନ୍ତି, ସେମାନଙ୍କୁ ତୁମେ ଅସୁର ଜାଣ । ଅର୍ଥାତ୍ ଦେବତାମାନଙ୍କୁ ଭଜିବା ବ୍ୟକ୍ତି ମଧ୍ୟ ଅସୁର ହିଁ ଅଟନ୍ତି । ଏହାଠାରୁ ଅଧିକ କିଏ କ'ଣ କହିବ ? ଅତଃ ଏହିସବୁ ଯାହାର ଅଂଶ ମାତ୍ର, ସେହି ମୂଳ ପରମାତ୍ମାଙ୍କ ଭଜନ କରିବା ଉଚିତ । ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ ବାରମ୍ବାର କହିଛନ୍ତି –

**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।**
**ୟଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ॥୭॥**

ହେ ଅର୍ଜୁନ ! ଯେପରି ଶ୍ରଦ୍ଧା ତିନି ପ୍ରକାରର ହୋଇଥାଏ, ସେପରି ସମସ୍ତଙ୍କୁ ନିଜ ନିଜର ପ୍ରବୃତି ଅନୁସାରେ ଭୋଜନ ମଧ୍ୟ ତିନି ପ୍ରକାରର ପ୍ରିୟ ହୋଇଥାଏ ଏବଂ ସେହିପରି ଯଜ୍ଞ, ତପ ଓ ଦାନ ମଧ୍ୟ ତିନି ପ୍ରକାରର । ତାହାର ଭେଦକୁ ମୋଠାରୁ ଶୁଣ । ପ୍ରଥମେ ପ୍ରସୁତ ହୋଇଛି ଆହାର–

**ଆୟୁଃସତ୍ତ୍ୱବଲାରୋଗ୍ୟ ସୁଖପ୍ରୀତିବିବର୍ଦ୍ଧନାଃ ।**
**ରସ୍ୟାଃ ସ୍ନିଗ୍‌ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ॥୮॥**

ଆୟୁ, ବୁଦ୍ଧି, ବଳ, ଆରୋଗ୍ୟ, ସୁଖ ଏବଂ ପ୍ରିତିବର୍ଦ୍ଧକ, ରସଯୁକ୍ତ, କୋମଳ ଏବଂ ସ୍ଥିର ରହୁଥିବା ତଥା ସ୍ୱଭାବରେ ହିଁ ହୃଦୟକୁ ପ୍ରିୟ ଲାଗୁଥିବା ଭୋଜ୍ୟ ପଦାର୍ଥ ସାତ୍ତ୍ୱିକ ପୁରୁଷଙ୍କୁ ପ୍ରିୟ ହୋଇଥାଏ ।

ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ସ୍ୱଭାବରେ ହୃଦୟକୁ ପ୍ରିୟ ଲାଗୁଥିବା, ବଳ, ଆରୋଗ୍ୟ, ବୁଦ୍ଧି ଏବଂ ଆୟୁବର୍ଦ୍ଧକ ଭୋଜ୍ୟ ପଦାର୍ଥ ହିଁ ସାତ୍ତ୍ୱିକ ଅଟେ । ଯେଉଁ ଭୋଜ୍ୟ ପଦାର୍ଥ ସାତ୍ତ୍ୱିକ ହୋଇଥାଏ, ତାହା ହିଁ ସାତ୍ତ୍ୱିକ ପୁରୁଷଙ୍କୁ ପ୍ରିୟ ଲାଗୁଥାଏ । ଏଥିରୁ ସ୍ପଷ୍ଟ ହେଉଛି, ଯେକୌଣସି ଖାଦ୍ୟବସ୍ତୁ ମଧ୍ୟ ସାତ୍ତ୍ୱିକ, ରାଜସ ଓ ତାମସ ହୋଇନଥାଏ । ତାହାର ପ୍ରୟୋଗ ହିଁ ସାତ୍ତ୍ୱିକ, ରାଜସ ଓ ତାମସ ହୋଇଥାଏ । ନା ତ ଦୁଗ୍ଧ ସାତ୍ତ୍ୱିକ ଅଟେ, ନା ପିଆଜ ରାଜସିକ ଅଟେ ଏବଂ ନା ରସୁଣ ତାମସ ଅଟେ ।

ଯେଉଁ ପର୍ଯ୍ୟନ୍ତ ବଳ, ବୁଦ୍ଧି, ଆରୋଗ୍ୟ ଏବଂ ହୃଦୟକୁ ପ୍ରିୟ ଲାଗିବା ପ୍ରଶ୍ନ ରହିଛି, ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଶ୍ୱରେ ମନୁଷ୍ୟଙ୍କୁ ନିଜ ନିଜର ପକୃତି, ବାତାବରଣ ଏବଂ ପରିସ୍ଥିତିର ଅନୁକୂଳରେ ବିଭିନ୍ନ ଖାଦ୍ୟ ସମାଗ୍ରି ପ୍ରିୟ ହୋଇଥାଏ । ଯେପରି ବଙ୍ଗାଲୀ ଏବଂ ମାଦ୍ରାସିଙ୍କୁ ଭାତ ପ୍ରିୟ ହୋଇଥାଏ ଏବଂ ପଞ୍ଜାବୀଙ୍କୁ ରୋଟି ପ୍ରିୟ ହୋଇଥାଏ । ଅନ୍ୟ ପଟେ ଆରବୀମାନଙ୍କୁ ତ ଦୁମ୍ବା, ଚୀନବାସୀମାନଙ୍କୁ ବେଙ୍ଗ, ତ ଅନ୍ୟ କେଉଁଠି ଧ୍ରୁବ ରେଖା ନିକଟବର୍ତ୍ତୀ ଥଣ୍ଡା ଅଞ୍ଚଳରେ ମାଂସ ନ ଖାଇ ଜୀବନ ଯାପନ ହୋଇପାରିନଥାଏ । ରୁଷ ଏବଂ ମଙ୍ଗୋଲିୟାର ଆଦିବାସୀମାନେ ଘୋଡ଼ାମାଂସ ଖାଆନ୍ତି । ୟୁରୋପୀୟମାନେ ଗାଈ ତଥା ଘୁସୁରି ଖାଇଥାନ୍ତି । ହେଲେ ମଧ୍ୟ ବିଦ୍ୟା ବୁଦ୍ଧି ବିକାଶରେ ତଥା ଉନ୍ନତିରେ ଆମେରିକା ତଥା ୟୁରୋପବାସୀ ପ୍ରଥମ ସ୍ଥାନ ବୋଲି ଗଣନା କରାଯାଉଛି ।

ଗୀତା ଅନୁସାରେ ରସଯୁକ୍ତ, କୋମଳ ଏବଂ ସ୍ଥିର ରହୁଥିବା ଭୋଜ୍ୟ ପଦାର୍ଥ ସାତ୍ତ୍ୱିକ ଅଟେ । ଲମ୍ବା ଆୟୁ, ଅନୁକୂଳ, ବଳ, ବୁଦ୍ଧି ବଢ଼ାଉଥିବା ଆରୋଗ୍ୟ ବର୍ଦ୍ଧକ

ପଦାର୍ଥ ସାତ୍ତ୍ୱିକ ହୋଇଥାଏ । ସ୍ୱଭାବରେ ହୃଦୟକୁ ପ୍ରିୟ ଲାଗୁଥିବା ଭୋଜ୍ୟ ପ୍ରଦାର୍ଥ ସାତ୍ତ୍ୱିକ ଅଟେ । ଅତଃ କୌଣସି ଖାଦ୍ୟ ପଦାର୍ଥକୁ ହ୍ରାସ ବୃଦ୍ଧି କରିବା ଆବଶ୍ୟକ ନାହିଁ । ପରିସ୍ଥିତି, ପରିବେଶ ତଥା ଦେଶକାଳ ଅନୁସାରେ ଯେଉଁ ଭୋଜ୍ୟବସ୍ତୁ ପ୍ରିୟ ଲାଗେ ଏବଂ ଜୀବନୀ ଶକ୍ତି ପ୍ରଦାନ କରେ ତାହା ହିଁ ସାତ୍ତ୍ୱିକ ଅଟେ । ବସ୍ତୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ହୋଇନଥାଏ । ତାହାର ପ୍ରୟୋଗ ସାତ୍ତ୍ୱିକ ରାଜସିକ ଓ ତାମସିକ ହୋଇଥାଏ ।

ଏହି ଅନୁକୂଳତା ନିମନ୍ତେ ଯେଉଁ ବ୍ୟକ୍ତି ଘର ପରିବାର ତ୍ୟାଗ କରି କେବଳ ଈଶ୍ୱର ଆରାଧନାରେ ଲିପ୍ତ ରହିଥାଏ, ସନ୍ୟାସ ଆଶ୍ରମରେ ରହିଥାଏ, ସେମାନଙ୍କ ନିମନ୍ତେ ମାଂସ ମଦିରା ତ୍ୟାଜ୍ୟ ଅଟେ । କାରଣ ଅନୁଭବରୁ ଦେଖାଗଲା ଯେ ଏହି ପଦାର୍ଥ ଆଧ୍ୟାତ୍ମିକ ମାର୍ଗର ବିପରିତ ମନୋଭାବ ଉତ୍ପନ୍ନ କରିଥାନ୍ତି । ଅତଃ ଏହାର ସେବନ ଦ୍ୱାରା ସାଧନ ପଥରୁ ଭ୍ରଷ୍ଟ ହେବାର ଅଧିକ ସମ୍ଭାବନା ରହିଛି । ଯିଏ ଏକାନ୍ତ ଦେଶ ସେବନ କରୁଥିବା ବିରକ୍ତ ସାଧକଙ୍କ ନିମନ୍ତେ ଯୋଗେଶ୍ୱର ଶ୍ରୀକୃଷ୍ଣ ଷଷ୍ଠ ଅଧ୍ୟାୟରେ ଆହାର ସମନ୍ଧରେ ଗୋଟିଏ ନିୟମ ଦେଲେ- **ଯୁକ୍ତାହାର ବିହାରସ୍ୟ–** ଅର୍ଥାତ୍ ମିତାହାର ଓ ମିତ ବିହାର, ଏହାକୁ ଧ୍ୟାନରେ ରଖି ଆଚରଣ କରିବା ବିଧେୟ । ଯାହା ଭଜନରେ ସହାୟକ ସେତିକି ଆହାର ହିଁ ଗ୍ରହଣ କରିବା ଉଚିତ ।

**କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ ।**
**ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ॥୯॥**

ପିତ୍ତା, ଖଟ୍ଟା, ଅଧିକ ଲୁଣ, ଅତ୍ୟନ୍ତ ଗରମ, ଅତ୍ୟନ୍ତ ରାଗ୍‌ଗ, ଶୁଖିଲା, ଦାହକାରକ, ଭଜା ଏବଂ ଦୁଃଖ, ଚିନ୍ତା ତଥା ରୋଗ ଉତ୍ପନ୍ନ କରୁଥିବା ଆହାର ରାଜସ ପୁରୁଷଙ୍କୁ ପ୍ରିୟ ହୋଇଥାଏ ।

**ଯାତୟାମଂ ଗତରସଂ ପୂତି ପର୍ଯ୍ୟୁଷିତଂ ଚ ଯତ୍ ।**
**ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ ॥୧୦॥**

ଯେଉଁ ଭୋଜନ ଗୋଟିଏ ପ୍ରହର ଅର୍ଥାତ୍ ତିନିଘଣ୍ଟା ପୂର୍ବରୁ ତିଆରି ହୋଇ ସାରିଛି ଗତରସମ୍- ରସ ରହିତ, ଦୁର୍ଗନ୍ଧଯୁକ୍ତ, ବାସୀ, ଉଚ୍ଛିଷ୍ଟ ଏବଂ ଅପବିତ୍ର ମଧ୍ୟ ଅଟେ । ତାହା ତାମସୀକ ପୁରୁଷଙ୍କୁ ପ୍ରିୟ ହୋଇଥାଏ । ଏଠାରେ ପ୍ରଶ୍ନ ପୁରା ହେଲା । ବର୍ତ୍ତମାନ ପ୍ରସ୍ତୁତ ହେଉଛି ଯଜ୍ଞ ।

**ଅଫଲାକାଙ୍‌କ୍ଷିଭିର୍ଯଜ୍ଞୋ ବିଧିଦୃଷ୍ଟୋ ୟ ଇଜ୍ୟତେ ।**
**ଯଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ॥୧୧॥**

ଯେଉଁ ଯଜ୍ଞ **ବିଧିଦୃଷ୍ଟ** – ଶାସ୍ତ୍ରବିଧି ଦ୍ୱାରା ନିର୍ଦ୍ଧାରିତ ହୋଇଛି, (ଯେପରି

ପୂର୍ବରୁ ତୃତୀୟ ଅଧ୍ୟାୟରେ ଯଜ୍ଞର ନାମ ନେଇଥିଲେ, ଚତୁର୍ଥ ଅଧ୍ୟାୟରେ ଯଜ୍ଞର ସ୍ୱରୂପକୁ କହିଲେ ଯେ, ଅନେକ ଯୋଗୀ ପ୍ରାଣକୁ ଅପାନରେ, ଅପାନକୁ ପ୍ରାଣରେ ହବନ କରିଥାନ୍ତି । ପ୍ରାଣ ଅପାନର ଗତି ନିରୋଧ କରି, ପ୍ରାଣର ଗତିକୁ ସ୍ଥିର କରି ଦେଇଥାନ୍ତି ଏବଂ ସଂଯମାଗ୍ନିରେ ହବନ କରିଥାନ୍ତି । ଏହିପରି ଯଜ୍ଞର ୧୪ପ୍ରକାର ସୋପାନକୁ କହିଲେ । ଯାହାକି ପ୍ରତ୍ୟେକ ସୋପାନ ବ୍ରହ୍ମ ପର୍ଯ୍ୟନ୍ତ ଦୂର ନିର୍ଦ୍ଧାରିତ କରୁଥିବା ଗୋଟିଏ ହିଁ ପ୍ରକ୍ରିୟାର ଉଚ୍ଚନୀଚ ଅବସ୍ଥା ଅଟେ । ସଂକ୍ଷେପରେ ଯଜ୍ଞ, ଚିନ୍ତନ ପ୍ରକ୍ରିୟାର ଚିତ୍ରଣ ମାତ୍ରା । ଯାହାର ପରିଣାମ ସନାତନ ବ୍ରହ୍ମରେ ପ୍ରବେଶ ହୋଇଥାଏ । ଯାହାର ବିଧାନ ଏହି ଶାସ୍ତ୍ରରେ କରାଯାଇଛି) ।

ସେହି ଶାସ୍ତ୍ର ବିଧାନ ଉପରେ ପୁନଃ କହୁଛନ୍ତି ଯେ, ହେ ଅର୍ଜୁନ ! ଶାସ୍ତ୍ର ବିଧି ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା, ଯାହାକୁ କରିବା ହିଁ କର୍ତ୍ତବ୍ୟ ତଥା ଯାହା ମନକୁ ନିରୋଧ କରିଥାଏ ।ଯାହା ଫଳ ଇଚ୍ଛା ନରଖିଥିବା ପୁରୁଷ ଦ୍ୱାରା କରାଯାଇଥାଏ, ସେହି ଯଜ୍ଞ ସାତ୍ତ୍ୱିକ ଅଟେ ।

**ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍ ।**
**ଇଜ୍ୟତେ ଭରତଶ୍ରେଷ୍ଠ ତଂ ଯଜ୍ଞଂ ବିଦ୍ଧି ରାଜସମ୍ ।।୧୨।।**

ହେ ଅର୍ଜୁନ, ଯେଉଁ ଯଜ୍ଞ କେବଳ ଦମ୍ଭାଚରଣ ନିମନ୍ତେ ହୋଇଥାଏ ଅଥବା ଫଳ ଉଦ୍ଦେଶ୍ୟ ରଖି କରାଯାଇଥାଏ, ତାହାକୁ ରାଜସ ଯଜ୍ଞ କୁହାଯାଏ । ଏହି କର୍ତ୍ତା ଯଜ୍ଞର ବିଧିକୁ ଜାଣିଥାଏ କିନ୍ତୁ ଦମ୍ଭାଚରଣ ଏବଂ ଫଳରେ ଉଦ୍ଦେଶ୍ୟ ରଖି କରିଥାଏ ଯେ, ଅମୁକ ବସ୍ତୁ ପ୍ରାପ୍ତ ହେବ ତଥା ଅନ୍ୟମାନେ ଦେଖନ୍ତୁ ଯେ ମୁଁ ଯଜ୍ଞ କରୁଛି । ମୋତେ ପ୍ରଶଂସା କରିବେ । ଏପରି ଯଜ୍ଞକର୍ତ୍ତା ବସ୍ତୁତଃ ରାଜସୀକ ଅଟେ । ବର୍ତ୍ତମାନ ତାମସ ଯଜ୍ଞର ସ୍ୱରୂପକୁ କହୁଛନ୍ତି –

**ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍ ।**
**ଶ୍ରଦ୍ଧାବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷତେ ।।୧୩।।**

ଯେଉଁ ଯଜ୍ଞ ଶାସ୍ତ୍ର ବିଧିରୁ ରହିତ, ଯେଉଁ ଅନ୍ନ ଅର୍ଥାତ୍ ପରମାତ୍ମାଙ୍କୁ ସୃଷ୍ଟି କରିବାରେ ଅସମର୍ଥ, ମନର ଅନ୍ତରାଳରେ ନିରୋଧ କରିବାର କ୍ଷମତାରୁ ରହିତ, ଦକ୍ଷିଣା ଅର୍ଥାତ୍ ସର୍ବସ୍ୱ ସମର୍ପଣ ଠାରୁ ରହିତ, ତଥା ଯିଏ ଶ୍ରଦ୍ଧା ରହିତ ଏପରି ଯଜ୍ଞ ତାମସିକ କୁହାଯାଇଥାଏ, ଏପରି ପୁରୁଷ ବାସ୍ତବିକ ଯଜ୍ଞକୁ ଜାଣିନଥାନ୍ତି । ବର୍ତ୍ତମାନ ପ୍ରସ୍ତୁତ ହେଉଛି 'ତପ'–

**ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।**
**ବ୍ରହ୍ମଚର୍ଯ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ ।।୧୪।।**

ପରମ ଦେବ ପରମାତ୍ମା, ଦ୍ୱୈତକୁ ଜୟ କରିଥିବା ଦ୍ୱିଜ, ସଦ୍‌ଗୁରୁ ଏବଂ ଜ୍ଞାନୀମାନଙ୍କ ପୂଜନ, ପବିତ୍ରତା, ସରଳତା, ବ୍ରହ୍ମଚର୍ଯ୍ୟ ତଥା ଅହିଂସାକୁ ଶରୀର ସମ୍ବନ୍ଧିତ ତପ କୁହାଯାଏ । ଶରୀର ସଦୈବ ବାସନା ଆଡ଼କୁ ଚାଲିଯାଇଥାଏ । ଏହାକୁ ଅନ୍ତଃକରଣର ଉପରୋକ୍ତ ବୃତ୍ତି ଅନୁରୂପ ତପାଇବା ହିଁ ଶାରୀରିକ ତପ ଅଟେ ।

**ଅନୁଦ୍‌ବେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ॥**
**ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ ॥୧୫॥**

ଉଦ୍‌ବେଗ ଉତ୍ପନ୍ନ ନ କରୁଥିବା ବ୍ୟକ୍ତି, ପ୍ରିୟ, ହିତକାରକ ଏବଂ ସତ୍ୟଭାଷଣ ତଥା ପରମାତ୍ମାରେ ପ୍ରବେଶ ଦେଉଥିବା ଶାସ୍ତ୍ର ଚିନ୍ତନର ଅଭ୍ୟାସ, ନାମ ଜପ ଇତ୍ୟାଦିକୁ ବାଣୀ ସମ୍ବନ୍ଧି ତପ କୁହାଯାଏ । ବାଣୀ ବିଷୟୋନ୍ମୁଖ ବିଚାରକୁ ମଧ୍ୟ ବ୍ୟକ୍ତ କରୁଥାଏ । ଏହାକୁ ସେହି ଦିଗରୁ ଆଣି ପରମସତ୍ୟ ପରମାତ୍ମାଙ୍କ ଦିଗରେ ଲଗାଇବା ହିଁ ବାଣୀ ସମ୍ବନ୍ଧିତ ତପ ଅଟେ । ବର୍ତ୍ତମାନ ମନ ସମ୍ବନ୍ଧି ତପକୁ ଦେଖିବା–

**ମନଃପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।**
**ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ ॥୧୬॥**

ମନର ପ୍ରସନ୍ନତା, ସୌମ୍ୟଭାବ, ମୌନ ଅର୍ଥାତ୍ ଇଷ୍ଟ ଅତିରିକ୍ତ ଅନ୍ୟ ବିଷୟ ସ୍ମରଣ ନ ହେବା, ମନର ନିରୋଧ, ଅନ୍ତଃକରଣର ସର୍ବଥା ପବିତ୍ରତା ଇତ୍ୟାଦି । ଏହାକୁ ମନ ସମ୍ବନ୍ଧି ତପ କୁହାଯାଏ । ଉପରୋକ୍ତ ତିନୋଟି– ଶରୀର, ବାଣୀ ଓ ମନକୁ ମିଶାଇ ଗୋଟିଏ ସାତ୍ତ୍ୱିକ ତପ ଅଟେ ।

**ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ**
**ଅଫଲାକାଙ୍କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରଚକ୍ଷତେ ॥୧୭॥**

ଫଳକୁ ନ ଚାହିଁ ଅର୍ଥାତ୍ ନିଷ୍କାମ କର୍ମଯୁକ୍ତ ପୁରୁଷ ଦ୍ୱାରା ପରମ ଶ୍ରଦ୍ଧାରେ କରିଥିବା, ଉପରୋକ୍ତ ତିନୋଟି ତପକୁ ମିଶାଇ ସାତ୍ତ୍ୱିକ ତପ କୁହାଯାଏ, ବର୍ତ୍ତମାନ ରାଜସୀକ ତପର ବିବରଣ ଦେଖିବା–

**ସତ୍‌କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।**
**କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଲମଧ୍ରୁବମ୍ ॥୧୮॥**

ଯେଉଁ ତପ ସତ୍କାର, ମାନ ଓ ପୂଜା ନିମନ୍ତେ ଅଥବା କେବଳ ପାଖଣ୍ଡ ଦ୍ୱାରା ହିଁ କରାଯାଇଥାଏ, ସେହି ଅନିଶ୍ଚିତ ଏବଂ ଚଞ୍ଚଳ ଫଳଯୁକ୍ତ ତପ ରାଜସ କୁହାଯାଏ ।

**ମୂଢଗ୍ରାହେଣାତ୍ମନୋ ଯତ୍‌ପୀଡ଼ୟା କ୍ରିୟତେ ତପଃ ।**
**ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାୟହୃତମ୍ ॥୧୯॥**

ଯେଉଁ ତପ ମୂର୍ଖତା, ହଠ ପୂର୍ବକ, ମନ, ବାଣୀ ଓ ଶରୀର ପୀଡ଼ା ସହିତ ଅଥବା ଅନ୍ୟର ଅନିଷ୍ଟ କାମନା କରି ଅନିଷ୍ଟ ଭାବନାରେ କରାଯାଇଥାଏ, ସେହି ତପକୁ ତାମସିକ କୁହାଯାଇଛି । ଏହିପରି ଶରୀର, ମନ ଓ ବାଣୀକୁ ମାତ୍ର ଇଷ୍ଟଙ୍କ ଅନୁରୂପ ଢାଳିବା କରାଇବା ହିଁ ସାତ୍ତ୍ୱିକ ତପ କୁହାଯାଏ । ରାଜସ ତପରେ ପ୍ରକ୍ରିୟା ସେପରି ହିଁ ହୋଇଥାଏ, କିନ୍ତୁ **ଦମ୍ଭମାନ**– ଦମ୍ଭ ଦ୍ୱାରା ସମ୍ମାନ, ଇଚ୍ଛାରଖି ତପ କରିଥାନ୍ତି । ପ୍ରାୟଃ ମହାତ୍ମାମାନେ ଘରଦ୍ୱାର ତ୍ୟାଗ କରିବା ପରେ ମଧ୍ୟ ଏହି ବିକାରର ଶିକାର ହୋଇଯାଇଥାନ୍ତି ଏବଂ ତୃତୀୟଟି ତାମସୀକ ତପ ଅବିଧି ପୂର୍ବକ ହୋଇଥାଏ । ଅନ୍ୟକୁ ପୀଢା ଦେବା ଲାଗି ହୋଇଥାଏ, ବର୍ତ୍ତମାନ ପ୍ରସ୍ତୁତ ହେଉଛି ଦାନ –

**ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ ।**
**ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ॥୨୦॥**

ଦାନ ଦେବା ହିଁ କର୍ତ୍ତବ୍ୟ ଅଟେ, ଏହି ଭାବନାରେ ଯିଏ ଦାନ, ଦେଶ, କାଳ ଓ ସତ୍‌ପାତ୍ରଙ୍କ ପ୍ରାପ୍ତ ହେବା ପରେ ବଦଳରେ ଉପକାର ଭାବନାରୁ ରହିତ ହୋଇ ଦିଆଯାଇଥାଏ । ସେହି ଦାନକୁ ସାତ୍ତ୍ୱିକ କୁହାଯାଇଥାଏ ।

**ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଲମୁଦ୍ଦିଶ୍ୟ ବା ପୁନଃ ।**
**ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ॥୨୧॥**

ଯେଉଁ ଦାନ କ୍ଲେଶ ପୂର୍ବକ ଅର୍ଥାତ୍ ଯାହା ଦେବାକୁ ଇଛା ନଥାଇ ମଧ୍ୟ ଦେବାକୁ ପଡ଼ିଥାଏ, ତଥା ପ୍ରତ୍ୟୁପକାର ଭାବନାରେ ଅର୍ଥାତ୍ ଏପରି କଲେ ଏହା ପ୍ରାପ୍ତ ହେବ ଅଥବା ଫଳକୁ ଉଦ୍ଦେଶ୍ୟ ରଖି ଦିଆଯାଇଥାଏ । ସେହି ଦାନକୁ ରାଜସ ଦାନ କୁହାଯାଇଛି ।

**ଅଦେଶକାଲେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।**
**ଅସତ୍‌କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ॥୨୨॥**

ଯେଉଁ ଦାନ ବିନା ସତ୍କାରରେ ଅଥବା ତିରସ୍କାର ପୂର୍ବକ ଦେବାରେ ଇଛା ନଥାଇ ଦିଆଯାଏ ଅର୍ଥାତ୍ ଅଯୋଗ୍ୟ ଦେଶ କାଳରେ ଅନଧିକାରଙ୍କୁ ଦିଆଯାଇଥାଏ । ସେହି ଦାନକୁ ତାମସ କୁହାଯାଇଛି । ପୂଜ୍ୟ ଗୁରୁ ମହାରାଜଜୀ କହୁଥିଲେ – **ହୋ, କୁପାତ୍ରକୁ ଦାନ ଦେବା ଦ୍ୱାରା ଦାତା ନଷ୍ଟ ହୋଇଯାଇଥାଏ,** ଠିକ୍ ଏହିପରି ଶ୍ରୀକୃଷ୍ଣ କହୁଛନ୍ତି ଯେ, ଦାନ ଦେବା ହିଁ କର୍ତ୍ତବ୍ୟ ଅଟେ । ଦେଶ, କାଳ ଓ ପାତ୍ର ପ୍ରାପ୍ତ ହେବା ପରେ, ବଦଳରେ ଉପକାର ଭାବନା ନ ରଖି, ଉଦାରତା ସହିତ ଦେଉଥିବା ଦାନ ହିଁ ସାତ୍ତ୍ୱିକ ଅଟେ । କଠିନତାରେ ବାହାରୁଥିବା, ବଦଳରେ ଫଳ ଆକାଂକ୍ଷା ରଖି ଦେଉଥିବା ଦାନ ରାଜସ ଅଟେ ଏବଂ ବିନା ସତ୍କାରରେ, ଅନାଦର ସହିତ ପ୍ରତିକୂଳ

ଦେଶ, କାଳରେ, କୁପାତ୍ରକୁ ଦେଉଥିବା ଦାନ ତାମସ ଅଟେ । ଏହି ସବୁ ଦାନ ହିଁ ଅଟେ । କିନ୍ତୁ ଦେହାଦିରେ ମମତ୍ୱକୁ ତ୍ୟାଗ କରି ଗୋଟିଏ ମାତ୍ର ଇଷ୍ଟ ଉପରେ ହିଁ ନିର୍ଭରଶୀଳ ହୋଇଥିବା ବ୍ୟକ୍ତି ନିମନ୍ତେ ଏହାଠାରୁ ଅଧିକ ସର୍ବଶ୍ରେଷ୍ଠ ଦାନ ହେଉଛି ସର୍ବସ୍ୱ ସମର୍ପଣ, ସମ୍ପୂର୍ଣ୍ଣ ବାସନାରୁ ଦୁରରେ ରହି, ମନର ସମର୍ପଣ, ଯେପରିକି ଶ୍ରୀକୃଷ୍ଣ କହିଲେ – **'ମୟେବମନ ଆଧିସ୍ୱ'**– ଅର୍ଥାତ୍ ମୋଠାରେ ମନକୁ ସମର୍ପଣ କର । ଅତଃ ଦାନ ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ପ୍ରସ୍ତୁତ ହେଉଛି ଓଁ ତତ୍ ସତ୍‌ର ସ୍ୱରୂପ ।

**ॐ ତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।**
**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ॥୨୩॥**

ହେ ଅର୍ଜୁନ ! ଓଁ, ତତ୍ ଏବଂ ସତ୍ ଏପରି ତିନି ପ୍ରକାରର ନାମ 'ବ୍ରହ୍ମଣଃ ନିର୍ଦ୍ଦେଶଃ ସ୍ମୃତିଃ'– ବ୍ରହ୍ମଙ୍କୁ ନିର୍ଦ୍ଦେଶ କରିଥାଏ, ସ୍ମୃତି ଦେଇଥାଏ, ସଙ୍କେତ କରିଥାଏ ଏବଂ ବ୍ରହ୍ମଙ୍କ ପରିଚାୟକ ଅଟେ । ସେଥିରୁ 'ପୁରା' ପୂର୍ବରୁ(ଆରମ୍ଭରେ) ବ୍ରାହ୍ମଣ, ବେଦ ଏବଂ ଯଜ୍ଞାଦି ରଚନା କରାଯାଇଛି । ଅର୍ଥାତ୍ ବ୍ରାହ୍ମଣ, ଯଜ୍ଞ ଏବଂ ବେଦ 'ଓମ୍'ରୁ ଉତ୍ପନ୍ନ ହୋଇଛି । ଏହା ଯୋଗଜନ୍ୟ ଅଟେ । ଓମ୍‌ର ଶତତ ଚିନ୍ତନରୁ ହିଁ ଏହାର ଉତ୍ପନ୍ନ ହୋଇଥାଏ, ଅନ୍ୟ କୌଣସି ଉପାୟରେ ନାହିଁ ।

**ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃ କ୍ରିୟାଃ ।**
**ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ॥୨୪॥**

ତେଣୁ କରି ବ୍ରହ୍ମଙ୍କ କଥନ କରୁଥିବା ମହାପୁରୁଷଙ୍କ ଶାସ୍ତ୍ର ବିଧିରେ ନିର୍ଦ୍ଧାରିତ କରାଯାଇଥିବା ଯଜ୍ଞ, ଦାନ ଓ ତପରୁପୀ କ୍ରିୟାମାନ ନିରନ୍ତର ଓମ୍ ଏହି ନାମକୁ ଉଚ୍ଚାରଣ କରି ହିଁ କରାଯାଇଥାଏ । ଯେଉଁଥିରେ ସେହି ବ୍ରହ୍ମଙ୍କ ସ୍ମରଣ ହେଉଥିବ । ବର୍ତ୍ତମାନ ତତ୍ ଶବ୍ଦର ପ୍ରୟୋଗକୁ କହୁଛନ୍ତି ।

**ତଦିତ୍ୟନଭିସନ୍ଧାୟ ଫଲଂ ଯଜ୍ଞତପଃକ୍ରିୟାଃ ।**
**ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ॥୨୫॥**

ତତ୍ ଅର୍ଥାତ୍ ସେହି ପରମାତ୍ମା ହିଁ ସର୍ବତ୍ର ରହିଛନ୍ତି । ଏହି ଭାବରେ ଫଳକୁ ନ ଚାହିଁ ଶାସ୍ତ୍ର ଦ୍ୱାରା ନିର୍ଦ୍ଧିଷ୍ଟ ନାନା ପ୍ରକାରର ଯଜ୍ଞ, ତପ ଏବଂ ଦାନର କ୍ରିୟମାନ, ପରମ କଲ୍ୟାଣକୁ ଚାହୁଁଥିବା ପୁରୁଷ ଦ୍ୱାରା କରାଯାଏ । ତତ୍ ଶବ୍ଦ ପରମାତ୍ମାଙ୍କ ପ୍ରତି ସମର୍ପଣ ସୂଚକ ଅଟେ । ଅର୍ଥାତ୍ ଓମ୍ ଜପ କରନ୍ତୁ । ଯଜ୍ଞ, ଦାନ ଓ ତପର କ୍ରିୟାମାନ ସେଥିରେ ନିର୍ଭର ହୋଇ କରନ୍ତୁ । ବର୍ତ୍ତମାନ ସତ୍ ଶବ୍ଦର ପ୍ରୟୋଗର ସ୍ଥଳ କହିଛନ୍ତି ।

**ସଦ୍ଭାବେ ସାଧୁଭାବେ ଚ ସଦିତ୍ୟେତତ୍ ପ୍ରଯୁଜ୍ୟତେ ।**

**ପ୍ରାଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ ॥୨୬॥**

ଏବଂ ସତ୍– ଯୋଗେଶ୍ୱର କହିଲେ ଯେ, ସତ୍ କ'ଣ ? ଗୀତାର ପ୍ରାରମ୍ଭରେ ହିଁ ଅର୍ଜୁନ ପ୍ରଶ୍ନ କରିଥିଲେ ଯେ, କୁଳଧର୍ମ ହିଁ ଶାଶ୍ୱତ, ସତ୍ୟ ଅଟେ, ତେବେ ଶ୍ରୀକୃଷ୍ଣ କହିଲେ ହେ ଅର୍ଜୁନ ! ତୁମକୁ ଏହି ଅଜ୍ଞାନ କେଉଁଠୁ ଉତ୍ପନ୍ନ ହେଲା ? ସତ୍ ବସ୍ତୁର ତିନିକାଳରେ କେବେ ଅଭାବ ହୋଇନଥାଏ । ତାହାକୁ ନଷ୍ଟ କରିହେବ ନାହିଁ ଏବଂ ଅସତ୍ ବସ୍ତୁର ତିନିକାଳରେ ଅସ୍ତିତ୍ୱ ନଥାଏ । ତାହାକୁ ବନ୍ଦ କରିହେବ ନାହିଁ । ବସ୍ତୁତଃ ତାହା ଏପରି କୌଣସି ବସ୍ତୁ, ଯାହାର ତିନିକାଳରେ ଅଭାବ ହୋଇନଥାଏ ଏବଂ ସେହି ଅସତ୍ ବସ୍ତୁ କ'ଣ ଯାହାର ଅସ୍ତିତ୍ୱ ନ ଥାଏ । ତେବେ କହିଲେ, ଏହି ଆତ୍ମା ହିଁ ସତ୍ୟ ଏବଂ ଭୂତ ପ୍ରାଣୀଙ୍କ ସମ୍ପୂର୍ଣ୍ଣ ଶରୀର ନାଶବାନ ଅଟେ । ଆତ୍ମା ସନାତନ, ଅବ୍ୟକ୍ତ, ଶାଶ୍ୱତ ଏବଂ ଅମୃତ ସ୍ୱରୂପ ଅଟେ ।

ଏହାହିଁ ପରମ ସତ୍ୟ ଅଟେ । ଏଠାରେ କହୁଛନ୍ତି ଯେ, 'ସତ୍' ଏପରି ପରମାତ୍ମାଙ୍କ ନାମ, **'ସଦ୍ ଭାବେ'**– ସତ୍ୟ ପ୍ରତି ଭାବରେ ଏବଂ ସାଧୁ ଭାବରେ ପ୍ରୟୋଗ କରିଥାନ୍ତି, ହେ ପାର୍ଥ ! ଯେବେ ନିୟତ କର୍ମ ସାଙ୍ଗୋପାଙ୍ଗ ଭଲଭାବେ ହେବାରେ ଲାଗିବ, ତେବେ ସତ୍ ଶବ୍ଦର ପ୍ରୟୋଗ କରାଯାଇଥାଏ । ସତ୍‌ର ଅର୍ଥ ଏହା ନୁହଁ ଯେ, ଏହି ବସ୍ତୁ ମୋର ଅଟେ । ଯେବେ ଶରୀର ହିଁ ଆମ୍ଭର ନାହିଁ, ତେବେ ଏହାର ଉପଭୋଗରେ ଆସୁଥିବା ବସ୍ତୁ ଆମ୍ଭର କେବେଠୁଁ ହୋଇ ଗଲା ? ସତ୍‌ର ପ୍ରୟୋଗ କେବଳ ଗୋଟିଏ ଦିଶାରେ ହିଁ କରାଯାଇଥାଏ । ସଦ୍ ଭାବେ ଆତ୍ମା ହିଁ ପରମ ସତ୍ୟ ଅଟେ । ଏହି ସତ୍ୟପ୍ରତି ଭାବ ଉତ୍ପନ୍ନ ହେଉ । ତାହାକୁ ସାଧିବା ନିମନ୍ତେ ସାଧୁ ଭାବ ହେଉ ଏବଂ ତାହାକୁ ପ୍ରାପ୍ତି କରାଇ ପାରୁଥିବା କର୍ମ ପ୍ରଶସ୍ତ ଭାବରେ ହେବାରେ ଲାଗିବ । ତେବେ ସେଠାରେ ସତ୍ ଶବ୍ଦର ପ୍ରୟୋଗ କରାଯାଇଥାଏ । ଏହାକୁ ଶ୍ରୀକୃଷ୍ଣ ଆଗକୁ କହୁଛନ୍ତି –

**ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ ।**
**କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ॥୨୭॥**

ଯଜ୍ଞ, ତପ ଏବଂ ଦାନ କରିବାରେ ଯେଉଁସ୍ଥିତି ପ୍ରାପ୍ତ ହୋଇଥାଏ , ତାହା ମଧ୍ୟ ସତ୍ ହିଁ ଅଟେ । ଏପରି କୁହାଯାଇଛି । **'ତଦର୍ଥୀୟଂ'**–ସେହି ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ କରାଯାଉଥିବା କର୍ମ ହିଁ ସତ୍ ଅଟେ । ଏପରି କୁହାଯାଇଥାଏ । ଅର୍ଥାତ୍ ସେହି ପରମାତ୍ମାଙ୍କ ପ୍ରାପ୍ତି କରାଇପାରୁଥିବା କର୍ମ ହିଁ ସତ୍ ଅଟେ । ଯଜ୍ଞ, ଦାନ ଓ ତପ ଏହି କର୍ମର ପୂରକ ଅଟେ । ଶେଷରେ ନିର୍ଣ୍ଣୟ ଦେଇ କହୁଛନ୍ତି ଯେ, ଏହି ସମସ୍ତ ନିମନ୍ତେ ଶ୍ରଦ୍ଧା ଆବଶ୍ୟକ ।

**ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।**
**ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ ପ୍ରେତ୍ୟ ନୋ ଇହ ॥୨୮॥**

ହେ ପାର୍ଥ ! ବିନା ଶ୍ରଦ୍ଧାରେ କରୁଥିବା ହବନ, ଦେଇଥିବା ଦାନ, ତପାଇଥିବା ତପ ଏବଂ ଯାହା କିଛି କରାଯାଇଥିବା କର୍ମ, ସେହିସବୁ ଅସତ୍ ଅଟେ । ଏପରି କୁହାଯାଉଛି ତାହା ନା ତ ଏହି ଲୋକରେ ଏବଂ ନା ପରଲୋକରେ ଲାଭ ଦାୟକ ହୋଇଥାଏ । ଅତଃ ସମର୍ପଣ ସହିତ ଶ୍ରଦ୍ଧା ନିତାନ୍ତ ଆବଶ୍ୟକ ।

**–ନିଷ୍କର୍ଷ–**

ଏହି ଅଧ୍ୟାୟର ପ୍ରାରମ୍ଭରେ ହିଁ ଅର୍ଜୁନ ପ୍ରଶ୍ନ କଲେ ଯେ, ଭଗବାନ୍ ! ଯିଏ ଶାସ୍ତ୍ର ବିଧି ତ୍ୟାଗକରି ଏବଂ ଶ୍ରଦ୍ଧାଯୁକ୍ତ ହୋଇ ଯଜନ କରିଥାନ୍ତି, (ଭୂତ ପ୍ରେତ, ଦେବୀ ଦେବତା ଇତ୍ୟାଦି ପୂଜା ହିଁ କରୁଥାନ୍ତି ।) ତେବେ ସେମାନଙ୍କର ଶ୍ରଦ୍ଧା କିପରି ? ସାତ୍ତ୍ୱିକ , ରାଜସିକ ଅଥବା ତାମସିକ ଅଟେ । ଏହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଏହି ପୁରୁଷ ଶ୍ରଦ୍ଧାମୟ ଅଟେ । କୌଣସି ନା କୌଣସି ସ୍ଥାନରେ ତା'ର ଶ୍ରଦ୍ଧା ତ ନିଶ୍ଚୟ ଥିବ । ଯେପରି ଶ୍ରଦ୍ଧା ସେପରି ପୁରୁଷ ଅଟେ ଅର୍ଥାତ୍ ଯେପରି ବୃତ୍ତି ସେପରି ପୁରୁଷ ଅଟେ । ତାଙ୍କର ଶ୍ରଦ୍ଧା ସାତ୍ତ୍ୱିକ, ରାଜସିକ ଓ ତାମସିକ ଏପରି ତିନିପ୍ରକାରର ହୋଇଥାଏ । ସାତ୍ତ୍ୱିକ ଶ୍ରଦ୍ଧା ବ୍ୟକ୍ତି ଦେବତାମାନଙ୍କୁ , ରାଜସୀକ ଶ୍ରଦ୍ଧାଳୁ ଯକ୍ଷମାନଙ୍କୁ ଅର୍ଥାତ ଯିଏ ଯଶ, ଶୌର୍ଯ୍ୟ ପ୍ରଦାନ କରିଥାନ୍ତି, ରାକ୍ଷସ ଅର୍ଥାତ୍ ସୁରକ୍ଷା ଦେଇଥାଏ, ସେମାନଙ୍କୁ ପୂଜା କରିଥାନ୍ତି ଏବଂ ତାମସିକ ଶ୍ରଦ୍ଧାଳୁ ଭୂତ ପ୍ରେତଙ୍କୁ ପୂଜା କରିଥାନ୍ତି । ଶାସ୍ତ୍ରବିଧିରୁ ରହିତ ଏହି ପୁଜା ଦ୍ୱାରା ଏହି ତିନି ପ୍ରକାରର ଶ୍ରଦ୍ଧାଳୁ ଶରୀରରେ ସ୍ଥିତ ଭୂତ ସମୁଦାୟ ଅର୍ଥାତ୍, ନିଜର ସଙ୍କଳ୍ପ ଏବଂ ହୃଦୟ ଦେଶରେ ସ୍ଥିତ ମୋତେ ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କୁ ମଧ୍ୟ କୃଶ କରିଥାନ୍ତି, ନା କି ପୂଜା କରିଥାନ୍ତି । ସେ ସମସ୍ତଙ୍କୁ ତୁମେ ଅସୁର ବୋଲି ଜାଣ । ଅର୍ଥାତ୍ ଭୂତ-ପ୍ରେତ, ଯକ୍ଷ-ରାକ୍ଷସ ତଥା ଦେବୀ-ଦେବତାଙ୍କୁ ପୂଜନ କରୁଥିବା ବ୍ୟକ୍ତି ଅସୁର ହୋଇଥାନ୍ତି । ଦେବତା ପ୍ରସଙ୍ଗକୁ ଏଠାରେ ଶ୍ରୀକୃଷ୍ଣ ତୃତୀୟଥର ଉଠାଇଛନ୍ତି, ପ୍ରଥମେ ସପ୍ତମ ଅଧ୍ୟାୟରେ ସେ କହିଥିଲେ ଯେ, ହେ ଅର୍ଜୁନ ! କାମନା ଦ୍ୱାରା ଯାହାର ଜ୍ଞାନ ହରଣ କରି ନିଆଯାଇଛି । ସେହି ମୂଢ ବୁଦ୍ଧି ପୁରୁଷ ଭିନ୍ନ ଭିନ୍ନ ଦେବତା ମାନଙ୍କୁ ପୂଜନ କରିଥାନ୍ତି । ଦ୍ୱିତୀୟଥର ନବମ ଅଧ୍ୟାୟରେ ସେହି ପ୍ରଶ୍ନକୁ ପୁନରାବୃତ୍ତି କରି କହିଲେ ଯେ, ଯେଉଁମାନେ ଭିନ୍ନ ଭିନ୍ନ ଦେବତାମାନଙ୍କୁ ପୂଜା କରିଥାନ୍ତି, ସେମାନେ ମୋତେ ହିଁ ପୂଜା କରିଥାନ୍ତି । କିନ୍ତୁ ସେମାନଙ୍କ ସେହି ପୂଜନ ଅବିଧି ପୂର୍ବକ ଅଟେ । ଅର୍ଥାତ୍ ଶାସ୍ତ୍ର ନିର୍ଦ୍ଧାରିତ ବିଧିରୁ ଭିନ୍ନ ଅଟେ । ଅତଃ ସେମାନେ ନଷ୍ଟ ହୋଇ ଯାଆନ୍ତି । ଏଠାରେ ସପ୍ତଦଶ ଅଧ୍ୟାୟରେ

ସେ ଆସୁରୀ ସ୍ୱଭାବ ଯୁକ୍ତ କହି ସମ୍ବୋଧିତ କଲେ । ଶ୍ରୀକୃଷ୍ଣଙ୍କ ଶବ୍ଦରେ ଏକ ପରମାତ୍ମାଙ୍କର ହିଁ ପୂଜାର ବିଧାନ ରହିଛି ।

ତଦନ୍ତର ଶ୍ରୀକୃଷ୍ଣ ଚାରୋଟି ପ୍ରଶ୍ନକୁ ନେଲେ – ଆହାର, ଯଜ୍ଞ, ତପ ଓ ଦାନ । ଆହାର ତିନି ପ୍ରକାରର ହୋଇଥାଏ । ସାତ୍ତ୍ୱିକ ପୁରୁଷଙ୍କୁ ଆରୋଗ୍ୟ ପ୍ରଦାନ କରୁଥିବା, ସ୍ୱଭାବିକ ପ୍ରିୟ ଲାଗୁଥିବା, ସ୍ନିଗ୍ଧ ଆହାର ପ୍ରିୟ ହୋଇଥାଏ । ରାଜସିକ ପୁରୁଷଙ୍କୁ କଟୁ, ରାଗ, ଉଷ୍ଣ, ମସଲା ଯୁକ୍ତ ଇତ୍ୟାଦି ରୋଗ ବର୍ଦ୍ଧକ ଆହାର ପ୍ରିୟ ହୋଇଥାଏ । ରାଜସିକ ପୁରୁଷଙ୍କୁ ଅଇଁଠା, ବାସୀ ଏବଂ ଅପବିତ୍ର ଆହାର ପ୍ରିୟ ହୋଇଥାଏ । ଶାସ୍ତ୍ର ବିଧିରୁ ନିର୍ଦ୍ଧାରିତ ଯଜ୍ଞ ଅର୍ଥାତ୍ ଆରାଧନାର ଅନ୍ତଃକ୍ରୀୟା ଗୁଡ଼ିକ, ଯାହା ମନର ନିରୋଧ କରିଥାଏ, ଫଳାକାଂକ୍ଷାରୁ ରହିତ ସେହି ଯଜ୍ଞ ସାତ୍ତ୍ୱିକ ଅଟେ । ଦମ୍ଭ ପ୍ରଦର୍ଶନ ଏବଂ ଫଳ ନିମନ୍ତେ କରୁଥିବା ସେହି ଯଜ୍ଞ ରାଜସିକ ଅଟେ ଏବଂ ଶାସ୍ତ୍ରବିଧିରୁ ରହିତ ମନ୍ତ୍ର, ଦାନ ତଥା ଅଶ୍ରଦ୍ଧାରେ କରୁଥିବା ଯଜ୍ଞ ତାମସିକ ଅଟେ ।

ପରମଦେବ ପରମାତ୍ମାଙ୍କ ଠାରେ ପ୍ରବେଶ କରାଉଥିବା ସମ୍ପୂର୍ଣ୍ଣ ଯୋଗ୍ୟତା ଯାହାଙ୍କ ନିକଟରେ ରହିଛି, ସେହି ପ୍ରାଜ୍ଞ, ସଦ୍‌ଗୁରୁଙ୍କ ଅର୍ଚ୍ଚନା, ସେବା ଏବଂ ଅନ୍ତଃକରଣରେ ଅହିଂସା ବ୍ରହ୍ମଚର୍ଯ୍ୟ ଏବଂ ପବିତ୍ରତା ଅନୁରୂପ ଶରୀରକୁ ତପାଇବା ହିଁ ଶରୀରିକ ତପ ଅଟେ । ସତ୍ୟ, ପ୍ରିୟ ଏବଂ ହିତକାରକ ବାକ୍ୟ କହିବା, ବାଣୀର ତପ ଅଟେ ଏବଂ ମନକୁ କର୍ମରେ ପ୍ରବୃତ୍ତ ରଖିବା, ଇଷ୍ଟଙ୍କ ଅତିରିକ୍ତ ବିଷୟ ଚିନ୍ତନରେ ମନକୁ ମୌନ ରଖିବା, ମନ ସମ୍ବନ୍ଧିତ ତପ ଅଟେ । ମନ ବାଣୀ ଏବଂ ଶରୀର ତିନୋଟିକୁ ମିଶାଇ ପରମାତ୍ମାଙ୍କ ନିମନ୍ତେ ତପାଇବା ହିଁ ସାତ୍ତ୍ୱିକ ତପ ଅଟେ । ରାଜସ ତପରେ କାମନାମାନଙ୍କ ସହିତ ସେହି ତପକୁ କରାଯାଇଥାଏ । ଯେବେ କି ତାମସିକ ତପ, ଶାସ୍ତ୍ରବିଧିରୁ ରହିତ ସ୍ୱେଚ୍ଛାଚାର ଅଟେ । କର୍ତ୍ତବ୍ୟ ମାନି ଦେଶ, କାଳ ଏବଂ ପାତ୍ର ବିଚାର କରି ଶ୍ରଦ୍ଧା ପୂର୍ବକ ଦେଉଥିବା ଦାନ ହିଁ ସାତ୍ତ୍ୱି ତପ ଅଟେ । କୌଣସି ଲାଭ ନିମନ୍ତେ ଲୋଭରେ କଠିନତାରେ ଦେଉଥିବା ଦାନ ହିଁ ରାଜସିକ ଅଟେ ଏବଂ ନିରାଦର ପୂର୍ବକ କୁପାତ୍ରକୁ ଦେଉଥିବା ଦାନ ତାମସିକ ଅଟେ ।

ଓଁ ତତ୍ ସତ୍ ର ସ୍ୱରୂପକୁ ନେଇ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ ଯେ, ଏହି ନାମ ପରମାତ୍ମାଙ୍କ ସ୍ମୃତି ଦେଉଥାଏ । ଶାସ୍ତ୍ରବିଧି ଦ୍ୱାରା ନିର୍ଦ୍ଧାରିତ ତପ, ଦାନ ଓ ଯଜ୍ଞ ପ୍ରାରମ୍ଭ କରିବାରେ ଓଁ ର ପ୍ରୟୋଗ ହୋଇଥାଏ ଏବଂ ପୂର୍ତ୍ତି ସମୟରେ ହିଁ ଓଁ ପିଣ୍ଡ ଛାଡ଼ିଥାଏ । ତତ୍ ଶବ୍ଦର ଅର୍ଥ ହେଉଛି ସେହି ପରମାତ୍ମା, ତାହାଙ୍କ ପ୍ରତି ସମର୍ପିତ ହେଲେ ହିଁ ସେହି କର୍ମ ହୋଇଥାଏ ଏବଂ ଯେବେ କର୍ମ ଧାରାବାହୀ ହେବାରେ ଲାଗିବ, ତେବେ ସତ୍ ଶବ୍ଦର ପ୍ରୟୋଗ ହୋଇଥାଏ । ଭଜନ ହିଁ ସତ୍ ଅଟେ । ସତ୍ ପ୍ରତି ଭାବ

ଏବଂ ସାଧୁଭାବରେ ହିଁ ସତ୍ ଶବ୍ଦର ପ୍ରୟୋଗ କରାଯାଇଥାଏ । ପରମାତ୍ମାଙ୍କ ପ୍ରାପ୍ତି କରାଇ ଦେଉଥିବା କର୍ମ, ଯଜ୍ଞ, ଦାନ ଓ ତପର ପରିଣାମରେ ମଧ୍ଯ ସତ୍ ଶବ୍ଦ ପ୍ରୟୋଗ ହୋଇଥାଏ ଏବଂ ପରମାତ୍ମାରେ ପ୍ରବେଶ ଦେଉଥିବା କର୍ମ ନିଶ୍ଚୟ ପୂର୍ବକ ସତ୍ ଅଟେ । କିନ୍ତୁ ସେହି ସମସ୍ତଙ୍କ ପ୍ରତି ଶ୍ରଦ୍ଧା ଆବଶ୍ୟକ ଅଟେ । ଅଶ୍ରଦ୍ଧାରେ କରୁଥିବା କର୍ମ, ଦେଉଥିବା ଦାନ, ତପା ଯାଉଥିବା ତପ, ନା ଏହି ଜନ୍ମରେ ଲାଭ ଦାୟକ ହୋଇଥାଏ, ନା ଆସନ୍ତା ଜନ୍ମରେ ହିଁ ହୋଇଥାଏ । ଅତଃ ଅନନ୍ୟ ଶ୍ରଦ୍ଧା ଅପରିହାର୍ଯ୍ୟ ଅଟେ ।

ସମ୍ପୂର୍ଣ୍ଣ ଅଧ୍ୟାୟରେ ଶ୍ରଦ୍ଧା ଉପରେ ପ୍ରକାଶ କରାଯାଇଛି ଏବଂ ଶେଷରେ ଓଁ ତତ୍ ସତ୍ ର ବିଷଦ ବାଖ୍ୟା ପ୍ରସ୍ତୁତ କରାଯାଇଛି । ଯାହାକି ଗୀତାର ଶ୍ଲୋକରେ ପ୍ରଥମ ଥର ଆସିଛି । –ଅତଃ

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ଓଁ ତତ୍‌ସତ୍ ଶ୍ରଦ୍ଧାତ୍ରୟ ବିଭାଗ ଯୋଗୋ' ନାମ ସପ୍ତଦଶୋଽଧ୍ୟାୟଃ ॥୧୭॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବତ୍ ଗୀତା ରୂପୀ ଉପନିଷେଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ଓଁ ତତ୍‌ସତ୍ ଶ୍ରଦ୍ଧାତ୍ରୟ ବିଭାଗ ଯୋଗ' ନାମକ ସପ୍ତଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍‌ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ଓଁ ତତ୍‌ସତ୍ ଶ୍ରଦ୍ଧାତ୍ରୟ ବିଭାଗ ଯୋଗୋ' ନାମ ସପ୍ତଦଶୋଽଧ୍ୟାୟଃ ॥୧୭॥**

**॥ ହରି ଓଁ ତତ୍‌ସତ୍ ॥**

ॐ

## ଶ୍ରୀ ପରମାତ୍ମନେ ନମଃ

# ଅଥ ଅଷ୍ଟାଦଶୋଽଧ୍ୟାୟଃ

ଏହା ଗୀତାର ଅନ୍ତିମ ଅଧ୍ୟାୟ ଅଟେ । ଯାହାର ପୂର୍ବାର୍ଦ୍ଧ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଦ୍ୱାରା ଅନେକ ପ୍ରଶ୍ନର ସମାଧାନ ହୋଇ ସାରିଛି ତଥା ଉତ୍ତରାର୍ଦ୍ଧରେ ଗୀତାର ଉପସଂହାର ରହିଛି ଯେ, ଗୀତାରୁ ଲାଭ କ'ଣ ? ସପ୍ତଦଶ ଅଧ୍ୟାୟରେ ଆହାର, ତପ, ଯଜ୍ଞ, ଦାନ ତଥା ଶ୍ରଦ୍ଧାର ବିଭାଗ ସହିତ ସ୍ୱରୂପକୁ କହିଲେ । ସେହି ସନ୍ଦର୍ଭରେ ତ୍ୟାଗର ପ୍ରକାର ଶେଷ ରହିଛି । ମନୁଷ୍ୟ ଯାହାକିଛି କରିଥାଏ, ସେଥିରେ କାରଣ କିଏ ? କିଏ କରିଥାଏ ? ଭଗବାନ କରାଉଥାନ୍ତି ଅଥବା ପ୍ରକୃତି । ଏହିପ୍ରଶ୍ନ ପ୍ରଥମରୁ ପ୍ରାରମ୍ଭ ହୋଇଥିଲା । ଯାହା ଉପରେ ଏହି ଅଧ୍ୟାୟରେ ପୁନଃ ପ୍ରକାଶିତ କରାଗଲା । ଏହିପରି ବର୍ଣ୍ଣ ବ୍ୟବସ୍ଥାର ଚର୍ଚ୍ଚା ହୋଇଥିଲା । ସୃଷ୍ଟିରେ ତାହାର ସ୍ୱରୂପର ବିଶ୍ଳେଷଣ ଏହି ଅଧ୍ୟାୟରେ ହୋଇଛି । ଶେଷରେ ଗୀତାରୁ ପ୍ରାପ୍ତ ହୋଇଥିବା ବିଭୂତିମାଙ୍କରେ ପ୍ରକାଶ କରାଯାଇଛି, ଗତ ଅଧ୍ୟାୟରେ ଅନେକ ପ୍ରକାରର ବିଭାଜନକୁ ଶୁଣି ଅର୍ଜୁନ ସ୍ୱୟଂ ଗୋଟିଏ ପ୍ରଶ୍ନ ରଖିଥିଲେ ଯେ, ତ୍ୟାଗ ଏବଂ ସନ୍ନ୍ୟାସକୁ ମଧ୍ୟ ବିଭାଗ ସହିତ କୁହନ୍ତୁ–

**ଅର୍ଜୁନ ଉବାଚ**

**ସଂନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।**
**ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍କେଶିନିଷୂଦନ ॥୧॥**

ଅର୍ଜୁନ କହିଲେ, ହେ ମହାବାହୋ ! ହେ ହୃଦୟରସର୍ବସ୍ୱ ! ହେ କେଶିନିସୂଦନ ! ମୁଁ ସନ୍ନ୍ୟାସ ଏବଂ ତ୍ୟାଗର ଯଥାର୍ଥ ସ୍ୱରୂପକୁ ପୃଥକ୍ ପୃଥକ୍ ଜାଣିବାକୁ ଚାହୁଁଛି । ପୂର୍ଣ୍ଣତ୍ୟାଗ ହିଁ ସନ୍ନ୍ୟାସ ଅଟେ । ଯେଉଁଠାରେ ସଙ୍କଳ୍ପ ଏବଂ ସଂସ୍କାରର ମଧ୍ୟ ସମାପନ ହୋଇଥାଏ ଏବଂ ଏହାପୂର୍ବରୁ ସାଧାନାର ପୂର୍ତ୍ତି ନିମନ୍ତେ ଉତ୍ତରୋତ୍ତର ଆସକ୍ତିର ଅଭାବ ହିଁ ତ୍ୟାଗ ଅଟେ । ଏଠାରେ ଦୁଇଟି ପ୍ରଶ୍ନ ରହିଛି । ପ୍ରଥମତଃ ସନ୍ନ୍ୟାସୀର ତତ୍ତ୍ୱକୁ ଜାଣିବାକୁ ଚାହୁଁଛି । ଦ୍ୱିତୀୟତଃ ତ୍ୟାଗର ତତ୍ତ୍ୱକୁ ଜାଣିବାକୁ ଚାହୁଁଛି । ଏହା ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପୁନଃ କହିଲେ ।

**ଶ୍ରୀଭଗବାନୁବାଚ**

**କାମ୍ୟାନାଂ କର୍ମଣାଂ ନ୍ୟାସଂ ସଂନ୍ୟାସଂ କବୟୋ ବିଦୁଃ ।**
**ସର୍ବକର୍ମଫଲତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ॥୨॥**

ହେ ଅର୍ଜୁନ ! କେତେକ ପଣ୍ଡିତ କାମ୍ୟକର୍ମର ତ୍ୟାଗକୁ ସନ୍ୟାସ କହିଥାନ୍ତି ଏବଂ କେତେକ ବିଚାର କୁଶଳ ପୁରୁଷ ସମସ୍ତ ପ୍ରକାର କର୍ମ ଫଳର ତ୍ୟାଗକୁ 'ତ୍ୟାଗ' କହିଥାନ୍ତି ।

**ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ ।**
**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ ।।୩।।**

କେହି ବିଦ୍ୱାନ ଏପରି କହିଥାନ୍ତି ଯେ, ସମ୍ପୂର୍ଣ୍ଣ କର୍ମ ଦୋଷଯୁକ୍ତ ଅଟେ । ଅତଃ ତ୍ୟାଗ କରିବା ଯୋଗ୍ୟ ଏବଂ ଅନ୍ୟ ବିଦ୍ୱାନ ଏପରି କହନ୍ତି ଯେ, ଯଜ୍ଞ, ଦାନ ଓ ତପ ତ୍ୟାଗ କରିବା ଯୋଗ୍ୟ ନୁହଁ । ଏହା ଉପରେ ଅନେକ ମତ ପ୍ରକାଶ କରି ଯୋଗେଶ୍ୱର ନିଜର ମଧ୍ୟ ମତ ଦେଉଛନ୍ତି ।

**ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ।**
**ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସଂପ୍ରକୀର୍ତ୍ତିତଃ ।।୪।।**

ହେ ଅର୍ଜୁନ ! ସେହି ତ୍ୟାଗ ବିଷୟରେ ତୁମେ ମୋର ନିଶ୍ଚିତ ମତ ଶୁଣ । ହେ ପୁରୁଷଶ୍ରେଷ୍ଠ ! ସେହି ତ୍ୟାଗ ତିନି ପ୍ରକାରର କୁହାଯାଇଛି ।

**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।**
**ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ।।୫।।**

ଯଜ୍ଞ, ଦାନ ଓ ତପ ଏହି ତିନିପ୍ରକାରର କର୍ମ ତ୍ୟାଗ କରିବା ଯୋଗ୍ୟ ନୁହଁ, ଏହାକୁ କରିବା ହିଁ ଉଚିତ । କାରଣ ଯଜ୍ଞ, ଦାନ ଓ ତପ ଏହି ତିନୋଟିଯାକ ପୁରୁଷଙ୍କୁ ପାବନ କରିଥାଏ । ଶ୍ରୀକୃଷ୍ଣ ଚାରୋଟି ପ୍ରଚଳିତ ମତକୁ ଉଲ୍ଲେଖ କଲେ । ପ୍ରଥମେ କାମ୍ୟକର୍ମର ତ୍ୟାଗ, ଦ୍ୱିତୀୟରେ ସମ୍ପୂର୍ଣ୍ଣ କର୍ମଫଳ ତ୍ୟାଗ, ତୃତୀୟରେ ଦୋଷଯୁକ୍ତ ହେବା ଯୋଗୁଁ ସମ୍ପୂର୍ଣ୍ଣ କର୍ମର ତ୍ୟାଗ ଏବଂ ପରିଶେଷରେ ଯଜ୍ଞ, ଦାନ ଓ ତପ ତ୍ୟାଗ କରିବା ଯୋଗ୍ୟ ନୁହେଁ । ଏଥିରୁ ଗୋଟିଏ ମତକୁ ନିଜର ସହମତି ପ୍ରକାଶ କରି କହିଲେ– ହେ ଅର୍ଜୁନ ! ମୋର ମଧ୍ୟ ଏହା ନିଶ୍ଚିତମ ଯେ, ଯଜ୍ଞ ଦାନ ଓ ତପରୂପୀ କ୍ରିୟା ତ୍ୟାଗ କରିବା ଯୋଗ୍ୟ ନୁହଁ । ଏଥିରୁ ସିଦ୍ଧ ହେଉଛି ଯେ, କୃଷ୍ଣଙ୍କ କାଳରେ ମଧ୍ୟ ବିଭିନ୍ନ ମତ ମତ୍ତାନ୍ତର ପ୍ରଚଳିତ ଥିଲା । ଯେଉଁଥିରୁ ଗୋଟିଏ ହିଁ ଯଥାର୍ଥ ଥିଲା । ସେହିକାଳରେ ମଧ୍ୟ ବହୁତ ମତ ରହିଥିଲା ଏବଂ ଆଜି ମଧ୍ୟ ବହୁତ ମତ ରହିଛି । ମହାପୁରୁଷ ଯେତେବେଳେ ଦୁନିଆକୁ ଆସିଥାନ୍ତି, ସେତେବେଳେ ଅନେକ ମତ ମତାନ୍ତର ମଧ୍ୟରୁ ଗୋଟିଏ କଲ୍ୟାଣକାରୀ ମତକୁ ବାହାର କରି ସାମନାରେ ରଖିଥାନ୍ତି । ପ୍ରତ୍ୟେକ ମହାପୁରୁଷ ମଧ୍ୟ ଏହା ହିଁ କରନ୍ତି । ଶ୍ରୀକୃଷ୍ଣ ମଧ୍ୟ ଏହା ହିଁ କରିଥିଲେ । ସେ କୌଣସି ନୂଆମାର୍ଗ କହିନଥିଲେ ବରଂ ପ୍ରଚଳିତ ଅନେକ ପ୍ରକାର ମତ ମଧ୍ୟରୁ ଗୋଟିଏ

ଯଥାର୍ଥ ସତ୍ୟକୁ ସମର୍ଥନ ଦେଇ ତାହାକୁ ସ୍ପଷ୍ଟ କଲେ ।

**ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଲାନି ଚ ।**
**କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ॥୬॥**

ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି, ହେ ପାର୍ଥ ! ଯଜ୍ଞ, ଦାନ ଓ ତପ ରୂପୀ କର୍ମ ଆସକ୍ତି ଏବଂ ଫଳକୁ ଅବଶ୍ୟ ତ୍ୟାଗ କରିବା ଉଚିତ । ଏହା ମୋର ନିଶ୍ଚିତ କରିଥିବା ଉତ୍ତମ ମତ ଅଟେ । ବର୍ତ୍ତମାନ ଅର୍ଜୁନଙ୍କ ପ୍ରଶ୍ନାନୁସାରେ ସେ ତ୍ୟାଗର ବିଶ୍ଳେଷଣ କରୁଛନ୍ତି ।

**ନିୟତସ୍ୟ ତୁ ସଂନ୍ୟାସଃ କର୍ମଣୋ ନୋପପଦ୍ୟତେ ।**
**ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ॥୭॥**

ହେ ଅର୍ଜୁନ ! ନିୟତକର୍ମ (ଶ୍ରୀକୃଷ୍ଣଙ୍କ ଶବ୍ଦରେ ନିୟତ କର୍ମ ଗୋଟିଏ ହିଁ ଅଟେ, ଯଜ୍ଞର ପ୍ରକ୍ରିୟା । ଏହି ନିୟତ ଶବ୍ଦକୁ ୮/୧୦ ଥର ଯୋଗେଶ୍ୱର କହିଲେ । ଏହାକୁ ବାରମ୍ବାର ନେଲେ ଯେ, କେଉଁଠାରେ ସାଧକ ଭ୍ରମରେ ପଡ଼ି ଅନ୍ୟ କିଛି କରିବାରେ ନ ଲାଗନ୍ତୁ) ଏହି ଶାସ୍ତ୍ର-ବିଧି ଅନୁସାରେ ନିର୍ଦ୍ଧାରିତ କର୍ମ ତ୍ୟାଗ କରିବା ଅନୁଚିତ । ମୋହ ଦ୍ୱାରା ତାହାକୁ ତ୍ୟାଗ କରିବା ତାମସ ତ୍ୟାଗ କୁହାଗଲା । ସାଂସାରିକ ବିଷୟ ବସ୍ତୁର ଆସକ୍ତିରେ ବାନ୍ଧିହୋଇ କାର୍ଯ୍ୟଂକର୍ମ (କାର୍ଯ୍ୟମ୍ କର୍ମ, ନିୟତ କର୍ମ ପରସ୍ପର ପରିପୂରକ ଅଟେ ।) ତ୍ୟାଗ କରିବା ତାମସିକ ଅଟେ । ଏପରି ପୁରୁଷ ଅଧଃ ଗଚ୍ଛତି- କୀଟ ପତଙ୍ଗ ପର୍ଯ୍ୟନ୍ତ ଅଧମ ଯୋନିରେ ଯାଇଥାଏ । କାରଣ ସେ ଭଜନ ପ୍ରବୃତିକୁ ତ୍ୟାଗ କରିଦେଲା । ବର୍ତ୍ତମାନ ରାଜସିକ ତ୍ୟଗ ବିଷୟରେ କହୁଛନ୍ତି-

**ଦୁଃଖମିତ୍ୟେବ ଯତ୍କର୍ମ କାୟକ୍ଲେଶଭୟାତ୍ତ୍ୟଜେତ୍ ।**
**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥୮॥**

କର୍ମକୁ ଦୁଃଖମୟ ବିଚାରକରି ଶାରୀରିକ କ୍ଲେଶର ଭୟରେ ତାହାକୁ ତ୍ୟାଗ କରୁଥିବା ବ୍ୟକ୍ତି, ରାଜସିକ ତ୍ୟାଗ କରି ମଧ୍ୟ ତ୍ୟାଗର ଫଳକୁ ପ୍ରାପ୍ତ ହୋଇନଥାଏ । ଯେଉଁଥିରେ ଭଜନ ପାର ନ ଲାଗିବ **'କାୟକ୍ଲେଶଭୟାତ୍'**- ଶାରୀରିକ କଷ୍ଟକୁ ଭୟକରି କର୍ମକୁ ତ୍ୟାଗ କରିବା ରାଜସିକ ତ୍ୟାଗ ଅଟେ । ତାହାକୁ ତ୍ୟାଗର ଫଳ ସ୍ୱରୂପ ପରମଶାନ୍ତି ପ୍ରାପ୍ତ ହୋଇନଥାଏ ତଥା-

**କାର୍ଯ୍ୟମିତ୍ୟେବ ଯତ୍କର୍ମ ନିୟତଂ କ୍ରିୟତେଽର୍ଜୁନ ।**
**ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥୯॥**

ହେ ଅର୍ଜୁନ ! କରିବା କର୍ତ୍ତବ୍ୟ ଅଟେ, ଏପରି ବିଚାର କରି ଯେଉଁମାନେ **ନିୟତଂ-** ଶାସ୍ତ୍ରବିଧିରେ ନିର୍ଦ୍ଧାରିତ କରାଯାଇଥିବା କର୍ମ ସଙ୍ଗଦୋଷ ଏବଂ ଫଳକୁ

ତ୍ୟାଗ କରି କର୍ମ କରିଥାନ୍ତି, ତାହା ହିଁ ସାତ୍ତ୍ୱିକ ତ୍ୟାଗ ଅଟେ । ଅତଃ ନିୟତ କର୍ମ କର ଏବଂ ଏହା ବ୍ୟତୀତ ଯାହାକିଛି ରହିଛି ତାହାର ତ୍ୟାଗ କରିଦିଅ । ଏହି ନିୟତ କର୍ମ ମଧ୍ୟ କ'ଣ ଏପରି କରି ଚାଲିଥିବା ଅଥବା ଏହାର ମଧ୍ୟ କେବେ ତ୍ୟାଗ ହେବ ? ବର୍ତ୍ତମାନ ଅନ୍ତିମ ତ୍ୟାଗ ବିଷୟରେ କହୁଛନ୍ତି –

**ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ ।**
**ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ॥୧୦॥**

ହେ ଅର୍ଜୁନ ! ଯେଉଁ ପୁରୁଷ ଅକୁଶଳଂ କର୍ମ– ଅର୍ଥାତ୍ ଅକଲ୍ୟାଣକାରୀ କର୍ମରେ(ଶାସ୍ତ୍ରବିଧି କର୍ମ ହିଁ କଲ୍ୟାଣକାରୀ ଅଟେ । ଏହାର ବିରୋଧରେ ଯାହାକିଛି ରହିଛି, ତାହା ଏହି ଲୋକର ବନ୍ଧନ ମାତ୍ର । ତେଣୁକରି ଅକଲ୍ୟାଣକାରୀ ଅଟେ । ଏପରିକର୍ମ ଦ୍ୱାରା) କୁ କରିନଥାଏ ଏବଂ କଲ୍ୟାଣକାରୀ କର୍ମରେ ଆସକ୍ତ ହୋଇନଥାଏ । ଯାହା କରିବା ବାକିଥିଲା, ତାହା ମଧ୍ୟ ଶେଷ ନାହିଁ । ଏପରି ତତ୍ତ୍ୱ ଦ୍ୱାରା ସଂଯୁକ୍ତ ପୁରୁଷ ସଂଶୟ ରହିତ, ଜ୍ଞାନବାନ ଓ ତ୍ୟାଗୀ ଅଟେ । ସେ ସବୁକିଛି ତ୍ୟାଗ କରିଛି କିନ୍ତୁ ପ୍ରାପ୍ତି ସହିତ ସେହି ପୂର୍ଣ୍ଣ ତ୍ୟାଗ ହିଁ ସନ୍ୟାସ ଅଟେ । ଏହାଠାରୁ ମଧ୍ୟ ଅନ୍ୟ କେଉଁ ସରଳ ରାସ୍ତା ଥାଇପାରେ ? ଏହା ଉପରେ କହୁଛନ୍ତି ଯେ, ଅନ୍ୟ କୌଣସି ଉପାୟ ନାହିଁ ।

**ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।**
**ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ॥୧୧॥**

ଦେହଧାରୀ ପୁରୁଷମାନଙ୍କ ଦ୍ୱାରା (କେବଳ ଶରୀର ହିଁ ନୁହେଁ, ଯାହାକୁ ଆପଣ ଦେଖୁଛନ୍ତି, ଶ୍ରୀକୃଷ୍ଣଙ୍କ ଅନୁସାରେ ପ୍ରକୃତିରୁ ଉତ୍ପନ୍ନ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣ ହିଁ ଏହି ଜୀବାତ୍ମାକୁ ଶରୀରରେ ବାନ୍ଧିଥାନ୍ତି । ଯେଉଁ ପର୍ଯ୍ୟନ୍ତ ଗୁଣ ଜୀବିତ ଅଛନ୍ତି, ସେ ପର୍ଯ୍ୟନ୍ତ ସେ ଶରୀରଧାରୀ ହିଁ ଅଟେ । ଯେକୌଣସି ରୂପରେ ଶରୀର ତ ପରିବର୍ତ୍ତନ ହୋଇଚାଲିଥିବ । ଦେହର କାରଣ ଯେଉଁ ପର୍ଯ୍ୟନ୍ତ ଜୀବିତ ରହିଥାଏ) ଏହି ପୁରୁଷଙ୍କ ଦ୍ୱାରା ସମ୍ପୂର୍ଣ୍ଣତଃ କର୍ମର ତ୍ୟାଗ ସମ୍ଭବ ନୁହେଁ । ତେଣୁକରି ଯେଉଁ ପୁରୁଷ କର୍ମଫଳ ତ୍ୟାଗ କରିଥାଏ, ସେ ହିଁ ଯଥାର୍ଥ ତ୍ୟାଗୀ, ଏପରି କୁହାଯାଇଛି । ଅତଃ ଯେଉଁ ପର୍ଯ୍ୟନ୍ତ ଶରୀରର କାରଣ ଜୀବିତ ରହିଛି, ସେ ପର୍ଯ୍ୟନ୍ତ ନିୟତ କର୍ମ କରିବା ବିଧେୟ ଏବଂ ତାହାର ଫଳ ତ୍ୟାଗ କରିବା ଉଚିତ । ଏହା ବଦଳରେ କୌଣସି ଫଳ କାମନା ନ ରଖନ୍ତୁ । ସେହିପରି ସକାମୀ ପୁରୁଷଙ୍କ କର୍ମର ଫଳ ମଧ୍ୟ ହୋଇଥାଏ ।

**ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଳମ୍ ।**
**ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସଂନ୍ୟାସିନାଂ କ୍ୱଚିତ୍ ॥୧୨॥**

ସକାମୀ ପୁରୁଷଙ୍କ ଭଲ, ମନ୍ଦ ଏବଂ ମିଶ୍ରିତ ଏପରି ତିନି ପ୍ରକାରର କର୍ମଫଳ

ମତ୍ତ୍ୟ ପରେ ମଧ୍ୟ ରହିଥାଏ । ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ମିଳିଥାଏ । କିନ୍ତୁ ସଂନ୍ୟାସିନାମ୍ ସର୍ବସ୍ୱ ନ୍ୟାସ କରିଥିବା ପୂର୍ଣ୍ଣ ତ୍ୟାଗୀ ପୁରୁଷଙ୍କ କର୍ମଫଳ କୌଣସି କାଳରେ ମଧ୍ୟ ହୋଇନଥାଏ । ଏହାହିଁ ଶୁଦ୍ଧ ସନ୍ୟାସ ଅଟେ । ସନ୍ୟାସ ଗୋଟିଏ ଚରମ ଉତ୍କୃଷ୍ଟ ଅବସ୍ଥା । ଭଲ ଓ ମନ୍ଦ କର୍ମରଫଳ ତଥା ପୂର୍ଣ୍ଣ ନ୍ୟାସକାଳରେ ତାହାଙ୍କ ଅନ୍ତ'ର ପ୍ରଶ୍ନ ପୁରା ହେଲା । ବର୍ତ୍ତମାନ ପୁରୁଷଙ୍କ ଦ୍ୱାରା ଶୁଭ ଅଥବା ଅଶୁଭ କର୍ମ ହେବାରେ କାରଣ କ'ଣ ? ଏହା ଉପରେ ଦେଖିବା–

**ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।**
**ସାଂଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ॥୧୩॥**

ହେ ମହାବାହୋ ! ସମ୍ପୂର୍ଣ୍ଣ କର୍ମର ସିଦ୍ଧି ନିମନ୍ତେ ପାଞ୍ଚୋଟି କାରଣ ସାଂଖ୍ୟ ସିଦ୍ଧାନ୍ତରେ କୁହାଯାଇଛି । ତାହାକୁ ତୁମେ ମୋଠାରୁ ଭଲରୂପେ ଶୁଣ ।

**ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।**
**ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥୧୪॥**

ଏହି ବିଷୟରେ କର୍ତ୍ତା (ମନ) ପୃଥକ୍ ପୃଥକ୍ କରଣ (ଯାହା ଦ୍ୱାରା କରାଯାଇଥାଏ, ଯଦି ଶୁଭକର୍ମ ହୋଇଥାଏ, ତେବେ ବିବେକ, ବୈରାଗ୍ୟ, ଶମ, ଦମ, ତ୍ୟାଗ, ଅନବରତ ଚିନ୍ତନ ଆଦିର ପ୍ରବୃତ୍ତିସବୁ କରଣ ହେବେ । ଯଦି ଅଶୁଭ କର୍ମ ହୋଇଥାଏ ତେବେ କାମ, କ୍ରୋଧ, ରାଗ, ଦ୍ୱେଷ, ଲିପ୍‌ସା ଆଦି କରଣ ହେବେ । ଏମାନଙ୍କ ଦ୍ୱାରା ପ୍ରେରିତ ହେବେ ।) ନାନା ପ୍ରକାରର ଚେଷ୍ଟା ଅର୍ଥାତ୍ ଅନନ୍ତ ଇଛା, ଆଧାର ଅର୍ଥାତ୍ ସାଧନ ଯେଉଁ ଇଛା ସହିତ ପ୍ରାପ୍ତ ହୋଇ ତାହାର ପୂର୍ଣ୍ଣତା ମିଳିଥାଏ ଏବଂ ପଞ୍ଚମ କରଣ ହେଉଛି ଦୈବ ଅଥବା ସଂସ୍କାର ଏହାର ପୁଷ୍ଟି କରିଥାନ୍ତି ।

**ଶରୀରବାଙ୍ମନୋଭିର୍ୟତ୍ କର୍ମ ପ୍ରାରଭତେ ନରଃ ।**
**ନ୍ୟାୟ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ॥୧୫॥**

ମନୁଷ୍ୟ ମନ, ବାଣୀ ଓ ଶରୀର ଦ୍ୱାରା ଶାସ୍ତ୍ରାନୁସାରେ ଅଥବା ବିପରିତ ଯାହା କିଛି କର୍ମ ପ୍ରାରମ୍ଭ ହୋଇଥାଏ, ତାହାର ଏହି ପାଞ୍ଚୋଟି ହିଁ କାରଣ ରହିଛି । ପରନ୍ତୁ ଏପରି ହେବା ପରେ ମଧ୍ୟ–

**ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଳଂ ତୁ ଯଃ ।**
**ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ॥୧୬॥**

ଯେଉଁ ପୁରୁଷ ଅଶୁଭ ବୁଦ୍ଧି ଯୋଗୁଁ ସେହି ବିଷୟରେ କୈବଲ୍ୟ ସ୍ୱରୂପ ଆତ୍ମାକୁ କର୍ତ୍ତା ଦେଖୁଥାଏ । ସେହି ଦୁର୍ବୁଦ୍ଧି ପୁରୁଷ ଯଥାର୍ଥକୁ ଦେଖୁନଥାଏ, ଅର୍ଥାତ୍ ଭଗବାନ କରିନଥାନ୍ତି । ଏହି ପ୍ରଶ୍ନ ଉପରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଦ୍ୱିତୀୟଥର

କହିଲେ, ପଞ୍ଚମ ଅଧ୍ୟାୟରେ ସେ କହିଥିଲେ ଯେ, ସେହି ପ୍ରଭୁ ନା ଥକରିଥାନ୍ତି ନା କରାଇଥାନ୍ତି, ନା କ୍ରିୟାର ସଂଯୋଗ ହିଁ ଯୋଡ଼ିଥାନ୍ତି, ତେବେ ଲୋକେ କାହିଁକି କହନ୍ତି ? ମୋହ ଦ୍ୱାରା ଲୋକଙ୍କ ବୁଦ୍ଧି ଆବୃତ୍ତ ରହିଥାଏ, ତେଣୁକରି ସେମାନେ କିଛି ନା କିଛି କହିଥାନ୍ତି । ଏଠାରେ ମଧ୍ୟ କହୁଛନ୍ତି ଯେ, କର୍ମ ହେବାରେ ପାଞ୍ଚୋଟି କାରଣ ରହିଛି । ଏହା ସତ୍ତ୍ୱେ ଯିଏ କୈବଲ୍ୟ ସ୍ୱରୂପ ଆତ୍ମାକୁ କର୍ତ୍ତା ଦେଖୁଥାଏ । ସେହି ମୂଢ ବୁଦ୍ଧି, ଦୁର୍ବୁଦ୍ଧି ପୁରୁଷ ଯଥାର୍ଥକୁ ଦେଖି ପାରିନଥାଏ । ଅର୍ଥାତ୍ ଭଗବାନ କରିନଥାନ୍ତି ବରଂ ଅର୍ଜୁନଙ୍କ ନିମନ୍ତେ ଶ୍ରୀକୃଷ୍ଣ କର୍ତ୍ତା ରୂପରେ ଠିଆ ହୋଇଯାଆନ୍ତି । **ନିମିତ୍ତ ମାତ୍ର ଭବ**– ଅର୍ଥାତ୍ କର୍ତ୍ତା-ଧର୍ତ୍ତା ମୁଁ ଅଟେ । ତୁମେ ନିମିତ୍ତ ହୋଇ କେବଳ ଉପସ୍ଥିତ ରୁହ । ଅନ୍ତତଃ ସେହି ମହାପୁରୁଷ କ'ଣ କହିବାକୁ ଚାହାଁନ୍ତି ?

ବସ୍ତୁତଃ ଭଗବାନ ଓ ପ୍ରକୃତି ମଧ୍ୟରେ ଗୋଟିଏ ଆକର୍ଷଣ ରେଖା ରହିଛି, ଯେଉଁ ପର୍ଯ୍ୟନ୍ତ ସାଧକ ପ୍ରକୃତିର ସୀମା ମଧ୍ୟରେ ରହିଥାଏ, ସେ ପର୍ଯ୍ୟନ୍ତ ଭଗବାନ କରିନଥାନ୍ତି, ସେ ବହୁତ ସମୀପରେ ରହି ମଧ୍ୟ ଦ୍ରଷ୍ଟା ରୂପରେ ହିଁ ରହିଥାନ୍ତି । ଅନନ୍ୟ ଭାବରେ ଇଷ୍ଟଙ୍କୁ ଧରିବା ପରେ ସେ ହୃଦୟ ଦେଶର ସଞ୍ଚାଳକ ହୋଇଯାଆନ୍ତି । ସାଧକ ପ୍ରକୃତିର ସୀମାରୁ ବାହାରି ଭଗବାନଙ୍କ କ୍ଷେତ୍ରକୁ ଆସିଯାଇଥାଏ । ଏପରି ଅନୁରାଗୀଙ୍କ ନିମନ୍ତେ ଭଗବାନ କର୍ତ୍ତା ଭାବରେ ସର୍ବଦା ଉପସ୍ଥିତ ରହିଥାନ୍ତି । କେବଳ ତାହାଙ୍କ ନିମନ୍ତେ ହିଁ ଭଗବାନ କରିଥାନ୍ତି । ଅତଃ ଚିନ୍ତନ କରନ୍ତୁ, ପ୍ରଶ୍ନ ପୁରା ହେଲା– ଆଗକୁ ଦେଖିବା–

**ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ୟସ୍ୟ ନ ଲିପ୍ୟତେ ।**
**ହତ୍ୱାପି ସ ଇମାଁଲ୍ଲୋକାନ୍ ନ ହନ୍ତି ନ ନିବଧ୍ୟତେ ॥୧୭॥**

ଯେଉଁ ପୁରୁଷଙ୍କ ଅନ୍ତଃକରଣରେ 'ମୁଁ କର୍ତ୍ତା' ଏପରି ଭାବ ନଥାଏ, ଅର୍ଥାତ୍ ଅକର୍ତ୍ତା ଭାବ ରହିଥାଏ ତଥା ଯାହାର ବୁଦ୍ଧି ଲିପ୍ତ ହୋଇନଥାଏ, ସେହି ଲୋକ ଏହି ସମସ୍ତଙ୍କୁ ମାରି ମଧ୍ୟ ବାସ୍ତବରେ ନା ମାରିଥାଏ, ନା ବାନ୍ଧି ହୋଇଥାଏ । ଲୋକସମ୍ବନ୍ଧି ସଂସ୍କାରର ବିଲୟ ହିଁ ଲୋକସଂହାର ଅଟେ । ବର୍ତ୍ତମାନ ସେହି ନିୟତ କର୍ମର ପ୍ରେରଣା କିପରି ହୋଇଥାଏ, ଦେଖିବା–

**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା ।**
**କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମସଂଗ୍ରହଃ ॥୧୮॥**

ହେ ଅର୍ଜୁନ ! ପରିଜ୍ଞାତା ଅର୍ଥାତ୍ ପୂର୍ଣ୍ଣଜ୍ଞାତା ମହାପୁରୁଷଙ୍କ ଦ୍ୱାରା **ଜ୍ଞାନମ୍**– ତାହାକୁ ଜାଣିବାର ବିଧି ଦ୍ୱାରା ଏବଂ **ଜ୍ଞେୟମ୍**–ଜାଣିବା ଯୋଗ୍ୟ ବସ୍ତୁ (ଶ୍ରୀକୃଷ୍ଣ ପୂର୍ବରୁ କହିଥିଲେ– ମୁଁ ହିଁ ଜ୍ଞେୟ ଅର୍ଥାତ୍ ଜାଣିବା ଯୋଗ୍ୟ ପଦାର୍ଥ ଅଟେ) ଦ୍ୱାରା

କର୍ମକରିବାକୁ ପ୍ରେରଣା ମିଳିଥାଏ । ପ୍ରଥମେ ତ ପୂର୍ଣ୍ଣଜ୍ଞାତା କୌଣସି ମହାପୁରୁଷ ହୋଇଥିବେ । ତାହାଙ୍କ ଦ୍ୱାରା ସେହି ଜ୍ଞାନକୁ ଜାଣିବା ବିଧି ପ୍ରାପ୍ତ ହେବ । ଲକ୍ଷ ଅର୍ଥାତ୍ ଜ୍ଞେୟରେ ଦୃଷ୍ଟିଥିଲେ, କର୍ମର ପ୍ରେରଣା ମିଳିଥାଏ ଏବଂ କର୍ତ୍ତା (ମନର ଲଗନ),କରଣ (ବିବେକ, ବୈରାଗ୍ୟ ,ଶମ, ଦମ ଇତ୍ୟାଦି) ତଥା କର୍ମର ଜାନକାରୀ ଦ୍ୱାରାହିଁ କର୍ମର ସଂଗ୍ରହ ହୋଇଥାଏ । କର୍ମ ସଂଚୟ ହେବାରେ ଲାଗିଥାଏ । ପୂର୍ବରୁ କୁହାଯାଇଥିଲା ଯେ, ପ୍ରାପ୍ତି ପରେ ସେହି ମହାପୁରୁଷଙ୍କ କର୍ମ କରିବାରେ ନା କୌଣସି ପ୍ରୟୋଜନ ହୋଇଥାଏ ଏବଂ ନା ତ୍ୟାଗ କରିବା ଦ୍ୱାରା ହାନି ହିଁ ହୋଇଥାଏ । ହେଲେ ମଧ୍ୟ ଲୋକ ସଂଗ୍ରହଃ– ଅର୍ଥାତ୍ ପଛରେ ଆସୁଥିବା ସାଧକଙ୍କ ହୃଦୟରେ କଲ୍ୟାଣକାରୀ ସାଧନ ସଂଗ୍ରହ ନିମନ୍ତେ ସେ କର୍ମରେ ପ୍ରବୃତ୍ତ ହୋଇଥାନ୍ତି । କର୍ତ୍ତା, କରଣ, ଏବଂ କର୍ମ ଦ୍ୱାରା ଏହାର ସଂଗ୍ରହ ହୋଇଥାଏ । ଜ୍ଞାନ, କର୍ମ ଏବଂ କର୍ତ୍ତାର ମଧ୍ୟ ତିନି ତିନି ପ୍ରକାର ଭେଦ ରହିଛି ।

**ଜ୍ଞାନଂ କର୍ମ ଚ କର୍ତ୍ତା ଚ ତ୍ରିଧୈବ ଗୁଣଭେଦତଃ ।**
**ପ୍ରୋଚ୍ୟତେ ଗୁଣସଂଖ୍ୟାନେ ଯଥାବଚ୍ଛୃଣୁ ତାନ୍ୟପି ॥୧୯॥**

ଜ୍ଞାନ, କର୍ମ ତଥା କର୍ତ୍ତା ମଧ୍ୟ ଗୁଣ ଭେଦ ଦ୍ୱାରା ସାଂଖ୍ୟା ଶାସ୍ତ୍ରରେ ତିନି ତିନି ପ୍ରକାରର କୁହାଯାଇଛି । ତାହାକୁ ମଧ୍ୟ ତୁମେ ଯଥାବତ୍ ଶୁଣ । ପ୍ରସ୍ତୁତ ହେଉଛି, ସର୍ବ ପ୍ରଥମେ ଜ୍ଞାନର ଭେଦ–

**ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ ।**
**ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ॥୨୦॥**

ହେ ଅର୍ଜୁନ ! ଯେଉଁ ଜ୍ଞାନ ଦ୍ୱାରା ମନୁଷ୍ୟ ପୃଥକ୍ ପୃଥକ୍ ସମ୍ପୂର୍ଣ୍ଣ ଭୂତରେ ଏକ ଅବିନାଶୀ ପରମାତ୍ମାଭାବକୁ ବିଭାଗ ରହିତ ଏକ ପ୍ରକାର ଦେଖୁଥାଏ । ସେହି ଜ୍ଞାନକୁ ତୁମେ ସାତ୍ତ୍ୱିକ ଜାଣ । ପ୍ରତ୍ୟକ୍ଷ ଅନୁଭୂତିର ନାମ ଜ୍ଞାନ ଅଟେ । ଯାହାର ପ୍ରାପ୍ତି ପରେ ହିଁ ଗୁଣର ଅନ୍ତ ହୋଇଥାଏ । ଏହା ଜ୍ଞାନର ପରିପକ୍ୱ ଅବସ୍ଥା ଅଟେ । ବର୍ତ୍ତମାନ ରାଜସ ଜ୍ଞାନକୁ ଦେଖିବା–

**ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ ପୃଥଗ୍‌ବିଧାନ୍ ।**
**ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ ॥୨୧॥**

ଯେଉଁ ଜ୍ଞାନ ସମ୍ପୂର୍ଣ୍ଣ ଭୂତରେ ବିଭିନ୍ନ ପ୍ରକାରରେ ଅନେକ ଭାବକୁ ଅଲଗା–ଅଲଗା କରି ଜଣାଯଏ ଯେ, ଏହା ଭଲ ଅଟେ, ଏହା ମନ୍ଦ ଅଟେ । ଏହି ଜ୍ଞାନକୁ ତୁମେ ରାଜସ ଜ୍ଞାନ ଜାଣ । ଏପରି ସ୍ଥିତି ଯଦି ରହିଛି, ତେବେ ରାଜସିକ ସ୍ତରରେ ତୁମର ଜ୍ଞାନ ରହିଛି । ବର୍ତ୍ତମାନ ଦେଖିବା ତାମସିକ ଜ୍ଞାନ –

**ଯତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ଯ୍ୟେ ସକ୍ତମହୈତୁକମ୍ ।**
**ଅତତ୍ତ୍ୱାର୍ଥବଦଳ୍ପଂ ଚ ତତ୍ତାମସମୁଦାହୃତମ୍ ॥୨୨॥**

ଯେଉଁ ଜ୍ଞାନ ଏକାମାତ୍ର ଶରୀରର ହିଁ ସମ୍ପୂର୍ଣ୍ଣତା ସଦୃଶ ଆସକ୍ତ । ଯୁକ୍ତି ରହିତ ଅର୍ଥାତ୍ ଯାହାର ପଛରେ କୌଣସି କ୍ରିୟା ନଥାଏ, ତତ୍ତ୍ୱର ଅର୍ଥ ସ୍ୱରୂପ ପରମାତ୍ମାଙ୍କ ଜାନକାରୀ ଦ୍ୱାରା ପୃଥକ୍ କରୁଥିବା ଏବଂ ତୁଚ୍ଛ ଅଟେ, ସେହି ଜ୍ଞାନକୁ ତାମସିକ ଜ୍ଞାନ କୁହାଯାଏ । ବର୍ତ୍ତମାନ ପ୍ରସ୍ତୁତ ହେଉଛି କର୍ମର ତିନୋଟି ଭେଦ–

**ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।**
**ଅଫଳପ୍ରେପ୍ସୁନା କର୍ମ ଯତ୍ତତ୍ସାତ୍ତ୍ୱିକମୁଚ୍ୟତେ ॥୨୩॥**

ଯେଉଁ କର୍ମ ନିୟତମ୍ ଶାସ୍ତ୍ରବିଧି ଦ୍ୱାରା ନିର୍ଦ୍ଧାରିତ ହୋଇଛି, ସଙ୍ଗ ଦୋଷ ଏବଂ ଫଳକୁ ନ ଚାହୁଁଥିବା ପୁରୁଷଦ୍ୱାରା ରାଗ, ଦ୍ୱେଷକୁ ତ୍ୟାଗ କରି କରାଯାଇଥାଏ, ସେହି କର୍ମକୁ ସାତ୍ତ୍ୱିକ କୁହାଯାଏ ।(ନିୟତ କର୍ମ ଅର୍ଥାତ୍ ଆରାଧନା, ଚିନ୍ତନ ଅଟେ, ଯାହା ପରମାତ୍ମାରେ ପ୍ରବେଶ ଦେଇଥାଏ ।)

**ଯତ୍ତୁ କାମେପ୍ସୁନା କର୍ମ ସାହଂ କାରେଣ ବା ପୁନଃ ।**
**କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ॥୨୪॥**

ଯେଉଁ କର୍ମ ଅତ୍ୟଧିକ ପରିଶ୍ରମ ଯୁକ୍ତ, ଫଳ ଇଚ୍ଛା ରଖି ଅହଂକାରଯୁକ୍ତ ପୁରୁଷଦ୍ୱାରା କରାଯାଇଥାଏ, ସେହି କର୍ମକୁ ରାଜସ କର୍ମ କୁହାଯାଏ । ଏହି ପୁରୁଷ ମଧ୍ୟ ସେହି ନିୟତ କର୍ମକୁ କରିଥାଏ । କିନ୍ତୁ ଅନ୍ତର କେବଳ ଏତିକି ହିଁ ହୋଇଥାଏ ଯେ, ଫଳର ଇଛା ଏବଂ ଅହଂକାର ଯୁକ୍ତ ଅଟେ । ତେଣୁ ଏହାଙ୍କ ଦ୍ୱାର ସମ୍ପାଦନ ହୋଇଥିବା କର୍ମକୁ ରାଜସ କର୍ମ କୁହାଯାଏ । ବର୍ତ୍ତମାନ ତାମସ କର୍ମକୁ ଦେଖିବା –

**ଅନୁବନ୍ଧଂ କ୍ଷୟଂ ହିଂସାମନବେକ୍ଷ୍ୟ ଚ ପୌରୁଷମ୍ ।**
**ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ ॥୨୫॥**

ଯେଉଁ କର୍ମ ଅନ୍ତତଃ ନଷ୍ଟ ହୋଇଯିବ, ହିଂସା ସାମର୍ଥ୍ୟକୁ ବିଚାର ନ କରି କେବଳ ମୋହ ବଶ ପ୍ରାରମ୍ଭ କରାଯାଇଥାଏ । ସେହି କର୍ମକୁ ତାମସ କୁହାଯାଇଥାଏ । ସ୍ପଷ୍ଟ ହେଉଛି ଯେ, ଏହି କର୍ମ ଶାସ୍ତ୍ର ନିର୍ଦ୍ଧାରିତ ନିୟତ କର୍ମ ନୁହେଁ । ତାହାର ସ୍ଥାନରେ କେବଳ ଭ୍ରାନ୍ତି ହିଁ ରହିଥାଏ । ବର୍ତ୍ତମାନ ଦେଖିବା କର୍ତ୍ତାଙ୍କ ଲକ୍ଷଣ –

**ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।**
**ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ॥୨୬॥**

ଯେଉଁ କର୍ମ ସଙ୍ଗ ଦୋଷରୁ ରହିତ ହୋଇ ଅହଂକାର ଯୁକ୍ତ ବଚନକୁ ନକହିବା ବ୍ୟକ୍ତି, ଧୈର୍ଯ୍ୟ ଏବଂ ଉତ୍ସାହ ଯୁକ୍ତ ବ୍ୟକ୍ତି, କାର୍ଯ୍ୟର ସିଦ୍ଧି ଓ ଅସିଦ୍ଧି

ହେବାରେ ହର୍ଷ ଶୋକାଦି ବିକାରମାନଙ୍କରୁ ସର୍ବଥା ରହିତ ହୋଇ କର୍ମରେ ଅହର୍ନିଶ ପ୍ରବୃତ୍ତ ହୋଇଥାଏ, ସେହି କର୍ତ୍ତାଙ୍କୁ ସାତ୍ତ୍ୱିକ କୁହାଯାଏ । ଏହା ହିଁ ଉତ୍ତମ ସାଧକର ଲକ୍ଷଣ । କର୍ମ ତାହା ଅଟେ, ଯାହାକି ନିୟତ କର୍ମ ।

**ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ ।**
**ହର୍ଷଶୋକାନ୍ୱିତଃ କର୍ତ୍ତା ରାଜସଃ ପରିକୀର୍ତ୍ତିତଃ ॥୨୭॥**

ଆସକ୍ତିଯୁକ୍ତ, କର୍ମ ଫଳକୁ ଚାହୁଁଥିବା, ଲୋଲୁପ, ଆତ୍ମାକୁ କଷ୍ଟ ଦେଉଥିବା, ଅପବିତ୍ର ଏବଂ ହର୍ଷ ଶୋକରେ ଯିଏ ଲିପ୍ତ ହୋଇଥାଏ, ସେହି କର୍ତ୍ତାଙ୍କୁ ରାଜସ କର୍ତ୍ତା କୁହାଯାଏ ।

**ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋଽନୈଷ୍କୃତିକୋଽଲସଃ ॥**
**ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତ୍ତା ତାମସ ଉଚ୍ୟତେ ॥୨୮॥**

ଯିଏକି ଚଞ୍ଚଳ ଚିତ୍ତଯୁକ୍ତ ପୁରୁଷ, ଅସଭ୍ୟ, ଘମଣ୍ଡି, ଧୂର୍ତ୍ତ ଅନ୍ୟମାନଙ୍କ କାର୍ଯ୍ୟରେ ବାଧା ଦେଉଥିବା ବ୍ୟକ୍ତି, ଶୋକ କରିବା ସ୍ୱଭାବଯୁକ୍ତ, ଆଳସୀ ଏବଂ ଦୀର୍ଘସୂତ୍ରୀ ଅର୍ଥାତ୍ ପରେ କରିବା କହି କଥାକୁ ଏଡ଼େଇ ଦେବା ପୁରୁଷ, ସେହି କର୍ତ୍ତାଙ୍କୁ ତାମସ କର୍ତ୍ତା କୁହାଯାଏ । ଦୀର୍ଘ ସୂତ୍ରୀ କର୍ମକୁ କାଲି କରିବା ବୋଲି କହିଥାଏ, ଯଦ୍ୟପି କର୍ମ କରିବା ଇଛା ତାହାଙ୍କ ଠାରେ ମଧ ରହିଥାଏ । ଏହିପରି କର୍ତ୍ତାଙ୍କ ଲକ୍ଷଣ ପୁରା ହେଲା । ବର୍ତ୍ତମାନ ଯୋଗେଶ୍ୱର ଶ୍ରୀକୃଷ୍ଣ ଗୋଟିଏ ନବୀନପ୍ରଶ୍ନ କରୁଛନ୍ତି– ବୁଦ୍ଧି, ଧାରଣା ଓ ସୁଖର ଲକ୍ଷଣକୁ କହୁଛନ୍ତି ।

**ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।**
**ପ୍ରୋଚ୍ୟମାନମଶେଷେଣ ପୃଥକ୍ତ୍ୱେନ ଧନଞ୍ଜୟ ॥୨୯॥**

ହେ ଧନଞ୍ଜୟ ! ବୁଦ୍ଧି ଏବଂ ଧାରଣା ଶକ୍ତି ମଧ ଗୁଣର ପ୍ରଭେଦରୁ ତିନି ପ୍ରକାର ଭେଦକୁ ସମ୍ପୂର୍ଣ୍ଣଭାବେ ବିଭାଗପୂର୍ବକ ମୋଠାରୁ ଶୁଣ ।

**ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ଯ୍ୟାକାର୍ଯ୍ୟେ ଭୟାଭୟେ ।**
**ବନ୍ଧଂମୋକ୍ଷଂ ଚ ୟା ବେତ୍ତି ବୁଦ୍ଧିଃ ସା ପାର୍ଥ ସାତ୍ତ୍ୱିକୀ ॥୩୦॥**

ହେ ପାର୍ଥ ! ପ୍ରବୃତ୍ତି ଓ ନିବୃତ୍ତକୁ, କର୍ତ୍ତବ୍ୟ ଏବଂ ଅକର୍ତ୍ତ୍ୟବ୍ୟକୁ, ଭୟ ଏବଂ ନିର୍ଭୟକୁ ତଥା ବନ୍ଧନ ଓ ମୋକ୍ଷକୁ ଯେଉଁ ବୁଦ୍ଧି ଯଥାର୍ଥ ଜାଣିଥାଏ, ସେହି ବୁଦ୍ଧି ସାତ୍ତ୍ୱିକ ଅଟେ । ଅର୍ଥାତ୍ ପରମାତ୍ମା ପଥ, ଆବାଗମନ ପଥ, ଏହି ଉଭୟଙ୍କୁ ସମ୍ୟକ୍ ରୂପରେ ଜାଣିଥିବା ବୁଦ୍ଧି ସାତ୍ତ୍ୱିକ ହୋଇଥାଏ ।

**ୟୟା ଧର୍ମମଧର୍ମଂ ଚ କାର୍ଯ୍ୟଂ ଚାକାର୍ଯ୍ୟମେବ ଚ ।**

**ଅୟଥାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ ॥୩୧॥**

ହେ ପାର୍ଥ ! ଯେଉଁ ବୁଦ୍ଧି ଦ୍ୱାରା ମନୁଷ୍ୟ ଧର୍ମ ଏବଂ ଅଧର୍ମକୁ ତଥା କର୍ତ୍ତ୍ୟବ ଏବଂ ଅକର୍ତ୍ତ୍ୟବକୁ ଜାଣିନଥାଏ, ଅଧୁରା ଜାଣିଥାଏ, ସେହିବୁଦ୍ଧି ରାଜସ ହୋଇଥାଏ । ବର୍ତ୍ତମାନ ତାମସ ବୁଦ୍ଧିର ସ୍ୱରୂପକୁ ଦେଖିବା–

**ଅଧର୍ମଂ ଧର୍ମମିତି ୟା ମନ୍ୟତେ ତମସାବୃତା ।**
**ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ ॥୩୨॥**

ହେ ପାର୍ଥ ! ତମୋଗୁଣରେ ଢାଙ୍କି ରହିଥିବା ଯେଉଁ ବୁଦ୍ଧି ଅଧର୍ମକୁ ଧର୍ମ ମାନୁଥାଏ ତଥା ସମ୍ପୂର୍ଣ୍ଣ ହିତକୁ ବିପରୀତ ହିଁ ଦେଖୁଥାଏ । ସେହି ବୁଦ୍ଧି ତାମସିକ ଅଟେ । ଏଠାରେ ଶ୍ଳୋକ ୩୦ରୁ ୩୨ ପର୍ଯ୍ୟନ୍ତ ବୁଦ୍ଧିର ତିନୋଟି ଭେଦ ବର୍ଣ୍ଣନା କଲେ । ପ୍ରଥମେ ବୁଦ୍ଧିକୁ କେଉଁ କାର୍ଯ୍ୟରୁ ନିବୃତ୍ତ କରାଯିବ ଏବଂ କେଉଁଥିରେ ପ୍ରବୃତ୍ତ କରାଯିବ, କର୍ତ୍ତବ୍ୟ କ'ଣ ଏବଂ ଅକର୍ତ୍ତବ୍ୟ କ'ଣ ? ଏହାକୁ ସମ୍ପୂର୍ଣ୍ଣ ରୂପର ଜାଣିଥାଏ । ସେହି ବୁଦ୍ଧି ସାତ୍ତ୍ୱିକ ଅଟେ । ଯିଏ, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ଆଂଶିକ ରୂପେ ଜାଣିଥାଏ, ଯଥାର୍ଥ ଜାଣିନଥାଏ, ତାହା ରାଜସୀ ବୁଦ୍ଧି ଅଟେ ଏବଂ ଅଧର୍ମକୁ ଧର୍ମ, ନଶ୍ୱରକୁ ଶାଶ୍ୱତ ତଥା ହିତକୁ ଅହିତ, ଏହିପରି ବିପରୀତ ରୂପରେ ଜାଣୁଥିବା ବୁଦ୍ଧି ହିଁ ତାମସି ବୁଦ୍ଧି ଅଟେ । ଏହିପରି ଭାବରେ ବୁଦ୍ଧିର ଭେଦ ସମ୍ପୂର୍ଣ୍ଣ ହେଲା । ବର୍ତ୍ତମାନ ପ୍ରସ୍ତୁତ ହେଉଛି ଦ୍ୱିତୀୟ ପ୍ରଶ୍ନ, ଧୃତି– ଧାରଣାର ତିନୋଟି ଭେଦ ରହିଛି ।

**ଧୃତ୍ୟା ୟୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।**
**ୟୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ ॥୩୩॥**

**ୟୋଗେନ** ଯୌଗିକ ପ୍ରକ୍ରିୟା ଦ୍ୱାରା, **ଅବ୍ୟଭୀଚାରୀଣି** – ଯୋଗ ଚିନ୍ତନ ଅତିରିକ୍ତ ଅନ୍ୟ କୌଣସି ସ୍ମରଣ ମନରେ ଆସିବା ହିଁ ବ୍ୟଭିଚାର ଅଟେ । ଚିତ୍ତ ବିଚଳିତ ହୋଇ ଯିବା ହିଁ ବ୍ୟଭିଚାର ଅଟେ । ଅତଃ ଏପରି ଅବ୍ୟଭିଚାରିଣୀ ଧାରଣା ଦ୍ୱାରା ମନୁଷ୍ୟ ମନ, ପ୍ରାଣ ଏବଂ ଇନ୍ଦ୍ରିୟମାନଙ୍କ କ୍ରିୟାକୁ ଯିଏ ଧାରଣ କରିଥାଏ, ସେହି ଧାରଣା ସାତ୍ତ୍ୱିକ ଅଟେ । ଅର୍ଥାତ୍ ମନ ପ୍ରାଣ ଓ ଇନ୍ଦ୍ରିୟମାନଙ୍କୁ ଇଷ୍ଟଙ୍କ ଆଡକୁ ମୋଡ଼ିବା ହିଁ ସାତ୍ତ୍ୱିକ ଧାରଣ ଅଟେ ।

**ୟୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜୁନ ।**
**ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ରାଜସୀ ॥୩୪॥**

ହେ ପାର୍ଥ ! ଫଳ ଇଚ୍ଛା ରଖୁଥିବା ବ୍ୟକ୍ତି, ଅତ୍ୟନ୍ତ ଆସକ୍ତିରେ ଯେଉଁ ଧାରଣା ଦ୍ୱାରା ଧର୍ମ, ଅର୍ଥ ଓ କାମକୁ ଧାରଣ କରିଥାଏ ଏବଂ ମୋକ୍ଷକୁ ଧାରଣ କରିନଥାଏ, ସେହି ଧାରଣା ରାଜସିକ ଅଟେ । ଏହି ଧାରଣାରେ ମଧ୍ୟ ଲକ୍ଷ ତାହାହିଁ

ଅଟେ । କେବଳ କାମନା କରିଥାଏ । ଯାହା କିଛି କରିଥାଏ, ତାହାର ବଦଳରେ କିଛି ନା କିଛି ଚାହିଁଥାଏ, ବର୍ତ୍ତମାନ ତାମସି ଧାରଣାର ଲକ୍ଷଣ ଦେଖିବା–

**ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।**
**ନ ବିମୁଞ୍ଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ।।୩୫।।**

ହେ ପାର୍ଥ ! ଦୁଷ୍ଟ ବୁଦ୍ଧି ଯୁକ୍ତ ମନୁଷ୍ୟ ଯେଉଁ ଧାରଣା ଦ୍ୱାରା ନିଦ୍ରା, ଭୟ, ଚିନ୍ତା, ଦୁଃଖ ଏବଂ ଅଭିମାନକୁ ମଧ୍ୟ ଧାରଣ କରି ରହିଥାଏ, ସେହି ଧାରଣା ତାମସିକ ଅଟେ । ଏହି ପ୍ରଶ୍ନ ପୁରା ହେଲା । ତୃତୀୟ ପ୍ରଶ୍ନ ହେଉଛି ସୁଖ ।

**ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ ।**
**ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାନ୍ତଂ ଚ ନିଗଚ୍ଛତି ।।୩୬।।**

ହେ ଅର୍ଜୁନ ! ବର୍ତ୍ତମାନ ସୁଖ ମଧ୍ୟ ତିନି ପ୍ରକାରର ମୋ ଠାରୁଶୁଣ । ସେଥିରୁ ଯେଉଁ ସୁଖରେ ସାଧକ ଅଭ୍ୟାସ ଦ୍ୱାରା ରମଣ କରିଥାଏ, ଅର୍ଥାତ୍ ଚିତ୍ତକୁ ସାଉଁଟି ଇଷ୍ଟରେ ରମଣ କରିଥାଏ ଏବଂ ଯିଏ ଦୁଃଖର ଅନ୍ତ କରିଥାଏ ତଥା–

**ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।**
**ତତ୍ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ।।୩୭।।**

ଉପରୋକ୍ତ ସୁଖ ସାଧନାର ପ୍ରାରମ୍ଭ କାଳରେ ଯଦ୍ୟପି ବିଷତୁଲ୍ୟ ଲାଗିଥାଏ ଅର୍ଥାତ୍ କଠିନତା ବୋଧ ହୋଇଥାଏ, (ପ୍ରହ୍ଲାଦକୁ ଶୂଳୀ ଉପରେ ଚଢାଇ ଦିଆଗଲା, ମୀରାକୁ ବିଷ ପିଇବାକୁ ମିଳିଲା, କବୀର ଦାସ କହୁଛନ୍ତି – **ସୁଖିୟା ସବ ସଂସାର ହେଁ ଖାଏ ଔର୍ ସୋବେ । ଦୁଃଖିୟା ଦାସ କବୀର ହେଁ ଜାଗେ ଔର୍ ରୋବେ ।।** ଅତଃ ପ୍ରାରମ୍ଭରେ ବିଷପରି ଲାଗିଥାଏ ।) ପରନ୍ତୁ ଏହାର ପରିଣାମ ଅମୃତତୁଲ୍ୟ ହୋଇଥାଏ । ଅମୃତ ତତ୍ତ୍ୱକୁ ଦେଇଥାଏ । ଅତଃ ଆତ୍ମ–ବିଷୟକ ବୁଦ୍ଧିର ପ୍ରସାଦରୁ ଉତ୍ପନ୍ନ ହୋଇଥିବା ସୁଖକୁ ସାତ୍ତ୍ୱିକ କୁହାଯାଏ ।

**ବିଷୟେନ୍ଦ୍ରିୟସଂଯୋଗାଦ୍ୟତ୍ତଦଗ୍ରେଽମୃତୋପମମ୍ ।**
**ପରିଣାମେ ବିଷମିବ ତତ୍ସୁଖଂ ରାଜସଂ ସ୍ମୃତମ୍ ।।୩୮।।**

ଯେଉଁ ସୁଖ ବିଷୟ ଏବଂ ଇନ୍ଦ୍ରିୟର ସଂଯୋଗରେ ହୋଇଥାଏ, ତାହା ଯଦ୍ୟପି ଭୋଗ ସମୟରେ ଅମୃତ ତୁଲ୍ୟ ଲାଗିଥାଏ, ତଥାପି ପରିଣାମରେ ବିଷ ତୁଲ୍ୟ ହୋଇଥାଏ । ଅର୍ଥାତ୍ କଷ୍ଟ ଦାୟକ ହୋଇଥାଏ । କାରଣ ଏହା ଜନ୍ମ ମୃତ୍ୟୁର କାରଣ ଅଟେ । ଏହି ସୁଖକୁ ରାଜସ କୁହାଯାଇଛି ।

**ଯଦଗ୍ରେ ଚା ନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ ।**

**ନିଦ୍ରାଳସ୍ୟପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ ।।୩୯।।**

ଯେଉଁ ସୁଖ ଭୋଗ କାଳରେ ଏବଂ ପରିଣାମରେ ମଧ୍ୟ ଆତ୍ମାକୁ ମୋହରେ ପକାଇଥାଏ । ନିଦ୍ରା, **ଯାନିଶା ସର୍ବଭୂତାନାମ୍‌–** ଜଗତରୂପୀ ନିଶାରେ ଅଚେତ ରଖିଥାଏ । ଆଳସ୍ୟ ଏବଂ ବ୍ୟର୍ଥଚେଷ୍ଟାରୁ ଉତ୍ପନ୍ନ ହେଉଥିବା ସୁଖକୁ ତାମସ କୁହାଯାଏ । ବର୍ତ୍ତମାନ ଯୋଗେଶ୍ୱର ଶ୍ରୀକୃଷ୍ଣ ଗୁଣମାନଙ୍କର ପରିଣାମକୁ କହୁଛନ୍ତି, ଯାହାକି ସମସ୍ତଙ୍କ ପଛରେ ଲାଗି ରହିଥାଏ ।

**ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।**
**ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ ।।୪୦।।**

ହେ ଅର୍ଜୁନ ! ପୃଥିବୀ, ସ୍ୱର୍ଗ ଅଥବା ଦେବାତାମାନଙ୍କ ମଧ୍ୟରେ ଏପରି କୌଣସି ପ୍ରାଣୀ ନାହାଁନ୍ତି, ଯିଏ କି ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ତିନିଗୁଣରୁ ରହିତ ହୋଇଛନ୍ତି । ଅର୍ଥାତ୍ ବ୍ରହ୍ମାଠାରୁ ପ୍ରାରମ୍ଭ କରି କୀଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଗତ କ୍ଷଣଭଙ୍ଗୁର, ଜୀବନ ମରଣଧର୍ମା ଅଟନ୍ତି । ଏହି ସମସ୍ତେ ତିନିଗୁଣର ଅନ୍ତର୍ଗତ ଅଟନ୍ତି ଅର୍ଥାତ୍ ଦେବତା ମଧ୍ୟ ତିନିଗୁଣର ଶିକାର ଅଟନ୍ତି, ନଶ୍ୱର ଅଟନ୍ତି ।

ଏଠାରେ ବାହ୍ୟ ଦେବତାମାନଙ୍କୁ ଯୋଗେଶ୍ୱର ଚତୁର୍ଥଥର ନେଇଛନ୍ତି । ସପ୍ତମ, ନବମ, ସପ୍ତଦଶ, ଅଷ୍ଟାଦଶ ଅଧ୍ୟାୟରେ ଏହି ସମସ୍ତଙ୍କର ଗୋଟିଏ ହିଁ ଅର୍ଥ ଯେ, ଦେବତା ତିନିଗୁଣର ଅନ୍ତର୍ଗତ ହୋଇଥାନ୍ତି । ଯିଏ ଏହି ଦେବୀ ଦେବତାମାନଙ୍କୁ ଭଜନ କରୁଥାନ୍ତି, ସେ ନଶ୍ୱରମାନଙ୍କର ହିଁ ପୂଜା କରିଥାନ୍ତି ।

ଭାବଗତର ଦ୍ୱିତୀୟ ସ୍କନ୍ଧରେ ମହର୍ଷି ଶୁକ ତଥା ପରିକ୍ଷିତଙ୍କର ପ୍ରସିଦ୍ଧ ଆଖ୍ୟାନ ରହିଛି । ଯେଉଁଥିରେ ଉପଦେଶ ଦେଇ ସେ କହିଛନ୍ତି ଯେ, ସ୍ତ୍ରୀ ପୁରୁଷ ପ୍ରେମ ନିମନ୍ତେ ଶଙ୍କର ପାର୍ବତିଙ୍କୁ, ଆରୋଗ୍ୟ ନିମନ୍ତେ ଅଶ୍ୱିନୀକୁମାରଙ୍କୁ , ବିଜୟ ନିମନ୍ତେ ଇନ୍ଦ୍ରଙ୍କୁ, ତଥା ଧନ ନିମନ୍ତେ କୁବେରଙ୍କୁ ପୂଜା କରିବା ବିଧେୟ । ଏହିପରି ବିବିଧ କାମନାକୁ କହି ପରିଶେଷରେ ନିର୍ଣ୍ଣୟ ଦେଇଛନ୍ତି ଯେ, ସମ୍ପୂର୍ଣ୍ଣ କାମନାର ପୂର୍ତ୍ତି ଏବଂ ମୋକ୍ଷ ନିମନ୍ତେ ଏକମାତ୍ର ନାରାୟଣଙ୍କୁ ହିଁ ପୂଜା କରିବା ଉଚିତ୍ । **ତୁଳସୀ ମୂଳ ହିଁ ସିଞ୍ଚୟେ, ଫୁଲଇ ଫଳଇ ଅଘାଇ** । ଅସ୍ତୁ ! ସର୍ବବ୍ୟାପକ ପ୍ରଭୁଙ୍କୁ ସ୍ମରଣ କରିବା ଉଚ୍ଚିତ । ଯାହାର ପୂର୍ତ୍ତି ନିମନ୍ତେ ସଦ୍‌ଗୁରୁଙ୍କ ଶରଣ, ନିଷ୍କପଟ ଭାବରେ ପ୍ରଶ୍ନ ଏବଂ ସେବା ଏକମାତ୍ର ଉପାୟ ଅଟେ । ଆସୁରୀ ଓ ଦୈବୀ ସମ୍ପଦ ଅନ୍ତଃକରଣର ଦୁଇଟି ପ୍ରବୃତି ରହିଛି । ଯେଉଁଥିରେ ଦୈବୀ ସମ୍ପଦ ପରମଦେବ ପରମାତ୍ମାଙ୍କ ଦିଗ୍‌ଦର୍ଶନ କରାଇଥାଏ । ତେଣୁକରି ଦୈବୀ କୁହାଯାଇଥାଏ– କିନ୍ତୁ ଏହା ମଧ୍ୟ ତିନିଗୁଣର ଅନ୍ତର୍ଗତ ଅଟେ । ଗୁଣ ଶାନ୍ତ ହେବା ପରେ ଏହାର ମଧ୍ୟ ଶାନ୍ତ

ହୋଇଯାଇଥାଏ । ତତ୍‌ପଶ୍ଚାତ୍ ସେହି ଆତ୍ମତୃପ୍ତ ଯୋଗୀଙ୍କ ନିମନ୍ତେ କୌଣସି କର୍ତ୍ତବ୍ୟ ଶେଷ ରହିନଥାଏ । ବର୍ତ୍ତମାନ ପ୍ରସ୍ତୁତ ହେଉଛି ପୂର୍ବରୁ ପ୍ରାରମ୍ଭ ହୋଇଥିବା ପ୍ରଶ୍ନ ବର୍ଣ୍ଣ ବ୍ୟବସ୍ଥା । ବର୍ଣ୍ଣ ଜନ୍ମ ପ୍ରଧାନ ଅଟେ ଅଥବା କର୍ମଦ୍ୱାରା ପ୍ରାପ୍ତ ହୋଇଥିବା ଅନ୍ତଃକରଣର ଯୋଗ୍ୟତାର ନାମ ଅଟେ ? ଏହା ଉପରେ ଦେଖିବା–

**ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।**
**କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ॥୪୧॥**

ହେ ପରନ୍ତପ ! ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ରଙ୍କ କର୍ମ ସ୍ୱଭାବରୁ ଉତ୍ପନ୍ନ ଗୁଣ ଦ୍ୱାରା ବିଭକ୍ତ କରାଯାଇଛି । ସ୍ୱଭାବରେ ସାତ୍ତ୍ୱିକ ଗୁଣ ଯଦି ହେବ ତେବେ ଆପଣଙ୍କ ଠାରେ ନିର୍ମଳତା ନିଶ୍ଚିତ ରୂପେ ରହିବ । ଧ୍ୟାନ ଓ ସମାଧିର କ୍ଷମତା ରହିବ । ଯଦି ତାମସିକ ଗୁଣ ରହିବ ତେବେ ନିଦ୍ରା, ପ୍ରମାଦ ରହିବ । ସେହି ସ୍ତର ଅନୁସାରେ ଆପଣଙ୍କ ଦ୍ୱାରା ସେହିପରି ହିଁ କର୍ମ ହେବ । ଯେଉଁ ଗୁଣ କାର୍ଯ୍ୟରତ ହେବ, ସେହି ଗୁଣାନୁସାରେ ହିଁ ଆପଣଙ୍କର ବର୍ଣ୍ଣ ନିର୍ଦ୍ଧାରିତ ହେବ । ତାହା ହିଁ ଆପଣଙ୍କ ସ୍ୱରୂପ ହେବ । ଏହିପରି ଅର୍ଦ୍ଧ ସାତ୍ତ୍ୱିକ ଏବଂ ଅର୍ଦ୍ଧ ରାଜସିକ ଦ୍ୱାରା ଗୋଟିଏ ତୃତୀୟ ବର୍ଗ ଉତ୍ପନ୍ନ ହୋଇଥାଏ ଏବଂ ଅର୍ଦ୍ଧ ମାତ୍ରାରୁ କମ ରହିଲେ ତାମସିକ ତଥା ରାଜସିକ ଗୁଣ ବିଶେଷ ଭାବରେ ରହିବା ଦ୍ୱାରା ଦ୍ୱିତୀୟ ବର୍ଗ ବୈଶ୍ୟ ଶ୍ରେଣୀର ହୋଇଥାଏ ।

ଏହି ପ୍ରଶ୍ନକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ଏଠାରେ ଚତୁର୍ଥଥର ନେଇଛନ୍ତି । ଦ୍ୱିତୀୟ ଅଧ୍ୟାୟରେ ଏହି ଚାରିବର୍ଣ୍ଣ ମଧ୍ୟରେ ଗୋଟିଏ କ୍ଷତ୍ରୀୟର ନାମ ନେଲେ ଯେ, କ୍ଷତ୍ରୀୟ ନିମନ୍ତେ ଯୁଦ୍ଧଠାରୁ ଶ୍ରେୟସ୍କର କୌଣସି ମାର୍ଗ ନଥାଏ । ତୃତୀୟ ଅଧ୍ୟାୟରେ ସେ କହିଲେ ଯେ, ଦୁର୍ବଳ ଗୁଣଯୁକ୍ତ ପୁରୁଷ ନିମନ୍ତେ ମଧ୍ୟ ତାହାଙ୍କ ସ୍ୱଭାବରୁ ଉତ୍ପନ୍ନ ଗୁଣ ଅନୁସାରେ ଧର୍ମରେ ପ୍ରବୃତ୍ତ ହେବା, ସେଥିରେ ମୃତ୍ୟୁ ବରଣ କରିବା ମଧ୍ୟ କଲ୍ୟାଣ କାରକ ଅଟେ । କିନ୍ତୁ ଅନ୍ୟର ନକଲ କରିବା ଭୟାବହ ଅଟେ । ଚତୁର୍ଥ ଅଧ୍ୟାୟରେ କହିଲେ ଯେ, ଚାରିବର୍ଣ୍ଣର ସୃଷ୍ଟି ମୁଁ କରିଛି । ତେବେ କ'ଣ ମନୁଷ୍ୟଙ୍କୁ ଚାରୋଟି ଜାତିରେ ବାଣ୍ଟିଲେ ? ତେବେ କହୁଛନ୍ତି, ନାହିଁ ! **ଗୁଣ କର୍ମ ବିଭାଗଶଃ–** ଗୁଣର ଯୋଗ୍ୟତାନୁସାରେ କର୍ମକୁ ଚାରୋଟି ସୋପାନରେ ବଣ୍ଟନ କରାଗଲା । ଏଠାରେ ଗୁଣ ଏକ ମାପଦଣ୍ଡ ଅଟେ । ଏହାଦ୍ୱାରା ମାପି କର୍ମ କରିବା କ୍ଷମତାକୁ ଚାରୋଟି ଭାଗରେ ବଣ୍ଟନ କଲେ । ଶ୍ରୀକୃଷ୍ଣଙ୍କ ଶବ୍ଦରେ କର୍ମ ଗୋଟିଏ ଅବ୍ୟକ୍ତ ପୁରୁଷଙ୍କ ପ୍ରାପ୍ତିର କ୍ରିୟାମାତ୍ର । ଈଶ୍ୱର ପ୍ରାପ୍ତିର ଆଚରଣ ହିଁ ଆରାଧନା ଅଟେ । ଯାହାର ପ୍ରାରମ୍ଭ ଏକମାତ୍ର ଇଷ୍ଟଙ୍କ ପ୍ରତି ଶ୍ରଦ୍ଧାରୁ ଉତ୍ପନ୍ନ ହୋଇଥାଏ ।

ଆରାଧନା ଚିନ୍ତନର ବିଧି ବିଶେଷ ଅଟେ, ଯାହାକୁ ପୂର୍ବରୁ କହି ଆସିଛନ୍ତି । ଏହି ଯଜ୍ଞାର୍ଥ କର୍ମକୁ ଚାରୋଟି ଭାଗରେ ବିଭକ୍ତ କଲେ । ବର୍ତ୍ତମାନ କିପରି ବୁଝିବା ଯେ, ଆମ୍ଭପାଖରେ କେଉଁ ଗୁଣ ରହିଛି ଏବଂ ଆମ୍ଭେ କେଉଁ ଶ୍ରେଣୀର ଅଟନ୍ତି ? ଏହା ଉପରେ କହୁଛନ୍ତି–

**ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।**
**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ।।୪୨।।**

ମନର ଶମନ, ଇନ୍ଦ୍ରିୟ ଦମନ, ପୂର୍ଣ୍ଣ ପବିତ୍ରତା, ମନ, ବାଣୀ ଓ କର୍ମକୁ ଇଷ୍ଟଙ୍କ ଅନୁରୂପ ତପାଇବା, କ୍ଷମାଭାବ, ମନ, ଇନ୍ଦ୍ରିୟ ଓ ଶରୀର ଦ୍ୱାରା ସର୍ବଥା ସରଳତା, ଆସ୍ତିକ ବୁଦ୍ଧି ଅର୍ଥାତ୍ ଗୋଟିଏ ଇଷ୍ଟଙ୍କ ଉପରେ ଅନନ୍ୟ ଭାବରେ ସ୍ଥିରତା, ଜ୍ଞାନ ଅର୍ଥାତ୍ ପରମାତ୍ମାଙ୍କ ଜାନକାରୀର ସଞ୍ଚାର, ବିଜ୍ଞାନ ଅର୍ଥାତ୍ ପରମାତ୍ମାଙ୍କ ଠାରୁ ପ୍ରାପ୍ତ ହେଉଥିବା ନିର୍ଦ୍ଦେଶର ଜାଗୃତି ଏବଂ ସେହି ଅନୁସାରେ ଚାଲିବାର କ୍ଷମତା, ଏହି ସମସ୍ତ ସ୍ୱଭାବରୁ ଉତ୍ପନ୍ନ ହେଉଥିବା ବ୍ରାହ୍ମଣର କର୍ମ ଅଟେ । ଅର୍ଥାତ୍ ଯେତେବେଳେ ସ୍ୱଭାବରେ ଏହି ଯୋଗ୍ୟତାମାନ ଦେଖାଦେବ, କର୍ମ ଧାରାବାହୀ ଭାବରେ ସ୍ୱଭାବରେ ପରିଣତ ହୋଇଯିବ, ତେବେ ସେ ବ୍ରାହ୍ମଣ ଶ୍ରେଣୀର କର୍ତ୍ତା ହୋଇଥାନ୍ତି ।

**ଶୌର୍ଯ୍ୟଂ ତେଜୋ ଧୃତିର୍ଦକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନମ୍ ।**
**ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ।।୪୩।।**

ଶୂର ବୀରତା, ଈଶ୍ୱରୀୟ ତେଜ ପ୍ରାପ୍ତି, ଧୈର୍ଯ୍ୟ, ଚିନ୍ତନ ପଥରେ ଦକ୍ଷତା ଅର୍ଥାତ୍ କର୍ମସୁକୌଶଳମ୍– କର୍ମ କରିବାରେ ଦକ୍ଷତା, ପ୍ରକୃତିର ସଂଘର୍ଷରୁ ପଛେଇ ନଯିବା, ଦାନ ଅର୍ଥାତ୍ ସର୍ବସ୍ୱ ସମର୍ପଣ, ସମ୍ପୂର୍ଣ୍ଣଭାବନା ଉପରେ ସ୍ୱାମୀଭାବ ଅର୍ଥାତ୍ ଈଶ୍ୱରଭାବ, ଏହି ସମସ୍ତ କ୍ଷତ୍ରୀୟମାନଙ୍କ **ସ୍ୱଭାବଜମ୍–** ସ୍ୱଭାବରୁ ଉତ୍ପନ୍ନ ହୋଇଥିବା କର୍ମ ଅଟେ । ସ୍ୱଭାବରେ ଏହି ଯୋଗ୍ୟତାମାନ ଯଦି ଦେଖାଦେଉଥିବ, ତେବେ ସେହି କର୍ତ୍ତା କ୍ଷତ୍ରୀୟ ଶ୍ରେଣୀର ଅଟନ୍ତି ବର୍ତ୍ତମାନ ପ୍ରସ୍ତୁତ ବୈଶ୍ୟ ତଥା ଶୁଦ୍ରର ସ୍ୱରୂପ–

**କୃଷିଗୌରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ ।**
**ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ।।୪୪।।**

କୃଷି, ଗୋରକ୍ଷା ଏବଂ ବ୍ୟବସାୟ ବୈଶ୍ୟମାନଙ୍କ ସ୍ୱଭାବଜନ୍ୟ କର୍ମ ଅଟେ । ଗୋପାଳନ ହିଁ କାହିଁକି ? କ'ଣ ମଇଁଷିଙ୍କୁ ମାରିଦେବା ? କ'ଣ ଛେଳି ରଖିବା ନାହିଁ ? ଏପରି କିଛି ନୁହେଁ । ପୂର୍ବକାଳୀନ ବୈଦିକ ବାଙ୍ମୟରେ **'ଗୋ'** ଶବ୍ଦ ଅନ୍ତଃକରଣ ଏବଂ ଇନ୍ଦ୍ରିୟ ନିମନ୍ତେ ପ୍ରଚଳିତ ଥିଲା । ଗୋ–ରକ୍ଷାର ଅର୍ଥ ହେଉଛି ଇନ୍ଦ୍ରିୟମାନଙ୍କ ରକ୍ଷା । ବିବେକ, ବୈରାଗ୍ୟ, ଶମ ଓ ଦମ ଦ୍ୱାରା ଇନ୍ଦ୍ରିୟମାନେ ସୁରକ୍ଷିତ

ହୋଇଥାନ୍ତି ଏବଂ କାମ, କ୍ରୋଧ, ଲୋଭ, ମୋହ ଦ୍ୱାରା ଏହି ଇନ୍ଦ୍ରିୟମାନେ ବିଭକ୍ତ ହୋଇ କ୍ଷୀଣ ହୋଇଯାନ୍ତି । ଆତ୍ମିକ ସମ୍ପତ୍ତି ହିଁ ସ୍ଥିର ସମ୍ପତି ଅଟେ । ଏହାହିଁ ବସ୍ତୁତଃ ନିଜର ଧନ ଅଟେ । ଯାହାକି ଥରେ ପ୍ରାପ୍ତ ହେଲା ପରେ ସର୍ବଦୈବ ସାଥିରେ ହିଁ ରହିଥାଏ । ପକୃତିର ଦ୍ୱନ୍ଦ୍ୱମାନଙ୍କ ମଧ୍ୟରୁ ସେମାନଙ୍କୁ ଧିରେ ଧିରେ ସଂଗ୍ରହ କରିବା ହିଁ ବ୍ୟବସାୟ ଅଟେ । **ବିଦ୍ୟାଧନଂ ସର୍ବଧନ ପ୍ରଧାନଂ**– ଏହା ଅର୍ଜନ କରିବା ହିଁ ବାଣିଜ୍ୟ ଅଟେ । ଚାଷ ଅର୍ଥାତ୍ ଶରୀର ହିଁ ଏକ କ୍ଷେତ୍ର । ଏହାର ଅନ୍ତରାଳରେ ବୁଣିଥିବା ବୀଜ ସଂସ୍କାର ରୂପରେ ଭଲ–ମନ୍ଦକୁ ଜନ୍ମ ଦେଇଥାଏ । ହେ ଅର୍ଜୁନ ! ଏହି ନିଷ୍କାମ କର୍ମରେ ବୀଜ ଅର୍ଥାତ୍ ଆରମ୍ଭର ବିନାଶ ହୋଇନଥାଏ । ପରମତତ୍ତ୍ୱ ଚିନ୍ତନର ଯେଉଁ ବୀଜ ଏହି କ୍ଷେତ୍ରରେ ପଡ଼ିଥାଏ, ତାହାକୁ ସୁରକ୍ଷିତ ରଖି, ସେଥିରେ ଆସୁଥିବା ବିଜାତୀୟ ବିକାରମାନଙ୍କ ନିରାକରଣ କରି ଚାଲିବା ହିଁ କୃଷି ଅଟେ । ନା କି କୌଣସି ଜମିଚାଷ ।

**କୃଷି ନିରାବହିଁ ଚତୁର କିସାନା ।**
**ଜମି ବୁଧ ତଜହିଁ ମୋହମଦ ମାନା ।।** (ର.ମା.୪–୧୪–୮)

ଏହିପର ଇନ୍ଦ୍ରିୟମାନଙ୍କ ସୁରକ୍ଷା ତଥା ପ୍ରକୃତିର ଦ୍ୱନ୍ଦ୍ୱରୁ ଆତ୍ମିକ ସମ୍ପତ୍ତି ସଂଗ୍ରହ କରିବା, ଏବଂ ଏହି କ୍ଷେତ୍ରରେ ପରମତତ୍ତ୍ୱ ଚିନ୍ତନର ସମ୍ବର୍ଦ୍ଧନ କରିବା ହିଁ ବୈଶ୍ୟ ଶ୍ରେଣୀର କର୍ମ ଅଟେ ।

ଶ୍ରୀକୃଷ୍ଣଙ୍କ ଅନୁସାରେ **ଯଜ୍ଞଶିଷ୍ଟାଶିନଃ**– ପୂର୍ତ୍ତିକାଳରେ ଯଜ୍ଞ ଯାହା ଦେଇଥାଏ, ତାହା ହେଉଛି ପରାତ୍ପର ବ୍ରହ୍ମ । ତାହାକୁ ପାନ କରୁଥିବା ସଜ୍ଜନ ସମ୍ପୂର୍ଣ୍ଣ ପାପରୁ ମୁକ୍ତ ହୋଇଯାଇଥାନ୍ତି ଏବଂ ଏହାର ଧିରେ ଧିରେ ଚିନ୍ତନ କ୍ରିୟା ଦ୍ୱାରା ବୀଜାରୋପଣ ହୋଇଥାଏ । ତାହାର ସୁରକ୍ଷା କରିବା ହିଁ କୃଷି ଅଟେ । ବୈଦିକ ଶାସ୍ତ୍ରରେ ଅନ୍ନର ଅର୍ଥ ହେଉଛି ପରମାତ୍ମା । ସେହି ପରମାତ୍ମା ହିଁ ଏକମାତ୍ର 'ଅଶନ' ଅର୍ଥାତ୍ ଅନ୍ନ । ଚିନ୍ତନର ପୁର୍ତ୍ତକାଳରେ ଏହି ଆତ୍ମା ପୂର୍ଣ୍ଣତଃ ତୃପ୍ତ ହୋଇଯାଇଥାଏ । ପୁନଃ କେବେ ଅତୃପ୍ତ ହୋଇ ରହିନଥାଏ । ଆବାଗମନକୁ ପୁନଃ ଆସିନଥାଏ । ଏହି ଅନ୍ନର ବୀଜକୁ ଜମାକରି ଆଗକୁ ବଢିବା ହିଁ କୃଷି ଅଟେ ।

ନିଜଠାରୁ ଉନ୍ନତ ଅବସ୍ଥା ଏବଂ ଗୁରୁଜନଙ୍କ ସେବା କରିବା ହିଁ ଶୁଦ୍ରର ସ୍ୱଭାବଜନ୍ୟ କର୍ମ ଅଟେ । ଶୂଦ୍ରର ଅର୍ଥ ନୀଚ ନୁହଁ ଅପିତୁ ଅଳ୍ପଜ୍ଞ ଅଟେ । ନିମ୍ନ ଶ୍ରେଣୀର ସାଧକ ହିଁ ଶୁଦ୍ର ଅଟେ । ପ୍ରବେଶିକା ଶ୍ରେଣୀର ସେହି ସାଧକ ପରିଚର୍ଯ୍ୟା ଅର୍ଥାତ୍ ସେବା ଦ୍ୱାରା ହିଁ ତାହାର ସାଧନା ପ୍ରାରମ୍ଭ କରିଥାଏ । ଧିରେ ଧିରେ ସେବା

ଦ୍ୱାରା ତାହାର ହୃଦୟରେ ସେହି ସଂସ୍କାରର ସୃଜନ ହୁଏ ଏବଂ କ୍ରମଶଃ ସାଧନ କରିକରି ସେ ବୈଶ୍ୟ, କ୍ଷତ୍ରୀୟ ଏବଂ ବ୍ରାହ୍ମଣ ପର୍ଯ୍ୟନ୍ତ ଦୂରତୟ କରି ବର୍ଣ୍ଣମାନଙ୍କୁ ମଧ ପାରକରି ବ୍ରହ୍ମରେ ପ୍ରବେଶ ପାଇଯାଏ । ସ୍ୱଭାବ ପରିବର୍ତ୍ତନଶୀଳ ଅଟେ । ସ୍ୱଭାବ ପରିବର୍ତ୍ତନ ସହିତ ବର୍ଣ୍ଣ ମଧ ପରିବର୍ତ୍ତନ ହୋଇଯାଏ । ବସ୍ତୁତଃ ଏହି ବର୍ଣ୍ଣ ଅତି ଉତ୍ତମ, ଉତ୍ତମ, ମଧ୍ୟମ ଏବଂ ନିକୃଷ୍ଟ ଏପରି ଚାରୋଟି ଅବସ୍ଥା ରହିଛି । ନିର୍ଦ୍ଧାରିତ କର୍ମ ପଥରେ ଅଗ୍ରସର ହେଉଥିବା ସାଧକଙ୍କ ଉଚ୍ଚନୀଚ ଚାରୋଟି ସୋପାନ ଅଟେ । କାରଣ କର୍ମ ଗୋଟିଏ ହିଁ ଅଟେ । ତାହା ହେଉଛି ନିୟତ କର୍ମ । ଶ୍ରୀକୃଷ୍ଣ କହୁଛନ୍ତି ଯେ, ପରମସିଦ୍ଧି ପ୍ରାପ୍ତି ନିମନ୍ତେ ଏହା ହିଁ ଗୋଟିଏ ରାସ୍ତା, ସ୍ୱଭାବରେ ଯେପରି ଯୋଗ୍ୟତାମାନ ରହିଛି । ସେଠାରୁ ହିଁ କର୍ମ ପ୍ରାରମ୍ଭ କରାଯାଉ । ଏହାକୁ ପୁନଃ ଦେଖିବା ।

**ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।**
**ସ୍ୱକର୍ମନିରତଃ ସିଦ୍ଧିଂ ଯ଼ା ବିନ୍ଦତି ତଚ୍ଛୃଣୁ ।।୪୫।।**

ନିଜନିଜର ସ୍ୱଭାବରେ ପ୍ରାପ୍ତ ହୋଇଥିବା ଯୋଗ୍ୟତାନୁସାରେ କର୍ମରେ ଲାଗି ରହିଥିବା ମନୁଷ୍ୟ **ସଂସିଦ୍ଧିମ୍**- ଭଗବଦ୍ ପ୍ରାପ୍ତିରୂପୀ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଥାଏ । ପୂର୍ବରୁ ମଧ କହିଆସୁଛନ୍ତି ଯେ, ଏହି କର୍ମକୁ ଅନୁପାଳନ କରି ତୁମେ ପରମ ସିଦ୍ଧିକୁ ପ୍ରାପ୍ତ ହେବ । କେଉଁ କର୍ମ କରି ? ହେ ଅର୍ଜୁନ ! ତୁମେ ଶାସ୍ତ୍ରବିଧିରେ ନିର୍ଦ୍ଧାରିତ କର୍ମ, ଯଜ୍ଞାର୍ଥ କର୍ମ କର । ବର୍ତ୍ତମାନ ସ୍ୱକର୍ମ କରିବା କ୍ଷମତା ଅନୁସାରେ କର୍ମରେ ଲାଗି ରହିଥିବା ମନୁଷ୍ୟ ପରମସିଦ୍ଧିକୁ କିପରି ପ୍ରାପ୍ତ ହୋଇଥାଏ ? ସେହି ବିଧିକୁ ତୁମେ ଧ୍ୟାନଦେଇ ମୋ ଠାରୁ ଶୁଣ ।

**ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।**
**ସ୍ୱକର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।।୪୬।।**

ଯେଉଁ ପରମାତ୍ମାଙ୍କ ଠାରୁ ସମ୍ପୂର୍ଣ୍ଣ ଭୂତ ପ୍ରାଣୀଙ୍କ ଉତ୍ପନ୍ନ ହୋଇଛି, ଯେଉଁଥିରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ, ସେହି ପରମେଶ୍ୱରଙ୍କୁ **ସ୍ୱକର୍ମଣା**- ନିଜର ସ୍ୱଭାବରୁ ଉତ୍ପନ୍ନ ହୋଇଥିବା କର୍ମ ଦ୍ୱାରା ଅର୍ଚ୍ଚନା କରି ମାନବ ପରମସିଦ୍ଧିକୁ ପ୍ରାପ୍ତ ହୋଇଥାଏ । ଅତଃ ପରମାତ୍ମାଙ୍କ ଭାବନା ଏବଂ ପରମାତ୍ମାଙ୍କ ହିଁ ସର୍ବାଙ୍ଗୀନ ଅର୍ଚ୍ଚନା ଏବଂ କ୍ରମଶଃ ଚାଲିବା ଆବଶ୍ୟକ ଅଟେ । ଯେପରି ପ୍ରଥମ ଶ୍ରେଣୀର ସାଧକ ଯଦି ହଠ ପୂର୍ବକ ୧୦ମ କକ୍ଷାରେ ଯାଇ ବସିବ, ତେବେ ପ୍ରଥମ କକ୍ଷାର ପାଠ ତ ପାଇପାରିବ ନାହିଁ ଏବଂ ୧୦ମ କକ୍ଷାର ପାଠ ମଧ ବୁଝିପାରିବ ନାହିଁ । ଉଭୟ ବିଦ୍ୟାରୁ ବଞ୍ଚିତ ହିଁ ରହିବ । ଅତଃ ଏହି କର୍ମପଥରେ ନିଜର କ୍ଷମତାନୁସାରେ କ୍ରମବଦ୍ଧ ଚାଲିବାର ବିଧାନ

ରହିଛି, ଯେପରି ୧୮/୬ରେ ରହିଛି । ଏହା ଉପରେ ପୁନଃ ଜୋର୍ ଦେଇ କହୁଛନ୍ତି ଯେ, ଆପଣ ଅଜ୍ଞାଙ୍କ ହେଲେ ମଧ, ସେଠାରୁ ହିଁ ପ୍ରାରମ୍ଭ କରନ୍ତୁ । ସେହି ବିଧି ହେଉଛି ପରମାତ୍ମାଙ୍କ ପ୍ରତି ସମର୍ପଣ ।

**ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।**
**ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ।।୪୭।।**

ଉତ୍ତମ ରୂପେ ଅନୁଷ୍ଠିତ ଅନ୍ୟମାନଙ୍କ ଧର୍ମଠାରୁ ଗୁଣ ରହିତ ସ୍ୱଧର୍ମ ପରମ କଲ୍ୟାଣକାରୀ ହୋଇଥାଏ । **ସ୍ୱଭାବ ନିୟତମ୍**- ସ୍ୱଭାବରୁ ନିର୍ଦ୍ଧାରିତ କରାଯାଇ ଥିବା କର୍ମ କରୁଥିବା ମନୁଷ୍ୟ ପାପ ଅର୍ଥାତ୍ ଆବାଗମନକୁ ପ୍ରାପ୍ତ ହୋଇନଥାଏ । ପ୍ରାୟଃ ସାଧକଙ୍କୁ ଉଚ୍ଚାଟନ ହୋଇଥାଏ ଯେ, ଆମ୍ଭେମାନେ ଏପରି ସେବା ହିଁ କରୁଥିବା ଅଥବା ଧ୍ୟାନ କରିବାକୁ ଯିବା ? କାରଣ ସେମାନେ ଧ୍ୟାନରେ ମଗ୍ନ ରହୁଛନ୍ତି । ଭଲଗୁଣ ଯୋଗୁଁ ସେମାନଙ୍କର ସମ୍ମାନ ରହିଛି । ଏହିପରି ବିଚାରକରି ସେବାକୁ ତ୍ୟାଗକରି, ତୁରନ୍ତ ନକଲ କରିବାରେ ଲାଗିଥାନ୍ତି । ଶ୍ରୀକୃଷ୍ଣଙ୍କ ଅନୁସାରେ ନକଲ ଅଥବା ଇର୍ଷା ଦ୍ୱାରା କିଛି ମଧ ପ୍ରାପ୍ତ ହେବ ନାହିଁ । ନିଜର ସ୍ୱଭାବ ଓ କ୍ଷମତା ଅନୁସାରେ କର୍ମ କରି ହିଁ ପରସିଦ୍ଧି ପ୍ରାପ୍ତ ହୋଇଥାଏ । କର୍ମକୁ ତ୍ୟାଗ କରି ନୁହଁ ।

**ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।**
**ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ।।୪୮।।**

ହେ କୌନ୍ତେୟ ! ଦୋଷଯୁକ୍ତ (ଅଜ୍ଞାଙ୍କ ଅବସ୍ଥାଯୁକ୍ତ ଯଦି ହୋଇଥିବେ, ତେବେ ସିଦ୍ଧ ହେଉଛି ଯେ, ବର୍ତ୍ତମାନ ଦୋଷର ବାହୁଲ୍ୟ ରହିଛି ।) ପୁରୁଷ ସହଜଂ କର୍ମ- ସ୍ୱଭାବରୁ ଉତ୍ପନ୍ନ ସହଜ କର୍ମକୁ ତ୍ୟାଗ କରିବା ଅନୁଚିତ । କାରଣ ଧୂଆଁ ଦ୍ୱାରା ଅଗ୍ନି ଆବୃତ୍ତ ହେବା ସଦୃଶ ପ୍ରତ୍ୟେକ କର୍ମ କିଛି ନା କିଛି ଦୋଷଦ୍ୱାରା ଆବୃତ୍ତ ହୋଇଥାଏ । ବ୍ରାହ୍ମଣ ଶ୍ରେଣୀ ହେଲେ ମଧ କର୍ମ ତ କରିବାକୁ ହିଁ ପଡ଼ିଥାଏ । ଯେଉଁ ପର୍ଯ୍ୟନ୍ତ ସ୍ଥିତି ପ୍ରାପ୍ତ ହୋଇନାହିଁ । ସେ ପର୍ଯ୍ୟନ୍ତ ଦୋଷ ବିଦ୍ୟମାନ ରହିଥିବ । ପ୍ରକୃତିର ଆବରଣ ବିଦ୍ୟମାନ ରହିଥିବ । ଦୋଷର ଅନ୍ତ ସେଠାରେ ହେବ, ଯେଉଁଠାରେ ବ୍ରାହ୍ମଣ ଶ୍ରେଣୀର କର୍ମ ମଧ ବ୍ରହ୍ମରେ ପ୍ରବେଶ ସହିତ ବିଲୟ ହୋଇଯିବ । ସେହି ପ୍ରାପ୍ତି ଯୁକ୍ତ ପୁରୁଷଙ୍କ ଲକ୍ଷଣ କ'ଣ ? ଯେଉଁଠାରେ କର୍ମର ପ୍ରୟୋଜନ ରହିନଥାଏ ।

**ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।**
**ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସଂନ୍ୟାସେନାଧିଗଚ୍ଛତି ।।୪୯।।**

ସର୍ବତ୍ର ଆସକ୍ତି ରହିତ ବୁଦ୍ଧିଯୁକ୍ତ ପୁରୁଷ, ସ୍ପୃହା ରହିତ, ବିଜେତା ଅନ୍ତଃକରଣ ଯୁକ୍ତ ପୁରୁଷ, **ସଂନ୍ୟାସିନାମ୍–** ସର୍ବସ୍ୱର ନ୍ୟାସ କରିବା ଅବସ୍ଥାରେ ପରମ ନୈଷ୍କର୍ମ୍ୟ ସିଦ୍ଧିକୁ ପ୍ରାପ୍ତ ହୋଇଥାଏ । ଏଠାରେ ସନ୍ନ୍ୟାସ ଏବଂ ପରମ ନୈଷ୍କର୍ମ୍ୟ ସିଦ୍ଧି ପରସ୍ପର ପର୍ଯ୍ୟାୟବାଚୀ ଅଟେ । ସାଂଖ୍ୟ ଯୋଗୀ ଯେଉଁଠି ପହଞ୍ଚିଥାନ୍ତି, ସେଠାକୁ ନିଷ୍କାମ କର୍ମ ଯୋଗୀ ମଧ ପହଞ୍ଚିଥାନ୍ତି । ଏଠାରେ ଉଭୟ ମାର୍ଗୀଙ୍କ ନିମନ୍ତେ ଉପଲବ୍ଧି ସମାନ ଅଟେ । ବର୍ତ୍ତମାନ ପରମ ନୈଷ୍କର୍ମ୍ୟ ସିଦ୍ଧିକୁ ପ୍ରାପ୍ତ କରିଥିବା ପୁରୁଷ କିପରି ବ୍ରହ୍ମକୁ ପ୍ରାପ୍ତ କରିଥାନ୍ତି, ତାହାର ସଂକ୍ଷେପରେ ଚିତ୍ରଣ କରୁଛନ୍ତି–

**ସିଦ୍ଧିଂ ପ୍ରାପ୍ତୋ ଯଥାବ୍ରହ୍ମ ତଥାପ୍ନୋତି ନିବୋଧ ମେ ।**
**ସମାସେନୈବ କୌନ୍ତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା ॥୫୦॥**

ହେ କୌନ୍ତେୟ ! ଯାହା ଜ୍ଞାନର ପରାକାଷ୍ଠା ଅଟେ, ସେହି ପରମସିଦ୍ଧିକୁ ପ୍ରାପ୍ତ କରିଥିବା ପୁରୁଷ ବ୍ରହ୍ମକୁ ଯେପରି ପ୍ରାପ୍ତ ହୋଇଥାଏ, ସେହି ବିଧିକୁ ତୁମେ ମୋଠାରୁ ସଂକ୍ଷେପରେ ଶୁଣ । ପରବର୍ତ୍ତି ଶ୍ଳୋକରେ ସେହି ବିଧିକୁ ପ୍ରତିପାଦିତ କରୁଛନ୍ତି ।

**ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।**
**ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ॥୫୧।**
**ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍କାୟମାନସଃ ।**
**ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ॥୫୨॥**

ହେ ଅର୍ଜୁନ ! ବିଶେଷ ରୂପେ ଶୁଦ୍ଧ ବୁଦ୍ଧିଯୁକ୍ତ, ଏକାନ୍ତ ଏବଂ ପବିତ୍ର ଦେଶର ସେବନ କରୁଥିବା, ସାଧନାରେ ଯେତିକି ସହାୟକ ସେତିକି ହିଁ ଆହାର କରୁଥିବା ବ୍ୟକ୍ତି, ମନ, ବାଣୀ ଓ ଶରୀରକୁ ଜିଣିଥିବା, ଦୃଢ ବୈରାଗ୍ୟକୁ ଭଲଭାବରେ ପ୍ରାପ୍ତ ହୋଇଥିବା ପୁରୁଷ, ନିରନ୍ତର ଧ୍ୟାନ ଯୋଗରେ ପରାୟଣ ଏବଂ ଏପରି ଧାରଣାଯୁକ୍ତ ଅର୍ଥାତ୍ ଏହି ସମସ୍ତକୁ ଧାରଣ କରୁଥିବା ତଥା ଅନ୍ତଃକରଣକୁ ବଶରେ କରି, ଶବ୍ଦ, ସ୍ପର୍ଶାଦି ବିଷୟକୁ ତ୍ୟାଗ କରି, ରାଗ ଦ୍ୱେଷକୁ ନଷ୍ଟ କରି ତଥା –

**ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।**
**ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ॥୫୩॥**

ଅହଂକାର, ବଳ, ଘମଣ୍ଡ, କାମ, କ୍ରୋଧ ବାହ୍ୟ ବସ୍ତୁ ଏବଂ ଆନ୍ତରିକ ଚିନ୍ତନକୁ ତ୍ୟାଗ କରି, ମମତା ରହିତ, ଶାନ୍ତ ଅନ୍ତଃକରଣ ହୋଇଥିବା ପୁରୁଷ ପରବ୍ରହ୍ମ ସହିତ ଐକ୍ୟଭାବ ହେବା ନିମନ୍ତେ ଯୋଗ୍ୟ ହୋଇଥାଏ ।

**ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍‌କ୍ଷତି ।**
**ସମଃ ସର୍ବେଷୁ ଭୂତେଷୁ ମଦ୍‌ଭକ୍ତିଂ ଲଭତେ ପରାମ୍ ॥୫୪॥**

ବ୍ରହ୍ମ ସହିତ ଐକ୍ୟ ହେବା ଯୋଗ୍ୟତା ଯୁକ୍ତ, ସେହି ପ୍ରସନ୍ନ ଚିତ୍ତ ପୁରୁଷ ନା କୌଣସି ବସ୍ତୁ ନିମନ୍ତେ ଶୋକ କରିଥାଏ, ନା କାହାର ଆକାଂକ୍ଷା ହିଁ କରିଥାଏ । ସମ୍ପୂର୍ଣ୍ଣ ଭୂତରେ ସମଭାବ ହୋଇଥିବା ସେହି ପୁରୁଷ ଭକ୍ତିର ପରାକାଷ୍ଠାରେ ସ୍ଥିତ ରହିଥାଏ । ଭକ୍ତି ନିଜର ପରିଣାମ ଦେବା ସ୍ଥିତିରେ ରହିଥାଏ, ଯାହାକି ବ୍ରହ୍ମରେ ପ୍ରବେଶ ଦେଇଥାଏ ।

**ଭକ୍ତ୍ୟା ମାମଭିଜାନାତି ଯାବାନ୍ୟଶ୍ଚାସ୍ମି ତତ୍ତ୍ୱତଃ ।**
**ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ॥୫୫॥**

ପରାଭକ୍ତି ଦ୍ୱାରା ସେ ମୋତେ ତତ୍ତ୍ୱ ଦ୍ୱାରା ସମ୍ୟକ୍ ରୂପେ ଜାଣିଥାଏ, ସେହି ତତ୍ତ୍ୱ କ'ଣ ? ମୁଁ ଯିଏ ଏବଂ ଯେପରି ପ୍ରଭାବଯୁକ୍ତ ହୋଇଥାଏ, ଅଜର, ଅମର, ଶାଶ୍ୱତ, ଯେଉଁ ଅଲୌକିକ ଗୁଣଧର୍ମରେ ବିଭୂଷିତ ଅଟେ, ତାହାକୁ ଜାଣି ଏବଂ ମୋତେ ତତ୍ତ୍ୱ ଦ୍ୱାରା ଜାଣି ତତ୍‌କାଳ ହିଁ ମୋ ଭିତରେ ପ୍ରବେଶ କରିଥାଏ । ପ୍ରାପ୍ତିକାଳରେ ଭଗବାନ ଦେଖା ଦେଇଥାନ୍ତି ଏବଂ ପ୍ରାପ୍ତିର ଠିକ୍ ପରେ ତତ୍‌କ୍ଷଣ ସେ ନିଜର ହିଁ ଆତ୍ମା ସ୍ୱରୂପକୁ ସେହିଁ ଈଶ୍ୱରୀୟ ଗୁଣଧର୍ମରେ ବିଭୂଷିତ ହୋଇଥିବା ଦେଖିଥାଏ ଯେ, ଆତ୍ମ ହିଁ ଅଜର, ଅମର, ଶାଶ୍ୱତ, ଅବ୍ୟକ୍ତ ଏବଂ ସନାତନ ଅଟେ ।

ଦ୍ୱିତୀୟ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଥିଲେ ଯେ, ଆତ୍ମ ହିଁ ସତ୍ୟ, ସନାତନ, ଅବ୍ୟକ୍ତ ଏବଂ ଅମୃତସ୍ୱରୂପ ଅଟେ କିନ୍ତୁ ଏହି ବିଭୂତିଯୁକ୍ତ ଆତ୍ମାକୁ କେବଳ ତତ୍ତ୍ୱଦର୍ଶୀମାନେ ହିଁ ଦେଖିଛନ୍ତି । ବର୍ତ୍ତମାନ ସେଠାରେ ପ୍ରଶ୍ନ ସ୍ୱାଭାବିକ ଥିଲା ଯେ, ବସ୍ତୁତଃ ତତ୍ତ୍ୱଦାର୍ଶୀତା କ'ଣ ? ବହୁ ଲୋକ ପାଞ୍ଚ ତତ୍ତ୍ୱ, ପଚିଶ ତତ୍ତ୍ୱର ବୌଦ୍ଧିକ ଗଣନା କରିଥାନ୍ତି କିନ୍ତୁ ଶ୍ରୀକୃଷ୍ଣ ଏଠାରେ ଅଷ୍ଟାଦଶ ଅଧ୍ୟାୟରେ ନିର୍ଣ୍ଣୟ ଦେଲେ ଯେ, ପରମତତ୍ତ୍ୱ ହେଉଛି ପରମାତ୍ମା । ଯିଏ ତାହାକୁ ଜାଣିଥାଏ, ସେ ହିଁ ତତ୍ତ୍ୱଦର୍ଶୀ ଅଟେ । ବର୍ତ୍ତମାନ ଯଦି ଆପଣଙ୍କୁ ପରମାତ୍ମା ପରମତତ୍ତ୍ୱର ଇଚ୍ଛା ରହିଛି, ତେବେ ଭଜନ, ଚିନ୍ତନର ଆବଶ୍ୟକ ।

ଏଠାରେ ୩୯ ରୁ ୫୫ ଶ୍ଳୋକ ମଧ୍ୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ପଷ୍ଟ କହିଲେ ଯେ, ସନ୍ନ୍ୟାସ ମାର୍ଗରେ ମଧ୍ୟ କର୍ମ କରିବାକୁ ହିଁ ପଡ଼ିଥାଏ । ସେ କହିଲେ ଯେ, ସନ୍ନ୍ୟାସଦ୍ୱାରା ଅର୍ଥାତ୍ ଜ୍ଞାନ ଯୋଗଦ୍ୱାରା, କର୍ମ କରିକରି ଇଚ୍ଛା ରହିତ, ଆସକ୍ତି ରହିତ, ତଥା ଜିଣି ଯାଇଥିବା ଶୁଦ୍ଧ ଅନ୍ତଃକରଣ ଯୁକ୍ତ ପୁରୁଷ ଯେଉଁ ପରି ନୈଷ୍କର୍ମ୍ୟର ପରମ ସିଦ୍ଧିକୁ ପ୍ରାପ୍ତ ହୋଇଥାଏ, ତାହାକୁ ସଂକ୍ଷେପରେ କହିବି । ଅହଂକାର, ବଳ, ଦର୍ପ, କାମ,କ୍ରୋଧ, ମଦ, ମୋହ ଇତ୍ୟାଦି ପ୍ରକୃତିରେ ଭ୍ରମିତ କରାଉଥିବା ବିକାର

ଯେତେବେଳେ ସର୍ବଥା ଶାନ୍ତ ହୋଇଯାଆନ୍ତି ଏବଂ ବିବେକ, ବୈରାଗ୍ୟ, ଶମ, ଦମ ଏକାନ୍ତ ସେବନ, ଧ୍ୟାନ ଇତ୍ୟାଦି ବ୍ରହ୍ମରେ ପ୍ରବେଶ ଦେଉଥିବା ଯୋଗ୍ୟତାମାନ ଯେତେବେଳେ ପୂର୍ଣ୍ଣତୟା ପରିପକ୍ୱ ହୋଇଯାଏ, ସେହି ସମୟରେ ସେହି ପୁରୁଷ ବ୍ରହ୍ମକୁ ଜାଣିବା ନିମନ୍ତେ ଯୋଗ୍ୟ ହୋଇଥାଏ । ସେହି ଯୋଗ୍ୟତାର ନାମ ହିଁ ପରାଭକ୍ତି ଅଟେ । ଏହି ଯୋଗ୍ୟତା ଦ୍ୱାରା ସେ ତତ୍ତ୍ୱକୁ ଜାଣିଥାଏ । ସେ ତତ୍ତ୍ୱ କ'ଣ ? ଯିଏ କି ମୋତେ ଜାଣିଥାଏ । ଭଗବାନ ଯେପରି ଓ ଯେଉଁ ବିଭୂତି ଦ୍ୱାରା ବିଭୂଷିତ ହୋଇ ଥାଆନ୍ତି ଏବଂ ତାହାଙ୍କୁ ଜାଣିଥାଏ ଅର୍ଥାତ୍ ମୋତେ ଜାଣି ତତ୍‌କ୍ଷଣ ମୋ ଭିତରେ ହିଁ ସ୍ଥିତ ହୋଇଥାଏ । ଅର୍ଥାତ୍ ବ୍ରହ୍ମ, ତତ୍ତ୍ୱ, ଈଶ୍ୱର, ପରମାତ୍ମା ଏବଂ ଆତ୍ମା ପରସ୍ପର ପର୍ଯ୍ୟାୟବାଚୀ ଅଟେ । ଗୋଟିକର ଜ୍ଞାନ ହେବା ସହିତ ଏହି ସମସ୍ତଙ୍କର ଜାନକାରୀ ହୋଇଯାଏ । ଏହା ହିଁ ପରମସିଦ୍ଧି, ପରମଗତି ଏବଂ ପରମଧାମ ମଧ୍ୟ ଅଟେ ।

ଅତଃ ଗୀତାର ଦୃଢ ନିଶ୍ଚୟ ଯେ, ସନ୍ୟାସ ଏବଂ ନିଷ୍କାମ କର୍ମ ଯୋଗ ଉଭୟ ପରିସ୍ଥିତିରେ ପରମ ନୈଷ୍କର୍ମ୍ୟସିଦ୍ଧିକୁ ପ୍ରାପ୍ତ କରିବା ନିମନ୍ତେ ନିୟତ କର୍ମ ଅର୍ଥାତ୍ ଚିନ୍ତନ ଅନିବାର୍ଯ୍ୟ ଅଟେ ।

ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ସନ୍ୟାସୀ ନିମନ୍ତେ ଭଜନ – ଚିନ୍ତନକୁ ବଳଦେଇ କହିଲେ ଏବଂ ବର୍ତ୍ତମାନ ସମର୍ପଣ କହି ସେହି ବାର୍ତ୍ତାକୁ ନିଷ୍କାମ କର୍ମ ଯୋଗୀଙ୍କ ନିମନ୍ତେ ମଧ୍ୟ କହୁଛନ୍ତି–

**ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ ।**
**ମତ୍‌ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥୫୬॥**

ମୋଠାରେ ବିଶେଷ ରୂପରେ ଆଶ୍ରିତ ହୋଇଥିବା ପୁରୁଷ ସମ୍ପୂର୍ଣ୍ଣ କର୍ମକୁ ସର୍ବଦା କରି, ଲେଶମାତ୍ର ମଧ୍ୟ ତ୍ରୁଟି ନରଖି କରୁଥିବା ବ୍ୟକ୍ତି, ମୋର କୃପା ପ୍ରସାଦ ଦ୍ୱାରା ଶାଶ୍ୱତ, ଅବିନାଶୀ ପରମ ପଦକୁ ପ୍ରାପ୍ତ ହୋଇଥାଏ । କର୍ମ ତାହା ହିଁ ଅଟେ– ନିୟତ କର୍ମ, ଯଜ୍ଞର ପ୍ରକ୍ରିୟା । ପୂର୍ଣ୍ଣ ଯୋଗେଶ୍ୱର ସଦ୍‌ଗୁରୁଙ୍କ ଆଶ୍ରିତ ସାଧକ ତାହାଙ୍କ କୃପା ପ୍ରସାଦରୁ ଶିଘ୍ର ହିଁ ପରମ ପଦକୁ ପ୍ରାପ୍ତ ହୋଇଯାଏ । ଅତଃ ତାହାର ପ୍ରାପ୍ତି ନିମନ୍ତେ ସମର୍ପଣ ଆବଶ୍ୟକ ।

**ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍‌ପରଃ ।**
**ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ॥୫୭॥**

ଅତଃ ହେ ଅର୍ଜୁନ ! ସମ୍ପୂର୍ଣ୍ଣ କର୍ମକୁ ଯେତିକି ହୋଇପାରିବ, ମନଦ୍ୱାରା ମୋତେ ଅର୍ପିତ କରି ନିଜର ଭରସାରେ ନୁହଁ ବରଂ ମୋତେ ସମର୍ପଣ କରି ମୋର ପରାୟଣ ହୋଇ ବୁଦ୍ଧି ଯୋଗକୁ ଅବଲମ୍ବନ କରି ନିରନ୍ତର ମୋଠାରେ ଚିତ୍ତକୁ ଲଗାଅ ।

ଯୋଗ ଗୋଟିଏ ହିଁ ଅଟେ । ଯିଏକି ସର୍ବଥା ଦୁଃଖକୁ ବିନାଶ କରିଥାଏ ଏବଂ ପରମତତ୍ତ୍ୱ ପରମାତ୍ମାରେ ପ୍ରବେଶ ଦେଇଥାଏ । ତାହାର କ୍ରିୟା ମଧ୍ୟ ଗୋଟିଏ ହିଁ ଅଟେ– ଯଜ୍ଞର ପ୍ରକ୍ରିୟା । ଯାହାକି ମନ ତଥା ଇନ୍ଦ୍ରିୟମାନଙ୍କ ସଂଯମ, ଶ୍ୱାସ–ପ୍ରଶ୍ୱାସର ଚିନ୍ତନ, ତଥା ଧ୍ୟାନ ଇତ୍ୟାଦିରେ ନିର୍ଭର ରହିଥାଏ । ଯାହାର ପରିଣାମ ମଧ୍ୟ ଗୋଟିଏ ହିଁ ଅଟେ । **ଯାନ୍ତି ବ୍ରହ୍ମ ସନାତନମ୍**– ଅର୍ଥାତ୍ ସନାତନ ପରବ୍ରହ୍ମରେ ପ୍ରବେଶ ପାଇଯାନ୍ତି । ଏହାପରେ ଆଗକୁ କହନ୍ତି–

**ମଚ୍ଚିତଃ ସର୍ବଦୁର୍ଗାଣି ମତ୍‌ପ୍ରସାଦାତ୍ ତରିଷ୍ୟସି ।**
**ଅଥ ଚେତ୍ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍‌କ୍ଷ୍ୟସି ।।୫୮।।**

ଏହିପରି ମୋଠାରେ ନିରନ୍ତର ଚିତ୍ତକୁ ଲଗାଇ ତୁମେ ମୋର କୃପା ଦ୍ୱାରା ମନ ଓ ଇନ୍ଦ୍ରିୟମାନଙ୍କ ସମସ୍ତ ଦୁର୍ଗକୁ ଅନାୟାସ ପାର କରିଯିବ ।

**ଇନ୍ଦ୍ରିହ୍ନ ଦ୍ୱାର ଝରୋଖା ନାନା । ତହଁ ତହଁ ସୁର ବୈଠେ କରି ଥାନା ।।**
**ଆବତ ଦେଖହି ବିଷୟ ବୟାରୀ । ତେ ହଠି ଦେହିଁ କପାଟ ଉଘାରୀ ।।**

(ରା.ମାନସ– ୭/୧୧୭/୧୧)

ଏହାହିଁ ଦୁର୍ଜ୍ଜୟ ଦୁର୍ଗ ଅଟେ । ମୋର କୃପାଦ୍ୱାରା ତୁମେ ଏହି ବାଧାଗୁଡ଼ିକ ଅତ୍ରିକମଣ କରିଯିବ । କିନ୍ତୁ ଯଦି ଅହଂକାର ଯୋଗୁଁ ମୋର ବଚନକୁ ନ ଶୁଣିବ, ତେବେ ନଷ୍ଟ ଭ୍ରଷ୍ଟ ହୋଇଯିବ । ପରମାର୍ଥ ପଥରୁ ଚ୍ୟୁତ ହୋଇଯିବ । ପୁନଃ ଏହାକୁ କହୁଛନ୍ତି–

**ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।**
**ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି ।।୫୯।।**

ଯଦି ତୁମେ ଅହଂକାରର ଆଶ୍ରୟ ନେଇ ଏପରି ମାନୁଛ ଯେ, ଯୁଦ୍ଧ କରିବ ନାହିଁ, ତେବେ ତୁମର ଏହି ନିଶ୍ଚୟ ମିଥ୍ୟା ଏବଂ ବ୍ୟର୍ଥ ଅଟେ । କାରଣ ତୁମର ସ୍ୱଭାବ ତୁମକୁ ବଳପୂର୍ବକ ଯୁଦ୍ଧରେ ଅର୍ଥାତ୍ କର୍ମରେ ଲଗାଇ ଦେବ ।

**ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନ କର୍ମଣା ।**
**କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍ ।।୬୦।।**

ହେ କୌନ୍ତେୟ ! ମୋହବଶ ତୁମେ ଯେଉଁ କର୍ମ କରିବାକୁ ଚାହୁଁ ନାହଁ, ତାହାକୁ ମଧ୍ୟ ସ୍ୱଭାବରୁ ଉତ୍ପନ୍ନ ହେଉଥିବା କର୍ମରେ ବାନ୍ଧି ହୋଇ ପରବଶ ହୋଇ କରିବ । ପ୍ରକୃତିର ସଂଘର୍ଷରୁ ପଛେଇ ନଯିବା ତୁମର ଅର୍ଥାତ୍ କ୍ଷତ୍ରୀୟ ଶ୍ରେଣୀର ସ୍ୱଭାବ, ତୁମ୍ଭଙ୍କୁ ବଳପୂର୍ବକ କର୍ମରେ ଲଗାଇ ଦେବ । ଏଠାରେ ପ୍ରଶ୍ନ ପୁରା ହେଲା । ବର୍ତ୍ତମାନ ସେହି ଈଶ୍ୱର କେଉଁଠି ରହନ୍ତି ? ଏହା ଉପରେ କହୁଛନ୍ତି –

**ଈଶ୍ୱରଂ ସବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।**
**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା ॥୬୧॥**

ହେ ଅର୍ଜୁନ ! ସେହି ଈଶ୍ୱର ସମ୍ପୂର୍ଣ୍ଣ ଭୂତ ପ୍ରାଣୀମାନଙ୍କ ହୃଦୟ ଦେଶରେ ନିବାସ କରିଥାନ୍ତି । ଯଦି ଏତେ ସମୀପରେ ଭଗବାନ ଅଛନ୍ତି, ତେବେ ଲୋକେ କାହିଁକି ଜାଣି ପାରନ୍ତିନାହିଁ ? ମାୟାରୂପୀ ଯନ୍ତ୍ରରେ ଆରୂଢ ହୋଇ ସମ୍ପୂର୍ଣ୍ଣ ଲୋକେ ଭ୍ରମର ବଶବର୍ତ୍ତୀ ହୋଇ ଭ୍ରମଣ କରୁଥାନ୍ତି । ତେଣୁକରି ସେମାନେ ଈଶ୍ୱରଙ୍କୁ ଜାଣିପାରନ୍ତି ନାହିଁ । ଏହି ଯନ୍ତ୍ର ବହୁତ ବଡ଼ ବାଧକ ଅଟେ । ଯିଏକି ବାରମ୍ବାର ନଶ୍ୱର କଳେବର ଅର୍ଥାତ୍ ଶରୀରରେ ଭ୍ରମଣ କରାଇଥାଏ । ତେବେ କାହାର ଶରଣ ନେବା ଉଚିତ ?

**ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।**
**ତତ୍‌ପ୍ରସାଦାତ୍ ପରାଂଶାନ୍ତି ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥୬୨॥**

ହେ ଭରତ ! 'ସମ୍ପୂର୍ଣ୍ଣ ଭାବରେ ସେହି ହୃଦୟସ୍ଥ ଈଶ୍ୱରଙ୍କ ନିକଟକୁ ଅନନ୍ୟ ଭାବ ସହିତ ଶରଣରେ ଯାଅ । ସେହି ହୃଦୟସ୍ଥ ଈଶ୍ୱରଙ୍କ କୃପା ପ୍ରସାଦରୁ ତୁମେ ପରମଶାନ୍ତି, ଶାଶ୍ୱତ ପରମଧାମକୁ ପ୍ରାପ୍ତ ହେବ ।' ଅତଃ ଯଦି ଧ୍ୟାନ କରିବାରେ ପ୍ରବୃତ ହେବେ, ତେବେ ହୃଦୟ ଦେଶରେ କରନ୍ତୁ । ଏହା ଜାଣି ମଧ୍ୟ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ କିମ୍ବା ଅନ୍ୟତ୍ର ଖୋଜିବାରେ ସମୟ ବରବାଦ ମାତ୍ର ହୋଇଥାଏ । ହଁ, ଯଦି ଏହାକୁ ଜାଣିନଥାନ୍ତେ, ତେବେ ମନ୍ଦିର, ମସ୍‌ଜିଦ୍ ଏବଂ ଚର୍ଚ୍ଚକୁ ଯିବା ସ୍ୱାଭାବିକ ହୋଇଥାନ୍ତା । ଈଶ୍ୱରଙ୍କ ନିବାସ ସ୍ଥାନ ହୃଦୟ ଅଟେ । ଚତୁଶ୍ଳୋକୀ ଭଗବତର ସାରାଂଶ ମଧ୍ୟ ଏହା ହିଁ ଅଟେ । ଏପରି ତ ମୁଁ ସର୍ବତ୍ର ରହିଛି କିନ୍ତୁ ଯେତେବେଳେ ମୁଁ ପ୍ରାପ୍ତ ହୋଇଥାଏ, ସେତେବେଳେ ହୃଦୟ ଦେଶରେ ଧ୍ୟାନ କରିବା ଦ୍ୱାର ହିଁ ପ୍ରାପ୍ତ ହୋଇଥାଏ ।

**ଇତି ତେ ଜ୍ଞାନମାଖ୍ୟାତଂ ଗୃହ୍ୟାଦ୍‌ଗୁହ୍ୟତରଂ ମୟା ।**
**ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ ॥୬୩॥**

ଏହିପରି ଏତିକି ହିଁ, ଗୋପନୀୟରୁ ମଧ୍ୟ ଅତିଗୋପନୀୟ ଜ୍ଞାନକୁ ମୁଁ ତୁମ ନିମନ୍ତେ କହିଲି । ଏହି ବଧିଦ୍ୱାରା ସମ୍ପୂର୍ଣ୍ଣ ରୂପେ ବିଚାର କରି ପୁନଃ ତୁମେ ଯେପରି ଚାହୁଁଛ ସେପରି କର । ସତ୍ୟ ଏହା ହିଁ ଅଟେ । ଶୋଧର ସ୍ଥଳୀ ଏହା ହିଁ ଅଟେ । ପ୍ରାପ୍ତିର ସ୍ଥଳୀ ମଧ୍ୟ ଏହା ହିଁ ଅଟେ । କିନ୍ତୁ ହୃଦୟସ୍ଥିତ ଈଶ୍ୱର ବାହାରକୁ ଦିଶୁନାହାଁନ୍ତି । ତେବେ ତାହାଙ୍କ ଶରଣରେ କିପରି ଯିବା ? ଏହାର ଉପାୟ କହୁଛନ୍ତି–

**ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।**
**ଇଷ୍ଟୋଽସି ମେ ଦୃଢମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥୬୪॥**

ହେ ଅର୍ଜୁନ ! ସମ୍ପୂର୍ଣ୍ଣ ଗୋପନୀୟରୁ ମଧ୍ୟ ଅତିଗୋପନୀୟ ମୋର ହସ୍ୟଯୁକ୍ତ ବଚନକୁ ତୁମେ ପୁନଃ ଶ୍ରବଣ କର । ପ୍ରଥମେ କହିଥିଲି ତଥାପି ମଧ୍ୟ ତୁମେ ଶ୍ରବଣକର । ସାଧକ ପାଇଁ ଇଷ୍ଟ ସଦୈବ ମାର୍ଗଦର୍ଶନ ନିମନ୍ତେ ଉପସ୍ଥିତ ରହିଥାନ୍ତି । କାରଣ ତୁମେ ମୋର ଅତିଶୟ ପ୍ରିୟ ଅଟ । ତେଣୁକରି ଏହି ପରମ ହିତକାରୀ ବଚନକୁ ମୁଁ ତୁମ ନିମନ୍ତେ ପୁନଃ କହିବି ।

**ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ୟାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥୬୫॥**

ହେ ଅର୍ଜୁନ ! ତୁମେ ମୋ ଠାରେ ହିଁ ଅନନ୍ୟ ମନବାଲା ହୁଅ । ମୋର ଅନନ୍ୟ ଭକ୍ତ ହୁଅ । ମୋ ପ୍ରତି ଶ୍ରଦ୍ଧାବାନ ହୁଅ ଅର୍ଥାତ୍ ବାସ୍ପବାରି ପରିପୂର୍ଣ୍ଣ ଲୋଚନରେ ମୋ ଠାରେ ସମର୍ପିତ ହୁଅ । ମୋତେ ହିଁ ନମସ୍କାର କର । ଏପରି କରିବା ଦ୍ୱାରା ତୁମେ ମୋତେ ହିଁ ପ୍ରାପ୍ତ ହେବ । ଏହା ମୁଁ ତୁମ ନିମନ୍ତେ ସତ୍ୟ ପ୍ରତିଜ୍ଞାକରି କହୁଛି । କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ ଅଟ । ପୂର୍ବରୁ କହିଥିଲେ ଯେ, ଈଶ୍ୱର ହୃଦୟ ଦେଶରେ ରହନ୍ତି । ସେହି ହୃଦୟସ୍ଥ ଈଶ୍ୱରଙ୍କ ଶରଣରେ ଯାଅ । ଏଠାରେ କହୁଛନ୍ତି ଯେ, ମୋର ଶରଣରେ ଆସ । ଏପରି ଅତି ଗୋପନୀୟ ରହସ୍ୟମୟ ବଚନକୁ ଶୁଣନ୍ତୁ ଯେ, ମୋର ଶରଣରେ ଆସ । ବସ୍ତୁତଃ ଯୋଗେଶ୍ୱର କ'ଣ କହିବାକୁ ଚାହୁଁଛନ୍ତି ? ଏହାର ଅର୍ଥ ଏତିକି ଯେ, ପ୍ରତ୍ୟେକ ସାଧକଙ୍କୁ ସଦ୍‌ଗୁରୁଙ୍କ ଶରଣରେ ଯିବା ଆବଶ୍ୟକ ହୋଇଥାଏ । ଶ୍ରୀକୃଷ୍ଣ ଜଣେ ପୂର୍ଣ୍ଣ ଯୋଗେଶ୍ୱର ଥିଲେ । ବର୍ତ୍ତମାନ ସମର୍ପଣର ବିଧି ବିଶେଷକୁ କହୁଛନ୍ତି –

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।**
**ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥୬୬॥**

ସମ୍ପୂର୍ଣ୍ଣ ଧର୍ମକୁ ତ୍ୟାଗ କରି ଅର୍ଥାତ୍ ମୁଁ ବ୍ରାହ୍ମଣ ଶ୍ରେଣୀର କର୍ତ୍ତା ଅଟେ ଅଥବା କ୍ଷତ୍ରୀୟ ଶ୍ରେଣୀର, ଅଥବା ବୈଶ୍ୟ ଶ୍ରେଣୀର ଅଥବା ଶୂଦ୍ର ଶ୍ରେଣୀର କର୍ତ୍ତା ଅଟେ, ଏପରି ବିଚାରକୁ ତ୍ୟାଗ କରି କେବଳ ଗୋଟିଏ ହିଁ ମୋର ଅନନ୍ୟ ଶରଣରେ ଆସିଯାଅ । ମୁଁ ତୁମକୁ ସମ୍ପୂର୍ଣ୍ଣ ପାପରୁ ମୁକ୍ତ କରିଦେବି । ତୁମେ ଶୋକ କର ନାହିଁ । ଏହି ସବୁ ବ୍ରାହ୍ମଣ କ୍ଷେତ୍ରୀୟ ଇତ୍ୟାଦି ବର୍ଣ୍ଣର ବିଚାର ନକରି ଅଥବା ମୁଁ କେଉଁ ସ୍ତରରେ ରହିଛି, ଏହି ସବୁ ବିଚାର ନକରି, ଯିଏ ଅନନ୍ୟ ଭାବ ସହିତ ମୋର ଶରଣରେ ଆସିଯାଏ, କେବଳ ଇଷ୍ଟଙ୍କ ବ୍ୟତୀତ ଅନ୍ୟକାହାକୁ ଦେଖି ନଥାଏ, ତାହାର କ୍ରମଶଃ ବର୍ଣ୍ଣ ପରିବର୍ତ୍ତନ, ଉତ୍‌ଥାନ ତଥା ସମ୍ପୂର୍ଣ୍ଣ ପାପରୁ ନିବୃତି ଅର୍ଥାତ୍ ମୋକ୍ଷର ଦାୟୀତ୍ୱ ସେହି ଇଷ୍ଟ ଅର୍ଥାତ୍ ସଦ୍‌ଗୁରୁ ସ୍ୱୟଂ ନିଜ ହାତରେ ନେଇଯାନ୍ତି ।

ପ୍ରତ୍ୟେକ ମହାପୁରୁଷ ଏହା ହିଁ କହିଛନ୍ତି । ଶାସ୍ତ୍ର ଯେତେବେଳେ ଲିଖିତ ଆକାରରେ ଆସିଯାଏ, ତେବେ ଅନୁଭବ ହୁଏ ଯେ, ଏହା ସମସ୍ତଙ୍କ ନିମନ୍ତେ ଲିପିବଦ୍ଧ ହୋଇଛି । କିନ୍ତୁ ବସ୍ତୁତଃ ଶାସ୍ତ୍ର ଶ୍ରଦ୍ଧାବାନ ସାଧକଙ୍କ ନିମନ୍ତେ ହିଁ ହୋଇଥାଏ । ଅର୍ଜୁନ ଅଧିକାରୀ ଥିଲେ । ତେଣୁକରି ତାହାଙ୍କୁ ଜୋର୍ ଦେଇ ଶ୍ରୀକୃଷ୍ଣ କହିଥିଲେ । ବର୍ତ୍ତମାନ ଯୋଗେଶ୍ୱର ସ୍ୱୟଂ ନିର୍ଣ୍ଣୟ ଦେଉଛନ୍ତି ଯେ, ଏହାର ଅଧିକାରୀ କିଏ ?

**ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।**
**ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ॥୬୭॥**

ହେ ଅର୍ଜୁନ ! ଏହିପରି ତୁମ ହିତ ନିମନ୍ତେ କହିଥିବା ଏହି ଗୀତାର ଉପଦେଶକୁ କୌଣସି କାଳରେ ଭୂଲ୍‌କରି ମଧ୍ୟ ତପ ରହିତ, ଭକ୍ତି ରହିତ, ଶୁଣିବାକୁ ଇଛନଥିବା ପୁରୁଷ ଏବଂ ଯିଏ ମୋର ନିନ୍ଦା କରିଥାଏ, ଅର୍ଥାତ୍ ଏପରି ଦୋଷ ରହିଛି, ସେହିପରି ଦୋଷ ରହଛି, ଏହିପରି ମିଥ୍ୟାଲୋଚନା କରିଥାଏ, ସେହି ପୁରୁଷଙ୍କୁ ଏହି ଉପଦେଶ କହିବା ଅନୁଚିତ । ଯଦି ସେମାନଙ୍କୁ କହିଦେବା ତେବେ ବା କ୍ଷତି କ'ଣ । ଏହାର କାରଣ ଏପରି ଯେ, ସେହି ମୂଢ ବୁଦ୍ଧିଯୁକ୍ତ ପୁରୁଷ କେବଳ ଶ୍ରବଣ ହିଁ କରିବେ, କିନ୍ତୁ କିଛି କାର୍ଯ୍ୟରେ ଲଗାଇବେ ନାହିଁ । ଯୋଗେଶ୍ୱର ଶ୍ରୀକୃଷ୍ଣ ଅର୍ଥାତ୍ ସଦ୍‌ଗୁରୁ ମହାପୁରୁଷ ହିଁ ତ ଥିଲେ । ଯାହାର ସମକ୍ଷରେ ସ୍ତୁତି କର୍ତ୍ତାମାନଙ୍କ ସହିତ କତିପୟ ନିନ୍ଦକ ମଧ୍ୟ ଥିଲେ । ଏମାନଙ୍କୁ ତ କହିବା ଅନୁଚିତ । କିନ୍ତୁ ପ୍ରଶ୍ନ ସ୍ୱାଭାବିକ ହେବ ଯେ, ଏହା କାହାକୁ କହିବା ଉଚିତ, ଏହାକୁ ପୁନଃ ଦେଖିବା–

**ୟ ଇମଂ ପରମଂ ଗୁହ୍ୟଂ ମଦ୍‌ଭକ୍ତେଷ୍ୱଭିଧାସ୍ୟତି ।**
**ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ॥୬୮॥**

ଯେଉଁ ବ୍ୟକ୍ତି ମୋର ପରାଭକ୍ତିକୁ ପ୍ରାପ୍ତ କରି ଏହି ପରମ ରହସ୍ୟଯୁକ୍ତ ଗୀତା ଉପଦେଶକୁ ମୋର ଭକ୍ତମାନଙ୍କୁ କହିବ, ସେ ନିଃସନ୍ଦେହ ମୋତେ ହିଁ ପ୍ରାପ୍ତ ହେବ । ଅର୍ଥାତ୍ ଶ୍ରବଣ କରୁଥିବା ସେହି ଭକ୍ତ ମଧ୍ୟ ମୋତେ ହିଁ ପ୍ରାପ୍ତ ହେବେ । ଯିଏ ଶୁଣି ନେବ ଏବଂ ଉପଦେଶକୁ ଭଲରୂପେ ଶୁଣି ହୃଦୟଙ୍ଗମ କରିନେବ, ସେହି ନିୟତ କର୍ମରେ ଚାଲିବ, ସେ ମଧ୍ୟ ପାର ହୋଇଯିବ । ବର୍ତ୍ତମାନ ସେହି ଉପଦେଶ କର୍ତ୍ତାଙ୍କ ନିମନ୍ତେ କହୁଛନ୍ତି –

**ନ ଚ ତସ୍ମାନ୍‌ମନୁଷ୍ୟେଷୁ କଶ୍ଚିନ୍‌ମେ ପ୍ରିୟକୃତ୍ତମଃ ।**
**ଭବିତା ନଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ॥୬୯॥**

ନା ତ ତାହାଠାରୁ ଅଧିକ ମୋର ଅତିଶୟ ପ୍ରିୟ କାର୍ଯ୍ୟ କରିବା ବ୍ୟକ୍ତି

ମନୁଷ୍ୟମାନଙ୍କ ମଧ୍ୟରେ କେହି ରହିଛି ଏବଂ ନା ତାହାଠାରୁ ଅତ୍ୟନ୍ତ ପ୍ରିୟ ଏହି ପୃଥିବୀରେ ଅନ୍ୟ କେହି ରହିଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ, କାହାଠାରୁ ? ଯିଏ ମୋର ଭକ୍ତମାନଙ୍କ ମଧ୍ୟରେ ମୋର ଉପଦେଶ କରିଥାଏ, ତାହାଙ୍କୁ ନିର୍ଦ୍ଧାରିତ କ୍ରିୟାପଥରେ ଯଜ୍ଞାର୍ଥ କର୍ମ ପଥରେ ଚଲାଇଥାଏ । ସେହିଁ ମୋର ଅତ୍ୟନ୍ତ ପ୍ରିୟ ଭକ୍ତ ଅଟେ । କାରଣ କଲ୍ୟାଣର ଏହା ହିଁ ଏକମାତ୍ର ସ୍ରୋତ ଅଟେ । ଏହା ରାଜମାର୍ଗ ଅଟେ । ବର୍ତ୍ତମାନ ଦେଖିବା ଅଧ୍ୟୟନ–

**ଅଧ୍ୟେଷ୍ୟତେ ଚ ୟ ଇମଂ ଧର୍ମ୍ୟଂ ସମ୍ବାଦମାବୟୋଃ ।**
**ଜ୍ଞାନୟଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ ॥୭୦॥**

ଯେଉଁ ପୁରୁଷ ଏହି ଧର୍ମମୟ ଆମ୍ଭ ଦୁହିଁଙ୍କ ସମ୍ବାଦକୁ **ଅଧେସ୍ୟତେ –** ଭଲରୂପେ ମନନ କରିବ, ତାହାଙ୍କ ଦ୍ୱାରା ମୁଁ ଜ୍ଞାନ ଯଜ୍ଞରେ ପୂଜିତ ହେବି । ଅର୍ଥାତ୍ ଏପରି ଯଜ୍ଞ ଯାହାର ପରିଣାମ ହେଉଛି ଜ୍ଞାନ । ଯାହାର ସ୍ୱରୂପ ପୂର୍ବରୁ କୁହାଯାଇଛି, ଯାହାର ତାତ୍ପର୍ଯ୍ୟ ହେଉଛି ସାକ୍ଷାତ୍କାର ସହିତ ପ୍ରାପ୍ତ ହେଉଥିବା ଅନୁଭବ । ଏହା ହିଁ ମୋର ନିଶ୍ଚିତ ମତ ଅଟେ ।

**ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି ୟୋ ନରଃ ।**
**ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍ ପ୍ରାପ୍ନୁୟାତ୍ ପୁଣ୍ୟକର୍ମଣାମ୍ ॥୭୧॥**

ଯେଉଁ ପୁରୁଷ ଶ୍ରଦ୍ଧାଯୁକ୍ତ ହୋଇ ଏବଂ ଈର୍ଷା ରହିତ ହୋଇ କେବଳ ଶ୍ରବଣ ମାତ୍ର କରିବ, ସେ ମଧ୍ୟ ସମ୍ପୂର୍ଣ୍ଣ ପାପରୁ ମୁକ୍ତ ହୋଇ ଉତ୍ତମ କର୍ମକୁ କରୁଥିବା ଶ୍ରେଷ୍ଠ ଲୋକକୁ ପ୍ରାପ୍ତ ହୋଇଯିବ । ଅର୍ଥାତ୍ କର୍ମ କରିବା ମଧ୍ୟ ହୋଇପାରୁ ନାହିଁ, ତେବେ କେବଳ ମାତ୍ର ଶୁଣନ୍ତୁ । ଉତ୍ତମ ଲୋକ ତେବେ ମଧ୍ୟ ତାହାଙ୍କ ନିମନ୍ତେ ଖୋଲା ହିଁ ରହିଛି । କାରଣ ସେ ଚିତ୍ତ ଦ୍ୱାରା ସେହି ଉପଦେଶକୁ ଗ୍ରହଣ ତ କରୁଛି । ଏଠାରେ ୬୬ ଠାରୁ ୭୧ ପର୍ଯ୍ୟନ୍ତ ପାଞ୍ଚୋଟି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଏହା କହିଛନ୍ତି ଯେ, ଗୀତାର ଉପଦେଶ ଅନଧିକାରୀମାନଙ୍କୁ କହିବା ଉଚିତ ନୁହଁ । କିନ୍ତୁ ଯିଏ ଶ୍ରଦ୍ଧାବାନ, ତାହାକୁ ତ ଅବଶ୍ୟ ହିଁ କହିବା ଉଚିତ । ଯିଏ ଶ୍ରବଣ କରିବ, ସେହି ଭକ୍ତ ମଧ୍ୟ ମୋତେ ହିଁ ପ୍ରାପ୍ତ ହେବ । କାରଣ ଅତି ଗୋପନୀୟ କଥାକୁ ଶ୍ରବଣକରି ପୁରୁଷ ନିର୍ଦ୍ଧାରିତ କର୍ମ ପଥରେ ଚାଲିବାରେ ଲାଗିଥାଏ । ଯିଏ ଭକ୍ତମାନଙ୍କ ମଧ୍ୟରେ କହିବ, ତାହାଠାରୁ ଅଧିକ ପ୍ରିୟ କହିପାରୁଥିବା ମୋର ଅନ୍ୟ କେହି ନାହାଁନ୍ତି, ଯିଏ ଅଧ୍ୟୟନ କରିବ, ତାହାଙ୍କ ଜ୍ଞାନ–ଯଜ୍ଞ ଦ୍ୱାରା ମୁଁ ପୂଜିତ ହେବି । ଯଜ୍ଞର ପରିଣାମ ହିଁ ଜ୍ଞାନ ଅଟେ । ଯିଏ ଗୀତା ଅନୁସାରେ କର୍ମ କରିବାରେ ଅସମର୍ଥ କିନ୍ତୁ ଶ୍ରଦ୍ଧା ସହିତ ଶ୍ରବଣ କରିଥାଏ, ସେ ମଧ୍ୟ ପୂଣ୍ୟ ଲୋକକୁ ପ୍ରାପ୍ତ ହେବ ।

ଏହିପରି ଭଗବାନ ଶ୍ରୀକୃଷ୍ଣ ଗୀତା କହିବା, ଶୁଣିବା ଏବଂ ଅଧ୍ୟୟନର ଫଳକୁ ପ୍ରତିପାଦିତ କଲେ । ପ୍ରଶ୍ନ ପୁରା ହେଲା । ବର୍ତ୍ତମାନ ପରିଶେଷରେ ସେ ଅର୍ଜୁନଙ୍କୁ ପଚାରୁଛନ୍ତି ଯେ, ଅର୍ଜୁନ ! କ'ଣ କିଛି ବୁଝିପାରିଲ ?

**କଚ୍ଚିଦେତତ୍ ଶ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା ।**
**କଚ୍ଚିଦଜ୍ଞାନସମ୍ମୋହଃ ପ୍ରନଷ୍ଟସ୍ତେ ଧନଞ୍ଜୟ ॥୭୨॥**

ହେ ଧନଞ୍ଜୟ ! କ'ଣ ମୋର ଏହି ବଚନକୁ ତୁମେ ଏକାଗ୍ର ଚିତ୍ତ ହୋଇ ଶୁଣିଲ ? କ'ଣ ତୁମର ଅଜ୍ଞାନରୁ ଉତ୍ପନ୍ନ ହୋଇଥିବା ମୋହ ନଷ୍ଟହେଲା ? ଏହା ଉପରେ ଅର୍ଜୁନ କହିଲେ –

**ଅର୍ଜୁନ ଉବାଚ**

**ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ ।**
**ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ॥୭୩॥**

ହେ ଅଚ୍ୟୁତ ! ଆପଣଙ୍କ କୃପାରୁ ମୋର ମୋହ ନଷ୍ଟ ହୋଇଗଲା । ମୋତେ ସ୍ମୃତିପ୍ରାପ୍ତ ହୋଇଗଲା । ବର୍ତ୍ତମାନ ମୁଁ ସଂଶୟ ରହିତ ହୋଇ ସ୍ଥିତ ରହିଛି ଏବଂ ଆପଣଙ୍କ ଆଜ୍ଞା ପାଳନ କରିବି । ଯେତେ ବେଳେ କି ସୈନ୍ୟ ନିରୀକ୍ଷଣ ସମୟରେ ଉଭୟ ସେନାଙ୍କ ମଧ୍ୟରେ ସ୍ୱଜନମାନଙ୍କୁ ଦେଖି ଅର୍ଜୁନ ବ୍ୟାକୁଳ ହୋଇ ଯାଇଥିଲେ । ସେ ନିବେଦନ କରିଥିଲା ଯେ, ହେ ଗୋବିନ୍ଦ ! ସ୍ୱଜନଙ୍କୁ ମାରି ଆମ୍ଭେମାନେ କିପରି ସୁଖୀ ହେବା ? ଏହିପରି ଯୁଦ୍ଧ ଦ୍ୱାରା ଶାଶ୍ୱତ କୁଳଧର୍ମ ନଷ୍ଟ ହୋଇଯିବ । ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇଯିବ । ବର୍ଣ୍ଣ ସଙ୍କର ଉତ୍ପନ୍ନ ହେବେ । ଆମ୍ଭେମାନେ ବୁଝି ସୁଝିବା ଲୋକ ହୋଇ ମଧ୍ୟ ପାପକର୍ମ କରିବା ପାଇଁ ଉଦ୍ୟତ ହେଉଛନ୍ତି । ଆମ୍ଭେ ଏଥିରୁ ବଞ୍ଚିବା ନିମନ୍ତେ କାହିଁକି ଉପାୟ ବାହାର ନକରିବା? ଶସ୍ତ୍ରଧାରୀ କୌରବମାନେ ଶସ୍ତ୍ରର ରହିତ ମୋତେ ରଣରେ ମାରିଦିଅନ୍ତୁ । ସେମାନଙ୍କ ଏପରି ମାରିବା ମଧ୍ୟ ମୋ ନିମନ୍ତେ ଶ୍ରେୟସ୍କର ଅଟେ । ଅତଃ ହେ ଗୋବିନ୍ଦ ! ମୁଁ ଯୁଦ୍ଧ କରିବି ନାହିଁ । ଏହିପରି କହି କହି ରଥର ପଛ ଭାଗରେ ସେ ବସିଗଲେ ।

ଏହିପରି ଗୀତାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ସମକ୍ଷ ପ୍ରଶ୍ନ ଏବଂ ପରିପ୍ରଶ୍ନର ଝଡ଼ ଲଗାଇ ଦେଲେ । ଯେପରି ୨/୬ ରେ ସେହି ସାଧନ ମୋ ପ୍ରତି କୁହନ୍ତୁ, ଯାହା ଦ୍ୱାରା ମୁଁ ପରମ ଶ୍ରେୟକୁ ପ୍ରାପ୍ତ ହେବି ? ୨/୫୪ରେ ସ୍ଥିତ ପ୍ରଜ୍ଞ ମହାପୁରୁଷଙ୍କ ଲକ୍ଷଣ କ'ଣ ? ୩/୧ରେ ଯେତେବେଳେ ଆପଣଙ୍କ ଦୃଷ୍ଟିରେ ଜ୍ଞାନ ଯୋଗ ଶ୍ରେଷ୍ଠ ତେବେ ମୋତେ ଏହି ଭୟଙ୍କର କର୍ମରେ କାହିଁକି ଲଗାଉଛନ୍ତି ? ୩/୩୬ରେ ମନୁଷ୍ୟ ନ ଚାହୁଁଥିବା ସତ୍ତ୍ୱେ କାହାର ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ପାପ ଆଚରଣରେ

ପ୍ରବୃତ୍ତ ହେଉଛି ? ୪/୪ରେ ଆପଣଙ୍କ ଜନ୍ମ ତ ବର୍ତ୍ତମାନ ହୋଇଛି ଏବଂ ସୂର୍ଯ୍ୟଙ୍କ ଜନ୍ମ ତ ବହୁତ ପୁରାତନ ଅଟେ ? ତେବେ ମୁଁ ଏହା କିପରି ମାନିଯିବି ଯେ, କଳ୍ପର ପ୍ରାରମ୍ଭରେ ଆପଣ ସୂର୍ଯ୍ୟଙ୍କ ପ୍ରତି କହିଥିଲ ? ୫/୧ରେ କେବେ ଆପଣ ସନ୍ନ୍ୟାସର ପ୍ରଶଂସା କରୁଛନ୍ତି ତ କେବେ ନିଷ୍କାମ କର୍ମ ଯୋଗର, ଏଥିରୁ ଗୋଟିଏକୁ ନିର୍ଦ୍ଧାରିତ କରି କୁହନ୍ତୁ, ଯାହାଦ୍ୱାରା ମୁଁ ପରମ ଶ୍ରେୟକୁ ପ୍ରାପ୍ତ କରିବି ? ୬/୩୫ରେ ମନ ଅତି ଚଞ୍ଚଳ ଅଟେ, ତେବେ ଶିଥିଳ ପ୍ରୟତ୍ନ ଶ୍ରଦ୍ଧାବାନ ପୁରୁଷ ଆପଣଙ୍କୁ ପ୍ରାପ୍ତ ନ ହୋଇ କେଉଁ ଦୁର୍ଗତିକୁ ପ୍ରାପ୍ତ ହୋଇଥାଏ ? ୮/୧-୨ରେ, ହେ ଗୋବିନ୍ଦ ! ଯାହା ଆପଣ ବର୍ଣ୍ଣନ କଲେ, ସେହି ବ୍ରହ୍ମ କ'ଣ ? ଅଧ୍ୟାତ୍ମ କ'ଣ ? ଅଧିଦୈବ, ଅଧିଭୂତ ତଥା ଏହି ଶରୀରସ୍ଥିତ ଅଧିଯଜ୍ଞ କିଏ ? କର୍ମ କଣ ? ଅନ୍ତିମ ସମୟରେ ଆପଣ କିପରି ଜାଣିବାରେ ଆସିଥାନ୍ତି ? ଏହିପରି ସାତଗୋଟି ପ୍ରଶ୍ନ କଲେ । ୧୦/୧୭ ରେ ଅର୍ଜୁନ ଜିଜ୍ଞାସା କଲେ ଯେ, ନିରନ୍ତର ଚିନ୍ତନ କରି ମୁଁ କେଉଁ କେଉଁ ଭାବଦ୍ୱାରା ଆପଣଙ୍କୁ ସ୍ମରଣ କରିବି ? ୧୧/୪ରେ ସେ ନିବେଦନ କଲେ ଯେ, ଯେଉଁ ବିଭୂତିମାନଙ୍କୁ ଆପଣ ବର୍ଣ୍ଣନା କଲେ, ତାହାକୁ ମୁଁ ପ୍ରତ୍ୟକ୍ଷ ଦେଖିବାକୁ ଚାହୁଁଛି ? ୧୨/୧ରେ, ଯିଏ ଅନନ୍ୟ ଶ୍ରଦ୍ଧାରେ ଲାଗି ରହିଥିବା ଭକ୍ତମାନେ ଭଲଭାବରେ ଆପଣଙ୍କ ଉପାସନା କରିଥାନ୍ତି ଏବଂ ଅନ୍ୟମାନେ ଯିଏକି ଅକ୍ଷର ଅବ୍ୟକ୍ତଙ୍କ ଉପାସନା କରିଥାନ୍ତି, ଉଭୟଙ୍କ ମଧ୍ୟରେ ଉତ୍ତମ ଯୋଗବେତ୍ତା କିଏ ? ୧୪/୨୧ରେ ତିନିଗୁଣରୁ ଅତୀତ ହୋଇଥିବା ପୁରୁଷ କେଉଁ ଲକ୍ଷଣ ଯୁକ୍ତ ହୋଇଥାଏ ତଥା ମନୁଷ୍ୟ କେଉଁ ଉପାୟରେ ଏହି ତିନିଗୁଣରୁ ଅତୀତ ହୋଇଥାଏ ? ୧୭/୧ରେ ଯେଉଁ ମନୁଷ୍ୟ ଉପରୋକ୍ତ ଶାସ୍ତ୍ର ବିଧିକୁ ତ୍ୟାଗ କରି କିନ୍ତୁ ଶ୍ରଦ୍ଧାଯୁକ୍ତ ଯଜନ ଅର୍ଥାତ୍ ପୂଜନ କରିଥାନ୍ତି, ସେମାନଙ୍କର ଗତି କିପରି ହୋଇଥାଏ ? ୧୮/୧ରେ ହେ ମହାବାହୋ ! ମୁଁ ତ୍ୟାଗ ଓ ସନ୍ନ୍ୟାସର ଯଥାର୍ଥ ସ୍ୱରୂପକୁ ପୃଥକ୍ ପୃଥକ୍ ଜାଣିବାକୁ ଚାହୁଁଛି ?

ଏହିପରି ଅର୍ଜୁନ ପ୍ରଶ୍ନମାତ୍ର କରି ଚାଲିଲେ ଏବଂ ସେ ଯେଉଁ ପ୍ରଶ୍ନ କରି ପାରିନଥିଲେ, ସେହି ଗୋପନୀୟ ରହସ୍ୟକୁ ଭଗବାନ ସ୍ୱୟଂ ଦର୍ଶାଇଛନ୍ତି । ତାହାର ସମାଧାନ ହେବାକ୍ଷଣି ସେ ପ୍ରଶ୍ନରୁ ବିରତ ହୋଇଗଲେ ଏବଂ କହିଲେ– ହେ ଗୋବିନ୍ଦ ! ବର୍ତ୍ତମାନ ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି । ବସ୍ତୁତଃ ଏହି ପ୍ରଶ୍ନ ମାନବ ନିମନ୍ତେ ହିଁ ଅଟେ । ଏହି ସମସ୍ତ ପ୍ରଶ୍ନର ସମାଧାନ ବିନା କୌଣସି ସାଧକ ଶ୍ରେୟ ପଥରେ ଅଗ୍ରସର ହୋଇପାରିବ ନାହିଁ ଅତଃ ସଦ୍‌ଗୁରୁଙ୍କ ଆଦେଶ ପାଳନ କରିବା ନିମନ୍ତେ ଶ୍ରେୟପଥରେ ଅଗ୍ରସର ହେବା ନିମନ୍ତେ ସମ୍ପୂର୍ଣ୍ଣ ଗୀତାର ଶ୍ରବଣ ଅତ୍ୟାବଶ୍ୟକ ହୋଇଥାଏ । ଅର୍ଜୁନଙ୍କ ସମାଧାନ ହୋଇଗଲା । ତତ୍ ସଙ୍ଗେସଙ୍ଗେ ଯୋଗେଶ୍ୱର

ଶ୍ରୀକୃଷ୍ଣଙ୍କ ଶ୍ରୀମୁଖ ନିସୃତ ବାଣୀର ଉପସଂହାର ହେଲା । ଏହା ଉପରେ ସଞ୍ଜୟ କହିଲେ ।

(ଏକାଦଶ ଅଧ୍ୟାୟରେ ବିରାଟ ରୂପ ଦର୍ଶନ କରିବା ପରେ ଯୋଗେଶ୍ୱର୍ ଶ୍ରୀକୃଷ୍ଣ କହିଥିଲେ- ହେ ଅର୍ଜୁନ ! ଅନନ୍ୟ ଭକ୍ତି ଦ୍ୱାରା ମୁଁ ଏହିପ୍ରକାର ଦେଖାଯିବାରେ ଅର୍ଥାତ୍ ଯେପରି ତୁମେ ଦେଖିଲ । ତତ୍ତ୍ୱ ଦ୍ୱାରା ଜାଣିବା ତଥା ପ୍ରବେଶ କରିବା ନିମନ୍ତେ ସୁଲଭ ହୋଇଥାଏ (୧୧/୫୪) । ଏହିପରି ଦର୍ଶନ କରିଥିବା ବ୍ୟକ୍ତି ସାକ୍ଷାତ୍ ମୋର ସ୍ୱରୂପକୁ ପ୍ରାପ୍ତ ହୋଇ ଯାଆନ୍ତି ଏବଂ ଏଠାରେ ବର୍ତ୍ତମାନ ଅର୍ଜୁନଙ୍କୁ ପଚାରୁଛନ୍ତି ଯେ, କ'ଣ ତୁମର ମୋହ ନଷ୍ଟ ହୋଇଗଲା ? ଅର୍ଜୁନ କହିଲେ ମୋର ମୋହ ନଷ୍ଟ ହୋଇଗଲା । ମୁଁ ନିଜର ସ୍ମୃତିକୁ ପ୍ରାପ୍ତ ହୋଇଗଲି । ଆପଣ ଯାହା କହୁଛନ୍ତି, ତାହା ହିଁ କରିବି । ଦର୍ଶନ ସହିତ ହିଁ ଅର୍ଜୁନଙ୍କୁ ମୁକ୍ତ ହୋଇଯିବା କଥା ଥିଲା । ବସ୍ତୁତଃ ଅର୍ଜୁନଙ୍କୁ ଯାହା ହେବାର ଥିଲା ତାହା ହୋଇଗଲା, କିନ୍ତୁ ଶାସ୍ତ୍ର ଭବିଷ୍ୟତରେ ଆସୁଥିବା ଅନୁଯାୟୀଙ୍କ ନିମନ୍ତେ ହୋଇଥାଏ । ତାହାର ଉପଯୋଗ ଆପଣମାନଙ୍କ ପାଇଁ ହିଁ ଅଟେ । )

**ସଞ୍ଜୟ ଉବାଚ**

**ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମାହାତ୍ମନଃ ।**
**ସମ୍ବାଦମିମମଶ୍ରୌଷମଦ୍‌ଭୁତଂ ରୋମହର୍ଷଣମ୍ ॥୭୪॥**

ଏହିପରି ମୁଁ ବାସୁଦେବ ଏବଂ ମହାତ୍ମା ଅର୍ଜୁନ(ଅର୍ଜୁନ ଜଣେ ମହାତ୍ମା ଯୋଗୀ ଅଟନ୍ତି, ନା କି କୌଣସି ଧନୁର୍ଦ୍ଧର, ଯିଏ କି ମାରିବା ନିମନ୍ତେ ଠିଆ ହୋଇଛନ୍ତି । ଅତଃ ମହାତ୍ମା ଅର୍ଜୁନ)ଙ୍କ ଏହି ବିଲକ୍ଷଣ ଏବଂ ରୋମାଞ୍ଚକାରୀ ସମ୍ବାଦକୁ ଶୁଣିଲେ । ଆପଣଙ୍କ ମଧ୍ୟରେ ଶୁଣିବା କ୍ଷମତା କିପରି ଆସିଲା ? ଆଗକୁ କହୁଛନ୍ତି-

**ବ୍ୟାସପ୍ରସାଦାଦ୍ ଶ୍ରୁତବାନେତଦ୍‌ଗୁହ୍ୟମହଂ ପରମ୍ ।**
**ଯୋଗଂ ଯୋଗେଶ୍ୱରାତ୍‌କୃଷ୍ଣାତସାକ୍ଷାତ୍‌କଥୟତଃ ସ୍ୱୟମ୍ ॥୭୫॥**

ଶ୍ରୀ ବ୍ୟାସ ଦେବଙ୍କ କୃପାରୁ ତାଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ଦିବ୍ୟ-ଦୃଷ୍ଟି ଦ୍ୱାର ଏହି ପରମ ଗୋପନୀୟ ଯୋଗକୁ ସାକ୍ଷାତ କରି ସ୍ୱୟଂ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଠାରୁ ଶୁଣିଲି । ସଂଜୟ ଶ୍ରୀକୃଷ୍ଣଙ୍କୁ ଯୋଗେଶ୍ୱର ମାନୁଛନ୍ତି । ଯିଏ ସ୍ୱୟଂ ଯୋଗୀ ହୋଇ ଅନ୍ୟମାନଙ୍କୁ ମଧ ଯୋଗ ପ୍ରଦାନ କରୁଥିବା କ୍ଷମତା ରଖିଥିବେ, ସେହିଁ ଯୋଗେଶ୍ୱର ଅଟନ୍ତି ।

**ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ ସମ୍ବାଦମିମମଦ୍‌ଭୂତମ୍ ।**
**କେଶବାର୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ॥୭୬॥**

ହେ ରାଜନ ! କେଶବ ଏବଂ ଅର୍ଜୁନଙ୍କ ଏହି ପରମ କଲ୍ୟାଣକାରକ ଏବଂ ଅଦ୍‌ଭୂତ ସମ୍ବାଦକୁ ପୁନଃ ପୁନଃ ସ୍ମରଣ କରି ମୁଁ ବାରମ୍ବାର ହର୍ଷିତ ହେଉଛି । ଅତଃ ଏହି ସମ୍ବାଦକୁ ସଦୈବ ଶ୍ରବଣ କରିବା ଉଚିତ ଏବଂ ଏହି ସ୍ମୃତି ଦ୍ୱାରା ସଦା ପ୍ରସନ୍ନ ରହିବା ଉଚିତ । ବର୍ତ୍ତମାନ ତାଙ୍କର ସ୍ୱରୂପକୁ ସ୍ମରଣ କରି ସଞ୍ଜୟ କହୁଛନ୍ତି–

**ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍‌ଭୁତଂ ହରେଃ ।**
**ବିସ୍ମୟୋ ମେ ମହାନ୍ ରାଜନ୍ ହୃଷ୍ୟାମି ଚ ପୁନଃ ପୁନଃ ।।୭୭।।**

ହେ ରାଜନ ! ହରିଙ୍କ (ଯିଏ କି ଶୁଭାଶୁଭ ସର୍ବସ୍ୱ କର୍ମକୁ ହରଣ କରିସ୍ୱୟଂ ଶେଷ ରହିଥାନ୍ତି ସେହି ହରିଙ୍କ) ଅତି ଅଦ୍‌ଭୂତ ରୂପକୁ ପୁନଃ ପୁନଃ ସ୍ମରଣକରି ମୋର ଚିତ୍ତରେ ମହାନ ଆଶ୍ଚର୍ଯ୍ୟ ହେଉଛି ଏବଂ ମୁଁ ବାରମ୍ବାର ହର୍ଷିତ ହେଉଛି । ଇଷ୍ଟଙ୍କ ସ୍ୱରୂପ ବାରମ୍ବାର ସ୍ମରଣ କରିବା ବସ୍ତୁ ଅଟେ । ଶେଷରେ ସଞ୍ଜୟ ନିର୍ଣ୍ଣୟ ଦେଉଛନ୍ତି–

**ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ ।**
**ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।।୭୮।।**

ହେ ରାଜନ୍ ! ଯେଉଁଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଏବଂ ଧନୁର୍ଧର ଅର୍ଜୁନ(ଧ୍ୟାନ ହିଁ ଧନୁଷ ଏବଂ ଇନ୍ଦ୍ରିୟମାନଙ୍କ ଦୃଢତା ହିଁ ଗାଣ୍ଡିବ ଏବଂ ସ୍ଥିରତା ସହିତ ଧ୍ୟାନ କରୁଥିବା ମହାତ୍ମା ଅର୍ଜୁନ) ରହିଥାନ୍ତି, ସେଠାରେ ଶ୍ରୀ, ଐଶ୍ୱର୍ଯ୍ୟ, ବିଜୟ ଅର୍ଥାତ୍ ଯାହାର ପଛରେ ପରାଜୟ ନାହିଁ, ଈଶ୍ୱରୀୟ ବିଭୂତି ଏବଂ ଚଳନ୍ତି ସଂସାରରେ ଅଚଳ ସ୍ଥିର ରହିବା ନୀତି ରହିଥାଏ । ଏପରି ମୋର ମତ ଅଟେ ।

ଆଜି ତ ଧନୁର୍ଧର ଅର୍ଜୁନ ନାହାଁନ୍ତି । ଏହି ନୀତି ଓ ବିଜୟ ତ ଅର୍ଜୁନ ପର୍ଯ୍ୟନ୍ତ ହିଁ ସିମୀତ ରହିଗଲା । ଏହି ସମସ୍ତ ତତ୍‌ସାମୟିକ ଥିଲା । ଏହା ତ ଦ୍ୱାପର ଯୁଗରେ ଅର୍ଜୁନଙ୍କ ସହିତ ହିଁ ସମାପ୍ତ ହୋଇଗଲା । ଏପରି କିଛି ନୁହଁ । ଯୋଗଶ୍ୱେର ଶ୍ରୀକୃଷ୍ଣ କହିଲେ– ମୁଁ ସମସ୍ତଙ୍କର ହୃଦୟ ଦେଶରେ ବିରାଜମାନ ରହିଥାଏ । ଆପଣଙ୍କ ହୃଦୟରେ ମଧ୍ୟ ସେ ରହିଛନ୍ତି । ଅନୁରାଗ ହିଁ ଅର୍ଜୁନ ଅଟନ୍ତି । ଅନୁରାଗ ଆପଣଙ୍କ ଅନ୍ତଃକରଣର ଇଷ୍ଟୋନ୍ମୁଖ ଲଗନର ନାମ ଅଟେ । ଯଦି ଏପରି ଅନୁରାଗ ଆପଣଙ୍କ ନିକଟରେ ରହିଛି, ତେବେ ସଦୈବ ବାସ୍ତବିକ ବିଜୟ ରହିବ ଏବଂ ଅଚଳ ସ୍ଥିତି ପ୍ରଦାନ କରୁଥିବା ନୀତି ମଧ୍ୟ ସଦୈବ ରହିବ, ନା କି କେବେ ଥିଲା । ଯେଉଁ ପର୍ଯ୍ୟନ୍ତ ପ୍ରାଣୀ ମାନେ ରହିଥିବେ, ପରମାତ୍ମାଙ୍କ ନିବାସ ତାହାଙ୍କ ହୃଦୟ ଦେଶରେ ରହିବ । ବିକଳ ଆତ୍ମା ତାହାଙ୍କୁ ପ୍ରାପ୍ତ କରିବା ହେତୁ ଇଚ୍ଛୁକ ରହିବ ଏବଂ ସେମାନଙ୍କ ମଧ୍ୟରୁ ଯାହାର ହୃଦୟରେ ସେହି ପରମାତ୍ମାଙ୍କୁ ପ୍ରାପ୍ତ କରିବା ଅନୁରାଗ

ଉତ୍ପନ୍ନ ହେବ, ସେହି ବ୍ୟକ୍ତି ହିଁ ଅର୍ଜୁନଙ୍କ ଶ୍ରେଣୀବାଲା ପୁରୁଷ ହେବ । କାରଣ ଅନୁରାଗ ହିଁ ଅର୍ଜୁନ ଅଟେ । ଅତଃ ମାନବ ମାତ୍ର ଏହାର ପ୍ରତ୍ୟାସୀ ହୋଇପାରିବେ ।

**–ନିଷ୍କର୍ଷ–**

ଏହା ହେଉଛି ଗୀତାର ସମାପନ ଅଧ୍ୟାୟ । ପ୍ରାରମ୍ଭରେ ହିଁ ଅର୍ଜୁନଙ୍କ ପ୍ରଶ୍ନ ଥିଲା ଯେ, ହେ ପ୍ରଭୋ ! ମୁଁ ତ୍ୟାଗ ଏବଂ ସନ୍ନ୍ୟାସର ଭେଦ ତଥା ତାହାର ସ୍ୱରୂପକୁ ଜାଣିବାକୁ ଚାହୁଁଛି । ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି ବିଷୟରେ ପ୍ରଚଳିତ ଚାରୋଟି ମତକୁ ଚର୍ଚ୍ଚା କରିଥିଲେ । ଏଥି ମଧ୍ୟରୁ ଗୋଟିଏ ମତ ସଠିକ୍ ଥିଲା । ଏଥିରେ ସମାନ ହେଲା ଭଳି ନିର୍ଣ୍ଣୟ ଯୋଗେଶ୍ୱର ଶ୍ରୀକୃଷ୍ଣ ଦେଲେ ଯେ ଯଜ୍ଞ, ଦାନ ଓ ତପ କୌଣସି କାଳରେ ମଧ୍ୟ ତ୍ୟାଗ କରିବା ଯୋଗ୍ୟ ନୁହଁ । ଏହା ମନୁଷ୍ୟମାନଙ୍କୁ ପବିତ୍ର କରିଥାଏ । ଏହି ତିନୋଟିକୁ ସମ୍ମୁଖରେ ରଖି ଏହାର ବିରୋଧି ବିକାରମାନଙ୍କୁ ତ୍ୟାଗ କରିବା ହିଁ ବାସ୍ତବିକ ତ୍ୟାଗ ଅଟେ । ଏହା ହିଁ ସାତ୍ତ୍ୱିକ ତ୍ୟାଗ ଅଟେ । ଫଳ ଇଚ୍ଛା ସହିତ ତ୍ୟାଗକୁ ରାଜସିକ ତ୍ୟାଗ କୁହାଯାଏ ଏବଂ ମୋହ ବଶ ନିୟତ କର୍ମ ତ୍ୟାଗ କରିବା ହିଁ ତାମସିକ ତ୍ୟାଗ କୁହାଯାଇଥାଏ । ସନ୍ନ୍ୟାସ ତ୍ୟାଗର ହିଁ ଚରମୋତ୍କୃଷ୍ଟ ଅବସ୍ଥା ଅଟେ । ନିୟତ କର୍ମ ତଥା ଧ୍ୟାନ ଜନିତ ସୁଖ ସାତ୍ତ୍ୱିକ ଅଟେ । ଇନ୍ଦ୍ରିୟ ଏବଂ ବିଷୟମାନଙ୍କ ଭୋଗ ହିଁ ରାଜସିକ ଅଟେ । ତୃପ୍ତି ଦାୟକ ଅନ୍ନର ଉତ୍ପତ୍ତିରୁ ରହିତ ଦୁଃଖ–ସୁଖ ହିଁ ତାମସ ଅଟେ ।

ମନୁଷ୍ୟମାନଙ୍କ ଦ୍ୱାରା ଶାସ୍ତ୍ର ଅନୁକୂଳ ଅଥବା ପ୍ରତିକୂଳ କାର୍ଯ୍ୟ ହେବାରେ ୫ଟି କାରଣ ରହିଛି । କର୍ତ୍ତା ଅର୍ଥାତ୍ ମନ, ପୃଥକ୍ ପୃଥକ୍ କରଣ ଅର୍ଥାତ୍ ଯାହା ଦ୍ୱାରା କରାଯାଇଥାଏ । ଶୁଭ ଯଦି କାର୍ଯ୍ୟରତ ରହିଥାଏ, ତେବେ ବିବେକ, ବୈରାଗ୍ୟ, ଶମ, ଦମ, ଇତ୍ୟାଦି କରଣ ହୋଇଥାଏ । ଯଦି ଅଶୁଭ କାର୍ଯ୍ୟରତ ରହିବ, ତେବେ କାମ–କ୍ରୋଧ, ରାଗ–ଦ୍ୱେଷ, ଇତ୍ୟାଦି କରଣ ହେବେ । ନାନାପ୍ରକାର ଇଚ୍ଛା ଅର୍ଥାତ୍ ଅନନ୍ତ ଇଚ୍ଛା ରହିଥାଏ, କିନ୍ତୁ ସମସ୍ତ ଇଚ୍ଛା ପୁରଣ ହୋଇନଥାଏ । କେବଳ ସେହି ଇଚ୍ଛା ପୂରଣ ହୋଇଥାଏ । ଯାହାର ସହିତ ଆଧାର ପ୍ରାପ୍ତ ହୋଇଯାଇଥାଏ, ଚତୁର୍ଥ କାରଣ ହେଉଛି ଆଧାର ଅର୍ଥାତ୍ ସାଧନ ଏବଂ ପଞ୍ଚମ କାରଣ ହେଉଛି ଦୈବ ଅର୍ଥାତ୍ ପ୍ରାରବ୍ଧ ଅଥବା ସଂସ୍କାର । ପ୍ରତ୍ୟେକ କାର୍ଯ୍ୟ ହେବାରେ ଏହି ପାଞ୍ଚୋଟି କାରଣ ରହିଥାଏ । ହେଲେ ମଧ୍ୟ ଯିଏ କୈବଲ୍ୟ ସ୍ୱରୂପ ପରମାତ୍ମାଙ୍କୁ କର୍ତ୍ତା ମାନୁଥାଏ । ସେହି ମୂଢ ବୁଦ୍ଧି ପୁରୁଷ ଯଥାର୍ଥ ଜାଣିନଥାଏ । ଅର୍ଥାତ୍ ଭଗବାନ କର୍ତ୍ତା ନୁହଁନ୍ତି ଯେତେବେଳେ କି ପୂର୍ବରୁ କହି ଆସୁଛନ୍ତି ଯେ, ହେ ଅର୍ଜୁନ ! ତୁମେ ନିମିତ୍ତ ମାତ୍ର ହୋଇ କେବଳ ଯୁଦ୍ଧରେ ଉପସ୍ଥିତ ରୁହ। କର୍ତ୍ତା ଓ ଧର୍ତ୍ତା ତ ମୁଁ ଅଟେ । ଅନ୍ତତଃ ସେହି ମହାପୁରୁଷଙ୍କ

ଆଶୟ କ'ଣ ।

ବସ୍ତୁତଃ ପ୍ରକୃତି ଓ ପୁରୁଷଙ୍କ ମଧ୍ୟରେ ଏକ ଆକର୍ଷଣ ସୀମାରେଖା ରହିଥାଏ । ଯେଉଁ ପର୍ଯ୍ୟନ୍ତ ମନୁଷ୍ୟ ପ୍ରକୃତିରେ ପ୍ରବୃତ ହୋଇଥାଏ । ସେ ପର୍ଯ୍ୟନ୍ତ ମାୟା ପ୍ରେରଣା କରିଥାଏ ଏବଂ ଯେତେବେଳେ ସେ ପ୍ରକୃତିରୁ ଉର୍ଦ୍ଧ୍ୱକୁ ଉଠିଯାଇ ଇଷ୍ଟଙ୍କୁ ସମର୍ପିତ ହୋଇଯାଇଥାଏ ତଥା ସେହି ଇଷ୍ଟ ଯେତେବେଳେ ହୃଦୟ ଦେଶରେ ରଥି ହୋଇଯାଆନ୍ତି । ତେବେ ଭଗବାନ କର୍ତ୍ତା ହୋଇଯାଆନ୍ତି । ଏପରି ସ୍ତରରେ ଅର୍ଜୁନ ଥିଲେ ଏବଂ ସଞ୍ଜୟ ମଧ ଥିଲେ । ପ୍ରତ୍ୟେକ ମାନବ ଏହି କକ୍ଷାରେ ପହଞ୍ଚିବା ନିମନ୍ତେ ବିଧାନ ରହିଛି । ଅତଃ ଏଠାରେ ଭଗବାନ ପ୍ରେରଣା କରିଥାନ୍ତି । ପୂର୍ଣ୍ଣଜ୍ଞାତା ମହାପୁରୁଷ, ଜାଣିବା ବିଧି ଏବଂ ଜ୍ଞେୟ ପରମାତ୍ମା ଏହି ତିନୋଟିର ସଂଯୋଗ ଦ୍ୱାରା କର୍ମ କରିବାରେ ପ୍ରେରଣା ପ୍ରାପ୍ତ ହୋଇଥାଏ । ତେଣୁକରି କୌଣସି ଅନୁଭବୀ ମହାପୁରୁଷ ଅର୍ଥାତ୍ ସଦ୍‌ଗୁରୁଙ୍କ ସାନ୍ନିଧ୍ୟରେ ରହି ଏହାକୁ ଜାଣିବା ନିମନ୍ତେ ପ୍ରୟାସ କରିବା ଆବଶ୍ୟକ ।

ବର୍ଣ୍ଣ ବ୍ୟବସ୍ଥା ପ୍ରସଙ୍ଗକୁ ଏଠାରେ ଚତୁର୍ଥଥର ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ । ଇନ୍ଦ୍ରିୟ ଦମନ, ମନର ଶମନ, ଏକାଗ୍ରତା, ଶରୀର ବାଣୀ ଓ ମନକୁ ଇଷ୍ଟଙ୍କ ଅନୁରୂପ ତପାଇବା, ଈଶ୍ୱରୀୟ ଅନୁଭବର ସଞ୍ଚାର, ଈଶ୍ୱରୀୟ ନିର୍ଦ୍ଦେଶନରେ ଚାଲିବାର କ୍ଷମତା ଇତ୍ୟାଦି ବ୍ରହ୍ମରେ ପ୍ରବେଶ କରାଉଥିବା ଯୋଗ୍ୟତା ହିଁ ବ୍ରାହ୍ମଣ ଶ୍ରେଣୀର କର୍ମ ଅଟେ । ଶୌର୍ଯ୍ୟ ଅର୍ଥାତ୍ ପଛଘୁଞ୍ଚା ନଦେବାର ସ୍ୱଭାବ, ସମ୍ପୂର୍ଣ୍ଣଭାବନା ଉପରେ ସ୍ୱାମିତ୍ୱ, କର୍ମରେ ପ୍ରବୃତ ହେବାର ଦକ୍ଷତା ଏହି ସବୁ କ୍ଷତ୍ରିୟ ଶ୍ରେଣୀର କର୍ମ ଅଟେ । ଇନ୍ଦ୍ରିୟମାନଙ୍କ ସଂରକ୍ଷଣ, ଆତ୍ମିକ ସମ୍ପତିର ସମ୍ବର୍ଦ୍ଧନ ଇତ୍ୟାଦି ବୈଶ୍ୟ ଶ୍ରେଣୀର କର୍ମ ଅଟେ ଏବଂ ପରିଚର୍ଯ୍ୟା ଶୁଦ୍ରଶ୍ରେଣୀର କର୍ମ ଅଟେ । ଶୁଦ୍ରର ଅର୍ଥ ହେଉଛି ଅଳ୍ପଜ୍ଞ । ଅଳ୍ପଜ୍ଞ ସାଧକ ଯେତେବେଳେ ନିୟତକର୍ମ ଚିନ୍ତନରେ ଦୁଇଘଣ୍ଟା ବସି ମଧ ନିଜ ପକ୍ଷରେ ୧୦ ମିନିଟ୍ ପାଇନଥାଏ । ଶାରୀର ତ ଅବଶ୍ୟ ବସି ରହିଥାଏ କିନ୍ତୁ ଯେଉଁ ମନକୁ ବସିବା ଆବଶ୍ୟକ, ସେ ତ ଅନନ୍ତ ସଙ୍କଳ୍ପକୁ ନେଇ ଭ୍ରମଣ କରୁଛି । ଏପରି ସାଧକଙ୍କ କଲ୍ୟାଣ କିପରି ହେବ ? ତାଙ୍କୁ ନିଜଠାରୁ ଉନ୍ନତ ଧରଣର ସାଧକଙ୍କ ଅଥବା ସଦ୍‌ଗୁରୁଙ୍କ ସେବା କରିବା ଉଚିତ୍ । ଧିରେ ଧିରେ ସେହି ସାଧକଙ୍କ ଭିତରେ ସଂସ୍କାରର ସୃଜନ ହେବ । ସାଧନ କରିବାର ଗତିକୁ ଜାଣିପାରିବେ । ଅତଃ ଏହି ଅଳ୍ପଜ୍ଞର କର୍ମ ସେବା ଠାରୁ ହିଁ ପ୍ରାରମ୍ଭ ହୋଇଥାଏ । କର୍ମ ଗୋଟିଏ ହିଁ ଅଟେ । ନିୟତ କର୍ମ ଅର୍ଥାତ୍ ଚିନ୍ତନର ଧାରା । ସେହି କର୍ତ୍ତାମାନଙ୍କ ଚାରୋଟି ଶ୍ରେଣୀ ରହିଛି ଯଥା– ଅତିଉତ୍ତମ, ଉତ୍ତମ, ମଧ୍ୟମ ଏବଂ ନିକୃଷ୍ଟ । ଏହାକୁ କିଛି ଲୋକେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର କହିଥାନ୍ତି । ଅନ୍ୟ କେତେକ

ଏହାକୁ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗ ନାମରେ କହିଥାନ୍ତି । ଏଠାରେ ଯୁଗ କୌଣସି ସତ୍ୟ, ତ୍ରେତୟା ଇତ୍ୟାଦି କାଳନ ବିଷୟକ ଯୁଗ ନୁହଁ ବରଂ ଏହା ସାଧକଙ୍କ ଅନ୍ତଃକରଣର ଗୋଟିଏ ଗୋଟିଏ ସ୍ଥିତି ମାତ୍ର । ଏହି ଚାରି ବର୍ଣ୍ଣର ରଚନା ମୁଁ କରିଛି । ତେବେ କ'ଣ ମନୁଷ୍ୟଙ୍କୁ ଚାରୋଟି ଭାଗରେ ବାଣ୍ଟି ଦେଲେ ? ଶ୍ରୀକୃଷ୍ଣ କହୁଛନ୍ତି ନାହିଁ ! ଗୁଣ ମାଧ୍ୟମରେ କର୍ମକୁ ଚାରି ଭାଗରେ ବିଭକ୍ତ କରାଗଲା । ଗୀତୋକ୍ତ ବର୍ଣ୍ଣ ଏତିକିରେ ହିଁ ରହିଛି ।

ତତ୍ତ୍ୱକୁ ସ୍ପଷ୍ଟ କରି ସେ କହିଲେ ଯେ, ହେ ଅର୍ଜୁନ ! ସେହି ପରମ ସିଦ୍ଧିର ବିଧିକୁ ମୁଁ ତୁମ ନିମନ୍ତେ କହିବି । ଯାହାକି ଜ୍ଞାନର ପରାକାଷ୍ଠା ଅଟେ । ଶମ,ଦମ, ଧାରାବାହି, ଚିନ୍ତନ ଏବଂ ଧ୍ୟାନରେ ପ୍ରବୃତ୍ତି, ବ୍ରହ୍ମରେ ପ୍ରବେଶ କରାଉଥିବା ସମ୍ପୂର୍ଣ୍ଣ ଯୋଗ୍ୟତା, ଯେତେବେଳେ ପରିପକ୍ୱ ହୋଇଯାଏ । କାମ, କ୍ରୋଧ, ମୋହ, ରାଗ, ଦ୍ୱେଷ ଇତ୍ୟାଦି ପ୍ରକୃତିରେ ବାନ୍ଧି ରଖୁଥିବା ପ୍ରବୃତ୍ତିମାନ ଯେତେବେଳେ ପୂର୍ଣ୍ଣତଃ ଶାନ୍ତ ହୋଇଯାଏ, ସେତେବେଳେ ସେହି ବ୍ୟକ୍ତି ବ୍ରହ୍ମକୁ ଜାଣିବା ନିମନ୍ତେ ଯୋଗ୍ୟ ହୋଇଯାଏ , ସେହି ଯୋଗ୍ୟତାର ନାମ ହେଉଛି, ପରାଭକ୍ତି । ପରାଭକ୍ତି ଦ୍ୱାରା ହିଁ ସେ ତତ୍ତ୍ୱକୁ ଜାଣିଥାଏ । ସେହି ତତ୍ତ୍ୱ କ'ଣ ? ତେବେ କହୁଛନ୍ତି ଯେ, ମୁଁ ଯେଉଁ ବିଭୂତି ଦ୍ୱାରା ବିଭୂଷିତ ରହିଛି ତାହାକୁ ସେ ଜାଣିପାରିଥାଏ । ଅର୍ଥାତ୍ ପରମାତ୍ମା ଯେପରି ଅବ୍ୟକ୍ତ, ଶାଶ୍ୱତ, ଅପରିବର୍ତ୍ତନଶୀଳ ଯେଉଁ ଅଲୌକିକ ଗୁଣଧର୍ମରେଯୁକ୍ତ ହୋଇଥାଏ, ତାହାକୁ ସେ ଜାଣିଥାଏ ଏବଂ ତାହାକୁ ଭଲରୂପେ ଜାଣି ସେହି ବ୍ୟକ୍ତି ତତ୍‌କ୍ଷଣ ମୋ ଭିତରେ ସ୍ଥିତ ହୋଇଯାଇଥାଏ । ଅତଃ ତତ୍ତ୍ୱ ହେଉଛି ଏକମାତ୍ର ପରମ ତତ୍ତ୍ୱ ପରମାତ୍ମା, ନା କି ପାଞ୍ଚ ତତ୍ତ୍ୱ ଅଥବା ପଚିଶ ତତ୍ତ୍ୱ । ପ୍ରାପ୍ତି ସହିତ ଆତ୍ମା ସେହି ସ୍ୱରୂପରେ ସ୍ଥିତ ହୋଇଯାଇଥାଏ । ସେହି ଈଶ୍ୱରୀୟ ଗୁଣଧର୍ମ ଦ୍ୱାରା ଯୁକ୍ତ ହୋଇଯାଇଥାଏ ।

ଈଶ୍ୱରଙ୍କ ନିବାସ ପ୍ରତିପାଦିତ କରି ଯୋଗେଶ୍ୱର କହିଲେ ଯେ, ହେ ଅର୍ଜୁନ ! ସେହି ଈଶ୍ୱର ସମ୍ପୂର୍ଣ୍ଣ ଭୂତଙ୍କ ହୃଦୟ ଦେଶରେ ହିଁ ନିବାସ କରିଥାନ୍ତି । ଯଦି ଏତେ ସମୀପରେ ଅଛନ୍ତି, ତେବେ ଲୋକେ କାହିଁକି ଜାଣିପାରନ୍ତି ନାହିଁ ? ମାୟାରୂପୀ ଯନ୍ତ୍ରରେ ଆରୂଢ ହୋଇ ଲୋକେ ଦିନରାତି ଭ୍ରମରେ ବଶବର୍ତ୍ତୀ ହୋଇ ଭ୍ରମିତ ହୋଇ ବୁଲୁଥାନ୍ତି । ତେଣୁ କରି ଜାଣିନଥାନ୍ତି । ଅତଃ ହେ ଅର୍ଜୁନ ! ତୁମେ ହୃଦୟରେ ସ୍ଥିତ ସେହି ଈଶ୍ୱରଙ୍କ ଶରଣରେ ଯାଆନ୍ତୁ । ଏହାଠାରୁ ମଧ୍ୟ ଗୋପନୀୟ ଅନ୍ୟ ଏକ ରହସ୍ୟ ଅଛି ଯେ, ସମ୍ପୂର୍ଣ୍ଣ ଧର୍ମର ଚିନ୍ତାଧାରାକୁ ତ୍ୟାଗ କରି ତୁମେ ମୋର ଶରଣରେ ଆସ । କାରଣ ତୁମେ ମୋତେ ପ୍ରାପ୍ତ ହେବ । ଏହି ରହସ୍ୟ ଅନଧିକାରୀଙ୍କୁ କହିବା ଅନୁଚିତ । ଯିଏ ଭକ୍ତ ନୁହଁ ତାହାଙ୍କୁ ମଧ୍ୟ କହିବା ଅନୁଚିତ । କିନ୍ତୁ ଯିଏ ଭକ୍ତ ଅଟେ, ତାଙ୍କୁ ତ ଅବଶ୍ୟ

କହିବା ଉଚିତ । ଯଦି ଅନଧିକାରୀଙ୍କୁ ନ କହିବା ତେବେ ସେମାନଙ୍କର କଲ୍ୟାଣ କିପରି ହେବ ? ପରିଶେଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ପଚାରିଲେ ହେ ଅର୍ଜୁନ ! ତୁମ ନିମନ୍ତେ ମୁଁ ଯାହା କିଛି କହିଲି, ତାହାକୁ ତୁମେ ଭଲରୂପେ ଶୁଣିଲ ଏବଂ ବୁଝିଲ କିନ୍ତୁ ତୁମର ମୋହ ନଷ୍ଟ ହେଲା କି ନାହିଁ ? ଅର୍ଜୁନ କହିଲେ ଭଗବାନ୍ ! ବର୍ତ୍ତମାନ ମୋର ମୋହ ନଷ୍ଟ ହୋଇଗଲା । ମୁଁ ମୋର ନିଜର ସ୍ମୃତିକୁ ପ୍ରାପ୍ତ ହୋଇଗଲି । ଆପଣ ଯାହାକିଛି କହୁଛନ୍ତି, ସେହି ସବୁ ସତ୍ୟ ଅଟେ । ବର୍ତ୍ତମାନ ମୁଁ ଆପଣଙ୍କର ବାକ୍ୟ ପାଳନ କରିବି ।

**ସଂଜୟ–** ଯିଏକି ଏହି ଦୁହିଁଙ୍କ ସମ୍ବାଦକୁ ଭଲରୂପେ ଶ୍ରବଣ କରି ନିଜର ନିର୍ଣ୍ଣୟ ଦେଉଛନ୍ତି ଯେ, ଶ୍ରୀକୃଷ୍ଣ ଜଣେ ମହାଯୋଗେଶ୍ୱର ସଦ୍‌ଗୁରୁ ଥିଲେ ଏବଂ ଅର୍ଜୁନ ଜଣେ ମହାତ୍ମା ଅର୍ଥାତ୍ ସାଧକ ଥିଲେ । ତାହାଙ୍କ ସମ୍ବାଦକୁ ବାରମ୍ବାର ସ୍ମରଣ କରି ସେ ହର୍ଷିତ ହେଉଥାନ୍ତି । ଅତଃ ଏହାର ସ୍ମରଣ ନିରନ୍ତର କରିବା ଉଚିତ ସେହି ହରିଙ୍କ ରୂପକୁ ମନେ ପକାଇ ସେ ବାରମ୍ବାର ହର୍ଷିତ ହୋଇଥାନ୍ତି । ଅତଃ ବାରମ୍ବାର ସ୍ୱରୂପର ସ୍ମରଣ କରିବା ଉଚିତ ଧ୍ୟାନ ମଧ୍ୟ ନିରନ୍ତର କରିବା ଉଚିତ । ଯେଉଁଠାରେ ଅନୁଭବରୂପୀ ଯୋଗେଶ୍ୱର ଶ୍ରୀକୃଷ୍ଣ ଅଛନ୍ତି ଏବଂ ଯେଉଁଠାରେ ଅନୁରାଗୀ ରୂପୀ ମହାତ୍ମା ଅର୍ଜୁନ ରହିଛନ୍ତି । ସେଠାରେ ହିଁ ଶ୍ରୀ, ବିଜୟ, ବିଭୂତି ଏବଂ ନୀତି ମଧ୍ୟ ରହିଥାଏ । ସୃଷ୍ଟିର ନୀତି ଆଜି ଅଛି ତ ଆସନ୍ତାକାଲି ତାହା ବଦଳିବାରେ ଡ଼େରି ହେଉ ନାହିଁ । **ଧ୍ରୁବନୀତି**– ଅର୍ଥାତ୍ ଧ୍ରୁବ ଏକମାତ୍ର ପରମାତ୍ମା ଅଟନ୍ତି, ସେଥିରେ ପ୍ରବେଶ କରାଉଥିବା ନୀତି ହିଁ ଧ୍ରୁବନୀତି ଅଟେ । ଯଦି ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କୁ ଦ୍ୱାପର କାଳୀନ ବ୍ୟକ୍ତି ବିଶେଷ ମାନିନେବା, ତେବେ ତ ଆଜି ନା ଅର୍ଜୁନ ରହିଛନ୍ତି, ନା ଶ୍ରୀକୃଷ୍ଣ । ଆପଣଙ୍କୁ ନା ବିଜୟ ପ୍ରାପ୍ତ ହେବ, ନା ବିଭୂତି । ତେବେ ତ ଗୀତା ଆପଣଙ୍କ ନିମନ୍ତେ ବ୍ୟର୍ଥ ଅଟେ । କିନ୍ତୁ ଏପରି କିଛି ନାହିଁ । ଶ୍ରୀକୃଷ୍ଣ ଜଣେ ଯୋଗୀ ଥିଲେ, ଅନୁରାଗ ପୂରିତ ହୃଦୟ ମହାତ୍ମା ଅର୍ଜୁନ ଥିଲେ । ଏମାନେ ସଦୈବ ରହିଛନ୍ତି ଏବଂ ରହିବେ ମଧ୍ୟ । ଶ୍ରୀକୃଷ୍ଣ ନିଜର ପରିଚୟ ଦେଇ କହିଛନ୍ତି ଯେ, ମୁଁ ଅବ୍ୟକ୍ତ ହୋଇ ମଧ୍ୟ ମୁଁ ଯେଉଁ ଭାବକୁ ପ୍ରାପ୍ତ ହୋଇଛି ସେହି ଈଶ୍ୱର ସମସ୍ତଙ୍କର ହୃଦୟ ଦେଶରେ ନିବାସ କରିଛନ୍ତି । ସେ ସଦୈବ ରହିଛନ୍ତି ଏବଂ ରହିବେ ମଧ୍ୟ । ସମସ୍ତଙ୍କୁ ତାହାଙ୍କ ଶରଣରେ ଯିବା ଉଚିତ । ଶରଣରେ ଯିବା ବ୍ୟକ୍ତି ହିଁ ମହାତ୍ମା ଅଟନ୍ତି– ସେହିଁ ଅନୁରାଗୀ ମହାତ୍ମା ଅଟେ । ସେହି ଅନୁରାଗ ହିଁ ଅର୍ଜୁନ ଅଟେ । ଏହା ନିମନ୍ତେ କୌଣସି ସ୍ଥିତ ପ୍ରଜ୍ଞ ମହାପୁରୁଷଙ୍କ ଶରଣରେ ଯିବା ନିତାନ୍ତ ଆବଶ୍ୟକ ଅଟେ । କାରଣ ସେ ହିଁ ଏହାର ପ୍ରେରକ ହୋଇଥାନ୍ତି ।

ଏହି ଅଧ୍ୟାୟରେ ସନ୍ନ୍ୟାସର ସ୍ୱରୂପକୁ ସ୍ପଷ୍ଟ କରାଗଲା ଯେ, ସର୍ବସ୍ୱର ନ୍ୟାସ ହିଁ ସନ୍ନ୍ୟାସ ଅଟେ । କେବଳ କଷାୟ ବସ୍ତ୍ର ପରିଧାନ କରିନେବା ହିଁ ସନ୍ନ୍ୟାସ ନୁହଁ ବରଂ କଷାୟ ବସ୍ତ୍ର ପରିଧାନ ସହିତ ଏକାନ୍ତ ସେବନ କରି ନିୟତ କର୍ମରେ ନିଜର ଶକ୍ତିକୁ ବିଚାର କରି ଅଥବା ସମର୍ପଣ ସହିତ ସତତ୍ ପ୍ରୟତ୍ନ ଅପରିହାର୍ଯ୍ୟ ଅଟେ । ପ୍ରାପ୍ତି ସହିତ ସମ୍ପୂର୍ଣ୍ଣ କର୍ମର ତ୍ୟାଗ ହିଁ ସନ୍ନ୍ୟାସ ଅଟେ, ଯାହାକି ମୋକ୍ଷର ପର୍ଯ୍ୟାୟ ଅଟେ । ଏହା ହିଁ ସନ୍ନ୍ୟାସର ପରାକାଷ୍ଠା ଅଟେ । ଅତଃ–

**ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ 'ସନ୍ନ୍ୟାସ ଯୋଗୋ' ନାମ ଅଷ୍ଟାଦଶୋଽଧ୍ୟାୟଃ ॥୧୮॥**

ଏହି ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତା ରୂପୀ ଉପନିଷେଦ, ଏବଂ ବ୍ରହ୍ମବିଦ୍ୟା ତଥା ଯୋଗାଶାସ୍ତ୍ର ବିଷୟକ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦରେ 'ସନ୍ନ୍ୟାସ ଯୋଗୋ' ନାମକ ଅଷ୍ଟାଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ହେଲା ।

**ଇତି ଶ୍ରୀମଦ୍ ପରମହଂସ ପରମାନନ୍ଦସ୍ୟ ଶିଷ୍ୟ ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦକୃତେ ଶ୍ରୀମଦ୍ ଭଗବଦ୍ ଗୀତାୟାଃ ଯଥାର୍ଥ ଗୀତା ଭାଷ୍ୟେ 'ସନ୍ନ୍ୟାସ ଯୋଗୋ' ନାମ ଅଷ୍ଟାଦଶୋଽଧ୍ୟାୟଃ ॥୧୮॥**

**॥ ହରି ଓଁ ତତ୍ସତ୍ ॥**

# ଉପଶମ

ପ୍ରାୟଃ ଟୀକାରେ ଲୋକେ କିଛି ନୂତନ କଥାକୁ ଖୋଜିଥାନ୍ତି କିନ୍ତୁ ବସ୍ତୁତଃ ସତ୍ୟ ତ ସତ୍ୟ ହିଁ ଅଟେ । ତାହା ନା କେବେ ନୂତନ ହୋଇଥାଏ, ନା ପୁରାତନ ହୋଇଥାଏ । ନୂଆଁ ବାର୍ତ୍ତା ତ ଖବର କାଗଜରେ ଛପା ହୋଇଥାଏ । ଯେଉଁଥିରେ ଜନ୍ମ ମୃତ୍ୟୁର ଘଟଣା ରହିଥାଏ । ସତ୍ୟ ଅପରବିର୍ତ୍ତନ ଶୀଳ ଅଟେ । ତେବେ କିଏ କ'ଣ ବା ଅଧିକ କହିବ ? ଯଦି କିଛି କହୁଥାଏ, ତେବେ ସେ ପ୍ରାପ୍ତ ହିଁ କରିନାହିଁ । ପ୍ରତ୍ୟେକ ମହାପୁରୁଷ ଯଦି ସାଧନ ପଥରେ ଚାଲି, ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଆନ୍ତି, ତେବେ ଗୋଟିଏ ହିଁ କଥା କହିବେ । ସେ ସମାଜ ମଧ୍ୟରେ ପ୍ରାଚୀର ଉଠାଇପାରିବେ ନାହିଁ । ଯଦି ମଝିରେ ପ୍ରାଚୀର ଉଠାଇଥାନ୍ତି, ତେବେ ସିଦ୍ଧ ହେବ ଯେ ସେ ପ୍ରାପ୍ତ କରିନାହାଁନ୍ତି । ଶ୍ରୀକୃଷ୍ଣ ମଧ୍ୟ ସେହି ସତ୍ୟକୁ କହୁଛନ୍ତି, ଯାହାକୁ ପୂର୍ବେ ମନୀଷିମାନେ ଦେଖିଥିଲେ, ପ୍ରାପ୍ତ କରିଥିଲେ । ଭବିଷ୍ୟତରେ ଯଦି କୌଣସି ମହାପୁରୁଷ ସତ୍ୟକୁ ପ୍ରାପ୍ତ କରିବେ, ତେବେ ସେ ମଧ୍ୟ ଏପରି ହିଁ କହିବେ ।

**ମହାପୁରୁଷ ଏବଂ ତାହାଙ୍କ କାର୍ଯ୍ୟ ପ୍ରଣାଳୀ-** ମହାପୁରୁଷ ଦୁନିଆରେ ସତ୍ୟ ନାମରେ ତଥା ସତ୍ୟପରି ପ୍ରତୀତ ହେଉଥିବା କୁରୀତିମାନଙ୍କ ଶମନ କରି କଲ୍ୟାଣର ପଥକୁ ପ୍ରଶସ୍ତ କରିଦେଇଥାନ୍ତି । ଏହି ପଥ ମଧ୍ୟ ଦୁନିଆରେ ଆଗରୁ ହିଁ ରହିଛି । କିନ୍ତୁ ତାହାର ସମାନ୍ତର, ସେହିପରି ଭାସୁଥିବା ଅନେକ ପଥ, ପ୍ରଚଳିତ ହୋଇଯାଇଥାଏ । ସେଥିମଧ୍ୟରୁ ସତ୍ୟକୁ ବାଛିବା କଠିନ ହୋଇଯାଇଥାଏ ଯେ, ବସ୍ତୁତଃ ସତ୍ୟ କ'ଣ ? ମହାପୁରୁଷ ସତ୍ୟରେ ପ୍ରତିଷ୍ଠିତ ହେଲେ ହିଁ ସେଥିମଧ୍ୟରୁ ସତ୍ୟକୁ ଚିହ୍ନି ନେଇଥାନ୍ତି । ତାହାର ନିଶ୍ଚିତ ମାର୍ଗକୁ ବାହାର କରିଥାନ୍ତି ଏବଂ ସେହି ସତ୍ୟ ଆଡ଼କୁ ଅଭିମୁଖେ ହେବା ନିମନ୍ତେ ସମାଜକୁ ପ୍ରେରିତ କରିଥାନ୍ତି । ଏହା ହିଁ ଶ୍ରୀ ରାମ କରିଥିଲେ, ମହାବୀର କରିଥିଲେ, ମହାତ୍ମାବୁଦ୍ଧ କରିଥିଲେ, ଯୀଶୁଖ୍ରୀଷ୍ଟ କରିଥିଲେ ଏବଂ ଏହି ପ୍ରୟାସ ମହମ୍ମଦ ମଧ୍ୟ କରିଥିଲେ । କବୀର, ଗୁରନାନକ ଇତ୍ୟାଦି ସମସ୍ତେ ଏପରି ହିଁ କରିଥିଲେ । ମହାପୁରୁଷ ଯେତେବେଳେ ଦୁନିଆରୁ ଚାଲିଯାନ୍ତି, ତେବେ ପଛରେ ଆସୁଥିବା ଅନୁଯାୟୀମାନେ ତାହାଙ୍କ ନିର୍ଦ୍ଦେଶିତ ମାର୍ଗରେ ନ ଚାଲି, ସେମାନଙ୍କ ଜନ୍ମସ୍ଥଳ, ମୃତ୍ୟୁସ୍ଥଳ ଏବଂ ସେହି ସ୍ଥଳକୁ ପୁଜିବାରେ ଲାଗି ରହିଥାନ୍ତି । ଯେଉଁଠାକୁ ସେ ଯାଇଥିଲେ । କ୍ରମଶଃ ସେମାନେ ତାହାଙ୍କ ମୂର୍ତ୍ତି ଗଢି ପୂଜିବାରେ ଲାଗିଯାଇଥାନ୍ତି । ଯଦ୍ୟପି ପ୍ରାରମ୍ଭରେ ସେମାନେ ତାହାଙ୍କ ସ୍ମୃତି ହିଁ ଏକତ୍ରିତ କରିଥାନ୍ତି । କିନ୍ତୁ କଳାନ୍ତରରେ ଭ୍ରମରେ ପଡିଯାନ୍ତି ଏବଂ ସେହି ଭ୍ରମ ରୂଢି ରୂପରେ ପ୍ରକାଶିତ ହୋଇଥାଏ ।

ଯୋଗେଶ୍ୱର ଶ୍ରୀକୃଷ୍ଣ ମଧ୍ୟ ତତ୍‌ସାମୟିକ ସମାଜରେ ସତ୍ୟ ନାମରେ ବିସ୍ତାରିତ ରୀତି ରିବାଜକୁ ଖଣ୍ଡନକରି ସମାଜକୁ ପ୍ରଶସ୍ତ ପଥରେ ନେଇ ରଖିଥିଲେ । ଅଧ୍ୟାୟ ୨/୧୬ ରେ ସେ କହିଲେ, ହେ ଅର୍ଜୁନ ! ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ ଏବଂ ସତ୍‌ବସ୍ତୁର ତିନିକାଳରେ ଅଭାବ ହୋଇନଥାଏ । ଭଗବାନ ହୋଇଥିବା ଯୋଗୁଁ ଏହାକୁ ମୁଁ ନିଜ ତରଫରୁ କହୁନାହିଁ ବରଂ ଏହାର ଅନ୍ତର ତତ୍ତ୍ୱଦର୍ଶୀମାନେ ଦେଖିଛନ୍ତି ଏବଂ ତାହାକୁ ହିଁ ମୁଁ କହିବାକୁ ଯାଉଛି । ତ୍ରୟୋଦଶ ଅଧ୍ୟାୟରେ ସେ କ୍ଷେତ୍ର-କ୍ଷେତ୍ରଜ୍ଞର ବର୍ଣ୍ଣନ ସେହି ପ୍ରକାରେ କଲେ । ଯାହାକି **ଋଷିର୍ବହୁଧାଗୀତଂ**- ଋଷିମାନଙ୍କ ଦ୍ୱାରା ପ୍ରାୟଃ ଗାୟନ ହୋଇଥିଲା । ଅଷ୍ଟାଦଶ ଅଧ୍ୟାୟରେ ତ୍ୟାଗ ଏବଂ ସନ୍ନ୍ୟାସ ତତ୍ତ୍ୱକୁ କହିବାକୁ ଯାଇ ସେ ଚାରୋଟି ମତ ମଧ୍ୟରୁ ଗୋଟିଏ ମତକୁ ନିଶ୍ଚିତ କରି କହିଲେ ଏବଂ ସେଥିରେ ନିଜର ସମର୍ଥନ ମଧ୍ୟ ଦେଇଥିଲେ ।

**ସନ୍ନ୍ୟାସ**– ଶ୍ରୀକୃଷ୍ଣକାଳରେ ମଧ୍ୟ ଅଗ୍ନିକୁ ନ ଛୁଇଁବା ତଥା ଚିନ୍ତନ ପଥରୁ ତ୍ୟାଗ କରି ନିଜକୁ ଯୋଗୀ, ସନ୍ନ୍ୟାସୀ କହୁଥିବା ବ୍ୟକ୍ତିଙ୍କ ସମ୍ପ୍ରଦାୟ ମଧ୍ୟ ବୃଦ୍ଧି ହେବାରେ ଲାଗିଥିଲା । ତାହାର ଖଣ୍ଡନ କରି ସେ ସ୍ପଷ୍ଟ କଲେ ଯେ, ଜ୍ଞାନ ମାର୍ଗ ତଥା ଭକ୍ତିମାର୍ଗ, ଉଭୟ ମାର୍ଗ ମଧ୍ୟରୁ କୌଣସି ମାର୍ଗରେ ମଧ୍ୟ କର୍ମକୁ ତ୍ୟାଗ କରିବା ବିଧାନ ନାହିଁ । କର୍ମ ତ କରିବାକୁ ହିଁ ପଡ଼ିବ । କର୍ମ କରି କରି ସାଧନା ସୂକ୍ଷ୍ମ ହୋଇଯାଏ ଯେ, ସମ୍ପୂର୍ଣ୍ଣ ସଙ୍କଳ୍ପ ଅଭାବ ହୋଇଯାଇଥାଏ । ସେ ହିଁ ପୂର୍ଣ୍ଣ ସନ୍ନ୍ୟାସ ଅଟେ । ସାଧନାର ମଧ୍ୟ ସ୍ଥଳରେ ସନ୍ନ୍ୟାସ ନାମରେ କୌଣସି ବସ୍ତୁ ହିଁ ନାହିଁ । କେବଳ କ୍ରିୟମାନଙ୍କୁ ତ୍ୟାଗ କରି ଦେଲେ ଅଥବା ଅଗ୍ନିକୁ ନ ଛୁଇଁବା ଦ୍ୱାରା ନା କିଏ ସନ୍ନ୍ୟାସୀ ହୋଇଥାଏ, ନା ଯୋଗୀ । ଯାହାକୁ ଦ୍ୱିତୀୟ, ତୃତୀୟ, ପଞ୍ଚମ, ଷଷ୍ଠ ଏବଂ ବିଶେଷକରି ଅଷ୍ଟାଦଶ ଅଧ୍ୟାୟରେ ଦେଖିପାରିବେ ।

**କର୍ମ**– ଏପରି ହିଁ ଭ୍ରାନ୍ତି କର୍ମ ସମ୍ବନ୍ଧରେ ମଧ୍ୟ ଦେଖିବାକୁ ମିଳେ । ଅଧ୍ୟାୟ୨/୩୯ରେ ସେ କହିଲେ, ହେ ଅର୍ଜୁନ ! ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବୁଦ୍ଧି ତୁମ ନିମନ୍ତେ ସାଂଖ୍ୟ ଯୋଗ ବିଷୟରେ କୁହାଗଲା ଏବଂ ବର୍ତ୍ତମାନ ଏହାକୁ ତୁମେ ନିଷ୍କାମ କର୍ମ ବିଷୟରେ ଶୁଣ । ଏଥିରେ ଯୁକ୍ତ ହୋଇ ତୁମେ କର୍ମ ବନ୍ଧନକୁ ସମ୍ପୂର୍ଣ୍ଣରୂପେ ନାଶ କରିପାରିବ। ଏହାର ଅଳ୍ପ ଆଚରଣ ମଧ୍ୟ ଜନ୍ମ-ମୃତ୍ୟୁର ମହାଭୟରୁ ଉଦ୍ଧାର କରିଥାଏ । ଏହି ନିଷ୍କାମ କର୍ମରେ ନିଶ୍ଚୟାତ୍ମିକା କ୍ରିୟା ଗୋଟିଏ ହିଁ ଅଟେ । ବୁଦ୍ଧି ଗୋଟିଏ ହିଁ ଅଟେ । ଦିଗ ମଧ୍ୟ ଗୋଟିଏ ହିଁ ଅଟେ କିନ୍ତୁ ଅବିବେକି ମାନଙ୍କ ବୁଦ୍ଧି ଅନନ୍ତ ଶାଖାଯୁକ୍ତ ହୋଇଥାଏ । ତେଣୁକରି ସେମାନେ କର୍ମ ନାମରେ ଅନେକ କ୍ରିୟା ବିସ୍ତାର କରିନେଇଥାନ୍ତି । ହେ ଅର୍ଜୁନ ! ତୁମେ ନିୟତ କର୍ମ କର । ଅର୍ଥାତ୍ କ୍ରିୟା ବହୁତ ପ୍ରକାରର ରହିଛି । କିନ୍ତୁ

ସେ ସମସ୍ତକ୍ରିୟା କର୍ମ ନୁହଁ । କର୍ମ କୌଣସି ଏକ ନିର୍ଦ୍ଧାରିତ ଦିଶାଅଟେ । କର୍ମ ଏକ ଏପରି ବସ୍ତୁ, ଯାହା ଜନ୍ମ ଜନ୍ମାନ୍ତରରୁ ଆସୁଥିବା ଶରୀର ଯାତ୍ରାକୁ ସମାପ୍ତ କରି ନେଇଥାଏ । ଯଦି ଗୋଟିଏ ଜନ୍ମ ନେବାକୁ ମଧ୍ୟ ବାକି ରହିଛି, ତେବେ ବର୍ତ୍ତମାନ ଯାତ୍ରା ଶେଷ କିପରି ହେଲା ? ଅର୍ଥାତ୍ ଯାତ୍ରା ବର୍ତ୍ତମାନ ମଧ୍ୟ ଶେଷ ରହିଛି ।

**ଯଜ୍ଞ**- ସେହି ନିୟତ କର୍ମ କ'ଣ ? ଶ୍ରୀକୃଷ୍ଣ ଏହାକୁ ସ୍ପଷ୍ଟ କଲେ ଯେ, **ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ** - ହେ ଅର୍ଜୁନ ! ଯଜ୍ଞର ପ୍ରକ୍ରିୟା ହିଁ କର୍ମ ଅଟେ । ଏହା ବ୍ୟତିତ ଦୁନିଆରେ ଯାହା କିଛି କର୍ମଭାବି କରାଯାଉଛି, ତାହା ଏହି ଲୋକର ବନ୍ଧନ ମାତ୍ର, ନା କି କର୍ମ । କର୍ମ ତ ଏହି ସଂସାର ବନ୍ଧନରୁ ମୁକ୍ତି ଦେଇଥାଏ । ବର୍ତ୍ତମାନ ସେହି ଯଜ୍ଞ, କ'ଣ, ଯାହାକୁ କ୍ରିୟାନ୍ୱିତ କରିବା ଦ୍ୱାରା କର୍ମ ସମ୍ପାଦିତ ହୋଇଥାଏ ? ଚତୁର୍ଥ ଅଧ୍ୟାୟରେ ଶ୍ରୀକୃଷ୍ଣ ୧୩,୧୪ ପ୍ରକାରର ଯଜ୍ଞକୁ କହିଲେ । ଯାହାସବୁ ଆତ୍ମାରେ ପ୍ରବେଶ କରାଉଥିବା ବିଧି ବିଶେଷର ଚିତ୍ରଣ ମାତ- ଯାହା ଶ୍ୱାସଦ୍ୱାରା, ଧ୍ୟାନ ଦ୍ୱାରା, ଇନ୍ଦ୍ରିୟ ସଂଯମ ଇତ୍ୟାଦି ଦ୍ୱାରା ସିଦ୍ଧ ହୋଇଥାଏ । ଶ୍ରୀକୃଷ୍ଣ ଏହା ମଧ୍ୟ ସ୍ପଷ୍ଟ କରିଦେଲେ ଯେ, ଭୌତିକ ଦ୍ରବ୍ୟ ଦ୍ୱାରା ଏହି ଯଜ୍ଞର କୌଣସି ସମ୍ବନ୍ଧ ନାହିଁ । ଭୌତିକ ଯଜ୍ଞ ଦ୍ୱାରା ସିଦ୍ଧ ହେଉଥିବା ଯଜ୍ଞ ଅତି ଅଳ୍ପ ହୋଇଥାଏ, ଆପଣ କୋଟିଏ ହବନ କଲେ ମଧ୍ୟ ତାର ଫଳ ଅତି ଅଳ୍ପ ଏବଂ ନାଶବାନ ହୋଇଥାଏ । ସମ୍ପୂର୍ଣ୍ଣ ଯଜ୍ଞ ମନ ଏବଂ ଇନ୍ଦ୍ରିୟର ଅନ୍ତଃକରଣ ଦ୍ୱାରା ସିଦ୍ଧ ହୋଇଥାଏ । ପୂର୍ଣ୍ଣ ହେବା ପରେ ଯଜ୍ଞ ଯାହା ସୃଷ୍ଟି କରିଥାଏ, ସେହି ଅମୃତ ତତ୍ତ୍ୱର ଜାନକାରୀର ନାମ ଜ୍ଞାନ ଅଟେ । ସେହି ଜ୍ଞାନାମୃତକୁ ପାନ କରୁଥିବା ଯୋଗୀ, ସନାତନ ବ୍ରହ୍ମରେ ପ୍ରବେଶ ପାଇଯାନ୍ତି । ଯେଉଁଥିରେ ପ୍ରବେଶ ପାଇବା ବାକି ଥିଲା, ତାହା ପାଇଗଲେ । ସେହି ପ୍ରାପ୍ତ ପୁରୁଷଙ୍କ କର୍ମ କରିବାରେ କୌଣସି ପ୍ରୟୋଜନ ନଥାଏ । ତେଣୁକରି ସମ୍ପୂର୍ଣ୍ଣ କର୍ମ ସାକ୍ଷାତ୍କାର ସହିତ ଜ୍ଞାନରେ ସମାପ୍ତ ହୋଇଯାଏ । କର୍ମ କରିବା ବନ୍ଧନରୁ ସେ ମୁକ୍ତ ହୋଇଯାଏ । ଏହିପରି ନିର୍ଦ୍ଧାରିତ ଯଜ୍ଞକୁ କାର୍ଯ୍ୟରୂପ ଦେବା ହିଁ କର୍ମ ଅଟେ । କର୍ମର ଶୁଦ୍ଧ ଅର୍ଥ ହେଉଛି- ଆରାଧନା ।

ଏହି ନିୟତ କର୍ମ, ଯଜ୍ଞାର୍ଥ କର୍ମ ଅଥବା ତଦର୍ଥ କର୍ମ ଅତିରିକ୍ତ ଗୀତାରେ ଅନ୍ୟ କୌଣସି କର୍ମକୁ କୁହାଯାଇନାହିଁ । ଏହାକୁ ଶ୍ରୀକୃଷ୍ଣ ସ୍ଥାନେ ସ୍ଥାନେ ସ୍ପଷ୍ଟ କରି କହିଛନ୍ତି । ଷଷ୍ଠ ଅଧ୍ୟାୟରେ ଏହାକୁ ସେ କାର୍ଯ୍ୟଂକର୍ମ କହିଥିଲେ । ଅଧ୍ୟାୟ ୧୬ରେ ସେ କହିଲେ ଯେ, କାମ-କ୍ରୋଧ-ଲୋଭକୁ ତ୍ୟାଗକରି ଦେବା ପରେ ହିଁ ସେହି କର୍ମ ପ୍ରାରମ୍ଭ ହୋଇଥାଏ, ଯାହାକି ପରମ ଶ୍ରେୟ ପ୍ରଦାନ କରିଥାଏ । ସାଂସାରିକ କର୍ମରେ ତ ଯିଏ ଯେତିକି ବ୍ୟସ୍ତ ରହିଥାଏ, ସେମାନଙ୍କ ଠାରେ କାମ-କ୍ରୋଧ-ଲୋଭ ସେତିକି

ହିଁ ଅଧିକ ପରିମାଣରେ ସୁସଜ୍ଜିତ ହୋଇ ରହିଥାଏ । ଏହି ନିୟତ କର୍ମକୁ ସେ ଶାସ୍ତ୍ର ବିଧାନଯୁକ୍ତ କର୍ମର ସଂଜ୍ଞା ଦେଲେ । ଗୀତା ସ୍ୱୟଂ ପୂର୍ଣ୍ଣ ଶାସ୍ତ୍ର ଅଟେ । ସର୍ବୋପରି ଶାସ୍ତ୍ର ତ ବେଦ ଅଟେ । ବେଦର ସାର ତତ୍ତ୍ୱ ହେଉଛି ଉପନିଷଦ ଏବଂ ସେହି ସମ୍ପୂର୍ଣ୍ଣ ଉପନିଷଦର ସାରାଂଶ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଏହି ବାଣୀ ଗୀତା ଅଟେ । ୧୭, ୧୮ ଅଧ୍ୟାୟରେ ମଧ ଶାସ୍ତ୍ରବିଧି ଦ୍ୱାରା ନିର୍ଦ୍ଧାରିତ କର୍ମ, ନିୟତ କର୍ମ, କର୍ତ୍ତବ୍ୟ କର୍ମ ଏବଂ ପୂଣ୍ୟ କର୍ମ ଦ୍ୱାରା ଇଙ୍ଗିତ କରି ସେ ବାରମ୍ବାର ଦୃଢୋକ୍ତି ପ୍ରକାଶ କରିଛନ୍ତି ଯେ, ନିୟତ କର୍ମ ହିଁ ପରମ କଲ୍ୟାଣକରକ ଅଟେ ।

ଯୋଗେଶ୍ୱର ଶ୍ରୀକୃଷ୍ଣ ଏପରି ଦୃଢତାର ସହିତ କହିବା ସତ୍ତ୍ୱେ ମଧ ଆପଣ ସେହି ନିୟତ କର୍ମକୁ ନ କରି ଶ୍ରୀକୃଷ୍ଣଙ୍କ କହିବା ବାକ୍ୟକୁ ନମାନି, ଓଲଟା, ସିଧା କଳ୍ପନା କରନ୍ତି ଯେ, ସାଂସାରରେ ଯାହାକିଛି କରାଯାଉଛି, ତାହା କର୍ମ ଅଟେ । କିଛି ମଧ ତ୍ୟାଗ କରିବା ଆବଶ୍ୟକ ହିଁ ନାହିଁ । କେବଳ ଫଳର କାମନା ହିଁ ତ୍ୟାଗ କରିଦିଅ, ହୋଇଗଲା ନିଷ୍କାମ କର୍ମ ଯୋଗ । ଏହିପରି ଆପଣମାନଙ୍କର ମାନ୍ୟତା ରହିଥାଏ । କର୍ତ୍ତବ୍ୟ ଭାବନାରେ କର ତ ହୋଇଗଲା କର୍ତ୍ତବ୍ୟ ଯୋଗ । ଯାହାକିଛି କରି ନାରାୟଣଙ୍କୁ ସମର୍ପଣ କରିଦିଅ, ତେବେ ହୋଇଗଲା ସମର୍ପଣ ଯୋଗ । ଏହିପରି ଯଜ୍ଞର ନାମ ଆସିବା କ୍ଷଣି ହିଁ ଆମ୍ଭେମାନେ ଭୂତ ପ୍ରେତ ଯଜ୍ଞ, ପିତୃଯଜ୍ଞ, ପଞ୍ଚ ମହାଯଜ୍ଞ, ବିଷ୍ଣୁଙ୍କ ନିମିତ୍ତ ଯଜ୍ଞ, ଏପରି ଅନେକ ଯଜ୍ଞ ରଚନା କରିନେଉଛନ୍ତି । ତାହାର କ୍ରିୟା ସହିତ ସ୍ୱାହା କରି ଦଣ୍ଡାୟମାନ ହୋଇଯାଉ । ଯଦି ଶ୍ରୀକୃଷ୍ଣ ସ୍ପଷ୍ଟ ନ କହିଥାନ୍ତେ, ତେବେ ଆମେ ଯାହାକିଛି କରିପାରିଥାନ୍ତେ । ଯଦି କହିଛନ୍ତି, ଯାହା କହିଛନ୍ତି ତାହାକୁ ହିଁ ମାନିବା ଉଚିତ । କିନ୍ତୁ ଆମେ ତାହାକୁ ମାନୁ ନାହାଁନ୍ତି । ଏହି ଧାରାତଳରେ ଅନେକ ପୂଜା-ପଦ୍ଧତି, ରୀତି-ରିବାଜ୍ ଇତ୍ୟାଦି ଆମ୍ଭମାନଙ୍କ ମସ୍ତିଷ୍କକୁ ଜାବୁଡ଼ି ଧରିଥାଏ । ବାହ୍ୟ ବସ୍ତୁସବୁକୁ ତ୍ୟାଗ କରି କଦାଚିତ୍ ଆମ୍ଭେମାନେ ଛାଡ଼ି ଚାଲିଯାଇପାରିବା କିନ୍ତୁ ଏହି ପୂର୍ବାଗ୍ରହ, ମସ୍ତିଷ୍କରେ ରହି ଆମ୍ଭମାନଙ୍କର ସାଥିରେ ହିଁ ଯାଇଥାଏ । ଶ୍ରୀକୃଷ୍ଣଙ୍କ ଶବ୍ଦକୁ ମଧ ଆମ୍ଭେମାନେ ସେହି ରୁଢିବାଦୀ କର୍ମର ଅନୁରୂପ ବ୍ୟବହାର କରିଥାନ୍ତି । ଗୀତା ତ ଅତ୍ୟନ୍ତ ବୋଧଗମ୍ୟ ଏବଂ ସରଳ ସଂସ୍କୃତ ଭାଷାରେ ରହିଛି । ଆପଣ ଏହାର ଅନ୍ୱୟାର୍ଥକୁ ଦେଖିଲେ, କେବେ ମଧ ଏଥିରେ ସନ୍ଦେହ ହେବ ନାହିଁ । ଏହି ପ୍ରୟାସ ପ୍ରସ୍ତୁତ ପୁସ୍ତକରେ କରାଯାଇଛି ।

**ଯୁଦ୍ଧ** - ଯଦି ଯଜ୍ଞ ଏବଂ କର୍ମ - ଏହି ଦୁଇଟି ପ୍ରଶ୍ନକୁ ଯଥାର୍ଥ ରୂପରେ ବୁଝିଯିବେ, ତେବେ ଯୁଦ୍ଧ, ବର୍ଣ୍ଣ ବ୍ୟବସ୍ଥା, ବର୍ଣ୍ଣ ସଙ୍କର, ଜ୍ଞାନ ଯୋଗ, କର୍ମ ଯୋଗ ଅଥବା ସଂକ୍ଷେପରେ ସମ୍ପୂର୍ଣ୍ଣ ଗୀତାକୁ ହିଁ ଆପଣ ବୁଝି ପାରିବେ । ଅର୍ଜୁନ ଯୁଦ୍ଧ କରିବାକୁ

ତାହୁଁ ନ ଥିଲେ, ସେ ଧନୁଷକୁ ତ୍ୟାଗ କରି ରଥର ପଛପଟେ ବସିଗଲେ, କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣ ତାହାଙ୍କୁ ଏକମାତ୍ର କର୍ମର ଶିକ୍ଷା ଦେଇ କର୍ମକୁ କେବଳ ଦୃଢ ହିଁ କରି ନାହାଁନ୍ତି, ବରଂ ଅର୍ଜୁନଙ୍କୁ ସେହି କର୍ମ ପଥରେ ଚଲାଇଦେଲେ । ଯୁଦ୍ଧ ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ଗୀତାରେ ୧୫/୨୦ ଶ୍ଳୋକ ଏପରି ରହିଛି ଯେଉଁଥିରେ ବାରମ୍ବାର କୁହାଯାଇଛି । ହେ ଅର୍ଜୁନ ! ତୁମେ ଯୁଦ୍ଧ କର । କିନ୍ତୁ ଗୋଟିଏ ମଧ୍ୟ ଶ୍ଳୋକ ଏପରି ନାହିଁ, ଯାହାକି ବାହ୍ୟ ମାରିବା-କାଟିବାରେ ସମର୍ଥନ କରୁଥିବ । (ଦ୍ରଷ୍ଟବ୍ୟ ଅଧ୍ୟାୟ-୨,୩,୧୧,୧୫ ଏବଂ ୧୮)କାରଣ ଯେଉଁ କର୍ମ ଉପରେ ଜୋର୍ ଦିଆଯାଇଥିଲା- ସେହି କର୍ମ ହେଉଛି ନିୟତ କର୍ମ । ଯାହାକି ଏକାନ୍ତ ଦେଶର ସେବନ ଦ୍ୱାରା, ଚିତ୍ତକୁ ଚାରିଆଡୁ ଏକତ୍ରିତ କରି ଧ୍ୟାନ କରିବା ଦ୍ୱାରା ହୋଇଥାଏ । ଯଦି କର୍ମର ଏହା ହିଁ ସ୍ୱରୂପ ଏବଂ ଏକାନ୍ତରେ ଚିତ୍ତ ଧ୍ୟାନରେ ଲାଗି ରହିଛି, ତେବେ ଯୁଦ୍ଧ କିପରି ହେଲା ? ଯଦି ଗୀତୋକ୍ତ କଲ୍ୟାଣ ଯୁଦ୍ଧ କରିବା ବ୍ୟକ୍ତିଙ୍କ ନିମନ୍ତେ ହିଁ ହୋଇଥାଏ, ତେବେ ଆପଣ ଗୀତା ଅଧ୍ୟୟନ କରିବା ଛାଡ଼ି ଦିଅନ୍ତୁ । ଆପଣଙ୍କ ସମକ୍ଷରେ ତ ଅର୍ଜୁନଙ୍କ ପରି ଯୁଦ୍ଧର କୌଣସି ସମସ୍ୟା ହିଁ ନାହିଁ, ବସ୍ତୁତଃ ସେହି ସମୟରେ ମଧ୍ୟ ସେହି ଯୁଦ୍ଧର ପରିସ୍ଥିତି ବିଦ୍ୟମାନ ଥିଲା ଏବଂ ଆଜି ମଧ୍ୟ ଯେପରି ସେପରି ହିଁ ଯୁଦ୍ଧର ପରିସ୍ଥିତି ବିଦ୍ୟମାନ ରହିଛି । ଯେତେବେଳେ ଚିତ୍ତକୁ ଏକତ୍ରିତ କରି ଆପଣ ହୃଦୟ ଦେଶରେ ଧ୍ୟାନ କରିବାରେ ଲାଗିଯିବେ, ତେବେ କାମ, କ୍ରୋଧ, ଲୋଭ ଇତ୍ୟାଦି ବିକାର ଆପଣଙ୍କ ଚିତ୍ତକୁ ଧ୍ୟାନରେ ସ୍ଥିର ରହିବାକୁ ଦେବେ ନାହିଁ । ସେହି ବିକାରମାନଙ୍କ ସହିତ ସଂଘର୍ଷ କରି ସେମାନଙ୍କୁ ଅନ୍ତ କରିବା ହିଁ ଯୁଦ୍ଧ ଅଟେ । ବିଶ୍ୱରେ ଯୁଦ୍ଧ ନିରନ୍ତର ଲାଗି ରହିଛି, କିନ୍ତୁ ସେଥିରେ କଲ୍ୟାଣ ହୋଇନଥାଏ, ଅପିତୁ ବିନାଶ ହିଁ ହୋଇଥାଏ । ତାହାକୁ ଶାନ୍ତି କୁହନ୍ତୁ ଅଥବା ପରିସ୍ଥିତି । ଅନ୍ୟ କୌଣସି ପ୍ରକାର ଶାନ୍ତି ଏହି ଦୁନିଆରେ ପ୍ରାପ୍ତ ହୋଇନଥାଏ, ଶାନ୍ତି ସେତେବେଳେ ପ୍ରାପ୍ତ ହୋଇଥାଏ, ଯେତେବେଳେ ଏହି ଆତ୍ମା ନିଜର ଶାଶ୍ୱତକୁ ପ୍ରାପ୍ତ କରିନେଇଥାଏ । ଏହା ହିଁ ଏକମାତ୍ର ଶାନ୍ତି ଅଟେ, ଯାହାର ପଛରେ ପୁନଃ ଅଶାନ୍ତି ନଥାଏ । କିନ୍ତୁ ଏହି ଶାନ୍ତି ସାଧନଗମ୍ୟ ଅଟେ । ସେହି ଶାନ୍ତି ନିମନ୍ତେ ନିୟତ କର୍ମର ବିଧାନ ରହିଛି ।

**ବର୍ଣ୍ଣ-** ସେହି ନିୟତ କର୍ମକୁ ଚାରୋଟି ବର୍ଣ୍ଣରେ ବିଭକ୍ତ କରାଯାଇଛି । ଚିନ୍ତନ ପଥରେ ତ ସମସ୍ତେ ଲାଗି ରହିଥାନ୍ତି କିନ୍ତୁ କିଏ ଶ୍ୱାସ ପ୍ରଶ୍ୱାସର ଗତିକୁ ନିରୋଧ କରିବାରେ ସକ୍ଷମ ହୋଇଥାଏ, ତ କିଏ ପ୍ରାରମ୍ଭରୁ ୨ଘଣ୍ଟା ଚିନ୍ତନରେ ବସିବା ପରେ ମଧ୍ୟ ୧୦ ମିନିଟ୍ ନିଜ ପକ୍ଷରେ ପାଇ ପାରି ନଥାଏ । ଏହି ସ୍ଥିତିର ଅଳ୍ପଜ୍ଞ ସାଧକ ଶୁଦ୍ର ଶ୍ରେଣୀର ହୋଇଥାଏ । ସେ ନିଜର ସ୍ୱାଭାବିକ କ୍ଷମତାନୁସାରେ

ପରିଚର୍ଯ୍ୟାରୁ ହିଁ କର୍ମ ପ୍ରାରମ୍ଭ କରିବା ଆବଶ୍ୟକ । କର୍ମ କରି କ୍ରମଶଃ ବୈଶ୍ୟ, କ୍ଷତ୍ରୀୟ ଏବଂ ବ୍ରାହ୍ମଣ ଶ୍ରେଣୀର କ୍ଷମତା ତାହାର ସ୍ୱଭାବରେ ଆସିଯିବ । ସେ ଉନ୍ନତ ହୋଇ ଚାଲିବ । କିନ୍ତୁ ସେହି ବ୍ରାହ୍ମଣ ଶ୍ରେଣୀ ମଧ୍ୟ ଦୋଷ ଯୁକ୍ତ । କାରଣ ସେ ବର୍ତ୍ତମାନ ବ୍ରହ୍ମ ଠାରୁ ଅଲଗା ହୋଇ ରହିଛି । ବ୍ରହ୍ମରେ ପ୍ରବେଶ ପାଇବା ପରେ ସେ ବ୍ରାହ୍ମଣ ହୋଇ ମଧ୍ୟ ରହିନଥାଏ । ବର୍ଣ୍ଣର ଅର୍ଥ ହେଉଛି ଆକୃତି । ଏହି ଶରୀର ଆପଣଙ୍କର ଆକୃତି ନୁହଁ, ଆପଣଙ୍କ ଆକୃତି ସେପରି ହୋଇଥାଏ, ଯେପରି ଆପଣଙ୍କର ବୃତ୍ତି ହୋଇଥାଏ । ଶ୍ରୀକୃଷ୍ଣ କହୁଛନ୍ତି, ହେ ଅର୍ଜୁନ ! ଏହି ପୁରୁଷ ଶ୍ରଦ୍ଧାମୟ ଅଟେ । ତେଣୁକରି କୌଣସି ନା କୌଣସି ସ୍ଥାନରେ ତାର ଶ୍ରଦ୍ଧା ଅବଶ୍ୟ ରହିଥିବ । ଯେପରି ଶ୍ରଦ୍ଧାଯୁକ୍ତ ସେହି ପୁରୁଷ ହୋଇଥାଏ, ସେ ସ୍ୱୟଂ ମଧ୍ୟ ସେପରି ହିଁ ହୋଇଥାଏ । ଯେପରି ବୃତ୍ତି ରହିଥାଏ, ସେପରି ହିଁ ପୁରଷ ହୋଇଥାଏ । କର୍ମର ଆନ୍ତରିକ ମାପଦଣ୍ଡ ହେଉଛି ବର୍ଣ୍ଣ । କିନ୍ତୁ ଲୋକେ ନିୟତ କର୍ମକୁ ତ୍ୟାଗ କରି ବାହ୍ୟ ସମାଜରେ ଜନ୍ମର ଆଧାର ଭୂତ ଜାତିକୁ ବର୍ଣ୍ଣ ମାନି, ସେମାନଙ୍କ ଜୀବିକା ନିଶ୍ଚିତ କରି ଦେଇଥାନ୍ତି । ଯାହାକି ଏକ ସାମାଜିକ ବ୍ୟବସ୍ଥା ମାତ୍ର ଥିଲା । ସେମାନେ କର୍ମର ଯଥାର୍ଥ ରୂପକୁ ଭାଙ୍ଗାରୁଜା କରିଥାନ୍ତି । ଯେପରି ସେମାନଙ୍କ ଫମ୍ପା ସାମାଜିକ ମର୍ଯ୍ୟଦା ଏବଂ ଜୀବିକାକୁ ବାଧା ନହେବ । କାଳାନ୍ତରରେ ବର୍ଣ୍ଣର ନିର୍ଦ୍ଧାରଣ କେବଳ ଜନ୍ମ ଦ୍ୱାରା ହିଁ ହେବାରେ ଲାଗିଲା । କିନ୍ତୁ ଏପରି କିଛି ନୁହଁ । ଶ୍ରୀକୃଷ୍ଣ କହିଲେ ଯେ, ଚାରୋଟି ବର୍ଣ୍ଣର ସୃଷ୍ଟି ମୁଁ କରିଛି । କ'ଣ ଭାରତରୁ ବାହାରେ ସୃଷ୍ଟି ନାହିଁ, ଅନ୍ୟତ୍ର ଏହି ଜାତିର ତ ଅସ୍ତିତ୍ୱ ହିଁ ନାହିଁ । ଭାରତରେ ଏହାର ଅନ୍ତର୍ଗତ ଲକ୍ଷ ସଂଖ୍ୟାରେ ଜାତି ଉପଜାତି ରହିଛି । ଶ୍ରୀକୃଷ୍ଣ କ'ଣ ମନୁଷ୍ୟଙ୍କୁ ବାଣ୍ଟିଥିଲେ ? ନାହିଁ **ଗୁଣକର୍ମ ବିଭାଗଶଃ– କର୍ମାଣି ପ୍ରବିଭକ୍ତାନି** । ଅର୍ଥାତ୍ ଗୁଣ ଅନୁସାରେ କର୍ମକୁ ଚାରୋଟି ଭାଗରେ ବିଭକ୍ତ କରିଥିଲେ । କର୍ମକୁ ଚାରି ଭାଗରେ ବିଭକ୍ତ କରିଥିଲେ । ଯଦି ଆପଣ କର୍ମକୁ ବୁଝିଯିବେ, ତେବେ ବର୍ଣ୍ଣ ମଧ୍ୟ ବୁଝି ପାରିବେ । ଯଦି ବର୍ଣ୍ଣ ବ୍ୟବସ୍ଥା ଆପଣ ଭଲ ରୂପେ ବୁଝିଯିବେ, ତେବେ ବର୍ଣ୍ଣ ସଙ୍କରକୁ ମଧ୍ୟ ଯଥାର୍ଥ ଜାଣିପାରିବେ ।

**ବର୍ଣ୍ଣ ସଙ୍କର**– ଏହି କର୍ମ ପଥରୁ ଚ୍ୟୁତ ହେବା ହିଁ ବର୍ଣ୍ଣ ସଙ୍କର ଅଟେ । ଆତ୍ମାର ଶୁଦ୍ଧ ବର୍ଣ୍ଣ ହେଉଛି ପରମାତ୍ମା । ସେଥିରେ ପ୍ରବେଶ ଦେଉଥିବା କର୍ମରୁ ବିଚ୍ୟୁତ ହୋଇ ପ୍ରକୃତିରେ ଲିପ୍ତ ରହିବା ହିଁ ବର୍ଣ୍ଣସଙ୍କର ଅଟେ । ଶ୍ରୀକୃଷ୍ଣ ସ୍ପଷ୍ଟ କରିଛନ୍ତି ଯେ, ଏହି କର୍ମକୁ ନ କରି କିଏ ମଧ୍ୟ ସେହି ସ୍ୱରୂପକୁ ପାଇନଥାଏ ଏବଂ ପ୍ରାପ୍ତି ହୋଇଥିବା ମହାପୁରୁଷଙ୍କୁ କର୍ମ କରିବାରେ ନା କୌଣସି ଲାଭ ହୋଇଥାଏ, ନା ତ୍ୟାଗ କରିଦେଲେ କୌଣସି ହାନି ହୋଇଥାଏ । ହେଲେ ମଧ୍ୟ ଲୋକ ସଂଗ୍ରହ ନିମନ୍ତେ ସେ କର୍ମରେ

ପ୍ରବୃତ୍ତ ହୋଇଥାନ୍ତି । ସେହି ମହାପୁରୁଷମାନଙ୍କ ପରି ମୋତେ ମଧ୍ୟ ପ୍ରାପ୍ତ ହେବା କୌଣସି ଯୋଗ୍ୟବସ୍ତୁ ଅପ୍ରାପ୍ୟ ହୋଇନଥାଏ । ତଥାପି ମୁଁ ପଛରେ ଆସୁଥିବା ଅନୁଯାୟୀଙ୍କ ହିତ କାମନା ନିମନ୍ତେ କର୍ମରେ ପ୍ରବୃତ୍ତ ହୋଇଥାଏ । ଯଦି ମୁଁ କର୍ମ ନ କରିବି, ତେବେ ସମସ୍ତେ ବର୍ଣ୍ଣସଙ୍କର ହୋଇଯିବେ । ସ୍ତ୍ରୀ ମାନଙ୍କ ଦୁଷିତ ହେବା ଦ୍ୱାରା ବର୍ଣ୍ଣସଙ୍କର ସୃଷ୍ଟିହେବା ତ ଶୁଣିବାକୁ ମିଳୁଛି କିନ୍ତୁ ଏଠାରେ ଶ୍ରୀକୃଷ୍ଣ କହୁଛନ୍ତି ଯେ, ଯଦି ସ୍ୱରୂପସ୍ଥ ମହାପୁରୁଷ କର୍ମ ନ କରିବେ, ତେବେ ଲୋକେ ବର୍ଣ୍ଣ ସଙ୍କର ହୋଇଯିବେ । ସେହି ମହାପୁରୁଷଙ୍କୁ ନକଲ କରି ଆରାଧନାକୁ ବନ୍ଦ କରିଦେଲେ, ସେମାନେ ସେହି ପ୍ରକୃତିରେ ହିଁ ଭ୍ରମିତ ହେଉଥିବେ । ବର୍ଣ୍ଣ ସଙ୍କର ହୋଇଯିବେ କାରଣ ଏହି କର୍ମକୁ କରି ହିଁ ସେହି ପରମ ନୈଷ୍କର୍ମ୍ୟ ସ୍ଥିତିକୁ ଅର୍ଥାତ୍ ନିଜର ଶୁଦ୍ଧବର୍ଣ୍ଣ ପରିମାତ୍ମାଙ୍କୁ ପାଇପାରିବେ ।

**ଜ୍ଞାନ ଯୋଗ ତଥା କର୍ମ ଯୋଗ** – କର୍ମ ଗୋଟିଏ ହିଁ ଅଟେ । ତାହା ହେଉଛି, ନିୟତ କର୍ମ 'ଆରାଧନା' । କିନ୍ତୁ ତାହାକୁ କରିବାର ଦୃଷ୍ଟିକୋଣ ଦୁଇଟି । ନିଜର ଶକ୍ତିକୁ ବୁଝିବିଚାରି, ହାନି-ଲାଭର ନିର୍ଣ୍ଣୟନେଇ, ଏହି କର୍ମ କରିବା ହିଁ ଜ୍ଞାନ ଯୋଗ ଅଟେ । ଏହି ମାର୍ଗର ସାଧକ ଜଣିଥାଏ ଯେ, ଆଜି ମୋର ଏପରି ସ୍ଥିତି ରହିଛି, ଆଗକୁ ଏହି ଭୂମିକାରେ ପରିଣତ ହୋଇଯିବି । ତତ୍‌ପଶ୍ଚାତ୍ ନିଜର ସ୍ୱରୂପକୁ ପ୍ରାପ୍ତ ହେବି । ଏହି ଭାବନାକୁ ନେଇ ସେ କର୍ମରେ ପ୍ରବୃତ୍ତ ହୋଇଥାଏ । ନିଜର ଶକ୍ତିର ଜ୍ଞାନ ରଖି ଚାଲିଥାଏ, ତେଣୁ କରି ତାକୁ ଜ୍ଞାନ ମାର୍ଗୀ କୁହାଯାଏ । ସମର୍ପଣ ସହିତ ସେହି କର୍ମରେ ପ୍ରବୃତ୍ତ ହେବା, ହାନି ଲାଭର ନିର୍ଣ୍ଣୟ ଇଷ୍ଟଙ୍କ ଉପରେ ରଖି ଚାଲିବା ହିଁ ନିଷ୍କାମ କର୍ମ ଯୋଗ ଅଟେ ଅଥବା ଭକ୍ତି ଯୋଗ ଅଟେ । ଏହି ଉଭୟଙ୍କ ପ୍ରେରକ ସଦ୍‌ଗୁରୁ ହିଁ ହୋଇଥାନ୍ତି । ଗୋଟିଏ ହିଁ ମହାପୁରୁଷଙ୍କ ଠାରୁ ଶିକ୍ଷାନେଇ ଜଣେ ସ୍ୱାବଲମ୍ବୀ ହୋଇ ସେହିକର୍ମରେ ପ୍ରବୃତ୍ତ ହୋଇଥାଏ ଏବଂ ଅନ୍ୟ ଜଣେ ତାହାଙ୍କ ଠାରୁ ହିଁ ଶିକ୍ଷା ପ୍ରାପ୍ତ କରି ସେହି ସଦ୍‌ଗୁରୁଙ୍କ ଠାରେ ନିର୍ଭର ରହି କର୍ମରେ ପ୍ରବୃତ୍ତ ହୋଇଥାଏ । ବାସ୍, ଏତିକି ହିଁ ଅନ୍ତର ରହିଥାଏ । ତେଣୁକରି ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ – ହେ ଅର୍ଜୁନ ! ସାଂଖ୍ୟ ଦ୍ୱାରା ଯେଉଁ ପରମସତ୍ୟ ପ୍ରାପ୍ତ ହୋଇଥାଏ, ସେହି ପରମସତ୍ୟ ନିଷ୍କାମ କର୍ମ ଯୋଗ ଦ୍ୱାରା ମଧ୍ୟ ପ୍ରାପ୍ତ ହୋଇଥାଏ । ଯିଏ ଉଭୟ କର୍ମକୁ ଏକ ହିଁ ରୂପରେ ଦେଖିଥାଏ, ସେ ହିଁ ଯଥାର୍ଥ ଦ୍ରଷ୍ଟା ଅଟେ । ଉଭୟ ସାଧକଙ୍କୁ କ୍ରିୟା ବତାଉଥିବା ତତ୍ତ୍ୱଦର୍ଶୀ ସଦ୍‌ଗୁରୁ ଜଣେ ହିଁ ହୋଇଥାନ୍ତି । ସେହି କ୍ରିୟା ମଧ୍ୟ ଗୋଟିଏ ହିଁ ଅଟେ । ତାହା ହେଉଛି ଆରାଧନା । କାମନା ଗୁଡ଼ିକର ତ୍ୟାଗ ଉଭୟେ କରିଥାନ୍ତି । ତାହାର ପରିଣାମ ମଧ୍ୟ ଗୋଟିଏ ହିଁ ଅଟେ । କେବଳ କର୍ମର

ଦୃଷ୍ଟିକୋଣ ହିଁ ଦୁଇଟି ।

**ଏକ ପରମାତ୍ମା –** ନିୟତ କର୍ମ ମନ ଏବଂ ଇନ୍ଦ୍ରିୟର ଗୋଟିଏ ଅନ୍ତଃକ୍ରିୟା ଅଟେ । ଯେତେବେଳେ କର୍ମର ଏପରି ହିଁ ସ୍ୱରୂପ, ତେବେ ବାହାରେ ମନ୍ଦିର୍, ମସ୍‌ଜିଦ୍, ଚର୍ଚ୍ଚ ବନାଇ ଦେବୀ ଓ ଦେବତାଙ୍କ ମୂର୍ତ୍ତିକୁ ପୂଜନ କରିବା କେତେ ଦୂର ଯଥାର୍ଥ । ଭାରତରେ ହିନ୍ଦୁ ବୋଲାଉଥିବା ସମାଜ (ବସ୍ତୁତଃ ସେମାନେ ସନାତନ ଧର୍ମୀ ଅଟନ୍ତି । ତାହାଙ୍କ ପୂର୍ବଜ ମାନେ ପରମସତ୍ୟର ଶୋଧ କରି ଦେଶ, ବିଦେଶରେ ପ୍ରଚାର କଲେ ସେହି ପଥରେ ଚାଲୁଥିବା ବ୍ୟକ୍ତି ବିଶ୍ୱରେ କେଉଁଠାରେ ବି ରୁହନ୍ତୁ ନା କାହିଁକି ସେ ସନାତନ ଧର୍ମ ହିଁ ଅଟନ୍ତି । ଏଭଳି ଗୌରବଶାଳୀ ହିନ୍ଦୁ ସମାଜ) କାମନା ମାନଙ୍କରେ ବିବଶ ହୋଇ ବିବିଧ ଭ୍ରାନ୍ତିରେ ପଡ଼ିଗଲା । ଶ୍ରୀକୃଷ୍ଣ କହୁଛନ୍ତି ହେ ଅର୍ଜୁନ ! ଦେବତାମାନଙ୍କ ସ୍ଥାନରେ ଦେବତା ନାମରେ କୌଣସି ଶକ୍ତି ନାହିଁ । ଯେଉଁଠାରେ ମନୁଷ୍ୟର ଶ୍ରଦ୍ଧା ହୋଇଥାଏ, ତାହାଙ୍କ ସମ୍ମୁଖରେ ଠିଆ ହୋଇ ମୁଁ ହିଁ ଫଳ ପ୍ରଦାନ କରିଥାଏ । ତାହାଙ୍କ ଶ୍ରଦ୍ଧାକୁ ପୁଷ୍ଟ କରିଥାଏ, କାରଣ ମୁଁ ହିଁ ସର୍ବତ୍ର ରହିଛି । କିନ୍ତୁ ସେମାନଙ୍କ ସେହି ପୂଜନ ଅବିଧି ପୂର୍ବକ । ସେମାନଙ୍କର ଫଳ ନାଶବାନ ଅଟେ । କାମନା ଦ୍ୱାରା ଯେଉଁ ମାନଙ୍କ ଜ୍ଞାନ ଅପହରଣ ହୋଇଯାଇଛି । ସେହି ମୂଢ଼ ବୁଦ୍ଧି ପୁରୁଷ ହିଁ ଅନ୍ୟ ଦେବତାମାନଙ୍କ ପୂଜନ କରିଥାନ୍ତି । ସାତ୍ତ୍ୱିକ ଲୋକେ ଦେବତାମାନଙ୍କ ପୂଜନ କରିଥାନ୍ତି । ରାଜସିକ ଲୋକେ ଯକ୍ଷ ଓ ରାକ୍ଷସଙ୍କ ପୂଜନ କରିଥାନ୍ତି ତଥା ତାମସିକ ଲୋକେ ଭୂତ ପ୍ରେତମାନଙ୍କ ପୂଜନ କରିଥାନ୍ତି । ସେମାନେ ଘୋର ତପ ମଧ୍ୟ କରିଥାନ୍ତି । କିନ୍ତୁ ହେ ଅର୍ଜୁନ ! ସେମାନେ ଶରୀରରେ ସ୍ଥିତ ଭୂତ ସମୁଦାୟ ଏବଂ ଅନ୍ତଃକରଣରେ ସ୍ଥିତ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ କୃଶ କରିଥାନ୍ତି, ନା କି ପୂଜନ କରିଥାନ୍ତି । ତାହାଙ୍କୁ ନିଶ୍ଚୟ ଆସୁରୀ ସ୍ୱଭାବ ଯୁକ୍ତ ବୋଲି ତୁମେ ଜାଣ । ଏହାଠାରୁ ଆଉ ଅଧିକ ଶ୍ରୀକୃଷ୍ଣ କ'ଣ ବା କହିଥାନ୍ତେ । ସେ ସ୍ପଷ୍ଟ କଲେ– ହେ ଅର୍ଜୁନ ! ଈଶ୍ୱର ସମସ୍ତ ପ୍ରାଣୀମାନଙ୍କ ହୃଦୟରେ ରହିଛନ୍ତ । କେବଳ ତାହାଙ୍କ ଶରଣରେ ଯାଅ । ପୂଜାର ସ୍ଥଳ ହୃଦୟ ହିଁ ଅଟେ । ବାହାରେ ନୁହଁ । ତଥାପି ଲୋକେ ପଥର,ପାଣି, ମନ୍ଦିର, ମସ୍‌ଜିଦ୍, ଦେବୀ ଓ ଦେବତାମାନଙ୍କ ପଛରେ ଲାଗିଥାନ୍ତି । ସେମାନଙ୍କ ସହିତ ଶ୍ରୀକଷ୍ଣଙ୍କ ମଧ୍ୟ ଗୋଟିଏ ପ୍ରତୀମା ଗଠନ କରି ନେଇଥାନ୍ତି । ଶ୍ରୀକୃଷ୍ଣଙ୍କ ସାଧନା ଉପରେ ଚାଲୁଥିବା ତଥା ଜୀବନସାରା ମୂର୍ତ୍ତି ପୂଜାର ଖଣ୍ଡନ କରୁଥିବା ଭଗବାନ ବୁଦ୍ଧଦେବଙ୍କ ମୂର୍ତ୍ତି ମଧ୍ୟ ସେମାନଙ୍କ ଅନୁଯାୟୀମାନେ କାଳାନ୍ତରେ ଗଠନ କରି ପୂଜା କରି ଦୀପ ଜଳାଇବାରେ ଲାଗିଗଲେ । ଯେତେ ବେଳେ କି ବୁଦ୍ଧଦେବ କହିଥିଲେ, ହେ ଆନନ୍ଦ ! ତଥାଗତଙ୍କ ଶରୀର ପୂଜାରେ ସମୟ ନଷ୍ଟ କର ନାହିଁ ।

ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ତୀର୍ଥ, ମୂର୍ତ୍ତିସବୁ ତଥା ସ୍ମାରକ ଗୁଡ଼ିକରେ ପୂର୍ବବର୍ତ୍ତୀ ମହାପୁରୁଷମାନଙ୍କ ସ୍ମୃତି ସଜାଇଥାନ୍ତି । ଯହାଦ୍ୱାରା ସେମାନଙ୍କ ଉପଲବ୍ଧିମାନଙ୍କ ସ୍ମରଣ ହେଉଥିବ । ମହାପୁରୁଷ ମଧ୍ୟରେ ସ୍ତ୍ରୀ ପୁରୁଷ ସମସ୍ତେ ହୋଇ ଆସୁଛନ୍ତି । ଜନକ ରାଜାଙ୍କ କନ୍ୟା ସୀତା ପୂର୍ବଜନ୍ମରେ ଗୋଟିଏ ବ୍ରାହ୍ମଣ କନ୍ୟାଥିଲେ । ନିଜର ପିତାଙ୍କ ପ୍ରେରଣା ଦ୍ୱାରା ପରବ୍ରହ୍ମ ଙ୍କୁ ପ୍ରାପ୍ତ କରିବା ନିମନ୍ତେ, ସେ ତପସ୍ୟା କଲେ କିନ୍ତୁ ସଫଳ ହୋଇନଥିଲେ । ଦ୍ୱିତୀୟ ଜନ୍ମରେ ସେ ଶ୍ରୀରାମଙ୍କୁ ପ୍ରାପ୍ତ କରିଥିଲେ ଏବଂ ଚିନ୍ମୟ, ଅବିନାଶୀ, ଆଦିଶକ୍ତି ନାମରେ ପ୍ରତିଷ୍ଠିତ ହେଲେ । ଠିକ୍ ଏହିପରି ରାଜକୁଳରେ ଉତ୍ପନ୍ନ ମୀରାବାଇଙ୍କ ଭିତରେ ପରମାତ୍ମାଙ୍କ ଭକ୍ତି ପ୍ରସ୍ଫୁଟନ ହେଲା । ସବୁକିଛି ତ୍ୟାଗ କରି ସେ ଭଗବାନଙ୍କ ଚିନ୍ତନରେ ଲାଗିଗଲେ । ବ୍ୟବଧାନକୁ ସହନ କରିବାକୁ ପଡ଼ିଲା ଏବଂ ସଫଳ ମଧ୍ୟ ହୋଇଗଲେ, ତାହାଙ୍କ ସ୍ମୃତି ସ୍ଥିର ରଖିବା ନିମନ୍ତେ ମନ୍ଦିରର ନିର୍ମାଣ ହେଲା, ସ୍ମାରକ ନିର୍ମାଣ ହେଲା, ଯଦ୍ୱାରା ସମାଜ ତାହାଙ୍କ ଉପଦେଶ ଦ୍ୱାରା ଅନୁପ୍ରାଣିତ ହେବେ । ମୀରା, ସୀତା ଅଥବା ଏହି ପଥର ପ୍ରତ୍ୟେକ ମହାପୁରୁଷ ଆମ୍ଭମାନଙ୍କ ଆଦର୍ଶ ରହିଛନ୍ତି । ଆମେ ସେମାନଙ୍କ ପଦଚିହ୍ନ ଅନୁସରଣ କରିବା ଉଚିତ । କିନ୍ତୁ ଏହାଠାରୁ ଅଧିକ ବଡ଼ ଭୁଲ୍ ବା କ'ଣ ହେବ, ଯଦି ଆମେ ସେମାନଙ୍କ ଶ୍ରୀ ଚରଣରେ ପୁଷ୍ପ ସମର୍ପିତ କରି, ଚନ୍ଦନ ଲଗାଇ, ନିଜର କର୍ତ୍ତବ୍ୟର ଇତିଶ୍ରୀ କରି ବସି ରହିବା ।

ପ୍ରାୟଃ ଯାହାର ଯିଏ ଆଦର୍ଶ ହୋଇଥାଏ, ତାହାର ମୂର୍ତ୍ତୀ, ଚିତ୍ର, କଠଉ, ତାହାଙ୍କ ସ୍ଥାନ ଅଥବା ତାହାଙ୍କ ସଂଦର୍ଭିତ କିଛି ମଧ୍ୟ ଦେଖିବା, ଶୁଣିବା ପରେ ମନରେ ଶ୍ରଦ୍ଧା ପରିପୂରିତ ହୁଏ । ଏହା ଉଚ୍ଚିତ ମଧ୍ୟ । ଆମେ ମଧ୍ୟ ନିଜ ଗୁରୁଭଗବାନଙ୍କ ଚିତ୍ରକୁ କୁଡ଼ା କଚଡ଼ାରେ ପକାଇ ପାରିବା ନାହିଁ । କାରଣ ସେ ଆମ୍ଭର ଆଦର୍ଶ ଅଟନ୍ତି । ତାହାଙ୍କ ପ୍ରେରଣା ତଥା କଥାନୁସାରେ ଆମକୁ ଚାଲିବାକୁ ହେବ । ଯେଉଁ ସ୍ୱରୂପ ତାହାଙ୍କର ରହିଛି, କ୍ରମଶଃ ଚାଲି ସେହି ସ୍ୱରୂପର ପ୍ରାପ୍ତି ଆମ୍ଭମାନଙ୍କ ଅଭିଷ୍ଟ ଅଟେ ଏବଂ ଏହା ହିଁ ତାହାଙ୍କ ଯଥାର୍ଥ ପୂଜା ଅଟେ । ଏପର୍ଯ୍ୟନ୍ତ ଠିକ୍ ଯେ, ଯିଏ ବସ୍ତୁତଃ ଆଦର୍ଶ ଅଟନ୍ତି, ତାହାଙ୍କୁ ନିରାଦର କରିବା ନାହିଁ । କିନ୍ତୁ ତାହାଙ୍କ ଉପରେ ପତ୍ର ପୁଷ୍ପ ଚଢାଇ ଭକ୍ତି ମାନି ବସିଲେ, ସେତିକି ହିଁ କଲ୍ୟାଣ ସାଧନ ମାନିଗଲେ, ଆମ୍ଭେମାନେ ଲକ୍ଷ୍ୟ ରୁ ବହୁତ ଦୂର ଭଟକିଯିବା ।

ନିଜର ଆଦର୍ଶର ହୃଦୟଙ୍ଗମ କରିବା ତଥା ସେହି ପଥରେ ଚାଲିବା ଏବଂ ପ୍ରେରଣା ଗ୍ରହଣ କରିବା ନିମନ୍ତେ ହିଁ ସ୍ମାରକର ଉପଯୋଗ ହୋଇଥାଏ । ଭଲେ ତାହାକୁ ମନ୍ଦିର, ଆଶ୍ରମ, ମସ୍‌ଜିଦ୍, ଚର୍ଚ୍ଚ, ମଠ, ବିହାର, ଗୁରୁଦ୍ୱାର ତଥା କିଛି ମଧ୍ୟ

ନାମ ଦିଆଯାଉ, ବସ୍ତୁତଃ ସେହି କେନ୍ଦ୍ରର ସମ୍ବନ୍ଧ ଯଦି ଧର୍ମ ସହିତ ରହିଛି, ତେବେ ଯାହାର ପ୍ରତିମା ରହିଛି, ତାହାଙ୍କ ଜୀବନରେ ସେହି ମହାପୁରୁଷ କ'ଣ କ'ଣ କରିଥିଲେ ? ଏବଂ କ'ଣ ପାଇଥିଲେ ? କିପରି ତପସ୍ୟ କରିଥିଲେ ? କିପରି ପ୍ରାପ୍ତ କରିଥିଲେ ? କେବଳ ଏତିକି ହିଁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଆମ୍ଭେମାନେ ସେଠାକୁ ଯାଇଥାଉଁ ଏବଂ ଯିବା ମଧ ଆବଶ୍ୟକ । କିନ୍ତୁ ସେହି ସ୍ଥାନମାନଙ୍କରେ ମହାପୁରୁଷଙ୍କ ପଦ ଚିହ୍ନ କୁହାଯାଉ ନାହିଁ, କ୍ରିୟାନ୍ୱିତ ଭାବ ଶିଖାଉ ନାହାଁନ୍ତି, କଲ୍ୟାଣ ବ୍ୟବସ୍ଥା ପ୍ରାପ୍ତ ହେଉନାହିଁ, ତେବେ ସେହି ସ୍ଥାନ ଉପଯୁକ୍ତ ନୁହେଁ । ସେଠାରେ ଆପଣଙ୍କୁ କେବଳ ରୂଢି ହିଁ ପ୍ରାପ୍ତ ହେବ, ଦାନପାତ୍ର ହିଁ ଦେଖିବାକୁ ମିଳିବ । ସେଠାକୁ ଯିବାଦ୍ୱାରା ଆପଣଙ୍କର ହି କ୍ଷତି ହୋଇଥାଏ । ବ୍ୟକ୍ତିଗତ ରୂପରେ ଘରଘର, ସାହି ସାହିକୁ ଯାଇ ଉପଦେଶ ପହଞ୍ଚାବା ଅପେକ୍ଷା ସାମୁହିକ ଉପଦେଶ କେନ୍ଦ୍ର ରୂପରେ ଏହି ଧାର୍ମିକ ସଂସ୍ଥାମାନଙ୍କ ସ୍ଥାପନ କରାଯାଇଥିଲା । କିନ୍ତୁ କାଳାନ୍ତରରେ ଏହି ପ୍ରେରଣା ସ୍ଥଳରେ ହିଁ ମୂର୍ତ୍ତିପୂଜା ତଥା 'ରୂଢି' ଧର୍ମର ସ୍ଥାନ ଗ୍ରହଣ କରିନେଲା । ଏଠାରୁ ହିଁ ଭ୍ରମ ଉତ୍ପନ୍ନ ହୋଇଗଲା ।

**ଗ୍ରନ୍ଥ**- ଏହିପରି ପୁସ୍ତକମାନଙ୍କ ଅଧ୍ୟୟନ ଆବଶ୍ୟକ ଅଟେ । ଯହାଦ୍ୱାରା ଆପଣ ସେହି ନିର୍ଦ୍ଦିଷ୍ଟ କ୍ରିୟାକୁ ବୁଝିପାରିବେ, ଯାହାକୁ ଯୋଗେଶ୍ୱର ଶ୍ରୀକୃଷ୍ଣ ନିୟତ କର୍ମ ବୋଲି କହିଛନ୍ତି ଏବଂ ଯେବେ ଆପଣ ବୁଝିଯିବେ, ତେବେ ତୁରନ୍ତ କର୍ମରେ ଲାଗି ଯିବା ଉଚ୍ଚିତ । ଯଦି ବିସ୍ମୃତ ହୋଇଯିବ, ତେବେ ପୁନଃ ଅଧ୍ୟୟନ କରି ନିଅନ୍ତୁ, ଏପରି ନୁହଁ ଯେ, ପୁସ୍ତକକୁ ସାମନାରେ ରଖି, ହାତଯୋଡ଼ି, ଅକ୍ଷତ, ଚନ୍ଦନ ଦ୍ୱାରା ସୁସଜ୍ଜିତ କରି ପୂଜା କରି ରଖିଦେବା । ପୁସ୍ତକ ମାର୍ଗ ନିର୍ଦ୍ଦେଶକ ଏକ ଚିହ୍ନ ମାତ୍ର, ଯାହାକି ପୂର୍ତ୍ତି ପର୍ଯ୍ୟନ୍ତ ସାଥିରେ ଯାଇଥାଏ । ଏହାକୁ ବିଚାରକରି ନିଜର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇଯିବା ଉଚିତ । ଯେତେବେଳେ ଇଷ୍ଟଙ୍କୁ ହୃଦୟରେ ଧରି ରଖିପାରିବେ, ତେବେ ସେହି ଇଷ୍ଟ ହିଁ ପୁସ୍ତକ ହୋଇ ପ୍ରେରଣା ଦେବେ । ସେତେବେଳେ ବାହ୍ୟ ପୁସ୍ତକର କାର୍ଯ୍ୟ ପୂର୍ଣ୍ଣ ହୋଇଯାଏ । ଅତଃ ସ୍ମୃତିକୁ ସଜାଇ ରଖିବା ହାନିକାରକ ନୁହଁ । କିନ୍ତୁ ଏହି ସ୍ମୃତି ଚିହ୍ନର ପୂଜାଦ୍ୱାରା ହିଁ ସନ୍ତୋଷ ହୋଇଯିବା ହିଁ ହାନିକାରକ ଅଟେ ।

**ଧର୍ମ** – ଅଧ୍ୟାୟ ୨/୧୬–୨୯ ରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ ଏବଂ ସତ୍ ବସ୍ତୁର କେବେ ବି ଅଭାବ ନାହିଁ । ଏକ ପରମାତ୍ମା ହିଁ ସତ୍ୟ, ସନାତନ, ଶାଶ୍ୱତ, ଅଜର, ଅମର, ଅପରବର୍ତ୍ତନଶୀଳ ଅଟନ୍ତି ।

କିନ୍ତୁ ସେହି ପରମାତ୍ମା ଅଚିନ୍ତ୍ୟ ଏବଂ ଅଗୋଚର ଅଟନ୍ତି, ଚିତ୍ତର ତରଙ୍ଗରୁ ଊର୍ଦ୍ଧ୍ୱରେ ରହିଥାନ୍ତି । ବର୍ତ୍ତମାନ ଚିତ୍ତ ନିରୋଧ କିପରି ହେବ ? ଚିତ୍ତ ନିରୋଧ କରି ସେହି ପରମାତ୍ମାଙ୍କୁ ପ୍ରାପ୍ତ କରିବା ବିଧି ବିଶେଷର ନାମ ହେଉଛି କର୍ମ । ଏହି କର୍ମକୁ କାର୍ଯ୍ୟରୂପ ଦେବା ହିଁ ଧର୍ମ ଅଟେ, ଦାୟିତ୍ୱ ଅଟେ ।

ଅଧ୍ୟାୟ ୨/୪୦ରେ ରହିଛି – ହେ ଅର୍ଜୁନ ! ଏହି କର୍ମ ଯୋଗରେ ଆରମ୍ଭର ବିନାଶ ହୋଇନଥାଏ । ଏହି କର୍ମରୂପୀ ଧର୍ମର କିଞ୍ଚିତମାତ୍ର ସାଧନ ଜନ୍ମମୃତ୍ୟୁର ମହାନ୍ ଭୟରୁ ଉଦ୍ଧାର କରିଥାଏ । ଅର୍ଥାତ୍ ଏହି କର୍ମକୁ କାର୍ଯ୍ୟରୂପ ଦେବା ହିଁ ଧର୍ମ ଅଟେ ।

ଏହି ନିୟତ କର୍ମ ଅର୍ଥାତ୍ ସାଧନ ପଥକୁ ସାଧକର ସ୍ୱଭାବରୁ ଉତ୍ପନ୍ନ କ୍ଷମତାନୁସାରେ ଚାରୋଟି ଭାବରେ ବିଭକ୍ତ କରିଥିଲେ । କର୍ମକୁ ବିଚାର କରି ମନୁଷ୍ୟ ଯେତେବେଳେ କର୍ମ କରିବା ପ୍ରାରମ୍ଭ କରିଥାଏ, ସେହି ପ୍ରାରମ୍ଭିକ ଅବସ୍ଥାକୁ ଅର୍ଥାତ୍ ପ୍ରାରମ୍ଭିକ ସାଧକଙ୍କୁ ଶୁଦ୍ର କୁହାଯାଇଥାଏ । କ୍ରମଶଃ ସାଧନ ବିଧି ଆୟତ୍ତକୁ ଆସିଗଲା ପରେ ସେହି ସାଧକ ବୈଶ୍ୟ ଶ୍ରେଣୀରେ ପ୍ରବେଶ ପାଇଯାଇଥାଏ । ସେହି ସାଧକଙ୍କ ଭିତରେ ପ୍ରକୃତିର ସଂଘର୍ଷକୁ ସାମନା କରିବା କ୍ଷମତା ଏବଂ ଶୌର୍ଯ୍ୟ ଆସିଯିବାପରେ ସେହି ସାଧକ କ୍ଷତ୍ରୀୟ ଶ୍ରେଣୀରେ ପ୍ରବେଶ ପାଇଥାଏ । ଯେତେବେଳେ ବ୍ରହ୍ମ ସହିତ ତଦ୍ରୂପ ହେବା କ୍ଷମତା ଜ୍ଞାନ ଅର୍ଥାତ୍ ବାସ୍ତବିକ ଜାନକାରୀ, ବିଜ୍ଞାନ ଅର୍ଥାତ୍ ଈଶ୍ୱରୀୟ ବାଣୀ ପ୍ରାପ୍ତ ହେବା ଏବଂ ସେହି ଈଶ୍ୱରୀୟ ଅସ୍ତିତ୍ୱରେ ନିର୍ଭର ରହିବା ଭଳି ଯୋଗ୍ୟତା ଆସିଗଲା ପରେ ସେହି ସାଧକ ବ୍ରାହ୍ମଣ ହୋଇଯାଇଥାଏ । ତେଣୁ କରି ଯୋଗେଶ୍ୱର ଶ୍ରୀକୃଷ୍ଣ ଅଧ୍ୟାୟ-୧୮/୪୬-୪୭ ରେ କହୁଛନ୍ତି ଯେ, ସ୍ୱଭାବରେ ପ୍ରାପ୍ତ ହୋଇଥିବା କ୍ଷମତା ଅନୁସାରେ କର୍ମରେ ପ୍ରବୃତ୍ତ ହେବା ହିଁ ସ୍ୱଧର୍ମ ଅଟେ । ନିକୃଷ୍ଟ ହେଲେ ମଧ୍ୟ ସ୍ୱଭାବରୁ ଉତ୍ପନ୍ନ ସ୍ୱଧର୍ମ ଶ୍ରେୟସ୍କର ଅଟେ ଏବଂ କ୍ଷମତା ଅର୍ଜିତ ନକରି ଅନ୍ୟର ଉତ୍କୃଷ୍ଟ କର୍ମକୁ ଆଚରଣ କରିବା ହାନିକାରକ ଅଟେ । ସ୍ୱଧର୍ମରେ ମରିଯିବା ମଧ୍ୟ ଶ୍ରେୟସ୍କର, କାରଣ ବସ୍ତ୍ର ବଦଳାଇ ଦେଲେ ବଦଳାଇବା ବସ୍ତୁତଃ ବଦଳିଯାଇନଥାଏ । ତାହାଙ୍କ ସାଧନକ୍ରମ ପୁନଃ ସେଠାରୁ ପ୍ରାରମ୍ଭ ହୋଇଯିବ, ଯେଉଁଠାରୁ ଛାଡ଼ିଯାଇଥିଲେ । ସୋପାନ କ୍ରମେ ଚାଲି ସେ ପରମ ସିଦ୍ଧି, ଅବିନାଶୀ ପଦକୁ ପ୍ରାପ୍ତ କରିନେବ ।

ଏହାକୁ ପୁନଃ କହୁଛନ୍ତି ଯେ, ଯେଉଁ ପରମାତ୍ମାଙ୍କ ଠାରୁ ସମ୍ପୂର୍ଣ୍ଣ ପ୍ରାଣୀମାନଙ୍କ ଉତ୍ପତ୍ତି ହୋଇଛି, ଯିଏକି ସର୍ବତ୍ର ବ୍ୟାପ୍ତ, ସ୍ୱଭାବରୁ ଉତ୍ପନ୍ନ ହୋଇଥିବା କ୍ଷମତାନୁସାରେ ତାହାକୁ ଭଲ ରୂପେ ପୂଜା କରି ମାନବ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଯାଏ । ଅର୍ଥାତ୍ ନିଶ୍ଚିତ କ୍ରିୟାରେ ଗୋଟିଏ ପରମାତ୍ମାଙ୍କ ଚିନ୍ତନବିଧିର ନାମ ହିଁ ଧର୍ମ ।

ଧର୍ମରେ ପ୍ରବେଶ କାହା ନିମନ୍ତେ ରହିଛି ? ତାହାକୁ ପାଳନ କରିବା କ୍ଷମତା କାହାର ରହିଛି ? ଏହାକୁ ସ୍ପଷ୍ଟ କରିବାକୁ ଯାଇ ଯୋଗେଶ୍ୱର କହିଲେ – ହେ ଅର୍ଜୁନ ! ଅତ୍ୟନ୍ତ ଦୁରାଚାରୀ ମଧ୍ୟ ଅନନ୍ୟ ଭାବରେ ଯଦି ମୋତେ ଭଜୁଥାଏ, ମୋ ବ୍ୟତୀତ ଅନ୍ୟ କାହାକୁ ମଧ୍ୟ ଭଜନ କରୁନଥାଏ, କେବଳ ମୋର ହିଁ ଭଜନ କରୁଥାଏ, ତେବେ କ୍ଷିପ୍ରଂ ଭବତି ଧର୍ମାତ୍ମା– ସେହି ବ୍ୟକ୍ତି ଶିଘ୍ର ହିଁ ଧର୍ମାତ୍ମା ହୋଇଯାଏ । ତାହାର ଆତ୍ମା ଧର୍ମ ସହିତ ସଂଯୁକ୍ତ ହୋଇଯାଏ । ଅତଃ ଶ୍ରୀକୃଷ୍ଣଙ୍କ ଅନୁସାରେ ଧର୍ମାତ୍ମା ସେ ଅଟେ, ଯିଏକି ଏକ ପରମାତ୍ମାଙ୍କ ଠାରେ ଏକନିଷ୍ଠ ଭାବେ ଲାଗି ରହିଥାଏ । ଧର୍ମାତ୍ମା ସେ ଅଟେ, ଯିଏ ଏକ ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ ନିୟତ କର୍ମର ଆଚରଣ କରିଥାଏ । ସେହି ବ୍ୟକ୍ତି ଧର୍ମାତ୍ମା, ଯିଏକି ସ୍ୱଭାବରୁ ଉତ୍ପନ୍ନ କ୍ଷମତାନୁସାରେ ପରମାତ୍ମାଙ୍କ ଶୋଧ ନିମନ୍ତେ ସଂଲଗ୍ନ ରହିଥାଏ ।

ପରିଶେଷରେ କହୁଛନ୍ତି ଯେ, **ସର୍ବ ଧର୍ମାନ୍ ପରିତ୍ୟଜ୍ୟ, ମାମେକଂ ଶରଣଂ ବ୍ରଜ**– ଅର୍ଥାତ୍ ହେ ଅର୍ଜୁନ ! ସମ୍ପୂର୍ଣ୍ଣ ଧର୍ମର ଚିନ୍ତାକୁ ତ୍ୟାଗକରି କେବଳ ଏକ ମୋର ହିଁ ଶରଣକୁ ଆସିଯାଅ । ଅତଃ ଏକ ପରମାତ୍ମାଙ୍କ ପ୍ରତି ସମର୍ପିତ ବ୍ୟକ୍ତି ହିଁ ଧାର୍ମିକ ଅଟେ । ଗୋଟିଏ ପରମାତ୍ମାଙ୍କ ଠାରେ ଶ୍ରଦ୍ଧାକୁ ସ୍ଥିର କରିବା ହିଁ ଧର୍ମ ଅଟେ । ସେହି ଏକ ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ ନିର୍ଣ୍ଣିତ କ୍ରିୟାକୁ କରିବା ହିଁ ଧର୍ମ ଅଟେ । ଏହି ସ୍ଥିତିକୁ ପ୍ରାପ୍ତ ହୋଇଥିବା ମହାପୁରୁଷ, ଆତ୍ମତୃପ୍ତ ମହାପୁରୁଷମାନଙ୍କ ସିଦ୍ଧାନ୍ତ ହିଁ ସୃଷ୍ଟିରେ ଏକ ମାତ୍ର ଧର୍ମ ଅଟେ । ତାହାଙ୍କ ଶରଣରେ ଯିବା ଉଚିତ୍ ଯେ, ସେହି ମହାପୁରୁଷ କିପରି ପରମାତ୍ମାଙ୍କୁ ପ୍ରାପ୍ତ କଲେ ? କେଉଁ ମାର୍ଗରେ ଚାଲିଥିଲେ ? ସେହି ମାର୍ଗ ସଦାସର୍ବଦା ଗୋଟିଏ ହିଁ ଅଟେ । ସେହି ମାର୍ଗରେ ଚାଲିବା ହିଁ ଧର୍ମ ।

ଧର୍ମ ମନୁଷ୍ୟମାନଙ୍କ ଆଚରଣର ବସ୍ତୁ ଅଟେ । ଏହି ଆଚରଣ କେବଳ ଗୋଟିଏ – **ବ୍ୟବସାୟାତ୍ମିକ ବୁଦ୍ଧିରେକେହ କୁରୁ ନନ୍ଦନ**– ୨/୪୧ ଏହି କର୍ମ ଯୋଗରେ ନିଶ୍ଚୟାତ୍ମକ କ୍ରିୟା ଗୋଟିଏ ହିଁ ଅଟେ । ଇନ୍ଦ୍ରିୟମାନଙ୍କ ଚେଷ୍ଟା ଏବଂ ମନର ବ୍ୟାପାର ମାନଙ୍କୁ ସଂଯମ କରି ଆତ୍ମାରେ ଅର୍ଥାତ୍ ପରାତ୍ପର ବ୍ରହ୍ମରେ ପ୍ରବାହିତ କରିବା ଧର୍ମ ଅଟେ ।(୪/୨୭)

**ଧର୍ମାନ୍ତରଣ** – ସନାତନ ଧର୍ମର ଆଦିଦେଶ ଭାରତରେ କୁରୀତିମାନ ଏହି ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଗଲା ଯେ, ମୁସଲ୍‌ମାନମାନଙ୍କ ଆକ୍ରମଣ ସମୟରେ ତାହାଙ୍କ ଧର୍ମ, ଆକ୍ରାମକ ବ୍ୟକ୍ତିମାନଙ୍କ ହାତରୁ ଏକଗ୍ରାସ ଅନ୍ନ ଏବଂ ମୁନ୍ଦାଏ, ପାଣି ପିଇବାରେ ନଷ୍ଟ ହୋଇଯିବାରେ ଲାଗିଲା । ଧର୍ମଭ୍ରଷ୍ଟ ଘୋଷିତ ହଜାର ହିନ୍ଦୁମାନେ ଆତ୍ମହତ୍ୟା କଲେ । ଧର୍ମ ନିମନ୍ତେ ସେମାନେ ମରିବାର ଜାଣିଥିଲେ, କିନ୍ତୁ ଧର୍ମ କ'ଣ ବୁଝିପାରି

ନଥିଲେ । ଧର୍ମ ତ ଛୁଆଛୁତିରେ ପରିଣତ ହୋଇଥିଲା । ଲାଜକୁଳି ଲତାକୁ ଛୁଇଁବା ପରେ ମଉଳି ଯାଇଥାଏ, କିନ୍ତୁ ହାତ ବାହାର କରିଦେବା କ୍ଷଣି ପୁନଃ ପୂର୍ବାବସ୍ଥାକୁ ଆସିଯାଇଥାଏ । କିନ୍ତୁ ସେହି ବ୍ୟକ୍ତିମାନଙ୍କ ସନାତନ ଧର୍ମ ତ ଏପରି ମଉଳି ଗଲା, ପୁନଃ କେବେ ବି ବିକଶିତ ହେଲା ନାହିଁ । ଯେଉଁ ସନାତନ ଆତ୍ମାକୁ ଭୌତିକ ବସ୍ତୁ ସ୍ପର୍ଶ ମଧ୍ୟ କରିପାରୁ ନାହିଁ । ତାହା କେବେ ଛୁଇଁବା, ଖାଇବାରେ ନଷ୍ଟ ହୋଇଥାଏ କି ? ଆପଣ ଖଣ୍ଡା ଦ୍ୱାରା ମରନ୍ତି ଏବଂ ଆପଣଙ୍କ ଧର୍ମ ଛୁଇଁବା ଦ୍ୱାରା ହିଁ ମରିଗଲା ? କ'ଣ ପ୍ରକୃତରେ ଧର୍ମ ନଷ୍ଟ ହୋଇଗଲା କି ? କଦାପି ନୁହଁ । ଧର୍ମ ନାମରେ କୌଣସି କୁରୀତିମାନ ବଢିବାରେ ଲାଗି ରହିଥିଲା, ତାହା ନଷ୍ଟ ହୋଇଗଲା । ଫିରୋଜ ତୁଗଲୋକଙ୍କ ଶାସନ କାଳରେ ବୟାନାଙ୍କ କାଜି ମୁଗିମୁଦ୍ଦିନ୍ ବ୍ୟବସ୍ଥା ଦେଇଥିଲେ ଯେ, ହିନ୍ଦୁମାନଙ୍କୁ ନିଜର ମୁହଁ ଖୋଲି ଦେବା ଆବଶ୍ୟକ । ଯଦି କେଉଁ ମୁସଲ୍‌ମାନ ଛେପ ପକାଇବାକୁ ଚାହୁଁଛି, ତେବେ ସେହି ହିନ୍ଦୁ ଦୀନଦାର(ପବିତ୍ର) ହୋଇଯିବ ଅର୍ଥାତ୍ ଧାର୍ମିକ ହୋଇଯିବ , କାରଣ ସେମାନଙ୍କ ପାଖରେ କୌଣସି ଧର୍ମ ନାହିଁ , ସେ କ'ଣ ଖରାପ କହିଲେ ? ମୁହଁରେ ଛେପ ପକାଇଲେ ତ କେବଳ ଜଣେହିଁ ମୁସଲ୍‌ମାନ ହୋଇଥାନ୍ତେ । କୂଅଁରେ ଛେପ ପକାଇବା ଦ୍ୱାରା ତ ହଜାର ସଂଖ୍ୟାରେ ମୁସଲ୍‌ମାନ ହୋଇଗଲେ । ବସ୍ତୁତଃ ସେ ଆତତାୟୀ ଥିଲା ଅଥବା ସେହି ସମୟର ହିନ୍ଦୁ ସମାଜ ?

ଯେଉଁମାନେ ଏହିପରି ଧର୍ମ ପରିବର୍ତ୍ତନ କରିଦେଲେ, କ'ଣ କୌଣସି ଧର୍ମକୁ ପ୍ରାପ୍ତ କରିନେଲେ ? ହିନ୍ଦୁରୁ ମୁସଲ୍‌ମାନ ହୋଇଯିବା, ଅଥବା ଗୋଟିଏ ପ୍ରକାରର ବ୍ୟବସ୍ଥାରୁ ଅନ୍ୟ ପ୍ରକାର ବ୍ୟବସ୍ଥାକୁ ଚାଲିଯିବା ତ ଧର୍ମ ହୋଇନଥାଏ । ଏହିପରି ଯୋଜନାବଦ୍ଧ ଷଡଯନ୍ତ୍ରର ଉପାୟ ଗଠନ କରି ଯେଉଁମାନେ ତାହାଙ୍କୁ ବଦଳାଇ ଦେଲେ, କ'ଣ ସେମାନେ ଧର୍ମାତ୍ମା ଥିଲେ ? ସେମାନେ ତ ଯା ଠାରୁ ମଧ୍ୟ ଅଧିକ କୁରୀତିର ଶିକାର ମାତ୍ର ଥିଲେ । ହିନ୍ଦୁ ସେଥିରେ ଯାଇ ଫସି ଗଲେ । ଅବିକସିତ ଏବଂ ଅବ୍ୟବସ୍ଥିତ ସମାଜକୁ ସଭ୍ୟ କରିବା ନିମନ୍ତେ ମହମ୍ମଦ, ବିବାହ, ଛାଡ଼ପତ୍ର, ସତ୍ତ୍ୱାଧିକାର, ସୁଧ-ଲାଞ୍ଚ ନେବା-ଦେବା, ସାକ୍ଷୀ, ପ୍ରତିଜ୍ଞା, ପ୍ରାୟଶ୍ଚିତ, ରୋଜଗାର, ଖାଇବା ପିଇବା, ଚାଲି ଚଳନ ବିଷୟରେ ଏକ ସାମାଜିକ ବ୍ୟବସ୍ଥା ଦେଲେ ତଥା ମୂର୍ତ୍ତିପୂଜା, ଶିର୍କ(ଭଗବାନଙ୍କ ବ୍ୟତିତ ଅନ୍ୟ କାହାରି ନତମସ୍ତକ ହେବା) ବ୍ୟଭିଚାର, ଚୋରି, ମଦ, ଜୁଆ, ମାଁ ଓ ଜେଜେମା ଇତ୍ୟାଦିଙ୍କ ସହିତ ବିବାହ କରିବା ଉପରେ ପ୍ରତିବନ୍ଧ କରିଥିଲେ । ସମଲୈଙ୍ଗିକ ତଥା ରଜସ୍ୱଳା ମୈଥୁନକୁ ନିଷେଧ କରି ପର୍ବ ପର୍ବାଣୀମାନଙ୍କରେ ମଧ୍ୟ ଅବକାଶ ରଖିବାକୁ କହିଲେ । ସ୍ୱର୍ଗରେ ଅନେକ ସମବୟସ୍କ

ଅସ୍ପର୍ଶ କୁଆଁରୀ ଝିଅ ମିଳିବେ ବୋଲି କିଶୋର ବାଳକଙ୍କୁ ପ୍ରଲୋଭନ ଦେଉଥିଲେ । ଏହା କୌଣସି ଧର୍ମ ନଥିଲା । ଏକ ପ୍ରକାର ସାମାଜିକ ବ୍ୟବସ୍ଥା ଥିଲା । ଏପରି କିଛି କହି ସେ ବାସନାରେ ବୁଡି ରହିଥିବା ସମାଜକୁ ସେହି ଆଡୁ ପ୍ରତ୍ୟାବର୍ତ୍ତନ କରି ନିଜ ଆଡ଼କୁ ଉନ୍ମୁଖ କରିଥିଲେ । ସ୍ତ୍ରୀମାନଙ୍କୁ ସେହି ସ୍ୱର୍ଗରେ କେତେ ପୁରୁଷ ମିଳିବେ ? ଏହାକୁ ସେ ବିଚାର ହିଁ କରି ନାହାଁନ୍ତି । ଏହା ସେମାନଙ୍କ ଦୋଷ ନଥିଲା, ଦୋଷ ତ ସେହି ଦେଶ-କାଳ ଏବଂ ପରିସ୍ଥିତିର ଥିଲା । ଯେଉଁଥିରେ ସ୍ତ୍ରୀମାନଙ୍କ ଆକାଂକ୍ଷା ଉପରେ କାହାର ଧ୍ୟାନ ହିଁ ଯାଉନଥିଲା ।

ମହମ୍ମଦ ସାହାବ ଯାହାକୁ ଧର୍ମ ବୋଲି କହିଲେ ସେ ଆଡ଼କୁ କାହାର ଧ୍ୟାନ ହିଁ ନାହିଁ । ସେ କହିଲେ- ଯେଉଁ ପୁରୁଷଙ୍କ ଗୋଟିଏ ଶ୍ୱାସ ମଧ୍ୟ ସେହି ଖୁଦାଙ୍କ ନାମ ବିନା ବ୍ୟର୍ଥ ଚାଲିଯାଉଛି, ତାହାକୁ ଖୁଦା କାୟାମତ(ସୃଷ୍ଟିର ପ୍ରାରମ୍ଭ) ରେ ସେପରି ହିଁ ପଚାରିଥାନ୍ତି, ଯେପରି କୌଣସି ପାପୀଙ୍କୁ ପାପ ବଦଳରେ ପଚରାଯାଏ । ଯାହାର ଦଣ୍ଡ ହେଉଛି ଚୀର ଦିନପାଇଁ ନରକ ଭୋଗ । କେତେଜଣ ସଚ୍ଚା ମୁସଲ୍‌ମାନ ଅଛନ୍ତି ? ଯେଉଁମାନଙ୍କ ଗୋଟିଏ ଶ୍ୱାସ ମଧ୍ୟ ଖାଲି ଯାଇନଥିବ ! କୋଟିକରେ କଦାଚିତ୍ କିଏ ଜଣେ ହିଁ ଥିବେ, ବାକି ସମସ୍ତଙ୍କ ଶ୍ୱାସ ତ ଖାଲି ହିଁ ଯାଇଥାଏ । ମହମ୍ମଦ କହିଲେ ଯେ, ଯିଏ କାହାରିକୁ କଷ୍ଟ ଦେଉନଥାଏ, ପଶୁମାନଙ୍କୁ କଷ୍ଟ ଦେଉନଥାଏ, ସେହି ପୁରୁଷ ଆକାଶକୁ ଖୁଦାଙ୍କର ଆୱାଜକୁ ଶୁଣି ପାରୁଥାଏ । ଏହା ସବୁ ସ୍ଥାନ ନିମନ୍ତେ ଉଦ୍ଦିଷ୍ଟ ଥିଲା । କିନ୍ତୁ କାଳାନ୍ତରରେ ଅନୁଯାୟୀମାନେ ଏହାର ଗୋଟିଏ ରାସ୍ତା ବାହାର କରିଦେଲେ ଯେ, ମକ୍କାରେ ଗୋଟିଏ ମସ୍‌ଜିଦ୍ ରହିଛି ଯେଉଁଥିରେ ଥିବା ସବୁଜ ଘାସକୁ ଉପୁଡ଼ାଇବା ମନା । ସେହି ମସ୍‌ଜିଦ୍‌ରେ କୌଣସି ପଶୁମାନଙ୍କୁ ମାରିବା ଉଚିତ୍ ନୁହଁ । ସେଠାରେ କାହାରିକୁ ମଧ୍ୟ କଷ୍ଟ ନଦେବା ଉଚିତ ଏବଂ ବିଷୟଟିକୁ ଏପଟେ ସେପଟେ କରି ବ୍ୟବସ୍ଥାପକଗଣ ପୁନଃ ସେହି ଭୁଲ କରି ବସିଲେ । କ'ଣ ଖୁଦାଙ୍କ ଆବାଜ ଶୁଣିବା ପୂର୍ବରୁ ମହମ୍ମଦ କୌଣସି ମସ୍‌ଜିଦ୍ ନିର୍ମାଣ କରିଥିଲେ ? କେବେ କେଉଁ ମସ୍‌ଜିଦ୍‌ରେ କୌଣସି ଆକାଶବାଣୀ ହେଇଥିଲା କି ? ଏହି ମସ୍‌ଜିଦ୍ ସେମାନଙ୍କ ଧର୍ମସ୍ଥଳୀ ରହିଛି । ଯେଉଁଥିରେ ସେମାନଙ୍କର ସ୍ମୃତି ସୁରକ୍ଷିତ ରହିଛି । ମୁହମ୍ମଦଙ୍କ ଆଶୟକୁ ତବରେଜ ଜାଣିଥିଲେ, ମନସୁର ଜାଣିଥିଲେ, ଇକ୍‌ବାଲ୍ ଜାଣିଥିଲେ କିନ୍ତୁ ସେମାନେ କେତେକ ଅନ୍ଧ ବିଶ୍ୱାସୀ ଲୋକଙ୍କ ଶିକାର ହେଲେ । ତାହାଙ୍କୁ ଦୁଃଖ-ଯାତନା ମଧ୍ୟ ଦିଆଗଲା । ଶୁକରାତକୁ ବିଷ ପିଆଇ ଦିଆଗଲା କାରଣ ସେ ଲୋକମାନଙ୍କୁ ନାସ୍ତିକ କରି ଦେଉଥିଲେ । ଠିକ୍ ଏପରି ହିଁ ଆରୋପ ଯୀଶୁଖ୍ରୀଷ୍ଟଙ୍କ ଉପରେ ମଧ୍ୟ ଲାଗିଥିଲା । ତାଙ୍କୁ ଶୁଳୀ ଦିଆଯାଇଥିଲା । କାରଣ ସେ ଅବକାଶ ଦିନରେ ମଧ୍ୟ କାମ କରୁଥିଲେ । ଅନ୍ଧମାନଙ୍କୁ

ଦୃଷ୍ଟି ପ୍ରଦାନ କରୁଥିଲେ । ଏପରି ହିଁ ଭାରତରେ ମଧ୍ୟ ରହିଛି । ଯେତେବେଳେ କୌଣସି ପ୍ରତ୍ୟକ୍ଷ ଦର୍ଶୀ ମହାପୁରୁଷ ସତ୍ୟ ଆଡ଼କୁ ଇଙ୍ଗିତ କରନ୍ତି, ତେବେ ଏହି ମନ୍ଦିର, ମସ୍‌ଜିଦ୍‌, ମଠ, ସମ୍ପ୍ରଦାୟ ଏବଂ ତୀର୍ଥମାନଙ୍କ ଦ୍ୱାରା ଯେଉଁମାନଙ୍କ ଜୀବିକା ଚାଲିଥାଏ । ସେହିମାନେ ହାୟ-ହାୟ କରୁଥାନ୍ତି । ଅଧର୍ମ ଅଧର୍ମ କହି ରଡ଼ି ଛାଡ଼ୁଥାନ୍ତି । ଏହାଦ୍ୱାରା କାହାର ଲକ୍ଷେ, କୋଟିଏ ଆୟ ରହିଛି ତ କାହାର ଅନ୍ନପାଣିର ଆୟ ରହିଛି । ବାସ୍ତବିକତାର ପ୍ରଚାର ଦ୍ୱାରା ସେମାନଙ୍କର ଜୀବିକା ଉପରେ ପ୍ରତିବନ୍ଧ ସୃଷ୍ଟି ହେଉଛି । ସେମାନେ ସତ୍ୟକୁ ବୃଦ୍ଧି ହେବା ନିମନ୍ତେ ଦେଉ ନଥାନ୍ତି, ନା ଦେଇ ପାରିବେ । ଏହାର ଅତିରିକ୍ତ ସେମାନଙ୍କ ବିରୋଧର ଅନ୍ୟ କୌଣସି କାରଣ ନଥାଏ । ବହୁକାଳ ପୂର୍ବରୁ ଏହି ସ୍ମୃତି କାହିଁକି ଏକତ୍ରିତ ହୋଇଥିଲା । ଏହାର ଜ୍ଞାନ ସେମାନଙ୍କର ନାହିଁ ।

**ଗୃହସ୍ଥଙ୍କ ଅଧିକାର** - ପ୍ରାୟ ଲୋକେ ପଚାରିଥାନ୍ତି ଯେ, ଯଦି କର୍ମର ସ୍ୱରୂପ ଏପରି ଯେଉଁଥିରେ ଏକାନ୍ତ ଦେଶର ସେବନ, ଇନ୍ଦ୍ରିୟ ସଂଯମ, ନିରନ୍ତର ଚିନ୍ତନ ଏବଂ ଧ୍ୟାନ କରିବା ଆବଶ୍ୟକ, ତେବେ ଗୀତା ଗୃହସ୍ଥମାନଙ୍କ ନିମନ୍ତେ ଅନୁପଯୋଗୀ । କେବଳ ସାଧୁମାନଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ । କିନ୍ତୁ ଏପରି କିଛି ନୁହଁ । ଗୀତା ମୂଳତଃ ସେମାନଙ୍କ ନିମନ୍ତେ, ଯିଏ ଏହି ପଥର ପଥିକ ଏବଂ ଅଂଶତଃ ସେମାନଙ୍କ ନିମନ୍ତେ ଯେଉଁମାନେ ଏ ପଥରେ ଆଗ୍ରହୀ । ଗୀତା ପ୍ରତ୍ୟେକ ମାନବ ପାଇଁ ସମାନ ଭାବ ରଖିଥାଏ । ସଦ୍‌ଗୃହସ୍ଥମାନଙ୍କ ନିମନ୍ତେ ତ ଏହାର ବିଶେଷ ଉପଯୋଗ ରହିଛି, କାରଣ ସଦ୍‌ଗୃହସ୍ଥାଶ୍ରମରୁ ହିଁ କର୍ମର ପ୍ରାରମ୍ଭ ହୋଇଥାଏ ।

ଶ୍ରୀକୃଷ୍ଣ କହିଥିଲେ- ହେ ଅର୍ଜୁନ ! ଏହି ନିଷ୍କାମ କର୍ମଯୋଗ ପ୍ରାରମ୍ଭର ବିନାଶ ହୋଇନଥାଏ । ଏହାର ଅଳ୍ପ ସାଧନ ମଧ୍ୟ ଜନ୍ମ ମୃତ୍ୟୁରୂପୀ ମହାନ୍ ଭୟରୁ ଉଦ୍ଧାର କରାଇଥାଏ । ବର୍ତ୍ତମାନ ଆପଣହିଁ କୁହନ୍ତୁ ଯେ, ଅଳ୍ପ ସାଧନ କିଏ କରିବ ? ଗୃହସ୍ଥ କରିବ ଅଥବା ବିରକ୍ତ ? ଗୃହସ୍ଥ ହିଁ ଏହା ନିମନ୍ତେ ଅଳ୍ପ ସମୟ ଦେଇପାରିବ । ଏହା ସେମାନଙ୍କ ନିମନ୍ତେ ହିଁ ଅଟେ । ଅଧ୍ୟାୟ ୪/୩୬ରେ କହିଲେ- ହେ ଅର୍ଜୁନ ! ଯଦି ତୁମେ ସମ୍ପୂର୍ଣ୍ଣ ପାପୀମାନଙ୍କ ଠାରୁ ମଧ୍ୟ ଅଧିକ ପାପୀ ହୋଇଥିବ, ତଥାପି ଜ୍ଞାନରୂପୀ ନୌକା ଦ୍ୱାରା ନିଃସନ୍ଦେହ ପାର ହୋଇପାରିବ । ଅଧିକ ପାପୀ କିଏ ? ଯିଏ ଅନବରତ କର୍ମରେ ଲାଗି ରହିଛି ଅଥବା ଯିଏ ବର୍ତ୍ତମାନ ଲାଗିବାକୁ ଚାହୁଁଛି ? ଅତଃ ସଦ୍‌ଗୃହସ୍ଥାଶ୍ରମରୁ ହିଁ କର୍ମର ପ୍ରାରମ୍ଭ ହୋଇଥାଏ । ଅଧ୍ୟାୟ ୬/୩୭-୪୫ରେ ଅର୍ଜୁନ ପଚାରିଛନ୍ତି- ଭଗବାନ୍ ! ଶିଥିଳ ପ୍ରୟତ୍ନଯୁକ୍ତ ଶ୍ରଦ୍ଧାବାନ ପୁରୁଷ ପରମଗତିକୁ ପ୍ରାପ୍ତ ନହୋଇ କେଉଁ ଦୁର୍ଗତିକୁ ପ୍ରାପ୍ତ ହୋଇଥାଏ ? ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଯୋଗ ଦ୍ୱାରା ବିଚଳିତ ହୋଇଯାଇଥିବା ଶିଥିଳ ପ୍ରୟତ୍ନଶୀଳ ପୁରୁଷର ମଧ୍ୟ କେବେ ବି

ବିନାଶ ହୋଇନଥାଏ । ଏହି ଯୋଗ ଭ୍ରଷ୍ଟ ସାଧକ ଶ୍ରୀମାନ୍ ଅର୍ଥାତ୍ ଶୁଦ୍ଧ ସତ୍ୟ ଆଚରଣ ଯୁକ୍ତ ଶ୍ରୀମାନ୍‌ଙ୍କ ଗୃହରେ ଜନ୍ମ ନେଇ ଯୋଗୀକୁଳରେ ପ୍ରବେଶ ପାଏ । ସାଧନ ଆଡ଼କୁ ଆକର୍ଷିତ ହୁଏ ଏବଂ ଅନେକ ଜନ୍ମ ଅତିକ୍ରମ କରି ସେଠାରେ ହିଁ ପହଞ୍ଚି ଯାଏ । ଯାହାର ନାମ ପରମଗତି ଅର୍ଥାତ ପରମଧାମ । ଏହିପରି ଶିଥିଳ ପ୍ରଯତ୍ନ କିଏ କରିଥାଏ ? ଯୋଗଭ୍ରଷ୍ଟ ହୋଇ ସେ କେଉଁ ଠାରେ ଜନ୍ମ ନେଇଥାଏ ? ଗୃହସ୍ଥ ହିଁ ତ ହୋଇଥାଏ । ସେଠାରୁ ହିଁ ସେ ସାଧନୋନ୍ମୁଖୀ ହୋଇଥାଏ । ଅଧ୍ୟାୟ ୯/୩୦ରେ ସେ କହିଲେ- ଅତ୍ୟନ୍ତ ଦୁରାଚାରୀ ମଧ୍ୟ ଯଦି ଅନନ୍ୟ ଭାବରେ ମୋର ଭଜନ କରିଥାଏ, ତେବେ ସେ ସାଧୁ ହିଁ ଅଟେ । କାରଣ ସେ ନିଶ୍ଚିତ ପଥରେ ସାଧନ କରିବାରେ ଲାଗିଯାଇଛି । ଅତ୍ୟନ୍ତ ଦୁରାଚାରୀ କିଏ ହୋଇଥିବ ? ଯିଏ ଭଜନରେ ପ୍ରବୃତ୍ତ ହୋଇଗଲା । ସେହି ବ୍ୟକ୍ତି ଅଥବା ଯିଏ ବର୍ତ୍ତମାନ ସାଧନ ପ୍ରାରମ୍ଭ ହିଁ କରିନାହିଁ ସେହି ବ୍ୟକ୍ତି ? ଅଧ୍ୟାୟ ୯/୩୨ ରେ କହିଲେ- ସ୍ତ୍ରୀ, ବୈଶ୍ୟ, ଶୁଦ୍ର ତଥା ପାପ ଯୋନୀଯୁକ୍ତ ହେଲେ ମଧ୍ୟ ମୋର ଆଶ୍ରିତ ହୋଇ ସାଧନ କରିବା ଦ୍ୱାରା ପରମଗତିକୁ ପ୍ରାପ୍ତ ହୋଇଥାନ୍ତି । ହିନ୍ଦୁ ହେଉ, ମୁସଲ୍‌ମାନ କିମ୍ବା ଇସାଇ ହେଉ, ଶ୍ରୀକୃଷ୍ଣ ଏପରି କିଛି କହିନାହାଁନ୍ତି । ଅତ୍ୟନ୍ତ ଦୁରାଚାରୀ ପାପୀ ହେଉନା କାହିଁକି ମୋର ଶରଣରେ ଆସି ପରମ ଗତିକୁ ପ୍ରାପ୍ତ ହୋଇଯାଆନ୍ତି । ଅତଃ ଗୀତା ମାନବ ମାତ୍ର ନିମନ୍ତେ ହିଁ ଅଟେ । ସଦ୍‌ଗୃହସ୍ଥ ଆଶ୍ରମରୁ ହିଁ ଏହି କର୍ମର ପ୍ରାରମ୍ଭ ହୋଇଥାଏ । କ୍ରମଶଃ ଗୃହସ୍ଥ ହିଁ ଯୋଗୀ ହୋଇଥାଏ । ପୂର୍ଣ୍ଣତ୍ୟାଗୀ ହୋଇଯାଏ ଏବଂ ତତ୍ତ୍ୱର ଦିଗ୍‌ଦର୍ଶନ କରି ପରମରେ ପ୍ରବେଶ ପାଇଯାଏ । ଯାହାକୁ ଶ୍ରୀକୃଷ୍ଣ କହିଛନ୍ତି ଯେ, ଜ୍ଞାନୀ ମୋର ସ୍ୱ ରୂପ ଅଟେ ।

**ସ୍ତ୍ରୀ** – ଗୀତାନୁସାରେ ଶରୀର ଏକ ବସ୍ତ୍ର ଅଟେ । ଯେପରି ପୁରାତନ ବସ୍ତ୍ରକୁ ତ୍ୟାଗ କରି ମନୁଷ୍ୟ ନୂତନ ବସ୍ତ୍ର ଧାରଣ କରି ନେଇଥାଏ । ଠିକ୍ ସେହିପରି ଭୂତାଦିମାନଙ୍କ ସ୍ୱାମୀ ଆତ୍ମା ଏହି ଶରୀର ରୂପୀ ବସ୍ତ୍ରକୁ ତ୍ୟାଗ କରି ନୂତନ ଶରୀର ରୂପୀ ବସ୍ତ୍ର ଧାରଣ କରିନିଏ । ଆପଣ ପିଣ୍ଡ ରୂପରେ ସ୍ତ୍ରୀ ହୁଅନ୍ତୁ କିମ୍ବା ପୁରୁଷ । ଏହା କେବଳ ବସ୍ତ୍ରର ହିଁ ଆକାର ଅଟେ ।

ସଂସାରରେ ପୁରୁଷ ଦୁଇ ପ୍ରକାରର, ଯଥା– କ୍ଷର ଓ ଅକ୍ଷର । ସମସ୍ତ ପ୍ରାଣୀଙ୍କ ଶରୀର କ୍ଷର ପୁରୁଷ ଅଥବା ପରିବର୍ତ୍ତନଶୀଳ ପୁରୁଷ ଅଟେ । ମନ ସହିତ ଇନ୍ଦ୍ରିୟମାନେ ଯେତେବେଳେ କୁଟସ୍ଥ ହୋଇଯାନ୍ତି, ସେତେବେଳେ ସେ ହିଁ ଅକ୍ଷର ପୁରୁଷ ଅଟନ୍ତି । ତାହାଙ୍କ କେବେ ବି ବିନାଶ ହୁଏ ନାହିଁ । ଏହା ଭଜନର ଏକ ଅବସ୍ଥା ଅଟେ ।

ସ୍ତ୍ରୀମାନଙ୍କ ପ୍ରତି କେବେ ସମ୍ମାନ ତ କେବେ ଅପମାନର ଭାବନା ସମାଜରେ ଚାଲିଆସୁଥାଏ । କିନ୍ତୁ ଗୀତାର ଅପୌରୁଷେୟ ବାଣୀରେ ଏପରି ରହିଛି ଯେ, ଶୁଦ୍ର

ଅର୍ଥାତ୍ ଅନ୍ତ୍ୟଜ, ବୈଶ୍ୟ ଅର୍ଥାତ୍ ବିଧିପ୍ରାପ୍ତ ପୁରୁଷ, ସ୍ତ୍ରୀ କିମ୍ବା ପୁରୁଷ ଯିଏ ହେଲେ ମଧ୍ୟ ମୋର ଶରଣରେ ଆସି ପରମ ଗତିକୁ ପ୍ରାପ୍ତ ହୋଇଯାନ୍ତି । ଅତଃ ଏହି କଲ୍ୟାଣ ପଥରେ ସ୍ତ୍ରୀମାନଙ୍କ ସେହି ସ୍ଥାନ ରହିଛି, ଯାହା ପୁରୁଷମାନଙ୍କର ରହିଛି ।

**ଭୌତିକ ସମୃଦ୍ଧି** – ଗୀତା ପରମକଲ୍ୟାଣ ତ ଦେଇଥାଏ । ତତ୍ ସଙ୍ଗେ ସଙ୍ଗେ ମନୁଷ୍ୟ ମାନଙ୍କ ନିମନ୍ତେ ଆବଶ୍ୟକ ଭୌତିକ ବସ୍ତୁମାନଙ୍କର ମଧ୍ୟ ବିଧାନ କରିଥାଏ । ଅଧ୍ୟାୟ୯/୨୦-୨୨ରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି ଯେ, ଅନେକ ଲୋକ ନିର୍ଦ୍ଧାରିତ ବିଧିରେ ମୋତେ ପୂଜା କରି, ବଦଳରେ ସ୍ୱର୍ଗର କାମନା କରିଥାନ୍ତି । ସେମାନଙ୍କୁ ବିଶାଳ ସ୍ୱର୍ଗ ଲୋକ ମଧ୍ୟ ମିଳିଥାଏ, ମୁଁ ଦେଇଥାଏ । ଯାହା କିଛି ମାଗନ୍ତି, ତାହା ମୋ ଠାରୁ ପ୍ରାପ୍ତ ହୁଏ, କିନ୍ତୁ ଭୋଗ ପଶ୍ଚାତ୍ ସମାପ୍ତ ହୋଇଯିବ । କାରଣ ସ୍ୱର୍ଗର ଭୋଗ ମଧ୍ୟ ନଶ୍ୱର ଅଟେ । ସେମାନଙ୍କୁ ପୁନଃ ଜନ୍ମ ନେବାକୁ ହିଁ ପଡ଼ିଥାଏ । ହଁ ! ମୋ ସହିତ ସମ୍ବନ୍ଧ ରଖିଥିବା ଯୋଗୁଁ ସେମାନେ ନଷ୍ଟ ତ ହୋଇନଥାନ୍ତି । କାରଣ ମୁଁ କଲ୍ୟାଣ ସ୍ୱରୂପ । ମୁଁ ସେମାନଙ୍କୁ ଭୋଗ ଦେଇଥାଏ ଏବଂ ଧିରେ ଧିରେ ସେମାନଙ୍କୁ ଭୋଗରୁ ନିବୃତ୍ତ କରାଇ ପୁନଃ କଲ୍ୟାଣ ପଥରେ ଲଗାଇ ଦିଏ ।

**କ୍ଷେତ୍ର** – ଯେଉଁ ପରମାତ୍ମାଙ୍କ ଶ୍ରୀମୁଖର ବାଣୀ ଏହି ଗୀତା ଅଟେ । ସେ ସ୍ୱୟଂ ପରିଚୟ ଦେଲେ – **'ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ର ମିତ୍ୟଭି ଧିୟତେ' ।** ହେ କୌନ୍ତେୟ ! ଏହି ଶରୀର ହିଁ କ୍ଷେତ୍ର ଅଟେ । ଯେଉଁଥିରେ ବୁଣିଥିବା ଭଲ ଏବଂ ମନ୍ଦ କର୍ମବୀଜ ସଂସ୍କାର ରୂପରେ ଜମା ହୋଇଥାଏ ଏବଂ କାଳାନ୍ତରରେ ସୁଖ ଦୁଃଖର ରୂପ ନେଇ ଭୋଗ ରୂପରେ ପ୍ରାପ୍ତ ହୋଇଥାଏ । ଆସୁରୀ ସମ୍ପଦ ଅଧମ ଯୋନିକୁ ନେଇଥାଏ ଯେତେବେଳେ କି ଦୈବୀ ସମ୍ପଦ ପରମ ଦେବ ପରମାତ୍ମାଙ୍କ ଠାରେହିଁ ପ୍ରବେଶ ଦେଇଥାଏ । ସଦ୍‌ଗୁରୁଙ୍କ ସାନ୍ନିଧ୍ୟରେ ହିଁ ଏହି ଉଭୟଙ୍କ ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧର ପ୍ରାରମ୍ଭ ହୋଇଥାଏ, ଏହା ହିଁ କ୍ଷେତ୍ର-କ୍ଷେତ୍ରଜ୍ଞର ଲଢ଼ାଇ ଅଟେ ।

ଟୀକାକାର କହନ୍ତି- ଗୋଟିଏ କୁରୁକ୍ଷେତ୍ର ବାହାରେ ଏବଂ ଅନ୍ୟଟି ମନର ଅନ୍ତରାଳରେ ରହିଛି । ଗୀତାର ଗୋଟିଏ ଅର୍ଥ ବାହାରେ ଏବଂ ଅନ୍ୟଟି ଭିତରେ ରହିଛି । କିନ୍ତୁ ଏପରି କିଛି ନାହିଁ । ବକ୍ତା ଗୋଟିଏ କଥା ହିଁ କହିଥାନ୍ତି କିନ୍ତୁ ଶ୍ରୋତା ନିଜ ବୁଦ୍ଧିର ଅନୁରୂପ ହିଁ ଗ୍ରହଣ କରିପାରିଥାନ୍ତି । ତେଣୁ କରି ଅନେକ ଅର୍ଥ ପ୍ରତୀତ ହୋଇଥାଏ । ସାଧନ ରୂପରେ କ୍ରମଶଃ ଚାଲି ଯେଉଁ ପୁରୁଷ ଶ୍ରୀକୃଷ୍ଣଙ୍କ ସ୍ତରରେ ପହଞ୍ଚିଯାଏ, ତେବେ ଯେଉଁ ଦୃଶ୍ୟ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଥିଲା, ସେହି ଦୃଶ୍ୟ ଉକ୍ତ ପୁରୁଷଙ୍କ ସମ୍ମୁଖରେ ମଧ୍ୟ ରହିବ । ସେହି ମହାପୁରୁଷ ଶ୍ରୀକୃଷ୍ଣଙ୍କ ମନୋଗତ ଭାବ ତଥା ଗୀତାର ସଙ୍କେତକୁ ବୁଝି ପାରିଥାନ୍ତି ଏବଂ ଅନ୍ୟକୁ ମଧ୍ୟ ବୁଝାଇ ପାରନ୍ତି ।

ଗୀତାର ଗୋଟିଏ ମଧ୍ୟ ଶ୍ଳୋକ ବାହ୍ୟ ଚିତ୍ରଣ କରିନଥାଏ । ଖାଇବା, ପିଇବା, ପିନ୍ଧିବା, ରହିବା ଆପଣମାନେ ନିଶ୍ଚିତ ଜାଣିଥାନ୍ତି । ରହିବା ବ୍ୟବସ୍ଥା, ମାନ୍ୟତା, ଲୋକ ରୀତି-ନୀତିରେ ଦେଶ-କାଳ ଏବଂ ପରିସ୍ଥିତିମାନଙ୍କ ଅନୁକୂଳ ପରିବର୍ତ୍ତନ ଇତ୍ୟାଦି ପ୍ରକୃତି ହିଁ ପ୍ରଦାନ କରିଥାଏ । ଏଥିରେ ଶ୍ରୀକୃଷ୍ଣ ଆପଣମାନଙ୍କୁ କ'ଣ ବା ବ୍ୟବସ୍ଥା ଦେବେ ? କେଉଁଠାରେ ଝିଅ ମାନଙ୍କର ବୃଦ୍ଧି ତ କେଉଁ ଠାରେ ସେମାନଙ୍କର ସଂଖ୍ୟା କମ୍ ରହିଥାଏ ପୁଣି କେଉଁଠାରେ ବହୁ ବିବାହ ହୋଇଥାଏ । କେଉଁଠାରେ ତ ବହୁତ ଭାଇର ଗୋଟିଏ ପତ୍ନୀ ଥାଏ । ଏଥିରେ ଶ୍ରୀକୃଷ୍ଣ କେଉଁ ବ୍ୟବସ୍ଥା ଦେବେ ? ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନରେ ଜନସଂଖ୍ୟାର କମ୍ ହେବାର ସମସ୍ୟା ହୋଇଗଲା ତ ୩୦ପୁତ୍ରକୁ ଜନ୍ମ ଦେଇଥିବା ଜଣେ ମହିଳାଙ୍କୁ ମଦର-ଲ୍ୟାଣ୍ଡ ଅର୍ଥାତ୍ ଦେଶର ମାତା ନାମରେ ସମ୍ମାନିତ କରାଗଲା । ବୈଦିକ କାଳୀନ ଭାରତରେ ପ୍ରଥମେ ୧୦ଟି ସନ୍ତାନକୁ ଉତ୍ପନ୍ନ କରିବାର ବିଧାନ ରହିଥିଲା । ବର୍ତ୍ତମାନ ଗୋଟିଏ କିମ୍ବା ଦୁଇଟି ଛୁଆ ହୋଇଥିଲେ, ସେହି ପରିବାରକୁ ଆଦର୍ଶ ସ୍ଥାନ ଦିଆଯାଏ । କଦାଚିତ୍ ସେମାନେ ନ ରହିଲେ ମଧ୍ୟ ଦେଶ ନିମନ୍ତେ ଚିନ୍ତାର ବିଷୟ ନ ହୋଇ, ସମସ୍ୟାର ସମାଧାନ ହୋଇଯାଏ । ଶ୍ରୀକୃଷ୍ଣ ଏଥିରେ କ'ଣ ବା ବ୍ୟବସ୍ଥା ଦେବେ ?

**ଶ୍ରେୟ** - କାମ, କ୍ରୋଧ, ଲୋଭ, ମୋହର କୌଣସି ସ୍କୁଲ୍-କଲେଜ ଖୋଲା ଯାଇନାହିଁ । ହେଲେ ମଧ୍ୟ ଏହି ବିକାରମାନଙ୍କରେ ଆଜିକାଲି ପିଲାମାନେ ବହୁତ ପ୍ରବୀଣ ଏବଂ ବୁଦ୍ଧିମାନ ହୋଇଥାନ୍ତି । ଏଥିରେ ଶ୍ରୀକୃଷ୍ଣ ବା କ'ଣ ଶିକ୍ଷା ଦେବେ ? ଏହିସବୁ ତ ପ୍ରକୃତି ଦ୍ୱାରା ସଞ୍ଚାଳିତ । କେବେ ବେଦ ପଢାଯାଉଥିଲା, ଧନୁର୍ବେଦ, ଗଦାଯୁଦ୍ଧ ଶିକ୍ଷା ଦିଆଯାଉଥିଲା, ଆଜି ତାହାକୁ କିଏ ବା ଶିଖୁଛନ୍ତି ? ଆଜିକାଲି ତ ପିସ୍ତଲ୍, ଚଳାଇବାରେ ହସ୍ତସିଦ୍ଧ । ସ୍ୱୟଂଚାଳିତ ଯନ୍ତ୍ରମାନଙ୍କ ଯୁଗ ହୋଇଗଲା । କେବେ ରଥ ସଞ୍ଚାଳନ ଶିଖିବାକୁ ପଡୁଥିଲା, ଘୋଡ଼ାମାନଙ୍କ ମଳ ଫୋପାଡ଼ିବାକୁ ପଡୁଥିଲା । କିନ୍ତୁ ଆଜି ମୋଟର ଗାଡିର ତେଲ ସାଫ କରିବାକୁ ପଡେ । ଏଥିରେ ଶ୍ରୀକୃଷ୍ଣ କ'ଣ କହିବେ ? କହିବେ କି ଘୋଡ଼ାମାନଙ୍କୁ ଏପରି ସଫାକର, ସେପରି ଚଳାଅ । ବାହାରର ବ୍ୟବସ୍ଥା ସେ ଆପଣଙ୍କୁ କିପରିବା ଦେବେ ? ପୂର୍ବେ ସ୍ୱାହା କହିବା ଦ୍ୱାରା ବର୍ଷା ହେଉଥିଲା, କିନ୍ତୁ ଆଜି ମନଇଚ୍ଛା ଫସଲ ଉପାର୍ଜନ କରାଯାଉଛି । ଯୋଗେଶ୍ୱର କହନ୍ତି ଯେ, ଉତ୍ପନ୍ନ ଗୁଣ ଦ୍ୱାରା ମନୁଷ୍ୟ ପରବଶ ହୋଇ ପରିସ୍ଥିତି ଅନୁସାରେ ଢଳି ରହୁଥାଏ । ଗୁଣ ସ୍ୱତଃ ସେମାନଙ୍କୁ ଢଳାଇ ନେବାରେ ସକ୍ଷମ ହୋଇଥାଏ । ଭୌତିକ ଶାସ୍ତ୍ର, ସମାଜ ଶାସ୍ତ୍ର, ଶିକ୍ଷା ଶାସ୍ତ୍ର, ଅର୍ଥ ଶାସ୍ତ୍ର, ତର୍କଶାସ୍ତ୍ର, ଗଠନ ହିଁ କରୁଥାଏ । ଗୋଟିଏ ହିଁ ବସ୍ତୁ ଏପରି ରହିଛି, ଯାହାକୁ ମନୁଷ୍ୟ ଜାଣିନଥାଏ ଏବଂ ତା ସହିତ ପରିଚିତ ନଥାଏ ।

ଯାହା ତାହାଙ୍କ ନିକଟରେ ହିଁ ରହିଛି କିନ୍ତୁ ତାହା ବିସ୍ମୃତ ରହିଛି । ଗୀତା ଶୁଣିବା ପରେ ଅର୍ଜୁନଙ୍କ ସେହି ସ୍ମୃତି ଫେରି ଆସିଥିଲା । ସେହି ସ୍ମୃତି ହେଉଛି- ପରମାତ୍ମାଙ୍କ । ଯିଏ ହୃଦୟ ଦେଶରେ ଥାଇ ମଧ୍ୟ ବହୁତ ଦୂରରେ ହିଁ ରହିଛନ୍ତି । ତାହାଙ୍କୁ ମନୁଷ୍ୟ ପାଇବାକୁ ଚାହେଁ । କିନ୍ତୁ ରାସ୍ତା ପାଇ ନଥାଏ । କେବଳ କଲ୍ୟାଣ ପଥରେ ହିଁ ମନୁଷ୍ୟ ଅନଭିଜ୍ଞ । ମୋହର ଆବରଣ ଏତେ ଘନୀଭୂତ ଯେ, ସେ ବିଷୟ ବିଚାର କରିବାକୁ ହିଁ ସମୟ ମିଳୁନଥାଏ । ସେହି ମହାପୁରୁଷ ଆପଣଙ୍କ ନିମନ୍ତେ ସମୟ ଦେଇଛନ୍ତି । ସେହି କର୍ମକୁ ସ୍ପଷ୍ଟ କଲେ, ଯାହାକୁ କରିବାର ନିର୍ଦ୍ଦେଶ ଗୀତାରେ ରହିଛି। ଗୀତା ମୁଖ୍ୟତଃ ଏହା ହିଁ ଦିଏ । ଭୌତିକ ବସ୍ତୁ ମଧ୍ୟ ତାହାଙ୍କ ଠାରୁ ପ୍ରାପ୍ତ ହୋଇଥାଏ । କିନ୍ତୁ ଶ୍ରେୟ ତୁଳନାରେ ପ୍ରେୟ ନଗଣ୍ୟ ଅଟେ ।

**ଯୋଗ-ପ୍ରଦାତା** - ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ କଲ୍ୟାଣ ପଥର ଜାନକାରୀ, ତାହାର ସାଧନ ଏବଂ ତାହାଙ୍କ ପ୍ରାପ୍ତି ସଦ୍‌ଗୁରୁଙ୍କ ଠାରୁ ହିଁ ହୋଇଥାଏ । ଏଇଠି, ସେଇଠି ତୀର୍ଥମାନଙ୍କରେ ଭ୍ରମଣ କଲା ପରେ ମଧ୍ୟ ଅଥବା ବହୁତ ପରିଶ୍ରମ ଦ୍ୱାରା ଏହା ପ୍ରାପ୍ତ ହୁଏ ନାହିଁ, ଯେଉଁ ପର୍ଯ୍ୟନ୍ତ କୌଣସି ସନ୍ଥ ଦ୍ୱାରା ପ୍ରାପ୍ତ କରାଯାଏ ନାହିଁ । ଅଧ୍ୟାୟ ୩/୩୪ରେ ଶ୍ରୀକୃଷ୍ଣ କହିଲେ- ହେ ଅର୍ଜୁନ ! ତୁମେ କୌଣସି ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ନିକଟକୁ ଯାଇ, ଭଲ ଭାବରେ ଦଣ୍ଡ ପ୍ରଣାମ କରି, ନିଷ୍କପଟ ଭାବରେ ସେବାକରି, ପ୍ରଶ୍ନ ଦ୍ୱାରା ସେହି ଜ୍ଞାନକୁ ପ୍ରାପ୍ତ କର । ପ୍ରାପ୍ତିର ଏକମାତ୍ର ଉପାୟ ହେଉଛି, କୌଣସି ମହାପୁରୁଷଙ୍କ ସାନ୍ନିଧ୍ୟ ଏବଂ ତାଙ୍କର ସେବା । ତାହାଙ୍କ ବଚନାନୁସାରେ ଚାଲି ଯୋଗର ସଂସିଦ୍ଧି କାଳରେ ନିଜର ହୃଦୟରେ ହିଁ ପ୍ରାପ୍ତି ହୁଏ । ଅଧ୍ୟାୟ ୧୮/୧୮ରେ ସେ କହିଲେ, ପରିଜ୍ଞାତା- ଅର୍ଥାତ୍ ତତ୍ତ୍ୱଦର୍ଶୀ ମହାପୁରୁଷ, ଜ୍ଞାନ- ଅର୍ଥାତ୍ ଜାଣିବାର ବିଧି ଏବଂ ଜ୍ଞେୟ- ଅର୍ଥାତ୍ ପରମାତ୍ମା, ଏ ତିନିହେଁ କର୍ମର ପ୍ରେରକ ଅଟନ୍ତି । ଅତଃ ଶ୍ରୀକଷ୍ଣଙ୍କ ଅନୁସାରେ ମହାପୁରୁଷ ହିଁ କର୍ମର ମାଧ୍ୟମ ହୋଇଥାନ୍ତି, ନା କି କୌଣସି ପୁସ୍ତକ । ପୁସ୍ତକ ତ କେବଳ ନକ୍ସା ମାତ୍ର । ନକ୍ସାକୁ ପଢିଲେ କେହି ନିରୋଗ ହୋଇନଥାନ୍ତି ବରଂ ତାହାକୁ ବ୍ୟବହାର କରିବା ଆବଶ୍ୟକ ।

**ନରକ** - ଅଧ୍ୟାୟ ୧୬/୧୬ରେ ଆସୁରୀ ସମ୍ପଦର ବର୍ଣ୍ଣନ କରିବା ସମୟରେ ଶ୍ରୀକୃଷ୍ଣ କହିଲେ ଯେ, ଅନେକ ପ୍ରକାରରେ ଭ୍ରମିତ ଚିତ୍ତଯୁକ୍ତ ପୁରୁଷ, ମୋହରେ ଜକଡ଼ି ହୋଇ, ଆସୁରୀ ସ୍ୱଭାବଯୁକ୍ତ ମନୁଷ୍ୟ ଅପବିତ୍ର ନରକରେ ପଡ଼ିଥାନ୍ତି । ପ୍ରଶ୍ନ ସ୍ୱଭାବିକ ଯେ, ନରକ କିପରି ଏବଂ ନରକ କାହାକୁ କୁହାଯାଏ ? ଏପରି କ୍ରମରେ ସ୍ପଷ୍ଟ କରୁଛନ୍ତି ଯେ, ମୋ ଠାରେ ଦ୍ୱେଷ ରଖୁଥିବା ନରାଧମ ମାନଙ୍କୁ ମୁଁ ବାରମ୍ବାର ଆସୁରୀ ଯୋନିରେ ପକାଇଥାଏ । ଅଜସ୍ର ଆସୁରୀ ଯୋନିରେ ପକାଇଥାଏ । ଏହା ହିଁ

ନିରକ ଅଟେ । ଏହି ନରକର ଦ୍ୱାରା କ'ଣ ? ସେ କହିଲେ ଯେ, କାମ, କ୍ରୋଧ ଓ ଲୋଭ, ନରକର ତିନୋଟି ଦ୍ୱାର । ଯେଉଁଥିରେ ଆସୁରୀ ସମ୍ପଦ ଗଠିତ ହୋଇଥାଏ । ଅତଃ ବାରମ୍ବାର କୀଟ ପତଙ୍ଗ ପଶୁ ଇତ୍ୟାଦି ଯୋନି ମାନଙ୍କରେ ଜନ୍ମ ନେବା ହିଁ ନରକ ଅଟେ ।

**ପିଣ୍ଡଦାନ** – ପ୍ରଥମ ଅଧ୍ୟାୟରେ ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ଆଶଙ୍କା ଥିଲା ଯେ, ଯୁଦ୍ଧଜନିତ ନର ସଂହାର ଦ୍ୱାର ପିତୃ ଲୋକ ପିଣ୍ଡଦାନ, ତର୍ପଣରୁ ବଞ୍ଚିତ ହୋଇଯିବେ । ପିତୃ ଲୋକ ପତିତ ହୋଇଯିବେ । ଏହା ଉପରେ ଭଗବାନ ଶ୍ରୀକୃଷ୍ଣ କହିଲେ– ହେ ଅର୍ଜୁନ ! ତୁମର ଏହି ଅଜ୍ଞାନ କେଉଁଠୁ ଆସିଲା ? ପିଣ୍ଡୋଦକ କ୍ରିୟାକୁ ଯୋଗେଶ୍ୱର ଅଜ୍ଞାନ ବୋଲି କହିଲେ ଏବଂ କହିଥିଲେ ଯେ, ଯେପରି ଜୀର୍ଣ୍ଣ–ଶୀର୍ଣ୍ଣ ବସ୍ତ୍ରକୁ ତ୍ୟାଗକରି ମନୁଷ୍ୟ ନୂତନ ବସ୍ତ୍ର ଧାରଣ କରି ନେଇଥାଏ, ଠିକ୍ ଏହିପରି ଏହି ଆତ୍ମା ଜୀର୍ଣ୍ଣ ଶରୀରକୁ ତ୍ୟାଗ କରି ତତ୍‌କାଳ ଶରୀରରୂପୀ ନବୀନ ବସ୍ତ୍ରକୁ ଧାରଣ କରି ନିଏ । ଏଠାରେ ଶରୀର ଏକ ବସ୍ତ୍ର ମାତ୍ର, ଯଦି ଆତ୍ମା କେବଳ ବସ୍ତ୍ରକୁ ହିଁ ବଦଳାଇଲା, ସେ ମରିନାହିଁ, ନଶ୍ୱର ଶରୀରକୁ ହିଁ ବଦଳାଇଲା । ତାହାର ବ୍ୟବସ୍ଥା ପୂର୍ବବତ୍ ରହିଛି, ତେବେ ଭୋଜନ ଅର୍ଥାତ୍ ପିଣ୍ଡଦାନ, ଆସନ, ଶଯ୍ୟା, ସବାରୀ, ଆବାସ, ଜଳ ଇତ୍ୟାଦି ଦ୍ୱାରା କାହାକୁ ତୃପ୍ତ କରାଯାଏ । ଏହି କାରଣରୁ ଯୋଗେଶ୍ୱର ଏହାକୁ ଅଜ୍ଞାନ ବୋଲି କହିଲେ । ଅଧ୍ୟାୟ ୧୫/୭ରେ ଏହାକୁ ପୁନଃ କହୁଛନ୍ତି– ଏହି ଆତ୍ମା ମୋର ହିଁ ସନାତନ ଅଂଶ ଅଟେ, ସ୍ୱରୂପ ଅଟେ ଏବଂ ମନ ସହିତ ପାଞ୍ଚ ଇନ୍ଦ୍ରିୟର କାର୍ଯ୍ୟ କଳାପଜନ୍ୟ ସଂସ୍କାରକୁ ନେଇ, ଅନ୍ୟ ଶରୀରକୁ ଧାରଣ କରିନିଏ ଏବଂ ମନ ସହିତ ଛଅ ଇନ୍ଦ୍ରିୟ ଦ୍ୱାରା ଆଗାମୀ ଶରୀରରେ ବିଷୟ ଭୋଗକୁ ଭୋଗିଥାଏ । ଆତ୍ମା ଯେଉଁ ଶରୀରକୁ ଧାରଣ କଲା, ସେଠାରେ ମଧ୍ୟ ଭୋଗ ସାମଗ୍ରୀ ଉପଲବ୍ଧ ରହିଥାଏ । ପୁନଃ ପିଣ୍ଡଦାନ କାହିଁକି ଦିଆଯାଏ ?

ଏଠାରେ ଗୋଟିଏ ଶରୀରକୁ ତ୍ୟାଗ କରି ଅନ୍ୟ ଏକ ଶରୀରକୁ ସେଠାରେ ଧାରଣ କରିଥାଏ । ସେ ସିଧା ସେହି ଶରୀରରେ ଯାଇଥାଏ, ମଧ୍ୟ ଭାଗରେ କୌଣସି ବିରାମ ହିଁ ନାହିଁ । କୌଣସି ସ୍ଥାନ ଯଦି ନାହିଁ, ତେବେ ହଜାର ପିଢି ପର୍ଯ୍ୟନ୍ତ ପିତୃ ଲୋକଙ୍କୁ ଅନାଦିକାଳରୁ ପଡ଼ି ରହିବା ଏବଂ ତାହାଙ୍କ ଜୀବିକା ବଂଶ ପରମ୍ପରା ହାତରେ ନିର୍ଦ୍ଧରିତ କରିଥାଏ ତଥା ପିଞ୍ଜରାର ପକ୍ଷୀମାନଙ୍କ ପରି ସେମାନଙ୍କ ଭୋଜନ, ପତନ ଏକ ଅଜ୍ଞାନମାତ୍ର ଅଟେ । ଏଣୁ ଶ୍ରୀକୃଷ୍ଣ ଏହାକୁ ଅଜ୍ଞାନ କହିଲେ ।

**ପାପ ଓ ପୁଣ୍ୟ** – ଏହି ପ୍ରଶ୍ନ ଉପରେ ସମାଜରେ ଅନେକ ଭ୍ରାନ୍ତି ରହିଛି । କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ ରଜଗୁଣରୁ ଉତ୍ପନ୍ନ ଏହି କାମ କ୍ରୋଧ ଭୋଗ

ଦ୍ୱାରା କେବେ ମଧ୍ୟ ତୃପ୍ତ ହେଉନଥିବା ମହା ପାପୀ ଅଟନ୍ତି । ଅର୍ଥାତ୍ କାମ ହିଁ ଏକମାତ୍ର ପାପୀ ଅଟେ । ପାପର ଉଦ୍‌ଗମ କାମ ଅଟେ ଅର୍ଥାତ୍ କାମନା ଅଟେ । ଏହି କାମନା ସମୂହ କେଉଁଠାରେ ରହିଥାଏ ? ଶ୍ରୀକୃଷ୍ଣ କହୁଛନ୍ତି- ଇନ୍ଦ୍ରିୟ, ମନ ଓ ବୁଦ୍ଧି ଏହାର ବାସସ୍ଥାନ ଅଟେ । ଯେତେବେଳେ ବିକାର ଶରୀରରେ ନାହିଁ, ମନରେ ରହିଥାଏ, ତେବେ ଶରୀରକୁ ଧୋଇବା ଦ୍ୱାରା କ'ଣ ହେବ ?

ଶ୍ରୀକୃଷ୍ଣଙ୍କ ଅନୁସାରେ ଏହି ମନର ଶୁଦ୍ଧି ନାମଜପ, ଧ୍ୟାନ, ସମକାଳୀନ କୌଣସି ମହାପୁରୁଷଙ୍କ ସେବା ଦ୍ୱାରା, ତାହାଙ୍କ ପ୍ରତି ସମର୍ପଣ ଦ୍ୱାରା ହୋଇଥାଏ । ଯାହାଙ୍କ ନିମନ୍ତେ ସେ ୪/୩୪ରେ ପ୍ରୋତ୍ସାହିତ କରୁଛନ୍ତି ଯେ, ତଦ୍‌ବିଦ୍ଧି ପ୍ରଣିପାତେନ- ସେବା ଓ ପ୍ରଶ୍ନ କରି ସେହି ଜ୍ଞାନକୁ ପ୍ରାପ୍ତ କର । ଯାହା ଦ୍ୱାରା ସମ୍ପୂର୍ଣ୍ଣ ପାପ ନଷ୍ଟ ହୋଇଯାଏ ।

ଅଧ୍ୟାୟ ୩/୧୩ରେ ସେ କହିଲେ ଯେ, ଯଜ୍ଞର ଅବଶିଷ୍ଟ ଅନ୍ନକୁ ଖାଉଥିବା ସନ୍ଥଜନ ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପାଆନ୍ତି ଏବଂ ଯିଏ ଶରୀର ନିମନ୍ତେ କାମନା କରନ୍ତି, ସେହି ପାପୀଜନ ପାପକୁ ହିଁ ଖାଆନ୍ତି । ଏଠାରେ ଯଜ୍ଞ ଚିନ୍ତନର ଏକ ନିଶ୍ଚିତ କ୍ରିୟା । ଯାହାଦ୍ୱାରା ମନରେ ନିହିତ ଚରାଚର ଜଗତର ସଂସ୍କାର ଜଳି ଯାଏ । କେବଳ ବ୍ରହ୍ମ ହିଁ ଅବଶିଷ୍ଟ ରହିଥାଏ । ଅତଃ ଶରୀର ଜନ୍ମ ହେବାର ଯେଉଁ କାରଣ ରହିଛି, ତାହା ହିଁ ପାପ ଅଟେ ଏବଂ ଯାହା ସେହି ଅମୃତ ତତ୍ତ୍ୱକୁ ଦେଇଥାଏ, ଯାହାର ପଶ୍ଚାତ୍ କେବେ ବି ଶରୀର ଧାରଣ କରିବାକୁ ପଡେନାହିଁ, ତାହାହିଁ ପୁଣ୍ୟ ଅଟେ ।

ଅଧ୍ୟାୟ ୭/୨୯ରେ ସେ କହୁଛନ୍ତି- ମୋର ଶରଣ ହୋଇ ଜରା-ମରଣ ଏବଂ ଦୋଷରୁ ମୁକ୍ତି ପାଇବା ନିମନ୍ତେ ଯତ୍ନ କରୁଥିବା ପୁଣ୍ୟକର୍ମା, ଯେଉଁ ମହାପୁରୁଷଙ୍କ ପାପ ନଷ୍ଟ ହୋଇଗଲା, ସେ ସମ୍ପୂର୍ଣ୍ଣ ବ୍ରହ୍ମଙ୍କୁ, ସମ୍ପୂର୍ଣ୍ଣ କର୍ମକୁ, ସମ୍ପୂର୍ଣ୍ଣ ଅଧ୍ୟାତ୍ମ ତଥା ଭଲରୂପେ ମୋତେ ଜାଣିଆନ୍ତି ଏବଂ ମୋତେ ଜାଣି ମୋ ଭିତରେ ହିଁ ସ୍ଥିତ ରହିଥାନ୍ତି । ଅତଃ ତାହା ପୁର୍ଣ୍ଣ୍ୟ କର୍ମ ଅଟେ, ଯାହା ଜରା ମରଣ ଏବଂ ଦୋଷମାନଙ୍କରୁ ଊର୍ଦ୍ଧ୍ୱକୁ ଉଠାଇ ଶାଶ୍ୱତ ଜାନକାରୀ ଏବଂ ସେଥିରେ ସଦା ସର୍ବଦା ସ୍ଥିତି ପ୍ରଦାନ କରିଥାଏ ଏବଂ ଯାହା ଜନ୍ମ-ମୃତ୍ୟୁ, ଜରା-ମରଣ, ଦୁଃଖ-ଦୋଷର ପରିଧିରେ ଘୁରାଇ ରଖେ, ତାହା ହିଁ ପାପ କର୍ମ ଅଟେ ।

ଅଧ୍ୟାୟ ୧୦/୩୯ରେ କହୁଛନ୍ତି, ଯିଏ ମୋତେ ଜନ୍ମ ମୃତ୍ୟୁ ରହିତ, ଆଦି ଅନ୍ତ ରହିତ, ତଥା ସମ୍ପୂର୍ଣ୍ଣ ଲୋକର ମହାନ୍ ଈଶ୍ୱରଙ୍କୁ ସାକ୍ଷାତ୍‌କାର ସହିତ ବିଦିତ କରି ଦେଇଥାଏ, ସେହି ପୁରୁଷ ମରଣଧର୍ମା ମନୁଷ୍ୟମାନଙ୍କ ମଧ୍ୟରେ ଜ୍ଞାନବାନ୍ ଅଟେ ଏବଂ ଏପରି ଜାଣିବା ବ୍ୟକ୍ତି ସମ୍ପୂର୍ଣ୍ଣ ପାପରୁ ମୁକ୍ତ ହୋଇଯାଇଥାଏ । ଅତଃ

ସାକ୍ଷାତ୍‌କାର ଦ୍ୱାରା ସମ୍ପୂର୍ଣ୍ଣ ପାପରୁ ନିବୃତ୍ତି ମିଳିଥାଏ । ସାରଂଶତଃ ବାରମ୍ବାର ଜନ୍ମ ମୃତ୍ୟୁର କାରଣ ହିଁ ପାପ ଅଟେ ଏବଂ ଯିଏ ସେଥିରୁ ବାହାର କରାଇ ଶାଶ୍ୱତ ପରମାତ୍ମାଙ୍କ ଆଡ଼କୁ ନେଇଯାଏ, ପରମ ଶାନ୍ତିକୁ ପ୍ରାପ୍ତ କରାଏ, ତାହାହିଁ ପୂଣ୍ୟ କର୍ମ ଅଟେ । ସତ୍ୟ କହିବା, କେବଳ ନିଜ ପରିଶ୍ରମକୁ ହିଁ ଖାଇବା । ସ୍ତ୍ରୀମାନଙ୍କ ମଧ୍ୟରେ ମାତୃଭାବ, ସଚ୍ଚୋଟ ଇତ୍ୟାଦି ମଧ୍ୟ ଏହି ପୁଣ୍ୟ କର୍ମର ସହାୟକ ଅଙ୍ଗ ଅଟେ । କିନ୍ତୁ ସର୍ବୋତ୍କୃଷ୍ଟ ପୂଣ୍ୟ ହେଉଛି– ପରମାତ୍ମାଙ୍କ ପ୍ରାପ୍ତି । ଯାହା ଏକମାତ୍ର ପରମାତ୍ମାଙ୍କ ପ୍ରତି ଶ୍ରଦ୍ଧାକୁ ଭଗ୍ନ କରାଏ, ତାହା ହିଁ ପାପ ଅଟେ ।

**ସମସ୍ତ ସନ୍ଥ ଏକ** – ଅଧ୍ୟାୟ ୪/୧ରେ ଭଗବାନ ଶ୍ରୀକୃଷ୍ଣ କହିଲେ ଯେ, ଏହି ଅବିନାଶୀ ଯୋଗକୁ କଳ୍ପର ଆଦିରେ ମୁଁ ସୂର୍ଯ୍ୟଙ୍କ ପ୍ରତି କହିଥିଲି । କିନ୍ତୁ ଶ୍ରୀକୃଷ୍ଣଙ୍କ ପୂର୍ବକାଳୀନ ଇତିହାସ ଅଥବା ଅନ୍ୟ କୌଣସି ଶାସ୍ତ୍ରରେ କୃଷ୍ଣ ନାମର ଉଲ୍ଲେଖ ମିଳିନଥାଏ ।

ବାସ୍ତବରେ ଶ୍ରୀକୃଷ୍ଣ ଜଣେ ପୂର୍ଣ୍ଣ ଯୋଗେଶ୍ୱର ଥିଲେ । ସେ ଅବ୍ୟକ୍ତ ଏବଂ ଅବିନାଶୀ ଭାବର ସ୍ଥିତି ଯୁକ୍ତ ମହାପୁରୁଷ ଥିଲେ । ଯେବେ ବି ପରମାତ୍ମାଙ୍କ ସହିତ ସଂଯୋଗ ହେବା କ୍ରିୟା ଅର୍ଥାତ୍ ଯୋଗର ସୂତ୍ରପାତ ହୋଇଛି ତେବେ ଏହି ସ୍ଥିତିଯୁକ୍ତ କୌଣସି ମହାପୁରୁଷ ହିଁ କରିଥାନ୍ତି । ଭଲେ ସେ ଶ୍ରୀରାମ ଅଥବା ଋଷି ଜରଥୃସ୍ତ୍ର ହୋଇଥାନ୍ତୁ ନା କହିଁକି ? ପରବର୍ତ୍ତୀକାଳରେ ଏହି ଉପଦେଶ, ଯିଶୁଖ୍ରୀଷ୍ଟ, ମହମ୍ମଦ, ଗୁରୁ ନାନକ ଇତ୍ୟାଦି ଯାହାଙ୍କ ଦ୍ୱାରା ପ୍ରକାଶିତ ହେଲେ ମଧ୍ୟ ତାହାକୁ ଶ୍ରୀକୃଷ୍ଣଙ୍କ ବାଣୀ ହିଁ କୁହାଯିବ ।

ଅତଃ ସମସ୍ତ ମହାପୁରୁଷ ଏକ ଅଟନ୍ତି । ସମସ୍ତେ ସେହି ଗୋଟିଏ ବିନ୍ଦୁକୁ ସ୍ପର୍ଶ କରି ହିଁ ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି । ଏହି ପଦ କୌଣସି ବିରଳ ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇଥାଏ । ଅନେକ ମହାପୁରୁଷ ଏହି ପଥରେ ଚାଲିଥାନ୍ତି, କିନ୍ତୁ ଯେବେ ବି ପ୍ରାପ୍ତ କରିଥାନ୍ତି । ସେହି ଗୋଟିଏ ପଦକୁ ହିଁ ପ୍ରାପ୍ତ ହୋଇଥାନ୍ତି । ଏହିପରି ଅବସ୍ଥା ପ୍ରାପ୍ତ ସନ୍ଥଙ୍କ ଶରୀର ଗୋଟିଏ ରହିବା ବାସଗୃହ ସଦୃଶ ହୋଇଥାଏ । ସେ ଶୁଦ୍ଧ ଆତ୍ମ ସ୍ୱରୂପ ଅଟନ୍ତି, ଏପରି ସ୍ଥିତିଯୁକ୍ତ ପୁରୁଷ ଯଦି କେବେ କିଛି କହିଥାନ୍ତି, ତେବେ ଏହା ଯୋଗେଶ୍ୱରଙ୍କ ବାଣୀ ହିଁ ହୋଇଥାଏ ।

ସନ୍ଥମାନେ କେଉଁଠି ନା କେଉଁଠି ତ ଜନ୍ମ ଅବଶ୍ୟ ନେଇଥାନ୍ତି । ଭଲେ ପୂର୍ବରେ ହେଉ ଅଥବା ପଶ୍ଚିମରେ ଶ୍ୟାମ ଅଥବା ଶ୍ୱେତ ପରିବାରରେ, ପୂର୍ବ ପ୍ରଚଳିତ କୌଣସି ଧର୍ମାବଲମ୍ବୀମାନଙ୍କ ଗହଣରେ ଅଥବା ଅବାଧ ସମାଜରେ, ସାମାନ୍ୟ ଜୀବନ ବ୍ୟତୀତ କରୁଥିବା ଗରୀବ ଅଥବା ଧନୀ ବ୍ୟକ୍ତିଙ୍କ ଗୃହରେ ଜନ୍ମ ନେଇ ମଧ୍ୟ ସନ୍ଥ

ସେମାନଙ୍କର ପରମ୍ପରାଯୁକ୍ତ ହୋଇନଥାଏ । ସେ ତ ନିଜର ଲକ୍ଷ୍ୟ- ପରମାତ୍ମାଙ୍କୁ ହୃଦୟରେ ଧାରଣ କରି ସ୍ୱରୂପ ଆଡ଼କୁ ଅଗ୍ରସର ହୋଇଯାନ୍ତି । ଅର୍ଥାତ୍ ସ୍ୱରୂପ ସହିତ ଏକାକାର ହୁଅନ୍ତି । ତାହାଙ୍କ ଉପଦେଶ ମାନଙ୍କରେ ଜାତି-ପାତି, ବର୍ଣ୍ଣ-ଭେଦ, ଧନୀ-ଗରୀବର ପ୍ରାଚୀର ରହିନଥାଏ । ଏପରି କି ସେମାନଙ୍କ ଦୃଷ୍ଟିରେ ସ୍ତ୍ରୀ-ପୁରୁଷଙ୍କ ଭେଦ ମଧ୍ୟ ରହିନଥାଏ । (ଦେଖନ୍ତୁ ଗୀତା-୧୫/୧୬ ଦ୍ୱାବିମୌ ପୁରୁଷୌଲୋକେ)

ମହାପୁରୁଷଙ୍କ ପରେ ସେମାନଙ୍କ ଅନୁଯାୟୀ ଏକ ସମ୍ପ୍ରଦାୟ ଗଠନ କରି ସଙ୍କୁଚିତ ହୋଇଯାଆନ୍ତି । କୌଣସି ମହାପୁରୁଷଙ୍କ କିଛି ଅନୁଯାୟୀ ୟୁହୁଦି ହୋଇଥାନ୍ତି, ତ ଅନ୍ୟ ମହାପୁରୁଷଙ୍କ କିଛି ଅନୁଯାୟୀ ଇସାଇ, ହୁଅନ୍ତି । ଅନ୍ୟାନ୍ୟ ମହାପୁରୁଷଙ୍କ ଅନୁଯାୟୀ ମୁସଲମାନ୍, ସନାତନୀ ଇତ୍ୟାଦି ହୋଇଯାନ୍ତି । କିନ୍ତୁ ଏହିପରି ବାଡ଼ ଦେବାରେ ସନ୍ଥଙ୍କର କୌଣସି ଆଶୟ ନଥାଏ । ସନ୍ଥ ନା ତ କୌଣସି ସାମ୍ପ୍ରଦାୟର ନା କୌଣସି ଜାତିର । ସନ୍ଥ ତ ସନ୍ଥ ହିଁ ଅଟନ୍ତି । ସେମାନଙ୍କୁ କୌଣସି ସାମାଜିକ ସଙ୍ଗଠନରେ ଗଣନା କରନ୍ତୁ ନାହିଁ ।

ଅତଃ ସଂସାରରେ ସନ୍ଥ ଯେକୌଣସି ସ୍ଥାନରେ ଜନ୍ମ ନେଇଥାନ୍ତୁ ନା କାହିଁକି, ଯେକୌଣସି ସମାଜରେ ଜନ୍ମ ନେଇଥାନ୍ତୁ ନା କାହିଁକି, ଯେ କୌଣସି ସମ୍ପ୍ରଦାୟ ଲୋକ ତାଙ୍କର ଅଧିକ ପୂଜା କଲେ ସୁଦ୍ଧା, କୌଣସି ସମ୍ପ୍ରଦାୟିକ ପ୍ରଭାବରେ ଆସି ଏପରି ସନ୍ଥଙ୍କ ଆଲୋଚନା କରିବା ଉଚିତ ନୁହେଁ । କାରଣ ସେମାନେ ନିରପେକ୍ଷ ଅଟନ୍ତି । ସଂସାରର ଯେ କୌଣସି ସ୍ଥାନରେ ଜନ୍ମ ନେଇଥିବା ସନ୍ଥ ନିନ୍ଦାର ପାତ୍ର ନୁହଁନ୍ତି । ଯଦି ଏପରି କେହି କରିଥାନ୍ତି, ତେବେ ସେ ନିଜ ଭିତରେ ସ୍ଥିତ ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କୁ ହିଁ ଦୁର୍ବଳ କରିଥାନ୍ତି । ପରମାତ୍ମାଙ୍କ ଠାରୁ ଦୂରେଇ ଯାଆନ୍ତି । ସ୍ୱୟଂ ନିଜର କ୍ଷତି କରନ୍ତି । ସଂସାରରେ ଜନ୍ମ ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଯଦି ଆପଣଙ୍କର କେହି ପ୍ରକୃତ ହିତୈଷି ଅଛନ୍ତି, ତ ସେ ହେଉଛନ୍ତି କେବଳ ସନ୍ଥ । ଅତଃ ତାହାଙ୍କ ପ୍ରତି ସହୃଦୟତା ରଖିବା ସଂସାରର ସମ୍ପୂର୍ଣ୍ଣ ଲୋକମାନଙ୍କ ମୌଳିକ କର୍ତ୍ତବ୍ୟ ହୋଇଥାଏ । ସେଥିରୁ ବଞ୍ଚିତ ହେବା ଅର୍ଥ ନିଜକୁ ଧୋକ୍କାରେ ପକାଇବା ।

**ବେଦ** - ଗୀତାରେ ବେଦ ଶବ୍ଦର ବର୍ଣ୍ଣନା ବହୁତ ଥର ଆସିଛି । କିନ୍ତୁ ସମ୍ପୂର୍ଣ୍ଣ ଭାବେ କହିବାକୁ ଗଲେ ତାହା ମାର୍ଗ ନିର୍ଦ୍ଦେଶକ ଚିହ୍ନ ମାତ୍ର । ଗନ୍ତବ୍ୟ ସ୍ଥାନରେ ପହଞ୍ଚିଗଲା ପରେ ସେହି ବ୍ୟକ୍ତିଙ୍କ ନିମନ୍ତେ ତାହାର ଉପଯୋଗ ସମାପ୍ତ ହୋଇଯାଏ । ଅଧ୍ୟାୟ ୨/୪୫ରେ ଶ୍ରୀକୃଷ୍ଣ କହିଲେ- ହେ ଅର୍ଜୁନ ! ବେଦ ତିନିଗୁଣ ପର୍ଯ୍ୟନ୍ତ ହିଁ ପ୍ରକାଶ କରନ୍ତି । ତୁମେ ବେଦର କାର୍ଯ୍ୟ କ୍ଷେତ୍ରରୁ ଉପରକୁ ଉଠ ! ଅଧ୍ୟାୟ ୨/୪୬ରେ ସେ କହିଲେ ଯେ, ଚାରିଆଡ଼ୁ ସ୍ୱଚ୍ଛ ଜଳାଶୟ ପ୍ରାପ୍ତ ହେଲା ପରେ ଛୋଟ

ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ଉଚିତ ରୂପେ ବ୍ରହ୍ମଙ୍କ ଜ୍ଞାତା ପୁରୁଷ ଅର୍ଥାତ୍ ବ୍ରାହ୍ମଣମାନଙ୍କ ବେଦରେ ସେତିକି ହିଁ ପ୍ରୟୋଜନ ରହେ । କିନ୍ତୁ ଅନ୍ୟମାନଙ୍କ ନିମନ୍ତେ ତ ତାହାର ଉପଯୋଗ ରହିଥାଏ । ଅଧ୍ୟାୟ ୮/୨୮ରେ କହିଲେ- ହେ ଅର୍ଜୁନ ! ମୋତେ ତତ୍ତ୍ୱ ଦ୍ୱାରା ସମ୍ୟକ୍ ରୂପରେ ଜାଣିଯିବା ପରେ ଯୋଗୀପୁରୁଷ ବେଦ, ଯଜ୍ଞ, ତପ ଓ ଦାନ ଇତ୍ୟାଦି ପୁଣ୍ୟଫଳକୁ ପାର କରି ସନାତନ ପରମପଦକୁ ପ୍ରାପ୍ତ ହୋଇଯାଏ । ଯୋ ପର୍ଯ୍ୟନ୍ତ ବେଦ ଜୀବିତ ରହିଛି, ଯଜ୍ଞ କରିବା ଶେଷ ରହିଥାଏ, ସେ ପର୍ଯ୍ୟନ୍ତ ସନାତନ ପରମପଦର ପ୍ରାପ୍ତି ହୋଇନଥାଏ, ଅଧ୍ୟାୟ ୧୫/ ୧୦ରେ କହିଲେ ଯେ, ଉର୍ଦ୍ଧ୍ୱରେ ପରମାତ୍ମା ହିଁ ଯାହାର ମୂଳ, ତଳକୁ କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରକୃତି ହିଁ ଯାହାର ଶାଖା ପ୍ରଶାଖା, ସଂସାର ଏପରି ଏକ ଅଶ୍ୱତଥ୍ ଅବିନାଶୀ ବୃକ୍ଷ ଅଟେ । ଯିଏ ଏହାକୁ ମୂଳ ସହିତ ଜାଣିଥାଏ, ସେ ହିଁ ବସ୍ତୁତଃ ବେଦର ଜ୍ଞାତା ଅଟନ୍ତି । ଏହି ଅନୁଭବର ସ୍ରୋତ କେବଳ ମାହାପୁରୁଷ ହିଁ ହୋଇଥାନ୍ତି । ତାହାଙ୍କ ଦ୍ୱାରା ଭଜନ ନିର୍ଦ୍ଦିଷ୍ଟ ହୋଇଥାଏ । ପୁସ୍ତକ ଏବଂ ପାଠଶାଳା ମଧ୍ୟ ସେମାନଙ୍କ ଆଡ଼କୁ ହିଁ ପ୍ରେରିତ କରାଏ ।

**ଓମ୍** – ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶନରେ 'ଓମ୍' ଜପର ବିଧାନ ହୋଇଥିବା ମିଳୁଛି । ଅଧ୍ୟାୟ୭/୮ରେ ଓମ୍‌କାର ମୁଁ ଅଟେ । ୮/୧୩ରେ ଓମ୍‌ର ଜପ ଏବଂ ମୋର ଚିନ୍ତନ । ୯/୧୭ରେ ଜାଣିବା ଯୋଗ୍ୟ ପବିତ୍ର ଓମ୍‌କାର ମୁଁ ଅଟେ । ୧୦/୩୩ରେ କହିଛନ୍ତି ଯେ, ଅକ୍ଷର ମାନଙ୍କରେ 'ଅ'କାର ମୁଁ ଅଟେ । ୧୦/୨୫ରେ ବଚନମାନଙ୍କରେ ଏକ ଅକ୍ଷୟ ମୁଁ ଅଟେ । ୧୭/୨୩ରେ ଓଁ ତତ୍ ସତ୍ ବ୍ରହ୍ମଙ୍କ ପରିଚାୟକ ଅଟେ । ୧୭/ ୨୪ରେ ଯଜ୍ଞ, ଦାନ ଓ ତପର କ୍ରିୟାମାନ ଓମ୍‌ରୁ ହିଁ ପ୍ରାରମ୍ଭ ହୋଇଥାଏ । ଅତଃ ଶ୍ରୀକୃଷ୍ଣଙ୍କ ଅନୁସାରେ ଓଁ ର ଜପ ନିତାନ୍ତ ଆବଶ୍ୟକ । ଯାହାର ବିଧି କୌଣସି ଅନୁଭବୀ ମହାପୁରୁଷଙ୍କ ଠାରୁ ହିଁ ଶିକ୍ଷା ଲାଭ କରନ୍ତୁ ।

ମହାପୁରୁଷ ବାହ୍ୟ ତଥା ଆନ୍ତରିକ, ବ୍ୟବହାରିକ ତଥା ଆଧ୍ୟାତ୍ମିକ, ଲୌକିକ ଏବଂ ବୈଦିକ ରୀତି ଉଭୟଙ୍କୁ ଜାଣିଥାନ୍ତି । ଏହି କାରଣରୁ ସମ୍ପୂର୍ଣ୍ଣ ସମାଜ ପାଇଁ ମହାପୁରୁଷ ହିଁ ଚାଲି ଚଳନର ବିଧାନ ନିର୍ଦ୍ଧାରିତ କରିଥାନ୍ତି ଏବଂ ମର୍ଯ୍ୟାଦା ବ୍ୟବସ୍ଥା ମଧ୍ୟ କରିଥାନ୍ତି । ବଶିଷ୍ଠ, ଶୁକ୍ରାଚାର୍ଯ୍ୟ, ସ୍ୱୟଂ ଯୋଗେଶ୍ୱର ଶ୍ରୀକୃଷ୍ଣ, ମହାତ୍ମା ବୁଦ୍ଧ, ମୁସା, ଈସା, ମୁହମ୍ମଦ, ରାମଦାସ, ଦୟାନନ୍ଦ, ଗୁରୁ ଗୋବିନ୍ଦ ସିଂହ ଇତ୍ୟାଦି ସହସ୍ର ମହାପୁରୁଷ ଏପରି ହିଁ କରିଥିଲେ । କିନ୍ତୁ ଏପରି ବ୍ୟବସ୍ଥା ସାମୟିକ ହୋଇଥାଏ । ପୀଡ଼ିତ ସମାଜକୁ ଭୌତିକ ବସ୍ତୁ ପ୍ରଦାନ କରିବା ଯଥାର୍ଥ ନୁହଁ । ଭୌତିକ ସମସ୍ୟା କ୍ଷଣିକ ମାତ୍ର, ଶାଶ୍ୱତ ନୁହଁ । ତେଣୁ କରି ତାହାର ସମାଧାନ ମଧ୍ୟ ତତ୍ ସାମୟିକ

ହୋଇଥାଏ । ତାହାକୁ ଚିରନ୍ତନ ବ୍ୟବସ୍ଥା ରୂପରେ ଗ୍ରହଣ କରାଯାଇପାରିବ ନାହିଁ ।

**ବ୍ୟବସ୍ଥାକାର** - ସାମାଜିକ ବିକୃତିକୁ ମହାପୁରୁଷମାନେ ସଜାଡ଼ିଥାନ୍ତି । ଯଦି ଏହାକୁ ନ ସଜାଡ଼ିବେ, ତେବେ ଜ୍ଞାନ ଓ ବୈରାଗ୍ୟ ଜନିତ ପରମାତ୍ମାଙ୍କ ସାଧନା କିଏ ବା ଶୁଣିବ ? ବ୍ୟକ୍ତି ଯେଉଁ ବାତାବରଣରେ ଲିପ୍ତ ରହିଛି, ତାହାକୁ ସେହି ଦିଗରୁ ଆଣି ଯଥାର୍ଥକୁ ଜାଣିବା ସ୍ଥିତିକୁ ଆଣିବା ନିମନ୍ତେ ଅନେକାନେକ ପ୍ରଲୋଭନ ଦିଆଯାଇଥାଏ । ଏଥିପାଇଁ ମହାପୁରୁଷ ଯେଉଁ ଶବ୍ଦର ପ୍ରୟୋଗ କରିଥାନ୍ତି, ଯାହାକିଛି ବ୍ୟବସ୍ଥା କରନ୍ତି, ତାହା ଧର୍ମ ନୁହଁ । ସେଥିରୁ ଏକ ଶହ, ଦୁଇଶହ ବର୍ଷ ପାଇଁ ହିଁ ବ୍ୟବସ୍ଥା ପ୍ରାପ୍ତ ହୋଇଥାଏ । ଚାରି ପାଞ୍ଚଶହ ବର୍ଷ ପର୍ଯ୍ୟନ୍ତ ଦୃଷ୍ଟାନ୍ତ ହୋଇ ରହିଯାଏ ଏବଂ ହଜାର/ଦୁଇ ହଜାର ବର୍ଷରେ ସେହି ସାମାଜିକ ଆବିଷ୍କାର, ନବୀନ ପରିସ୍ଥିତି ସହିତ ନିଷ୍ପ୍ରାଣ ହୋଇଯାଏ । ଗୁରୁ ଗୋବିନ୍ଦ ସିଂହଙ୍କ ସାମାଜିକ ବ୍ୟବସ୍ଥାରେ ଶସ୍ତ୍ର ଅନିବାର୍ଯ୍ୟ ଥିଲା । କ'ଣ ବର୍ତ୍ତମାନ ସେହି ଖଣ୍ଡା ଶସ୍ତ୍ର ସ୍ଥାନରେ ଆବଶ୍ୟକ ରହିଛି ? ଈଶା ଗଧ ଉପରେ ବସୁଥିଲେ, (ମତ୍ତି-୨୧)। ଗଧ ସମ୍ବନ୍ଧରେ ସେ ଦେଇଥିବା ବ୍ୟବସ୍ଥା କ'ଣ ଆଜି ଉପଯୋଗୀ ହୋଇରହିଛି ? ସେ କହିଥିଲେ କାହାର ଗଧକୁ ଚୋରି କର ନାହିଁ । ଆଜିକାଲି ଗଧକୁ କିଏ ପାଳନ କରନ୍ତି ? ଏହିପରି ଯୋଗେଶ୍ୱର ଶ୍ରୀକୃଷ୍ଣ ସେହି ସମୟର ସମାଜକୁ ସମ୍ୟକ୍ ବ୍ୟବସ୍ଥିତ କରିଥିଲେ । ଯାହାର ଉଲ୍ଲେଖ, ମହାଭାରତ ଓ ଭାଗବତ ଇତ୍ୟାଦି ଗ୍ରନ୍ଥମାନଙ୍କରେ ରହିଛି । ତତ୍‌ସଙ୍ଗେ ସଙ୍ଗେ ଏହି ଗ୍ରନ୍ଥମାନଙ୍କରେ ସେ ଯଥାର୍ଥର ମଧ୍ୟ ଯତ୍ରତତ୍ର ଚିତ୍ରଣ କରିଛନ୍ତି । ପରମ କଲ୍ୟାଣ କାରୀ ସାଧନା ଏବଂ ଭୌତିକ ବ୍ୟବସ୍ଥାମାନଙ୍କ ନିର୍ଦ୍ଦେଶକୁ ଗୋଟିଏ କରି ଦେଲେ ସମାଜ ତତ୍ତ୍ୱ ନିର୍ଣ୍ଣାୟକ କ୍ରମକୁ ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ । ଭୌତିକ ବ୍ୟବସ୍ଥାକୁ ସେ ଯେମିତିକୁ ସେମିତି ନକରି ବରଂ ସମାଜ ତାହାକୁ ବଢାଇ ଚଢାଇ ଗ୍ରହଣ କରିଥାଏ । କାରଣ ତାହା ଭୌତିକ ଅଟେ । 'ମହାପୁରୁଷ କହିଥିଲେ'- ଏପରି କହି ଏହି ବ୍ୟବସ୍ଥା ସବକୁ ଜୀବିତ ରଖିବା ପାଇଁ ମହାପୁରୁଷମାନଙ୍କ ଜୟ ଜୟକାର କରିଥାନ୍ତି । ସେମାନେ ସେହି ମହାପୁରୁଷଙ୍କ ବାସ୍ତବିକ କ୍ରିୟାକୁ ଭାଙ୍ଗି ରୁଜି ତାହାକୁ ଭ୍ରମାତ୍ମକ କରି ଦେଇଥାନ୍ତି । ବେଦ, ରାମାୟଣ, ମହାଭାରତ, ବାଇବଲ୍, କୋରାନ୍ ସମସ୍ତଙ୍କ ପ୍ରତି ପୂର୍ବାଗ୍ରହ ଯୁକ୍ତ ଧୂମିଳ ଧାରଣାମାନ ରହିଛି ।

**ଗୀତା ମନୁଷ୍ୟମାନଙ୍କ ନିମନ୍ତେ** - ପତଞ୍ଜଳୀ ଆଦି ବହୁ ମହାପୁରୁଷ ପରମ ଶ୍ରେୟର ଯଥାର୍ଥ ବିଧିକୁ ସାମାଜିକ ବ୍ୟବସ୍ଥାରୁ ହଟାଇ ଭିନ୍ନଭାବେ ପ୍ରସ୍ତୁତ କରିଛନ୍ତି । ଯୋଗେଶ୍ୱର ମଧ୍ୟ ପୃଥକ୍ କରିବା ହିଁ କଲ୍ୟାଣ କାରୀ ମାନିଥିଲେ । ଉତ୍ତମ ଅଧିକାରୀଙ୍କ ପ୍ରତି ହିଁ ସେ ତାହା ବ୍ୟକ୍ତ କରିଥିଲେ । ଶ୍ରୀକୃଷ୍ଣ ବାରମ୍ବାର କହିଥିଲେ

ଯେ, ତୁମ ପରି ଅତିଶୟ ପ୍ରିତି ରଖିଥିବା ଭକ୍ତଙ୍କ ପ୍ରତି ହିତ କାମନାକରି କହୁଛି । ଏହା ଅତି ଗୋପନୀୟ ଅଟେ । ପରିଶେଷରେ କହିଲେ – ଯିଏ ଭକ୍ତ ହୋଇନାହାଁନ୍ତି, ସେମାନେ ପ୍ରତୀକ୍ଷା କରନ୍ତୁ । ତାହାଙ୍କୁ ସେହି ରାସ୍ତାକୁ ଆଣିବା, ପରେ ହିଁ ତାହାଙ୍କୁ ଉପଦେଶ କର । ଏହା ମନୁଷ୍ୟମାନଙ୍କ ନିମନ୍ତେ ଏକ ମାତ୍ର କଲ୍ୟାଣକାରୀ ସାଧନ ହୋଇଥାଏ । ଯାହାର କ୍ରମବଦ୍ଧ ବର୍ଣ୍ଣନ ଶ୍ରୀକୃଷ୍ଣୋକ୍ତ ଗୀତା ଅଟେ ।

**ପ୍ରସ୍ତୁତ ଟୀକା** – ଯୋଗଶ୍ୱର ଶ୍ରୀକୃଷ୍ଣଙ୍କ ଆଶୟକୁ ଯେମିତି କୁ ସେମିତି ବ୍ୟକ୍ତ କରିବା ଯୋଗୁଁ ପ୍ରସ୍ତୁତ ଟୀକାର ନାମ ଯଥାର୍ଥ ଗୀତା ଅଟେ । ଗୀତା ସ୍ୱୟଂ ପୂର୍ଣ୍ଣ ସାଧନ ଗ୍ରନ୍ଥ ଅଟେ । ସମ୍ପୂର୍ଣ୍ଣ ଗୀତାରେ ସନ୍ଦେହର ଗୋଟିଏ ସ୍ଥାନ ମଧ୍ୟ ନାହିଁ, ଯେଉଁ ସ୍ଥାନରେ ବି ସନ୍ଦେହ ରହିଛି, ତାହାକୁ ବୌଦ୍ଧିକ ସ୍ତରରେ ଜାଣି ହେବ ନାହିଁ । ତେଣୁ କରି ଶଂସୟ ପ୍ରତିତ ହୁଏ । ଅତଃ କେଉଁଠାରେ ନ ବୁଝି ପାରିଲେ, କୌଣସି ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ସାନ୍ନିଧ୍ୟରେ ତାହାକୁ ବୁଝିବା ପାଇଁ ପ୍ରୟତ୍ନ କରନ୍ତୁ !

**ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥**

**ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!**

# ନିବେଦନ

'ଯଥାର୍ଥ ଗୀତା' ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ପରମ ପୁନୀତ ବାଣୀ ଶ୍ରୀମଦ୍ ଭଗବଦ୍ ଗୀତାର ହିଁ ଅର୍ଥ ଅଟେ । ଏଥିରେ ଆପଣଙ୍କ ହୃଦୟରେ ସ୍ଥିତ ପରମାତ୍ମା ପ୍ରାପ୍ତିର ବିଧାନ ତଥା ପ୍ରାପ୍ତି ପଶ୍ଚାତ୍ କରାଯାଇଥିବା ଚିତ୍ରଣ ମାତ୍ର । ଅବହେଳା ଦୃଷ୍ଟିରେ ଏହାର ଉପଯୋଗ ବର୍ଜିତ ରହିଛି । ଅନ୍ୟଥା ଆମ୍ଭେ ନିଜ ଲକ୍ଷ୍ୟକୁ ଜାଣିବାରୁ ବଞ୍ଚିତ ରହିଯିବା । ଏହାର ଶ୍ରଦ୍ଧା ପୂର୍ବକ ଅଧ୍ୟୟନ ଦ୍ୱାରା ମାନବ ନିଜର କଲ୍ୟାଣ ସାଧନ ଦ୍ୱାରା ଭରପୁର ହୋଇଯାଏ ଏବଂ ଯତ୍‌କିଞ୍ଚିତ୍ ଗ୍ରହଣ କଲେ ପରମ ଶ୍ରେୟକୁ ପ୍ରାପ୍ତ କରିପାରିବ । କାରଣ ଏହି ଈଶ୍ୱର ପଥରେ ଆରମ୍ଭର କେବେ ବି ବିନାଶ ହୁଏ ନାହିଁ ।

–ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦଜୀ–

# କ୍ୟାସେଟ୍ ପ୍ରସାରଣରେ ଅଧ୍ୟାୟମାନଙ୍କ ପୂର୍ବ ଭୂମିକା

(୧) କେବଳ ଏକ ପରମାତ୍ମାରେ ଶ୍ରଦ୍ଧା ଓ ସମର୍ପଣର ସନ୍ଦେଶ ଦେଉଥିବା ଗୀତା ସମସ୍ତଙ୍କୁ ପବିତ୍ର କରିବା ପାଇଁ ଖୋଲା ଆମନ୍ତ୍ରଣ ଦିଏ । ସୃଷ୍ଟିରେ ଯେ କୌଣସି ସ୍ଥାନରେ ରହୁଥିବା ଗରୀବ-ଧନୀ, କୁଳୀନ-ଆଦିବାସୀ, ପୁଣ୍ୟାତ୍ମା-ପାପୀ, ସ୍ତ୍ରୀ-ପୁରୁଷ, ସଦାଚାରୀ ଏବଂ ଅତ୍ୟନ୍ତ ଦୁରାଚାରୀ ସମସ୍ତଙ୍କର ଏଥିରେ ପ୍ରବେଶ ରହିଛି । ବିଶେଷ କରି ଗୀତା ପାପୀମାନଙ୍କ ଉଦ୍ଧାର ନିମନ୍ତେ ସୁଗମ ପଥ ଦର୍ଶାଇଥାଏ । ପୁଣ୍ୟାତ୍ମା ତ ଭଜନ କରିଥାନ୍ତି । ପ୍ରସ୍ତୁତ ହେଉଛି ସେହି ଗୀତାର ଅଦ୍ୱିତୀୟ ବ୍ୟାଖ୍ୟା –'ଯଥାର୍ଥ ଗୀତା'ର କ୍ୟାସେଟ୍ ପ୍ରସାରଣ ।

(୨) ଶାସ୍ତ୍ର ରଚନା ଦୁଇଟି ଦୃଷ୍ଟିରେ ହୋଇଥାଏ । ଗୋଟିଏ ତ ସାମାଜିକ ବ୍ୟବସ୍ଥା ଏବଂ ସଂସ୍କୃତିକୁ ସୁବ୍ୟବସ୍ଥିତ ରଖିବା, ଯେଉଁଥିରେ ଲୋକେ ପୂର୍ବଜଙ୍କ ପଦଚିହ୍ନ ଅନୁସରଣ କରିପାରିବେ ଏବଂ ଅନ୍ୟଟି ଏପରି ଯେ, ଲୋକେ ଶାଶ୍ୱତ ଶାନ୍ତିକୁ ପ୍ରାପ୍ତ କରନ୍ତୁ । ରାମଚରିତ ମାନସ, ବାଇବଲ୍, କୋରାନ୍ ଇତ୍ୟାଦିରେ ଉଭୟ ପକ୍ଷର ସମାବେଶ ରହିଛି, କିନ୍ତୁ ଭୌତିକ ଦୃଷ୍ଟି ପ୍ରଧାନ ହୋଇଥିବା ଯୋଗୁଁ ମନୁଷ୍ୟ ସମାଜ ଉପଯୋଗୀ ବ୍ୟବସ୍ଥାକୁ ହିଁ ଧରି ପାରେ । ଆଧ୍ୟାତ୍ମିକ ସୁକ୍ତିମାନଙ୍କୁ ମଧ୍ୟ ଲୋକେ ସାମାଜିକ ବ୍ୟବସ୍ଥାର ସନ୍ଦର୍ଭରେ ହିଁ ଦେଖୁଥାନ୍ତି । କହିନ୍ତି ଯେ, ଏପରି ଶାସ୍ତ୍ରରେ ଲେଖା ଅଛି । ଏଥି ଯୋଗୁଁ ବେଦବ୍ୟାସ ଉଭୟ ନିମନ୍ତେ ଗୋଟିଏ ଗ୍ରନ୍ଥ ମହାଭାରତ ଲେଖିଥିଲେ ମଧ୍ୟ ଆଧ୍ୟାତ୍ମିକ କ୍ରିୟାର ସଂକଳନ ଗୀତା ରୂପରେ ପୃଥକ୍ କରିଛନ୍ତି । ଯାହାଦ୍ୱାରା ଲୋକେ ଏହି ମୂଳ କଲ୍ୟାଣ ପଥରେ ଭ୍ରାନ୍ତିର ମିଶ୍ରଣ କରି ପାରିବେ ନାହିଁ । ସେହି ଆଧ୍ୟାତ୍ମିକ ମୂଲ୍ୟ ସହିତ ପ୍ରସ୍ତୁତ ରହିଛି ଗୀତାର ଦିବ୍ୟ ସନ୍ଦେଶ ।

(୩) ଗୀତା କୌଣସି ବିଶେଷ ବ୍ୟକ୍ତି, ଜାତି, ବର୍ଗ, ପନ୍ଥ, ଦେଶ, କାଳ ଅଥବା କୌଣସି ରୂଢ଼ିଗ୍ରସ୍ତ ସମ୍ପ୍ରଦାୟର ଗ୍ରନ୍ଥ ନୁହଁ । ଏହା ସର୍ବଲୌକିକ ତଥା ସର୍ବକାଳୀନ ଧର୍ମଶାସ୍ତ୍ର ଅଟେ । ଏହା ପ୍ରତ୍ୟେକ ଦେଶ, ଜାତି, ପୁରୁଷ, ଦେଶ, ସ୍ତ୍ରୀ ଇତ୍ୟାଦି ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ । ବସ୍ତୁତଃ ଗୀତା ସମ୍ପୂର୍ଣ୍ଣ ମାନବ ଜାତିର ଧର୍ମ ଶାସ୍ତ୍ର ଅଟେ ଏବଂ ଅତି ଗୌରବର ବିଷୟ ଯେ, ଗୀତା ଆପଣମାନଙ୍କର ଧର୍ମଶାସ୍ତ୍ର ।

(୪) ପୂଜ୍ୟ ଭଗବାନ ମହାବୀର, ତଥାଗତ ଭଗବାନ ବୁଦ୍ଧ, ବିଜ୍ଞ ହୋଇଥାଇ ମଧ୍ୟ ଲୋକ ଭାଷା ମାଧ୍ୟମରେ ଗୀତାର ହିଁ ସନ୍ଦେଶ ବାହାକ ଥିଲେ । ଆତ୍ମା ସତ୍ୟ ଏବଂ ପୂର୍ଣ୍ଣ ସଂଯମ ଦ୍ୱାରା ଆତ୍ମ ସ୍ଥିତିର ବିଧାନ ରହିଛି- ଏହା ଗୀତାର ହିଁ ବିଚାର । ବୁଦ୍ଧ ସେହି ତତ୍ତ୍ୱକୁ ସର୍ବଜ୍ଞ ତଥା ଅବିନାଶୀ ପଦ କହି ଗୀତାର ବିଚାରକୁ ହିଁ ପୁଷ୍ଟ

କରିଥିଲେ । କେବଳ ଏତିକି ହିଁ ନୁହଁ ଅପିତୁ ବିଶ୍ୱ ବାଙ୍ଗମୟ ଦ୍ୱାରା ଧର୍ମ ନାମରେ ଯାହା କିଛି ସାର ସର୍ବସ୍ୱ ରହିଛି, ଏପରି ଏକ ଈଶ୍ୱର, ପ୍ରାର୍ଥନା, ପଶ୍ଚାତାପ, ତପ ଇତ୍ୟାଦି ଗୀତାର ହିଁ ଉପଦେଶ ଅଟେ । ସେହି ଉପଦେଶ ଶ୍ରୀ ସ୍ୱାମୀ ଅଡ଼ଗନାନନ୍ଦଜୀଙ୍କ ମୁଖାରବିନ୍ଦରୁ ନିସୃତ ଯଥାର୍ଥ ଗୀତା କ୍ୟାସେଟ୍ ରୂପରେ ମାନବମାତ୍ରଙ୍କ ମୁକ୍ତିର ଦିବ୍ୟ ସନ୍ଦେଶ ରୂପରେ ଉପସ୍ଥିତ ହୋଇଛି ।

(୫) ଭାରତର ଲୋକ ଗାଥା ମାନଙ୍କରେ ରହିଛି ଯେ, ଶୁକରାତ୍‌ଙ୍କ ଶିଷ୍ୟ ପରମ୍ପରାରେ ମହର୍ଷି ଅରସ୍ତୁ ନିଜ ଶିଷ୍ୟ ସିକନ୍ଦରଙ୍କୁ ଭାରତରୁ ଗୀତାଜ୍ଞାନୀ ଗୁରୁ ଆଣିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଗୀତାର ହିଁ ଏକେଶ୍ୱରବାଦକୁ ବିଶ୍ୱର ବିବିଧ ଭାଷାମାନଙ୍କରେ ମୂଷା, ଈଶା ତଥା ଅନେକ ସୁଫି ମହାତ୍ମାମାନେ ବିତରଣ କଲେ । ଭଷାନ୍ତର ହୋଇଯିବାରୁ ଏହା ପୃଥକ୍ ପୃଥକ୍ ପ୍ରତୀତ ହେଉଛି, କିନ୍ତୁ ସିଦ୍ଧାନ୍ତ ଗୀତାର ହିଁ ଅଟେ । ଅତଃ ଗୀତା ମାନବ ମାତ୍ରଙ୍କ ଅତର୍କ୍ୟ-ଧର୍ମଶାସ୍ତ୍ର ଅଟେ । ଗୀତାର ଆଶୟ ଯଥାର୍ଥ ଗୀତା ରୂପରେ ପ୍ରସ୍ତୁତ କରି ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦଜୀ ମହାରାଜ ମାନବ ମାତ୍ର ନିମନ୍ତେ ଏକ ଅମୂଲ୍ୟ ନିଧି ପ୍ରଦାନ କଲେ । ଯାହାର କ୍ୟାସେଟ୍ ରୂପାନ୍ତରଣ ଶ୍ରୀ ଜିତେନ୍ ଭାଇଙ୍କ ସୌଜନ୍ୟରୁ ପ୍ରକାଶ ପାଇଲା । ଗୀତାର ୧୦ହଜାର ଅନୁବାଦ ମଧ୍ୟରେ ଦେଦୀପ୍ୟମାନ ଏହି ବ୍ୟାଖ୍ୟାର ଆଲୋକରେ ଆପଣମାନେ ପରମଶ୍ରେୟର ସାଧକ ହୁଅନ୍ତୁ ।

(୬) ସଂସାରରେ ପ୍ରଚଳିତ ସମ୍ପୂର୍ଣ୍ଣ ଧର୍ମ, ଗୀତାର ହିଁ ଦୂରସ୍ଥ ପ୍ରତିଧ୍ୱନୀ ମାତ୍ର । ଶ୍ରୀ ସ୍ୱାମୀ ଅଡ଼ଗଡ଼ାନନ୍ଦଜୀ ମହାରାଜଙ୍କ ଦ୍ୱାରା ଏହାର ବ୍ୟାଖ୍ୟା ଯଥାର୍ଥ ଗୀତାକୁ ଶୁଣି ଜୈନ କୁଳଉତ୍ପନ୍ନ ଶ୍ରୀ ଜିତେନ୍ ଭାଇ ବ୍ରତ ନେଇ ନେଲେ ଯେ, କ୍ୟାସେଟ୍ ମାଧ୍ୟମରେ ଏହାର ପ୍ରାସାରଣ କରିବି । କାରଣ ଭଗବାନ ମହାବୀର, ଭଗବାନ ଗୌତମ ବୁଦ୍ଧ, ଗୁରୁ ନାନକ, କବୀର ଇତ୍ୟାଦିଙ୍କ ଶ୍ରଦ୍ଧାପୁରିତ ତପ ସିଦ୍ଧାନ୍ତର ଉଚ୍ଚତମ ଅଭିବ୍ୟକ୍ତି ଗୀତା ଅଟେ । ଗୀତାର ସେହି କ୍ୟାସେଟ୍ ସୁଗମ ଆପଣଙ୍କ ସମକ୍ଷରେ ଆତ୍ମ ଦର୍ଶନାର୍ଥେ ପ୍ରସ୍ତୁତ ରହିଛି ।

(୭) ଗୀତାର ୨୦୦୦ ବର୍ଷ ମଧ୍ୟରେ ଧର୍ମ ନାମରେ କୌଣସି ସମ୍ପ୍ରଦାୟ ହୋଇନଥିଲା । ତେଣୁ କରି ଗୀତା ନିରପକ୍ଷ ଅଟେ । ସେହି ସମୟରେ ବିଶ୍ୱ ମାନସରେ ଗୋଟିଏ ହିଁ ଶାସ୍ତ୍ରର ପ୍ରାଧାନ୍ୟ ଥିଲା- ତାହା ହେଉଛି ଉପନିଷଦ ସାର ଗୀତା । ମୋକ୍ଷ ଏବଂ ସମୃଦ୍ଧିର ସ୍ରୋତ ହେଉଛି ଗୀତା । ଶାସ୍ତ୍ର ପଢିବା ଅପେକ୍ଷା ତାହାର ଶ୍ରବଣ ଅତ୍ୟଧିକ ଲାଭ ଦାୟକ ଅଟେ । କାରଣ ଉଚ୍ଚାରଣ ଶୁଦ୍ଧତା ଇତ୍ୟାଦିରେ ଏକାଗ୍ରତା ବାଣ୍ଟି ହୋଇଯାଏ । ତେଣୁ କରି ସରଳ ଭାଷାର ରୂପାନ୍ତରିତ ଯଥାର୍ଥ ଗୀତାର ଏହି

କ୍ୟାସେଟ୍ ଆପଣଙ୍କ ସେବାରେ ପ୍ରସ୍ତୁତ ହୋଇଛି । ଏହାର ଶ୍ରବଣ ଦ୍ୱାରା ପ୍ରତ୍ୟେକ ପିଲାମାନଙ୍କ ଠାରେ, ସାହି ପଡ଼ୋଶୀରେ ପରମାତ୍ମାଙ୍କ ଶୁଭ ସଂସ୍କାରର ସଞ୍ଚାର ହେବ । ଆପଣଙ୍କ ଗୃହ ପ୍ରାଙ୍ଗଣର ବାୟୁ ମଣ୍ଡଳ ମଧ୍ୟ ତପଭୂମି ସଦୃଶ ସୁଶୋଭିତ ହୋଇ ଉଠିବ ।

(୮) ସେହି ଗୃହ ଶ୍ମଶାନ ଅଟେ, ଯେଉଁଠି ପ୍ରଭୁଙ୍କର ଚର୍ଚ୍ଚା ହେଉନଥିବ । ଆଜିର ମାନବ ଏତେ ବ୍ୟସ୍ତ ଯେ, ଇଚ୍ଛା ହେଉଥିଲେ ମଧ୍ୟ ଭଜନ କରିବା ନିମନ୍ତେ ସମୟ ବାହାର କରିପାରୁ ନାହିଁ । ଏପରି ପରିସ୍ଥିତିରେ ଗୀତାର ସନ୍ଦେଶ କର୍ଣ୍ଣ ଗହ୍ୱର ପର୍ଯ୍ୟନ୍ତ ପହଞ୍ଚିଯାଏ ତ ପରମ ଶ୍ରେୟ ଏବଂ ସମୃଦ୍ଧିର ସଂସ୍କାର ମାନଙ୍କ ବୀଜାରୋପଣ ହୋଇଯାଏ । ଭଗବାନଙ୍କ ବାଣୀର ଏହି କ୍ୟାସେଟ୍ ଦ୍ୱାରା ଦିନ ସାରା ସେହି ପରମ ପ୍ରଭୁଙ୍କ ସ୍ମରଣ ନିରନ୍ତର ରହୁଥିବ ଏବଂ ଏହା ହିଁ ଭଜନର ଆଧାରଶିଳା ଅଟେ ।

(୯) ନିଜ ପିଲାମାନଙ୍କୁ ଆମ୍ଭେ ଶିକ୍ଷା ଦେଇଥାଉଁ ଯେ, ସେମାନେ ଭଲ ସଂସ୍କାର ଅର୍ଜନ କରୁ । ଭଲ ସଂସ୍କାରର ଆଶୟକୁ ଲୋକେ ଭାବିଥାନ୍ତି ଯେ, ସେ ନିଜର ଦୈନନ୍ଦିନୀ ଭୋଜନ, ବାସଗୃହ ତଥା ସାମାଜିକ ସମସ୍ୟାମାନଙ୍କୁ ସମାଧାନ କରିବ । କିନ୍ତୁ ଈଶ୍ୱରଙ୍କ ଆଡ଼କୁ କାହାର ମଧ୍ୟ ଧ୍ୟାନ ହିଁ ନାହିଁ । କାହା କାହା ପାଖରେ ଏତେ ସମ୍ପତ୍ତି ଥାଏ ଯେ, ସେମାନେ ପ୍ରଭୁଙ୍କୁ ଡ଼ାକିବା ଆବଶ୍ୟକ ବୋଲି ମନେ କରୁନଥାନ୍ତି । କିନ୍ତୁ ଏହି ସବୁ କିଛି ପାର୍ଥିବ ହିଁ ଅଟେ । ନ ଚାହିଁଲେ ମଧ୍ୟ ସମ୍ପୂର୍ଣ୍ଣ ବୈଭବକୁ ଏଠାରେ ହିଁ ତ୍ୟାଗକରି ଯିବାକୁ ପଡ଼ିବ । ଏପରି ସ୍ଥିତିରେ ଈଶ୍ୱରଙ୍କ ପରିଚୟ ପାଇବା ହିଁ ଏକମାତ୍ର ସମ୍ବଳ ହୋଇଥାଏ । ଯାହାକୁ ପ୍ରଦାନ କରୁଥାଏ- ଯଥାର୍ଥ ଗୀତାର ଏହି କ୍ୟାସେଟ୍ ପ୍ରସାରଣ ।

(୧୦) ସଂସାରରେ ଯେତେ ଧାର୍ମିକ ମତ ମତାନ୍ତର ରହିଛି, ସେ ସବୁ କୌଣସି ନା କୌଣସି ମହାପୁରୁଷଙ୍କ ପଛରେ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ସଙ୍ଗଠିତ ସମାଜ ଅଟେ । ମହାପୁରୁଷଙ୍କ ଏକାନ୍ତ ଭଜନ ସ୍ଥଳ ହିଁ କାଳାନ୍ତରରେ ତୀର୍ଥ, ଆଶ୍ରମ, ମଠ ଏବଂ ମନ୍ଦିରର ରୂପ ନେଇଥାଏ । ଯେଉଁ ଠାରେ ମହାପୁରୁଷଙ୍କ ନାମରେ ଜୀବିକା ଉପାର୍ଜନ ଠାରୁ ବିଳାସ-ବ୍ୟସନ ପର୍ଯ୍ୟନ୍ତ ସାଧନ ସଂଗ୍ରହ କରାଯାଇଥାଏ । ଗାଦି ଅଥବା ପୀଠ ମହାପୁରୁଷଙ୍କ ପରେ ହିଁ ତିଆରି ହୋଇଥାଏ । ଗାଦି ଅଥବା ପୀଠ ଦ୍ୱାରା କେହି ମହାପୁରୁଷ ହୋଇନଥାନ୍ତି । ତେଣୁ କରି ଧର୍ମ ସଦାସର୍ବଦା ପ୍ରତ୍ୟକ୍ଷ ଦର୍ଶୀ ମହାପୁରୁଷଙ୍କ କ୍ଷେତ୍ରର ବସ୍ତୁ ହୋଇ ଆସୁଛି । ଗୀତା ଏପରି ହିଁ ନିର୍ବିବାଦ ମହାପୁରୁଷ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କ ବାଣୀ ଅଟେ । ଯାହାର ଚିନ୍ତନ ସତ୍ୟରୁ ହିଁ ଆପଣଙ୍କର ସାକ୍ଷାତ କରାଇଥାଏ- ଯଥାର୍ଥ ଗୀତାର ଏହି କ୍ୟାସେଟ୍ ପ୍ରସାରଣ ।

# ଧର୍ମ ଶାସ୍ତ୍ର !

ବିଶ୍ୱରେ ପ୍ରଚଳିତ ସମ୍ପର୍ଣ୍ଣ ଧାର୍ମିକ ବିଚାରମାନଙ୍କ ଆଦି ଉଦ୍‌ଗମସ୍ଥଳ ଭାରତର ସମସ୍ତ ଆଧାତ୍ମ ଏବଂ ଆତ୍ମ ସ୍ଥିତି ପ୍ରଦାନ କରୁଥିବା ସଂପୂର୍ଣ୍ଣ ଶୋଧ ସହିତ ସାଧନ କ୍ରମର ସ୍ପଷ୍ଟ ବର୍ଣ୍ଣନ ଏହି ଗୀତାରେ ରହିଛି । ଯେଉଁଥିରେ ଈଶ୍ୱର ଏକ, ପ୍ରପ୍ତ କରାଉଥିବା କ୍ରିୟା ଏକ ,ସାଧନ ପଥରେ ପ୍ରାପ୍ତ ଅନୁକମ୍ପା ଏକ ତଥା ପରିଣାମ ମଧ୍ୟ ଏକ ଅଟେ ....... ତାହା ହେଉଛି ପ୍ରଭୁଙ୍କ ଦର୍ଶନ, ଭଗବଦ୍ ସ୍ୱରୂପ ପ୍ରାପ୍ତି ଏବଂ କାଳରୁ ଅତୀତ ଅନନ୍ତ ଜୀବନ ।

ଦେଖନ୍ତୁ - ''ଯଥାର୍ଥ ଗୀତା'' ।

## ଶାସ୍ତ୍ର

ପରମାତ୍ମାରେ ପ୍ରବେଶ କରାଉଥିବା କ୍ରିୟାତ୍ମକ ଅନୁଶାସନର ନୟମମାନଙ୍କ ସଂକଳନ ହିଁ ଶାସ୍ତ୍ର ଅଟେ । ଏହି ଦୃଷ୍ଟିରୁ ଭଗବାନ ଶ୍ରୀକୃଷ୍ଣୋକ୍ତ ଗୀତା ସନାତନ, ଶାଶ୍ୱତ ଧର୍ମ ର ଶୁଦ୍ଧ ଶାସ୍ତ୍ର ଅଟେ, ଯିଏ କି ଚାରୋଟି ବେଦ, ଉପନିଷଦ, ସମସ୍ତ ଯୋଗ ଶାସ୍ତ୍ର, ରାମ ଚରିତ ମାନସ ତଥା ବିଶ୍ୱର ସମ୍ପର୍ଣ୍ଣ ଧର୍ମ ଶାସ୍ତ୍ରକୁ ଏକାକୀ ହିଁ ପ୍ରତିନିଧିତ୍ୱ କରୁଛି । ଗୀତା ମାନବ ମାତ୍ର ସମସ୍ତଙ୍କ ନିମନ୍ତେ ଧର୍ମର ଅତର୍କ୍ୟ ଶାସ୍ତ୍ର ଅଟେ ।

## - ପରମାତ୍ମାଙ୍କ ନିବାସ -

ସେ ସର୍ବ ସମର୍ଥ, ସଦା ରହୁଥିବା ପରମାତ୍ମା ମାନବଙ୍କ ହୃଦୟ ଦେଶରେ ରହିଛନ୍ତି । ସଂପୂର୍ଣ୍ଣ ଭାବ ସହିତ ସେହି ପରମାତ୍ମାଙ୍କ ଶରଣରେ ଯିବାର ବିଧାନ ରହିଛି । ଯାହା ଦ୍ୱାରା ଶାଶ୍ୱତ ଧାମ, ଚୀରନ୍ତନ ଶାନ୍ତି ତଥା ଅନନ୍ତ ଜୀବନ ପ୍ରାପ୍ତ ହୋଇଥାଏ ।

## - ସନ୍ଦେଶ -

ସତ୍ୟ ବସ୍ତୁର ତିନିକାଳରେ ଅଭାବ ନାହିଁ ତଥା ଅସତ୍ୟ ବସ୍ତୁର ଅସ୍ତିତ୍ୱ ନାହିଁ ।

ପରମାତ୍ମା ହିଁ ତିନିକାଳରେ ସତ୍ୟ, ଶାଶ୍ୱତ ଏବଂ ସନାତନ ଅଟନ୍ତି ।

- ଶ୍ରୀ ସ୍ୱାମୀ ଅଡଗଡାନନ୍ଦ-

୫୨୦୦ ବର୍ଷର
ଦୀର୍ଘ ବ୍ୟବଧାନ ପରେ
ଶ୍ରୀମଦ୍ ଭଗବଦ୍‌ଗୀତାର
ଶାଶ୍ୱତ ବ୍ୟାଖ୍ୟା




**Shri Paramhans Swami Adgadanand Ji Ashram Trust**
5, New Apollo Estate, Mogra Lane, Opp. Nagardas Road, Andheri (East), Mumbai – 400069 India
Telephone : (022) 2825300 • Email : contact@yatharthgeeta.com • Website : www.yatharthgeeta.com